ବ୍ୟୁରୋ

ଉଚ୍ଚ ମାଧ୍ୟମିକ (+୨)

ରାଜନୀତି ବିଜ୍ଞାନ

ପ୍ରଥମ ଭାଗ

ରାଷ୍ଟ୍ରନୀତି ଓ ଶାସନର ମୂଳଭିତ୍ତି

(ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଦ୍ୱାରା ଅନୁମୋଦିତ)

ଲେଖକ ମଣ୍ଡଳୀ

ଶ୍ରୀ ପଙ୍କଜ କୁମାର ପ୍ରଧାନ
ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ,
ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ
ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟ

ଡକ୍ଟର ସଚ୍ଚିଦାନଂଦ ମିଶ୍ର
ଅବସରପ୍ରାପ୍ତ ପ୍ରାଧ୍ୟାପକ ଓ ମୁଖ୍ୟ,
ରାଜନୀତି ବିଜ୍ଞାନ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ

ଡକ୍ଟର ହରିପ୍ରସାଦ ତୁଳ
ଅଧ୍ୟକ୍ଷ, ମଦନପୁର ରାମପୁର କଲେଜ, କଳାହାଣ୍ଡି

ଶ୍ରୀ ମାନସ ରଞ୍ଜନ ବେହେରା
ଅଧ୍ୟାପକ ରାଜନୀତି ବିଜ୍ଞାନ ବିଭାଗ
ରମାଦେବୀ ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱର

ଶ୍ରୀମତୀ ଟେରେସା ବେକ୍
ପ୍ରାଧ୍ୟାପିକା, ରାଜନୀତି ବିଜ୍ଞାନ
ସରକାରୀ କଲେଜ, ସୁନ୍ଦରଗଡ଼

ଡକ୍ଟର ସୁନନ୍ଦା ହୋତା
ଅଧ୍ୟାପିକା, ରାଜନୀତି ବିଜ୍ଞାନ
ବି.ଜେ.ବି. ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର

ସମୀକ୍ଷକ

ଅଧ୍ୟାପକ ବିଶ୍ୱରଞ୍ଜନ
ଅବସରପ୍ରାପ୍ତ ଅଧ୍ୟକ୍ଷ, ଏସ୍.ସି.ଏସ୍. (ଜୁନିୟର) କଲେଜ, ପୁରୀ

ପ୍ରକାଶକ

ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା

ପୁସ୍ତକଭବନ, ଭୁବନେଶ୍ୱର

Bureau's

UCHAMADHYAMIKA (+2) RAJANITI BIGYANA, PART - I

ବ୍ୟୁରୋ ଉଚ୍ଚମାଧ୍ୟମିକ (+୨) ରାଜନୀତି ବିଜ୍ଞାନ – ପ୍ରଥମ ଭାଗ

Published under the Scheme of Production of Books and literature in Regional Language at the University level sponsored by the Commission for Scientific and Technical Terminology, Ministry of Human Resource Development (Department of Higher Education) Govt. of India, New Dehli.

First Edition :

2016 / 2000 copies

Publication No : 566

ISBN : 978-81-8005-360-3

Published by :

The Odisha State Bureau of Text book Preparation and Production, Pustak Bhavan, Bhubaneswar, Odisha, India.

© Reserved by the Odisha State Bureau of Textbook Preparation and Production, Bhubaneswar. No Part of this publication may be reproduced by any form without the prior written permission of the publisher.

Type Setting :

Print-Tech Offset Pvt. Ltd.

Bhubaneswar-751024

Printed at :

Devi Graphics

Cuttack

Price : ₹ 146/- (One Hundred Forty Six Only)

ଅବତରଣିକା

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆବଶ୍ୟକତା ଓ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ରାଜନୀତି ବିଜ୍ଞାନର ପାଠ୍ୟସୂଚୀକୁ ପରିବର୍ତ୍ତିତ ତଥା ପରିମାର୍ଜିତ କରିଛନ୍ତି । ଏହି ପରିବର୍ତ୍ତିତ ନୂତନ ପାଠ୍ୟସୂଚୀ ଅନୁସାରେ ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ମଧ୍ୟ ଯୁକ୍ତ ଦୁଇ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କ ପାଇଁ ପାଠ୍ୟବସ୍ତୁକୁ ଦୁଇଟି ଭାଗରେ ପୁସ୍ତକ ପ୍ରକାଶ କରୁଛନ୍ତି । ପରିଷଦ ଦ୍ୱାରା ମନୋନୀତ ରାଜ୍ୟର ଅଭିଜ୍ଞ ତଥା ବରିଷ୍ଠ ଅଧ୍ୟାପକମଣ୍ଡଳୀ ଦ୍ୱାରା ଏହି କାର୍ଯ୍ୟ ସମ୍ପାଦିତ ହେଉଛି । ପ୍ରଥମ ଭାଗଟି ପ୍ରକାଶିତ ହେଉଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ ।

ଏହି ପୁସ୍ତକ ପ୍ରକାଶ ପାଉଥିବା ଅବସରରେ ମୁଁ ପ୍ରଥମେ ଏହାର ପ୍ରଣେତା ଅଧ୍ୟାପକ ପଙ୍କଜ କୁମାର ପ୍ରଧାନ, ଡଃ. ସଚ୍ଚିଦାନନ୍ଦ ମିଶ୍ର, ଡଃ. ହରିପ୍ରସାଦ ତ୍ରିପାଠୀ, ଶ୍ରୀ ମାନସ ରଞ୍ଜନ ବେହେରା, ଶ୍ରୀମତୀ ତେରେସା ବେକ୍, ଡଃ. ସୁନନ୍ଦା ହୋତା ଏବଂ ସମୀକ୍ଷକ ଅଧ୍ୟାପକ ବିଶ୍ୱରଞ୍ଜନଙ୍କୁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରୁଛି । ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ପାଠ୍ୟସୂଚୀ ପ୍ରସ୍ତୁତକାରୀ ସମିତି +୨ ଶ୍ରେଣୀପାଇଁ ଏହି ବହିଟିକୁ ଏକମାତ୍ର ପାଠ୍ୟପୁସ୍ତକ ଭାବରେ ସୁପାରିଶ୍ କରିଥିବାରୁ ମୁଁ ବିଶେଷ ଭାବରେ କୃତଜ୍ଞ । ଉଚ୍ଚଶିକ୍ଷା ବିଭାଗ ଏବଂ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଏହି ପୁସ୍ତକ ପ୍ରକାଶନ ପାଇଁ ଅନୁମତି ପ୍ରଦାନ କରିଥିବାରୁ ମୁଁ ସେମାନଙ୍କ ନିକଟରେ ମଧ୍ୟ କୃତଜ୍ଞ । ବର୍ତ୍ତମାନ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ପରିବର୍ତ୍ତିତ ପାଠ୍ୟସୂଚୀକୁ ଦୃଷ୍ଟିରେ ରଖି ଏହି ପୁସ୍ତକରେ ମଧ୍ୟ ଆବଶ୍ୟକୀୟ ପରିବର୍ତ୍ତନ କରାଯାଇଛି । ଏହି ପରିବର୍ଦ୍ଧିତ ଓ ପରିମାର୍ଜିତ ସଂସ୍କରଣକୁ ପ୍ରସ୍ତୁତ କରିବାରେ ଅଧ୍ୟାପକ ବିଶ୍ୱରଂଜନ ସହଯୋଗ କରିଥିବାରୁ ମୁଁ ତାଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି ।

ଆଶା କରୁଛି, ରାଜ୍ୟର ଛାତ୍ର ଓ ଶିକ୍ଷକମାନଙ୍କର ଆଶା ଓ ଆବଶ୍ୟକତା ପୂରଣ ଦିଗରେ ଏହି ପୁସ୍ତକ ସହାୟକ ହେବ । ବିଷୟବସ୍ତୁର ଉପଯୋଗିତା ଓ ଉପାଦେୟତା ସମ୍ପର୍କରେ ସୁଚିନ୍ତିତ ମତାମତ ପୁସ୍ତକର ମାନ ବୃଦ୍ଧି ପାଇଁ ପ୍ରେରଣା ଯୋଗାଇବ ।

ଡକ୍ଟର ଗୀତିକା ପଟ୍ଟନାୟକ

ନିର୍ଦ୍ଦେଶକ

ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା

ପୁସ୍ତକଭବନ, ଭୁବନେଶ୍ୱର

ସ୍ୱାଧୀନତା ଦିବସ

ତା ୧୫.୮.୨୦୧୬

ଉପକ୍ରମଣିକା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ରାଜନୀତି ବିଜ୍ଞାନର ପାଠ୍ୟସୂଚୀରେ ପରିବର୍ତ୍ତନ ଆଣିବା ଫଳରେ ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ପୁସ୍ତକ ପ୍ରଣୟନର ଆବଶ୍ୟକତା ଅନୁଭୂତ ହେଲା । ଏହି ଆବଶ୍ୟକତା ପୂରଣ ପାଇଁ ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ଏକ ଅଭିଜ୍ଞ ଅଧ୍ୟାପକମଣ୍ଡଳୀ ହାତରେ ଏହି ଦାୟିତ୍ୱ ନ୍ୟସ୍ତ କଲେ । ଦାୟିତ୍ୱ ଗ୍ରହଣ କରିଥିବା ଆମେ ଲେଖକବୃନ୍ଦ ପରସ୍ପର ମଧ୍ୟରେ ଏକାଧିକବାର ବିଚାର ଆଲୋଚନା କରି ପ୍ରକାଶିତ ଏହି ପୁସ୍ତକଟିକୁ ପ୍ରସ୍ତୁତ କରିବାରେ ସମର୍ଥ ହେଲୁ ।

ରାଜନୀତି ବିଜ୍ଞାନର ଏହି ପ୍ରଥମ ଭାଗ +୨ ଶ୍ରେଣୀର ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ । ଏଥିରେ ରାଜନୀତି ବିଜ୍ଞାନର କେତେକ ମୌଳିକ ତତ୍ତ୍ୱ ସହ ବିଭିନ୍ନ ସରକାର ତଥା ଶାସନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଛି । ପୂର୍ବରୁ ରଚିତ ପୁସ୍ତକମାନଙ୍କର ପ୍ରଦତ୍ତ ଜଟିଳ ରାଜନୈତିକ ସିଦ୍ଧାନ୍ତକୁ ବେଶ୍ ସରଳ ତଥା ସାବଲୀଳ ଭଙ୍ଗୀରେ ପ୍ରକାଶ କରାଯିବାର ପ୍ରୟାସ କରାଯାଇଛି । ରାଜନୀତି ବିଜ୍ଞାନ ସହିତ ପ୍ରଥମ ପରିଚୟ ରଖୁଥିବା ଛାତ୍ରଛାତ୍ରୀଙ୍କ ଲାଗି ଏହା ଯେପରି ଅଧିକ ଉପାଦେୟ ଏବଂ ଆନନ୍ଦଦାୟକ ହେବ, ସେଥିପ୍ରତି ମଧ୍ୟ ଆମେ ଯଥୋଚିତ ଧ୍ୟାନ ଦେଇଛୁ । ଅଶା କରୁଛୁ, ଏହା ସେମାନଙ୍କ ପାଇଁ ଗ୍ରହଣୀୟ ହେବ ।

ଶେଷରେ ଏହି ପୁସ୍ତକଟିକୁ ପ୍ରକାଶ କରିବା ଦିଗରେ ପାଠ୍ୟପୁସ୍ତକ ପ୍ରକାଶନ ସଂସ୍ଥାର ନିର୍ଦ୍ଦେଶକ ତଥା କର୍ମଚାରୀବୃନ୍ଦ ବିଶେଷ ଆଗ୍ରହ ପ୍ରଦର୍ଶନ କରିଥିବାରୁ ଆମେ ସେମାନଙ୍କ ଅବଦାନକୁ କୃତଜ୍ଞତାର ସହ ସ୍ମରଣ କରୁଛୁ ।

ଲେଖକ ମଣ୍ଡଳୀ

FIRST YEAR, CHSE
(2016 - 2017)

POLITICAL SCIENCE

PAPER - I
(Foundations of Politics and Government)

PART - A
POLITICAL THEORY

UNIT - I : UNDERSTANDING POLITICAL THEORY

1. **Political Theory : An Introduction-** What is Politics? Nature and Scope of Politics; Usages of Political Theory.
2. **State :** Definition, Elements of State.
3. **Nature of State Activity :** Individualism, Welfare State, Globalisation.

UNIT - II : BASIC CONCEPTS

1. **Liberty :** Positive & Nagative Liberty; Types of Liberty.
2. **Equality :** Meaning; Dimensions; Significance of Equality.
3. **Justice :** Meaning; Dimensions; Significance of Social Justice.
4. **Rights :** Meaning; Types; Human Rights and its significance.
5. **Secularism :** Meaning; Western and Indian approaches to Secularism.
6. **Development :** Meaning; Models of Development; Capitalistic model, Socialist model; Sustainable Development.

PART - B
INDIAN CONSTITUTION AT WORK

UNIT - III : INDIAN CONSTITUTION

1. **Philosophy of the Constitution :** Constitution- the Making; Constituent Assembly; Preamble; Basic Features; Amendment Procedure.
2. **Rights in the Indian Constitution :** Fundamental Right; Directive Principles of State Policy; Relationship between Fundamental Rights & Directive Principles of State Policy; Fundamental Duties.

UNIT - IV : CONSTITUTION AT WORK - I

1. **Election and Representation :** Election and Democracy; Election Commission- Composition and Functions; Challenges to Free and Fair Elections; Electoral Reforms.

2. **Legislature :** Parliament- Composition and Functions, State Legislatures (Odisha Vidhan Sabha) Composition and Functions.

UNIT - V : CONSTITUTION AT WORK - II

1. **Executive :** President- Power & Position; Prime Minister- Functions & Roles; Governor- Power and Position; Chief Minister- Functions & Role.

2. **Judiciary :** Strudture of Judiciary, Supreme Court; High Court, Judicial Review; Judicial Activism.

❑ ❑ ❑

ସୂଚୀପତ୍ର

ଅଧ୍ୟାୟ		ବିଷୟ	ପୃଷ୍ଠା
ପ୍ରଥମ	:	ରାଜନୀତି ସିଦ୍ଧାନ୍ତ: ଏକ ପରିଚୟ	୧
ଦ୍ୱିତୀୟ	:	ରାଷ୍ଟ୍ର	୧୪
ତୃତୀୟ	:	ରାଷ୍ଟ୍ରର କାର୍ଯ୍ୟାବଳୀ	୨୨
ଚତୁର୍ଥ	:	ସ୍ୱତନ୍ତ୍ରତା	୩୪
ପଞ୍ଚମ	:	ସମାନତା	୪୪
ଷଷ୍ଠ	:	ନ୍ୟାୟ	୫୦
ସପ୍ତମ	:	ଅଧିକାର	୫୭
ଅଷ୍ଟମ	:	ଧର୍ମନିରପେକ୍ଷତା	୬୭
ନବମ	:	ବିକାଶ	୮୦
ଦଶମ	:	ସମ୍ବିଧାନର ଦର୍ଶନ	୮୯
ଏକାଦଶ	:	ଭାରତୀୟ ସମ୍ବିଧାନରେ ଅଧିକାର	୧୦୬
ଦ୍ୱାଦଶ	:	ନିର୍ବାଚନ ଓ ପ୍ରତିନିଧିତ୍ୱ	୧୨୪
ତ୍ରୟୋଦଶ	:	ଭାରତରେ ବ୍ୟବସ୍ଥାପିକା	୧୪୯
ଚତୁର୍ଦ୍ଦଶ	:	ଭାରତରେ କାର୍ଯ୍ୟପାଳିକା	୧୮୧
ପଞ୍ଚଦଶ	:	ଭାରତରେ ନ୍ୟାୟପାଳିକା	୨୨୩

❑❑❑

ପ୍ରଥମ ଅଧ୍ୟାୟ

ରାଜନୀତିକ ସିଦ୍ଧାନ୍ତ: ଏକ ପରିଚୟ
(POLITICAL THEORY : AN INTRODUCTION)

ଉପକ୍ରମ :

ଗ୍ରୀକ୍ ଦାର୍ଶନିକ ଆରିଷ୍ଟୋଟଲଙ୍କ ମତରେ ମନୁଷ୍ୟ ଏକ ସାମାଜିକ ପ୍ରାଣୀ। ରାଜନୀତି ମନୁଷ୍ୟର ଏକ ସ୍ୱାଭାବିକ କାର୍ଯ୍ୟ। ଏହା ମନୁଷ୍ୟର ପ୍ରକୃତିରୁ ବିବର୍ତ୍ତିତ। ମନୁଷ୍ୟ ପୃଥିବୀ ଗ୍ରହର ସବୁଠୁ ବୁଦ୍ଧିମାନ ପ୍ରାଣୀ। ତାହାର ସାଧାରଣ ରଚନାତ୍ମକ ସାମର୍ଥ୍ୟ ଅଛି। ସ୍ୱବାସସ୍ଥାନ, ପ୍ରକୃତି ଓ ପରିବେଶର ନିୟମ ବୁଝିବା ପାଇଁ ସେ ଚେଷ୍ଟାକରେ। ଆଶ୍ୟକତା ଅନୁସାରେ ଆଶୁ ରଚନା କରିବାରେ ସେ ସମର୍ଥ। ଏହା ମଧ୍ୟ ପ୍ରଣିଧାନ ଯୋଗ୍ୟ ଯେ ପ୍ରାଗ-ଐତିହାସିକ ଯୁଗରୁ ମନୁଷ୍ୟ ଗୋଷ୍ଠୀ ଜୀବନ ବିତାଉଛି। ବଞ୍ଚିବା ପାଇଁ ପ୍ରାକୃତିକ ପ୍ରବୃତ୍ତି ଅନ୍ୟ ମନୁଷ୍ୟମାନଙ୍କ ସହିତ ତାକୁ ସହାବସ୍ଥାନ କରିବାକୁ ବାଧ୍ୟ କରେ। ବିଡମ୍ବନା ଏହି ଯେ ସହବାସୀମାନେ ହିଁ ତା'ର ପ୍ରତିଦ୍ୱନ୍ଦ୍ୱୀ। ତା'ର ସମସ୍ତ ଲାଳାୟିତ ବସ୍ତୁ ଓ ଆବଶ୍ୟକତା ପୂରଣ ପାଇଁ ସେ ନିଜ ଗୋଷ୍ଠୀର ଓ ଗୋଷ୍ଠୀ ବାହାର ମନୁଷ୍ୟମାନଙ୍କ ସହିତ ଅହରହ ପ୍ରତିଦ୍ୱନ୍ଦ୍ୱିତା କରେ।

ଜୀବିତ ରହିବା ପାଇଁ ଗୋଷ୍ଠୀ ଜୀବନଯାପନ ଓ ଶ୍ରେଷ୍ଠତ୍ୱ ପ୍ରତିପାଦନ ପାଇଁ ବ୍ୟକ୍ତିଗତ ପ୍ରଚେଷ୍ଟା, ଏଇ ଦୁଇ ବିରୋଧାତ୍ମକ ପ୍ରବୃତ୍ତି ମନୁଷ୍ୟର ପ୍ରକୃତି। ବ୍ୟକ୍ତିର ସାଧାରଣ ପ୍ରବୃତ୍ତି ହେଲା ସବୁଠୁ ପ୍ରିୟ ବସ୍ତୁ ଲାଭ, ପୁରସ୍କାର ଲାଭ ଓ ସର୍ବଶେଷରେ ଅନ୍ୟର ଜୀବନ ଉପରେ ନିୟନ୍ତ୍ରଣ କରିବାର କ୍ଷମତା ହାସଲ। ଦୁଇ ବିରୋଧାତ୍ମକ ପ୍ରବୃତ୍ତିରୁ ଜନ୍ମ ନେଇଛି ଦୁଇଟି ପ୍ରକ୍ରିୟା: ସହଯୋଗ ଓ ପ୍ରତିଦ୍ୱନ୍ଦ୍ୱିତା। ମାନବୀୟ ଉଦ୍‌ଯୋଗ ପ୍ରକ୍ରିୟାର ଏକକାଳୀନ ପ୍ରଚେଷ୍ଟା। ରାଜନୀତି ଓ ସମାଜତତ୍ତ୍ୱ ବୁଝିବା ପାଇଁ ଆମେ ସହଯୋଗ ଓ ପ୍ରତିଦ୍ୱନ୍ଦ୍ୱିତା ପ୍ରବୃତ୍ତିକୁ ଅଣଦେଖା କରିପାରିବା ନାହିଁ।

ପୁନଶ୍ଚ ମନୁଷ୍ୟ ଦୁଇଟି କ୍ରିୟାରେ ଅଦ୍ୱିତୀୟ। ପ୍ରଥମତଃ ସେ ବୁଦ୍ଧିମାନ ଓ ନିଜ କାର୍ଯ୍ୟକଳାପ ବିଷୟରେ ଚିନ୍ତାକରିପାରେ। ଦ୍ୱିତୀୟତଃ ସେ ଭାଷା ବ୍ୟବହାର ଓ ଭାବନାର ପରିପ୍ରକାଶ କରିବାରେ ସମର୍ଥ। ଅନ୍ୟ ପଶୁପକ୍ଷୀମାନଙ୍କ ଅପେକ୍ଷା ନିଜ ଅନ୍ତରର ଭାବନା ଓ ଇଚ୍ଛା ପରିପ୍ରକାଶ କରିପାରେ। ଏହି ସାମର୍ଥ୍ୟ ଯୋଗୁଁ ସେ ଭାବର ଆଦାନ ପ୍ରଦାନ ଓ ଆଲୋଚନା ଦ୍ୱାରା ଶ୍ରେୟ ଓ ବଞ୍ଛିତର କଳ୍ପନା କରେ ଓ ପ୍ରକାଶ କରେ। ରାଜନୀତି ସିଦ୍ଧାନ୍ତର ମୂଳରେ ମନୁଷ୍ୟର ଏଇ ସାମର୍ଥ୍ୟ ଦୁଇଟି ଥାଏ। ସେଥିପାଇଁ ରାଜନୀତି ନିମ୍ନଲିଖିତ ମୂଳପ୍ରଶ୍ନ ପଚାରେ। ସମାଜ କେମିତି ସଙ୍ଗଠିତ ହେବା କଥା ? ଆଇନ କ'ଣ ସ୍ୱତନ୍ତ୍ରତାର ବାଧକ ? ନାଗରିକଙ୍କ ପ୍ରତି ରାଷ୍ଟ୍ରରେ ଦାୟିତ୍ୱ କ'ଣ ? ନାଗରିକ ଭାବରେ ଆମର ପରସ୍ପର ପ୍ରତି କର୍ତ୍ତବ୍ୟ କ'ଣ ? ରାଜନୀତି ସିଦ୍ଧାନ୍ତ ଏଭଳି ପ୍ରଶ୍ନଗୁଡ଼ିକୁ

ଅନୁଶୀଳନ କରେ ଓ ରାଜନୈତିକ ଜୀବନରେ ଆବଶ୍ୟକତା ଅନୁସାରେ ସୁଚିନ୍ତିତ ମନ୍ତବ୍ୟ ଦିଏ। ରାଜନୀତିର ବିଶେଷ ମୂଲ୍ୟବୋଧଗୁଡ଼ିକ ହେଲା ସ୍ୱତନ୍ତ୍ରତା, ସମାନତା ଓ ନ୍ୟାୟ। ଏଭଳି ଧାରଣା ଓ ତତ୍ ସମ୍ପର୍କୀୟ ଧାରଣାର ଅର୍ଥ ଓ ଗୁରୁତ୍ୱ ପ୍ରତିପାଦନ କରାଏ। ସେଗୁଡ଼ିକର ବର୍ତ୍ତମାନର ସଂଜ୍ଞାକୁ ଆଧୁନିକ ଓ ଅତୀତର ବିଶାରଦମାନଙ୍କର କୃତି ମାଧ୍ୟମରେ ଅନୁଶୀଳନ କରେ। ପୁନଶ୍ଚ, ଶିକ୍ଷାନୁଷ୍ଠାନ, ବିପଣି, ବସ୍ ଓ ରେଳ ଭଳି ଦୈନିକ ଜୀବନର ମୁଖ୍ୟ ଉପାର୍ଜନଗୁଡ଼ିକର ସ୍ୱତନ୍ତ୍ରତା ଓ ସ୍ୱାଧୀନତା କେଉଁ ପରିମାଣରେ ଲଭ୍ୟ ତା'ର ମଧ୍ୟ ଅନୁଧ୍ୟାନ କରେ। ପରିଣତ ସ୍ତରରେ, ବର୍ତ୍ତମାନ ସଂଜ୍ଞାଗୁଡ଼ିକ ଯଥେଷ୍ଟ କି ? କିଭଳି ବର୍ତ୍ତମାନର ଅନୁଷ୍ଠାନଗୁଡ଼ିକ (ସରକାର, ଅମଲା) ଓ ନୀତି ନିର୍ଦ୍ଧାରଣ ପ୍ରକ୍ରିୟା ଆହୁରି ଗଣତାନ୍ତ୍ରିକ ହୋଇପାରିବ କି ? ଏଭଳି ସମସ୍ୟା ଉପରେ ଦୃଷ୍ଟିପାତ କରେ। ରାଜନୀତି ସିଦ୍ଧାନ୍ତର ଉଦ୍ଦେଶ୍ୟ ହେଲା ନାଗରିକମାନଙ୍କୁ ରାଜନୀତିର ସମସ୍ୟାଗୁଡ଼ିକୁ ଆହୁରି ଚିନ୍ତାଶୀଳ ଭାବରେ ତର୍ଜମା କରିବାକୁ ଓ ବର୍ତ୍ତମାନର ରାଜନୈତିକ ଘଟଣାବଳୀର ମୂଲ୍ୟ ନିରୀକ୍ଷଣ କରିବାକୁ ପ୍ରଶିକ୍ଷିତ କରବା।

ରାଜନୀତି ବିଜ୍ଞାନ ଓ ରାଜନୀତି ସିଦ୍ଧାନ୍ତ :

ରାଜନୀତି ବିଜ୍ଞାନ, ରାଜନୀତି ଓ ରାଜନୈତିକ ଆଚରଣ ବିଷୟରେ ବିଚାର ସମ୍ବଳିତ ଅନୁମାନ ଓ ନିୟମ ଦେବାରେ ଚେଷ୍ଟା କରିଥାଏ। ଅପରପକ୍ଷରେ ରାଜନୀତି ସିଦ୍ଧାନ୍ତ ଉଲ୍ଲେଖନୀୟ ରାଜନୈତିକ ଘଟଣା, ପ୍ରକ୍ରିୟା ଓ ଅନୁଷ୍ଠାନଗୁଡ଼ିକ ବିଷୟରେ ଦାର୍ଶନିକ ଓ ନୈତିକ ମାନଦଣ୍ଡ ପ୍ରୟୋଗ କରି ସମୀକ୍ଷା କରେ। ଏକ ବୃହତ୍ତର ସାମାଜିକ ମନୁଷ୍ୟ କିପରି ଆଦର୍ଶ ଜୀବନଶୈଳୀ ନିଶ୍ଚୟ ନିର୍ବାହ କରିବ ଓ କେଉଁଟି ଶ୍ରେଷ୍ଠ ରାଜନୈତିକ ବ୍ୟବସ୍ଥା ଯେଉଁଥିରେ ଏପରି ଜୀବନ ସମ୍ଭବ, ଏସବୁ ପ୍ରଶ୍ନର ଉତ୍ତର ପାଇବାକୁ ରାଜନୀତି ସିଦ୍ଧାନ୍ତ ଉଦ୍ୟମ କରେ। ତାତ୍କାଳିକ ଓ ସ୍ଥାନୀୟ ସମସ୍ୟାର ଉତ୍ତର ଖୋଜିବା ପ୍ରକ୍ରିୟାରେ ଏହା ଚିରନ୍ତନ ସମସ୍ୟା ଉପରେ ଦୃଷ୍ଟି ନିକ୍ଷେପ କରେ। ସେଥିପାଇଁ ଉଚ୍ଚକୋଟିର ମୂଳରଚନାର ଅଧ୍ୟୟନ ରାଜନୀତି ସିଦ୍ଧାନ୍ତର ବିଶିଷ୍ଟ ଉପାଦାନ।

ରାଜନୀତି ସିଦ୍ଧାନ୍ତ ଓ ରାଜନୀତି ବିଜ୍ଞାନ ମଧ୍ୟରେ କୌଣସି ମନାନ୍ତର ନାହିଁ। ଦୁଇ ବିଷୟର ଉଦ୍ଦେଶ୍ୟ ସମାନ। ପ୍ରଭେଦ କେବଳ ବିଷୟବସ୍ତୁର ପରିସରରେ ରହିଛି। ରାଜନୀତି ସିଦ୍ଧାନ୍ତ ବିଚାର, ଧାରଣା ଓ ତତ୍ତ୍ୱଗୁଡ଼ିକର ଅନୁଶୀଳନ, ଆଲୋଚନା ବ୍ୟାଖ୍ୟା ଓ ସମାଲୋଚନା କରିଥାଏ। ପରବର୍ତ୍ତୀ ସମୟରେ ଏଗୁଡ଼ିକ ରାଜନୀତି ବିଜ୍ଞାନର ସ୍ୱୀକୃତ ଅଂଶ ହୋଇଯାଏ।

ରାଜନୀତି ଦର୍ଶନ ରାଜନୀତି ବିଜ୍ଞାନର ଅନ୍ୟ ଏକ ଶାଖା। ରାଜନୀତି ଦର୍ଶନ ନ୍ୟାୟ, ଅଧିକାର ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ବିବାଦୀୟ ପ୍ରଶ୍ନର ବ୍ୟାପକ ଉତ୍ତର ଅନୁସନ୍ଧାନ ଓ ପ୍ରଦାନ କରେ। ରାଜନୀତି ଦର୍ଶନ ମାନ ପ୍ରବର୍ତ୍ତକ ରାଜନୀତି ସିଦ୍ଧାନ୍ତର ଏକ ଅଂଶ। କାରଣ ଏହା ବିଭିନ୍ନ ଧାରଣାଗୁଡ଼ିକର ସମ୍ପର୍କକୁ ଅଧ୍ୟୟନ କରେ। ଟୀକାକାରଙ୍କ ମତରେ ପ୍ରତ୍ୟେକ ରାଜନୀତି ଦାର୍ଶନିକ ଜଣେ ରାଜନୀତି ସିଦ୍ଧାନ୍ତୀ କିନ୍ତୁ ପ୍ରତ୍ୟେକ ରାଜନୀତି ସିଦ୍ଧାନ୍ତୀ ଜଣେ ରାଜନୀତି ଦାର୍ଶନିକ ନୁହନ୍ତି।

ରାଜନୀତି ସିଦ୍ଧାନ୍ତ ଓ ରାଜନୀତି ଦର୍ଶନ ମଧ୍ୟରେ ବିଷୟବସ୍ତୁ ଅତିକ୍ରମଣ ହୋଇଥାଏ। ତଥାପି ବିଷୟବସ୍ତୁକୁ ଗୁରତ୍ୱ ଦେବାରେ ପ୍ରଭେଦ ଥାଏ। ତତ୍ତ୍ୱମୂଳକ ବ୍ୟାଖ୍ୟାନରେ ସିଦ୍ଧାନ୍ତ ଅର୍ଥ ପ୍ରକାଶକାରି ପ୍ରସ୍ତାବ। ଏହା ଏକ ବିଚାର ବା ବିଚାରଧାରା ଯାହା ପ୍ରତ୍ୟକ୍ଷର ତାତ୍ପର୍ଯ୍ୟ ଓ ଶୃଙ୍ଖଳା ଧାର୍ଯ୍ୟ କରିବାକୁ ଚେଷ୍ଟାକରେ। ସେଥିପାଇଁ ସମସ୍ତ ଗବେଷଣା

ପ୍ରସ୍ତାବନା ମାଧ୍ୟମରେ ଗତିକରେ, ଯାହା ପରୀକ୍ଷଣ ସାପେକ୍ଷ।। ଉଦାହରଣ ସ୍ୱରୂପ ନିର୍ବାଚନରେ ଜନସାଧାରଣଙ୍କ ଆଚରଣ ହିଁ ମୁଖ୍ୟ ଉପାଦାନ। ପ୍ରମାଣ ଉପରେ ଆଧାରିତ ତଥ୍ୟକୁ ବୁଝିବାକୁ ହେଲେ ଏହି ପ୍ରସ୍ତାବନା ଗୁଡ଼ିକୁ ମନେ ରଖିବାକୁ ହେବ। ପ୍ରମାଣରେ ପର୍ଯ୍ୟବସିତ ହୋଇଥିବାରୁ ଏହାକୁ ଆମେ ପ୍ରମାଣିତ ରାଜନୀତି ସିଦ୍ଧାନ୍ତ କହିଥାଉ।

ରାଜନୀତି ଦର୍ଶନ କହିଲେ ରାଜନୀତି, ଆଇନ୍ ଅଥବା ସମାଜ ବିଷୟକ ଯେକୌଣସି ଅନିର୍ଦ୍ଦିଷ୍ଟ ଚିନ୍ତାଧାରାକୁ ବୁଝାଏ। ସାଧାରଣତଃ ଦର୍ଶନ ଶବ୍ଦ ଜ୍ଞାନ ଓ ବୁଦ୍ଧିର ଅନୁସନ୍ଧାନ ପ୍ରକ୍ରିୟାକୁ ବୁଝାଏ। ବିଜ୍ଞାନ ଭଳି ଏହା ସତ୍ୟ ପ୍ରତିପାଦନ ପାଇଁ ଚେଷ୍ଟାକରି ନଥାଏ। ବରଂ ଜ୍ଞାନ କେମିତି ଆହରଣ କରାଯାଏ, ବୋଧ କ୍ଷମତା କିପରି ପ୍ରକାଶ କରାଯାଏ ଏଭଳି ଗୌଣ ପ୍ରଶ୍ନଗୁଡ଼ିକୁ ଏହା ଦୃଷ୍ଟିଗୋଚର କରାଏ। ଅନ୍ୟ ଶବ୍ଦରେ ରାଜନୀତି ବିଜ୍ଞାନୀ ଏକ ରାଷ୍ଟ୍ରରେ ଗଣତନ୍ତ୍ର କେମିତି କାର୍ଯ୍ୟକରେ ଅନୁଧ୍ୟାନ କଲାବେଳେ ଦାର୍ଶନିକ ଗଣତନ୍ତ୍ରର ସଜ୍ଞାକୁ ସ୍ପଷ୍ଟ କରିବାକୁ ଆଗ୍ରହୀ ହୋଇଥାଏ। ରାଜନୀତି ଦର୍ଶନର ଦୁଇ ମୁଖ୍ୟ କାର୍ଯ୍ୟ ହେଲା- ପ୍ରଥମତଃ ଏହା ରାଜନୈତିକ ଧାରଣାଗୁଡ଼ିକର ଦୋଷ ଓ ଗୁଣର ସମୀକ୍ଷା କରେ। ଦ୍ୱିତୀୟତଃ, ରାଜନୀତିରେ ବ୍ୟବହୃତ ଧାରଣାଗୁଡ଼ିକୁ ସନ୍ଦେହମୁକ୍ତ ଓ ମାର୍ଜିତ କରିବାକୁ ଚେଷ୍ଟାକରେ। ରାଜନୈତିକ ଦାର୍ଶନିକ ବସ୍ତୁନିଷ୍ଠ ଓ ନିରପେକ୍ଷ ପଦ୍ଧତି ବ୍ୟବହାର କରିବାକୁ ଚେଷ୍ଟିତ ଥିଲେ ମଧ୍ୟ ସେ ଏକ ବିଚାରର ଗୁଣାବଳୀ ସାବ୍ୟସ୍ତ କରିବାର ଚେଷ୍ଟା କରନ୍ତି ବିକଳ୍ପ ବିଚାରର ନୁହେଁ।

ରାଜନୈତିକ ଚିନ୍ତାଧାରା :

ରାଜନେତା ରାଜନୀତି ଦ୍ରଷ୍ଟା, ସମାଜ ସଂସ୍କାରକ ଓ ସାଧାରଣ ଜନତାର ମନ୍ତବ୍ୟ ସାମଗ୍ରିକ ଭାବରେ ଉପସ୍ଥାପନା କରିବା ରାଜନୈତିକ ଚିନ୍ତାଧାରାର କାର୍ଯ୍ୟ। ରାଜନୀତିକ ଚିନ୍ତାଧାରା ପୁସ୍ତକ, ନିବନ୍ଧ, ବକ୍ତୃତା, ସରକାରୀ ନୀତି ଓ ନିର୍ଣ୍ଣୟ, କବିତା ଓ ଗଦ୍ୟ (ଯାହା ସାଧାରଣ ଲୋକଙ୍କ ବ୍ୟଥାକୁ ବ୍ୟକ୍ତ କରିଥାଏ) ମାଧ୍ୟମରେ ପ୍ରକାଶିତ ହୋଇଥାଏ।

ରାଜନୈତିକ ଚିନ୍ତା ଯୁଗ ପ୍ରାସଙ୍ଗିକ- ଯଥା ବିଂଶ ଶତାବ୍ଦୀର ଚିନ୍ତାଧାରା ଏକବିଂଶ ଶତାବ୍ଦୀରେ ଅଲୋଡ଼ା ଓ ଅବୋଧ୍ୟ ହୋଇପାରେ। ସଂକ୍ଷେପରେ ଯେଉଁ ସିଦ୍ଧାନ୍ତ ରାଜନୈତିକ ଆଚରଣର ବ୍ୟାଖ୍ୟାକରେ, ମୂଲ୍ୟବୋଧ ଯାହା ତାକୁ ସମୀକ୍ଷା କରେ ଓ ପଦ୍ଧତି ଯାହା ତାକୁ ନିୟନ୍ତ୍ରଣ କରେ ତାହା ହେଉଛି ରାଜନୈତିକ ଚିନ୍ତା। ଅପରପକ୍ଷରେ ରାଜନୀତି ସିଦ୍ଧାନ୍ତ ନିର୍ଦ୍ଦିଷ୍ଟ ବ୍ୟାଖ୍ୟାକାରଙ୍କ ପୁସ୍ତକକୁ ନମୁନା ଅଧ୍ୟୟନ ଭାବରେ ଗ୍ରହଣ କରିଥାଏ। ସେଥିରେ ରାଷ୍ଟ୍ର, ଆଇନ୍, ପ୍ରତିନିଧିତ୍ୱ ଓ ନିର୍ବାଚନ ଭଳି ଅନୁଷ୍ଠାନ ଓ ପ୍ରକ୍ରିୟାମାନଙ୍କର ଆଲୋଚନା ସମ୍ବଳିତ ହୋଇଥାଏ। ଅଧ୍ୟୟନର ମାଧ୍ୟମ ହେଲା ତୁଳନା ଓ ବ୍ୟାଖ୍ୟା। ତେଣୁ ରାଜନୈତିକ ସିଦ୍ଧାନ୍ତ ସାଧାରଣ ରାଜନୀତି ଜୀବନରୁ ପରିଲକ୍ଷିତ ମନୋଭାବ ଓ କାର୍ଯ୍ୟକୁ ବ୍ୟାଖ୍ୟା କରିବା ପ୍ରଚେଷ୍ଟା ମାଧ୍ୟମରେ ସେଗୁଡ଼ିକର ନିର୍ଦ୍ଦିଷ୍ଟ ପୃଷ୍ଠଭୂମି ଓ ସମ୍ପର୍କିତ ତତ୍ତ୍ୱ ଅଧ୍ୟୟନ କରେ। ରାଜନୀତି ଚିନ୍ତାଧାରା ରାଜନୀତି ସିଦ୍ଧାନ୍ତ ଗୁଡ଼ିକର ପାର୍ଥକ୍ୟ ଓ ସମ୍ପର୍କ (ଯାହା ସମଗ୍ରହଣୀୟ ପ୍ରତୀୟମାନ ହୁଏ) ବିଷୟ ଅଧ୍ୟୟନ କରେ।

ରାଜନୈତିକ ମତ :

ରାଜନୈତିକ ମତ ଏକ ସୁଚିନ୍ତିତ ସାମଗ୍ରିକ ନୀତି ସମୂହ ଯାହା ସର୍ବଥା ପ୍ରଯୁଜ୍ୟ ମାନବ ସମାଜର ପ୍ରକୃତିର ସିଦ୍ଧାନ୍ତ ଆହରଣରେ ଚେଷ୍ଟିତ। ଆହୁରି ମଧ୍ୟ ନୀତି ସମୂହର ଉପଲବ୍ଧ ପାଇଁ ଟିକିନିଖି ଖସଡ଼ା ପ୍ରସ୍ତୁତ କରେ। କିଛି

ଟୀକାକାର 'ଜନ୍ ଲକ୍'ଙ୍କୁ ଆଧୁନିକ ରାଜନୈତିକ ମତବାଦର ଜନକ ଭାବରେ ଗ୍ରହଣ କରନ୍ତି। ମାର୍କ୍ସବାଦ ମଧ୍ୟ ଏକ ଉତ୍କୃଷ୍ଟ ମତର ଉଦାହରଣ। ମାର୍କ୍ସବାଦ ମତରେ ଦର୍ଶନର ଉଦ୍ଦେଶ୍ୟ କେବଳ ଶବ୍ଦାର୍ଥ କରିବା ନୁହେଁ, ସମାଜର ପରିବର୍ତ୍ତନ। ସଂକ୍ଷେପରେ ପ୍ରତ୍ୟେକ ରାଜନୈତିକ ମତ ରାଜନୈତିକ ଦର୍ଶନ ଅଟେ କିନ୍ତୁ ଏହାର ବିପରୀତ ଅର୍ଥ ଠିକ୍ ହେବ ନାହିଁ।

ବିଂଶ ଶତାବ୍ଦୀରେ ଫାସିବାଦ, ନାତ୍ସିବାଦ, ସାମ୍ୟବାଦ, ନବ୍ୟ ଉଦାରବାଦ ଭଳି ନାନା ମତର ଆବିର୍ଭାବ ହୋଇଛି। ସାବାଇନଙ୍କ ମତରେ ରାଜନୈତିକ ମତ ରାଜନୀତି ସିଦ୍ଧାନ୍ତର ଅସ୍ତିତ୍ୱକୁ ଅସ୍ୱୀକାର କରେ କାରଣ ମତ ଅର୍ବାଚୀନ ଓ ଏହା କଳ୍ପନା ପ୍ରସୂତ। ପ୍ରତ୍ୟକ୍ଷବାଦ ପ୍ରଭାବ ଯୋଗୁଁ ଏହା ଯାଞ୍ଚ ଅଯୋଗ୍ୟ ମୂଲ୍ୟବୋଧ ଓ ଆଗ୍ରହ ଉପରେ ପର୍ଯ୍ୟବସିତ। ଗାମିନ (Gamin) ପୁନଶ୍ଚ ରାଜନୀତି ସିଦ୍ଧାନ୍ତୀ ଓ ଦକ୍ଷ ଲେଖକ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବାକୁ କହିଛନ୍ତି ସିଦ୍ଧାନ୍ତୀ ବିଷୟବସ୍ତୁରେ ଗଭୀର ବିଚାର ଶକ୍ତିସମ୍ପନ୍ନ। ଅନ୍ୟ ପକ୍ଷରେ ଜଣେ ଦକ୍ଷ ଲେଖକ ସାମୟିକ ବିଷୟ ଅଧ୍ୟନରେ ଲିପ୍ତ।

ରାଜନୀତି ସମ୍ବନ୍ଧୀୟ ବିଷୟଗୁଡ଼ିକୁ ସଂକ୍ଷେପରେ ଆଲୋଚନା କରାଗଲେ ଆମର ପାଠ୍ୟର ବିଷୟବସ୍ତୁ ଓ ପ୍ରକୃଷ୍ଟ ଶବ୍ଦ ବ୍ୟବହାର ହୋଇପାରିବ। ତିନୋଟି ଶବ୍ଦ ଆମ ପାଇଁ ମହତ୍ୱପୂର୍ଣ୍ଣ: ରାଜନୀତି, ରାଜନୈତିକ, ରାଜନୀତି ସିଦ୍ଧାନ୍ତ। ଏହି ଶବ୍ଦଗୁଡ଼ିକୁ ପ୍ରସଙ୍ଗ ଅନୁସାରେ ଅଦଳବଦଳ କରି ବ୍ୟବହାର କରାଯିବ। ଆମ ପାଠ୍ୟ ଖସଡ଼ାର ପ୍ରଥମ ସୋପାନ ହେଲା ରାଜନୀତି ସିଦ୍ଧାନ୍ତ।

ରାଜନୀତି କ'ଣ ?

ରାଜନୀତି ଶବ୍ଦ (ପାଶ୍ଚାତ୍ୟ ଇତିହାସ ଅନୁସାରେ) ଗ୍ରୀକ୍ ଶବ୍ଦ polisରୁ ଆସିଛି। ପୋଲିସର ଅର୍ଥ ହେଲା ନଗର ବା ରାଜ୍ୟ। ନଗର ଅର୍ଥ ସେହି ସଂସ୍ଥା ଯାହାଦ୍ୱାରା ନିୟମ ପ୍ରଣୟନ ଓ ସମଗ୍ର ଗୋଷ୍ଠୀ ସଭ୍ୟମାନଙ୍କର କାର୍ଯ୍ୟକଳାପର ନିୟନ୍ତ୍ରଣ କରାଯାଏ। ତେଣୁ ରାଜନୀତିର ଅର୍ଥ ହେଲା ସମାଜର ହିତ ପାଇଁ ନିଷ୍ପତ୍ତି ନେବାର ଯୌଥ କ୍ଷମତା। ସିଦ୍ଧାନ୍ତର ଇଂରାଜୀ ଶବ୍ଦ ହେଲା ଥିଓରୀ (Theory)। ଏହା ମଧ୍ୟ ଗ୍ରୀକ୍ ଶବ୍ଦ ଥିଓରମ (Theorem)ରୁ ଆନୀତ। ଆମ ଭାଷାରେ ଏହାର ଅର୍ଥ ହେଲା ଉପପାଦ୍ୟ। Theorisingର ଅର୍ଥ ହେଲା କୌଣସି ଏକ ଘଟଣା ବା କାର୍ଯ୍ୟକୁ ଅନୁଧ୍ୟାନ କରିବା। କ'ଣ ଘଟୁଛି ତାକୁ ଦେଖନ୍ତି ଓ ସେ ବିଷୟରେ ନିଜକୁ ପ୍ରଶ୍ନ ପଚାରନ୍ତି ଓ ବୁଝିବାକୁ ଚେଷ୍ଟା କରନ୍ତି। ତା'ପରେ ଉପସଂହାରକୁ ଆସନ୍ତି; ଯାହା ଘଟୁଛି ତାକୁ ବୁଝିପାରନ୍ତି।

ପ୍ରାଚୀନ ଗ୍ରୀସ୍‌ରେ ରାଜନୀତି ସିଦ୍ଧାନ୍ତର ମୂଳଦୁଆ ପଡିଥିଲା। ପ୍ଲାଟୋ ଓ ଆରିଷ୍ଟୋଟଲଙ୍କ କୃତୀରେ ଏହାର ଶ୍ରେଷ୍ଠତ୍ୱ ମଧ୍ୟ ହାସଲ କରିଥିଲା। ପ୍ଲାଟୋଙ୍କର 'ରିପବ୍ଲିକ' ଓ ଆରିଷ୍ଟଟଲଙ୍କ 'ପଲିଟିକ୍ସ'କୁ ରାଜନୀତି ସିଦ୍ଧାନ୍ତ ଇତିହାସର ଶ୍ରେଷ୍ଠ କୃତି ଭାବରେ ଗଣାଯାଏ। ଆରିଷ୍ଟୋଟଲଙ୍କୁ ରାଜନୀତି ଶାସ୍ତ୍ରର ଜନକ ବୋଲି କୁହାଯାଏ।

ଆମ ଭାରତ ବା ପ୍ରାଚ୍ୟ ସଭ୍ୟତାରେ ରାଜନୀତି ସିଦ୍ଧାନ୍ତ କିପରି ଜନ୍ମ ନେଇଥିଲା ବା କିପରି ତା'ର କ୍ରମବିକାଶ ହୋଇଥିଲା ସେ ବିଷୟରେ ଇତିହାସ ନୀରବ। ଏହାର ମୁଖ୍ୟ କାରଣ ହେଲା ଗବେଷଣାର ଅଭାବ। ସେଥିପାଇଁ ରାଜନୀତିର ଶବ୍ଦାବଳୀ, ସିଦ୍ଧାନ୍ତ, ମତ ବିଷୟରେ ଆମେ ଯାହା ଅଧ୍ୟୟନ କରିବା ତାହା ପାଶ୍ଚାତ୍ୟ ସଭ୍ୟତା ଇତିହାସ ଓ ଦର୍ଶନରୁ ଉଦ୍ଧୃତ।

ରାଜନୀତି ସିଦ୍ଧାନ୍ତ: ପ୍ରକୃତି :

ଜନ୍ ଡ୍ରାଇଡ୍‌ସେକ, ବୋନି ହୋନିଗ ଏବଂ ଆନ୍ନି ଫିଲିପ ରାଜନୀତି ସିଦ୍ଧାନ୍ତର ସଂଜ୍ଞା ଅତି ପ୍ରାଞ୍ଜଳ ଭାବରେ ଦେଇଛନ୍ତି। ରାଜନୀତି ସିଦ୍ଧାନ୍ତ ଏକ ବହୁଶାଖା ପାଠ, ଯାହାର ଆକର୍ଷଣ କେନ୍ଦ୍ର ମାନବୀୟ ବିଦ୍ୟାର ବିଶୃଙ୍ଖଳିତ ଶୃଙ୍ଖଳା ଏହା ରାଜନୀତି ବିଜ୍ଞାନର ଏକ ଅଙ୍ଗ। ଏହାର ପ୍ରଥା, ପନ୍ଥା ଓ ଶୈଳୀ ପରିବର୍ତ୍ତନୀୟ। ଏହାର ପରିସର ଯାହାହେଉନା କାହିଁକି ଏହା ତତ୍ତ୍ୱ ସାଧନାରେ ବ୍ରତୀ। ଦୋଷଗୁଣ, ଅନୁଧ୍ୟାନ, ନିଦାନ, ପ୍ରଚଳିତ ଆଚରଣ, କାର୍ଯ୍ୟ ପଦ୍ଧତି, ରାଜନୈତିକ ଆଚରଣର ଅତୀତ ଓ ବର୍ତ୍ତମାନ, ସାଂପ୍ରତିକ ନିଜ ଅଞ୍ଚଳ ଓ ଅନ୍ୟସ୍ଥାନର ସଙ୍ଗଠନର ଅଧ୍ୟୟନ। ରାଜନୈତିକ ବ୍ୟବଧାନ ସତ୍ତ୍ୱେ ରାଜନୀତି ସିଦ୍ଧାନ୍ତୀମାନେ ନ୍ୟାୟର ଗୁରୁତ୍ୱ ଓ ତା'ର ପରିପୂରଣ ପ୍ରତି ସମ୍ବେଦନଶୀଳ। ଗଣତନ୍ତ୍ରର ପୂର୍ବାନୁମାନ ଓ ପ୍ରତିଶ୍ରୁତି ଧର୍ମନିରପେକ୍ଷ ଓ ଧର୍ମୀୟ ଜୀବନଶୈଳୀ ମଧ୍ୟରେ ପ୍ରଭେଦ ଏବଂ ଜନହିତର ପ୍ରକୃତି ଓ ପରିଚୟ ଏପରି ବହୁ ବିଷୟରେ ଅଧ୍ୟୟନ। ରାଜନୀତି ସିଦ୍ଧାନ୍ତୀ ମାନବତ୍ୱ ସମ୍ବନ୍ଧୀୟ ରାଜନୀତି ପଠନରେ ଅଙ୍ଗୀକାରବଦ୍ଧ (ଯଦ୍ୟପି ମାନବତ୍ୱ ଅର୍ଥ ବିଷୟରେ ସେମାନଙ୍କ ମଧ୍ୟରେ ଯଥେଷ୍ଟ ମତଭେଦ ଥାଇପାରେ) ଏବଂ ଆତ୍ମସଚେତନଶୀଳ 'ବୈଜ୍ଞାନିକ' ସହକର୍ମୀଙ୍କର ଆଧିପତ୍ୟ ଅନ୍ୱେଷଣ ଚେଷ୍ଟାରେ ସଂଶୟିତ।

(୧) ରାଜନୀତି ସିଦ୍ଧାନ୍ତ ଅନାସକ୍ତ ଓ ନିରପେକ୍ଷ : ରାଜନୀତି ବିଜ୍ଞାନର ଏକ ସାଖା ଭାବରେ ରାଜନୀତି ସିଦ୍ଧାନ୍ତ, ଦୃଶ୍ୟ ଓ ଅଦୃଶ୍ୟ ଯାହା ଦର୍ଶାଯାଇଛି ତା ଉପରେ ମତବ୍ୟକ୍ତ ନ କରି ରାଜନୈତିକ ବାସ୍ତବତାକୁ ବର୍ଣ୍ଣନା କରେ। ଏକ ଦର୍ଶନ ଭାବରେ ଏହା ବ୍ୟକ୍ତି କଲ୍ୟାଣ ପରିବର୍ତ୍ତେ ଜନକଲ୍ୟାଣ ଉଦ୍ଦେଶ୍ୟରେ ରାଜନୈତିକ ଆଚରଣର ନିୟମ ନିର୍ଦ୍ଦିଷ୍ଟ କରିଥାଏ। ରାଜନୈତିକ ସିଦ୍ଧାନ୍ତୀ କୌଣସି ରାଷ୍ଟ୍ର, ବର୍ଗ ବା ଦଳର ଗଠନ ବିନ୍ୟାସରେ ବ୍ୟକ୍ତିଗତ କୌତୂହଳତା ରଖନ୍ତି ନାହିଁ। ତାଙ୍କର ରାଜନୀତିକ ବାସ୍ତବତାର ପରିକଳ୍ପନା ଏବଂ ଶ୍ରେୟ ଜୀବନଯାପନର ଆକୃତି, ସ୍ୱବାଞ୍ଛନୀୟ ବା ଅବାଞ୍ଛନୀୟ ମତଶୂନ୍ୟତା ଯୋଗୁଁ ଅସ୍ୱଷ୍ଟ ହୁଏନାହିଁ। ଅନ୍ୟପକ୍ଷରେ ରାଜନୈତିକ ମତ ଏକ ନିର୍ଦ୍ଦିଷ୍ଟ କ୍ଷମତା ବିନ୍ୟାସକୁ ସମର୍ଥନ କରେ। ରାଜନୈତିକ ମତବାଦର ପୃଷ୍ଠପୋଷକ ଜଣେ ସ୍ୱାର୍ଥ ନିହିତ ବ୍ୟକ୍ତି। କୌଣସି ବ୍ୟବସ୍ଥାକୁ ସେ ସମର୍ଥନ କରିପାରନ୍ତି ବା ନୂତନ କ୍ଷମତା ସମୀକରଣ ଆଗମନ ଆଶାରେ ସ୍ଥିତାବସ୍ଥାକୁ ସମାଲୋଚନା କରିପାରନ୍ତି। ରାଜନୀତି ମତବିଦ୍ ନିରପେକ୍ଷ ବର୍ଣ୍ଣନା ଅପେକ୍ଷା ବାସ୍ତବର ବିକୃତ ଛବି ଦେଇପାରନ୍ତି।

(୨) ରାଜନୀତି ସିଦ୍ଧାନ୍ତ ରାଜନୀତି ବିଜ୍ଞାନର ଏକ ମଞ୍ଜ ପାଠ : ପ୍ରାଚୀନ ଗ୍ରୀସ୍‌ରୁ ଆରମ୍ଭ ହୋଇ ବର୍ତ୍ତମାନ ଯୁଗ ପର୍ଯ୍ୟନ୍ତ ରାଜନୀତି ସିଦ୍ଧାନ୍ତ ଇତିହାସର ମୌଳିକ ଓ ଶାଶ୍ୱତ ଧାରଣାଗୁଡ଼ିକୁ ଅଧ୍ୟୟନ କରିଆସିଛି। ରାଜନୀତି ସିଦ୍ଧାନ୍ତ ରାଜନୈତିକ ଘଟଣାବଳୀ, ପ୍ରକ୍ରିୟା, ଅନୁଷ୍ଠାନ ଏବଂ ପ୍ରକୃତ ରାଜନୈତିକ ଆଚରଣକୁ ଦାର୍ଶନିକ ଓ ନୈତିକ ମାନଦଣ୍ଡର ଅନୁବର୍ତ୍ତୀ କରାଇଛି।

(୩) ନୈତିକ ଓ ମାନପ୍ରବର୍ତ୍ତକ ସମସ୍ୟା ସମ୍ବନ୍ଧରେ ଆଗ୍ରହୀ : ରାଜନୀତି ସିଦ୍ଧାନ୍ତ ବୃହତ୍ତର ଭାଗରେ ନୈତିକ ଓ ମାନପ୍ରବର୍ତ୍ତକ ସମସ୍ୟା ସମ୍ବନ୍ଧୀୟ ବିଷୟବସ୍ତୁ ସମ୍ପର୍କରେ ଆଗ୍ରହୀ। ଏହା ଅଧ୍ୟୟନର ଏକ ପୃଥକ୍ ଧାରା। ରାଜନୀତିକ ସିଦ୍ଧାନ୍ତ ରାଜନୈତିକ ଚିନ୍ତାଧାରାର ମୌଳିକ ବିଚାର ଓ ଧାରଣାଗୁଡ଼ିକର ପୁଙ୍ଖାନୁପୁଙ୍ଖ ଅଧ୍ୟୟନରେ ଜଡିତ। ପାରମ୍ପରିକ ଭାବରେ ଏହାକୁ ରାଜନୀତି ଚିନ୍ତାର ଇତିହାସ ବୋଲି କୁହାଯାଏ। ପ୍ଲାଟୋଙ୍କ ଠାରୁ ମାର୍କସ୍‌ଙ୍କ ପର୍ଯ୍ୟନ୍ତ ମହାନ ଦାର୍ଶନିକଙ୍କ ଲିଖିତ ଇତିହାସ ପ୍ରସିଦ୍ଧ ପୁସ୍ତକମାନଙ୍କରେ ଏହାର ବିଶ୍ଳେଷଣ ଦେଖିବାକୁ ମିଳେ। ଯେହେତୁ ଏହା ରାଜନୈତିକ କାର୍ଯ୍ୟର ଲକ୍ଷ୍ୟ ଓ ମାଧ୍ୟମର ଅଧ୍ୟୟନ କରେ, ରାଜନୀତି ସିଦ୍ଧାନ୍ତ ସ୍ୱଷ୍ଟ ଭାବରେ

ନୈତିକ ଓ ମାନପ୍ରବର୍ତ୍ତକ ମୂଲ୍ୟବୋଧର ମାପକାଠି ପ୍ରୟୋଗ କରି ସମସ୍ୟାର ସମାଧାନ ପାଇବାକୁ ବ୍ୟଗ୍ର ହୋଇଥାଏ। ପ୍ରଶ୍ନଗୁଡ଼ିକ ଏହିପରି 'ମୁଁ କାହିଁକି ରାଷ୍ଟ୍ରର ଅନୁଗତ ?' 'ସମାଜର ଉପଲବ୍ଧି କିପରି ଜନହିତରେ ବ୍ୟବହାର ହୋଇପାରିବ ?' 'ସ୍ୱତନ୍ତ୍ରତାର ସୀମା କ'ଣ ହେବା ଉଚିତ ?' ରାଜନୀତି ସିଦ୍ଧାନ୍ତର ଏହି ପରମ୍ପରାଗତ ପଦ୍ଧତିର ବ୍ୟବହାର ସାହିତ୍ୟିକଙ୍କ ସାମାଜିକ ଅନୁଶୀଳନ ଭଳି କହିଲେ ଅତ୍ୟୁକ୍ତି ହେବନାହିଁ। ପ୍ରାଥମିକ ସ୍ତରରେ ରାଜନୀତିକ ସିଦ୍ଧାନ୍ତୀ ମହାନ ଚିନ୍ତାନାୟକ କ'ଣ କହିଛନ୍ତି ତା'ର ଅନୁଶୀଳନ କରେ। ପରବର୍ତ୍ତୀ ସ୍ତରରେ ସେମାନେ କିପରି ସ୍ୱମତ ପ୍ରତିପାଦନ କରିଛନ୍ତି ? ସେମାନେ କିପରି ବୌଦ୍ଧିକ ପ୍ରସଙ୍ଗରେ କାର୍ଯ୍ୟକରୁଥିଲେ ? ଏଭଳି ଅନେକ ପ୍ରଶ୍ନର ଉତ୍ତର ଅନୁସନ୍ଧାନ କରନ୍ତି।

ରାଜନୀତି ଚିନ୍ତାଧାରାର ଇତିହାସ ଅଧ୍ୟୟନ ବ୍ୟତିରେକେ, ରାଜନୀତି ସିଦ୍ଧାନ୍ତ ଅର୍ଥନୀତି ତତ୍ତ୍ୱ ଭଳି ଜ୍ଞାନର ଅନ୍ୟ ଶାଖା ପ୍ରଶାଖାରୁ ଉପାଦାନ ଆହରଣ କରି ନିୟମ ଓ ପଦ୍ଧତି ଅନୁସାରେ ସ୍ୱାର୍ଥାନ୍ୱେଷୀ ମନୁଷ୍ୟ ମାନଙ୍କର ଆଚରଣ ବିଷୟରେ ନମୁନା ତିଆରି କରେ। ପାରମ୍ପରିକ ରାଜନୀତି ସିଦ୍ଧାନ୍ତ ମତଦାତା, ରାଜନେତା, ନେତାଙ୍କ ଗୋଡାଣିଆ ବ୍ୟକ୍ତି, ଅମଲାତନ୍ତ୍ରୀ ଭଳି ଲୋକମାନଙ୍କର ଆଚରଣକୁ ଭଲ ଭାବରେ ଅନୁଧ୍ୟାନ କରିଥାଏ। ସେଥିପାଇଁ ରାଜନୀତି ସିଦ୍ଧାନ୍ତ 'ଯୁକ୍ତିଯୁକ୍ତ ମନୋନୟନ' 'ସର୍ବସାଧାରଣ ମନୋନୟନ' ଓ 'ସାମାଜିକ ମନୋନୟନ' ଭଳି ଗୁଡାଏ ଧାରାକୁ ଜନ୍ମ ଦେଇଛି।

(୪) ଏହା କଦବା ରକ୍ଷଣଶୀଳ ମୂଲ୍ୟବୋଧର ସପକ୍ଷରେ କହେ : ସମର୍ଥକଙ୍କ ବିଶ୍ୱାସ ସତ୍ତ୍ୱେ ଯେ ଏହା ସମ୍ପୂର୍ଣ୍ଣ ନିରପେକ୍ଷ ବିଚାରଧାରା, ରାଜନୀତି ସିଦ୍ଧାନ୍ତର ବ୍ୟକ୍ତି କୈନ୍ଦ୍ରିକ ଓ ଅହଂ ସପକ୍ଷ ଧାରଣାର ଉପସ୍ଥିତି ଯୋଗୁଁ କ୍ଷମତାଶୀଳ ମୂଲ୍ୟବୋଧ ଏହା ମୂଳସୂତ୍ର ପ୍ରତୀତ ହୁଏ।

ରାଜନୀତି ସିଦ୍ଧାନ୍ତର ପରିସର :

ପରିସର ମାନେ ବିଷୟ ଶୃଙ୍ଖଳା। ରାଜନୀତି ସିଦ୍ଧାନ୍ତ ମୁଖ୍ୟତଃ ରାଜନୈତିକ ଅନୁଷ୍ଠାନ, ତା'ର ଗଠନ ପ୍ରଣାଳୀ ଓ ପ୍ରକ୍ରିୟା ବିଷୟରେ ଅଧ୍ୟୟନ କରେ। ଉପକ୍ରମରେ ସହଯୋଗ ଓ ପ୍ରତିଦ୍ୱନ୍ଦିତାକୁ ମାନବର ସହଜାତ ପ୍ରକ୍ରିୟା ଭାବରେ ଉପସ୍ଥାପନା କରାଯାଇଛି। ଏହି ଦୁଇ ପ୍ରକ୍ରିୟାର ନିୟନ୍ତ୍ରଣ ନ ହେଲେ କଳହ, ବିବାଦ ଓ ସଙ୍ଘର୍ଷ ଉପୁଜିପାରେ। ତେଣୁ ମାନବ ଚେତନାର କ୍ରମବିକାଶ ପ୍ରକ୍ରିୟା ଏକ ଅନୁମେୟ ବିନ୍ଦୁରେ ମନୁଷ୍ୟର ସହଯୋଗ ଓ ପ୍ରତିଦ୍ୱନ୍ଦୀତା କାର୍ଯ୍ୟରୁ ଜନ୍ମିତ କଳହ ଓ ସଙ୍ଘର୍ଷକୁ ନିୟନ୍ତ୍ରଣ ପାଇଁ ଏ ଅନୁଷ୍ଠାନର ଗଠନ ହେଲା। ସେହି ଅନୁଷ୍ଠାନ ମନୁଷ୍ୟର ବାହ୍ୟ ଆଚରଣକୁ ନିୟନ୍ତ୍ରଣ କଲା। କୌଣସି ଏକ ଭୌଗୋଳିକ ସୀମା ମଧ୍ୟରେ ଅବସ୍ଥିତ ମାନବ ଗୋଷ୍ଠୀର ଆଚରଣ ଓ କାର୍ଯ୍ୟକଳାପକୁ ନିୟନ୍ତ୍ରଣ ପାଇଁ ଯେଉଁ ଅନୁଷ୍ଠାନର ଆବିର୍ଭାବ ହେଲା ତାହା ଆଧୁନିକ ରାଷ୍ଟ୍ରର ଭ୍ରୂଣ ରୂପ। ପ୍ରାଚୀନ ଗ୍ରୀକ୍ ସମାଜରେ ଏଭଳି ଏକ ଅନୁଷ୍ଠାନ ସମସ୍ତ ସଦସ୍ୟଙ୍କ ଆଚରଣକୁ ନିୟନ୍ତ୍ରଣ କରିଥିଲା ତାକୁ 'ପୋଲିସ୍' (Polis) ନାମରେ ନାମିତ କରାଗଲା। ପୋଲିସ ଅର୍ଥ ନଗରରାଜ୍ୟ, ପ୍ରକାରାନ୍ତରେ ରାଷ୍ଟ୍ର। ଆଧୁନିକ ରାଜନୀତିର ଶବ୍ଦ Politics ଓ Political ପୋଲିସ୍ ଶବ୍ଦରୁ ଉଦ୍ଭୃତ। ରାଜନୀତିର ମୂଳ କାର୍ଯ୍ୟ ହେଲା ଏକ ବ୍ୟବସ୍ଥା ସ୍ଥାପନ। ଯାହାର ମୁଖ୍ୟ କାର୍ଯ୍ୟହେଲା ଜନହିତ। ନଗରରାଜ୍ୟ ସେଇ ସଂସ୍ଥା ଯାହା ନିୟମ ପ୍ରଣୟନ, ସମସ୍ତ ସଦସ୍ୟଙ୍କର ବାହ୍ୟ ଆଚରଣ ନିୟନ୍ତ୍ରଣର ନିଷ୍ପତ୍ତି ନେଉଥିଲା। ଅନ୍ୟ ଅର୍ଥରେ ରାଜନୀତି ସେହି କାର୍ଯ୍ୟ ଯାହା

ଜନ ବା ସର୍ବସାଧାରଣ ପାଇଁ ଉଦ୍ଦିଷ୍ଟ । ତା'ର ବିପରୀତ ହେଲା ବ୍ୟକ୍ତିଗତ, ନିଜସ୍ୱ ବା ସୀମିତ ଲୋକ । ସଂକ୍ଷେପରେ ରାଜନୀତି ଅର୍ଥ ହେଲା ସମାଜର କଲ୍ୟାଣ ପାଇଁ ନିଷ୍ପତ୍ତି ନେବାର ଯୌଥ କ୍ଷମତା ।

(୧) ରାଷ୍ଟ୍ରର ପାରମ୍ପରିକ ଅନୁଷ୍ଠାନ ବ୍ୟବସ୍ଥାର ଅଧ୍ୟୟନ : ରାଜନୀତି ଶବ୍ଦ 'ପଲିସ' ଶବ୍ଦରୁ ଆସିଛି । 'ପଲିସ' ଅର୍ଥ ନଗରରାଜ୍ୟ । ନଗର ବା ରାଜ୍ୟରେ ନାଗରିକ ବାସ କରନ୍ତି । କିନ୍ତୁ ଗ୍ରୀକ୍‌ମାନେ ସମାଜ ଓ ରାଜ୍ୟ (ରାଷ୍ଟ୍ର) ବା ସାମାଜିକ ଓ ରାଜନୈତିକ ମଧ୍ୟରେ କୌଣସି ପାର୍ଥକ୍ୟ କରୁ ନଥିଲେ । ଜୀବନ ସେମାନଙ୍କ ପାଇଁ ଥିଲା ସାମଗ୍ରିକ ଯେଉଁଥିରେ ସାମାଜିକ ଓ ରାଜନୈତିକ କାର୍ଯ୍ୟ ଅଙ୍ଗାଙ୍ଗିଭାବେ ଜଡିତ । ସେ ସମୟର ବିଖ୍ୟାତ ଦାର୍ଶନିକ ଆରିଷ୍ଟଟଲ୍‌ଙ୍କ ମତରେ ରାଷ୍ଟ୍ର ନିତାନ୍ତ ଆବଶ୍ୟକତା ପୂରଣ ପାଇଁ ଜନ୍ମିତ ଓ ଜନହିତ ପାଇଁ ବଞ୍ଚି ରହିଛି । କିନ୍ତୁ ଆଧୁନିକ ଯୁଗରେ ରାଷ୍ଟ୍ରର (ସେଥିପାଇଁ ରାଜନୀତିର) ପରିସର ସେପରି ବ୍ୟାପକ ନୁହେଁ । ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ରାଷ୍ଟ୍ର, ସରକାର ଓ ରାଷ୍ଟ-ବ୍ୟକ୍ତି ସମ୍ପର୍କ ରାଜନୀତି ସିଦ୍ଧାନ୍ତର ଉପାଦାନ ଥିଲା । ତା ପରବର୍ତ୍ତୀ ସମୟରେ ଜନମଙ୍ଗଳ ରାଷ୍ଟ୍ରର ଆଗମନ ହେତୁ ରାଷ୍ଟ୍ରର ଓ ରାଜନୀତିର ପରିସର ବୃଦ୍ଧିପାଇଲା । ରାଷ୍ଟ୍ର ରାଷ୍ଟ୍ର ମାନବର ଶୈଶବରୁ ଶ୍ମଶାନ ପର୍ଯ୍ୟନ୍ତ ସଂଶ୍ଳିଷ୍ଟ ହେବାରୁ ରାଜନୀତିର ସଂଜ୍ଞା ପୁନଃନିରୁପଣ ହୋଇଛି । ରାଜନୀତି ମାନେ 'କ୍ଷମତାର ଗଠନ ଓ ଭାଗହାର' କହିଛନ୍ତି ଲାସୱେଲ ଓ କାପ୍ଲାନ । ସେହିପରି ଡେଭିଡ ଇଷ୍ଟନ୍‌ଙ୍କ ମତରେ 'ମାନ୍ୟତାର ନିର୍ଭରଯୋଗ୍ୟ ଯଥାର୍ଥ ସ୍ଥାନ ନିରୁପଣ' ହେଉଛି ରାଜନୀତିର ମୁଖ୍ୟ କାର୍ଯ୍ୟ । ବିଂଶ ଶତାବ୍ଦୀର ଷାଠିଏ ଦଶକରେ ନାରୀବାଦ ଆନ୍ଦୋଳନ ସକ୍ରିୟ ହେଲା । ସେମାନେ ରାଜନୀତିର ସଂଜ୍ଞାକୁ ଆହୁରି ବ୍ୟାପକ କରିଦେଲେ । ସେମାନେ ଘୋଷଣା କଲେ 'personal is political', ଯାହାର ଅର୍ଥ ହେଲା- ଯେ ମନୁଷ୍ୟର ଅତି ନିଜସ୍ୱ, ଅନ୍ତରଙ୍ଗ ସମ୍ପର୍କ ମଧ୍ୟ ରାଜନୀତି ପ୍ରଣୋଦିତ । ସଂକ୍ଷେପରେ ରାଷ୍ଟ୍ରର ଉତ୍ପତ୍ତି, କାର୍ଯ୍ୟ, ରାଷ୍ଟ୍ର-ବ୍ୟକ୍ତି ସମ୍ପର୍କ, ବ୍ୟକ୍ତି-ବ୍ୟକ୍ତି ସମ୍ପର୍କ ରାଜନୀତି ସିଦ୍ଧାନ୍ତର ପାଠ୍ୟ ବିଷୟ ।

ସଂଜ୍ଞାର ସମୟ ଓ ପ୍ରାସଙ୍ଗିକତା ଯାହା ହେଉନା କାହିଁକି ରାଷ୍ଟ୍ର ଓ ସରକାର ରାଜନୀତି ସିଦ୍ଧାନ୍ତର ମୂଳ ବିଷୟ । ରାଷ୍ଟ୍ର କ'ଣ ? ସରକାର କାହାକୁ କୁହାଯାଏ ? ସରକାର କ'ଣ ସବୁ ଅଙ୍ଗ ? ବ୍ୟକ୍ତିକୁ ନିୟନ୍ତ୍ରଣ କରିବା କ୍ଷମତା ସରକାର କେଉଁଠାରୁ ପାଇଥାନ୍ତି ? ବ୍ୟକ୍ତି କାହିଁକି ରାଷ୍ଟ୍ର ଆଦେଶ ପାଳନ କରିବାକୁ ବାଧ ? ଏସବୁ ପ୍ରଶ୍ନ ବିଭିନ୍ନ ଯୁଗରେ ଅଙ୍କୁରିତ ହୋଇଛି । ପ୍ରାଚୀନ ଗ୍ରୀସ୍‌ରେ ପ୍ଲାଟୋ ଓ ଆରିଷ୍ଟୋଟଲଙ୍କ ଠାରୁ ବର୍ତ୍ତମାନ ଯୁଗର ଜନ୍ ରଲ୍‌ସଙ୍କ ପର୍ଯ୍ୟନ୍ତ ଦାର୍ଶନିକ ଓ ସମାଜର ଚିନ୍ତାନାୟକ ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଦେଇଛନ୍ତି । ଉତ୍ତରଗୁଡ଼ିକ ସ୍ଥାନ ଓ କାଳ ପ୍ରାସଙ୍ଗିକ ହୋଇଥିଲେ ମଧ୍ୟ ବହୁ ସଂଖ୍ୟାରେ ଚିର ଉପଯୋଗୀ । ବିଶାରଦମାନଙ୍କର ରାଷ୍ଟ୍ର ଓ ସରକାର ବିଷୟରେ ତତ୍ତ୍ୱାବଲୋକନ କଲାବେଳେ ବିଭିନ୍ନ ବୈଜ୍ଞାନିକ ପଦ୍ଧତି ଅନୁସରଣ କରିଥାନ୍ତି । ସେଥିପାଇଁ ଆରିଷ୍ଟଟଲ ରାଜନୀତିକୁ ଶ୍ରେଷ୍ଠ ବିଜ୍ଞାନ ଆଖ୍ୟା ଦେଇଛନ୍ତି ।

(୨) ରାଜନୀତି ସିଦ୍ଧାନ୍ତ ରାଷ୍ଟ୍ରର ବିଭିନ୍ନ ସଂସ୍ଥା ବିଷୟରେ ଅଧ୍ୟୟନ କରେ : ରାଷ୍ଟ୍ରର ବିଭିନ୍ନ ଅନୁଷ୍ଠାନଗୁଡ଼ିକ ହେଲା ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା । ବିସ୍ତାରିତ ଅର୍ଥରେ ରାଷ୍ଟ୍ରର ଏହି ଅଙ୍ଗଗୁଡ଼ିକ, ରାଜା, ରାଣୀ, ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସଂସଦ, ଦେଶରକ୍ଷାବାହିନୀ, ଆରକ୍ଷୀବାହିନୀ ଓ ଅମଲାତନ୍ତ୍ରକୁ ବୁଝାଏ । ତେଣୁ ରାଜନୀତି ସିଦ୍ଧାନ୍ତ କେବଳ ରାଷ୍ଟ୍ର ବିଷୟରେ ସୀମିତ ନ ହୋଇ ସରକାର ତା'ର ବିଭିନ୍ନ ଅଙ୍ଗର ଗଠନ ପ୍ରଣାଳୀ ଓ ସେମାନଙ୍କର କାର୍ଯ୍ୟର ଅଧ୍ୟୟନ କରିଥାଏ । ରାଷ୍ଟ୍ର କ'ଣ ? ପ୍ରଶ୍ନର ସରଳ ଉତ୍ତର ନାହିଁ କି ବିଭିନ୍ନ ଉତ୍ତର

ମଧ୍ୟରେ ସହମତି ନାହିଁ। କାରଣ ବିଭିନ୍ନ ପ୍ରକାରର ରାଷ୍ଟ୍ର ଅଛି ଯେଉଁଗୁଡ଼ିକ ପରସ୍ପରଠାରୁ ଭିନ୍ନ। ବିଭିନ୍ନ କ୍ଷମତା ବିନ୍ୟାସର ରାଷ୍ଟ୍ର ଅଛି। ବିନ୍ୟାସର ଭିନ୍ନତା ସତ୍ତ୍ୱେ ରାଷ୍ଟ୍ର ଅବିଭାଜ୍ୟ ବୃହତ୍ ବସ୍ତୁ ନୁହେଁ। ପୁନଶ୍ଚ ରାଷ୍ଟ୍ର ଓ ସରକାର ସମାନ ନୁହେଁ। ବିଭିନ୍ନ ଉପାଦାନରେ ଗଢ଼ା ରାଷ୍ଟ୍ର ଏକ ଜଟିଳ ସମଷ୍ଟି ଯାହା ମଧ୍ୟରୁ ସରକାର ଗୋଟିଏ ଉପାଦାନ।

ପାଶ୍ଚାତ୍ୟ ଢାଞ୍ଚାର ଉଦାରବାଦୀ ଗଣତାନ୍ତ୍ରୀକ ରାଷ୍ଟ୍ରରେ ଯେଉଁମାନେ ସରକାର ଗଠନ କରନ୍ତି ସେମାନେ ରାଷ୍ଟ୍ରର କ୍ଷମତାକୁ ନିୟନ୍ତ୍ରଣ କରନ୍ତି। ରାଷ୍ଟ୍ର ନାଁରେ କାମ କରନ୍ତି ଓ ରାଷ୍ଟ୍ରଦଣ୍ଡର ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ କାର୍ଯ୍ୟଭାର ଗ୍ରହଣକରନ୍ତି। ସଂକ୍ଷେପରେ ରାଷ୍ଟ୍ର କୌଣସି ଅବିଭାଜ୍ୟ ବୃହଦକାର ପ୍ରସ୍ତର ସ୍ତମ୍ଭ ନୁହେଁ। ରାଷ୍ଟ୍ର ବହୁ ଅଟ୍ଟାଳିକାଯୁକ୍ତ ଆବାସ ଓ ସରକାର ସେଥିମଧ୍ୟରୁ ଗୋଟିଏରେ ଅବସ୍ଥିତ।

(୩) ରାଷ୍ଟ୍ର ଓ ସମାଜର ସମ୍ପର୍କର ଅଧ୍ୟୟନ: କ୍ଷମତା ସମୀକରଣ : ରାଜନୀତିର ମୂଳ ବିଷୟ ରାଷ୍ଟ୍ର; କିନ୍ତୁ ବୃହତ୍ତର ସମାଜରେ ଘଟୁଥିବା ଘଟଣାବଳୀ ଠାରୁ ଏହା ଦୂରେଇ ରହିପାରେ ନାହିଁ। ସାମାଜିକ ଶ୍ରେଣୀ ଓ ସମ୍ପର୍କର ବିନ୍ୟାସ କିପରି ରାଷ୍ଟ୍ରର କ୍ଷମତା ବିତରଣକୁ ପ୍ରଭାବ ପକାଏ- ଏହା ରାଜନୀତି ସିଦ୍ଧାନ୍ତର ବିଶେଷ ଅଧ୍ୟୟନ। ରାଷ୍ଟ୍ର ବଳ ବା କ୍ଷମତା ପ୍ରୟୋଗ ଉପରେ ପର୍ଯ୍ୟବେସିତ। କିନ୍ତୁ ରାଷ୍ଟ୍ର କେବଳ ବଳପ୍ରୟୋଗ ମାଧ୍ୟମରେ କାର୍ଯ୍ୟ ହାସଲ କରେନାହିଁ, କାରଣ ରାଷ୍ଟ୍ରର କ୍ଷମତା ଆଇନର ସମ୍ମତି ହାସଲ କରିଥାଏ। ସାଧାରଣତଃ ଯେକୌଣସି କ୍ଷମତା ବା ରାଷ୍ଟ୍ରର କ୍ଷମତା ବିଭିନ୍ନ ପ୍ରକାରରେ ପୟୋଗ କରାଯାଏ। ଦମନ ଏକ ପ୍ରକାର କ୍ଷମତା ପ୍ରୟୋଗ ଯାହାକୁ ବୁଝିବା ସହଜ। ଏହା କ୍ଷମତା ପ୍ରୟୋଗର ଏକ ରୁଚିହୀନ ଉଦାହରଣ। କ୍ଷମତାର ଅନ୍ୟ ପ୍ରକାରଗୁଡ଼ିକୁ ଦମନର ଦୃଷ୍ଟାନ୍ତରୁ ବୁଝିହେବ ନାହିଁ। ଉଦାହରଣ ସ୍ୱରୂପ ଯଦି ଜଣେ ଅଧ୍ୟାପକ ତାଙ୍କର ବିଳିଷ୍ଟ ଯୁକ୍ତି ଓ ଗଭୀର ଜ୍ଞାନ ଦ୍ୱାରା ଛାତ୍ରମାନଙ୍କ ଧାରଣାକୁ ସ୍ୱଧାରଣା ଅନୁବର୍ତ୍ତୀ କରାନ୍ତି ତାହାହେଲେ କ୍ଷମତାର ଉପଯୋଗ କରୁଛନ୍ତି ବୋଲି କୁହାଯିବ। କିନ୍ତୁ ଏହି ଉଦାହରଣରେ ଅଧାପକ ଛାତ୍ରଙ୍କ ଇଚ୍ଛା ବିରୁଦ୍ଧରେ ବା ବଳପ୍ରୟୋଗ ଦ୍ୱାରା କ୍ଷମତା ବ୍ୟବହାର କରନ୍ତି ନାହିଁ। ଅର୍ଥାତ୍ ସମସ୍ତ କ୍ଷମତାଧାରୀ ତାଙ୍କ ଅଧୀନ ବ୍ୟକ୍ତିଙ୍କୁ ଧାରଣା ଦିଅନ୍ତି ଯେ ତାଙ୍କ କ୍ଷମତା ଯଥାର୍ଥ ଓ ନ୍ୟାୟସଙ୍ଗତ। ଏଭଳି ଯଥାର୍ଥ ପ୍ରତିପାଦନ ଚେଷ୍ଟା ଅନ୍ୟମାନଙ୍କଠାରୁ ସମ୍ମତି ପାଇବାର ପ୍ରକ୍ରିୟା, ଏହାକୁ ବୈଧାନିକତା କୁହାଯାଏ।

ରାଜନୀତିର ସଂଜ୍ଞା ସମାଜରେ ରାଷ୍ଟ୍ରର କ୍ଷମତାକୁ ଗୁରୁତ୍ୱ ଦେଇ ତା'ର ଅନୁଷ୍ଠାନ, ବ୍ୟକ୍ତି ଚରିତ୍ର (କ୍ଷମତାଶୀଳ ବା ଅକ୍ଷମ) ବିଷୟରେ ଆଲୋଚନା କରେ। ରାଜନୀତି ମାନେ କ୍ଷମତା ଓ ତା'ର ଭାଗହାର ପ୍ରକ୍ରିୟା କିନ୍ତୁ କ୍ଷମତା ଏକ କାଳ୍ପନିକ ବସ୍ତୁ ନୁହେଁ ବା ଶୂନ୍ୟରେ ଭାସମାନ ନୁହେଁ। ଏହାକୁ ମନୁଷ୍ୟମାନେ ହିଁ ଧାରଣ ଓ ବ୍ୟବହାର କରନ୍ତି। କ୍ଷମତା ଏମିତି ଏକ ସମ୍ପର୍କ ଯାହାଦ୍ୱାରା କୌଣସି ବ୍ୟକ୍ତି ନିଜ ଇଚ୍ଛାକୁ ଅନ୍ୟମାନଙ୍କ ଇଚ୍ଛା ଅନିଚ୍ଛା ସତ୍ତ୍ୱେ ନ୍ୟସ୍ତ କରିପାରେ। ତେଣୁ ନେତୃତ୍ୱ ଏପରି ଏକ କ୍ଷମତା ଯେଉଁଥିରେ ଅନୁଚରମାନଙ୍କ ଇଚ୍ଛା ବା ଅନ୍ୟଥା ସତ୍ତ୍ୱେ ପ୍ରଭୁତ୍ୱ ଓ ବଶ୍ୟତା ନିଶ୍ଚିତ କରାଏ। ମାକ୍ସ ୱେବରଙ୍କ ମତରେ ରାଜନୀତି ବ୍ୟାପକ ପରିସର ବିଶିଷ୍ଟ ଓ ଯେକୌଣସି ସ୍ୱାଧୀନ ନେତୃତ୍ୱର କାର୍ଯ୍ୟ ଏହାର ଅନ୍ତର୍ଭୁକ୍ତ। ଯେକୌଣସି ପ୍ରସଙ୍ଗରେ ଏଭଳି ନେତୃତ୍ୱ କାର୍ଯ୍ୟକରେ ମାନେ ରାଜନୀତି ବିଦ୍ୟମାନ। ଅନ୍ୟ ଅର୍ଥରେ କ୍ଷମତା ପ୍ରୟୋଗର ଯେ କୌଣସି ପରିସ୍ଥିତ, ଯଥା- କାର୍ଯ୍ୟକାରିତାକୁ ଜନତା ବାଧ୍ୟ ହୁଏ, ଯେଉଁଠି ଶାସିତ ହୁଏ ବା ଯେକୌଣସି ପ୍ରକାର ବୈଧାନିକ ଅଧିକାରୀଙ୍କ ଶାସନରେ ରହେ, ସେଠାରେ ରାଜନୀତି ଥାଏ। ସେହିପରି ଯେଉଁ ପରିସ୍ଥିତିରେ ସର୍ବସାଧାରଣ କୌଣସି ବ୍ୟକ୍ତିମାନଙ୍କ ଇଚ୍ଛା ଅପେକ୍ଷା ଏକ ଢାଞ୍ଚାର ବା ଅନୁଷ୍ଠାନର ସମଷ୍ଟି ଦ୍ୱାରା ଅନୁବନ୍ଧିତ ଏହା ମଧ୍ୟ ରାଜନୀତି। ଏଭଳି ବ୍ୟାଖ୍ୟା ଦ୍ୱାରା ବ୍ୟକ୍ତିଗତ,

ଅନ୍ତରଙ୍ଗ ପାରିବାରିକ ସମ୍ପର୍କକୁ ମଧ୍ୟ ରାଜନୀତି ପରିସରଭୁକ୍ତ କରାଏ । ତେଣୁ ନାରୀବାଦୀଙ୍କ ଉକ୍ତି 'ଅନ୍ତରଙ୍ଗରେ ମଧ୍ୟ ରାଜନୀତି ଅନ୍ତର୍ଭୁକ୍ତ' । ରାଜନୀତିର ଏହି ଅର୍ଥରେ ସଠିକ ଅଟେ । ରାଜନୀତି ଗୋଟାଏ ଗୋଷ୍ଠୀର ଅନ୍ୟ ଗୋଷ୍ଠୀ ଉପରେ କର୍ତ୍ତୃତ୍ୱ ଜାହରିକୁ ମଧ୍ୟ ବୁଝାଏ ।

(୪) ବିଧିମାନ୍ୟତା : ବିଧିମାନ୍ୟତା (Legitimation) ରାଜନୀତିର ଏକ ମୂଳ ବିଷୟ । ସି. ରାଇଟ୍ ମିଲ୍‌ସଙ୍କ ମତରେ ବିଧିମାନ୍ୟତା ରାଜନୀତି ବିଜ୍ଞାନର ଏକ ମୁଖ୍ୟ ଉପାଦାନ । କ୍ଷମତାଧାରୀ କେଉଁ ଉପାୟରେ ନିଜର କ୍ଷମତାର ଯଥାର୍ଥତା ପ୍ରତିପାଦନ କରନ୍ତି ଓ ସେଥିରେ କେତେ ପର୍ଯ୍ୟନ୍ତ ସଫଳ ହୁଅନ୍ତି ତା'ର ଅଧ୍ୟୟନ ରାଜନୀତିର ପ୍ରଧାନ ବିଷୟ ।

ଯେ କୌଣସି ରାଜନୈତିକ ବ୍ୟବସ୍ଥା ବିଷୟରେ ଅନୁସନ୍ଧାନ କଲାବେଳେ ସେହି ଅନୁଷ୍ଠାନର କ୍ଷମତା ବିନ୍ୟାସକୁ ଲୋକେ କେତେ ପରିମାଣରେ ଆଇନସମ୍ମତ ବୋଲି ଗ୍ରହଣ କରୁଛନ୍ତି ଓ ଏହି ଅନୁସାରେ ବ୍ୟବସ୍ଥାଟି କେତେ ମାତ୍ରା ବାଧ୍ୟବାଧକତା ବ୍ୟତିରେକେ ସମ୍ମତି ଉପରେ ଆଧାରିତ ଦେଖିବା ଦରକାର । ଏହା ମଧ୍ୟ ଜାଣିବା ଗୁରୁତ୍ୱପୂର୍ଣ୍ଣ ଯେ କ୍ଷମତାର ପ୍ରକୃତ ଔଚିତ୍ୟ କେତେ ବା ଅନ୍ୟ ଅର୍ଥରେ କେଉଁ ପଦ୍ଧତି ମାଧ୍ୟମରେ କ୍ଷମତା ବ୍ୟବସ୍ଥାକୁ ଆଇନ ସମ୍ମତ କରାଯାଏ ।

(୫) ରାଷ୍ଟ୍ରର ସମ୍ଭ୍ରାନ୍ତ ଗୋଷ୍ଠୀର ଗଠନ : ରାଷ୍ଟ୍ର ବିଭିନ୍ନ ଅନୁଷ୍ଠାନର ଏକ ସମଷ୍ଟି ଯାହାର ନିଯୋଜିତ କର୍ମଚାରୀମାନଙ୍କର ନିଯୁକ୍ତି, କାର୍ଯ୍ୟ ପ୍ରଣାଳୀ, ମନୋଭାବ ଓ କର୍ତ୍ତବ୍ୟପରାୟଣତା ରାଜନୀତିର ଅଧ୍ୟୟନର ବିଷୟ । ସରକାରୀ କର୍ମଚାରୀଙ୍କୁ ଅମଲାତନ୍ତ୍ର କୁହାଯାଏ । ଟିକାକାରଙ୍କ ମତରେ ଅମଲାମାନଙ୍କର ଧାରଣା ଓ ମନୋଭାବ ସେମାନଙ୍କର ଉତ୍ପତ୍ତି ଓ ସାମାଜିକ ପରିବେଶ ଉପରେ ନିର୍ଭର କରେ । ଏହାର କାରଣ ରାଷ୍ଟ୍ରର କ୍ଷମତା ବିଭିନ୍ନ ସ୍ୱଷ୍ଟ ଅଂଶରେ ସ୍ତରୀଭୂତ ବା ଭଙ୍ଗୀଳ ହୋଇଥାଏ । ବିଭିନ୍ନ ଅଂଶର ନିର୍ଦ୍ଦିଷ୍ଟ ସମ୍ପର୍କ ରାଜନୈତିକ ବ୍ୟବସ୍ଥା ଦ୍ୱାରା ସ୍ଥିର କରାଯାଇଥାଏ ଯାହାର ସୀମା ମଧ୍ୟରେ ସେମାନେ କାର୍ଯ୍ୟ କରନ୍ତି । ଉଦାହରଣ ସ୍ୱରୂପ ଏକ ସାମ୍ୟବାଦୀ ରାଷ୍ଟ୍ରରେ ସମସ୍ତ ରାଜନୈତିକ ପାତ୍ରମାନଙ୍କର କାର୍ଯ୍ୟ ରାଷ୍ଟ୍ର ଓ କମ୍ୟୁନିଷ୍ଟ ଦଳ ଦ୍ୱାରା ସ୍ଥିର କରାଯାଇଥାଏ । ରାଷ୍ଟ୍ରର ବିଭିନ୍ନ ଅନୁଷ୍ଠାନର ସମଷ୍ଟିକୁ ଆମେ କଦବା ରାଷ୍ଟ୍ରର ଯନ୍ତ୍ରପାତି କହିଥାଏ । ପ୍ରକୃତ ରାଷ୍ଟ୍ର ଏକ ଯନ୍ତ୍ର ନୁହେଁ । ବରଂ ରାଷ୍ଟ୍ର ବହୁ ଅନୁଷ୍ଠାନର ଗୁଚ୍ଛ ଯେଉଁଥିରେ କର୍ମଚାରୀ ନିୟୋଜିତ ଯେଉଁମାନଙ୍କର ବିଚାର ମୌଳିକ ଧାରଣା ସେମାନଙ୍କର ଉତ୍ସ ଓ ସାମାଜିକ ପରିବେଶ ଉପରେ ନିର୍ଭର କରେ । ମାନ୍ୟ ଗୋଷ୍ଠୀର ଗଠନର ଅଧ୍ୟୟନ ରାଜନୀତି ସିଦ୍ଧାନ୍ତର ଅଧ୍ୟୟନର ଏକ ବଡ ସମସ୍ୟା ।

(୬) ନିର୍ଭରଯୋଗ୍ୟ ମାନ୍ୟତା ନିଦର୍ଶନ : ଡେଭିଡ ଇଷ୍ଟନ ରାଜନୀତିକୁ ସମାଜର ନିର୍ଭରଯୋଗ୍ୟ ମାନ୍ୟତା ନିଦର୍ଶକ ବୋଲି ଅଭିହିତ କରିଛନ୍ତି । ମାନ୍ୟତା କ'ଣ ଓ ନିର୍ଭରଯୋଗ୍ୟ ମାନ୍ୟତାର ସ୍ଥାନ ନିଦର୍ଶନର ଆବଶ୍ୟକତା କ'ଣ ? ମାନ୍ୟତା ମାନେ ମୂଲ୍ୟବୋଧ । ଇଂରାଜୀରେ value ଓ authoritative allocation of values କୁହାଯାଇଛି । Value ଅର୍ଥ ମୂଲ୍ୟବୋଧ; କିନ୍ତୁ value ଶବ୍ଦର ବ୍ୟବହାର ରାଜନୀତି ସିଦ୍ଧାନ୍ତରେ ସାଧାରଣ ଲୋକଙ୍କ ବ୍ୟବହାର ଠାରୁ ଅଲଗା । ସେଥିପାଇଁ ଆମେ ତାକୁ ମାନ୍ୟତା କହିବା । ଏଠାରେ ମାନ୍ୟତା ଅର୍ଥ ଏକ ଗୋଷ୍ଠୀର ଧାରଣା ସମୂହ ବା ଗଭୀର ପ୍ରତ୍ୟୟ । ଆହୁରି ମଧ୍ୟ ରାଜନୀତି ସିଦ୍ଧାନ୍ତର ମାନ୍ୟତାର ଚାରୋଟି ଲକ୍ଷଣ

ଅଛି । (୧) ସାଧାରଣ ବକ୍ତବ୍ୟ ବା ଅପସାରଣର ବିଭିନ୍ନ ସ୍ତରରେ ମାନ୍ୟତା ଦୃଷ୍ଟିଗୋଚର ହୁଏ । (୨) ମାନ୍ୟତା ଗୁଡ଼ିକର ସ୍ତରୀକୃତ ଶ୍ରେଣୀ ପ୍ରବଣତା ଥାଏ । (୩) ମାନ୍ୟତା ବିଭିନ୍ନ ମାତ୍ରାରେ ସ୍ୱଷ୍ଟ ବା ଅବ୍ୟକ୍ତ ଥାଏ । (୪) ମାନ୍ୟତାମାନଙ୍କ ମଧ୍ୟରେ ବହୁ ସମୟରେ ବିବାଦ ବା କଳହ ଥାଏ ।

ଯେ କୌଣସି ସମାଜିକ ବା ରାଜନୈତିକ ଅନୁଷ୍ଠାନ ତିଷ୍ଠି ରହିବା ପାଇଁ ମାନ୍ୟତା ଆବଶ୍ୟକ । ଅନୁଷ୍ଠାନର ଦୃଢ଼ତା ନିରବଚ୍ଛିନ୍ନତା ପାଇଁ ତା'ର ସଦସ୍ୟମାନଙ୍କର ସେହି ଅନୁଷ୍ଠାନର ବାଞ୍ଛନୀୟତା ଓ ଉପଯୋଗୀତା ବିଷୟକ ଦୃଢ଼ ବିଶ୍ୱାସରୁ ଆସେ । ଅନ୍ୟ ଅର୍ଥରେ ମାନ୍ୟତା ନୀତି ନିୟମ ଓ ଆଦର୍ଶର ସମାହାର ଯାହା ଅନୁଷ୍ଠାନର ନିରବଚ୍ଛିନ୍ନତା ପାଇଁ ନିତାନ୍ତ ଆବଶ୍ୟକ । ରାଜନୀତିର ମୌଳିକ ମାନ୍ୟତାଗୁଡ଼ିକ ହେଲା ନ୍ୟାୟ, ସ୍ୱତନ୍ତ୍ରତା, ସମାନତା ଓ ସହିଷ୍ଣୁତା ।

(୭) ରାଜନୀତି ସ୍ୱାଭାବିକ ଭାବରେ ବିବାଦୀୟ : ଯେକୌଣସି ରାଜନୈତିକ ବ୍ୟବସ୍ଥାରେ ଏକ ସମୟରେ ବହୁ ଶ୍ରେଣୀର ମାନ୍ୟତା ଶ୍ରେଷ୍ଠତ୍ୱ ପାଇଁ ପରସ୍ପର ସହ ପ୍ରତିଦ୍ୱନ୍ଦିତ୍ୱା କରିଥାନ୍ତି । ପ୍ରତିଦ୍ୱନ୍ଦି ମାନ୍ୟତା ବିବାଦର କାରଣ ହୁଅନ୍ତି । ଯଦି ମାନ୍ୟତା ମାନ୍ୟତାମାନଙ୍କ ମଧ୍ୟରେ ବିବାଦ ହେବ ତା'ହେଲେ ରାଷ୍ଟ୍ର ବଞ୍ଚିବ କିପରି ? ମାନ୍ୟତାମାନଙ୍କ ମଧ୍ୟରେ କେଉଁଟି ଆପେକ୍ଷାକୃତ ଅଧିକ ଶ୍ରେୟ ତା'ର ନିଷ୍ପତ୍ତି ରାଷ୍ଟ୍ର କରେ । ଅନ୍ୟ ଶବ୍ଦରେ କହିଲେ ସମାଜର ନିର୍ଭରଯୋଗ୍ୟ ମାନ୍ୟତା ନିଦର୍ଶନ କାର୍ଯ୍ୟ ରାଷ୍ଟ୍ର ଉପରେ ନ୍ୟସ୍ତ । ତେଣୁ ରାଷ୍ଟ୍ରରେ କାର୍ଯ୍ୟ ହେଲା, ପ୍ରଚଳିତ ମାନ୍ୟତା ଗୁଡ଼ିକର ତୁଳନାକରି ସବୁଠାରୁ ଶ୍ରେଷ୍ଠ ବା ଉପଯୋଗୀ ମାନ୍ୟତା ନିରୂପଣ କରିବା । ରାଷ୍ଟ୍ରଭଳି ଏକ ଅନୁଷ୍ଠାନ ବଞ୍ଚିରହିବା ଓ ସରକାର ଗଠନ ଓ ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ ପାଇଁ ମାନ୍ୟତାର ଏକ ନିର୍ବିବାଦ ସୂଚୀ ତିଆରି ହୁଏ । ଏହା ରାଷ୍ଟ୍ର ବା ରାଜନୀତିର ମୂଖ୍ୟ କାର୍ଯ୍ୟ । ସଂକ୍ଷେପରେ ରାଜନୀତିର ଅର୍ଥ ହେଲା ରାଷ୍ଟ୍ର ଦ୍ୱାରା ନିର୍ଦ୍ଦିଷ୍ଟ ମାନ୍ୟତା ଦ୍ୱାରା ଗୋଟିଏ ଗୋଷ୍ଠୀ ନିଜ ଜୀବନକୁ ଶାସିତ କରେ । ମାନ୍ୟତାର ଅହରହ ବିବାଦ ଓ ରାଜନୀତି ମାଧ୍ୟମରେ ତା'ର ସମାଧାନର ସମ୍ଭାବନା ଥିବାରୁ ଆମେ କହୁ ରାଜନୀତି ଓ ବିବାଦ ଅଙ୍ଗାଙ୍ଗୀଭାବେ ଜଡ଼ିତ ।

(୮) ରାଜନୀତି ସ୍ୱାଭାବିକ ଭାବରେ ଉବିଷ୍ଣୁ : ଆମେ ରାଜନୀତିର ସଂଜ୍ଞାକୁ ରାଷ୍ଟ୍ରୀୟ ଅନୁଷ୍ଠାନ ମାନଙ୍କର କ୍ଷମତାର ସାଧାରଣ ଅଧ୍ୟୟନରେ ସୀମିତ ରଖିଲେ ଭୁଲ ହେବ । ରାଜନୀତିକୁ ବୁଝିବା ପାଇଁ ଆହୁରି ବିସ୍ତାରିତ ସଂଜ୍ଞାର ଆବଶ୍ୟକତା ଅଛି । ବର୍ତ୍ତମାନ ସମୟର ମନୁଷ୍ୟମାନଙ୍କର ଉଦାହରଣ ନିଆଯାଉ । ସେମାନେ ପୃଥିବୀସାରା ଯାହା ଘଟୁଛି ସେ ବିଷୟରେ ଚିନ୍ତା ନ କରିବା ପାଇଁ କୌଣସି ନିର୍ଜ୍ଜନ ସ୍ଥାନରେ ବାସକରନ୍ତି ନାହିଁ ।

ଯାତାୟତ ଓ ଇଲେକ୍‌ଟ୍ରୋନିକ୍ ବିପ୍ଳବ ହେତୁ ଯୋଗାଯୋଗାର ବିକାଶ ଯୋଗୁଁ ସାଧାରଣ ମନୁଷ୍ୟ ବିଶ୍ୱ ନାଗରିକ ହୋଇଯାଇଛି । ପୃଥିବୀର ଯେ କୌଣସି ସ୍ଥାନରେ ଅନ୍ୟାୟ, ବୈଷମ୍ୟ ଓ ଶୋଷଣ ଘଟିଲେ ସେମାନେ ବିରୋଧ କରୁଛନ୍ତି ଓ ଅଜଣା ବ୍ୟକ୍ତିମାନଙ୍କୁ ସୋସିଆଲ ମିଡିଆ, ପ୍ରଦର୍ଶନ ଓ ହରତାଳ ମାଧ୍ୟମରେ ସମ୍ବେଦନା ଜଣାଉଛନ୍ତି । ସେଥିପାଇଁ ବିଶ୍ୱ ନାଗରିକ ରାଜନୀତି ମାଧ୍ୟମରେ ବିଶ୍ୱହିତ ପାଇଁ ଚିନ୍ତାକରିବା ନିତାନ୍ତ ଆବଶ୍ୟକ । ତେଣୁ ଏକ ନୂତନ ମାନ୍ୟତାଗୁଚ୍ଛର ଆଗମନ ବିଶ୍ୱଗ୍ରାମ ପାଇଁ ଜରୁରୀ । ଶେଷରେ, ସମସ୍ତ ମାନବଜାତି ପାଇଁ ଚିନ୍ତାକରିପାରୁଥିବା ଏକ ଉଚ୍ଚକୋଟିର ରାଜନୀତି ସିଦ୍ଧାନ୍ତର ଆବଶ୍ୟକତା ଅନୁଭବ କରାଯାଉଛି ବା ଏକ ମାନ୍ୟତା ଗୁଚ୍ଛ ଯାହାଦ୍ୱାରା ସମଗ୍ର ମାନବ ସମାଜ ବିଶ୍ୱ କଲ୍ୟାଣ ପାଇଁ ନିଜ ଜୀବନକୁ ନିୟନ୍ତ୍ରଣ କରିପାରିବ । ଭବିଷ୍ୟତ କଥା ଚିନ୍ତାକରିପାରୁଥିବାରୁ ରାଜନୀତି ଭବିଷ୍ଣୁ ଓ ଭବିଷ୍ୟଦ୍ରଷ୍ଟା ଅଟେ ।

ରାଜନୀତିକ ସିଦ୍ଧାନ୍ତର ବ୍ୟାବହାରିକତା :

ରାଜନୀତିକ ସିଦ୍ଧାନ୍ତ କେବଳ ରାଜନୀତିଜ୍ଞ, ଅମଲାତନ୍ତ୍ର, ରାଜନୀତି ବିଜ୍ଞାନ ବିଷୟରେ ଅଧ୍ୟାପକ ବା ସାମ୍ବିଧାନୀକ ଆଇନଜ୍ଞ, ବିଚାରପତି, ସ୍ୱେଚ୍ଛାସେବୀ ଓ ସାମ୍ବାଦିକଙ୍କ ପାଇଁ ବିଶେଷ ଆବଶ୍ୟକ ଏଭଳି ଧାରଣା ଠିକ୍ ନୁହେଁ। ଏହାର ଅଧ୍ୟୟନ ସମସ୍ତଙ୍କ ପାଇଁ ଆବଶ୍ୟକ। ଶୋଷଣ ବିରୁଦ୍ଧରେ ଲଢୁଥିବା ଓ ସାର୍ବଜନୀନ ଅଧିକାର ସାବ୍ୟସ୍ତ କରିବା ପାଇଁ ସଂଗ୍ରାମରତ ପ୍ରତ୍ୟେକ ବ୍ୟକ୍ତି ପାଇଁ ଏହାର ଜ୍ଞାନ ଅତ୍ୟାବଶ୍ୟକ। ରାଜନୀତି ସିଦ୍ଧାନ୍ତ ଅଧ୍ୟୟନର ଛାତ୍ରମାନଙ୍କ ପାଇଁ ଉପଯୋଗୀ। ଅଧିକାର, ସମାନତା ଓ ସ୍ୱାତନ୍ତ୍ରତା ଇତ୍ୟାଦି ବିଷୟ ପଠନରୁ ଛାତ୍ରଛାତ୍ରୀମାନେ କ'ଣ ଲାଭ ପାଇବେ ?

ପ୍ରଥମତଃ, ରାଜନୀତି ସିଦ୍ଧାନ୍ତର ଜ୍ଞାନ ଉପରୋକ୍ତ ସମସ୍ତ ବର୍ଗର ଲୋକଙ୍କ ପାଇଁ ପ୍ରାସଙ୍ଗିକ। ସମସ୍ତଙ୍କ ପାଇଁ ଅତ୍ୟାବଶ୍ୟକ। ବର୍ତ୍ତମାନ ଯେଉଁମାନେ ଛାତ୍ର, ସେମାନେ ଭବିଷ୍ୟତରେ ଉପରବର୍ଣ୍ଣିତ ଯେ କୌଣସି ବୃତ୍ତି ଚୟନ କରିପାରନ୍ତି। ସେଥିପାଇଁ ରାଜନୀତି ଅଧ୍ୟୟନ ପରୋକ୍ଷ ଭାବରେ ସେମାନଙ୍କୁ ସାହାଯ୍ୟ କରିବ। ଆମେ ଯେପରି ପ୍ରାଥମିକ ଓ ମାଧ୍ୟମିକ ଶ୍ରେଣୀରେ ଗଣିତ ପଢୁ କିନ୍ତୁ ଆମେ ସମସ୍ତେ ଗଣିତଜ୍ଞ ହେଉନା। ତଥାପି ପାଟୀଗଣିତର ଆବଶ୍ୟକତା ଜୀବନବ୍ୟାପୀ ରହେ। ସେହିପରି ରାଜନୀତି ପାଠର ଆବଶ୍ୟକତା ଜୀବନବ୍ୟାପୀ ଜରୁରୀ।

ଦ୍ୱିତୀୟତଃ ବର୍ତ୍ତମାନର ପ୍ରତ୍ୟେକ ଛାତ୍ର ଭବିଷ୍ୟତରେ ମତଦାତା ଓ ସେ ଦେଶର ନେତା ବା ଭାଗ୍ୟନିୟନ୍ତା ହୋଇପାରନ୍ତି। ନେତା ଭାବରେ ସେ ଅନ୍ୟମାନଙ୍କର ଅଧିକାର ଉପରେ ନିଷ୍ପତ୍ତି କରିବେ। ତେଣୁ ରାଜନୈତିକ ଧାରଣା ଓ ବ୍ୟବସ୍ଥାର ମୂଳଜ୍ଞାନ ତାଙ୍କୁ ନିଜ କର୍ତ୍ତବ୍ୟ ସଂପାଦନରେ ବହୁ ସାହାଯ୍ୟ କରିବ। ଆଜିର ସୂଚନାବହୁଳ ସମାଜରେ ଗ୍ରାମପଞ୍ଚାୟତ ଓ ପୌର କାର୍ଯ୍ୟରେ ସହଭାଗୀ ହେବା ପାଇଁ ବା ଇଣ୍ଟରନେଟ୍‌ରେ ନିଜ ମତାମତ ରଖିବା ପାଇଁ ଆମର ମତାମତ ଯୁକ୍ତିଯୁକ୍ତ ଓ ବସ୍ତୁନିଷ୍ଠ ହେବା ଉଚିତ। ଅନ୍ୟଥା ଆମର ମତର କୌଣସି ଗୁରୁତ୍ୱ ରହିବ ନାହିଁ। ଆମର ରାଜନୀତି ବିଷୟକ ଜ୍ଞାନ ଆମକୁ ଯୁକ୍ତିସଙ୍ଗତ ଓ ପରିପକ୍ୱ ବିଚାର ପ୍ରଦାନରେ ସାହାଯ୍ୟ କରିବ। ପୁନଶ୍ଚ ଶିକ୍ଷିତ ଓ ସଚେତନ ନାଗରିକ ପେଶାଦାର ରାଜନେତାଙ୍କୁ ଦାୟିତ୍ୱବାନ କରିପାରିବ ଓ ଜନହିତ କାର୍ଯ୍ୟ କରିବା ସମୟରେ ପଥଚ୍ୟୁତିବା ସମ୍ଭାବନାକୁ ରୋକିପାରିବ।

ତୃତୀୟତଃ, ସ୍ୱତନ୍ତ୍ରତା, ସମାନତା, ଧର୍ମନିରପେକ୍ଷତା ଆମ ଜୀବନର କାଳ୍ପନିକ ବିଷୟ ନୁହେଁ। ପରିବାର, ଶିକ୍ଷାୟତନ ଓ କର୍ମକ୍ଷେତ୍ରରେ ଆମେ ବିଭିନ୍ନ ପ୍ରକାର ଭେଦଭାବର ସାମନା କରୁ। ଅନ୍ୟ ଜାତି, ଅନ୍ୟ ଧର୍ମ, ଅନ୍ୟ ଲିଙ୍ଗ ଲୋକଙ୍କ ପାଇଁ ଆମେ ନିଜେ ମଧ୍ୟ ପକ୍ଷପାତୀ ବିଚାର ପୋଷଣ କରିଥାଉ। ପୁଣି, ଆମେ ଉତ୍ପୀଡିତ ହେଲେ, ଆମ ପିଡା ନିବାରଣରେ ବିଳମ୍ବ ହେଲେ ଆମେ ହିଂସାତ୍ମକ ବିପ୍ଳବ ଠିକ୍ ବୋଲି ଅନୁଭବ କରୁ। ଆମେ ସ୍ୱଚ୍ଛଳବର୍ଗର ସଦସ୍ୟ ହୋଇଥିଲେ ଜୀବନ ସଂଗ୍ରାମରେ ସଙ୍ଘର୍ଷରତ ଆମର ଚାକର ଚାକରାଣୀମାନଙ୍କର ପୀଡାକୁ ମଧ୍ୟ ଆମେ ଅବହେଳା କରିଥାଉ। କଦବା ଆମେ ମଧ୍ୟ ଅନୁଭବ କରୁ ଯେ ଆମର ଚାକରଚାକରାଣୀ ତାଙ୍କ ବିରୁଦ୍ଧରେ କରାଯାଉଥିବା ଆମର ଦୁର୍ବ୍ୟବହାରର ହକ୍‌ଦାର। ଏଭଳି ଆମର ମନୋଭାବକୁ ରାଜନୀତି ସିଦ୍ଧାନ୍ତ ପରୀକ୍ଷଣ ପାଇଁ ପ୍ରୋତ୍ସାହିତ କରିଥାଏ। ଏହାର ନିଷ୍କର୍ଷକୁ ସତର୍କତାର ସହିତ ଆପଣାଇଲେ ଏହା ଆମର ଭାବନା ଓ ବିଚାରକୁ ଉଦାରତା ଦିଏ।

ଶେଷରେ ଛାତ୍ର ଭାବରେ ଆମେ ଭାଷଣ ଓ ତର୍କ ପ୍ରତିଯୋଗିତାରେ ଭାଗ ନେଇଥାଉ । ଆମର ବକ୍ତୃତା ଓ ତର୍କରେ ଭୁଲ୍/ଠିକ୍, ଉଚିତ୍/ଅନୁଚିତ ଧାରଣା ଅନ୍ତର୍ନିହିତ ଥାଏ । ଆମେ କିନ୍ତୁ ସେଗୁଡ଼ିକ ଯୁକ୍ତିସଙ୍ଗତ କି ନୁହେଁ ନିଶ୍ଚିତ ନଥାଉ । ଯେତେବେଳେ ଆମେ ଅନ୍ୟମାନଙ୍କ ସହ ଯୁକ୍ତି କରିଥାଉ, ସେତେବେଳ ଆଗେ ନିଜ ଚିନ୍ତାଧାରାକୁ ସାବ୍ୟସ୍ତ କରିବା ପାଇଁ ପ୍ରମାଣ ଓ ତର୍କର ଅନୁସନ୍ଧାନ କରୁ । ଏହି ପରିପ୍ରେକ୍ଷୀରେ ରାଜନୈତିକ ସିଦ୍ଧାନ୍ତ ଆମକୁ ନ୍ୟାୟ ଓ ସମାନତାର ସୁଚିନ୍ତିତ ମତ ଅବଗତ କରାଏ, ଯଦ୍ୱାରା ଆମେ ସ୍ୱବିଚାରକୁ ପରିଷ୍କୃତ କରିପାରିବା ଓ ସାର୍ବଜନୀନ ହିତ ପାଇଁ ବିଜ୍ଞତାର ସହିତ ତର୍କ ବିତର୍କ ଓ ଆଲୋଚନା କରି ପ୍ରଭାବଶାଳୀ ଉପାୟରେ ଅନ୍ୟମାନଙ୍କ ପାଖରେ ଆମର ମତାମତ ଉପସ୍ଥାପନ କରିପାରିବା । ଏହି ଉପାଦେୟତା ଆମକୁ ସୂଚନା ବିଶ୍ୱ ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ଗୁଣ ଭାବରେ ପରିଚୟ ଦେବ ।

ଛାତ୍ରଛାତ୍ରୀଙ୍କ ଉପଯୋଗୀ ରାଜନୀତି ସିଦ୍ଧାନ୍ତ ସର୍ବସାଧାରଣ ବ୍ୟବହାରଯୋଗ୍ୟ । ନିମ୍ନରେ ପ୍ରଦତ୍ତ କିଛି ଉପାଦେୟତା ଉଲ୍ଲେଖଯୋଗ୍ୟ ।

ବିଶ୍ଳେଷଣ କୌଶଳ ଭାବରେ ରାଜନୀତି ସିଦ୍ଧାନ୍ତର ପ୍ରୟୋଗ :

ରାଜନୀତି ସିଦ୍ଧାନ୍ତ ରାଜନୀତିର ମୂଳ ସମସ୍ୟାଗୁଡ଼ିକର ନିରୂପଣ ଓ ରାଜନୈତିକ ବ୍ୟବସ୍ଥାରେ ସେଗୁଡ଼ିକର ବ୍ୟବହାର ଓ ଅପବ୍ୟବହାର ବିଶ୍ଳେଷଣ ପଦ୍ଧତିରେ ବର୍ଣ୍ଣନା କରେ । ଆମର ତଥ୍ୟକୁ ବିଶେଷ ଭାବରେ ସଜ୍ଜିତ କରି ତା ମଧ୍ୟରୁ ବ୍ୟବହାରଯୋଗ୍ୟ ସମାଧାନ ପାଇବାକୁ ଏହା ଆମକୁ ସାହାଯ୍ୟ କରେ । ସୈଦ୍ଧାନ୍ତିକ ଆଧାରରେ ବ୍ୟବହୃତ ଗବେଷଣାକୁ ନିର୍ଭରଯୋଗ୍ୟ ସମ୍ଭାବ୍ୟ ସମାଧାନ ପାଇବାରେ ରାଜନୀତି ସାହାଯ୍ୟ କରେ ।

ଆବହମାନ କାଳରୁ ମନୁଷ୍ୟମାନଙ୍କର ମନରେ ଉଙ୍କିମାରୁଥିବା ଦ୍ୱନ୍ଦ୍ୱ, ସମସ୍ୟା ଓ ପ୍ରଶ୍ନଗୁଡ଼ିକର ସମାଧାନ ରାଜନୀତି ଦ୍ୱାରା ସମ୍ଭବ । ଦ୍ୱନ୍ଦ୍ୱର ଉଦାହରଣ ଯଥା ପରିବର୍ତ୍ତନ ବନାମ ସ୍ଥିତାବସ୍ଥା, ପ୍ରିୟ ବନାମ ଶ୍ରେୟ । ଦ୍ୱନ୍ଦ୍ୱର ସ୍ୱର ଏକ ମୁକ୍ତ ସମାଜରେ ପରିଷ୍କାର ଶୁଣାଯାଏ । ତେଣୁ ରାଜନୀତି ସିଦ୍ଧାନ୍ତ ଯେକୌଣସି ମୁକ୍ତ ସମାଜର ଅଂଶ ହୋଇ ରହିବା ଆବଶ୍ୟକ କାରଣ ସମାଜ ମଧ୍ୟରେ ଉଦାରବାଦୀ, ରକ୍ଷଣଶୀଳ ଚିନ୍ତାଧାରାର ଗୋଷ୍ଠୀ ରହିଥିବେ । ତେଣୁ ଦ୍ୱନ୍ଦର ସମାଧାନର ପନ୍ଥା ରାଜନୀତି ସାହାଯ୍ୟରେ ଉପଲବ୍ଧ ହେବ କାରଣ ରାଜନୀତି ସିଦ୍ଧାନ୍ତ ସାହାଯ୍ୟରେ ଆମେ ଯୁକ୍ତିଯୁକ୍ତ ସମାଲୋଚନା ବା ଅନୁମାନ କରିପାରିବା । ପୁନଶ୍ଚ, ପାରମ୍ପରିକ ପ୍ରତୀକ (ମଡେଲ) ନିର୍ମାଣ କରିବାରେ ରାଜନୀତି ସିଦ୍ଧାନ୍ତର ବ୍ୟବହାର ଯୁକ୍ତରାଷ୍ଟ୍ର ଆମେରିକାରେ ଏହି ପ୍ରକ୍ରିୟା ଜନପ୍ରିୟ । ଅର୍ଥଶାସ୍ତ୍ରକୁ ଅନୁସରଣ କରି ରାଜନୀତି ପ୍ରକ୍ରିୟାର ପାରମ୍ପରିକ ପ୍ରତୀକ ନିର୍ମାଣ କରନ୍ତି । ପ୍ରତୀକ ନିର୍ମାଣର ଦୁଇଟି ଉଦ୍ଦେଶ୍ୟ ଅଛି । ପ୍ରଥମତଃ, ବ୍ୟାଖ୍ୟାମୂଳକ ରାଜନୀତି ପ୍ରକ୍ରିୟା ଯେଉଁ ଘଟକ ଉପରେ ପର୍ଯ୍ୟବେସିତ ତା'ର ସୁଶୃଙ୍ଖଳ ଭାବରେ ବ୍ୟାଖ୍ୟା ଦ୍ୱିତୀୟତଃ, ନୀତି ନିର୍ଦ୍ଦେଶକ- କାରଣ କୌଣସି ଏକ ନିୟମପାଳନରେ କ'ଣ ପରିଣାମ ଉତ୍ପନ୍ନ ହୁଏ ତାହା ପ୍ରତୀକ ନିର୍ମାଣ ମାଧ୍ୟମରେ ଜାଣିହୁଏ । ଯୋସେଫ ସ୍କୁମପିଟରଙ୍କ କୁଳୀନ ଗଣତନ୍ତ୍ର ସିଦ୍ଧାନ୍ତ ଅନୁସାରେ ଗଣତନ୍ତ୍ର ଏହି ଧାରଣା ଉପରେ ପର୍ଯ୍ୟବେସିତ ଯେ ମଣିଷମାନେ ନିଜ ଜୀବନର ରାଜନୈତିକ ଦିଗ ଅପେକ୍ଷା ଅର୍ଥନୈତିକ ଦିଗକୁ ଅଧିକ ଗୁରୁତ୍ୱ ଦିଅନ୍ତି ।

ସଂକ୍ଷିପ୍ତ ସୂଚନା

- ରାଜନୀତି ପ୍ରଧାନତଃ ଏକ ସାମାଜିକ କ୍ରିୟା, ଯାହା ମାଧ୍ୟମରେ ଲୋକେ ସାମାଜିକ ଜୀବନର ସାଧାରଣ ନିୟମଗୁଡ଼ିକ ତିଆରି କରନ୍ତି ତଥା ପରିବର୍ତ୍ତନ କରନ୍ତି।
- ଏକ ପକ୍ଷରେ ରାଜନୀତି, ମତଭେଦ ଓ ବିବାଦ ସହିତ ସଂପୃକ୍ତ ହୋଇଥିବାବେଳେ ଅନ୍ୟପକ୍ଷରେ ସହଯୋଗ ଓ ସାମୂହିକ ଉଦ୍ୟମ କରିବାର ଇଚ୍ଛା ସହିତ ଜଡ଼ିତ।
- ରାଜନୀତି ରାଷ୍ଟ୍ର, ସରକାର ଗଠନ ଓ ପରିଚାଳନା ସହିତ ସଂପୃକ୍ତ: ବିବାଦ, ଆପୋଷ ନିଷ୍ପତ୍ତି ଓ ସମାଧାନର ପ୍ରକ୍ରିୟା, କ୍ଷମତା ଓ ମାନ ପ୍ରବର୍ତ୍ତକ ମୂଲ୍ୟବୋଧ ପ୍ରସାରଣ ବିଷୟରେ ମଧ୍ୟ ଆଲୋଚନା କରେ।
- ଏହାର ପରିସର ବ୍ୟାପକ।
- ଏହା ଛାତ୍ରମାନଙ୍କ ପାଇଁ ଉପାଦେୟ ଅଧ୍ୟୟନ। ଏହାର ପଠନ ଆମକୁ ଯୁଗୋପଯୋଗୀ କରିବ।

ଆଦର୍ଶ ପ୍ରଶ୍ନାବଳୀ

('କ' - ବିଭାଗ)

୧. **ରାଜନୀତି ସିଦ୍ଧାନ୍ତ ବିଷୟରେ ନିମ୍ନପ୍ରଦତ୍ତ ମତଗୁଡ଼ିକ ଭୁଲ ବା ଠିକ୍ ଦର୍ଶାଅ :**
   (କ) ରାଜନୈତିକ ଅନୁଷ୍ଠାନ ଗୁଡ଼ିକର ମୂଳଭିତ୍ତି ବିଷୟରେ ଆଲୋଚନା କର।
   (ଖ) ବିଭିନ୍ନ ଧର୍ମର ପରସ୍ପର ସମ୍ପର୍କକୁ ବୁଝାଏ।
   (ଗ) ସମାନତା ଓ ସ୍ୱାଧୀନତା ଭଳି ଭାବଧାରା ଗୁଡ଼ିକର ତର୍ଜମା କରେ।
   (ଘ) ରାଜନୈତିକ ଦଳମାନଙ୍କର ଭବିଷ୍ୟତ କାର୍ଯ୍ୟକଳାପ ଉପରେ ଆଲୋକପାତ କରେ

୨. ରାଜନୀତି ରାଜନେତାମାନଙ୍କର କାର୍ଯ୍ୟାବଳୀଠାରୁ ବୃହତ୍ତର- ତୁମେ ଏହି ମତ ସହିତ ଏକମତ କି? ଉଦାହରଣ ସହ ବୁଝାଅ।

୩. ରାଜନୈତିକ ସିଦ୍ଧାନ୍ତ ଅଧ୍ୟୟନର ଚାରୋଟି ଉପାଦେୟତା ଆଲୋଚନା କର।

୪. ରାଜନୀତି ସିଦ୍ଧାନ୍ତର ଅଧ୍ୟୟନ କିପରି ଗଣିତ ଅଧ୍ୟୟନ ଭଳି? କାରଣ ଦର୍ଶାଅ।

('ଖ' - ବିଭାଗ)

୧. **ତ୍ରୁଟିପୂର୍ଣ୍ଣ ବାକ୍ୟଗୁଡ଼ିକୁ ସଂଶୋଧନ କର :**
   (କ) ପ୍ଲାଟୋଙ୍କୁ ରାଜନୀତି ଶାସ୍ତ୍ରର ଜନକ କୁହାଯାଏ।
   (ଖ) ମାନପ୍ରବର୍ତ୍ତକ ମୂଲ୍ୟବୋଧ ରାଜନୀତି ଦର୍ଶନରୁ ଆନୀତ।

୨. **ଏକ ଶବ୍ଦ ବା ବାକ୍ୟରେ ଲେଖ :**
   (କ) ରାଜନୀତି କାହିଁକି ଦ୍ୱନ୍ଦ୍ୱ ବିଜଡ଼ିତ?
   (ଖ) ରାଜନୀତି କାହିଁକି ଭବିଷ୍ୟତ ପାଇଁ ଉପଯୁକ୍ତ (futuristic)?

('ଗ' - ବିଭାଗ)

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନାବଳୀ :

୧. ରାଜନୀତିର ସଂଜ୍ଞା ନିରୂପଣ କର ଏବଂ ଏହାର ପରିସର ସମ୍ପର୍କରେ ଆଲୋଚନା କର?

୨. ରାଜନୀତି ସିଦ୍ଧାନ୍ତର ଉପଯୋଗିତା ବିଷୟରେ ଆଲୋଚନା କର।

❑●❑

ଦ୍ୱିତୀୟ ଅଧ୍ୟାୟ

ରାଷ୍ଟ୍ର (STATE)

ସଂଜ୍ଞା ସ୍ୱରୂପ :

ରାଜନୀତିବିଜ୍ଞାନର କେନ୍ଦ୍ରବିନ୍ଦୁ ହେଉଛି ରାଷ୍ଟ୍ର । ରାଷ୍ଟ୍ରରୁ ହିଁ ରାଜନୀତିବିଜ୍ଞାନର ଅଧ୍ୟୟନ ଆରମ୍ଭ ଏବଂ ଶେଷ ହୋଇଥାଏ । ତେଣୁ ପ୍ରଥମେ ଆଲୋଚ୍ୟ ବିଷୟ ହେଉଛି ରାଷ୍ଟ୍ର କ'ଣ ? ଅନେକ ସମୟରେ ଆମେ 'ଜାତି', 'ସରକାର' 'ସମାଜ', 'ଦେଶ' ଏବଂ 'ରାଜ୍ୟ' କୁ ରାଷ୍ଟ୍ର ଅର୍ଥରେ ପ୍ରୟୋଗ କରିଥାଉ । କିନ୍ତୁ ରାଜନୀତି ବିଜ୍ଞାନୀମାନେ ବିଭିନ୍ନ ଦୃଷ୍ଟିକୋଣରୁ ରାଷ୍ଟ୍ରର ସଂଜ୍ଞା ନିରୂପଣ କରିଛନ୍ତି ।

ଅଧ୍ୟାପକ ହଲ୍ (Hall)ଙ୍କ ମତରେ "ରାଜନୈତିକ ଉଦ୍ଦେଶ୍ୟସାଧନ ପାଇଁ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ସ୍ଥାୟୀ ଭାବରେ ପ୍ରତିଷ୍ଠିତ ଓ ବହିଃଶକ୍ତି ଶାସନରୁ ମୁକ୍ତ ଜନସମାଜକୁ ରାଷ୍ଟ୍ର କୁହାଯାଏ । ଆମେରିକାର ପୂର୍ବତନ ରାଷ୍ଟ୍ରପତି ଉଇଲସନ୍ (wilson)କହିଛନ୍ତି, "ଆଇନାନୁସାରେ ସଂଗଠିତ ନିର୍ଦ୍ଦିଷ୍ଟ ଭୂଖଣ୍ଡର ଅଧିକାରୀ ଏକ ଜନ ସମଷ୍ଟିକୁ ରାଷ୍ଟ୍ର ଆଖ୍ୟା ଦିଆଯାଇଥାଏ ।" ମାତ୍ର ଅଧ୍ୟାପକ ଗାରନର୍ (Garner)ଙ୍କ ପ୍ରଦତ୍ତ ସଂଜ୍ଞାକୁ ଏକ ସଂପୂର୍ଣ୍ଣ ସଂଜ୍ଞା ରୂପେ ଗ୍ରହଣ କରାଯାଇଥାଏ । ଗାରନର୍‌ଙ୍କ ମତରେ "ରାଷ୍ଟ୍ର ହେଉଛି ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ସ୍ଥାୟୀ ଭାବରେ ବାସ କରୁଥିବା କେତେକ ସଂଖ୍ୟକ ବ୍ୟକ୍ତିଙ୍କୁ ନେଇ ଗଠିତ ଏକ ଜନସମାଜ; ଯାହାକି ବହିଃଶକ୍ତିର ନିୟନ୍ତ୍ରଣରୁ ସଂପୂର୍ଣ୍ଣ ମୁକ୍ତ ଏବଂ ଯାହାର ଗୋଟିଏ ସୁସଂଗଠିତ ଶାସନ ବ୍ୟବସ୍ଥା ଥାଏ । ଯାହାପ୍ରତି ଅଧିକାଂଶ ଅଧିବାସୀଙ୍କର ସ୍ୱାଭାବିକ ଆନୁଗତ୍ୟ ରହିଥାଏ ।"

ରାଷ୍ଟ୍ରର ପ୍ରକୃତି ଓ ଆବଶ୍ୟକତା :

ପ୍ରଖ୍ୟାତ ଗ୍ରୀକ୍ ଦାର୍ଶନିକ ତଥା ରାଜନୀତିବିଜ୍ଞାନର ଜନକ ଆରିଷ୍ଟଟଲଙ୍କ ମତରେ, "ରାଷ୍ଟ୍ରର ସୃଷ୍ଟି ହୁଏ ଜୀବନ ପାଇଁ ଏବଂ ଉନ୍ନତ ଜୀବନ ପାଇଁ ଏହାର ଆବଶ୍ୟକତା ଅନୁଭୂତ ହୁଏ ।" ସମସ୍ତଙ୍କ ପାଇଁ ଏକ ସୁନ୍ଦର, ସୁଖୀ ତଥା ସ୍ୱୟଂସଂପୂର୍ଣ୍ଣ ବ୍ୟକ୍ତି ଜୀବନ ହେଉଛି ଏହାର ଲକ୍ଷ୍ୟ । ରାଷ୍ଟ୍ର ମାଧ୍ୟମରେ ମନୁଷ୍ୟ ତା'ର ରାଜନୈତିକ ଜୀବନର ବିକାଶ ସାଧନ କରିଥାଏ । କେତେକଙ୍କ ମତରେ ରାଷ୍ଟ୍ର ଏକ କୁବ୍ୟବସ୍ଥା ଯାହା ବ୍ୟକ୍ତିର ସ୍ୱାଧୀନତାକୁ ପ୍ରତିହତ କରିଥାଏ । ମାତ୍ର ଅନ୍ୟମାନଙ୍କ ମତରେ ବ୍ୟକ୍ତି ଜୀବନର ଉତ୍କର୍ଷ ସାଧନ ପାଇଁ ରାଷ୍ଟ୍ର ଉଦ୍ୟମ କରିଥାଏ । ମୁଖ୍ୟତଃ ଆଇନ୍ ଶୃଙ୍ଖଳା ମାଧ୍ୟମରେ ଲୋକଙ୍କ ଧନଜୀବନର ସୁରକ୍ଷା ଏବଂ ଆଭ୍ୟନ୍ତରୀଣ ତଥା ବାହ୍ୟିକ ବିପଦରୁ ଲୋକଙ୍କୁ ମୁକ୍ତ ରଖିବା ହେଉଛି ରାଷ୍ଟ୍ରର କର୍ତ୍ତବ୍ୟ । ଏହି ଦୃଷ୍ଟିରୁ ଏହାର ଆବଶ୍ୟକତାକୁ ଅସ୍ୱୀକାର କରାଯାଇପାରିବ ନାହିଁ ।

ରାଷ୍ଟ୍ରର ଉପାଦାନ :

ରାଷ୍ଟ୍ରର ଚାରିଗୋଟି ଉପାଦାନ ରହିଛି ।

୧. ଜନସମୂହ (Population)

୨. ଭୂଖଣ୍ଡ (Territory)

୩. ସରକାର (Government)

୪. ସାର୍ବଭୌମତ୍ୱ (Sovereignty)

୧. ଜନସମୂହ :

ରାଷ୍ଟ୍ର ଏକ ମାନନୀୟ ସଂଗଠନ ହୋଇଥିବାରୁ ଜନସଂଖ୍ୟା ଏହାର ଏକ ମୌଳିକ ଏବଂ ଅତ୍ୟାବଶ୍ୟକ ଉପାଦାନ । ଜନସମଷ୍ଟି ବିନା ରାଷ୍ଟ୍ରର ପରିକଳ୍ପନା ଅସମ୍ଭବ । ଗୋଟିଏ ରାଷ୍ଟ୍ରର ନିର୍ଦ୍ଦିଷ୍ଟ ଜନସଂଖ୍ୟା କେତେ ରହିବେ ତାହାର ସୀମା ନାହିଁ । ପ୍ଲାଟୋଙ୍କ ମତରେ ଗୋଟିଏ ଆଦର୍ଶ ରାଷ୍ଟ୍ରର ଜନସଂଖ୍ୟା ୫୦୪୦ ହେବା ବିଧେୟ । ଆରିଷ୍ଟଟଲଙ୍କ ମତରେ ଗୋଟିଏ ଆଦର୍ଶ ରାଷ୍ଟ୍ରରେ ଅନ୍ୟୂନ ଦଶହଜାର ଏବଂ ସର୍ବୋଚ୍ଚ ଏକ ଲକ୍ଷ ଜନସଂଖ୍ୟାରୁ ଅଧିକ ହେବା ଉଚିତ୍ ନୁହେଁ କିନ୍ତୁ ଆଧୁନିକ ରାଷ୍ଟ୍ରରେ ଜନସଂଖ୍ୟାରେ କୌଣସି ନିର୍ଦ୍ଦିଷ୍ଟତା ନାହିଁ । ବୃହତ ରାଷ୍ଟ୍ର ଗଠନ କରିବା ବର୍ତ୍ତମାନ ଯୁଗର ଆଦର୍ଶ । ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସାମାଜିକ, ସାଂସ୍କୃତିକ, ରାଜନୈତିକ ଏବଂ ଅର୍ଥନୈତିକ ବନ୍ଧନକୁ ନେଇ ଆଧୁନିକ ଜାତି ରାଷ୍ଟ୍ରର ସୃଷ୍ଟି । ଆରିଷ୍ଟଟଲ ଯଥାର୍ଥରେ କହିଛନ୍ତି – "ଶିକ୍ଷିତ, ସଂସ୍କୃତି ସମ୍ପନ୍ନ ଏବଂ ଉଚ୍ଚ ମୂଲ୍ୟବୋଧ ସମ୍ପନ୍ନ ମଣିଷକୁ ନେଇ ଉନ୍ନତ ରାଷ୍ଟ୍ର ଗଠିତ ହୁଏ ।"

୨. ଭୂଖଣ୍ଡ :

ଏକ ନିର୍ଦ୍ଦିଷ୍ଟ ଆୟତନ ବିଶିଷ୍ଟ ଭୂଖଣ୍ଡ ବିନା ରାଷ୍ଟ୍ର ଗଠନ ସମ୍ଭବ ନୁହେଁ । ଜଳ, ସ୍ଥଳ, ଆକାଶପଥକୁ ନେଇ ରାଷ୍ଟ୍ରର ପରିସୀମା ନିର୍ଦ୍ଧାରିତ । କିନ୍ତୁ ଏହାର ପରିସୀମାର ପରିମାଣ ବିଷୟରେ କୌଣସି ନିର୍ଦ୍ଦିଷ୍ଟ ନିୟମ ନାହିଁ । ଆନ୍ତର୍ଜାତିକ ଆଇନ ଅନୁସାରେ ଜନସଂଖ୍ୟା ଏବଂ ଆୟତନ ନିର୍ବିଶେଷରେ ପ୍ରତ୍ୟେକ ରାଷ୍ଟ୍ର ସାର୍ବଭୌମ ସମାନ । ତେଣୁ ରାଷ୍ଟ୍ର ଗଠନ ପାଇଁ ଏକ ନିର୍ଦ୍ଦିଷ୍ଟ ସ୍ୱଷ୍ଟ ସୀମାରେଖା ଦ୍ୱାରା ଆବଦ୍ଧ ଭୂଖଣ୍ଡ ଏକାନ୍ତ ଆବଶ୍ୟକ । ରାଷ୍ଟ୍ରର ଅଧିବାସୀମାନଙ୍କ ମଧ୍ୟରେ ଶୃଙ୍ଖଳା, ଏକତା, ଅର୍ଥନୈତିକ ସମୃଦ୍ଧି, ସାମରିକ ଶକ୍ତି, ମାନବ ସଭ୍ୟତାକୁ ଅବଦାନ, ମାନବିକ ଓ ପ୍ରାକୃତିକ ଶକ୍ତିର ସୁବିନିଯୋଗ ଦ୍ୱାରା ଏକ ମହାନ ରାଷ୍ଟ୍ର ଗଠନ ହୁଏ । ଭୂଖଣ୍ଡର ଆକାର ଅଳ୍ପ ବେଶି ହେଲେ କିଛି ଯାଏ ଆସେ ନାହିଁ । ରାଷ୍ଟ୍ରର ଉତ୍ତମ ପରିଚାଳନା ପାଇଁ ଭୂଖଣ୍ଡର ଭୌଗୋଳିକ ଅବସ୍ଥିତି ଅନୁକୂଳ ହୋଇଥିବା ଆବଶ୍ୟକ ।

୩. ସରକାର :

ଅଧିବାସୀମାନେ ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ବାସ କରୁଥିଲେ ମଧ୍ୟ ସରକାର ବିନା ସେମାନେ ରାଷ୍ଟ୍ର ଗଠନ କରିପାରିବେ ନାହିଁ । ସରକାର ଏକ ରାଜନୈତିକ ସଂଗଠନ । ସରକାର ବିନା ରାଷ୍ଟ୍ର ଶାସନ ସମ୍ଭବ ନୁହେଁ । ରାଷ୍ଟ୍ରର

ସମୂହ ଇଚ୍ଛାକୁ ସରକାର କାର୍ଯ୍ୟକାରୀ କରନ୍ତି । ରାଷ୍ଟ୍ରର ସମସ୍ତ କ୍ଷମତା ସରକାରଙ୍କ ହାତରେ ରହିଥାଏ । ଆଇନ ଦ୍ୱାରା ସରକାର ସାମାଜିକ ଜୀବନ ନିୟନ୍ତ୍ରଣ କରିବା ସହିତ ରାଷ୍ଟ୍ରରେ ଶୃଙ୍ଖଳିତ ଶାସନ ପ୍ରତିଷ୍ଠା କରନ୍ତି । ରାଷ୍ଟ୍ରର ନାଗରିକମାନେ ସେମାନଙ୍କର ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ସରକାର ଗଠନ କରନ୍ତି । ସରକାର ମାଧ୍ୟମରେ ରାଷ୍ଟ୍ରର ଇଚ୍ଛା ପ୍ରକଟିତ ହୁଏ । ସରକାର ନଥିଲେ ରାଷ୍ଟ୍ରରେ ଅରାଜକତା ଦେଖାଦିଏ । ସରକାର ବିନା ରାଷ୍ଟ୍ରର ସ୍ଥିତି ସମ୍ଭବ ନୁହେଁ । ବିଭିନ୍ନ ପ୍ରକାର ଭେଦରେ ସରକାର ଗଠନ ହୁଏ । ରାଷ୍ଟ୍ରର ସ୍ୱରୂପ ଏବଂ ଅଧିବାସୀମାନଙ୍କର ଇଚ୍ଛା ଅନୁସାରେ ସରକାର ଗଠନ ହୁଏ । ବର୍ତ୍ତମାନ ଉନ୍ନତ ଏବଂ ବିକାଶଶୀଳ ରାଷ୍ଟ୍ରମାନଙ୍କର ଗଣତାନ୍ତ୍ରିକ ସରକାର ଚାଲିଛି ।

୪. ସାର୍ବଭୌମତ୍ୱ :

ସାର୍ବଭୌମତ୍ୱ ଅର୍ଥ ସର୍ବୋଚ୍ଚ କ୍ଷମତା । ଏହା ରାଷ୍ଟ୍ରର ଏକ ଅତ୍ୟାବଶ୍ୟକ କ୍ଷମତା । ଏହି କ୍ଷମତା ଯୋଗୁଁ ରାଷ୍ଟ୍ରର ଭିତରେ ଥିବା ଅନ୍ୟାନ୍ୟ ସମସ୍ତ ସଂଗଠନଠାରୁ ରାଷ୍ଟ୍ର ଉର୍ଦ୍ଧ୍ୱରେ । ଆଭ୍ୟନ୍ତରୀଣ ବ୍ୟପାରରେ ରାଷ୍ଟ୍ର ସର୍ବେସର୍ବା । ଫଳରେ ରାଷ୍ଟ୍ର ଭିତରେ ଥିବା ପ୍ରତ୍ୟେକ ବ୍ୟକ୍ତି, ସଂଘ ଏବଂ ଅନୁଷ୍ଠାନ ରାଷ୍ଟ୍ରର ଆନୁଗତ୍ୟ ସ୍ୱୀକାର କରିବା ପାଇଁ ବାଧ୍ୟ ହୁଅନ୍ତି । ସାର୍ବଭୌମତ୍ୱର ଦୁଇଟି ଦିଗ ରହିଛି । ଗୋଟିଏ ଆଭ୍ୟନ୍ତରୀଣ ଅନ୍ୟଟି ବାହ୍ୟ । ଆଭ୍ୟନ୍ତରୀଣ ସାର୍ବଭୌମ କ୍ଷମତା ଯୋଗୁଁ ରାଷ୍ଟ୍ର ତାର ଭୌଗୋଳିକ ପରିସୀମା ମଧ୍ୟରେ ଥିବା ସମସ୍ତ ବ୍ୟକ୍ତି ଏବଂ ଅନୁଷ୍ଠାନ ଉପରେ ସର୍ବେସର୍ବା । ରାଷ୍ଟ୍ରର ଆଇନ ଦ୍ୱାରା ସମସ୍ତେ ନିୟନ୍ତ୍ରିତ ହେବାକୁ ବାଧ୍ୟ । ରାଷ୍ଟ୍ରର ଆଇନକୁ କେହି ଅମାନ୍ୟ କଲେ ଆଇନ୍ ଅନୁସାରେ ଦଣ୍ଡିତ ହେବେ । ବାହ୍ୟ ସାର୍ବଭୌମ କ୍ଷମତା ଦ୍ୱାରା ରାଷ୍ଟ୍ର ନିଜର ବୈଦେଶିକ ନୀତି ନିର୍ଦ୍ଧାରଣ କରିବାକୁ ସମର୍ଥ ହୁଏ । କୌଣସି ବୈଦେଶିକ ଶକ୍ତିର ଆନୁଗତ୍ୟ ସ୍ୱୀକାର କରେ ନାହିଁ ।

୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ପୂର୍ବରୁ ଭାରତକୁ ଗୋଟିଏ ରାଷ୍ଟ୍ରରୂପେ ମାନ୍ୟତା ଦିଆଯାଉନଥିଲା । କାରଣ ଏହା ବ୍ରିଟିଶ ଶାସନର ଅଧୀନରେ ଥିଲା । ସେହିପରି ଭାରତ ଭିତରେ ଅନେକ ପ୍ରଦେଶ ଅଛି । ସେଗୁଡ଼ିକର ସାର୍ବଭୌମତ୍ୱ ନଥିବାରୁ ସେମାନେ ରାଷ୍ଟ୍ର ନୁହଁନ୍ତି । ଏଗୁଡ଼ିକ ଭାରତୀୟ ରାଷ୍ଟ୍ର ସଂଘର ଗୋଟିଏ ଗୋଟିଏ ପ୍ରଦେଶ ମାତ୍ର ।

ତେଣୁ ପ୍ରତ୍ୟେକ ରାଷ୍ଟ୍ରର ଏହି ଚାରିଟି ଉପାଦାନ ରହିବା ଏକାନ୍ତ ଅପରିହାର୍ଯ୍ୟ । ଏ ଚାରିଟି ଉପାଦାନ ମଧ୍ୟରୁ କୌଣସି ଗୋଟିକର ଅଭାବ ହେଲେ, ତାହା ରାଷ୍ଟ୍ର ପଦବାଚ୍ୟ ହୋଇପାରିବ ନାହିଁ ।

ରାଷ୍ଟ୍ର ଓ ସମାଜ ମଧ୍ୟରେ ପ୍ରଭେଦ (State and Society) :

ରାଜନୀତି ବିଜ୍ଞାନରେ ସମାଜ ଓ ରାଷ୍ଟ୍ର ଏହି ଦୁଇଟି ସଂସ୍ଥାର ଗୁରୁତ୍ୱ ଖୁବ୍ ବେଶି । ଏହାକୁ ଉପଲବ୍ଧି କରିବା ପାଇଁ ଏହି ଦୁଇଟି ସଂସ୍ଥା ମଧ୍ୟରେ ଥିବା ପାର୍ଥକ୍ୟ ଜାଣିବା ଏକାନ୍ତ ଆବଶ୍ୟକ । ସମାଜ କହିଲେ ଏହା ସମଗ୍ର ମାନବ ସମାଜକୁ ବୁଝାଏ । ଯେତେ ସବୁ ସଂଗଠିତ ଏବଂ ଅସଂଗଠିତ ଅନୁଷ୍ଠାନ ରହିଛି ସବୁଗୁଡ଼ିକ ସମାଜ ସହିତ ଅନ୍ତର୍ଭୁକ୍ତ । କିନ୍ତୁ ରାଷ୍ଟ୍ର ସମାଜ ଭିତରେ ଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଶକ୍ତିଶାଳୀ ଏକ ସଂଗଠିତ ଅନୁଷ୍ଠାନ । ଏହା ସମାଜର ଏକ ଅଂଶ । କିନ୍ତୁ ସମାଜ ଠାରୁ ପୃଥକ ।

ରାଷ୍ଟ୍ର ଓ ସମାଜ ମଧ୍ୟରେ ଥିବା ପାର୍ଥକ୍ୟଗୁଡ଼ିକ ହେଲା –

୧. ସମାଜ ରାଷ୍ଟ୍ରଠାରୁ ବଡ଼ । ସମାଜ ଆନ୍ତର୍ଜାତିକ କ୍ଷେତ୍ରରେ ଏହାର ପ୍ରାଧାନ୍ୟ ବିସ୍ତାର କରିପାରେ । କିନ୍ତୁ ସାମାଜିକ ଉଦ୍ଦେଶ୍ୟ ପୂରଣ ପାଇଁ ରାଷ୍ଟ୍ରର ସୃଷ୍ଟି ।

୨. ସମାଜ ପ୍ରଥମେ ସୃଷ୍ଟି । ପରେ ରାଷ୍ଟ୍ରର ସୃଷ୍ଟି ।

୩. ସମାଜ ପାଇଁ ନିର୍ଦ୍ଦିଷ୍ଟ ଭୂଖଣ୍ଡର ଆବଶ୍ୟକତା ନଥିଲା ବେଳେ ରାଷ୍ଟ୍ର ପାଇଁ ନିର୍ଦ୍ଦିଷ୍ଟ ଭୂଖଣ୍ଡର ଆବଶ୍ୟକତା ରହିଛି । ସମାଜର ସୀମା ଗ୍ରାମ ଠାରୁ ପୃଥିବୀ ପର୍ଯ୍ୟନ୍ତ ବିସ୍ତୃତ ।

୪. ସମାଜର ସାର୍ବଭୌମତ୍ୱ ନାହିଁ । ରାଷ୍ଟ୍ରର ସାର୍ବଭୌମତ୍ୱ ଅଛି ।

୫. ସମାଜ ଯୁଗ ଯୁଗର ରୀତି, ପ୍ରଥା ଏବଂ ପ୍ରତିଷ୍ଠିତ ଆଚରଣ ଦ୍ୱାରା ପରିଚାଳିତ ହୁଏ । କିନ୍ତୁ ରାଷ୍ଟ୍ରର ପରିଚାଳନା ପାଇଁ ନିୟମାବଳୀ ତଥା ସ୍ୱତନ୍ତ୍ର ସଂଗଠନ ବା ସରକାର ରହିଥାଏ ।

୬. ସମାଜର ରାଜନୈତିକ, ଅର୍ଥନୈତିକ, ସାଂସ୍କୃତିକ, ଧାର୍ମିକ, ଦାର୍ଶନିକ, ନୈତିକ, ଜୈବିକ ଆଚରଣ ଭଳି ବହୁ ଉଦ୍ଦେଶ୍ୟ ଥିବାବେଳେ, ରାଷ୍ଟ୍ରର କେବଳ ରାଜନୈତିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ଉଦ୍ଦେଶ୍ୟ ଥାଏ ।

ତେଣୁ ମାକାଇଭରଙ୍କ ମତରେ ସମାଜ ଏବଂ ରାଷ୍ଟ୍ର ପରସ୍ପର ପରିପୂରକ । ପରସ୍ପର ସହଯୋଗୀ ଏବଂ ପରସ୍ପର ନିର୍ଭରଶୀଳ । ଗୋଟିଏ ବିନା ଅନ୍ୟର ସ୍ଥିତି ଅନିଶ୍ଚିତ ।

ରାଷ୍ଟ୍ର ଏବଂ ସଂଘ (State and Association) :

ରାଷ୍ଟ୍ର ଏବଂ ସଂଘ ଉଭୟେ ସଂଘ ହୋଇଥିଲା ବେଳେ ରାଷ୍ଟ୍ର ଏବଂ ଅନ୍ୟାନ୍ୟ ସଂଘ ମଧ୍ୟରେ କେତେକ ପାର୍ଥକ୍ୟ ରହିଛି ।

୧. ରାଷ୍ଟ୍ର ଏକ ସଂଘ ହୋଇଥିଲେ ମଧ୍ୟ ଏହା ବିଭିନ୍ନ ସଂଘର ସମଷ୍ଟି । ବିଭିନ୍ନ ସଂଘ ମାଧ୍ୟମରେ ବ୍ୟକ୍ତି ତାର ବିଭିନ୍ନ ଇଚ୍ଛା ତଥା ସ୍ୱାର୍ଥ ପୂରଣ କରିଥାଏ । କିନ୍ତୁ ରାଷ୍ଟ୍ର ଅନନ୍ୟ ସାଧାରଣ । ଏହାକୁ ସଂଘମାନଙ୍କର ସଂଘ କୁହାଯାଏ ।

୨. ପ୍ରତ୍ୟେକ ବ୍ୟକ୍ତି ରାଷ୍ଟ୍ରର ସଦସ୍ୟ ହେବା ପାଇଁ ବାଧ୍ୟ । କିନ୍ତୁ ଅନ୍ୟାନ୍ୟ ସଂଘର ସଦସ୍ୟ ହେବା ଇଚ୍ଛାଧୀନ ।

୩. ଜଣେ ବ୍ୟକ୍ତି କେବଳ ଗୋଟିଏ ରାଷ୍ଟ୍ରର ନାଗରିକତ୍ୱ ବା ସଭ୍ୟ ପଦରେ ରହି ପାରିବେ । କିନ୍ତୁ ସେହି ବ୍ୟକ୍ତି ଏକ ସମୟରେ ଏକାଧିକ ସଂଘରେ ସଭ୍ୟ ହୋଇପାରିବେ ।

୪. ରାଷ୍ଟ୍ରର ଆୟତନ ବା ଭୌଗୋଳିକ ସୀମା ନିର୍ଦ୍ଦିଷ୍ଟ । କିନ୍ତୁ ସଂଘର କୌଣସି ନିର୍ଦ୍ଦିଷ୍ଟ ଭୌଗୋଳିକ ସୀମା ନଥାଏ ।

୫. ରାଷ୍ଟ୍ର ଏକ ସ୍ଥାୟୀ ସଂଘ କିନ୍ତୁ ରାଷ୍ଟ୍ର ଭିତରେ ଥିବା ସଂଘଗୁଡ଼ିକ ଅସ୍ଥାୟୀ।

୬. ରାଷ୍ଟ୍ରର ବହୁବିଧ ଉଦ୍ଦେଶ୍ୟ ଥିଲାବେଳେ ସଂଘର କେତେକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଥାଏ।

୭. ରାଷ୍ଟ୍ରର ସାର୍ବଭୌମତ୍ୱ କ୍ଷମତା ରହିଥିବା ବେଳେ ଅନ୍ୟାନ୍ୟ ସଂଘଗୁଡ଼ିକର ସେହି କ୍ଷମତା ନାହିଁ। ରାଷ୍ଟ୍ର ସଂଘ ଅନ୍ୟାନ୍ୟ ସଂଘମାନଙ୍କର କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରେ। ରାଷ୍ଟ୍ରର ନୀତି ନିୟମ ନମାନିଲେ ତାର କଠୋର ଦଣ୍ଡ ଦେବା କ୍ଷମତା ରହିଥିବାବେଳେ ସଂଘଗୁଡ଼ିକର ଦଣ୍ଡ ଦେବା କ୍ଷମତା ସୀମିତ।

୮. ରାଷ୍ଟ୍ର ଅଖଣ୍ଡ କ୍ଷମତାଶାଳୀ। ସଂଘଗୁଡ଼ିକ ସେମାନଙ୍କର ବୈଧତା ପାଇଁ ରାଷ୍ଟ୍ରର ସ୍ୱୀକୃତି ଲାଭ କରିଥାନ୍ତି।

ତେଣୁ ରାଷ୍ଟ୍ର ଏବଂ ସଂଘ ମଧ୍ୟରେ ସମନ୍ୱୟ ରହିଲେ ବ୍ୟକ୍ତିର ବିକାଶ ସହିତ ସାମାଜିକ ସମୃଦ୍ଧି ଘଟିଥାଏ। ଏହି ଦୃଷ୍ଟିରୁ ରାଷ୍ଟ୍ରକୁ ସଂଘମାନଙ୍କର ଏକ ସଂଘ କହିବା ଯଥାର୍ଥ ଅଟେ।

ରାଷ୍ଟ୍ର ଓ ସରକାର (State and Government) :

ବେଳେ ବେଳେ ରାଷ୍ଟ୍ର ଏବଂ ସରକାରଙ୍କୁ ଅଭିନ୍ନ ବୋଲି ଲୋକେ କୁହନ୍ତି। କିନ୍ତୁ ବାସ୍ତବରେ ଏହା ନୁହେଁ। ରାଷ୍ଟ୍ର ଏବଂ ସରକାର ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି।

୧. ରାଷ୍ଟ୍ର ସମଗ୍ର ଶରୀର ହେଲେ ସରକାର ତା'ର ଏକ ଅଙ୍ଗ। ସରକାର ରାଷ୍ଟ୍ରର ଏକ ଉପାଦାନ। ସରକାର ନଥିଲେ ରାଷ୍ଟ୍ର ଅସଂପୂର୍ଣ୍ଣ।

୨. ରାଷ୍ଟ୍ରର ଇଚ୍ଛାକୁ ସରକାର କାର୍ଯ୍ୟକାରୀ କରେ। ରାଷ୍ଟ୍ର ମାଲିକ, ସରକାର ତା'ର ପ୍ରତିନିଧି।

୩. ରାଷ୍ଟ୍ରରେ ଥିବା ସମସ୍ତ ଅଧିବାସୀ ତା'ର ସଦସ୍ୟ। କିନ୍ତୁ କେତେକ ନିର୍ଦ୍ଦିଷ୍ଟ ନିର୍ବାଚିତ ବ୍ୟକ୍ତି ସରକାରର ସଦସ୍ୟ।

୪. ରାଷ୍ଟ୍ର ଚିରସ୍ଥାୟୀ ହୋଇଥିବା ବେଳେ ସରକାର କ୍ଷଣସ୍ଥାୟୀ। ରାଷ୍ଟ୍ର ସବୁଦିନ ପାଇଁ ରହିଥିବା ବେଳେ ସରକାର ବଦଳୁଥାଏ।

୫. ରାଷ୍ଟ୍ରର ସାର୍ବଭୌମ କ୍ଷମତା ଥିବାବେଳେ ସରକାରର ସେହି କ୍ଷମତା ନଥାଏ। ସେହି କ୍ଷମତାକୁ ପ୍ରୟୋଗ କରିବା ପାଇଁ ସରକାରଙ୍କୁ ଅଧିକାର ଦିଆଯାଇଥାଏ।

୬. ରାଷ୍ଟ୍ର ବିରୁଦ୍ଧରେ ନାଗରିକ ଯାଇପାରିବେ ନାହିଁ। କିନ୍ତୁ ସରକାରଙ୍କୁ ଗାଦିଚ୍ୟୁତ କରିବାପାଇଁ ନାଗରିକ ସରକାର ବିରୁଦ୍ଧରେ ଯାଇପାରିବେ ।

୭. ରାଷ୍ଟ୍ରର ଉପାଦାନ ସବୁଠି ସମାନ କିନ୍ତୁ ସରକାର ଭିନ୍ନ ଭିନ୍ନ।

୮. ରାଷ୍ଟ୍ରକୁ ଦେଖିହୁଏ ନାହିଁ କିନ୍ତୁ ସରକାରଙ୍କୁ ଦେଖି ହୁଏ। ରାଷ୍ଟ୍ର କାଳ୍ପନିକ ସଂସ୍ଥା ହୋଇଥିବା ବେଳେ ସରକାର ବାସ୍ତବ ସଂଜ୍ଞା।

ରାଷ୍ଟ୍ର ନାମରେ ସରକାର ସମସ୍ତ କାର୍ଯ୍ୟ କରନ୍ତି । ରାଷ୍ଟ୍ର ଏକ ଅଦୃଶ୍ୟ ଶକ୍ତି ଯାହାର ମହାନ୍ ରୂପ ସରକାର ଅଙ୍କନ କରିଥାନ୍ତି । ଅଧ୍ୟାପକ ଲାସ୍କି କହିଛନ୍ତି, 'ତାତ୍ତ୍ୱିକ ଦୃଷ୍ଟି କୋଣରୁ ସରକାର ଓ ରାଷ୍ଟ୍ର ମଧ୍ୟରେ ତାରତମ୍ୟ ରହିଛି କିନ୍ତୁ ବାସ୍ତବ ଜୀବନରେ ସରକାର ବିନା ରାଷ୍ଟ୍ରକୁ କଳ୍ପନା କରାଯାଇପାରେ ନାହିଁ । ରାଷ୍ଟ୍ରର ସବୁ କାମ ସରକାରଙ୍କ କାମ ହୋଇଥାଏ ।'

ରାଷ୍ଟ୍ର ଓ ଜାତି (State and Nation) :

ଆଧୁନିକ ରାଷ୍ଟ୍ର ହେଉଛ ଗତି ଭିତ୍ତିକ ରାଷ୍ଟ୍ର । ଜାତୀୟ ସ୍ୱାର୍ଥ କହିଲେ ରାଷ୍ଟ୍ରର ସ୍ୱାର୍ଥକୁ ବୁଝାଏ । ଗୋଟିଏ ରାଷ୍ଟ୍ରର ଅଧିକାରୀଙ୍କ ଚରିତ୍ରକୁ 'ଜାତୀୟ ଚରିତ୍ର' ଆଖ୍ୟା ଦିଆଯାଇଥାଏ । ତେଣୁ ପ୍ରାୟ ସମାନ ଅର୍ଥରେ ରାଷ୍ଟ୍ର ଓ ଜାତି ବ୍ୟବହୃତ ହୋଇଥାଏ । 'ଜାତି' ଶବ୍ଦଟି ଲାଟିନ୍ ଭାଷାର 'ନାସିଓ'(Natio) ଶବ୍ଦରୁ ଆସିଛି, ଯାହାର ଅର୍ଥ ହେଉଛି ଜନ୍ମ ବା ବଂଶ । ଅର୍ଥାତ୍ ଜଣେ ସାଧାରଣ ପୂର୍ବଜ ବଂଶଧରଙ୍କୁ ନେଇ ଗଠିତ ଜନସମ୍ପ୍ରଦାୟକୁ ଗୋଟିଏ ଜାତି ବୋଲି କୁହାଯାଏ । ପ୍ରଫେସର ଗୀଲକ୍ରୀଷ୍ଟଙ୍କ ମତରେ 'ଜାତି' ଶବ୍ଦଟି 'ରାଷ୍ଟ୍ର' ର ନିକଟବର୍ତ୍ତୀ । ମାତ୍ର ଜାତି ଶବ୍ଦର ଅର୍ଥ ବ୍ୟାପକ । ରାଷ୍ଟ୍ର ସହିତ ଜାତୀୟତାର ମିଶ୍ରଣରେ 'ଜାତି' ଗଠିତ ହୁଏ । ଜାତି ଯେତେବେଳେ ସାର୍ବଭୌମ ରାଷ୍ଟ୍ରର ଅଧିକାରୀ ହୁଏ, ତାହାକୁ ଇଂରାଜୀ ଭାଷାରେ Nation କୁହାଯାଏ । ଏହି କ୍ଷେତ୍ରରେ ଜାତି ଓ ରାଷ୍ଟ୍ର ସମର୍ଥକ ଶବ୍ଦ ଭାବରେ ବ୍ୟବହୃତ ହୋଇଥାଏ । ଫରାସୀ ରାଷ୍ଟ୍ର ସ୍ଥାନରେ ଫରାସୀ ଜାତି, ଭାରତୀୟ ରାଷ୍ଟ୍ର ସ୍ଥାନରେ ଭାରତୀୟ ଜାତିର ବ୍ୟବହାର ଦେଖିବାକୁ ମିଳିଥାଏ । ଜାତି ଯେତେବେଳେ ରାଜନୈତିକ ସ୍ୱାଧୀନତା ପାଇଁ ଉଦ୍ୟମ କରୁଥାଏ, ଅର୍ଥାତ୍ ଏକ ସାର୍ବଭୌମରାଷ୍ଟ୍ର ପ୍ରତିଷ୍ଠାପାଇଁ ସଂଗ୍ରାମ କରୁଥାଏ, ତାହାକୁ ଇଂରାଜୀ ଭାଷାରେ Nationality କୁହାଯାଏ । ୧୯୪୭ ମସିହା ପୂର୍ବରୁ ଭାରତ, ୧୯୭୧ ମସିହାରେ ସ୍ୱାଧୀନତା ଲାଭ ପୂର୍ବରୁ ବଙ୍ଗଳା ଦେଶ ଏହାର ଉଦାହରଣ ।

ରାଷ୍ଟ୍ର ଓ ଜାତି ଅନେକ ସମୟରେ ଏକ ଓ ଅଭିନ୍ନ ଶବ୍ଦରୂପେ ବ୍ୟବହୃତ ହେଉଥିଲେ ହେଁ, ଉଭୟ ପରସ୍ପରଠାରୁ ପୃଥକ୍ ।

(୧) ରାଷ୍ଟ୍ର ଏକ ବାସ୍ତବ ରାଜନୈତିକ ସଂଗଠନ ହୋଇଥିଲାବେଳେ ଜାତି ହେଉଛି ଏଭ ଭାବଗତ ଧାରଣା । ରାଷ୍ଟ୍ରର ଆଇନସମ୍ମତ ସ୍ଥିତି ରହିଛି । ଆତ୍ମିକ ସ୍ତରରେ ଜାତି ଏକ ଭାବଭିତ୍ତିକ ସତ୍ତା ।

(୨) ରାଷ୍ଟ୍ରର ଚାରୋଟି ମୌଳିକ ଉପାଦାନ ରହିଛି । ଯଥା – ଜନବସତି, ଭୌଗୋଳିକ ପରିସୀମା, ସରକାର ଓ ସାର୍ବଭୌମତ୍ୱ । ମାତ୍ର ଜାତି କେତେକ ସାଂସ୍କୃତିକ ଉପାଦାନକୁ ନେଇ ଗଠିତ ।

(୩) ରାଷ୍ଟ୍ର ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡ ମଧ୍ୟରେ ଆବଦ୍ଧ । ମାତ୍ର ଜାତିର କୌଣସି ଆଞ୍ଚଳିକତା ନାହିଁ । ଗୋଟିଏ ଜାତିର ଲୋକେ ଦୁଇଟି ରାଷ୍ଟ୍ରରେ ବସବାସ କରିପାରନ୍ତି । କିମ୍ବା ଦୁଇ ବା ତତୋଧିକ ଜାତିର ଲୋକେ ଗୋଟିଏ ରାଷ୍ଟ୍ରରେ ବାସ କରିପାରନ୍ତି ।

(୪) 'ଜାତି'ର ପରିଚୟ ଅନ୍ତର୍ମୁଖୀ, 'ରାଷ୍ଟ୍ର'ର ଅସ୍ତିତ୍ୱ ବର୍ହିମୁଖୀ । ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ସୀମା ସରହଦ ମଧ୍ୟରେ ଆଇନ୍ ପାଇଁ ସଂଗଠିତ ଜନସମାଜକୁ ନେଇ ରାଷ୍ଟ୍ରର ସୃଷ୍ଟି । କିନ୍ତୁ ଗୋଟିଏ ସରକାର ଦ୍ୱାରା ଶାସିତ ଜନତା ମଧ୍ୟ ଏକଜାତି ସୃଷ୍ଟି କରିପାରନ୍ତି ନାହିଁ । ଉଦାହରଣ ସ୍ୱରୂପ, ଅଷ୍ଟ୍ରିଆ ଓ ହଙ୍ଗେରୀ ପ୍ରଥମ ବିଶ୍ୱଯୁଦ୍ଧ

ପୂର୍ବରୁ ଏକ ରାଷ୍ଟ୍ର ଥିଲା । କିନ୍ତୁ ସେମାନେ ଏକ ଜାତି ସୃଷ୍ଟି କରି ପାରି ନଥିଲେ । ସେହିପରି ୧୯୪୫ ମସିହାପରେ ଜର୍ମାନୀ ଓ ଜାପାନ ସେମାନଙ୍କର ସାର୍ବଭୌମତ୍ୱ ହରାଇ ରାଷ୍ଟ୍ରପଦରୁ ବଞ୍ଚିତ ଥିଲେ, କିନ୍ତୁ ସେମାନଙ୍କର 'ଜାତି' ଗତ ପରିଚୟ ଲୋପ ପାଇନଥିଲା ।

'ଜାତିକୁ ଭିତ୍ତିକରି ରାଷ୍ଟ୍ର ଗଠନ' କିମ୍ବା ପ୍ରତ୍ୟେକ ଜାତି ପାଇଁ ଗୋଟିଏ ରାଷ୍ଟ୍ର ନୀତିର ସପକ୍ଷ ଓ ବିପକ୍ଷରେ ଯୁକ୍ତି ରହିଛି । ଜନ ଷ୍ଟୁଆର୍ଟ୍ ମିଲ୍ ଥିଲେ ଏହି ନୀତିର ଜଣେ ସମର୍ଥକ । ମାତ୍ର ଲର୍ଡ୍ ଆକଟନ ଓ ଅନ୍ୟମାନେ ଏହି ନୀତିର ବିରୋଧ କରିଥାଆନ୍ତି । ସେମାନଙ୍କର ଯୁକ୍ତି ହେଲା, ଏକ ଜାତିଭିତ୍ତିକ ରାଷ୍ଟ୍ରରେ ବିଭିନ୍ନତାର ଅନୁପସ୍ଥିତିରେ ସ୍ୱାଧୀନତା ବିପନ୍ନ ହୁଏ । ପ୍ରଗତି ବ୍ୟାହତ ହୁଏ । ମାନବ ସଭ୍ୟତାର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏକାଧିକ ମତକୁ ନେଇ ଗଠିତ ରାଷ୍ଟ୍ର ସ୍ପୃହଣୀୟ ।

ସଂକ୍ଷିପ୍ତ ସୂଚନା

- ରାଜନୀତି ବିଜ୍ଞାନର ମୁଖ୍ୟ ଆଲୋଚ୍ୟ ବିଷୟ ହେଉଛି ରାଷ୍ଟ୍ର । ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ରାଜନୈତିକ ଉଦ୍ଦେଶ୍ୟ ପାଇଁ ସଂଗଠିତ ସମାଜ ହେଉଛି ରାଷ୍ଟ୍ର ।
- ରାଷ୍ଟ୍ରର ଚାରିଗୋଟିଏ ମୌଳିକ ଉପଦାନ ରହିଛି । ସେଗୁଡ଼ିକ ହେଲା – ଜନସମୂହ, ଭୂଖଣ୍ଡ, ସରକାର ଓ ସାର୍ବଭୌମତ୍ୱ ।
- ରାଷ୍ଟ୍ରର ମୁଖ୍ୟ ଲକ୍ଷଣ ହେଲା ସାର୍ବଭୌମତ୍ୱ – ଯାହା ଆଭ୍ୟନ୍ତରୀଣ କ୍ଷେତ୍ରରେ ସର୍ବୋଚ୍ଚ କ୍ଷମତା ଏବଂ ବାହ୍ୟ କ୍ଷେତ୍ରରେ ବହିଃଶକ୍ତିର ଅଧୀନରୁ ମୁକ୍ତ ହେବାକୁ ବୁଝାଏ ।
- ସମାଜ ରାଷ୍ଟ୍ର ଠାରୁ ଉର୍ଦ୍ଧ୍ୱରେ ଏବଂ ପ୍ରଥମେ ସମାଜ, ତାପରେ ରାଷ୍ଟ୍ରର ପରିକଳ୍ପନା । ସମାଜ-ଜୀବନ କହିଲେ ମନୁଷ୍ୟର ସାମୂହିକ ଜୀବନକୁ ବୁଝାଏ । କିନ୍ତୁ ରାଷ୍ଟ୍ର ମନୁଷ୍ୟର ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ପ୍ରତିଷ୍ଠିତ ଏକ ସଂଗଠନ ।
- ରାଷ୍ଟ୍ର ହେଉଛି 'ସଂଘମାନଙ୍କର ସଂଘ' – କାରଣ ଏହାର ସାର୍ବଭୌମତ୍ୱ ରହିଛି ।
- ସରକାର ହେଉଛି ରାଷ୍ଟ୍ରର ଜୀବନ୍ତ ପ୍ରତିନିଧି । ରାଷ୍ଟ୍ର ତାହାର ସମସ୍ତ କାର୍ଯ୍ୟ ସରକାର ମାଧ୍ୟମରେ ହିଁ ସମ୍ପାଦନ କରେ । ତେଣୁ 'ସରକାର' ରାଷ୍ଟ୍ରର କାର୍ଯ୍ୟକାରୀ ଶକ୍ତି ।
- ରାଷ୍ଟ୍ର ଓ ଜାତି ସମର୍ଥକ ଶବ୍ଦ ଭାବରେ ବ୍ୟବହୃତ ହୋଇଥାଏ । ମାତ୍ର ରାଷ୍ଟ୍ର ଏକ ବାସ୍ତବ ରାଜନୈତିକ ସଂଗଠନ ହୋଇଥିଲା ବେଳେ, ଜାତି ହେଉଛି ଏକ ଭାବଗତ ଧାରଣା । ରାଷ୍ଟ୍ର ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡ ମଧ୍ୟରେ ଆବଦ୍ଧ । ମାତ୍ର ଜାତିର କୌଣସି ଆଞ୍ଚଳିକତା ନାହିଁ । ଗୋଟିଏ ଜାତିର ଲୋକେ ଦୁଇଟି ରାଷ୍ଟ୍ରରେ ବାସ କରିପାରନ୍ତି । କିମ୍ବା ଦୁଇ ବା ତତୋଽଧିକ ଜାତିର ଲୋକ ଗୋଟିଏ ରାଷ୍ଟ୍ରରେ ବାସ କରିପାରନ୍ତି ।

ଆଦର୍ଶ ପ୍ରଶ୍ନାବଳୀ

('କ' - ବିଭାଗ)

୧. ଶୁନ୍ୟସ୍ଥାନ ପୁରଣ କର :

(କ) 'ରାଷ୍ଟ୍ର' ଶବ୍ଦଟି _________ ଲାଟିନ୍ (Latin) ଶବ୍ଦରୁ ଆସିଛି ।

(ଖ) ରାଷ୍ଟ୍ରର _________ ଟି ଉପାଦାନ ଅଛି ।

(ଗ) ରାଷ୍ଟ୍ରର ସଦସ୍ୟମାନଙ୍କୁ _________ କୁହାଯାଏ ।

୨. ଅତିକ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନାବଳୀ :

(କ) କେଉଁଟି ରାଷ୍ଟ୍ରର ପ୍ରଥମ ଓ ଅତ୍ୟାବଶ୍ୟକ ଉପାଦାନ ?

(ଖ) ଦଶହଜାର (୧୦୦୦୦) ଜନସଂଖ୍ୟା ରାଷ୍ଟ୍ର ପାଇଁ ଆଦର୍ଶ- କିଏ କହିଥିଲେ ?

(ଗ) କିଏ କହିଥିଲେ ସୁନାଗରିକ ହିଁ ଏକ ଉତ୍ତମ ରାଷ୍ଟ୍ର ଗଠନ କରନ୍ତି ?

୩. କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନାବଳୀ :

(କ) କେଉଁଗୁଡ଼ିକ ରାଷ୍ଟ୍ର ଭୁଖଣ୍ଡର ମୂଖ୍ୟ ଅଂଶ ?

(ଖ) ରାଷ୍ଟ୍ର ଓ ସମାଜ ମଧ୍ୟରେ କି ପାର୍ଥକ୍ୟ ରହିଛି ?

(ଗ) ରାଷ୍ଟ୍ର ଓ ସରକାର ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଅ ।

(ଘ) ରାଷ୍ଟ୍ର ଓ ଜାତି କିପରି ଅଲଗା ଦର୍ଶାଅ ।

('ଖ' - ବିଭାଗ)

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନାବଳୀ :

୧. ରାଷ୍ଟ୍ରର ସଂଜ୍ଞା ନିରୂପିତ କରି ଏହାର ଉପାଦାନଗୁଡ଼ିକୁ ଉଲ୍ଲେଖ କର ।

୨. ସରକାର କାହାକୁ କୁହାଯାଏ ? ରାଷ୍ଟ୍ର ଏବଂ ସରକାର ମଧ୍ୟରେ ଥିବା ପ୍ରଭେଦ ଦର୍ଶାଅ ।

୩. ରାଷ୍ଟ୍ରର ଉପାଦାନଗୁଡ଼ିକ ସମ୍ବନ୍ଧରେ ବିଶଦ ଆଲୋଚନା କର ।

ତୃତୀୟ ଅଧ୍ୟାୟ

ରାଷ୍ଟ୍ରର କାର୍ଯ୍ୟାବଳୀ
(NATURE OF STATE ACTIVITY)

କେତୋଟି ପ୍ରଶ୍ନ ପଚାରି ଏ ଅଧ୍ୟାୟକୁ ଆରମ୍ଭ କରିବା । ରାଷ୍ଟ୍ରର କର୍ତ୍ତବ୍ୟ କ'ଣ ? ରାଷ୍ଟ୍ରର କାର୍ଯ୍ୟାବଳୀର କ୍ଷେତ୍ର କେତେ ବଡ଼ ? ଏହା ଖୁବ୍ ବଡ଼ ନା ଅତି ଛୋଟ ? ବ୍ୟାପକ ପରିମାଣର କାର୍ଯ୍ୟ ସମ୍ପାଦନ କରି ରାଷ୍ଟ୍ର ଆମର ବ୍ୟକ୍ତିଗତ ଓ ସାମୂହିକ ଜୀବନକୁ ଅଧିକ ନିୟନ୍ତ୍ରଣାଧୀନ କରିବା ଉଚିତ୍ ନା ଏହାର କାର୍ଯ୍ୟପରିସରରେ ଅଳ୍ପରେ ସୀମିତ ହେବା ଆବଶ୍ୟକ ? ରାଷ୍ଟ୍ର କେଉଁଭଳି କାର୍ଯ୍ୟ କଲେ ବ୍ୟକ୍ତିର ସ୍ୱାଧୀନତା ଓ ସୁଖ ସର୍ବାଧିକ ହେବ ?

ରାଷ୍ଟ୍ରର ଚରିତ୍ର ତଥା ରାଷ୍ଟ୍ର ଓ ବ୍ୟକ୍ତି ମଧ୍ୟରେ ସମ୍ପର୍କ କ୍ଷେତ୍ରରେ ଏ ପ୍ରଶ୍ନ ଗୁଡ଼ିକ ଖୁବ୍ ଗୁରୁତ୍ୱ ପୂର୍ଣ୍ଣ । ରାଷ୍ଟ୍ରର କାର୍ଯ୍ୟାବଳୀକୁ ନେଇ ଭୀଷଣ ମତ ଭେଦ ତଥା ପରସ୍ପର ବିରୋଧୀ ତତ୍ତ୍ୱସବୁ ରହିଛି । ଏହି ଅଧ୍ୟାୟରେ ଆମ ଆଲୋଚନା କେବଳ ତିନୋଟି ତତ୍ତ୍ୱର ମୂଳକଥାକୁ ବୁଝିବାର ଉଦ୍ୟମ କରିବା । ସେଗୁଡ଼ିକ ହେଲା ବ୍ୟକ୍ତିବାଦ, ଜନମଙ୍ଗଳ ରାଷ୍ଟ୍ର ଓ ଜଗତିକରଣ । ପ୍ରତ୍ୟେକ ତତ୍ତ୍ୱରେ ପୃଥକ୍ ଦୃଷ୍ଟିଭଙ୍ଗୀରୁ ରାଷ୍ଟ୍ରର କାର୍ଯ୍ୟାବଳୀର ପର୍ଯ୍ୟାଲୋଚନା କରାଯାଏ । ଏ ତିନୋଟି ଦୃଷ୍ଟିକୋଣ ଆଧୁନିକ ଉଦାରବାଦୀ ରାଷ୍ଟ୍ରର ଅଭ୍ୟୁଦୟ ପ୍ରକ୍ରିୟା ସହିତ ଜଡ଼ିତ । ମାର୍କ୍ସବାଦୀ ଓ ସମାଜବାଦୀ ତତ୍ତ୍ୱ ଗୁଡ଼ିକରେ ରାଷ୍ଟ୍ରର କାର୍ଯ୍ୟାବଳୀର ଧାରଣା ସମ୍ପୂର୍ଣ୍ଣ ଭାବରେ ଅଲଗା ପ୍ରକାରର ଓ ସେଗୁଡ଼ିକ ବିଷୟରେ ପରବର୍ତ୍ତୀ ସମୟରେ ଆଲୋଚନା କରାଯିବ ।

ବ୍ୟକ୍ତିବାଦ

ପୃଷ୍ଠଭୂମି ଓ ଅର୍ଥ :

ବ୍ୟକ୍ତିବାଦ ହେଉଛି ଉଦାରବାଦୀ ବିଚାରଧାରାର ପ୍ରଧାନ ନୀତି । ଉଦାରବାଦ ହେଉଛି ଶିଳ୍ପୋନ୍ନତ ପାଶ୍ଚାତ୍ୟ ଜଗତର ବିଚାରଧାରା । ମଧ୍ୟ ଯୁଗୀୟ ସାମନ୍ତବାଦର ପତନ ଏବଂ ଏହା ସ୍ଥାନରେ ଏକ ବଜାର ଭିତ୍ତିକ ପୁଞ୍ଜିବାଦୀ ସମାଜର ଆବିର୍ଭାବ ପରିପ୍ରେକ୍ଷୀରେ ଏହି ବିଚାରଧାରା ଜନ୍ମ ନେଇଥିଲା । ପ୍ରାଥମିକ ଅବସ୍ଥାରେ ଶିଳ୍ପକ୍ଷେତ୍ରରେ ସୃଷ୍ଟି ହୋଇଥିବା ମଧ୍ୟବିତ୍ତ ଶ୍ରେଣୀରେ ସ୍ୱାର୍ଥ ଓ ଆକାଂକ୍ଷା ଏହି ଉଦାରବାଦୀ ବିଚାରାଧାରା ବା ଆଦର୍ଶରେ ପ୍ରତିଫଳିତ ହୋଇଥିଲା । ପୁଞ୍ଜିବାଦର କ୍ରମବିକାଶ ସହିତ ଏହି ବିଚାରାଧାରା ଘନିଷ୍ଠ ଭାବରେ ଜଡ଼ିତ ହୋଇ ରହିଛି । ପ୍ରାରମ୍ଭିକ ଉଦାରବାଦ ଅଷ୍ଟାଦଶ ଶତାବ୍ଦୀରେ ଏକ ସ୍ପଷ୍ଟ ରୂପ ନେବା ଆରମ୍ଭ କରିଥିଲା ଏବଂ ଊନବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଏକ ବିକଶିତ ସିଦ୍ଧାନ୍ତ ଭାବରେ ମୁଣ୍ଡ ଟେକି ଥିଲା ।

ପ୍ରଥମ ଅବସ୍ଥାରେ ଉଦାରବାଦ ଅସୀମ କ୍ଷମତା ସମ୍ପନ୍ନ ସରକାର ତଥା ସମାନ୍ତବାଦୀ ସୁବିଧା ସୁଯୋଗ ଗୁଡ଼ିକର ତୀବ୍ର ବିରୋଧ କରିଥିଲା । ଏହା ବଦଳରେ ଏକ ସାମ୍ବିଧାନିକ ସରକାର ପାଇଁ ଯୁକ୍ତି କରାଗଲା । ସାମ୍ବିଧାନିକ ସରକାର ବା ସମ୍ବିଧାନ ଅନୁସାରେ ଗଠିତ ଓ ପରିଚାଳିତ ସରକାରଙ୍କ ପାଖରେ ଅସୀମ ନୁହେଁ ସୀମିତ କ୍ଷମତା ଥାଏ ଏବଂ ଏ କ୍ଷମତାକୁ ମନମୁଖୀ ଭାବରେ ବ୍ୟବହାର କରାଯାଇ ପାରେ ନାହିଁ । ଉନ୍ନବିଂଶ ଶତାବ୍ଦୀର ଆରମ୍ଭରେ ଏକ ସ୍ପଷ୍ଟ ଉଦାରବାଦୀ ଅର୍ଥନୈତିକ ସିଦ୍ଧାନ୍ତ ସୃଷ୍ଟି ହୋଇଥିଲା । ଏହା ଅବାଧ ବା ପ୍ରତିବନ୍ଧ ବିହୀନ ପୁଞ୍ଜିବାଦ (Laissez Faire capitalism :ଲେସେ ଫେୟାର ପୁଞ୍ଜିବାଦ)ର ସମର୍ଥନ କରି ଅର୍ଥନୀତି କ୍ଷେତ୍ରରେ ରାଷ୍ଟ୍ରର ହସ୍ତକ୍ଷେପକୁ ସମ୍ପୂର୍ଣ୍ଣ ବିରୋଧ କଲା ।

ବ୍ୟକ୍ତିବାଦ ବା ରାଷ୍ଟ୍ରର କାର୍ଯ୍ୟବଳୀର ବ୍ୟକ୍ତିବାଦୀ ତତ୍ତ୍ୱ ହେଉଛି ପ୍ରାରମ୍ଭିକ ଉଦାରବାଦର ମୂଳ ଭାବନା । କୌଣସି ସାମାଜିକ ଗୋଷ୍ଠୀ ବା ଜନସମୂହ ଅପେକ୍ଷା ବ୍ୟକ୍ତିର ମହତ୍ତ୍ୱ ଅଧିକ ବୋଲି ବ୍ୟକ୍ତିବାଦର ଦୃଢ଼ ବିଶ୍ୱାସ କରାଯାଏ । ମଣିଷମାନେ ହେଲେ ନିଜସ୍ୱ ସ୍ୱତନ୍ତ୍ର ପରିଚୟ ଥିବା ଅଲଗା ଅଲଗା ବ୍ୟକ୍ତି । ତେଣୁ ଏଭଳି ଏକ ସମାଜ ଗଠନର ଆବଶ୍ୟକତା ରହିଛି ଯେଉଁଠି ପ୍ରତ୍ୟେକ ବ୍ୟକ୍ତି ନିଜର ସାମର୍ଥ୍ୟ ଅନୁସାରେ ନିଜେ ଯାହା ଭଲ ବା ଆବଶ୍ୟକ ବୋଲି ବିଚାର କରୁଛି ତାକୁ ହାସଲ କରିବାକୁ ଉଦ୍ୟମ କରିପାରିବ । ଏହାଫଳରେ ବ୍ୟକ୍ତିର ବିକାଶ ଓ ସମୃଦ୍ଧି ସମ୍ଭବ । ବ୍ୟକ୍ତି ନିକଟରେ ଯୁକ୍ତି ସମ୍ମତ ବିଚାର କରିବାର ଶକ୍ତି ରହିଛି ଏହା ଫଳରେ ନିଜର ସ୍ୱାର୍ଥକତା ଓ ସ୍ୱାର୍ଥ ସାଧନର ଉପାୟ ସେ ଜାଣିପାରେ । ତେଣୁ ବ୍ୟକ୍ତିମାନେ ନିଜର ବ୍ୟକ୍ତିତ୍ୱ ଓ ସାମର୍ଥ୍ୟର ମାଲିକ । ସେମାନେ ସମ୍ପୂର୍ଣ୍ଣ ରୂପେ ଆତ୍ମନିର୍ଭରଶୀଳ । ସମାଜ ବା ଅନ୍ୟ ବ୍ୟକ୍ତିଙ୍କ ଉପରେ ସେମାନେ ନିର୍ଭର କରନ୍ତି ନାହିଁ । ତେଣୁ ବ୍ୟକ୍ତିର ସ୍ୱାତନ୍ତ୍ର୍ୟରେ ହସ୍ତକ୍ଷେପ କରୁଥିବା କୌଣସି ବାହ୍ୟ ନିୟନ୍ତ୍ରଣ ଗ୍ରହଣଯୋଗ୍ୟ ନୁହେଁ । ଏଭଳି ଯୁକ୍ତିକୁ ଦେଖିଲେ ରାଷ୍ଟ୍ର ତଥା ସମସ୍ତ ପ୍ରକାରର ସରକାରୀ ହସ୍ତକ୍ଷେପକୁ ଯେ ବ୍ୟକ୍ତିବାଦ ଘୋର ବିରୋଧ କରେ ତାହା ଜଣାପଡ଼େ ।

ବ୍ୟକ୍ତିବାଦୀମାନଙ୍କ ମତରେ ରାଷ୍ଟ୍ରର କାର୍ଯ୍ୟାବଳୀକୁ ସର୍ବନିମ୍ନ ସ୍ତରକୁ ହ୍ରାସ କରିପାରିଲେ ବ୍ୟକ୍ତିର ସ୍ୱାଧୀନତା ସର୍ବାଧିକ ହୋଇପାରିବ । ସେମାନଙ୍କ ଯୁକ୍ତି ଅନୁସାରେ ସବୁଠୁ କମ୍ ଶାସନ କରୁଥିବା ରାଷ୍ଟ୍ର ହିଁ ସର୍ବୋତ୍କୃଷ୍ଟ ରାଷ୍ଟ୍ର । ବ୍ୟକ୍ତିକୁ ହିଂସା ଓ ଠକାମିରୁ ସୁରକ୍ଷା ପ୍ରଦାନ କରିବା ରାଷ୍ଟ୍ରର ଏକମାତ୍ର ଦାୟିତ୍ୱ ହେବା ଆବଶ୍ୟକ । ତେଣୁ ରାଷ୍ଟ୍ରର ମୌଳିକ କାର୍ଯ୍ୟ ହେଉଛି ବାହ୍ୟ ଓ ଆଭ୍ୟନ୍ତରୀଣ ବିପଦରୁ ସୁରକ୍ଷା ପ୍ରଦାନ । ରାଷ୍ଟ୍ର କେବଳ ପୋଲିସ୍‌ର କାମ କରିବ । ଏହା ଫଳରେ ଶିଳ୍ପ, ବାଣିଜ୍ୟ, ଶିକ୍ଷା, କଳା, ବିଜ୍ଞାନ, ଖେଳ ଆଦି ଅନ୍ୟାନ୍ୟ କ୍ଷେତ୍ରରେ ବ୍ୟକ୍ତିକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ମିଳିବ ଓ ବ୍ୟକ୍ତି ଏସବୁରେ ନିଜସ୍ୱ ଉଦ୍ୟମ ଆରମ୍ଭ କରିପାରିବ । ଜନହିତ ସାଧନ କରିବା ରାଷ୍ଟ୍ରର କର୍ତ୍ତବ୍ୟ ନୁହେଁ । ପ୍ରତ୍ୟେକ ବ୍ୟକ୍ତି ନିକଟରେ ନିଜର ସ୍ୱାର୍ଥ ହାସଲ ପାଇଁ ଉଦ୍ୟମ କରିବାର ସ୍ୱାଧୀନତା ରହିଲେ ସମାଜର ସାମୂହିକ ମଙ୍ଗଳ ହୋଇପାରିବ ବୋଲି ବ୍ୟକ୍ତିବାଦୀମାନେ ବିଚାର କରୁଥିଲେ ।

ବ୍ୟକ୍ତିବାଦ 'ଲେସେ ଫେୟାର' (Laissez Faire) ନୀତି ସପକ୍ଷରେ ଯୁକ୍ତି କରେ । ଏହା ଫରାସୀ ଭାଷାର ଏକ ଶବ୍ଦ ଏବଂ ଏହାର ଅର୍ଥ ହେଉଛି ବ୍ୟକ୍ତିକୁ 'ଏକାକୀ ଛାଡ଼ି ଦିଅ' । ଏଥିରୁ ସୂଚନା ମିଳୁଛି ଯେ ବ୍ୟକ୍ତିମାନଙ୍କର ଅର୍ଥନୈତିକ କାର୍ଯ୍ୟକଳାପରେ ରାଷ୍ଟ୍ର ଆଦୌ ହସ୍ତକ୍ଷେପ କରିବ ନାହିଁ । ଶିଳ୍ପ ଓ ବଜାର ରାଷ୍ଟ୍ରର

ନିୟନ୍ତ୍ରଣରୁ ମୁକ୍ତ ରହିବ। ବ୍ୟକ୍ତିର ସମ୍ପତ୍ତିଗତ ଅଧିକାର ରହିବ। ଏପରି ନହେଲେ ବ୍ୟକ୍ତିର ସ୍ୱାଧୀନତା ରହିବ ନାହିଁ। ରାଷ୍ଟ୍ର କେବଳ ବ୍ୟକ୍ତିର ସମ୍ପତ୍ତିଗତ ଅଧିକାରକୁ ସୁରକ୍ଷିତ କରିବ ଏବଂ ବ୍ୟକ୍ତି ଓ ଅନୁଷ୍ଠାନମାନଙ୍କ ମଧ୍ୟରେ ହେଉଥିବା ରାଜିନାମା ବା ଚୁକ୍ତି ସବୁକୁ କାର୍ଯ୍ୟକାରୀ କରାଇବ।

ବ୍ୟକ୍ତିବାଦରେ ଏସବୁ କାରଣ ହେତୁ ରାଷ୍ଟ୍ରକୁ ଏକ 'ଆବଶ୍ୟକୀୟ ମନ୍ଦ' ଅନୁଷ୍ଠାନ ଭାବରେ ଅଭିହିତ କରାଯାଇଛି। ଆଇନ ଶୃଙ୍ଖଳା ରକ୍ଷା ଓ ସୁରକ୍ଷା ପ୍ରଦାନ ପାଇଁ ତଥା ଚୁକ୍ତି କାର୍ଯ୍ୟକାରୀ କରାଇବା ପାଇଁ ରାଷ୍ଟ୍ରର ଆବଶ୍ୟକତା ରହିଛି। ରାଷ୍ଟ୍ର ନଥିଲେ ବ୍ୟକ୍ତିର ସ୍ୱାଧୀନତା ସୁରକ୍ଷିତ ନୁହେଁ। ତେବେ ରାଷ୍ଟ୍ରଟି ମନ୍ଦ ଅନୁଷ୍ଠାନ କାରଣ ଏହା ବ୍ୟକ୍ତି ସ୍ୱାଧୀନତାକୁ ନିୟନ୍ତ୍ରଣ ଓ ସଙ୍କୁଚିତ କରିଥାଏ। ତେଣୁ ବ୍ୟକ୍ତିବାଦରେ ସର୍ବନିମ୍ନ କାର୍ଯ୍ୟ ସମ୍ପାଦନା କରୁଥିବା ଏକ 'ରାତ୍ରୀ ଜଗୁଆଳୀ' ରାଷ୍ଟ୍ରର ଧାରଣାକୁ ସମର୍ଥନ କରାଯାଇଛି। ଆଡ଼ାମ୍ ସ୍ମିଥ୍, ଜନ୍ ଷ୍ଟୁଆର୍ଟ ମିଲ୍ ଓ ହର୍‌ବର୍ଟ ସ୍ପେନ୍ସର୍ ହେଉଛନ୍ତି ବ୍ୟକ୍ତିବାଦୀ ତତ୍ତ୍ୱର ମୁଖ୍ୟ ପ୍ରବକ୍ତା।

ବ୍ୟକ୍ତିବାଦର ଯଥାର୍ଥତା :

ବ୍ୟକ୍ତିବାଦୀମାନେ ବିଭିନ୍ନଯୁକ୍ତି ଭିତ୍ତିରେ ସେମାନଙ୍କ ବିଚାରକୁ ଯଥାର୍ଥ ବୋଲି ପ୍ରତିପାଦନ କରିଥାନ୍ତି। ସେଗୁଡ଼ିକ ହେଲା : (୧) ନୈତିକ ଯୁକ୍ତି (୨) ଅର୍ଥନୈତିକ ଯୁକ୍ତି (୩) ଜୀବତାତ୍ତ୍ୱିକ ଯୁକ୍ତି ଓ (୪) ବ୍ୟବହାରିକ ଯୁକ୍ତି।

୧. ନୈତିକ ଯୁକ୍ତି :

ନୈତିକ ଯୁକ୍ତି ଅନୁସାରେ ରାଷ୍ଟ୍ରର ହସ୍ତକ୍ଷେପ ଫଳରେ ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ଚରିତ୍ରର ବିକାଶ ହୋଇପାରେ ନାହିଁ। ରାଷ୍ଟ୍ର ଯଦି ବ୍ୟକ୍ତିର କ୍ଷେତ୍ରରେ ପ୍ରବେଶ କରେ ଓ ବ୍ୟକ୍ତିର କାର୍ଯ୍ୟସବୁ ସମ୍ପାଦନ କରେ, ତାହାହେଲେ ବ୍ୟକ୍ତି ତା'ର ସାମର୍ଥ୍ୟ ଓ ନିଜସ୍ୱ ଉଦ୍ୟମ ଆରମ୍ଭ କରିବାର ପ୍ରବୃତ୍ତି ହରାଇ ବସେ। ଏହା ଫଳରେ ସେ ଅନ୍ୟମାନଙ୍କ ଉପରେ ନିର୍ଭର କରେ ଏବଂ ନିଜ ବ୍ୟକ୍ତିତ୍ୱର ବିକାଶ କରିବାର ସୁଯୋଗରୁ ବଞ୍ଚିତ ହୁଏ।

ନୈତିକ ଦୃଷ୍ଟିରୁ ରାଷ୍ଟ୍ରର ହସ୍ତକ୍ଷେପ ତ୍ରୁଟିପୂର୍ଣ୍ଣ। ଜେରେମି ବେନ୍ଥାମ୍‌ଙ୍କ ମତରେ ନିଜ ପାଇଁ କ'ଣ ଠିକ୍ ବା କଣ ଭୁଲ, କଣ ନୈତିକ ବା କଣ ଅନୈତିକ – ଏହାର ଶ୍ରେଷ୍ଠ ବିଚାରକ ହେଉଛି ବ୍ୟକ୍ତି ନିଜେ। ତେଣୁ ଆଇନକୁ ମାନୁଥିବା ବ୍ୟକ୍ତିଙ୍କର କାର୍ଯ୍ୟକଳାପରେ ରାଷ୍ଟ୍ର ଆଦୌ ହସ୍ତକ୍ଷେପ କରିବା ଉଚିତ ନୁହେଁ। ଜନ୍ ଷ୍ଟୁଆଟ ମିଲ୍ ବ୍ୟକ୍ତିର ଚିନ୍ତା ଓ ପ୍ରକାଶ କରିବା ସ୍ୱାଧୀନତାକୁ ଦୃଢ଼ ସମର୍ଥନ କରନ୍ତି କାରଣ ଏହା ସମାଜ ପାଇଁ ଉପଯୋଗୀ ଓ ବ୍ୟକ୍ତିର ଆତ୍ମମର୍ଯ୍ୟାଦା ପାଇଁ ଏକାନ୍ତ ଆବଶ୍ୟକ। ତାଙ୍କ ମତରେ ବ୍ୟକ୍ତିର କାର୍ଯ୍ୟକଳାପ ଯେତେବେଳେ କେବଳ ତା ନିଜ ସମ୍ପର୍କରେ ହୋଇଥାଏ ଓ ଏହା ସମାଜକୁ ପ୍ରଭାବିତ କରେ ନାହିଁ। ସେତେବେଳେ ବ୍ୟକ୍ତି ତା'ର ଆଚରଣରେ ସମ୍ପୂର୍ଣ୍ଣ ଭାବରେ ସ୍ୱାଧୀନ ହେବା ଉଚିତ। ବ୍ୟକ୍ତିତ୍ୱର ପୂର୍ଣ୍ଣ ବିକାଶ ପାଇଁ ଚିନ୍ତା, ବକ୍ତବ୍ୟ ଓ ଆଚରଣରେ ଯେଉଁ ସ୍ୱାଧୀନତା ଆବଶ୍ୟକ ସେଥିରେ ରାଷ୍ଟ୍ର କୌଣସି ପ୍ରକାର ହ୍ରାସ ବା ବୃଦ୍ଧି କରିପାରିବ ନାହିଁ।

୨. ଅର୍ଥନୈତିକ ଯୁକ୍ତି :

ଅର୍ଥନୈତିକ ଦୃଷ୍ଟିରୁ ବ୍ୟକ୍ତିବାଦକୁ ଯୁକ୍ତିଯୁକ୍ତ ବୋଲି ଦର୍ଶାଇଛନ୍ତି। ମୁକ୍ତ ବଜାର ପ୍ରକ୍ରିୟାରେ ବ୍ୟକ୍ତିବାଦୀମାନଙ୍କର ଗଭୀର ଆସ୍ଥା ରହିଛି। ସେମାନଙ୍କର ବିଶ୍ୱାସ ଯେ ସରକାରଙ୍କ ନିୟନ୍ତ୍ରଣରୁ ସମ୍ପୂର୍ଣ୍ଣ ମୁକ୍ତ ରହିଲେ ଅର୍ଥନୀତି ସର୍ବୋତ୍କୃଷ୍ଟ ଭାବରେ କାର୍ଯ୍ୟ କରିପାରିବ। ତେଣୁ ବ୍ୟବସାୟ ଓ ଶିଳ୍ପ ଉପରେ ଥିବା ସମସ୍ତ କଟକଣାକୁ ବିଲୋପ କରିବା ପାଇଁ ଆଡ଼ାମ୍ ସ୍ମିଥ୍ ଯୁକ୍ତି ଦର୍ଶାଇଥିଲେ। ଏକ ମୁକ୍ତ ବଜାରରେ ନିଜର ପଣ୍ୟ, ସେବା ଓ ଶ୍ରମ ବିକ୍ରି କରିବା ପାଇଁ ସମସ୍ତ ଉତ୍ପାଦନକାରୀ ଓ ଶ୍ରମଜୀବୀମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ମିଳିବା ଆବଶ୍ୟକ। ଏଭଳି ମୁକ୍ତ ବଜାରରେ ମୁକ୍ତ ପ୍ରତିଯୋଗିତା ମାଧ୍ୟମରେ ଦର ନିର୍ଦ୍ଧାରିତ ହୋଇଥାଏ। ମୁକ୍ତ ଉଦ୍ୟୋଗ, ମୁକ୍ତ ବାଣିଜ୍ୟ ଓ ମୁକ୍ତ ଚୁକ୍ତି (କ୍ରେତା ଓ ବିକ୍ରେତା ମଧ୍ୟରେ ତଥା ମାଲିକ ଓ ଶ୍ରମିକ ମଧ୍ୟରେ) ଫଳରେ ରାଷ୍ଟ୍ରର କାର୍ଯ୍ୟାବଳୀ ହ୍ରାସ ହୋଇଥାଏ ତଥା ସରକାରୀ ନିୟନ୍ତ୍ରଣରୁ ମୁକ୍ତ ହୋଇ ବଜାର ପ୍ରକ୍ରିୟା କାର୍ଯ୍ୟ କରିଥାଏ। ଏଭଳି ଏକ 'ଲେସେ ଫେୟାର୍' ପୁଞ୍ଜିବାଦରେ ଉତ୍ପାଦନ ଓ ସମୃଦ୍ଧି ନିଶ୍ଚୟ ବଢ଼ିବ ଓ ବ୍ୟକ୍ତିର ସ୍ୱାଧୀନତାକୁ ରକ୍ଷା କରାଯାଇପାରିବ। ଏହା ଫଳରେ ବ୍ୟକ୍ତିମାନେ ନିଜର ଯୋଗ୍ୟତା ଅନୁସାରେ ଉନ୍ନତି ବା ଅବନତି ପ୍ରାପ୍ତ କରିବେ ଓ ନ୍ୟାୟ ପ୍ରତିଷ୍ଠା ହୋଇପାରିବ।

୩. ଜୀବତାତ୍ତ୍ୱିକ ଯୁକ୍ତି :

ପ୍ରସିଦ୍ଧ ବ୍ରିଟିଶ୍ ଚାର୍ଲସ୍ ଡ଼ାରଉ୍ଇନ୍ ଜୀବ ଜଗତର କ୍ରମବିକାଶର ତତ୍ତ୍ୱ ପ୍ରଦାନ କରିଥିଲେ। ତାଙ୍କ ମତରେ ପୃଥିବୀରେ ଅନେକ ପ୍ରକାରର ପ୍ରାଣୀ ସୃଷ୍ଟି ହୋଇଛନ୍ତି ଓ ସେଥିରୁ ଅନେକ ଲୋପପାଇଛନ୍ତି। ବଞ୍ଚିବା ପାଇଁ ସଂଗ୍ରାମ ଚାଲିଛି। କେଉଁ ପ୍ରାଣୀ ବଞ୍ଚିବା ପାଇଁ ସବୁଠାରୁ ଯୋଗ୍ୟ ଓ କିଏ ଅଯୋଗ୍ୟ, ଏହା ଏକ 'ପ୍ରାକୃତିକ ଚୟନ' ପ୍ରକ୍ରିୟା ମାଧ୍ୟମରେ ନିର୍ଦ୍ଧାରିତ ହୋଇଥାଏ।

ଡ଼ାରଉ୍ଇନ୍‌ଙ୍କ ତତ୍ତ୍ୱର ପ୍ରଭାବ ସମାଜବିଜ୍ଞାନୀମାନଙ୍କ ଉପରେ ପଡ଼ିଥିଲା। ଏହି ପ୍ରଭାବରେ ହର୍‌ବର୍ଟ ସ୍ପେନ୍ସର ବ୍ୟକ୍ତିବାଦକୁ ଯଥାର୍ଥ ବୋଲି ସବୁଠାରୁ ସାହସିକ ଯୁକ୍ତି କରିଥିଲେ। ସ୍ପେନ୍‌ସର୍‌ଙ୍କ ମତରେ ମଣିଷ ସମାଜରେ ମଧ୍ୟ 'ପ୍ରାକୃତିକ ଚୟନ' ପ୍ରକ୍ରିୟା ରହିଛି। ସାମାଜିକ କ୍ଷେତ୍ରରେ ବ୍ୟକ୍ତିମାନେ ବଞ୍ଚିବା ପାଇଁ ନିରନ୍ତର ସଂଗ୍ରାମ କରନ୍ତି। ଯେଉଁମାନେ ସବୁଠାରୁ ଯୋଗ୍ୟ, ସେମାନଙ୍କର ସମୃଦ୍ଧି ହୋଇଥାଏ ଏବଂ ଅଯୋଗ୍ୟମାନେ ନିମ୍ନଗାମୀ ହୋଇଥାନ୍ତି। ତେଣୁ ବୈଷମ୍ୟ ଓ ଦାରିଦ୍ର୍ୟ ସ୍ୱାଭାବିକ ଓ ଏହା ନିଶ୍ଚୟ ରହିବ। ଏଗୁଡ଼ିକର ପ୍ରତିକାର ପାଇଁ ସରକାର ଉଦ୍ୟମ କରିବା ଅନୁଚିତ୍। ଦରିଦ୍ର ଓ ଅସୁବିଧାରେ ଥିବା ବ୍ୟକ୍ତିମାନଙ୍କୁ ସାହାଯ୍ୟ ପାଇଁ କୌଣସି ହସ୍ତକ୍ଷେପ ପ୍ରାକୃତିକ ନିୟମକୁ ବିରୋଧ କରିବ। ସ୍ପେନ୍ସର୍ ଜନହିତକର କାର୍ଯ୍ୟକୁ ସମ୍ପୂର୍ଣ୍ଣ ବିରୋଧ କରୁଥିଲେ। ତାଙ୍କ ମତରେ ରାଷ୍ଟ୍ର ଯଦି ମାଗଣା ଶିକ୍ଷା, ସ୍ୱାସ୍ଥ୍ୟସେବା, ବୟସ୍କଙ୍କ ପାଇଁ ପେନ୍‌ସନ୍, ଶସ୍ତାରେ ଆବଶ୍ୟକୀୟ ପଦାର୍ଥ ଓ ସେବା ପ୍ରଦାନ ଆଦି କାର୍ଯ୍ୟ କରେ ଏହାର ପରିଣାମସ୍ୱରୂପ ଲୋକେ ଅଳସୁଆ ହୋଇଯିବେ ଏବଂ ଆତ୍ମସମ୍ମାନ ହରାଇବେ।

୪. ବ୍ୟବହାରିକ ଯୁକ୍ତି :

ରାଷ୍ଟ୍ରର କାର୍ଯ୍ୟାବଳୀକୁ ବ୍ୟବହାରିକ ଦୃଷ୍ଟିରୁ ଯଥାର୍ଥ ବୋଲି କୁହାଯାଇଛି । ରାଷ୍ଟ୍ରର ହସ୍ତକ୍ଷେପ ଅପାରଗତା ଦୁର୍ନୀତି ଓ ବିଳମ୍ବର କାରଣ ବୋଲି କୁହାଯାଏ । ଘରୋଇ ଉଦ୍ୟୋଗ ସରକାରୀ ବିଭାଗ ଅପେକ୍ଷା ଅଧିକ ଦକ୍ଷ, ଗତିଶୀଳ ଓ ଲାଭଜନକ । ତେଣୁ ରାଷ୍ଟ୍ରର କାର୍ଯ୍ୟାବଳୀକୁ ଯଥାସମ୍ଭବ ସଙ୍କୁଚିତ କରାଯିବା ଆବଶ୍ୟକ ।

ସମାଲୋଚନା :

ବ୍ୟକ୍ତିବାଦର ବିକାଶ ସହିତ ଅସୀମ କ୍ଷମତା ସମ୍ପନ୍ନ ରାଷ୍ଟ୍ରର ପତନ ଓ ପୁଞ୍ଜିବାଦୀ ଶିଳ୍ପୀକରଣର ପ୍ରସାର ଘଟିଥିଲା । ଏହାଫଳରେ ବ୍ୟକ୍ତିର ସ୍ୱାଧୀନତା ତଥା ଉତ୍ପାଦନ ଓ ବ୍ୟବସାୟ କ୍ଷେତ୍ରରେ ଅଭୂତପୂର୍ବ ଅଭିବୃଦ୍ଧି ଘଟିଥିଲା । ତେବେ ବ୍ୟକ୍ତିବାଦରେ ଥିବା ଅନ୍ତର୍ନିହିତ ଦୁର୍ବଳତା ବିଂଶ ଶତାବ୍ଦୀରେ ଏହି ତତ୍ତ୍ୱର ମହତ୍ତ୍ୱ ହ୍ରାସ କରିଥିଲା । ଏହାର କେତୋଟି ମୁଖ୍ୟ ଦୁର୍ବଳତା ସମ୍ପର୍କରେ ନିମ୍ନରେ ଆଲୋଚନା କରାଯାଇପାରେ ।

ମୁକ୍ତ ବଜାର ଅର୍ଥନୀତି ଫଳରେ ବହୁ ପରିମାଣର ସମ୍ପତ୍ତି ସୃଷ୍ଟି ହେବା ସହିତ ଲୋକଙ୍କ ଆୟ, ସାମାଜିକ ପ୍ରତିଷ୍ଠା ଏବଂ କ୍ଷମତା କ୍ଷେତ୍ରରେ ଘୋର ବୈଷମ୍ୟ ଜାତ ହେଲା । ବାସ୍ତବରେ ମୁକ୍ତ ଚୁକ୍ତି ନାମରେ ଶ୍ରମିକମାନଙ୍କୁ ମନଇଚ୍ଛା ନିଯୁକ୍ତି ଦିଆଗଲା ଓ କାମରୁ ଅନ୍ତର କରାଗଲା ଓ ଏହା ଫଳରେ ପୁଞ୍ଜିପତିମାନଙ୍କର ସ୍ୱାଧୀନତା, କ୍ଷମତା ଓ ଲାଭ ହିଁ ବଢ଼ିଲା । ନିର୍ଦ୍ଦୟ ଭାବରେ ଶୋଷଣର ଶିକାର ହୋଇ ତଥା ନିଯୁକ୍ତି କ୍ଷେତ୍ରରେ ସୁରକ୍ଷା ଅଭାବର ସମ୍ମୁଖୀନ ହୋଇ ଶ୍ରମିକ ଶ୍ରେଣୀ ସ୍ୱଳ୍ପ ମଜୁରୀ, ବେକାରୀ ଓ ଅମାନୁଷିକ ଅବସ୍ଥା ମଧ୍ୟରେ ଜୀବନଯାପନ କଲା । ବାଣିଜ୍ୟ ଓ ଶିଳ୍ପ କ୍ଷେତ୍ରରେ ରାଷ୍ଟ୍ରର କୌଣସି ନିୟନ୍ତ୍ରଣ ନଥିବା ହେତୁ ଏକ ସାମାଜିକ ବିପର୍ଯ୍ୟୟ ସୃଷ୍ଟି ହେଲା । ଦାରିଦ୍ର୍ୟ, ଗରିବଙ୍କ ବସ୍ତି, ଶିଶୁଶ୍ରମିକ ଏବଂ ବିଭିନ୍ନ ପ୍ରକାରର ରୋଗ ପୂର୍ବାପେକ୍ଷା ବଢ଼ିଚାଲିଲା ।

ପୁଞ୍ଜିବାଦୀ ଶିଳ୍ପୀକରଣ ଫଳରେ ଜନସାଧାରଣଙ୍କର ସମୃଦ୍ଧି ଓ ସ୍ୱାଧୀନତା ବୃଦ୍ଧି ପାଇବ ବୋଲି ବ୍ୟକ୍ତିବାଦୀମାନେ ଯେଉଁ ଯୁକ୍ତି କରୁଥିଲେ ତାହା ଉପରୋକ୍ତ ବାସ୍ତବତା ସମ୍ମୁଖରେ ଆଉ ଗ୍ରହଣୀୟ ହେଲା ନାହିଁ । ବ୍ୟକ୍ତିମାନେ ଅବାଧରେ ନିଜର ସ୍ୱାର୍ଥହାସଲ ପାଇଁ ଉଦ୍ୟମ କଲେ ଏକ ନ୍ୟାୟସଙ୍ଗତ ସମାଜ ସୃଷ୍ଟି ହୋଇପାରିବ ବୋଲି ଯେଉଁ ବିଶ୍ୱାସ କରାଯାଉଥିଲା, ତାକୁ ପ୍ରତ୍ୟାଖ୍ୟାନ କରିବାକୁ ପଡ଼ିଲା । ଦେଖାଗଲା ଯେ, ସାମାଜିକ ବୈଷମ୍ୟ ଓ ଅନ୍ୟାୟର ପ୍ରତିକାର କରିବା ଦିଗରେ ସର୍ବନିମ୍ନ କାର୍ଯ୍ୟ ସଂପାଦନ କରୁଥିବା ରାଷ୍ଟ୍ର ସମ୍ପୂର୍ଣ୍ଣ ଭାବରେ ବିଫଳ ହୋଇଛି ।

ରାଷ୍ଟ୍ରକୁ ମନ୍ଦ ଅନୁଷ୍ଠାନ ବୋଲି ହୋଇଥିବା ଯୁକ୍ତି ବାସ୍ତବ ଅଭିଜ୍ଞତା କ୍ଷେତ୍ରରେ ଭୁଲ ପ୍ରମାଣିତହେଲା । ଏଭଳି ନକରାତ୍ମକ ଧାରଣା ଉପରେ ପ୍ରତିଷ୍ଠିତ ରାଷ୍ଟ୍ର ଏତେ ଦୁର୍ବଳ ହୋଇଗଲା ଯେ ଏହା ଶ୍ରମିକ, ଚାଷୀ, କାରିଗର, ଉପଭୋକ୍ତା ଓ ଶ୍ରମିକ ଭଳି ଦୁର୍ବଳ ଶ୍ରେଣୀଭୁକ୍ତ ବ୍ୟକ୍ତିମାନଙ୍କୁ ମୁକ୍ତ ବଜାର ଅର୍ଥନୀତିର ଶୋଷଣରୁ ରକ୍ଷା କରିପାରିଲା ନାହିଁ । ସର୍ବନିମ୍ନ କାର୍ଯ୍ୟାବଳୀ ସମ୍ପନ୍ନ ରାଷ୍ଟ୍ର ସପକ୍ଷରେ ଯେଉଁ ଜୀବତାତ୍ତ୍ୱିକ ଯୁକ୍ତି କରାଗଲା ତାହା ସମାଜର ଦୁର୍ବଳ ଶ୍ରେଣୀମାନଙ୍କ ପ୍ରତି ଚରମ କ୍ରୁରତାର ନିଦର୍ଶନ । ଏଭଳି ରାଷ୍ଟ୍ର ସର୍ବାଧିକ ସ୍ୱାଧୀନତା ତଥା ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିବାରେ ବିଫଳ ହେଲା । ତେଣୁ ବ୍ୟକ୍ତିବାଦ କଟୁ ସମାଲୋଚନାର ସମ୍ମୁଖୀନ ହେଲା ଓ ଉଦାରବାଦୀମାନେ ରାଷ୍ଟ୍ର ସମ୍ପର୍କରେ ସେମାନଙ୍କ ମତକୁ ପୁନର୍ବିଚାର କରିବାକୁ ବାଧ୍ୟ ହେଲେ ।

ଜନମଙ୍ଗଳ ରାଷ୍ଟ୍ର

ପୃଷ୍ଠଭୂମି ଓ ଅର୍ଥ :

ବ୍ୟକ୍ତିବାଦର ବିଫଳତା ଓ ସମୀକ୍ଷା ଜନମଙ୍ଗଳ ରାଷ୍ଟ୍ରଧାରଣାର ଆବିର୍ଭାବ ପାଇଁ ଉପଯୁକ୍ତ ପୃଷ୍ଠଭୂମି ସୃଷ୍ଟି କରିଥିଲା। ଊନବିଂଶ ଶତାବ୍ଦୀର ପ୍ରାରମ୍ଭିକ ଉଦାରବାଦରେ ସମସ୍ତ ପ୍ରକାରର ରାଷ୍ଟ୍ର ହସ୍ତକ୍ଷେପର ଘୋର ନିନ୍ଦା କରାଯାଇଥିଲା। କିନ୍ତୁ ସେହି ଶତାବ୍ଦୀର ଶେଷ ଭାଗରେ ଏକ ପ୍ରକାରର ସାମାଜିକ ଉଦାରବାଦର ଜନ୍ମ ହୋଇଥିଲା। ଏହି ସାମାଜିକ ଉଦାରବାଦର ଜନହିତକାରୀ ସଂସ୍କାର କାର୍ଯ୍ୟକ୍ରମ ଓ ଅର୍ଥନୈତିକ କ୍ଷେତ୍ରରେ ରାଷ୍ଟ୍ରର ହସ୍ତକ୍ଷେପ ପାଇଁ ଏକ ସାହାଯ୍ୟକାରୀ ପରିବେଶ ସୃଷ୍ଟି କରିଥିଲା। ଏଥିରେ ବ୍ୟକ୍ତି ସ୍ୱାଧୀନତାର ଏକ ସକାରାତ୍ମକ ବ୍ୟାଖ୍ୟା କରାଯିବା ଫଳରେ ରାଷ୍ଟ୍ରର ସୁଦୂରପ୍ରସାରୀ କାର୍ଯ୍ୟାବଳୀ ପ୍ରତି ସମର୍ଥନ ମିଳିଥିଲା।

୧୯୩୦ ଦଶକରେ ପାଶ୍ଚାତ୍ୟ ଶିଳ୍ପୋନ୍ନତି ରାଷ୍ଟ୍ରମାନଙ୍କ ଅର୍ଥନୀତିରେ ସବୁଠାରୁ ଅଧିକ ମାନ୍ଦାଅବସ୍ଥା ଆସିଥିଲା ଓ ଏହା ଏକ ବିରାଟ ସଂକଟ ସୃଷ୍ଟି କରିଥିଲା। ବ୍ୟକ୍ତିବାଦର ମୁକ୍ତବଜାର ବିଚାରଧାରା ପ୍ରତି ଏହା ଥିଲା ସବୁଠାରୁ ବଡ଼ ଧକ୍କା। ଏହି ମାନ୍ଦାଅବସ୍ଥାର ମୁକାବିଲା କରିବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକର ସରକାର ଏକ ନୂଆ ନୀତି ପ୍ରୟୋଗ କଲେ। ଏହାକୁ 'ନ୍ୟୁ ଡ଼ିଲ୍'(New Deal) କାର୍ଯ୍ୟକ୍ରମ କୁହାଗଲା ଓ ଏହା ଫଳରେ ସେଠାରେ ସାମାଜିକ ନିରାପତ୍ତାର କାର୍ଯ୍ୟକ୍ରମ ସବୁ ପ୍ରସ୍ତୁତ କରି କାର୍ଯ୍ୟକାରୀ କରାଗଲା। ଇଂଲଣ୍ଡରେ 'ବେଭେରିଜ୍ ରିପୋର୍ଟ' ଭିତ୍ତିରେ ଜନମଙ୍ଗଳ କାର୍ଯ୍ୟକ୍ରମ ସବୁ ପ୍ରସ୍ତୁତ କରି କାର୍ଯ୍ୟକାରୀ କରାଗଲା। ସ୍ୱାଧୀନତା ପରେ ଭାରତରେ ଜନମଙ୍ଗଳ ରାଷ୍ଟ୍ରକୁ ସମ୍ବିଧାନର ଏକ ମୂଳ ଆଦର୍ଶରୂପେ ଗ୍ରହଣ କରାଗଲା। ଏହା ମାଧ୍ୟମରେ ଅନଗ୍ରସରତା ଓ ଦାରିଦ୍ର୍ୟ ଭଳି ସମସ୍ୟାମାନଙ୍କର ସମାଧାନ ପାଇଁ ଚେଷ୍ଟା କରାଗଲା। ଏ କ୍ଷେତ୍ରରେ ସାମାଜବାଦୀ ରାଷ୍ଟ୍ରମାନଙ୍କର ଯୋଜନାବଦ୍ଧ ଅର୍ଥନୈତିକ ବିକାଶ କାର୍ଯ୍ୟକ୍ରମ ଭାରତକୁ ପ୍ରଭାବିତ କରିଥିଲା।

ନାଗରିକମାନଙ୍କୁ ବ୍ୟାପକ ଭାବରେ ସାମାଜିକ ସେବା ପ୍ରଦାନ କରିବା ପାଇଁ ଓ ସେମାନଙ୍କର ସର୍ବନିମ୍ନ ଆବଶ୍ୟକତା ପୂରଣ କରିବା ପାଇଁ ଏକ ଜନମଙ୍ଗଳ ରାଷ୍ଟ୍ର ଅନେକ ସକାରାତ୍ମକ କାର୍ଯ୍ୟ ସମ୍ପାଦନ କରିଥାଏ। ଅକ୍ସଫୋର୍ଡ଼ ରାଜନୀତିର ଅଭିଧାନରେ ଜନମଙ୍ଗଳ ରାଷ୍ଟ୍ରକୁ ପ୍ରାଞ୍ଜଳ ଭାବରେ ବ୍ୟାଖ୍ୟା କରାଯାଇଛି। ଜନମଙ୍ଗଳ ରାଷ୍ଟ୍ର ହେଉଛି 'ଏପରି ଏକ ବ୍ୟବସ୍ଥା ଯେଉଁଥିରେ ପେନ୍‌ସନ୍, ସାମାଜିକ ନିରାପତ୍ତାର ସୁବିଧା, ମାଗଣା ସ୍ୱାସ୍ଥ୍ୟର ଯତ୍ନ ଆଦି ମାଧ୍ୟମରେ ରାଷ୍ଟ୍ରର ଜନସାଧାରଣଙ୍କୁ ସାମାଜିକ ଓ ଅର୍ଥନୈତିକ ସୁରକ୍ଷା ଯୋଗାଇବାର ମୁଖ୍ୟ ଦାୟିତ୍ୱ ସରକାର ବହନ କରିଥାଏ'। ଏଠାରେ ମନେ ରଖିବା ଉଚିତ୍ ଯେ ଜନମଙ୍ଗଳ ରାଷ୍ଟ୍ର ପୁଞ୍ଜିବାଦ ବା ଏହାଦ୍ୱାରା ସୃଷ୍ଟି ହେଉଥିବା ବୈଷମ୍ୟର ବିରୋଧୀ ନୁହେଁ। ପୁଞ୍ଜିବାଦର କୁପ୍ରଭାବରୁ ଲୋକଙ୍କୁ କିଛି ସୁରକ୍ଷା ପ୍ରଦାନ କରିବା ପାଇଁ ଉଦ୍ୟମ କରିଥାଏ। ତେଣୁ ଅର୍ଥନୈତିକ ଯୋଜନା ମାଧ୍ୟମରେ ଏହା ବଜାରକୁ ନିୟନ୍ତ୍ରଣ କରିଥାଏ। ଏହାଫଳରେ ଘରୋଇ ଉଦ୍ୟୋଗ ସହିତ ରାଷ୍ଟ୍ରାୟତ୍ତ ବା ସରକାରୀ ଉଦ୍ୟୋଗ ସୃଷ୍ଟି ହୋଇଥାଏ। ଜନମଙ୍ଗଳ ରାଷ୍ଟ୍ର ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଅଟେ। ଏଠାରେ ବ୍ୟକ୍ତିମାନଙ୍କୁ ରାଜନୈତିକ ଅଧିକାର ସହିତ ବ୍ୟାପକ ଅର୍ଥନୈତିକ ଓ ସାମାଜିକ ଅଧିକାର ସବୁ ମିଳିଥାଏ।

ଜନମଙ୍ଗଳ ରାଷ୍ଟ୍ରର ଯଥାର୍ଥତା :

ଜନମଙ୍ଗଳ ରାଷ୍ଟ୍ର ସପକ୍ଷରେ ଏକ ବଳିଷ୍ଠ ଯୁକ୍ତି ହେଉଛି ସାମାଜିକ ଉଦାରବାଦର ଧାରଣା। ଜନ୍ ଷ୍ଟୁଆର୍ଟ ମିଲ୍‌ଙ୍କ ଦ୍ୱାରା ପ୍ରଭାବିତ ହୋଇ ଗ୍ରୀନ୍, ହବ୍‌ହାଉସ୍ ଓ ହବ୍‌ସନ୍ ବ୍ୟକ୍ତି ସ୍ୱାଧୀନତାର ଏକ ସକାରାତ୍ମକ ଓ ବ୍ୟାପକ ଢଙ୍ଗରେ ବ୍ୟାଖ୍ୟା କରିଥିଲେ । ଏମାନଙ୍କ ମତରେ ରାଷ୍ଟ୍ରର ନିୟନ୍ତ୍ରଣ ଓ ହସ୍ତକ୍ଷେପରୁ ମୁକ୍ତ ରହିବା ହିଁ ସ୍ୱାଧୀନତାର ଅର୍ଥ ନୁହେଁ। ସ୍ୱାଧୀନତାର ସମ୍ପର୍କ ବ୍ୟକ୍ତିର ବିକାଶ ଅର୍ଥାତ୍ ପୂର୍ଣ୍ଣତା ପ୍ରାପ୍ତି ଓ ନିଜସ୍ୱ ଇଚ୍ଛା ଓ ଆବଶ୍ୟକତା ପୂରଣ ପାଇଁ ତାହାର ସାମର୍ଥ୍ୟ ସହିତ ରହିଛି। ଅର୍ଥନୀତିର ପରିଚାଳନା ଓ ସାମାଜିକ ନିୟନ୍ତ୍ରଣ ମାଧ୍ୟମରେ ହସ୍ତକ୍ଷେପ କରି ରାଷ୍ଟ୍ର ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ଦ୍ୱାରା ବ୍ୟକ୍ତିର ଏଭଳି ବିକାଶ ସମ୍ଭବ ହୋଇପାରିବ।

ବ୍ୟକ୍ତିର ସ୍ଥିତି ଓ ଜୀବନ ଉପରେ ଯେଉଁ ସାମାଜିକ କଳଙ୍କ ଗୁଡ଼ିକର କୁପ୍ରଭାବ ପଡ଼ିଥାଏ, ସେଥିରୁ ବ୍ୟକ୍ତିକୁ ରକ୍ଷା କରିବା ଦ୍ୱାରା ରାଷ୍ଟ୍ରର ହସ୍ତକ୍ଷେପ ବ୍ୟକ୍ତି ସ୍ୱାଧୀନତାରେ ଅଭିବୃଦ୍ଧି ଘଟାଇବାରେ ସାହାଯ୍ୟ କରେ। ଏହି ଧାରଣା ଉପରେ ଜନମଙ୍ଗଳ ରାଷ୍ଟ୍ର ଆଧାରିତ। ୧୯୪୨ ମସିହାର ବେଭେରିଜ୍ ରିପୋର୍ଟରେ ଏହି ସାମାଜିକ କଳଙ୍କଗୁଡ଼ିକୁ 'ପଞ୍ଚ ରାକ୍ଷସ' ବୋଲି ଅଭିହିତ କରାଯାଇଥିଲା। ସେଗୁଡ଼ିକ ହେଉଛି : ଅଭାବ, ଅଜ୍ଞତା, ଆଳସ୍ୟ, ଅପରିଚ୍ଛନ୍ନତା ଓ ବ୍ୟାଧି। ଏଗୁଡ଼ିକର ବିଲୋପ ପାଇଁ ପୋଲିସ୍ ଦାୟିତ୍ୱ ବାହାରେ ରାଷ୍ଟ୍ର ତା'ର କାର୍ଯ୍ୟାବଳୀକୁ ପ୍ରସାରିତ କରିବାକୁ ପଡ଼ିବ।

ପ୍ରସିଦ୍ଧ ଅର୍ଥନୀତିଜ୍ଞ କେନ୍‌ସ (J.M. Keynes) ଙ୍କ ମତରେ ସରକାର ଓ ଅର୍ଥନୀତିକୁ ସମ୍ପୂର୍ଣ୍ଣ ପୃଥକ କରିଥିବା 'ଲେସେ ଫେୟାର୍' ନୀତି ହିଁ ଆର୍ଥିକ ଅସ୍ଥିରତା ଓ ବେକାରୀ ସମସ୍ୟାର ମୁଖ୍ୟ କାରଣ। ଏକ ଅନିୟନ୍ତ୍ରିତ ଓ ସ୍ୱୟଂଚାଳିତ ବଜାର ସପକ୍ଷରେ ଧାରଣାକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ। ରାଷ୍ଟ୍ର ଦ୍ୱାରା ପରିଚାଳିତ ଓ ନିୟନ୍ତ୍ରିତ ବଜାର ମାଧ୍ୟମରେ ଆର୍ଥିକ ଅଭିବୃଦ୍ଧି ଓ ସମୃଦ୍ଧି ସମ୍ଭବ ବୋଲି ତାଙ୍କ ଯୁକ୍ତି ରହିଥିଲା। ଏଭଳି ବ୍ୟବସ୍ଥାରେ ରାଷ୍ଟ୍ରକୁ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ଦାୟିତ୍ୱ ସବୁ ଗ୍ରହଣ କରିବାକୁ ହେବ।

ଭାରତ ଭଳି ଗରିବ ଦେଶମାନଙ୍କରେ ଜନସଂଖ୍ୟାର ବହୁଭାଗ ଖାଦ୍ୟ ସୁରକ୍ଷା, ସାକ୍ଷରତା, ଆଶ୍ରୟସ୍ଥଳୀ, ସ୍ୱାସ୍ଥ୍ୟ ସୁବିଧା ଓ ରୋଜଗାର ପାଇଁ ରାଷ୍ଟ୍ର ଉପରେ ନିର୍ଭର କରନ୍ତି। ଏହା ଜନମଙ୍ଗଳ ରାଷ୍ଟ୍ର ସପକ୍ଷରେ ଏକ ବଳିଷ୍ଠ ଯୁକ୍ତି।

ସମାଲୋଚନା :

ଜନମଙ୍ଗଳ ରାଷ୍ଟ୍ର ବ୍ୟକ୍ତିବାଦୀ ବ୍ୟବସ୍ଥାର ସ୍ଥାନ ନେବାରେ ସକ୍ଷମ ହୋଇପାରିଥିଲା। ବଜାର ତୁଳନାରେ ରାଷ୍ଟ୍ରର ଶକ୍ତି ବୃଦ୍ଧି ପାଇଲା ଏବଂ ରାଷ୍ଟ୍ର ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲା। ତେବେ ଜନମଙ୍ଗଳ ରାଷ୍ଟ୍ର ମଧ୍ୟ ଏହାର ବିରୋଧୀମାନଙ୍କର ସମାଲୋଚନାର ପାତ୍ର ହୋଇଥିଲା। ସେହି ସମାଲୋଚନାଗୁଡ଼ିକ ଉଲ୍ଲେଖ କରିବା ଆବଶ୍ୟକ।

(୧) ରାଷ୍ଟ୍ରର କାର୍ଯ୍ୟାବଳୀରେ ବୃଦ୍ଧି ଯୋଗୁଁ ସରକାରୀ ବିଭାଗ ଓ ସଂସ୍ଥାଗୁଡ଼ିକର ସଂଖ୍ୟା ବୃଦ୍ଧି ପାଇଲା। ଏହା ଫଳରେ ବିଶାଳ ଅମଲାତନ୍ତ୍ର ସୃଷ୍ଟି ହେଲା। ତେଣୁ କାର୍ଯ୍ୟ ସମ୍ପାଦନ କରିବାରେ ବିଳମ୍ବ ଓ ଅପାରଗତା

ଦେଖାଦେଲା । ଏ ବ୍ୟବସ୍ଥା ବ୍ୟୟସାପେକ୍ଷ ହୋଇପଡ଼ିଲା । ରାଷ୍ଟ୍ରର ଜନମଙ୍ଗଳ କାର୍ଯ୍ୟରେ ବୃଦ୍ଧି ଯୋଗୁଁ ସ୍ୱେଚ୍ଛାସେବୀ କାର୍ଯ୍ୟ ଓ ସଂଘମାନଙ୍କର ଅବନତି ହେଲା ।

(୨) ଜନମଙ୍ଗଳ କାର୍ଯ୍ୟ ପାଇଁ ଅଧିକ ବ୍ୟୟ ହେତୁ କର ବୃଦ୍ଧି କରାଗଲା । ଏହା ଫଳରେ ଶିଳ୍ପରେ ପୁଞ୍ଜି ଲଗାଣ କମିଗଲା ।

(୩) ଜନମଙ୍ଗଳ ରାଷ୍ଟ୍ର ଯୋଗୁଁ ଲୋକଙ୍କ ମଧ୍ୟରେ ଅନ୍ୟ ଉପରେ ନିର୍ଭର କରିବାର ମାନସିକତା ବଢ଼ିଲା ଏବଂ ନିଜ ଉଦ୍ୟମରେ କୌଣସି କାମ ଆରମ୍ଭ କରିବା ବା ଉଦ୍ୟୋଗୀ ହେବାର ପ୍ରବୃତ୍ତି ହ୍ରାସ ପାଇଲା ।

(୪) ଜନମଙ୍ଗଳ ରାଷ୍ଟ୍ର ସବୁ ପୂର୍ଣ୍ଣ ନିଯୁକ୍ତିର ନୀତି ଅନୁସରଣ କଲେ ଓ ଶ୍ରମିକ ସଂଘମାନଙ୍କ ଚାପର ବଶବର୍ତ୍ତୀ ହୋଇ କୃତ୍ରିମ ଭାବରେ ମଜୁରୀ ବୃଦ୍ଧି କଲେ । ସମାଲୋଚକମାନଙ୍କ ମତରେ ଏପରି କରିବା ଅର୍ଥନୈତିକ ଦୃଷ୍ଟିରୁ ଯୁକ୍ତିଯୁକ୍ତ ନୁହେଁ ।

ସମାଲୋଚକମାନଙ୍କର କଟୁ ମନ୍ତବ୍ୟସତ୍ତ୍ୱେ ଏହା ସ୍ୱୀକାର କରିବାକୁ ହେବ ଯେ, ଜନମଙ୍ଗଳ ରାଷ୍ଟ୍ର ଫଳରେ ଲୋକଙ୍କର ବଶେଷକରି ସମାଜର ଦୁର୍ବଳ ଓ ଉପେକ୍ଷିତ ବର୍ଗମାନଙ୍କର ବହୁ ଉପକାର ସାଧିତ ହୋଇଥିଲା । ବ୍ୟକ୍ତିଗତ ସ୍ୱାଧୀନତା ଓ ରାଷ୍ଟ୍ରର କ୍ଷମତା ମଧ୍ୟରେ ଥିବା ବିରୋଧାଭାବକୁ ଜନମଙ୍ଗଳ ରାଷ୍ଟ୍ରର ଧାରଣା ସମାପ୍ତ କରିପାରିଥିଲା ।

ଆଧୁନିକ ରାଷ୍ଟ୍ରର ବାଧ୍ୟତାମୂଳକ ଓ ଇଚ୍ଛାଧୀନ କାର୍ଯ୍ୟ :

ବର୍ତ୍ତମାନ ଜନମଙ୍ଗଳ ରାଷ୍ଟ୍ରର କାର୍ଯ୍ୟାବଳୀ ଅତି ବ୍ୟାପକ ହୋଇଛି । ଏସବୁ କାର୍ଯ୍ୟକୁ ବାଧ୍ୟତାମୂଳକ ଓ ଇଚ୍ଛାଧୀନ ଭାବରେ ଶ୍ରେଣୀଭୁକ୍ତ କରାଯାଇଥାଏ । ଆଇନ ଶୃଙ୍ଖଳା ବ୍ୟବସ୍ଥା, ନ୍ୟାୟ ପ୍ରଦାନ, ସମ୍ପତ୍ତିର ସୁରକ୍ଷା, ଚୁକ୍ତିଜନିତ ଅଧିକାର ନିର୍ଦ୍ଧାରଣ, ନ୍ୟାୟିକ ଓ ରାଜନୈତିକ ଅଧିକାରର ସୁରକ୍ଷା, ବାହ୍ୟ ଆକ୍ରମଣରୁ ନିରାପତ୍ତା ତଥା ଆନ୍ତର୍ଜାତୀୟ ସମ୍ପର୍କ ସ୍ଥାପନ ଆଦି ରାଷ୍ଟ୍ରର ବାଧ୍ୟତାମୂଳକ କାର୍ଯ୍ୟ ।

ଚାଷ, ବ୍ୟାଙ୍କ୍ ବ୍ୟବସ୍ଥା, ଶିଳ୍ପ, ବଜାର, ନିଯୁକ୍ତି, ମଜୁରୀ, ବୀମା, ଯୋଜନା ଆଦି କ୍ଷେତ୍ରକୁ ପ୍ରଭାବିତ କରୁଥିବା ଅର୍ଥନୈତିକ ନିୟନ୍ତ୍ରଣ ରାଷ୍ଟ୍ରର ଇଚ୍ଛାଧୀନ କ୍ଷମତା । ସାମାଜିକ ନିରାପତ୍ତା ସୁବିଧା, ଶିକ୍ଷାର ପ୍ରସାର ତଥା କଳା ଓ ବିଜ୍ଞାନ କ୍ଷେତ୍ରରେ ଉନ୍ନତି ମଧ୍ୟ ରାଷ୍ଟ୍ରର ଇଚ୍ଛାଧୀନ କ୍ଷମତାର ଅନ୍ତର୍ଭୁକ୍ତ । ବାଧ୍ୟତାମୂଳକ ଓ ଇଚ୍ଛାଧୀନ ଭାବରେ ନାମିତ ରାଷ୍ଟ୍ରର କର୍ମକ୍ଷେତ୍ରରେ ଏଭଳି ବିଭାଜନକୁ ଅନମନୀୟ ଓ ଅପରିବର୍ତ୍ତନୀୟ ବୋଲି ଗ୍ରହଣ କରିବା ଉନୁଚିତ ।

ଜଗତୀକରଣ

ପୃଷ୍ଠଭୂମି ଓ ଅର୍ଥ :

'ଜଗତୀକରଣ' ଶବ୍ଦଟିର ଅନେକ ଭାବରେ ବ୍ୟାଖ୍ୟା କରାଯାଇଛି । ସରଳଭାବରେ କହିଲେ ଏହା ବିଶ୍ୱସ୍ତରରେ ପାରସ୍ପରିକ ଭାବରେ ସଂଯୁକ୍ତ ହେବା ପ୍ରକ୍ରିୟାକୁ ବୁଝାଇଥାଏ । ପରସ୍ପର ସହିତ ସଂଯୁକ୍ତ ଏବଂ ଜଟିଳ ଅର୍ଥନୈତିକ, ବୈଷୟିକ, ସାଂସ୍କୃତିକ, ପରିବେଶଜନିତ ଓ ରାଜନୈତିକ ପ୍ରକ୍ରିୟା ସବୁ ଏଥିରେ ଅନ୍ତର୍ଭୁକ୍ତ । ତେବେ

ଆମେ କେବଳ ଜଗତୀକରଣର ସେହି ଦିଗଗୁଡ଼ିକ ପ୍ରତି ଦୃଷ୍ଟି ଦେବା ଯାହାର ସଂପର୍କ ରାଷ୍ଟ୍ରର କାର୍ଯ୍ୟାବଳୀ ସହିତ ରହିଛି।

ବିଶ୍ୱ ଅର୍ଥନୈତିକ ବ୍ୟବସ୍ଥାର ନିକଟରେ ହୋଇଥିବା ପରିବର୍ତ୍ତନ ପରିପ୍ରେକ୍ଷୀରେ ଜଗତୀକରଣକୁ ବୁଝିବାକୁ ପଡ଼ିବ। ୧୯୭୦ ଦଶକରେ ଶିଳ୍ପଜଗତରେ ଏକ ଅର୍ଥନୈତିକ ସଂକଟ ସୃଷ୍ଟି ହୋଇଥିଲା। ଲାଭ ପରିମାଣର ହ୍ରାସ ଘଟିଥିବା ହେତୁ ପୁଞ୍ଜିବାଦୀ ଶିଳ୍ପ ସବୁ ସେମାନଙ୍କର ଉତ୍ପାଦନ ଓ ବାଣିଜ୍ୟକୁ ଆନ୍ତର୍ଜାତୀୟ ସ୍ତରରେ ଅଧିକ ପ୍ରସାରିତ କରିବାକୁ ଉଦ୍ୟମ ଆରମ୍ଭ କଲେ। ଅଶୀ ନବେ ଦଶକରେ ଗୋଟିଏ ଦେଶରୁ ଆଉ ଏକ ଦେଶକୁ ପୁଞ୍ଜି ପ୍ରେରଣ କରି ଧନୀ ଦେଶମାନଙ୍କରେ କମ୍ପାନୀମାନେ ବିଶ୍ୱବଜାରରେ ସେମାନଙ୍କ ଭାଗ ବୃଦ୍ଧି କରିବାକୁ ଚେଷ୍ଟା କଲେ। ଉନ୍ନତ ରାଷ୍ଟ୍ରମାନଙ୍କରେ ଅବସ୍ଥିତ ଓ ସେଠାରୁ ନିୟନ୍ତ୍ରିତ ବହୁ ରାଷ୍ଟ୍ରୀୟ କମ୍ପାନୀମାନେ ବିଶ୍ୱ ଅର୍ଥନୀତିରେ ସେମାନଙ୍କର ପ୍ରଭୁତ୍ୱ ବିସ୍ତାର କରିଛନ୍ତି। ଏହି ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକର ସମ୍ପତ୍ତିର ପରିମାଣ ଅନେକ ସାର୍ବଭୌମ ରାଷ୍ଟ୍ରର ସମ୍ପତ୍ତିଠୁ ଅଧିକ। ଏହି କମ୍ପାନିଗୁଡ଼ିକର ଲାଭବୃଦ୍ଧି ପାଇଁ ଦେଶ ଦେଶ ମଧ୍ୟରେ ପୁଞ୍ଜିର ମୁକ୍ତ ପ୍ରବାହ ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି ଆନ୍ତର୍ଜାତୀୟ ବାଣିଜ୍ୟର ନିୟମ ତଥା ପୃଥିବୀ ସାରା ରାଷ୍ଟ୍ରମାନଙ୍କର ଆଭ୍ୟନ୍ତରୀଣ ଆର୍ଥିକ ନୀତିରେ ଏଭଳି ନାଟକୀୟ ପରିବର୍ତ୍ତନ କରି ଦିଆଯାଇଛି। ପୁଞ୍ଜି, ପ୍ରଯୁକ୍ତି ବିଦ୍ୟା ଓ ଲାଭର ମୁକ୍ତ ପ୍ରବାହକୁ କୌଣସି ରାଷ୍ଟ୍ରର ସୀମାରେଖା ରୋକିପାରିବ ନାହିଁ।

ଆନ୍ତର୍ଜାତୀୟ ଅର୍ଥନୈତିକ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ କରାଯାଇ ପୁଞ୍ଜି ଓ ଲାଭର ମୁକ୍ତ ପ୍ରବାହ କ୍ଷେତ୍ରରେ ଥିବା ସମସ୍ତ ବାଧାକୁ ବିଲୋପ କରାଯାଇଛି। ବିଶ୍ୱ ବ୍ୟାଙ୍କ, ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଓ ବିଶ୍ୱ ବାଣିଜ୍ୟ ସଂଗଠନ ଭଳି ଆନ୍ତର୍ଜାତୀୟ ଅର୍ଥନୈତିକ ଓ ବାଣିଜ୍ୟ ସଂଗଠନଗୁଡ଼ିକ ଏଭଳି ପରିବର୍ତ୍ତନ ଓ ପୁର୍ନବିନ୍ୟାସ ପାଇଁ ପ୍ରଚାର କରିବା ସହିତ ଏ ପ୍ରକ୍ରିୟାକୁ ନିୟନ୍ତ୍ରଣ କରୁଛନ୍ତି। ଏସବୁ ସଂଗଠନମାନଙ୍କର ବିଚାରଧାରା 'ନବ୍ୟ ଉଦାରବାଦୀ' ଦୃଷ୍ଟିକୋଣ ଦ୍ୱାରା ପ୍ରଭାବିତ। ଏଭଳି ଦୃଷ୍ଟିକୋଣ ୧୯୮୦ ଦଶକରେ ବ୍ରିଟେନ୍ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ଜନପ୍ରିୟ ହୋଇ ଜନମଙ୍ଗଳ ରାଷ୍ଟ୍ର ଧାରଣାର ସ୍ଥାନ ନେଇଥିଲା। ନବ୍ୟ ଉଦାରବାଦ ପ୍ରକୃତରେ ବ୍ୟକ୍ତିବାଦର ଏକ ନୂଆରୂପ। ଜଗତୀକରଣ ପ୍ରକ୍ରିୟାରେ ଗରିବ ରାଷ୍ଟ୍ରମାନଙ୍କରେ ନବ୍ୟ ଉଦାରବାଦୀ ନୀତିଗୁଡ଼ିକ କାର୍ଯ୍ୟକାରୀ କରାଯାଉଛି।

ରାଷ୍ଟ୍ରର କାର୍ଯ୍ୟାବଳୀ ଉପରେ ପ୍ରଭାବ :

ଫ୍ରେଡ଼େରିକ୍ ହାୟେକ୍ (Friedrich Hayek) ଏବଂ ମିଲ୍‌ଟନ୍ ଫ୍ରିଡ୍‌ମେନ୍ (Milton Fridman) ଙ୍କ ଭଳି ମୁକ୍ତବଜାର ବ୍ୟବସ୍ଥାର ସମର୍ଥନ କରୁଥିବା ଅର୍ଥନୀତିଜ୍ଞମାନଙ୍କ ଲେଖାରେ ନବ୍ୟ ଉଦାରବାଦୀ ତତ୍ତ୍ୱ ବିକାଶ ଲାଭ କରିଥିଲା। ନବ୍ୟ ଉଦାରବାଦର କେନ୍ଦ୍ରସ୍ଥଳୀରେ ବଜାର ଓ ବ୍ୟକ୍ତି ସ୍ଥାନ ପାଇଛନ୍ତି। ରାଷ୍ଟ୍ରର କାର୍ଯ୍ୟକ୍ଷେତ୍ରକୁ ସଂକୁଚିତ କରିବା ଏହାର ଲକ୍ଷ୍ୟ। ଜନମଙ୍ଗଳ ଦୃଷ୍ଟିକୋଣ ଯୋଗୁଁ ରାଷ୍ଟ୍ରର କାର୍ଯ୍ୟାବଳୀ ବହୁଳ ଭାବରେ ବଢ଼ିଯାଇଛି। ଏହି ପ୍ରକ୍ରିୟାକୁ ବିପରୀତଗାମୀ କରାଇ ବଜାରକୁ ରାଷ୍ଟ୍ରର ନିୟନ୍ତ୍ରଣରୁ ମୁକ୍ତ ରଖିବା ହେଉଛି ନବ୍ୟ ଉଦାରବାଦର ଉଦ୍ଦେଶ୍ୟ। ଅନିୟନ୍ତ୍ରିତ ବଜାରଭିତ୍ତିକ ପୁଞ୍ଜିବାଦୀ ବ୍ୟବସ୍ଥାରେ ଦକ୍ଷତା, ଅଭିବୃଦ୍ଧି ଓ ସମୃଦ୍ଧି ବଢ଼ିବ ବୋଲି ବିଶ୍ୱାସ ସୃଷ୍ଟି କରାଯାଉଛି। ଏହି ମତ ଅନୁସାରେ ରାଷ୍ଟ୍ର ନିୟନ୍ତ୍ରଣ ଯୋଗୁଁ ବ୍ୟକ୍ତି ନିଜ ଆଡୁ ଉଦ୍ୟମ ଆରମ୍ଭ କରିବାକୁ ଓ ଉଦ୍ୟୋଗୀ ହେବାକୁ କୁଣ୍ଠାବୋଧ କରେ। ରାଷ୍ଟ୍ର ଅପେକ୍ଷା ନାଗରିକ ସମାଜ (Civil Society) ଅଧିକ ଦକ୍ଷ ଓ

ସୁବ୍ୟବସ୍ଥିତ ଭାବରେ ସମାଜର ସମ୍ବଳକୁ ବଣ୍ଟନ କରିପାରିବ। ରାଷ୍ଟ୍ରର କ୍ଷମତା ମାଧ୍ୟମରେ ନୁହେଁ ବରଂ ମୁକ୍ତ ଅର୍ଥନୀତିକୁ ପ୍ରୋତ୍ସାହିତ କଲେ ମାନବ ସାମର୍ଥ୍ୟର ଉପଯୁକ୍ତ ବିକାଶ ଘଟିପାରିବ ବୋଲି ନବ୍ୟ ଉଦାରବାଦ ଯୁକ୍ତି କରେ।

ଜଗତୀକରଣ ପ୍ରକ୍ରିୟା ସହିତ ଉଦାରୀକରଣ (ଅର୍ଥନୀତି ଉପରେ ରାଷ୍ଟ୍ରର ନିୟନ୍ତ୍ରଣ ସମାପ୍ତ କରିବା) ଓ ଘରୋଇକରଣର ପ୍ରକ୍ରିୟା ମଧ୍ୟ ଚାଲିଛି। ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଅପେକ୍ଷା ଘରୋଇ ଉଦ୍ୟୋଗକୁ ଅଗ୍ରାଧିକାର ଦିଆଯାଉଛି ଏବଂ ରାଷ୍ଟ୍ରାୟତ୍ତ କ୍ଷେତ୍ରର ଘରୋଇକରଣ ପାଇଁ ନିରନ୍ତର ଉଦ୍ୟମଜାରୀ ରହିଛି। ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରୁ ରାଷ୍ଟ୍ରର ଭୂମିକାକୁ ପ୍ରତ୍ୟାହାର କରାଯାଉଛି। ନବ୍ୟ ଉଦାରବାଦୀମାନେ କହନ୍ତି ଯେ ଜନମଙ୍ଗଳ ରାଷ୍ଟ୍ର ନିର୍ଭରଶୀଳତାର ସଂସ୍କୃତି ସୃଷ୍ଟି କରିଛି ଏବଂ ବଜାରର ସ୍ୱାଧୀନତାକୁ ସ୍ୱୀକାର କରିନାହିଁ। ତେଣୁ ବର୍ତ୍ତମାନ ସ୍ୱେଚ୍ଛା ସେବା (Self help) ବ୍ୟକ୍ତିର ଦାୟିତ୍ୱ ଏବଂ ଉଦ୍ୟୋଗୀ ମନୋଭାବ ଦିଗରେ ଅଧିକ ଗୁରୁତ୍ୱ ଦିଆଯାଉଛି। ସାମାଜିକ ନିରାପତ୍ତା ଓ ମୌଳିକ ସେବା ପାଇବା ପାଇଁ ବ୍ୟକ୍ତିମାନେ ରାଷ୍ଟ୍ର ଉପରେ ଆଉ ନିର୍ଭରଶୀଳ ହୋଇପାରିବେ ନାହିଁ। ରାଷ୍ଟ୍ର କେବଳ ଅତ୍ୟାବଶ୍ୟକୀୟ ସର୍ବନିମ୍ନ କାର୍ଯ୍ୟକରିବା ସହିତ ବଜାର ବ୍ୟବସ୍ଥା ଯେପରି ମୁକ୍ତ ଭାବରେ କାର୍ଯ୍ୟକରିପାରିବ ତା'ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବ। ସମାଜର ଦୁର୍ବଳ ଶ୍ରେଣୀମାନଙ୍କ ହିତପାଇଁ ରାଷ୍ଟ୍ର ଯେଉଁ ଦାୟିତ୍ୱ ବହନ କରିଥିଲା ତାକୁ ହ୍ରାସ କରିବା ପାଇଁ ରାଷ୍ଟ୍ର ଉପରେ ପ୍ରବଳ ଚାପ ପଡୁଛି।

ଯଥାର୍ଥତା :

ଜଗତୀକରଣ ପରିପ୍ରେକ୍ଷୀରେ ରାଷ୍ଟ୍ରର କାର୍ଯ୍ୟାବଳୀକୁ ସଂକୁଚିତ କରିବା ପାଇଁ ଯୁକ୍ତି କରାଯାଉଛି। ରାଷ୍ଟ୍ରର ନିୟନ୍ତ୍ରଣରୁ ମୁକ୍ତ ହେଲେ ବଜାର ବ୍ୟବସ୍ଥା ସମ୍ବଳର ସର୍ବାଧିକ ଉପଯୋଗ କରି ଉତ୍ପାଦନ ବୃଦ୍ଧି ଓ ସାମାଜିକ ସମୃଦ୍ଧିରେ ସହାୟକ ହୋଇପାରିବ। ଉଦାରୀକରଣ ଓ ଘରୋଇକରଣ ମାଧ୍ୟମରେ ଆଭ୍ୟନ୍ତରୀଣ ଅର୍ଥନୀତିର ପୁନର୍ବିନ୍ୟାସ କରିପାରିଲେ ଗୋଟିଏ ରାଷ୍ଟ୍ରରେ ସହଜରେ ଆନ୍ତର୍ଜାତୀୟ ଅର୍ଥନୀତି ସହିତ ଯୋଡ଼ି ହୋଇଯିବ। ଏଭଳି ମିଳନ ଅନୁନ୍ନତ ରାଷ୍ଟ୍ରମାନଙ୍କର ହିତସାଧନ କରିବ ବୋଲି ବିଶ୍ୱାସ ସୃଷ୍ଟି କରାଯାଉଛି।

ସମାଲୋଚନା :

ଭାରତ ଭଳି ଦେଶମାନଙ୍କରେ ଜଗତୀକରଣ ଏକ ସମ୍ବେଦନଶୀଳ ବିଷୟ। ବିଭିନ୍ନ ଦୃଷ୍ଟିକୋଣରୁ ଏହାର ସମାଲୋଚନା କରାଯାଉଛି। ରାଷ୍ଟ୍ରର କାର୍ଯ୍ୟାବଳୀ ଦୃଷ୍ଟିରୁ ଆମେ ଏଗୁଡ଼ିକ ବୁଝିବାକୁ ଚେଷ୍ଟା କରିବା।

ବିଶ୍ୱ ଅର୍ଥନୀତିରେ ବିକଶିତ ରାଷ୍ଟ୍ରମାନଙ୍କର ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କର ପ୍ରଭୁତ୍ୱ ରହିଥିବାରୁ ଅର୍ଥନୈତିକ କ୍ଷେତ୍ରରେ ରାଷ୍ଟ୍ରର କ୍ଷମତା ସଙ୍କୁଚିତ ହୋଇଛି। ଆନ୍ତର୍ଜାତୀୟ ସଂଗଠନମାନଙ୍କ ଦ୍ୱାରା ନିର୍ଦ୍ଧାରିତ ନୀତିଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ରାଷ୍ଟ୍ର ଉପରେ ଚାପ ସୃଷ୍ଟି କରାଯାଉଛି। ଏହା ଫଳରେ ରାଷ୍ଟ୍ରର ଅର୍ଥନୈତିକ ସାର୍ବଭୌମତ୍ୱର ଅବକ୍ଷୟ ହେଉଛି।

ବଜାର ବ୍ୟବସ୍ଥାରେ ହସ୍ତକ୍ଷେପ କରିବାର କ୍ଷମତା ରାଷ୍ଟ୍ର ହରାଇ ବସିଛି। ଏହା ଫଳରେ ବୈଷମ୍ୟ ବଢ଼ୁଛି ଏବଂ ଶ୍ରମିକ ଶ୍ରେଣୀର ମଜୁରୀ, ନିଯୁକ୍ତି ସୁଯୋଗ ଓ ଚାକିରୀ ନିରାପତ୍ତା କ୍ଷେତ୍ରରେ ଘୋର ବ୍ୟାଘାତ ସୃଷ୍ଟି ହେଉଛି। ସରକାରୀ ଉଦ୍ୟୋଗ ଓ ସଂସ୍ଥାମାନଙ୍କର ଘରୋଇକରଣର ପ୍ରକ୍ରିୟା ଏ ସମସ୍ୟାକୁ ଅଧିକ ଘନୀଭୂତ କରିଛି।

ଘରୋଇକରଣ ଫଳରେ ରାଷ୍ଟ୍ରର ସମ୍ପଦ ଉପରେ ଘରୋଇ ପୁଞ୍ଜିପତିମାନଙ୍କର ନିୟନ୍ତ୍ରଣ ହେଉଛି । ଏହି ପୁଞ୍ଜିପତିମାନେ ଏ ସମ୍ପଦର ବ୍ୟବହାର ସମାଜର ସାମୂହିକ ହିତପାଇଁ ନକରି ନିଜର ସ୍ୱାର୍ଥସାଧନ ପାଇଁ କରିଥାନ୍ତି ।

ରାଷ୍ଟ୍ର ଜନମଙ୍ଗଳ କ୍ଷେତ୍ରରୁ ଅପସାରିତ ହେଉଥିବାରୁ ପ୍ରତ୍ୟେକ ବ୍ୟକ୍ତି ନିଜର ସମ୍ପୂର୍ଣ୍ଣ ଦାୟିତ୍ୱ ନେବାକୁ ବାଧ୍ୟ ହେଉଛି । ଶିକ୍ଷା ଓ ସ୍ୱାସ୍ଥ୍ୟଭଳି ଅତ୍ୟାବଶ୍ୟକୀୟ ସେବା ସବୁ ଅଧିକ ବ୍ୟୟସାପେକ୍ଷ ହୋଇଯାଉଛି । ସାମାଜିକ ନିରାପତ୍ତା ବ୍ୟବସ୍ଥା କ୍ଷତିଗ୍ରସ୍ତ ହେଉଛି । ଏହାର ସବୁଠାରୁ ଭୟଙ୍କର କୁପରିଣାମ ଦରିଦ୍ର ଓ ବଂଚିତ ଶ୍ରେଣୀମାନଙ୍କ ଉପରେ ପଡୁଛି । ସେମାନେ ଅଧିକ ଅସହାୟ ହୋଇଯାଉଛନ୍ତି ।

ଉପସଂହାର :

ଊନବିଂଶ ଶତାବ୍ଦୀରେ ବ୍ୟକ୍ତିବାଦର ସର୍ବାଧିକ ପ୍ରସାର ଘଟିଥିଲା । ବିଂଶ ଶତାବ୍ଦୀରେ ଏହାକୁ ପ୍ରତ୍ୟାଖ୍ୟାନ କରାଯାଉଥିଲା ଏବଂ ଜନମଙ୍ଗଳ ରାଷ୍ଟ୍ର ଏହାର ସ୍ଥାନ ନେଇଥିଲା । ବିଂଶ ଶତାବ୍ଦୀର ଶେଷ ଭାଗରେ ଜଗତୀକରଣର ପୋଷାକ ପିନ୍ଧି ବ୍ୟକ୍ତିବାଦର ଏକ ନୂତନ ସଂସ୍କରଣ ପୁଣି ମୁଣ୍ଡ ଟେକିଛି । ତେବେ ଆମ ସମ୍ମୁଖରେ ଦୁଇପ୍ରକାରର ରାଷ୍ଟ୍ରମଧ୍ୟରୁ ଗୋଟିକୁ ବାଛିବାକୁ ପଡ଼ିବ, ସେହି ଦୁଇଟି ହେଉଛି ଜନମଙ୍ଗଳ ରାଷ୍ଟ୍ର ଓ ଜଗତୀକରଣ ପରିପ୍ରେକ୍ଷୀରେ ସୃଷ୍ଟି ହେଉଥିବା ନବ୍ୟ ଉଦାରବାଦୀ ରାଷ୍ଟ୍ର ।

ସଂକ୍ଷିପ୍ତ ସୂଚନା

- ବ୍ୟକ୍ତିବାଦ, ଜନମଙ୍ଗଳ ରାଷ୍ଟ୍ର ଓ ଜଗତୀକରଣ ହେଉଛି ରାଷ୍ଟ୍ର କାର୍ଯ୍ୟାବଳୀ ସମ୍ପର୍କରେ ତିନୋଟି ସ୍ୱତନ୍ତ୍ର ଦୃଷ୍ଟିକୋଣ । ଆଧୁନିକ ଉଦାରବାଦୀ ରାଷ୍ଟ୍ରର କ୍ରମବିକାଶର ବିଭିନ୍ନ ପର୍ଯ୍ୟାୟ ସହିତ ଏଗୁଡ଼ିକ ସମ୍ପୃକ୍ତ ।
- ବ୍ୟକ୍ତିର ସର୍ବାଧିକ ମହତ୍ତ୍ୱରେ ବ୍ୟକ୍ତିବାଦ ବିଶ୍ୱାସ କରେ । ଏହି ମତ ଅନୁସାରେ ରାଷ୍ଟ୍ରର କାର୍ଯ୍ୟାବଳୀ ସର୍ବନିମ୍ନ ହେଲେ ବ୍ୟକ୍ତିର ସ୍ୱାଧୀନତା ସର୍ବାଧିକ ହେବ । ରାଷ୍ଟ୍ରକୁ ଏକ ଆବଶ୍ୟକୀୟ ମନ୍ଦ ଅନୁଷ୍ଠାନ ବୋଲି ବିଚାର କରାଯାଏ ।
- 'ଲେସେ ଫେୟାର୍' ଅର୍ଥ ହେଲା ବ୍ୟକ୍ତିକୁ ନିୟନ୍ତ୍ରଣ ନ କରି 'ଏକାକୀ ଛାଡ଼ିଦିଅ' । ଏହାର ତାତ୍ପର୍ଯ୍ୟ ହେଉଛି ଯେ ରାଷ୍ଟ୍ର ଅର୍ଥନୈତିକ କାର୍ଯ୍ୟକଳାପରେ ହସ୍ତକ୍ଷେପ କରିବ ନାହିଁ ।
- ମୁକ୍ତ ବଜାର ଅର୍ଥନୀତିର ଶୋଷଣମୂଳକ ଓ ଅମାନବୀୟ ଚରିତ୍ରର ପରିଣାମ ସ୍ୱରୂପ ଜନମଙ୍ଗଳ ରାଷ୍ଟ୍ରର ଧାରଣା ସୃଷ୍ଟିହୋଇଥିଲା ।
- 'ଜନମଙ୍ଗଳ ରାଷ୍ଟ୍ର' ବ୍ୟକ୍ତି ସ୍ୱାଧୀନତାର ଏକ ସକାରାତ୍ମକ ବ୍ୟାଖ୍ୟା ଉପରେ ଆଧାରିତ । ଏଥିରେ ବ୍ୟକ୍ତି ସ୍ୱାଧୀନତା ଓ ରାଷ୍ଟ୍ରର କାର୍ଯ୍ୟାବଳୀର ବ୍ୟାପକତା ମଧ୍ୟରେ ବିରୋଧାଭାବ ନଥାଏ । ଅର୍ଥନୀତିର ନିୟନ୍ତ୍ରଣ ତଥା ସାମାଜିକ ଓ ଅର୍ଥନୈତିକ ନିରାପତ୍ତାର ବ୍ୟବସ୍ଥା ଜନମଙ୍ଗଳ ରାଷ୍ଟ୍ରର ଦାୟିତ୍ୱ ହୋଇଥାଏ ।
- ଜଗତୀକରଣର ପ୍ରକ୍ରିୟାରେ ଜନମଙ୍ଗଳ ରାଷ୍ଟ୍ରର କ୍ରମଶଃ ପତନ ଘଟୁଛି ଏବଂ ମୁକ୍ତ ବଜାର ଅର୍ଥନୀତିର ଆଉ ଥରେ ଆବିର୍ଭାବ ହେଉଛି । ଏହା ଫଳରେ ରାଷ୍ଟ୍ରର କାର୍ଯ୍ୟାବଳୀରେ ହ୍ରାସ ଘଟୁଛି ।

ଆଦର୍ଶ ପ୍ରଶ୍ନାବଳୀ

('କ' - ବିଭାଗ)

୧. ତ୍ରୁଟିପୂର୍ଣ୍ଣ ବାକ୍ୟଗୁଡ଼ିକୁ ସଂଶୋଧନ କର :

(କ) 'Laissez fair'ର ଅର୍ଥ ହେଲା– ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅତ୍ୟଧିକ ସ୍ୱାଧୀନତା ଦେବା ।
(ଖ) ବ୍ୟକ୍ତିବାଦୀମାନେ ବିଶ୍ୱାସ କରନ୍ତି ଯେ– 'ଲକ୍ଷ୍ୟ ହାସଲ ପାଇଁ ବ୍ୟକ୍ତି ହିଁ ପ୍ରମୁଖ ମାଧ୍ୟମ' ।
(ଗ) ଭାରତ ଏକ 'ଜନଙ୍ଗଳ ରାଷ୍ଟ୍ର' ନୁହେଁ ।
(ଘ) ଜନମଙ୍ଗଳ ରାଷ୍ଟ୍ରରେ ଆଇନ ଶୃଙ୍ଖଳାକୁ ନିୟନ୍ତ୍ରଣ କରିବା ଏକ ଇଚ୍ଛାଧୀନ କାର୍ଯ୍ୟ ।
(ଙ) ଯୁକ୍ତରାଷ୍ଟ୍ର ଆମେରିକା (USA) ଜଗତୀକରଣ (Globalization)ର ବିରୋଧୀ ।

୨. ଶୂନ୍ୟସ୍ଥାନ ପୂରଣ କର :

(କ) 'Laissez faire' ତତ୍ତ୍ୱର ଅନ୍ୟନାମ ________ ତତ୍ତ୍ୱ ଅଟେ ।
(ଖ) ________ ତତ୍ତ୍ୱ ରାଷ୍ଟ୍ରକୁ ଏକ 'ଆବଶ୍ୟକୀୟ ବାଜେ' ବୋଲି ଅଭିହିତ କରେ ।
(ଗ) ________ 'ବ୍ୟକ୍ତିବାଦ'ର ମୁଖ୍ୟ ପ୍ରବକ୍ତା ଅଟନ୍ତି ।
(ଘ) ________ ରାଷ୍ଟ୍ର, ଜନସାଧାରଣଙ୍କର ମୌଳିକ ଆବଶ୍ୟକତାକୁ ପରିପୂରଣ କରେ ।
(ଙ) ଆଧୁନିକ ରାଷ୍ଟ୍ରଗୁଡ଼ିକୁ ________ ରାଷ୍ଟ୍ର କୁହାଯାଏ ।

୩. ଅତିକ୍ଷୁଦ୍ର ଉତ୍ତର ମୂଳକ ପ୍ରଶ୍ନାବଳୀ :

(କ) 'ବ୍ୟକ୍ତିବାଦ'ର ଅର୍ଥ କ'ଣ ?
(ଖ) 'Laissez Fare' ତତ୍ତ୍ୱର ଅର୍ଥ କ'ଣ ?
(ଗ) ବ୍ୟକ୍ତିବାଦୀ ତତ୍ତ୍ୱ ଅନୁଯାୟୀ ରାଷ୍ଟ୍ର କିଭଳି ଏକ 'ଅତ୍ୟାବଶ୍ୟକ ମନ୍ଦ ବ୍ୟବସ୍ଥା'– ଆଲୋଚନା କର ।
(ଘ) ବ୍ୟକ୍ତିବାଦର ପ୍ରମୁଖ ପ୍ରବକ୍ତାମାନେ ସବୁ କିଏ ?
(ଙ) କେଉଁ ପ୍ରକାରର ସରକାରକୁ ବ୍ୟକ୍ତିବାଦୀମାନେ ପସନ୍ଦ କରିଥାନ୍ତି ?

୪. କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନାବଳୀ :

(କ) ବ୍ୟକ୍ତିବାଦର ସଂଜ୍ଞା ନିରୂପଣ କର ।
(ଖ) ବ୍ୟକ୍ତିବାଦ ସପକ୍ଷରେ ଯୁକ୍ତି ଉପସ୍ଥାପନ କର ।
(ଗ) ବ୍ୟକ୍ତିବାଦର ବିପକ୍ଷରେ ଯୁକ୍ତି ଉପସ୍ଥାପନ କର ।
(ଘ) ଜନମଙ୍ଗଳ ରାଷ୍ଟ୍ରର ଅର୍ଥ କ'ଣ ?
(ଙ) ରାଷ୍ଟ୍ରର ବାଧ୍ୟତାମୂଳକ କାର୍ଯ୍ୟାବଳୀ ଆଲୋଚନା କର ।
(ଚ) ଜଗତୀକରଣର ଅର୍ଥ କ'ଣ ?

('ଖ' - ବିଭାଗ)

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନାବଳୀ :

୧. ବ୍ୟକ୍ତିବାଦ କାହାକୁ କୁହାଯାଏ ?
୨. ବ୍ୟକ୍ତିବାଦର ସ୍ୱରୂପ ନିରୂପିତ କରି ଏହାର ବିରୁଦ୍ଧରେ ଯୁକ୍ତି ଉପସ୍ଥାପନ କର ।
୩. ରାଷ୍ଟ୍ରର କାର୍ଯ୍ୟାବଳୀ ସମ୍ବନ୍ଧରେ ବ୍ୟକ୍ତିବାଦୀ ତତ୍ତ୍ୱର ଯୁକ୍ତିସବୁ ଉପସ୍ଥାପିତ କର ।
୪. ଜନମଙ୍ଗଳ ରାଷ୍ଟ୍ରର ବ୍ୟାଖ୍ୟାକରି, ଏହାକୁ କିପରି 'Police-state' ଠାରୁ ପୃଥକ– ଆଲୋଚନା କର ।
୫. ଜନମଙ୍ଗଳ ରାଷ୍ଟ୍ର କାହାକୁ କୁହାଯାଏ ? ଏହାର ବାଧ୍ୟତାମୂଳକ କାର୍ଯ୍ୟସବୁ କ'ଣ ?
୬. ଆଧୁନିକ ଜନମଙ୍ଗଳ ରାଷ୍ଟ୍ରର କାର୍ଯ୍ୟାବଳୀ ଆଲୋଚନା କର ?

❑●❑

ଚତୁର୍ଥ ଅଧ୍ୟାୟ

ସ୍ୱତନ୍ତ୍ରତା (LIBERTY)

ଅର୍ଥ ଏବଂ ପ୍ରକାରଭେଦ

ଅର୍ଥ :

ସ୍ୱତନ୍ତ୍ରତା ହେଉଛି ଏପରି ଏକ ଯାଦୁକାରୀ ଶବ୍ଦ ଯାହା ଲକ୍ଷ ଲକ୍ଷ ଲୋକଙ୍କୁ ବିପ୍ଳବ କରିବା ପାଇଁ ଇନ୍ଧନ ଯୋଗାଇଛି । ମାନବ ସଭ୍ୟତାର ଇତିହାସ ହେଉଛି ସ୍ୱତନ୍ତ୍ରତାର ଇତିହାସ । ୧୭୮୯ ମସିହା ଫରାସୀ ବିପ୍ଳବର ପ୍ରାକ୍ କାଳରେ ପ୍ରଖ୍ୟାତ ଦାର୍ଶନିକ ରୁଷୋ (Rousseau) ଐତିହାସିକ ଘୋଷଣା ନାମରେ କହିଥିଲେ, "ମନୁଷ୍ୟ ମୁକ୍ତ ଭାବରେ ଜନ୍ମ ନିଏ ମାତ୍ର ପରବର୍ତ୍ତୀ ସମୟରେ ଶୃଙ୍ଖଳଦ୍ୱାରା ବେଷ୍ଟିତ ହୁଏ ।" ସ୍ୱତନ୍ତ୍ରତା ଏହିଭଳି ଏକ ହୃଦୟସ୍ପର୍ଶୀ ଧାରଣା ଯେଉଁଥିପାଇଁ ମଣିଷ ମରିବା ପାଇଁ କେବେବି କୁଣ୍ଠା ପ୍ରକାଶ କରେ ନାହିଁ । ଫରାସୀ ବିପ୍ଳବରେ ସ୍ୱତନ୍ତ୍ରତା ପାଇଁ ରକ୍ତର ନଦୀ ବହିଯିବା ଦେଖି ରୋମାଁ ରୋଲ୍ଲା (Romain Roland) କାନ୍ଦି ପକାଇ କହିଥିଲେ, "ସ୍ୱତନ୍ତ୍ରତା, ତୁମ ନାଁରେ ଏ କି ପ୍ରକାର ଜଘନ୍ୟ ହତ୍ୟାକାଣ୍ଡ ଘଟିଚାଲିଛି ।" ବିଲାତ ସାମ୍ରାଜ୍ୟବାଦରୁ ମୁକ୍ତି ପାଇଁ ଯୁକ୍ତରାଷ୍ଟ୍ର ଆମେରିକାର ମୁକ୍ତି ସଂଗ୍ରାମ, ବୋରବନ ରାଜାଙ୍କ ବିରୁଦ୍ଧରେ ୧୭୮୯ ମସିହାର ଫରାସୀ ବିପ୍ଳବ, ଜାର ଶାସନର ଅବସାନ ପାଇଁ ୧୯୧୭ରେ ରୁଷିଆରେ ସଂଗଠିତ ସର୍ବହରାଙ୍କ ବିପ୍ଳବ, ଭାରତର ସ୍ୱାଧୀନତା ସଂଗ୍ରାମ ଓ ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟବାଦୀ ଗୋରା ସରକାରଙ୍କ ବିରୁଦ୍ଧରେ ନେଲସନ ମାଣ୍ଡେଲାଙ୍କ ଅଦମ୍ୟ ସଂଗ୍ରାମ ପ୍ରଭୃତି ସ୍ୱତନ୍ତ୍ରତା ପାଇଁ ଜନସାଧାରଣଙ୍କର ଗଭୀର ଆଗ୍ରହର ସୂଚନା ପ୍ରଦାନ କରେ ।

ଇଂରାଜୀ ଶବ୍ଦ 'ଲିବର୍ଟି' (Liberty) ଲାଟିନ୍ ଶବ୍ଦ ଲିବର 'Liber' ରୁ ଆସିଛି ଯାହାର ଅର୍ଥ ହେଲା 'ମୁକ୍ତି' । ତେଣୁ ସ୍ୱତନ୍ତ୍ରତାର ଆକ୍ଷରିକ ବ୍ୟୁତ୍ପତ୍ତି ହେଲା ଜଣେ ଯାହା କରିବାକୁ ଚାହୁଁଛି ତାହାକୁ କରିବା ପାଇଁ ସୁଯୋଗ ଦେବା । କିନ୍ତୁ ଏହା ସ୍ୱତନ୍ତ୍ରତାର ଭାବଗତ ଅର୍ଥର ବିରୁଦ୍ଧାଚରଣ କରୁଛି । ସମୟ କ୍ରମେ ଏହାକୁ ବିଭିନ୍ନ ଭାବରେ ବ୍ୟାଖ୍ୟା କରାଯାଇ ନାନା ଅର୍ଥରେ ପ୍ରକାଶ କରାଯାଇଥାଏ । ସ୍ୱତନ୍ତ୍ରତା କେବଳ ଗୋଟିଏ ସୁସ୍ଥ ସମାଜରେ ଉପଭୋଗ କରାଯାଇପାରେ ଓ ଯେଉଁଠି ସମାଜ ନାହିଁ ସେଠାରେ ସ୍ୱତନ୍ତ୍ରତା କଥାର କଳ୍ପନା କରାଯାଇ ନପାରେ । ଆଲେକଜାଣ୍ଡାର ସେଲକାର୍କ ନାମକ ନାବିକ ଯାହାକୁ ଏକ ନିର୍ଜନ ଦ୍ୱୀପରେ ନିର୍ବାସନ ଦଣ୍ଡ ଦିଆଯାଇଥିଲା ସେଠାରେ ସେ କୌଣସି ସ୍ୱାଧୀନତା ଉପଭୋଗ କରିପାରୁନଥିଲା କାରଣ ସେଠାରେ କୌଣସି ସମାଜ ନଥିଲା । ତେଣୁ ସ୍ୱାଧୀନତାକୁ ଉପଭୋଗ କରିବା ପାଇଁ ଗୋଟିଏ ଅନୁକୂଳ ପରିବେଶର ଆବଶ୍ୟକତା ରହିଛି । କିନ୍ତୁ ଏହି ଅନୁକୂଳ ବିଶେଷଣକୁ ବିଭିନ୍ନ ଅର୍ଥରେ ବ୍ୟବହାର କରାଯାଇଥିବାର ଦୃଷ୍ଟାନ୍ତ ରହିଅଛି । ଜଣେ ମାର୍କ୍ସବାଦୀ ଏକ ଶ୍ରେଣୀ ବିହୀନ, ରାଷ୍ଟ୍ରବିହୀନ ସମାଜ ଗଠନରେ ସ୍ୱତନ୍ତ୍ରତାର ଉପସ୍ଥିତି ଅନୁଭବ କରୁଥିବା ବେଳେ ଜଣେ ନୈରାଜ୍ୟବାଦୀ

ବା ନିରାଷ୍ଟ୍ରବାଦୀ (Anarchist) ରାଷ୍ଟ୍ରର ଅନୁପସ୍ଥିତିରେ ସ୍ୱତନ୍ତ୍ରତାର ଉପସ୍ଥିତି ଅନୁଭବ କରିଥାଏ । ଜଣେ ବହୁବାଦୀ (Pluralist) ସଂଘମାନଙ୍କର କାର୍ଯ୍ୟର ବିବିଧତାରେ ସ୍ୱତନ୍ତ୍ରତା ଖୋଜି ପାଉଥିବା ବେଳେ ଜଣେ ଗଣତନ୍ତ୍ର ସପକ୍ଷବାଦୀ କ୍ଷମତାର ବିକେନ୍ଦ୍ରୀକରଣରେ ସ୍ୱତନ୍ତ୍ରତାର ସତ୍ତା ଅନୁଭବ କରେ । ଗ୍ରୀକ୍ ଅଧିବାସୀମାନେ ଆଇନର ଶାସନ (Rule of Law) ନିକଟରେ ବ୍ୟକ୍ତିର ସମର୍ପଣରେ ହିଁ ସ୍ୱତନ୍ତ୍ରତା ଅଛି ବୋଲି କହିଥାଆନ୍ତି । ପ୍ରଖ୍ୟାତ ଦାର୍ଶନିକ ରୁଷୋ (Rousseau) ସର୍ବସାଧାରଣଙ୍କ ଇଚ୍ଛାଶକ୍ତି ଓ ବହୁଜନହିତାୟ ପାଇଁ ବ୍ୟକ୍ତି ସ୍ୱାଧୀନତାକୁ ବଳିଦେବାରେ ସ୍ୱତନ୍ତ୍ରତାକୁ ଦେଖିଥାଆନ୍ତି । ଇଂରାଜୀ ଦାର୍ଶନିକ 'ହବ୍ସ'(Hobbes) ପ୍ରତିବନ୍ଧକର ଅବର୍ତ୍ତମାନରେ ସ୍ୱତନ୍ତ୍ରତା ରହିଥିବା କଥା ପ୍ରକାଶ କରିଅଛନ୍ତି । ପ୍ରଖ୍ୟାତ ଇଂରାଜୀ ଦାର୍ଶନିକ ଓ ସ୍ୱତନ୍ତ୍ରତାର ପୁରୋଧା ଜନ୍ ଷ୍ଟୁଆର୍ଟ ମିଲ (John Stuart Mill) ଜଣକୁ ନିଜ ଅଧୀନରେ ଛାଡ଼ିଦେବାକୁ ସ୍ୱତନ୍ତ୍ରତା ବୋଲି କହିଅଛନ୍ତି ଓ ତାଙ୍କ ମତରେ ସମସ୍ତପ୍ରକାରର ପ୍ରତିବନ୍ଧନ ସ୍ୱତନ୍ତ୍ରତାର ପରିପନ୍ଥୀ । ତେଣୁ ସ୍ୱତନ୍ତ୍ରତା ଶବ୍ଦର ପ୍ରକୃତ ଅର୍ଥ ଖୋଜିପାଇବାକୁ ହେଲେ କେତେଗୁଡ଼ିଏ ସଂଜ୍ଞାର ଅବତାରଣା କରି ତାହାର ବାଖ୍ୟା କରିବାର ଆବଶ୍ୟକତା ରହିଅଛି ।

ଅଧ୍ୟାପକ ଲାସ୍କୀ (Professor Laski)ଙ୍କ ମତରେ "ସ୍ୱତନ୍ତ୍ରତାର ଅର୍ଥ ହେଲା ଏପରି ଏକ ବାତାବରଣ ସୃଷ୍ଟି କରିବା ଯେଉଁଥିରେ ମନୁଷ୍ୟ ତାହାର ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ପୂର୍ଣ୍ଣ ସୁଯୋଗ ପାଇପାରିବ ।"

ମାକେଞ୍ଜୀ (Makenhzie)ଙ୍କ ଭାଷାରେ "ସ୍ୱତନ୍ତ୍ରତାର ଅର୍ଥ ସମସ୍ତ ପ୍ରକାର ନିୟନ୍ତ୍ରଣର ଅନୁପସ୍ଥିତି ନୁହେଁ ବରଂ ଯୁକ୍ତିସଂଗତ ନିୟନ୍ତ୍ରଣ ନିକଟରେ ଅଯୌକ୍ତିକ ଓ ଅନୁଚିତ ନିୟନ୍ତ୍ରଣର ଅବସ୍ଥାପନକୁ ବୁଝାଇଥାଏ ।"

ଗେଟେଲ (Gettel)ଙ୍କ ମତରେ "ସ୍ୱତନ୍ତ୍ରତା କହିଲେ ଆସ୍ତିବାଚକ କ୍ଷମତାବଳରେ ଉପଭୋଗ କରିବାର ଉପଭୋଗ ଯୋଗ୍ୟ କାର୍ଯ୍ୟକୁ ବୁଝାଇଥାଏ ।"

ସିଲେ (Selley)ଙ୍କ ଭାଷାରେ "ସ୍ୱତନ୍ତ୍ରତା, ମାତ୍ରାଧିକ ଶାସନକ୍ଷମତାର ବିପରୀତକୁ ବୁଝାଏ ।"

ଜାତିର ପିତା ମହାତ୍ମାଗାନ୍ଧୀଙ୍କ ମତରେ "ସ୍ୱତନ୍ତ୍ରତା ଅର୍ଥ ପ୍ରତିବନ୍ଧକର ଅବିଦ୍ୟମାନତା ନୁହେଁ, ପରନ୍ତୁ ବ୍ୟକ୍ତିତ୍ୱ ବିକାଶ ପାଇଁ ଉଦ୍ଦିଷ୍ଟ ଚିନ୍ତାଧାରା ଅଟେ ।"

୧୭୮୯ ମସିହାରେ ଲୋକଙ୍କ ଅଧିକାର ସଂପର୍କରେ ଫରାସୀ ଘୋଷଣାନାମା (The French Declaration of the Rights of Man) ରେ "ସ୍ୱତନ୍ତ୍ରତା କହିଲେ ସମସ୍ତଙ୍କର ଅନ୍ୟମାନଙ୍କୁ ଅସୁବିଧା ନ ପକାଉଥିବା କାର୍ଯ୍ୟ ସଂପାଦନାକୁ ବୁଝାଏ ।"

ଉପରୋକ୍ତ ସଂଜ୍ଞାଗୁଡ଼ିକୁ ପରୀକ୍ଷାକଲେ ଆମେ ସ୍ୱତନ୍ତ୍ରତାର ଦୁଇଟି ଦିଗ ସଂସ୍ପର୍ଶରେ ଆସିଥାଉ । ଗୋଟିଏ ହେଲା ନାସ୍ତିସୂଚକ ଓ ଅନ୍ୟଟି ହେଲା ଆସ୍ତିସୂଚକ । ଯେତେବେଳେ ସ୍ୱତନ୍ତ୍ରତାକୁ ଆମେ ପ୍ରତିବନ୍ଧକର ଅବିଦ୍ୟମାନତା ବୋଲି ଦେଖୁ, ସେତେବେଳେ ନାସ୍ତିସୂଚକ ଦିଗପ୍ରତି ଦୃଷ୍ଟି ରଖୁ । ଏହା ଜନସାଧାରଣଙ୍କୁ ନିରଙ୍କୁଶ ସ୍ୱାଧୀନତା ଉପଭୋଗ କରିବାକୁ ଯୁକ୍ତି ବାଢ଼ିଥାଏ । ଜନଷ୍ଟୁଆର୍ଟ ମିଲ ଏହି ନାସ୍ତିସୂଚକ ସ୍ୱତନ୍ତ୍ରତାର ପ୍ରଖ୍ୟାତ ପ୍ରବକ୍ତା ଅଟନ୍ତି ଏବଂ ସେ ଲୋକର ଆତ୍ମକୈନ୍ଦ୍ରିକ କାର୍ଯ୍ୟକଳାପରେ ହସ୍ତକ୍ଷେପକୁ ପ୍ରତ୍ୟାଖ୍ୟାନ କରିଅଛନ୍ତି । ଆଇନଦ୍ୱାରା ବ୍ୟକ୍ତିର ଅନ୍ତର୍ନିହିତ ଗୁଣର ବିକାଶ ଲାଗି ମୁକ୍ତ ଓ ସଂପୂର୍ଣ୍ଣ ସୁଯୋଗ ପ୍ରଦାନ କରିବା ପାଇଁ ଯୁକ୍ତି ଦର୍ଶାଯାଇଛି । ଲାସ୍କୀ ଆସ୍ତିସୂଚକ ସ୍ୱତନ୍ତ୍ରତାର ଜଣେ ବଡ଼ ପ୍ରବକ୍ତା । ସମସ୍ତ ଆଧୁନିକ ସ୍ୱତନ୍ତ୍ରତା ଏକ ଉଚ୍ଛୃଙ୍ଖଳ ବ୍ୟବସ୍ଥା ସୃଷ୍ଟି କରିବାରେ ସହାୟକ ହେବ ବୋଲି ସତର୍କ କରିଦେଇଛନ୍ତି । ଜନ ଷ୍ଟୁଆର୍ଟ ମିଲ ମନୁଷ୍ୟର ସମସ୍ତ କାର୍ଯ୍ୟକୁ ଦୁଇ ଭାଗରେ

ବିଭକ୍ତ କରିଅଛନ୍ତି । ଆତ୍ମ ସଂପର୍କିତ (Self-regarding) ଓ ଅପର ସଂପର୍କିତ (Other-regarding) । ଯେଉଁ କାର୍ଯ୍ୟର ପ୍ରଭାବ କେବଳ ସେହି ବ୍ୟକ୍ତି ଉପରେ ପଡ଼ିଥାଏ ତାହାକୁ ଆତ୍ମସଂପର୍କିତ କାର୍ଯ୍ୟ ବୋଲି କୁହାଯାଉଥିବା ବେଳେ ଯେଉଁ କାର୍ଯ୍ୟର ପ୍ରଭାବ ସମାଜର ସମସ୍ତବର୍ଗର ଲୋକଙ୍କ ଉପରେ ପଡ଼ିଥାଏ ତାହାକୁ ଅପର ସଂପର୍କିତ କାର୍ଯ୍ୟ ବୋଲି କୁହାଯାଇଥାଏ । ମିଲ୍‌ଙ୍କର ଏହି ମତ ଗ୍ରହଣୀୟ ନୁହେଁ କାରଣ ଏହା ସ୍ୱତନ୍ତ୍ରତାର ପ୍ରକୃଷ୍ଟ ଅର୍ଥ ପ୍ରକାଶ କରିବାରେ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି କରିବ । ଏହାଦ୍ୱାରା ଜଣେ ମଦ୍ୟପ ମଦ୍ୟପାନ କରି ଗୋଟିଏ ଭଙ୍ଗାପୋଲକୁ ଅତିକ୍ରମ କରିବା ପାଇଁ ଚେଷ୍ଟା କଲାବେଳେ ତାକୁ ବାଧାଦେବା ଏକ ଅନୁଚିତ କାର୍ଯ୍ୟ ବୋଲି ବିବେଚନା କରାଯିବ । କାରଣ ତାହା ଆତ୍ମସଂପର୍କିତ କାର୍ଯ୍ୟ । ମାତ୍ର ସେହି ବ୍ୟକ୍ତି ଜଣଙ୍କ ମଦ୍ୟପାନ କରି ରାସ୍ତାରେ ଟ୍ରାଫିକ୍ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କଲେ ସେଥିରେ ରାଷ୍ଟ୍ର ହସ୍ତକ୍ଷେପ କରିଥାଏ କାରଣ ତାହା ଅପର ସଂପର୍କିତ । ମିଲଙ୍କର ଏପରି ଯୁକ୍ତିକୁ ପ୍ରଫେସର ବାର୍କର (Prof. Barker) ନାପସନ୍ଦ କରି ମନୁଷ୍ୟର ସମସ୍ତ କାର୍ଯ୍ୟ ସମାଜ ସଂପର୍କିତ ବୋଲି ଯୁକ୍ତି ଦର୍ଶାଇଛନ୍ତି ।

ତେଣୁ ସ୍ୱତନ୍ତ୍ରତାର ନିମ୍ନଲିଖିତ ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ ।

(୧) ସ୍ୱତନ୍ତ୍ରତାର ଅର୍ଥ ସମସ୍ତ ପ୍ରକାର ପ୍ରତିବନ୍ଧକର ଅବିଦ୍ୟମାନତା ନୁହେଁ ।

(୨) ସ୍ୱତନ୍ତ୍ରତାର ଅର୍ଥ ଅଯୌକ୍ତିକ ଓ ଅତ୍ୟାଚାରୀ ପ୍ରତିବନ୍ଧକର ଅନୁପସ୍ଥିତି ।

(୩) ସ୍ୱତନ୍ତ୍ରତାର ଅର୍ଥ ମନୁଷ୍ୟର କାର୍ଯ୍ୟଉପରେ ଆଇନଗତ, ନୈତିକ ଓ ଯୁକ୍ତି ସଂଗତ ପ୍ରତିବନ୍ଧକର ଆବଶ୍ୟକତା ।

(୪) ମନୁଷ୍ୟର ବ୍ୟକ୍ତିତ୍ୱର ବିକାଶ ଲାଗି ଏହା ଏକ ଆବଶ୍ୟକୀୟ ସର୍ତ୍ତ ଅଟେ ।

(୫) ଏହାର ଅର୍ଥ ଅନ୍ୟର ଅସୁବିଧା ନକରି ସମସ୍ତ କାର୍ଯ୍ୟ କରିବା ପାଇଁ ବ୍ୟକ୍ତିକୁ ଅଧିକାର ଦେବା ।

(୬) ରାଷ୍ଟ୍ର କୌଣସି ପ୍ରକାର ବାଛବିଚାର ନକରି ସମସ୍ତ ଜନସାଧାରଣକୁ ସୁବିଧା ଦେବା ସ୍ୱତନ୍ତ୍ରତାର ଅନ୍ୟ ଏକ ଦିଗ ଅଟେ ।

ସ୍ୱତନ୍ତ୍ରତାର ପ୍ରକାର ଭେଦ (Types of Liberty)

ମ୍ୟାକାଇଭର (MacIver) ୧୯୫୦ ମସିହାରେ ଲିଖିତ ତାଙ୍କର ପୁସ୍ତକ 'ଆଧୁନିକ ରାଷ୍ଟ୍ର' (The Modern State) ରେ ସ୍ୱତନ୍ତ୍ରତାର ବିଭିନ୍ନତା ଆଲୋକପାତ କରିଅଛନ୍ତି । ବ୍ୟାପକ ଦୃଷ୍ଟିକୋଣରୁ ବିଚାର କରି ସ୍ୱତନ୍ତ୍ରତାକୁ ୫ଟି ଭାଗରେ ବିଭକ୍ତ କରାଯାଇଛି । ଯଥା–

(କ) ପ୍ରାକୃତିକ ସ୍ୱତନ୍ତ୍ରତା (Natural Liberty)

(ଖ) ସାମାଜିକ ସ୍ୱତନ୍ତ୍ରତା (Civil Liberty)

(ଗ) ରାଜନୈତିକ ସ୍ୱତନ୍ତ୍ରତା (Political Liberty)

(ଘ) ଅର୍ଥନୈତିକ ସ୍ୱତନ୍ତ୍ରତା (Economic Liberty)

(ଙ) ଜାତୀୟ ସ୍ୱତନ୍ତ୍ରତା (National Liberty)

ସ୍ୱତନ୍ତ୍ରତା (Liberty)				
ପ୍ରାକୃତିକ ସ୍ୱତନ୍ତ୍ରତା (Natural Liberty)	ବ୍ୟକ୍ତିଗତ ବା ସାମାଜିକ ସ୍ୱତନ୍ତ୍ରତା (Civil Liberty)	ରାଜନୈତିକ ସ୍ୱତନ୍ତ୍ରତା Political Liberty)	ଅର୍ଥନୈତିକ ସ୍ୱତନ୍ତ୍ରତା (Economic Liberty)	ଜାତୀୟ ସ୍ୱତନ୍ତ୍ରତା (National Liberty)
୧. ଏହା ରାଷ୍ଟ୍ରର	୧. ମତବ୍ୟକ୍ତ କରିବାର ଅଧିକାର ପୂର୍ବ ଓ ସ୍ୱତନ୍ତ୍ର।	୧. ଭୋଟ ଦେବା ଅଧିକାର	୧. କାମକରିବାର ଅଧିକାର	୧. ଆଭ୍ୟନ୍ତରୀଣ ଓ ବାହ୍ୟକ୍ଷେତ୍ରରେ ସଂପୂର୍ଣ୍ଣ ସ୍ୱାଧିନତା
	୨. ଗମନାଗମନର ଅଧିକାର	୨. ନିର୍ବାଚିତ ହେବା ଅଧିକାର	୨. ଅବକାଶ ଅଧିକାର	
	୩. ସଂପତ୍ତିଗତ ଅଧିକାର କରିବା ଅଧିକାର	୩. ସରକାରୀପଦ ମଣ୍ଡନ ଅଧିକାର	୩. ଯଥୋଚିତ ମଜୁରି ପାଇବାର	
	୪. ମୁକ୍ତ ଜୀବନନିର୍ବାହର ଅଧିକାର ସାହାଯ୍ୟ ପାଇବା ଅଧିକାର	୪. ପ୍ରଚାର କରିବା ଅଧିକାର	୪. ବେକାରୀ ଓ ପୀଡ଼ିତ ଅବସ୍ଥାରେ	
	୫. ନିଜ ସଂସ୍କୃତିରକ୍ଷାର ଅଧିକାର କରିବା ଅଧିକାର	୫. ସରକାରଙ୍କୁ ସମାଲୋଚନା	୫. ଶୋଷଣ ବିରୋଧି ଅଧିକାର	

୧. ପ୍ରାକୃତିକ ସ୍ୱତନ୍ତ୍ରତା (Natural Liberty) :

ପ୍ରାକୃତିକ ସ୍ୱତନ୍ତ୍ରତାକୁ ଲୋକଲୋଚନକୁ ଆଣିବାରେ ସାମାଜିକ ଚୁକ୍ତିବାଦୀ (Contractualist) ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ହବସ୍, ଲକ୍ ଓ ରଷୋଙ୍କ ମତରେ ଆଦିମ ମଣିଷ ବଣ ଜଙ୍ଗଲରେ ଯେଉଁ ଅଖଣ୍ଡ ସ୍ୱାଧୀନତା ଭୋଗ କରୁଥିଲା ତାହା ରାଷ୍ଟ୍ର ଦତ୍ତ ନ ହୋଇ ପ୍ରକୃତିଦତ୍ତ ଥିଲା । ତେଣୁ ମନୁଷ୍ୟ ଜନ୍ମ ହେବା ମାତ୍ରେ ଏହି ସବୁ ସ୍ୱାଧୀନତା ତାହା ସହିତ ଜନ୍ମ ନେଇଥାଏ । ଏହି ସ୍ୱାଧୀନତା ଅସୀମ ଓ ଅନିୟନ୍ତ୍ରିତ । ଧନ, ଜୀବନ ଓ ସ୍ୱାଧୀନତା ଅଧିକାର ଏହି ସ୍ୱତନ୍ତ୍ରତାର ପରିସରଭୁକ୍ତ । ଏହି ସ୍ୱତନ୍ତ୍ରତା ବିନା ଗୋଟିଏ ସଂଗଠିତ ରାଜନୈତିକ ସମାଜ ଗଠନ ସମ୍ଭବପର ହୋଇପାରିବ ନାହିଁ । ମାତ୍ର ଏହିପ୍ରକାର ସ୍ୱତନ୍ତ୍ରତା ଅରାଜକତା ସୃଷ୍ଟି କରିବାରେ ସହାୟକ ହେବାର ଆଶଙ୍କା ରହିଛି ।

୨. ସାମାଜିକ ସ୍ୱତନ୍ତ୍ରତା (Civil Liberty) :

ଜଣେ ବ୍ୟକ୍ତି ଜଣେ ହିସାବରେ ଯେଉଁ ସ୍ୱତନ୍ତ୍ରତା ଉପଭୋଗ କରେ ତାହାକୁ ସାମାଜିକ ସ୍ୱତନ୍ତ୍ରତା କୁହାଯାଏ । ଏହି ସ୍ୱତନ୍ତ୍ରତା ସମସ୍ତ ବ୍ୟକ୍ତିବିଶେଷଙ୍କୁ ରାଷ୍ଟ୍ର ଦ୍ୱାରା ପ୍ରଦାନ କରାଯାଇଥାଏ ଓ ଏହାର ଅନୁପସ୍ଥିତିରେ ମଣିଷ ପଶୁତୁଲ୍ୟ ପରିଗଣିତ ହୁଏ । ପ୍ରଫେସର ବାର୍କର (Prof. Barker) ଙ୍କ ମତରେ ଶାରୀରିକ ସ୍ୱାଧୀନତା, ବାକ୍ ଓ ବୌଦ୍ଧିକ ସ୍ୱାଧୀନତା ଓ ଚୁକ୍ତି ପାଇଁ ସ୍ୱାଧୀନତା ସବୁ ସାମାଜିକ ସ୍ୱତନ୍ତ୍ରତାର ଅଂଶବିଶେଷ ।

୩. ରାଜନୈତିକ ସ୍ୱତନ୍ତ୍ରତା (Political Liberty) :

ଜଣେ ବ୍ୟକ୍ତି ଜଣେ ନାଗରିକ ହିସାବରେ ଯେଉଁ ସ୍ୱାଧୀନତା ଉପଭୋଗ କରେ ତାହାକୁ ରାଜନୈତିକ ସ୍ୱତନ୍ତ୍ରତା କୁହାଯାଏ । ଏହାର ମୂଳଲକ୍ଷ୍ୟ ହେଲା ସମସ୍ତ ନାଗରିକମାନଙ୍କୁ ରାଷ୍ଟ୍ରର ରାଜନୈତିକ କାର୍ଯ୍ୟକଳାପରେ ଭାଗ ନେବା ପାଇଁ ସମାନ ସୁଯୋଗ ଓ ସୁବିଧା ଦେବା । ଭୋଟ ଦାନର ଅଧିକାର, ପ୍ରତିଦ୍ୱନ୍ଦିତା କରିବାର ଅଧିକାର, ରାଜନୈତିକ ଦଳ ଗଠନ କରିବାର ଅଧିକାର ଏହାର ପରିସରଭୁକ୍ତ । ସଭାସମିତି କରି, ଧାରଣା ଓ ଶୋଭାଯାତ୍ରା ମାଧ୍ୟମରେ ସରକାର ଉପରେ ଚାପ ପକାଇବା ରାଜନୈତିକ ସ୍ୱତନ୍ତ୍ରତାର ଅନ୍ୟ ଏକ ବିଶେଷତ୍ୱ । ପ୍ରଫେସର ଲାସ୍କୀ (Prof. Laski) ଙ୍କ ମତରେ ଏହି ସ୍ୱତନ୍ତ୍ରତା ଉପଭୋଗ କରିବା ପାଇଁ ଦୁଇଗୋଟି ସର୍ତ୍ତ ପୂରଣ ହେବା ଆବଶ୍ୟକ । (କ) ବ୍ୟାପକ ଶିକ୍ଷା ବିସ୍ତାର (ଖ) ସଚ୍ଚୋଟ ଓ ନିର୍ଭିକ ସଂବାଦ ପ୍ରଦାନ ।

୪. ଅର୍ଥନୈତିକ ସ୍ୱତନ୍ତ୍ରତା (Economic Liberty) :

ପ୍ରତ୍ୟେକ ବ୍ୟକ୍ତି ଜୀବନ ନିର୍ବାହ କରିବାର ଅଧିକାର ଅଛି ଓ ଜଣେ ବ୍ୟକ୍ତି ଜଣେ ଶ୍ରମଜୀବୀ ହିସାବରେ ଯେଉଁ ଅଧିକାର ଉପଭୋଗ କରେ ତାହାକୁ ଅର୍ଥନୈତିକ ସ୍ୱତନ୍ତ୍ରତା କୁହାଯାଏ । ଏହି ସ୍ୱତନ୍ତ୍ରତାର ଗୁରୁତ୍ୱ ପ୍ରଦାନ କରିବା କ୍ଷେତ୍ରରେ କାର୍ଲ ମାର୍କସ୍ (Karl Marx) ଙ୍କ ଭୂମିକା ପ୍ରଣିଧାନ ଯୋଗ୍ୟ । ଏକ ଶୋଷଣ ବିହୀନ ସମାଜ ଗଠନ କରି ସମସ୍ତଙ୍କୁ ନିଯୁକ୍ତି, ଅଧିକାର, ମଜୁରୀପାଇବାର ଅଧିକାର, ଅନ୍ନ, ବସ୍ତ୍ର ଓ ବାସଗୃହ ଯୋଗାଣ ଅଧିକାର ଅର୍ଥନୈତିକ ସ୍ୱତନ୍ତ୍ରତାର ପରିସରଭୁକ୍ତ ଅଟେ । ଅର୍ଥନୈତିକ ସ୍ୱାଧୀନତା ବ୍ୟତିରେକ ସାମାଜିକ ଓ ରାଜନୈତିକ ସ୍ୱାଧୀନତା ମୂଲ୍ୟହୀନ ।

୫. ଜାତୀୟ ସ୍ୱତନ୍ତ୍ରତା (National Liberty) :

ଜାତୀୟ ସ୍ୱତନ୍ତ୍ରତାର ଅର୍ଥ ହେଲା ପ୍ରତ୍ୟେକ ରାଷ୍ଟ୍ର ଅନ୍ୟ ରାଷ୍ଟ୍ରର ବାହ୍ୟକବଳରୁ ମୁକ୍ତ ହୋଇ ସ୍ୱାଧୀନ ଭାବରେ ନିଜର କାର୍ଯ୍ୟପନ୍ଥା ସ୍ଥିର କରିବା। ଏହାର ଅର୍ଥ ହେଲା ଆତ୍ମ-ଶାସନ (Self-rule)। ସାମ୍ରାଜ୍ୟବାଦ ଓ ଉପନିବେଶବାଦ ଏହାର ବିରୋଧ କରିଥାଏ। ତେଣୁ ବିଶ୍ୱର ସମସ୍ତ ରାଷ୍ଟ୍ର ନିଜର ଆତ୍ମନିୟନ୍ତ୍ରଣ ଅଧିକାର ସାବ୍ୟସ୍ତ କରି ଜାତୀୟ ସ୍ୱତନ୍ତ୍ରତା ଲାଭ କରିବା ପାଇଁ ତତ୍ପର ହୋଇ ଉଠିବା ସ୍ୱାଭାବିକ। ଏହା ଏକ ସୁସ୍ଥ ଆନ୍ତର୍ଜାତିକ ସମାଜ ଗଠନରେ ସହାୟକ ଅଟେ।

ଏହା ବ୍ୟତୀତ ଆଧୁନିକ ଯୁଗରେ ଆନ୍ତର୍ଜାତିକ ସ୍ୱତନ୍ତ୍ରତା (International Liberty) ର ଏକ ସ୍ୱତନ୍ତ୍ର ଭୂମିକା ରହିଛି। ଗୋଟିଏ ଯୁଦ୍ଧରହିତ ସମାଜ ଗଠନକରି ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନୀତିକୁ ଆପଣେଇବା ସବୁ ରାଷ୍ଟ୍ରମାନଙ୍କର ଆଜି ପରମ କର୍ତ୍ତବ୍ୟ ହୋଇଅଛି। ଗଣବିଧ୍ୱଂସୀ ଅସ୍ତ୍ରସବୁକୁ ନଷ୍ଟ କରି ଆନ୍ତର୍ଜାତିକ ସହଯୋଗର ଏକ ସୁସ୍ଥବାତାବରଣ ପ୍ରତିଷ୍ଠା ଆଜି ସମସ୍ତ ରାଷ୍ଟ୍ରଗୁଡ଼ିକର ଧେୟ ହୋଇଅଛି।

ସ୍ୱତନ୍ତ୍ରତାର ରକ୍ଷାକବଚ (Safeguards of Liberty) :

ସ୍ୱାଧୀନତା ମନୁଷ୍ୟର ଏକ ଅମୂଲ୍ୟ ସଂପଦ ହୋଇଥିବାରୁ ଏହାର ସୁରକ୍ଷା ପାଇଁ ଉପଯୁକ୍ତ ବ୍ୟବସ୍ଥାର ଆବଶ୍ୟକତା ରହିଛି । କେଉଁ ବିସ୍ମୃତ କାଳରୁ ରାଷ୍ଟ୍ରର କର୍ତ୍ତୃତ୍ୱ ଓ ବ୍ୟକ୍ତିର ଅଧିକାର ମଧ୍ୟରେ ବିବାଦ ରହି ଆସିଛି । ରାଷ୍ଟ୍ରର କ୍ଷମତା ପରିସର ବଢ଼ିଲେ ବ୍ୟକ୍ତିର ଅଧିକାର କ୍ଷୁଣ୍ଣ ହୋଇଥାଏ କାରଣ ଏହା ଗୋଟିଏ ତରାଜୁର ଦୁଇଟି ପିଲାପରି। ଗୋଟିଏ ଉପରକୁ ଗଲେ ଅନ୍ୟଟି ନିମ୍ନକୁ ଯିବା ସ୍ୱାଭାବିକ। ବାଇରନ (Byron) ଙ୍କ ଭାଷାରେ ସ୍ୱତନ୍ତ୍ରତାର ମୂଲ୍ୟ ହେଉଛି ଚିର ଜାଗୃତି। (Internal vigilance is the price of liberty) ଗୋଟିଏ ଏକଛତ୍ରବାଦ ସମାଜରେ ସ୍ୱାଧୀନତା ଉପଭୋଗ କରାଯାଇପାରେ। ସ୍ୱତନ୍ତ୍ରତାର ସୁରକ୍ଷା ପାଇଁ ଲାସ୍କୀ (Laski) କେତେଗୁଡ଼ିଏ ସ୍ୱତନ୍ତ୍ର ବ୍ୟବସ୍ଥାର ସୁପାରିଶ କରିଅଛନ୍ତି।

(କ) ସ୍ୱତନ୍ତ୍ର ସୁବିଧା ପ୍ରଦାନ କରାଯିବା କ୍ଷେତ୍ରରେ ସ୍ୱତନ୍ତ୍ରତାର ସୁରକ୍ଷା ଅସମ୍ଭବ ମନେହୁଏ।

(ଖ) ସ୍ୱତନ୍ତ୍ର ସୁବିଧା ସ୍ୱାଧୀନତାର ପରିପନ୍ଥୀ ଅଟେ।

(ଗ) ଯେଉଁ ରାଷ୍ଟ୍ରରେ ଲୋକଙ୍କର ଅଧିକାର ଅନ୍ୟମାନଙ୍କର ମର୍ଜି ଉପରେ ନିର୍ଭରଶୀଳ ସେଠାରେ ସ୍ୱାଧୀନତାର ମୂଲ୍ୟ ନିରର୍ଥକ।

(ଘ) ସ୍ୱାଧୀନତାର ସୁରକ୍ଷା ପାଇଁ ବେଳେବେଳେ ରାଷ୍ଟ୍ରର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଅଛି।

ନିମ୍ନରେ ସ୍ୱତନ୍ତ୍ରତାର କେତେକ ରକ୍ଷାକବଚ ସମ୍ବନ୍ଧରେ ଆଲୋଚନା କରାଗଲା।

୧. ସ୍ୱାଧୀନତା ପାଇଁ ଉଦ୍‌ବେଗ ଓ ସତର୍କତା (Urge for liberty and vigilance) :

ଗୋଟିଏ ରାଷ୍ଟ୍ରର ସମସ୍ତ ଜନସାଧାରଣଙ୍କର ସ୍ୱତନ୍ତ୍ରତା ପାଇଁ ବଳବତୀ ଇଚ୍ଛା ଓ ସତର୍କତା ରହିବା ଆବଶ୍ୟକ। ବାହ୍ୟ ଚାପପ୍ରୟୋଗ କରି କାହା ମଧ୍ୟରେ ଏହି ଭାବନା ସୃଷ୍ଟି କରାଯାଇପାରିବ ନାହିଁ।

୨. ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା (Democratic form of Government) :

ଗଣତନ୍ତ୍ର ହେଉଛି ଏପରି ଏକ ଶାସନ ବ୍ୟବସ୍ଥା ଯେଉଁଥିରେ ସରକାର ଗଠନ କରିବାରେ ସମସ୍ତଙ୍କର ଭାଗ ରହିଅଛି। କେବଳ ଏହି ବ୍ୟବସ୍ଥାରେ ସମସ୍ତେ ଏକ ସୁସ୍ଥବାତାବରଣ ମଧ୍ୟରେ ପୂର୍ଣ୍ଣ ସ୍ୱାଧୀନତା ଉପଭୋଗ କରିପାରିବେ।

୩. କ୍ଷମତାର ବିକେନ୍ଦ୍ରୀକରଣ (Separation of Powers) :

ଲର୍ଡ଼ ଆକଟନ୍ (Lord Acton) ଙ୍କ ଭାଷାରେ କ୍ଷମତା ଅପପ୍ରୟୋଗ ପାଇଁ ପଥ ଉନ୍ମୁକ୍ତ କରେ ଓ ନିରଙ୍କୁଶ କ୍ଷମତା ନିରଙ୍କୁଶ ଅପପ୍ରୟୋଗର ବାଟ ଖୋଲିଦିଏ।" (Power corrupts and absolute power corrupts absolutely) କ୍ଷମତା ସହିତ ଏହାର ଅପବ୍ୟବହାର ଏକ ଅନ୍ତର୍ନିହିତ ଗୁଣ। ଯଦିଓ ସରକାରଙ୍କର ତିନିଗୋଟି ବିଭାଗ ମଧ୍ୟରେ ପୂର୍ଣ୍ଣ କ୍ଷମତା ବିକେନ୍ଦ୍ରୀକରଣ ସମ୍ଭବପର ନୁହେଁ। ସେମାନଙ୍କ ମଧ୍ୟରେ ଉତ୍ତମ ସହଯୋଗ ଫଳରେ ଜନସାଧାରଣଙ୍କର ସ୍ୱାଧୀନତା ସୁରକ୍ଷିତ ହୋଇଥାଏ।

୪. ମୌଳିକ ଅଧିକାର (Fundamental Rights) :

ଜନସାଧାରଣଙ୍କୁ ମୌଳିକ ଅଧିକାର ପ୍ରଦାନ କରାଯାଇ ସେମାନଙ୍କୁ ତାଙ୍କର କର୍ତ୍ତବ୍ୟ ଓ ରାଷ୍ଟ୍ରର କର୍ତ୍ତୃତ୍ୱ ସଂପର୍କରେ ଅଭିହିତ କରାଯିବା ଆବଶ୍ୟକ।

୫. ସ୍ୱାଧୀନ ବିଚାରାଳୟ (Independent Judiciary) :

ମୌଳିକ ଅଧିକାରର ସୁରକ୍ଷାପାଇଁ ଏକ ସ୍ୱାଧୀନ ନିରପେକ୍ଷ ନ୍ୟାୟାଳୟର ଆବଶ୍ୟକତା ରହିଅଛି।

୬. ଆଇନର ଶାସନ (Rule of Law) :

ଆଇନର ଶାସନ ପ୍ରତିଷ୍ଠା କରାଯାଇ ଧନୀ ନିର୍ଧନ, ଉଚ୍ଚନୀଚ ଭେଦଭାବ ରଖାନଗଲେ ସ୍ୱତନ୍ତ୍ରତାର ସୁରକ୍ଷା ସମ୍ଭବପର ହେବ।

୭. ଜନମତ ଓ ସ୍ୱାଧୀନ ସମ୍ବାଦପତ୍ର (Public opinion and free Press) :

ସ୍ୱାଧୀନ ସମ୍ବାଦପତ୍ର ଓ ସୁସ୍ଥ ଜନମତ ଲୋକମାନଙ୍କୁ ସଚେତନ କରାଇବାରେ ସହାୟକ ହୋଇଥାଏ ଓ ଏହା ସେମାନଙ୍କର ସ୍ୱାଧୀନତା ସୁରକ୍ଷା କରିବାରେ ସମର୍ଥ ହୋଇଥାଏ।

୮. ଉତ୍ତରଦାୟୀ ସରକାର (Responsible Government) :

ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ସରକାର ସେମାନଙ୍କର କାର୍ଯ୍ୟପାଇଁ ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ। ତେଣୁ ଏକ ଦ୍ୱି-ଦଳୀୟ ବ୍ୟବସ୍ଥା ରହିଲେ ଲୋକଙ୍କର ଅଧିକାର ଅଧିକ ସୁରକ୍ଷିତ ହୋଇପାରିବ।

ସ୍ୱତନ୍ତ୍ରତା ସହିତ ଆଇନର ସଂପର୍କ (Relation of Liberty with Law) :

ସ୍ୱତନ୍ତ୍ରତା ଓ ଆଇନର ସଂପର୍କକୁ ନେଇ ରାଜନୀତି ବିଜ୍ଞାନୀମାନଙ୍କ ମଧ୍ୟରେ ମତପାର୍ଥକ୍ୟ ରହିଅଛି। ଜନ୍ ଲକ୍ (John Locke)ଙ୍କ ମତରେ ସ୍ୱତନ୍ତ୍ରତା ଉପଭୋଗ କରିବା ପାଇଁ ଆଇନ ଏକ ସୁସ୍ଥ ପରିବେଶ ସୃଷ୍ଟି

କରିଥାଏ; ତେଣୁ ସ୍ୱତନ୍ତ୍ରତା ପାଇଁ ଏହା ଅପରିହାର୍ଯ୍ୟ । ମାତ୍ର ହବ୍‌ସ (Hobbes), ଡ଼ାଇସୀ (Dicey) ପ୍ରଭୃତି ଭିନ୍ନ ମତପୋଷଣ କରିଅଛନ୍ତି । ଡ଼ାଇସୀ କହିଛନ୍ତି' ଗୋଟିଏ ଅଧିକ ରହିଲେ ଅନ୍ୟଟି କମିଯିବା ସ୍ୱାଭାବିକ' । ନିରାଷ୍ଟ୍ରବାଦୀମାନେ ନିରଙ୍କୁଶ ସ୍ୱାଧୀନତା ଭୋଗ କରିବା ପାଇଁ ରାଷ୍ଟ୍ରର ବିନାଶ କଥା କହିବାକୁ ମଧ୍ୟ କୁଣ୍ଠାବୋଧ କରିନାହାନ୍ତି । ତେଣୁ ପ୍ରକୃତ ସତ୍ୟତା ଏହି ଦୁଇଟି ଭିନ୍ନମତ ମଧ୍ୟରେ ଯେ ଅବସ୍ଥିତ ଏଥିରେ ସନ୍ଦେହର ଅବକାଶ ନାହିଁ । ଆଇନ ଓ ସ୍ୱତନ୍ତ୍ରତା ମଧ୍ୟରେ ଥିବା ସଂପର୍କ ଗୋଟିଏ ନିର୍ଦ୍ଦିଷ୍ଟ ଶାସନ ବ୍ୟବସ୍ଥା ଉପରେ ନିର୍ଭରଶୀଳ । ଗୋଟିଏ ଏକଛତ୍ରବାଦୀ ଶାସନ ବ୍ୟବସ୍ଥାରେ ଆଇନ ଜନମତର ପ୍ରତିଫଳନ ହୋଇନଥିବାରୁ ଏହା ସ୍ୱତନ୍ତ୍ରତାକୁ ସୁରକ୍ଷା ପ୍ରଦାନ କରିବାରେ ଅସମର୍ଥ ହୋଇଥାଏ । ଗୋଟିଏ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆଇନ ସ୍ୱତନ୍ତ୍ରତା ଉପଭୋଗ ପାଇଁ ଏକ ଶାସନ ବ୍ୟବସ୍ଥା ଉପରେ ନିର୍ଭରଶୀଳ ।

ଆଇନ ବ୍ୟତିରେକ ସ୍ୱତନ୍ତ୍ରତା ହେଉଛି ଲାଇସେନ୍‌ସ ପ୍ରାପ୍ତ କ୍ଷମତା ଅପବ୍ୟବହାର ଓ ସ୍ୱତନ୍ତ୍ରତା ବ୍ୟତିରେକ ଆଇନ ହେଉଛି ପ୍ରଦାନକାରୀର ସ୍ୱାର୍ଥରକ୍ଷା ପାଇଁ ଉଦ୍ଦିଷ୍ଟ ବ୍ୟବସ୍ଥା । ତେଣୁ ଆଇନ ସ୍ୱତନ୍ତ୍ରତା ଉପଭୋଗ ପାଇଁ ଏକ ସହାୟକ ପରିବେଶ ସୃଷ୍ଟି କରିଥାଏ, ଯେଉଁଠି ଆଇନର ପରିସମାପ୍ତି ସେଇଠି ବିଶୃଙ୍ଖଳା ଆରମ୍ଭ । ତେଣୁ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ ସ୍ୱତନ୍ତ୍ରତା ଆଇନ ବ୍ୟତିରେକ ବିଶୃଙ୍ଖଳା ସୃଷ୍ଟି କରିଥାଏ । ଯେହେତୁ ଶୃଙ୍ଖଳା ଓ ବିଶୃଙ୍ଖଳା ପରସ୍ପର ବିରୋଧାତ୍ମକ ତେଣୁ ଆଇନ ଓ ସ୍ୱତନ୍ତ୍ରତା ପରସ୍ପରର ପରିପୂରକ । ଆଇନ ଦ୍ୱାରା ହିଁ ସ୍ୱତନ୍ତ୍ରତାର ସୁରକ୍ଷା ସମ୍ଭବ ଓ ଆଇନ ଦ୍ୱାରା ହିଁ ସ୍ୱତନ୍ତ୍ରତାର ଅଭିବୃଦ୍ଧି ସମ୍ଭବପର । ଆଇନ ପ୍ରଣୟନ ଦ୍ୱାରା ଶ୍ରମଜୀବୀମାନଙ୍କର ସ୍ୱାର୍ଥର ସୁରକ୍ଷା ହୋଇଛି । ସେମାନେ ଉପଯୁକ୍ତ ପାରିଶ୍ରମିକ ପାଇପାରୁଛନ୍ତି ଓ ଦୁର୍ଘଟଣାଜନିତ ସାହାଯ୍ୟ ପାଇଁ ହକଦାର ହୋଇପାରୁଛନ୍ତି । କିନ୍ତୁ ସମସ୍ତ ଆଇନ ଦ୍ୱାରା ଶ୍ରମିକଙ୍କର ସ୍ୱାର୍ଥର ସୁରକ୍ଷା ସମ୍ଭବପର ନୁହେଁ । ଏକଛତ୍ରବାଦୀ ଶାସନ ବ୍ୟବସ୍ଥାରେ ପ୍ରଣୀତ ଆଇନ କେବେ ମଧ୍ୟ ଶ୍ରମିକଙ୍କର ସ୍ୱାର୍ଥର ସୁରକ୍ଷା କରିପାରିବ ନାହିଁ । ତେଣୁ ଏହି ବ୍ୟବସ୍ଥାରେ ଆଇନ ଓ ସ୍ୱତନ୍ତ୍ରତା ପରସ୍ପର ବିରୋଧାତ୍ମକ ।

ପରିଶେଷରେ ଏତିକି କୁହାଯାଇପାରେ ଯେ ନିରଙ୍କୁଶ ସ୍ୱାଧୀନତାର ଅର୍ଥ ପ୍ରକୃଷ୍ଟ ସ୍ୱାଧୀନତା ନୁହେଁ କାରଣ ସୁଯୋଗ ଅପବ୍ୟବହାର କରିବାର ଏହା ଏକ ଅଭିନବ ଉପାୟ । ତେଣୁ ସ୍ୱତନ୍ତ୍ରତା କେବେ ମଧ୍ୟ ନିରଙ୍କୁଶ ନ ହୋଇ ସଦାବେଳେ ଆଇନଦ୍ୱାରା ଯୁକ୍ତି ସଂଗତ ନିୟନ୍ତ୍ରଣାଧୀନ ହେବା ଆବଶ୍ୟକ । ତେଣୁ ସ୍ୱତନ୍ତ୍ରତା ନିରଙ୍କୁଶ ସ୍ୱାଧୀନତା ନହୋଇ ଏହାଠାରୁ ସବୁବେଳେ କିଛି କମ ହେବା ଆବଶ୍ୟକ ।

ସଂକ୍ଷିପ୍ତ ସୂଚନା

ରାଜନୀତି ବିଜ୍ଞାନରେ ସ୍ୱତନ୍ତ୍ରତା ଏକ ଗୁରୁତ୍ୱପୂର୍ଣ୍ଣ ଧାରଣା ଅଟେ ଓ ଏହା ଏପରି ଏକ ଯାଦୁକାରୀ ଶବ୍ଦ ଯାହା ଲକ୍ଷ ଲକ୍ଷ ଲୋକଙ୍କୁ ସଂଗ୍ରାମ କରିବା ପାଇଁ ପ୍ରେରଣା ଯୋଗାଇଅଛି । ଏହା ଲାଟିନ୍ ଶବ୍ଦ ଲିବର (Liber) ରୁ ଆନୀତ । ଯାହାର ଅର୍ଥ ହେଲା ମୁକ୍ତି । ସ୍ୱତନ୍ତ୍ରତା କେବଳ ଏକ ସୁସ୍ଥ ସାମାଜିକ ପରିବେଶରେ ଉପଭୋଗ କରାଯାଇପାରେ । ଯେଉଁଠି ସମାଜ ନାହିଁ ସେଠାରେ ସ୍ୱତନ୍ତ୍ରତା କଥା ଚିନ୍ତା କରାଯାଇନପାରେ ।

ଅନେକ ଦାର୍ଶନିକ ଓ ଲେଖକଗଣ ସ୍ୱତନ୍ତ୍ରତା ଉପରେ ସେମାନଙ୍କର ମତ ପ୍ରଦାନ କରିଅଛନ୍ତି । ସ୍ୱତନ୍ତ୍ରତାର ଦୁଇଗୋଟି ଦିଗ ଅଛି । ଗୋଟିଏ ହେଲା ନାସ୍ତିସୂଚକ ଓ ଅନ୍ୟଟି ହେଲା ଆସ୍ତିସୂଚକ । ଯେତେବେଳେ ସ୍ୱତନ୍ତ୍ରତାର ଅର୍ଥ ପ୍ରତିବନ୍ଧକର ଅନୁପସ୍ଥିତି ବୋଲି ବୁଝୁ ତାହା ହେଉଛି ନାସ୍ତିସୂଚକ । ଯେତେବେଳେ ସ୍ୱତନ୍ତ୍ରତା ମନୁଷ୍ୟର ଅନ୍ତର୍ନିହିତଗୁଣର ବିକାଶ ପାଇଁ ସୁସ୍ଥ ପରିବେଶ ସୃଷ୍ଟି କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ ତାହାକୁ ଆସ୍ତିସୂଚକ ସ୍ୱତନ୍ତ୍ରତା ବୋଲି କୁହାଯାଏ । ଏହା ନିରଙ୍କୁଶ ସ୍ୱାଧୀନତା ନୁହେଁ । ଜନ ଷ୍ଟୁଆର୍ଟ ମିଲ ମନୁଷ୍ୟର କାର୍ଯ୍ୟକୁ ଦୁଇଭାଗରେ ବିଭକ୍ତ କରିଅଛନ୍ତି । ଗୋଟିଏ ହେଲା ଆତ୍ମସଂପର୍କିତ ଓ ଅନ୍ୟଟି ହେଲା ଅପର ସଂପର୍କିତ । ଆତ୍ମ ସଂପର୍କିତ କାର୍ଯ୍ୟରେ ରାଷ୍ଟ୍ରର ହସ୍ତକ୍ଷେପକୁ ମନା କରାଯାଉଥିଲା ବେଳେ ଅପର ସଂପର୍କିତ କାର୍ଯ୍ୟରେ ରାଷ୍ଟ୍ର ହସ୍ତକ୍ଷେପକୁ ସୁପାରିଶ କରାଯାଇଛି । କିନ୍ତୁ ମିଲଙ୍କ ଏହି ଧାରଣାକୁ ଭୁଲ ବୋଲି ବାର୍କର କହିଛନ୍ତି । ମନୁଷ୍ୟ ଏକ ସାମାଜିକ ପ୍ରାଣୀ ହୋଇଥିବାରୁ ତାହାର ସମସ୍ତ କାର୍ଯ୍ୟର ପ୍ରଭାବ ସମାଜ ଉପରେ ପଡ଼ିବା ସ୍ୱାଭାବିକ ।

ସ୍ୱତନ୍ତ୍ରତାରେ ଆମେ ନିମ୍ନଲିଖିତ ଲକ୍ଷଣମାନ ଦେଖିଥାଉ ।

(୧) ସ୍ୱତନ୍ତ୍ରତାର ଅର୍ଥ ପ୍ରତିବନ୍ଧକର ଅନୁପସ୍ଥିତି ନୁହେଁ ।

(୨) ସ୍ୱତନ୍ତ୍ରତା ଅର୍ଥ ଅନ୍ୟାୟ ଓ ଅତ୍ୟାଚାରୀ ନିୟନ୍ତ୍ରଣର ଅନୁପସ୍ଥିତି ।

(୩) ସ୍ୱତନ୍ତ୍ରତା ଅର୍ଥ ମନୁଷ୍ୟର କାର୍ଯ୍ୟକଳାପ ଉପରେ ଆଇନଗତ, ନୈତିକ ଓ ଯୁକ୍ତିସଂଗତ ନିୟନ୍ତ୍ରଣ ଜାହିର ।

(୪) ଏହା ବ୍ୟକ୍ତିତ୍ୱ ବିକାଶ ପାଇଁ ଏକ ଆବଶ୍ୟକୀୟ ସର୍ତ୍ତ ଅଟେ ।

(୫) ଏହାର ଅର୍ଥ ଅନ୍ୟମାନଙ୍କର ଅନିଷ୍ଟ କରୁନଥିବା କାର୍ଯ୍ୟ ପାଇଁ ସୁଯୋଗ ପ୍ରଦାନ ।

(୬) ରାଷ୍ଟ୍ର ସମସ୍ତ ନାଗରିକଙ୍କୁ କୌଣସି ପ୍ରକାର ବାଛ ବିଚାର ବ୍ୟତିରେକ ସୁଯୋଗ ପ୍ରଦାନ କରିବା ଆବଶ୍ୟକ ।

ସ୍ୱତନ୍ତ୍ରତାର ଅନେକ ପ୍ରକାର ଭେଦ ଅଛି । ସେଗୁଡ଼ିକ ହେଲା ପ୍ରାକୃତିକ ସ୍ୱତନ୍ତ୍ରତା, ସାଧାରଣ ସ୍ୱତନ୍ତ୍ରତା, ରାଜନୈତିକ ସ୍ୱତନ୍ତ୍ରତା, ଅର୍ଥନୈତିକ ସ୍ୱତନ୍ତ୍ରତା, ଜାତୀୟ ସ୍ୱତନ୍ତ୍ରତା ଓ ଆନ୍ତର୍ଜାତୀୟ ସ୍ୱତନ୍ତ୍ରତା ।

ସ୍ୱତନ୍ତ୍ରତାର ସୁରକ୍ଷା ଏକାନ୍ତ ଅପରିହାର୍ଯ୍ୟ । ଏଥିପାଇଁ କେତେକ ପଦକ୍ଷେପ ଏକାନ୍ତ ଜରୁରୀ । ତାହା ହେଲା ସ୍ୱତନ୍ତ୍ରତା ପାଇଁ ଜନସଚେତନତା, ଗଣତାନ୍ତ୍ରିକ ବ୍ୟବସ୍ଥା, ଶିକ୍ଷା ବିସ୍ତାର, କ୍ଷମତାର ବିକେନ୍ଦ୍ରୀକରଣ, ମୌଳିକ ଅଧିକାର ସୂଚୀ, ସ୍ୱାଧୀନ ନିରପେକ୍ଷ ନ୍ୟାୟାଳୟ, ଆଇନର ଶାସନ, ମୁକ୍ତ ଓ ଅବାଧ ସମ୍ବାଦପତ୍ର, ଜନମତ ଓ ଉତ୍ତରଦାୟୀ ସରକାର ।

ସ୍ୱତନ୍ତ୍ରତାର ଆଇନ ସହିତ ନିବିଡ଼ ସଂପର୍କ ରହିଅଛି । ଆଇନ ହେଉଛି ସ୍ୱତନ୍ତ୍ରତା ପାଇଁ ଏକ ଆବଶ୍ୟକୀୟ ସର୍ତ୍ତ । ସେମାନେ ପରସ୍ପରର ପରିପୂରକ । ସ୍ୱତନ୍ତ୍ରତା ସଦାବେଳେ ନିରଙ୍କୁଶ ସ୍ୱାଧୀନତା ନହୋଇ ସୀମିତ ସ୍ୱାଧୀନତା ହେବା ବାଞ୍ଛନୀୟ ।

ଆଦର୍ଶ ପ୍ରଶ୍ନାବଳୀ

('କ' - ବିଭାଗ)

୧. ତ୍ରୁଟିପୂର୍ଣ୍ଣ ବାକ୍ୟଗୁଡ଼ିକୁ ସଂଶୋଧନ କର :

(କ) 'ସ୍ୱତନ୍ତ୍ରତା' ହେଉଛି 'ପ୍ରତିବନ୍ଧକ ମୁକ୍ତ' ।

(ଖ) 'ସ୍ୱତନ୍ତ୍ରତା ଏବଂ ସମାନତା' ପରସ୍ପର ବିରୋଧୀ ଅଟନ୍ତି ।

୨. ଶୁନ୍ୟସ୍ଥାନ ପୂରଣ କର :

(କ) 'Liberty' (ସ୍ୱତନ୍ତ୍ରତା) _________ ଲାଟିନ୍ ଶବ୍ଦରୁ ଆସିଛି ।

(ଖ) ସତତ ଜାଗୃତି ହିଁ _________ ର ରକ୍ଷାକବଚ ।

(ଗ) ରାଜନୈତିକ ସ୍ୱତନ୍ତ୍ରତା _________ ଉପଭୋଗ କରିପାରେ ନାହିଁ ।

୩. ବିବିଧ ଉତ୍ତର ଚୟନ ପ୍ରଶ୍ନାବଳୀ :

(କ) ସ୍ୱତନ୍ତ୍ରତାର ଅର୍ଥ-

(i) ସ୍ୱାଧୀନତା (ii) ପ୍ରତିବନ୍ଧକ ଶୂନ୍ୟତା

(iii) ପ୍ରତିବନ୍ଧକଯୁକ୍ତ ସ୍ୱତନ୍ତ୍ରତା (iv) ଉପରୋକ୍ତ କେଉଁଟି ନୁହେଁ

(ଖ) 'ସ୍ୱତନ୍ତ୍ରତା'ର ଗୁରୁତ୍ୱପୂର୍ଣ୍ଣ ରକ୍ଷକ କିଏ ?

(i) ବାହ୍ୟ ଜାଗରଣ (ii) ସର୍ବଦା ଜାଗୃତି

(iii) ସ୍ୱତନ୍ତ୍ରତା ପ୍ରତିଆବେଗ (iv) ଅଧିକାରର ସାମ୍ୟ

୪. କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନାବଳୀ :

(କ) ସ୍ୱତନ୍ତ୍ରତା କାହାକୁ କୁହାଯାଏ ?

(ଖ) ନାକାରାତ୍ମକ-ସ୍ୱତନ୍ତ୍ରତା କାହାକୁ କୁହାଯାଏ ?

(ଗ) ସାକାରାତ୍ମକ-ସ୍ୱତନ୍ତ୍ରତା କାହାକୁ କୁହାଯାଏ ?

(ଘ) ରାଜନୈତିକ-ସ୍ୱତନ୍ତ୍ରତାର ଅର୍ଥ କ'ଣ ?

(ଙ) ପ୍ରାକୃତିକ-ସ୍ୱତନ୍ତ୍ରତାର ଅର୍ଥ କ'ଣ ?

(ଚ) ଅର୍ଥନୈତିକ-ସ୍ୱତନ୍ତ୍ରତାର ଅର୍ଥ କ'ଣ ?

(ଛ) ସ୍ୱତନ୍ତ୍ରତାର ସବୁଠାରୁ ଉଲ୍ଲେଖଯୋଗ୍ୟ ରକ୍ଷାକବଚ କିଏ ?

୫. ଅତିକ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନାବଳୀ :

(କ) 'Liberty' କେଉଁ Latin ଶବ୍ଦରୁ ଆନୀତ ।

('ଖ' - ବିଭାଗ)

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନାବଳୀ :

୧. 'ସ୍ୱତନ୍ତ୍ରତା' କ'ଣ ଏବଂ ଏହା ଆଇନ୍ ସହ କିପରି ସମ୍ପର୍କୀତ ?

୨. 'ସ୍ୱତନ୍ତ୍ରତା' କ'ଣ ? ଏହା କେତେ ପ୍ରକାରର ?

୩. 'ସ୍ୱତନ୍ତ୍ରତା' କାହାକୁ କୁହାଯାଏ ? ଏହାର ପ୍ରକୃତି ସମ୍ପର୍କରେ ଆଲୋଚନା କର ?

❑●❑

ପଞ୍ଚମ ଅଧ୍ୟାୟ

ସମାନତା (EQUALITY)

ପାଠ୍ୟ ସୂଚନା-ଅର୍ଥ ଓ ପ୍ରକାର ଭେଦ :

ସ୍ୱତନ୍ତ୍ରତା ପରି ସମାନତା ମଧ୍ୟ ରାଜନୀତି ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ଧାରଣା। ଏହା ଗଣତନ୍ତ୍ର ମୁଦ୍ରାର ଗୋଟିଏ ପାର୍ଶ୍ୱ ହୋଇଥିବା ବେଳେ ସ୍ୱତନ୍ତ୍ରତା ହେଉଛି ଅପରପାର୍ଶ୍ୱ। ଏହା ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ଏକାନ୍ତ ଅପରିହାର୍ଯ୍ୟ। ମାନବ ସଭ୍ୟତାର ଇତିହାସ ହେଉଛି ମୁକ୍ତିର ଇତିହାସ। ଏହା ହେଉଛି ସ୍ୱତନ୍ତ୍ରତା ଓ ସମାନତା ପାଇଁ ଲଢୁଥିବା ମାନବଜାତିର ସଂଗ୍ରାମର କାହାଣୀ। ପୃଥିବୀର କୋଣ ଅନୁକୋଣରେ ଏହାର ପ୍ରତିଧ୍ୱନି ଶୁଣିବାକୁ ମିଳିଥାଏ। ଡ଼କ୍ଟର ନେଲସନ ମାଣ୍ଡେଲାଙ୍କ ଦକ୍ଷିଣ ଆଫ୍ରିକାର ଶ୍ୱେତକାୟ ସରକାର ବିରୋଧି ସଂଗ୍ରାମ ହେଉ କିମ୍ବା ସୁକାଇ (Sue Kyi)ଙ୍କର ମଏନମାର ସାମରିକ ସରକାର ବିରୁଦ୍ଧରେ ସଂଗ୍ରାମ ହେଉ ସବୁଠାରେ ସମାନତାର ସ୍ୱର ଅନୁରଣିତ ହୁଏ। ଯେହେତୁ ଦୁଇଜଣ ଲୋକ ଶାରୀରିକ ଗଠନ, ଆକୃତି ଓ ପ୍ରକୃତିରେ କେବେ ମଧ୍ୟ ସମାନ ନୁହଁନ୍ତି, ତେଣୁ ସମାନତା ପାଇଁ ସମସ୍ତଙ୍କର ବ୍ୟାକୁଳତା ପରିପ୍ରକାଶ ଏକ ସ୍ୱଭାବିକ ଘଟଣା ଅଟେ। ଏପରିକି ଦୁଇଜଣ ଯମଜଙ୍କ ମଧ୍ୟରେ ଆକୃତି ଓ ପ୍ରକୃତିଗତ ଅସାମଞ୍ଜସ୍ୟତା ଦେଖିବାକୁ ମିଳିଥାଏ। ୧୭୭୬ ମସିହାରେ ଆମେରିକା ସ୍ୱାଧୀନତା ଘୋଷଣା ନାମରେ ସମସ୍ତ ମଣିଷ ସମାନ ଭାବରେ ସୃଷ୍ଟି ହୋଇଥାନ୍ତି ବୋଲି କୁହାଯାଇଛି। ୧୭୮୯ ମସିହାରେ ଘୋଷିତ ଫରାସୀ ଲୋକ ଅଧିକାର ଘୋଷଣାନାମା ମଧ୍ୟ ସମସ୍ତ ମନୁଷ୍ୟ ମୁକ୍ତ ଓ ସମାନ ଭାବରେ ସୃଷ୍ଟି ହୋଇଥାଆନ୍ତି ବୋଲି କୁହାଯାଇଛି। ତେଣୁ ଆଧୁନିକ ବିଶ୍ୱରେ ସମାନତା ହେଉଛି ସମସ୍ତ ମନୁଷ୍ୟଙ୍କର ଏକ କାମ୍ୟବସ୍ତୁ।

ଅର୍ଥ (Meaning) :

ସାହିତ୍ୟିକ ସମୀଚୀନ ଦୃଷ୍ଟିରୁ ସମାନତା ହେଉଛି ଏକ ସମତୁଲ କରିବା ପ୍ରକ୍ରିୟା ଯେଉଁଠି ଧନୀ ଓ ଦରିଦ୍ର ମଧ୍ୟରେ ଥିବା ପାର୍ଥକ୍ୟର ଅବସାନ ଘଟିଥାଏ। ପ୍ରଫେସର ଲାସ୍କି (Prof. Laski) ଙ୍କ ମତରେ ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ସମାନତାର ଏକାନ୍ତ ଆବଶ୍ୟକତା ରହିଅଛି। ପ୍ରଫେସର ବାର୍କର (Prof. Barker) ଙ୍କ ମତରେ ସମାନତା ହେଉଛି ଏ ବ୍ୟୁତ୍ପତ୍ତିସିଦ୍ଧ ମୂଲ୍ୟବୋଧ ଯାହା ବ୍ୟକ୍ତି ବିକାଶ ପାଇଁ ଉଦ୍ଦିଷ୍ଟ ସର୍ବୋତ୍କୃଷ୍ଟ ମୂଲ୍ୟବୋଧରୁ ଉତ୍ପତ୍ତି ହୋଇଅଛି।

ପ୍ରଫେସର ଲାସ୍କି ସମାନତାର ତ୍ରିବିଧ ନିହିତାର୍ଥ ଅଛି ବୋଲି କହିଅଛନ୍ତି।

୧. ସ୍ୱତନ୍ତ୍ର ସୁବିଧାର ଅନୁପସ୍ଥିତି ।

୨. ସମାନ ସୁଯୋଗ ପରିବର୍ତ୍ତେ ଯଥୋଚିତ ସୁଯୋଗ ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଯୋଗାଇଦେଇ ସେମାନଙ୍କର ଅନ୍ତର୍ନିହିତ ଗୁଣର ବିକାଶ କରିବା ।

୩. ସମସ୍ତଙ୍କର ସର୍ବନିମ୍ନ ଓ ଜରୁରୀ ଆବଶ୍ୟକତାକୁ ଅଳ୍ପଲୋକଙ୍କ ଆବଶ୍ୟକତା ଅପେକ୍ଷା ଗୁରୁତ୍ୱ ପ୍ରଦାନ କରିବା ।

ତେଣୁ ଲାସ୍କୀ (Laski)ଙ୍କ ମତରେ ସ୍ୱତନ୍ତ୍ର ସୁବିଧା ସମାନତାର ବିରୁଦ୍ଧାଚରଣ କରିଥାଏ । ସମସ୍ତ ଜନସାଧାରଣଙ୍କୁ ସମାନ ସୁଯୋଗ ଦେବା ପରିବର୍ତ୍ତେ ଯଥୋଚିତ ସୁଯୋଗ ପ୍ରଦାନ ସମାନତାର ପ୍ରକୃଷ୍ଟ ଅର୍ଥ ପରିପ୍ରକାଶ କରେ । ଏହା 'ବହୁଜନହିତାୟ' କାର୍ଯ୍ୟକୁ ପ୍ରାଥମିକତା ଦେଇ ସଂଖ୍ୟାନ୍ୟୂନଙ୍କ ଆବଶ୍ୟକତାକୁ ଗୌଣଦୃଷ୍ଟିରେ ଦେଖିଥାଏ । ଏହି କଥାର ଯଥାର୍ଥ ବୁଝିବା ପାଇଁ ଗୋଟିଏ ଦୃଷ୍ଟାନ୍ତର ଅର୍ଥ ଧାରଣା କରାଯାଇପାରେ । ପାନୀୟ ଜଳଯୋଗାଣ ସମସ୍ତଲୋକଙ୍କ ପାଇଁ ଏକ ଗୌଣ ଆବଶ୍ୟକତା ହୋଇଥିବା ବେଳେ ଗ୍ରାମ ସମିତି (club)ପାଇଁ ଟେଲିଭିଜନ୍ ସେଟ ପ୍ରଦାନ ଅଳ୍ପ ଲୋକଙ୍କ ପାଇଁ ଏକ ଗୌଣ ଆବଶ୍ୟକତା ଅଟେ । ତେଣୁ ପାନୀୟ ଜଳଯୋଗାଣ ଓ ଟେଲିଭିଜନ୍ ପ୍ରଦାନ ପରି ଦୁଇଟି କାର୍ଯ୍ୟ ମଧ୍ୟରୁ ଆମେ ନିଶ୍ଚିତ ରୂପେ ପାନୀୟ ଜଳଯୋଗାଣକୁ ପ୍ରାଥମିକତା ଦେବା ଯଥାର୍ଥ ।

ଜି.ସାରଟୋରି (G. Sartori) ଙ୍କ ଭାଷାରେ ସମାନତାର ଅନେକ ଅର୍ଥ ଓ ଅନେକ ପାର୍ଶ୍ୱ ରହିଅଛି । ଆମେ ବିଭିନ୍ନ ଦୃଷ୍ଟିକୋଣରୁ ପରୀକ୍ଷାକରି ମଧ୍ୟ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେପରି ଆମେ ଏହାକୁ ଠିକ୍ ଭାବରେ ବୁଝିବାକୁ ସକ୍ଷମ ହୋଇନାହେଁ ।

ତେଣୁ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ ସବୁସ୍ତରରେ ଓ ସବୁ ମନୁଷ୍ୟ କ୍ଷେତ୍ରରେ ନିରଙ୍କୁଶ ସମାନତା ସମ୍ଭବପର ନୁହେଁ । ଏହାର ଲକ୍ଷ୍ୟ ମଧ୍ୟ ସମସ୍ତଙ୍କୁ ସମବ୍ୟବହାର ପ୍ରଦର୍ଶନ ନୁହେଁ କାରଣ ସମସ୍ତଙ୍କର ଶାରୀରିକ ଓ ମାନସିକ ସାମର୍ଥ୍ୟ ସମାନ ନୁହେଁ । ଏହା ବ୍ୟକ୍ତିଙ୍କ କ୍ଷେତ୍ରରେ ବାଛବିଚାରକୁ ବିରୋଧ କରେ । ଏହାର ଅର୍ଥ ହେଲା ନିମ୍ନସ୍ତରରେ ସଂପୂର୍ଣ୍ଣ ନିରଙ୍କୁଶ ସମାନତା ଓ ତଦୂର୍ଦ୍ଧ୍ୱରେ ବ୍ୟକ୍ତିର ଅନ୍ତର୍ନିହିତ ଗୁଣର ବିକାଶ ଲାଗି ସମାନ ସୁବିଧା ସୁଯୋଗ ପ୍ରଦାନ ।

ସମାନତାର ପ୍ରକାର ଭେଦ (Types of Equality) :

ସମାନତାର ଅନେକ ପ୍ରକାର ଭେଦ ରହିଅଛି । ମାନବ ସଭଭ୍ୟତାର ପ୍ରାରମ୍ଭରୁ ଦାର୍ଶନିକମାନେ ଏହା ଉପରେ ଗବେଷଣା କରିଆସିଛନ୍ତି । ପ୍ଲାଟୋ (Plato) ଓ ଆରିଷ୍ଟୋଟଲ(Aristotle) ପରି ଦାର୍ଶନିକମାନେ ପ୍ରାକୃତିକ ଅସମାନତା ବିଷୟରେ ଉଲ୍ଲେଖ କରିଅଛନ୍ତି । ଦାର୍ଶନିକ ହବସ୍ (Hobbes)କିନ୍ତୁ ଭିନ୍ନ ମତ ପୋଷଣ କରି ପ୍ରକୃତି ସମସ୍ତଙ୍କୁ ସମାନ କରି ଗଢ଼ିଛି ବୋଲି ଯୁକ୍ତି ଉପସ୍ଥାପନା କରିଅଛନ୍ତି । କିନ୍ତୁ ପ୍ରଫେସର ଲାସ୍କି (Prof Laski) ଓ ପ୍ରଫେସର ବାର୍କର (Prof Barker) ବିଭିନ୍ନ ପ୍ରକାର ସମାନତା ବିଷୟରେ ଉଲ୍ଲେଖ କରିଅଛନ୍ତି ।

ଲାସ୍କୀ (Laski) ତାଙ୍କର ବହି 'ଗ୍ରାମାର ଅଫ ପଲିଟିକସ୍' (Grammar of Politics) ରେ ଅର୍ଥନୈତିକ ଓ ରାଜନୈତିକ ସମାନତା କଥା କହିବା ବେଳେ ବାର୍କର (Barker) ଆଇନଗତ ଓ ସାମାଜିକ ସମାନତା କଥା କହିଛନ୍ତି । ଲର୍ଡ୍ ବ୍ରାଇସ୍ (Lord Bryce) ଆଇନଗତ, ରାଜନୈତିକ, ସାମାଜିକ ଓ ପ୍ରାକୃତିକ ସମାନତା କଥା ଲେଖିଅଛନ୍ତି । ନିମ୍ନରେ ସେଗୁଡ଼ିକ ବିଶଦ ଭାବରେ ବର୍ଣ୍ଣନା କରାଗଲା ।

(କ) ଆଇନଗତ ଓ ସାମାଜିକ ସମାନତା (Legal Equality and Civil Equalty)

ଆଇନ ଆଖିରେ ସମସ୍ତେ ସମାନ ଓ ଆଇନର ଶାସନ ଚାଲିଅଛି । ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ କରି ଆଇନ ଦ୍ୱାରା କାହା ପ୍ରତି ବାଛବିଚାର ନକରିବା । ସମସ୍ତ ନାଗରିକ ଗୋଟିଏ ଆଇନ ନିକଟରେ ଆନୁଗତ୍ୟ ପ୍ରକାଶ କରିବେ । ଏହା ଗଣତନ୍ତ୍ର ବ୍ୟବସ୍ଥାର ମୂଳମନ୍ତ୍ର ।

(ଖ) ସାମାଜିକ ସମାନତା (Social Equality)

ଧର୍ମ, ସଂପ୍ରଦାୟ, ଲିଙ୍ଗ, ଶିକ୍ଷା, ଜାତି ବିଚାରକୁ ଊର୍ଦ୍ଧ୍ୱରେ ରହି ଲୋକଙ୍କୁ ସମାନ ଦୃଷ୍ଟିରେ ଦେଖିବା ସାମାଜିକ ସମାନତାର ଲକ୍ଷ୍ୟ ଅଟେ । ଆମ ସମ୍ବିଧାନର ମୁଖବନ୍ଧ (Preamble) ଓ ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତି (Directive Principles of state policy) ଏହି ସମାନତା ପ୍ରତି ଆମ ପ୍ରତିବଦ୍ଧତା ପରିପ୍ରକାଶ କରୁଅଛି । 'ମଣ୍ଡଳ' ଓ 'ମନ୍ଦିର' ନାମରେ ସମାଜକୁ ଭାଗ ଭାଗ କରିଦେବା ପାଇଁ ରାଜନୈତିକ ବ୍ୟକ୍ତିମାନଙ୍କର ହୀନଚକ୍ରାନ୍ତ ଜାତୀୟ ସ୍ୱାର୍ଥ ସାଧନାର ପରିପନ୍ଥୀ ଓ ଏହା ସାମାଜିକ ସମାନତା ପ୍ରତି କୁଠାରଘାତ ସହ ସମାନ ।

(ଗ) ରାଜନୈତିକ ସମାନତା (Political Equality)

ରାଜନୈତିକ ସମାନତା ଗଣତାନ୍ତ୍ରିକ ବ୍ୟବସ୍ଥାର ସ୍ନାୟୁ-କେନ୍ଦ୍ର ସଦୃଶ । ଗଣତନ୍ତ୍ର ଏହି ସମାନତା ନୀତି ଉପରେ ଆଧାରିତ । ଭୋଟଦାନ, ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ଓ ସରକାରୀ ପଦପଦବୀ ମଣ୍ଡନ କରିବା ଏହି ରାଜନୈତିକ ସମାନତାର ପରିସରଭୁକ୍ତ । ରାସ୍ତାରେ ବୁଲୁଥିବା ସାଧାରଣ ଲୋକଟିଏ ପାଇଁ ରାଷ୍ଟ୍ରର ସର୍ବୋଚ୍ଚ ପଦବୀ ମଣ୍ଡନ କରିବାର ଦ୍ୱାର ମଧ୍ୟ ଉନ୍ମୁକ୍ତ । ରାଜନୈତିକ ଦଳ ଗଠନ କରି ଗୋଟିଏ ଦଳ ପାଇଁ ପ୍ରଚାର କରିବା ଓ ଜନମତ ସେହି ଦଳ ସପକ୍ଷରେ ସୃଷ୍ଟି କରିବା ମଧ୍ୟ ରାଜନୈତିକ ସମାନତାର ଅନ୍ୟ ଏକ ଉଦ୍ଦେଶ୍ୟ ।

(ଘ) ଅର୍ଥନୈତିକ ସମାନତା (Economic Equality)

ଏହାର ଅର୍ଥ ହେଲା ସଂପଦ ସମସ୍ତେ ସମଭାବରେ ଉପଭୋଗ କରିପାରିବେ । କାର୍ଲମାର୍କସ୍‌ଙ୍କ ମତରେ ଅର୍ଥନୈତିକ ସାମ୍ୟ ବିନା ରାଜନୈତିକ ସାମ୍ୟ ଅର୍ଥହୀନ । ଆମର ସାମାଜିକ ଭାବନା ହେଲା 'ଯିଏ ମହୁରିଆକୁ ପଇସାଦେବେ ସେ ହିଁ କେବଳ ସ୍ୱର ପାଇଁ ଫରମାସୀ କରିପାରିବ ।' ତେଣୁ ଯାହା ହାତରେ ଅର୍ଥନୈତିକ ଚାବିକାଠି ରହିଛି ସେହିଁ କେବଳ ରାଜନୈତିକ ଚାବିକାଠି ରଖି ପାରିବ । ଏହାର ଅର୍ଥ ଆୟ କ୍ଷେତ୍ରରେ ସମାନତା ନୁହେଁ ପରନ୍ତୁ ସରକାରୀ ନିଯୁକ୍ତି କ୍ଷେତ୍ରରେ ସମାନ ସୁବିଧାସୁଯୋଗ ପାଇ ଜଣେ ମଧ୍ୟ କିଛି ଆୟ କରିବାର ଅଧିକାର ପାଇଥାଏ ।

(ଙ) ପ୍ରାକୃତିକ ସମାନତା (Natural Equality)

ସମସ୍ତ ମନୁଷ୍ୟ ସମାନ ରୂପେ ଜନ୍ମ ଲାଭ କରନ୍ତି ଓ ପ୍ରକୃତି ସମସ୍ତଙ୍କୁ ସମାନରୂପେ ଗଢ଼ିତୋଳିଛି । ତେଣୁ ମନୁଷ୍ୟକୃତ ବା କୃତ୍ରିମ ଅସମାନତାକୁ ଦୂରକୁ ଆଇନ ଆଖିରେ ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ଦେବା ଏହାର ପ୍ରଧାନ ଲକ୍ଷ୍ୟ । ସମସ୍ତ ଲୋକ ତାଙ୍କର ନାର୍ଯ୍ୟ ଅଧିକାରକୁ ପ୍ରାପ୍ତ ହେବା ମଧ୍ୟ ଏହାର ଅନ୍ୟ ଏକ ଲକ୍ଷ୍ୟ ।

(ଚ) ଜାତୀୟ ସମାନତା (National Equality)

ଜାତୀୟ ସମାନତାର ଅର୍ଥ ହେଲା ବିଶ୍ୱର ସମସ୍ତ ରାଷ୍ଟ୍ର ସମାନ । ଆନ୍ତର୍ଜାତୀୟ ଆଇନ ବିଶ୍ୱକୁ ଏକ ପରିବାରରୂପେ ବର୍ଣ୍ଣନା କରି ସମସ୍ତ ସଭ୍ୟ ରାଷ୍ଟ୍ର ଏହାର ଗୋଟିଏ ଗୋଟିଏ ସଦସ୍ୟ ବୋଲି କହିଅଛି । ସମସ୍ତ ସଭ୍ୟ ରାଷ୍ଟ୍ର ସାର୍ବଭୌମରାଷ୍ଟ୍ର ହୋଇଥିବାରୁ ଆଇନ୍ ଆଖିରେ ସମସ୍ତେ ସମାନ ବୋଲି ବିବେଚନା କରାଯାଇଛି ।

ତେଣୁ ପରିଶେଷରେ ଏତିକି କୁହାଯାଇପାରେ ଯେ ସମାନତା ଏଭଳି ଏକ ଶବ୍ଦ ଯାହା ଜନମାନସକୁ ହଠାତ୍ ଆନ୍ଦୋଳିତ କରିବାର ଶକ୍ତି ବହନ କରିଥାଏ । ବିପ୍ଳବୀମାନେ ଏହି ଶବ୍ଦକୁ ବ୍ୟାପକଭାବରେ ବ୍ୟବହାର କରି ଜନତା ଜନାର୍ଦ୍ଦନଙ୍କ ତ୍ରାଣକର୍ତ୍ତା ରୂପେ ପ୍ରତିଷ୍ଠା ଲାଭ କରିଅଛନ୍ତି ।

ସମାନତା ସହିତ ସ୍ୱତନ୍ତ୍ରତାର ସମ୍ପର୍କ (Relationship between Equality and Liberty) :

ସମାନତା ଓ ସ୍ୱତନ୍ତ୍ରତାର ସଂପର୍କକୁ ନେଇ ରାଜନୈତିକ ତର୍କ ଓ ତର୍ଜମାର ଅନ୍ତ ନାହିଁ । ଡ଼ି ଟକ୍‌ଭେଲି (De Tocquerille) ଓ ଲର୍ଡ଼ ଆକଟନ୍ (Lord Acton) ଏହି ଦୁଇଟି ମୌଳିକଧାରଣା ପରସ୍ପରର ବିରୋଧି ବୋଲି କହିଅଛନ୍ତି । ସମାନତା ପାଇଁ ଏକ ଆସ୍ତିସୂଚକ ରାଷ୍ଟ୍ର (Positive state) ଦରକାର ଥିବା ବେଳେ ସ୍ୱତନ୍ତ୍ରତା ପାଇଁ ଏକ ନାସ୍ତିସୂଚକ ରାଷ୍ଟ୍ର (Negative state) ର ଆବଶ୍ୟକତା ରହିଛି । କିନ୍ତୁ ଅପରପକ୍ଷେ ମେଟ୍‌ଲ୍ୟାଣ୍ଡ (Maitland), ରୁଷୋ (Rouseau) ଟାଉନେ(Tawney) ବାର୍କର (Barker) ଓ ଲାସ୍କି (Laski) ପ୍ରଭୃତି ଲେଖକଗଣ ଏହି ଦୁଇଟି ମୌଳିକ ଧାରଣା ପରସ୍ପରର ପରିପୂରକ ବୋଲି କହିଅଛନ୍ତି । ସମାନତା ଓ ସ୍ୱତନ୍ତ୍ରତାର ଗୋଟିଏ ସାଧାରଣ ଲକ୍ଷ୍ୟ ରହିଛି । ତାହା ହେଲା ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ ଓ ସେମାନଙ୍କ ଶକ୍ତିର ଉନ୍ନତି । ତେଣୁ ଏହି ଦୁଇ ମୌଳିକ ଧାରଣା ପରସ୍ପରର କାର୍ଯ୍ୟଶୈଳୀକୁ ପ୍ରଭାବିତ କରି ସେମାନଙ୍କ ମଧ୍ୟରେ ଥିବା ସୁସମ୍ପର୍କକୁ ଲୋକଲୋଚନକୁ ଆଣିଥାଆନ୍ତି । ସ୍ୱତନ୍ତ୍ରତାର ଅବସ୍ଥିତି ସମାନତା ମଧ୍ୟରେ । ସମାନତା ବିନା ସ୍ୱାଧୀନତାର ଅଧଃ ପତନ ଘଟିଥାଏ ଓ ସ୍ୱାଧୀନତା ବିନା ସମାନତା ଏକ ରୂପତ୍ୱ ଲାଭ କରିଥାଏ ।

ସ୍ୱତନ୍ତ୍ରତା ସଦାବେଳେ ସମାନତାଠାରୁ ଉତ୍କୃଷ୍ଟତର କାରଣ ସମାନତା ସ୍ୱତନ୍ତ୍ରତା ନିକଟରେ କାର୍ଯ୍ୟ କରେ । ପୃଥିବୀର ସମସ୍ତ ସଭ୍ୟରାଷ୍ଟ୍ର ଏହି ଦୁଇ ମୌଳିକ ଧାରଣାକୁ ତାଙ୍କ ସଂବିଧାନରେ ସ୍ଥାନ ଦେଇଅଛନ୍ତି । ଏଥିରୁ ସେମାନଙ୍କର ଆବଶ୍ୟକତା ସହଜରେ ଅନୁମେୟ । ସ୍ୱତନ୍ତ୍ରତା ବିନା ସମାନତା ଅବାସ୍ତବ ଓ ସମାନତା ବିନା ସ୍ୱତନ୍ତ୍ରତା ମଧ୍ୟ ଅର୍ଥହୀନ । ତେଣୁ ସ୍ୱାଧୀନତା ଓ ସମାନତା ପରସ୍ପରର ପରିପୂରକ ଅଟନ୍ତି । ଆର୍ଣ୍ଣୋଲଡ୍ ଟୟନବି (Arnold Toynbee) ଙ୍କ ମତରେ "ସମାନତା ହାସଲ ଦିଗରେ ଅନୁସୃତ ବିବିଧ ବ୍ୟବସ୍ଥା କେବେହେଲେ ସ୍ୱତନ୍ତ୍ରତାର ପରିପନ୍ଥୀ ନୁହେଁ, ପରନ୍ତୁ ମୌଳିକ ଆବଶ୍ୟକତା । ଯେଉଁ ସମାଜରେ ସାମାଜିକ ବୈଷମ୍ୟ ବିଦ୍ୟମାନ, ସେଠାରେ

ପ୍ରକୃଷ୍ଟ ସ୍ୱତନ୍ତ୍ରତା ପ୍ରତିଷ୍ଠା ଏକ ଅସମ୍ଭବ ବ୍ୟାପାର” । ତେଣୁ ବ୍ୟକ୍ତିର ଅନ୍ତର୍ନିହିତ ଶକ୍ତିର ବିକାଶ ଓ ସାମର୍ଥ୍ୟର ଅଭିବୃଦ୍ଧି ଉଭୟ ଧାରଣାର ଚରମ ଓ ଅନ୍ତିମ ଲକ୍ଷ୍ୟ ହୋଇଥିବାରୁ ଏମାନେ କେବେ ବି ଯେ ପରସ୍ପର ପ୍ରତି ବିରୋଧାତ୍ମକ ଧାରଣା ସୃଷ୍ଟି କରିପାରିବେ ନାହିଁ ଏହା ଅନସ୍ୱୀକାର୍ଯ୍ୟ ।

ସଂକ୍ଷିପ୍ତ ସୂଚନା

ସମାନତା ହେଉଛି ରାଜନୀତିବିଜ୍ଞାନର ଏକ ପ୍ରଧାନ ଧାରଣା । ଯେହେତୁ କୌଣସି ଦୁଇଜଣ ବ୍ୟକ୍ତି ଆକୃତି ଓ ପ୍ରକୃତିରେ ଏକାକାର ନୁହଁନ୍ତି ତେଣୁ ସମାନତାର ଗୁରୁତ୍ୱ ବହୁତ ବଢ଼ିଯାଇଛି ।

ସମାନତା ହେଉଛି ଏକପ୍ରକାର ସମତୁଲ ପ୍ରକ୍ରିୟା ଯେଉଁଠି ଧନୀ ଓ ଗରିବ ମଧ୍ୟରେ ଥିବା ପ୍ରଭେଦକୁ ଦୂର କରାଯାଇଥାଏ ।

ପ୍ରଫେସର ଲାସ୍କି (Prof Laski)ଙ୍କ ମତରେ ସମାନତାର ତ୍ରିବିଧ ପ୍ରକାର ଅର୍ଥ ଅଛି ।

(୧) ଏହାର ଅର୍ଥ ସ୍ୱତନ୍ତ୍ର ସୁବିଧାର ଅନୁପସ୍ଥିତି ।

(୨) ଏହାର ଅର୍ଥ ହେଉଛି ସମସ୍ତଙ୍କୁ ଯଥୋଚିତ ସୁଯୋଗ ପ୍ରଦାନ ।

(୩) ଏହାର ଅର୍ଥ ହେଲା ବହୁଲୋକଙ୍କର ଜରୁରୀ ଆବଶ୍ୟକତାକୁ ଅଳ୍ପଲୋକଙ୍କ ଗୌଣ ଆବଶ୍ୟକତାଠାରୁ ଗୁରୁତ୍ୱ ପ୍ରଦାନ କରିବା ।

ସମାନତା ଅନେକ ପ୍ରକାରର । ତାହା ମଧ୍ୟରୁ ଆଇନଗତ ସମାନତା, ସାମାଜିକ ସମାନତା, ଅର୍ଥନୈତିକ ସମାନତା, ରାଜନୈତିକ ସମାନତା, ପ୍ରାକୃତିକ ସମାନତା ଓ ଜାତୀୟ ସମାନତା ପ୍ରଧାନ ଅଟେ ।

ସମାନତା ଓ ସ୍ୱତନ୍ତ୍ରତା ପରସ୍ପରର ପରିପୂରକ । ସମାନତା ବ୍ୟତିରେକ ସ୍ୱାଧୀନତା ସଂକୀର୍ଣ୍ଣ ଓ ସ୍ୱାଧୀନତା ବିନା ସମାନତା ବିରକ୍ତିକର । ତେଣୁ ଏହି ଦୁଇଟି ମୌଳିକ ଧାରଣାକୁ ବିଶ୍ୱର ସମସ୍ତ ସଭ୍ୟ ରାଷ୍ଟ୍ର ଗ୍ରହଣ କରି ଏହାର ଉପାଦେୟତା ପ୍ରତିପାଦନ କରିଅଛନ୍ତି ।

ଆଦର୍ଶ ପ୍ରଶ୍ନାବଳୀ

('କ' - ବିଭାଗ)

୧. ତ୍ରୁଟିପୂର୍ଣ୍ଣ ବାକ୍ୟଗୁଡ଼ିକୁ ସଂଶୋଧନ କର :

(କ) ମାର୍କ୍ସବାଦୀମାନେ 'ରାଜନୈତିକ ସମାନତା' ଉପରେ ଗୁରୁତ୍ୱ ଦିଅନ୍ତି ।

୨. ଶୁନ୍ୟସ୍ଥାନ ପୁରଣ କର :

(କ) __________ ର ଶୂନ୍ୟତାକୁ ସମାନତା କୁହାଯାଏ ।

(ଖ) ଏକ ବ୍ୟକ୍ତିର ଏକ ଭୋଟ୍ ଦାନ ଅଧିକାର __________ ସମାନତାକୁ ସୂଚୀତ କରେ ।

୩. ବିବିଧ ଉତ୍ତର ଚୟନ ପ୍ରଶ୍ନାବଳୀ :

(କ) 'ସମାନତା'ର ଅର୍ଥ-

(i) ପୂର୍ଣ୍ଣ ସମାନତା (ii) ସଭିଙ୍କୁ ସମାନ ଦୃଷ୍ଟିକୋଣ

(iii) ସ୍ୱତନ୍ତ୍ର ଶ୍ରେଣୀର ଶୂନ୍ୟତା (iv) ସମାନ ସୁବିଧା ସୁଯୋଗ ପ୍ରଦାନ ।

(ଖ) 'ସମାନତା'ର ସ୍ୱରୂପ ହେଲା-

(i) ରାଜନୈତିକ ସମାନତା (ii) ଅର୍ଥନୈତିକ ସମାନତା

(ii) ଆଇନଗତ ସମାନତା (iv) ଉପରୋକ୍ତ ସମସ୍ତ

(ଗ) 'ସ୍ୱତନ୍ତ୍ରତା ଏବଂ ସମାନତା ପରସ୍ପର ବିରୋଧୀ'- ଏକଥା କିଏ କହିଥିଲେ ?

(i) ଲାସ୍କି (ii) ବାର୍କର

(iii) ଟକ୍ୱେଭାଇଲ୍ (iv) ଟନ୍‌ଓ୍ୱେ

୪. କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନାବଳୀ :

(କ) 'ସମାନତା'ର ବ୍ୟାଖ୍ୟାକର ?

(ଖ) 'ସାମାଜିକ-ସମାନତା' କ'ଣ ?

(ଗ) 'ରାଜନୈତିକ-ସମାନତା' କ'ଣ ?

(ଘ) 'ନାଗରିକ-ସମାନତା'ର ଅର୍ଥ ନିରୂପଣ କର ?

(ଙ) 'ଆଇନଗତ-ସମାନତା'ର ଅର୍ଥ କ'ଣ ?

୫. ଅତି କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନାବଳୀ :

(କ) 'ସମାନତା'ର ଅର୍ଥ କ'ଣ ?

(ଖ) 'ଅର୍ଥନୈତିକ ସମାନତା' ଏବଂ 'ରାଜନୈତିକ ସମାନତା' କାହାକୁ କୁହାଯାଏ ?

(ଗ) 'ଆଇନ୍‌ଗତ ସମାନତା' କାହାକୁ କୁହାଯାଏ ?

('ଖ' - ବିଭାଗ)

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନାବଳୀ :

୧. 'ସମାନତା' କାହାକୁ କୁହାଯାଏ ? ଏହାର ସ୍ୱରୂପାବଳୀ ଆଲୋଚନା କର ?

୨. 'ସମାନତା' କ'ଣ ? ଏହା କେତେ ପ୍ରକାରର ?

❑●❑

ଷଷ୍ଠ ଅଧ୍ୟାୟ

ନ୍ୟାୟ (JUSTICE)

ସମାନତା ଏବଂ ସ୍ୱତନ୍ତ୍ରତା ଭାବଧାରା ସହିତ ନ୍ୟାୟ ଅଙ୍ଗାଙ୍ଗୀ ରୂପେ ଜଡ଼ିତ। ନ୍ୟାୟ ହେଉଛି ଆଇନ୍‌ର ଏକ ଆରୋପିତ ରୂପାନ୍ତର। ବେଳେବେଳେ ଆମ ଅନୁଭବରେ ଆସେ ଯେ, ସମସ୍ତ ଆଇନ୍ ନ୍ୟାୟାନୁମୋଦିତ ନୁହେଁ। ସେ କ୍ଷେତ୍ରରେ ବିଭିନ୍ନ ବ୍ୟକ୍ତି ଏହାକୁ ବିଭିନ୍ନ ଦୃଷ୍ଟିକୋଣରୁ ବିଚାରକରି ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ କରିଥାନ୍ତି। ଆଇନ୍ ବିଶାରଦ ଙ୍କ ମତରେ ଏହା ବିଚାରପତିଙ୍କ ଦ୍ୱାରା ନିର୍ଦ୍ଦେଶିତ ଘୋଷଣା; ଧର୍ମଜ୍ଞଙ୍କ ମତରେ ଏହା ଏକ ଅନୁସରଣ ଯୋଗ୍ୟ ନୈତିକ ମୂଲ୍ୟବୋଧର ସମାହାର ; ଦରିଦ୍ର ବ୍ୟକ୍ତିଙ୍କ ମତରେ ଏହାର ଅର୍ଥ ଦାରିଦ୍ର୍ୟର ସଂପୂର୍ଣ୍ଣ ବିଲୋପ ସାଧନ। ଏଭଳି ଅନେକ ଚିନ୍ତାଧାରାକୁ ନେଇ ନ୍ୟାୟର ଅର୍ଥ ସମୃଦ୍ଧ ହେଲେ ମଧ୍ୟ, ବିଶେଷ କରି ଏହାର ସ୍ୱରୂପ ସମାଜର ପ୍ରକାରଭେଦ ଓ ସାମାଜିକ ଦୃଶ୍ୟପଟ୍ଟରେ ପ୍ରତିଫଳିତ ହୋଇଥାଏ।

ଅର୍ଥ : ନ୍ୟାୟ (Justice) ଶବ୍ଦଟି ଲାଟିନ୍ ଶବ୍ଦ 'Jungere' (ଜଂଜିର)ରୁ ଆନୀତ; ଯାହାର ଅର୍ଥ ହେଲା, ବନ୍ଧନ ବା ଏକତ୍ର ବନ୍ଧନ। ଅନ୍ୟ ଏକ ଶବ୍ଦ 'Jus' ଯାହାର ଅର୍ଥ ହେଲା ସମ୍ମେଳନ ବା ଏକତ୍ରୀକରଣରୁ ମଧ୍ୟ ଏହା ଆଂଶିକ ଆହୃତ। ଅତଏବ ନ୍ୟାୟ ଏପରି ଏକ ସଂଯୋଜକ ଚିନ୍ତାଧାରା ଯେଉଁଥିରେ ଏହା ଲୋକମାନଙ୍କୁ ସଂଘବଦ୍ଧ କରି, ସେମାନଙ୍କ ମଧ୍ୟରେ ସୁଶୃଙ୍ଖଳିତ ସମ୍ପର୍କର ଉପସ୍ଥାପନ କରି, ସେମାନଙ୍କୁ ସେମାନଙ୍କର ନ୍ୟାର୍ଯ୍ୟ ଅଧିକାର ଓ କର୍ତ୍ତବ୍ୟ, ପୁରସ୍କାର ଓ ଦଣ୍ଡବିଧାନକୁ ବିତରିତ କରେ। ଏଥିରେ ପ୍ରତ୍ୟେକ ଲୋକଙ୍କର ସମାନ ଭାଗୀଦାରି ଥାଏ।

ବିଶଦ ଅର୍ଥ : ନ୍ୟାୟର ଏକ ସଂକ୍ଷିପ୍ତ ଆକ୍ଷରିକ ସଂଜ୍ଞା ଦେବା ଅତ୍ୟନ୍ତ କଷ୍ଟସାଧ୍ୟ ବ୍ୟାପାର। ମାନବ ସଭ୍ୟତା ବିକାଶର ଆଦିମ କାଳରୁ ଏହା ପ୍ରଚଳିତ ଅଛି ଏବଂ ଏହା କୌଣସି ନା କୌଣସି ରୂପରେ ଲୋକମାନଙ୍କୁ ସେମାନଙ୍କ ହକ୍ ପାଇବାରେ ସହାୟତା କରି ଆସିଛି। ନ୍ୟାୟର ପ୍ରାଚୀନ ସଂଜ୍ଞା, ଆମେ ଗ୍ରୀକ୍ ଦାର୍ଶନିକ ପିଥାଗୋରସ୍ (Pythagoreous) ଙ୍କ ରଚନାରେ ଦେଖିବାକୁ ପାଉ। ସେ ନ୍ୟାୟକୁ 'କେତେକ ସମାନୁପାତର ମେଳଣ' ରୂପେ ସମତୁଲ କରିଛନ୍ତି। ତାଙ୍କ ମତରେ ଏକ ରାଷ୍ଟ୍ର ହେଉଛି ସେତେବେଳେ ନ୍ୟାୟପ୍ରବଣ, ଯେତେବେଳେ ଏହା ସମାନ ଉପାଦାନର ସମ୍ମିଶ୍ରଣରେ ଗଢ଼ା। ଏହି ମତବାଦକୁ ପ୍ଲାଟୋ (Plato) ମଧ୍ୟ ସମର୍ଥନ କରନ୍ତି। ପ୍ଲାଟୋଙ୍କ ମତରେ ନ୍ୟାୟ ପୂର୍ଣ୍ଣତଃ ଆଇନ୍ ଅପେକ୍ଷା ନୀତିଗତ ବିବେଚନା ଉପରେ ଆଧାରିତ। ତାଙ୍କ ପରିକଳ୍ପିତ ଆଦର୍ଶ-ରାଷ୍ଟ୍ରରେ ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କର ଜୀବନଚର୍ଯ୍ୟାରେ ସେହି କାର୍ଯ୍ୟଶୈଳୀକୁ ଆପଣେଇବେ, ଯାହା ପ୍ରତି ତାଙ୍କର ନୈତିକ ଆନୁଗତ୍ୟଥିବ ଏବଂ ଯାହା ପ୍ରତି ସେମାନେ ପ୍ରକୃତି ଦତ୍ତ ଭାବେ ଉପଯୁକ୍ତ ଥିବେ। ତେଣୁ ନ୍ୟାୟ ଜଣଙ୍କର କର୍ତ୍ତବ୍ୟବୋଧ ଉପରେ ସୀମାବଦ୍ଧ ରହେ ଏବଂ ଅନ୍ୟର ପରିଧି ମଧ୍ୟକୁ ଅଯଥା ପ୍ରବେଶ କରି କାହାର କର୍ତ୍ତବ୍ୟବୋଧ ଉପରେ ହସ୍ତକ୍ଷେପ କରେନାହିଁ।

ଆରିଷ୍ଟଟଲ୍ (Aristotle) ଦୁଇପ୍ରକାର ନ୍ୟାୟ କଥା କହିଛନ୍ତି । ପ୍ରଥମଟି ହେଲା ବିତରିତ ନ୍ୟାୟ (Distributive) ଓ ଦ୍ୱିତୀୟଟି ହେଲା ସଂଶୋଧକ (Corrective) ନ୍ୟାୟ । ବିତରତି ନ୍ୟାୟର ଅର୍ଥହେଲା ; ପ୍ରତ୍ୟେକ ବ୍ୟକ୍ତିଙ୍କୁ ସେମାନଙ୍କର ସମାଜ ପ୍ରତି ଥିବା ଅବାଦନର ଅନୁପାତରେ, ସମ୍ପତ୍ତି, ସମ୍ମାନ ଓ ସାର୍ବଜନୀକ କାର୍ଯ୍ୟାଳୟରେ ଅଂଶୀଦାର ହେବାର କାର୍ଯ୍ୟ ନ୍ୟସ୍ତ କରାଯିବ । ଜଣେ ଅଧିକ ଯୋଗ୍ୟ ଏବଂ ସୁଗୁଣ ଯୁକ୍ତ ବ୍ୟକ୍ତି ସାମାଜିକ କ୍ଷେତ୍ରରେ ଅଧିକ କ୍ଷମତା ଏବଂ ଅଧିକ ସମ୍ମାନର ଅଧିକାରୀ ହୋଇ ପାରିବେ । ସଂଶୋଧକ ନ୍ୟାୟର ଅର୍ଥହେଲା; ଜଣେ ବ୍ୟକ୍ତି ପ୍ରତି କରାଯାଇ ଥିବା ଭୁଲ୍‌କାର୍ଯ୍ୟର ପ୍ରତିବିଧାନ କରିବା । ଏହା ଭୁକ୍ତଭୋଗୀ ବ୍ୟକ୍ତି ପ୍ରତି ଆଶ୍ୱାସନା ମୂଳକ ଉପଶମ ଯୋଗାଇ ଥାଏ । ଏହା ମଧ୍ୟ ଅନ୍ୟ ବ୍ୟକ୍ତିର କିମ୍ବା ଅନ୍ୟଗୋଷ୍ଠୀର ଏକଚାଟିଆ ଭୁଲ କାର୍ଯ୍ୟାବଳୀ ବିରୁଦ୍ଧରେ ବ୍ୟକ୍ତିର ରକ୍ଷାକବଚ ସ୍ୱରୂପ ଠିଆ ହୋଇଥାଏ ।

ରୋମର ଆଇନଜ୍ଞମାନଙ୍କ ମତରେ ; ଉଚ୍ଚତର ନ୍ୟାୟ ସହ ସକାରାତ୍ମକ ନ୍ୟାୟର ଅନୁରୂପତା ହିଁ ବାସ୍ତବିକ୍ ନ୍ୟାୟର ଏକ ଅଭିନ୍ନ ଅଙ୍ଗ । ସେଣ୍ଟ ଅଗଷ୍ଟାଇନ୍ (St. Augustine), ନ୍ୟାୟକୁ ଧର୍ମ ଏବଂ ଦିବ୍ୟତ୍ୱର ଭାବନା ସହ ଯୋଡ଼ିଛନ୍ତି । ତାଙ୍କ ବିବେଚନାରେ ନ୍ୟାୟ ହେଉଛି ମନୁଷ୍ୟ ଏବଂ ଈଶ୍ୱରଙ୍କ ପବିତ୍ର ସମ୍ପର୍କ ସେତୁ । ଡେଭିଡ୍ ହ୍ୟୁମ୍ (David Hume), ପ୍ରାକୃତିକ ନ୍ୟାୟ ଏବଂ ଅଧିକାରର ଧାରାକୁ ପ୍ରତ୍ୟାଖ୍ୟାନ କରି, ତାହା ସ୍ଥାନରେ ଉପଯୋଗିତାର ମୂଳତତ୍ତ୍ୱକୁ ସନ୍ନିହିତ କରିଛନ୍ତି । ବେନ୍ଥାମ୍ (Bentham) ଙ୍କ ମତରେ ଭୁଲ୍ ଏବଂ ଠିକ୍‌ର ପରିମାପକ, ଉଚ୍ଚତମ ପରିମାଣର ଉଚ୍ଚତମ ସୁଖରେ ନିହିତ ଥାଏ ।

ଉନବିଂଶ ଶତାବ୍ଦୀରେ ମାର୍କ୍ସବାଦୀମାନେ ନ୍ୟାୟକୁ ସମାଜର ଆର୍ଥିକ ପ୍ରଣାଳୀ ଏବଂ ଉତ୍ପାଦନର ପ୍ରକାର ଭେଦ ଦୃଷ୍ଟିକୋଣରୁ ବିଚାର କରିଛନ୍ତି । ମାର୍କ୍ସ ଏବଂ ଏଙ୍ଗେଲ୍‌ସ ସେମାନଙ୍କର ଅର୍ଥନୈତିକ ସମ୍ପର୍କର ତତ୍ତ୍ୱର ବିଶ୍ଳେଷଣ ରେ ନ୍ୟାୟର ଅବତାରଣାକୁ ସ୍ଥାନ ଦେଇ ନାହାଁନ୍ତି । ସେମାନଙ୍କ ମତରେ ଏହା ପୁଞ୍ଜିବାଦୀମାନଙ୍କର ମଜୁରିଆ ଉପରେ ଶୋଷଣର ମନୋଭାବ । ନ୍ୟାୟ କେବଳ ମିଳିପାରିବ, ଯେତେବେଳେ ସମାଜରୁ ପୁଞ୍ଜିବାଦ କବଳିତ ଉତ୍ପାଦନର ବିଲୋପ ଘଟିବ ।

ଏଣୁ ଆମେ ଲକ୍ଷ୍ୟକରୁଯେ, ନ୍ୟାୟର ସଂଜ୍ଞା ସ୍ଥାଣୁ ନୁହେଁ, ବରଂ ଏହା ସମୟ ଏବଂ ପରିସ୍ଥିତିର ପରିବର୍ତ୍ତନ ସହ ତାଳ ଦେଇ ପରିବର୍ତ୍ତିତ ହୋଇଥାଏ । ଉପରୋକ୍ତ ଆଲୋଚନାରୁ ନ୍ୟାୟର ୨ଟି ଅର୍ଥ ପ୍ରାୟ ସ୍ୱଷ୍ଟ ଦେଖାଯାଏ । ପ୍ରଥମଟି ହେଲା ପ୍ରଶସ୍ତ ଏବଂ ଦ୍ୱିତୀୟଟି ହେଲା ସଂକୀର୍ଣ୍ଣ । ପ୍ରଶସ୍ତ ଭାବରେ ନ୍ୟାୟର ଅର୍ଥ ଆମ ସାମାଜିକ-ପ୍ରଣାଳୀ ସହ ପ୍ରତ୍ୟକ୍ଷ ସମ୍ପର୍କୀତ ଏବଂ ଏହା ସଠିକତ୍ୱ ସହ ସୁଗୁଣ ଭାବାବେଗକୁ ସୂଚୀତ କରେ । ନ୍ୟାୟ ସର୍ବଦା ପରିପୂର୍ଣ୍ଣ ଏବଂ ଶାଶ୍ୱତ ଚିନ୍ତାଧାରା ଉପରେ ପର୍ଯ୍ୟବସିତ । ସତ୍ୟ ପରି ଏହା ଅଭ୍ରାନ୍ତ ଏବଂ ସ୍ଥିର । ସଂକୀର୍ଣ୍ଣ ଭାବରେ ନ୍ୟାୟର ଅର୍ଥ ଆମ ସମାଜର ଆଇନ୍ ବ୍ୟବସ୍ଥା ଏବଂ ଆଇନ୍‌ର ପଦ୍ଧତି ସହ ସଂପର୍କୀତ । ଏହା ସମାଜର ବ୍ୟକ୍ତି, ଗୋଷ୍ଠୀ, ପଦପଦବୀର ଅଧିକାରୀମାନଙ୍କର ଅଧିକାର, ଆନୁଗତ୍ୟ ଆଦିର ସଂରକ୍ଷଣକୁ ଏକ ବ୍ୟବସ୍ଥାପିତ ଆଇନର ପଦ୍ଧତି ମାଧ୍ୟମରେ ନିୟନ୍ତ୍ରିତ କରିଥାଏ । ଏଥିପାଇଁ ଏକ ସ୍ୱାଧୀନ ନିରପେକ୍ଷ ନ୍ୟାୟିକ-ପଦ୍ଧତି ମଧ୍ୟ ଏଥିସହ ଜଡ଼ିତ ଥାଏ । ନ୍ୟାୟର ଏହି ସଂଜ୍ଞାଟି କେବଳ ଆଇନ୍‌ଗତ ଦୃଷ୍ଟିକୋଣରୁ ବିକଶିତ ହୋଇଛି ।

ନ୍ୟାୟର ପ୍ରକାରଭେଦ : ନ୍ୟାୟକୁ ସାଧାରଣତଃ ୪ଟି ଦିଗରୁ ବିଚାର କରି ତାହାର ପ୍ରକାର ଭେଦ ନିରୂପଣ କରାଯାଇଛି । ସେଗୁଡ଼ିକ ହେଲା - (କ) ବିଧିକ (ଖ) ରାଜନୈତିକ (ଗ) ସାମାଜିକ ଏବଂ (ଘ) ଅର୍ଥନୈତିକ ନ୍ୟାୟ ।

(କ) ବିଧିକ ନ୍ୟାୟ (Legal Justice) : ନ୍ୟାୟ ଯେତେବେଳେ ପ୍ରଚଳିତ ବିଧିବ୍ୟବସ୍ଥା ଏବଂ ଆଇନ୍ ମାଧ୍ୟମରୁ ଉପଲବ୍ଧ ହୁଏ, ସେତେବେଳେ ତାକୁ ବିଧିକ ନ୍ୟାୟ କୁହାଯାଏ । ଏହାର ୨ଟି ଉପାଦାନ ଅଛି । ପ୍ରଥମଟି ହେଲା, ଆଇନ୍ ସର୍ବଦା ଯୁକ୍ତିସିଦ୍ଧ, ପ୍ରାଞ୍ଜଳ ଏବଂ ସଠିକ୍‌ହେବା ଉଚିତ୍ । ଦ୍ୱିତୀୟରେ ପ୍ରତ୍ୟେକ ବ୍ୟକ୍ତି ଆଇନ୍‌ର ଶାସନ ମାଧ୍ୟମରେ ଉପଯୁକ୍ତ ନ୍ୟାୟ ପାଇବା ଉଚିତ୍ ଯେଉଁଠି କାହାର ମନମୁଖୀ ଇଚ୍ଛା କାର୍ଯ୍ୟକାରୀ ହେଉନଥିବ ।

ଆଇନ୍ ସବୁବେଳେ ସମସ୍ତଙ୍କ ପାଇଁ ସମାନ । ଏଥିରେ କାହାପ୍ରତି ପକ୍ଷପାତିତା କରାଯାଇ ପାରିବ ନାହିଁ । ଗୋଟିଏ ଗଣତାନ୍ତ୍ରିକ ବ୍ୟବସ୍ଥା ମାଧ୍ୟମରେ ପ୍ରତିଷ୍ଠିତ ବ୍ୟବସ୍ଥାପିକା ସଭା ବିବେକାନୁମୋଦିତ ବିଚାରବନ୍ତ ଆଇନ୍ ପ୍ରଣୟନ କରିବା କଥା । ବିଧିକ ନ୍ୟାୟ ମଧ୍ୟ ପ୍ରତ୍ୟେକଙ୍କୁ ନ୍ୟାୟ ବ୍ୟବସ୍ଥାରୁ ନିରପେକ୍ଷ ନ୍ୟାୟ ପାଇବାକୁ ସକ୍ଷମ କରାଇଥାଏ । ଆଇନ୍‌ର ବଳୟ ମଧ୍ୟରେ ସମସ୍ତେ ସମାନ ନ୍ୟାୟ ପାଇବାକୁ ହକ୍‌ଦାର । ଏଥିପାଇଁ ନ୍ୟାୟାଳୟ ସବୁବେଳେ ଆଇନ୍‌ର ତର୍ଜମା କୁ ଏକ ସ୍ୱାଧୀନ ନିରପେକ୍ଷ ଢ଼ଙ୍ଗରେ କରି ନ୍ୟାୟ ପ୍ରଦାନ କରିବା ଉଚିତ୍ । ବାସ୍ତବିକ୍, ନ୍ୟାୟପାଳିକାର ସ୍ୱାଧୀନ ଭାବରେ ନ୍ୟାୟ ପ୍ରଦାନର ପଦ୍ଧତିଟି ସାମ୍ପ୍ରତିକ ଚିନ୍ତାଧାରାରେ ସର୍ବଜନାଦୃତ । ଏଣୁ ନ୍ୟାୟପାଳିକା ହେଉଛି ସମ୍ବିଧାନର ହିତରକ୍ଷୀ ଏବଂ ଜନସାଧାରଣଙ୍କର ଅଧିକାରର ରକ୍ଷାକର୍ତ୍ତା ।

(ଖ) ରାଜନୈତିକ ନ୍ୟାୟ (Political Justice) : ରାଜନୈତିକ ନ୍ୟାୟ ଗୋଟିଏ ରାଷ୍ଟ୍ର ମଧ୍ୟରେ ରାଜନୈତିକ ସମାନତା ରକ୍ଷାକରେ । ଏହାର ଅର୍ଥ, ଗୋଟିଏ ରାଷ୍ଟ୍ରର କ୍ଷମତାର ଢ଼ାଞ୍ଚା ସମ୍ବନ୍ଧୀୟ ବ୍ୟାପାରରେ ସମସ୍ତଙ୍କର ସମାନ ଯୋଗଦାନ ଥାଏ । ବିଧିକ ନ୍ୟାୟ କେବଳ ଔପଚାରିକ ଆଇନ୍ ର ଦିଗକୁ ସୂଚୀତ କଲାବେଳେ, ରାଜନୈତିକ ନ୍ୟାୟ ପ୍ରତ୍ୟକ୍ଷ ଭାବରେ ନ୍ୟାୟର ଗୁଣାବଳୀକୁ ରାଜନୈତିକ ପ୍ରଣାଳୀ ମାଧ୍ୟମରେ ସଚେତନ କରାଏ । ଏହି ନ୍ୟାୟରେ ବ୍ୟକ୍ତି ସହ ରାଷ୍ଟ୍ରର ସମ୍ପର୍କ ସ୍ପଷ୍ଟ ବାରି ହୁଏ । ଭିନ୍ନ ଭାବରେ କହିଲେ, ରାଜନୈତିକ ନ୍ୟାୟର ଅର୍ଥ ହେଲା; ପ୍ରତ୍ୟେକ ନାଗରିକର ସମାନ ରାଜନୈତିକ ଅଧିକାର, ସରକାର ଗଠନରେ ସମାନସ୍ୱର, ପ୍ରତ୍ୟେକ ସରକାରୀ ଦପ୍ତରରେ ସମାନ ପ୍ରବେଶ ଏବଂ ଆବଶ୍ୟକୀୟ ଯୋଗ୍ୟତା ହାସଲ୍‌ରେ ସମାନ ପ୍ରାପ୍ୟର ପରିପୂର୍ଣ୍ଣତା । ଏଠାରେ ବିଚାରଯୋଗ୍ୟ ଯେ, ରାଜନୈତିକ ଅଧିକାର ମାଧ୍ୟମରେ ଗଣତନ୍ତ୍ରର ମହତ୍ତ୍ୱକୁ ସହଜରେ ହୃଦୟଙ୍ଗମ କରିହୁଏ ।

କିନ୍ତୁ ରାଜନୈତିକ ନ୍ୟାୟର ଅର୍ଥ ସଂପୂର୍ଣ୍ଣ ରାଜନୈତିକ ସମାନତା ହୁଏତ ହୋଇ ନପାରେ, ଯାହା କି ଅସମ୍ଭବ ଏବଂ ଅନାବଶ୍ୟକ ମଧ୍ୟ । ରାଜନୈତିକ ଅଧିକାରକୁ ଉପଭୋଗ କରିବା କେତେକ ସର୍ତ୍ତାବଳୀ ରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ବି ବୟସ ସୀମା; ଏସବୁକୁ ମନମୁଖୀ ବ୍ୟବସ୍ଥା ବୋଲି କୁହାଯାଇ ପାରିବ ନାହିଁ । ସର୍ବୋପରି, ଶାସକ ଗୋଷ୍ଠୀର ରାଜନୈତିକ ଇଚ୍ଛାଶକ୍ତି ହିଁ ରାଜନୈତିକ ନ୍ୟାୟର ପ୍ରଭାବକୁ ଅନୁଭୂତ କରାଏ ।

(ଗ) ସାମାଜିକ ନ୍ୟାୟ (Social Justice) : ଏହାର ସାଧାରଣ ଅର୍ଥହେଲା, ସାମାଜିକ ସମାନତା । କିନ୍ତୁ ପ୍ରକୃତ ପକ୍ଷେ ଏହାର ଅର୍ଥହେଲା, ବ୍ୟକ୍ତିର ବିକାଶ ପାଇଁ ସମସ୍ତଙ୍କୁ ସମାନ ସାମାଜିକ ସୁବିଧା ସୁଯୋଗର ଉପଲବ୍ଧି । ସମାଜରେ ପ୍ରତ୍ୟେକ ନାଗରିକଙ୍କୁ ସେମାନଙ୍କର ହକ୍ ପ୍ରଦାନର ବାର୍ତ୍ତା ଏହା ପ୍ରଦାନ କରେ । ଅନ୍ୟପକ୍ଷରେ ଏହା ସମାଜରେ କୌଣସି ବ୍ୟକ୍ତିକୁ ତାର ଜାତି, ବର୍ଣ୍ଣ, ଧର୍ମ, ଶ୍ରେଣୀ ଏବଂ ଲିଙ୍ଗ ଭେଦରେ ବାଛ ବିଚାର କରି ନଥାଏ । ସମାଜରେ ଏପରି କିଛି ଅନାବଶ୍ୟକ ବନ୍ଧନର ଉପସ୍ଥିତିକୁ ଏହା ଅଗ୍ରାହ୍ୟ କରେ, ଯାହାଦ୍ୱାରା ଏକ ସୁସ୍ଥ ସାମାଜିକ ଜୀବନ ଧାରଣର ମାନ ବାଧାପ୍ରାପ୍ତ ହେବ । ଉଦାହରଣ ସ୍ୱରୂପ, ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟ ନୀତି, ଯାହା ସାମାଜିକ ସମାନତା ଓ ନ୍ୟାୟର ଘୋର ବିରୋଧୀ । ସାମାଜିକ ନ୍ୟାୟର ଲକ୍ଷ୍ୟ ହେଲା, ସମାଜରୁ ଶୋଷଣ, ଦମନ ଏବଂ ମନମୁଖୀ କାର୍ଯ୍ୟକଳାପକୁ ସଂପୂର୍ଣ୍ଣ ବିତାଡ଼ିତ କରିବା । ଏହା ସମାଜର ଦୁର୍ବଳ ବର୍ଗଙ୍କ ସୁରକ୍ଷା ପାଇଁ ସତତ ଚେଷ୍ଟିତ ଥାଏ । ଜନମଙ୍ଗଳକାରୀ ରାଷ୍ଟ୍ରରେ ସାମାଜିକନ୍ୟାୟ ଏକ ମାର୍ଗ ପ୍ରଦର୍ଶକ ନୀତି । ଆମ ଭାରତର ସମ୍ବିଧାନର ମୌଳିକ ଅଧିକାର ଏବଂ ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତିରେ ଏହି ସାମାଜିକ ନ୍ୟାୟ କେତେକାଂଶରେ ସ୍ଥାନିତ ହୋଇଛି । ସମ୍ବିଧାନର ୧୫ ତମ ଧାରାରେ କୌଣସି ନାଗରିକଙ୍କୁ ସେମାନଙ୍କର ଧର୍ମ, ଜାତି, ଲିଙ୍ଗ, ବିଶ୍ୱାସ ଏବଂ ଜନ୍ମସ୍ଥାନ ଭେଦରେ ବାଛ ବିଚାର କରାଯାଇପାରିବ ନାହିଁ ; କିନ୍ତୁ ରାଷ୍ଟ୍ର, ମହିଳା, ଶିଶୁ ଏବଂ ପଛୁଆ ବର୍ଗର ଲୋକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶିତ ହୋଇଛି । ୧୬ ତମ ଧାରାରେ ସାଧାରଣ ନିଯୁକ୍ତିକ୍ଷେତ୍ରରେ ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ; ୧୭ ତମ ଧାରାରେ ଅସ୍ପୃଶ୍ୟତାର ସଂପୂର୍ଣ୍ଣ ବିଲୋପ ସାଧନ ; ଏବଂ ୨୩ତମ ଧାରାରେ ବାଧ୍ୟତା ମୂଳକ ଶ୍ରମକୁ ନିଷିଦ୍ଧ କରାଯାଇଛି । ରାଷ୍ଟ୍ରର ନିର୍ଦ୍ଦେଶ ମୂଳକ ନୀତିରେ ୩୮ ତମ ଧାରାରେ ଜନ ସାଧାରଣଙ୍କର ମଙ୍ଗଳ ପାଇଁ ରାଷ୍ଟ୍ରକୁ ଏକକ ସାମାଜିକ ବିଧିବ୍ୟବସ୍ଥା ପ୍ରବର୍ତ୍ତନ କରିବାପାଇଁ ନିର୍ଦ୍ଦେଶ ରହିଛି । ୪୨ ତମ ଧାରା, କାର୍ଯ୍ୟକ୍ଷେତ୍ରରେ ମାନବୀୟ ସହୃଦୟତା ଏବଂ ୪୬ ତମ ଧାରା ଦୁର୍ବଳ ଶ୍ରେଣୀକୁ ଶୋଷଣ ମୁକ୍ତ କରିବା କଥା କହିଛି ।

ସାମାଜିକନ୍ୟାୟ ସମ୍ବିଧାନଦ୍ୱାରା କିମ୍ବା ରାଷ୍ଟ୍ରର ଆଇନ୍ ଦ୍ୱାରା କେବେହେଲେ ଜନସାଧାରଣଙ୍କ ଉପରେ ଲଦି ଦିଆଯାଇ ପାରିବ ନାହିଁ । ସମାନତାର ଉଜ୍ଜ୍ୱଳ ଭାବାବେଗ, ଆମର ସାମାଜିକ ଅଭ୍ୟାସ ଏବଂ ସାମାଜିକ ପ୍ରତିଷ୍ଠାନ ଗୁଡ଼ିକର ପରିବର୍ତ୍ତନ; ସାମାଜିକ ନ୍ୟାୟ ପାଇଁ ନିହାତି ଜରୁରୀ ।

(ଘ) ଅର୍ଥନୈତିକ ନ୍ୟାୟ (Economic Justice) : ସାମାଜିକ ସମାନତା ଯେ ଭଳି ସାମାଜିକ ନ୍ୟାୟର ଏକ ଉପଶାଖା, ସେମିତି ଅର୍ଥନୈତିକ ସମାନତା ବିନା ଅର୍ଥନୈତିକ ନ୍ୟାୟର କୌଣସି ଅସ୍ତିତ୍ୱ ନାହିଁ । ପ୍ରତ୍ୟେକ ବ୍ୟକ୍ତିର ପ୍ରାଥମିକ ଆବଶ୍ୟକତାକୁ ସମାନ ଭାବରେ ଏବଂ ସନ୍ତୋଷଜନକ ଭାବରେ ପରିପୂରଣ ହେବାକୁ ଅର୍ଥନୈତିକ ସମାନତା କୁହାଯାଏ । ଯେଉଁ ସମାଜରେ କେତେକ ଲୋକ ଉପବାସରେ ଥିଲାବେଳେ, ଅନ୍ୟ କେତେକ ପ୍ରାଚୁର୍ଯ୍ୟ ଭିତରେ ବୁଡ଼ି ରହନ୍ତି ; ସେଠାରେ ସାମ୍ୟତା ଅଭାବରୁ ଅର୍ଥନୈତିକ ନ୍ୟାୟ ବ୍ୟାହତ ହୁଏ । ଯେଉଁ ସମାଜରେ ଅର୍ଥନୈତିକ ସାମ୍ୟ ସହ ସାମାଜିକ ସାମ୍ୟ ବହୁଳଭାବରେ ପରିଦୃଷ୍ଟ ସେଠାରେ ଅର୍ଥନୈତିକ ନ୍ୟାୟର ମୂଳଦୁଆ ଆପେ ପଡ଼ିଥାଏ । ରାଷ୍ଟ୍ର ତା'ର ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ଦେଇଥାଏ, ଯେମିତି ସେମାନେ ନିଜ ନିଜର ମୌଳିକ ଆର୍ଥିକ ଆବଶ୍ୟକତାକୁ ପରିପୂରଣ କରିପାରିବେ ।

ଅର୍ଥନୈତିକ ନ୍ୟାୟର ୨ଟି ଦିଗ ରହିଛି – ପ୍ରଥମଟି ହେଲା ଉଦାରବାଦୀ ଦୃଷ୍ଟିକୋଣ ଏବଂ ଅନ୍ୟଟି ହେଲା ମାର୍କସୀୟ ଦୃଷ୍ଟିକୋଣ। ଉଦାରବାଦୀମାନେ ରାଷ୍ଟ୍ରକୁ ଏକ ମାଧ୍ୟମ ରୂପେ ପରିଗଣିତ କରନ୍ତି ଯେଉଁଥିରେ ରାଷ୍ଟ୍ର ତା'ର ନାଗରିକମାନଙ୍କୁ ସାମାଜିକ ଏବଂ ଅର୍ଥନୈତିକ ନ୍ୟାୟ ଦେଇ ପାରିବ। ସେମାନେ ମଧ୍ୟ ବିଶ୍ୱାସ କରନ୍ତି ଯେ, ରାଷ୍ଟ୍ରତାର ଲକ୍ଷ୍ୟ ହାସଲ ପାଇଁ ଅର୍ଥନୈତିକ ନ୍ୟାୟ ପ୍ରଦାନ ଜରିଆରେ ସାଧାରଣ ଜନତାର ଆର୍ଥିକ ଆବଶ୍ୟକତାକୁ ପରିପୂରଣ କରିପାରିବ, ଯେତେବେଳେ ନାଗରିକମାନଙ୍କର ଉପାର୍ଜନର ବୈଷମ୍ୟ ଦୂରହୋଇ ସମସ୍ତେ ସମାନ ସୁବିଧା ସୁଯୋଗ ପାଇ ପାରିବେ। ଅନ୍ୟ ପକ୍ଷରେ ମାକ୍ସବାଦୀମାନେ ବିଶ୍ୱାସ କରନ୍ତି ଯେ, ସମାଜରେ ସେତେବେଳେ ଯାଇ ସାମାଜିକ ଏବଂ ଅର୍ଥନୈତିକ ନ୍ୟାୟ ପ୍ରତିଷ୍ଠିତ ହେବ, ଯେବେ ଶ୍ରମିକଶ୍ରେଣୀଙ୍କ ଉପରେ ହେଉଥିବା ସମସ୍ତ ପ୍ରକାର ଶୋଷଣର ଅନ୍ତହେବ। ଏଥିପାଇଁ କେବଳ ଏକ ସଫଳ ବିପ୍ଳବର ଆବଶ୍ୟକତା ରହିଛି। ଯେଉଁ ସମାଜ ସବୁବେଳେ ଧନୀ, ଦରିଦ୍ର ; ଉଚ୍ଚ, ନୀଚ ; ଏପରି ଭେଦରେ ଅସନ୍ତୁଳିତ, ସେଠାରେ ପ୍ରତ୍ୟେକ ନାଗରିକ ଅର୍ଥନୈତିକ ନ୍ୟାୟ ପାଇବାରୁ ନିଶ୍ଚିତ ବଞ୍ଚିତ। ଏକ ଶ୍ରେଣୀହୀନ ସାମ୍ୟବାଦୀ ସମାଜରେ ହିଁ ଅର୍ଥନୈତିକ ନ୍ୟାୟର ପ୍ରକୃତ ସ୍ୱାଦ ବାରିହୁଏ। ଆମର ରାଜନୈତିକ ଏବଂ ସାମାଜିକ ଅସୁସ୍ଥତା ପାଇଁ ଅର୍ଥନୈତିକ ନ୍ୟାୟ ଯେ, ଏକ ମହୌଷଧୀ ଭଳି କାର୍ଯ୍ୟକରେ ଏହା ନିଃସନ୍ଦେହ। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ସମାଜରେ ଏହା ପୂର୍ଣ୍ଣରୂପରେ ଆସିନାହିଁ।

ନ୍ୟାୟର ସମକାଳୀନ ତତ୍ତ୍ୱ (Contemporary theory of Justice) : ନ୍ୟାୟର ତାତ୍ତ୍ୱିକ ଚିନ୍ତାଧାରା ପ୍ରକୃତ ପକ୍ଷେ ଅତି ପୁରାତନ । ପ୍ଲାଟୋଙ୍କର ନୈତିକ ଭାବଧାରା ଠାରୁ ଆରିଷ୍ଟଟଲ୍‌ଙ୍କର ବତରିତ ନ୍ୟାୟ ; ତାପରେ ଧର୍ମୀୟ ହିତବାଦୀଙ୍କ ଠାରୁ ସମାଜବାଦୀ ଏବଂ ପରିଶେଷରେ ଲିବର୍‌ଟେରିଆନ୍ (ସ୍ୱାତନ୍ତ୍ର୍ୟବାଦୀ) ଯଥା :- F.A. Hayek (The constitution of Liberty, 1960); J. Rawls (A theroy of Justice, 1972) ; Robert Nozick (Anarchy, state and Utopia, 1974) ଙ୍କ ପର୍ଯ୍ୟନ୍ତ ବିସ୍ତୃତ।

ଲିବରଟେରିଆନ୍ ନ୍ୟାୟ ସାମାଜିକ ନ୍ୟାୟର ବିପରୀତମୁଖୀ ମତ ପ୍ରଦାନ କରେ। ଏହା ବ୍ୟକ୍ତି କୈନ୍ଦ୍ରିକ ତେଣୁ ଏହା ବ୍ୟକ୍ତି ସ୍ୱାତନ୍ତ୍ର୍ୟର ଆଭିମୁଖ୍ୟ ଗ୍ରହଣ କରେ। ଅର୍ଥନୈତିକ ଭାଷାରେ ଏହା ଅଧିକ ପୁନଃବିତରିତ ନ୍ୟାୟ ନହେବାକୁ ଦାବୀ କରେ ; ରାଜନୈତିକ ଭାଷାରେ ଏହା ଏକ ସଂକ୍ଷିପ୍ତ ରାଷ୍ଟ୍ରର ରାଜୁତି ଚାହେଁ ଏବଂ ସାମାଜିକ ଭାଷାରେ ଏହା ସାମାଜିକ ବୈଷମ୍ୟର ପକ୍ଷପାତୀ।

ହାଇକ୍ (Hayek) ଙ୍କ ମତରେ, ନ୍ୟାୟ ସବୁବେଳେ ସମାଜର ଉନ୍ନତି ଅପେକ୍ଷା ବ୍ୟକ୍ତିର ଉନ୍ନତି ଅଧିକ ଚାହେଁ। ନ୍ୟାୟ, ବ୍ୟକ୍ତି ସ୍ୱାଧୀନତା ବଢ଼ାଇବାରେ ସହାୟକ ହେବା ଉଚିତ ଏବଂ ବ୍ୟକ୍ତିର ଲକ୍ଷ୍ୟ ପୂରଣ ଦିଗରେ ସଫଳତାର ମାପକାଠି ହେବା ଉଚିତ୍। ତାଙ୍କର ଏହି ତତ୍ତ୍ୱକୁ ନ୍ୟାୟର ପଦ୍ଧତିଗତତତ୍ତ୍ୱ କୁହାଯାଏ। ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମାନ ଦୃଷ୍ଟିରେ ଦେଖି, ଆଇନ୍‌ର ଶାସନ ମଧ୍ୟରୁ ନ୍ୟାୟ ଆଶା କରାଯାଏ।

ଜନ୍ ରଲ୍‌ଙ୍କ ନ୍ୟାୟ ତତ୍ତ୍ୱ (John Rawl's Justice) : ଦୀର୍ଘ ଚାରି ଦଶନ୍ଧି ଧରି ତାଙ୍କର ଗବେଷଣା ଫଳରେ ସେ ଉଦାରବାଦୀ ରାଷ୍ଟ୍ର ଏବଂ ନ୍ୟାୟତତ୍ତ୍ୱ ସମ୍ବନ୍ଧରେ ଅନେକ ବିଚାରଧାରା ପ୍ରଣୟନ କରିଛନ୍ତି। ତାଙ୍କ ମତରେ ନ୍ୟାୟର ଅନ୍ୟନାମ ହେଲା ନିର୍ମଳତତ୍ତ୍ୱ । ତାଙ୍କ ପ୍ରଣୀତ ନ୍ୟାୟର ନିର୍ଯ୍ୟାସ ହେଲା :

(କ) ସ୍ୱତନ୍ତତାର ଅତ୍ୟନ୍ତ ବିସ୍ତୃତୀକରଣ କିନ୍ତୁ ସ୍ଥଳ ବିଶେଷରେ ଏହାର ସୁରକ୍ଷା ପାଇଁ କେତେକ ନିୟନ୍ତ୍ରିତ ବ୍ୟବସ୍ଥା।

(ଖ) ସମସ୍ତଙ୍କ ପାଇଁ ସମାନ ସ୍ୱତନ୍ତ୍ରତା ପ୍ରଦାନ ଏବଂ ସାମାଜିକ ଜୀବନରେ ସମସ୍ତଙ୍କର ଉନ୍ନତି କଳ୍ପେ ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ ।

(ଗ) ଜନ୍ମଗତ ଏବଂ ଆର୍ଥିକ ପ୍ରାଚୁର୍ଯ୍ୟ ଭେଦରେ ଥିବା ବୈଷମ୍ୟକୁ ଅପସାରିତ କରି ସମସ୍ତ ନାଗରିକଙ୍କୁ ସମାନ ନ୍ୟାୟ ଦେବା ।

(ଘ) ସାମାଜିକ ଜୀବନ କ୍ଷେତ୍ରରେ ମୌଳିକ ସ୍ୱାତନ୍ତ୍ର୍ୟ ଏବଂ ସମାଜରେ ସମୂହ ଉନ୍ନତି ସାଧନ ; ଉଭୟ କ୍ଷେତ୍ରରେ ନ୍ୟାୟର ଭାରସାମ୍ୟ ରହିବା ଉଚିତ୍ ।

ନୋଜିକ୍‌ଙ୍କ ନ୍ୟାୟ ତତ୍ତ୍ୱ (Nozick's theory of Justice) : ନୋଜିକ୍ କିନ୍ତୁ ରଲ୍‌ଙ୍କର ବିପରୀତ ମତ ପୋଷଣ କରନ୍ତି । ରଲ୍‌ଙ୍କର ମତରେ ନ୍ୟାୟ ହେଉଛି ଏକ ସାମାଜିକ ଗଠନର ନିର୍ଦ୍ଦିଷ୍ଟ ବ୍ୟବସ୍ଥାପିତ ଢ଼ାଞ୍ଚା ; କିନ୍ତୁ ନୋଜିକ କହନ୍ତି ଯେ, ପ୍ରତ୍ୟେକ ବ୍ୟକ୍ତିଙ୍କର ଥିବା ଅଧିକାରକୁ ଯଥା ସମ୍ଭବ ସମସ୍ତ ପରିସ୍ଥିତିରେ ସମ୍ମାନ ଦିଆଯିବା ଉଚିତ୍ । ତାଙ୍କ ମତରେ ବ୍ୟକ୍ତିର ଅଧିକାର ହେଉଛି ନ୍ୟାୟର ମୂଳଭିତ୍ତି ; ତେଣୁ କାହାର କାର୍ଯ୍ୟକଳାପ ଉପରେ ଅଯଥା ଅଙ୍କୁଶ ଲଗାଇବା ହେଉଛି ଏକ ଗୁରୁତର ଭୁଲ । ଜଣେ ସେତେବେଳେ ଯାଇ ସଂକ୍ଷିପ୍ତ ରାଷ୍ଟ୍ରର ରାଜୁତି କଥା କହିପାରିବ, ଯେତେବେଳେ ସେ ରାଷ୍ଟ୍ରରେ କମ୍ ଆଇନ୍ କାନୁନ ପ୍ରଚଳିତଥାଇ, ବ୍ୟକ୍ତିର ଅଧିକାର ଓ ସ୍ୱାଧୀନତା କୁ ବେଶୀ ପ୍ରାଧାନ୍ୟ ଦେଉଥିବ । ଏ ପ୍ରକାର ମତବାଦ ଦ୍ୱାରା ନୋଜିକ ; ହାଇକ୍ ଏବଂ ଜନ୍ ଲକ୍‌ଙ୍କର ଅତ୍ୟନ୍ତ ନିକଟବର୍ତ୍ତୀ ।

ଅତଏବ, ନ୍ୟାୟର ଏପର୍ଯ୍ୟନ୍ତ କୌଣସି ଏକକ ସର୍ବଜନଗ୍ରାହୀ ସଂଜ୍ଞା ନିରୂପିତ ହୋଇପାରିନାହିଁ । ଆମେ ଆମର ପାରିପାର୍ଶ୍ୱିକ ବିଧିବ୍ୟବସ୍ଥା ଦ୍ୱାରା ନ୍ୟାୟର ସଂରଚନାକୁ ହୃଦୟଙ୍ଗମ କରିଥାଉ । ଏରୁ ନ୍ୟାୟ ହେଉଛି ଏକ ରାଜନୈତିକ ବିଚାରଧାରା, ଯାହାକୁ ଆମେ ରାଜନୈତିକ ଦୃଶ୍ୟପଟ୍ଟରେ ହିଁ ଦେଖୁ ।

ସଂକ୍ଷିପ୍ତ ସୂଚନା

- ନ୍ୟାୟ ଶବ୍ଦଟି ଲାଟିନ୍ ଶବ୍ଦ Jungereରୁ ଆସିଛି, ଯାହାର ଅର୍ଥ– ଏକତ୍ର ବନ୍ଧନ । ଏକ ରାଷ୍ଟ୍ର ହେଉଛି ନ୍ୟାୟ ପ୍ରବଣ ଯେତେବେଳେ ଏହା ସମାଜ ଉପାଦାନର ସମ୍ମିଶ୍ରଣରେ ଗଢ଼ା ।
- Aristotle ଦୁଇ ପ୍ରକାର ନ୍ୟାୟର କଥା କହିଛନ୍ତି । ଗୋଟିଏ 'ବିତରିତ ନ୍ୟାୟ' ଏକ ଅନ୍ୟଟି 'ସଂଶୋଧକ ନ୍ୟାୟ' ।
- ମାର୍କ୍ସବାଦୀମାନେ ନ୍ୟାୟକୁ ସମାଜର ଆର୍ଥିକ ପ୍ରଣାଳୀ ଏବଂ ଉତ୍ପାଦନର ପ୍ରକାରଭେଦ ଦୃଷ୍ଟିକୋଣରୁ ବିଚାରକରିଛନ୍ତି ।
- ମାର୍କ୍ସବାଦୀମାନେ ନ୍ୟାୟକୁ ସମାଜର ଆର୍ଥିକ ପ୍ରଣାଳୀ ଏବଂ ଉତ୍ପାଦନର ପ୍ରକାରଭେଦ ଦୃଷ୍ଟିକୋଣରୁ ବିଚାରକରିଛନ୍ତି ।
- ନ୍ୟାୟର ପ୍ରକାର ଭେଦ ହେଲା (କ) ଆଇନ୍‌ଗତ (ଖ) ରାଜନୈତିକ (ଗ) ସାମାଜିକ (ଘ) ଅର୍ଥନୈତିକ ନ୍ୟାୟ ।
- ନ୍ୟାୟର ଆଧୁନିକ ପ୍ରବକ୍ତାମାନେ ହେଲେ– F.A. Hayek, John Rawls ଏବଂ Robert Nozick,

- Hayek ଙ୍କ ମତରେ ନ୍ୟାୟ ସବୁବେଳେ ସମାଜର ଉନ୍ନତି ଅପେକ୍ଷା ବ୍ୟକ୍ତିର ଉନ୍ନତି ଅଧିକ ଚାହେଁ। Rawls ଙ୍କ ମତରେ ନ୍ୟାୟର ଅନ୍ୟନାମ ହେଲା ନିର୍ମଳତ୍ୱ। ସମସ୍ତଙ୍କ ପାଇଁ ସମାନ ସ୍ୱତନ୍ତ୍ରତା ଏବଂ ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ Nozickଙ୍କ ମତରେ ନ୍ୟାୟ ହେଉଛି ଏକ ସାମାଜିକ ଗଠନର ନିର୍ଦ୍ଦିଷ୍ଟ ବ୍ୟବସ୍ଥାପିତ ଢ଼ାଞ୍ଚା।

ଆଦର୍ଶ ପ୍ରଶ୍ନାବଳୀ

('କ' - ବିଭାଗ)

୧. ନିମ୍ନ ପ୍ରଦତ୍ତ ଯୁକ୍ତି ମଧ୍ୟରୁ କେଉଁଗୁଡ଼ିକ ନାରିକମାନଙ୍କ ଜୀବନଧାରଣର ଅତ୍ୟାବଶ୍ୟକ ସୁବିଧା ରାଷ୍ଟ୍ର ଦ୍ୱାରା ଯୋଗାଇ ଦିଆଯିବାର ଔଚିତ୍ୟ ଦର୍ଶାଇଥାଏ:

(କ) ଗରିବ ଲୋକଙ୍କୁ ମାଗଣା ସେବା ଯୋଗାଇବା ଏକ ଦାନ କାର୍ଯ୍ୟ ଭାବରେ କରାଯାଏ।

(ଖ) ସମସ୍ତ ନାଗରିକଙ୍କୁ ଜୀବନଧାରଣର ସର୍ବନିମ୍ନ ଓ ଜରୁରୀ ସେବା ଯୋଗାଇଦିଆଯିବା ଦ୍ୱାରା ସମାନ ସୁଯୋଗ ଦେବା ନିଶ୍ଚିତ କରେ।

(ଗ) କିଛି ଲୋକ ଅଳସୁଆ ପ୍ରକୃତିର, ସେମାନଙ୍କୁ ଆମେ ଦୟା ଦେଖାଇବା ଉଚିତ।

(ଘ) ଜୀବନଧାରଣର ସର୍ବନିମ୍ନ ସୁବିଧା ଯୋଗାଇ ଦିଆଯିବା ଏକ ମାନବୀୟ ପ୍ରକୃତିର ଅଂଶବିଶେଷ ଓ ମାନବୀୟ ଅଧିକାର ଚେତନାର ଅନୁଭବ।

୨. ରାଷ୍ଟ୍ର ଦ୍ୱାରା କିଛି ଲୋକଙ୍କ ବିଶେଷ ଆବଶ୍ୟକତା ପୂରଣ କରିବା ପ୍ରଚେଷ୍ଟା ସମସ୍ତଙ୍କୁ ସମାନ ବ୍ୟବହାର (principle of equal treatment for all) ନିୟମର ବିରୋଧ କରେ କି ?

୩. କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନାବଳୀ :

(କ) ସାମାଜିକ-ନ୍ୟାୟ କାହାକୁ କୁହାଯାଏ ?

(ଖ) 'ନ୍ୟାୟ'ର ସ୍ୱରୂପ ଆଲୋଚନା କର

୪. ଅତି କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନାବଳୀ :

(କ) 'ନ୍ୟାୟ' କାହାକୁ କୁହାଯାଏ ?

(ଖ) 'ଆଇନଗତ-ନ୍ୟାୟ' କ'ଣ ?

('ଖ' - ବିଭାଗ)

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନାବଳୀ :

୧. 'ନ୍ୟାୟ' କହିଲେ ଆମେ କ'ଣ ବୁଝୁ ? ଏହା କେତେ ପ୍ରକାରର ?

୨. 'ସାମାଜିକ-ନ୍ୟାୟ' କାହାକୁ କୁହାଯାଏ ? ଏହାର ପ୍ରକୃତି ସମ୍ପର୍କରେ ଆଲୋଚନା କର ?

❑●❑

ସପ୍ତମ ଅଧ୍ୟାୟ

ଅଧିକାର (RIGHTS)

ଅଧ୍ୟାପକ ହାରଲଡ଼ ଜେ. ଲାସ୍କି (Harold J. Laski)ଙ୍କ ମତରେ ଗୋଟିଏ ରାଷ୍ଟ୍ରର ସ୍ୱରୂପ ତାହା ଅନୁସରଣ କରୁଥିବା ଅଧିକାରଗୁଡ଼ିକରୁ ଜଣାପଡ଼େ। ଗୋଟିଏ ସ୍ୱେଚ୍ଛାଚାରୀ ଶାସନ ବ୍ୟବସ୍ଥାରେ ନାଗରିକଙ୍କର କୌଣସି ଅଧିକାର ନଥାଏ କହିଲେ ଚଳେ। ମାତ୍ର ଏକ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ନାଗରିକମାନଙ୍କୁ ଏକାଧିକ ଅଧିକାର ଉପଭୋଗ କରିବାକୁ ଦିଆଯାଏ। ଗୋଟିଏ ନାଗରିକ ତାହାର ଅଧିକାରକୁ ଗୋଟିଏ ସମାଜ ବା ରାଷ୍ଟ୍ରରେ ଉପଭୋଗ କରେ, ଏକ ନିର୍ଜ୍ଜନ ସ୍ଥାନରେ ନୁହେଁ। ରାଷ୍ଟ୍ରର ସ୍ୱୀକୃତି ବିନା ଅଧିକାର ସବୁ ନିରର୍ଥକ। କିଛିଲୋକଙ୍କର ଯାହା ଅଧିକାର ଅନ୍ୟମାନଙ୍କ ପାଇଁ ତାହା କର୍ତ୍ତବ୍ୟ ହୋଇଥାଏ। ତେଣୁ ଅଧିକାର ସହିତ କର୍ତ୍ତବ୍ୟ ସଂବଧରେ ସମସ୍ତଙ୍କର ସ୍ୱଷ୍ଟ ଧାରଣା ରହିବା ଆବଶ୍ୟକ।

ଅର୍ଥ (Meaning) :

ଗୋଟିଏ ରାଷ୍ଟ୍ରରେ ନାଗରିକମାନେ ଅନେକ ପ୍ରକାର ଅଧିକାର ଉପଭୋଗ କରିଥାଆନ୍ତି। ଅଧିକାରକୁ ଆମେ ସାଧାରଣତଃ ଲୋକଙ୍କର ପ୍ରାପ୍ୟ ଓ କ୍ଷମତା ବୋଲି ଧରିଥାଉ ଯାହା ରାଷ୍ଟ୍ରଦ୍ୱାରା ସ୍ୱୀକୃତ ଓ ରାଷ୍ଟ୍ରଦ୍ୱାରା ଅନୁସୃତ।

ପ୍ରଫେସର ଲାସ୍କି (Prof. Laski) ଅଧିକାରର ସଂଜ୍ଞା ନିରୂପଣ କରିବାକୁ ଯାଇ କହିଛନ୍ତି ଯେ "ଏହା ସାମାଜିକ ଜୀବନର ସେହି ସର୍ତ୍ତ ଯାହାର ଅବର୍ତ୍ତମାନରେ ମନୁଷ୍ୟ ତାହାର ବ୍ୟକ୍ତିତ୍ୱର ପୂର୍ଣ୍ଣ ବିକାଶ କରିପାରିବ ନାହିଁ।" ତେଣୁ ବ୍ୟକ୍ତିର ବିକାଶ କ୍ଷେତ୍ରରେ ଅଧିକାରର ଏକ ଗୁରୁତ୍ୱପୂର୍ଣ୍ଣ ହାତ ରହିଛି। ଉତ୍ତମ ଜୀବନଯାପନ ପାଇଁ ଉପଯୁକ୍ତ ସୁଯୋଗଗୁଡ଼ିକର ସଂଯୋଗକୁ ଅଧିକାରର ଆଖ୍ୟା ଦିଆଯାଇଛି।

ଟି.ଏଚ୍.ଗ୍ରୀନ୍ (T.H. Green)ଙ୍କ ମତରେ ସାଧାରଣ ସ୍ୱାର୍ଥ ସାଧନ ପାଇଁ ରାଷ୍ଟ୍ର ଦ୍ୱାରା ସ୍ୱୀକୃତ ପ୍ରାପ୍ୟ, କ୍ଷମତା ସମୂହକୁ ଅଧିକାର କୁହାଯାଏ।

ପ୍ରଫେସର ବାର୍କର (Prof. Barker) ଙ୍କ ମତରେ "ଅନୁମୋଦିତ ଦାବୀ ସମୂହକୁ ଅଧିକାର କୁହାଯାଏ ଓ ରାଷ୍ଟ୍ର ଅନୁମୋଦନ ହିଁ ଏହାର ଗୁରୁତ୍ୱକୁ ସୂଚାଇଥାଏ।"

ଅଧିକାର ତାହାର ଯଥାର୍ଥତା ପ୍ରତିପାଦନ ପାଇଁ ୫ଟି ଆବଶ୍ୟକୀୟ ସର୍ତ୍ତ ପୂରଣ କରିଥାଏ।

୧. ଅଧିକାର ନାଗରିକମାନଙ୍କର ରାଷ୍ଟ୍ରଠାରୁ ହାସଲ କରାଯାଇଥିବା ଦାବୀ ସମୂହକୁ ବୁଝାଏ।

୨. ଏହା ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶ ପାଇଁ ଉଦ୍ଦିଷ୍ଟ।

୩. ଏହା ସାମାଜିକ ମଙ୍ଗଳ ବିଧାନ ପାଇଁ ଉଦ୍ଦିଷ୍ଟ ।

୪. ଏହା ରାଷ୍ଟ୍ର ଦ୍ୱାରା ଅନୁମୋଦିତ ହେବା ଆବଶ୍ୟକ ।

୫. ଏହା ରାଷ୍ଟ୍ର ଦ୍ୱାରା ସଂଚାଳିତ ହୋଇ ସମାଜର ସ୍ୱାର୍ଥ ସାଧନରେ ବ୍ରତୀ ହୋଇଥାଏ । ଅଧିକାର ସଂପର୍କରେ ମୁଖ୍ୟତଃ ୩ଗୋଟି ତତ୍ତ୍ୱ ରହିଅଛି ।

(କ) ପ୍ରାକୃତିକ ଅଧିକାର ତତ୍ତ୍ୱ (Theory of Natural Rights)

ପ୍ରାକୃତିକ ଅଧିକାର ତତ୍ତ୍ୱ ଅନୁସାରେ ପ୍ରାକୃତିକ ନିୟମ ବ୍ୟକ୍ତିମାନଙ୍କୁ କେତେକ ପ୍ରାକୃତିକ ଅଧିକାର ପ୍ରଦାନ କରିଥାଏ । ତାହା ରାଷ୍ଟ୍ରଦ୍ୱାରା ସୃଷ୍ଟି ନହେଲେ ମଧ୍ୟ ରାଷ୍ଟ୍ର ଦ୍ୱାରା ସୁରକ୍ଷିତ ହୋଇଥାଏ ।

(ଖ) ଆଇନଗତ ଚିନ୍ତାଧାରା (The legal school of Thought)

ଏହି ଚିନ୍ତାଧାରାନୁଯାୟୀ ସମସ୍ତ କର୍ତ୍ତୃତ୍ୱର ଅଧିକାରୀ ଗୋଟିଏ ରାଷ୍ଟ୍ରରେ କେବଳ ସାର୍ବଭୌମକ୍ଷମତା ସଂପନ୍ନ ବ୍ୟକ୍ତି ଅଟନ୍ତି ।

(ଗ) ଅର୍ଥନୈତିକ ଚିନ୍ତାଧାରା (The Economic Theory)

ଏହି ଚିନ୍ତାଧାରାନୁସାରେ ଅଧିକାର ସବୁ ରାଷ୍ଟ୍ରର ଆର୍ଥିକ ଅବସ୍ଥାର ପ୍ରତିଫଳନ ମାତ୍ର ।

ଅଧିକାରର ପ୍ରକାର ଭେଦ (Types of Rights) :

ଅଧିକାରକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇପାରେ ନୈତିକ ଅଧିକାର (Moral Rights) ଓ ଆଇନାନୁମୋଦିତ ଅଧିକାର (Legal Rights) । ନୈତିକ ଅଧିକାର(Legal Rights) ଆମମାନଙ୍କର ନୈତିକ ସେଚେତନତା ଉପରେ ନିର୍ଭରଶୀଳ ଓ ଏହା ନ୍ୟାୟ ଓ ନୈତିକ ମୂଲ୍ୟବୋଧ ଉପରେ ପର୍ଯ୍ୟବସିତ । ଏହି ଅଧିକାରଗୁଡ଼ିକ ରାଷ୍ଟ୍ରଦ୍ୱାରା ଅନୁମୋଦିତ ନହୋଇଥିବାରୁ ଏହାର ଉଲ୍ଲଙ୍ଘନ କୋର୍ଟଦ୍ୱାରା ଦଣ୍ଡନୀୟ ହୋଇପାରେ ନାହିଁ । ଅନ୍ୟପକ୍ଷରେ ଆଇନାନୁମୋଦିତ ଅଧିକାର ରାଷ୍ଟ୍ରଦ୍ୱାରା ଅନୁମୋଦିତ ହୋଇ ନ୍ୟାୟାଳୟ ଦ୍ୱାରା ପ୍ରୟୋଗ କରାଯାଇଥିବାରୁ ଏହାର ଅପବ୍ୟବହାର ଦଣ୍ଡନୀୟ ହୋଇଥାଏ । ଆଇନାନୁମୋଦିତ ଅଧିକାର ପୁନର୍ବାର ଦୁଇ ଭାଗରେ ବିଭକ୍ତ କରାଯାଇପାରେ - ସାମାଜିକ ଅଧିକାର (Civil Rights) ଓ ରାଜନୈତିକ ଅଧିକାର (Political Rights) । ଏବେ ଆଇନାନୁମୋଦିତ ଅଧିକାର ମଧ୍ୟରେ ଅର୍ଥନୈତିକ ଅଧିକାର (Economic Rights)କୁ ଅନ୍ତର୍ଭୁକ୍ତ କରାଯାଇଅଛି । ନିମ୍ନରେ କେତେକ ଅଧିକାର ସମ୍ବନ୍ଧରେ ଆଲୋଚନା କରାଗଲା ।

୧. ନୈତିକ ଅଧିକାର (Moral Rights)

ଏହି ଅଧିକାରଗୁଡ଼ିକ ରାଷ୍ଟ୍ରଦ୍ୱାରା ପ୍ରଦାନ କରାଯାଇ ନଥାଏ । ରାଷ୍ଟ୍ରରେ ଯେକୌଣସି ଅନ୍ୟାୟକୁ ପ୍ରତିରୋଧ କରିବା ନାଗରିକର ଏକ ନୈତିକ ଅଧିକାର । ଗ୍ରୀନ୍ (Green) ନ୍ୟାର୍ଯ୍ୟ ଦାବୀ ପାଇଁ ରାଷ୍ଟ୍ରକୁ ପ୍ରତିରୋଧ କରିବା କଥା ମଧ୍ୟ କହିଛନ୍ତି । ଗାନ୍ଧିଜୀ ସତ୍ୟାଗ୍ରହ ମାଧ୍ୟମରେ ରାଷ୍ଟ୍ରର ଜନବିରୋଧି କାର୍ଯ୍ୟକୁ ପ୍ରତିରୋଧ କରିବା ପାଇଁ ଯୁକ୍ତି ବାଢ଼ିଛନ୍ତି । କିନ୍ତୁ ଏହି ଅଧିକାରକୁ ବୁଝିବିଚାରି ପ୍ରୟୋଗ କରାଯିବା ଉଚିତ୍ ।

୨. ଆଇନାନୁମୋଦିତ ଅଧିକାର (Legal Rights)

ଏହି ଅଧିକାରଗୁଡ଼ିକ ରାଷ୍ଟ୍ରଦ୍ୱାର ସ୍ୱୀକୃତ ଓ ରାଷ୍ଟ୍ରଦ୍ୱାରା କାର୍ଯ୍ୟକାରୀ ହୋଇଥାଏ । ଏହି ଅଧିକାରଗୁଡ଼ିକର ଉଲ୍ଲଙ୍ଘନ ହେଲେ ଜଣେ ଆଇନର ଆଶ୍ରୟ ନେଇପାରିବ । ଆଇନାନୁମୋଦିତ ଅଧିକାର ୩ ପ୍ରକାର - ଯଥା ସାମାଜିକ ଅଧିକାର (Civil Rights) ରାଜନୈତିକ ଅଧିକାର (Political Rights) ଓ ଅର୍ଥନୈତିକ ଅଧିକାର (Economic Rights) ।

(କ) ସାମାଜିକ ଅଧିକାର (Civil Rights) :

ଏହି ଅଧିକାର ସେହି ସବୁ ସୁବିଧାକୁ ନେଇ ଗଠିତ ଯାହାର ଅନୁପସ୍ଥିତିରେ ଜଣେ ତାହାର ଜୀବନକୁ ଉତ୍ତମ ରୂପେ ବିକାଶ କରିପାରିବ ନାହିଁ । ନିମ୍ନରେ କେତେକ ସାମାଜିକ ଅଧିକାର ସୂଚନା ପ୍ରଦାନ କରାଗଲା ।

୧. ଜୀବନଧାରଣ ଅଧିକାର (Right to life)

ପ୍ରତ୍ୟେକ ବ୍ୟକ୍ତିର ନିଜ ଜୀବନ ରକ୍ଷା କରିବାର ଅଧିକାର ରହିଅଛି । ରାଷ୍ଟ୍ର ବ୍ୟକ୍ତିର ଏହି ଅଧିକାରକୁ ସ୍ୱୀକୃତି ପ୍ରଦାନ କରି ତାହାର ନିରାପତ୍ତା ପ୍ରତି ଦୃଷ୍ଟି ପ୍ରଦାନ କରିଥାଏ । ହବସ୍ (Hobbes)ମଧ୍ୟ ଅଖଣ୍ଡ କ୍ଷମତା ସଂପନ୍ନ ସାର୍ବଭୌମ ବ୍ୟକ୍ତିର ଲୋକଙ୍କୁ ଏହି କ୍ଷମତାରୁ ବଞ୍ଚିତ କରିବାର ଅଧିକାର ନାହିଁ ବୋଲି କହିଅଛନ୍ତି ।

୨. ସ୍ୱାଧୀନତା ଅଧିକାର (Right to Liberty)

ଜଣେ ବ୍ୟକ୍ତି ତାହାର ଜୀବନକୁ ସରସ ସୁନ୍ଦର କରି ଗଢ଼ିତୋଳିବାକୁ କେତେଗୁଡ଼ିଏ ସ୍ୱାଧୀନତା ଆବଶ୍ୟକ କରିଥାଏ । ଏହାଦ୍ୱାରା ତାହାର ଅନ୍ତର୍ନିହିତ ଗୁଣର ଅଭିବୃଦ୍ଧି ଘଟିପାରିବ । ଏହି ଅଧିକାର ବଳରେ ଜଣେ ରାଷ୍ଟ୍ରର ଯେ କୌଣସି ସ୍ଥାନରେ ବସବାସ କରି ରହିପାରେ, ମୁକ୍ତ ଭାବରେ ରାଷ୍ଟ୍ରରେ ଯାତାୟତ କରିପାରେ ଓ ସଂଘ ଗଠନ କରି ତାହାର ମତବ୍ୟକ୍ତ କରିପାରେ । ଜୀବିକା ଅର୍ଜନ ପାଇଁ ତାହାର ମଧ୍ୟ ସ୍ୱାଧୀନତା ରହିଅଛି ।

୩. ସଂପତ୍ତି ଅଧିକାର (Right to property)

ସଂପତ୍ତି ଅଧିକାର କହିଲେ ଜଣେ ବ୍ୟକ୍ତିର ନ୍ୟାୟସଙ୍ଗତ ଉପାୟରେ ସଂପତ୍ତି ଅର୍ଜନ କରିବାର ଅଧିକାର ଓ ସଂପତ୍ତି ଭୋଗ କରିବାର ଅଧିକାର ରହିଅଛି । ଜନଲକ୍ (John Locke)ଏହି ଅଧିକାରକୁ ବହୁତ ଗୁରୁତ୍ୱ ଦେଇଛନ୍ତି କାରଣ ଏହା ବ୍ୟକ୍ତିର ସାମାଜିକ ସ୍ଥିତି ଓ ସୁରକ୍ଷା ସହିତ ଜଡ଼ିତ । ଜଣେ ବ୍ୟକ୍ତି ତାହାର ସଂପତ୍ତିକୁ ବିକ୍ରି, ଖର୍ଦ୍ଦି କରିପାରିବ, ବନ୍ଧକ ରଖିପାରିବ । ସମାଜବାଦୀ ଓ ମାର୍କସବାଦୀମାନେ ଏହି ଅଧିକାରକୁ ମାନିବାକୁ ପ୍ରସ୍ତୁତ ନୁହଁନ୍ତି କାରଣ ତାହା ସମାଜରେ ତାରତମ୍ୟ ସୃଷ୍ଟି କରିବ ।

୪. ସମାନତା ଅଧିକାର (Right to Equality)

ସମାନତା ଅଧିକାର ଏହି ଅଧିକାରର ପରିସରଭୁକ୍ତ । ଆଇନ ଆଖିରେ ସମସ୍ତେ ସମାନ ଓ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମାନ ଅଧିକାର ଉପଭୋଗ କରିପାରିବେ । ଉଚ୍ଚ, ନୀଚ, ଧନୀ, ଦରିଦ୍ର ମଧ୍ୟରେ ଏହି ଅଧିକାର ଉପଭୋଗକ୍ଷେତ୍ରରେ କୌଣସି ପାର୍ଥକ୍ୟ ରଖାଯାଇନଥାଏ ।

୫. ଚୁକ୍ତି ସଂପାଦନା କରିବା ଅଧିକାର (Right to Contract)

ସମସ୍ତ ଲୋକ ସୁସ୍ଥ ଜୀବନଯାପନ ପାଇଁ ଅନ୍ୟଲୋକଙ୍କ ସହିତ ସମାନତା ଭିତ୍ତିରେ ଚୁକ୍ତି ସଂପାଦନା କରିପାରିବେ ।

୬. ପରିବାର ଗଠନ କରିବାର ଅଧିକାର (Right to Family)

ଉତ୍ତମ ପରିବାର ଗଠନ କରିବାର ଅଧିକାର ସମସ୍ତଙ୍କୁ ପ୍ରଦାନ କରାଯାଇଛି । ଏହାଦ୍ୱାରା ସେମାନେ ଦାମ୍ପତ୍ୟ ଜୀବନଯାପନ କରିପାରିବେ । ନିଃସଙ୍ଗ ଜୀବନ ମନୁଷ୍ୟ ପାଇଁ ଦୁର୍ବିସହ ହୋଇପଡ଼େ । ଆମର ଶାସ୍ତ୍ରରେ ଲେଖାଅଛି 'ପୁତ୍ରାର୍ଥେ କ୍ରିୟେତ ଭାର୍ଯ୍ୟା' । ଏହାର ଅର୍ଥ ପୁତ୍ର ପାଇଁ ଭାର୍ଯ୍ୟା ଦରକାର । ତେଣୁ ମନୁଷ୍ୟ ଜୀବନରେ ପୂର୍ଣ୍ଣତା ପାଇଁ ଏହି ଅଧିକାର ଦରକାର ।

୭. ସଂଘ ଗଠନ କରିବାର ଅଧିକାର (Right to form Astociation)

ପ୍ରତ୍ୟେକ ବ୍ୟକ୍ତି ଗୋଷ୍ଠୀଗତ ଜୀବନ ବିତାଇବାକୁ ଚାହେଁ । ଏହାଦ୍ୱାରା ତାହାର ବହୁମୁଖୀ ପ୍ରତିଭାର ବିକାଶ ଘଟେ । ତେଣୁ ସଂଘ ଗଠନ କରିବା ବ୍ୟକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଅଧିକାର ।

୮. ଧର୍ମଗତ ଅଧିକାର (Right to Freedom of Religion & Conscience)

ପ୍ରତ୍ୟେକ ବ୍ୟକ୍ତି ଧର୍ମଗତ ଅଧିକାର ରହିଅଛି । ଧର୍ମ ହେଉଛି ଏକ ଜୀବନଯାତ୍ରା ପ୍ରଣାଳୀ ଓ ଜଣେ ବ୍ୟକ୍ତିର ଯେ କୌଣସି ଧର୍ମ ଗ୍ରହଣ କରିବାର ଅଧିକାର ରହିଅଛି । ଏହି ଅଧିକାର ବଳରେ ଜଣଙ୍କର ଆଧ୍ୟାତ୍ମିକ ଓ ନୈତିକ ଉନ୍ନତି ସମ୍ଭବପର ହୋଇଥାଏ। କିନ୍ତୁ ଧର୍ମ ଆଳରେ ଅନ୍ୟ ଧର୍ମ ପ୍ରତି ଅସୂୟାଭାବ ପ୍ରଦର୍ଶନକୁ ରାଷ୍ଟ୍ର ଦ୍ୱାରା ପ୍ରତିରୋଧ କରାଯାଇଥାଏ ।

୯. ମତବ୍ୟକ୍ତ କରିବାର ଅଧିକାର (Right to Freedom of speech and Expression)

ମତବ୍ୟକ୍ତ କରିବାର ଅଧିକାର ଗଣତନ୍ତ୍ର ବ୍ୟବସ୍ଥାର ଚାବିକାଠି ଅଟେ । ଯେକୌଣସି ବିଷୟରେ ଜଣଙ୍କର କିଛି ମନ୍ତବ୍ୟ ଦେବାର ଅଧିକାର ରହିଅଛି ଓ କୌଣସି ପରିସ୍ଥିତିରେ ବ୍ୟକ୍ତିର କଂଠରୋଧ କରାଯାଇପାରିବ ନାହିଁ।

୧୦. ଭାଷା ଓ ସାଂସ୍କୃତିକ ଅଧିକାର (Right to Language and Culture)

ପ୍ରତ୍ୟେକ ବ୍ୟକ୍ତିର ନିଜ ଭାଷା ଓ ସଂସ୍କୃତିର ସୁରକ୍ଷା କରିବାର ଅଧିକାର ରହିଅଛି ।

୧୧. ଶିକ୍ଷାଗତ ଅଧିକାର (Right to Education)

ଉତ୍ତମ ଶିକ୍ଷାଲାଭ କରି ଜଣେ ସୁସ୍ଥ ନାଗରିକ ରୂପେ ନିଜର କର୍ତ୍ତବ୍ୟ ସଂପାଦନା କରିବା ପ୍ରତ୍ୟେକ ବ୍ୟକ୍ତି ପାଇଁ ଦରକାର । ଏହା ଦ୍ୱାରା ତାହାର ବୌଦ୍ଧିକ ବିକାଶ ଘଟିପାରିବ ।

(ଖ) ରାଜନୈତିକ ଅଧିକାର (Political Rights) :

ରାଷ୍ଟ୍ର ଶାସନ ପାଇଁ ଜନତାଙ୍କୁ ସୁଯୋଗ ଦେବା ରାଜନୈତିକ ଅଧିକାରର ମୂଳ ଲକ୍ଷ୍ୟ । ଏହା ଗଣତନ୍ତ୍ର ଶାସନ ପାଇଁ ଏକାନ୍ତ ଆବଶ୍ୟକ । ନିମ୍ନରେ କେତେକ ରାଜନୈତିକ ଅଧିକାର ଅବତାରଣା କରାଗଲା ।

୧. ମତଦାନ ଅଧିକାର (Right to vote)

ପ୍ରତ୍ୟେକ ସାବାଳକ ନାଗରିକର ଭୋଟଦାନର ଅଧିକାର ଅଛି । ଏହା ଦ୍ୱାରା ସେ ନିଜର ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେଇପାରିବ ।

୨. ନିର୍ବାଚିତ ହେବାର ଅଧିକାର (Right to be Elected)

ମତଦାନ ଅଧିକାର ସହିତ ପ୍ରତିଦ୍ୱନ୍ଦିତା କରିବା ଓ ନିର୍ବାଚିତ ହେବା ଅଙ୍ଗାଙ୍ଗୀଭାବେ ଜଡ଼ିତ । ଗଣତନ୍ତ୍ର ଶାସନ ନିର୍ବାଚନ ଉପରେ ବିଶ୍ୱାସ ପ୍ରକଟ କରୁଥିବାରୁ ଏହା ଗୁରୁତ୍ୱପୂର୍ଣ୍ଣ ଅଧିକାର ।

୩. ସରକାରୀ ପଦମଣ୍ଡନ ଅଧିକାର (Right to hold Public office)

ନିର୍ବାଚିତ ହେଲେ ପ୍ରତ୍ୟେକ ପ୍ରତିନିଧି ସରକାର ପଦମଣ୍ଡନ କରିପାରିବେ । ଏଥିପାଇଁ କୌଣସି ପ୍ରକାରର ବାଛବିଚାର ନଥାଏ ଓ ପ୍ରଚଳିତ ପ୍ରଣାଳୀକୁ ଏଥିପାଇଁ ସମସ୍ତେ ଗ୍ରହଣ କରିଥାଆନ୍ତି ।

୪. ଆବେଦନ କରିବାର ଅଧିକାର (Right to Petition)

ନିଜ ଅଭାବ ଅସୁବିଧା ସରକାରଙ୍କୁ ଜଣାଇବାକୁ ସମସ୍ତ ନାଗରିକଙ୍କର ଅଧିକାର ରହିଅଛି । ସେମାନେ ବ୍ୟକ୍ତିଗତ ଭାବରେ ବା ସାମୂହିକ ଭାବରେ ଏହା ସରକାରଙ୍କ ଦୃଷ୍ଟିକୁ ଆଣିଥାଆନ୍ତି ।

୫. ସରକାର ନୀତି ଆଲୋଚନା କରିବା ଅଧିକାର (Right to discuss public policy)

ସରକାରୀ ନୀତି ନିୟମକୁ ଆଲୋଚନା କରିବା ଅଧିକାର ସମସ୍ତ ନାଗରିକଙ୍କର ରହିଅଛି ଓ ଏହା ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳମନ୍ତ୍ର ।

୬. ବାସସ୍ଥାନ ଅଧିକାର (Right to Residence)

ଜଣେ ବ୍ୟକ୍ତି ରାଷ୍ଟ୍ରର ଯେକୌଣସି ଅଞ୍ଚଳରେ ବାସ କରିପାରିବ । ଭୋଟ ଦେବା ଅଧିକାର ସହିତ ବାସସ୍ଥାନ ସଂଯୋଗଥିବାରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଧିକାର ।

(ଗ) ଅର୍ଥନୈତିକ ଅଧିକାର (Economic Rights) :

ଏକ ସୁଖମୟ ସଫଳ ଜୀବନ ଯାପନ ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ ଭଳି ମନୁଷ୍ୟର ସର୍ବନିମ୍ନ ଆବଶ୍ୟକତା ପୂରଣ ହେବା ନିହାତି ଆବଶ୍ୟକ । ଏହି ଆବଶ୍ୟକତା ଲାଗି ଅର୍ଥନୈତିକ ଅଧିକାର ମଧ୍ୟ ମାନବିକ ଅଧିକାରର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଯାଏ । ସାମ୍ୟବାଦୀ ଓ ସମାଜବାଦୀ ରାଷ୍ଟ୍ରରେ ଅର୍ଥନୈତିକ ଅଧିକାର ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ପୁଞ୍ଜିବାଦୀ ଗଣତାନ୍ତ୍ରିକ ରାଷ୍ଟ୍ରରେ ମଧ୍ୟ ବିଭିନ୍ନ ଲୋକହିତକର କାର୍ଯ୍ୟ ସମ୍ପାଦିତ ହୋଇଥାଏ, ଯେଉଁଥିରେ ଲୋକଙ୍କ ଅର୍ଥନୈତିକ ଅଧିକାର ପ୍ରତି ବିଶେଷ ଦୃଷ୍ଟି ଦିଆଯାଇଥାଏ । ନିମ୍ନୋକ୍ତ ଅଧିକାରଗୁଡ଼ିକ ଅର୍ଥନୈତିକ ଅଧିକାର ଭାବରେ ଅନ୍ତର୍ଭୁକ୍ତ କରିପାରିବା ।

୧. କର୍ମନିଯୁକ୍ତି ଅଧିକାର (Right to work)

ପ୍ରତ୍ୟେକ ବ୍ୟକ୍ତିକୁ ତାର ଯୋଗ୍ୟତା ଓ ଦକ୍ଷତା ଅନୁସାରେ କାମ ଯୋଗାଇ ଦେବା ହେଉଛି ରାଷ୍ଟ୍ରର କର୍ତ୍ତବ୍ୟ । କର୍ମନିଯୁକ୍ତି ପାଇଁ ଉପାର୍ଜନକ୍ଷମ ହେବା ଅଧିକାର ଉନ୍ନତ ଜୀବନଧାରଣ କରିବାର ଅଧିକାର ସହିତ

ଘନିଷ୍ଠଭାବେ ଜଡ଼ିତ । କାରଣ ବେକାରୀ ଜୀବନ ଦୁର୍ବିସହ ହୋଇପଡ଼େ । ସୁତରାଂ ବର୍ତ୍ତମାନ ଅନେକ ପ୍ରଗତିଶୀଳ ରାଷ୍ଟ୍ର ଏହି ଅଧିକାରକୁ ସ୍ୱୀକୃତି ପ୍ରଦାନ କରି ଏହାକୁ କାର୍ଯ୍ୟକାରୀ କରିବାର ଉଦ୍ୟମ କରୁଛନ୍ତି ।

୨. ଉପଯୁକ୍ତ ବେତନ ବା ପାରିଶ୍ରମିକ ପାଇବାର ଅଧିକାର (Right to get basic wage)

କାମକୁ ଚାହିଁ ପାରିଶ୍ରମିକ । ପୁଣି ସମାନ କାମ ପାଇଁ ସମାନ ପାରିଶ୍ରମିକ । କାର୍ଯ୍ୟର ଗୁରୁତ୍ୱ ଦୃଷ୍ଟିରୁ ବିଭିନ୍ନ ଶ୍ରେଣୀର କାର୍ଯ୍ୟ ପାଇଁ ବିଭିନ୍ନ ପ୍ରକାର ବେତନ ଓ ପାରିଶ୍ରମିକ ପ୍ରଦାନର ବ୍ୟବସ୍ଥା ରାଷ୍ଟ୍ର ତରଫରୁ କରାଯାଇଥାଏ ।

୩. ଅବସର ଓ ବିଶ୍ରାମ ନେବାର ଅଧିକାର (Right to rest and leisure)

ପ୍ରତ୍ୟେକ କାର୍ଯ୍ୟରତ ବ୍ୟକ୍ତିର ଅବସର ଓ ବିଶ୍ରାମ ମଧ୍ୟ ଦରକାର । ସେଥିପାଇଁ ସପ୍ତାହରେ ଥରେ ଏବଂ ବିଭିନ୍ନ ବିଶେଷ ଦିନମାନଙ୍କରେ ଛୁଟିର ବ୍ୟବସ୍ଥା, ନିର୍ଦ୍ଦିଷ୍ଟ କାର୍ଯ୍ୟ ନିର୍ଘଣ୍ଟ ଏବଂ ଅବସର ନେବାର ବ୍ୟବସ୍ଥା ରହିଲେ ଲୋକ ଅଧିକ ସକ୍ରିୟ ହୋଇ କାର୍ଯ୍ୟ କରିପାରିବେ । ସେଥିପାଇଁ ବିଶ୍ରାମ ଓ ଅବସରକାଳୀନ ଅଧିକାରକୁ ମଧ୍ୟ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଛି ।

୪. ଶିଳ୍ପସଂସ୍ଥାନର ପରିଚାଳନାରେ ଅଂଶଗ୍ରହଣ କରିବାର ଅଧିକାର (Right to participate in the management) :

ବିଭିନ୍ନ କର୍ମସଂସ୍ଥାନ ତଥା ଶିଳ୍ପ ସଂସ୍ଥାମାନଙ୍କରେ କାର୍ଯ୍ୟ ପରିଚାଳନାରେ ଅଂଶ ଗ୍ରହଣ କରିବାର ଅଧିକାର ଲାଗି କାର୍ଯ୍ୟରତ କର୍ମଚାରୀ ଓ ଶ୍ରମିକମାନେ ଦାବୀ କରୁଛନ୍ତି । ଏହି ଦାବୀକୁ ସେମାନଙ୍କର ନୈତିକ ଅଧିକାର ଭାବରେ ବିଭିନ୍ନ ସଂସ୍ଥା ମଧ୍ୟ ସ୍ୱୀକୃତି ପ୍ରଦାନ କରୁଛନ୍ତି । ଉଭୟ ମାଲିକ ଓ ଶ୍ରମିକମାନଙ୍କ ସହଯୋଗରେ ଯେ କୌଣସି କର୍ମସଂସ୍ଥାର କାର୍ଯ୍ୟଦକ୍ଷତା ଯେ ବୃଦ୍ଧି ପାଇବ ଏଥିରେ କିଛି ସନ୍ଦେହ ନାହିଁ ।

ଅଧିକାର ଓ କର୍ତ୍ତବ୍ୟ ମଧ୍ୟରେ ସଂପର୍କ (Relationship between Rights and Duties) :

ନାଗରିକ ତାହାର ଅଧିକାରଗୁଡ଼ିକ ଏକୁଟିଆ ଉପଭୋଗ କରିପାରିବନାହିଁ କାରଣ ଯାହା କିଛିଲୋକଙ୍କର ଅଧିକାର ତାହା ଅନ୍ୟମାନଙ୍କର କର୍ତ୍ତବ୍ୟ ଅଟେ । ତେଣୁ ଅଧିକାର ସହିତ କର୍ତ୍ତବ୍ୟ ଯୋଡ଼ିହୋଇଯାଇଛି । ରାଜନୀତିବିଜ୍ଞାନର ଜନକ ଆରିଷ୍ଟୋଟଲ (Aristotle) ଙ୍କ ମତରେ, ଏକ ଉତ୍ତମ ରାଷ୍ଟ୍ର ଗଠନ ପାଇଁ ଉତ୍ତମ ନାଗରିକର ଆବଶ୍ୟକତା ରହିଅଛି । ଆଜିର ସମାଜରେ ଆମେ ଅଧିକାର ପ୍ରତି ଯେତିକି ସଚେତନ ହେଉଛୁ କର୍ତ୍ତବ୍ୟ ପ୍ରତି ସେତିକି ହେଉନାହୁଁ । ତେଣୁ ଅନ୍ୟର ଅଧିକାର ଉପଭୋଗ କରିବାର ଅଧିକାରକୁ ଆମେ ଆମର କର୍ତ୍ତବ୍ୟ ସଂପାଦନ ନକରି ପ୍ରତିବନ୍ଧକ ସୃଷ୍ଟି କରୁଛୁ । ଏହା ଉତ୍ତମ ନାଗରିକର କର୍ତ୍ତବ୍ୟ ନୁହେଁ । ଆଜିକାଲି ବିବାହ ଉତ୍ସବରେ ମାଇକ ବଜାଇ ଆମେ ଆମର ଅଧିକାର ସାବ୍ୟସ୍ତ କରିବା ପାଇଁ ଉତ୍ସୁକ । ମାତ୍ର ଅନ୍ୟମାନଙ୍କର ଅସୁବିଧା ପ୍ରତି ଆମେ ବିମୁଖ । ଏହା ସୁସ୍ଥ ସାମାଜିକ ବ୍ୟବସ୍ଥାର ଲକ୍ଷଣ ନୁହେଁ ।

ରାଷ୍ଟ୍ର ପ୍ରତି ଆନୁଗତ୍ୟ ପ୍ରକାଶ, ଆଇନାନୁବର୍ତ୍ତିତା, ଟିକସ ପ୍ରଦାନ, ନିରପେକ୍ଷ ଭାବରେ ନିଜର ମତାଧିକାର ସାବ୍ୟସ୍ତ କରିବା, ସରକାରୀପଦ ମଣ୍ଡନ ପାଇଁ ଇଚ୍ଛା ବ୍ୟକ୍ତ କରିବା, ମାନବ କଲ୍ୟାଣ ପାଇଁ ଆନ୍ତର୍ଜାତୀୟବାଦକୁ ପ୍ରୋତ୍ସାହନ ଦେବା ପ୍ରଭୃତି ରାଷ୍ଟ୍ର ପ୍ରତି ନାଗରିକମାନଙ୍କର କର୍ତ୍ତବ୍ୟ । ଆମର ଭାରତୀୟ ସମ୍ବିଧାନ ୪ର୍ଥ (କ)

ଭାଗରେ ସମ୍ବିଧାନର ଧାରା ୫୧ (କ) ରେ ନାଗରିକଙ୍କୁ ୧୦ ଗୋଟି ମୌଳିକ ଅଧିକାର ପ୍ରଦାନ କରିଛି। ଅଧ୍ୟାପକ ଲାସ୍କି (Prof. Laski) ଅଧିକାର ଓ କର୍ତ୍ତବ୍ୟ ମଧ୍ୟରେ ୪ଗୋଟି ସଂପର୍କ ବିଷୟରେ ଉଲ୍ଲେଖ କରିଅଛନ୍ତି।

(କ) ଜଣେ ବ୍ୟକ୍ତିର ଯାହା ଅଧିକାର ଅନ୍ୟପାଇଁ ତାହା କର୍ତ୍ତବ୍ୟ ହୋଇଥାଏ।

(ଖ) ଜଣଙ୍କର ଅଧିକାର ଅର୍ଥ ଅନ୍ୟଜଣଙ୍କର ଅଧିକାରକୁ ମାନିବା ପାଇଁ ଜଣଙ୍କର କର୍ତ୍ତବ୍ୟ ହେବା ବିଧେୟ।

(ଗ) ରାଷ୍ଟ୍ର ଯେହେତୁ ନାଗରିକର ଅଧିକାରକୁ ସୁରକ୍ଷା ପ୍ରଦାନ କରୁଛି, ନାଗରିକ ମଧ୍ୟ ନିଜର କର୍ତ୍ତବ୍ୟ ସଂପାଦନ କରି ରାଷ୍ଟ୍ରକୁ ସମସ୍ତ ସହଯୋଗ ଦେବା ଆବଶ୍ୟକ।

(ଘ) ଜଣେ କେବଳ ସମାଜକଲ୍ୟାଣ ପାଇଁ ନିଜର ଅଧିକାର ଉପଭୋଗ କରିପାରିବ।

ମାନବିକ ଅଧିକାର (Human Rights)

ଅର୍ଥ ଓ ପ୍ରକୃତି :

ଯେଉଁ ଅଧିକାର ଦ୍ୱାରା ମଣିଷ ତା'ର ଜୀବନ, ସ୍ୱାଧୀନତା ଓ ମର୍ଯ୍ୟାଦାର ସୁରକ୍ଷା କରିପାରେ ତାକୁ ହିଁ ମାନବିକ ଅଧିକାର କୁହାଯାଏ। ସାମଜରେ ଏକ ସଭ୍ୟ, ମର୍ଯ୍ୟାଦାପୂର୍ଣ୍ଣ ଓ ବିକଶିତ ଜୀବନଯାପନ ନିମନ୍ତେ ମାନବିକ ଅଧିକାର ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହି ଅଧିକାରଗୁଡ଼ିକ ମଣିଷର ଆଜନ୍ମ ଅଧିକାର। ଏଗୁଡ଼ିକ, ମୌଳିକ, ସ୍ୱାଭାବିକ ଏବଂ ଚିରନ୍ତନ ବୋଲି ବିଚାର କରାଯାଏ। ରାଷ୍ଟ୍ରଦ୍ୱାରା ସ୍ୱୀକୃତ ହେବା ନ ହେବା କିମ୍ବା ସମ୍ବିଧାନରେ ସ୍ଥାନ ପାଇବା ନ ପାଇବା ଦ୍ୱାରା ଏହି ଅଧିକାରଗୁଡ଼ିକ ମୌଳିକ ଭାବେ ନିଜର ସ୍ଥିତି ହରାନ୍ତି ନାହିଁ।

ବର୍ତ୍ତମାନ ବିଶ୍ୱରେ ମାନବ ଜାତିର କଲ୍ୟାଣ ଗୋଟିଏ ରାଷ୍ଟ୍ର ଉପରେ ନିର୍ଭର ନକରି ଆର୍ନ୍ତଜାତୀୟ ସମୁଦାୟ ଉପରେ ନିର୍ଭ କରୁଛି। ମାନବିକ ମୂଲ୍ୟବୋଧର ସୁରକ୍ଷା ମାନବିକ ଅଧିକାରର ଅନ୍ତିମ ଲକ୍ଷ୍ୟ। ଏହି ଅଧିକାର ସବୁ ପ୍ରଥମରେ ଜାତୀୟ ଆଇନ ମଧରେ ସନ୍ନିବେଶିତ ହୋଇଥିଲା। ଇଂଲଣ୍ଡର ମ୍ୟାଗନା କାର୍ଟା (Magna Carta), ଯୁକ୍ତରାଷ୍ଟ୍ର ଆମେରିକାର ଅଧିକାର ସ୍ୱରୂପ (Bill of Rights) ଓ ଫ୍ରାନସ୍‌ର ମାନବ ଅଧିକାର ସଂପର୍କିତ ଘୋଷଣାମାନ ମାନବିକ ଅଧିକାର ପ୍ରତି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପରମାଣୁ ବୋମା ପରୀକ୍ଷାର ଭୟାବହତା ସମସ୍ତେ ଉପଲବ୍ଧି କରି ଏପରି କାର୍ଯ୍ୟକୁ ଭବିଷ୍ୟତରେ ନ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହେଲେ। ୧୯୪୫ ମସିହାରେ ମିଳିତ ଜାତିସଂଘ ଗଠନ କରାଯାଇ ବିଶ୍ୱଭାତୃଭାବ ଓ ଆନ୍ତର୍ଜାତିକ ସହଯୋଗ ପାଇଁ ଚେଷ୍ଟା ଆରମ୍ଭ ହେଲା। ଏହାର ଫଳସ୍ୱରୂପ ଜାତିସଂଘର ମାନବିକ ଅଧିକାର କମିଶନ୍ (Human Rights Commission) ଗଠନ କରାଗଲା। ୧୯୪୮ ମସିହା ଜୁନ୍ ୧୦ ତାରିଖରେ ଏହି କମିସନ ଗୋଟିଏ ଚିଠା ପ୍ରସ୍ତାବ(Draft Declaration) ଆଣିଲା ଯାହାକୁ ସମସ୍ତ ସଭ୍ୟରାଷ୍ଟ୍ର ବିନାଦ୍ୱିଧାରେ ଆନୁମୋଦନ କଲେ। ଏହାର ଧାରା ୧ରେ ଲେଖାଅଛି ଯେ ବିଶ୍ୱର ସମସ୍ତ ମାନବ ମୁକ୍ତ ଓ ସ୍ୱାଧୀନ ଅଟନ୍ତି ଓ ସମସ୍ତେ ସମାନ। ଧାରା ୨ରୁ ଧାରା ୨୧ ପର୍ଯ୍ୟନ୍ତ ଏଥିରେ ମାନବ ସମାଜ ପାଇଁ କେତେକ ଆଇନାନୁମୋଦିତ ଓ ରାଜନୈତିକ ଅଧିକାର ପ୍ରଦାନ କରାଗଲା

ସେଥିମଧ୍ୟରୁ ବଞ୍ଚିବା ପାଇଁ ଅଧିକାର, ଧର୍ମ ସ୍ୱାଧୀନତା, ସ୍ୱାଧୀନ ମତବ୍ୟକ୍ତ ଅଧିକାରଗୁଡ଼ିକ ପ୍ରଧାନ। ଧାରା ୨୨ରୁ ଧାରା ୨୭ ପର୍ଯ୍ୟନ୍ତ ସାମାଜିକ ଓ ଅର୍ଥନୈତିକ ଅଧିକାର ଏଥିରେ ସନ୍ନିବେଶିତ ହେଲା। କାମ କରିବାର ଅଧିକାର, ବିଶ୍ରାମ ଅଧିକାର, ସମାନ କାମ ପାଇଁ ସମାନ ମଜୁରୀ ପ୍ରଭୃତି ଏହି ଅଧିକାର ପରିସରଭୁକ୍ତ। ୧୯୪୮ ମସିହା ଡ଼ିସେମ୍ବର ୧୦ ତାରିଖ ଦିନ ସାର୍ବଜନୀନ ମାନବିକ ଅଧିକାର ଘୋଷଣା ନାମା (Universal Declaration of Human Rights) ପ୍ରକାଶିତ ହେଲା। ୧୯୬୬ ମସିହାରେ ଏହି ଘୋଷଣା ନାମାକୁ ଆଇନର ପରିସରଭୁକ୍ତ କରାଯାଇ ଆତ୍ମନିୟନ୍ତ୍ରଣର ଅଧିକାର (Right of Self-Determination) କୁ ଏଥିରେ ସାମିଲ କରାଗଲା। ଜାତିସଂଘର ସମସ୍ତ ସଭ୍ୟରାଷ୍ଟ୍ର ଏହି ଘୋଷଣାନାମାକୁ ଗ୍ରହଣ କରି ମାନବ କଲ୍ୟାଣ ପାଇଁ ନିଜର ପ୍ରତିଶୃତିବଦ୍ଧତା ପ୍ରକାଶ କରିଅଛନ୍ତି। ଏହା ଏକ ଯୁଗାନ୍ତକାରୀ ଘୋଷଣାନାମା ରୂପେ ଇତିହାସର ପୃଷ୍ଠା ମଣ୍ଡନ କରୁଅଛି।

ବୈଶିଷ୍ଟ୍ୟ :

(୧) ମାନିବକ ଅଧିକାରଗୁଡ଼ିକ ବ୍ୟକ୍ତିର ଜୀବନ ଯୋଗ୍ୟତା ଓ ମର୍ଯ୍ୟାଦାର ସୁରକ୍ଷା କବଚ।

(୨) ସେଗୁଡ଼ିକ ମୌଳିକ, ସହଜାତ ଓ ଅହସ୍ତାନ୍ତରଣୀୟ।

(୩) ସେଗୁଡ଼ିକ ସାର୍ବଜନୀନ ଓ ସର୍ବବ୍ୟାପୀ।

(୪) ସେଗୁଡ଼ିକ ମୁଖ୍ୟତଃ ସାତଗୋଟି ମୌଳିକ ସ୍ୱାଧୀନତାର ସମାହାର।

(୫) ମିଳିତ ଜାତିସଂଘ ଦ୍ୱାରା ମାନବାଧିକାରର ସାର୍ବଜନୀନ ଘୋଷଣାନାମା ମାନବିକ ଅଧିକାରଗୁଡ଼ିକର ଆଧାରଶିଳା ରୂପେ ସ୍ୱୀକୃତ।

(୬) ମାନବିକ ଅଧିକାରଗୁଡ଼ିକ ବିବେକ ଓ ନୈତିକତା ଦ୍ୱାରା ପରିଚାଳିତ।

(୭) ସୁଖୀ ମଣିଷ, ସମୃଦ୍ଧ ରାଷ୍ଟ୍ର ଓ ସୁସ୍ଥ ପୃଥିବୀ ନିମନ୍ତେ ମାନବିକ ଅଧିକାରଗୁଡ଼ିକ ସ୍ଥାୟୀ ସୂଚକ ରୂପେ କାର୍ଯ୍ୟ କରନ୍ତି।

ମାନବିକ ଅଧିକାର ଉଲ୍ଲଙ୍ଘନ ଓ ପ୍ରତିକାର (Violation of Human Rights and Redressal)

ମାନବିକ ଅଧିକାର ବିଭିନ୍ନ ଉପାୟରେ ଉଲ୍ଲଙ୍ଘନ ହୋଇଥାଏ। ସେଗୁଡ଼ିକ ମଧ୍ୟରେ (୧) ଦମନମୂଳକ ଆଇନ୍, (୨) ଆତଙ୍କବାଦ ଓ ହିଂସା, (୩) ବର୍ଣ୍ଣ, ଜାତି, ଧର୍ମ, ଅଞ୍ଚଳ ଓ ଲିଙ୍ଗ ବିଦ୍ୱେଷ, (୪) ଶୋଷଣ, (୫) ସାମ୍ରାଜ୍ୟବାଦ ଓ ଉପନିବେଶବାଦ, (୬) ମନ୍ଦ ସାମାଜିକ ପରମ୍ପରା (୭) ପୁଲିସ ଓ ନିରାପତ୍ତା ବାହିନୀର ମାତ୍ରାଧିକ କାର୍ଯ୍ୟ, (୮) ଦୁର୍ନୀତି, (୯) ଶିକ୍ଷା ଓ ସଚେତନତାର ଅଭାବ ଏବଂ (୧୦) ଅର୍ଥନୈତିକ ଅନୁନ୍ନତି ଇତ୍ୟାଦି। ସାଧାରଣତଃ ଯେ କୌଣସି ଉପାୟରେ ମନୁଷ୍ୟର ପ୍ରାକୃତିକ ନୈତିକ ତଥା ଆଇନ୍‌ଗତ ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରାଗଲେ, ତାହା ମାନବିକ ଅଧିକାରର ଉଲ୍ଲଙ୍ଘଂନ ରୂପେ ବିବେଚିତ ହେବ।

ପ୍ରତିକାର ସ୍ୱରୂପ ମାନବିକ ଅଧିକାରକୁ ପ୍ରତିହତ କରୁଥିବା ବ୍ୟକ୍ତି ବା ସଂସ୍ଥାମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ସେଥିପାଇଁ ପ୍ରଥମେ ଲୋକମାନଙ୍କୁ ସେମାନଙ୍କ ଅଧିକାର ସଂପର୍କରେ ସଚେତନ କରାଯିବାର ଆବଶ୍ୟକତା ରହିଛି। ବିଭିନ୍ନ ପ୍ରଚାର ଓ ପ୍ରଚାରପତ୍ର, ଆଲୋଚନାଚକ୍ର

ଏବଂ ସମ୍ବାଦପତ୍ରମାନଙ୍କରେ ଏ ସଂପର୍କରେ ଲେଖା ମାଧ୍ୟମରେ ମାନବିକ ଅଧିକାରର ଗୁରୁତ୍ୱ ସଂପର୍କରେ ବହୁଳ ପ୍ରଚାର ହେବା ଦରକାର। ମାନବିକ ଅଧିକାର ସୁରକ୍ଷା କେବଳ ଏକ ବ୍ୟକ୍ତି ବା ରାଷ୍ଟ୍ରର ସମସ୍ୟା ନୁହେଁ। ଏହା ବର୍ତ୍ତମାନ ସାରା ବିଶ୍ୱର ସମସ୍ୟା। ଜାତିସଂଘ ଏହି ଉଦ୍ଦେଶ୍ୟରେ ଏକ ମାନବିକ ଅଧିକାର ପରିଷଦ ଗଠନ କରିଛି। ଏଥିରେ ମାନବିକ ଅଧିକାର ସଂକ୍ରାନ୍ତୀୟ ସମସ୍ତ ବିଷୟ ଓ ଏହାର କାର୍ଯ୍ୟକାରିତା ସଂପର୍କରେ ଆଲୋଚନା ହୁଏ। ଯୁଦ୍ଧ ଅପରାଧୀମାନଙ୍କ ବିଷୟ ମଧ୍ୟ ଏଥିରେ ବିଚାର କରାଯାଏ। ମାନବିକ ଅଧିକାରର ସୁରକ୍ଷା ପାଇଁ ୧୯୯୩ ରୁ ଭାରତରେ ଜାତୀୟ ମାନବିକ ଅଧିକାର ଆୟୋଗ ଏବଂ ୨୦୦୩ ମସିହାରୁ ଓଡ଼ିଶା ରାଜ୍ୟ ମାନବାଧିକାର ଆୟୋଗ କାର୍ଯ୍ୟ କରୁଅଛନ୍ତି।

ଏହି ଆୟୋଗ ନିଜ ତରଫରୁ ବା କୌଣସି ବ୍ୟକ୍ତି ଦ୍ୱାରା ଆଗତ ଅଭିଯୋଗକୁ ଭିତ୍ତିକରି ମାନବିକ ଅଧିକାର ଉଲ୍ଲଙ୍ଘନ ସଂପର୍କୀତ ଘଟଣାର ଅନୁସନ୍ଧାନ କରିପାରିବେ। ଯଦି ଏ ସଂପର୍କରେ କୌଣସି ନ୍ୟାୟାଳୟରେ ବିଚାର ଚାଲିଥିବ, ତାହାହେଲେ ନ୍ୟାୟାଳୟର ଅନୁମତି କ୍ରମେ ଆୟୋଗ ଘଟଣାର ଅନୁସନ୍ଧାନ କରିବେ। ରାଷ୍ଟ୍ର ଅଧୀନସ୍ଥ କୌଣସି ଅନୁଷ୍ଠାନରେ ଯଦି ମାନବିକ ଅଧିକାର ଉଲ୍ଲଙ୍ଘନର ସମ୍ବାଦ ମିଳେ ତା'ହେଲେ ରାଜ୍ୟ ସରକାରଙ୍କୁ ଏସଂପର୍କରେ ସୂଚନା ଦେଇ ତାହାର ଅନୁସନ୍ଧାନ ମଧ୍ୟ କରିପାରିବେ। ଘଟଣାର ଅନୁସନ୍ଧାନ କରି ସେ ସମ୍ପର୍କରେ ଆବଶ୍ୟକୀୟ ତଥ୍ୟ ଓ ବିବରଣୀ ସହ ସଂସ୍କାର ମୂଳକ ପରାମର୍ଶ ମଧ୍ୟ ସରକାରଙ୍କୁ ଆୟୋଗ ପ୍ରଦାନ କରିଥାନ୍ତି।

ଏହାଛଡ଼ା, ଭାରତର ସମ୍ବିଧାନରେ ସ୍ଥାନିତ ମୌଳିକ ଅଧିକାର, ନ୍ୟାୟାଳୟର ସ୍ୱାଧୀନତା, ନ୍ୟାୟିକ ସକ୍ରିୟତାବାଦ, ପୁଲିସ ଆଚରଣ ସଂହିତା, ଗଣମାଧ୍ୟମ, ସଂସଦ, ରାଜନୈତିକ ଦଳ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ବିଭିନ୍ନ ଆଇନ୍ ମାନବିକ ଅଧିକାରର ସୁରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି।

ସଂକ୍ଷିପ୍ତ ସୂଚନା

- ଲାସ୍କିଙ୍କ ମତରେ ରାଷ୍ଟ୍ରର ସ୍ୱରୂପ ତାହାର ଅଧିକାର ପ୍ରଦାନ କରିବା ପ୍ରକ୍ରିୟାରୁ ହିଁ ଜଣାପଡ଼େ। ମନୁଷ୍ୟର ଅନ୍ତର୍ନିହିତ ଶକ୍ତିର ବିକାଶ ପାଇଁ ଏହା ଉଦ୍ଦିଷ୍ଟ। ଅଧିକାର ଉପରେ ଅନେକ ପ୍ରକାର ମତର ଅବତରଣା କରାଯାଇଅଛି।
- ଅଧିକାରକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି। ନୈତିକ ଓ ଆଇନାନୁମୋଦିତ ଅଧିକାର। ଆଇନାନୁମୋଦିତ ଅଧିକାର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଅଧିକାରକୁ ନେଇ ଗଠିତ।
- ଅଧିକାର ଓ କର୍ତ୍ତବ୍ୟ ପରସ୍ପର ସହତି ଜଡ଼ିତ। ଏହା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଯାହା କେତେକ ଲୋକଙ୍କ ପାଇଁ ଅଧିକାର ତାହା ଅନ୍ୟକେତେକଙ୍କ ପାଇଁ କର୍ତ୍ତବ୍ୟ ଅଟେ।
- ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ମାନବିକ ଅଧିକାର ଉପରେ ଗୁରୁତ୍ୱ ଆରୋପ କରାଯାଇଅଛି। ୧୯୪୮ ମସିହା ଡ଼ିସେମ୍ବର ୧୦ ତାରିଖ ଦିନ ମାନବିକ ଅଧିକାର ଘୋଷଣାନାମା ସମସ୍ତ ସଭ୍ୟ ରାଷ୍ଟ୍ର ଦ୍ୱାରା ଗୃହୀତ ହେଲା। ଏଥିରେ ୨୭ଟି ଧାରା ସନ୍ନିବେଶିତ ହୋଇଅଛି। ୧୯୬୬ ମସିହାରେ ଏହାକୁ ଆଇନର ପରିସରଭୁକ୍ତ କରାଗଲା।

ଆଦର୍ଶ ପ୍ରଶ୍ନାବଳୀ

('କ' - ବିଭାଗ)

୧. ତ୍ରୁଟିପୂର୍ଣ୍ଣ ବାକ୍ୟଗୁଡ଼ିକୁ ସଂଶୋଧନ କର :

(କ) 'ଅବକାଶ ଏବଂ ବିଶ୍ରାମ ନେବାର ଅଧିକାର'କୁ ସାମାଜିକ ଅଧିକାର କୁହାଯାଏ ।

(ଖ) 'ଧର୍ମଗତ ସ୍ୱାଧୀନତାର ଅଧିକାର'– ରାଜନୈତିକ ଅଧିକାରର ଅନ୍ତର୍ଗତ ।

(ଗ) 'ଆତଙ୍କବାଦ' ମାନବିକ ଅଧିକାରକୁ ଉଲ୍ଲଂଘନ କରେ ନାହିଁ ।

୨. ଶୁନ୍ୟସ୍ଥାନ ପୂରଣ କର :

(କ) ଅଧିକାର ହେଉଛି ଏମିତି ଏକ ଜିନିଷ, ଯାହାର _________ ବିନା ମନୁଷ୍ୟ ବଂଚିବା ଦୁର୍ବିଷହ ବୋଧକରେ ।

(ଖ) ଗୋଟିଏ ରାଷ୍ଟ୍ରରେ _________ ମାନେ କେବଳ ରାଜନୈତିକ ଅଧିକାର ଉପଭୋଗ କରିଥାନ୍ତି ।

(ଗ) 'ସାର୍ବଜନୀନ ମାନବାଧିକାର ଘୋଷଣା' _________ ମସିହାରେ ଗୃହୀତ ହେଲା ।

(ଘ) _________ ଦିନ ମାନବାଧିକାର ଦିବସ ପାଳନ କରାଯାଏ ।

୩. ବିବିଧ ଉତ୍ତର ଚୟନ ପ୍ରଶ୍ନାବଳୀ :

(କ) 'ମତଦାନ ଅଧିକାର' କେଉଁ ଅଧିକାରର ଅନ୍ତର୍ଗତ ?
(i) ସାମାଜିକ (ii) ରାଜନୈତିକ (iii) ଅର୍ଥନୈତିକ (iv) ଆଇନଗତ

(ଖ) 'କାର୍ଯ୍ୟକରିବାର ଅଧିକାର'କୁ କେଉଁ ଅଧିକାର କୁହାଯାଏ ?
(i) ଅର୍ଥନୈତିକ (ii) ସାମାଜିକ (iii) ରାଜନୈତିକ (iv) ଉପରୋକ୍ତ ସମସ୍ତ

(ଗ) ମାନବାଧିକାରର ସାର୍ବଜନୀନ ଘୋଷଣା କେବେ ହୋଇଥିଲା ?
(i) ଡିସେମ୍ବର ୧୦, ୧୯୪୮ (ii) ଡିସେମ୍ବର ୧୦, ୧୯୫୦
(iii) ଡିସେମ୍ବର ୩୦, ୧୯୪୮ (iv) ଅକ୍ଟୋବର ୨୪, ୧୯୪୫

(ଘ) ଭାରତରେ 'ଜାତୀୟ ମାନବାଧିକାର କମିଶନ' କେବେ ଗଠିତ ହୋଇଥିଲା ?
(i) ୧୯୯୦ (ii) ୧୯୯୧ (iii) ୧୯୯୪ (iv) ୧୯୯୫

୪. କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନାବଳୀ :

(କ) 'ଅଧିକାର' ତତ୍ତ୍ୱର ବ୍ୟାଖ୍ୟାକର ।

(ଖ) 'ମାନବିକ ଅଧିକାର' କ'ଣ ?

(ଗ) 'ସାମାଜିକ ଅଧିକାର' କାହାକୁ କୁହାଯାଏ ?

୫. ଅତି କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନାବଳୀ :

(କ) 'ଅଧିକାର'ର ସଂଜ୍ଞା ନିରୂପଣ କର ?

(ଖ) 'କର୍ତ୍ତବ୍ୟ' କହିଲେ ଆମେ କ'ଣ ବୁଝୁ ?

(ଗ) ରାଜନୈତିକ ଅଧିକାର ସବୁ କ'ଣ କ'ଣ ?

(ଘ) 'ଅଧିକାର ଏବଂ କର୍ତ୍ତବ୍ୟ' କିପରି ପରସ୍ପର ସମ୍ବନ୍ଧୀତ–ଆଲୋଚନା କର ।

('ଖ' - ବିଭାଗ)

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନାବଳୀ :

୧. 'ଅଧିକାର'ର ସଂଜ୍ଞା ନିରୂପଣ କର ? ଏହା କେତେ ପ୍ରକାରର ?

୨. 'ମାନବିକ ଅଧିକାର' କହିଲେ ଆମେ କ'ଣ ବୁଝୁ ? ଏହାକୁ କିପରି ସଂରକ୍ଷିତ କରାଯାଇ ପାରିବ ?

ଅଷ୍ଟମ ଅଧ୍ୟାୟ

ଧର୍ମନିରପେକ୍ଷତା (SECULARISM)

ଯେଉଁ ରାଷ୍ଟ୍ରରେ ବହୁ ଜାତି, ଧର୍ମ, ସମ୍ପ୍ରଦାୟ ଓ ସଂସ୍କୃତିର ସମାବେଶ ଘଟିଛି; ଧର୍ମନିରପେକ୍ଷତା ସେହି ରାଷ୍ଟ୍ର ପାଇଁ ଏକାନ୍ତ ଆବଶ୍ୟକ। ବିଗତ ତିନି ଦଶନ୍ଧି ଧରି, ଧର୍ମନିରପେକ୍ଷ ରାଷ୍ଟ୍ରଗୁଡ଼ିକ ବାସ୍ତବରେ ସବୁଠାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି 'ରାଜନୈତିକ ଧର୍ମନିରପେକ୍ଷତା' ମତବାଦ ଯାହା ସେମାନଙ୍କୁ ସୁରକ୍ଷା ଦେଇଆସୁଥିଲା, ତାହା ମଧ୍ୟ ବିଭିନ୍ନ ସମାଲୋଚନାର ଶିକାର ହୋଇଅଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଧର୍ମନିରପେକ୍ଷ ରାଷ୍ଟ୍ର ଓ ସେମାନଙ୍କ ଆଦର୍ଶ 'ରାଜନୈତିକ ଧର୍ମନିରପେକ୍ଷ' ବାସ୍ତବରେ ସର୍ବତ୍ର ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଛି। ୧୯୭୯ ମସିହାର ପ୍ରତିଷ୍ଠିତ ଇରାନ୍‌ର ଆଧୁନିକ ଧର୍ମଶାସନ, ଧର୍ମନିରପେକ୍ଷତାକୁ ଏକ ଶକ୍ତ ଧକ୍କା ଦେଇଛି। ୧୯୮୦ ମସିହାର ଶେଷ ଭାଗରେ ଇଜିପ୍ଟ, ସୁଦାନ୍, ଆଲ୍‌ଜେରିଆ, ଟ୍ୟୁନେସିଆ, ଓଥିଓପିଆ, ନାଇଜେରିଆ, ସେନେଗାଲ୍, ତୁର୍କୀ, ଆଫଗାନିସ୍ଥାନ, ପାକିସ୍ଥାନ, ଏପରି କି ବଙ୍ଗଳାଦେଶରେ ଦେଶରେ ମଧ୍ୟ ଇସ୍‌ଲାମୀୟ ରାଜନୈତିକ ଆନ୍ଦୋଳନର ସୂତ୍ରପାତ ହୋଇଛି।

ପ୍ରାରମ୍ଭରୁ, ମୁସଲ୍‌ମାନମାନେ ଧର୍ମନିରପେକ୍ଷ ରାଷ୍ଟ୍ରମାନଙ୍କ ବିରୁଦ୍ଧରେ ଆନ୍ଦୋଳନ ଜାରି ରଖିଥିଲେ। ଧର୍ମନିରପେକ୍ଷତାକୁ ନିନ୍ଦା କରି କେନିଆ, ଗୁଆଟେମାଲା ଓ ଫିଲିପାଇନସ୍‌ରେ ମଧ୍ୟ ଖ୍ରୀଷ୍ଟିୟ ପ୍ରୋଟେଷ୍ଟାଣ୍ଟ, ଶ୍ରୀଲଙ୍କାରେ ସିଂହଳି ବୌଦ୍ଧଧର୍ମାବଲମ୍ବୀ, ଆମେରିକାରେ ଖ୍ରୀଷ୍ଟିୟ ପ୍ରୋଟେଷ୍ଟାଣ୍ଟ, ଭାରତରେ ହିନ୍ଦୁ ଜାତୀୟବାଦୀ ଓ ପଞ୍ଜାବରେ (ଭାରତ) ଶିଖ୍ ଜାତୀୟବାଦୀମାନେ ଧର୍ମନିରପେକ୍ଷତା ବିରୁଦ୍ଧରେ ଏକ ଦୃଢ଼ ଶକ୍ତି ରୂପେ ଉଭା ହୋଇଛନ୍ତି। କାନାଡ଼ା ଓ ବ୍ରିଟେନ୍‌ରେ ମଧ୍ୟ କିଛି ଜନସାଧାରଣ ରାଷ୍ଟ୍ର ଓ ଧର୍ମର ପୃଥକୀକରଣ ନେଇ ସ୍ୱର ଉତ୍ତୋଳନ କରିଛନ୍ତି।

ଉପରୋକ୍ତ ଘଟଣାବଳୀରୁ ଏହା ସୁସ୍ପଷ୍ଟ ଯେ, ପାଶ୍ଚାତ୍ୟ ରାଜନୈତିକ ଧର୍ମନିରପେକ୍ଷ ଚିନ୍ତାଧାରା, ସମସ୍ତଙ୍କ ଦ୍ୱାରା ଆଦୃତ ହୋଇ ନାହିଁ। ଏପରିକି ୟୁରୋପରେ ମଧ୍ୟ ଏହାକୁ ଦୃଢ଼ ବିରୋଧ କରାଯାଇଛି।

ଏହା ସର୍ବସମ୍ମତି କ୍ରମେ ଗ୍ରହଣଯୋଗ୍ୟ ଯେ ଆଧୁନିକ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକ ଧର୍ମନିରପେକ୍ଷ ହେବା ଉଚିତ। କିନ୍ତୁ ଏଥିରେ କିଛି ମାନବକୈନ୍ଦ୍ରିକ ସମସ୍ୟା ରହିଛି। ତାତ୍ତ୍ୱିକ ଓ ବାସ୍ତବ ଦୃଷ୍ଟିକୋଣରୁ 'ଧର୍ମନିରପେକ୍ଷତା' ଓ 'ଧର୍ମନିରପେକ୍ଷୀକରଣ' ଏଇ ଦୁଇ ଶବ୍ଦ ଦ୍ୱନ୍ଦ୍ୱାତ୍ମକ। ସମାଜ ବିଜ୍ଞାନରେ 'ଧର୍ମନିରପେକ୍ଷତା', 'ଧର୍ମନିରପେକ୍ଷ' ଓ 'ଧର୍ମନିରପେକ୍ଷୀକରଣ' ଏଇ ତିନୋଟି ଶବ୍ଦ ପ୍ରାୟତଃ ସମ ଅର୍ଥରେ ବ୍ୟବହାର କରାଯାଏ। 'ଧର୍ମନିରପେକ୍ଷତା' ଶବ୍ଦର କୌଣସି ସଂକ୍ଷିପ୍ତ ସଂଜ୍ଞା ନାହିଁ। ଏହାର ଆଭିଧାନିକ ଅର୍ଥରେ 'ଧର୍ମନିରପେକ୍ଷତା' ଜାଗତିକ କିନ୍ତୁ ଏହା କୌଣସି ଧର୍ମ ଓ ପବିତ୍ରତା ସଂକ୍ରାନ୍ତୀୟ ବିଷୟକୁ ବିରୋଧ କରେ।

ଧର୍ମନିରପେକ୍ଷତା ହେଉଛି ଏକ ମତବାଦ ଯାହା ଧର୍ମକୁ ପ୍ରତ୍ୟାଖ୍ୟାନ କରିବା ସଙ୍ଗେ ସଙ୍ଗେ ସୁଚାଇଥାଏ ଯେ ରାଷ୍ଟ୍ର ଓ ଧର୍ମ ମଧ୍ୟରେ କୌଣସି ସମ୍ପର୍କ ନାହିଁ। ସଂକ୍ଷେପରେ ଏହା ବୁଝାଏ ଯେ, ଆଧ୍ୟାତ୍ମିକତା, ନାଗରିକତା, ଚର୍ଚ୍ଚ ସମ୍ପର୍କିତ କିମ୍ବା ଧର୍ମ ସମ୍ପର୍କିତ କୌଣସି ବିଷୟ ସହ ଏହାର ସମ୍ପୃକ୍ତି ନାହିଁ।

ଊନବିଂଶ ଶତାବ୍ଦୀର ମଧ୍ୟ ଭାଗରେ ଜର୍ଜ ଜାକୋବ୍ ହୋଲ୍ୟୋକଙ୍କ (୧୮୧୭-୧୯୦୬) ଦ୍ୱାରା ''ସେକୁଲାରିଜିମ୍'' (ଧର୍ମନିରପେକ୍ଷତା) ଶବ୍ଦ ପ୍ରଥମେ ବ୍ୟବହାର କରାଯାଇଥିଲା। କିଛି ଲୋକଙ୍କ ମତରେ ଏହା ଲାଟିନ ଶବ୍ଦ Saecularisରୁ ଆନୀତ। ଯାହାର ଅର୍ଥ ହେଲା ଯୁଗ ବା ପିଢି କିମ୍ବା ଶତାବ୍ଦୀର ପରିବର୍ତ୍ତନ। କିନ୍ତୁ Saecularis ଶବ୍ଦ ଅପେକ୍ଷା ବର୍ତ୍ତମାନର Secular ଶବ୍ଦ ଲାଟିନ ଶବ୍ଦ Laicus (ଫରାସୀ ଶବ୍ଦ Laicite)ରୁ ଆନୀତ ହୋଇଛି। ଇଂରାଜୀ ଭାଷା Laic ଶବ୍ଦ ମୂଳ ହେଲା Laicus, ଯାହାର ଅର୍ଥ ହେଲା, ଯାହା ଧର୍ମଠାରୁ ଦୂରରେ ବା ଧର୍ମ ସହିତ କୌଣସି ସମ୍ପର୍କ ନଥାଏ। Wikipedia ଅନୁସାରେ ଶାସନ ଧର୍ମବିଜଡ଼ିତ ବା ଧର୍ମ ଶାସନର ହସ୍ତକ୍ଷେପ ବାହାରକୁ ବୁଝାଏ। ସବୁ ଧର୍ମକୁ ସମାନ ଦୃଷ୍ଟିରେ ଦେଖାଯାଏ। ରାଷ୍ଟ୍ର ଓ ଧର୍ମକୁ ଅଲଗା ରଖାଯାଏ। ଫ୍ରାନ୍ସରେ ଏହାର ଅର୍ଥ ହେଲା ସର୍ବସାଧାରଣ ଅନୁଷ୍ଠାନମାନଙ୍କୁ (ବିଶେଷକରି ଶିକ୍ଷାନୁଷ୍ଠାନମାନଙ୍କୁ) ରୋମାନ କାଥଲିକ୍ ବା ଅନ୍ୟ ଧର୍ମର ପ୍ରଭାବରୁ ମୁକ୍ତରଖିବା। ସରକାର ସମ୍ବନ୍ଧୀୟ କୌଣସି ନୀତି ସମ୍ପର୍କରେ କୌଣସି ମନ୍ତବ୍ୟ ଦେବାରୁ ବିରତ ହୁଅନ୍ତି। ଧର୍ମ ଯଦି ନାଗରିକଙ୍କ ସାର୍ବଜନୀନ ଜୀବନକୁ ପ୍ରଭାବିତ କରୁଥାଏ ତାହାହେଲେ ରାଷ୍ଟ୍ର ହସ୍ତକ୍ଷେପ କରିପାରେ। ଏପ୍ରକାର ଫରାସୀ ଧର୍ମନିରପେକ୍ଷତା ରାଷ୍ଟ୍ରକୁ ଧର୍ମାନୁଷ୍ଠାନମାନଙ୍କର ଅନଧିକାର ହସ୍ତକ୍ଷେପରୁ ଓ ଧର୍ମାନୁଷ୍ଠାନମାନଙ୍କୁ ରାଜନୈତିକ କଳହ ଓ ବିବାଦ ପ୍ରଭାବରୁ ସୁରକ୍ଷିତ ରଖେ। Wikipedia ଅନୁସାରେ Secular ଶବ୍ଦର ଅର୍ଥ Laic ଠାରୁ ଅଲଗା। Secular ଅର୍ଥ ରାଷ୍ଟ୍ରଠାରୁ ଧର୍ମକୁ ପୂରାପୂରି ଅଲଗା ରଖିବା। ସର୍ବସାଧାରଣ ଧର୍ମର ସମସ୍ତ ବନ୍ଧନରୁ ମୁକ୍ତ। ଲୋକଙ୍କ ପାଇଁ ନେଉଥିବା ନିଷ୍ପତ୍ତି ଉପରେ ଧର୍ମର କୌଣସି ପ୍ରଭାବ ରହିବ ନାହିଁ। ସେକ୍ୟୁଲାର୍ ଅର୍ଥ ହେଲା ସରକାର ଧର୍ମକୁ ପୂରାପୂରି ଉପେକ୍ଷା କରେ କିନ୍ତୁ ଲେଏକ୍ ଅର୍ଥରେ ଧର୍ମ ଓ ରାଷ୍ଟ୍ରକୁ ପୃଥକ କରାଯାଇଥାଏ। ସେଥିପାଇଁ ପ୍ରଚଳିତ ଧର୍ମନିରପେକ୍ଷବାଦ ଶବ୍ଦ ସାଏକ୍ୟୁଲାରିସ୍ ଅପେକ୍ଷା ଲାଇକସ୍‌ରୁ ଅନୀତ ବୋଲି କହିବା ଅଧିକ ପ୍ରଜୁଯ୍ୟ।

ସଂଜ୍ଞା (Definitions) :

'ଧର୍ମନିରପେକ୍ଷ' ଶବ୍ଦକୁ ବିଭିନ୍ନ ଦାର୍ଶନିକ ବିଭିନ୍ନ ଅର୍ଥରେ ବ୍ୟାଖ୍ୟା କରିଛନ୍ତି। 'ସେକୁଲାମ୍' ଶବ୍ଦ ପୁନଃ ପ୍ରସ୍ତାବ କରେ ଯେ, ରାଷ୍ଟ୍ର, ନୈତିକତା ଓ ଶିକ୍ଷା.... ଇତ୍ୟାଦି ଧର୍ମ ଠାରୁ ସ୍ୱାଧୀନ ହେବା ଉଚିତ୍। (ହୋଲ୍ୟୋକଙ୍କ ସାମାଜିକ, ନୈତିକ ବ୍ୟବସ୍ଥା)

କୋଲିନ୍ସଙ୍କ ଜାତୀୟ ଅଭିଧାନ ଅନୁସାରେ 'ଧର୍ମନିରପେକ୍ଷତା' ହେଉଛି ଏକ ନୈତିକ ମତବାଦ ଯାହା ଧର୍ମଗତ ବିଶ୍ୱାସ ଓ ଚିନ୍ତାଧାରା ଠାରୁ ସ୍ୱାଧୀନ ଥିବା କିଛି ନୈତିକ ନୀୟମାବଳୀକୁ ବୁଝାଏ।

ବିଂଶ ଶତାବ୍ଦୀର ୱେବ୍‌ଷ୍ଟରଙ୍କ ଅଭିଧାନ ଅନୁଯାୟୀ 'ଧର୍ମନିରପେକ୍ଷତା' ହେଉଛି ଏକ ଚିନ୍ତାଧାରା, ଯାହା ସୂଚାଏ ଯେ, ରାଷ୍ଟ୍ର ଓ ସାଧାରଣ ଶିକ୍ଷା କ୍ଷେତ୍ରରେ ଧର୍ମ ଓ ଚର୍ଚ୍ଚ ସମ୍ବନ୍ଧୀୟ ବ୍ୟାପାର ପ୍ରବେଶ କରିବା ଅନୁଚିତ୍।

ବ୍ଲାକ୍‌ସିଲ୍‌ଡଙ୍କ ମତରେ 'ଧର୍ମନିରପେକ୍ଷତା'ର ଅର୍ଥ ହେଲା ଧାର୍ମିକ ସ୍ୱାଧୀନତା ସହନଶୀଳତା ଓ ଯୁକ୍ତିବାଦ, ବାସ୍ତବବାଦ ଓ ମାନବବାଦ ଭାବନା ପ୍ରତି ସମ୍ମାନ ପ୍ରଦର୍ଶନ କରିବା।

ନୂତନ ଇଂରାଜୀ ଅଭିଧାନ ସୂଚାଏ ଯେ 'ଧର୍ମନିରପେକ୍ଷତା' ହେଉଛି ଧର୍ମ ସହ ସମ୍ପୃକ୍ତିର ଅନୁପସ୍ଥିତି। ଏହା ଆଧ୍ୟାତ୍ମିକ ନୁହେଁ କିନ୍ତୁ ପାର୍ଥିବ, ସାଂସାରିକ କିମ୍ବା ଜାଗତିକ।

ଡି.ଇ. ସ୍ମିଥ୍‌ଙ୍କ ମତରେ ''ଧର୍ମୀୟ ବିବିଧତା କ୍ଷେତ୍ରରେ, ସାମାଜିକ ସ୍ଥିରତା ଓ ଐକ୍ୟବଦ୍ଧ ବଜାୟ ରଖିବା ପାଇଁ ଗଣତାନ୍ତ୍ରିକ, ଧର୍ମନିରପେକ୍ଷ ରାଷ୍ଟ୍ର ହେଉଛି ଏକ ସମାଧାନ।''

ଏସ୍.ପି. ଆୟର୍‌ଙ୍କ ଉକ୍ତି ଅନୁଯାୟୀ, ''ଜାତି, ଧର୍ମ, ବର୍ଣ୍ଣ ଓ ଭାଷା ଦୃଷ୍ଟିକୋଣରୁ ବିଭାଜିତ ହୋଇଥିବା ଭାରତୀୟ ଉପମହାଦେଶର ଲୋକମାନଙ୍କ ମଧ୍ୟରେ ଏକତା ଓ ସ୍ଥିରତା ବଜାୟ ରଖିବା, ଧର୍ମନିରପେକ୍ଷତା ଉପରେ ନିର୍ଭର କରେ।''

ଡଃ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଲେଖା (1947) ଅନୁଯାୟୀ ''ଧର୍ମନିରପେକ୍ଷତା' ହେଉଛି ଆମ ସମୟର ମୁଖ୍ୟ ଦୁର୍ବଳତା।'' ଭାରତର 'ଧର୍ମଗତ ନିରପେକ୍ଷତା' ଓ 'ଧର୍ମନିରପେକ୍ଷତା' କିମ୍ବା 'ନାସ୍ତିକତା' ମଧ୍ୟରେ କୌଣସି ଦ୍ୱନ୍ଦ ରହିବା ଅନୁଚିତ। 'ଧର୍ମନିରପେକ୍ଷତା'କୁ ଏଠାରେ ଭାରତର ପ୍ରାଚୀନ ଧର୍ମୀୟ ପରମ୍ପରା ଅନୁଯାୟୀ ବର୍ଣ୍ଣନା କରାଯାଇଛି।

'ବସୁଧୈବ କୁଟୁମ୍ବକଂ'

ଲୋକା ସମସ୍ତା ସୁଖୀନୋ ଭବନ୍ତୁ।'

ଡେଭିଡ୍ ମାର୍ଟିନ୍‌ଙ୍କ ଭାଷାନୁସାରେ ''କୌଣସି ଧର୍ମନିରପେକ୍ଷ ବ୍ୟକ୍ତି, ବିଶ୍ୱାସ ଓ ଭାବପ୍ରବଣତା ଦ୍ୱାରା ପରିଚାଳିତ ନ ହୋଇ ତର୍କୀୟ ଜ୍ଞାନ ଦ୍ୱାରା ପରିଚାଳିତ ହୋଇଥାଏ। ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହା ବ୍ୟକ୍ତିର ସାମାଜିକ ଜୀବନର ପରିବର୍ତ୍ତନ କରିବା ସଙ୍ଗେ ସଙ୍ଗେ ଧର୍ମୀୟ ଚେତନାର ବିଦୃପ କରିଥାଏ।

ଜବାହାରଲାଲ୍ ନେହେରୁଙ୍କ ମତ ଅନୁଯାୟୀ, ଭାରତ ଭଳି ଏକ ମହାନ ଦେଶରେ, ଯେଉଁଠି ଆବହମାନ କାଳରୁ ବହୁ ଧର୍ମର ସମନ୍ୱୟ ଘଟିଆସିଛି, ସେଠାରେ 'ଧର୍ମନିରପେକ୍ଷତା' ବିନା କୌଣସି ସରକାର ସନ୍ତୋଷଜନକ ଭାବେ କାର୍ଯ୍ୟ ସମ୍ପାଦନ କରିପାରିବେ ନାହିଁ। ଜାତୀୟ ଏକତା ଓ ସ୍ଥିରତା ଦୃଷ୍ଟିକୋଣରୁ ଧର୍ମନିରପେକ୍ଷ ରାଷ୍ଟ୍ର ହେଉଛି ଏକ ବାସ୍ତବ ସମାଧାନ। ଧର୍ମନିରପେକ୍ଷତା ବିନା ଅନ୍ୟ କୌଣସି ବ୍ୟବସ୍ଥା ରାଷ୍ଟ୍ରୀୟ ଏକତା ଓ ପ୍ରଗତିରେ ବାଧା ସୃଷ୍ଟି କରିବ।

ଭାରତୀୟ ସମ୍ବିଧାନ ନିମ୍ନୋକ୍ତ ମତେ 'ଧର୍ମନିରପେକ୍ଷତା'ର ଅର୍ଥ ପ୍ରଦାନ କରିଛି। ଯଥା:

(i) ଏହା ଧର୍ମୀୟ ନରିପେକ୍ଷତାକୁ ସୂଚାଇଥାଏ।

(ii) ଏହା ଧର୍ମ ଠାରୁ ଉର୍ଦ୍ଧ୍ୱରେ।

(iii) ଏହା ଏକ ଧର୍ମ ରହିତ ରାଷ୍ଟ୍ରର ପରିକଳ୍ପନା କରିଥାଏ। ଏଣୁ ଏହା ରାଷ୍ଟ୍ର ଓ ଧର୍ମର ପୃଥକୀକରଣକୁ ସୂଚାଇଥାଏ କିମ୍ବା ବୁଝାଏ।

ଉପରୋକ୍ତ ସଂଜ୍ଞାଗୁଡ଼ିକରୁ ଏହା ସୁସ୍ପଷ୍ଟ ଯେ ଧର୍ମନିରପେକ୍ଷତା ମୁଖ୍ୟତଃ ଦୁଇଟି ଉପାଦାନ ଉପରେ ପର୍ଯ୍ୟବେଶିତ। ଯଥା :

(୧) ରାଜନୀତି ଠାରୁ ଧର୍ମର ପୃଥକୀକରଣ

(୨) ଧର୍ମକୁ ସମ୍ପୂର୍ଣ୍ଣ ଓ ନିୟମନିଷ୍ଠ ଭାବେ ଗ୍ରହଣ କରିବା, ଏହା ବ୍ୟକ୍ତିର ନିଜସ୍ୱ ବ୍ୟାପାର, ଯେଉଁଠି ରାଷ୍ଟ୍ରର କ୍ୱଚିତ୍ ସମ୍ପୃକ୍ତି ଥାଏ।

ଏ ଦୃଷ୍ଟିରୁ 'ଧର୍ମନିରପେକ୍ଷତା' ଧର୍ମୀୟ, ଅଧର୍ମୀୟ କିମ୍ବା ଧର୍ମ-ବିରୋଧୀ ନୁହେଁ। କିନ୍ତୁ ସମସ୍ତ ଧର୍ମୀୟ ମତବାଦର ଉର୍ଦ୍ଧ୍ୱରେ। ପରନ୍ତୁ, ଏହା ସବୁ ଧର୍ମକୁ ସମାନ ମର୍ଯ୍ୟାଦା ପ୍ରଦାନ କରିଥାଏ ଓ ସମସ୍ତ ଧର୍ମ ପ୍ରତି ସମଭାବ ପୋଷଣ କରିଥାଏ। ଧର୍ମନିରପେକ୍ଷତା, କୌଣସି ଧର୍ମର ସତ୍ୟତା ପ୍ରତି ସ୍ୱୀକୃତି ପ୍ରଦାନ କରେ ନାହିଁ କି ଅବମାନନା କରେ ନାହିଁ।

ହୋଲ୍ୟୋକଙ୍କ ମତ ଅନୁଯାୟୀ, ରାଜନୈତିକ ଦୃଷ୍ଟିକୋଣରୁ ଧର୍ମନିରପେକ୍ଷତାକୁ ବୁଝିବାକୁ ହେଲେ ରାଷ୍ଟ୍ର ଏବଂ ଚର୍ଚ୍ଚ, ପାର୍ଥିବ ଓ ଆଧ୍ୟାତ୍ମିକ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଘଟିଥିବା ଐତିହାସିକ ସଂଘର୍ଷର ପୃଷ୍ଠଭୂମିକୁ ଅନୁଧ୍ୟାନ କରିବାକୁ ହେବ।

ସାମାଜିକ ଦୃଷ୍ଟିକୋଣରୁ, ମନୁଷ୍ୟର ଜୀବନଶୈଳୀ ପ୍ରତି ଧର୍ମର ସ୍ୱେଚ୍ଛାଚାରୀ ପ୍ରଭାବ ବିରୁଦ୍ଧରେ 'ଧର୍ମନିରପେକ୍ଷତା' ହେଉଛି ଏକ ଆନ୍ଦୋଳନ। ଜୀବନ କ୍ଷେତ୍ରରେ ଧର୍ମର ସର୍ବକାଳୀନ ପ୍ରଭାବ ବିରୁଦ୍ଧରେ ମନୁଷ୍ୟମାନେ କ୍ରମଶଃ ସେମାନଙ୍କ ଅସନ୍ତୋଷ ବ୍ୟକ୍ତ କଲେ। ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ, ବିବେକ ଓ ବାସ୍ତବତା 'ଧର୍ମନିରପେକ୍ଷତା'କୁ ଜନ୍ମ ଦେଲା। ଧର୍ମନିରପେକ୍ଷତା ସପକ୍ଷରେ ତିନୋଟି ନ୍ୟାୟସଙ୍ଗତ ଯୁକ୍ତି ରହିଛି। ଯଥା:

(୧) ଧର୍ମ ଓ ଧର୍ମନିରପେକ୍ଷତା ପରସ୍ପର ସ୍ୱାଧୀନ କିନ୍ତୁ ଶତ୍ରୁ ନୁହଁନ୍ତି।

(୨) ଧର୍ମନିରପେକ୍ଷତା, ଧର୍ମର ଶତ୍ରୁ ଅଟେ। ତେଣୁ ଉଭୟେ ନୁହଁ, କୌଣସି ଗୋଟିଏ ତିଷ୍ଠି ରହିବା ଉଚିତ୍।

(୩) ସମ୍ପ୍ରଦାୟମାନଙ୍କ ମଧ୍ୟରେ ପରସ୍ପର ବୁଝାମଣା ଦ୍ୱାରା 'ଧର୍ମନିରପେକ୍ଷତା' ଓ 'ଧର୍ମ' ଉଭୟେ ଏକତ୍ର ଅବସ୍ଥାନ କରିପାରିବେ।

ଆନ୍ତଃ-ଧର୍ମୀୟ ଆଧିପତ୍ୟ :

'ଧର୍ମନିରପେକ୍ଷତା' ଧର୍ମଭିତ୍ତିକ ନୁହେଁ। ଭାରତୀୟ ପରିପ୍ରେକ୍ଷୀରେ ଏହାର ଅର୍ଥ ହେଲା ସର୍ବ ଧର୍ମର ସମାନତା ଓ ସହାବସ୍ଥାନ। ଆମ ସମ୍ବିଧାନ ଧର୍ମନିରପେକ୍ଷ ଶାସନ ବ୍ୟବସ୍ଥା ମାଧ୍ୟମରେ ସଂଖ୍ୟାଲଘୁ ସମ୍ପ୍ରଦାୟମାନଙ୍କୁ ସୁରକ୍ଷା ପ୍ରଦାନ କରିଛି। କିନ୍ତୁ ସଂଖ୍ୟାଗରିଷ୍ଠ ହିନ୍ଦୁମାନଙ୍କ ସାଂସ୍କୃତିକ ଦୃଢ଼ୀକରଣ ଓ ସଂଖ୍ୟାଲଘୁ ମୁସଲମାନ୍‌ମାନଙ୍କ ବିଚ୍ଛିନ୍ନତାବାଦ ଚିନ୍ତାଧାରା ଏଥିରେ ପ୍ରତିବନ୍ଧ ସାଜିଛି। ନିମ୍ନଲିଖିତ ଘଟଣାବଳୀରୁ ଏହା ସ୍ପଷ୍ଟ ପ୍ରତୀୟମାନ:

(୧) ଦିଲ୍ଲୀରେ ୬୭୦୦ରୁ ଅଧିକ ଶିଖ୍‌ମାନଙ୍କ ମୃତ୍ୟୁ।

(୨) ହଜାର ହଜାର କାଶ୍ମୀର ପଣ୍ଡିତ ଯେଉଁମାନେ ନିଜ ଘରଦ୍ୱାର ହରାଇ ବିସ୍ଥାପିତ ହୋଇଛନ୍ତି ଏବଂ ଅଦ୍ୟାବଧି ପ୍ରତ୍ୟାବର୍ତ୍ତନ କରିପାରିନାହାନ୍ତି।

(୩) ଅଯୋଧ୍ୟାର ରାମ ଜନ୍ମଭୂମି ଘଟଣା।

(୪) ଗୁଜରାଟର ଗୋଧ୍ରାଠାରେ ମୁସଲମାନ୍ ଗଣହତ୍ୟା

ରାଜନୈତିକ ଦଳମାନେ ନିଜର ରାଜନୈତିକ ଫାଇଦା ପାଇଁ ବିଭିନ୍ନ ଧାର୍ମିକ ସମ୍ପ୍ରଦାୟ ମଧ୍ୟରେ ସାମ୍ପ୍ରଦାୟିକ ବିଦ୍ୱେଷ ସୃଷ୍ଟି କରୁଛନ୍ତି। ଧାର୍ମିକ ପୁରୋଧାମାନେ ମଧ୍ୟ ଏଥିପାଇଁ ସମ ପରିମାଣରେ ଦାୟୀ ଅଟନ୍ତି। ଏ ସମସ୍ତ ଘଟଣା ଭାରତରେ କ୍ରମ ବର୍ଦ୍ଧିଷ୍ଣୁ ସାମ୍ପ୍ରଦାୟୀକରଣ ପାଇଁ ଦାୟୀ। ବାବରୀ ମସଜିଦ୍‌ର ଧ୍ୱଂସ ଆମ ଦେଶର ସ୍ୱୀକୃତ ଧର୍ମନିରପେକ୍ଷତା ପ୍ରତି ଏକ ଶକ୍ତ କୁଠାରଘାତ। ଏସବୁ ସାମ୍ପ୍ରଦାୟିକ ଶକ୍ତିକୁ ନିୟନ୍ତ୍ରଣ କରା ନ ଗଲେ ଭାରତର ଏକତା ବିପଦାପନ୍ନ। ଧର୍ମନିରପେକ୍ଷତାର ଭିତ୍ତିଭୂମିରେ ହିଁ ଭାରତ ତିଷ୍ଠି ରହିପାରିବ।

ଅନ୍ତ-ଧର୍ମୀୟ ଆଧିପତ୍ୟ :

କେତେକ ବିଶ୍ୱାସ କରନ୍ତି ଯେ, ଧର୍ମ ହେଉଛି ଜନସାଧାରଣଙ୍କ ପାଇଁ ଅଫିମ ସଦୃଶ। ଯେତେବେଳେ ଲୋକମାନଙ୍କ ମୌଳିକ ଆବଶ୍ୟକତା ପୂର୍ଣ୍ଣ ହୋଇଯିବ ଓ ସେମାନେ ସୁଖମୟ ଜୀବନଯାପନ କରିବେ, ସେତେବେଳେ ଧର୍ମ ଅପସରି ଯିବ। ଏହା ଏକ ଅତିରଞ୍ଜିତ ମତ। ଆମେ ନିଜ ପରମାୟୁ ବଢ଼ାଇ ଦେଇପାରୁ କିନ୍ତୁ ଅମର ହୋଇପାରିବା ନାହିଁ । ରୋଗ ସମ୍ପୂର୍ଣ୍ଣ ଭାବେ ବିଲୋପ ହୋଇପାରେ ନାହିଁ । ଭାଗ୍ୟ ଓ ଦୁର୍ଘଟଣାରୁ ମନୁଷ୍ୟ ମୁକ୍ତ ନୁହେଁ। ସୁଖ ଓ ଦୁଃଖ ଜୀବନର ଅଭିନ୍ନ ଅଙ୍ଗ । ଅଧିକାଂଶ ମନୁଷ୍ୟାକୃତ ଯନ୍ତ୍ରଣା ଏଡାଇ ଦିଆଯାଇପାରେ କିନ୍ତୁ ଦୈବୀକୃତ ଯନ୍ତ୍ରଣା ଦୂରେଇ ଦିଆଯାଇପାରିବ ନାହିଁ।

କେତେକ କ୍ଷେତ୍ରରେ କିଛି ନିର୍ଦ୍ଦିଷ୍ଟ ସମସ୍ୟା ପାଇଁ ଧର୍ମ ଦାୟୀ ରହିଥାଏ । ଉଦାହରଣ ସ୍ୱରୂପ, ଏମିତି କୌଣସି ଧର୍ମ ନାହିଁ, ଯାହା ଉଭୟ ପୁରୁଷ ଓ ମହିଳାମାନଙ୍କୁ ସମାନ ବିବେଚନା କରିଥାଏ। ହିନ୍ଦୁ-ଧର୍ମରେ ଦୀର୍ଘଦିନ ଧରି ଉଭୟଙ୍କ ମଧ୍ୟରେ ପାତର ଅନ୍ତର ନୀତି ପ୍ରଚଳିତ। ଆମ ଦେଶର କିଛି ଅଞ୍ଚଳରେ ଦଳିତମାନଙ୍କୁ ମନ୍ଦିର ପ୍ରବେଶ ମନା। ଏପରି କି ମହିଳାମାନେ ମଧ୍ୟ ମନ୍ଦିର ପ୍ରବେଶ କରିପାରନ୍ତି ନାହିଁ। ଧାର୍ମିକ ଉତ୍ସବ ସମୟରେ କିଛି ନିର୍ଦ୍ଦିଷ୍ଟ ରକ୍ଷଣଶୀଳ ବ୍ୟକ୍ତି ସମ୍ପୂର୍ଣ୍ଣ ଭାବେ ଉତ୍ସବକୁ ନିୟନ୍ତ୍ରଣ ଓ ପରିଚାଳନା କରନ୍ତି ଏବଂ ଏଥିପାଇଁ ଅନ୍ୟମାନଙ୍କୁ ସୁଯୋଗ ଦିଅନ୍ତି ନାହିଁ। ଏଭଳି କାର୍ଯ୍ୟକଳାପକୁ ବେଳେବେଳେ କିଛି ବ୍ୟକ୍ତି ନାପସନ୍ଦ ଓ ବିରୋଧ କରିଥାନ୍ତି। ଆମେରିକାର କିଛି ଅଞ୍ଚଳରେ ଧର୍ମୀୟମୌଳବାଦ ଏକ ବିରାଟ ସମସ୍ୟା ରୂପେ ମୁଣ୍ଡ ଟେକିଛି ଏବଂ ଏହା ଦେଶର ଭିତରେ ଓ ବାହାରେ ଶାନ୍ତି କ୍ଷୁର୍ଣ୍ଣ କରୁଛି। ଏଣୁ ବିଭିନ୍ନ ଧର୍ମ, ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇ ଗୋଷ୍ଠୀଗତ କନ୍ଦଳ ସୃଷ୍ଟି କରୁଛନ୍ତି।

ଉପରୋକ୍ତ ଆଲୋଚନାରୁ ଏହା ସୁସ୍ପଷ୍ଟ ଯେ, ଉଭୟ ଆନ୍ତଃ ଓ ଅନ୍ତ ଧର୍ମୀୟ କ୍ଷେତ୍ରରେ କୌଣସି ଏକ ଗୋଷ୍ଠୀ ଆଧିପତ୍ୟ ବିସ୍ତାର କରିଥାଏ। 'ଧର୍ମନିରପେକ୍ଷତା' ଏ ସମସ୍ତ ପ୍ରକାର ଆନୁଷ୍ଠାନିକ ଧର୍ମୀୟ ଆଧିପତ୍ୟକୁ ବିରୋଧ କରିଥାଏ। ଏକ ଧର୍ମନିରପେକ୍ଷ ସମାଜ ଆନ୍ତଃ-ଧର୍ମୀୟ ସ୍ୱାଧୀନତାକୁ ପ୍ରୋତ୍ସାହନ ଦେବା ସଙ୍ଗେ ସଙ୍ଗେ ସମସ୍ତ ଧର୍ମ ମଧ୍ୟରେ ସମାନତା ରକ୍ଷା କରିଥାଏ।

ଧର୍ମନିରପେକ୍ଷ ରାଷ୍ଟ୍ର

ସ୍ନେହ ଓ ଆଦର ସହ ପରସ୍ପରର ଉନ୍ନତି ପାଇଁ ମିଳିମିଶି ବଞ୍ଚିବା ଓ କାର୍ଯ୍ୟକରିବା ଧର୍ମୀୟ ଆଧିପତ୍ୟ ପ୍ରତିରୋଧ କରିବାର ଏକ ପନ୍ଥା। ମନୁଷ୍ୟମାନଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବା ପାଇଁ ଶିକ୍ଷା ହେଉଛି ଏକ ପ୍ରକୃଷ୍ଟ ମାଧ୍ୟମ। ପରସ୍ପର ପ୍ରତି ସାହାଯ୍ୟ ଓ ସହଯୋଗର, ବ୍ୟକ୍ତିଗତ ଉଦାହରଣ ସହ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଥିବା ଅସହିଷ୍ଣୁତା ଓ ସନ୍ଦେହ ଦୂର କରାଯାଇ ପାରିବ। ସାମ୍ପ୍ରଦାୟିକ ଦଙ୍ଗା ସମୟରେ ହିନ୍ଦୁମାନଙ୍କ, ମୁସଲମାନମାନଙ୍କ ପ୍ରତି ସୁରକ୍ଷା ଓ ମୁସଲମାନମାନଙ୍କ, ହିନ୍ଦୁମାନଙ୍କ ପ୍ରତି ସୁରକ୍ଷାର କାହାଣୀ ଯୁବପିଢ଼ିଙ୍କୁ ସତ୍‌ମାର୍ଗର ପ୍ରେରଣା ଦେଇଥାଏ। କିନ୍ତୁ ଏହା ଧର୍ମୀୟ ପକ୍ଷପାତିତା ଦୂର କରିବାରେ ଯଥେଷ୍ଟ ନୁହେଁ। ଆଧୁନିକ ଯୁଗରେ ରାଷ୍ଟ୍ରମାନଙ୍କର ଅସୀମ କ୍ଷମତା ରହିଛି। ସେମାନେ କିପରି କାର୍ଯ୍ୟ କରିବେ, ଏହା ଏକ ମୁଖ୍ୟ ପ୍ରଶ୍ନ? ରାଷ୍ଟ୍ରଗୁଡ଼ିକ ଏଭଳି ଭାବେ କାର୍ଯ୍ୟ କରିବା ଉଚିତ୍, ଯେଉଁଠାରେ ଆନ୍ତଃ-ସାମ୍ପ୍ରଦାୟିକ ସଂଘର୍ଷ ଓ ଧର୍ମୀୟ ପକ୍ଷପାତିତାର ସ୍ଥାନ ରହିବ ନାହିଁ।

ରାଷ୍ଟ୍ର କେଉଁଭଳି ଧର୍ମୀୟ ଆଧିପତ୍ୟକୁ ପ୍ରତିରୋଧ କରିବା ଉଚିତ? ପ୍ରାଥମିକ, ରାଷ୍ଟ୍ର କୌଣସି ଧର୍ମୀୟ ଶାସକ ଦ୍ୱାରା ପ୍ରତ୍ୟକ୍ଷଭାବେ ପରିଚାଳିତ ଶାସନକୁ ଧର୍ମଶାସନ କୁହାଯାଏ। ଉଦାହରଣ ସ୍ୱରୂପ, ମଧ୍ୟଯୁଗରେ

ୟୁରୋପର ପୋପ୍‌ଙ୍କ ଦ୍ୱାରା ଶାସିତ ରାଜ୍ୟ କିମ୍ବା ବର୍ତ୍ତମାନ ତାଲିବାନ୍ ନିୟନ୍ତ୍ରିତ ରାଜ୍ୟ, ଯେଉଁଠାରେ ଧର୍ମୀୟ ଓ ରାଜନୈତିକ ଅନୁଷ୍ଠାନମାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ଦେଖାଯାଏ ନାହିଁ। ଏଇ ରାଷ୍ଟ୍ରଗୁଡ଼ିକରେ ଅନ୍ୟ ଧର୍ମର ଲୋକମାନେ ଧର୍ମଗତ ସ୍ୱାଧୀନତା ନ ପାଇ ନିର୍ଯ୍ୟାତିତ ହୋଇଥାନ୍ତି। ଶାନ୍ତି, ସ୍ୱାଧୀନତା ଓ ସମାନତାର ପ୍ରକୃତ ମୂଲ୍ୟାୟନ ପାଇଁ ଧାର୍ମିକ ଅନୁଷ୍ଠାନଗୁଡ଼ିକ ରାଷ୍ଟ୍ରଠାରୁ ପୃଥକ୍ ରହିବା ଉଚିତ୍।

ଧର୍ମନିରପେକ୍ଷ ରାଷ୍ଟ୍ର ପାଇଁ କେବଳ ରାଷ୍ଟ୍ର ଓ ଧର୍ମ ମଧ୍ୟରେ ପୃଥକୀକରଣ ଯଥେଷ୍ଟ ନୁହେଁ। ଏଭଳି କିଛି ଧର୍ମଶାସନ ବିହୀନ ରାଷ୍ଟ୍ର ରହିଛି, ଯେଉଁଠାରେ ଶାସକ ଓ କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମ ମଧ୍ୟରେ ନିବିଡ଼ ସମ୍ପର୍କ ପରିଲକ୍ଷିତ ହୋଇ ନଥାଏ। ଉଦାହରଣଃ ଷୋଡ଼ଶ ଶତାବ୍ଦୀରେ ଇଂଲଣ୍ଡ କୌଣସି ଧର୍ମଯାଜକ ଦ୍ୱାରା ପ୍ରତ୍ୟେକ୍ଷଭାବେ ଶାସିତ ହେଉ ନ ଥିଲା କିନ୍ତୁ ଶାସକମାନଙ୍କ, ଏଙ୍ଗ୍ଲିକାନ୍ ଚର୍ଚ୍ଚ ସହ ନିବିଡ଼ ସମ୍ପର୍କ ଥିଲା। ଏଙ୍ଗ୍ଲିକାନ୍ ଖ୍ରୀଷ୍ଟଧର୍ମ ଇଂଲଣ୍ଡର ସରକାରୀ ସ୍ୱୀକୃତିପ୍ରାପ୍ତ ଧର୍ମ ଥିଲା। ବର୍ତ୍ତମାନ, 'ସୁନ୍ନି ଇସଲାମ୍' ପାକିସ୍ଥାନର ସରକାରୀ ସ୍ୱୀକୃତିପ୍ରାପ୍ତ ଧର୍ମ। ଏଭଳି ଶାସନରେ ଧାର୍ମିକ ସମାନତାର ଅଭାବ ପରିଲକ୍ଷିତ ହୋଇଥାଏ।

ତେଣୁ, ଗୋଟିଏ ପ୍ରକୃତ ଧର୍ମନିରପେକ୍ଷ ରାଷ୍ଟ୍ର କୌଣସି ଧର୍ମଯାଜକ ଦ୍ୱାରା ଶାସିନ ନ ହେବା ସଙ୍ଗେ ସଙ୍ଗେ କୌଣସି ଏକ ଧର୍ମ ସହ ମଧ୍ୟ ସମ୍ପର୍କ ନ ରଖିବା ଉଚିତ। ଶାନ୍ତି ଧାର୍ମିକ ସ୍ୱାଧୀନତା, ସାମାଜିକ ସୌହାର୍ଦ୍ଦ୍ୟ, ଆନ୍ତଃ ଓ ଅନ୍ତ ଧାର୍ମିକ ସମାନତା ଲକ୍ଷ୍ୟ ହାସଲ କରିବାକୁ ପ୍ରତିଶୃତିବଦ୍ଧ ହେବା ଏକ ଧର୍ମନିରପେକ୍ଷ ରାଷ୍ଟ୍ରର ମୂଳ ଉଦ୍ଦେଶ୍ୟ।

ଡି.ଇ. ସ୍ମିଥ୍‌ଙ୍କ ମତରେ ''ଗୋଟିଏ ଧର୍ମନିରପେକ୍ଷ ରାଷ୍ଟ୍ର, ବ୍ୟକ୍ତି, ଧର୍ମ ଓ ରାଷ୍ଟ୍ର ସମ୍ବନ୍ଧୀୟ ତିନୋଟି ପୃଥକ୍ ତଥାପି ପରସ୍ପର ସହ ଜଡ଼ିତ ଓ ଏକତ୍ର ଅବସ୍ଥାନ କରୁଥିବା ସମ୍ପର୍କକୁ ବୁଝାଏ।'' ଯଥା:

(୧) ଧର୍ମ ଓ ବ୍ୟକ୍ତି – ଧର୍ମୀୟ ସ୍ୱାଧୀନତା

(୨) ରାଷ୍ଟ୍ର ଓ ବ୍ୟକ୍ତି – ନାଗରିକତା

(୩) ରାଷ୍ଟ୍ର ଓ ଧର୍ମ – ରାଷ୍ଟ୍ର

ରେଖାଚିତ୍ର ମାଧ୍ୟମରେ ଏହାର ଉପସ୍ଥାପନା :



ପାଶ୍ଚାତ୍ୟ ନମୁନା :

ପାଶ୍ଚାତ୍ୟ ନମୁନାରେ 'ଧର୍ମନିରପେକ୍ଷତା' ଏକ ସାର୍ବଜନୀନ ମତବାଦ ଯାହା ରାଷ୍ଟ୍ର ଓ ଧର୍ମ ମଧ୍ୟରେ ସମ୍ପୂର୍ଣ୍ଣ ପୃଥକୀକରଣକୁ ବୁଝାଏ ଓ ଏହା ନୈତିକ ମୂଲ୍ୟବୋଧ ପାଇଁ ଉଦ୍ଦିଷ୍ଟ। ପାଶ୍ଚାତ୍ୟ ନମୁନା ଦୁଇ ଭାଗରେ ବିଭକ୍ତ। ଯଥା: (୧) ଫରାସୀ ନମୁନା ଓ (୨) ଆମେରିକୀୟ ନମୁନା।

ଫରାସୀ ନମୁନା : ଏହା ସୂଚାଏ ଯେ ରାଷ୍ଟ୍ର, ଧର୍ମ ଠାରୁ ପୃଥକ୍ ରହିବା ଉଚିତ୍ କିନ୍ତୁ ଧର୍ମୀୟ କାର୍ଯ୍ୟକଳାପରେ ହସ୍ତକ୍ଷେପ କରିବା କ୍ଷମତା, ରାଷ୍ଟ୍ର ନିଜ ପାଖରେ ରଖିଥାଏ। ଅପରପକ୍ଷେ, ରାଷ୍ଟ୍ରର କାର୍ଯ୍ୟକଳାପରେ ଧର୍ମ କୌଣସି ହସ୍ତକ୍ଷେପ କରିପାରେ ନାହିଁ। ଏଠାରେ ପୃଥକୀକରଣ ଏକତରଫା ବର୍ଜନକୁ ବୁଝାଏ। କୌଣସି ଧର୍ମୀୟ କାର୍ଯ୍ୟକଳାପକୁ ଦମନ କିମ୍ବା ସହାଯ୍ୟ କରିବା ଉଦ୍ଦେଶ୍ୟରେ ରାଷ୍ଟ୍ର ହସ୍ତକ୍ଷେପ କରିପାରେ। ଧର୍ମ, ରାଷ୍ଟ୍ରର ଆଇନ୍‌କାନୁନ୍ ପରିସରଭୁକ୍ତ। ଚର୍ଚ୍ଚମାନଙ୍କ ମାତ୍ରାଧିକ ଆଧିପତ୍ୟ ଯୋଗୁଁ ଏଭଳି ଚିନ୍ତାଧାରାର ଉଦ୍ରେକ ହୋଇଛି କିନ୍ତୁ ଧର୍ମ ପ୍ରତି ଅସମ୍ମାନ।

ଆମେରିକୀୟ ନମୁନା : ଏହି ନମୁନା ଅନୁସାରେ ପୃଥକୀକରଣର ଅର୍ଥ ହେଲା ପରସ୍ପରକୁ ବାଦ୍ ଦେବା। ରାଷ୍ଟ୍ର ଓ ଧର୍ମ କେହି କାହାର କାର୍ଯ୍ୟକଳାପରେ ହସ୍ତକ୍ଷେପ କରିପାରିବେ ନାହିଁ। ବିଭିନ୍ନ ଖ୍ରୀଷ୍ଟିୟ ସାମ୍ପ୍ରଦାୟିକ ସଂଘର୍ଷର ସମାଧାନ ସହ ସେମାନଙ୍କୁ ସମାନତା ପ୍ରଦାନ କରିବା ପାଇଁ ରାଷ୍ଟ୍ର ଓ ଧର୍ମ ପୃଥକ୍ ହେବା ଆବଶ୍ୟକ। ବ୍ୟକ୍ତିମାନଙ୍କୁ ଧାର୍ମିକ ସଙ୍ଗଠନ ସ୍ଥାପନା ଓ ପରିଚାଳନାର ସ୍ୱାଧୀନତା ପ୍ରଦାନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଧାର୍ମିକ ସ୍ୱାତନ୍ତ୍ରତା ପାଇଁ ରାଷ୍ଟ୍ର ଓ ଧର୍ମ ପରସ୍ପର ପୃଥକ୍ ରହିବା ଆବଶ୍ୟକ।

ଏହା ପୁଣି ସୂଚାଏଥାଏ ଯେ, ରାଷ୍ଟ୍ର କୌଣସି ଧାର୍ମିକ ଅନୁଷ୍ଠାନକୁ ସାହାଯ୍ୟ କରିପାରିବ ନାହିଁ। ଧାର୍ମିକ ସମ୍ପ୍ରଦାୟମାନଙ୍କ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନକୁ ଧାର୍ମିକ ସାହାଯ୍ୟ ପ୍ରଦାନ କରିପାରିବ ନାହିଁ। ଆଇନ ପରିସରଭୁକ୍ତ ସେମାନଙ୍କ କାର୍ଯ୍ୟକଳାପରେ ରାଷ୍ଟ୍ର କୌଣସି ବାଧା ସୃଷ୍ଟି କରିପାରିବ ନାହିଁ। ଧର୍ମ ହେଉଛି ବ୍ୟକ୍ତିର ବ୍ୟକ୍ତିଗତ ବ୍ୟାପାର। ଏହା ରାଷ୍ଟ୍ରର ନିୟମକାନୁନ୍ ଦ୍ୱାରା ପରିଚାଳିତ ହୁଏ ନାହିଁ। 'ସ୍ୱାତନ୍ତ୍ରତା'ର ଅର୍ଥ ହେଲା ବ୍ୟକ୍ତିର ସ୍ୱତନ୍ତ୍ରତା ଓ 'ସମାନତା'ର ଅର୍ଥ ହେଲା ବ୍ୟକ୍ତିମାନଙ୍କ ମଧ୍ୟରେ ସମାନତା। କୌଣସି ସମ୍ପ୍ରଦାୟର ସ୍ୱତନ୍ତ୍ରତା ଓ ସମାନତା ନାହିଁ । ରାଷ୍ଟ୍ରଭିତ୍ତିକ ଧାର୍ମିକ ସଂସ୍କାରର କୌଣସି ସ୍ଥାନ ନାହିଁ। ରାଷ୍ଟ୍ର ଓ ଧର୍ମ ମଧ୍ୟରେ ପରସ୍ପର ପୃଥକୀକରଣ ସେମାନଙ୍କ ସମ୍ପର୍କ।

ଭାରତରେ ଧର୍ମନିରପେକ୍ଷତା

ଭାରତ ଏକ ସାଂସ୍କୃତିକ, ଧର୍ମଗତ, ଭାଷାଗତ ଓ ଜାତିଗତ ବିବିଧତାର ବିଶାଳ ଦେଶ। ଏଠାରେ ଅନେକ ପ୍ରକାର ପ୍ରଥା, ପରମ୍ପରା, ଧାରଣା, ମୂଲ୍ୟବୋଧ ଓ ଉଚ୍ଚାଭିଳାଷ ପରିଲକ୍ଷିତ ହୋଇଥାଏ। ଏହା ସତ୍ତ୍ୱେ ଏଠାରେ ଏକ ହୃଦୟସ୍ପର୍ଶୀ ଏକତାର ପ୍ରଭାବ ମଧ୍ୟ ରହିଛି।

ଧର୍ମନିରପେକ୍ଷତା ସମ୍ପୂର୍ଣ୍ଣ ପାଶ୍ଚାତ୍ୟ ଚିନ୍ତାଧାରା ହୋଇଥିଲେ ମଧ୍ୟ ତାହା ଲର୍ଡ ୱିଲିୟମ୍ ବେଣ୍ଟିକ୍‌ଙ୍କ ସମୟରେ କିଛି ଇଂରେଜ ଉପଯୋଗବାଦୀମାନଙ୍କ ଦ୍ୱାରା ଭାରତୀୟ ଜନଜୀବନକୁ ପ୍ରଭାବିତ କରିଥିଲା। ଶିକ୍ଷାର ପ୍ରସାର ଓ ଗମନାଗମନର ବିକାଶ ସାମାଜିକ ଜୀବନ ଯାତ୍ରାରେ ସୁବିଧା ଆଣିଦେଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ମହାତ୍ମାଗାନ୍ଧିଙ୍କ

ଆଇନ ଅମାନ୍ୟ ଆନ୍ଦୋଳନ ଏହାକୁ ଅଧିକ ପ୍ରେରଣା ଦେଇଥିଲା । ୧୯୪୭ ମସିହାର ସ୍ୱାଧୀନତା ପ୍ରାପ୍ତି ପରେ ଲୋକମାନଙ୍କ ଚାହିଦାକୁ ପୁରଣ କରିବା ପାଇଁ ନୂତନ ଭାରତ ତା'ର ଧର୍ମନିରପେକ୍ଷ ଚିନ୍ତାଧାରାକୁ ପ୍ରଶସ୍ତ କରିବାକୁ ବାଧ୍ୟ ହେଲା । ସମ୍ବିଧାନର ମୂଳ ସଂସ୍ଥାପକମାନେ 'ଧର୍ମନିରପେକ୍ଷତା'କୁ ସରକାରୀ ସ୍ୱୀକୃତି ଦେବା ସହ ଭାରତକୁ ଏକ 'ଧର୍ମନିରପେକ୍ଷ' ରାଷ୍ଟ୍ର ଭାବେ ଘୋଷଣା କଲେ ।

ଭାରତୀୟ ପରିସ୍ଥିତିରେ 'ଧର୍ମନିରପେକ୍ଷତା'

ଭାରତର ସମ୍ବିଧାନ ଧର୍ମନିରପେକ୍ଷତାକୁ ସ୍ୱୀକୃତି ପ୍ରଦାନ କରିଛି । ଉକ୍ତ ଶବ୍ଦଟି ମୁଖବନ୍ଧରେ ସ୍ଥାନିତ ହୋଇ ଭାରତୀୟ ସାଧାରଣତନ୍ତ୍ରକୁ ଧର୍ମନିରପେକ୍ଷ ରୂପେ ବର୍ଣ୍ଣନା କରିଛି । ଭାବନା, କଥନ, ବିଶ୍ୱାସ, ଧାର୍ମିକ ଆନୁଗତ୍ୟ, ପୂଜା ଉପାସନାରେ ସ୍ୱାତନ୍ତ୍ର୍ୟ ଭାରତୀୟ ନାଗରିକମାନଙ୍କ ଧାର୍ମୀୟ ସ୍ୱାଧୀନତା ଅଧିକାରକୁ ନିଶ୍ଚିତ କରିଛି ।

ଭାରତ ସମ୍ବିଧାନର ତୃତୀୟ ଭାଗରେ 'ଧର୍ମନିରପେକ୍ଷ' ନୀତି ନିମ୍ନମତେ ପ୍ରତିଫଳିତ ହୋଇଛି । ଯଥା:

(୧) ବ୍ୟକ୍ତିର ଧର୍ମୀୟ ସ୍ୱାଧୀନତା ଅଧିକାର । (ଧାରା ୨୫-୨୮)

(୨) ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଜନ୍ମସ୍ଥାନ ନିର୍ବିଶେଷରେ ରାଷ୍ଟ୍ର ଠାରୁ ସମଆଚରଣ ପାଇବା ବ୍ୟକ୍ତିର ଅଧିକାର ।

(୩) ଧାର୍ମିକ ଓ ବଦାନ୍ୟ ଅନୁଷ୍ଠାନମାନଙ୍କ ସ୍ଥାପନା ଓ ପରିଚାଳନା ପାଇଁ ଧାର୍ମିକ ଗୋଷ୍ଠୀମାନଙ୍କୁ ଦିଆଯାଇଥିବା କିଛି ଅଧିକାର ।

(୪) କୌଣସି ଧର୍ମର ପ୍ରସାର ପାଇଁ ରାଷ୍ଟ୍ର ନିଜ ଅର୍ଥ ବିନିଯୋଗ କରିପାରିବ ନାହିଁ ।

ଉପରୋକ୍ତ ଦୃଷ୍ଟିକୋଣରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ହିନ୍ଦୁ ଟ୍ରଷ୍ଟ, ମୁସଲିମ୍ ଟ୍ରଷ୍ଟ ଓ ଶିଖ୍ ଗୁରୁଦ୍ୱାରର ପରିଚାଳନା ଓ ପ୍ରଶାସନିକ ଦାୟିତ୍ୱ ବହନ କରିବା ପାଇଁ ଧାର୍ମିକ ଗୋଷ୍ଠୀମାନଙ୍କୁ ସମ୍ବିଧାନ ସୁଯୋଗ ଦେଇଛି । ଭାରତୀୟ ଧର୍ମନିରପେକ୍ଷ ବ୍ୟବସ୍ଥା ସମସ୍ତ ଧାର୍ମିକ ସମ୍ପ୍ରଦାୟକୁ ସମର୍ଥନ କରିବା ସଙ୍ଗେ ସଙ୍ଗେ ଆର୍ଥିକ ସହାୟତା ପ୍ରଦାନ କରେ ଓ ସେମାନଙ୍କ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରେ । ଭାରତୀୟ ଧର୍ମନିରପେକ୍ଷ ବ୍ୟବସ୍ଥା ଚୀନ୍‌ର କମ୍ୟୁନିଷ୍ଟ ସର୍ବାଧିକାର ବ୍ୟବସ୍ଥା ଭଳି ନୁହେଁ । ଧର୍ମନିରପେକ୍ଷତା ଦୁଇଟି ଭିନ୍ନ ବିଷୟ ଉପରେ ପର୍ଯ୍ୟବେଶିତ । ଯଥା: (୧) ନୀତି ଓ (୨) ଆଦର୍ଶ । ବହୁ-ଧର୍ମୀୟ ସମାଜରେ, ଏହା ଆଧୁନିକ ରାଷ୍ଟ୍ରର ଏକ ନୀତି ବା କୌଶଳ । ସରକାର ସମସ୍ତ ନାଗରିକମାନଙ୍କ ପ୍ରତି ସମଆଚରଣ ପ୍ରଦର୍ଶନ କରିବା ଆବଶ୍ୟକ । ଧାର୍ମିକ ଦୃଷ୍ଟିକୋଣରୁ କାହା ପ୍ରତି ପାତରଅନ୍ତର ମନୋଭାବ ପୋଷଣ ନ କରି ସମସ୍ତଙ୍କୁ ଏକପ୍ରକାର ନିୟମ ଦ୍ୱାରା ଶାସନ କରିବା ଉଚିତ । ଅନ୍ୟ ଅର୍ଥରେ, ରାଷ୍ଟ୍ର ସମସ୍ତ ଧର୍ମ ଠାରୁ ସମଦୂରତ୍ୱ ବଜାୟ ରଖିବ ।

ପୁନଶ୍ଚ, ସମାନତା ଅଧିକାର (ଧାରା ୧୪-୧୭) ଓ ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର (ଧାରା ୨୯-୩୦) ଯଥେଷ୍ଟ ଭାବେ ଧର୍ମନିରପେକ୍ଷ ଚିନ୍ତାଧାରାକୁ ସ୍ୱୀକୃତି ପ୍ରଦାନ କରିବା ସଙ୍ଗେ ସଙ୍ଗେ ଭାରତର ସଂଖ୍ୟାଲଘୁ ସମ୍ପ୍ରଦାୟମାନଙ୍କୁ ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାରକୁ ସୁରକ୍ଷା ପ୍ରଦାନ କରୁଛି । ଏହି ପ୍ରକାର 'ମାନବଧର୍ମୀ' ଧର୍ମନିରପେକ୍ଷତା କେବଳ ଭାରତରେ ହିଁ ଦେଖାଯାଇଥାଏ ।

ଭାରତ ଏକ ଉଦାରବାଦୀ ଗଣତାନ୍ତ୍ରିକ, ଧର୍ମନିରପେକ୍ଷ ରାଷ୍ଟ୍ର ହୋଇଥିବାରୁ ଏହା ଧର୍ମନିରପେକ୍ଷତାର ନିମ୍ନଲିଖିତ ଆତ୍ୟାବଶ୍ୟକୀୟ ନୀତିଗୁଡ଼ିକୁ ଅନୁସରଣ କରେ । ଯଥା:

(୧) ସ୍ୱତନ୍ତ୍ରତାର ନୀତି	:	ଯାହାର ଅର୍ଥ ହେଲା ଯେ କୌଣସି ଧର୍ମ ଅବଲମ୍ବନ କରିବା ।
(୨) ସମାନତାର ନୀତି	:	ଯାହାର ଅର୍ଥ ହେଲା, କୌଣସି ଧର୍ମପ୍ରତି ରାଷ୍ଟ୍ରୀୟ ପୃଷ୍ଠପୋଷକତା ରହିବ ନାହିଁ ଓ ସବୁ ଧର୍ମ ପ୍ରତି ସମଦୃଷ୍ଟି ପ୍ରଦର୍ଶନ କରିବା ।
(୩) ନିରପେକ୍ଷତା ନୀତି	:	ଯାହାର ଅର୍ଥ ହେଲା, ରାଷ୍ଟ୍ର ସମସ୍ତ ଧର୍ମୀୟ ବିଶ୍ୱାସ, ସଙ୍ଗଠନ ଓ ଗୋଷ୍ଠୀର କାର୍ଯ୍ୟକଳାପରୁ ସମଦୂରତ୍ୱ ବଜାୟ ରଖିବା ।

ସାର୍ବଜନୀନ ସାବାଳକ ଭୋଟ ପ୍ରଥା, ଭାରତରେ ଧର୍ମନିରପେକ୍ଷତାକୁ ପ୍ରୋତ୍ସାହିତ କରିଥାଏ । ଜନପ୍ରତିନିଧି ଆଇନ୍ (୧୯୫୧) ଅନୁଚ୍ଛେଦ ୧୨୩(୩) ଅନୁଯାୟୀ ଧର୍ମ ଓ ଜାତି ଭିତ୍ତିରେ ଭୋଟଦାତାମାନଙ୍କୁ ଭୋଟ ଦେବା କିମ୍ବା ନ ଦେବା ପାଇଁ ପ୍ରବର୍ତ୍ତାଇବା ଏକ ଦଣ୍ଡନୀୟ ଅପରାଧ । ଏଣୁ, ଭାରତରେ ଧର୍ମନିରପେକ୍ଷତା ଓ ବ୍ୟକ୍ତିର ଧାର୍ମିକ ସ୍ୱାଧୀନତା ଏକତ୍ର ଗତି କରନ୍ତି ।

ଏକ ଅଦ୍ୱିତୀୟ ସାମାଜିକ-ସାଂସ୍କୃତି ଭିତ୍ତିଭୂମି ଓ ପରିସ୍ଥିତିକୁ ନେଇ ଭାରତୀୟ ଧର୍ମନିରପେକ୍ଷତା ଜନ୍ମଗ୍ରହଣ କରିଛି, ଯେଉଁଠି ବ୍ୟକ୍ତିର ଜୀବନଚର୍ଯ୍ୟା ଓ କାର୍ଯ୍ୟକଳାପ କ୍ଷେତ୍ରରେ ଧର୍ମନିରପେକ୍ଷତା ଠାରୁ ଧର୍ମକୁ ପୃଥକ୍ କରିବା ସହଜସାଧ୍ୟ ନୁହେଁ । ବ୍ୟକ୍ତିର ଜୀବନଚର୍ଯ୍ୟାରେ ନାଗରିକତା ଓ ବ୍ୟକ୍ତି ଭଳି ଧର୍ମନିରପେକ୍ଷତା ଓ ଧର୍ମ ଶାନ୍ତିପୂର୍ଣ୍ଣ ସହାବସ୍ଥାନ କରିଥାଏ ।

ସଂକ୍ଷେପରେ ଭାରତୀୟ ଧର୍ମନିରପେକ୍ଷତା ନିମ୍ନଲିଖିତ ତିନୋଟି ମୌଳିକ ଉପାଦାନ ଉପରେ ପର୍ଯ୍ୟବେଶିତ । ଯଥା :

(୧) ଧର୍ମଭିତ୍ତିକ ଶାସନ ବ୍ୟବସ୍ଥାକୁ ପ୍ରତ୍ୟାଖ୍ୟାନ କରିବା ସହ ଏକ ଧର୍ମନିରପେକ୍ଷ, ଉଦାରବାଦ, ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ନିଶ୍ଚିତ କରିବା ।

(୨) ଧର୍ମ, ସମ୍ପୂର୍ଣ୍ଣ ଭାବରେ ବ୍ୟକ୍ତିର ଏକ ବ୍ୟକ୍ତିଗତ ବ୍ୟାପାର ଓ ରାଷ୍ଟ୍ରର ଏଥିରେ କୌଣସି ଭୂମିକା ନାହିଁ ବୋଲି ଘୋଷଣା କରିବା ।

(୩) ଦେଶର ଏକତା ଓ ଅଖଣ୍ଡତାର ସୁରକ୍ଷା ସହ ବ୍ୟକ୍ତିମାନଙ୍କ ମଧ୍ୟରେ ଭାତୃତ୍ୱଭାବ ଦୃଢ଼ ନିଶ୍ଚିତ କରିବା ଏବଂ ଜାତି, ଧର୍ମ, ବର୍ଣ୍ଣ, ରଙ୍ଗ, ଭାଷା, ଜନ୍ମସ୍ଥାନ ଇତ୍ୟାଦି ନିର୍ବିଶେଷରେ ସମସ୍ତ ନାଗରିକଙ୍କୁ ସମାନତା ପ୍ରଦାନ କରିବା ।

ଭାରତର ଧର୍ମନିରପେକ୍ଷ ବ୍ୟବସ୍ଥା, ସମସ୍ତ ଧର୍ମପ୍ରତି ଶାନ୍ତିପୂର୍ଣ୍ଣ ଓ ସମ୍ମାନଜନକ ଉଦାସୀନତା ପ୍ରଦର୍ଶନ କରିଥାଏ ଏବଂ 'ମୌଳିକବାଦ ତତ୍ତ୍ୱ' ଓ 'ଧର୍ମୀୟ ସାମ୍ପ୍ରଦାୟିକତା' ଠାରୁ ସତର୍କତା ଓ ସମଦୂରତା ବଜାୟ ରଖିଥାଏ । ଏଣୁ ଭାରତରେ ଧର୍ମନିରପେକ୍ଷତାକୁ ଉଭୟ ଆଦର୍ଶ ଓ ବାସ୍ତବତା ରୂପେ ଗ୍ରହଣ କରାଯାଇଛି । ଜାତୀୟ ରାଜନୀତି ପରିପେକ୍ଷୀରେ ଧର୍ମନିରପେକ୍ଷତାକୁ ଏକ ଫଳପ୍ରଦ ଅସ୍ତ୍ର ରୂପେ ଗ୍ରହଣ କରିବା ପାଇଁ ଦୃଢ଼ ସଚେତନତା ସୃଷ୍ଟି କରାଯାଉଅଛି ।

ଏହା ସୁସ୍ପଷ୍ଟ ଯେ ଭାରତୀୟ ଧର୍ମନିରପେକ୍ଷତା 'ସବୁ ଧର୍ମ ପ୍ରତି ସମାନ ଆଦର', 'ସବୁ ଧର୍ମର ଶାନ୍ତିପୂର୍ଣ୍ଣ ସହାବସ୍ଥାନ' ଏବଂ 'ଆନ୍ତଃ-ଧର୍ମୀୟ ସହନଶୀଳତା' ଉପରେ ବିଶ୍ୱାସ କରେ । ଏହା ମଧ୍ୟ ଯଥେଷ୍ଟ ନୁହେଁ କାରଣ ଧର୍ମନିରପେକ୍ଷତା ଆଉ କିଛି ଅଧିକ ସୂଚାଇଥାଏ । ଯଦି ଧର୍ମଗୁଡ଼ିକ କୌଣସି ସ୍ଥଳେ ଜାତୀୟ ଏକତା ଓ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରନ୍ତି, ତେବେ ଭାରତୀୟ ଧର୍ମନିରପେକ୍ଷତା ନୀତିଗତ ହସ୍ତକ୍ଷେପ ପାଇଁ ଅନୁମତି ପ୍ରଦାନ କରିଥାଏ । ଏଣୁ ପ୍ରତ୍ୟେକ ଧର୍ମର ପ୍ରତ୍ୟେକ ଦିଗ ପ୍ରତି ସମାନ ଆଦର ପ୍ରଦର୍ଶନ କରିବା, ଏକ ଧର୍ମନିରପେକ୍ଷ ରାଷ୍ଟ୍ରର ଅର୍ଥକୁ ବୁଝାଏ ନାହିଁ ।

ସମାଲୋଚନା

ଏସବୁ ସତ୍ତ୍ୱେ ଭାରତୀୟ 'ଧର୍ମନିରପେକ୍ଷତା' ତୀବ୍ର ସମାଲୋଚନାର ସମ୍ମୁଖୀନ ହୋଇଛି । ଯଥା:

(୧) ପ୍ରାୟତଃ, ଧର୍ମନିରପେକ୍ଷତାକୁ ଧର୍ମ-ବିରୋଧୀ ରୂପେ ବିବେଚନା କରାଯାଏ । କିନ୍ତୁ ଏହା ଠିକ୍ ନୁହେଁ । ଧର୍ମନିରପେକ୍ଷତା ଆନୁଷ୍ଠାନିକ ଧର୍ମୀୟ ଆଧିପତ୍ୟକୁ ବିରୋଧ କରେ କିନ୍ତୁ ଏହା ଧର୍ମ-ବିରୋଧୀ ନୁହେଁ ।

(୨) ଏହା ମଧ୍ୟ ଯୁକ୍ତି କରାଯାଏ ଯେ, ଧର୍ମନିରପେକ୍ଷତା ଧର୍ମୀୟ ପରିଚୟ ପ୍ରତି ଭୟ ସୃଷ୍ଟି କରେ । ଏହା ଆଗରୁ ଦର୍ଶାଯାଇଛି ଯେ ଧର୍ମନିରପେକ୍ଷତା, ଧର୍ମୀୟ ସ୍ୱାଧୀତା ଓ ସମାନତାକୁ ପ୍ରୋତ୍ସାହିତ କରିଥାଏ । ଧର୍ମନିରପେକ୍ଷତା ବରଂ ଭୟ ସଞ୍ଚାର ନ କରି ଧର୍ମୀୟ ପରିଚୟ ପ୍ରତି ସୁରକ୍ଷା ପ୍ରଦାନ କରିଥାଏ ।

(୩) ଅନ୍ୟ ଏକ ସମାଲୋଚନା ହେଉଛି ଯେ ଧର୍ମନିରପେକ୍ଷତାର ଖ୍ରୀଷ୍ଟଧର୍ମ ସହ ସଂଶ୍ଳିଷ୍ଟ ଯାହା ଭାରତୀୟ ବ୍ୟବସ୍ଥା ପ୍ରତି ଅନୁପଯୋଗୀ । ଆମ ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ପାଶ୍ଚାତ୍ୟ ଚିନ୍ତାଧାରାରୁ ସୃଷ୍ଟି ହୋଇଛି । ଧର୍ମନିରପେକ୍ଷ ଚିନ୍ତାଧାରା ଉଭୟ ପାଶ୍ଚାତ୍ୟ ଓ ଅଣ-ପାଶ୍ଚାତ୍ୟ । ପାଶ୍ଚାତ୍ୟ ଚିନ୍ତାଧାରାରେ ଧର୍ମନିରପେକ୍ଷତାର କେନ୍ଦ୍ର ବିନ୍ଦୁ ହେଲା ଚର୍ଚ୍ଚ ଠାରୁ ରାଷ୍ଟ୍ରର ପୃଥକୀକରଣ କିନ୍ତୁ ଭାରତରେ ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା, ସମସ୍ତ ଧର୍ମୀୟ ସମ୍ପ୍ରଦାୟମାନଙ୍କ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ।

(୪) ଅନ୍ୟ ଏକ ଯୁକ୍ତି ହେଉଛି, ଏହା ଦମନମୂଳକ ଓ ଧାର୍ମିକ ସ୍ୱାଧୀନତାରେ ବ୍ୟାଘାତ ସୃଷ୍ଟି କରେ । ଏଥିରେ ସତ୍ୟତା ନାହିଁ । ଭାରତୀୟ 'ଧର୍ମନିରପେକ୍ଷତା', ଧର୍ମ ସଂକ୍ରାନ୍ତୀୟ ବ୍ୟାପାରରେ ହସ୍ତକ୍ଷେପ ନ କରିବା ଚିନ୍ତାଧାରାକୁ ଗ୍ରହଣ କରି ନାହିଁ ବରଂ ଏହା ରାଷ୍ଟ୍ର ସମର୍ଥିତ ଧାର୍ମିକ ସଂସ୍କାରକୁ ଅନୁମତି ଦେଇଛି । ସମସ୍ତ ଧର୍ମଠାରୁ ନୀତିଗତ ଦୂରତା ରକ୍ଷା କରିବା ଅର୍ଥ ହେଲା କେତେକାଂଶରେ ହସ୍ତକ୍ଷେପ ନ କରିବା ଓ ଆବଶ୍ୟକ ସ୍ଥଳେ ହସ୍ତକ୍ଷେପ କରିବା । ଏହି ହସ୍ତକ୍ଷେପ, ଦମନମୂଳକ ହସ୍ତକ୍ଷେପକୁ ବୁଝାଏ ନାହିଁ ।

(୫) ଅନ୍ୟ କେତେକ ଯୁକ୍ତି ରଖନ୍ତି, 'ଧର୍ମନିରପେକ୍ଷତା', ବ୍ୟାପକତା ଦୃଷ୍ଟିରୁ ବହୁତ କାର୍ଯ୍ୟ କରିବାକୁ ଚାହେଁ, କିନ୍ତୁ ପ୍ରକୃତରେ କିଛି କରିପାରେ ନାହିଁ । ଅତ୍ୟଧିକ ଧାର୍ମିକ ବିଭେଦ ଥିବା ଲୋକମାନେ ଶାନ୍ତି ଓ ସୌହାର୍ଦ୍ଦ୍ୟରେ ଏକତ୍ର ବସବାସ କରିପାରନ୍ତି ନାହିଁ । ଏହା ଏକ ଭ୍ରାନ୍ତ ଧାରଣା । ଭାରତୀୟ ସଭ୍ୟତା ଓ ଅଟୋମାନ୍ ସାମ୍ରାଜ୍ୟର ଇତିହାସରୁ ଏହି ପ୍ରକାର ଏକତ୍ର ସହାବସ୍ଥାନର ପ୍ରମାଣ ମିଳିଅଛି ।

ସଂକ୍ଷିପ୍ତ ସୂଚନା

- ଧର୍ମନିରପେକ୍ଷ ମତବାଦ ସମଗ୍ର ପୃଥିବୀରେ କଠୋର ସମାଲୋଚନାର ଶିକାର ହୋଇଅଛି।
- ୧୯୭୯ ମସିହାରେ ଇରାନ୍ ଓ ୧୯୮୦ ମସିହାର ଶେଷ ଭାଗରେ ମୁଖ୍ୟତଃ ଇସ୍‌ଲାମୀୟ ରାଷ୍ଟ୍ରଗୁଡ଼ିକରେ ଧର୍ମନିରପେକ୍ଷତା ଏକ ଶକ୍ତ ଧକ୍କା ପାଇଛି।
- ପାଶ୍ଚାତ୍ୟ ରାଜନୈତିକ ଧର୍ମନିରପେକ୍ଷ ଚିନ୍ତାଧାରା ସମସ୍ତଙ୍କ ଗ୍ରହଣଯୋଗ୍ୟ ହୋଇପାରି ନାହିଁ।
- ଧର୍ମନିରପେକ୍ଷତା ଧର୍ମଭିତ୍ତିକ ନୁହେଁ। ଭାରତୀୟ ପରିପ୍ରେକ୍ଷୀରେ ଏହାର ଅର୍ଥ ହେଲା ସର୍ବଧର୍ମର ସମାନତା ଓ ସହାବସ୍ଥାନ।
- ଧର୍ମୀୟ ଆଧିପତ୍ୟ ଉଭୟ ଆନ୍ତଃ ଓ ଅନ୍ତ ଧର୍ମୀୟ ଆଧିପତ୍ୟ ଦ୍ୱାରା ପରିଲକ୍ଷିତ ହୋଇଥାଏ। ଧର୍ମନିରପେକ୍ଷତା ସମସ୍ତ ପ୍ରକାର ଆନୁଷ୍ଠାନିକ ଧର୍ମୀୟ ଆଧିପତ୍ୟକୁ ବିରୋଧ କରେ।
- ସ୍ନେହ ଓ ଆଦର ସହ ପରସ୍ପରର ଉନ୍ନତି ପାଇଁ ମିଳିମିଶି କାର୍ଯ୍ୟକାରିବା ଓ ବଞ୍ଚିରହିବା ଦ୍ୱାରା ଧର୍ମୀୟ ଆଧିପତ୍ୟକୁ ପ୍ରତିରୋଧ କରିହୁଏ।
- ଏକ ପ୍ରକୃତ ଧର୍ମନିରପେକ୍ଷ ରାଷ୍ଟ୍ର କୌଣସି ଏକ ଧର୍ମଯାଜକ ଦ୍ୱାରା ଶାସିତ ହୋଇ ନଥାଏ ଓ କୌଣସି ଏକ ଧର୍ମ ସହ ମଧ୍ୟ ସମ୍ପର୍କ ସ୍ଥାପନ କରି ନ ଥାଏ। ଧର୍ମନିରପେକ୍ଷ ରାଷ୍ଟ୍ର ପାଇଁ କେବଳ ରାଷ୍ଟ୍ର ଓ ଧର୍ମ ମଧ୍ୟରେ ପୃଥକୀକରଣ ଯଥେଷ୍ଟ ନୁହେଁ।
- ପାଶ୍ଚାତ୍ୟ ନମୁନା ଦୁଇଟି ନମୁନାକୁ ସୂଚିତ କରେ। ଯଥା- (୧) ଫରାସୀ ନମୁନା, ଯାହା ସୂଚାଏ ଯେ ରାଷ୍ଟ୍ରଠାରୁ ଧର୍ମ ପୃଥକ୍ ରହିବା ଉଚିତ କିନ୍ତୁ ଆବଶ୍ୟକ ସ୍ଥଳେ ରାଷ୍ଟ୍ର ଧର୍ମୀୟ କାର୍ଯ୍ୟକଳାପରେ ହସ୍ତକ୍ଷେପ କରିପାରିବ। (୨) ଆମେରିକୀୟ ନମୁନା, ଯାହା ସୂଚାଏ ଯେ ରାଷ୍ଟ୍ର ଓ ଧର୍ମ ଉଭୟେ ପରସ୍ପର ପୃଥକ୍ ରହିବା ଉଚିତ୍।
- ଭାରତୀୟ ଧର୍ମନିରପେକ୍ଷତା 'ସବୁ ଧର୍ମ ପ୍ରତି ସମାନ ଆଦର', 'ସବୁ ଧର୍ମର ଶାନ୍ତିପୂର୍ଣ୍ଣ ସହାବସ୍ଥାନ' ଓ 'ଆନ୍ତଃ-ଧର୍ମୀୟ ସହନଶୀଳତା'ରେ ବିଶ୍ୱାସ କରେ।

ଆଦର୍ଶ ପ୍ରଶ୍ନାବଳୀ

('କ' - ବିଭାଗ)

୧. ଧର୍ମନିରପେକ୍ଷ ମାନେ ତୁମେ କ'ଣ ବୁଝ ? ଏହା ଧର୍ମୀୟ ସହିଷ୍ଣୁତା ସହ ସମାନ କି ?

୨. ଭାରତରେ ଧର୍ମନିରପେକ୍ଷତା ଧର୍ମ-ରାଷ୍ଟ୍ର ପୃଥକୀକରଣକୁ ଆହୁରି ବ୍ୟାପକ ଦୃଷ୍ଟି ନିକ୍ଷେପ କରେ।

୩. ସବୁ ଧର୍ମଠାରୁ ସମାନ ଦୂରତ୍ୱ ନିୟମକୁ ବୁଝାଅ।

୪. ନିମ୍ନ ପ୍ରଦତ୍ତ ଧାରଣା କେଉଁଟି ଧର୍ମନିରପେକ୍ଷତା ସହ ଉପଯୋଗୀ; କାରଣ ଦର୍ଶାଅ।

(କ) ଗୋଟିଏ ଧର୍ମୀୟ ଗୋଷ୍ଠୀର ଅନ୍ୟ ଧର୍ମୀୟ ଗୋଷ୍ଠୀମାନଙ୍କ ଉପରେ ପ୍ରଭୁତ୍ୱର ଅନୁପସ୍ଥିତି।

(ଖ) ଏକ ଧର୍ମକୁ ରାଷ୍ଟ୍ର-ଧର୍ମର ମାନ୍ୟତା।

(ଗ) ସମସ୍ତ ଧର୍ମକୁ ସମାନ ସମର୍ଥନ।

(ଘ) ଶିକ୍ଷାନୁଷ୍ଠାନରେ ବାଧ୍ୟତାମୂଳକ ପ୍ରାର୍ଥନା କରାଇବା।

(ଙ) ଯେ କୌଣସି ସଂଖ୍ୟାଲଘୁ ସଂପ୍ରଦାୟକୁ ଅଲଗା ଶିକ୍ଷାନୁଷ୍ଠାନ ଖୋଲିବାକୁ ଅନୁମତି ଦେବା।

(ଚ) ସରକାରଙ୍କ ଦ୍ୱାରା ମନ୍ଦିର ପରିଚାଳନା ସମିତି ନିଯୁକ୍ତି ହେବା।

(ଛ) ରାଷ୍ଟ୍ର ଦ୍ୱାରା ଦଳିତମାନଙ୍କ ମନ୍ଦିର ପ୍ରବେଶ ସୁନିଶ୍ଚିତ କରିବା।

୫. ତୁମେ ନିମ୍ନ ପ୍ରଦତ୍ତ ବକ୍ତବ୍ୟ ସହ ଏକମତ କି ? ସପକ୍ଷ ବା ବିପକ୍ଷରେ ଯୁକ୍ତିଯୁକ୍ତ କାରଣ ଦର୍ଶାଅ।

(କ) ଧର୍ମନିରପେକ୍ଷତା ଆମକୁ ଧର୍ମୀୟ ପରିଚୟ ରଖିବାକୁ ଅନୁମତି ଦିଏନାହିଁ।

(ଖ) ଧର୍ମନିରପେକ୍ଷତା ଧାର୍ମିକ ସମ୍ପ୍ରଦାୟ ଭିତରେ ବା ବିଭିନ୍ନ ଧର୍ମ ମଧ୍ୟରେ ଅସାମାନତାର ବିରୁଦ୍ଧାଚରଣ କରେ।

(ଗ) ଧର୍ମନିରପେକ୍ଷତା ଏକ ପାଶ୍ଚାତ୍ୟ-ଖ୍ରୀଷ୍ଟିୟାନ ଧାରଣା; ଏହା ଭାରତ ପାଇଁ ପ୍ରଯୁଜ୍ୟ ନୁହେଁ।

('ଖ' - ବିଭାଗ)

୧. ପ୍ରତ୍ୟେକ ପ୍ରଶ୍ନ ସହିତ ପ୍ରଦତ୍ତ ବିକଳ୍ପଗୁଡ଼ିକ ମଧ୍ୟରୁ ସଠିକ୍ ଉତ୍ତର ଚୟନ କର:

(କ) ଆଧୁନିକ ଧର୍ମଶାସନ ଇରାନ୍‌ରେ କେଉଁ ମସିହାରେ ପ୍ରତିଷ୍ଠିତ ହୋଇଥିଲା ?

(i) ୧୭୮୯ (ii) ୧୯୦୫

(iii) ୧୯୭୯ (iv) ୧୯୮୫

(ଖ) ଆମ ସମ୍ବିଧାନର କେଉଁ ଧାରା 'ଧର୍ମୀୟ ଅଧିକାର' ସମ୍ପର୍କିତ ?

(i) ଧାରା ୧୪-୧୮ (ii) ଧାରା ୨୫-୨୮

(iii) ଧାରା ୩୦-୩୨ (iv) ଧାରା ୪୦

(ଗ) ପାକିସ୍ତାନର ସରକାରୀ ସ୍ୱୀକୃତିପ୍ରାପ୍ତ ରାଷ୍ଟ୍ର ଧର୍ମକୁ କ'ଣ କୁହାଯାଏ ?

(i) ହିନ୍ଦୁଧର୍ମ (ii) ବୌଦ୍ଧଧର୍ମ

(iii) ଖ୍ରୀଷ୍ଟିୟାନ୍ ଧର୍ମ (iv) ସୁନ୍ନି-ଇସ୍‌ଲାମ୍

୨. ଶୂନ୍ୟସ୍ଥାନ ପୂରଣ କର :

(କ) ଇସ୍‌ଲାମୀୟ ରାଜନୈତିକ ଆନ୍ଦୋଳନ _______ ମସିହାରେ ଆରମ୍ଭ ହୋଇଥିଲା ।

(ଖ) 'ଧର୍ମନିରପେକ୍ଷ' ଶବ୍ଦ ପ୍ରଥମେ _______ ଙ୍କ ଦ୍ୱାରା ବ୍ୟବହୃତ ହୋଇଥିଲା

(ଗ) ଧର୍ମନିରପେକ୍ଷ ଶବ୍ଦ, ଲାଟିନ୍ ଶବ୍ଦ _______ ରୁ ଆନୀତ ।

(ଘ) 'ଧର୍ମନିରପେକ୍ଷ' ରାଷ୍ଟ୍ରର ଉଦ୍ଦେଶ୍ୟ ହେଉଛି ରାଜନୀତି ଠାରୁ _______ କୁ ପୃଥକ୍ କରିବା ।

୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇଟି ବାକ୍ୟରେ ପ୍ରଦାନ କର:

(କ) 'ଧର୍ମନିରପେକ୍ଷ' କହିଲେ କ'ଣ ବୁଝ ?

(ଖ) ଭାରତୀୟ ପରିପ୍ରେକ୍ଷୀରେ 'ଧର୍ମନିରପେକ୍ଷ'ର ଅର୍ଥ କ'ଣ ?

(ଗ) ଧର୍ମୀୟ ଆଧିପତ୍ୟକୁ କିଭଳି ଚିହ୍ନଟ କରାଯାଇପାରିବ ?

(ଘ) 'ଧର୍ମନିରପେକ୍ଷ' ରାଷ୍ଟ୍ର' କହିଲେ କ'ଣ ବୁଝ ?

(ଙ) ଧର୍ମୀୟ ଆଧିପତ୍ୟକୁ କିପରି ନିୟନ୍ତ୍ରଣ କରାଯାଇପାରିବ ?

୪. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଛଅଟି ବାକ୍ୟରେ ଲେଖ:

(କ) ଅନ୍ତଃଧର୍ମୀୟ ଆଧିପତ୍ୟ

(ଖ) ଧର୍ମନିରପେକ୍ଷତାର ପାଶ୍ଚାତ୍ୟ ନମୁନା

(ଗ) ଭାରତୀୟ ଦୃଷ୍ଟିକୋଣରେ 'ଧର୍ମନିରପେକ୍ଷତା'

('ଗ' - ବିଭାଗ)

ଦୀର୍ଘ ପ୍ରଶ୍ନୋତ୍ତର :

୧. 'ଧର୍ମନିରପେକ୍ଷତା'ର ସଂଜ୍ଞା ନିରୂପଣ କର ଓ ଏହାର ସାମ୍ପ୍ରତିକ ସମସ୍ୟା ଆଲୋଚନା କର ।

୨. 'ଧର୍ମନିରପେକ୍ଷତା' କହିଲେ କ'ଣ ବୁଝ ? ଏବଂ ଅନ୍ତଃ ଓ ଆନ୍ତଃ ଧର୍ମୀୟ ଆଧିପତ୍ୟ ସମ୍ବନ୍ଧରେ ଆଲୋଚନା କର ।

୩. ଭାରତୀୟ ଧର୍ମନିରପେକ୍ଷତା ଧର୍ମ ଓ ରାଷ୍ଟ୍ରର ପୃଥକୀକରଣ ଉପରେ ଗୁରୁତ୍ୱ ପ୍ରଦାନ କରେ, ବୁଝାଅ ।

୪. ଭାରତୀୟ ଧର୍ମନିରପେକ୍ଷତା ବହୁଳ ଭାବେ ସମାଲୋଚନା ଶିକାର ହୋଇଛି, ବର୍ଣ୍ଣନା କର ।

❑●❑

ନବମ ଅଧ୍ୟାୟ

ବିକାଶ (DEVELOPMENT)

'ବିକାଶ' ଏକ ସକାରାତ୍ମକ ଚିନ୍ତାଧାରା । ଏହାର ଅର୍ଥ 'ପ୍ରଗତି' ବା 'ଅଭିବୃଦ୍ଧି' । ଯଦିଓ ସାଧାରଣ ଭାବରେ ବିକାଶ କହିଲେ ସମସ୍ତେ 'ଆର୍ଥିକ ଅଭିବୃଦ୍ଧି' ବୁଝନ୍ତି, ବାସ୍ତବରେ ଏହାର ଅର୍ଥ ଆହୁରି ବିସ୍ତୃତ । ଏହା ଏକ ବ୍ୟାପକ ଏବଂ ବହୁଅର୍ଥବୋଧକ ଶବ୍ଦ ଯେଉଁଥିରେ ସାମୂହିକ ଭାବରେ ଆମ ଶାସନ ବ୍ୟବସ୍ଥା, ସମାଜ ଓ ଅର୍ଥନୀତି ଅନ୍ତର୍ଭୁକ୍ତ । ଆମେ ଏତିକି କହିପାରିବା ଯେ ବିକାଶ ସକାରାତ୍ମକ ପରିବର୍ତ୍ତନ ଆଣେ । ସେହି ପରିବର୍ତ୍ତନ ସରଳରୁ ଜଟିଳ କିମ୍ବା କମ୍‌ରୁ ଅଧିକ କାର୍ଯ୍ୟଦକ୍ଷ ହେବା କିମ୍ବା ସାଧାରଣରୁ ଅଧିକ ଉନ୍ନତ ଦିଗକୁ ହୋଇଥାଏ । ଏହାକୁ ଉଭୟ ଏକ ପ୍ରକ୍ରିୟା ବା ଅବସ୍ଥାର ସମ୍ମିଶ୍ରଣ ଭାବରେ ଗ୍ରହଣ କରାଯାଏ ।

ବିକାଶ ଏବଂ ଅର୍ଥନୈତିକ ଅଭିବୃଦ୍ଧି :

ବିକାଶକୁ ଯେତେବେଳେ ସଂକୀର୍ଣ୍ଣ ଅର୍ଥରେ ବ୍ୟବହାର କରାଯାଏ, ଏହା ସୀମିତ ଲକ୍ଷ୍ୟ ହାସଲ କରିବା ଯଥା ଅର୍ଥନୈତିକ ଅଭିବୃଦ୍ଧି ହାର ବଢ଼ାଇବା କିମ୍ବା ମୁଣ୍ଡପିଛା ଆୟବୃଦ୍ଧି ଏବଂ ଅର୍ଥନୀତିରେ ମୌଳିକ ପରିବର୍ତ୍ତନ ଆଣିବା ସହିତ ଅଭିବୃଦ୍ଧିକୁ ସୁଗମ ଓ ବିସ୍ତୃତ କରାଇବାକୁ ବୁଝାଇଥାଏ । ଏହା ଶିଳ୍ପାୟନ, କୃଷିର ଆଧୁନିକିକରଣ, ଯନ୍ତ୍ରୀକରଣ, ଶ୍ରମ ବିଭାଜନ, ଅର୍ଥ ବିନିଯୋଗ ବୃଦ୍ଧି ଏବଂ ପରିଶେଷରେ ଏକ ସେବା ଅଭିମୁଖୀ ଅର୍ଥନୀତି ଦିଗରେ ଅଗ୍ରସର ହେବା ଦ୍ୱାରା ହିଁ ସମ୍ଭବ ହୋଇାଥଏ ।

ବିକାଶ ହେଉଛି ମାନବୀୟ ବିକାଶ :

କ୍ରମଶଃ ଏହା ଉପଲବ୍ଧି କରାଗଲାଣି ଯେ, ବିକାଶ ଅର୍ଥନୈତିକ ଅଭିବୃଦ୍ଧିରେ ସୀମିତ ନୁହେଁ ଏବଂ ମନୁଷ୍ୟର ବିକାଶ ବିନା ପ୍ରକୃତ ବିକାଶ ସମ୍ଭବ ନୁହେଁ । ତେଣୁ ଏବେ ଜୀବନଧାରଣର ମାନ ଉପରେ ଗୁରୁତ୍ୱ ଦିଆଯାଉଛି । ବର୍ତ୍ତମାନ ମାନବୀୟ ବିକାଶର ମାନଦଣ୍ଡ ହେଲା ମୋଟ ଘରୋଇ ଉତ୍ପାଦରେ ମୁଣ୍ଡପିଛା ଆୟର ପ୍ରତିଶତ, ଜୀବନ ପ୍ରତ୍ୟାଶାର (Life expenctancy) ବୃଦ୍ଧି, ସମାନ ଅର୍ଥନୈତିକ ଓ ରାଜନୈତିକ ସୁବିଧା ସୁଯୋଗ ମାଧ୍ୟମରେ ସମାନତା ଯୋଗାଇବା, ଶିଶୁ ଓ ମାତୃ ମୃତ୍ୟୁହାର, ସାକ୍ଷରତା ହାର, ସଶକ୍ତିକରଣ ଯାହାଦ୍ୱାରା ଲୋକମାନେ ସେମାନଙ୍କୁ ପ୍ରଭାବିତ କରୁଥିବା ନିଷ୍ପତ୍ତି ଓ ପ୍ରକ୍ରିୟାରେ ଅଂଶଗ୍ରହଣ କରିବେ, ବୈଜ୍ଞାନିକ ଅନୁସନ୍ଧିତ୍ସା ପ୍ରବୃତ୍ତି, ଲିଙ୍ଗଗତ ସମାନତା ଇତ୍ୟାଦି । ୧୯୯୫ ମସିହାରୁ ମିଳିତ ଜାତିସଙ୍ଘ ମାନବିକ ବିକାଶ ସୂଚୀ (Human Development Index) ଦ୍ୱାରା ପ୍ରତ୍ୟେକ ରାଷ୍ଟ୍ରର ଲିଙ୍ଗଭିତ୍ତିକ ବିକାଶ ନିରୂପଣ କରୁଛି । ମିଳିତ ଜାତିସଙ୍ଘର ରିପୋର୍ଟ ଅନୁଯାୟୀ ବିଶ୍ୱର ୧୩୦ କୋଟି ଦରିଦ୍ର ମଧ୍ୟରୁ ୭୦ ପ୍ରତିଶତ ହେଉଛନ୍ତି ମହିଳା ।

ଅର୍ଥ :

ଏଣୁ ପ୍ରକୃତ ପକ୍ଷେ ବିକାଶର ସଂଜ୍ଞା ନିରୂପଣ କରିବା କଷ୍ଟକର । ଏହାକୁ ସମାଜବିଜ୍ଞାନୀ, ରାଜନୀତି ବିଜ୍ଞାନୀ ଓ ଅର୍ଥନୀତିଜ୍ଞମାନେ ଭିନ୍ନ ଭିନ୍ନ ଭାବରେ ବ୍ୟାଖ୍ୟା କରିଥାନ୍ତି । ତେଣୁ ସମସ୍ତଙ୍କୁ ସୁହାଇଲା ଭଳି ବିକାଶର ଏକ ନିର୍ଦ୍ଦିଷ୍ଟ ସଂଜ୍ଞା ନାହିଁ ।

J.H. Mittleman ତାଙ୍କ ପ୍ରସିଦ୍ଧ ପୁସ୍ତକ 'Out from Under Development Prospects for 3rd World'ରେ ଉଲ୍ଲେଖ କରିଛନ୍ତି ଯେ ‘ସାମାଜିକ ଲକ୍ଷ୍ୟ ହାସଲ ନିମିତ୍ତ ପ୍ରାକୃତିକ ଓ ମାନବ ସମ୍ବଳର ଉପଯୁକ୍ତ ବିନିଯୋଗ କ୍ଷମତା ବୃଦ୍ଧିକୁ ବିକାଶ କୁହାଯାଏ ।’’

Paul Baranଙ୍କ ମତରେ ‘‘ବିକାଶର ଅର୍ଥ ହେଲା ଏକ ସୁଦୂରପ୍ରସାରୀ ସାମାଜିକ ରୂପାନ୍ତରୀକରଣ, ଯେଉଁଥିରେ ସମାଜର ଅର୍ଥନୈତିକ, ରାଜନୈତିକ ଓ ସାମାଜିକ ବ୍ୟବସ୍ଥାବଳୀ ସମୂହ ଉତ୍ପାଦନ, ବଣ୍ଟନ ଓ ବ୍ୟବହାରରେ ଉନ୍ନତି ଦ୍ୱାରା ନୂଆ ରୂପ ପାଇଥାଏ ।

ବିକାଶର ବିବର୍ତ୍ତନଧାରା :

ଅଷ୍ଟାଦଶ ଶତାବ୍ଦୀ ଆରମ୍ଭ ପର୍ଯ୍ୟନ୍ତ ପୃଥିବୀର ଅଧିକାଂଶ ରାଷ୍ଟ୍ରର ଅର୍ଥନୀତି କୃଷିଭିତ୍ତିକ ଥିଲା । ଏଣୁ ‘ବିକାଶ’ ଶବ୍ଦଟି ସେ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଚିନ୍ତାଧାରା ଭାବରେ ଏତେଟା ଗୁରୁତ୍ୱ ପାଇପାରିନଥିଲା । କିନ୍ତୁ ଅଷ୍ଟାଦଶ ଶତାବ୍ଦୀର ଶିଳ୍ପ ବିପ୍ଳବ ପରେ ଅଧିକାଂଶ ଇଉରୋପୀୟ ରାଷ୍ଟ୍ରଗୁଡ଼ିକର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ପରିଲକ୍ଷିତ ହୋଇଥିଲା । ଏହା ଦୀର୍ଘ ୨୦୦ ବର୍ଷରୁ ଅଧିକ ସମୟ ଧରି ଚାଲୁ ରହିଲା । ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରେ ଦ୍ରୁତ ଶିଳ୍ପାୟନର ପ୍ରଭାବ ଯୋଗୁଁ ବିଭିନ୍ନ ଶିଳ୍ପକ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ଶ୍ରେଣୀର ଦାରିଦ୍ର୍ୟ ଓ ଦୁଃଖଦୁର୍ଦ୍ଦଶା ବୃଦ୍ଧି ପାଇଲା । ତେଣୁ ସମାଜରେ ଏହିଭଳି କ୍ରମବର୍ଦ୍ଧିଷ୍ଣୁ ବିଭେଦ ବୃଦ୍ଧିପାଇବା ଯୋଗୁଁ (ପୁଞ୍ଜିପତି ଓ ଶ୍ରମିକ) ପୁଞ୍ଜିବାଦ ବିରୋଧୀ ସ୍ୱର ଉତ୍ତୋଳନ ହେଲା ଯାହାକି ପରବର୍ତ୍ତୀ କାଳରେ ସାମ୍ୟବାଦର ରୂପ ନେଲା । ପାଶ୍ଚାତ୍ୟ ସମାଜରେ ଏ ପ୍ରକାର ବିରୋଧାଭାସ ଦ୍ୱିତୀୟ ବିଶ୍ୱଯୁଦ୍ଧ ସରିବା ପର୍ଯ୍ୟନ୍ତ ଲାଗି ରହିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପୃଥିବୀର ଅଧିକାଂଶ ଉପନିବେଶ ସ୍ୱାଧୀନ ହେଲେ । ଉପନିବେଶ ଶାସକରେ ଦୀର୍ଘ ସମୟଧରି ଶୋଷଣ ଯୋଗୁଁ ସାମାଜିକ ଓ ଅର୍ଥନୈତିକ ବିକାଶ ହୋଇପାରି ନଥିବା ରାଷ୍ଟ୍ରଗୁଡ଼ିକୁ ପରବର୍ତ୍ତୀକାଳରେ ବିକାଶଶୀଳ ରାଷ୍ଟ୍ର କୁହାଗଲା ।

‘ବିକାଶ’ ଶବ୍ଦଟି ଯଦିଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଲୋକଲୋଚନକୁ ଆସିଲା, କିନ୍ତୁ ଏ ସମ୍ବନ୍ଧୀୟ ଚିନ୍ତାଧାରା ଊନବିଂଶ ଶତାବ୍ଦୀର ଶେଷ ଓ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ସାମାଜିକ ଚିନ୍ତାଧାରାରେ ପ୍ରତିଫଳିତ ହୋଇଥିଲା । ଏହା ବହୁଳ ଭାବରେ ସାମାଜିକ ପରିବର୍ତ୍ତନ ତତ୍ତ୍ୱ ନାମରେ ଅଭିହିତ ହୋଇଥିଲା । ଏହି ଶବ୍ଦଟି ୧୯୫୦ ଓ ୬୦ ଦଶକରେ ଅଧିକ ଲୋକପ୍ରିୟ ଓ ଦୃଷ୍ଟି ଆକର୍ଷଣକାରୀ ହୋଇଥିଲା, ଯେତେବେଳେ ପୃଥିବୀର ଅଧିକାଂଶ ଆଫ୍ରୋ-ଏସୀୟ ଓ ଲାଟିନ୍-ଆମେରିକୀୟ ତୃତୀୟ-ବିଶ୍ୱ ଭାବରେ ପରିଚିତ ଦେଶଗୁଡ଼ିକ ଉପନିବେଶବାଦରୁ ମୁକ୍ତିପାଇ ସ୍ୱାଧୀନ ହେଲେ । ଏହି ତୃତୀୟ ବିଶ୍ୱ ରାଷ୍ଟ୍ରଗୁଡ଼ିକ ଅଧିକାଂଶ ଜନସାଧାରଣଙ୍କ ସମ୍ମୁଖରେ ବିଭିନ୍ନ ଉତ୍କଟ ସମସ୍ୟା ଯଥା ଦାରିଦ୍ର୍ୟ, ବେରୋଜଗାରୀ, ଅଶିକ୍ଷା, ଅପପୁଷ୍ଟି ଏବଂ ମୌଳିକ ସୁବିଧା ସୁଯୋଗର ଘୋର ଅଭାବ ରହିଗଲା ।

ପୂର୍ବ କିମ୍ବା ପଶ୍ଚିମ କୌଣସି ମହାଶକ୍ତି ଗୋଷ୍ଠୀ କିମ୍ବା ମିଲିଟାରୀ ଶାସନ ସହ ସାମିଲ୍ ନ ହୋଇ ଏହି ରାଷ୍ଟ୍ରଗୁଡ଼ିକ ସ୍ୱଇଚ୍ଛାରେ ସର୍ବାଧିକ ବିକାଶ ହାସଲ କରିବାର ରାସ୍ତା ବାଛିନେଲେ। ଏହି ତୃତୀୟ ବିଶ୍ୱର ରାଷ୍ଟ୍ରଗୁଡ଼ିକ ସ୍ୱାଧୀନତା ପରବର୍ତ୍ତୀ କାଳରେ ନିଜର ଜାତୀୟ ସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ ଦେଇ ତାଙ୍କ ନିକଟରେ ଉପଲବ୍ଧ ହେବା ସମ୍ବଳର ସଦୁପଯୋଗ କଲେ। ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ହାତକୁ ନେଇ ରାଷ୍ଟ୍ରର ବିକାଶ ହାସଲ କରିବାକୁ ଉଦ୍ୟମ କଲେ, ଏଣୁ ସଂକ୍ଷେପରେ କୁହାଗଲେ ବିକାଶ କେବଳ ବିକାଶଶୀଳ ରାଷ୍ଟ୍ର ପାଇଁ ନିର୍ଦ୍ଦିଷ୍ଟ ଭାବରେ ଅଭିପ୍ରେତ।

ବିକାଶର ସ୍ୱରୂପରେ ଏବେ ପୂର୍ଣ୍ଣ ପରିବର୍ତ୍ତନ ଆସିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ଲକ୍ଷ୍ୟ ରଖି ଶିଳ୍ପାୟନ ଏବଂ କୃଷିର ଆଧୁନିକୀକରଣ ପ୍ରଭୃତିକୁ ଗୁରୁତ୍ୱ ଦେଲେ। ଏହି ରାଷ୍ଟ୍ରଗୁଡ଼ିକ ମଧ୍ୟରୁ ଅନେକ ରାଷ୍ଟ୍ର ବିଭିନ୍ନ ବିକଶିତ ରାଷ୍ଟ୍ର ଓ ଆନ୍ତର୍ଜାତୀୟ ବିତ୍ତୀୟ ସଂସ୍ଥାମାନଙ୍କ ଠାରୁ ଋଣ ଏବଂ ସହାୟତା ଆଣି ନିଜସ୍ୱ ବିକାଶ ପାଇଁ ଆବଶ୍ୟକ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରାଇଲେ। ବିତ୍ତୀୟ ବ୍ୟୟର ପରିମାଣ ଏଭଳି ଭାବରେ ବୃଦ୍ଧି ପାଇଲା ଯେ, ଅଧିକାଂଶ ବିକାଶଶୀଳ ରାଷ୍ଟ୍ର ବହୁବର୍ଷ ଧରି ଋଣଭାରରେ ବୁଡିରହିଲେ। ନଦୀବନ୍ଧ ନିର୍ମାଣ ଓ ଶିଳ୍ପାୟନଜନିତ ସ୍ଥାନାନ୍ତରଣ ଯୋଗୁଁ ସଂଖ୍ୟାଧିକ ଜନସାଧାରଣ ନିଜ ଜନ୍ମସ୍ଥାନ ଏବଂ ଜୀବିକା ହରାଇ ଦାରିଦ୍ର୍ୟରେ ଜୀବନ କାଟିଲେ। ବିକାଶ ଯୋଗୁଁ ଅଧିକାଂଶ ରାଷ୍ଟ୍ରରେ ପରିବେଶ ବହୁପରିମାଣରେ ଅବକ୍ଷୟମୁଖୀ ଏବଂ ଏହାର କୁପରିଣାମ ସ୍ଥାନାନ୍ତରିତ ପରିବାରଗୁଡ଼ିକ ସମେତ ସମଗ୍ର ଦେଶବାସୀ ଅନୁଭବ କରିବାରେ ଲାଗିଲେ।

ବିକାଶର ପ୍ରତିରୂପ :

ବିକାଶ ଏକ ଜଟିଳ ପ୍ରକ୍ରିୟା। ବିଭିନ୍ନ ମତବାଦୀମାନେ ବିକାଶର ରାସ୍ତା ପାଇଁ ଭିନ୍ନ ଭିନ୍ନ ମତପୋଷଣ କରିଛନ୍ତି। ସେଥିମଧ୍ୟରୁ ଦୁଇଟି ପ୍ରମୁଖ ପ୍ରତିରୂପ ହେଉଛି (୧) ପୁଞ୍ଜିବାଦୀ ପ୍ରତିରୂପ ଏବଂ (୨) ସମାଜବାଦୀ ପ୍ରତିରୂପ।

(୧) ପୁଞ୍ଜିବାଦୀ ପ୍ରତିରୂପ : ଏହାକୁ ମଧ୍ୟ ବଜାର ଭିତ୍ତିକ ସମାଜ ବକାଶର ପ୍ରତିରୂପ (Market Society Model) ବୋଲି କୁହାଯାଏ। ଏହି ପ୍ରତିରୂପର ମୁଖ୍ୟ ପ୍ରବକ୍ତାମାନେ ହେଲେ W.W. Rostow, Jame S. Coleman ଏବଂ A.F.K. Organski। ଏମାନେ ବିଶ୍ୱାସ କରନ୍ତି ଯେ ବିକାଶ କେବଳ ଆଧୁନିକୀକରଣ ଦ୍ୱାରା ସମ୍ଭବ ଏବଂ ପାଶ୍ଚାତ୍ୟ ସମାଜ ହେଉଛି ଆଧୁନିକ ସମାଜର ପ୍ରତିରୂପ। ତେଣୁ ସେମାନେ ଦର୍ଶାଇଛନ୍ତି ଯେ ବିକାଶଶୀଳ ଦେଶଗୁଡ଼ିକ ସେମାନଙ୍କର ବିକାଶ ପାଇଁ ପାଶ୍ଚାତ୍ୟ ବା ପୁଞ୍ଜିବାଦୀ ରାଷ୍ଟ୍ରମାନଙ୍କର ପଦାଙ୍କ ଅନୁସରଣ କରିବା ଉଚିତ। ସେଥିପାଇଁ ପନ୍ଥା / ମାଧ୍ୟମ ହେଲା ଉଦାରୀକରଣ ଓ ଘରୋଇକରଣ। ଏକ ଆଧୁନିକ ସମାଜ ତା ନିଜ ଅର୍ଥନୀତିରେ ବ୍ୟବସାୟୀକରଣ ଓ ଶିଳ୍ପାୟନକୁ ଗୁରୁତ୍ୱ ଦେବା ସହ ସହରୀକରଣ, ଶିକ୍ଷାର ପ୍ରସାର ସହିତ ସାମାଜିକ ଏବଂ ଅର୍ଥନୈତିକ ପ୍ରକ୍ରିୟାରେ ଲୋକଙ୍କର ସାମୂହିକ ଅଂଶଗ୍ରହଣ ତଥା ଭାଗିଦାରୀ କରାଇବା ପାଇଁ ପ୍ରୟାସ କରିଥାଏ। ତେଣୁ ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ଆଧୁନିକୀକରଣ କାଳକ୍ରମେ ପାଶ୍ଚାତ୍ୟକରଣରେ ପରିବର୍ତ୍ତିତ ହେବ। ରାଜନୈତିକ ସ୍ତରରେ ଏହା ଉଦାରବାଦୀ ଗଣତନ୍ତ୍ରରେ ପ୍ରବର୍ତ୍ତନ କରାଏ। ଅର୍ଥନୈତିକ ସ୍ତରରେ ଏହା ପ୍ରତିଯୋଗିତାମୂଳକ ବିପଣନ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରେ ଏବଂ ସାମାଜିକ ସ୍ତରରେ ଏହା ସମସ୍ତଙ୍କୁ ସମାନ ସୁବିଧାସୁଯୋଗ ଦେବା ସହ ଯୋଗ୍ୟତା (Merit) କୁ ଯଥୋଚିତ ସମ୍ମାନ ଦେଇଥାଏ।

ପୁଞ୍ଜିବାଦୀ ମତବାଦର ପ୍ରବକ୍ତାମାନେ ଅର୍ଥନୈତିକ ଅଭିବୃଦ୍ଧିକୁ ବିକାଶର ଏକ ଅପରିହାର୍ଯ୍ୟ ଆବଶ୍ୟକତା ଭାବରେ ବିଚାର କରିଥାନ୍ତି । W.W. Rostowଙ୍କ ମତରେ ଅର୍ଥନୈତିକ ବିକାଶର ୫ଟି ସାର୍ବଜନୀନ ପର୍ଯ୍ୟାୟ ରହିଛି । ଯାହା ମାଧ୍ୟମରେ ସବୁ ବିକାଶଶୀଳ ଦେଶ ସଂପୂର୍ଣ୍ଣ ଭାବରେ ବିକଶିତ ହେବା ପର୍ଯ୍ୟନ୍ତ ଗତି କରନ୍ତି ।

(i) ପ୍ରଥମ ପର୍ଯ୍ୟାୟଟି ହେଉଛି ପାରମ୍ପରିକ ପର୍ଯ୍ୟାୟ (Traditional stage) : ଯେଉଁ ପର୍ଯ୍ୟାୟରେ ବୈଷୟିକ ଜ୍ଞାନ କୌଶଳର ଅଭାବ ହେତୁ କୃଷିଭିତ୍ତିକ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥାଏ । ଏଥିରେ ଶ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ।

(ii) ଅବସ୍ଥାନ୍ତରୀୟ ପର୍ଯ୍ୟାୟ (Transitional stage) : ଏହି ପର୍ଯ୍ୟାୟରେ ଉପଲବ୍ଧ ବୈଷୟିକ କୌଶଳ ଏତେ ଉନ୍ନତମାନର ହୋଇ ନଥାଏ କିମ୍ବା ଏତେବେଶୀ ଆଡୃତ ହୋଇ ନଥାଏ । ଏହି ପର୍ଯ୍ୟାୟରେ ସମାଜ ଶ୍ରମଭିତ୍ତିକ କୃଷି ଉପରେ ତଥାପି ନିର୍ଭରଶୀଳ ଥାଏ ।

(iii) ଉର୍ଦ୍ଧ୍ୱଗାମୀ ପର୍ଯ୍ୟାୟ (Take-off stage) : ଏହି ପର୍ଯ୍ୟାୟରେ ଅର୍ଥନୀତି ଉର୍ଦ୍ଧ୍ୱଗାମୀ ହୋଇଥାଏ । ଏଭଳି ଏକ ବ୍ୟବସାୟିକ ଗୋଷ୍ଠୀ ଜନ୍ମଲାଭ କରିଥାଏ ଯାହା ବ୍ୟବସାୟରେ କ୍ଷତିର ଆଶଙ୍କା ଥିବା ସତ୍ତ୍ୱେ ନିବେଶ କରିବାକୁ ଆଗେଇ ଆସିଥାନ୍ତି ।

(iv) ନିରନ୍ତର ଅର୍ଥନୈତିକ ଅଭିବୃଦ୍ଧି (Sustained Economic Growth Stage) : ଏହି ପର୍ଯ୍ୟାୟରେ ଶିଳ୍ପାୟନ ଆଗେଇ ଚାଲିବା ସହ ଉତ୍ପାଦନରେ ମଧ୍ୟ ଆଖିଦୃଶିଆ ଅଭିବୃଦ୍ଧି ଘଟିଥାଏ ।

(v) ପୂର୍ଣ୍ଣବିକଶିତ ପର୍ଯ୍ୟାୟ (The mature high mass-consumption stage) : ଏହି ପର୍ଯ୍ୟାୟରେ ଲୋକମାନଙ୍କର ମୌଳିକ ଆବଶ୍ୟକତା ମେଣ୍ଟିବା ସହ ଖାଉଟଦ୍ରବ୍ୟ ପ୍ରଭୂତ ବ୍ୟବହାର କରାଯାଇଥାଏ ।

ଏହି ପ୍ରକାରର ବିକାଶର ପ୍ରତିରୂପ ବିକାଶୋନ୍ମୁଖୀ ସମାଜର ଗୋଷ୍ଠୀବାଦ ସହିତ ଖାପଖାଏ ନାହିଁ । ଏଭଳି ସମାଜରେ ବାସ କରୁଥିବା ଲୋକମାନେ ଦରିଦ୍ର ଓ ଅନୁନ୍ନତ ହୋଇପାରନ୍ତି କିନ୍ତୁ ସର୍ବଦା ନିର୍ଦ୍ଦିଷ୍ଟ ନୈତିକ ମୂଲ୍ୟବୋଧକୁ ସର୍ବାଧିକ ଗୁରୁତ୍ୱ ଦେଇଥାନ୍ତି ଯାହା ଏହି ସମାଜରେ ବସବାସ କରୁଥିବା ଲୋକମାନଙ୍କୁ ଏକତା ସୂତ୍ରରେ ରଖିପାରିଥାଏ । ଏହାଦ୍ୱାରା ସାମାଜିକ ସଂହତି ଓ ଏକତା ବଜାୟ ରହିଥାଏ ଯାହାକୁ ପ୍ରଖ୍ୟାତ ସମାଜବିଜ୍ଞାନୀ Robort D. Putnam ସାମାଜିକ ପୁଞ୍ଜି (Social Capital) ବୋଲି ଦର୍ଶାଇଛନ୍ତି । ଅନ୍ୟପକ୍ଷରେ ବିପଣନ ସମାଜ କେବଳ ପ୍ରତିଯୋଗିତାମୂଳକ ମନୋଭାବରେ ପ୍ରଭାବିତ ଯେଉଁଠି ଅନ୍ୟ ସମସ୍ତ ବିଚାରଧାରା ଅପେକ୍ଷା ବ୍ୟକ୍ତି ସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥାଏ । ଏହି ପ୍ରତିରୂପର ମୂଳ ଲକ୍ଷ ହେଉଛି ସର୍ବାଧିକ ଫାଇଦା ହାସଲ । ଏପରିକି ବ୍ୟବସାୟୀ ଆବଶ୍ୟକତା ପୂରଣ ପାଇଁ ଶିକ୍ଷା, କଳା ଓ ସଂସ୍କୃତିକୁ ମଧ୍ୟ ବ୍ୟବହାର କରାଯାଇଥାଏ । ତେଣୁ ପୁଞ୍ଜିବାଦୀ ସମାଜରେ ମୌଳିକ ମାନବିକ ମୂଲ୍ୟବୋଧ ଯଥା ପ୍ରେମ, ବନ୍ଧୁତା ଆଦିର ଘୋର ଅଭାବ ପରିଲକ୍ଷିତ ହୋଇଥାଏ । ବିକାଶଶୀଳ ରାଷ୍ଟ୍ରଙ୍କ ଦ୍ୱାରା ପୁଞ୍ଜିବାଦୀ ବିକାଶ ପ୍ରତିରୂପ ଗ୍ରହଣ ସେମାନଙ୍କର ପୁଞ୍ଜିବାଦୀ ବିକାଶରେ ସହାୟକ ହୋଇପାରେ, ମାତ୍ର ଏଥିପାଇଁ ନୈତିକ ଦୃଢ଼ତାକୁ ଜଳାଞ୍ଜଳି ଦେବାକୁ ପଡେ ।

(୨) ସମାଜବାଦୀ ପ୍ରତିରୂପ : ଏହା ସାଧାରଣତଃ ଦୁଇଭାଗରେ ବିଭକ୍ତ । (i) ପ୍ରଥମଟି ହେଲା ବୈପ୍ଳବିକ ସମାଜବାଦୀ ପ୍ରତିରୂପ ଏବଂ (ii) ଦ୍ୱିତୀୟଟି ହେଲା ବିବର୍ତ୍ତନବାଦୀ ସମାଜବାଦୀ ପ୍ରତିରୂପ ।

(i) ବୈପ୍ଳବିକ ସମାଜବାଦ :

ବିପ୍ଳବବାଦୀ ସମାଜବାଦ ପ୍ରତି ପ୍ରଥମେ ସୋଭିଏତ୍ ରୁଷୀୟ ବଲ୍‌ସେଭିକ୍ ବିପ୍ଳବ ପରେ (୧୯୧୭) ପ୍ରତିଷ୍ଠିତ ହୋଇଥିଲା ଏବଂ ଏହା ପରେ ପରେ ଅନ୍ୟ ପୂର୍ବ ଇଉରୋପୀୟ ରାଷ୍ଟ୍ର (ରୁମାନିଆ, ବୁଲ୍‌ଗେରିଆ, ହଙ୍ଗେରୀ, ପୂର୍ବଜର୍ମାନୀ, ଚେକୋସ୍ଲୋଭାକିଆ), ଚୀନ, ଉତ୍ତର କୋରିଆ ଓ କ୍ୟୁବା ଆଦି ରାଷ୍ଟ୍ରକୁ ପ୍ରଭାବିତ କରିଥିଲା । ଏହି ପ୍ରତିରୂପଟି ମାର୍କ୍ସ, ଲେନିନ୍ ଏବଂ ଏଞ୍ଜେଲସ୍‌ଙ୍କ ଚିନ୍ତାଧାରା ପ୍ରସୂତ । ଏହା ଶ୍ରେଣୀ ସଂଗ୍ରାମ, ବୈପ୍ଳବିକ ଚିନ୍ତାଧାରା ଏବଂ ଉତ୍ପାଦନର ପ୍ରମୁଖ ମାଧ୍ୟମ ଗୁଡ଼ିକ ପୂର୍ଣ୍ଣମାତ୍ରାରେ ରାଷ୍ଟ୍ର ନିୟନ୍ତ୍ରଣରେ ରଖିବା ଉପରେ ବିଶ୍ୱାସ ରଖେ । ଏହି ପ୍ରକାର ସମାଜବାଦ ଶ୍ରମିକଶ୍ରେଣୀର ସ୍ୱାର୍ଥରକ୍ଷା, ସାମାଜିକ ଓ ଅର୍ଥନୈତିକ ଅଧିକାରକୁ ଅଗ୍ରାଧିକାର ଦେବା ସହିତ ସାର୍ବଜନୀନ ନିଯୁକ୍ତି ପ୍ରଦାନ, ଶିକ୍ଷା ଓ ସ୍ୱାସ୍ଥ୍ୟ ସୁରକ୍ଷା ସେବା ପ୍ରଦାନକୁ ଅଧିକ ଗୁରୁତ୍ୱ ଦେଇଥାଏ । କିନ୍ତୁ ନାଗରିକମାନଙ୍କୁ କ୍ୱଚିତ୍ ବେସାମରିକ ଓ ରାଜନୈତିକ ଅଧିକାରର ସୁରକ୍ଷା ଦେଇଥାଏ । ପୂର୍ବତନ ସୋଭିଏତ ରୁଷର ବିଭାଜନ ଏବଂ ବର୍ଲିନ ପ୍ରାଚୀରର ପତନ ପରବର୍ତ୍ତୀ କାଳରେ ପୂର୍ବ ଓ ପଶ୍ଚିମ ଜର୍ମାନୀର ଏକତ୍ରୀକରଣ ପରେ, ଏହି ପ୍ରତିରୂପର ମୃତ୍ୟୁ ହେଲା (୧୯୮୯-୯୧) । ବର୍ତ୍ତମାନ ପୂର୍ବ ଇଉରୋପର ପ୍ରାୟ ସମସ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ପୁଞ୍ଜିବାଦୀ ପ୍ରତିରୂପକୁ ଗ୍ରହଣ କରିଛନ୍ତି । ତଥାପି ଏହି ପ୍ରତିରୂପ ଏବେ ମଧ୍ୟ ଚୀନ୍ ଓ ଉତ୍ତର କୋରିଆ ଭଳି କେତେକ ରାଷ୍ଟ୍ରରେ କାର୍ଯ୍ୟକରୁଅଛି । ଚୀନ୍‌ର ରାଜନୀତି ମାର୍କ୍ସବାଦ / ସାମ୍ୟବାଦ ଦ୍ୱାରା ଅନୁପ୍ରାଣିତ, ମାତ୍ର ଲୋହିତ ଅର୍ଥନୀତି ପୁଞ୍ଜିବାଦୀ ଆଦର୍ଶ ଉପରେ ଆଧାରିତ ।

(ii) ବିବର୍ତ୍ତନବାଦୀ ସମାଜବାଦ :

ଏହାର ଅନ୍ୟନାମ ଗଣତାନ୍ତ୍ରିକ ସମାଜବାଦ । ଏହି ପ୍ରତିରୂପ ଗଣତାନ୍ତ୍ରିକ ପଦ୍ଧତି ମାଧ୍ୟମରେ ସମାଜବାଦର ଲକ୍ଷ୍ୟ ହାସଲ କରିବାକୁ ପ୍ରଚେଷ୍ଟା କରିଥାଏ । ଲୋକମାନଙ୍କର ସୁଚିନ୍ତିତ ମତାମତ ଓ ସକ୍ରିୟ ଅଂଶଗ୍ରହଣ ଦ୍ୱାରା ହିଁ ବିକାଶ ସମ୍ଭବ ବୋଲି ଏହା ବିଶ୍ୱାସ କରେ । ଏହା ସାମାଜିକ ସ୍ୱାତନ୍ତ୍ର୍ୟ ଓ ରାଜନୈତିକ ଅଧିକାରକୁ ସାମାଜିକ ଓ ଅର୍ଥନୈତିକ ଅଧିକାର ଉର୍ଦ୍ଧ୍ୱରେ ଗୁରୁତ୍ୱ ଆରୋପ କରିଥାଏ । ଭାରତଭଳି ଅନେକ ବିକାଶୀଳ ରାଷ୍ଟ୍ର ଓ ପୃଥିବୀର କେତେକ ବିକଶିତ ରାଷ୍ଟ୍ର ମଧ୍ୟ ଏହି ପ୍ରତିରୂପକୁ ଗ୍ରହଣ କରିଛନ୍ତି । କିନ୍ତୁ ଭାରତ ଅର୍ଥନୈତିକ ବିକାଶ ପାଇଁ ବହୁବିଧ ଉପାୟ ଆପଣେଇବା ସତ୍ତ୍ୱେ ମଧ୍ୟ ସେଭଳି କୌଣସି ଉଲ୍ଲେଖନୀୟ ବିକାଶ ପରିଲକ୍ଷିତ ହେଲାନାହିଁ । ଆଶା କରାଯାଇଥିଲା ଯେ ରାଷ୍ଟ୍ର ସମୃଦ୍ଧିଶାଳୀ ହେଲେ ବିକାଶର ସୁଫଳ କାଳକ୍ରମେ ତଳସ୍ତରରେ ଥିବା ଦରିଦ୍ରତମ ଲୋକଙ୍କ ପାଖରେ ପହଞ୍ଚିବ ଏବଂ ତାହା ଧନୀ-ଦରିଦ୍ର ତାରତମ୍ୟ ହ୍ରାସ କରିବ । କିନ୍ତୁ ସେଭଳି କିଛି ଘଟିଲା ନାହିଁ । ଏହା ସାଙ୍ଗକୁ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ଅମଲାତନ୍ତ୍ରର ଅପାରଗତା ଏବଂ

ସର୍ବୋପରି ବ୍ୟାପକ ଦୁର୍ନୀତି ଯୋଗୁଁ ବିକାଶ ଲକ୍ଷ୍ୟ ହାସଲ କରାଯାଇ ପାରିଲା ନାହିଁ, ଯାହା ଫଳରେ ଏହି ପ୍ରତିରୂପର ଜନପ୍ରିୟତା ଧୀରେ ଧୀରେ କମିବାରେ ଲାଗିଲା । ତେଣୁ ଭାରତ ସହ ଅନ୍ୟ ରାଷ୍ଟ୍ରମାନେ ବର୍ତ୍ତମାନ ଉଦାରୀକରଣ, ଘରୋଇକରଣ ଓ ଜଗତୀକରଣ ଆପଣେଇଛନ୍ତି ।

ନିରନ୍ତର ବିକାଶ (Sustainable Development) :

'ନିରନ୍ତର ବିକାଶ' ଏଭଳି ଶବ୍ଦ ଯାହାକୁ ଉଭୟ ପରିବେଶବିତ୍ ଓ ସବୁଜ ବାହିନୀ (Green Brigade) ବାରମ୍ବାର ଦୋହରାଉଛନ୍ତି । ବିକାଶର ଆବଶ୍ୟକତାକୁ କୌଣସିମତେ ଏଡେଇ ଦେଇ ହେବ ନାହିଁ । କିନ୍ତୁ ଏଭଳି ବିକାଶ ହେବା ଆବଶ୍ୟକ ଯାହାଦ୍ୱାରା ପରିବେଶ ସୁରକ୍ଷିତ ରହିବ । Brundtlandଙ୍କ "Our Common Future" ଶୀର୍ଷକ ବହୁଚର୍ଚ୍ଚିତ ରିପୋର୍ଟ ୧୯୮୭ ମସିହାରେ ପ୍ରକାଶିତ ହେବା ପରେ ପରେ ନିରନ୍ତର ବିକାଶ ବିଶ୍ୱବାସୀଙ୍କର ଦୃଷ୍ଟି ଆକର୍ଷଣ କରିଛି । ଅବଶ୍ୟ ଏହି ଚିନ୍ତାଧାରା ପୂର୍ବରୁ ସ୍ୱିଡେନ୍‌ର ରାଜଧାନୀ ଷ୍ଟକ୍‌ହୋମରେ ୧୯୭୨ ମସିହାରେ ଅନୁଷ୍ଠିତ ବିଶ୍ୱ ଶିଖର ସମ୍ମିଳନୀରେ ଆଲୋଚନାର ମୁଖ୍ୟ ବିଷୟବସ୍ତୁ ପାଲଟିଥିଲା । ଏହି ସମ୍ମିଳନୀ କ୍ଷୟଶୀଳ ପ୍ରାକୃତିକ ସଂପଦର ଦ୍ରୁତ ଅବକ୍ଷୟ ସମ୍ପର୍କରେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲା । 'ନିରନ୍ତର ବିକାଶ'କୁ ବିଭିନ୍ନ ଭାବରେ ବ୍ୟାଖ୍ୟା କରାଯାଇଛି । କିନ୍ତୁ ସର୍ବାଧିକ ଗ୍ରହଣୀୟ ସଂଜ୍ଞା Brundtlandଙ୍କ ବିବରଣୀରେ ଉଲ୍ଲିଖିତ । ନିରନ୍ତର ବିକାଶ ହେଉଛି ବିକାଶପ୍ରଣାଳୀ ଏଭଳି ହେବା ଆବଶ୍ୟକ ଯାହା ବର୍ତ୍ତମାନ ପୀଢ଼ିରୁ ଚାହିଦା ମେଣ୍ଟାଇ ପାରିବା ସହିତ ପରବର୍ତ୍ତୀ ପୀଢ଼ିକୁ ନିଜର ଆବଶ୍ୟକତା ମେଣ୍ଟାଇବାରୁ ବଞ୍ଚିତ କରିବ ନାହିଁ । ଏହି ବିବରଣୀ ଦୁଇଟି ବିଷୟ ଉପରେ ଗୁରୁତ୍ୱ ଦିଏ:

- ଆବଶ୍ୟକତା ପ୍ରତି ପ୍ରାଧାନ୍ୟ ଦେବା ନୀତି, ବିଶେଷ କରି ବିଶ୍ୱର ଦରିଦ୍ର ଜନସାଧାରଣଙ୍କର ମୁଖ୍ୟ ଆବଶ୍ୟକତାକୁ ଅଗ୍ରାଧିକାର ଭିତ୍ତିରେ ପୁରଣ କରିବା ।
- ଦ୍ୱିତୀୟତଃ, ପ୍ରାକୃତିକ ସମ୍ବଳର ବ୍ୟବହାରକୁ ନିର୍ଦ୍ଧାରିତ ସୀମା ମଧ୍ୟରେ ରଖିବା । ଯାହାଦ୍ୱାରା ଏହା ବର୍ତ୍ତମାନର ଆବଶ୍ୟକତା ସହିତ ଭବିଷ୍ୟତର ଆବଶ୍ୟକତା ପୂରଣ କରିବା ପାଇଁ ସମର୍ଥ ହେବ ।

ସଂକ୍ଷେପରେ, Brundtlandଙ୍କ ରିପୋର୍ଟ ଦାରିଦ୍ର୍ୟ ଦୂରୀକରଣ ଏବଂ ବିଶାଳ ବିଶ୍ୱ ଜନସମୁଦାୟର ମୌଳିକ ଆବଶ୍ୟକତା ଉପରେ ଗଭୀର ଚିନ୍ତାବ୍ୟକ୍ତ କରିଛି ।

ଯେତେବେଳେ ସାମାଜିକ ଜୀବନ ସରଳ ଥିଲା, ମନୁଷ୍ୟର ଆବଶ୍ୟକତା ମଧ୍ୟ ସୀମିତ ଥିଲା । ପ୍ରାକୃତିକ ସମ୍ବଳ ପର୍ଯ୍ୟାପ୍ତ ଥିଲା ଓ ଲୋକଙ୍କର ସମ୍ବଳର ବ୍ୟବହାର ମଧ୍ୟ ଅପେକ୍ଷାକୃତ ଭାବରେ ଏତେ କମ୍ ଥିଲା ଯେ ସେମାନେ ଏହା ଆଦୌ ଆକଳନ କରିପାରିନଥିଲେ ଯେ ଭବିଷ୍ୟତରେ କେବେ ହେଲେ ବି ପ୍ରାକୃତିକ ସମ୍ପଦ ମାନବ ଜାତିର ବ୍ୟବହାର ପାଇଁ ନିଅଣ୍ଟ ପଡିପାରେ । କାଳକ୍ରମେ ଜନସଂଖ୍ୟାର ଦ୍ରୁତ ବୃଦ୍ଧି ସହିତ ସାମାଜିକ ଜୀବନ ସରଳରୁ ଜଟିଳ ହେଲା । ଲୋକମାନଙ୍କର ଆବଶ୍ୟକତା ବୃଦ୍ଧି ପାଇଲା ଏବଂ ନୂତନ ଜ୍ଞାନକୌଶଳ ବିକାଶ ଲୋକଙ୍କର କ୍ରମବର୍ଦ୍ଧିଷ୍ଣୁ ଆବଶ୍ୟକତା ପୂରଣରେ ସହାୟକ ହେଲା । ଏତେ ମାତ୍ରାରେ ପ୍ରାକୃତିକ ସମ୍ପଦର ବ୍ୟବହାର ହେଲା ଯାହାଦ୍ୱାର ସମ୍ବଳ ଶେଷ ହୋଇଯିବାର ଆଶଙ୍କା ମଧ୍ୟ ଦେଖାଦେଲା । ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଯଥା ରାସ୍ତାଘାଟ, କୋଠାବାଡି, ନଦୀବନ୍ଧ, ବିମାନଘାଟୀ, ଜଳସେଚନ ପ୍ରକଳ୍ପ, ଶକ୍ତି ପ୍ରକଳ୍ପ ଗୁଡ଼ିକର ନିର୍ମାଣ ଏବଂ ଶିଳ୍ପ ବିକାଶ

ଜନିତ ନକରାତ୍ମକ ପ୍ରଭାବ ପରିବେଶ ଉପରେ ପଡିବା ଫଳରେ ମନୁଷ୍ୟ ବାସ କରୁଥିବା ପରିବେଶ ପ୍ରଭାବିତ ହେଲା । ବିକାଶର ଧାରାକୁ ବନ୍ଦ କରାଯାଇପାରିବ ନାହିଁ । ତେଣୁ ସନ୍ତୁଳିତ ପରିବେଶ ପରିଚାଳନା ଏବଂ ସନ୍ତୁଳିତ ବିକାଶ ଆଜିର ପ୍ରମୁଖ ଆବଶ୍ୟକତା ।

ନିରନ୍ତର ବିକାଶ ଏଭଳି ବିଜ୍ଞତାର ସହ କରିବାକୁ ହେବ, ଯାହାଦ୍ୱାରା ଅର୍ଥନୈତିକ ଓ ସାମାଜିକ ବିକାଶର ଧାରା ଅବ୍ୟାହତ ରହିବା ସହ ପରିବେଶ ଅକ୍ଷତ ରହିବ, ପ୍ରାକୃତିକ ସମ୍ପଦର ଉଦ୍‌ବୃତ୍ତ ବିନିଯୋଗ ହେବ ନାହିଁ ଏବଂ ପ୍ରଦୂଷଣର ମାତ୍ରା କମିବ । ସନ୍ତୁଳିତ ବିକାଶ କେବେହେଲେ ବି ମନୁଷ୍ୟର ଆବଶ୍ୟକତା ପୂରଣ କରିବା, ଅର୍ଥନୈତିକ ପ୍ରଗତିର ବାଧକ ନୁହେଁ । ଏଥି ସହିତ ଏହା ସୀମିତ ପ୍ରାକୃତିକ ସମ୍ପଦ ଏବଂ ଉଭୟ ବାହ୍ୟ ଓ ଅଭ୍ୟନ୍ତରୀଣ ପରିବେଶକୁ ସୁରକ୍ଷା ଦିଏ । ଏଣୁ ସନ୍ତୁଳିତ ବିକାଶ ପରିବେଶ ଏବଂ ମନୁଷ୍ୟ ଜୀବନ ଉଭୟର ଗୁଣାତ୍ମକ ମାନ ରକ୍ଷା କରିବା ପାଇଁ ସର୍ବାଦୌ ଆବଶ୍ୟକ ।

ନିରନ୍ତର ବିକାଶ ମୁଖ୍ୟତଃ ଚାରିଟି ଭିନ୍ନ ପଦ୍ଧତିରେ ହାସଲ କରାଯାଇପାରେ:

(୧) ଟ୍ରେଡମିଲ ପଦ୍ଧତି : ଏହି ପଦ୍ଧତି ଏହି ବିଶ୍ୱାସ ଉପରେ ଆଧାରିତ ଯେ ଯଦି ମାନବୀୟ ଦକ୍ଷତାକୁ ନୂତନ ପ୍ରଯୁକ୍ତି କୌଶଳ ଉଦ୍ଭାବନ କରିବାର ସ୍ୱାଧୀନତା ଦିଆଯାଏ, ତେବେ ଏହାଦ୍ୱାରା ସଫଳତାର ସହିତ ଆମ ପରିବେଶର କୌଶଳ ପୂର୍ବକ ପରିଚାଳନା କରାଯାଇପାରିବ ।

(୨) ଦୁର୍ବଳ ନିରନ୍ତର ବିକାଶ : ଏହା ପୁଞ୍ଜିବାଦୀ ଅଭିବୃଦ୍ଧି ସହିତ ପରିବେଶ ଚିନ୍ତାରେ ସନ୍ତୁଳନ ଆଣିବାକୁ ଉଦ୍ୟମ କରିଥାଏ । ମାତ୍ର ଏହା ପରିବେଶ ବିନିମୟରେ ଅର୍ଥନୈତିକ ପ୍ରଗତି ଜନିତ ସନ୍ତୁଳିତ ବିକାଶ ତତ୍ତ୍ୱକୁ ଗ୍ରହଣ କରିଥାଏ ।

(୩) ସୁଦୃଢ଼ ନିରନ୍ତର ବିକାଶ : ଏହା ଅର୍ଥନୈତିକ ଅଭିବୃଦ୍ଧିରେ ପରିବେଶ ସୁରକ୍ଷାକୁ ଏକ ଅତ୍ୟାବଶ୍ୟକୀୟ ପୂର୍ବ ନିର୍ଦ୍ଧାରିତ ସର୍ତ୍ତ ଭାବରେ ଗୁରୁତ୍ୱାରୋପ କରିଥାଏ ।

(୪) ସର୍ବୋତ୍କୃଷ୍ଟ ପ୍ରତିରୂପ : ଏହା ସାମାଜିକ ବ୍ୟବସ୍ଥା, ଅର୍ଥନୀତି ଏବଂ ରାଜନୈତିକ ବ୍ୟବସ୍ଥାରେ ରଚନାତ୍ମକ ପରିବର୍ତ୍ତନର ଏକ ନୂତନ ଦୃଷ୍ଟିଭଙ୍ଗୀର ଅବତାରଣା ପାଇଁ ମାନବ ସମାଜର ପ୍ରକୃତି ପ୍ରତି ରହିଥିବା ଆଭିମୁଖ୍ୟର ଆମୂଳଚୂଳ ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ କରେ । ଆମ ଅର୍ଥନୈତିକ କାର୍ଯ୍ୟକଳାପର ପଦ୍ଧତିରେ ପୂର୍ଣ୍ଣ ପରିବର୍ତ୍ତନ ଅଣାଯାଇ ଜୀବନଶୈଳୀରେ ଗୁଣାତ୍ମକ ମାନର ସମଭାବପନ୍ନ ବିକାଶକୁ ଏହା ପରିମାପକ ଭାବରେ ଗ୍ରହଣ କରିଥାଏ ।

୧୯୭୩ ମସିହାରେ ପ୍ରକାଶିତ E.F. Schumacherଙ୍କ ପ୍ରଖ୍ୟାତ ପୁସ୍ତକ "Small is Beautiful" (କ୍ଷୁଦ୍ର ହିଁ ସୁନ୍ଦର)ରେ କିଭଳି ଆଧୁନିକ ଶିଳ୍ପୋନ୍ନତ ରାଷ୍ଟ୍ରମାନେ ପ୍ରାକୃତିକ ସମ୍ପଦର ଅତ୍ୟଧିକ ଉପଯୋଗ କରିବା ଦ୍ୱାରା ନିଜ ସମାଧି ନିଜେ ଖୋଳୁଛନ୍ତି ବୋଲି ବହୁଳ ଭାବେର ଉଲ୍ଲିଖିତ ହୋଇଛି । ଏହା ବିଶ୍ୱତାପନ, ଅନିଶ୍ଚିତ ପାଣିପାଗ, ଓଜୋନ୍ ସ୍ତରରେ କ୍ଷୟ, ଗ୍ରୀନ୍ ହାଉସ୍ ପ୍ରଭାବ ଭଳି ଭୟାନକ ବିପଦ ସୃଷ୍ଟି କରିଛି । କେତେକ ପ୍ରାକୃତିକ ସମ୍ପଦ ଉତ୍ସ ପୁନଃ ନବୀକରଣ ଯୋଗ୍ୟ ନୁହନ୍ତି, ଥରେ ଅବକ୍ଷୟ ହେଲାପରେ ଆଉଥରେ ସେଗୁଡ଼ିକୁ ସୃଷ୍ଟି କରାଯାଇ ପାରିବ ନାହିଁ । ଏଣୁ E.F. Schumacher ମତ ଦେଇଛନ୍ତି ଯେ ଅତ୍ୟଧିକ ମାତ୍ରାରେ କରାଯାଉଥିବା

ଉତ୍ପାଦନ ପରିମାଣକୁ ମନୁଷ୍ୟର ଆବଶ୍ୟକତା ଭିତ୍ତିରେ ନିୟନ୍ତ୍ରଣ କରାଯାଇ ଉତ୍ପାଦନ ପ୍ରକ୍ରିୟାରୁ ବର୍ହିଗତ କରାଯାଉ। ସ୍ୱଳ୍ପ ଆବଶ୍ୟକତା ଥିବା ଏବଂ କ୍ଷୁଦ୍ରତର ସ୍ତରରେ ଏକତ୍ରିତ ହୋଇଥିବା ଛୋଟ ଛୋଟ ମାନବ ବସତି ପ୍ରକୃତ ପକ୍ଷେ ପରିବେଶବିତ୍‌ମାନଙ୍କ ମାନସପ୍ରସୂତ କ୍ଷୁଦ୍ର ପୃଥିବୀ। ଏହା ହିଁ Schumacherଙ୍କ 'କ୍ଷୁଦ୍ର ହିଁ ସୁନ୍ଦର' ଉପସ୍ଥାପନାର ନିର୍ଯ୍ୟାସ। ପରିଶେଷରେ ଏକଥା ମଧ୍ୟ କହିବା ପ୍ରାସଙ୍ଗିକ ହେବ ଯେ, ସନ୍ତୁଳିତ ବିକାଶ ମଧ୍ୟ ଗାନ୍ଧୀବାଦୀ ବିକାଶ ନୀତିର ଅନୁପନ୍ଥୀ। ଧନୀକ ରାଷ୍ଟ୍ରମାନଙ୍କୁ ଏହା ପ୍ରାକୃତିକ ସମ୍ପଦ ଅପଚୟ ନ କରି ଏହାର ବ୍ୟବହାରକୁ ସୀମିତ ରଖିବା ପାଇଁ ନିବେଦନ କରିଥାଏ। ଏହି ଉପାୟରେ ପ୍ରକୃତିର ଅତ୍ୟଧିକ ଉପଯୋଗ ରୋକାଯାଇ ପାରିବା ସହିତ ଅମୂଲ୍ୟ ସମ୍ପଦର ସୁରକ୍ଷା ଏ ପୀଢ଼ିରୁ ଭବିଷ୍ୟତ ପୀଢ଼ି ପର୍ଯ୍ୟନ୍ତ କରାଯାଇପାରିବ।

ଉପସଂହାର :

ବିକାଶ ପ୍ରତ୍ୟେକ ରାଷ୍ଟ୍ରର ଅଭିଳିଷିତ ସ୍ୱପ୍ନ। ଏହା ସ୍ୱତଃସ୍ଫୁର୍ତ୍ତ, ଅଦମନୀୟ। ଏହା କେବଳ ଭୌତିକ ବିକାଶକୁ ବୁଝାଏ ନାହିଁ। ଏହା ଗଣତାନ୍ତ୍ରିକ ପଦ୍ଧତିରେ ସମ୍ଭବ ହୋଉଥିବା ସାମାଜିକ ସମାନତା ଏବଂ ନ୍ୟାୟିକ ବ୍ୟବସ୍ଥା ସହିତ ଜନସାଧାରଣଙ୍କ ଜୀବନଧାରଣ ମାନରେ ପୋଷଣୀୟ ଅଭିବୃଦ୍ଧି ଏବଂ ପ୍ରଗତି ହାସଲ କରିବା। ରାଷ୍ଟ୍ରକୁ ବିକଶିତ କରିବାକୁ ହେଲେ ସାମଗ୍ରିକ ବିକାଶ ସହ (ରାଜନୈତିକ, ସାମାଜିକ, ଅର୍ଥନୈତିକ) ପରିବେଶ ପ୍ରତି ମଧ୍ୟ ଅଧିକ ଯତ୍ନଶୀଳ ହେବାକୁ ପଡିବ। ସେଥିପାଇଁ ବର୍ତ୍ତମାନ ଉଭୟ ସନ୍ତୁଳିତ ବିକାଶ ଓ ସନ୍ତୁଳିତ ପରିବେଶ ଉପରେ ଗୁରୁତ୍ୱ ଦିଆଯାଉଛି।

ସଂକ୍ଷିପ୍ତ ସୂଚନା

(୧) ବିକାଶ ଏକ ସକାରାତ୍ମକ ବିଷୟବସ୍ତୁ।

(୨) ସଂକୀର୍ଣ୍ଣ ବିଚାରରେ 'ବିକାଶ'କୁ ଅର୍ଥନୈତିକ ଅଭିବୃଦ୍ଧି ବୋଲି ଅଭିହିତ କରାଯାଏ। ମାତ୍ର ବୃହତ୍ତର ଦୃଷ୍ଟିରେ ଏହା ଉଭୟ ଭୌତିକ ଏବଂ ମାନବିକ ବିକାଶ ବୋଲି କୁହାଯାଏ।

(୩) ବିକାଶ ଏକ ବହୁ ଅର୍ଥବୋଧକ ତତ୍ତ୍ୱ। ଏହା ଶାସନ ବ୍ୟବସ୍ଥା, ସମାଜ ଏବଂ ଅର୍ଥନୀତିର ଏକ ସାମଗ୍ରୀକତା। ରାଜନୈତିକ ସ୍ତରରେ ଏହା ଉଦାର ଗଣତାନ୍ତ୍ରିକ ବ୍ୟବସ୍ଥା, ଅର୍ଥନୈତିକ ସ୍ତରରେ ପ୍ରତିଯୋଗିତାମୂଳକ ବଜାର ବ୍ୟବସ୍ଥା ଏବଂ ସମାଜିକ ସ୍ତରରେ ସୁବିଧା ସୁଯୋଗର ସମାନତାକୁ ପ୍ରୋତ୍ସାହିତ କରେ।

(୪) 'ଶିଳ୍ପ ବିପ୍ଳବ' ପରେ 'ବିକାଶ' ଶବ୍ଦଟି ସମସ୍ତଙ୍କୁ ଆକର୍ଷିତ କଲା, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପ୍ରଖ୍ୟାତ ହେଲା ଏବଂ ୧୯୫୦ ତଥା ୬୦ ଦଶକରେ ଲୋକପ୍ରିୟତା ହାସଲ କରିବା ସହିତ ଧ୍ୟାନ ଆକର୍ଷଣକାରୀ ହେଲା।

(୫) 'ବିକାଶ'ର ଏକାଧିକ ପ୍ରତିରୂପ ରହିଛି ଯେଉଁଥିରୁ ୨ଟି ପ୍ରମୁଖ ପ୍ରତିରୂପ ହେଲା 'ପୁଞ୍ଜିବାଦୀ' ଏବଂ 'ସମାଜବାଦୀ' ପ୍ରତିରୂପ।

(୬) 'ସନ୍ତୁଳିତ ବିକାଶ' ଏଭଳି ବିକାଶ ଆଣିବାକୁ ପ୍ରୟାସ କରେ ଯାହାଦ୍ୱାରା ଅର୍ଥନୈତିକ ଓ ସାମାଜିକ ବିକାଶର ଧାରା ଅବ୍ୟାହତ ରହିବା ସହ ପରିବେଶ ଅକ୍ଷତ ରହିବ, ପ୍ରାକୃତିକ ସମ୍ପଦର ଉଦ୍‌ବୃତ୍ତ ବିନିଯୋଗ ହେବ ନାହିଁ ଓ ପ୍ରଦୂଷଣର ମାତ୍ରା କମିବ। ଏହା ଗାନ୍ଧୀବାଦୀ ବିକାଶ ତତ୍ତ୍ୱର ସହଗାମୀ।

ଆଦର୍ଶ ପ୍ରଶ୍ନାବଳୀ

('କ' - ବିଭାଗ)

୧. ଠିକ୍ ଉତ୍ତରଟି ବାଛ :

(କ) ଭାରତ ଏକ–

(i) ସମାଜବାଦୀ ରାଷ୍ଟ୍ର (ii) ବିକଶିତ ରାଷ୍ଟ୍ର

(iii) ଔପନିବେଶିକ ରାଷ୍ଟ୍ର (iv) ବିକାଶଶୀଳ ରାଷ୍ଟ୍ର

(ଖ) ପୁଞ୍ଜିବାଦୀ ପ୍ରତିରୂପ କାହା ଉପରେ ଗୁରୁତ୍ୱ ଦିଏ ?

(i) ଘରୋଇ ମାଲିକାନା (ii) ଜାତୀୟ ଆୟ ବୃଦ୍ଧି

(iii) ମୁଣ୍ଡପିଛା ଆୟ ବୃଦ୍ଧି (iv) ଏ ସମସ୍ତ

(ଗ) ସମାଜବାଦୀ ପ୍ରତିରୂପ କାହା ଉପରେ ଗୁରୁତ୍ୱ ଦିଏ ?

(i) ଘରୋଇ ମାଲିକାନା (ii) ଉତ୍ପାଦନ ପନ୍ଥାର ଘରୋଇକରଣ ଓ ସମାନତା ପ୍ରତିଷ୍ଠା

(iii) ସାମାଜିକ ସ୍ଥିତି ଓ ମୁଣ୍ଡପିଛା ଆୟବୃଦ୍ଧି (iv) କୌଣସିଟି ନୁହେଁ

(ଘ) 'କ୍ଷୁଦ୍ର ହିଁ ସୁନ୍ଦର'(Small is beautiful) ପୁସ୍ତକ କିଏ ରଚନା କରିଛନ୍ତି ?

(i) E.M. ସୁମାକର୍ (ii) ମାର୍କ୍ସ

(iii) ଜନ୍ ଲକ୍ (iv) ମହାତ୍ମା ଗାନ୍ଧୀ

(ଙ) ନିରନ୍ତର ବିକାଶର କେଉଁ ପିଢୀ ଉପରେ ଗୁରୁତ୍ୱ ଦିଆଯାଇଛି ?

(i) ଅତୀତ (ii) ବର୍ତ୍ତମାନ

(iii) ଭବିଷ୍ୟତ (iv) ବର୍ତ୍ତମାନ ଓ ଭବିଷ୍ୟତ

୨. ପ୍ରତ୍ୟକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟ ବା ସଂକ୍ଷେପରେ ଦିଅ :

(କ) ବିକାଶ କ'ଣ ?

(ଖ) ବିକାଶର କେଉଁ ପ୍ରତିରୂପ ଭାରତରେ ପ୍ରଚଳିତ ?

(ଗ) ପୁଞ୍ଜିବାଦୀ ବିକାଶ ପ୍ରତିରୂପ କ'ଣ ?

(ଘ) ସମାଜବାଦୀ ବିକାଶ ପ୍ରତିରୂପ କ'ଣ ?

(ଙ) ନିରନ୍ତର ବିକାଶ କହିଲେ କ'ଣ ବୁଝ ?

(ଚ) 'ନିରନ୍ତର ବିକାଶ'ର ସର୍ବାଦୃତ ସଂଜ୍ଞା ପ୍ରଥମେ କେଉଁ ବିବରଣୀରେ ପ୍ରକାଶିତ ହୋଇଥିଲା ?

('ଖ' - ବିଭାଗ)

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ :

୧. ବିକାଶ କ'ଣ ? ଏହାର ବିଭିନ୍ନ ପ୍ରତିରୂପ (Model) ଗୁଡ଼ିକ ଆଲୋଚନା କର।

୨. 'ନିରନ୍ତର ବିକାଶ' ସମ୍ବନ୍ଧରେ ଆଲୋଚନା କର।

❑●❑

ଦଶମ ଅଧ୍ୟାୟ

ସମ୍ବିଧାନର ଦର୍ଶନ
(PHYLOSOPHY OF THE CONSTITUTION)

ସମ୍ବିଧାନର ଅର୍ଥ ଓ ଗୁରୁତ୍ୱ :

ପ୍ରତ୍ୟେକ ରାଷ୍ଟ୍ର, ତାହାର ଆକାର ପ୍ରକାର ଯାହା ହେଉ ନା କାହିଁକି, ଏକ ସମ୍ବିଧାନ ଆବଶ୍ୟକ କରେ। କାରଣ ରାଷ୍ଟ୍ରର ସୁପରିଚାଳନା ନିମିତ୍ତ କେତେକ ମୌଳିକ ନୀତି ରହିବା ଦରକାର। ରାଷ୍ଟ୍ରଶାସନ ପାଇଁ ଉଦ୍ଦିଷ୍ଟ ଏହି ମୌଳିକ ନୀତି ଓ ନିୟମାବଳୀକୁ 'ସମ୍ବିଧାନ' ଆଖ୍ୟା ଦିଆଯାଇଥାଏ।

ରାଜନୀତିବିଜ୍ଞାନର ବହୁ ଲେଖକ ସେମାନଙ୍କ ନିଜ ଦୃଷ୍ଟିରେ ସମ୍ବିଧାନର ସଂଜ୍ଞା ନିରୂପଣ କରିଛନ୍ତି। ଅଷ୍ଟିନ୍‌ଙ୍କ ମତରେ "ଏକ ସର୍ବୋଚ୍ଚ ସରକାରର ରୂପରେଖ ନିର୍ଣ୍ଣୟ କରିବା ହେଉଛି ସମ୍ବିଧାନ।" ଉଲ୍‌ସେଙ୍କ ବିଚାରରେ, "ସରକାରର କ୍ଷମତା ଶାସିତର ଅଧିକାର ଏବଂ ସେମାନଙ୍କୁ ସମନ୍ୱିତ କରୁଥିବା ନୀତିସମୂହ ହେଉଛି ସମ୍ବିଧାନ।" ବ୍ରାଇସ୍‌ଙ୍କ ମତରେ "ସରକାରଙ୍କ କ୍ଷମତା ପରିସରକୁ ନିର୍ଦ୍ଧାରିତ କରୁଥିବା ଏବଂ ନିର୍ଦ୍ଦେଶ ହେଉଥିବା ପ୍ରତିଷ୍ଠିତ ନିୟମାବଳୀକୁ ସମ୍ବିଧାନ କୁହାଯାଏ।" ରାଜନୀତିବିଜ୍ଞାନୀ ଗୀଲ୍‌ଖ୍ରୀଷ୍ଟ କହିଛନ୍ତି, "ଯେଉଁ ସବୁ ଲିଖିତ ବା ଅଲିଖିତ ନିୟମ ବା ବିଧାନସମୂହ ସରକାରର ବିଭିନ୍ନ ଅଙ୍ଗ ନିର୍ଣ୍ଣୟ କରି ସେମାନଙ୍କ ମଧ୍ୟରେ କ୍ଷମତା ଏବଂ ଦାୟିତ୍ୱ ବଣ୍ଟନ କରେ ଏବଂ ଉକ୍ତ ସଂସ୍ଥାମାନେ କେଉଁ ନୀତି ଓ ପ୍ରଣାଳୀରେ କ୍ଷମତା ପ୍ରୟୋଗ କରିବେ, ତାହା ନିର୍ଦ୍ଧାରଣ କରେ, ତାକୁ ସମ୍ବିଧାନ କୁହାଯାଏ।

ଆଧୁନିକ ଗଣତାନ୍ତ୍ରିକ ସରକାର ସମ୍ବିଧାନ ଓ ସାମ୍ବିଧାନିକ ବ୍ୟବସ୍ଥା ଉପରେ ନିର୍ଭରଶୀଳ। ସମ୍ବିଧାନ ଏକ ଦେଶର ରାଜନୈତିକ ଓ ପ୍ରଶାସନିକ ବ୍ୟବସ୍ଥା ତଥା ମୂଲ୍ୟବୋଧକୁ ପ୍ରତିଫଳିତ କରିଥାଏ। ଏଥିପାଇଁ ଏହାକୁ ଦେଶର ମୌଳିକ ଆଇନ ବୋଲି ଅଭିହିତ କରାଯାଇଥାଏ। ସମ୍ବିଧାନ ଏକ ଅସ୍ତିବାଚକ ଆଇନ। ଏହା ଅନ୍ୟ ସମସ୍ତ ଆଇନ୍, ପ୍ରଥା ଓ ପରମ୍ପରାର ଉର୍ଦ୍ଧ୍ୱରେ। ଏହା ଦେଶର ଭବିଷ୍ୟତ କାର୍ଯ୍ୟାବଳୀକୁ ନିର୍ଦ୍ଦେଶିତ କରିଥାଏ। ସ୍ୱାଧୀନତା, ନ୍ୟାୟ ଓ ବିକାଶକୁ ନିଶ୍ଚିତ କରାଇବା ପ୍ରତ୍ୟେକ ଗଣତାନ୍ତ୍ରିକ ସମ୍ବିଧାନର ଆଦର୍ଶ। ଉପରୋକ୍ତ ପ୍ରସଙ୍ଗଗୁଡ଼ିକ ଭାରତୀୟ ସମ୍ବିଧାନର ମୁଖବନ୍ଧରେ ପ୍ରତିଫଳିତ। ସାମ୍ବିଧାନିକ ବ୍ୟବସ୍ଥାରେ ସରକାର ଓ ନାଗରିକମାନେ ସମ୍ବିଧାନର ନୀତିକୁ ସମ୍ମାନ ଦିଅନ୍ତି। ସମ୍ବିଧାନ କାହିଁକି ଗୁରୁତ୍ୱପୂର୍ଣ୍ଣ- ଏ ପ୍ରଶ୍ନ ସମସ୍ତଙ୍କୁ ଆନ୍ଦୋଳିତ କରିଥାଏ। ଏହାର ଉତ୍ତର ସରଳ। ସମ୍ବିଧାନ ରାଜନୈତିକ ବ୍ୟବସ୍ଥାକୁ ପରିଚାଳିତ କରୁଥିବା ନିୟମ ସୃଷ୍ଟି କରିଥାଏ। କାର୍ଯ୍ୟପାଳିକା, ବ୍ୟବସ୍ଥାପିକା, ନ୍ୟାୟପାଳିକା ଆଦି ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନଗୁଡ଼ିକୁ ପ୍ରତିଷ୍ଠା କରିବା ସହ ସେମାନଙ୍କର କ୍ଷମତା ଓ କାର୍ଯ୍ୟ ନିର୍ଦ୍ଧାରଣ କରିଥାଏ। ନାଗରିକମାନଙ୍କର ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ଏହା ମଧ୍ୟ ଉଲ୍ଲେଖ କରିଥାଏ।

ସମ୍ବିଧାନର ଦର୍ଶନ ହେଉଛି ଏକ ସନ୍ତୁଳିତ ଶାସନ ବ୍ୟବସ୍ଥା । ଦେଶର ନାଗରିକଙ୍କ ଅଧିକାରକୁ ସୁରକ୍ଷିତ କରିବା, ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାର ଅସୀମ କ୍ଷମତାକୁ ଉପଯୁକ୍ତ ବ୍ୟବସ୍ଥା ଦ୍ୱାରା ଦୁରୁପଯୋଗ ନ କରିବାରୁ ରକ୍ଷାକରିବା ।

ଭାରତର ସମ୍ବିଧାନ ପ୍ରଣୟନ ସଭା :

ସ୍ୱାଧୀନ ଭାରତବର୍ଷ ପାଇଁ ନିଜସ୍ୱ ଏକ ସମ୍ବିଧାନ ପ୍ରଣୟନ କରିବା ସବୁଠାରୁ ବଡ ଆହ୍ୱାନ ଥିଲା । ବିଭିନ୍ନତା ମଧ୍ୟରେ ଏକତା ନୀତି ଭିତ୍ତିରେ ସମ୍ବିଧାନ ପ୍ରଣୟନ କରିବା ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ଏକ ପ୍ରାକ୍ ସର୍ତ୍ତ ଥିଲା । ଭାରତୀୟ ସମ୍ବିଧାନର ଐତିହାସିକ ପ୍ରକ୍ରିୟା ବିଶ୍ୱ ସାମ୍ବିଧାନିକ ଇତିହାସର ଏକ ବିରଳ ଅଧ୍ୟାୟ । ଜାତୀୟ ସ୍ୱାଧୀନତା ସଂଗ୍ରାମର ବିଭିନ୍ନ ପର୍ଯ୍ୟାୟ ତଥା ବ୍ରିଟିଶ୍ ଶାସନର ସୀମିତ ସାମ୍ବିଧାନିକ ସଂସ୍କାରଗୁଡ଼ିକ ମଧ୍ୟରୁ ସମ୍ବିଧାନିକ ପ୍ରକ୍ରିୟା ଜନ୍ମଲାଭ କରିଛି । ସମ୍ବିଧାନ ନିର୍ମାତାମାନେ ଅତୀତକୁ ପୂରା ଛାଡି ନ ଯାଇ ଧାରାବାହିକତା ବଜାୟ ରଖିଛନ୍ତି । ସମ୍ବିଧାନୟ ପ୍ରଣୟନ ସଭା ମାଧ୍ୟମରେ ସମ୍ବିଧାନ ତିଆରି କରିବାର ବିଚାର ଧାରା ବ୍ରିଟିଶ ସାମ୍ରାଜ୍ୟ ପାଇଁ ଗ୍ରହଣୀୟ ନ ଥିଲା । ପ୍ରଥମେ ଏମ୍.ଏନ୍. ରାୟ ୧୯୩୪ ମସିହାରେ ଏପରି ଏକ ଦାବି କରିଥିଲେ । ପରବର୍ତ୍ତୀ ସମୟରେ ୧୯୩୫ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ସମ୍ବିଧାନ ପ୍ରଣୟନ ସଭାର ଏହି ଦାବୀ ରଖିଥିଲା । ୧୯୩୮ ମସିହାରେ ଜବାହାରଲାଲ ନେହେରୁ କହିଥିଲେ ଯେ ଦେଶର ସମ୍ବିଧାନ, ବିନା ହସ୍ତକ୍ଷେପରେ ସ୍ୱାଧୀନ ଭାରତର ସମ୍ବିଧାନ ପ୍ରଣୟନ ସଭା ଦ୍ୱାରା ପ୍ରସ୍ତୁତ ହେବା ଆବଶ୍ୟକ । ବ୍ରିଟିଶ ସରକାର ୧୯୪୦ ମସିହାରେ ଏହି ଦାବିକୁ ଗ୍ରହଣ କରିଥିଲେ ଓ ଏହା 'ଅଗଷ୍ଟ ଅଫର୍' ଭାବରେ ପରିଚିତ । ୧୯୪୨ ମସିହାର ସାର୍ ଷ୍ଟାଫୋର୍ଡ କ୍ରିପ୍‌ସ ଏ ସମ୍ପର୍କରେ ଚିଠା ପ୍ରସ୍ତାବ ଧରି ଭାରତ ଆସଥିଲେ । ଏ ପ୍ରସ୍ତାବକୁ ମୁସଲିମ୍ ଲିଗ୍ ପ୍ରତ୍ୟାଖ୍ୟାନ କରିଥିଲା । ୧୯୪୬ ମସିହା ମାର୍ଚ୍ଚ ମାସରେ ବ୍ରିଟିଶ୍ କ୍ୟାବିନେଟ୍‌ର ଏକ କମିଟି ଭାରତ ରାଜନୈତିକ ବ୍ୟବସ୍ଥାର ଅନୁଧ୍ୟାନ ଓ ସମ୍ବିଧାନ ତିଆରି କରିବା ଯୋଜନା ପାଇଁ ପରିଦର୍ଶନରେ ଆସିଥିଲେ । କ୍ୟାବିନେଟ୍ ମିଶନ୍ ନାମରେ ଏ କମିଟି ପରିଚିତ । ଏହାର ନେତୃତ୍ୱ ନେଇଥିଲେ ସାର୍ ପେଥିକ୍ ଲରେନ୍‌ସ । ମୁଖ୍ୟ ରାଜନୈତିକ ଦଳମାନଙ୍କରେ ବୁଝାମଣା ପାଇଁ ସିମ୍‌ଲାରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହା ବିଫଳ ହେବାରୁ କ୍ୟାବିନେଟ୍ ମିଶନ ନିଜସ୍ୱ ଯୋଜନା ଘୋଷଣା କରିଥିଲେ । ସମସ୍ତ ମୁଖ୍ୟ ଗୋଷ୍ଠୀମାନଙ୍କର ପ୍ରତିନିଧିମାନଙ୍କୁ ନେଇ ସମ୍ବିଧାନ ପ୍ରଣୟନ ସଭା ଗଠନ କରିବାକୁ ମିଶନ ପ୍ରସ୍ତାବ ଦେଇଥିଲେ । ଏଥିପାଇଁ ନିର୍ବାଚନ କରିବାର ସମୟ ନ ଥିବାରୁ ଓ ନିକଟରେ ପ୍ରାଦେଶିକ ନିର୍ବାଚନ ସମାପ୍ତ ହୋଇଥିବାରୁ ଏହି ପ୍ରାଦେଶିକ ବିଧାନସଭା ଦ୍ୱାରା ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟଙ୍କୁ ନିର୍ବାଚିତ କରିବାକୁ ପ୍ରସ୍ତାବ ରଖାଯାଇଥିଲା । ସେହିପରି ୫୬୬ଟି ରାଜ୍ୟକୁ ୯୩ଟି ସିଟ୍ ପ୍ରଦାନ କରାଯାଇଥିଲା । ଅବଶ୍ୟ ପରେ ଏହା ସ୍ଥିର କରାଗଲା ଯେ, ଏହି ରାଜ୍ୟମାନଙ୍କ ଆସନରୁ ଅଧା ସଦସ୍ୟ ନିର୍ବାଚିତ ହେବେ ଅନ୍ୟମାନେ ରାଜାମାନଙ୍କ ଦ୍ୱାରା ମନୋନୀତ ହେବେ । ପରୋକ୍ଷ ଭାବରେ ସଭ୍ୟମାନେ ନିର୍ବାଚିତ ହୋଇଥିଲେ । ଭାରତୀୟ ଜାତୀୟ କଂଗ୍ରେସର ୨୦୮ଟି ଆସନ ଥିଲାବେଳେ ମୁସ୍‌ଲିମ ଲିଗ୍‌ର ୭୩ ଓ ଅନ୍ୟମାନଙ୍କର ୧୫ଟି ଆସନ ଥିଲା । ପ୍ରତ୍ୟେକ୍ଷ ନିର୍ବାଚନ ହୋଇ ନ ଥିଲେ ମଧ୍ୟ ପ୍ରାୟ ସବୁ ଗୋଷ୍ଠୀ ଓ ବର୍ଗର ପ୍ରତିନିଧିତ୍ୱ ଏଥିରେ ଥିଲା । ସମ୍ବିଧାନ ପ୍ରଣୟନ ସଭାର ପ୍ରଥମ ବୈଠକ ୧୯୪୬ ମସିହା ଡିସେମ୍ବର ୯ ତାରିଖରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମୁସ୍‌ଲିମ ଲିଗ୍ ଯୋଗଦେଇ ନ ଥିଲେ । ୨୧୧ ଜଣ ସଭ୍ୟ ଏଥିରେ ଉପସ୍ଥିତ ଥିଲେ । ଅସ୍ଥାୟୀ ଭାବରେ ଡଃ ସଚ୍ଚିଦାନନ୍ଦ ସିହ୍ନାଙ୍କୁ ସଭାପତି ନିର୍ବାଚିତ କରାଯାଇଥିଲା । କିନ୍ତୁ ପରେ, ଅର୍ଥାତ୍ ୧୯୪୬ ମସିହା

ଡିସେମ୍ବର ୧୧ ତାରିଖରେ ରାଜେନ୍ଦ୍ର ପ୍ରସାଦଙ୍କୁ ସଭାପତି ଓ ଏଚ୍.ସି. ମୁଖାର୍ଜୀଙ୍କୁ ଉପସଭାପତି ଭାବରେ ନିର୍ବାଚିତ କରାଯାଇଥିଲା । ଏହି ସଭାର ଏକ ଚିଠା ପ୍ରସ୍ତୁତ କମିଟି (Draffting Committee) ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ସାତଜଣ ସଭ୍ୟଙ୍କୁ ନେଇ ଗଠନ କରାଯାଇଥିଲା । ଅନ୍ୟ ସଭ୍ୟମାନେ ହେଲେ ଏନ୍. ଗୋପାଳସ୍ୱାମୀ ଆୟାଙ୍ଗର, ଆଲ୍ଲାଡି କ୍ରୀଷ୍ଣାସ୍ୱାମୀ ଆୟାର, କେ.ଏମ୍. ମୁନ୍‌ସୀ, ସୟଦ ମହମ୍ମଦ ସାଦୁଲା, ଏନ୍. ମାଧବ ରାଓ, ଟି.ଟି. କ୍ରିଷ୍ଣମାଚାରୀ । ୧୩ ଡିସେମ୍ବର ୧୯୪୬ ମସିହାରେ ଜବାହାରଲାଲ୍ ନେହେରୁ ସମ୍ବିଧାନର ଲକ୍ଷ ସମ୍ପର୍କରେ ଏକ ଐତିହାସିକ ପ୍ରସ୍ତାବ ଆଗତ କରିଥିଲେ । ଏହା ସାମ୍ବିଧାନିକ ଦର୍ଶନ ଓ ଲକ୍ଷ୍ୟକୁ ପ୍ରତିଫଳିତ କରିଥିଲା । ଏହି ପ୍ରସ୍ତାବକୁ ୧୯୪୬ ମସିହା ଜାନୁୟାରୀ ୨୨ ତାରିଖରେ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଏହାର ସଂଶୋଧିତ ରୂପରେଖ ସମ୍ବିଧାନର ମୁଖବନ୍ଧ ରୂପେ ପ୍ରକାଶିତ ହୋଇଥିଲା । ଭାରତର ବିଭାଜନ ଫଳରେ ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ସଂଖ୍ୟା ୨୯୯କୁ କମିଲା । ଭାରତର ସ୍ୱାଧୀନତା ଆଇନ୍ ୧୯୪୭ ଦ୍ୱାରା ସମ୍ବିଧାନ ପ୍ରଣୟନ ସଭାର ସ୍ଥିତିର ସାମାନ୍ୟ ପରିବର୍ତ୍ତନ ହେଲା । ଏହି ସଭାକୁ ସମ୍ପୂର୍ଣ୍ଣ ସାର୍ବଭୌମ ସଭା ରୂପେ ଘୋଷଣା କରାଗଲା ଓ ଏହାକୁ ଏକ ବ୍ୟବସ୍ଥାପିକା ସଭାରେ ପରିଣତ କରାଗଲା । ଏହି ସଭାର ସେ ସମୟର ସବୁଠାରୁ ପ୍ରତିଭାବାନ୍ ବ୍ୟକ୍ତିମାନେ ଥିଲେ । ବିଭିନ୍ନ ଆଦର୍ଶ ଓ ବିଚାରକୁ ପ୍ରତିନିଧିତ୍ୱ ଦେବା ପାଇଁ ଉଦ୍ୟମ କରୁଥିଲେ । ସମ୍ବିଧାନ ନିର୍ମାଣର ଇତିହାସରେ ଭାରତ ପରି ଖୁବ୍ କମ୍ ଉଦାହରଣ ଅଛି, ଯେଉଁଠାରେ ପ୍ରଚଣ୍ଡ ବିତର୍କ ହେବା ସତ୍ତ୍ୱେ ସଭ୍ୟମାନେ ଅଟକି ନ ଯାଇ ଆଗକୁ ବଢ଼ିଛନ୍ତି ଓ ସମୟସୀମା ମଧ୍ୟରେ ସମ୍ବିଧାନ ପ୍ରଣୟନ କରିଛନ୍ତି । ସମସ୍ତ ମୁଖ୍ୟ ବିଷୟ ଉପରେ ସହମତି ପ୍ରକାଶ ପାଇଛି । ପ୍ରମୁଖ ସଭ୍ୟମାନଙ୍କ ମଧ୍ୟରେ ଥିଲେ ମୌଲାନା ଆଜାଦ୍, ଜବାହାରଲାଲ୍ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ଡଃ ରାଜେନ୍ଦ୍ର ପ୍ରସାଦ । ଅନ୍ୟତମ ମୁଖ୍ୟ ବିଦ୍ଧାଣୀ ହେଉଛନ୍ତି ଡଃ ଭୀମରାଓ ଆମ୍ବେଦକର । ସେ ଚିଠା କମିଟିର ମୁଖ୍ୟ ଥିଲେ ଏବଂ ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କମିଟି ଥିଲା । ସମ୍ବିଧାନ ପ୍ରଣୟନ ସଭା ବିଭିନ୍ନ ପ୍ରସଙ୍ଗ ଉପରେ ଅନେକ କମିଟି ଗଠନ କରିଥିଲେ । କେତେକ କମିଟି ସଭାର ବାହାର ଲୋକଙ୍କର ମତାମତ ମଧ୍ୟ ଗ୍ରହଣ କରିଥିଲେ । କମିଟିଗୁଡ଼ିକ ପ୍ରାଥମିକ ପର୍ଯ୍ୟାଲୋଚନା ପରେ ସେମାନଙ୍କ ପ୍ରସ୍ତାବ ଗୁଡ଼ିକୁ ଚିଠା କମିଟିକୁ ପଠାଇ ଦେଇଥିଲେ । ସମ୍ବିଧାନ ସମ୍ପର୍କରେ ଆଲୋଚନା ଗଭୀର ଓ ବ୍ୟାପକ ହୋଇଥିଲା । ବିଭିନ୍ନ କମିଟିର ପ୍ରସ୍ତାବକୁ ବିଚାର କରି ଏହି କମିଟି ଭାରତୀୟ ସମ୍ବିଧାନର ପ୍ରଥମ ଚିଠା ଫେବୃୟାରୀ ୧୯୪୮ ମସିହାରେ ପ୍ରକାଶ କରିଥିଲା । ଏହା ଉପରେ ସଂଶୋଧନ ପ୍ରସ୍ତାବକୁ ଆଗତ କରିବାକୁ ୮ ମାସ ସମୟ ଦିଆଗଲା । ଦ୍ୱିତୀୟ ଚିଠା ଅକ୍ଟୋବର ୧୯୪୮ ମସିହାରେ ପ୍ରକାଶିତ ହୋଇଥିଲା । ଏହି କମିଟି ୧୪୧ ଦିନ କାର୍ଯ୍ୟ କରିଥିଲା । ସଂସଦର ଚିଠା ଆଇନ୍ ଯେଉଁ ପ୍ରଣାଳୀରେ ଅନୁମୋଦିତ ହୁଏ ସେହି ପ୍ରଣାଳୀରେ ଯଥା ପଥ୍ରମ ପଠନ, ଦ୍ୱିତୀୟ ପଠନ ଓ ତୃତୀୟ ପଠନ ଅବଲମ୍ବନରେ ସମ୍ବିଧାନର ଚିଠା ପ୍ରସ୍ତାବ ଗୃହୀତ ହୋଇଥିଲା । ୧୯୪୮ ମସିହା ନଭେମ୍ବର ୪ ତାରିଖରେ ଡଃ ବି.ଆର. ଆମ୍ବେଦକର ଚିଠା ପ୍ରସ୍ତାବକୁ ସଭାରେ ଆଗତ କରିଥିଲେ । ଏହା ଉପରେ ପାଞ୍ଚଦିନ ଧରି ଆଲୋଚନା ଚାଲିଥିଲା । ଦ୍ୱିତୀୟ ଆଲୋଚନା ୧୫ ନଭେମ୍ବର ୧୯୪୮ ମସିହାରୁ ୧୭ ଅକ୍ଟୋବର ୧୯୪୯ ମସିହା ପର୍ଯ୍ୟନ୍ତ ଚାଲିଥିଲା । ପ୍ରାୟ ୭୬୫୩ଟି ସଂଶୋଧନ ପ୍ରସ୍ତାବ ଆସିଥିଲା ଓ ଏଥିମଧ୍ୟରୁ ୨୪୭୩ଟି ଉପରେ ଆଲୋଚନା ହୋଇଥିଲା । ୧୪ ନଭେମ୍ବର ୧୯୪୯ ମସିହାରେ ସମ୍ବିଧାନକୁ ଗ୍ରହଣ କରିବା ପାଇଁ ଆମ୍ବେଦକର ପ୍ରସ୍ତାବ ଆଗତ କରିଥିଲେ । ଏହା ୨୬ ନଭେମ୍ବର ୧୯୪୯ ମସିହାରେ

ଗୃହୀତ ହୋଇଥିଲା । ସଭାର ଅଧ୍ୟକ୍ଷ ଡଃ ରାଜନ୍ଦ୍ରେ ପ୍ରସାଦ ଏହାକୁ ୨୯ ନଭେମ୍ବର ୧୯୪୯ରେ ସ୍ୱୀକୃତି ପ୍ରଦାନ କରିଥିଲେ ।

ସମ୍ବିଧାନ ପ୍ରଣୟନ ସଭା ଓ ଏହାର କାର୍ଯ୍ୟ ସମାଲୋଚନାରୁ ମୁକ୍ତ ନ ଥିଲା । କିନ୍ତୁ ଏହି ସମାଲୋଚନା ସ୍ଥିର ନ ଥିଲା । କେତେକ ଅଭିଯୋଗ କରିଥିଲେ ଯେ ସମ୍ବିଧାନ ଭାରତ ସରକାର ଆଇନ୍ ୧୯୩୫ର ପରିବର୍ଦ୍ଧିତ ସଂସ୍କରଣ ଅଟେ । ଏହାର ଉତ୍ତରରେ ଡଃ ବି.ଆର. ଆମ୍ବେଦକର କହିଥିଲେ ଯେ ମୁଁ ଏଥିପାଇଁ ଦୁଃଖିତ ନୁହେଁ । ଅନ୍ୟଠାରୁ ଗ୍ରହଣ କରିବାରେ କିଛି ଲଜ୍ଜିତ ହେବାର ନାହିଁ । ସମ୍ବିଧାନର ମୌଳିକ ବିଚାର କାହାର ପୈତୃକ ଅଧିକାର ନୁହେଁ । ସେହିପରି ମତାମତ କେ.ଏମ୍. ମୁନ୍‌ସି ମଧ୍ୟ ପ୍ରକାଶ କରିଥିଲେ । ତାଙ୍କ ମତରେ ଆମ ମଧ୍ୟରୁ ଅନେକ ବ୍ରିଟିଶ ବ୍ୟବସ୍ଥା ସର୍ବୋତ୍କୃଷ୍ଟ ବ୍ୟବସ୍ଥା ଭାବରେ ଗ୍ରହଣ କରିଛନ୍ତି । ଆମର ସାମ୍ବିଧାନିକ ପରମ୍ପରା ସଂସଦୀୟ ହୋଇଛି । ଏହାକୁ ଛାଡି ନୂଆ ଅନୁଭୂତିକୁ କାହିଁକି ଯିବା ବୋଲି ସେ ପ୍ରଶ୍ନ କରିଥିଲେ । ଆଉ କେତେକଙ୍କ ମତରେ ଆମ ସମ୍ବିଧାନ ପାଶ୍ଚାତ୍ୟ ଅନୁଷ୍ଠାନଗୁଡ଼ିକୁ ଗ୍ରହଣ କରି ଦେଶୀୟ ରାଜନୈତିକ ମୂଲ୍ୟବୋଧକୁ ଅବହେଳା କରିଛି । ସଭାର ଦୁଇଜଣ ସଦସ୍ୟ ସୟଦ ହସ୍‌ରତ ମହାନି ଓ କେ.ଟି. ସାହା ମୁଖବନ୍ଧରେ 'ସମାଜବାଦୀ' ଶବ୍ଦ ସଂଯୋଗ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ । କିନ୍ତୁ ଏପରି ଏକ ସାମାଜିକ ଦର୍ଶନକୁ ନ ରଖିବା ପାଇଁ ଚିଠା କମିଟି ନିଷ୍ପତ୍ତି ନେଇଥିଲା । ଅନ୍ୟ କେତେକ ମଧ୍ୟ ଗାନ୍ଧୀବାଦୀ ଦୃଷ୍ଟିଭଙ୍ଗୀକୁ ଅଣଦେଖା କରିବାର ଅଭିଯୋଗ କରିଥିଲେ । କିନ୍ତୁ ସଭା ଶେଷରେ ସମସ୍ତେ ସମ୍ବିଧାନ ତିଆରି ପ୍ରକ୍ରିୟାରେ ସନ୍ତୋଷ ପ୍ରକାଶ କରିଥିଲେ ।

ସମ୍ବିଧାନ ପ୍ରଣୟନ ଏକ ସହଜ କାର୍ଯ୍ୟ ନ ଥିଲା । ଶହଶହ ବର୍ଷ ଧରି ଅନ୍ୟାୟ, ଅତ୍ୟାଚାର ଓ ଶୋଷଣର ଶିକାର ହୋଇଥିବା ଭାରତୀୟ ଜନସାଧାରଣଙ୍କର ଆଶା ଆକାଂକ୍ଷାକୁ ପୂରଣ କରିପାରୁଥିବା ଏକ ସମ୍ବିଧାନ ନିର୍ମାଣ କରିବା ସମ୍ବିଧାନ ନିର୍ମାତାଙ୍କ ଆଗରେ ସବୁଠାରୁ ବଡ ଆହ୍ୱାନ ଥିଲା । ବିଭିନ୍ନ ଧର୍ମୀୟ, ରାଜନୈତିକ, ସାମାଜିକ ଓ ଆଞ୍ଚଳିକ ଗୋଷ୍ଠୀ ପାଇଁ ଗ୍ରହଣୀୟ ହେବାକୁ ହେଲେ ସେମାନଙ୍କ ସ୍ୱାର୍ଥକୁ ସମ୍ବିଧାନରେ ପ୍ରତିଫଳିତ କରିବାର ଆବଶ୍ୟକତା ଥିଲା । ଏହି ସଂଖ୍ୟା ଗରିଷ୍ଠତା ନୀତି ବଦଳରେ ସହମତି ନୀତିକୁ ସମ୍ବିଧାନ ନିର୍ମାଣ ପ୍ରକ୍ରିୟାରେ ମୁଖ୍ୟ ରୂପେ ଗ୍ରହଣ କରାଯାଇଥିଲା । ଚିଠା କମିଟି ଓ ଏହାର ଅଧ୍ୟକ୍ଷ ଡଃ ବି.ଆର. ଆମ୍ବେଦକରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଐତିହାସିକ ଆହ୍ୱାନର ସମ୍ମୁଖୀନ ହୋଇ ପୃଥିବୀର ଅନ୍ୟତମ ସର୍ବୋତ୍କୃଷ୍ଟ ସମ୍ବିଧାନ ତିଆରି କରିବାରେ ତାଙ୍କର ଜ୍ଞାନ ଓ ଧୈର୍ଯ୍ୟ ପ୍ରଶଂସନୀୟ । ଏଥିପାଇଁ ତାଙ୍କୁ ଯଥାର୍ଥରେ ସମ୍ବିଧାନର ଜନକ ବୋଲି କୁହାଯାଏ । ଅନ୍ୟ ଦେଶମାନଙ୍କରେ ସମ୍ବିଧାନ ନିର୍ମାଣ ଅଧିକ ସମୟ ଲାଗିଥିଲାବେଳେ ଭାରତୀୟ ସମ୍ବିଧାନ ୨ ବର୍ଷ ୧୧ ମାସ ୧୭ ଦିନରେ ପ୍ରଣୟନ କାର୍ଯ୍ୟ ଶେଷ ହୋଇଛି । ଏଯାବତ୍ ଏହି ସମ୍ବିଧାନକୁ ପ୍ରତ୍ୟାଖ୍ୟାନ କରି ନୂତନ ସମ୍ବିଧାନ ନିର୍ମାଣ କରିବାର ଆବଶ୍ୟକତା ଉପୁଜି ନାହିଁ । ସମ୍ବିଧାନ ସଂଶୋଧନ ମାଧ୍ୟମରେ ଦେଶର ରାଜନୈତିକ ଓ ପ୍ରଶାସନିକ ଆବଶ୍ୟକତାକୁ ପୂରଣ କରାଯାଇପାରିଛି । ଆମ୍ବେଦକର ସମ୍ବିଧାନକୁ ଶକ୍ତିଶାଳୀ ବୋଲି ବିଚାର କରିଥିଲେ । ଦୈନନ୍ଦିନ ପ୍ରଶାସନ ତଥା ଜରୁରୀ ସମୟରେ ଆବଶ୍ୟକତାକୁ ସମ୍ବିଧାନ ପୁରଣ କରିପାରିବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଥିଲା । ତାଙ୍କ ମତରେ ନିଜ ଭାଗ୍ୟ ନିଜେ ନିର୍ଦ୍ଧାରଣ କରିବାର କ୍ଷମତା ଲୋକଙ୍କୁ ପ୍ରଦାନ କରିବା ହିଁ ସମ୍ବିଧାନ ପ୍ରଣୟନ ସଭାର ସର୍ବଶ୍ରେଷ୍ଠ ସାଫଲ୍ୟ ଅଟେ । ସେ କହିଥିଲେ ଯେ ସମ୍ବିଧାନରେ ପ୍ରତିଫଳିତ ନୀତି ତାଙ୍କ ସମୟର ମତାମତର ପ୍ରତିଫଳନ । ଭବିଷ୍ୟତରେ ଏହାକୁ ପରିବର୍ତ୍ତନ କରାଯାଇପାରିବ । ସେ ଭବିଷ୍ୟତବାଣୀ କରିଥିଲେ

ଯେ, ସମ୍ବିଧାନ ଯେତେ ଉତ୍ତମ ହେଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରୁଥିବା ବ୍ୟକ୍ତିମାନେ ଖରାପ ହେଲେ ସମ୍ବିଧାନ ଖରାପ ହେବ। ସମାନ ପ୍ରକାର ମତାମତ ଡଃ ରାଜେନ୍ଦ୍ର ପ୍ରସାଦ ୨୬ ନଭେମ୍ବର ୧୯୪୯ ମସିହାରେ ସମ୍ବିଧାନ ପ୍ରଣୟନ ସଭାରେ ତାଙ୍କ ଶେଷ ଭାଷଣରେ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ଦକ୍ଷ ଓ ସଚ୍ଚୋଟ ଲୋକ ଚାହିଁଲେ ଏକ ତ୍ରୁଟିପୂର୍ଣ୍ଣ ସମ୍ବିଧାନକୁ ମଧ୍ୟ ସଫଳ କରିପାରିବେ। କିନ୍ତୁ ଏପରି ଲୋକଙ୍କ ଅଭାବ ହେଲେ ସମ୍ବିଧାନ ଦେଶକୁ ସାହାଯ୍ୟ କରିପାରିବ ନାହିଁ। ଏଣୁ ଭାରତରେ ସାଧୁ ସଚ୍ଚୋଟ ଲୋକଙ୍କ ଆବଶ୍ୟକତା ଅଛି ଯେଉଁମାନେ ସର୍ବଦା ଦେଶର ସ୍ୱାର୍ଥକୁ ନିଜ ଆଗରେ ରଖୁଥିବେ।

ଭାରତର ସମ୍ବିଧାନ

ପ୍ରସ୍ତାବନା (Preamble)

ଭାରତର ସଂବିଧାନକୁ ପୃଥିବୀର ବୃହତ୍ତମ ସମ୍ବିଧାନର ମାନ୍ୟତା ଦିଆଯାଏ। ଏହି ସମ୍ବିଧାନର ସମସ୍ତ ଅନ୍ତର୍ନିହିତ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଏହାର ପ୍ରସ୍ତାବନାରେ ପ୍ରତଫଳିତ ହୋଇଛି। ଏହି ପ୍ରସ୍ତାବନା ହେଉଛି ଆମ ସମ୍ବିଧାନର ପ୍ରକୃତ ମୁଖବନ୍ଧ ବା ଉପକ୍ରମଣିକା। ଏଥିରେ ସମ୍ବିଧାନର ମୌଳିକ ଲକ୍ଷଣ ପ୍ରତିଫଳିତ ହୋଇଛି। ଏହି ପ୍ରସ୍ତାବନା ହେଉଛି :-

"ଆମେ ଭାରତର ଜନସାଧାରଣ ଭାରତକୁ ଏକ **ସାର୍ବଭୌମ, ସାମଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରାଷ୍ଟ୍ର** ଭାବରେ ଗଠନ କରିବା ପାଇଁ ଏବଂ ଏହାର ସମସ୍ତ ନାଗରିକଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ **ନ୍ୟାୟ ବିଚାର,** ଚିନ୍ତା, ଅଭିବ୍ୟକ୍ତି, ମତ, ବିଶ୍ୱାସ ଏବଂ ଉପାସନାର ସ୍ୱାଧୀନତା ସମାନ ସ୍ଥିତି ଓ ସୁଯୋଗର ଅଧିକାରୀ କରାଇବା ଏବଂ ସମସ୍ତଙ୍କ ମଧ୍ୟରେ ବ୍ୟକ୍ତିର ମର୍ଯ୍ୟାଦା ସହିତ ଜାତୀୟ ଐକ୍ୟ ଏବଂ ସଂହତି ପୁଷ୍ଟିକାରୀ ମୈତ୍ରୀର ବିକାଶ ନିମନ୍ତେ ପବିତ୍ର ତଥା ଦୃଢ଼ ସଂକଳ୍ପବଦ୍ଧ ହୋଇ ଆମ୍ଭମାନଙ୍କର ଏହି ଶାସନ ବିଧାୟକ ସଭାରେ ଅଦ୍ୟ ୧୯୪୯ ମସିହା ନଭେମ୍ବର ମାସ ଛବିଶ ଦିନ ଏତଦ୍‌ଦ୍ୱାରା ଏହି ସମ୍ବିଧାନ ଅବଲମ୍ବନ ଓ ପ୍ରଣୟନ କଲୁ ଏବଂ ଆମ୍ଭମାନଙ୍କଠାରେ ତାହା ଅର୍ପଣ କଲୁ।"

"We, The People of India having solemnly resolved to constitute India into a Sovereign Socialist Secular Democratic Republic and to secure to all its citizens, JUSTICE social, economic and political LIBERTY of thought, expression, belief, faith and worship EQUALITY of status and of opportunity and to promote among them all, FRATERNITY assuring the dignity of the individual and the unity and integrity of the nation :

IN OUR CONSTITUENT ASSEMBLY this twenty sixth day of November 1949 do HEREBY ENACT AND GIVE TO OURSELVES THIS CONSTITUTION.

ସମ୍ବିଧାନର ଏହି ପ୍ରସ୍ତାବନାକୁ ପାଠ କଲେ ଏଥିରେ ତିନୋଟି କଥା ସ୍ପଷ୍ଟ ହୁଏ। (୧) ସମ୍ବିଧାନର ମୂଳ ଉତ୍ସ ବା ଆଧାର। (୨) ସମ୍ବିଧାନର ଲକ୍ଷ୍ୟ ବା ଉଦ୍ଦେଶ୍ୟର ଏକ ବିବରଣୀ (୩) ଏହା ଗୃହୀତ ହେବାର ତିଥି ବା ତାରିଖ।

ପ୍ରସ୍ତାବନାର ପ୍ରାରମ୍ଭରୁ ଉଲ୍ଲେଖ ଅଛି ଯେ, "We the people of India" l ଏଥିରୁ ସୂଚିତ ହୁଏ ଯେ, ଆମ ସମ୍ବିଧାନରେ ଭାରତର ଜନସାଧାରଣଙ୍କୁ ବିଶେଷ ପ୍ରାଧାନ୍ୟ ଦିଆଯାଇଛି ଏବଂ ଜନସାଧାରଣଙ୍କ ପାଖରେ ହିଁ ଚରମ କ୍ଷମତା ନିହିତ ଅଛି l ଜନସାଧାରଣଙ୍କ ଇଚ୍ଛାରୁ ଏହି ସମ୍ବିଧାନର ସୃଷ୍ଟି l ଜନସାଧାରଣଙ୍କ ନାମରେ ସମ୍ବିଧାନ ପ୍ରଣୟନ କରାଯାଇଛି ଏବଂ ଜନସାଧାରଣଙ୍କ ନାମରେ ମଧ୍ୟ ଆମ ସମ୍ବିଧାନ ଚାଲେ l ତେଣୁ ଏଠାରେ ପ୍ରଶ୍ନ ଉଠେ, ଏହି ସମ୍ବିଧାନ ସଭା କଣ ପ୍ରକୃତରେ ଭାରତୀୟ ଜନସାଧାରଣଙ୍କର ପ୍ରତିନିଧିତ୍ୱ କରିପାରିଥିଲା ? ଏହି ପ୍ରଶ୍ନ ସମ୍ବିଧାନ ସଭାର ଭିତରେ ଏବଂ ବାହାରେ ଉଠିଥିଲା l

ଯେଉଁ ପରସ୍ଥିତିରେ ଏହି ସମ୍ବିଧାନ ସଭା ବସିଥିଲା, ତାହାକୁ ଅନୁଧ୍ୟାନ କଲେ ଦେଖିବା ୧୯୪୬ ମସିହାରେ ସାବାଳକ ଭୋଟ ପ୍ରଥା ମାଧ୍ୟମରେ ଏଭଳି ଏକ ସଭା ଗଠନ କରିବା ସେତେବେଳେ ଦେଶରେ ଆଦୌ ସମ୍ଭବପର ନଥିଲା l ସାବାଳକ ଭୋଟ ପ୍ରଥା ମାଧ୍ୟମରେ ଏପରି ଏକ ସଭାଗଠନ କରିବା ମଧ୍ୟ ସେତେବେଳେ ସଂପୂର୍ଣ୍ଣ ଅବାସ୍ତବ ଥିଲା l ଭାରତବର୍ଷର କୌଣସି ଅଞ୍ଚଳର ଅଧିବାସୀମାନେ ସାବାଳକ ଭୋଟପ୍ରଥା ସଂପର୍କରେ ଅଭିଜ୍ଞତା ଅର୍ଜନ କରିନଥିଲେ l ସମ୍ବିଧାନ ସଭା ଗଠନ କରିବା ପାଇଁ ସେତେବେଳେ ସମଗ୍ର ଦେଶରେ ସାବାଳକ ଭୋଟ ପ୍ରଥା ଅନୁସାରେ ଏକ ଭୋଟର ତାଲିକା ପ୍ରସ୍ତୁତ କରି ନିର୍ବାଚନ କରିବା ପାଇଁ ନିଶ୍ଚିତ ଭାବେ ଅନେକ ବର୍ଷ ଲାଗି ଥାଆନ୍ତା । ତେଣୁ ସମ୍ବିଧାନ ଗଠନ କରିବା ପାଇଁ ନିର୍ବାଚନ କରିବା ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ ତାହା ବୁଦ୍ଧିମାନର କାର୍ଯ୍ୟ ହୋଇନଥାନ୍ତା l ତେଣୁ ଅପ୍ରତ୍ୟକ୍ଷ ନିର୍ବାଚନ ଦ୍ୱାରା ସମ୍ବିଧାନ ସଭା ଗଠନ କରିବା ପାଇଁ କ୍ୟାବିନେଟ୍ ମିଶନ୍ ଯେଉଁ ପ୍ରସ୍ତାବ ଦେଲେ ସେତେବେଳେ ତାକୁ ଗ୍ରହଣ କରିନେବା ଯୁକ୍ତିଯୁକ୍ତ ହେଲା l ୧୯୪୯ ମସିହା ସମ୍ବିଧାନ ଗଠନ ସଭାରେ ଡ଼ଃ ଆମ୍ବେଦକର ଯାହା କହିଥିଲେ ସେଥିରେ ପ୍ରତ୍ୟେକ ସଭ୍ୟ ଏକମତ ହୋଇଥିଲେ l ସେ କହିଥିଲେଯେ, "ଏ ସଭାର ପ୍ରତ୍ୟେକ ସଭ୍ୟଙ୍କ ଇଚ୍ଛା ଅନୁସାରେ ଏହି ସମ୍ବିଧାନର ମୂଳ ଆଧାର ହେଉଛନ୍ତି ଜନସାଧାରଣ ଏବଂ ଏହାର ସତ୍ତା ଏବଂ ସାର୍ବଭୌମତ୍ୱ ଜନସାଧାରଣଙ୍କଠାରୁ ମିଳିଛି l"

ସମ୍ବିଧାନର ପ୍ରସ୍ତାବନାରେ ପ୍ରଥମେ ଭାରତକୁ ଏକ ସାର୍ବଭୌମ, ଗଣତାନ୍ତ୍ରିକ, ସାଧାରଣତନ୍ତ୍ର ରାଷ୍ଟ୍ର ଭାବେ ଘୋଷଣା କରାଯାଇଥିଲା l ମାତ୍ର ୧୯୭୬ ମସିହାରେ ସମ୍ବିଧାନର ୪୨ ତମ ସଂଶୋଧନ ଆଇନ ଅନୁସାରେ ଏଥିସହିତ ସମାଜବାଦୀ ଏବଂ ଧର୍ମନିରପେକ୍ଷ ଶବ୍ଦ ଦୁଇଟିକୁ ନୂତନ ଭାବେ ଅନ୍ତର୍ଭୁକ୍ତ କରାଯାଇଛି l

ଭାରତ ଗୋଟିଏ ସାର୍ବଭୌମ ରାଷ୍ଟ୍ର l କାରଣ ଏହା କୌଣସି ବାହ୍ୟ ଦେଶ ବା ଶକ୍ତିର ଚାପ ବା ନିୟନ୍ତ୍ରଣରୁ ସଂପୂର୍ଣ୍ଣ ମୁକ୍ତ ଅଟେ l ଦେଶରେ ଉଭୟ ଆଭ୍ୟନ୍ତରୀଣ ଏବଂ ବୈଦେଶିକ ବ୍ୟାପାରର ନୀତି ନିର୍ଦ୍ଧାରଣରେ ଏହା ସଂପୂର୍ଣ୍ଣ ସ୍ୱାଧୀନ କ୍ଷମତାର ଅଧିକାରୀ ଅଟେ l ଭାରତ ଏକ ଗଣରାଜ୍ୟ ହିସାବରେ ତାର ସମସ୍ତ ସାର୍ବଭୌମତ୍ୱ ହାସଲ କରିବା ପରେ ମଧ୍ୟ ମିଳିତ ରାଜ୍ୟ ଗୋଷ୍ଠୀର ସଦସ୍ୟ ହୋଇରହିଛି l ଯଦିଓ ଇଂଲଣ୍ଡର ରାଣୀଙ୍କୁ ମିଳିତ ରାଜ୍ୟଗୋଷ୍ଠୀର ପ୍ରତୀକାତ୍ମକ ମୁଖ୍ୟ ଭାବରେ ଗ୍ରହଣ କରାଯାଏ, ଏହା ଭାରତର ସାର୍ବଭୌମ କ୍ଷମତାକୁ କୌଣସି ପ୍ରକାରେ ପ୍ରତିହତ କରେ ନାହିଁ l

ଭାରତ ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ର l ଗଣତାନ୍ତ୍ରିକ କହିଲେ ଦେଶର ଶାସନ ଭାର ପରିଚାଳନା କରିବା ପାଇଁ ଜନଗଣଙ୍କ ଦ୍ୱାରା ନିର୍ବାଚିତ ଦାୟିତ୍ୱ ସଂପନ୍ନ ଲୋକପ୍ରତିନିଧି ମୂଳକ ସରକାରଙ୍କୁ ବୁଝାଏ l ଏହି ଶାସନ ପଦ୍ଧତିରେ

ଯେଉଁମାନେ ରାଜ୍ୟକୁ ଶାସନ କରନ୍ତି ସେମାନେ ଲୋକମାନଙ୍କ ଦ୍ୱାରା ସେମାନଙ୍କର ପ୍ରତିନିଧି ଭାବରେ ନିର୍ବାଚିତ ହୁଅନ୍ତି ଏବଂ ସେମାନେ ଲୋକମାନଙ୍କ ପାଖରେ ଉତ୍ତରଦାୟୀ ରୁହନ୍ତି । ପୁନଶ୍ଚ ପ୍ରସ୍ତାବନାରେ ଭାରତକୁ ଏକ 'ସାଧାରଣତନ୍ତ୍ର' ରାଷ୍ଟ୍ର ଭାବରେ ସ୍ୱୀକୃତି ଦିଆଯାଇଛି । ସାଧାରଣତନ୍ତ୍ର ରାଷ୍ଟ୍ର ହୋଇଥିବାରୁ ଏହାର କୌଣସି ଏକ ନାଗରିକ ରାଷ୍ଟ୍ରପତି ଭାବରେ ୫ ବର୍ଷ ପାଇଁ ନିର୍ବାଚିତ ହୋଇ ରାଷ୍ଟ୍ର ମୁଖ୍ୟ ରହନ୍ତି ।

ଭାରତରେ ସମାଜବାଦ କହିଲେ, ଗଣତାନ୍ତ୍ରିକ ସମାଜବାଦ ଅର୍ଥରେ ଗ୍ରହଣ କରାଯାଏ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶର ଅର୍ଥନୈତିକ ବୈଷମ୍ୟରେ ସମାନତା ଆଣିବା । ଭାରତ ଗୋଟିଏ ଧର୍ମନିରପେକ୍ଷ ରାଷ୍ଟ୍ର । ଏଠାରେ ରାଷ୍ଟ୍ରଧର୍ମ ବୋଲି କିଛି ନାହିଁ । ଧର୍ମ ଏବଂ ଉପାସନା କ୍ଷେତ୍ରରେ ଲୋକମାନଙ୍କୁ ସଂପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯାଇଛି । ନିଜର ରୁଚି ଅନୁସାରେ ଲୋକମାନେ ଯେକୌଣସି ଧର୍ମ ଗ୍ରହଣ କରିପାରିବେ କିମ୍ବା ଛାଡ଼ିପାରିବେ । ସେଥିରେ କୌଣସି ପ୍ରତିବନ୍ଧକ ନାହିଁ ।

ଭାରତୀୟ ଗଣରାଜ୍ୟର ଉଦ୍ଦେଶ୍ୟକୁ ପ୍ରସ୍ତାବନାରେ ଆହୁରି ସ୍ପଷ୍ଟ କରିଦିଆଯାଇଛି । ଏହି ଉଦ୍ଦେଶ୍ୟ ହେଲା ମୁଖ୍ୟତଃ ଚାରୋଟି, **ନ୍ୟାୟ, ସ୍ୱାଧୀନତା, ସାମ୍ୟ,** ଏବଂ **ମୈତ୍ରୀ** । ବ୍ୟକ୍ତିଗତ ଆଚରଣ ଦ୍ୱାରା ସର୍ବସାଧାରଣଙ୍କର ହିତ ସାଧନ ହେଲା ନ୍ୟାୟର ମୂଳ ତତ୍ତ୍ୱ । ପୁଣି ଭାରତୀୟ ଜନସାଧାରଣଙ୍କୁ ସାମାଜିକ, ରାଜନୈତିକ ଏବଂ ଆର୍ଥିକ କ୍ଷେତ୍ରରେ ମଧ୍ୟ ନ୍ୟାୟ ବିଚାର ପ୍ରଦାନ କରିବା ପାଇଁ ପ୍ରସ୍ତାବନାରେ ଘୋଷଣା କରାଯାଇଛି । କିନ୍ତୁ ପ୍ରସ୍ତାବନାରେ ସ୍ୱାଧୀନତାର ଅର୍ଥ ନକାରାତ୍ମକ ନୁହେଁ, ସକାରାତ୍ମକ ଅର୍ଥରେ ବ୍ୟବହାର କରାଯାଇଛି । ଯଦିଓ ଏଥିରେ ବ୍ୟକ୍ତିର ସ୍ୱେଚ୍ଛାଚାରିତା ରହିଛି ତଥାପି ଏହାର ପ୍ରୟୋଗ ଗଠନମୂଳକ ଦିଗରେ କରାଯାଏ । ସାମାଜିକ ଅବସ୍ଥା ଓ ପରିସ୍ଥିତି ଅନୁସାରେ ବ୍ୟକ୍ତିକୁ ତାର ବିଚାରଧାରା ଓ କାର୍ଯ୍ୟ କରିବାପାଇଁ ସ୍ୱାଧୀନତା ପ୍ରଦାନ କରାଯିବା ଅର୍ଥ ଏହାଦ୍ୱାରା ବ୍ୟକ୍ତିର ସ୍ୱାତନ୍ତ୍ର୍ୟ ଉପରୁ ଅଯଥା କଟକଣାକୁ ଦୂର କରି ବ୍ୟକ୍ତିର ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱ ବିକାଶ ଦିଗରେ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବାକୁ ବୁଝାଏ । ସ୍ୱାଧୀନତା ଏବଂ ସମତା ପରସ୍ପର ପରିପୂରକ । ସମତାର ଅର୍ଥ ନୁହେଁ ପ୍ରତ୍ୟେକ ଲୋକ ଶାରୀରିକ ଏବଂ ମାନସିକ ଦୃଷ୍ଟିରୁ ସମାନ । ପ୍ରସ୍ତାବନାରେ ଘୋଷିତ ସମତାର ଅର୍ଥ ହେଉଛି ରାଷ୍ଟ୍ରରେ ପ୍ରତ୍ୟେକ ବ୍ୟକ୍ତିକୁ ତାର ଅନ୍ତର୍ନିହିତ ଶକ୍ତି ସାମର୍ଥ୍ୟ ଓ କାର୍ଯ୍ୟକ୍ଷମତାର ବିକାଶ ଲାଗି ସମାନ ସୁଯୋଗ ମିଳିବା ଉଚିତ୍ ।

ପରିଶେଷରେ ପ୍ରସ୍ତାବନାରେ 'ଭ୍ରାତୃତ୍ୱ ବା ମୈତ୍ରୀ' (Fraternity) ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ଭାରତ ଗୋଟିଏ ବହୁଭାଷା, ଜାତି-ଧର୍ମ-ବର୍ଣ୍ଣ ଓ ସଂପ୍ରଦାୟର ବିଶାଳ ଦେଶ । ରାଷ୍ଟ୍ରୀୟ ଏକତା ଏବଂ ସଂହତି କେବଳ ପାରସ୍ପରିକ ବୁଝାମଣା, ସଦ୍‌ଭାବ, ମୈତ୍ରୀ ବା ଭ୍ରାତୃତ୍ୱ ଦ୍ୱାରା ରକ୍ଷା କରିବା ସମ୍ଭବ । ସବୁ ପ୍ରକାର ବୈଷମ୍ୟ ସତ୍ତ୍ୱେ ଏହି ଭ୍ରାତୃତ୍ୱବୋଧ ଭାରତୀୟ ଏକତାକୁ ସୁଦୃଢ଼ କରିଛି ।

ଭାରତୀୟ ସଂବିଧାନର ପ୍ରସ୍ତାବନାକୁ ଆଲୋଚନା କରି ଦେଖିଲେ ଏହା ବିଶ୍ୱର ଯେକୌଣସି ସମ୍ବିଧାନ ପ୍ରସ୍ତାବନା ଠାରୁ ଉର୍ଦ୍ଧ୍ୱରେ । ଆଦର୍ଶ ଏବଂ ଅଭିବ୍ୟକ୍ତି ଦୃଷ୍ଟିରୁ ଏହାର ତୁଳନା ନାହିଁ । ଏହା ଅତୁଳନୀୟ ଏବଂ ଏକ ଉଚ୍ଚ ମୂଲ୍ୟବୋଧ ସଂପନ୍ନ ପ୍ରସ୍ତାବନା । ଏକ ସ୍ୱାଧୀନ ରାଷ୍ଟ୍ର ନିର୍ମାଣ କରିବା ପାଇଁ ଏହା ଭାରତୀୟ ଜନଗଣଙ୍କର ଦୃଢ଼ ସଂକଳ୍ପର ପ୍ରତୀକ । ଏଥିରେ ସାମ୍ୟ, ସ୍ୱାଧୀନତା, ନ୍ୟାୟ ଏବଂ ମୈତ୍ରୀ ଆଲୋକରେ ଆଲୋକିତ ହେଉଥିବା

ଏକ ନୂତନ ରାଷ୍ଟ୍ର ନିର୍ମାଣର ଭିତ୍ତିଭୂମି ରହିଛି । ସମ୍ବିଧାନ ସଭାର ଜନୈକ ସଭ୍ୟ ପଣ୍ଡିତ ଠାକୁର ଦାସ ଭାର୍ଗବ କହିଥିଲେ, "ପ୍ରସ୍ତାବନା ହେଉଛି ସମ୍ବିଧାନର ଅତି ମୂଲ୍ୟବାନ ଅଂଶ । ଏହା ସମ୍ବିଧାନର ଚାବିକାଠି । ଏହା ସମ୍ବିଧାନର ଆତ୍ମା । ଏହା ସମ୍ବିଧାନର ଗଳାରେ ଲମ୍ବିଥିବା ଏକ ମୁକ୍ତାର ହାର ସଦୃଶ ଅଟେ ।"

ସଂବିଧାନର ପ୍ରସ୍ତାବନା କ'ଣ ସମ୍ବିଧାନର ଏକ ଅଂଶବିଶେଷ ?

ଭାରତୀୟ ସମ୍ବିଧାନର ପ୍ରସ୍ତାବନା ସମ୍ବିଧାନର ଅଂଶବିଶେଷ କି ନୁହେଁ – ଏହା ଏକ ବିବାଦୀୟ ପ୍ରସଙ୍ଗ ହୋଇ ରହିଛି । ଏପରିକି ଭାରତର ଉଚ୍ଚତମ ନ୍ୟାୟାଳୟ ମଧ୍ୟ ନିଜ ନିଷ୍ପତ୍ତିରେ ପରିବର୍ତ୍ତନ କରିଛନ୍ତି । ୧୯୬୦ରେ ଉଚ୍ଚତମ ନ୍ୟାୟାଳୟର ମତ ଥିଲା ଯେ, ପ୍ରସ୍ତାବନା ସମ୍ବିଧାନର ଅଂଶ ନୁହେଁ । ମାତ୍ର ୧୩ ବର୍ଷ ପରେ କେଶବାନନ୍ଦ ଭାରତୀ ମାମଲାରେ ଉଚ୍ଚତମ ନ୍ୟାୟାଳୟ ପ୍ରସ୍ତାବନାକୁ ସମ୍ବିଧାନର ଅଂଶବିଶେଷ ଭାବରେ ଗ୍ରହଣ କରିନେଇଛନ୍ତି । କାରଣ ଏଥିରେ ସମ୍ବିଧାନର ମୌଳିକ ରୂପରେଖ ବର୍ଣ୍ଣିତ ହୋଇଛି ।

ସମ୍ବିଧାନର ବୈଶିଷ୍ଟ୍ୟ

ଅନ୍ୟ ଦେଶର ସମ୍ବିଧାନର ତୁଳନାରେ ଭାରତୀୟ ସଂବିଧାନରେ କେତେକ ବିଶେଷତ୍ୱ ପରିଲକ୍ଷିତ ହୁଏ । ଆମର ସମ୍ବିଧାନ ପ୍ରଣେତାମାନେ ପୃଥିବୀର ବିଭିନ୍ନ ସମ୍ବିଧାନରୁ ଭାରତ ପାଇଁ ଅନୁକୂଳ ବ୍ୟବସ୍ଥାକୁ ଗ୍ରହଣ କରିଥିବା ବେଳେ ଆମ ଦେଶର ପ୍ରଥା ଓ ପରଂପରାରୁ ମଧ୍ୟ କେତେକ ବ୍ୟବସ୍ଥା ସଂଯୋଗ କରିଛନ୍ତି । ଏହାର କେତେକ ବୈଶିଷ୍ଟ୍ୟ ନିମ୍ନମତେ ପ୍ରଦାନ କରାଗଲା ।

୧. ବୃହତ୍ତମ ଲିଖିତ ସମ୍ବିଧାନ :

ଯୁକ୍ତରାଷ୍ଟ୍ର ଆମେରିକାର ସମ୍ବିଧାନ ହେଉଛି ପୃଥିବୀରେ ସର୍ବପ୍ରଥମ ଲିଖିତ ସମ୍ବିଧାନ । କିନ୍ତୁ ଏହା କ୍ଷୁଦ୍ରତ୍ତମ । ଭାରତୀୟ ସଂବିଧାନର ବିଶେଷତ୍ୱ ହେଉଛି ଏହା ପୃଥିବୀରେ ବୃହତ୍ତମ ଲିଖିତ ସମ୍ବିଧାନ । ଏଥିରେ ୩୯୫ଟି ଧାରା ଏବଂ ୮ଟି ଅନୁସୂଚୀ ରହିଛି । ଏହାର ଆକାର ଏତେ ବିଶାଳ ହେବାର କାରଣ ହେଉଛି ଏଥିରେ କେନ୍ଦ୍ର ସରକାରଙ୍କର ସମସ୍ତ ଶାସନ ସଂପର୍କୀୟ ବ୍ୟବସ୍ଥା ସହିତ ରାଜ୍ୟ ସରକାରଙ୍କର ଶାସନ ବ୍ୟବସ୍ଥା ସଂପର୍କରେ ବିଶଦ ବର୍ଣ୍ଣନା ରହିଛି । ଏଥିରେ ନାଗରିକମାନଙ୍କର ମୌଳିକ ଅଧିକାର, ରାଷ୍ଟ୍ର ପାଇଁ କେତେକ ନିର୍ଦ୍ଦେଶମୂଳକ ନୀତି, ସଂଘ ଓ ରାଜ୍ୟ ମଧ୍ୟରେ ସଂପର୍କ, ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଶପଥ ଗ୍ରହଣ, ଦେଶର କେତେକ ବିଶେଷ ସମସ୍ୟା ସଂପର୍କରେ ସଚେତନ ଥାଇ ସେଥିପାଇଁ ଆବଶ୍ୟକୀୟ ବ୍ୟବସ୍ଥା, ତଫସିଲଭୁକ୍ତ ଜାତିଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ସରକାରୀ ଭାଷା, ସରକାରୀ ଚାକିରୀ ସମ୍ବନ୍ଧୀୟ ବ୍ୟବସ୍ଥା ସଂପର୍କରେ ପ୍ରାଞ୍ଜଳ ବର୍ଣ୍ଣନା ରହିଛି । ଭାରତୀୟ ସମ୍ବିଧାନ ଏତେ ବିଶାଳ ହୋଇଥିବାରୁ ଇଂରେଜ ଅଧ୍ୟାପକ ଜେନିଙ୍ଗ୍‌ସ୍ ଏହାକୁ ଆଇନଜୀବିମାନଙ୍କର ସ୍ୱର୍ଗ ବୋଲି କହିଛନ୍ତି । ସମ୍ବିଧାନ ତିଆରି ସମୟରେ ଭାରତ ରାଜନୈତିକ ଝଡ଼ଝଞ୍ଜା ଏବଂ ପ୍ରତିକୂଳ ପରିବେଶ ଦେଇ ଗତି କରୁଥିଲା । ଯାହାର ପ୍ରଭାବ ସମ୍ବିଧାନ ପ୍ରଣେତାମାନଙ୍କର ଚିନ୍ତା ଓ ଚେତନା ଉପରେ ପଡ଼ିଥିବାରୁ ସମ୍ବିଧାନ ଏତେ ଦୀର୍ଘ ହୋଇଛି । ଦେଶରେ ଏକ ସୁସ୍ଥ ଗଣତାନ୍ତ୍ରିକ ପରଂପରା ବା ଜାଗ୍ରତ ଜନମତ ସୃଷ୍ଟି କରିବା ପାଇଁ ଦେଶର ଶାସନ ବ୍ୟବସ୍ଥାକୁ ଇଂଲଣ୍ଡ ଭଳି ପରଂପରା ଉପରେ ଛାଡ଼ି ନଦେଇ ସମସ୍ତ ନୀତି ନିୟମକୁ ପ୍ରାଞ୍ଜଳ ଏବଂ ବିଶଦଭାବରେ

ବର୍ଣ୍ଣନା କରିବା ଆବଶ୍ୟକ ଥିଲା। ଭିବଷ୍ୟତରେ ଶାସନ କ୍ଷେତ୍ରରେ ଯେଭଳି ବିଶେଷ ଅସୁବିଧା ନହୁଏ, ସେଥିପ୍ରତି ସମ୍ବିଧାନ ପ୍ରଣେତାମାନେ ସଚେତନ ରହି ଏଭଳି ଦୀର୍ଘ ସମ୍ବିଧାନ ପ୍ରଣୟନ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟ ଯେ, ସମ୍ବିଧାନ ଏତେ ଦୀର୍ଘ ଏବଂ ଏଥିରେ ବ୍ୟବହୃତ ଭାଷା ଏତେ ଜଟିଳ ଯାହା ସାଧାରଣ ଜନତାଙ୍କ ପାଇଁ ବୋଧଗମ୍ୟ ନୁହେଁ। କେତେକଙ୍କ ମତରେ ଏହା ଓକିଲମାନଙ୍କ ଦ୍ୱାରା, ଓକିଲମାନଙ୍କ ପାଇଁ ପ୍ରସ୍ତୁତ ହୋଇଛି। କାରଣ ଏଭଳି ଦୀର୍ଘ, ଜଟିଳ ବିଷୟ ବହୁଳ ସମ୍ବିଧାନର ଅର୍ଥ ଅର୍ଥାନ୍ତର ଲାଗି ସମ୍ବିଧାନ ସଂପର୍କିତ ମାଲିମକଦ୍ଦମା ଦେଶରେ ଚାଲୁ ରହିଥିବ ଏବଂ ବାରଂବାର ନ୍ୟାୟାଳୟର ଆଶ୍ରୟ ନେବାକୁ ପଡ଼ିବ।

୨. ନମନୀୟତା ଏବଂ ଅନମନୀୟତାର ସମନ୍ୱୟ :

ଭାରତୀୟ ସଂବିଧାନ ସଂପୂର୍ଣ୍ଣ ନମନୀୟ କିମ୍ବା ସଂପୂର୍ଣ୍ଣ ଅନମନୀୟ ନୁହେଁ। ଯେଉଁ ସମ୍ବିଧାନର ସଂଶୋଧନ ପ୍ରଣାଳୀ ଅତି ସରଳ ଏବଂ ସାଧାରଣ ଆଇନ୍ ପ୍ରଣୟନ ପଦ୍ଧତିରେ ଦେଶର ବ୍ୟବସ୍ଥାପକ ସଭା ଦ୍ୱାରା କରାଯାଇପାରେ ତାହାକୁ ନମନୀୟ ସମ୍ବିଧାନ କୁହାଯାଏ। ଇଂଲଣ୍ଡ ସମ୍ବିଧାନ ନମନୀୟ। ଯେଉଁ ସମ୍ବିଧାନର ସଂଶୋଧନ ପ୍ରଣାଳୀ ଅତି ଜଟିଳ ଏବଂ ସାଧାରଣ ଆଇନ୍ ପ୍ରଣୟନ ପ୍ରଣାଳୀଠାରୁ ଭିନ୍ନ ହୋଇଥାଏ ତାହାକୁ ଅନମନୀୟ ସମ୍ବିଧାନ କୁହାଯାଏ। ଆମେରିକାର ସମ୍ବିଧାନ ଅନମନୀୟ। ଭାରତୀୟ ସମ୍ବିଧାନର ବୈଶିଷ୍ଟ୍ୟ ହେଲା ଏଥିରେ ନମନୀୟତା ଏବଂ ଅନମନୀୟତା ସମନ୍ୱୟ ଘଟିଛି। ଆମ ସମ୍ବିଧାନର ସଂଶୋଧନ ପ୍ରଣାଳୀ ୩୬୮ ଧାରାରେ ଲିପିବଦ୍ଧ ହୋଇ ରହିଛି। କେତେକ ଧାରାର ସଂଶୋଧନ କରିବା ପାଇଁ ସଂସଦରେ ଉଭୟ ଗୃହର ଭୋଟ ପ୍ରଦାନକାରୀ ସଭ୍ୟଙ୍କର ଦୁଇ ତୃତୀୟାଂଶ ଭୋଟ ଏବଂ ମୋଟ ସଭ୍ୟଙ୍କ ଅର୍ଦ୍ଧାଧିକ ଭୋଟ ଦ୍ୱାରା ଗୃହୀତ ହେବା ଆବଶ୍ୟକ ପଡ଼େ। ଏହି ସଂଶୋଧନ ପ୍ରସ୍ତାବକୁ ଅନ୍ତତଃ ପକ୍ଷେ ଦେଶର ଅର୍ଦ୍ଧେକ ରାଜ୍ୟର ବିଧାନସଭା ଦ୍ୱାରା ଗୃହୀତ ହୋଇ ରାଷ୍ଟ୍ରପତିଙ୍କର ସମ୍ମତି ଲାଭ କରିସାରିବା ପରେ ଏହା କାର୍ଯ୍ୟକାରୀ ହୁଏ। ଏହି ସଂଶୋଧନ ପ୍ରଣାଳୀ ଅତି ଜଟିଳ ହୋଇଥିବାରୁ ଏହା ଅନମନୀୟ। କେନ୍ଦ୍ର ଓ ରାଜ୍ୟ ତାଲିକାଭୁକ୍ତ ବିଷୟ, ରାଷ୍ଟ୍ରପତି ନିର୍ବାଚନ ପଦ୍ଧତି, ସଂଘ ଓ ରାଜ୍ୟ ସରକାରର କାର୍ଯ୍ୟପାଳିକା ଶକ୍ତି ଏହାର ଅନ୍ତର୍ଭୁକ୍ତ। ସମ୍ବିଧାନର ଅନ୍ୟ ଧାରାଗୁଡ଼ିକର ସଂଶୋଧନ ପ୍ରଣାଳୀ ଏତେ ଜଟିଳ ନୁହେଁ। ପାର୍ଲାମେଣ୍ଟର ନିର୍ଦ୍ଦିଷ୍ଟ ସଭ୍ୟଙ୍କ ଅନୁମୋଦନ କ୍ରମେ କେବଳ କାର୍ଯ୍ୟକାରୀ ହୋଇଥାଏ। ଆହୁରି ସରଳ ପଦ୍ଧତି ହେଲା କେବଳ ପାର୍ଲାମେଣ୍ଟର ଉପସ୍ଥିତ ସଭ୍ୟଙ୍କର ସଂଖ୍ୟାଧିକ ସଭ୍ୟଙ୍କ ଅନୁମୋଦନ କ୍ରମେ କେତେକ ଧାରାରେ ପରିବର୍ତ୍ତନ ହୋଇଥାଏ। କୌଣସି ରାଜ୍ୟର ସୀମା ବା ନାମର ପରିବର୍ତ୍ତନ, ରାଜ୍ୟ ବିଧାନପରିଷଦର ବିଲୋପ ବା ଗଠନ ଏହାର ଅନ୍ତର୍ଭୁକ୍ତ। ତେଣୁ ଆମ ଭାରତର ସମ୍ବିଧାନ ଆଶିଂକ ନମନୀୟ ଏବଂ ଆଂଶିକ ଅନମନୀୟ ହୋଇଥିବାରୁ ଏହା ଦେଶର ପ୍ରଗତି ପଥରେ ପ୍ରତିବନ୍ଧକ ସୃଷ୍ଟି କରିପାରିନାହିଁ।

୩. ସଂସଦୀୟ ଶାସନ ବ୍ୟବସ୍ଥା :

ସମ୍ବିଧାନର ଅନ୍ୟ ଏକ ବୈଶିଷ୍ଟ୍ୟ ହେଲା ଭାରତ ପାଇଁ ପ୍ରବର୍ତ୍ତିତ ସଂସଦୀୟ ଶାସନ ବ୍ୟବସ୍ଥା। ଆମେରିକାରେ ରାଷ୍ଟ୍ରପତୀୟ ସରକାର ଏବଂ ଇଂଲଣ୍ଡରେ ସଂସଦୀୟ ସରକାର ପ୍ରଚଳିତ ଅଛି। ଆମ ଦେଶରେ କେଉଁ ପ୍ରକାର ସରକାର ଗ୍ରହଣ କରାଯିବ ସେ ସଂପର୍କରେ ବହୁ ବିଚାର ବିମର୍ଶ ପରେ ଇଂଲଣ୍ଡର ସଂସଦୀୟ ଶାସନ ବ୍ୟବସ୍ଥାକୁ ଆମ ଦେଶରେ ଗ୍ରହଣ କରାଯାଇଥିଲା। ଭାରତରେ ପୂର୍ବରୁ ୧୯୧୯ରୁ ୧୯୩୫ ଭାରତ ଶାସନ ଆଇନ ଦ୍ୱାରା

ସଂସଦୀୟ ଶାସନର ବ୍ୟବସ୍ଥା ସଂପର୍କରେ ବହୁ ଅନୁଭୂତି ଥିଲା। ସଂସଦୀୟ ଶାସନର ଏକ ବୈଶିଷ୍ଟ୍ୟ ହେଲା, ଏହା ଦାୟିତ୍ୱଶୀଳ ସରକାର। ଏହି ଶାସନରେ କାର୍ଯ୍ୟପାଳିକା ସଂସ୍ଥା ବ୍ୟବସ୍ଥାପକ ସଂସ୍ଥା ପାଖରେ ନିଜର କାର୍ଯ୍ୟକଳାପ ପାଇଁ ଦାୟୀ ରୁହେ। ରାଷ୍ଟ୍ରପତୀୟ ଶାସନ ବ୍ୟବସ୍ଥା ପରି ଏଥିରେ ରାଷ୍ଟ୍ରପତିଙ୍କ ଦ୍ୱାରା ନିରଙ୍କୁଶ କ୍ଷମତା ଉପଭୋଗ କରି ଏକଛତ୍ରବାଦ ଶାସନ ପ୍ରତିଷ୍ଠାର ଆଶଙ୍କା ନଥାଏ। କିନ୍ତୁ ଭାରତର ରାଷ୍ଟ୍ରପତି ରାଷ୍ଟ୍ରମୁଖ୍ୟ, ସେ ଶାସନମୁଖ୍ୟ ନୁହଁନ୍ତି। ସେ ରାଷ୍ଟ୍ରର ମର୍ଯ୍ୟାଦାର ମୁଖ୍ୟ। ଏହି ପଦ୍ଧତିରେ ପ୍ରଧାନମନ୍ତ୍ରୀ ଶାସନ ମୁଖ୍ୟ। ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ମନ୍ତ୍ରୀମଣ୍ଡଳ ନିଜର ସମସ୍ତ କାର୍ଯ୍ୟକଳାପ ପାଇଁ ସଂସଦ ନିକଟରେ ଦାୟୀ ରୁହନ୍ତି। ସଂସଦର ବିନା ଅନୁମୋଦନରେ କୌଣସି ଖର୍ଚ୍ଚ ହୋଇପାରେ ନାହିଁ। ଯେକୌଣସି ରାଜନୈତିକ ଦଳ ସଂସଦର ଆସ୍ଥାଭାଜନରେ ରହି ସଂଖ୍ୟାଧିକ ସଭ୍ୟଙ୍କର ସମର୍ଥନ ଲାଭ କରୁଥିବା ପର୍ଯ୍ୟନ୍ତ କ୍ଷମତାରେ ରହିପାରିବେ। ମନ୍ତ୍ରୀପରିଷଦ ବିରୁଦ୍ଧରେ ଅନାସ୍ଥାପ୍ରସ୍ତାବ ଗୃହୀତ ହେଲେ ସରକାର ଭାଙ୍ଗିଯାଏ। ଏହାପରେ ବିରୋଧୀଦଳର ନେତା ସରକାର ଗଠନ କରିପାରନ୍ତି ନହେଲେ ଦେଶରେ ପୁଣି ଥରେ ସାଧାରଣ ନିର୍ବାଚନ ହୁଏ। ଏହି ଦୃଷ୍ଟିରୁ ଭାରତ ପାଇଁ ସଂସଦୀୟ ଶାସନପ୍ରଣାଳୀ ସର୍ବାଧିକ ଯୁକ୍ତିଯୁକ୍ତ ମନେହୁଏ।

୪. ସଂଘୀୟ ଶାସନ ବ୍ୟବସ୍ଥା :

ଭାରତ ପାଇଁ ଭାରତୀୟ ସମ୍ବିଧାନରେ ସଂଘ ଶାସନ ବ୍ୟବସ୍ଥା ରହିଅଛି। ପୂର୍ବରୁ ଭାରତ ଐକିକ ରାଷ୍ଟ୍ର ଥିଲା। ୧୯୩୫ ମସିହା ଭାରତ ଶାସନ ଆଇନ ଅନୁସାରେ ଭାରତରେ ରାଷ୍ଟ୍ରସଂଘ ପରିକଳ୍ପନା କରାଯାଇଥିଲା। କିନ୍ତୁ ସେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବା ଯୋଗୁଁ କେନ୍ଦ୍ରରେ ରାଷ୍ଟ୍ର ସଂଘ ପ୍ରତିଷ୍ଠା ହୋଇପାରିଲା ନାହିଁ। କିନ୍ତୁ ସେହି ଉଦ୍ଦେଶ୍ୟରେ ପ୍ରାଦେଶିକ ସ୍ୱତନ୍ତ୍ରତା ଆରମ୍ଭ ହୋଇଯାଇଥିଲା। ଭାରତୀୟ ରାଷ୍ଟ୍ର ସଂଘ ସ୍ଥାୟୀ ଏବଂ ଅବିଚ୍ଛେଦ୍ୟ। ଏହି କାରଣରୁ ଆମ ସଂବିଧାନରେ ରାଷ୍ଟ୍ରସଂଘ ଶବ୍ଦର ବ୍ୟବହାର କରାନଯାଇ ଭାରତୀୟ ସଂଘ ନାମରେ ରହିଛି।

ଗୋଟିଏ ରାଷ୍ଟ୍ର ସଂଘରେ ଯେଉଁ ସବୁ ବୈଶିଷ୍ଟ୍ୟ ପରିଲକ୍ଷିତ ହେବା କଥା, ତାହା ଭାରତରେ ଅଛି। ଏହାର ପ୍ରଥମ ବୈଶିଷ୍ଟ୍ୟ ହେଲା ଗୋଟିଏ ଲିଖିତ ଓ ସାର୍ବଭୌମ ସମ୍ବିଧାନ ପ୍ରଚଳନ। ଏହା ଭାରତରେ ପ୍ରଚଳନ ହୋଇଛି ଭାରତରେ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟର ସମଷ୍ଟିକୁ ନେଇ ରାଷ୍ଟ୍ର ସଂଘ ଗଠିତ ହୋଇଛି। ଏମାନଙ୍କର ସ୍ୱାତନ୍ତ୍ର୍ୟ ବଜାୟ ରଖିବାକୁ ହେଲେ ଏକ ଲିଖିତ ସମ୍ବିଧାନରେ ସେମାନଙ୍କର କ୍ଷମତାର ପରିସର ନିର୍ଦ୍ଧାରିତ ହେବା ଆବଶ୍ୟକ। ଏହା ନହେଲେ ଦେଶ ଭିତରେ ରାଜନୈତିକ ବିବାଦ ବୃଦ୍ଧି ପାଇବ। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କ୍ଷମତା ବଣ୍ଟନ ହେଉଛି। ସଂଘୀୟ ଶାସନ ବ୍ୟବସ୍ଥାର ଅନ୍ୟ ଏକ ଲକ୍ଷଣ। ଭାରତୀୟ ସଂବିଧାନର ସପ୍ତମ ପରିଶିଷ୍ଟରେ କେନ୍ଦ୍ର ତାଲିକା, ରାଜ୍ୟତାଲିକା ଏବଂ ମିଳିତ ତାଲିକା ଲିପିବଦ୍ଧ ହୋଇ ରହିଛି। କେନ୍ଦ୍ର ତାଲିକାରେ କେନ୍ଦ୍ରୀୟ ସଂସଦ, ରାଜ୍ୟ ତାଲିକାରେ ରାଜ୍ୟ ବିଧାନମଣ୍ଡଳ ଏବଂ ମିଳିତ ତାଲିକାରେ କେନ୍ଦ୍ରୀୟ ସଂସଦ ଏବଂ ରାଜ୍ୟ ବିଧାନମଣ୍ଡଳ ଆଇନ୍ ଉଭୟ ବର୍ଣ୍ଣିତ ଅଛି। ସଂଘ ଶାସନରେ ଏକ ନିରପେକ୍ଷ ସଂଘୀୟ ଅଦାଲତର ଆବଶ୍ୟକତା ରହିଛି। ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ଭାରତରେ ଉଚ୍ଚତମ ନ୍ୟାୟାଳୟ ବ୍ୟବସ୍ଥା ରହିଛି। ଉଚ୍ଚତମ ନ୍ୟାୟାଳୟ ଦେଶର ସମ୍ବିଧାନକୁ ବ୍ୟାଖ୍ୟା କରି ଏହାର ସାର୍ବଭୌମତ୍ୱ ପ୍ରତିପାଦନ କରେ ଏବଂ କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ କିମ୍ବା ବିଭିନ୍ନ

ରାଜ୍ୟଗୁଡ଼ିକ ମଧ୍ୟରେ ଉପୁଜୁଥିବା ବିବାଦର ନିରପେକ୍ଷ ବିଚାର କରି ନିଷ୍ପତ୍ତି ଦିଏ। ଏହି ଦୃଷ୍ଟିରୁ ଭାରତରେ ଯେ ସଂଘୀୟ ଶାସନ ପ୍ରଚଳିତ ଅଛି ଏଥିରେ କୌଣସି ଦ୍ୱିମତ ନାହିଁ।

ଭାରତରେ ସଂଘ ଶାସନରେ ସମସ୍ତ ବୈଶିଷ୍ଟ୍ୟ ପରିଲକ୍ଷିତ ହେଉଥିଲେ ହେଁ ବାସ୍ତବରେ ଏହା ସଂପୂର୍ଣ୍ଣ ସଂଘୀୟ ଶାସନର ରୂପରେଖ ଗ୍ରହଣ କରିପାରିନାହିଁ। ଅଧ୍ୟାପକ କେ.ସି. ହ୍ୱିଅରଙ୍କ ମତରେ ଭାରତ ହେଉଛି ଏକ "କେନ୍ଦ୍ରୀଭୂତ ରାଷ୍ଟ୍ରସଂଘ"। ଅନ୍ୟପକ୍ଷରେ କହିବାକୁ ଗଲେ ଭାରତ ହେଉଛି ଆନୁସଙ୍ଗିକ ସଂଘୀୟ ଲକ୍ଷଣ ଥିବା ଏକ ଐକିକ ରାଷ୍ଟ୍ର। ଆଉ କେତେକଙ୍କ ମତରେ, "ଭାରତ ରୂପରେ ରାଷ୍ଟ୍ରସଂଘ ହୋଇଥିଲେ ହେଁ ଅସଲରେ ଐକିକ।"

ଉପରୋକ୍ତ ମନ୍ତବ୍ୟର କେତେକ ସତ୍ୟତା ରହିଛି। କ୍ଷମତା ବଣ୍ଟନରେ ରାଜ୍ୟ ସରକାରଙ୍କ ଅପେକ୍ଷା କେନ୍ଦ୍ର ସରକାରଙ୍କ ହାତରେ ଅଧିକ କ୍ଷମତା ଅର୍ପଣ କରାଯାଇଛି। କ୍ଷମତା ବଣ୍ଟନରେ ବର୍ହିଭୂତ ଅବଶିଷ୍ଟ କ୍ଷମତାର ଅଧିକାରୀ ହେଉଛନ୍ତି କେନ୍ଦ୍ର ସରକାର। ମିଳିତ ତାଲିକାରେ ଥିବା ବିଷୟରେ ଆଇନ ପ୍ରଣୟନ କଲାବେଳେ କେନ୍ଦ୍ର ଆଇନ୍ ରାଜ୍ୟ ଆଇନ୍ ଅପେକ୍ଷା ଅଧିକ ବଳବତ୍ତର ବୋଲି କୁହାଯାଏ। ସମ୍ବିଧାନର ୨୪୯ ଧାରା ଅନୁସାରେ ରାଜ୍ୟ ସଭାର ନିଷ୍ପତ୍ତି କ୍ରମେ କେନ୍ଦ୍ର ସରକାର ରାଜ୍ୟ ତାଲିକାରେ ଅନ୍ତର୍ଭୁକ୍ତ ବିଷୟ ଉପରେ ଆଇନ୍ ପ୍ରଣୟନ କରିପାରନ୍ତି। ସମ୍ବିଧାନର ୩୫୨ ଧାରା ଅନୁସାରେ ଜାତୀୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଗଲେ କିମ୍ବା ୩୫୬ ଧାରା ଅନୁସାରେ କୌଣସି ରାଜ୍ୟରେ ରାଷ୍ଟ୍ରପତି ଶାସନ ପ୍ରଚଳିତ ହେଲେ କେନ୍ଦ୍ର ସରକାର ସମସ୍ତ କ୍ଷମତାର ଅଧିକାରୀ ହୁଅନ୍ତି। ୩୬୦ ଧାରା ଅନୁସାରେ ଆର୍ଥିକ ଜରୁରୀକାଳୀନ ପରିସ୍ଥିତି ଘୋଷଣା ହେଲେ ରାଜ୍ୟ ସରକାରଙ୍କର ସମସ୍ତ ଆର୍ଥିକ କ୍ଷମତା କେନ୍ଦ୍ର ସରକାରଙ୍କର ତତ୍ତ୍ୱାବଧାନରେ ରୁହେ। ଏହି ଦୃଷ୍ଟିରୁ କେତେକ ମତ ଦିଅନ୍ତି, "ଭାରତ ସାଧାରଣ ପରିସ୍ଥିତିରେ ରାଷ୍ଟ୍ରସଂଘୀୟ କିନ୍ତୁ ଜରୁରୀକାଳୀନ ପରିସ୍ଥିତିରେ ଐକିକ।"

ସମଗ୍ର ଭାରତ ପାଇଁ ଗୋଟିଏ ସମ୍ବିଧାନ, ଗୋଟିଏ ବିଚାର ସଂସ୍ଥା, ରାଜ୍ୟର ରାଜ୍ୟପାଳ ନିଯୁକ୍ତି, ଆଇ.ଏ.ଏସ୍ ଓ ଆଇ.ପି.ଏସ୍‌ଙ୍କ ପରି ମୁଖ୍ୟ ଶାସନ କର୍ମଚାରୀ ଗୋଷ୍ଠୀ କେନ୍ଦ୍ର ସରକାର ଦ୍ୱାରା ନିଯୁକ୍ତି ଓ ନିୟନ୍ତ୍ରଣ ହୁଅନ୍ତି। ଅନ୍ୟ ପକ୍ଷରେ ଭାରତରେ ମଧ୍ୟ ଏକ ନାଗରିକତ୍ୱର ପ୍ରଚଳନ ରହିଛି। ସମ୍ବିଧାନର ୩ ଓ ୪ ଧାରା ଅନୁସାରେ ରାଜ୍ୟଗୁଡ଼ିକୁ ଲୋପ କରିଦେବାର ଅଧିକାର ମଧ୍ୟ କେନ୍ଦ୍ର ସରକାରଙ୍କ ହାତରେ ରହିଛି। ଏହି ଦୃଷ୍ଟିରୁ ଭାରତୀୟ ରାଷ୍ଟ୍ରସଂଘକୁ "କେନ୍ଦ୍ରୀଭୂତ ରାଷ୍ଟ୍ରସଂଘ" କହିଲେ ଅପ୍ରାସଙ୍ଗିକ ହେବ ନାହିଁ।

୫. ଗଣତାନ୍ତ୍ରିକ ସାଧାରଣତନ୍ତ୍ର :

ସମ୍ବିଧାନର ପ୍ରସ୍ତାବନାରେ ଭାରତକୁ ଗୋଟିଏ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରାଷ୍ଟ୍ର ଭାବରେ ବର୍ଣ୍ଣନା କରାଯାଇଛି। ଏହାର ଅର୍ଥ ଭାରତର ଲୋକଙ୍କ ହାତରେ ସାର୍ବଭୌମ କ୍ଷମତା ରହିଛି। ଭାରତର ସଂସଦ ଓ ରାଜ୍ୟ ବିଧାନମଣ୍ଡଳ ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ଗଠିତ ହୋଇଥାଏ। ସାର୍ବଜନୀନ ସାବାଳକ ଭୋଟ ପ୍ରଥା ମାଧ୍ୟମରେ ପ୍ରତିନିଧିମାନେ ନିର୍ବାଚିତ ହୋଇଥାଆନ୍ତି। ଏହା ଏକ ସାଧାରଣତନ୍ତ୍ର, କାରଣ ଭାରତର ରାଷ୍ଟ୍ରମୁଖ୍ୟ ରାଷ୍ଟ୍ରପତି ନିର୍ଦ୍ଦିଷ୍ଟ ୫ ବର୍ଷ ପାଇଁ ଲୋକ ପ୍ରତିନିଧିମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି। ସେ ବ୍ରିଟିଶ୍ ରାଣୀଙ୍କ ପରି ବଂଶାନୁକ୍ରମିକ ନୀତିରେ ଶାସନ କ୍ଷମତାକୁ ଆସନ୍ତି ନାହିଁ।

୬. ମୌଳିକ ଅଧିକାର :

ପ୍ରତ୍ୟେକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକମାନଙ୍କର ବ୍ୟକ୍ତିତ୍ୱର ବିକାଶ ପାଇଁ ସେମାନଙ୍କୁ କେତେଗୁଡ଼ିଏ ମୌଳିକ ଅଧିକାର ପ୍ରଦାନ କରାଯାଇଛି । ସମ୍ବିଧାନର ୩ୟ ଭାଗରେ ଏହା ଲିପିବଦ୍ଧ ହୋଇଛି । ମୂଳ ସଂବିଧାନରେ ନାଗରିକମାନଙ୍କୁ ୭ପ୍ରକାର ମୌଳିକ ଅଧିକାର ପ୍ରଦାନ କରାଯାଇଥିଲା। କିନ୍ତୁ ୧୯୭୮ ମସିହାରେ ୪୪ତମ ସମ୍ବିଧାନ ସଂଶୋଧନ ଦ୍ୱାରା ସଂପତ୍ତିଗତ ମୌଳିକ ଅଧିକାରକୁ ଉଠାଇ ନେଇ ଆଇନଗତ ଅଧିକାରରେ ଅନ୍ତର୍ଭୁକ୍ତ କରାଯିବା ଫଳରେ ୬ଟି ମୌଳିକ ଅଧିକାରକୁ ନାଗରିକମାନେ ଭୋଗ କରୁଛନ୍ତି । ସେଗୁଡ଼ିକ ହେଲା –

(୧) ସମାନତା ଅଧିକାର (ଧାରା ୧୪ରୁ ୧୮) (୨) ସ୍ୱାଧୀନତାର ଅଧିକାର (ଧାରା ୧୯ରୁ ୨୨) (୩) ଶୋଷଣ ବିରୁଦ୍ଧରେ ଅଧିକାର (ଧାରା ୨୩, ୨୪) (୪) ଧର୍ମ ସ୍ୱାଧୀନତାର ଅଧିକାର (ଧାରା ୨୫-୨୮) (୫) ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର (ଧାରା ୨୫ ରୁ ୨୮) (୬) ସାମ୍ବିଧାନିକ ପ୍ରତିକାର ଅଧିକାର (ଧାରା ୩୨)

ଏହି ଅଧିକାରଗୁଡ଼ିକ ସାବ୍ୟସ୍ତ କରିବା ପାଇଁ ଯେକୌଣସି ବ୍ୟକ୍ତି ଉଚ୍ଚତମ ନ୍ୟାୟାଳୟ କିମ୍ବା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇପାରିବେ । ବ୍ୟକ୍ତିର ମୌଳିକ ଅଧିକାରର ସଂରକ୍ଷଣ ପାଇଁ ନ୍ୟାୟାଳୟମାନଙ୍କୁ ସମ୍ବିଧାନ ଯଥୋଚିତ କ୍ଷମତା ପ୍ରଦାନ କରିଛି । "ସାମ୍ବିଧାନିକ ପ୍ରତିକାର ଅଧିକାର" କ୍ଷମତା ପ୍ରୟୋଗ କରି ନ୍ୟାୟାଳୟ ରାଷ୍ଟ୍ରର କୌଣସି କାର୍ଯ୍ୟ ବା ଆଇନ୍‌କୁ ଅସିଦ୍ଧ ଘୋଷଣା କରିପାରିବେ । ଯଥାର୍ଥରେ "ସାମ୍ବିଧାନିକ ପ୍ରତିକାରର ଅଧିକାର" ହେଉଛି ଅନ୍ୟ ସମସ୍ତ ମୌଳିକ ଅଧିକାରର ରକ୍ଷା କବଚ ।

୭. ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତି :

ଆମ ସମ୍ବିଧାନର ଚତୁର୍ଥ ଭାଗରେ ରାଷ୍ଟ୍ର ଶାସନ ପାଇଁ କେତେଗୁଡ଼ିଏ ନୀତି ବର୍ଣ୍ଣନା କରାଯାଇଛି । ଏହି ବ୍ୟବସ୍ଥା ଗ୍ରହଣରେ ଭାରତର ସମ୍ବିଧାନ ଆୟାରଲାଣ୍ଡ ସମ୍ବିଧାନକୁ ଅନୁସରଣ କରିଛି । ବିଭିନ୍ନ ଧାରାରେ ଶାସନର ନାନାବିଧ ସମସ୍ୟା ସମ୍ପର୍କରେ ଉଲ୍ଲେଖ ରହିଛି । ମୌଳିକ ଅଧିକାର ଭଳି ଏହାକୁ ସାବ୍ୟସ୍ତ କରିବା ପାଇଁ କୌଣସି ବ୍ୟକ୍ତି ଅଦାଲତର ଆଶ୍ରୟ ନେଇପାରିବ ନାହିଁ। କିନ୍ତୁ ଏହି ନିର୍ଦ୍ଦେଶାତ୍ମକ ନୀତି ସମୂହକୁ କାର୍ଯ୍ୟକାରୀ କରିବା ଶାସକବର୍ଗଙ୍କର ଏକ ନୈତିକ ଦାୟିତ୍ୱ । ଭାରତକୁ ଏକ ଜନମଙ୍ଗଳ ରାଷ୍ଟ୍ରରେ ପରିଣତ କରିବା ପାଇଁ ଏଥିରେ ସରକାରଙ୍କ ପ୍ରତି କେତେକ ନିର୍ଦ୍ଦେଶ ରହିଛି । ଯଥା – ରାଷ୍ଟ୍ରରେ ଜୀବନ ଧାରଣ ଲାଗି ସମସ୍ତଙ୍କୁ ସୁବିଧା ଦେବା। ସମାନ କାର୍ଯ୍ୟ ପାଇଁ ସମାନ ମଜୁରୀ, ସମସ୍ତଙ୍କ ପାଇଁ କର୍ମ ନିଯୁକ୍ତି; ଅବୈତନିକ ବାଧ୍ୟତା ମୂଳକ ପ୍ରାଥମିକ ଶିକ୍ଷା, ଗ୍ରାମ ପଞ୍ଚାୟତର ଗଠନ, ଆନ୍ତରାଷ୍ଟ୍ରୀୟ ଶାନ୍ତି ଓ ନିରାପତ୍ତା ପାଇଁ ବହିଃ ରାଷ୍ଟ୍ର ସହିତ ସମ୍ମାନଜନକ ସଂପର୍କ ସ୍ଥାପନ କରିବା ଆଦି ଏହି ନିର୍ଦ୍ଦେଶାବଳୀରେ ରହିଛି । ମୌଳିକ ଅଧିକାର ଯେପରି ରାଜନୈତିକ ଗଣତନ୍ତ୍ରର ଭିତ୍ତି ସ୍ଥାପନ କରେ, ସେହିପରି ନିର୍ଦ୍ଦେଶ ମୂଳକ ରାଷ୍ଟ୍ରନୀତି ଦେଶର ସାମାଜିକ ଓ ଅର୍ଥନୈତିକ ଗଣତନ୍ତ୍ର ସ୍ଥାପନ କରିବା ପାଇଁ ପ୍ରଯୁଜ୍ୟ ।

୮. ମୌଳିକ କର୍ତ୍ତବ୍ୟ :

୧୯୭୬ ମସିହା ୪୨ତମ ସମ୍ବିଧାନ ସଂଶୋଧନ ଆଇନ ବଳରେ ସଂବିଧାନର ୫୧ (କ) ଧାରା ଓ ୪ର୍ଥ (କ) ଭାଗରେ ନାଗରିକଙ୍କ ମୌଳିକ କର୍ତ୍ତବ୍ୟକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି ମୌଳିକ କର୍ତ୍ତବ୍ୟଗୁଡ଼ିକ ହେଲା –

୧. ଦେଶର ସଂବିଧାନ, ଜାତୀୟ ପତାକା ଏବଂ ଜାତୀୟ ସଂଗୀତ ପ୍ରତି ସମ୍ମାନ ଦେଖାଇବା ।

୨. ଦେଶର ସାର୍ବଭୌମତ୍ୱ ଏକତା ଏବଂ ଅଖଣ୍ଡତାକୁ ବଜାୟ ରଖିବା ।

୩. ସ୍ୱାଧୀନତା ସଂଗ୍ରାମର ମହତ୍ ଆଦର୍ଶରେ ଅନୁପ୍ରାଣୀତ ହେବା ।

୪. ଦେଶର ସୁରକ୍ଷା ପାଇଁ ଏବଂ ଦେଶର ସେବା ପାଇଁ ଡ଼ାକରା ଆସିଲେ ଆଗେଇ ଆସିବା ।

୫. ଭାରତମାତାର ସନ୍ତାନ ଭାବରେ ଆମେ ସମସ୍ତେ ପରସ୍ପର ଭାଇ – ଏହି ଧାରଣା ମନରେ ସୃଷ୍ଟି କରିବା ଏବଂ ନାରୀ ଜାତିର ମର୍ଯ୍ୟାଦାକୁ କ୍ଷୁଣ୍ଣ କଲା ଭଳି କୌଣସି କାର୍ଯ୍ୟ ନକରିବା ।

୬. ଦେଶର ମିଶ୍ରିତ ସଂସ୍କୃତିର ମହାନ ପରମ୍ପରାକୁ ଅକ୍ଷୁଣ୍ଣ ରଖିବା ।

୭. ଦେଶର ପ୍ରାକୃତିକ ପରିବେଶକୁ ସୁରକ୍ଷିତ କରିବା ଏବଂ ପ୍ରାଣୀମାନଙ୍କ ପ୍ରତି ଅନୁକମ୍ପା ଦେଖାଇବା ।

୮. ବୈଜ୍ଞାନିକ ମନୋଭାବ, ମାନବିକତା, ଅନୁସନ୍ଧିତ୍ସୁ ଏବଂ ସଂସ୍କାର ମୂଳକ ମନୋଭାବ ପୋଷଣ କରିବା ।

୯. ସାଧାରଣ ସମ୍ପତ୍ତିକୁ ଜାତୀୟ ସମ୍ପତ୍ତି ମନେକରି ତାର ସୁରକ୍ଷା କରିବା ଏବଂ ହିଂସାକାଣ୍ଡକୁ ନିରୁତ୍ସାହିତ କରିବା ।

୧୦. ସ୍ୱତନ୍ତ୍ର ଏବଂ ସାମୂହିକ କାର୍ଯ୍ୟରେ ଶ୍ରେଷ୍ଠତା ଲାଭ କରିବା ପାଇଁ ଉଦ୍ୟମ କରିବା ।

ଏଗୁଡ଼ିକୁ ଅନୁସରଣ କରିବା ନାଗରିକମାନଙ୍କର କର୍ତ୍ତବ୍ୟ । ନାଗରିକମାନେ ଯେପରି ଅଧିକାର ଭୋଗ କରୁଛନ୍ତି ସେହିପରି ରାଷ୍ଟ୍ର ପ୍ରତି ସେମାନଙ୍କର କର୍ତ୍ତବ୍ୟ ରହିଛି । ଅଧିକାର ଏବଂ କର୍ତ୍ତବ୍ୟ ପରସ୍ପର ପରିପୂରକ ।

୯. ସ୍ୱାଧୀନ ଓ ନିରପେକ୍ଷ ନ୍ୟାୟାଳୟ :

ଆମ ସଂବିଧାନରେ ନ୍ୟାୟପାଳିକା ସଂସ୍ଥାର ସ୍ୱାତନ୍ତ୍ର୍ୟ ଓ ନିରପେକ୍ଷତା ରକ୍ଷାଲାଗି ବ୍ୟବସ୍ଥା ଗ୍ରହଣ କରାଯାଇଛି । ଜନସାଧାରଣଙ୍କର ମୌଳିକ ଅଧିକାର ଏବଂ ସ୍ୱାଧୀନତାକୁ ରକ୍ଷା କରିବାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନ୍ୟାୟାଳୟଠାରେ ନ୍ୟସ୍ତ କରାଯାଇଛି । ତେଣୁ ଏହି ସଂସ୍ଥାକୁ ସରକାର ନିୟନ୍ତ୍ରଣର ଉର୍ଦ୍ଧ୍ୱରେ ରଖି ନିରପେକ୍ଷ ଭାବେ ବିଚାର କରିବା ସୁଯୋଗ ଦିଆଯାଇଛି । ତେଣୁ ଆମ ସମ୍ବିଧାନରେ ଭାରତର ଉଚ୍ଚତମ ନ୍ୟାୟାଳୟ, ଉଚ୍ଚନ୍ୟାୟାଳୟଗୁଡ଼ିକର ବିଚାରପତିମାନଙ୍କର ନିଯୁକ୍ତି, କାର୍ଯ୍ୟକାଳ, କାର୍ଯ୍ୟରୁ ଅନ୍ତର କରିବା ପଦ୍ଧତି, କାର୍ଯ୍ୟନିର୍ବାହର ଧାରା, ସେମାନଙ୍କର ବେତନ, ଭତ୍ତା ପ୍ରଭୃତି ସଂପର୍କରେ ବ୍ୟବସ୍ଥା ରହିଛି । ଭାରତର ଉଚ୍ଚତମ ନ୍ୟାୟାଳୟ ଏବଂ ଅନ୍ୟାନ୍ୟ ରାଜ୍ୟର ଉଚ୍ଚ ନ୍ୟାୟାଳୟ ଏବଂ ସେମାନଙ୍କ ଅଧିନରେ ଥିବା ଅନ୍ୟ ନ୍ୟାୟାଳୟଗୁଡ଼ିକ ଘନିଷ୍ଠ ଭାବରେ ସଂଶ୍ଳିଷ୍ଟ । ସ୍ୱାଧୀନ ନିରପେକ୍ଷ ଏବଂ ସଂଶ୍ଳିଷ୍ଟ ନ୍ୟାୟ ବ୍ୟବସ୍ଥା ଭାରତୀୟ ସମ୍ବିଧାନର ଅନ୍ୟ ଏକ ବୈଶିଷ୍ଟ୍ୟ ।

୧୦. ଧର୍ମନିରପେକ୍ଷ ରାଷ୍ଟ୍ର :

ସମ୍ବିଧାନରେ ଭାରତକୁ ଏକ ଧର୍ମନିରପେକ୍ଷ ରାଷ୍ଟ୍ରର ମର୍ଯ୍ୟାଦା ପ୍ରଦାନ କରାଯାଇଛି । ରାଷ୍ଟ୍ର କୌଣସି ନିର୍ଦ୍ଦିଷ୍ଟ ଧର୍ମର ପୃଷ୍ଠପୋଷକତା କରେ ନାହିଁ କିମ୍ବା କୌଣସି ଧର୍ମ ସଂପ୍ରଦାୟର ଲୋକଙ୍କ ସ୍ୱାଧୀନତାରେ ହସ୍ତକ୍ଷେପ କରେ ନାହିଁ । ସମ୍ବିଧାନର ୨୫ରୁ ୨୮ ଧାରାରେ ଏହାର ବର୍ଣ୍ଣନା ରହିଛି । ଦେଶର ନାଗରିକ ନିଜର ରୁଚି ଅନୁସାରେ ଯେକୌଣସି ଧର୍ମ ଗ୍ରହଣ କରିପାରିବେ ଏବଂ ତାର ପ୍ରଚାର କରିପାରିବେ । ସାଧାରଣ ସ୍ୱାସ୍ଥ୍ୟ, ଶାନ୍ତିଶୃଙ୍ଖଳା ଏବଂ ନୈତିକତା ଦୃଷ୍ଟିରୁ ସରକାର ସାମୟିକ କଟକଣା ଜାରି କରିପାରିବେ । କୌଣସି ଧର୍ମର ଉନ୍ନତି ପାଇଁ ନାଗରିକମାନଙ୍କ ଠାରୁ କର ଆଦାୟ କରାଯିବ ନାହିଁ । ରାଷ୍ଟ୍ରଦ୍ୱାରା ପରିଚାଳିତ କୌଣସି ଶିକ୍ଷାନୁଷ୍ଠାନରେ ନିର୍ଦ୍ଦିଷ୍ଟ ଧର୍ମଶିକ୍ଷା ଦିଆଯାଇପାରିବ ନାହିଁ ।

୧୧. ଏକ ନାଗରିକତ୍ୱ :

ଭାରତର ଯେକୌଣସି ନାଗରିକ ସେ ଯେଉଁଠାରେ ବାସ କରୁନା କାହିଁକି ସେ କେବଳ ଏକ ନାଗରିକତ୍ୱ ଗ୍ରହଣ କରିବା ବ୍ୟବସ୍ଥା ପ୍ରଚଳିତ ଅଛି । ଏହାକୁ ଭାରତୀୟ ନାଗରିକତ୍ୱ କୁହାଯାଏ । ଆମ ସମ୍ବିଧାନରେ ଦ୍ୱୈତ୍ୱ ନାଗରିକତ୍ୱ ପଦ୍ଧତିକୁ ସ୍ୱୀକୃତି ଦିଆଯାଇନାହିଁ । ଆମେରିକାରେ ପ୍ରତ୍ୟେକ ନାଗରିକ ସମଗ୍ର ରାଷ୍ଟ୍ରସଂଘର ନାଗରିକ ହେବା ସହିତ ସେ ବାସ କରୁଥିବା ନିର୍ଦ୍ଦିଷ୍ଟ ରାଜ୍ୟର ନାଗରିକ ଭାବରେ ମଧ୍ୟ ପରିଚିତ ହୁଅନ୍ତି ।

ସଂବିଧାନ ସଂଶୋଧନ ପ୍ରଣାଳୀ

ଯେକୌଣସି ଦେଶରେ ପରିବର୍ତ୍ତିତ ପରିସ୍ଥିତିକୁ ଚାହିଁ ସଂବିଧାନରେ ପରିବର୍ତ୍ତନର ଆବଶ୍ୟକତା ମଧ୍ୟ ଅନୁଭୂତ ହୁଏ । ଏହି ପରିବର୍ତ୍ତନ ଲାଗି ଆବଶ୍ୟକୀୟ ବ୍ୟବସ୍ଥା ନଥିଲେ ସଂବିଧାନ ଗତିଶୀଳ ବା ଯୁଗୋପଯୋଗୀ ହୋଇପାରିବ ନାହିଁ । ସମ୍ବିଧାନ ସ୍ଥାଣୁ ହୋଇଯିବ । ଫଳରେ ଦେଶର ପ୍ରଗତିରେ ପ୍ରତିବନ୍ଧକ ସୃଷ୍ଟି ହେବ । ଫଳରେ ଦେଶ ଭିତରେ ବିପ୍ଳବ କିମ୍ବା ସମ୍ବିଧାନ ଧ୍ୱଂସ ହୋଇଯିବାର ସମ୍ଭାବନା ଥାଏ । ସଂବିଧାନ ସଂଶୋଧନର ଆବଶ୍ୟକତାକୁ ଅନୁଭବ କରି ପଣ୍ଡିତ ଜବାହାରଲାଲ ନେହେରୁ କହିଥିଲେ – "ସଂବିଧାନରେ ଚିରସ୍ଥାୟୀ ବ୍ୟବସ୍ଥା କିଛି ରହିନପାରେ । ସବୁ କିଛି କଠିନ ଏବଂ ସ୍ଥାୟୀ ହୋଇ ରହିଲେ ଦେଶର ପ୍ରଗତି ଅସମ୍ଭବ ।" ସମ୍ବିଧାନର ଜନକ ଡ଼କ୍ଟର ଆମ୍ବେଦକର କହିଥିଲେ – "ଶାସନ ବିଧାୟକ ସଭା ସଂବିଧାନର ଏକ ଚୂଡ଼ାନ୍ତ ମୋହର ମାରି ଜନସାଧାରଣଙ୍କୁ ସଂବିଧାନ ସଂଶୋଧନ କରିବାର ଅଧିକାରରୁ ବଞ୍ଚିତ କରି ନାହିଁ । ବରଂ ସଂଶୋଧନ କରିବା ଲାଗି ଏକ ସହଜ ପ୍ରଣାଳୀର ବ୍ୟବସ୍ଥା କରିଛି ।" ଏହି ସଂଶୋଧନ ପ୍ରଣାଳୀ ରହିଥିବା ଯୋଗୁଁ ଆମ ସମ୍ବିଧାନ ସଂପୂର୍ଣ୍ଣ ଅନମନୀୟ କିମ୍ବା ସଂପୂର୍ଣ୍ଣ ନମନୀୟ ନୁହେଁ ବରଂ ଏହି ଦୁଇଟି ଧାରାର ସମନ୍ୱୟ ଘଟିଛି ଏଥିରେ ।

ସଂବିଧାନର ୩୬୮ ଧାରାରେ ସଂଶୋଧନ ପ୍ରଣାଳୀ ବର୍ଣ୍ଣିତ ଅଛି । ସଂବିଧାନ ସଂଶୋଧନ ପାଇଁ ରହିଥିବା ବ୍ୟବସ୍ଥାଗୁଡ଼ିକ ମଧ୍ୟରୁ କେତେକ ପଦ୍ଧତି ଅଛି ଯାହାଦ୍ୱାରା ଅତି ସହଜରେ ସମ୍ବିଧାନ ସଂଶୋଧନ କରାଯାଏ । ଅନ୍ୟ କେତେକ କ୍ଷେତ୍ରରେ ସଂଶୋଧନ ପାଇଁ ସ୍ୱତନ୍ତ୍ର ପଦ୍ଧତି ଅନୁସରଣ କରିବାକୁ ପଡ଼େ । ଭାରତ ଗୋଟିଏ ସଂଘୀୟ ରାଷ୍ଟ୍ର ହୋଇଥିବାରୁ ସଂବିଧାନ ସଂଶୋଧନ ପ୍ରସ୍ତାବ ପ୍ରଥମେ ଲୋକ ସଭାରେ ଆଗତ ହୁଏ । ଏହି କ୍ଷମତା

ରାଜ୍ୟ ସଭାର ନାହିଁ । କିନ୍ତୁ ଉଭୟ ଗୃହର ଅନୁମୋଦନ ଏବଂ ରାଷ୍ଟ୍ରପତିଙ୍କ ସ୍ୱୀକୃତି ମିଳିଲାପରେ ଯାଇ ସଂବିଧାନ ସଂଶୋଧନ ଆଇନ କାର୍ଯ୍ୟରେ ପରିଣତ ହୁଏ । ଆବଶ୍ୟକସ୍ଥଳେ ସଂଶୋଧନ ପାଇଁ ଉଭୟ ଗୃହର ମିଳିତ ଅଧିବେଶନ ଡକା ଯାଇଥାଏ ।

ସଂବିଧାନର ୩୬୮ ଧାରା ଅନୁସାରେ ସଂଶୋଧନ ପାଇଁ ତିନିଗୋଟି ପ୍ରଣାଳୀ ଅନୁସୃତ ହୁଏ ।

ପ୍ରଥମ ପ୍ରଣାଳୀ :

ପ୍ରଥମେ ସଂବିଧାନ ସଂଶୋଧନ ପାଇଁ ସଂସଦରେ ଏକ ବିଲ୍ ଆଗତ କରାଯାଏ । ସଂସଦରେ ଉପସ୍ଥିତ ସଂଖ୍ୟାଧିକ ସଦସ୍ୟଙ୍କ ସମର୍ଥନ ଦ୍ୱାରା ଗୃହୀତ ହୋଇ ସାରିବା ପରେ ରାଷ୍ଟ୍ରପତିଙ୍କ ସ୍ୱୀକୃତିଲାଭ କଲା ପରେ କାର୍ଯ୍ୟକାରୀ ହୁଏ । ପ୍ରଥମ ପ୍ରଣାଳୀ ଅନୁସାରେ ପ୍ରଦେଶଗୁଡ଼ିକର ନାମ, ସୀମାରେଖା ପରିବର୍ତ୍ତନ ଏବଂ ନୂତନ ପ୍ରଦେଶ ସୃଷ୍ଟି, ରାଜ୍ୟମାନଙ୍କରେ ବିଧାନ ପରିଷଦର ସୃଷ୍ଟି କିମ୍ବା ବିଲୋପ, ସଂସଦରେ ସଦସ୍ୟମାନଙ୍କର ବେତନ କିମ୍ବା ସ୍ୱାଧିକାର ନିର୍ଦ୍ଧାରଣ, ବିଚାରପତିମାନଙ୍କର ନିଯୁକ୍ତି ବ୍ୟବସ୍ଥା, ନିର୍ବାଚନ ସମ୍ବନ୍ଧୀୟ ବ୍ୟବସ୍ଥା ପରିବର୍ତ୍ତନ ପାଇଁ ସଂବିଧାନ ସଂଶୋଧନ କରାଯାଇଥାଏ ।

ଦ୍ୱିତୀୟ ପ୍ରଣାଳୀ :

ଏହି ପ୍ରଣାଳୀରେ ସଂବିଧାନ ସଂଶୋଧନ ପାଇଁ ସଂସଦର ଉଭୟ ଗୃହର ଅର୍ଦ୍ଧାଧିକ ସଭ୍ୟ ଏବଂ ଅଧିବେଶନରେ ଉପସ୍ଥିତ ଦୁଇ ତୃତୀୟାଂଶ ସଭ୍ୟଙ୍କର ସମର୍ଥନ ଦ୍ୱାରା ଏବଂ ରାଷ୍ଟ୍ରପତିଙ୍କ ସ୍ୱୀକୃତିକ୍ରମେ କାର୍ଯ୍ୟକାରୀ ହୋଇଥାଏ । ଏହି ପ୍ରଣାଳୀରେ ମୌଳିକ ଅଧିକାର, ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତି, ସମନ୍ଧୀୟ ବ୍ୟବସ୍ଥାଗୁଡ଼ିକ ସଂଶୋଧନ କରାଯାଏ ।

ତୃତୀୟ ପ୍ରଣାଳୀ :

ରାଜ୍ୟସ୍ୱାର୍ଥ ଜଡ଼ିତ ସଂବିଧାନର ଧାରାକୁ ସଂଶୋଧନ କରିବା ପାଇଁ ସଂସଦର ଦୁଇ ତୃତୀୟାଂଶ ସଭ୍ୟଙ୍କର ସମର୍ଥନ ସହିତ ଅନ୍ୟୂନ ଅର୍ଦ୍ଧାଧିକ ରାଜ୍ୟ ବିଧାନମଣ୍ଡଳର ଅନୁମୋଦନ ଦ୍ୱାରା ରାଷ୍ଟ୍ରପତିଙ୍କର ସ୍ୱୀକୃତିକ୍ରମେ ସଂଶୋଧିତ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥାଏ । ଏହି ପ୍ରଣାଳୀରେ ରାଷ୍ଟ୍ରପତିଙ୍କର ନିର୍ବାଚନ ପ୍ରଣାଳୀ ସମ୍ବନ୍ଧୀୟ ଧାରା, କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ କାର୍ଯ୍ୟପାଳିକା କ୍ଷମତାର ସୀମା ନିର୍ଦ୍ଧାରଣ, କେନ୍ଦ୍ର ଏବଂ ରାଜ୍ୟ ସରକାରମାନଙ୍କ ମଧ୍ୟରେ ବିଧାୟକ କ୍ଷମତାର ବଣ୍ଟନ, ପଞ୍ଚମ ଭାଗର ଚତୁର୍ଥ ପରିଚ୍ଛେଦ ଏବଂ ଷଷ୍ଠ ଭାଗର ପଞ୍ଚମ ପରିଚ୍ଛେଦରେ ଉଚ୍ଚତମ ନ୍ୟାୟାଳୟ ଏବଂ ଉଚ୍ଚନ୍ୟାୟାଳୟଗୁଡ଼ିକ ପାଇଁ ଥିବା ବ୍ୟବସ୍ଥା, ସପ୍ତମ ପରିଶିଷ୍ଟରେ ଲିପିବଦ୍ଧ ଯେକୌଣସି କ୍ଷମତା ବଣ୍ଟନ ତାଲିକା, ସଂସଦରେ ରାଜ୍ୟମାନଙ୍କର ପ୍ରତିନିଧିତ୍ୱ, ସଂବିଧାନ ସଂଶୋଧନର ୩୬୮ ଧାରା ପ୍ରଭୃତି ଏହି ପ୍ରଣାଳୀର ଅନ୍ତର୍ଭୁକ୍ତ ଅଟେ ।

୨୪ତମ ସଂବିଧାନ ସଂଶୋଧନ ଆଇନ ୧୯୭୧ ଅନୁସାରେ ରାଷ୍ଟ୍ରପତି ସଂବିଧାନ ସଂଶୋଧନ ବିଧେୟକରେ ସ୍ୱୀକୃତି ଦେବାକୁ ବାଧ୍ୟ ଅଟନ୍ତି । ସମ୍ବିଧାନ ସଂଶୋଧନ ବିଧେୟକ ଉପରେ ସଂସଦର ଦୁଇ ସଦନ ଏକ ମତ ହୋଇ ନପାରିଲେ ସରକାର ବିଧେୟକଟିକୁ ସଂପୂର୍ଣ୍ଣ ପ୍ରତ୍ୟାହାର କରିନେବେ କିମ୍ବା ରାଜ୍ୟ ସଭାର ସଂଶୋଧନ ପ୍ରସ୍ତାବକୁ ଗ୍ରହଣ କରିନେଇ ତଦନୁସାରେ ସଂଶୋଧନ ବିଧେୟକରେ ପରିବର୍ତ୍ତନ କରିବେ । ସଂବିଧାନ

ସଂଶୋଧନ ପାଇଁ ରାଜ୍ୟମାନଙ୍କର ପ୍ରସ୍ତାବ ଦେବାର ଅଧିକାର ଅଛି। ରାଜ୍ୟ ବିଧାନ ପରିଷଦର ସୃଷ୍ଟି କିମ୍ବା ବିଲୋପ, ରାଜ୍ୟମାନଙ୍କର ନାମ ପରିବର୍ତ୍ତନ ପାଇଁ ସମ୍ବିଧାନର ସଂଶୋଧନ ନିମନ୍ତେ ରାଜ୍ୟମାନଙ୍କର ପ୍ରସ୍ତାବ ଦେବାର ଅଧିକାର ରହିଛି। ସଂବିଧାନ ସଂଶୋଧନ ପାଇଁ ରାଜ୍ୟମାନଙ୍କର ଅନୁମୋଦନ ଲାଭ ସକାଶେ ସମୟର ସୀମା ନିର୍ଦ୍ଧାରଣ ସମ୍ବିଧାନରେ ଉଲ୍ଲେଖ ନାହିଁ। କିନ୍ତୁ ସେମାନେ ବିଧେୟକଟିକୁ ଅକାମୀ କରିଦେଇପାରିବେ। ସମ୍ବିଧାନ ସଂଶୋଧନ ପାଇଁ ୩୬୮ ଧାରାରେ ବର୍ଣ୍ଣିତ ତିନୋଟି ପ୍ରଣାଳୀକୁ ପର୍ଯ୍ୟାଲୋଚନା କଲେ ଦେଖାଯାଏ ଆମ ସମ୍ବିଧାନ ଆମେରିକା ସମ୍ବିଧାନ ଅପେକ୍ଷା କମ୍ ଅନମନୀୟ ଏବଂ ଇଂଲଣ୍ଡ ସମ୍ବିଧାନ ଅପେକ୍ଷା କମ୍ ନମନୀୟ। ଏହା ନମନୀୟତା ଏବଂ ଅନମନୀୟତାର ଏକ ସମନ୍ୱୟ। ସଂବିଧାନ ସଂଶୋଧନ ଆଇନକୁ ଉଚ୍ଚ ବା ଉଚ୍ଚତମ ନ୍ୟାୟାଳୟ କୌଣସି କାରଣରୁ ଅସିଦ୍ଧ ଘୋଷଣା କରିପାରିବେ ନାହିଁ।

ସଂକ୍ଷିପ୍ତ ସୂଚନା

- ଭାରତର ସମ୍ବିଧାନରେ ଥିବା ପ୍ରସ୍ତାବନାରେ ସମ୍ବିଧାନର ଉଦ୍ଦେଶ୍ୟ ଓ ଆଦର୍ଶର ଅବତାରଣା କରାଯାଇଛି। ଉଚ୍ଚତମ ନ୍ୟାୟାଳୟ ଏହାକୁ ସମ୍ବିଧାନର ଅଂଶବିଶେଷ ଭାବରେ ଘୋଷଣା କରିଛନ୍ତି।
- ପୃଥିବୀର ବୃହତ୍ତମ ସମ୍ବିଧାନ ହେଉଛି ଭାରତର ସମ୍ବିଧାନ
- ସଂଘୀୟ ରୂପରେଖ ମଧ୍ୟରେ ଏହା ସଂସଦୀୟ ଗଣତନ୍ତ୍ରକୁ ଗ୍ରହଣ କରିଛି।
- ଏହାର ଅନ୍ୟାନ୍ୟ ବୈଶିଷ୍ଟ୍ୟ ମଧ୍ୟରେ ମୌଳିକ ଅଧିକାର, ମୌଳିକ କର୍ତ୍ତବ୍ୟ, ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତି ଅନ୍ତର୍ଭୁକ୍ତ। ଏହା ଭାରତକୁ ସାର୍ବଭୌମ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ କରିଛି। ଏହା ଆଂଶିକ ନମନୀୟ ଓ ଆଂଶିକ ଅନମନୀୟ। ଏକ ସ୍ୱାଧୀନ, ନିରପେକ୍ଷ ନ୍ୟାୟାଳୟ ବ୍ୟବସ୍ଥା ହେଉଛି ଭାରତୀୟ ସାଂବିଧାନିକ ବ୍ୟବସ୍ଥାର ବୈଶିଷ୍ଟ୍ୟ।
- ସମ୍ବିଧାନର ସଂଶୋଧନ ପଦ୍ଧତି ଉଭୟ ନମନୀୟତା ଓ ଅନମନୀୟତାର ସମନ୍ୱୟ। ଏହାର କେତେକ ଅଂଶ ସଂସଦର ସାଧାରଣ ସଂଖ୍ୟାଗରିଷ୍ଠତା ବଳରେ ସଂଶୋଧିତ ହେଲାବେଳେ ଆଉ କେତେକ ବ୍ୟବସ୍ଥା ପାଇଁ ଅଧିକ ଜଟିଳ ପଦ୍ଧତିର ଆବଶ୍ୟକତା ରହିଛି।

ଆଦର୍ଶ ପ୍ରଶ୍ନାବଳୀ

('କ' - ବିଭାଗ)

୧. ଶୂନ୍ୟସ୍ଥାନ ପୂରଣ କର :

(କ) ସମ୍ବିଧାନକୁ ଏକ ରାଷ୍ଟ୍ରର ________ ଆଇନ ବୋଲି ବିବେଚନା କରାଯାଏ।

(ଖ) ଭାରତର ସମ୍ବିଧାନର ମୁଖ୍ୟ ଲକ୍ଷ୍ୟ ଗୁଡ଼ିକ ଏହାର ________ ରେ ଉଲ୍ଲିଖିତ ଅଛି।

(ଗ) ଭାରତର ସମ୍ବିଧାନ ________ ଠାରୁ କାର୍ଯ୍ୟକ୍ଷମ ହେଲା।

(ଘ) ଭାରତର ସମ୍ବିଧାନ ସଭାର 'ଚିଠା କମିଟିର' ମୁଖ୍ୟ ________ ଥିଲେ ।

(ଙ) ସମ୍ବିଧାନର ୪୨ତମ ସଂଶୋଧନ ________ ମସିହାରେ ହୋଇଥିଲା ।

(ଚ) ଭାରତର ସମ୍ବିଧାନରେ ________ ଟି ଧାରା (Article) ଏବଂ ________ ଟି ସ୍ତମ୍ଭ (ଅନୁଚ୍ଛେଦ) (Shedules) ଅଛି ।

(ଛ) ମତଦାନ ଅଧିକାରର ସର୍ବନିମ୍ନ ବୟସସୀମା ୨୧ ରୁ ୧୮ ବର୍ଷକୁ ________ ସମ୍ବିଧାନ ସଂଶୋଧନ ଦ୍ୱାରା କମାଇ ଦିଆଗଲା ।

(ଜ) ସମ୍ବିଧାନ ସଂଶୋଧନ କରିବାର କ୍ଷମତା ________ ର ରହିଛି ।

୨. ବିବିଧ ଉତ୍ତର ଚୟନ ପ୍ରଶ୍ନାବଳୀ :

(କ) ଦେଶର ସର୍ବୋଚ୍ଚ ଆଇନ କେଉଁଟି ?

(i) ସାମ୍ବିଧାନିକ (ii) ପ୍ରଶାସନିକ (iii) ପ୍ରାକୃତିକ (iv) ନୈତିକ

୩. କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନାବଳୀ :

(କ) ଭାରତକୁ କାହିଁକି ଏକ ଗଣତାନ୍ତ୍ରିକ ରାଷ୍ଟ୍ରବୋଲି କୁହାଯାଏ ?

(ଖ) ଭାରତ ଏକ ସାଧାରଣତନ୍ତ୍ର ରାଷ୍ଟ୍ର ବୋଲି ତୁମେ କିପରି ଜାଣୁଛ ?

(ଗ) କେତୋଟି ରାଜ୍ୟକୁ ନେଇ ଭାରତ ଏକ ସଂଘୀୟ ରାଷ୍ଟ୍ର ବୋଲି ବିବେଚିତ ହୁଏ ?

(ଘ) ଭାରତର ସମ୍ବିଧାନ ହେଉଛି, ପୃଥିବୀର ସବୁଠାରୁ ଦୀର୍ଘ ଲିଖିତ ସମ୍ବିଧାନ– ଏ ଉକ୍ତିର ତାତ୍ପର୍ଯ୍ୟ କ'ଣ ?

(ଙ) ଭାରତୀୟ ସମ୍ବିଧାନର ପ୍ରସ୍ତାବନାରେ ଉଲ୍ଲିଖିତ ଥିବା ଲକ୍ଷ୍ୟ ସବୁ କ'ଣ ?

(ଚ) ସମ୍ବିଧାନ ପ୍ରଣୟନ ସଭାରେ ଭାରତର ସମ୍ବିଧାନ କେବେ ପ୍ରଣୀତ ହେଲା ?

(ଛ) ଭାରତକୁ କାହିଁକି ଏକ ଧର୍ମନିରପେକ୍ଷ ରାଷ୍ଟ୍ରବୋଲି କୁହାଯାଏ ?

୪. ଅତିକ୍ଷୁଦ୍ର ଉତ୍ତର ମୂଳକ ପ୍ରଶ୍ନାବଳୀ :

(କ) ଭାରତର ସମ୍ବିଧାନର ଜନକ କିଏ ?

(ଖ) ଭାରତର ସମ୍ବିଧାନର ଚିଠା କିଏ ପ୍ରସ୍ତୁତ କରିଥିଲେ ?

(ଗ) ଭାରତୀୟ ସମ୍ବିଧାନର କେଉଁ ଧାରାରେ 'ସମ୍ବିଧାନ ସଂଶୋଧନ'ର ବ୍ୟବସ୍ଥା ରହିଛି ?

(ଘ) ଭାରତୀୟ ସମ୍ବିଧାନକୁ ସଂଶୋଧନ କରିବାର କ୍ଷମତା କାହାର ଅଛି ?

('ଖ' - ବିଭାଗ)

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନାବଳୀ :

୧. ଭାରତୀୟ ସମ୍ବିଧାନରେ ଥିବା ପ୍ରସ୍ତାବନାର ସ୍ୱରୂପ ନିରୂପଣ କର ?

୨. ଭାରତୀୟ ସମ୍ବିଧାନର ଗୁରୁତ୍ୱପୂର୍ଣ୍ଣ ଲକ୍ଷଣଗୁଡ଼ିକୁ ଦର୍ଶାଅ ?

୩. ଭାରତ ଏକ "ସାର୍ବଭୌମ, ସମାଜବାଦୀ,ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର"- ଏହି ଉକ୍ତିର ତାତ୍ପର୍ଯ୍ୟ ଆଲୋଚନା କର ?

❑●❑

ଏକାଦଶ ଅଧ୍ୟାୟ

ଭାରତୀୟ ସମ୍ବିଧାନରେ ଅଧିକାର
(RIGHTS IN THE INDIAN CONSTITUTION)

ମୌଳିକ ଅଧିକାର ହେଉଛି ଗଣତନ୍ତ୍ରର ରକ୍ଷାକବଚ । ତେଣୁ ସମସ୍ତ ଗଣତାନ୍ତ୍ରିକ ରାଷ୍ଟ୍ରରେ ବ୍ୟକ୍ତିର ମୌଳିକ ଅଧିକାରକୁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇ ସମ୍ବିଧାନରେ ସେଥିପାଇଁ ଆବଶ୍ୟକୀୟ ବ୍ୟବସ୍ଥା ରଖାଯାଇଛି । ଭାରତୀୟ ସମ୍ବିଧାନର ତୃତୀୟ ଭାଗରେ ମୌଳିକ ଅଧିକାର ସମ୍ବନ୍ଧରେ ବିସ୍ତୃତ ବର୍ଣ୍ଣନା ରହିଛି । ସମ୍ବିଧାନର ଏକ ଅଂଶ ଭାବରେ ମୌଳିକ ଅଧିକାରଗୁଡ଼ିକୁ ସାଧାରଣ ଆଇନ ଅପେକ୍ଷା ଉଚ୍ଚତର ସ୍ଥାନ ଦିଆଯାଇଛି ଏବଂ ସେଗୁଡ଼ିକୁ କାର୍ଯ୍ୟପାଳିକା ସଂସ୍ଥା ଏବଂ ବୈଧାନିକ ସଂସ୍ଥାର ନିରଙ୍କୁଶ କ୍ଷମତା କବଳରୁ ରକ୍ଷା କରିବା ପାଇଁ ଉଚ୍ଚ ନ୍ୟାୟାଳୟ ମାଧ୍ୟମରେ ବ୍ୟବସ୍ଥା କରାଯାଇଛି । ମୌଳିକ ଅଧିକାର ପ୍ରଦାନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଦେଶରେ ଏକ ସୀମିତ ସରକାର ସ୍ଥାପନ କରି ବ୍ୟକ୍ତି-ସ୍ୱାଧୀନତାକୁ ପ୍ରାଧାନ୍ୟ ଦେବା । ପଣ୍ଡିତ ଜବାହରଲାଲ ନେହେରୁ ଯଥାର୍ଥରେ ଆମ ସଂବିଧାନ ବର୍ଣ୍ଣିତ ମୌଳିକ ଅଧିକାରଗୁଡ଼ିକୁ ''ସଂବିଧାନର ବିବେକ'' (Conscience of the constitution) ବୋଲି କହିଛନ୍ତି ।

ମୌଳିକ ଅଧିକାର ଗୁଡ଼ିକର ବିଶେଷ ଲକ୍ଷଣ

୧. ଆମ ସମ୍ବିଧାନରେ ମୌଳିକ ଅଧିକାର ବିସ୍ତାରିତ ଭାବରେ ବର୍ଣ୍ଣନା କରାଯାଇଛି । ପ୍ରଥମେ ସାତ ପ୍ରକାର ମୌଳିକ ଅଧିକାର ପ୍ରଦାନ କରାଯାଇଥିଲା । ମାତ୍ର '୪୪ତମ ସମ୍ବିଧାନ ସଂଶୋଧନ ଆଇନ୍' (୧୯୭୮) ଅନୁସାରେ 'ସଂପତ୍ତିଗତ ଅଧିକାର' କୁ ମୌଳିକ ଅଧିକାର ତାଲିକାରୁ ବାଦ୍ ଦିଆଯାଇଛି ।

୨. ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରଗୁଡ଼ିକ ମଧ୍ୟରୁ କେତେକ ରାଷ୍ଟ୍ର ଉପରେ କଟକଣା ଜାରି କରିଥିବା ସ୍ଥଳେ ଆଉ କେତେକ ବ୍ୟକ୍ତିକୁ ବିଶେଷ ସୁବିଧା ପ୍ରଦାନ କରିଛି । ଉଦାହରଣସ୍ୱରୂପ - ଧାରା ୧୮ ରାଷ୍ଟ୍ରକୁ ଶିକ୍ଷାଗତ ବା ସାମରିକ ଉପାଧି ଭିନ୍ନ ଅନ୍ୟ କୌଣସି ଉପାଧି ନାଗରିକଙ୍କୁ ପ୍ରଦାନ ନ କରିବା ପାଇଁ ବାରଣ କରିଛି । ଅପରପକ୍ଷରେ ଧାର୍ମିକ, ଶିକ୍ଷାଗତ ତଥା ଅନ୍ୟାନ୍ୟ ସ୍ୱାଧୀନତାର ଅଧିକାର ବ୍ୟକ୍ତିମାନଙ୍କୁ କେତେକ ସୁବିଧା ଅର୍ପଣ କରିଛି ।

୩. ମୌଳିକ ଅଧିକାରମାନଙ୍କ ମଧ୍ୟରୁ କେତେକ ଭାରତୀୟ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିବା ସ୍ଥଳେ ଆଉ କେତେକ ଭାରତରେ ବାସ କରୁଥିବା ଲୋକମାନଙ୍କୁ ଉପଭୋଗ ପାଇଁ ଦିଆଯାଇଛି । ଉଦାହରଣସ୍ୱରୂପ,

ବାକ୍ ସ୍ୱାଧୀନତା କେବଳ ଭାରତର ନାଗରିକମାନଙ୍କ ଉପଭୋଗ ପାଇଁ ଉଦ୍ଦିଷ୍ଟ ହୋଇଥିବା ସ୍ଥଳେ, ଆଇନ୍ ଦୃଷ୍ଟିରେ ସମାନ ଅଧିକାର ଏବଂ ଧର୍ମଗତ ସ୍ୱାଧୀନତା ଅଧିକାର ଉଭୟ ଭାରତୀୟ ନାଗରିକ ଏବଂ ଭାରତରେ ବାସ କରୁଥିବା ବିଦେଶୀ ଲୋକଙ୍କୁ ଅର୍ପଣ କରାଯାଇଛି।

୪. ମୌଳିକ ଅଧିକାରର ସୁରକ୍ଷା ପାଇଁ ସମ୍ବିଧାନର ୩୨ ଧାରାରେ ଉଚ୍ଚତମ ନ୍ୟାୟାଳୟକୁ ଏବଂ ୨୨୬ ଧାରା ଅନୁସାରେ ରାଜ୍ୟ ଉଚ୍ଚନ୍ୟାୟାଳୟମାନଙ୍କୁ କ୍ଷମତା ଦିଆଯାଇଛି। ନାଗରିକମାନେ ଉପରୋକ୍ତ ଧାରା ଅନୁସାରେ ଉଚ୍ଚତମ ନ୍ୟାୟାଳୟ ଏବଂ ରାଜ୍ୟ ଉଚ୍ଚନ୍ୟାୟାଳୟମାନଙ୍କରେ ପ୍ରତିକାର ଲୋଡ଼ି ପାରିବେ। ତେଣୁ ନ୍ୟାୟାଳୟକୁ ମୌଳିକ ଅଧିକାରର ସଂରକ୍ଷକ ବୋଲି କୁହାଯାଏ।

୫. ଆମ ମୌଳିକ ଅଧିକାରଗୁଡ଼ିକ ସସୀମ। ଅସୀମ ନୁହନ୍ତି। ସାମାଜିକ ଶୃଙ୍ଖଳା ଏବଂ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ମୌଳିକ ଅଧିକାର ଉପରେ ଅଙ୍କୁଶ ଲଗାଯାଇଛି। ସେଗୁଡ଼ିକ ସୁରକ୍ଷିତ ହେଲେ ମଧ୍ୟ ନିରଙ୍କୁଶ ନୁହେଁ। ଜାତୀୟ ଜରୁରୀକାଳୀନ ପରିସ୍ଥିତିରେ ରାଷ୍ଟ୍ରପତି ଋହିଁଲେ ମୌଳିକ ଅଧିକାର ଉପଭୋଗକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖିପାରିବେ।

୬. ମୌଳିକ ଅଧିକାର ଉପରେ ନାନା କଟକଣା ଜାରି ହୋଇଥିଲେ ହେଁ, ସେଗୁଡ଼ିକ ଏହି ଦୃଷ୍ଟିରୁ ମୌଳିକ ଯେ, ସେଗୁଡ଼ିକର ପରିବର୍ତ୍ତନ କେବଳ ସମ୍ବିଧାନ ସଂଶୋଧନ ମାଧ୍ୟମରେ ହିଁ ହୋଇପାରିବ।

ମୌଳିକ ଅଧିକାରର ଶ୍ରେଣୀ ବିଭାଗ

ଭାରତୀୟ ସମ୍ବିଧାନରେ ସ୍ୱୀକୃତ ମୌଳିକ ଅଧିକାରଗୁଡ଼ିକ ହେଲା –

୧. ସମାନତା ଅଧିକାର (Right to Equality)

୨. ସ୍ୱାଧୀନତା ଅଧିକାର (Right to Freedom)

୩. ଶୋଷଣ ବିରୁଦ୍ଧରେ ଅଧିକାର (Right against exploitation)

୪. ଧର୍ମଗତ ସ୍ୱାଧୀନତା ଅଧିକାର (Right to Freedom of Religion)

୫. ସାଂସ୍କୃତିକ ଏବଂ ଶିକ୍ଷାଗତ ଅଧିକାର (Cultural and Educational Rights)

୬. ସାମ୍ବିଧାନିକ ପ୍ରତିକାର ଅଧିକାର (Right to Constitutional Remedies)

ସମାନତା ଅଧିକାର *(ଧାରା ୧୪ ରୁ ୧୮)*

ସମ୍ବିଧାନର ୧୪ ଧାରା ଅନୁଯାୟୀ ପ୍ରତ୍ୟେକ ବ୍ୟକ୍ତି ଆଇନ୍ ଦୃଷ୍ଟିରେ ସମାନ ବିବେଚିତ ହେବେ ଏବଂ ଆଇନ୍ ସମସ୍ତଙ୍କୁ ସମପରିମାଣରେ ସଂରକ୍ଷଣ କରିବ। ଭାରତବର୍ଷର କୌଣସି ଅଞ୍ଚଳର ବ୍ୟକ୍ତିବିଶେଷଙ୍କୁ ଏହି ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ।

ଧାରା ୧୫ ଅନୁସାରେ ରାଷ୍ଟ୍ର ଭାରତୀୟ ନାଗରିକମାନଙ୍କ ମଧ୍ୟରେ କେବଳ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ବା ଜନ୍ମସ୍ଥାନ ଭିତ୍ତିରେ ସାର୍ବଜନୀନ ସ୍ଥାନର ବ୍ୟବହାର କ୍ଷେତ୍ରରେ ପକ୍ଷପାତିତା କରିପାରିବ ନାହିଁ।

୧୬ ଧାରାରେ ସରକାରୀ ଚାକିରୀ କ୍ଷେତ୍ରରେ ଭାରତୀୟ ନାଗରିକଙ୍କ ପାଇଁ ଜାତି, ବର୍ଣ୍ଣ, ଧର୍ମ, ଲିଙ୍ଗ, ବଂଶ ବା ଜନ୍ମସ୍ଥାନ ନିର୍ବିଶେଷରେ ସମାନ ସୁବିଧା ସୁଯୋଗର ବ୍ୟବସ୍ଥା କରାଯାଇଛି। ଅବଶ୍ୟ ଅନୁନ୍ନତ ସଂପ୍ରଦାୟର ଲୋକଙ୍କ ପାଇଁ ସରକାର କେତେକ ଚାକିରୀ ସଂରକ୍ଷିତ କରିପାରନ୍ତି। ଆଉ ମଧ୍ୟ ଧର୍ମାନୁଷ୍ଠାନର ପଦବୀ କେବଳ ସେହି ଧର୍ମ ଆଚରଣ କରୁଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ସଂରକ୍ଷିତ ରହିପାରିବ।

ସମ୍ବିଧାନର ୧୭ ଧାରା ବଳରେ ଅସ୍ପୃଶ୍ୟତା ନିବାରଣ କରାଯାଇଛି। କେହି ଅସ୍ପୃଶ୍ୟତାକୁ ଉତ୍ସାହିତ କଲେ ଆଇନାନୁଯାୟୀ ଦଣ୍ଡିତ ହେବେ।

୧୮ ଧାରାରେ ରାଷ୍ଟ୍ରକୁ ଶିକ୍ଷାଗତ ବା ସାମରିକ ଉପାଧି ଭିନ୍ନ ଅନ୍ୟ କୌଣସି ଉପାଧି ଭାରତୀୟ ନାଗରିକଙ୍କୁ ପ୍ରଦାନ କରିବାକୁ ବାରଣ କରାଯାଇଛି। ଭାରତର ରାଷ୍ଟ୍ରପତିଙ୍କ ବିନାନୁମୋଦନରେ କୌଣସି ଭାରତୀୟ ନାଗରିକ ମଧ୍ୟ ବିଦେଶୀ ରାଷ୍ଟ୍ରରୁ କୌଣସି ଉପାଧି ଗ୍ରହଣ କରିପାରିବେ ନାହିଁ। ଏପରି ବ୍ୟବସ୍ଥା ଦ୍ୱାରା ଭାରତରେ ସାମାଜିକ ସମତା ସ୍ଥାପନ କରାଯାଇପାରିବ ବୋଲି ସଂବିଧାନ ପ୍ରଣେତାଗଣ ଅନୁଭବ କରିଥିଲେ।

ସ୍ୱାଧୀନତା ଅଧିକାର *(ଧାରା ୧୯ ରୁ ୨୨)*

ଭାରତର ନାଗରିକଙ୍କୁ ସମ୍ବିଧାନର ୧୯ ଧାରାରେ ସାତ ପ୍ରକାର ସ୍ୱାଧୀନତା ପ୍ରଦାନ କରାଯାଇଛି। ସେଗୁଡ଼ିକ ହେଲା - ୧) ବାକ୍ ସ୍ୱାଧୀନତା ଅଧିକାର, ୨) ଶାନ୍ତିପୂର୍ଣ୍ଣ ଏବଂ ନିରସ୍ତ୍ର ସମାବେଶର ସ୍ୱାଧୀନତା ଅଧିକାର, ୩) ସମିତି ବା ସଂଘ ଗଠନର ସ୍ୱାଧୀନତା ଅଧିକାର, ୪) ଭାରତରେ ସର୍ବତ୍ର ଅବାଧ ଗତିର ଅଧିକାର, ୫) ଭାରତର ଯେ କୌଣସି ପ୍ରାନ୍ତରେ ବସବାସ କରିବାର ସ୍ୱାଧୀନତା ଅଧିକାର, ୬) ସଂପତ୍ତି ଅର୍ଜନ, ଧାରଣ ଏବଂ ହସ୍ତାନ୍ତର କରିବାର ସ୍ୱାଧୀନତା ଅଧିକାର, ୭) ଯେ କୌଣସି ବୃତ୍ତି ଅଥବା ଜୀବିକା ବା ବ୍ୟବସାୟ ବାଣିଜ୍ୟ କରିବାର ସ୍ୱାଧୀନତା ଅଧିକାର।

ମାତ୍ର ୪୪ ତମ ସମ୍ବିଧାନ ସଂଶୋଧନ ଆଇନ୍‌ରେ ସଂପତ୍ତି ଅର୍ଜନ, ଧାରଣ ଏବଂ ହସ୍ତାନ୍ତର ସଂପର୍କିତ ସ୍ୱାଧୀନତା ଅଧିକାରକୁ ଉଠାଇ ଦିଆଯାଇଛି। ବର୍ତ୍ତମାନ ଛ' ପ୍ରକାର ସ୍ୱାଧୀନତା ନାଗରିକମାନେ ଉପଭୋଗ କରୁଛନ୍ତି। ମାତ୍ର ଏହି ଷଡ଼ ସ୍ୱାଧୀନତା ଆଦୌ ନିରଙ୍କୁଶ ନୁହେଁ। ଦେଶରେ ସାଧାରଣ ଶାନ୍ତି ଶୃଙ୍ଖଳା ରକ୍ଷା, ରାଷ୍ଟ୍ରର ନିରାପତ୍ତା, ବିଚାରାଳୟ ଅବମାନନା, ମାନହାନି, କୌଣସି ଅପରାଧ କରିବା ପାଇଁ ପ୍ରବର୍ତ୍ତନା, ବିଦେଶୀ ରାଷ୍ଟ୍ର ସହ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ରକ୍ଷା କରିବା ଉଦ୍ଦେଶ୍ୟରେ ରାଷ୍ଟ୍ର ଉପରୋକ୍ତ ସ୍ୱାଧୀନତାକୁ ନ୍ୟାୟସଂଗତ ଭାବରେ ସଂକୁଚିତ କରିପାରେ।

୨୦ ଧାରାରେ ଉଲ୍ଲେଖ ରହିଛି ଯେ, ପ୍ରଚଳିତ ଆଇନ୍ ଉଲ୍ଲଙ୍ଘନ ଅପରାଧରେ କୌଣସି ନାଗରିକଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ଦିଆଯାଇପାରିବ, ମାତ୍ର ଅପରାଧ କଲାବେଳେ ଉକ୍ତ ଅପରାଧ ପାଇଁ ଯେଉଁ ଦଣ୍ଡ ବ୍ୟବସ୍ଥା ଥିବ, ତାହାଠାରୁ ଗୁରୁତର ଦଣ୍ଡ ଦିଆଯାଇପାରିବ ନାହିଁ। ଦ୍ୱିତୀୟରେ, ଗୋଟିଏ ଅପରାଧ ପାଇଁ ଏହି ଧାରା ନାଗରିକମାନଙ୍କୁ ଦୁଇଥର ଦୋଷୀ ସାବ୍ୟସ୍ତ କରି ଦଣ୍ଡଦେବାକୁ ନିଷେଧ କରିଛି।

୨୧ ଧାରା ବଳରେ କୌଣସି ନାଗରିକଙ୍କୁ ଆଇନ୍‌ର ଅନୁମୋଦନ ବିନା ତାଙ୍କର ଜୀବନ ଏବଂ ବ୍ୟକ୍ତିଗତ ସ୍ୱାଧୀନତାରୁ ବଞ୍ଚିତ କରାଯାଇପାରିବ ନାହିଁ।

୨୨ ଧାରା ଅନୁସାରେ କୌଣସି ବ୍ୟକ୍ତିକୁ ମନମୁଖୀ ଗିରଫ କରି ଅଟକବନ୍ଦୀ ରୂପେ ରଖାଯାଇପାରିବ ନାହିଁ। ଗିରଫ ହୋଇଥିବା ବ୍ୟକ୍ତିକୁ ଗିରଫର କାରଣ ଜଣାଇବାକୁ ପଡ଼ିବ। ନିଜ ଓକିଲଙ୍କ ସହ ପରାମର୍ଶ କରି ଗିରଫ ବିରୁଦ୍ଧରେ ପ୍ରତିରକ୍ଷା ବ୍ୟବସ୍ଥା କରିବା ଅଧିକାରରୁ ତାଙ୍କୁ ବଞ୍ଚିତ କରାଯାଇପାରିବ ନାହିଁ। ଆଉ ମଧ୍ୟ ଗିରଫ ହେବାର ୨୪ ଘଣ୍ଟା ମଧ୍ୟରେ ନିକଟବର୍ତ୍ତୀ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଉପସ୍ଥାପିତ କରିବାକୁ ହେବ।

ଶୋଷଣ ବିରୁଦ୍ଧରେ ଅଧିକାର *(ଧାରା ୨୩ ଓ ୨୪)*

୨୩ ଧାରା ବଳରେ ଭାରତର ସମ୍ବିଧାନ ଦାସତ୍ୱ, ଅସାଧୁ ଉଦ୍ଦେଶ୍ୟରେ ମହିଳା ଏବଂ ଶିଶୁମାନଙ୍କୁ ନେଇ ବ୍ୟବସାୟ ଅଥବା ବେଠି, ବେଗାରୀ ଏବଂ ତଦନୁରୂପ ବଳପୂର୍ବକ ଶୋଷଣ ବ୍ୟବସ୍ଥାକୁ ବେଆଇନ୍ ଘୋଷଣା କରି ନିଷିଦ୍ଧ କରିଛି। ୨୪ ଧାରା ବଳରେ ୧୪ ବର୍ଷରୁ କମ୍ ବୟସର ପିଲାଙ୍କୁ କୌଣସି କଳକାରଖାନା, ଖଣି ବା ଅନ୍ୟାନ୍ୟ ବିପଦଜନକ କାର୍ଯ୍ୟରେ ନିଯୁକ୍ତି ଦେବାକୁ ନିଷିଦ୍ଧ କରାଯାଇଛି।

ଧର୍ମଗତ ସ୍ୱାଧୀନତା ଅଧିକାର *(ଧାରା ୨୫ ରୁ ୨୮)*

ସମ୍ବିଧାନର ୨୫ ଧାରା ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜର ବିବେକ ଅନୁଯାୟୀ ସ୍ୱାଧୀନ ଭାବରେ ଯେ କୌଣସି ଧର୍ମଗ୍ରହଣ, ଧର୍ମାଚରଣ ଏବଂ ଧର୍ମପ୍ରଚାର କରିବାର ସମାନ ଅଧିକାର ଦେଇଛି। ପ୍ରତ୍ୟେକ ଧର୍ମସଂପ୍ରଦାୟର ନାଗରିକଙ୍କୁ ନିଜ ନିଜର ଧର୍ମାନୁଷ୍ଠାନ ପ୍ରତିଷ୍ଠା କରି ତତ୍ ସମ୍ବନ୍ଧୀୟ ସ୍ଥାବର-ଅସ୍ଥାବର ସଂପତ୍ତିର ରକ୍ଷଣାବେକ୍ଷଣର ଅଧିକାର ୨୬ ଧାରାରେ ପ୍ରଦାନ କରାଯାଇଛି। ସେହିପରି ୨୭ ଧାରାରେ କୌଣସି ନିର୍ଦ୍ଦିଷ୍ଟ ଧର୍ମର ପ୍ରଚାର, ପ୍ରସାର, ପୋଷଣ ନିମିତ୍ତ କୌଣସି ନାଗରିକଙ୍କୁ ରାଷ୍ଟ୍ର ବାଧ୍ୟ କରିପାରିବ ନାହିଁ ବୋଲି ଉଲ୍ଲେଖ ରହିଛି। ଧାରା ୨୮ ସରକାରୀ ଶିକ୍ଷାନୁଷ୍ଠାନମାନଙ୍କରେ ଧର୍ମ ସମ୍ବନ୍ଧୀୟ ଶିକ୍ଷାଦାନକୁ ନିଷେଧ କରିଛି। ଏହିସବୁ ବ୍ୟବସ୍ଥା ଭାରତକୁ ଏକ ଧର୍ମନିରପେକ୍ଷ ରାଷ୍ଟ୍ରର ମର୍ଯ୍ୟାଦା ପ୍ରଦାନ କରିଛି।

ସାଂସ୍କୃତିକ ଏବଂ ଶିକ୍ଷାଗତ ଅଧିକାର *(ଧାରା ୨୯ ଓ ୩୦)*

ସାଂସ୍କୃତିକ ଏବଂ ଶିକ୍ଷାଗତ ଅଧିକାରର ଗୁରୁତ୍ୱ ବୁଝିବାକୁ ହେଲେ ଆମକୁ ମନେ ରଖିବାକୁ ହେବ ଯେ, ଭାରତ କେବଳ ବହୁଧର୍ମର ଭୂମି ନୁହେଁ, ଏହା ବହୁଭାଷାଭାଷୀଙ୍କର ଦେଶ ମଧ୍ୟ। ୨୯ ଧାରା ସଂଖ୍ୟାଲଘୁ ଭାଷାଭାଷୀମାନଙ୍କୁ ନିଜର ସ୍ୱତନ୍ତ୍ର ଭାଷା, ଲିପି ବା ସଂସ୍କୃତିର ସୁରକ୍ଷା ପାଇଁ ଅଧିକାର ଦେଇଛି। ଧାରା ୩୦ ଅନୁସାରେ ସଂଖ୍ୟାଲଘୁ ସଂପ୍ରଦାୟମାନେ ଆବଶ୍ୟକତା ଅନୁସାରେ ନିଜ ନିଜର ଧର୍ମଭିତ୍ତିକ ବା ଭାଷାଭିତ୍ତିକ ଶିକ୍ଷାନୁଷ୍ଠାନ ସ୍ଥାପନ ଏବଂ ପରିଚାଳନା କରିପାରିବେ। ରାଷ୍ଟ୍ର ସେମାନଙ୍କ ମଧ୍ୟରେ କୌଣସି ଭେଦଭାବ ବିଚାର ନ କରି ସାହାଯ୍ୟ ମଂଜୁର କରିବ।

ସାମ୍ବିଧାନିକ ପ୍ରତିକାର ଅଧିକାର *(ଧାରା ୩୨)*

ଏହି ଅଧିକାରଟି ହେଉଛି ସମସ୍ତ ମୌଳିକ ଅଧିକାରର ରକ୍ଷାକର୍ତ୍ତା। କୌଣସି ବ୍ୟକ୍ତି ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର ଉପଭୋଗରୁ ବଞ୍ଚିତ ହେଲେ କିମ୍ବା ରାଷ୍ଟ୍ର ବ୍ୟକ୍ତିର ଅଧିକାର ଉପରେ ହସ୍ତକ୍ଷେପ କଲେ ସମ୍ବିଧାନର ୩୨ ଧାରା ବଳରେ ଉଚ୍ଚତମ ନ୍ୟାୟାଳୟଠାରେ ଆବେଦନ କରି ପ୍ରତିକାର ଲୋଡ଼ି ପାଇବେ। ସମ୍ବିଧାନରେ ୨୨୬ ଧାରା ଅନୁସାରେ ରାଜ୍ୟର ଉଚ୍ଚ ନ୍ୟାୟାଳୟମାନଙ୍କୁ ଉକ୍ତ ପ୍ରତିକାର ପ୍ରଦାନର କ୍ଷମତା ମଧ୍ୟ ଦିଆଯାଇଛି। ଏଥିପାଇଁ ନ୍ୟାୟାଳୟ ପାଞ୍ଚପ୍ରକାର ପରମାଦେଶ ବା ରିଟ୍ ଜାରି କରିପାରନ୍ତି। ସେଗୁଡ଼ିକ ହେଲା, Habeas Corpus, Mandamus, Prohibition, Quo-Warranto, Certiorari. ମାତ୍ର ଜାତୀୟ ଜରୁରୀ ପରିସ୍ଥିତିରେ ରାଷ୍ଟ୍ରପତି ୩୨ ଧାରାକୁ ବାତିଲ କରିଦେଇ ପାରିବେ।

ଶାସନ ବିଧାୟକ ସଭାରେ ଏହି ଅଧିକାରକୁ ବାତିଲ କରାଯିବାର ବ୍ୟବସ୍ଥା ବିରୁଦ୍ଧରେ ସମାଲୋଚନା ହୋଇଥିଲା। ମାତ୍ର ଡଃ ଆମ୍ବେଦକର କହିଥିଲେ ଯେ, ଯେତେବେଳେ ରାଷ୍ଟ୍ରର ନିରାପତ୍ତା ବିପନ୍ନ ହେବ, ସେତେବେଳେ ଆମେ ଅବାଧ ମୌଳିକ ଅଧିକାର ଉପଭୋଗ କରିବାକୁ ଦାବୀ କରିବା କିପରି ? ରାଷ୍ଟ୍ର ଆଗେ ବଞ୍ଚିଲେ ସିନା, ଆମେ ଅଧିକାର ଉପଭୋଗ କରିବା। ତେଣୁ ଦେଶର ସ୍ୱାର୍ଥ ଦୃଷ୍ଟିରୁ ସାମୟିକଭାବରେ ଅଧିକାରଗୁଡ଼ିକ ସଂକୁଚିତ କଲେ ଆପତ୍ତି ରହିବା ଉଚିତ୍ ନୁହେଁ।

ମୌଳିକ ଅଧିକାର : ଏକ ମୂଲ୍ୟାୟନ

ଭାରତୀୟ ସଂବିଧାନରେ ପ୍ରଦତ୍ତ ମୌଳିକ ଅଧିକାରଗୁଡ଼ିକ ଗଣତନ୍ତ୍ରର ରକ୍ଷାକବଚ ହୋଇଥିଲେ ହେଁ, ଏହାକୁ ବିଭିନ୍ନ କ୍ଷେତ୍ରରେ ନିୟନ୍ତ୍ରିତ କରିବାର ଅଧିକାର ରାଷ୍ଟ୍ରକୁ ଦିଆଯାଇଥିବାରୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଶାସନ ବିଧାୟକ ସଭାରେ ଜନୈକ ସଭ୍ୟ 'ମୌଳିକ ଅଧିକାର' ଅଧ୍ୟାୟର ଶୀର୍ଷକ ପରିବର୍ତ୍ତନ କରି ''ମୌଳିକ ଅଧିକାର ଏବଂ ତା ଉପରେ ନିୟନ୍ତ୍ରଣ'' ନାମକରଣ କରିବାକୁ ପରାମର୍ଶ ଦେଇଥିଲେ।

ବିଶିଷ୍ଟ ଇଂରେଜ ସଂବିଧାନ ବିଶେଷଜ୍ଞ ପ୍ରଫେସର ଆଇଭର ଜେନିଙ୍ଗସ୍ ଆମ ମୌଳିକ ଅଧିକାର ଅଧ୍ୟାୟକୁ ''ଆଇନଜୀବିଙ୍କର ଅମରାବତୀ'' (Lawyers' Paradise) ବୋଲି ସମାଲୋଚନା କରିଛନ୍ତି। ଅଧିକାରଗୁଡ଼ିକ ଏତେ କ୍ଲିଷ୍ଟ ଭାଷାରେ ଲେଖାଯାଇଛି ଯେ, ଆଇନଜୀବିଙ୍କ ବ୍ୟତୀତ ଜଣେ ସାଧାରଣ ନାଗରିକ ବୁଝିବା କଷ୍ଟକର। ଅଥଚ ଆମେରିକା ସମ୍ବିଧାନର ମୌଳିକ ଅଧିକାରଗୁଡ଼ିକ ସ୍ପଷ୍ଟ ଏବଂ ଅତ୍ୟନ୍ତ ସରଳ ଭାଷାରେ ଲେଖାଯାଇଛି।

ସମାଲୋଚନାର ଅନ୍ୟ ଏକ କାରଣ ହେଲା ଯେ, ପ୍ରଦତ୍ତ ମୌଳିକ ଅଧିକାର ମଧ୍ୟରେ ନିଯୁକ୍ତିର ଅଧିକାର, ସାମାଜିକ ନିରାପତ୍ତାର ଅଧିକାର ଭଳି ଅର୍ଥନୈତିକ ଅଧିକାରକୁ ସ୍ଥାନ ଦିଆଯାଇନାହିଁ। ଏଗୁଡ଼ିକ ସଂବିଧାନର ଚତୁର୍ଥ ଭାଗରେ ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତି ଭାବରେ ସ୍ଥାନିତ ହୋଇଛି। ମାତ୍ର ଅର୍ଥନୈତିକ ଗଣତନ୍ତ୍ର ବିନା ରାଜନୈତିକ ଗଣତନ୍ତ୍ର ଅସଂପୂର୍ଣ୍ଣ ଓ ଅସାର।

ଏକଥା ଅବଶ୍ୟ ସତ ଯେ, ଭାରତରେ ମୌଳିକ ଅଧିକାର ପ୍ରଦାନ ଏବଂ ଏହାର ଉପଭୋଗ ମଧ୍ୟରେ ବହୁତ ବ୍ୟବଧାନ ଦେଖାଯାଏ। ମାତ୍ର ଗଣତନ୍ତ୍ରର ଦୃଢ଼ ଭିତ୍ତିଭୂମି ପ୍ରତିଷ୍ଠାରେ ଏହି 'ମୌଳିକ ଅଧିକାର'ର ଯେ ଅବଦାନ ରହିଛି, ଏହାକୁ ଅସ୍ୱୀକାର କରିହେବ ନାହିଁ।

ମୌଳିକ କର୍ତ୍ତବ୍ୟ

ସଂବିଧାନର ୪୨ତମ ସଂଶୋଧନ ଆଇନ୍ (୧୯୭୬) ଦ୍ୱାରା ୫୧(କ) ନାମକ ଏକ ନୂତନ ଧାରା ସୃଷ୍ଟି କରାଯାଇ ଭାରତର ନାଗରିକମାନଙ୍କ ପାଇଁ ୧୦ ଗୋଟି ମୌଳିକ କର୍ତ୍ତବ୍ୟ ପାଳନର ବ୍ୟବସ୍ଥା ରଖାଯାଇଛି। ଆମ ସମ୍ବିଧାନର ଅନ୍ୟ ଏକ ବୈଶିଷ୍ଟ୍ୟ ରୂପେ ଉକ୍ତ ମୌଳିକ କର୍ତ୍ତବ୍ୟଗୁଡ଼ିକ ସଂବିଧାନର ଚତୁର୍ଥ ଭାଗରେ ସ୍ଥାନ ପାଇଛି। ଲୋକମାନଙ୍କର ଅଧିକାର ଏବଂ କର୍ତ୍ତବ୍ୟ ମଧ୍ୟରେ ସମତା ଆଣିବା ଉଦ୍ଦେଶ୍ୟରେ ଏହି ନୂତନ ବ୍ୟବସ୍ଥାର ସୂତ୍ରପାତ ହୋଇଛି।

ଦଶଗୋଟି ମୌଳିକ କର୍ତ୍ତବ୍ୟ

୧. ଦେଶର ସମ୍ବିଧାନ, ଜାତୀୟ ପତାକା ଏବଂ ଜାତୀୟ ସଂଗୀତ ପ୍ରତି ସମ୍ମାନ ପ୍ରଦର୍ଶନ।

୨. ସ୍ୱାଧୀନତା ସଂଗ୍ରାମର ମହତ୍ ଆଦର୍ଶରେ ଅନୁପ୍ରାଣିତ ହେବା।

୩. ଦେଶର ସାର୍ବଭୌମତ୍ୱ, ଏକତା ଏବଂ ଅଖଣ୍ଡତାକୁ ବଜାୟ ରଖିବା।

୪. ଦେଶର ସୁରକ୍ଷା ଏବଂ ସେବା ପାଇଁ ଡାକରା ଆସିଲେ ଆଗେଇ ଆସିବା।

୫. ଭାରତମାତାର ସନ୍ତାନ ଭାବରେ ଆମେ ସମସ୍ତେ ପରସ୍ପରର ଭାଇ -ଏହି ଧାରଣା ପୋଷଣ କରିବା ଏବଂ ନାରୀ ଜାତିର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କଲାଭଳି କୌଣସି କାର୍ଯ୍ୟ ନ କରିବା।

୬. ଦେଶର ମିଶ୍ରିତ ସଂସ୍କୃତିର ମହାନ୍ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା।

୭. ଦେଶର ପ୍ରାକୃତିକ ପରିବେଶକୁ ସୁରକ୍ଷିତ ରଖିବା ଏବଂ ପ୍ରାଣୀମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା।

୮. ବୈଜ୍ଞାନିକ ମନୋଭାବ, ମାନବିକତା, ଅନୁସନ୍ଧିତ୍ସୁ ଏବଂ ସଂସ୍କାରମୂଳକ ମନୋଭାବ ପୋଷଣ କରିବା।

୯. ସାଧାରଣ ସମ୍ପତ୍ତିକୁ ଜାତୀୟ ସଂପତ୍ତି ମନେକରି ତାର ସୁରକ୍ଷା କରିବା ଏବଂ ହିଂସାକାଣ୍ଡକୁ ନିରୁତ୍ସାହିତ କରିବା।

୧୦. ସ୍ୱତନ୍ତ୍ର ଏବଂ ସାମୂହିକ କାର୍ଯ୍ୟରେ ଶ୍ରେଷ୍ଠତା ଲାଭ କରିବା ପାଇଁ ଉଦ୍ୟମ କରିବା।

ଏକ ମୂଲ୍ୟାୟନ

ମୌଳିକ କର୍ତ୍ତବ୍ୟଗୁଡ଼ିକୁ ସମ୍ବିଧାନର ତୃତୀୟ ଭାଗରେ ସ୍ଥାନ ଦିଆ ନଯାଇ ଚତୁର୍ଥ ଭାଗରେ 'ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତି' ସହ ସଂଯୁକ୍ତ କରାଯାଇଛି। ଫଳରେ ମୌଳିକ କର୍ତ୍ତବ୍ୟର ଉଲ୍ଲଙ୍ଘନ ହେଲେ ନ୍ୟାୟାଳୟରେ ପ୍ରତିକାର ବିଧାନ କରାଯାଇପାରିବ ନାହିଁ। ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତି ଅନୁସରଣ କରିବା ସରକାରଙ୍କର କର୍ତ୍ତବ୍ୟ ହୋଇଥିବା ସ୍ଥଳେ, ମୌଳିକ କର୍ତ୍ତବ୍ୟଗୁଡ଼ିକ ଅନୁସରଣ କରିବା ନାଗରିକମାନଙ୍କର କର୍ତ୍ତବ୍ୟ।

କେତେକ ସମାଲୋଚକଙ୍କ ମତରେ, ମୌଳିକ କର୍ତ୍ତବ୍ୟଗୁଡ଼ିକ ସଂପୂର୍ଣ୍ଣ ନୁହେଁ। ଶୃଙ୍ଖଳିତ ହୋଇ ଚଳିବାର କର୍ତ୍ତବ୍ୟ, ଭୋଟ୍ ଦେବାର କର୍ତ୍ତବ୍ୟ ଏବଂ କରଦେବାର କର୍ତ୍ତବ୍ୟ ପ୍ରଭୃତି କେତେକ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ମଧ୍ୟ ଉଲ୍ଲେଖ କରାଯିବା ଉଚିତ୍ ହେଲା।

ଆହୁରି ମଧ୍ୟ ଦର୍ଶାଯାଇଛି ଯେ, ମୌଳିକ କର୍ତ୍ତବ୍ୟଗୁଡ଼ିକ ଭିତରୁ କେତେକ ସାଧାରଣ ନାଗରିକ ପକ୍ଷରେ ବୁଝିବା କଷ୍ଟକର। ଆମ ମିଶ୍ରିତ ସଂସ୍କୃତିର ମହାନ୍ ପରମ୍ପରା କ'ଣ, ସ୍ୱାଧୀନତା-ସଂଗ୍ରାମର ମହତ୍ ଆଦର୍ଶ କ'ଣ, ଏବଂ ଅନୁସନ୍ଧିତ୍ସୁ ଓ ସଂସ୍କାରମୂଳକ ମନୋଭାବ କ'ଣ - ଏ ସବୁ ଜଣେ ସାଧାରଣ ନାଗରିକ ପକ୍ଷରେ ବୋଧଗମ୍ୟ ନୁହେଁ। କର୍ତ୍ତବ୍ୟଗୁଡ଼ିକ ଏପରି ସରଳ ଏବଂ ସହଜ ଶବ୍ଦରେ ଲେଖା ଯାଇଥାଆନ୍ତା, ଯାହାକି ସାଧାରଣ ବ୍ୟକ୍ତି ପକ୍ଷରେ ବୁଝିବା ସହଜ ହୋଇଥାଆନ୍ତା।

ସମ୍ବିଧାନରେ ପ୍ରଦତ୍ତ ଏହି ମୌଳିକ କର୍ତ୍ତବ୍ୟଗୁଡ଼ିକୁ ସମ୍ବିଧାନରେ ସ୍ଥାନ ନ ଦେଇ ବରଂ ସ୍କୁଲ-କଲେଜରେ ଶିକ୍ଷା ଦିଆଯିବା ଉଚିତ୍ ଥିଲା ବୋଲି କେତେକ ମତ ଦେଇଛନ୍ତି। କାରଣ ବିଧି-ବିଧାନ ସମ୍ବଳିତ ଏକ ଦଲିଲ୍‌ରେ ଏଭଳି ନୀତିଶିକ୍ଷାର ବା କି ଆବଶ୍ୟକତା ରହିଛି ?

ମାତ୍ର ଏ ସମସ୍ତ ସମାଲୋଚନା ସତ୍ତ୍ୱେ, ମୌଳିକ କର୍ତ୍ତବ୍ୟର ଉପାଦେୟତାକୁ ଆଦୌ ଅସ୍ୱୀକାର କରିହେବ ନାହିଁ। ମୌଳିକ କର୍ତ୍ତବ୍ୟଗୁଡ଼ିକ ଦାୟିତ୍ୱହୀନ ନାଗରିକମାନଙ୍କୁ ସେମାନଙ୍କର ଅସାମାଜିକ କାର୍ଯ୍ୟକଳାପ, ଯଥା - ସମ୍ବିଧାନ ପୋଡ଼ିବା, ସାଧାରଣ ସମ୍ପତ୍ତି ନଷ୍ଟ କରିବା ପ୍ରଭୃତି ବିରୁଦ୍ଧରେ ସତର୍କ କରି ରଖିବ। ସେମାନଙ୍କୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କରିବାରେ ସହାୟକ ହେବ।

ସଂକ୍ଷିପ୍ତ ସୂଚନା

ମୌଳିକ ଅଧିକାର

- ମୌଳିକ ଅଧିକାର ହେଉଛି ସଂବିଧାନର ବିବେକ
- ଆମ ସମ୍ବିଧାନରେ ଥିବା ମୌଳିକ ଅଧିକାରଗୁଡ଼ିକର ବିଶେଷ ଲକ୍ଷଣ ହେଲା - ଏଗୁଡ଼ିକ ବିସ୍ତୃତ ଭାବରେ ବର୍ଣ୍ଣିତ। କେତେକ କେବଳ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ଥିଲାବେଳେ ଅନ୍ୟଗୁଡ଼ିକ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ। ମୌଳିକ ଅଧିକାରର ସୁରକ୍ଷା ଦାୟିତ୍ୱ ନ୍ୟାୟାଳୟ ଉପରେ ନ୍ୟସ୍ତ। ମୌଳିକ ଅଧିକାରଗୁଡ଼ିକ ସସୀମ, ଅସୀମ ନୁହନ୍ତି।

- ଛ' ପ୍ରକାରର ମୌଳିକ ଅଧିକାର ପ୍ରଦାନ କରାଯାଇଛି । ସେଗୁଡ଼ିକ ହେଲା - ସମାନତା ଅଧିକାର, ସ୍ୱାଧୀନତା ଅଧିକାର, ଶୋଷଣ ବିରୁଦ୍ଧରେ ଅଧିକାର, ଧର୍ମଗତ ସ୍ୱାଧୀନତାର ଅଧିକାର, ସାଂସ୍କୃତିକ ଏବଂ ଶିକ୍ଷାଗତ ଅଧିକାର, ସାମ୍ବିଧାନିକ ପ୍ରତିକାରର ଅଧିକାର ।
- ମୌଳିକ ଅଧିକାରଗୁଡ଼ିକ ଗଣତନ୍ତ୍ରର ରକ୍ଷାକବଚ ହେଲେ ହେଁ, ଏଥିରେ ଥିବା ବିଭିନ୍ନ କଟକଣା ଯୋଗୁ ଏହା ସମାଲୋଚନାର ଶିକାର ହୋଇଛି । ଏଥିରେ ବ୍ୟବହୃତ ଭାଷା ଅତ୍ୟନ୍ତ କ୍ଲିଷ୍ଟ । ଏହି ଅଧିକାର ଭିତରେ କାମ କରିବାର ଅଧିକାର, ସାମାଜିକ ନିରାପତ୍ତାର ଅଧିକାର ଭଳି ଅର୍ଥନୈତିକ ଅଧିକାରକୁ ବାଦ୍ ଦିଆଯାଇଛି ।

ମୌଳିକ କର୍ତ୍ତବ୍ୟ

- ୪୨ତମ ସମ୍ବିଧାନ ସଂଶୋଧନ ଆଇନ୍‌ରେ (୧୯୭୬) ମୌଳିକ କର୍ତ୍ତବ୍ୟକୁ ସମ୍ବିଧାନରେ ଅନ୍ତର୍ଭୁକ୍ତ କରାଗଲା ।
- ଦଶଗୋଟି ମୌଳିକ କର୍ତ୍ତବ୍ୟର ଉଲ୍ଲେଖ ରହିଛି ।
- ମୌଳିକ କର୍ତ୍ତବ୍ୟଗୁଡ଼ିକୁ ସମ୍ବିଧାନର ତୃତୀୟ ଭାଗରେ ସ୍ଥାନ ଦିଆ ନ ଯାଇ ଚତୁର୍ଥ ଭାଗରେ 'ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତି' ସହ ସଂଯୁକ୍ତ କରାଯାଇଛି । କେତେକଙ୍କ ମତରେ ମୌଳିକ କର୍ତ୍ତବ୍ୟ ସଂପୂର୍ଣ୍ଣ ନୁହେଁ । କାରଣ ଭୋଟଦାନ, କର ପ୍ରଦାନ, ଭଳି ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ଏଥିରେ ସ୍ଥାନ ପାଇନାହିଁ । ତଥାପି ଏସବୁ କର୍ତ୍ତବ୍ୟ ନାଗରିକମାନଙ୍କୁ ଦାୟିତ୍ୱ ସଚେତନ କରିବ ।

ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତି

(Directive Principles of State Policy)

ସମ୍ବିଧାନର ଚତୁର୍ଥ ଭାଗରେ 'ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତି' ନାମରେ ରାଷ୍ଟ୍ର ଶାସନ ପାଇଁ କେତେଗୁଡ଼ିଏ ଆଦର୍ଶଗତ ନୀତିର ଅବତାରଣା କରାଯାଇଛି । ଶାସନ ପରିଚାଳନା ପାଇଁ କେନ୍ଦ୍ର ସରକାର, ରାଜ୍ୟ ସରକାର ଏବଂ ସ୍ୱାୟତ୍ତଶାସନ ସଂସ୍ଥାମାନ ଏହି ନୀତିଗୁଡ଼ିକୁ ଭିତ୍ତିକରି ଆଇନ୍ ପ୍ରଣୟନ କରିବେ । ଦେଶକୁ ଏକ ଜନମଙ୍ଗଳ ରାଷ୍ଟ୍ରରେ ପରିଣତ କରିବା ରାଷ୍ଟ୍ରନୀତି ବ୍ୟବସ୍ଥାର ପ୍ରଧାନ ଉଦ୍ଦେଶ୍ୟ । ଆମର ମୌଳିକ ଅଧିକାର ଦେଶରେ ରାଜନୈତିକ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଉଦ୍ଦିଷ୍ଟ ଥିବା ସ୍ଥଳେ 'ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତି' ଦେଶରେ ସାମାଜିକ ଏବଂ ଅର୍ଥନୈତିକ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଉଦ୍ଦିଷ୍ଟ ।

ଆୟାରଲାଣ୍ଡର ସମ୍ବିଧାନକୁ ଅନୁକରଣ କରି 'ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତି' ଆମ ସମ୍ବିଧାନରେ ସନ୍ନିବେଶିତ କରାଯାଇଛି । ଆୟାରଲାଣ୍ଡ ସମ୍ବିଧାନରେ ଉଭୟ ମୌଳିକ ଅଧିକାର ଏବଂ ନିର୍ଦ୍ଦେଶାତ୍ମକ ସାମାଜିକ ନୀତିର ବ୍ୟବସ୍ଥା ରହିଛି । ମୌଳିକ ଅଧିକାରଗୁଡ଼ିକ ଆଇନସମ୍ମତ ହୋଇଥିବା ସ୍ଥଳେ ନିର୍ଦ୍ଦେଶାତ୍ମକ ସାମାଜିକ ନୀତି ଆଇନ ସମ୍ମତ ହୋଇନାହିଁ । ଆମ ସମ୍ବିଧାନରେ ଠିକ୍ ଅନୁରୂପ ବ୍ୟବସ୍ଥା କରାଯାଇଛି ।

ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତିର ଉଦାହରଣ

ସମ୍ବିଧାନର ୩୬ ଧାରାରୁ ୫୧ ଧାରା ପର୍ଯ୍ୟନ୍ତ ବର୍ଣ୍ଣିତ ଏହି ରାଷ୍ଟ୍ରନୀତିଗୁଡ଼ିକୁ ପ୍ରଫେସର ଏମ୍.ପି. ଶର୍ମା ୩ ଭାଗରେ ବିଭକ୍ତ କରିଛନ୍ତି। ଯଥା : ୧) ସାମାଜିକ ଏବଂ ଅର୍ଥନୈତିକ ନୀତି, ୨) ଉଦାରବାଦ ନୀତି, ୩) ଗାନ୍ଧିବାଦୀ ନୀତି।

ସାମାଜିକ ଏବଂ ଅର୍ଥନୈତିକ ନୀତି

ଏହି ଶ୍ରେଣୀରେ ନିମ୍ନ ସୂଚିତ କେତୋଟି ବ୍ୟବସ୍ଥାକୁ ଉଦାହରଣ ସ୍ୱରୂପ ଗ୍ରହଣ କରାଯାଇପାରେ।

(କ) ପ୍ରତ୍ୟେକଙ୍କୁ ଜୀବନଧାରଣ ଲାଗି ସୁବିଧା ପ୍ରଦାନ।

(ଖ) ସାଧାରଣ ହିତ ଦୃଷ୍ଟିରୁ ଦେଶର ଭୌତିକ ସମ୍ପଦର ମାଲିକାନା ନିୟନ୍ତ୍ରଣ ଏବଂ ବଣ୍ଟନ।

(ଗ) ଉତ୍ପାଦନର ମୌଳିକ ଉପାଦାନଗୁଡ଼ିକ କୌଣସି ବ୍ୟକ୍ତି ବିଶେଷ ବା ମୁଷ୍ଟିମେୟ ବ୍ୟକ୍ତିଙ୍କ ହାତରେ କେନ୍ଦ୍ରୀଭୂତ ନ ହୋଇ ଜନସାଧାରଣଙ୍କ ହିତକଳ୍ପେ, ଯେପରି ନିୟୋଜିତ ହୋଇପାରିବ, ସେଥିପ୍ରତି ଦୃଷ୍ଟି ଦେବା।

(ଘ) ନାରୀ ଏବଂ ପୁରୁଷଙ୍କୁ ସମାନ କାର୍ଯ୍ୟ ପାଇଁ ସମାନ ହାରରେ ଦରମା ଦେବା ପାଇଁ ନୀତି ପ୍ରଣୟନ କରିବା।

(ଙ) ଶ୍ରମିକ, ପୁରୁଷ, ସ୍ତ୍ରୀ, ଶିଶୁ ଏବଂ ଯୁବକମାନଙ୍କୁ ଶୋଷଣରୁ ରକ୍ଷା କରି ସେମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା କରିବା।

(ଚ) ସମସ୍ତଙ୍କୁ କାମ କରିବାର ଅଧିକାର, ଶିକ୍ଷାଲାଭର ଅଧିକାର, ବେକାର ସମସ୍ୟାର ଦୂରୀକରଣ ଏବଂ ସମାଜର ରୁଗ୍ଣ, ବୃଦ୍ଧ ଏବଂ ଅକ୍ଷମ ବ୍ୟକ୍ତିମାନଙ୍କ ପାଇଁ ସାମାଜିକ ନିରାପତ୍ତା ବ୍ୟବସ୍ଥା ପ୍ରଚଳନ କରିବା।

(ଛ) ଶିଳ୍ପ ଏବଂ କୃଷି ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ମଜୁରୀ ହାର ନିର୍ଦ୍ଧାରଣ କରିବା, ସେମାନଙ୍କର ଜୀବନଧାରଣର ମାନ ବୃଦ୍ଧି କରିବା ଏବଂ ଅବସର ବିନୋଦନର ବ୍ୟବସ୍ଥା କରିବା।

ଉଦାରବାଦୀ ନୀତି

ନିମ୍ନଲିଖିତ କେତେକ ବ୍ୟବସ୍ଥା ଉଦାରବାଦୀ ନୀତିର ପରିଚାୟକ।

(କ) ଦେଶର ସବୁ ଶ୍ରେଣୀର ନାଗରିକଙ୍କ ପାଇଁ ଏକପ୍ରକାର ଦେୱାନୀ ଆଇନ୍ ପ୍ରଣୟନ।

(ଖ) ୧୪ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ଅବୈତନିକ ବାଧ୍ୟତାମୂଳକ ଶିକ୍ଷାଦାନ ବ୍ୟବସ୍ଥା କରିବା।

(ଗ) ପୁରାତନ କୀର୍ତ୍ତି, କଳା, ସ୍ଥାପତ୍ୟ ଏବଂ ଐତିହାସିକ ସ୍ମୃତି ସ୍ଥାନର ସଂରକ୍ଷଣ।

(ଘ) ନିରପେକ୍ଷ ନ୍ୟାୟ ପ୍ରଦାନ ପାଇଁ ବିଚାର ବିଭାଗକୁ ଶାସନ ବିଭାଗଠାରୁ ପୃଥକ କରିବା।

(ଙ)　ଆନ୍ତର୍ଜାତିକ ଶାନ୍ତି ଏବଂ ସୁରକ୍ଷା, ଶାନ୍ତିପୂର୍ଣ୍ଣ ଉପାୟରେ ମଧ୍ୟସ୍ଥ ବିଚାର ଦ୍ୱାରା ଆନ୍ତର୍ଜାତିକ ବିବାଦର ସମ୍ମାନଜନକ ସମାଧାନ, ପରରାଷ୍ଟ୍ର ସହ ସୁସମ୍ପର୍କ ସ୍ଥାପନ ଏବଂ ଆନ୍ତର୍ଜତିକ ଆଇନ୍ ଏବଂ ଚୁକ୍ତିକୁ ସମ୍ମାନ ପ୍ରଦର୍ଶନ।

ଗାନ୍ଧିବାଦୀ ନୀତି

ଗାନ୍ଧିବାଦୀ ନୀତିର ଉଦାହରଣ ହେଲା –

(କ)　ଗ୍ରାମପଞ୍ଚାୟତ ମାଧ୍ୟମରେ ସ୍ୱାୟତ୍ତ ଶାସନ ପ୍ରତିଷ୍ଠା କରିବା।

(ଖ)　କୁଟୀର ଶିଳ୍ପର ଉନ୍ନତି ପାଇଁ ଉଦ୍ୟମ କରିବା।

(ଗ)　ସାମାଜିକ ଅନ୍ୟାୟ ଏବଂ ଶୋଷଣରୁ ହରିଜନ, ଆଦିବାସୀ ଏବଂ ଅନ୍ୟାନ୍ୟ ଅସହାୟ ବର୍ଗର ଲୋକଙ୍କୁ ରକ୍ଷା କରି ସେମାନଙ୍କ ଶିକ୍ଷାଗତ ଏବଂ ଅର୍ଥନୈତିକ ପ୍ରଗତି ଆଦି ଦିଗରେ ବ୍ୟବସ୍ଥା ଗ୍ରହଣ କରିବା।

(ଘ)　ନିଶା ନିବାରଣର ବ୍ୟବସ୍ଥା କରିବା।

(ଙ)　ଗୋହତ୍ୟା ନିଷେଧ କରିବା।

ସମ୍ବିଧାନ ସଂଶୋଧନ ମାଧ୍ୟମରେ ନୂତନ ନୀତିର ସଂଯୋଗ

୪୨ତମ ଓ ୪୪ତମ ସମ୍ବିଧାନ ସଂଶୋଧନ ଆଇନ୍ ବଳରେ ମୂଳନୀତି ସହିତ ଆଉ କେତେକ ନିର୍ଦ୍ଦେଶାବଳୀର ସଂଯୋଗ ଘଟିଛି।

ଉଦାହରଣସ୍ୱରୂପ : ୩୯ (କ) ଧାରାରେ ଗରିବ ଲୋକମାନଙ୍କୁ ବିନା ମୂଲ୍ୟରେ ଆଇନ୍‌ଗତ ସାହାଯ୍ୟ ପ୍ରଦାନର ବ୍ୟବସ୍ଥା।

୪୩ (କ) ଧାରାରେ ଶ୍ରମିକମାନଙ୍କୁ ଶିଳ୍ପ ସଂସ୍ଥାର ପରିଚାଳନାରେ ଅଂଶଗ୍ରହଣ କରିବାକୁ ସୁଯୋଗ ପ୍ରଦାନ।

୪୮ (କ) ଧାରାରେ ପାରିପାର୍ଶ୍ୱିକ ଅବସ୍ଥାର ସୁରକ୍ଷା ଏବଂ ଉନ୍ନତି କରିବା ସହ ବନ ଓ ବନ୍ୟଜନ୍ତୁଙ୍କର ସୁରକ୍ଷା କରିବା ପାଇଁ ବ୍ୟବସ୍ଥା କରିବାକୁ ରାଷ୍ଟ୍ରକୁ ନିର୍ଦ୍ଦେଶ ଦିଆଯାଇଛି।

ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତିର ମୂଲ୍ୟାୟନ

ସମାଲୋଚନା

ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତିକୁ ପାଳନ କରା ନ ଗଲେ ରାଷ୍ଟ୍ର ବିରୁଦ୍ଧରେ ଆଇନ୍ ଗତ ପ୍ରତିକାରର ବ୍ୟବସ୍ଥା ନଥିବାରୁ, ଏଗୁଡ଼ିକର ଅବତାରଣା ମୂଲ୍ୟହୀନ ବୋଲି ସମାଲୋଚନା କରାଯାଇଛି। ଶାସନ ବିଧାୟକ ସଭାରେ ଜନୈକ ସଭ୍ୟ କହିଥିଲେ ଏହା ''ନୂଆବର୍ଷର ପ୍ରସ୍ତାବ'' ଭଳି, ଯାହା ଆଦୌ କାର୍ଯ୍ୟକାରୀ ହୁଏ ନାହିଁ।

ଏହି ନୀତିଗୁଡ଼ିକ ଅନାବଶ୍ୟକ ବୋଲି ସମାଲୋଚକମାନେ ମଧ୍ୟ ମତ ଦିଅନ୍ତି। କାରଣ ଆଧୁନିକ ରାଷ୍ଟ୍ର ଏକ ଜନମଙ୍ଗଳ ରାଷ୍ଟ୍ର ହୋଇଥିବାରୁ ଜନତାର କଲ୍ୟାଣ ପାଇଁ ଚେଷ୍ଟିତ ରହିବେ। ତେଣୁ ରାଷ୍ଟ୍ରକୁ ଜନତାର କଲ୍ୟାଣ ପାଇଁ କ'ଣ କରିବାକୁ ହେବ, ସେ ସମ୍ବନ୍ଧୀୟ ନିର୍ଦ୍ଦେଶନାମା ଦେବା ଅନାବଶ୍ୟକ।

ପ୍ରଫେସର ଆଇଭର ଜେନିଙ୍ଗସ୍ ଆମ ସମ୍ବିଧାନର ଏହି ନୀତିଗୁଡ଼ିକୁ ସମାଲୋଚନା କରି କହିଥିଲେ ଯେ, ଏହା ଭବିଷ୍ୟତକୁ ବର୍ତ୍ତମାନ ସହିତ ବାନ୍ଧି ରଖିବ। ତାଙ୍କ ମତରେ ଏହି ନୀତିଗୁଡ଼ିକ ଉନବିଂଶ ଶତାବ୍ଦୀର ରାଜନୈତିକ ଚିନ୍ତାଧାରା ହୋଇଥିବାରୁ ଆଗାମୀ ଶତାବ୍ଦୀରେ ଅନାବଶ୍ୟକ ହୋଇପଡ଼ିବ ଏବଂ ଜାତିର ଉନ୍ନତି ପଥରେ ଅନ୍ତରାୟ ସୃଷ୍ଟି କରିବ।

ସମ୍ବିଧାନ ହେଉଛି ଆଇନ୍‌ର ଏକ ଦଲିଲ୍। ଏଥିରେ ଆଇନ୍‌ର ସମର୍ଥନ ନଥିବା କେତେକ ନୀତିଗତ ଉପଦେଶ ବା ନିର୍ଦ୍ଦେଶର କି ମୂଲ୍ୟ ରହିଛି ? କେତେକ ସମାଲୋଚକ ଏହି ନୀତିଗୁଡ଼ିକର କାର୍ଯ୍ୟକାରିତା ଉପରେ ସନ୍ଦେହ ପ୍ରକାଶ କରିଛନ୍ତି। ଉଦାହରଣ ସ୍ୱରୂପ, ନିଶାନିବାରଣ ଏକ ରାଷ୍ଟ୍ରନୀତି ହେଲେ ମଧ୍ୟ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରମାନ ସମ୍ବଳ ହରାଇବାର ଆଳ ଦେଖାଇ ଏହାକୁ କଡ଼ାକଡ଼ି ପାଳନ କରିବା ପାଇଁ ଦ୍ୱିଧା ପ୍ରକାଶ କରୁଛନ୍ତି।

ଉପାଦେୟତା

ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତିର କାର୍ଯ୍ୟକାରିତା ପଛରେ ଆଇନ୍‌ଗତ ସମର୍ଥନ ନ ଥାଇପାରେ, ମାତ୍ର ଆଇନ୍‌ଗତ ପ୍ରତିକାର ବ୍ୟବସ୍ଥା ସବୁ କିଛି ନୁହେଁ। ଆଇନ୍‌ର ସମର୍ଥନ ଅପେକ୍ଷା ଅଧିକ ପ୍ରଭାବଶାଳୀ ହେଉଛି ଜନସମର୍ଥନ। ଏ ନୀତିଗୁଡ଼ିକୁ କାର୍ଯ୍ୟକାରୀ ନ କରିପାରିଲେ ସରକାର ହୁଏ ତ କୌଣସି ନ୍ୟାୟାଳୟ ନିକଟରେ ଉତ୍ତରଦାୟୀ ନହୋଇ ପାରନ୍ତି, ମାତ୍ର ନିଶ୍ଚିତ ଭାବରେ ଜନ-ଅଦାଲତର ସମ୍ମୁଖୀନ ହେବାକୁ ପଡ଼ିବ ନିର୍ବାଚନ ସମୟରେ। ଜନସାଧାରଣ ସେହି ସମୟରେ ରାଷ୍ଟ୍ରନୀତିକୁ ମାପକାଠି ରୂପେ ବ୍ୟବହାର କରି ସରକାରଙ୍କ କାର୍ଯ୍ୟାବଳୀର ସମୀକ୍ଷା କରିବେ। ସୁତରାଂ ଲୋକସମର୍ଥନ ଉପରେ ସରକାରଙ୍କ ଭାଗ୍ୟ ଓ ଭବିଷ୍ୟତ ନିର୍ଭର କରୁଥିବାରୁ, ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତିକୁ ଅମାନ୍ୟ କରିବାକୁ କୌଣସି ସରକାର ସାହସ କରିବେ ନାହିଁ।

ଏହି ରାଷ୍ଟ୍ରନୀତିଗୁଡ଼ିକ ଭାରତରେ ଅର୍ଥନୈତିକ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଉଦ୍ଦିଷ୍ଟ। ଅର୍ଥନୈତିକ ଗଣତନ୍ତ୍ର ବିନା ରାଜନୈତିକ ଗଣତନ୍ତ୍ର ଯେ ମୂଲ୍ୟହୀନ ଏକଥା ପ୍ରତ୍ୟେକ ସରକାର ହୃଦୟଙ୍ଗମ କରି ସେହି ଅନୁସାରେ ନିଶ୍ଚିତ ଭାବରେ କାର୍ଯ୍ୟ କରିବେ ଏବଂ ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତିକୁ ଗୁରୁତ୍ୱ ଦେବେ।

ନ୍ୟାୟାଳୟରେ ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତିର ଗୁରୁତ୍ୱ ନାହିଁ ବୋଲି ଯେଉଁ ସମାଲୋଚନା ହେଉଛି, ତାହା ସତ୍ୟ ନୁହେଁ। ଆମର ଉଚ୍ଚତମ ନ୍ୟାୟାଳୟ କାମେଶ୍ୱର ସିଂହ ବନାମ ବିହାର ସରକାରଙ୍କ ମାମଲାର ନିଷ୍ପତ୍ତି ଘୋଷଣା କଲାବେଳେ ରାଷ୍ଟ୍ରନୀତିକୁ ମାର୍ଗଦର୍ଶକ ଭାବରେ ଗ୍ରହଣ କରିଥିଲେ। ୪୨ ତମ ସମ୍ବିଧାନ ସଂଶୋଧନ ଆଇନ୍‌ରେ ମଧ୍ୟ ରାଷ୍ଟ୍ରନୀତିକୁ ମୌଳିକ ଅଧିକାର ତୁଳନାରେ ଉଚ୍ଚସ୍ଥାନ ଦିଆଯାଇଛି।

ଉପସଂହାରରେ କୁହାଯାଇପାରେ ଯେ, ଏହି ନୀତିଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ସରକାର ଶିଥିଳତା ଅବଲମ୍ବନ କରିନାହାନ୍ତି। ବରଂ ବିଭିନ୍ନ ସମୟରେ ବହୁ ଆଇନ୍ ଏଥିପାଇଁ ପ୍ରଣୟନ କରାଯାଇଛି। ତଥାପି ଅନେକ କିଛି କରିବାର ଅଛି। ଏସବୁ ନୀତିକୁ ଗୋଟିଏ ରାତିରେ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କ ହାତରେ ଆଲ୍ଲାଦିନ୍‌ର କୁହକବତୀ ନାହିଁ। ସବୁକିଛି ଆର୍ଥିକ ସମ୍ବଳ ଉପରେ ନିର୍ଭର କରେ। ଆଶା କରାଯାଏ, ଭବିଷ୍ୟତରେ ଏହି ନୀତିଗୁଡ଼ିକର ଲକ୍ଷ୍ୟ ପୂରଣ ହୋଇପାରିବ।

ମୌଳିକ ଅଧିକାର ଏବଂ ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତି ମଧ୍ୟରେ ପାର୍ଥକ୍ୟ

୧. ମୌଳିକ ଅଧିକାରଗୁଡ଼ିକର ସୁରକ୍ଷା ନିମିତ୍ତ ସାମ୍ବିଧାନିକ ପ୍ରତିକାର ବ୍ୟବସ୍ଥା କରାଯାଇଛି। କୌଣସି ବ୍ୟକ୍ତି ମୌଳିକ ଅଧିକାରରୁ ବଞ୍ଚିତ ହେଲେ ନ୍ୟାୟାଳୟ ମାଧ୍ୟମରେ ନ୍ୟାୟୋଚିତ ପ୍ରତିକାର ଲୋଡ଼ି ପାରିବେ। କିନ୍ତୁ ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତିର ଲଙ୍ଘନ ହେଲେ ନ୍ୟାୟାଳୟରେ ପ୍ରତିକାର ଲୋଡ଼ା ଯାଇପାରିବ ନାହିଁ।

୨. ମୌଳିକ ଅଧିକାରଗୁଡ଼ିକରୁ କେତେକ ନାସ୍ତିବାଚକ ହୋଇଥିବା ସ୍ଥଳେ, ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତିଗୁଡ଼ିକ ଅସ୍ତିବାଚକ ଅଟନ୍ତି। ମୌଳିକ ଅଧିକାର ରାଷ୍ଟ୍ର ଉପରେ ନିୟନ୍ତ୍ରଣ ଜାରି କରି କେତେକ କାର୍ଯ୍ୟ ନ କରିବାକୁ ନିର୍ଦ୍ଦେଶ ଦେଇଛି। ଅପରପକ୍ଷରେ ରାଷ୍ଟ୍ରନୀତିଗୁଡ଼ିକ ସରକାରଙ୍କୁ କେତେକ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛି।

୩. ମୌଳିକ ଅଧିକାରଗୁଡ଼ିକ ଭାରତରେ ରାଜନୈତିକ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଉଦ୍ଦିଷ୍ଟ ଥିବା ସ୍ଥଳେ ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତିଗୁଡ଼ିକ ସାମାଜିକ ତଥା ଅର୍ଥନୈତିକ ଗଣତନ୍ତ୍ରର ଭିତ୍ତିଭୂମି ସ୍ଥାପନ ପାଇଁ ଅଭିପ୍ରେତ।

ସୂଚନା ଅଧିକାର (Right to Information)

ଗଣତାନ୍ତ୍ରିକ ଶାସନ ପଦ୍ଧତି ହେଉଛି ଏକ ମୁକ୍ତ ସମାଜର ଅଂଶବିଶେଷ। ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ସରକାର, ପ୍ରଶାସନ କଳ ସହ ଜନସାଧାରଣଙ୍କୁ ବି ସଦାସର୍ବଦା ଜଡ଼ିତ କରିବା ଦରକାର। ପ୍ରଶାସନରେ ସ୍ୱଚ୍ଛତା ଏବଂ ଉତ୍ତର ଦାୟିତ୍ୱ ହେଉଛି ସରକାରଙ୍କର ପ୍ରଧାନ କର୍ତ୍ତବ୍ୟ। ତେଣୁ ପ୍ରତ୍ୟେକ ସରକାରୀ ଦପ୍ତରରୁ ତଥ୍ୟ ବା ସୂଚନା ହାସଲ କରିବା ହେଉଛି ପ୍ରତ୍ୟେକ ନାଗରିକର ନ୍ୟାଯ୍ୟ ଅଧିକାର। ଏଥିପାଇଁ ଆମ ସଂସଦ ୨୦୦୫ ମସିହାରେ ଏକ ଆଇନ୍ ପ୍ରଣୟନ କରିସାରିଛି। ତା.୧୫.୦୬.୨୦୦୫ରେ ଏହା କାର୍ଯ୍ୟକାରୀ ହେଲା। ଆମ ସମ୍ବିଧାନର ପ୍ରସ୍ତାବନାରେ ଥିବା ଲକ୍ଷ୍ୟ ଗୁଡ଼ିକ ସହ ଏବଂ ମୌଳିକ ଅଧିକାର ପର୍ଯ୍ୟାୟରେ ଏହା ଅନ୍ତର୍ଭୁକ୍ତ ହୋଇ ଆମର ସଂସଦୀୟ ଗଣତନ୍ତ୍ରକୁ ଆହୁରି ମଜବୁତ୍ ଓ ଲୋକାଭିମୁଖୀ କରିପାରିଛି। ଉକ୍ତ ଆଇନ୍‌ରେ କୁହାଯାଇଛି ଯେ, "ପ୍ରଶାସନକୁ ଅଧିକ ସ୍ୱଚ୍ଛ ଓ ନିର୍ମଳ ରଖିବାକୁ ହେଲେ ଏବଂ ଏହାର ଉତ୍ତର ଦାୟିତ୍ୱ ଜନସାଧାରଣଙ୍କ ପାଖରେ ବଜାୟ ରଖି, ନିଜର ଦୁର୍ନୀତିମୁକ୍ତ ଭାବମୂର୍ତ୍ତିକୁ ଅକ୍ଷୁଣ୍ଣ କରିବା ପାଇଁ, ପ୍ରତ୍ୟେକ ଲୋକ, ପ୍ରଶାସନର କାର୍ଯ୍ୟାବଳୀ ବିଷୟରେ ଅବଗତ ହେବା ଦରକାର।" ପୂର୍ବ ପ୍ରଚଳିତ ବ୍ୟବସ୍ଥା ଅନୁସାରେ ଲୋକମାନେ ଦେଶର ପ୍ରଚଳିତ ଆଇନ୍ କାନୁନ୍‌କୁ ମାନିବାକୁ ବାଧ୍ୟ ଏବଂ ସରକାରୀ କଳ ଏ ସମସ୍ତ କାର୍ଯ୍ୟକୁ ନିୟନ୍ତ୍ରିତ କରିବା ସେମାନଙ୍କର

କର୍ତ୍ତବ୍ୟ ବୋଲି ବିବେଚିତ ହେଉଥିଲା। କିନ୍ତୁ ଉକ୍ତ ଆଇନ୍ ପ୍ରଣୟନ ପରେ ପ୍ରଶାସନ ମଧ୍ୟ ଲୋକମାନଙ୍କୁ ସଠିକ୍ ତଥ୍ୟ ଯୋଗାଇ ଦେବାକୁ ଯାଇ ପରୋକ୍ଷରେ ଜନସାଧାରଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇ ପାରୁଛନ୍ତି। ଉତ୍ତମ ଶାସନ ବ୍ୟବସ୍ଥାକୁ ପ୍ରୋତ୍ସାହିତ ଏବଂ ଦିଗ୍‌ଦର୍ଶନ ଦେବା ପାଇଁ ଉକ୍ତ ଆଇନ୍‌ରେ ଥିବା ବ୍ୟବସ୍ଥା ଗୁଡ଼ିକ ଅତ୍ୟନ୍ତ ଲାଭପ୍ରଦ। ବିଶେଷ କରି ମନମୁଖୀ କାର୍ଯ୍ୟକଳାପ, ପ୍ରଶାସନିକ ଦୁର୍ନୀତି, ଅବିଚାର ଅଥବା ପାତରଅନ୍ତର ନୀତି ଆଦିର ସମସ୍ତ ଔଦ୍ଧତ୍ୟକୁ ଦମନ କରିବାରେ ଏହା ଏକ ଯୁଗାନ୍ତକାରୀ ସାମାଜିକ ବିଧି ବ୍ୟବସ୍ଥା । ଭାରତୀୟ ସମ୍ବିଧାନର ୧୯ ଧାରାରେ ଥିବା ମୌଳିକ ଅଧିକାରକୁ ଏହା ଆହୁରି ଦୃଢ଼ୀଭୁତ କରିବ।

ସୂଚନା ଅଧିକାର ଆଇନ୍‌ର ମୁଖ୍ୟ ଲକ୍ଷ୍ୟ ହେଲା - ସରକାରୀ ନିୟମାବଳୀ, ସରକାରୀ କାର୍ଯ୍ୟକଳାପ, ସରକାରୀ ନିଷ୍ପତ୍ତି ସମୂହ, ଆଦିରେ ପ୍ରତ୍ୟେକ ନାଗରିକ ଯେତେବେଳେ ଇଚ୍ଛା କରିବେ, ସେତେବେଳେ ସେମାନେ ଆବଶ୍ୟକୀୟ ସୂଚନା ବା ତଥ୍ୟ ପ୍ରଶାସନିକ ପଦାଧିକାରୀମାନଙ୍କଠାରୁ ପାଇ ପାରିବେ। ଏଥିପାଇଁ ସଂପୃକ୍ତ ପଦାଧିକାରୀମାନେ ସମସ୍ତ ସରକାରୀ ତଥ୍ୟକୁ କ୍ରମାନୁଯାୟୀ ସଜିତ କରି ସହଜ ଉପଲବ୍ଧ ଢ଼ଙ୍ଗରେ ଅନୁସୂଚିତ କରି ସଦାସର୍ବଦା ନିଜ ପାଖରେ ରଖିଥିବେ । କେତେକ କ୍ଷେତ୍ରରେ ସୂଚନାବଳୀକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରାସଙ୍ଗିକ ନଥିପତ୍ର ସବୁକୁ ପ୍ରକାଶିତ ମଧ୍ୟ କରିବା ଦରକାର। ଏହି ଆଇନ୍‌ରେ ସରକାରଙ୍କର ସମସ୍ତ ସ୍ତର ଯଥା- କେନ୍ଦ୍ର, ରାଜ୍ୟସମୂହ, ସ୍ଥାନୀୟ ପ୍ରଶାସନ, ଏପରିକି ଗ୍ରାମପଞ୍ଚାୟତ ଗୁଡ଼ିକ ମଧ୍ୟ, ସେମାନଙ୍କ କାର୍ଯ୍ୟାବଳୀର ସମସ୍ତ ତଥ୍ୟ ଜନସାଧାରଣଙ୍କର ଜ୍ଞାତ-ପରିସର ମଧ୍ୟରେ ରଖିବାକୁ ବାଧ୍ୟ। ଏହି ତଥ୍ୟାବଳୀ ସବୁ ପ୍ରକାଶିତ ଢ଼ଙ୍ଗରେ, ଇଣ୍ଟରନେଟ୍ ମାଧ୍ୟମରେ ଏବଂ ଆଞ୍ଚଳିକ ଭାଷା ମାଧ୍ୟମରେ ପରିବେଷିତ ହେବା ଦରକାର। ଏହି ଆଇନ୍ ବଳରେ ନାଗରିକମାନେ ପାଇଥିବା ଅଧିକାର ଗୁଡ଼ିକ ହେଲା :-

(କ) ସରକାରୀ କାର୍ଯ୍ୟାବଳୀ, ନଥିପତ୍ର ଏବଂ ପଞ୍ଜୀକୃତ ତଥ୍ୟ ସବୁର ନିରୀକ୍ଷଣ;

(ଖ) ସରକାରୀ ଦସ୍ତାବିଜ୍ ଆଦିର ସହିନକଲ, ଉଦ୍ଧୃତି ଅଥବା ସଂକ୍ଷିପ୍ତ ବିବରଣୀ ପାଇବାର ହକ୍;

(ଗ) କୌଣସି କାର୍ଯ୍ୟାବଳୀର ପ୍ରକୃତ ନମୁନା ସଂଗ୍ରହ ଏବଂ

(ଘ) ଯଦି ସମ୍ଭବ, ସମସ୍ତ ସୂଚନା ସବୁର ବୈଦ୍ୟୁତିକ ରୂପାନ୍ତର ପ୍ରାପ୍ତ ହେବା।

ଏହାଦ୍ୱାରା ପ୍ରତ୍ୟେକ ନାଗରିକ ଜାଣିପାରିବେ ଯେ, ସମସ୍ତ ପ୍ରଶାସନିକ କଳ ମଧ୍ୟରେ କି କି କାର୍ଯ୍ୟସବୁ ଚାଲିଛି। ଯଦି କୌଣସି ପ୍ରାପ୍ତ ସରକାରୀ ସୂଚନା ଅସଂପୂର୍ଣ୍ଣ ଥିବ, ଭ୍ରାନ୍ତିମୂଳକ ଥିବ, ସଂପୂର୍ଣ୍ଣ ଭଲ୍ ଥିବ ଅଥବା ବାରମ୍ବାର ଆବେଦନ ସତ୍ତ୍ୱେ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯୋଗାଇ ନ ଦିଆଯିବ, ତେବେ ନାଗରିକମାନେ ମୁକ୍ତ ଭାବରେ ସିଧାସଳଖ 'ସୂଚନା କମିଶନ'ଙ୍କ ନିକଟରେ ସଂପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଅଭିଯୋଗ ପତ୍ର ଦାଖଲ କରିପାରିବେ, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ। ଏଥିପାଇଁ ସୂଚନା କମିଶନ ମଧ୍ୟ କ୍ଷମତା ପ୍ରାପ୍ତ ଯେ, ସେମାନେ ଏପରି ଅଭିଯୋଗ ପାଇଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ।

ଏହାର ପରିସର : ଏହି ଆଇନ୍ ସମଗ୍ର ଭାରତବର୍ଷ ପାଇଁ କାର୍ଯ୍ୟକାରୀ ହୋଇ ପାରିବ, କେବଳ ଜାମୁକାଶ୍ମୀର ରାଜ୍ୟକୁ ଛାଡ଼ି। ଏହା ସମସ୍ତ ସାମ୍ବିଧାନିକ ଅଧିକାରୀ ଯଥା କାର୍ଯ୍ୟପାଳିକା, ବ୍ୟବସ୍ଥାପିକା ଏବଂ

ନ୍ୟାୟପାଳିକା ଏବଂ ଏଥିସହ ଯେ କୌଣସି ଅନୁଷ୍ଠାନ, ଯାହାକି ସଂସଦ କିମ୍ବା ରାଜ୍ୟର ବିଧାନସଭା ଦ୍ୱାରା ଆଇନ୍ ପ୍ରଣୋଦିତ ହୋଇ ଗଠିତ ହୋଇଥିବ, ସମସ୍ତଙ୍କ ପ୍ରତି ସମାନ ଭାବରେ ଲାଗୁ ହୋଇ ପାରିବ। ସରକାରଙ୍କ ଆର୍ଥିକ ସହାୟତାରେ ଚାଲୁଥିବା ସଂସ୍ଥାମାନେ ମଧ୍ୟ ଏହି ଆଇନ୍‌ର ପରିସରଭୁକ୍ତ ହୋଇ ପାରିବେ। ଅଣ-ସରକାରୀ ପ୍ରତିଷ୍ଠାନ (NGO)ମାନେ ମଧ୍ୟ ଏହି ଆଇନ୍‌ର ପରିଧିଭୁକ୍ତ।

ଉକ୍ତ ଆଇନ୍‌ରେ ଥିବା ଅନ୍ୟାନ୍ୟ ତଥ୍ୟାବଳୀ :

(କ) ଆବେଦନକାରୀମାନେ, ସେମାନେ ଆବେଦନ କରିବାର ୩୦ ଦିନ ମଧ୍ୟରେ ଆବଶ୍ୟକୀୟ ସୂଚନା ହାସଲ କରି ପାରିବେ।

(ଖ) ଯଦି ସୂଚନାଟି କୌଣସି ବ୍ୟକ୍ତିର ଜୀବନ କିମ୍ବା ସ୍ୱତନ୍ତ୍ରତା ସହିତ ସମ୍ବଳିତ, ତେବେ ଏହା ଆବେଦନ କରିବାର ୪୮ ଘଣ୍ଟା ମଧ୍ୟରେ ମିଳି ପାରିବ।

(ଗ) ସମସ୍ତ ସରକାରୀ ପଦାଧିକାରୀ, ଆବଶ୍ୟକୀୟ ସୂଚନାକୁ, ଏକଲିଖିତ ଆବେଦନକୁ ଭିତ୍ତି କରି ପ୍ରଦାନ କରିପାରିବେ।

(ଘ) କେତେକ ସୂଚନାକୁ ସର୍ବସାଧାରଣରେ ପ୍ରକାଶ କରିବାକୁ ନିଷିଦ୍ଧ କରାଯାଇଛି।

(ଙ) କେତେକ ତୃତୀୟ ପକ୍ଷକୁ ସୂଚନା ପ୍ରଦାନ କରିବାକୁ କାରଣ ଅଛି।

(ଚ) ସୂଚନା ପାଇବା ପାଇଁ ଆବେଦନକୁ ଆଗ୍ରହ୍ୟ କଲେ, ସଂପୃକ୍ତ ପଦାଧିକାରୀ ଜଣକ ୨୫୦୦ଟଙ୍କା ହିସାବରେ ଜୋରିମାନା ଦେବେ, ଯାହାକି ସମୁଦାୟ ଭାବରେ ୨୫୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ହେବ ନାହିଁ।

(ଛ) ଜାତୀୟ ସ୍ତରରେ ସୂଚନା କମିଶନ ଗଠିତ ହୋଇଅଛି।

(ଜ) ଏହି ଆଇନ୍‌ର ଧାରା ଉପରେ କୌଣସି କୋର୍ଟ ସେମାନଙ୍କର ନିଜସ୍ୱ ବିଚାର ଦେଇ ପାରିବେ ନାହିଁ।

ସମସ୍ତ ତଥ୍ୟ ଜାଣିବାର ଅଧିକାର ହେଉଛି, ପ୍ରତ୍ୟେକ ସଚେତନ ନାଗରିକର ଏକ ମୌଳିକ ଆବଶ୍ୟକତା, ଯାହା ମୁକ୍ତକଥା କହିବାର ଅଧିକାର ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଏହାସହ ଶିକ୍ଷାଗତ ଯୋଗ୍ୟତା ଅଧିକାର ମଧ୍ୟ ସଂପୃକ୍ତ।

ଏହି ଆଇନ୍‌ର ସଫଳତା ଆମର ପାରମ୍ପରିକ 'ଗୋପନୀୟତା ରକ୍ଷା' ଭାବନାକୁ ଏଡ଼ାଇ ସମସ୍ତ ତଥ୍ୟକୁ ଉନ୍ମୁକ୍ତ ଭାବେ ପରିବେଷଣ କରିବାର ମାନସିକତା ଉପରେ ନିର୍ଭର କରେ। ଏକଛତ୍ରବାଦରୁ ଦାୟିତ୍ୱସମ୍ପନ୍ନ, କେନ୍ଦ୍ର ଭିସାରୀ ଶାସନରୁ ଲୋକାଭିମୁଖୀ ଶାସନର ପରିବର୍ତ୍ତିତ ରୂପକୁ ସୂଚୀତ କରେ। କେବଳ ଆଇନ୍ ପ୍ରଣୟନ କରି ଦେଲେ ଏହାର ଉଦ୍ଦେଶ୍ୟ ସାଧିତ ହେବନାହିଁ - ଏହାର ସଫଳ ପ୍ରୟୋଗ ପାଇଁ ଅବଶ୍ୟ ପ୍ରୟାସ ଦରକାର। ସରକାରୀ କଳର ତତ୍ପରତା ଦରକାର। ଏହା ସଫଳ ଗଣତାନ୍ତ୍ରିକ ଜୀବନ ଧାରାର ସୂଚକ ସହ ଏକ ସୁସ୍ଥ ମୁକ୍ତ ସମାଜର ପରିବାହକ ମଧ୍ୟ। ଏହା ନାଗରିକମାନଙ୍କୁ ଶାସନ ପ୍ରଣାଳୀ ସହ ପ୍ରତ୍ୟକ୍ଷ ଭାବରେ ଜଡ଼ିତ କରି ପାରିବ।

ସଂକ୍ଷିପ୍ତ ସୂଚନା

- ସମ୍ବିଧାନର ଚତୁର୍ଥ ଭାଗରେ ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତି (ଧାରା ୩୬ ରୁ ୫୧) ର ଅବତାରଣା କରାଯାଇଛି । ଆୟରଲାଣ୍ଡ ସମ୍ବିଧାନ ଅନୁକରଣରେ ଏ ବ୍ୟବସ୍ଥା ଗ୍ରହଣ କରାଯାଇଛି ।
- ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତି ମଧ୍ୟରେ କେତେକ ସାମାଜିକ ଏବଂ ଅର୍ଥନୈତିକ ନୀତି ସମ୍ବନ୍ଧୀୟ । ଯଥା - ପ୍ରତ୍ୟେକଙ୍କୁ ଜୀବନଧାରଣର ସୁବିଧା ପ୍ରଦାନ, ଭୌତିକ ସମ୍ପଦର ମାଲିକାନା ନିୟନ୍ତ୍ରଣ ଏବଂ ବଣ୍ଟନ, ସମସ୍ତଙ୍କୁ ନିଯୁକ୍ତି ଅଧିକାର ଇତ୍ୟାଦି ।

  କେତେକ ଉଦାରବାଦୀ ନୀତି ଯଥା - ସବୁଶ୍ରେଣୀର ନାଗରିକଙ୍କ ପାଇଁ ଏକ ପ୍ରକାର ଦେଓ୍ୱାନୀ ଆଇନ୍ ପ୍ରଣୟନ, ୧୪ ବର୍ଷରୁ କମ୍ ପିଲାଙ୍କୁ ବାଧ୍ୟତାମୂଳକ ଶିକ୍ଷାଦାନ ଏବଂ ଗାନ୍ଧିବାଦୀ ନୀତି ମଧ୍ୟରେ ଗ୍ରାମପଞ୍ଚାୟତ ମାଧ୍ୟମରେ ସ୍ୱାୟତ୍ତ ଶାସନ ପ୍ରତିଷ୍ଠା, କୁଟୀର ଶିଳ୍ପର ବିକାଶ, ନିଶା ନିବାରଣ ଇତ୍ୟାଦି ନୀତି ଅନ୍ତର୍ଭୁକ୍ତ ।
- ୪୨ତମ ଓ ୪୪ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ମଧ୍ୟ କେତେକ ନୂତନ ନୀତିର ସଂଯୋଗ ହୋଇଛି ।
- ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତି ପାଳନ କ୍ଷେତ୍ରରେ ସାମ୍ବିଧାନିକ ପ୍ରତିକାର ବ୍ୟବସ୍ଥା ନ ଥିବାରୁ ଏହା ସମାଲୋଚନାର ଶିକାର ହୋଇଛି । ଏହାକୁ କେତେକ ମୂଲ୍ୟହୀନ, ଅନାବଶ୍ୟକ ବୋଲି କହିଛନ୍ତି । ମାତ୍ର ଆଇନ୍‌ର ସମର୍ଥନ ଅପେକ୍ଷା ଜନସମର୍ଥନ ଉପରେ ଏହା ଅଧିକ ନିର୍ଭରଶୀଳ । ତା’ ଛଡ଼ା ଭାରତରେ ଅର୍ଥନୈତିକ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଏହା ଉଦ୍ଦିଷ୍ଟ । ନ୍ୟାୟାଳୟ ମଧ୍ୟ ଏହାକୁ ବିଭିନ୍ନ ମାମଲାରେ ବେଶ୍ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି ।
- ମୌଳିକ ଅଧିକାର ଓ ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତି ମଧ୍ୟରେ ପାର୍ଥକ୍ୟ -
  - (କ) ମୌଳିକ ଅଧିକାରର ସୁରକ୍ଷା ପାଇଁ ସାମ୍ବିଧାନିକ ପ୍ରତିକାର ବ୍ୟବସ୍ଥା ଥିବା ସ୍ଥଳେ, ରାଷ୍ଟ୍ରନୀତି ପାଇଁ ଏପରି ବ୍ୟବସ୍ଥା ନାହିଁ ।
  - (ଖ) ମୌଳିକ ଅଧିକାର ନାସ୍ତିବାଚକ ହୋଇଥିବା ସ୍ଥଳେ, ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତି ଅସ୍ତିବାଚକ ।
  - (ଗ) ମୌଳିକ ଅଧିକାର ରାଜନୈତିକ ଗଣତନ୍ତ୍ର ପ୍ରତିଷ୍ଠା କଲାବେଳେ ନିର୍ଦ୍ଦେଶାତ୍ମକ ରାଷ୍ଟ୍ରନୀତି ଅର୍ଥନୈତିକ ଗଣତନ୍ତ୍ର ପାଇଁ ଉଦ୍ଦିଷ୍ଟ ।
- ଜନସାଧାରଣଙ୍କ ଅଧିକାର ରହିଛି ସରକାରୀ ନୀତି ନିଷ୍ପତ୍ତି ତଥା କାର୍ଯ୍ୟାବଳୀ ସଂପର୍କରେ ସବିଶେଷ ସୂଚନା ହାସଲ ଦରକାର । ଏହା ହେଉଛି ଏକ ଗଣତାନ୍ତ୍ରିକ ଆଇନ ପଦ୍ଧତିର ଲକ୍ଷଣ । ଫଳରେ ୨୦୦୫ରେ ପାର୍ଲିଆମେଣ୍ଟ ଦ୍ୱାରା ପ୍ରଣୀତ ହେଲା ସୂଚନା ଅଧିକାର ଆଇନ ।
- ଏହି ଆଇନ୍‌ରେ ସମସ୍ତ କ୍ଷେତ୍ର ଅର୍ଥାତ୍ କେନ୍ଦ୍ର, ରାଜ୍ୟ, ସ୍ଥାନୀୟ ପ୍ରଶାସନ ଏପରିକି ଗ୍ରାମପଞ୍ଚାୟତ ମଧ୍ୟ ସେମାନଙ୍କ କାର୍ଯ୍ୟାବଳୀର ସମସ୍ତ ତଥ୍ୟ ଜନସାଧାରଣ ଚାହିଁଲେ ସେମାନଙ୍କୁ ସୂଚିତ କରିପାରିବେ ।

- ଜାମ୍ମୁକାଶ୍ମୀର ରାଜ୍ୟକୁ ବାଦ ଦେଇ ଏହା ସମଗ୍ର ଦେଶ ପାଇଁ ପ୍ରଜୁଜ୍ୟ।
- ସୂଚନା ପ୍ରାପ୍ତି ପାଇଁ ଆବେଦନ କରିବାର ୩୦ ଦିନ ମଧ୍ୟରେ ଆବଶ୍ୟକୀୟ ସୂଚନା ମିଳିପାରିବ।
- ସୂଚନା ପ୍ରଦାନ ପାଇଁ ଆବେଦନକୁ ଅଗ୍ରାହ୍ୟ କଲେ ସଂପୃକ୍ତ ଅଧିକାରୀ ଦିନକୁ ୨୫୦ଟଙ୍କା ହିସାବରେ ଜୋରିମାନା ଦେବାର ବ୍ୟବସ୍ଥା ଅଛି।
- ଗଣତନ୍ତ୍ରର ସଫଳତା ପାଇଁ ଏହା ଏକ ଯୁଗୋପଯୋଗୀ ଆଇନ୍।

ଆଦର୍ଶ ପ୍ରଶ୍ନାବଳୀ

('କ' - ବିଭାଗ)

୧. ତ୍ରୁଟିପୂର୍ଣ୍ଣ ବାକ୍ୟଗୁଡ଼ିକୁ ସଂଶୋଧନ କର :

(କ) 'ସମ୍ପତ୍ତିଗତ ଅଧିକାର'– ଏକ ମୌଳିକ ଅଧିକାର।

(ଖ) ମୌଳିକ ଅଧିକାର ଉଭୟ ଭାରତୀୟ ନାଗରିକ ଏବଂ ଭାରତରେ ବାସ କରୁଥିବା ବିଦେଶୀ ଲୋକଙ୍କ ପାଇଁ ଉଦ୍ଦିଷ୍ଟ।

(ଗ) ଶୋଷଣ ବରୁଦ୍ଧରେ ଅଧିକାର ବଳପୂର୍ବକ ଶୋଷଣ ବ୍ୟବସ୍ଥାକୁ ଆଇନସିଦ୍ଧ ଘୋଷଣା କରିଛି।

୨. ଶୁନ୍ୟସ୍ଥାନ ପୁରଣ କର :

(କ) ସମ୍ବିଧାନର _________ ଅଂଶରେ ମୌଳିକ ଅଧିକାର ସବୁ ଲିଖିତ।

(ଖ) ସମ୍ବିଧାନର _________ ଅଂଶରେ ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତି ସବୁ ଲିଖିତ।

(ଗ) ବର୍ତ୍ତମାନର ସମ୍ବିଧାନରେ _________ ପ୍ରକାରର ମୌଳିକ ଅଧିକାର ସବୁ ଉଲ୍ଲେଖ ରହିଛି।

(ଘ) ମୌଳିକ ଅଧିକାର ବ୍ୟବସ୍ଥାକୁ ସଂଶୋଧନ କରିବାର କ୍ଷମତା _________ ଙ୍କ ହସ୍ତରେ ନ୍ୟସ୍ତ ଅଛି।

(ଙ) ସମ୍ବିଧାନର ୩୨ ଧାରାରେ _________ ପ୍ରଦାନ କରାଯାଇଛି।

(ଚ) ଗଣମାଧ୍ୟମର ସ୍ୱାଧୀନତା _________ ମୌଳିକ ଅଧିକାରର ଅଂଶବିଶେଷ ଅଟେ।

(ଛ) ସୂଚନା ଅଧିକାର ହେଉଛି ଏକ _________ ।

(ଜ) ସମ୍ବିଧାନର ୨୧(କ) ଧାରା _________ ସହ ସମ୍ବନ୍ଧିତ ଅଟେ।

(ଝ) _________ କୁ ମୌଳିକ ଅଧିକାର ସମୂହର ରକ୍ଷାକର୍ତ୍ତା ବୋଲି କୁହାଯାଏ।

(ଞ) ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତି ସବୁ _________ ପ୍ରକାରର ଅଟେ।

(ଟ) DPSP ଭାବଧାରାଟିର ମୌଳିକତ୍ୱ _________ ସମ୍ବିଧାନରୁ ଆନୀତ।

(ଠ) ନାଗରିକମାନଙ୍କର ମୌଳିକ କର୍ତ୍ତବ୍ୟଗୁଡ଼ିକର ସଂଖ୍ୟା ହେଲା _________ ।

(ଡ) ମୌଳିକ କର୍ତ୍ତବ୍ୟ ସମ୍ବନ୍ଧୀୟ ପରିଚ୍ଛେଦଟି ସମ୍ବିଧାନର _________ ତମ ସଂଶୋଧନରେ ଯୋଡ଼ାଯାଇଛି ।

(ଢ) ଭାରତର ନିର୍ବାଚନ ଆୟୋଗର ବ୍ୟବସ୍ଥା ସମ୍ବିଧାନର ________ ଧାରାରେ ଉଲ୍ଲେଖ ରହିଛି ।

(ଣ) ମୁଖ୍ୟ ନିର୍ବାଚନ କମିଶନର _________ ଙ୍କ ଦ୍ୱାରା ଲିଖିତ ହୋଇଥାନ୍ତି ।

୩. ବିବିଧ ଉତ୍ତର ଚୟନ ପ୍ରଶ୍ନାବଳୀ :

(କ) ଭାରତୀୟ ସମ୍ବିଧାନରେ ମୌଳିକ ଅଧିକାର ସବୁ କେଉଁ ଅଂଶରେ ଉଲ୍ଲେଖ ରହିଛି ?

(i) Part IV (ii) Part III

(iii) Part II (iv) Part V

(ଖ) ନିମ୍ନୋକ୍ତ ମଧ୍ୟରୁ କେଉଁଟି ମୌଳିକ ଅଧିକାରର ଅନ୍ତର୍ଭୁକ୍ତ ନୁହେଁ ?

(i) ସ୍ୱାଧୀନତାର ଅଧିକାର (ii) ସମ୍ପତ୍ତିଗତ ଅଧିକାର

(iii) ସମାନତାର ଅଧିକାର (iv) ଶିକ୍ଷା ଓ ସଂସ୍କୃତିଗତ ଅଧିକାର

(ଗ) ମୌଳିକ ଅଧିକାର ସମୂହକୁ କିଏ ସଂଶୋଧନ କରିପାରିବ ?

(i) ନ୍ୟାୟପାଳିକା (ii) କାର୍ଯ୍ୟପାଳିକା

(iii) ଅମଲାତନ୍ତ୍ର (iv) ସଂସଦ

(ଘ) ମୌଳିକ ଅଧିକାର ସମୂହର ରକ୍ଷାକର୍ତ୍ତା ବୋଲି କାହାକୁ କୁହାଯାଏ ?

(i) ସଂସଦ (ii) ନ୍ୟାୟପାଳିକା

(iii) କାର୍ଯ୍ୟପାଳିକା (iv) ପୋଲିସ୍

(ଙ) ସମାନତାର ଅଧିକାର ସମ୍ବିଧାନର କେଉଁ ଧାରାମାନଙ୍କରେ ଅଛି ?

(i) ୧୪-୧୮ (ii) ୧୯-୨୨

(iii) ୨୩-୨୪ (iv) ୩୧-୩୨

(ଚ) ସମ୍ବିଧାନର କେଉଁ ଅଂଶରେ ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତି ସବୁ ରହିଛି ?

(i) Part II (ii) Part III

(iii) Part IV (iv) Part V

(ଛ) ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତିଗୁଡ଼ିକ ହେଲା-

(i) ସକାରାତ୍ମକ ନିର୍ଦ୍ଦେଶ (ii) ଅଣ-ନ୍ୟାୟିକ

(iii)ସାମାଜିକ ଏବଂ ଅର୍ଥନୈତିକ ନିୟମାବଳୀ (iv) ଉପରୋକ୍ତ ସମସ୍ତ

(ଜ) ନିମ୍ନୋକ୍ତ ମଧ୍ୟରୁ କେଉଁଟି ନିର୍ଦ୍ଦେଶମୂଳକ ନୁହେଁ ?

(i) ୩୬-୫୦ (ii) ୧-୧୧

(iii) ୧୯-୨୭ (iv) ୧୨-୩୫

(ଝ) ମୌଳିକ କର୍ତ୍ତବ୍ୟଗୁଡ଼ିକ ସମ୍ବିଧାନର କେଉଁ ଅଂଶରେ ଲିଖିତ ରହିଛି ?

(i) Part IV (ii) Part V

(iii) Part IV-A (iv) Part I

୪. କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନାବଳୀ :

(କ) 'ଭାରତରେ ଧର୍ମନିରପେକ୍ଷତା' ଉପରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କର।

୫. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନାବଳୀ :

(କ) 'ଆଇନ୍ ଦୃଷ୍ଟିରେ ସମସ୍ତେ ସମାନ'– ଏ ଉକ୍ତିର ସତ୍ୟତା ପ୍ରତିପାଦନ କର।

(ଖ) ଭାରତୀୟ ନାଗରିକମାନଙ୍କ ମୌଳିକ ଅଧିକାର ସବୁ ଆଲୋଚନା କର।

(ଗ) 'ଧର୍ମଗତ ସ୍ୱାଧୀନତା' କାହାକୁ କୁହାଯାଏ ?

(ଘ) ସମ୍ବିଧାନର ୩୨ ଧାରାରେ କ'ଣ ଉଲ୍ଲେଖ ରହିଛି ?

(ଙ) ମୌଳିକ ଅଧିକାରଗୁଡ଼ିକର ସୀମାବଦ୍ଧତାକୁ କାହିଁକି ନ୍ୟାୟସଙ୍ଗତ ବୋଲି କୁହାଯିବ ?

(ଚ) ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା ବେଳେ ମୌଳିକ ଅଧିକାରଗୁଡ଼ିକ କିପରି ପ୍ରଭାବିତ ହୋଇଥାଏ ?

(ଛ) ମୌଳିକ ଅଧିକାରଗୁଡ଼ିକର ରକ୍ଷାକର୍ତ୍ତା ବୋଲି କେଉଁ ମୌଳିକ ଅଧିକାରକୁ କୁହାଯାଇଥାଏ।

(ଜ) 'Writ' ଶବ୍ଦ ତାତ୍ପର୍ଯ୍ୟ ବୁଝାଇ ଦିଅ।

(ଝ) 'Heabeas Corpus' କାହାକୁ କୁହାଯାଏ ?

(ଞ) 'Mandamus' କାହାକୁ କୁହାଯାଏ ?

(ଟ) 'Quo Warranto' କାହାକୁ କୁହାଯାଏ ?

(ଠ) ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତି ସମୂହକୁ ନ୍ୟାୟପାଳିକା ବାଧ୍ୟତାମୂଳକ କରିପାରିବ କି ?

(ଡ) ସମ୍ବିଧାନର Part IVରେ କ'ଣ ଉଲ୍ଲେଖ କରାଯାଇଛି ?

(ଢ) ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତିଗୁଡ଼ିକ ମୌଳିକ ଅଧିକାର ସହିତ କିପରି ସମ୍ପର୍କିତ ?

(ଣ) ଭାରତୀୟ ସମ୍ବିଧାନରେ ଥିବା ୫ଟି ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କର।

(ତ) 'ସୂଚନା ପାଇବାର ଅଧିକାର' କାହାକୁ କୁହାଯାଏ ?

('ଖ' - ବିଭାଗ)

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନାବଳୀ :

୧. ଭାରତର ସମ୍ବିଧାନର ତୃତୀୟ ପରିଚ୍ଛେଦର ମୁଖ୍ୟ ଅଂଶଗୁଡ଼ିକ ଆଲୋଚନା କର।

୨. ଭାରତର ନାଗରିକମାନଙ୍କୁ ପ୍ରଦାନ କରାଯାଇଥିବା ମୌଳିକ ଅଧିକାରଗୁଡ଼ିକୁ ଆଲୋଚନ କର।

୩. ମୌଳିକ ଅଧିକାରଗୁଡ଼ିକ 'ମୌଳିକ କିମ୍ବା ଅଧିକାରର ପର୍ଯ୍ୟାୟଭୁକ୍ତ ନୁହେଁ' ଏହି ଉକ୍ତିଟିର ସତ୍ୟତା ପ୍ରତିପାଦନ କର।

୪. ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତି ସବୁ କ'ଣ କ'ଣ ? ଏହାର ସଂକ୍ଷିପ୍ତ ବିବରଣୀ ଦିଅ ?

୫. ଭାରତରେ ପ୍ରଚଳିତ ଗଣତାନ୍ତ୍ରିକ ବ୍ୟବସ୍ଥାରେ 'ସୂଚନା ପାଇବାର ଅଧିକାର'ର ଭୂମିକା ନିରୂପଣ କର।

❑●❑

ଦ୍ୱାଦଶ ଅଧ୍ୟାୟ

ନିର୍ବାଚନ ଓ ପ୍ରତିନିଧିତ୍ୱ
(ELECTION AND REPRESENTATION)

ନିର୍ବାଚନ ଓ ଗଣତନ୍ତ୍ର :

ବର୍ତ୍ତମାନ ବିଶ୍ୱର ପ୍ରାୟ ପ୍ରତ୍ୟେକ ରାଷ୍ଟ୍ରରେ ଗଣତନ୍ତ୍ର ସରକାର ପ୍ରତିଷ୍ଠିତ । ଗଣତନ୍ତ୍ର କହିଲେ ଲୋକମାନଙ୍କର ଶାସନକୁ ବୁଝାଏ । ଆମେରିକାର ପୂର୍ବତନ ରାଷ୍ଟ୍ରପତି ଗଣତନ୍ତ୍ରକୁ ଅତି ସରଳ ଭାବରେ ବୁଝାଇ କହିଥିଲେ ଯେ 'ଏହା ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ଶାସନ ।' ପ୍ରାଚୀନ ଗ୍ରୀସ୍ ଦେଶରେ ପ୍ରଥମେ ଗଣତନ୍ତ୍ର ଶାସନ ପ୍ରତିଷ୍ଠିତ ହୋଇଥିଲା । ସେ ସମୟରେ ଲୋକମାନେ ନିଜକୁ ପ୍ରତ୍ୟକ୍ଷ ଭାବରେ ଶାସନ କରୁଥିଲେ । କିନ୍ତୁ ବର୍ତ୍ତମାନ ସେ ପ୍ରକାରର ପ୍ରତ୍ୟକ୍ଷ ଗଣତନ୍ତ୍ର ସମ୍ଭବ ନୁହେଁ । ଦେଶମାନଙ୍କର ବିଶାଳତା ଓ ଜନସଂଖ୍ୟା ଦୃଷ୍ଟିରୁ ଏବେ ପ୍ରତିନିଧିତ୍ୱମୂଳକ ଗଣତନ୍ତ୍ର ମାଧ୍ୟମରେ ଶାସନ କାର୍ଯ୍ୟ ଚାଲିଥାଏ । ପ୍ରତ୍ୟକ୍ଷ ଗଣତନ୍ତ୍ରରେ ଲୋକସମୂହ ଦେଶର ନୀତି ସିଧାସଳଖ ପ୍ରଣୟନ କରନ୍ତି । କୌଣସି ପ୍ରତିନିଧି ମାଧ୍ୟମରେ ନୀତି ପ୍ରଣୟନ କରାଯାଇ ନଥାଏ । ପ୍ରାଚୀନ ଗ୍ରୀସ୍‌ରେ ଏହି ବ୍ୟବସ୍ଥା ଥିଲା । ଏବେ ପ୍ରାୟତଃ ସମସ୍ତ ରାଷ୍ଟ୍ରରେ ପ୍ରତିନିଧିମୂଳକ ଗଣତନ୍ତ୍ର ପ୍ରତିଷ୍ଠା ହୋଇଥିବାରୁ ନିର୍ବାଚନର ଗୁରୁତ୍ୱ ବଢ଼ିଯାଇଛି । ନିର୍ବାଚନ ମାଧ୍ୟମରେ ଲୋକମାନେ ସେମାନଙ୍କ ପ୍ରତିନିଧିମାନଙ୍କୁ ବାଛିଥାନ୍ତି, ବର୍ତ୍ତମାନ ନିର୍ବାଚନ ଓ ଗଣତନ୍ତ୍ର ଅଙ୍ଗାଙ୍ଗୀ ଭାବେ ଜଡିତ । ଏକ ସଫଳ ଓ ସୁଦୃଢ଼ ଗଣତାନ୍ତ୍ରିକ ଶାସନ ପାଇଁ ନିର୍ମଳ ଦୁର୍ନୀତିଯୁକ୍ତ ନିର୍ବାଚନର ଆବଶ୍ୟକତା ରହିଛି । ଏଣୁ ପ୍ରତ୍ୟେକ ଗଣତାନ୍ତ୍ରିକ ରାଷ୍ଟ୍ର ଅବାଧ, ନିରପେକ୍ଷ ନିର୍ବାଚନ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ କରିଥାନ୍ତି ଓ ଲୋକପ୍ରତିନିଧି ବାଛିଥାନ୍ତି । ଯେଉଁ ପ୍ରକ୍ରିୟାରେ ଲୋକମାନେ ନିଜର ପ୍ରତିନିଧି ବାଛିଥାନ୍ତି ତାହାକୁ ନିର୍ବାଚନ କୁହାଯାଏ । ଆଧୁନିକ ଗଣତନ୍ତ୍ରକୁ ସଫଳ କରିବାରେ ଏକ ସୁସ୍ଥ ନିର୍ବାଚନ ପ୍ରକ୍ରିୟାର ଆବଶ୍ୟକତା ରହିଛି । ଗଣତନ୍ତ୍ରରେ ଲୋକମାନେ ସେମାନଙ୍କର ଅଧିକାରକୁ ନିର୍ବାଚନ ମାଧ୍ୟମରେ ସାବ୍ୟସ୍ତ କରିଥାନ୍ତି ଓ ଲୋକପ୍ରିୟ ସରକାର ଗଠନରେ ସହାୟକ ହୁଅନ୍ତି ।

କେଉଁମାନେ ନିର୍ବାଚନରେ ଭୋଟ ଦେଇପାରିବେ ? :

ପ୍ରତିନିଧିମୂଳକ ଗଣତନ୍ତ୍ରରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ନିର୍ବାଚନ ଅନୁଷ୍ଠିତ ହୁଏ । ମାତ୍ର ପ୍ରଶ୍ନ ହେଉଛି ଏହି ନିର୍ବାଚନରେ କ'ଣ ସମସ୍ତେ ଅଂଶଗ୍ରହଣ କରି ଭୋଟ ଦେଇପାରିବେ । ଭୋଟ ଦେବାର ଅଧିକାର ବ୍ୟକ୍ତିର ଏକ ରାଜନୈତିକ ଅଧିକାର । କିନ୍ତୁ ସମସ୍ତ ବ୍ୟକ୍ତି ଏହି ଅଧିକାର ପାଇନଥାନ୍ତି । ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ

କରୁଥିବା ବ୍ୟକ୍ତିମାନେ ସମୁଦାୟ ଜନସଂଖ୍ୟାର ଏକ ଅଂଶ ମାତ୍ର । ନାବାଳକମାନଙ୍କୁ ଏହି ଅଧିକାରରୁ ବଞ୍ଚିତ କରାଯାଇଥାଏ । ଅନେକ ରାଷ୍ଟ୍ରରେ ନାରୀମାନଙ୍କୁ ଏହି ଅଧିକାରରୁ ବଞ୍ଚିତ କରାଯାଇଥିଲା । କେଉଁ କେଉଁ ଦେଶ ସମ୍ପତ୍ତି ଓ ଶିକ୍ଷାଗତ ଯୋଗ୍ୟତାକୁ ଭିତ୍ତିକରି ଏହି ଭୋଟ ଦେବାର ଅଧିକାର ପ୍ରଦାନ କରିଥାନ୍ତି । ବିଦେଶୀ ଓ ପାଗଳମାନଙ୍କୁ ଏହି ପ୍ରକ୍ରିୟାରୁ ବାଦ ଦିଆଯାଇଥାଏ । ତେବେ ବିଭିନ୍ନ ରାଷ୍ଟ୍ର ନିଜ ନିଜର ଆଇନ ଅନୁଯାୟୀ ଏହା ସ୍ଥିର କରିଥାନ୍ତି । ପ୍ରତିନିଧିତ୍ୱ କରିବା ପାଇଁ ମଧ୍ୟ ବିଭିନ୍ନ ଯୋଗ୍ୟତା ଆଇନ୍ ଦ୍ୱାରା ସ୍ଥିରୀକୃତ ହୋଇଥାଏ ।

ନିର୍ବାଚନ ସଂକ୍ରାନ୍ତରେ ବିଭିନ୍ନ ତତ୍ତ୍ୱ :

କେଉଁ ତତ୍ତ୍ୱକୁ ଆଧାର କରି ନିର୍ବାଚନ ନିୟମାବଳୀ ପ୍ରସ୍ତୁତ କରାଯିବ ତାହା ଗଣତନ୍ତ୍ରର ଏକ ବଡ ସମସ୍ୟା । ଅଷ୍ଟାଦଶ ଶତାବ୍ଦୀରେ ପ୍ରାକୃତିକ ଅଧିକାର, ମଣିଷ ମଧ୍ୟରେ ସମାନତା ଓ ଲୋକାଦୃତ ସାର୍ବଭୌମତ୍ୱ ଉପରେ ଗୁରୁତ୍ୱ ଦିଆଯାଉଥିଲା । ଏଣୁ ଏହି ସମୟର ରାଜନୈତିକ ଦାର୍ଶନିକମାନେ ସାର୍ବଜନୀନ ଭୋଟପ୍ରଥା ଦାବି କରିଥିଲେ । ସେମାନଙ୍କ ମତରେ ଲୋକମାନେ ସାର୍ବଭୌମ ଅଧିକାରର ଉତ୍ସ ହୋଇଥିବାରୁ ସରକାର ଗଠନ ଓ ନୀତି ନିର୍ଦ୍ଧାରଣ କରିବାର ଅଧିକାର ଲୋକମାନଙ୍କ ପାଖରେ ନିହିତ ଅଛି । ଗଣତନ୍ତ୍ର ଲୋକମାନଙ୍କର ସମାନତାରେ ବିଶ୍ୱାସ କରେ । ଏଣୁ ପ୍ରତ୍ୟେକ ବ୍ୟକ୍ତି ଭୋଟ ଦେବାର ଅଧିକାର ଲାଭ କଲେ ରାଜନୈତିକ ସମାନତା ପ୍ରତିଷ୍ଠା ହୋଇପାରିବ । ଗଣତନ୍ତ୍ରରେ ଆଇନ ସମସ୍ତଙ୍କ ସ୍ୱାର୍ଥକୁ ରକ୍ଷା କରିବାର ଆବଶ୍ୟକତା ଥିବାରୁ ପ୍ରତ୍ୟେକ ବ୍ୟକ୍ତି ସରକାର ଗଠନରେ ଅଂଶଗ୍ରହଣ କରିବା ଦରକାର । ନିର୍ଦ୍ଦିଷ୍ଟ କିଛି ବ୍ୟକ୍ତିଙ୍କୁ ଏହି ଭୋଟ ଦେବାର ଅଧିକାର ପ୍ରଦାନ କରିବା ଦ୍ୱାରା ଅନ୍ୟମାନଙ୍କ ସ୍ୱାର୍ଥ ଅବହେଳିତ ହୁଏ ।

ଅନେକ ଦାର୍ଶନିକଙ୍କ ମତରେ ଭୋଟ ଦେବା ଅଧିକାର ଏକ ଅନ୍ତର୍ନିହିତ ଅଧିକାର ନୁହେଁ । ଏହା ରାଷ୍ଟ୍ର ଦ୍ୱାରା ପ୍ରଦତ୍ତ ଏକ ଅଧିକାର । ଏହି ଅଧିକାର ସମସ୍ତଙ୍କୁ ପ୍ରଦାନ କରିବା ଯୁକ୍ତିଯୁକ୍ତ ନୁହେଁ । ବ୍ଲଣ୍ଟ୍‌ସ୍କିଲ୍, ଲେକି, ଜନ୍ ଷ୍ଟୁଆର୍ଟ ମିଲ୍ ଏବଂ ହେନେରୀ ମେନ୍ ପ୍ରଭୃତି ଦାର୍ଶନିକ ଏହି ମତବାଦରେ ବିଶ୍ୱାସ କରନ୍ତି । ଏହି ଭୋଟ ଦେବାର ଅଧିକାର ଯୋଗ୍ୟ ପ୍ରତିନିଧି ଚୟନ ପାଇଁ ଉଦ୍ଦିଷ୍ଟ । ଯଦି ଅଜ୍ଞ ଓ ଅଯୋଗ୍ୟ ବ୍ୟକ୍ତିଙ୍କ ଠାରେ ଏହି ଅଧିକାର ନ୍ୟସ୍ତ କରାଯିବ ତେବେ ଗଣତନ୍ତ୍ରର ଭବିଷ୍ୟତ ଅନ୍ଧକାରମୟ ହେବ । ଏଣୁ ସାର୍ବଜନୀନ ସାବାଳକ ଭୋଟପ୍ରଥାକୁ ଏମାନେ ବିରୋଧ କରିଥାନ୍ତି ।

ସାର୍ବଜନୀନ ସାବାଳକ ଭୋଟପ୍ରଥା କ'ଣ ? (Universal Adult Suffrage) :

ଭୋଟପ୍ରଥା ସମ୍ପର୍କୀୟ ଅନେକ ତତ୍ତ୍ୱ ଥିଲେ ମଧ୍ୟ ଆଧୁନିକ ଗଣତନ୍ତ୍ରରେ ସାର୍ବଜନୀନ ଭୋଟପ୍ରଥା ସବୁଠାରୁ ଆଦୃତ । ଗାର୍ନରଙ୍କ ମତରେ, ରାଷ୍ଟ୍ର ଏହି ଅଧିକାର ଓ କାର୍ଯ୍ୟକୁ କେବଳ ସକ୍ଷମ ଲୋକମାନଙ୍କୁ ପ୍ରଦାନ କରେ ଯେଉଁମାନେ କି ଏହାକୁ ଜନକଲ୍ୟାଣ ପାଇଁ ବିନିଯୋଗ କରିପାରିବେ । ଏଣୁ ଏହା ପ୍ରାକୃତିକ ଅଧିକାର ନୁହେଁ । ଅଧୁନା ଅନେକ ଗଣତାନ୍ତ୍ରିକ ରାଷ୍ଟ୍ର ଭୋଟ ଦେବା ଅଧିକାରକୁ ନାଗରିକର ଏକ ଇଚ୍ଛାଧୀନ ଅଧିକାର ହିସାବରେ ଗ୍ରହଣ କରନ୍ତି । ଜଣେ ବ୍ୟକ୍ତି ଇଚ୍ଛା କଲେ ଭୋଟ ଦେଇପାରିବ ବା ଏଥିରୁ ବିରତ ହୋଇପାରିବ । କିନ୍ତୁ ଏହି ବ୍ୟବସ୍ଥା ସାର୍ବଜନୀନ ଅଟେ । ଅର୍ଥାତ୍ ଏକ ରାଷ୍ଟ୍ରର ପ୍ରତ୍ୟେକ ସାବାଳକ ଲିଙ୍ଗ, ଧର୍ମ, ଭାଷା, ଜାତି, ସମ୍ପତ୍ତି ବା

ଶିକ୍ଷାଗତ ଯୋଗ୍ୟତା ନିର୍ବିଶେଷରେ ଭୋଟ ଦେବାର ଅଧିକାର ଲାଭ କରିବେ। ତେବେ ରାଷ୍ଟ୍ର ତା'ର ଆଇନ ବଳୟ କିଛି ବ୍ୟକ୍ତିଙ୍କୁ ଏହି ଅଧିକାରରୁ ବଞ୍ଚିତ କରିପାରିବ। ସେମାନେ ହେଲେ ନାବାଳକ, ନିର୍ବୋଧ, ପାଗଳ, ଦେବାଳିଆ, ବିଦେଶୀ ଓ ଅପରାଧୀ। ବୟସକୁ ଭିତ୍ତିକରି ସାବାଳକ ଓ ନାବାଳକ ନିର୍ଣ୍ଣୟ କରାଯିବ। ଫ୍ରାନ୍ସରେ ସାବାଳକ ହେବା ପାଇଁ ସର୍ବନିମ୍ନ ବୟସ ହେଲା ୨୧ ବର୍ଷ। ଭାରତ, ବ୍ରିଟେନ୍, ଆମେରିକା, ଋଷିଆ ଇତ୍ୟାଦି ଦେଶମାନଙ୍କରେ ଏହି ବୟସକୁ ୧୮ରେ ରଖିଛନ୍ତି। ଆଗରୁ ଆମ ଦେଶ ଭାରତର ଏହା ୨୧ ବର୍ଷ ଥିଲା। ନିଜର ପ୍ରତିନିଧି ବାଛିବା ପାଇଁ ମାନସିକ ପରିପକ୍ୱତାର ଆବଶ୍ୟକତା ଥିବାରୁ ଏହି ସର୍ବନିମ୍ନ ବୟସ ସୀମା ଧାର୍ଯ୍ୟ କରାଯାଇଛି। ଅପରାଧୀ, ନିର୍ବୋଧ, ପାଗଳମାନଙ୍କର ଆବଶ୍ୟକୀୟ ମାନସିକ ଓ ନୈତିକ ଯୋଗ୍ୟତା ନଥିବାରୁ ସେମାନଙ୍କୁ ଏହି ଅଧିକାରରୁ ବଞ୍ଚିତ କରାଯାଇଛି। ଏହି ଅଧିକାର ଏକ ରାଜନୈତିକ ଅଧିକାର ହୋଇଥିବା ହେତୁ କେବଳ ଦେଶର ନାଗରିକମାନଙ୍କୁ ଏହି ଅଧିକାର ଦିଆଯାଇ ବିଦେଶୀମାନଙ୍କୁ ବଞ୍ଚିତ କରାଯାଇଛି।

ସାର୍ବଜନୀନ ଭୋଟପ୍ରଥା ସପକ୍ଷରେ ଯୁକ୍ତି :

ସାର୍ବଜନୀନ ଭୋଟପ୍ରଥା ସପକ୍ଷରେ ନିମ୍ନୋକ୍ତ ଯୁକ୍ତି ଉପସ୍ଥାପନ କରାଯାଇପାରେ।

୧. ସାବାଳକ ଭୋଟ ପ୍ରଥା ମାଧ୍ୟମରେ ପ୍ରତ୍ୟେକ ଯୋଗ୍ୟ ନାଗରିକ ସରକାର ଗଠନ ଓ ନିୟନ୍ତ୍ରଣରେ ଅଂଶୀଦାର ହୋଇଥିବା ହେତୁ ଏହା ପ୍ରକୃତରେ ଗଣତାନ୍ତ୍ରିକ।

୨. ଏହି ପ୍ରଥା ରାଜନୈତିକ ସମାନତାରେ ବିଶ୍ୱାସ କରେ ଏବଂ ଏହା ସଫଳ ଗଣତନ୍ତ୍ର ପାଇଁ ଏକ ଆବଶ୍ୟକତା। ଏଥିରେ କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ଶ୍ରେଣୀ ଅନ୍ୟମାନଙ୍କୁ ବଞ୍ଚିତ କରି ଅଧିକ ରାଜନୈତିକ ସୁବିଧା ପାଇ ନ ଥାନ୍ତି।

୩. ଗଣତାନ୍ତ୍ରିକ ରାଷ୍ଟ୍ରର ଆସନ ଓ ନୀତି ସବୁ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ। ଏଣୁ ପ୍ରତ୍ୟେକ ବ୍ୟକ୍ତି ନିଷ୍ପତ୍ତି ଗ୍ରହଣୀୟ ଅଂଶୀଦାର ହେବା ଆବଶ୍ୟକ। ଲାସ୍କି ଯଥାର୍ଥରେ କହିଛନ୍ତି- 'କାହାକୁ କ୍ଷମତାରୁ ବହିର୍ଭୁତ କରିବାର ଅର୍ଥ ତାକୁ କ୍ଷମତାର ସବିଧାସୁଯୋଗରୁ ବଞ୍ଚିତ କରିବା।' ଭୋଟ ଦେବାର ଅଧିକାରରୁ ବଞ୍ଚିତ କରିବା ପରିବା ଅର୍ଥ ତା'ର ସ୍ୱାର୍ଥ ପ୍ରତି କୁଠାରଘାତ କରିବା।

୪. ଭୋଟ ଦେବାର ଅଧିକାର ଦ୍ୱାରା ଜଣେ ନାଗରିକର ରାଜନୈତିକ ସଚେତନତା ଓ ଆତ୍ମସମ୍ମାନ ବୃଦ୍ଧିପାଏ। ଏହା ରାଜନୈତିକ ଶିକ୍ଷାଦାନରେ ସହାୟକ ହୁଏ ଏବଂ ସରକାର ଗଠନ ଓ ପରିଚାଳନା ପ୍ରତି ନାଗରିକର ଆଗ୍ରହ ସୃଷ୍ଟି ହୁଏ।

୫. ଏହି ସାର୍ବଜନୀନ ସାବାଳକ ଭୋଟ ପ୍ରଥା ସମସ୍ତ ସମାଜକୁ ବ୍ୟବସ୍ଥାପକ ସଭାରେ ପ୍ରତିନିଧିତ୍ୱ ଦେଇଥାଏ। ଏଣୁ ଗଣତନ୍ତ୍ର ସଫଳ ଓ ସାକାର ହୋଇଥାଏ।

ସାର୍ବଜନୀନ ସାବାଳକ ଭୋଟପ୍ରଥା ବିପକ୍ଷରେ ଯୁକ୍ତି :

୧. ଏହି ସାର୍ବଜନୀନ ସାବାଳକ ଭୋଟ ପ୍ରଥା ଅନେକ ଅଯୋଗ୍ୟ ଓ ଅଜ୍ଞ ବ୍ୟକ୍ତିଙ୍କୁ ଭୋଟ ଦେବାର ଅଧିକାର ପ୍ରଦାନ କରିଥିବାରୁ ଅନେକ ସମୟରେ ଏହା କ୍ଷତିକାରକ ହୋଇଥାଏ। ସେମାନେ ଏହି ଅଧିକାରକୁ ଠିକ୍

ଭାବରେ ସାବ୍ୟସ୍ତ କରିପାରନ୍ତି ନାହିଁ। ଏଣୁ ବେଳେବେଳେ ଅଯୋଗ୍ୟ ବ୍ୟକ୍ତିମାନେ ପ୍ରତିନିଧି ଭାବରେ ନିର୍ବାଚିତ ହୁଅନ୍ତି। ଏଣୁ ମ୍ୟାକ୍‌ଲେ, ଲେକି, ହେନ୍‌ରୀ ମେନ୍‌ଙ୍କ ଭଳି ରାଜନୀତି ବିଶାରଦମାନେ ଏହି ପ୍ରଥାର ନିନ୍ଦା କରିଛନ୍ତି।

୨. ଜନ ଷ୍ଟୁଆର୍ଟ ମିଲ୍‌ଙ୍କ ମତରେ ଶିକ୍ଷାଗତ ଯୋଗ୍ୟତା ବ୍ୟକ୍ତିର ମାନସିକ ପରିପକ୍ୱତା ବତାଇଥାଏ। ଏଣୁ ସାର୍ବଜନୀନ ସାବାଳକ ଭୋଟପ୍ରଥାକୁ ଗ୍ରହଣ କରିବା ପୂର୍ବରୁ ସାର୍ବଜନୀନ ଶିକ୍ଷାର ପ୍ରସାର ଉପରେ ଗୁରୁତ୍ୱ ଆରୋପ କରିବା ଆବଶ୍ୟକ। ଅଶିକ୍ଷିତ ବ୍ୟକ୍ତି ଭୋଟର ମର୍ଯ୍ୟାଦା ବୁଝନ୍ତି ନାହିଁ। ଯେଉଁ ବ୍ୟକ୍ତିର ପଢ଼ିବା ଲେଖିବା ଓ ସର୍ବନିମ୍ନ ଗଣିତ ଜ୍ଞାନ ନାହିଁ ତାକୁ ଭୋଟ ଦେବା ଅଧିକାରରୁ ବଞ୍ଚିତ କରିବା ଦରକାର। ଶିକ୍ଷିତ ଲୋକ ଏହି ଅଧିକାର ସାବ୍ୟସ୍ତ କଲେ ଗଣତନ୍ତ୍ର ସଫଳ ରୂପ ନେବ।

୩. ଅନେକ ମତ ଦିଅନ୍ତି ସମ୍ପତ୍ତିଗତ ଆଧାରରେ ଏହି ଅଧିକାରକୁ ପର୍ଯ୍ୟବେସିତ କରିବା ଦରକାର। ଯେ ଟିକସଦାତା ସେ ଜଣେ ଦାୟିତ୍ୱବାନ ନାଗରିକ ଏବଂ ସେ ଭୋଟ ଦେବାର ଅଧିକାରକୁ ଦାୟିତ୍ୱପୂର୍ଣ୍ଣ ଭାବେ ସାବ୍ୟସ୍ତ କରିଥାଏ। ସମ୍ପତ୍ତିହୀନ ବ୍ୟକ୍ତିକୁ ଏଥିରୁ ବଞ୍ଚିତ କରାଯିବା ଦରକାର, କାରଣ ସେ ଏହି ଅଧିକାର ସୁବିନିଯୋଗ କରିପାରି ନଥାଏ।

୪. ନାରୀମାନଙ୍କୁ ମତଦାନ ଅଧିକାରରୁ ବଞ୍ଚିତ କରିବା ସପକ୍ଷରେ ମତ ବାଢ଼ିଥାନ୍ତି। କିନ୍ତୁ ସାର୍ବଜନୀନ ସାବାଳକ ଭୋଟପ୍ରଥା ନାରୀମାନଙ୍କୁ ଏହି ଅଧିକାର ପ୍ରଦାନ କରିଥିବାରୁ ଏହି ପ୍ରଥାକୁ ବିରୋଧ କରନ୍ତି। ରାଜନୈତିକ ଅଧିକାର ପ୍ରଦାନ ଦ୍ୱାରା ନାରୀମାନେ ସାମୂହିକ କାର୍ଯ୍ୟରେ ଯୋଗଦାନ କରନ୍ତି ଏବଂ ଶୃଙ୍ଖଳିତ ବ୍ୟକ୍ତିଗତ ଜୀବନଶୈଳୀ କ୍ଷୁଣ୍ଣ ହୋଇଥାଏ। ଏହି ପ୍ରଥା ନାରୀସୁଲଭ ଗୁଣକୁ ନଷ୍ଟ କରିଥାଏ। ଗୃହ ଓ ସନ୍ତାନ ଅବହେଳିତ ଓ ଉପେକ୍ଷିତ ହୁଅନ୍ତି। ପୁରୁଷମାନଙ୍କ ସହିତ ନାରୀମାନେ ଅନେକ ଶାରୀରିକ କାର୍ଯ୍ୟକୁ ସମାନ ଭାବରେ କରିପାରି ନଥାନ୍ତି। ଏଣୁ ଅନେକଙ୍କ ମତରେ ସେମାନଙ୍କୁ ସମାନ ରାଜନୈତିକ ଅଧିକାର ଦିଆଯିବା ଅନୁଚିତ।

୫. ଏହି ପ୍ରଥା ଏକ ବିଶାଳକାୟ ନିର୍ବାଚକ ବର୍ଗ ସୃଷ୍ଟି କରେ ଏବଂ ନିର୍ବାଚନ ପରିଚାଳନା ଜଟିଳ ଓ ବ୍ୟୟବହୁଳ ହୋଇପଡ଼େ।

ଏହିସବୁ ବିପକ୍ଷ ଯୁକ୍ତି ସତ୍ତ୍ୱେ ସାର୍ବଜନୀନ ସାବାଳକ ଭୋଟପ୍ରଥା ଏକ ସର୍ବାଦୃତ ବ୍ୟବସ୍ଥା। ଏହା ପ୍ରାୟ ସମସ୍ତ ଗଣତନ୍ତ୍ରିକ ରାଷ୍ଟ୍ର ଗହଣ କରିଛନ୍ତି। କାରଣ ଏହା ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ଏବଂ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କୁ ସମାନ ରାଜନୈତିକ ଅଧିକାର ପ୍ରଦାନ କରେ ଏବଂ ରାଷ୍ଟ୍ର ଶାସନରେ ଅଂଶଗ୍ରହଣ କରିବାର ସୁଯୋଗ ଦିଏ। ଏହା ସମାଜର ସମସ୍ତ ବର୍ଗର ଲୋକମାନଙ୍କର ସ୍ୱାର୍ଥର ସୁରକ୍ଷା କରେ ଏବଂ ବିଶେଷକରି ସଂଖ୍ୟାଲଘୁମାନଙ୍କୁ ସୁରକ୍ଷା ପ୍ରଦାନ କରେ। ଏହି ଅଧିକାର କେବଳ ଦେଶର ନାଗରିକମାନେ ଉପଭୋଗ କରୁଥିବାରୁ ସେମାନଙ୍କ ମଧ୍ୟରେ ଦେଶାତ୍ମବୋଧକ ଭାବ ସୃଷ୍ଟିକରେ। ଅନ୍ୟ ଯେ କୌଣସି ଭୋଟପ୍ରଥା ସଂକୀର୍ଣ୍ଣ ଆଧାର ଉପରେ ପର୍ଯ୍ୟବେସିତ ଏବଂ ବିଭିନ୍ନ ବର୍ଗର ଲୋକମାନଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି କରିଥାଏ। ସାର୍ବଜନୀନ ସାବାଳକ ଭୋଟପ୍ରଥା ଏକ ପ୍ରଶସ୍ତ ଆଧାରରେ ପର୍ଯ୍ୟବେସିତ ଏବଂ ମାନବିକ ମର୍ଯ୍ୟାଦା ଓ ମୂଲ୍ୟବୋଧକୁ ସମ୍ମାନ ଦେଇଥାଏ।

ନାରୀ ଭୋଟପ୍ରଥା :

ସାବାଳକ ଭୋଟପ୍ରଥା ପ୍ରଥମେ ରାଷ୍ଟ୍ରର ପୁରୁଷମାନଙ୍କୁ ହିଁ ଭୋଟ ଦେବାର ଅଧିକାର ପ୍ରଦାନ କରିଥିଲା। ଏପରିକି ଆମେରିକା ଓ ବ୍ରିଟେନ ଭଳି ଉନ୍ନତ ରାଷ୍ଟ୍ରମାନେ ନାରୀମାନଙ୍କୁ ବହୁ ବିଳମ୍ବରେ ଏହି ଅଧିକାର ପ୍ରଦାନ କରିଥିଲେ। ବ୍ରିଟେନ୍‌ରେ ୧୯୧୮ ମସିହା ଓ ଆମେରିକାରେ ୧୯୧୯ ମସିହାରେ ନାରୀମାନଙ୍କୁ ଏହି ଭୋଟଦାନ ଅଧିକାର ଦିଆଯାଇଥିଲା। ଏପରିକି ସୁଇଜରଲ୍ୟାଣ୍ଡ, ଯାହାକୁ ପ୍ରତ୍ୟକ୍ଷ ଗଣତନ୍ତ୍ରର ରାଷ୍ଟ୍ର ଭାବରେ ମାନ୍ୟତା ଦିଆଯାଏ। ସେଠାରେ ୧୯୭୦ ମସିହା ପର୍ଯ୍ୟନ୍ତ ନାରୀମାନଙ୍କୁ ଭୋଟ ଦେବାର ଅଧିକାର ଦିଅଯାଇ ନଥିଲା। କିନ୍ତୁ ନାରୀମାନେ ନିଜ ଅଧିକାର ସମ୍ପର୍କରେ ସଚେତନ ହେବା ଫଳରେ ଏବେ ପ୍ରାୟ ସମସ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ନାରୀମାନଙ୍କୁ ଏହି ଭୋଟଦେବାର ଅଧିକାର ପ୍ରଦାନ କରିଛନ୍ତି।

ନାରୀ ଭୋଟପ୍ରଥା ସପକ୍ଷରେ ଯୁକ୍ତି :

୧. ସିଜ୍‌ୱିକ୍, ଜେ.ଏସ୍. ମିଲ୍ ଏସ୍‌ମେ ଇତ୍ୟାଦି ଦାର୍ଶନିକମାନେ ନାରୀ ଭୋଟପ୍ରଥା ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି। ସେମାନଙ୍କ ମତରେ ଏହା ଏକ ନୈତିକ ଓ ବୌଦ୍ଧିକ ଅଧିକାର ଯାହାକୁ ସମସ୍ତେ ପାଇବା ପାଇଁ ହକଦାର। ଶାରୀରିକ ଦକ୍ଷତା ଏହାର ମାନଦଣ୍ଡ ନୁହେଁ।

୨. ମିଲ୍‌ଙ୍କ ମତରେ ଯଦି ନାରୀମାନେ ଶାରୀରିକ ଭାବେ ଦୁର୍ବଳ ବୋଲି ଧରିନିଆଯାଏ ତେବେ ସେମାନଙ୍କର ଏହି ଅଧିକାରର ଆବଶ୍ୟକତା ଅଧିକ। ଏହି ଅଧିକାର ଦ୍ୱାରା ସେମାନେ ସୁରକ୍ଷିତ ରୁହନ୍ତି।

୩. ଏହା ଭାବିବା ଭୁଲ୍ ଯେ ନାରୀମାନେ ଅକ୍ଷମ। ସେମାନେ ପୁରୁଷମାନଙ୍କ ସହିତ ସବୁକ୍ଷେତ୍ରରେ ସମାନ ଭାବରେ ସକ୍ଷମ। ଅନେକ କ୍ଷେତ୍ରରେ ସେମାନେ ପୁରୁଷମାନଙ୍କ ଠାରୁ ଅଧିକ ଆଗୁଆ। ସେମାନଙ୍କୁ ଅସମାନ ଦୃଷ୍ଟିରେ ଦେଖିବା ଏକ ପୁରୁଷ କୈନ୍ଦ୍ରିକ ସମାଜର ଚିନ୍ତାଧାରା। ଏଣୁ ନାରୀବାଦେମାନେ ମତ ଦିଅନ୍ତୁ ଯେ ନାରୀମାନେ ଏହି ରାଜନୈତିକ ଅଧିକାର ପାଇବା ପାଇଁ ସମ୍ପୂର୍ଣ୍ଣ ରୂପେ ହକଦାର।

୪. ପୁରୁଷମାନଙ୍କ ସହିତ ନାରୀମାନେ ମଧ୍ୟ ସରକାରକୁ ଟିକସ ପ୍ରଦାନ କରନ୍ତି ଏବଂ ଆର୍ଥିକ ସ୍ଥିତି ସଦୃଢ଼ କରିବାରେ ସହାୟକ ହୁଅନ୍ତି। ଗଣତନ୍ତ୍ରର ମୂଳମନ୍ତ୍ର ହେଲା– 'No taxation without representation'। ବିନା ପ୍ରତିନିଧିତ୍ୱରେ ଟିକସ ଦିଆଯିବ ନାହିଁ । ଯେହେତୁ ନାରୀମାନେ ମଧ୍ୟ ଟିକସଦାତା, ସେମାନେ ମଧ୍ୟ ଭୋଟ ଦେଇ ପ୍ରତିନିଧି ବାଛିବାର ଅଧିକାର ପାଇବେ।

୫. ସାଧାରଣ ଜନଜୀବନରେ ସେମାନଙ୍କର ଅଂଶଗ୍ରହଣ ଗୁଣାତ୍ମକ ବିକାଶ ଘଟାଇଥାଏ। ସେମାନଙ୍କର ପ୍ରତିନିଧିତ୍ୱ ଆଇନ ପ୍ରଣୟନ କ୍ଷେତ୍ରରେ ଗୁଣାତ୍ମକ ପରିବର୍ତ୍ତନ ଆଣେ।

ନାରୀ ଭୋଟପ୍ରଥା ବିପକ୍ଷରେ ଯୁକ୍ତି :

୧. ରାଜନୈତିକ ଅଧିକାର ଦ୍ୱାରା ନାରୀମାନେ ସାଧାରଣ ଜନଜୀବନ ସ୍ରୋତରେ ସାମିଲ ହୁଅନ୍ତି। କିନ୍ତୁ ଅନେକଙ୍କ ମତରେ ଏହାଦ୍ୱାରା ସେମାନଙ୍କର ନାରୀସୁଲଭ ଗୁଣ କ୍ଷୁଣ୍ଣ ହୁଏ। ପ୍ରକୃତିଦତ୍ତ ନାରୀସୁଲଭ ଗୁଣର ଦୁରୂପଯୋଗ ହେବାର ସମ୍ଭାବନା ଅଧିକ ହୋଇଥାଏ।

୨. ଭୋଟ ଅଧିକାର ପାଇବା ପରେ ନାରୀମାନେ ରାଜନୈତିକ କାର୍ଯ୍ୟକଳାପରେ ନିମଜ୍ଜିତ ରହିବେ। ଏହାଦ୍ୱାରା ଗୃହ ଓ ସନ୍ତାନ ଅବହେଳିତ ହେବେ। ଏହା ସମାଜ ପାଇଁ ଶୁଭଙ୍କର ନୁହେଁ। ଗୃହ ହେଉଛି ନାରୀମାନଙ୍କର ପ୍ରାକୃତିକ ବାସସ୍ଥାନ। ଗୃହ ଭିତରର ବାତାବରଣକୁ ସୁନ୍ଦର ଓ ସମୃଦ୍ଧ କରିବାରେ ସେମାନଙ୍କର ଅବଦାନ ଅଧିକ। ଭୋଟ ଅଧିକାର ସେମାନଙ୍କର ଏହି ଭୂମିକାକୁ ନ୍ୟୁନ କରେ।

୩. ରାଜନୈତିକ କ୍ଷେତ୍ରରେ ନାରୀ ପୁରୁଷ ସଦସ୍ୟଙ୍କଠାରୁ ଭିନ୍ନ ମତପୋଷଣ କଲେ ଗୃହରେ ଶାନ୍ତିଭଙ୍ଗର ଆଶଙ୍କା ଅଧିକ।

୪. ନାରୀମାନେ ଅନେକ କାର୍ଯ୍ୟ, ଉଦାହରଣ ସ୍ୱରୂପ ସାମରିକ କାର୍ଯ୍ୟ ସମ୍ପାଦନରେ ଅକ୍ଷମ। ତେଣୁ ସେମାନଙ୍କୁ ରାଜନୈତିକ ଅଧିକାର ଦେବା ଅନୁଚିତ।

୫. ଅନେକଙ୍କ ମତରେ ନାରୀମାନେ ବିଚାର ବୁଦ୍ଧି ଅପେକ୍ଷା ଆବେଗ ଦ୍ୱାରା ପରିଚାଳିତ। ଏଣୁ ସେମାନଙ୍କର ନିଷ୍ପତ୍ତି ଅନେକ ସମୟରେ ଅପରିପକ୍ୱ ଓ ଅସନ୍ତୁଳିତ। ରାଜନୀତିରେ ଅଂଶଗ୍ରହଣ ଶାସନ କ୍ଷେତ୍ରରେ ବିଶୃଙ୍ଖଳା ସୃଷ୍ଟିକରିପାରେ।

କିନ୍ତୁ ଏସବୁ ବିପକ୍ଷ ଯୁକ୍ତିକୁ ନାରୀବାଦର ପ୍ରବକ୍ତାମାନେ ସମାଲୋଚନା କରନ୍ତି ଏବଂ ଏହାର କୌଣସି ଯଥାର୍ଥତା ନାହିଁ ବୋଲି ଯୁକ୍ତି ବାଢ଼ିଛନ୍ତି। ବାସ୍ତବିକ୍ ଦେଖିବାକୁ ଗଲେ ଏକ ସଫଳ ଗଣତନ୍ତ୍ର ପାଇଁ ନାରୀମାନଙ୍କର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଏବଂ ବୌଦ୍ଧିକ, ନୈତିକ ଓ ଶାରୀରିକ କ୍ଷେତ୍ରରେ ସେମାନେ ଯଥେଷ୍ଟ ପାରଦର୍ଶିତା ଲାଭକରିଛନ୍ତି। ଅନେକ କ୍ଷେତ୍ରରେ ପୁରୁଷମାନଙ୍କ ଠାରୁ ଆଗରେ ରହୁଛନ୍ତି। ଏଣୁ ସରକାର ଗଠନ ଓ ପରିଚାଳନାରେ ସେମାନଙ୍କର ନିଷ୍ପତ୍ତି ନେବାର ଅଧିକାର ରହିଛି।

ଏଣୁ ସାର୍ବଜନୀନ ସାବାଳକ ଭୋଟପ୍ରଥା, ବର୍ତ୍ତମାନ ଲିଙ୍ଗ ନିର୍ବିଶେଷରେ ଭୋଟ ଦେବାର ଅଧିକାର ଉଭୟ ଯୋଗ୍ୟ ନାରୀ ଓ ପୁରୁଷକୁ ପ୍ରଦାନ କରିଛି।

ନିର୍ବାଚନର ପ୍ରକାର ଭେଦ :

ପ୍ରାୟତଃ ଦୁଇପ୍ରକାର ନିର୍ବାଚନ ରହିଛି, ପ୍ରତ୍ୟକ୍ଷ ଓ ପରୋକ୍ଷ ନିର୍ବାଚନ।

ପ୍ରତ୍ୟେକ୍ଷ ନିର୍ବାଚନ :

ଏହି ପ୍ରକାର ନିର୍ବାଚନରେ ଲୋକମାନେ ସିଧାସଳଖ ନିର୍ବାଚନରେ ଅଂଶଗ୍ରହଣ କରିଥାନ୍ତି। ମତଦାତା ଓ ନିର୍ବାଚିତ ପ୍ରତିନିଧି ମଧ୍ୟରେ ଅନ୍ୟ କୌଣସି ମଧ୍ୟବର୍ତ୍ତୀ ଅନୁଷ୍ଠାନ ରହିନଥାନ୍ତି।

ସୁଗୁଣ : ପ୍ରତ୍ୟକ୍ଷ ନିର୍ବାଚନର ସୁଗୁଣଗୁଡ଼ିକ ହେଲେ-

(୧) ଏହା ଗଣତାନ୍ତ୍ରିକ।

(୨) ଏହା ଭୋଟର ଓ ପ୍ରତିନିଧିମାନଙ୍କ ମଧ୍ୟରେ ସିଧାସଳଖ ସମନ୍ୱୟ ସ୍ଥାପନ କରେ।

(୩) ଏହି ପ୍ରକାର ନିର୍ବାଚନ ମାଧ୍ୟମରେ ରାଜନୈତିକ ଶିକ୍ଷାର ଅଭିବୃଦ୍ଧି ଘଟିଥାଏ । ଲୋକମାନେ ଅଧିକ ଦାୟିତ୍ୱସମ୍ପନ୍ନ ହୁଅନ୍ତି ଓ ସଚେତନ ରୁହନ୍ତି ।

(୪) ଗଣତନ୍ତ୍ର ଶାସନର ବିଭିନ୍ନ ସମସ୍ୟା ସହିତ ଲୋକମାନଙ୍କର ସିଧାସଳଖ ପରିଚିତ ରୁହେ ଓ ସେ ସମସ୍ୟାର ସମାଧାନର ପନ୍ଥା ନିରୂପଣରେ ସହାୟକ ହୁଅନ୍ତି ।

ଦୁର୍ଗୁଣ : ପ୍ରତ୍ୟକ୍ଷ ଗଣତନ୍ତ୍ରରେ ଅନେକ ଦୁର୍ଗୁଣ ମଧ୍ୟ ରହିଛି । ସେଗୁଡ଼ିକ ହେଲା-

(୧) ଭୋଟରଙ୍କ ମଧ୍ୟରେ ଅନେକ ଅଜ୍ଞ ଓ ଅଶିକ୍ଷିତ, ଏଣୁ ଅନେକ ସମୟରେ ସଠିକ ପ୍ରତିନିଧି ବାଛିବାରେ ଅସୁବିଧା ହୁଏ ।

(୨) ଏଥିରେ ରାଜନୈତିକ ବ୍ୟକ୍ତିମାନେ ଫାଇଦା ଉଠାନ୍ତି ଏବଂ ନିଜର ସ୍ୱାର୍ଥରକ୍ଷା କରନ୍ତି । ନିର୍ବାଚନ ଜିତିବାର ରଣକୌଶଳ ଲୋକମାନଙ୍କର ମନ ଜଣିବା ପାଇଁ ଉଦ୍ଦିଷ୍ଟ ଥାଏ । ବେଳେବେଳେ କୌଶଳେ ଭୋଟ ପାଇବା ପାଇଁ ରାଜନୈତିକ ପ୍ରତିଦ୍ୱନ୍ଦୀମାନେ ଚେଷ୍ଟିତ ରୁହନ୍ତି । ଏଣୁ ବିଜ୍ଞ ଓ ଯୋଗ୍ୟ ବ୍ୟକ୍ତି ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେବା ପାଇଁ କୁଣ୍ଠିତ ହୁଅନ୍ତି । ଏଣୁ ରାଷ୍ଟ୍ର ସେମାନଙ୍କର ସେବାରୁ ବଞ୍ଚିତ ହୁଏ ।

(୩) ଏବେ ଜନସଂଖ୍ୟାର ବିଶାଳତା ହେତୁ ନିର୍ବାଚନମଣ୍ଡଳୀ ମାନଙ୍କରେ ପ୍ରତିନିଧି ଓ ଭୋଟଦାତାଙ୍କ ମଧ୍ୟରେ ସିଧାସଳଖ ସମନ୍ୱୟ ରକ୍ଷା ଅସମ୍ଭବ ହୋଇପଡୁଛି ।

(୪) ପ୍ରତ୍ୟକ୍ଷ ନିର୍ବାଚନ ଅତ୍ୟନ୍ତ ବ୍ୟୟ ବହୁଳ । ଏଥିରେ କଳାଧନ ଓ ଅପରାଧୀକରଣର ପ୍ରଭାବ ବୃଦ୍ଧି ପାଇଲାଣି ।

ପରୋକ୍ଷ ନିର୍ବାଚନ :

ଯେଉଁ ନିର୍ବାଚନରେ ଭୋଟରମାନେ ସିଧାସଳଖ ଭାଗ ନେଇ ସେମାନଙ୍କର ପ୍ରତିନିଧି ବାଛନ୍ତି ନାହିଁ ତାହାକୁ ପରୋକ୍ଷ ନିର୍ବାଚନ କୁହାଯାଏ । ଭୋଟର ଓ ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରେ ଏକ ମଧ୍ୟବର୍ତ୍ତୀ ଅନୁଷ୍ଠାନ ନିର୍ବାଚନରେ ନିଷ୍ପତ୍ତି ନେଇଥାଏ । ଏହାକୁ ନିର୍ବାଚକ ମଣ୍ଡଳୀ (Electoral College) କୁହାଯାଏ । ଏହି ନିର୍ବାଚକ ମଣ୍ଡଳୀର ସଦସ୍ୟମାନେ ଭୋଟରମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି । ଆମ ଭାରତରେ ରାଷ୍ଟ୍ରପତି, ଆମ ରାଜ୍ୟସଭାର ନିର୍ବାଚିତ ସଦସ୍ୟମାନେ ଏହି ପ୍ରଣାଳୀରେ ନିର୍ବାଚିତ ହୋଇଥାନ୍ତି ।

ସୁଗୁଣ :

(୧) ଏଥିରେ ସାର୍ବଜନୀନ ଭୋଟପ୍ରଥାର ଅନେକ ଦୁର୍ଗୁଣକୁ ଏଡାଇ ଦିଆଯାଇପାରେ । ମଧ୍ୟବର୍ତ୍ତୀ ନିର୍ବାଚକ ମଣ୍ଡଳର ସଦସ୍ୟମାନେ ତୁଳନାତ୍ମକ ଭାବେ ଅଧିକ ବିଜ୍ଞ ଓ ନିର୍ଭରଯୋଗ୍ୟ ।

(୨) ଏଥିରେ ଦଳୀୟ ରାଜନୀତିର କୁପ୍ରଭାବକୁ କମାଇ ଦିଆଯାଇପାରେ ଏବଂ ସଚ୍ଚୋଟ ବ୍ୟକ୍ତିମାନେ ନିର୍ବାଚିତ ହେବା ଆଶା ଉଜ୍ଜ୍ୱଳ ।

(୩) ଅନୁନ୍ନତ ଓ ବିକାଶଶୀଳ ରାଷ୍ଟ୍ରମାନଙ୍କ ପାଇଁ ଏହା ଏକ ଉପଯୁକ୍ତ ନିର୍ବାଚନ ପଦ୍ଧତି । କାରଣ ଏହି ରାଷ୍ଟ୍ରମାନଙ୍କରେ ଅଶିକ୍ଷିତ, ଅଜ୍ଞ ଭୋଟରମାନଙ୍କ ସଂଖ୍ୟା ଅଧିକ ଏବଂ ସେମାନଙ୍କର ରାଜନୈତିକ ସଚେତନତା କମ ।

(୪) ଏହି ପରୋକ୍ଷ ନିର୍ବାଚନରେ କମ୍ ଖର୍ଚ୍ଚ ହୋଇଥାଏ । ନିର୍ବାଚନ ପରିଚାଳନାରେ ମିତବ୍ୟୟିତା ଅବଲମ୍ବନ କରାଯାଇପାରେ ।

(୫) ଏଥିରେ ନିର୍ବାଚନ ପ୍ରଚାରର ଉତ୍ତେଜନା ଓ ତିକ୍ତତା ନ ଥାଏ । ଭୋଟରମାନଙ୍କ ପାଇଁ ଦ୍ୱନ୍ଦ୍ୱ ନଥାଏ ।

ଦୁର୍ଗୁଣ :

(୧) ଅନେକଙ୍କ ମତରେ ଏହା ଅଗଣତାନ୍ତ୍ରିକ । ଏଥିରେ ଜନସାଧାରଣ ସିଧାସଳଖ ନିଷ୍ପତ୍ତି ନେବାରୁ ବଞ୍ଚିତ ହୋଇଥାନ୍ତି ।

(୨) ପ୍ରତ୍ୟକ୍ଷ ନିର୍ବାଚନରେ ସାଧାରଣ ଭୋଟର ପାଖରେ ଯେଉଁ ଉତ୍ସାହ ପରିଲକ୍ଷିତ ହୁଏ, ପରୋକ୍ଷ ନିର୍ବାଚନରେ ସେହି ପ୍ରକାର ଉତ୍ସାହ ଭୋଟର ପାଖରେ ନଥାଏ । କାରଣ ସେ ଜାଣେ ଯେ ଶେଷ ପର୍ଯ୍ୟାୟର ନିର୍ଣ୍ଣୟ ତା ହାତରେ ନାହିଁ ।

(୩) ଦଳୀୟ ରାଜନୀତି ଯୋଗୁ ମଧ୍ୟବର୍ତ୍ତୀ ନିର୍ବାଚକ ମଣ୍ଡଳ (Electoral College)ର ସଦସ୍ୟମାନେ ଦଳର ହାତବାରିସି ପାଲଟିଥାନ୍ତି, ନିଷ୍ପତ୍ତି ନେବାରେ ସେମାନଙ୍କର ସ୍ୱାଧୀନତା ନଥାଏ ।

(୪) ନିର୍ବାଚକ ମଣ୍ଡଳର ସଦସ୍ୟମାନଙ୍କ ସଂଖ୍ୟା କମ ହେତୁ ସେମାନଙ୍କୁ ବିଭିନ୍ନ ଭାବରେ ପ୍ରଭାବିତ କରିବାର ସମ୍ଭାବନା ଅଧିକ । ଏଣୁ ଦୁର୍ନୀତି ଓ ଅର୍ଥବଳର ପ୍ରାଧାନ୍ୟ ରହେ ।

ମତଦାନର ପଦ୍ଧତି (Method of Voting) :

ମତଦାନର ଅନେକ ପଦ୍ଧତି ରହିଛି । ଯଥା- ମୁକ୍ତ ମତଦାନ ବ୍ୟବସ୍ଥା, ଗୁପ୍ତ ମତଦାନ ବ୍ୟବସ୍ତା, ବହୁ ମତଦାନ ବ୍ୟବସ୍ଥା, ସୀମିତ ମତଦାନ ବ୍ୟବସ୍ଥା, କ୍ରମବର୍ଦ୍ଧିଷ୍ଣୁ ମତଦାନ ବ୍ୟବସ୍ଥା, ଡାକ ଦ୍ୱାରା ମତଦାନ ବ୍ୟବସ୍ଥା ଏବଂ ଅନ୍ୟ ପାଇଁ ଭୋଟଦାନ ବ୍ୟବସ୍ଥା ।

୧. **ମୁକ୍ତ ମତଦାନ ବ୍ୟବସ୍ଥା (Open voting system) :** ଏଥିରେ ମତଦାତା ନିର୍ଭୟରେ ଖୋଲାଖୋଲି ଭାବରେ ଭୋଟ ଦିଏ । ଏଥିରେ ଲାଞ୍ଚ, ମିଛର ପ୍ରଭାବ ହ୍ରାସ ପାଏ । ଜନ୍ ଷ୍ଟୁଆର୍ଟ ମିଲ୍ ଏହି ବ୍ୟବସ୍ଥାର ସମର୍ଥକ ଥିଲେ । ଏହି ବ୍ୟବସ୍ଥା ପୂର୍ବରୁ ପ୍ରୁସିଆ ଓ ଡେନମାର୍କ ପ୍ରଭୃତି ରାଷ୍ଟ୍ରମାନଙ୍କରେ କାର୍ଯ୍ୟକାରୀ ହେଉଥିଲା ।

୨. **ଗୁପ୍ତ ମତଦାନ ବ୍ୟବସ୍ଥା (Secret voting system) :** ଏବେ ଏହି ବ୍ୟବସ୍ଥା ପ୍ରାୟ ଅନେକ ରାଷ୍ଟ୍ରରେ ପ୍ରଚଳିତ । ଭୋଟର କେଉଁ ପ୍ରାର୍ଥୀକୁ ଭୋଟ ଦେଲେ ତାହା ଗୋପନୀୟ ରୁହେ । ଜଣେ ଭୋଟର

ଗୋଟିଏ ଭୋଟ ପ୍ରଦାନ କରେ । ଏଥିରେ ତିକ୍ତତା ବୃଦ୍ଧିର ସମ୍ଭାବନା କମ୍ । ମତଦାତା କାହାଦ୍ୱାରା ପ୍ରଲୋଭିତ ନ ହୋଇ ବିବେକ ଦ୍ୱାରା ପରିଚାଳିତ ହୁଏ ।

୩. **ବହୁ ମତଦାନ ବ୍ୟବସ୍ଥା (Plural voting system) :** ଏହି ବ୍ୟବସ୍ଥା ବହୁ ପୂର୍ବରୁ ପ୍ରଚଳିତ ଥିଲା । ୧୯୪୮ ମସିହା ପୂର୍ବରୁ ଏହି ବ୍ୟବସ୍ଥା ବହୁ ପୂର୍ବରୁ ଇଂଲଣ୍ଡରେ ଥିଲା । ଏଥିରେ କିଛି ଭୋଟରଙ୍କୁ ଅଧିକ ଯୋଗ୍ୟ ବିବେଚନା କରାଯାଇ ସେମାନଙ୍କୁ ଏକରୁ ଅଧିକ ଭୋଟ ଦାନର ଅଧିକାର ପ୍ରଦାନ କରାଯାଉଥିଲା । ସମ୍ପତ୍ତି, ବିଶ୍ୱବିଦ୍ୟାଳୟ ମାନ୍ୟତା ଅନୁସାରେ କିଛି ଭୋଟରଙ୍କୁ ବହୁମତଦାନ ଅଧିକାର ଦିଆଯାଉଥିଲା । ବର୍ତ୍ତମାନ ସେ ବ୍ୟବସ୍ଥା ଆଉ ନାହିଁ ।

୪. **ସୀମିତ ମତଦାନ ବ୍ୟବସ୍ଥା (Limited voting system) :** ଏହି ବ୍ୟବସ୍ଥାରେ ଜଣେ ମତଦାତା ଏକାଧିକ ଭୋଟ ଦେବାର ଅଧିକାର ଥିଲେ ମଧ୍ୟ ତାହାକୁ ସୀମିତ ରଖାଯାଏ । ଏହା ବହୁ-ସଦସ୍ୟ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରଯୁଜ୍ୟ । ଗୋଟିଏ ନିର୍ବାଚନମଣ୍ଡଳୀରୁ ଯେତେ ସଂଖ୍ୟକ ପ୍ରତିନିଧି ନିର୍ବାଚିତ ହେବାକୁ ଥାଏ ତା'ଠାରୁ କମ ଭୋଟ ଜଣେ ଭୋଟର ଦେଇପାରିବ । ଉଦାହରଣ ସ୍ୱରୂପ ଗୋଟିଏ ନିର୍ବାଚନ ମଣ୍ଡଳୀରୁ ୪ ଜଣ ପ୍ରତିନିଧି ନିର୍ବାଚିତ ହେବାକୁ ଥିଲେ ଜଣେ ଭୋଟର ୩ଟି ଭୋଟ ଦେବାର ଅଧିକାର ପାଇବ । ଏହି ବ୍ୟବସ୍ଥା ସଂଖ୍ୟାଲଘୁମାନଙ୍କୁ ସେମାନଙ୍କ ପ୍ରତିନିଧି ବାଛିବାରେ ସହାୟକ ହୁଏ ।

୫. **କ୍ରମବର୍ଦ୍ଧିଷ୍ଣୁ ମତଦାନ ବ୍ୟବସ୍ଥା (Cumulative voting system) :** ଏହା ମଧ୍ୟ ବହୁ ସଦସ୍ୟ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରଯୁଜ୍ୟ । ଭୋଟରମାନଙ୍କ ଭୋଟ ସଂଖ୍ୟା ପ୍ରତିନିଧିଙ୍କ ସଂଖ୍ୟା ସହିତ ସମାନ । ଉଦାହରଣ ସ୍ୱରୂପ ୪ ଜଣ ପ୍ରତିନିଧି ନିର୍ବାଚିତ ହେବାର ଥିଲେ ପ୍ରତ୍ୟେକ ଭୋଟର ୪ଟି ଭୋଟଦାନର ଅଧିକାର ପାଇବେ । ଭୋଟର କେତୋଟି ପ୍ରତିନିଧିଙ୍କ ସପକ୍ଷରେ ଭୋଟ ଦେବ ତାହା ତା ଉପରେ ନିର୍ଭର କରେ । ଏହି ବ୍ୟବସ୍ଥା ମଧ୍ୟ ସଂଖ୍ୟାଲଘୁମାନେ ସେମାନଙ୍କର ପ୍ରାର୍ଥୀ ନିର୍ବାଚିତ କରିବାରେ ସହାୟକ ହୁଏ ।

୬. **ଡାକଦ୍ୱାରା ମତଦାନ ବ୍ୟବସ୍ଥା (Postal voting system) :** ଯେଉଁ ବ୍ୟକ୍ତିମାନେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥାଆନ୍ତି ସେମାନେ ନିଜର ଭୋଟ କେନ୍ଦ୍ରକୁ ଯାଇ ଭୋଟ ଦେଇପାରନ୍ତି ନାହିଁ । ସେମାନେ ଡାକ ଜରିଆରେ ଭୋଟ ଦେବାର ବ୍ୟବସ୍ଥା ରହିଛି ।

୭. **ଅନ୍ୟ ପାଇଁ ବ୍ୟବସ୍ଥା (Proxy voting system) :** ଅନେକ ସମୟରେ ବିଭିନ୍ନ କାରଣରୁ କିଛି ବ୍ୟକ୍ତି ଭୋଟ ଦେବାରେ ଅକ୍ଷମ ହୋଇଥାନ୍ତି । ଉଦାହରଣ ସ୍ୱରୂପ ଅନ୍ଧ, ବୃଦ୍ଧ ଓ ଶାରୀରିକ ଅକ୍ଷମ ବ୍ୟକ୍ତି ନିଜେ ଭୋଟ ଦେଇ ପାରନ୍ତି ନାହିଁ । ଏହି କ୍ଷେତ୍ରରେ ସେମାନଙ୍କର ଉପସ୍ଥିତିରେ ତାଙ୍କ ଦ୍ୱାରା ସ୍ୱୀକୃତ ଆଉ ଜଣେ ବ୍ୟକ୍ତି ତାଙ୍କ ପାଇଁ ଭୋଟ ଦେବାର ବ୍ୟବସ୍ଥା ରହିଛି ।

ସଂଖ୍ୟାଲଘୁ ମାନଙ୍କର ପ୍ରତିନିଧିତ୍ୱ (Representation of minorities) :

ସଂଖ୍ୟାଲଘୁର ଅନେକ ଅର୍ଥ ରହିଛି । ଏହା ଏକ ସଂଖ୍ୟାଲଘୁ ଦଳକୁ ବୁଝାଇ ପାରେ । ଏହା ଜାତିଗତ, ଧାର୍ମିକ ଓ ଭାଷାଗତ ସଂଖ୍ୟାଲଘୁମାନଙ୍କୁ ବୁଝାଇପାରେ । ଗଣତନ୍ତ୍ରରେ ସଂଖ୍ୟାଗରିଷ୍ଠ ସମର୍ଥନରେ ସରକାର ଗଠିତ

ହେଲେ ମଧ୍ୟ ସଂଖ୍ୟାଲଘୁମାନଙ୍କର ସ୍ୱାର୍ଥକୁ ସୁରକ୍ଷିତ ରଖାଯାଏ। ଲୋକନୀତି ଓ ଆଇନ ପ୍ରଣୟନ କ୍ଷେତ୍ରରେ ସେମାନଙ୍କର ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଦିଆଯାଏ।

ଆମର ନିର୍ବାଚନ ପ୍ରାୟତଃ 'ଏକ ବ୍ୟକ୍ତି ଏକ ଭୋଟ' ନୀତି ଉପରେ ପର୍ଯ୍ୟବେସିତ ଏବଂ ନିର୍ବାଚନ ମଣ୍ଡଳୀଗୁଡ଼ିକ ଏକ-ସଦସ୍ୟ ବିଶିଷ୍ଟ। ସର୍ବାଧିକ ଭୋଟ ପାଇଥିବା ବ୍ୟକ୍ତି ନିର୍ବାଚିତ ହୋଇଥାଏ। ଏହି ପ୍ରକାର ନିର୍ବାଚନ ଶୈଳୀରେ ଅନେକ ଦୋଷଦୃଷ୍ଟ ମଧ୍ୟ ରହିଛି ଏବଂ ସଂଖ୍ୟାଲଘୁ ମାନଙ୍କର ପ୍ରତିନିଧିତ୍ୱ ପାଇଁ ବିଶେଷ ସୁବିଧା ଏଥିରେ ନାହିଁ। ସଂଖ୍ୟାଲଘୁ ମାନଙ୍କର ପ୍ରତିନିଧିତ୍ୱ ପାଇଁ ଅନେକ ବିକଳ୍ପ ବ୍ୟବସ୍ଥା ରହିଛି। ନିମ୍ନରେ କେତୋଟି ବ୍ୟବସ୍ଥା ବିଷୟରେ ଆଲୋଚନା କରାଗଲା।

୧. **ସମାନୁପାତିକ ପ୍ରତିନିଧିତ୍ୱ (Proportional representation) :** ଏହି ପ୍ରକାର ବ୍ୟବସ୍ଥା ବହୁ-ସଦସ୍ୟ ବିଶିଷ୍ଟ ନିର୍ବାଚନମଣ୍ଡଳୀ ପାଇଁ ପ୍ରଯୁଜ୍ୟ। ଏଥିରେ ଏକରୁ ଅଧିକ ବ୍ୟକ୍ତିଙ୍କୁ ନିର୍ବାଚିତ କରାଯାଇଥାଏ। ବିଭିନ୍ନ ରାଜନୈତିକ ଦଳ ଓ ପ୍ରତିଦ୍ୱନ୍ଦୀମାନଙ୍କୁ ସେମାନେ ପାଇଥିବା ଭୋଟର ଅନୁପାତରେ ପ୍ରତିନିଧିତ୍ୱ ମିଳେ। ସାଧାରଣତଃ ଦୁଇ ପ୍ରକାରର ସମାନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ରହିଛି। ସେଗୁଡ଼ିକ ହେଲା- (କ) ହାରେ ପଦ୍ଧତି (Hare system) (ଖ) ତାଲିକା ବ୍ୟବସ୍ଥା (List system)

(କ) **ହାରେ ପଦ୍ଧତି (Hare system) :** ୧୮୫୭ ମସିହାରେ ଟମାସ୍ ହାରେ ଏହି ପ୍ରକାର ବିକଳ୍ପ ବ୍ୟବସ୍ଥାର ପ୍ରଚଳନ କରିଥିଲେ। ଏହା ଅନେକ-ସଦସ୍ୟ ବିଶିଷ୍ଟ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରଯୁଜ୍ୟ। ଏଥିରେ ଅତିକମ୍‌ରେ ତିନିଜଣ ସଦସ୍ୟ ନିର୍ବାଚିତ ହେବା ଆବଶ୍ୟକ। ପ୍ରତ୍ୟେକ ଭୋଟର ନିଜର ପସନ୍ଦର ପ୍ରାର୍ଥୀଙ୍କ ନାମ ଦେବେ। ଯେତୋଟି ଆସନ ସେତେଟି ପସନ୍ଦ ରହିବ। ଜଣେ ବ୍ୟକ୍ତି ନିର୍ବାଚିତ ହେବାକୁ ହେଲେ ନିର୍ଦ୍ଦିଷ୍ଟ ସଂଖ୍ୟକ ଭୋଟ (କୋଟା) ପାଇବା ଦରକାର। ହାରେଙ୍କ ମତରେ କୋଟା ନିର୍ଦ୍ଧାରଣ ପାଇଁ ଏକ ନିର୍ଦ୍ଦିଷ୍ଟ ସୂତ୍ର ରହିଛି। ତାହା ହେଲା-

$$\text{କୋଟା (Quota)} = \frac{\text{ସମୁଦାୟ ବୈଧ ଭୋଟ}}{\text{ନିର୍ବାଚିତ ପଦବୀ} + ୧} + ୧$$

ଉଦାହରଣ ସ୍ୱରୂପ ଯଦି ଏକ ନିର୍ବାଚନ ମଣ୍ଡଳୀରୁ ୩ ଜଣ ନିର୍ବାଚିତ ହେବା କଥା ଏବଂ ସମୁଦାୟ ୨୦,୦୦୦ ଭୋଟ ଦିଆଯାଇଛି ତେବେ ନିର୍ଦ୍ଦିଷ୍ଟ କୋଟା ହେଉଛି-

$$\frac{୨୦,୦୦୦}{୩ + ୧} + ୧ = ୫୦୦୧$$

ଏଣୁ ଜଣେ ପ୍ରାର୍ଥୀକୁ ନିର୍ବାଚିତ ହେବାକୁ ହେଲେ ଅତି କମ୍‌ରେ ଏହି କୋଟା ୫୦୦୧ ଭୋଟ ପାଇବା ଦରକାର। ଏଥିରେ ସର୍ବାଗ୍ରବର୍ତ୍ତୀ ମତଦାନ (Preferential voting)ରେ ବ୍ୟବସ୍ଥା ଥାଏ। ଜଣେ ବ୍ୟକ୍ତି ନିଜର ପସନ୍ଦ ମୁତାବକ ପ୍ରାର୍ଥୀମାନଙ୍କୁ ପ୍ରଥମ, ଦ୍ୱିତୀୟ, ତୃତୀୟ ଏହା ଯଥାକ୍ରମେ ଭୋଟ ଦେଇପାରିବ। ଯେତୋଟି ପ୍ରାର୍ଥୀ ସେତୋଟି ପଦନ୍ଦ ରହିବ। ଭୋଟ ଗଣତି ସମୟରେ ପସନ୍ଦ ଅନୁଯାୟୀ ଭୋଟ ଗଣାଯିବ। ପ୍ରଥମେ ପଥମ ପସନ୍ଦର

ଭୋଟ ଗଣାଯିବ, ଯଦି ଜଣେ ନିର୍ଦ୍ଦିଷ୍ଟ କୋଟାର ଭୋଟ ନ ପାଇଲା ତେବେ ଦ୍ୱିତୀୟ ରାଉଣ୍ଡ ଭୋଟ ଗଣତି ହେବ। ପ୍ରଥମ ପସନ୍ଦରେ ସର୍ବନିମ୍ନ ଭୋଟ ପାଉଥିବା ବ୍ୟକ୍ତିକୁ ବାଦ ଦିଆଯିବ ଓ ଦ୍ୱିତୀୟ ପସନ୍ଦ (Second preference) ଭୋଟ ଗଣାଯାଇ ମିଶଯିବ। ଏହାକୁ ଐକିକ ହସ୍ତାନ୍ତରୀୟ ଭୋଟ ବ୍ୟବସ୍ଥା କୁହାଯାଏ। ଜଣେ ପ୍ରାର୍ଥୀ ନିର୍ଦ୍ଦିଷ୍ଟ କୋଟା ହାସଲ କଲା ପର୍ଯ୍ୟନ୍ତ ଏହି ପ୍ରକାର ଗଣତି ପ୍ରକ୍ରିୟା ଚାଲୁ ରହିବ। ଆମର ରାଜ୍ୟସଭା ସଦସ୍ୟ, ଆୟରଲ୍ୟାଣ୍ଡର ଓ ଦକ୍ଷିଣ ଆଫ୍ରିକା ସିନେଟ ନିର୍ବାଚନରେ ଏହି ବ୍ୟବସ୍ଥା ଗ୍ରହଣ କରାଯାଏ। ଭାରତର ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନରେ ଏହା କାର୍ଯ୍ୟକାରୀ କରାଯାଏ। କିନ୍ତୁ ଏହା ଏକ-ସଦସ୍ୟ ବିଶିଷ୍ଟ ନିର୍ବାଚନମଣ୍ଡଳୀ ହୋଇଥିବା ହେତୁ ଅନେକଙ୍କ ମତରେ ଏହା ସମ୍ପୂର୍ଣ୍ଣ ଭାବରେ ସମାନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ନୁହେଁ।

(ଖ) **ତାଲିକା ବ୍ୟବସ୍ଥା (List system) :** ଏହି ବ୍ୟବସ୍ଥା ମଧ ବହୁ-ସଦସ୍ୟ ବିଶିଷ୍ଟ ନିର୍ବାଚନମଣ୍ଡଳୀ ପାଇଁ ପ୍ରଯୁଜ୍ୟ। ଏଥିରେ ସ୍ୱାଧୀନ ପ୍ରାର୍ଥୀ ନଥାନ୍ତି। ସମସ୍ତେ ହେଉଛନ୍ତି ଦଳୀୟ ପ୍ରାର୍ଥୀ। ପ୍ରତ୍ୟେକ ଦଳ ଏକ ପ୍ରାର୍ଥୀ ତାଲିକା ଦିଅନ୍ତି। ଭୋଟର ପ୍ରାର୍ଥୀଙ୍କୁ ଭୋଟ ନ ଦେଇ ଦଳକୁ ଭୋଟ ଦିଅନ୍ତି। ନିର୍ବାଚନ ପରେ ବିଭିନ୍ନ ଦଳ ପାଇଥିବା ଭୋଟର ଅନୁପାତରେ ଆସନ ବଣ୍ଟାଯାଏ। ଯଦି ଜିତିବା ପାଇଁ ଆବଶ୍ୟକୀୟ କୋଟା ୨୦୦୦ ହୁଏ ଏବଂ ଗୋଟିଏ ଦଳ ୬୦୦୦ ଭୋଟ ପାଏ ତେବେ ସେହି ଦଳ ଦେଇଥିବା ତାଲିକାର ପ୍ରଥମ ତିନି ପ୍ରାର୍ଥୀ ନିର୍ବାଚିତ ହୁଅନ୍ତି। ଏହି ପଦ୍ଧତି ଅଳ୍ପ ବହୁତେ ଫ୍ରାନ୍‌ସ, ସ୍ୱିଡେନ୍, ବେଲଜିୟମ୍, ଇଟାଲୀ, ସ୍ୱିଜରଲ୍ୟାଣ୍ଡ ଇତ୍ୟାଦି ରାଷ୍ଟ୍ରମାନଙ୍କର ପ୍ରଚଳିତ।

ସମାନୁପାତିକ ନିର୍ବାଚନର ସୁଗୁଣ :

୧. ଏହା ଏକ-ସଦସ୍ୟ ବିଶିଷ୍ଟ ନିର୍ବାଚନ ମଣ୍ଡଳୀ ପାଇଁ ଉଦ୍ଦିଷ୍ଟ, ନିର୍ବାଚନ ବ୍ୟବସ୍ଥାର ଦୋଷତ୍ରୁଟିକୁ ସୁଧାରିଥାଏ।

୨. ଏହା ବ୍ୟବସ୍ଥାପକରେ ସମାଜର ସବୁ ଶ୍ରେଣୀ ସ୍ୱାର୍ଥକୁ ପ୍ରତିଫଳିତ କରେ।

୩. ଏହି ବ୍ୟବସ୍ଥା ସଂଖ୍ୟାଲଘୁ ମାନଙ୍କର ସ୍ୱାର୍ଥରକ୍ଷାରେ ସହାୟକ ହୁଏ ଓ ସେମାନଙ୍କୁ ପ୍ରତିନିଧିତ୍ୱ ଦିଏ।

୪. ଏହି ବ୍ୟବସ୍ଥାରେ କୌଣସି ଭୋଟ ନଷ୍ଟଯାଏ ନାହିଁ। କାରଣ ପସନ୍ଦ ମୁତାବକ ସର୍ବଗ୍ରବର୍ତ୍ତୀ ଭୋଟ (Perfectional voting) ବ୍ୟବସ୍ଥା ରହିଛି।

୫. ଏଥିରେ ଭୋଟରମାନେ ଅଧିକ ସଚେତନ ହୁଅନ୍ତି ଓ ଭାବିଚିନ୍ତି ନିଜର ପସନ୍ଦ ଜାହିର କରନ୍ତି।

ସମାନୁପାତିକ ନର୍ବାଚନର ଦୁର୍ଗୁଣ :

୧. ଏହି ପଦ୍ଧତି ତୁଳନାତ୍ମକ ଭାବେ ଜଟିଳ। ଏଣୁ ଜଣେ ସାଧାରଣ ଭୋଟରର ବୁଝିବା ଶକ୍ତିର ବାହାରେ। ଅନେକ ବଡ ବଡ ରାଷ୍ଟ୍ରରେ ଯେଉଁଠାରେ ଅନେକ ଭୋଟର ଅଜ୍ଞ ଓ ଅଶିକ୍ଷିତ ସେଠାରେ ଏହି ବ୍ୟବସ୍ଥାର କାର୍ଯ୍ୟକାରିତା ସନ୍ଦିହାନଯୋଗ୍ୟ।

୨. ଏହି ବ୍ୟବସ୍ଥାରେ ରାଜନୈତିକ ଦଳ ସାମନାକୁ ଆସନ୍ତି ଓ ବିଭାଜକ ଶକ୍ତି ରୂପେ କାର୍ଯ୍ୟ କରନ୍ତି।

୩. ଏହି ପ୍ରକାରର ନିର୍ବାଚନ ବ୍ୟବସ୍ଥାରେ ମିଶ୍ରିତ ସରକାର ଗଠନର ସମ୍ଭାବନା ଅଧିକ। ଏଣୁ ସରକାରର ସ୍ଥାୟିତ୍ୱ ବିପନ୍ନ ହୁଏ ଓ ରାଜନୈତିକ ବ୍ୟବସ୍ଥା ସଙ୍କଟର ସମ୍ମୁଖୀନ ହୁଏ।

୪. ପ୍ରାର୍ଥୀମାନଙ୍କୁ ନିର୍ବାଚନ ଖର୍ଚ୍ଚ ଓ ପ୍ରଚାର ପାଇଁ ଅଧିକ ନିର୍ଭର କରିବାକୁ ପଡିଥାଏ।

୫. List ବ୍ୟବସ୍ଥାରେ ନା ପ୍ରାର୍ଥୀ, ନା ଭୋଟର କାହାର ସ୍ୱାତନ୍ତ୍ର୍ୟ ନଥାଏ। ଭୋଟର ଦଳକୁ ଭୋଟ ଦିଏ। ଏଣୁ ନିର୍ଦ୍ଦିଷ୍ଟ ପ୍ରାର୍ଥୀକୁ ପସନ୍ଦ ବା ନାପସନ୍ଦ କରିବାର ସୁଯୋଗ ଭୋଟର ପାଇଁ ନ ଥାଏ।

୬. ଭୋଟର ଓ ପ୍ରାର୍ଥୀ ମଧ୍ୟରେ ସିଧାସଳଖ ଯୋଗସୂତ୍ର ରହିପାରେ ନାହିଁ।

୭. ଏହି ବ୍ୟବସ୍ଥା ଭୋଟର ଓ ରାଜନୈତିକ ନେତାମାନଙ୍କ ମଧ୍ୟରେ ଏକ ଲଘୁଚିନ୍ତାଧାରା ସୃଷ୍ଟିକରେ ଏବଂ 'ଲଘୁସ୍ୱାର୍ଥ'କୁ ସୁରକ୍ଷା ପାଇଁ ପ୍ରୋତ୍ସାହିତ କରେ। ଏଥିରେ ବ୍ୟବସ୍ଥାପକ ସମୂହ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନିର୍ଦ୍ଦିଷ୍ଟ ସୀମିତ ସ୍ୱାର୍ଥକୁ ସୁରକ୍ଷିତ କରିବାରେ ଚେଷ୍ଟିତ ହୁଏ।

୮. ଏଥିରେ ଉପନିର୍ବାଚନ (By-election) ପ୍ରାୟତଃ ସମ୍ଭବ ହୁଏ ନାହିଁ। ଏଣୁ ମଧ୍ୟବର୍ତ୍ତୀ ସମୟରେ କୌଣସି ଶୂନ୍ୟସ୍ଥାନ ରହିଲେ ଏହାକୁ ପୂରଣ କରିବା ପାଇଁ ନିର୍ବାଚନ ସମ୍ଭବ ହୁଏନାହିଁ।

ଏଣୁ ଏହି ସମାନୁପାତିକ ପଦ୍ଧତି କିଛି କିଛି ରାଷ୍ଟ୍ରରେ ଫଳପ୍ରଦ ହୋଇଥିଲେ ମଧ ଅନେକ ରାଷ୍ଟ୍ରରେ ଏହା କରାଯାଇନାହିଁ। ଲାସ୍କି, ଫାଇନର୍, ସିଜ୍‌ୱିକ୍, ଏସ୍‌ମେ ଇତ୍ୟାଦି ବିଶାରଦମାନେ ଏହାର ବିରୋଧ କରନ୍ତି।

ଆଞ୍ଚଳିକ ପ୍ରତିନିଧିତ୍ୱ (Territorial Representation) :

ଆଞ୍ଚଳିକ ପ୍ରତିନିଧିତ୍ୱ ବ୍ୟବସ୍ଥା ଅନେକ ରାଷ୍ଟ୍ରରେ ପ୍ରଚଳିତ। ସମୁଦାୟ ରାଷ୍ଟ୍ରକୁ ନିର୍ଦ୍ଦିଷ୍ଟ ଅଞ୍ଚଳ ଅନୁସାରେ ଅନେକ ନିର୍ବାଚନମଣ୍ଡଳୀରେ ବିଭକ୍ତ କରାଯାଇଥଏ। ସମୁଦାୟ ଜନସଂଖ୍ୟାକୁ ପ୍ରାୟତଃ ସମାନ ଭାବରେ ସମସ୍ତ ନିର୍ବାଚନମଣ୍ଡଳୀରେ ବଣ୍ଟାଯାଇଥାଏ। ସମସ୍ତ ପ୍ରତିନିଧି ଯେପରି ସମାନ ସମାନ ଜନସମଦୁାୟର ପ୍ରତିନିଧିତ୍ୱ କରିବେ ସେ ପ୍ରତି ଦୃଷ୍ଟି ଦିଆଯାଇଥାଏ। ନିର୍ବାଚନମଣ୍ଡଳୀର ସୀମାରେଖାକୁ ମଝିରେ ମଝିରେ ଜନସଂଖ୍ୟାର ପରିବର୍ତ୍ତନକୁ ଆଖି ଆଗରେ ରଖି ବଦଳାଇ ଦିଆଯାଏ।

ସୁଗୁଣ :

୧. ଏହି ପ୍ରକାର ଆଞ୍ଚଳିକ ପ୍ରତିନିଧିତ୍ୱ ସହଜ ଓ ସୁବିଧାଜନକ।

୨. ଏଥିରେ ଭୋଟର ଓ ପ୍ରତିନିଧି ମଧ୍ୟରେ ସୁସମ୍ପର୍କ ସ୍ଥାପିତ ହୁଏ।

୩. ଏହା ବ୍ୟୟବହୁଳ ନୁହେଁ।

୪. ଏହା ସ୍ଥିର ସରକାର ଆଣିବାରେ ସହାୟକ ହୁଏ।

ଦୁର୍ଗୁଣ :

୧. ଏହା ସଂକୀର୍ଣ୍ଣ ଆଞ୍ଚଳିକ ମନୋଭାବ ସୃଷ୍ଟି କରେ। ଦେଶର ସାମୂହିକ ସ୍ୱାର୍ଥ ଅପେକ୍ଷା ଆଞ୍ଚଳିକ ସ୍ୱାର୍ଥ ଉପରେ ଗୁରୁତ୍ୱ ବଢେ।

୨. ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳର ଭୋଟରମାନେ ତାଙ୍କ ପସନ୍ଦ ମୁତାବକ ପାର୍ଥୀ ନ ପାଇ ପାରନ୍ତି। ଏଣୁ ପ୍ରାର୍ଥୀ ତାଲିକା ସଂକୀର୍ଣ୍ଣ ହୋଇଯାଇପାରେ।

୩. କ୍ଷମତାସୀନଦଳ ନିଜର ସ୍ୱାର୍ଥ ସାଧନ ପାଇଁ ନିର୍ବାଚନ ମଣ୍ଡଳୀର ସୀମାରେଖା ବଦଳାଇ ଦିଏ। ଆମେରିକାରେ ଏହାକୁ ଜେରିମ୍ୟାଣ୍ଡରିଂ (gerrymandering) କୁହାଯାଏ।

୪. ଏଥିରେ ନିର୍ବାଚନ ଫଳାଫଳ ସଠିକ ହୁଏ ନାହିଁ। ବହୁ ମତଦାନ ବ୍ୟବସ୍ଥା ହେତୁ ଅନେକ ସମୟରେ ସଂଖ୍ୟାଲଘୁ ଭୋଟ ପାଇ ମଧ୍ୟ ଜଣେ ପ୍ରାର୍ଥୀ ବିଜୟୀ ହୋଇଥାଏ।

୫. ବୃତ୍ତିଗତ ସ୍ୱାର୍ଥକୁ ଏଥିରେ ଜଳାଞ୍ଜଳି ଦିଆଯାଏ।

ପ୍ରକାର୍ଯ୍ୟାତ୍ମକ ପ୍ରତିନିଧିତ୍ୱ (Functional Representation) :

ଏହି ପ୍ରକାର ପ୍ରତିନଧିତ୍ୱ ଆଞ୍ଚଳିକ ପ୍ରତିନିଧିତ୍ୱ ବ୍ୟବସ୍ଥାରୁ ଭିନ୍ନ। ଏଥିରେ ବୃତ୍ତିଗତ ସ୍ୱାର୍ଥ ଉପରେ ଗୁରୁତ୍ୱ ଦିଆଯାଏ। ଜି.ଡି.ଏଚ୍. କୋଲ୍‌ଙ୍କ ମତରେ ଗୋଟିଏ ସମାଜ ମଧ୍ୟରେ ଅନେକ ବୃତ୍ତିଗତ ବା ପ୍ରକାର୍ଯ୍ୟାତ୍ମକ ଗୋଷ୍ଠୀ ରହିଛି। ଏହି ସମସ୍ତ ବୃତ୍ତିଗତ ଗୋଷ୍ଠୀର ପ୍ରତିନିଧିତ୍ୱ ବ୍ୟବସ୍ଥାପକରେ ରହିବା ଆବଶ୍ୟକ। ବୋଲ୍‌ସେଭିକ୍ ବିପ୍ଳବ ପରେ ଋଷିଆରେ ଏ ପ୍ରକାରର ପ୍ରତିନିଧିତ୍ୱ ବ୍ୟବସ୍ଥାର ପ୍ରଚଳନ ହୋଇଥିଲା। ମୁସୋଲିନି ଇଟାଲୀ ଦେଶର ଏହି ପ୍ରଥାର ପ୍ରଚଳନ କରାଇଥିଲେ। ୧୯୧୯ ମସିହାରେ ଜର୍ମାନୀରେ 'ଆର୍ଥିକ ପରିଷଦ'ର ଗଠନ କରାଯାଇ ଶ୍ରମ, ପୁଞ୍ଜି ଓ ଖାଉଟୀମାନଙ୍କର ସ୍ୱାର୍ଥକୁ ସୁରକ୍ଷିତ କରାଗଲା। ବ୍ରିଟିଶ ଶାସନ ସମୟରେ ଭାରତରେ ଜମିଦାର, ଶ୍ରମିକ ଓ ଶିକ୍ଷକମାନଙ୍କ ପାଇଁ ଏହିପରି କିଛି ବ୍ୟବସ୍ଥା ରହିଥିଲା।

ମ୍ୟାରିଅଟ୍, ଲାସ୍କି ଓ ଏସ୍‌ମେ ଏହି ବ୍ୟବସ୍ଥାର ସମାଲୋଚନା କରି ଏହାର ଅନେକ ଦୁର୍ଗୁଣ ଦର୍ଶାଇଛନ୍ତି। ଏଥିରେ ବୃତ୍ତିଗତ ସ୍ୱାର୍ଥ ଉପରେ ପ୍ରାଧାନ୍ୟ ଦିଆଯାଇ ଜାତୀୟ ସାମୂହିକ ସ୍ୱାର୍ଥକୁ ଗୌଣ କରାଯାଏ। ବ୍ୟବସ୍ଥାପକ ବିଭିନ୍ନ ବୃତ୍ତିଗତ ସ୍ୱାର୍ଥ ଗୋଷ୍ଠୀର କଳହର ସ୍ଥାନ ହୁଏ। ଜଣେ ପ୍ରତିନିଧି ଭୋଟରକୁ ପ୍ରତିନିଧିତ୍ୱ ନ ଦେଇ ବୃତ୍ତିକୁ ପ୍ରତିନିଧିତ୍ୱ ଦିଏ। କିନ୍ତୁ ଅନେକ ସମୟରେ ବୃତ୍ତିର ସଂଜ୍ଞା ନିରୂପଣ କରିବା କଷ୍ଟସାଧ୍ୟ ଏବଂ ବିଭିନ୍ନ ବୃତ୍ତି ମଧ୍ୟରେ ପ୍ରତିନିଧିତ୍ୱ ଆବଣ୍ଟନ ମଧ୍ୟ କଷ୍ଟସାଧ୍ୟ ହୋଇପଡେ। ଯେତୋଟି ବୃତ୍ତି ସେତୋଟି ରାଜନୈତିକ ଦଳ ସମାଜରେ ଗଠିତ ହେବାର ସମ୍ଭାବନା ଥାଏ। ଏହା ସରକାରର ସ୍ଥାୟିତ୍ୱ ଓ ଦକ୍ଷତାକୁ କ୍ଷୁର୍ଣ୍ଣ କରେ।

ସାମ୍ପ୍ରଦାୟିକ ପ୍ରତିନିଧିତ୍ୱ (Communal Representation) :

ଅନେକ ସମୟରେ ବିଭିନ୍ନ ଧାର୍ମିକ ସଂପ୍ରଦାୟ ପାଇଁ ପ୍ରତିନିଧିତ୍ୱ ବ୍ୟବସ୍ଥା କରାଯାଇଥାଏ। ଉଦାହରଣ ସ୍ୱରୂପ ବ୍ରିଟିଶ ଶାସନ ସମୟରେ ହିନ୍ଦୁ, ମୁସଲିମ ସମ୍ପ୍ରଦାୟର ଲୋକମାନଙ୍କ ପାଇଁ ଅଲଗା ଅଲଗା ନିର୍ବାଚନମଣ୍ଡଳୀର

ବ୍ୟବସ୍ଥା ଥିଲା । ଏଥିରେ ନିର୍ଦ୍ଦିଷ୍ଟ ସଂପ୍ରଦାୟର ଭୋଟର ସେମାନଙ୍କର ସଂପ୍ରଦାୟର ପ୍ରାର୍ଥୀକୁ ଭୋଟ ଦେଇପାରିବେ । ଏହାର ଆଉ ଏକ ବିକଳ୍ପ ବ୍ୟବସ୍ଥା ହେଲା ମିଶ୍ରିତ ନିର୍ବାଚନମଣ୍ଡଳୀ (Joint electorate) । ଏଥିରେ ନିର୍ଦ୍ଦିଷ୍ଟ ସଂପ୍ରଦାୟ ପାଇଁ ଆସନ ସଂରକ୍ଷିତ ଥାଏ ଏବଂ ଏକ ସଂପ୍ରଦାୟର ବିଭିନ୍ନ ପ୍ରାର୍ଥୀଙ୍କ ମଧ୍ୟରେ ସର୍ବାଧିକ ଭୋଟ ପାଇଥିବା ପ୍ରାର୍ଥୀ ନିର୍ବାଚିତ ହୁଏ । କିନ୍ତୁ ସ୍ୱାଧୀନତା ପରେ ଭାରତରେ ଏ ପ୍ରକାର ସାମ୍ପ୍ରଦାୟିକ ପ୍ରତିନିଧିତ୍ୱ ବ୍ୟବସ୍ଥା ଉଚ୍ଛେଦ କରାଯାଇଛି ।

ଏହି ପ୍ରକାର ବ୍ୟବସ୍ଥା ଦ୍ୱାରା ଦେଶରେ ସାଂପ୍ରଦାୟିକ ଉତ୍ତେଜନା ଓ ତିକ୍ତତା ବୃଦ୍ଧି ହେବାର ସମ୍ଭାବନା ଥାଏ ଏବଂ ଏହାଦ୍ୱାରା ଦେଶର ଐକ୍ୟ ଓ ସଂହତି କ୍ଷୁଣ୍ଣ ହୋଇଥାଏ । ତେବେ ଆମ ସମ୍ବିଧାନରରେ ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ପାଇଁ ଲୋକସଭା ଓ ବିଧାନସଭା ନିର୍ବାଚନରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି ।

ନିର୍ବାଚନ ପ୍ରଣାଳୀ :

ଗୋଟିଏ ରାଷ୍ଟ୍ରର ନିର୍ବାଚନ ବିଭିନ୍ନ ସୋପାନ ଦେଇ ଗତିକରିଥାଏ । ଉଦାହରଣ ସ୍ୱରୂପ ଆମ ଦେଶର ନିର୍ବାଚନ ପ୍ରଣାଳୀ ଉପରେ ଦୃଷ୍ଟିପାତ କରାଯାଉ ।

୧. **ନିର୍ବାଚନମଣ୍ଡଳୀର ସୀମା ନିର୍ଦ୍ଧାରଣ :** ପ୍ରଥମେ ଦେଶକୁ ବିଭିନ୍ନ ନିର୍ବାଚନମଣ୍ଡଳୀରେ ବିଭକ୍ତ କରାଯାଏ । ଆମ ଦେଶରେ ବିଧାନସଭା ଓ ଲୋକସଭା ପାଇଁ ଅଲଗା ଅଲଗା ନିର୍ବାଚନ ମଣ୍ଡଳୀ ଗଠିତ ହୋଇଛି । ସୀମା ନିର୍ଦ୍ଧାରଣ ଆୟୋଗ ଦ୍ୱାରା ନିର୍ବାଚନମଣ୍ଡଳୀର ସୀମା ନିର୍ଦ୍ଧାରିତ ହୁଏ ।

୨. **ଭୋଟର ତାଲିକା ପ୍ରସ୍ତୁତି :** ପ୍ରତି ଜନଗଣନା ପରେ ଏବଂ ନିୟମିତ ବ୍ୟବଧାନରେ ଭୋଟର ତାଲିକା ପ୍ରସ୍ତୁତ କରାଯାଏ ଏବଂ ମଝିରେ ମଝିରେ ଏହାର ସଂଶୋଧନ କରାଯାଇଥାଏ । ପ୍ରତ୍ୟେକ ଯୋଗ୍ୟ ସାବାଳକ ଭୋଟର ମାନଙ୍କର ନାମ ଏଥିରେ ଦରଜ କରାଯାଏ । ନିର୍ବାଚନ ସମୟରେ କେବଳ ସେହିମାନେ ଭୋଟ ଦେଇପାରିବେ ।

୩. **ନିର୍ବାଚନ ଦିନପଞ୍ଜୀ ଘୋଷଣା :** କୌଣସି ସାଧାରଣ ନିର୍ବାଚନ ପୂର୍ବରୁ ଆମ ଦେଶର ରାଷ୍ଟ୍ରପତି ନିର୍ବାଚନ ଆୟୋଗକୁ ଜଣାନ୍ତି ଓ ନିର୍ବାଚନ ଆୟୋଗ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରି ନିର୍ବାଚନ ଦିନପଞ୍ଜୀ (Calendar) ଘୋଷଣା କରନ୍ତି । ଏଥିରେ ମନୋନୟନପତ୍ର ଦାଖଲ ତାରିଖ, ମନୋନୟନ ପ୍ରତ୍ୟାହାର ତାରିଖ, ନିର୍ବାଚନ ତାରିଖ ଓ ଫଳାଫଳ ଘୋଷଣାର ତାରିଖ ଘୋଷଣା କରାଯାଏ ।

୪. **ମନୋନୟନପତ୍ର ଦାଖଲ :** ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀମାନେ ନିର୍ବାଚନ ଆୟୋଗ ଘୋଷଣା କରିଥିବା ତାରିଖରେ ମନୋନୟନ ଦାଖଲ କରନ୍ତି । ଏଥିରେ ତାଙ୍କର ପ୍ରସ୍ତାବକ ଓ ସମର୍ଥକଙ୍କ ସମ୍ମତି ସହିତ ପ୍ରାର୍ଥୀଙ୍କ ସମ୍ମତି ରହେ । ଦଳୀୟ ପ୍ରାର୍ଥୀମାନେ ଦଳର ସଂକେତରେ ନିର୍ବାଚନ ଲଢନ୍ତି । ସ୍ୱାଧୀନ ପ୍ରାର୍ଥୀମାନେ ସେମାନଙ୍କୁ ନିର୍ବାଚନ ଆୟୋଗ ଦେଇଥିବା ସଂକେତରେ ଲଢନ୍ତି । ପ୍ରତ୍ୟେକ ପ୍ରାର୍ଥୀ ଅମାନତ ଟଙ୍କା ପୈଠ କରନ୍ତି ।

୫. ମନୋନୟନପତ୍ର ଯାଞ୍ଚ : ମନୋନୟନ ପତ୍ର ଦାଖଲ ପରେ ଏକ ତାରିଖରେ ରିଟର୍ଣ୍ଣି ଅଫିସର ପ୍ରାର୍ଥୀମାନଙ୍କ ଉପସ୍ଥିତିରେ ସେମାନଙ୍କର ମନୋନୟନପତ୍ର ଯାଞ୍ଚ କରନ୍ତି ଓ ଦୋଷତ୍ରୁଟି ଥିଲେ ଏହାକୁ ଅବୈଧ ଘୋଷଣା କରନ୍ତି। ତ୍ରୁଟିଶୂନ୍ୟ ମନୋନୟନପତ୍ରକୁ ବୈଧ ଘୋଷଣା କରାଯାଇ ଏକ ପ୍ରାର୍ଥୀ ତାଲିକା କରାଯାଏ।

୬. ମନୋନୟନ ପ୍ରତ୍ୟାହାର : ନିର୍ବାଚନ ଆୟୋଗ ମନୋନୟନ ପ୍ରତ୍ୟାହାର ପାଇଁ ମଧ୍ୟ ଏକ ନର୍ଦ୍ଦିଷ୍ଟ ତାରିଖ ଘୋଷଣା କରିଥାନ୍ତି। ସେହି ତାରିଖ ସୁଦ୍ଧା ଜଣେ ପ୍ରାର୍ଥୀ ସ୍ୱଇଚ୍ଛାରେ ନିଜର ପ୍ରାର୍ଥୀତ୍ୱ ପ୍ରତ୍ୟାହାର କରିପାରିବେ। ସେହି ତାରିଖ ପରେ ଏକ ଚୂଡାନ୍ତ ବୈଧ ପ୍ରାର୍ଥୀ ତାଲିକା ଘୋଷଣା କରାଯାଏ।

୭. ନିର୍ବାଚନ ପ୍ରଚାର : ନିର୍ବାଚନ ତାରିଖ ଘୋଷଣା ପରେ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ପ୍ରାର୍ଥୀମାନେ ପ୍ରଚାର କାର୍ଯ୍ୟରେ ଲାଗିପଡନ୍ତି। ନିଜ ନିଜର ନିର୍ବାଚନ ଇସ୍ତାହାର ଲୋକମାନଙ୍କ ପାଖରେ ପହଞ୍ଚାଇବାରେ ଚେଷ୍ଟିତ ହୁଅନ୍ତି। ଏହି ସମୟରେ ସେମାନେ ନିର୍ବାଚନ ଆଚରଣବିଧି ମାନିବାକୁ ମାଧ୍ୟ। ଖବରକାଗଜ, ଟେଲିଭିଜନ ମାଧ୍ୟମରେ ନିଜର ନିର୍ବାଚନ ପ୍ରଚାର ମଧ୍ୟ କରିଥାନ୍ତି। ବିଭିନ୍ନ ଦଳୀୟ ଓ ସ୍ୱାଧୀନ ପ୍ରାର୍ଥୀମାନଙ୍କୁ ଟେଲିଭିଜନ ମାଧ୍ୟମରେ ପ୍ରଚାରର ସୁବିଧା ନିମନ୍ତେ ତାରିଖ ଓ ସମୟ ଧାର୍ଯ୍ୟ କରାଯାଇଥାଏ। ନିର୍ବାଚନର ୪୮ ଘଣ୍ଟା ପୂର୍ବ ପର୍ଯ୍ୟନ୍ତ ନିର୍ବାଚନ ପ୍ରଚାର ଚାଲିପାରିବ।

୮. ଭୋଟ ପ୍ରଦାନ : ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଅନେକଗୁଡ଼ିଏ ଭୋଟ ବୁଥ୍ ଥାଏ। ସେଥିରେ ଜଣେ ପ୍ରିଜାଇଡିଂ ଅଫିସର (Presiding Officer) ଓ ଏକାଧିକ ପୋଲିଂ ଅଫିସର (Polling Officer) ଥାଆନ୍ତି। ଭୋଟଦାତାମାନେ ନିର୍ଦ୍ଦିଷ୍ଟ ସମୟରେ ଗୁପ୍ତ ମତଦାନ କରିଥାନ୍ତି। ଆଜିକାଲି ଇ.ଭି.ଏମ୍. (Electronic Voting Machine)ର ପ୍ରଚଳନ କରାଗଲାଣି। ଏହି ମେସିନ୍ ମାଧ୍ୟମରେ ଭୋଟର ନିଜ ପସନ୍ଦ ମୁତାବକ ଭୋଟଦାନ କରିବେ।

୯. ଭୋଟ ଗଣତି : ଭୋଟ ଗଣତି ନିର୍ବାଚନ ଆୟୋଗ ଦିନ ଠିକ୍ କରିଥାନ୍ତି। ଭୋଟ ଗଣନା ଦିନ ପ୍ରାର୍ଥୀମାନଙ୍କର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଭୋଟ ଗଣନା କାର୍ଯ୍ୟ ଆରମ୍ଭ ହୁଏ। ଅସିଦ୍ଧ ଭୋଟ (Invalid Vote) ଗୁଡ଼ିକୁ ନାକଚ କରାଯାଏ ଏବଂ ତାହାକୁ ଗଣାଯାଏ ନାହିଁ। ସର୍ବାଧିକ ଭୋଟ ପାଇଥିବା ବ୍ୟକ୍ତି ବିଜୟୀ ହୁଅନ୍ତି। ସମ୍ପୃକ୍ତ ନିର୍ବାଚନମଣ୍ଡଳୀର ରିଟର୍ଣ୍ଣି ଅଫିସର ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରନ୍ତି।

୧୦. ନିର୍ବାଚନ ସମ୍ବନ୍ଧୀୟ ବିବାଦ : ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ବିଜୟୀ ପ୍ରାର୍ଥୀଙ୍କ ଫଳକୁ ନେଇ କୌଣସି ବିବାଦ ଉପୁଜିଲେ ତାହା ଉଚ୍ଚନ୍ୟାୟାଳରେ ବିଚାର ପାଇଁ ଉପସ୍ଥାପିତ ହେବ ଏବଂ ଉଚ୍ଚନ୍ୟାୟାଳୟଙ୍କ ନିଷ୍ପତ୍ତି ବିରୁଦ୍ଧରେ ଉଚ୍ଚତମ ନ୍ୟାୟାଳୟରେ ଅପିଲ କରାଯାଇପାରିବ।

ମୋଟାମୋଟି ଭାବରେ ଏହି ପ୍ରଣାଳୀରେ ଆମ ଦେଶରେ ନିର୍ବାଚନ କାର୍ଯ୍ୟ ପରିଚାଳନା ହୁଏ। ଏହାର ସୁପରିଚାଳନା ପାଇଁ ଅନେକ ଆଇନ ପ୍ରଣୟନ ହୋଇଛି। ନିର୍ବାଚନ ଆୟୋଗ ନିର୍ବାଚନର ସୁପରିଚାଳନା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରେ।

ଭାରତର ନିର୍ବାଚନ ଆୟୋଗ
(Election Commission of India)

ଆଧୁନିକ ଗଣତାନ୍ତ୍ରିକ ରାଷ୍ଟ୍ରରେ, ନିର୍ବାଚନ ହିଁ ହେଉଛି ଏକମାତ୍ର ମାଧ୍ୟମ, ଯେଉଁଥିରେ ପ୍ରତ୍ୟେକ ନାଗରିକ ପ୍ରତ୍ୟକ୍ଷ ଭାବରେ ସାମିଲ୍ ହୋଇ ଗଣତାନ୍ତ୍ରିକ ପ୍ରକ୍ରିୟାରେ ପ୍ରତ୍ୟକ୍ଷ ଯୋଗଦାନ କରିଥାନ୍ତି। ନିର୍ବାଚନ ଦ୍ୱାରା ସରକାର ବୈଧ ରୂପେ ଗଣ୍ୟ ହୁଏ, ଏବଂ ଗୋଟିଏ ସରକାରର କାର୍ଯ୍ୟକାଳ ସରିଗଲା ପରେ, ଅନ୍ୟ ନିର୍ବାଚିତ ସରକାରଙ୍କୁ କ୍ଷମତା ହସ୍ତାନ୍ତରୀକରଣ ଶାନ୍ତିପୂର୍ଣ୍ଣ ଉପାୟରେ ସମାହିତ ହୋଇଥାଏ। ଏକ ସ୍ୱଚ୍ଛ ପ୍ରତିନିଧି ମୂଳକ ସରକାରର ମୂଳ ଉତ୍ସ ହେଲା – ଏକ ଉତ୍ତମ ନିର୍ବାଚନ ବ୍ୟବସ୍ଥା। ତେଣୁ ନିର୍ବାଚନ ବ୍ୟବସ୍ଥାକୁ ଗଣତନ୍ତ୍ରର ଅମ୍ଳଜାନ ବୋଲି କୁହାଯାଏ। ତେବେ ଏଠାରେ ପ୍ରଶ୍ନ ଉଠେ ଯେ, ନିର୍ବାଚନକୁ କିପରି ଶୃଙ୍ଖଳାର ସହିତ ନିରପେକ୍ଷ ଭାବେ ପରିଚାଳନା କରାଯାଇ ପାରିବ, ଯାହାକି ରାଜନୈତିକ ପ୍ରଭାବ ଠାରୁ ଉର୍ଦ୍ଧ୍ୱରେ ଥିବ। Pollock ଙ୍କ ଭାଷାରେ, "ଯଦି ସାଧାରଣ ନିର୍ବାଚନ ଗୁଡ଼ିକ ସୁନିର୍ଦ୍ଦିଷ୍ଟ ଏବଂ ଦକ୍ଷତାର ସହ ପରିଚାଳନା କରା ନ ଯିବ, ତେବେ କେବଳ ସରକାରୀ ସଂସ୍ଥା ଗୁଡ଼ିକର ପଦମର୍ଯ୍ୟାଦା ହାନି ନ ହୋଇ, ସମଗ୍ର ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟ ବିପଦପୂର୍ଣ୍ଣ ହୋଇଯିବ।" ନିର୍ବାଚନର ସ୍ୱଚ୍ଛତା ଓ ନିରପେକ୍ଷତା ସେତେବେଳେ ସମ୍ଭବ, ଯେବେ ଏହା ଦଳୀୟ ସରକାରଙ୍କର ନିୟନ୍ତ୍ରଣର ବାହାରେ ଥାଇ କାର୍ଯ୍ୟ କରୁଥିବ। ତେଣୁ ସମ୍ବିଧାନର ନିର୍ମାତା ମାନେ ଏହାକୁ ଗୁରୁତ୍ୱର ସହ ବିଚାରକୁ ନେଇ ଏକ ସ୍ୱାଧୀନ ନିର୍ବାଚନ ପରିଚାଳନା ସଂସ୍ଥାର ପରିକଳ୍ପନା କରି ସମଗ୍ର ଦେଶ ପାଇଁ ଏକକ ନିର୍ବାଚନ ଆୟୋଗ ଗଠନର ସୁବନ୍ଦୋବସ୍ତ କରି ଯାଇଛନ୍ତି। ସମ୍ବିଧାନର ଧାରା ୩୨୪ ଅନୁଯାୟୀ, "ନିର୍ବାଚକ ନାମାବଳୀ (Electoral rolls)ର ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ ସହ ସଂସଦୀୟ ନିର୍ବାଚନ, ରାଜ୍ୟ ଗୁଡ଼ିକର ବିଧାନସଭା ନିର୍ବାଚନ, ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତି ନିର୍ବାଚନ, ନିର୍ବାଚକୀୟ ନ୍ୟାୟାଧିକରଣ (Election Tribunal)ଆଦିର ଗଠନ; ଯାହା ନିର୍ବାଚନ ସମ୍ବନ୍ଧୀୟ ସନ୍ଦେହ ଓ ବାଦବିବାଦ ଆଦିର ସମାଧାନରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରେ; ତାହା ଏକ ଆୟୋଗ ଉପରେ ନ୍ୟସ୍ତ କରାଯିବ।" ଡ଼ଃ ଆମ୍ବେଦକରଙ୍କ ଉକ୍ତି ଥିଲା, "ପ୍ରସ୍ତାବିତ କେନ୍ଦ୍ରୀୟ ନିର୍ବାଚନ କଳ, ଯାହାକି ଏକକ ଆୟୋଗ (Single Commission) ହାତରେ ନ୍ୟସ୍ତ ଥିବ; ଏବଂ ଏହାକୁ ଆଞ୍ଚଳିକ ଆୟୁକ୍ତ (Commissioners) ମାନେ ସହଯୋଗ କରୁଥିବେ; ଯେଉଁଥିରେ କେନ୍ଦ୍ର ଆୟୋଗର ସଂପୂର୍ଣ୍ଣ ପରିଚାଳନା ଗତ ନିୟନ୍ତ୍ରଣ ଥିବ; ଏଭଳି କମିଶନ ହିଁ ଦରକାର, – ଯାହା ପୂର୍ବରୁ ରାଜ୍ୟମାନଙ୍କରେ ସେଠାକାର ରାଜ୍ୟପାଳମାନଙ୍କ ନିୟନ୍ତ୍ରଣରେ ଥିଲା, ତାହାର ସମ୍ପୂର୍ଣ୍ଣ ବିଲୋପ ଘଟିବ।" ଏହା କହିବାର ତାତ୍ପର୍ଯ୍ୟ ହେଲା, କେନ୍ଦ୍ରାଭିମୁଖୀ ଏକକ କମିଶନ ଗଠନ ହେଲେ, ସମଗ୍ର ଦେଶରେ ସୁସ୍ଥ ଏବଂ ନିରପେକ୍ଷ ନିର୍ବାଚନ ହୋଇପାରିବ, ଯାହାକି ପୂର୍ବରୁ ବିଭିନ୍ନ ରାଜ୍ୟମାନଙ୍କରେ ହେଉ ନଥିଲା, ଯେହେତୁ ରାଜ୍ୟଗୁଡ଼ିକର ନିର୍ବାଚନ ସେଠାକାର ଶାସନ ସହ ସଂପୃକ୍ତ ଥାଇ, ଜାତି, ଭାଷା ଏବଂ ସଂସ୍କୃତି ଭିତରେ ବାଛବିଚାର କରି ଚାଲିଥିଲା।

ନିର୍ବାଚନ ଆୟୋଗର ଗଠନ :

ନିର୍ବାଚନକୁ ମୁକ୍ତ, ଅବାଧ ଏବଂ ନିରପେକ୍ଷ କରିବା ପାଇଁ ଭାରତୀୟ ସମ୍ବିଧାନ ସୃଷ୍ଟି କରିଛି ଏକ ସ୍ୱୟଂଶାସିତ ଅନୁଷ୍ଠାନ, ଯାହା ରାଜନୈତିକ ଏବଂ ଅମଲାତାନ୍ତ୍ରିକ ନିୟନ୍ତ୍ରଣରୁ ଉର୍ଦ୍ଧ୍ୱରେ। ଏହାକୁ 'କେନ୍ଦ୍ରୀୟ ନିର୍ବାଚନ ଆୟୋଗ' ବୋଲି କୁହାଯାଏ। ଏହା ଏକ ସର୍ବଭାରତୀୟ ଅନୁଷ୍ଠାନ। ଏହାର ନିର୍ବାଚନ ସମ୍ବନ୍ଧୀୟ ପରିଚାଳନାଗତ କ୍ଷମତା

ମଧ୍ୟରେ, ସଂସଦର ସମସ୍ତ ନିର୍ବାଚନ, ରାଜ୍ୟ ଗୁଡ଼ିକର ବିଧାନ ପରିଷଦ ଆଦିର ନିର୍ବାଚନ, ଏବଂ ସର୍ବୋପରି ଭାରତର ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତି ନିର୍ବାଚନ ଆଦି ଅନ୍ତର୍ଭୁକ୍ତ। ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ, ନିର୍ବାଚନ ଆୟୋଗରେ ଜଣେ ମୁଖ୍ୟ ନିର୍ବାଚନ ଆୟୁକ୍ତ (Chief Election Commissioner) ଏବଂ ଅନ୍ୟ ନିର୍ବାଚନ ଆୟୁକ୍ତ ମାନେ ରହିପାରିବେ, ଯାହାକୁ ରାଷ୍ଟ୍ରପତି ସମୟାନୁଯାୟୀ ସ୍ଥିର କରିବେ। କିନ୍ତୁ ମୁଖ୍ୟ ନିର୍ବାଚନ ଆୟୁକ୍ତ, ପଦାନୁକ୍ରମିକ ବିଧିରେ ସର୍ବୋଚ୍ଚରେ ରହିବେ। ଏହି ସମସ୍ତ କମିଶନର, ମୁଖ୍ୟ କମିଶନରଙ୍କ ସହିତ; ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୋଇଥାନ୍ତି। ଏମାନେ ସମସ୍ତେ ସଂସଦର ପ୍ରଣିଧାନ ଆଇନ୍‌ର ପରିସରଭୁକ୍ତ ହୋଇ ରହିବେ। କିନ୍ତୁ ମୁଖ୍ୟ ନିର୍ବାଚନ କମିଶନର ହେଉଛନ୍ତି ଏକ ବହୁମୁଖୀ କମିଶନର ମୁଖ୍ୟ। ନିର୍ବାଚନ କମିଶନ ଗଠନ ଦିନଠାରୁ ଏହା କେବଳ ଏକମୁଖୀ (Single) କମିଶନର ରୀତିରେ ପରିଚାଳିତ ହେଉଥିଲା। କିନ୍ତୁ ୭ ଅକ୍ଟୋବର ୧୯୮୯ରେ, ରାଷ୍ଟ୍ରପତି ଏହାକୁ ୩ ଜଣିଆ ମଣ୍ଡଳୀରେ ପରିବର୍ତ୍ତିତ କରିଥିଲେ। ସେତେବେଳେ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ବାଦ୍‌ଦେଇ, ଆଉ ୨ଜଣ କମିଶନର ୧୬ ଅକ୍ଟୋବର ୧୯୮୯ରେ ନିଯୁକ୍ତ ହୋଇଥିଲେ। କିନ୍ତୁ ୧ ଜାନୁଆରୀ ୧୯୯୦ରେ ରାଷ୍ଟ୍ରପତି ପୁନଶ୍ଚ ନିଜର ପୂର୍ବ ବିଚାରକୁ ବଦଳାଇ ଏହାକୁ ପୁଣି ଏକମୁଖୀ କରିଦେଲେ। ପରେ ୧ ଅକ୍ଟୋବର ୧୯୯୩ରେ ରାଷ୍ଟ୍ରପତି ପୁଣି ଏହାକୁ ୩ ଜଣିଆ ମଣ୍ଡଳୀରେ ପରିଣତ କରି ମୁଖ୍ୟ ନିର୍ବାଚନ କମିଶନର ଟି.ଏନ୍.ଶେଷାନଙ୍କ ସହ ଆଉ ୨ଜଣ କମିଶନର ଯଥା, ତତ୍‌କାଳୀନ କୃଷି ସଚିବ, ଏମ୍.ଏସ୍,ଗିଲ୍ ଏବଂ ଆଇନ କମିଶନର ସଦସ୍ୟ ଡ଼ି.ଭି.ଜି କୃଷ୍ଣମୂର୍ତ୍ତିଙ୍କୁ ନିଯୁକ୍ତ କରିଥିଲେ। ଏହି ୩ ଜଣିଆ ପରମ୍ପରା ଅଦ୍ୟାବଧି ଚାଲି ଆସୁଅଛି। ଯଦି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବାରେ ଏହି ବହୁମୁଖୀ କମିଶନରେ ମତଭେଦ ହୁଏ, ସେତେବେଳେ "ବହୁମତ"କୁ ବିଚାରକୁ ନେଇ ଚୂଡ଼ାନ୍ତ ନିଷ୍ପତି ଗ୍ରହଣ କରାଯାଏ।

ପଦମର୍ଯ୍ୟାଦା ଦୃଷ୍ଟିରୁ ମୁଖ୍ୟ ନିର୍ବାଚନ କମିଶନର ଏବଂ ଅନ୍ୟ କମିଶନରମାନଙ୍କ ପଦମର୍ଯ୍ୟାଦା ଜଣେ ସୁପ୍ରିମକୋର୍ଟ ଜଜ୍‌ଙ୍କ ସହ ସମାନ। ଏମାନେ ଥରେ ନିଯୁକ୍ତି ପାଇସାରିଲା ପରେ, ଯଦି ଏମାନଙ୍କୁ କାର୍ଯ୍ୟରୁ ଅନ୍ତର କରିବାର ଦରକାର ପଡ଼େ, ତେବେ ଠିକ୍ ଜଣେ ସୁପ୍ରିମ୍‌କୋର୍ଟ ଜଜ୍‌ଙ୍କ ବିଧିବିଧାନ ଭଳି ହୁଏ। ଏମାନଙ୍କର ନିଯୁକ୍ତି ସମୟସୀମା ୬ବର୍ଷ, ଯାହାକି ସେମାନଙ୍କ ନିଯୁକ୍ତି ଦିନଠାରୁ ପରିଗଣିତ ହୁଏ, କିମ୍ବା ସେମାନଙ୍କୁ ୬୫ ବର୍ଷ ହୋଇଯିବ; ଯାହା ପ୍ରଥମେ ଆସିବ, ସେହି କଥାକୁ ବିଚାରକୁ ନିଆଯିବ। ଜଣେ ସୁପ୍ରିମକୋର୍ଟର ଜଜ୍‌ଙ୍କ ଭଳି ଦରମା, ଭତ୍ତା, ସରକାରୀ ବାସଭବନ ଏବଂ ଅନ୍ୟାନ୍ୟ ସୁବିଧାସୁଯୋଗ ସବୁ ରହିଛି। ଏହା ଏକ ସ୍ୱୟଂଶାସିତ ସ୍ୱାଧୀନ ସଂସ୍ଥା ହୋଇଥିବାରୁ, ଏହା ନିରପେକ୍ଷ, ନିର୍ଭୀକ ଏବଂ ବିନାଚାପର ବଶବର୍ତ୍ତୀ ହୋଇ ତା'ର କର୍ତ୍ତବ୍ୟ ସମ୍ପାଦନ କରିଥାଏ।

ନିର୍ବାଚନ ଆୟୋଗରେ ପରିଚାଳନାଗତ ଶୃଙ୍ଖଳା ପାଇଁ ମୁଖ୍ୟ ନିର୍ବାଚନ କମିଶନର, ଅନ୍ୟ ନିର୍ବାଚନ କମିଶନରଙ୍କ ସହ ବହୁ ଅଧିକାରୀ ଥାଆନ୍ତି। ଅଧସ୍ତନ ଅଧିକାରୀମାନଙ୍କ ମଧ୍ୟରେ, ଆଞ୍ଚଳିକ କମିଶନର (Regional Commissioners) ଉପ.ନିର୍ବାଚନ ଆୟୁକ୍ତ (Deputy lection Commissioners) ସେକ୍ରେଟେରୀ, ଅଣ୍ଡର-ସେକ୍ରେଟାରୀ, ରିସର୍ଚ୍ଚ ଅଫିସର ଇତ୍ୟାଦି। କିନ୍ତୁ ଦ୍ୱିତୀୟ ସାଧାରଣ ନିର୍ବାଚନ ପରଠାରୁ ଆଞ୍ଚଳିକ କମିଶନର ପଦକୁ ଉଚ୍ଛେଦ କରାଯାଇଛି। ସଂଘୀୟ ବ୍ୟବସ୍ଥାର ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କରେ ନିର୍ବାଚନର ସୁପରିଚାଳନା ପାଇଁ ଜଣେ ଜଣେ ମୁଖ୍ୟ ନିର୍ବାଚନ ଅଧିକାରୀ (Chief Electoral Officers) ଅଛନ୍ତି। ଏମାନେ କେନ୍ଦ୍ର ନିର୍ବାଚନ ଆୟୋଗ ଦ୍ୱାରା ମନୋନୀତ ହୋଇ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତି ହୋଇଥାନ୍ତି।

ନିର୍ବାଚନ ଆୟୋଗର କ୍ଷମତା ଓ କାର୍ଯ୍ୟାବଳୀ :

ଭାରତୀୟ ସମ୍ବିଧାନ ଅନୁସାରେ, ନିର୍ବାଚନ କମିଶନକୁ ଅନେକ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ସେଗୁଡ଼ିକ ମଧ୍ୟରୁ ମୁଖ୍ୟ କାର୍ଯ୍ୟ ଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଲା :

(କ) ନିର୍ବାଚନ ମଣ୍ଡଳୀଗୁଡ଼ିକର ସୀମା ନିର୍ଦ୍ଧାରଣ
(ଖ) ନିର୍ବାଚକ ନାମାବଳୀର ପ୍ରସ୍ତୁତି
(ଗ) ରାଜନୈତିକ ଦଳଗୁଡ଼ିକୁ ସ୍ୱୀକୃତି ପ୍ରଦାନ ଓ ନିର୍ବାଚନୀ ସଙ୍କେତ ପ୍ରଦାନ
(ଘ) ନାମାଙ୍କନ ପତ୍ରଗୁଡ଼ିକର ଯାଞ୍ଚ
(ଙ) ନିର୍ବାଚନ ପରିଚାଳନା
(ଚ) ନିର୍ବାଚନ ଖର୍ଚ୍ଚ ସମ୍ବନ୍ଧୀୟ କାର୍ଯ୍ୟ

(କ) ନିର୍ବାଚନ ମଣ୍ଡଳୀଗୁଡ଼ିକର ସୀମା ନିର୍ଦ୍ଧାରଣ : ନିର୍ବାଚନର ସୁବିଧା ପାଇଁ ସମଗ୍ର ଦେଶକୁ କେତେଗୁଡ଼ିଏ ନିର୍ବାଚନ ମଣ୍ଡଳୀରେ ବିଭକ୍ତ କରାଯାଇଛି । ଏହା ଏକ କମିଶନ ଦ୍ୱାରା ବେଳକୁ ବେଳ ନିର୍ଦ୍ଧାରିତ ହୋଇଥାଏ । ନିର୍ବାଚନ କମିଶନ ଜିଲ୍ଲା ଅନୁଯାୟୀ ପ୍ରତ୍ୟେକ ରାଜ୍ୟଗୁଡ଼ିକରେ ପ୍ରତିନିଧିମାନଙ୍କ ଅଧିକୃତ ପରିସର ନିର୍ଦ୍ଧାରିତ କରିବାକୁ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥାନ୍ତି । ସଂସଦର ୧୯୫୨ ମସିହାର ଆଇନ୍ ଅନୁଯାୟୀ ସୀମା ନିର୍ଦ୍ଧାରଣ କମିଶନ ଏକ ତିନି ଜଣିଆ ସଦସ୍ୟ ବିଶିଷ୍ଟ ଅଟନ୍ତି । ଏମାନଙ୍କ ମଧ୍ୟରୁ ୨ ଜଣ ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ ହୋଇଥାନ୍ତି । ଏମାନେ ସୁପ୍ରିମ୍‌କୋର୍ଟ କିମ୍ବା ହାଇକୋର୍ଟର କାର୍ଯ୍ୟରତ ବା କାର୍ଯ୍ୟରହିତ ଜଜ୍ ହୋଇଥାନ୍ତି ଏବଂ ଏମାନଙ୍କ ସହ ମୁଖ୍ୟ ନିର୍ବାଚନ କମିଶନର ବି ସାମିଲ ହୋଇଥାନ୍ତି ।

(ଖ) ନିର୍ବାଚନ ନାମାବଳୀର ପ୍ରସ୍ତୁତି : ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥା ମୁଖ୍ୟ କାର୍ଯ୍ୟ ହେଲା ଭୋଟରଲିଷ୍ଟ ପ୍ରସ୍ତୁତିକରଣ । ଦେଶର ସାବାଳକମାନେ, ଯେଉଁମାନେ କି ୧୮ ବର୍ଷରୁ ଉର୍ଦ୍ଧ୍ୱ ବା ୧୮ ବର୍ଷର ହୋଇଥିବେ, ସେମାନଙ୍କୁ ଏହି ତାଲିକାରେ ବେଳକୁ ବେଳ ପଞ୍ଜିକୃତ କରି, ସେମାନଙ୍କର ପରିଚୟ ପତ୍ର ପ୍ରଦାନ କରିବା ଏବଂ ସାଧାରଣ ନିର୍ବାଚନ ବ୍ୟତୀତ ଅନ୍ୟ ନିର୍ବାଚନ ଗୁଡ଼ିକରେ ମଧ୍ୟ ନିର୍ବାଚକମାନଙ୍କ ନାମ ପଞ୍ଜିକୃତ କରିବା ମଧ୍ୟ ଏହାର କାମ ।

(ଗ) ରାଜନୈତିକ ଦଳଗୁଡ଼ିକୁ ସ୍ୱୀକୃତି ପ୍ରଦାନ ଓ ନିର୍ବାଚନୀ ସଙ୍କେତ ପ୍ରଦାନ : ଜନ ପ୍ରତିନିଧି ଆଇନ ୧୯୫୧ର ଏକ ସଂଶୋଧିତ ପ୍ରସ୍ତାବ ଅନୁଯାୟୀ, ଏହାର ୨୯ ଧାରାରେ, ସମସ୍ତ ରାଜନୈତିକ ଦଳଗୁଡ଼ିକ ପଞ୍ଜିକୃତ ହେବାକୁ ବାଧ କରାଯାଇଛି । ଯାହାକୁ କେବଳ ଏହି ନିର୍ବାଚନ କମିଶନ ହିଁ କରିପାରିବ । ଏହି ବ୍ୟବସ୍ଥା ୧୫ ଜୁନ୍ ୧୯୮୯ରେ କାର୍ଯ୍ୟକାରୀ ହେଲା । ଏହାର ଅନ୍ୟଏକ କାର୍ଯ୍ୟହେଲା, ପ୍ରତ୍ୟେକ ଦଳକୁ ଜାତୀୟ ଦଳ ଅଥବା ଆଞ୍ଚଳିକ ଦଳ ବୋଲି ପ୍ରଭେଦ ଦର୍ଶାଇ ପାରିବ ।

ରାଜନୈତିକ ଦଳଗୁଡ଼ିକୁ ନିର୍ବାଚନ କମିଶନ ବିଭିନ୍ନ ନିର୍ବାଚନୀ ସଙ୍କେତ ମଧ୍ୟ ପ୍ରଦାନ କରିଥାଏ । କେତେକ ଦଳକୁ ସ୍ଥାୟୀ ସଙ୍କେତ ଏବଂ କେତେକ ଦଳକୁ ଅସ୍ଥାୟୀ ସଙ୍କେତ ମଧ୍ୟ ପ୍ରଦାନ କରିଥାଏ । ଏହି ସଙ୍କେତ ସମ୍ବନ୍ଧୀୟ ବିଭିନ୍ନ ବିଭାଜିତ ରାଜନୈତିକ ଦଳଗୁଡ଼ିକର ବିବାଦକୁ ମଧ୍ୟ ଏହା ସମାଧାନ କରିଥାଏ ।

(ଘ) ନାମାଙ୍କନ ପତ୍ରଗୁଡ଼ିକର ଯାଞ୍ଚ : ନିର୍ବାଚନ ସମୟରେ ପ୍ରତ୍ୟେକ ପ୍ରାର୍ଥୀଙ୍କର ନାମାଙ୍କନ ପତ୍ରଗୁଡ଼ିକୁ ମଧ୍ୟ ଏହା ଯାଞ୍ଚକରି ଏହାର ବୈଧତାକୁ ବିଚାରକୁ ନେଇ ଗ୍ରହଣ କରିଥାଏ ଓ କିଛି ତ୍ରୁଟି ଯଦି ପରିଲକ୍ଷିତ ହେଲା, ତେବେ ପ୍ରାର୍ଥୀ ପତ୍ର ମଧ୍ୟ ନାକଚ କରିଥାଏ। ଏଥିପାଇଁ ନିଯୁକ୍ତ ରିଟର୍ଣ୍ଣିଂ ଅଫିସରମାନେ ପ୍ରାର୍ଥୀଙ୍କର ଯୋଗ୍ୟତା, ଅମାନତ ଜମା, ନିର୍ବାଚନ ସଙ୍କେତ ଏବଂ ପ୍ରସ୍ତାବନାମାନଙ୍କର ସତ୍ୟତାକୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିଥାନ୍ତି।

(ଙ) ନିର୍ବାଚନ ପରିଚାଳନା : ସମଗ୍ର ଭାରତରେ ସୁଚାରୁରୂପେ ନିର୍ବାଚନ ପରିଚାଳନା କରିବା ହେଉଛି, କମିଶନର ମୁଖ୍ୟକାର୍ଯ୍ୟ। ସଂସଦୀୟ ନିର୍ବାଚନ ଏବଂ ବିଧାନସଭା ନିର୍ବାଚନ ଗୁଡ଼ିକରେ କ୍ଷମତାପ୍ରାପ୍ତ ରିଟର୍ଣ୍ଣିଂ ଅଫିସରମାନେ, ନିର୍ବାଚନ କିମଶନଙ୍କଠାରୁ ପୂର୍ବ ଅନୁମତି ନେଇ ନିର୍ବାଚନ ସମ୍ପର୍କୀୟ ସମସ୍ତ ବନ୍ଦୋବସ୍ତ କରିଥାନ୍ତି। ବେଳେବେଳେ ଆବଶ୍ୟକ ପଡ଼ିଲେ ନିର୍ବାଚନମଣ୍ଡଳୀ ଗୁଡ଼ିକରେ ପୁନଃ ନିର୍ବାଚନ ବି କରିପାରନ୍ତି। ଯଦି ନିର୍ବାଚନ ସମୟରେ ଗଣ୍ଡଗୋଳ ଘଟେ, ଭୋଟ ବୁଥ୍ ଗୁଡ଼ିକୁ ଜବର ଦଖଲ କରାଯାଏ, ଅସାଧୁ ଉପାୟରେ ଭୋଟଦାନ ହେଉଥାଏ କିମ୍ବା ଗଣତିରେ ତ୍ରୁଟି ପରିଲକ୍ଷିତ ହୁଏ, ସେପରି ସ୍ଥଳେ ପୁନଃ ନିର୍ବାଚନର ଆବଶ୍ୟକତା ପଡ଼େ। ବେଳେବେଳେ ଭୋଟ ଗ୍ରହଣକୁ ବନ୍ଦ କରିବାକୁ ମଧ୍ୟ ଏହା ନିର୍ଦ୍ଦେଶ ଦେଇଥାଏ।

(ଚ) ନିର୍ବାଚନ ଖର୍ଚ୍ଚ ସମ୍ବନ୍ଧୀୟ କାର୍ଯ୍ୟ : ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ସମସ୍ତ ପ୍ରାର୍ଥୀମାନଙ୍କର ନିର୍ବାଚନୀ ଖର୍ଚ୍ଚକୁ ଯାଞ୍ଚ କରିବାର ଏବଂ ନିର୍ବାଚନ ଆଚରଣ ବିଧି ପାଳନ କରିବାର ଅଧିକାର, ନିର୍ବାଚନ କମିଶନରଙ୍କର ରହିଛି। ନିର୍ବାଚନ ଫଳ ପ୍ରକାଶ ପରେ ପରେ ପ୍ରତ୍ୟେକ ପ୍ରାର୍ଥୀ ସେମାନଙ୍କର ଖର୍ଚ୍ଚ ତାଲିକା ନିର୍ବାଚନ କମିଶନକୁ ଦେବାର ବ୍ୟବସ୍ଥା ରହିଛି। ନାମାଙ୍କନ ପତ୍ର ଦାଖଲର ୧୦ଦିନ ମଧ୍ୟରେ ରିଟର୍ଣ୍ଣିଂ ଅଫିସରମାନେ, ଆଇନର ପରିସରଭୁକ୍ତ ବ୍ୟବସ୍ଥା ମଧ୍ୟରେ ପ୍ରତ୍ୟେକ ପ୍ରାର୍ଥୀମାନଙ୍କର ବିଶଦ ବିବରଣ ନିର୍ବାଚନ କମିଶନକୁ ଦେବା ଦରକାର। ନିର୍ବାଚନ ସମୟରେ ଆଚରଣ ବିଧି ଗୁଡ଼ିକ ଯେପରି ସଂପୂର୍ଣ୍ଣ ରୂପେ ପାଳିତ ହେବ, ତାର ତଦାରଖ କରିବା ହେଉଛି କମିଶନର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ।

ଅବାଧ ଓ ସ୍ୱଚ୍ଛ ନିର୍ବାଚନ ପ୍ରତି ଆହ୍ୱାନ :

ପ୍ରତ୍ୟେକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଅବାଧ ଓ ସ୍ୱଚ୍ଛ ନିର୍ବାଚନ ପାଇଁ ଆଇନ ପ୍ରଣୟନ କରାଯାଇଥିଲେ ମଧ୍ୟ ଏଥିରେ ଅନେକ ସମସ୍ୟା ସୃଷ୍ଟି ହେଉଛି। ନିର୍ବାଚନ ପ୍ରକ୍ରିୟାରେ ଅନେକ ବାଧାବିଘ୍ନ ଓ ବିପଦ ସୃଷ୍ଟି ହେଉଛି। ବିଶେଷ କରି ବଡ ଗଣତାନ୍ତ୍ରିକ ରାଷ୍ଟ୍ର ଓ ବିକାଶଶୀଳ ରାଷ୍ଟ୍ରମାନଙ୍କରେ ନିର୍ବାଚନ ସମସ୍ୟାବହୁଳ ହୋଇଉଠିଛି। ଆମ ଦେଶର ନିର୍ବାଚନ ପ୍ରକ୍ରିୟାକୁ ଅନୁଧ୍ୟାନ କଲେ ଆମେ ଏହା ଲକ୍ଷ୍ୟ କରିପାରିବା ଏବଂ ଏହି ସମସ୍ୟା ଅଳ୍ପ ବହୁତେ ଅନ୍ୟାନ୍ୟ ଗଣତନ୍ତ୍ରରେ ମଧ୍ୟ ଉପଲବ୍ଧ।

୧. ସବୁଠାରୁ ବଡ ଆହ୍ୱାନ ହେଉଛି ରାଜନୀତିରେ ଅପରାଧୀକରଣ। ଅନେକ ଅପରାଧୀ ଦଳୀୟ ଟିକେଟ ମଧ୍ୟ ପାଇବାରେ ସକ୍ଷମ ହେଉଛନ୍ତି ଓ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେଉଛନ୍ତି। ଅନେକ ରାଜନୈତିକ ବ୍ୟକ୍ତିମାନଙ୍କର ଅପରାଧୀ ସମର୍ଥକ ଅଛନ୍ତି ଏବଂ ଲୋକମାନଙ୍କୁ ଭୟଭୀତ କରାଇ ଭୋଟ ପାଇବାରେ ସକ୍ଷମ ହେଉଛନ୍ତି। ଏହା ସ୍ୱଚ୍ଛ ନିର୍ବାଚନରେ ଏକ ପ୍ରତିବନ୍ଧକ।

୨. ଅର୍ଥବଳ ବର୍ତ୍ତମାନ ନିର୍ବାଚନ ପ୍ରକ୍ରିୟାକୁ ଦୂଷିତ କରୁଛି। ଏହା ଅବାଧ ନିର୍ବାଚନ ପ୍ରତି ଆଉ ଏକ ଆହ୍ୱାନ। ଅନେକ ସମାଲୋଚକଙ୍କ ମତରେ ଭୋଟରମାନଙ୍କର ଦାରିଦ୍ର୍ୟ ଓ ଅଜ୍ଞତାର ସୁଯୋଗ ନେଇ ସେମାନଙ୍କୁ

ଅର୍ଥଲୋଭ ଦେଖାଇ ଅନେକ ପ୍ରାର୍ଥୀ ନିଜ ସପକ୍ଷରେ ଭୋଟ ଆଣିବାକୁ ସମର୍ଥ ହେଉଛନ୍ତି । ଏହାଦ୍ୱାରା ଭୋଟରମାନଙ୍କର ପ୍ରକୃତ ମତଦାନ ହୋଇପାରୁନାହିଁ ।

୩. ଅନେକ କ୍ଷେତ୍ରରେ ରାଜନୀତି କ୍ଷେତ୍ରରେ କିଛି ପରିବାର ପ୍ରଭାବ ବିସ୍ତାର କରୁଛନ୍ତି ଏବଂ ଭୋଟରମାନଙ୍କର ମତକୁ ଅବାଞ୍ଛିତ ଭାବରେ ପ୍ରଭାବିତ କରୁଛନ୍ତି । ଏହା ଅବାଧ ନିର୍ବାଚନର ପରିପନ୍ଥୀ ।

୪. ଅନେକ ସମୟରେ ରାଜନୈତିକ ପଦପଦବୀରେ ଥିବା ବ୍ୟକ୍ତିମାନେ ସେମାନଙ୍କ ପଦବୀର ଦୁରୂପଯୋଗ କରୁଛନ୍ତି ଏବଂ ଏଥିରେ ସେମାନଙ୍କୁ କିଛି ଅସାଧୁ ପଦାଧିକାରୀ ସହାୟତା ଦେଉଛନ୍ତି । ବିଭିନ୍ନ ମିଥ୍ୟା ପ୍ରତିଶ୍ରୁତି ଦେଇ ସେମାନେ ଭୋଟରମାନଙ୍କୁ ନିଜ ସପକ୍ଷରେ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି । ଏଣୁ ନିର୍ବାଚନ କ୍ଷେତ୍ରରେ ଏହା ସମସ୍ୟା ସୃଷ୍ଟି କରୁଛି ।

୫. ବଡ ବଡ ରାଜନୈତିକ ଦଳ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଓ ଶିଳ୍ପ ସଂସ୍ଥାମାନଙ୍କ ଠାରୁ ନିର୍ବାଚନ ଲଢିବା ପାଇଁ ପାଣ୍ଠି ସଂଗ୍ରହ କରୁଛନ୍ତି । ଏହି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ନିର୍ବାଚନରେ ତାଙ୍କର ସମର୍ଥିତ ଦଳ ବିଜୟୀ ହେଲେ ଫାଇଦା ନେବା ପାଇଁ ମସୁଧା କରୁଛନ୍ତି । ଏହାଦ୍ୱାରା ନିର୍ବାଚନ କ୍ଷେତ୍ରରେ ଅସାଧୁତା ଓ ଅନୈତିକତାର ବୃଦ୍ଧି ଘଟୁଛି । ଏହାଦ୍ୱାରା ଛୋଟ ଛୋଟ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନଙ୍କ ପାଇଁ ସମସ୍ୟା ମଧ୍ୟ ଉପୁଜୁଛି । କାରଣ ନିର୍ବାଚନ ଲଢ଼ିବା ପାଇଁ ଯଥେଷ୍ଟ ପାଣ୍ଠି ଏମାନଙ୍କ ପାଖରେ ରହୁନାହିଁ ।

୬. ଆମେ ଅନୁଧ୍ୟାନ କଲେ ଜାଣିପାରିବା ଯେ ଏବେ ଅନେକ ବଡ ବଡ ରାଜନୈତିକ ଦଳମାନଙ୍କର ନୀତି ଓ ଆଚରଣ ପ୍ରାୟ ଏକ ପ୍ରକାରର । ଏଣୁ ଭୋଟରମାନଙ୍କ ପାଇଁ ଦଳ ଦଳ ମଧ୍ୟରେ ବିଶେଷ ପାର୍ଥକ୍ୟ ରହୁନାହିଁ । ଏଣୁ ନିର୍ବାଚନରେ ସେମାନଙ୍କ ପାଇଁ ପସନ୍ଦ ସୀମିତ ହୋଇଯାଉଅଛି ।

୭. ଏବେ ଦେଖାଯାଉଛି ଯେ ନିର୍ବାଚନରେ ଛୋଟ ବଡ ଦଳର ପ୍ରାର୍ଥୀ ଓ ଅନେକ ସ୍ୱାଧୀନ ପ୍ରାର୍ଥୀ ଲଢୁଛନ୍ତି । ଏଣୁ ପ୍ରତିଦ୍ୱନ୍ଦୀଙ୍କ ସଂଖ୍ୟା ସମୟେ ସମୟେ ଏତେ ଅଧିକ ହୋଇଯାଉଛି ।

୮. ବେଳେବେଳେ ଅନେକ ଅଯତ୍ନଶୀଳ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରନ୍ତି । ସେମାନେ ନିର୍ବାଚନର ଗାମ୍ଭୀର୍ଯ୍ୟ ନଷ୍ଟ କରନ୍ତି ।

୯. ତ୍ରୁଟିପୂର୍ଣ୍ଣ ଭୋଟର ତାଲିକା ମଧ୍ୟ ନିର୍ବାଚନ ପାଇଁ ସମସ୍ୟା ସୃଷ୍ଟିକରେ । ଅନେକ ଯୋଗ୍ୟ ଭୋଟର ବେଳେବେଳେ ଏହି ତାଲିକାରୁ ବାଦ ପଡିଯାଆନ୍ତି । ବେଳେବେଳେ ଲକ୍ଷ୍ୟ କରାଯାଏ, କ୍ଷମତାସୀନ ଦଳ ତା'ର ପ୍ରଭାବ ଯୋଗୁ ବିପକ୍ଷ ଦଳକୁ ଅସୁବିଧାରେ ପକାଇବା ପାଇଁ ଏପରି ତାଲିକା କରିବା ପାଇଁ ତାଲିକା ପ୍ରସ୍ତୁତକାରୀ କର୍ମଚାରୀଙ୍କ ଉପରେ ଚାପ ପକାଇଥାନ୍ତି ।

୧୦. ଅଜ୍ଞତା ହେତୁ ବା ବିମୁଖତା ହେତୁ ଅନେକ ବ୍ୟକ୍ତି ଭୋଟଦାନରୁ ବିରତ ରୁହନ୍ତି । ଏଣୁ ଅନେକ ନିର୍ବାଚନରେ ମତଦାନର ହାର ହ୍ରାସ ହେବା ଲକ୍ଷ୍ୟ କରାଯାଏ । ଅଳ୍ପ ସଂଖ୍ୟକ ଭୋଟର ଭୋଟ ଦେଲେ ଗଣତନ୍ତ୍ରରେ ନିର୍ବାଚନ ତା'ର ଲକ୍ଷ୍ୟ ହାସଲ କରିପାରେ ନାହିଁ ।

୧୧. ଏବେ ଅନେକ ସରକାର ମିଶ୍ରିତ ସରକାର । ମିଶ୍ରିତ ସରକାର ସ୍ଥାୟୀତ୍ୱ ବିପଦସଙ୍କୁଳ । ଏଥିରେ ବାରମ୍ବାର ସରକାର ଭାଙ୍ଗେ ଏବଂ ଦେଶରେ ନିର୍ବାଚନ ବାରମ୍ବାର ହୋଇଥାଏ । ଏହା ମତଦାତା ମଧ୍ୟରେ ନିର୍ବାଚନ କ୍ଳାନ୍ତି ସୃଷ୍ଟି କରେ ।

୧୨. ଏବେ ଧର୍ମ ଓ ଜାତି ରାଜନୀତିରେ ଅବାଞ୍ଛିତ ଭୂମିକା ଗ୍ରହଣ କରୁଛି । ଏହି ପ୍ରଭାବ ନିର୍ବାଚନର ପ୍ରକୃତ ଉଦ୍ଦେଶ୍ୟ ସାଧନରେ କୁଠାରଘାତ କରୁଛି ଓ ଭୋଟରମାନଙ୍କୁ ଅବାଧ, ନିରପେକ୍ଷ ଭୋଟଦାନରୁ ନିବୃତ୍ତ କରୁଛି । ଧର୍ମାନ୍ଧତା ଓ ଜାତିଆଣ ଭାବନା ଯୋଗ୍ୟ ଭୋଟର ଯୋଗ୍ୟ ପ୍ରାର୍ଥୀଙ୍କୁ ଭୋଟ ନ ଦେଇ ନିଜ ଧର୍ମ ବା ଜାତିର ପ୍ରାର୍ଥୀ ପ୍ରତି ସମର୍ଥନ ଜଣାଉଛି । ଏହା ନିର୍ବାଚନର ଆଉ ଏକ ଆହ୍ୱାନ ।

୧୩. ରାଜନୈତିକ ଦଳ ଓ ଅସାଧୁ ବ୍ୟକ୍ତିଙ୍କ ପ୍ରରୋଚନାରୁ ଓ ତ୍ରୁଟିପୂର୍ଣ୍ଣ ଭୋଟର ତାଲିକା ହେତୁ ଭୋଟ ଜାଲିଆତି ବଢିଯାଇଛି । ଜଣେ ଆଉ ଜଣଙ୍କ ପାଇଁ ଭୋଟ ଦେବାରେ ସକ୍ଷମ ହେଉଛି ।

୧୪. ବାହୁବଳ, ଅର୍ଥବଳ ପ୍ରୟୋଗରେ ବେଳେବେଳେ କିଛି ରାଜନୈତିକ ଦଳ ନିର୍ବାଚନ ସମୟରେ ପୋଲିଂ ବୁଥ୍‌କୁ ନିଜର କବଳରେ ରଖନ୍ତି (Booth Capturing) । ଅସାଧୁ କ୍ଷମତାସୀନ ଦଳ ଏ ପ୍ରକାରର କାର୍ଯ୍ୟରେ ଲିପ୍ତ ହେବାର ସମ୍ଭାବନା ଅଧିକ । ଏଥିରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ବ୍ୟାଘାତ ସୃଷ୍ଟି ହୁଏ ଓ ପ୍ରକୃତ ଜନମତକୁ ପ୍ରକାଶିତ ହେବାକୁ ଦିଆଯାଏନାହିଁ ।

୧୫. ଏବେ ନକ୍ସଲ୍ ଉପଦୃତ ଓ ମାଓବାଦୀ ପ୍ରବଣ ଇଲାକାରେ ହିଂସାତ୍ମକ କାର୍ଯ୍ୟକଳାପ ଯୋଗୁଁ ନିର୍ବାଚନ କରାଇବାରେ ନିର୍ବାଚନ ଆୟୋଗକୁ ଅନେକ କଷ୍ଟ ସ୍ୱୀକାର କରିବାକୁ ପଡୁଛି ।

ଆଜିର ଗଣତନ୍ତ୍ରରେ ଅବାଧ ଓ ସ୍ୱଚ୍ଛ ନିର୍ବାଚନ ପରିଚାଳନାରେ ଏଗୁଡ଼ିକ ହେଉଛି ଆହ୍ୱାନ ଏବଂ ଏହାର ମୁକାବିଲା କରିବା ପାଇଁ ପ୍ରତ୍ୟେକ ଗଣତାନ୍ତ୍ରିକ ରାଷ୍ଟ୍ର ଉଦ୍ୟମ କରିବା ଆବଶ୍ୟକ ।

ନିର୍ବାଚନ ଗଣତନ୍ତ୍ରର ମୂଳପିଣ୍ଡ । ଏହି ପ୍ରକ୍ରିୟା ମାଧ୍ୟମରେ ଜନମତର ପରିପ୍ରକାଶ ହୋଇଥାଏ । ଏଣୁ ପ୍ରତ୍ୟେକ ଗଣତନ୍ତ୍ର ନିର୍ବାଚନ ପ୍ରକ୍ରିୟାକୁ ତ୍ରୁଟିଶୂନ୍ୟ କରିବା ଦରକାର ଓ ନିର୍ବାଚନ ପରିଚାଳନା କରୁଥିବା ସଂସ୍ଥାକୁ ସ୍ୱଚ୍ଛ ଓ ନିରପେକ୍ଷ ରଖିବା ଆବଶ୍ୟକ । ନିର୍ବାଚନ ଯେତିକି ଅବାଧ, ଶୃଙ୍ଖଳିତ ଓ ନିରପେକ୍ଷ ହେବ, ଗଣତନ୍ତ୍ର ସେତିକି ସୁଦୃଢ଼ ରହିବ ।

ନିର୍ବାଚନୀ ସଂସ୍କାର (Electoral Reforms) :

ନିର୍ବାଚନ ପରିପ୍ରେକ୍ଷୀରେ, କେତେଗୁଡ଼ିଏ ସଂସ୍କାର ଆଣିବାକୁ ଉଭୟ ବୁଦ୍ଧିଜୀବି ଏବଂ ସାଧାରଣ ନାଗରିକଙ୍କ ମହଲରେ ଅନେକ ଦାବୀ ଉପସ୍ଥାପିତ ହୋଇଥାଏ । ନିର୍ବାଚନ ଯେପରି ନିର୍ବିବାଦୀୟ, ଦୁର୍ନୀତିମୁକ୍ତ, ଅବାଧ ଏବଂ ନିରପେକ୍ଷ ହୋଇପାରିବ ସେଥିପାଇଁ ସଂସଦରେ ବିଭିନ୍ନ ଆଇନ୍ ପାଶ୍ କରାଇ ଶାସନ କଳକୁ ସଜାଗ ଓ ସଚେତନ ରଖିବା ଦରକାର । ନିମ୍ନରେ କେତେଗୁଡ଼ିଏ ସଂସ୍କାରର ଅବତାରଣା କରାଗଲା –

(କ) ନିର୍ବାଚନ ରାଜନୀତିରେ ଅର୍ଥର ଅପବ୍ୟବହାର ଚରମ ସୀମାକୁ ଟପିଯାଇଛି । ପ୍ରତ୍ୟେକ ରାଜନୈତିକ ଦଳ ପୁଞ୍ଜିପତିମାନଙ୍କ ଆଡ଼କୁ ଢ଼ଳି ସେମାନଙ୍କ ଅର୍ଥରେ ନିର୍ବାଚନ ଲଢୁଛନ୍ତି । କ୍ଷମତାରେ ଥିବା ଦଳ, ନିଜ କ୍ଷମତାର ଅପବ୍ୟବହାର କରି ପ୍ରଭୁତ ଅର୍ଥ ନିର୍ବାଚନରେ ଖର୍ଚ୍ଚ କରିବାକୁ ସୁଯୋଗ ପାଉଛନ୍ତି; ଯେଉଁଠି ଅନ୍ୟ ଦଳମାନେ ପାଇପାରୁ ନାହାଁନ୍ତି । ତେଣୁ ନିର୍ବାଚନ ସମୟରେ ଅର୍ଥର ଏହି କଳାବଜାରୀ ସଂପୂର୍ଣ୍ଣ ବନ୍ଦ ହେବା ଦରକାର ।

(ଖ) ଲୋକସଭା ନିର୍ବାଚନରେ କେତେକ ପ୍ରାର୍ଥୀ ଅଳ୍ପମତ ବ୍ୟବଧାନରେ ନିର୍ବାଚିତ ହୋଇ ଆସୁଛନ୍ତି । ଏହି ପ୍ରକ୍ରିୟାରେ ସେମାନେ ପ୍ରକୃତ ଜନସାଧାରଣଙ୍କର ପୂର୍ଣ୍ଣ ବହୁମତ ନେଇ ନିର୍ବାଚିତ ହେଉ

ନାହାଁନ୍ତି । ଏ କ୍ଷେତ୍ରରେ ଅନୁପାତିକ ଭୋଟ ବ୍ୟବସ୍ଥା ହେବା ଦରକାର । ପ୍ରତିନିଧିମାନେ ଯେପରି ଅଳ୍ପ ସଂଖ୍ୟକ ବର୍ଗ, ଆଞ୍ଚଳିକ ବର୍ଗ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବର୍ଗଙ୍କର ସଠିକ୍ ପ୍ରତିନିଧିତ୍ୱ କରୁଥିବେ ।

(ଗ) ନିର୍ବାଚନ ସମୟରେ ଦଳଗୁଡ଼ିକ ମନଇଚ୍ଛା ଅର୍ଥ ଖର୍ଚ୍ଚ କରୁଥିବାରୁ, ସେମାନଙ୍କ ଉପରେ କଟକଣା ଜାରିକରି ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଖର୍ଚ୍ଚ ପାଇଁ ବ୍ୟବସ୍ଥା ହେବା ଦରକାର, ଯାହା ସମୟାନୁସାରେ ପରିବର୍ତ୍ତିତ ହୋଇ ଚାଲିଥିବ ।

(ଘ) ରାଜନୈତିକ ଦଳଗୁଡ଼ିକର ଖର୍ଚ୍ଚଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ତଦାରଖ (audit) ହେବା ଦରକାର ଏବଂ ଏହାର ପରିମାଣକୁ ସର୍ବସାଧାରଣରେ ପ୍ରକାଶ କରାଯିବା ଦରକାର । ଯେଉଁଦଳ ଏହାକୁ ପ୍ରକାଶ କରିବାରେ ବ୍ୟର୍ଥ ହେବ, ନିର୍ବାଚନ କମିଶନ ସେହି ଦଳର ପ୍ରାର୍ଥୀମାନଙ୍କର ନିର୍ବାଚନ ଲଢ଼ିବା ଅଧିକାରକୁ ରଦ୍ଦ କରିଦେବେ ।

(ଙ) ଭୋଟରମାନଙ୍କୁ ବାଧ୍ୟତାମୂଳକ ଭାବରେ ପରିଚୟ ପତ୍ର ପ୍ରଦାନ କରାଯିବ । ପରିଚୟ ପତ୍ରରେ ସେମାନଙ୍କର ବର୍ତ୍ତମାନର ଫଟୋଗ୍ରାଫ୍ ବି ଥିବ । ବିନା ପରିଚୟ ପତ୍ରରେ କୌଣସି ନାଗରିକ, ସାବାଳକ ଥାଇ ମଧ୍ୟ ଭୋଟ ଦାନ କରିପାରିବେ ନାହିଁ । ଭୋଟର ପରିଚୟ ପତ୍ର ବ୍ୟତୀତ, ଅନ୍ୟ ପରିଚୟ ମଧ୍ୟ ଏଥିପାଇଁ ବ୍ୟବହାର କରାଯାଇ ପାରିବ ।

(ଚ) ବିପୁଳ ସଂଖ୍ୟାରେ ଭୋଟଦାନ କରିବାକୁ ନାଗରିକମାନଙ୍କୁ ଉତ୍ସାହିତ କରାଯିବା ଦରକାର । ଏଥିପାଇଁ ବହୁତ ବୁଥ୍ ଗଠନ କରାଯାଇ, ବହୁତ ପର୍ଯ୍ୟବେକ୍ଷକ (observer) ନିଯୁକ୍ତ କରାଯିବା ଦରକାର । ନିର୍ବାଚନ ଅଧିକାରୀମାନେ ମାଜିଷ୍ଟ୍ରେଟଙ୍କ ପାହ୍ୟାର କ୍ଷମତା ପାଇବା ଦରକାର, ଯାହାକି ନିର୍ବାଚନ ଗଣ୍ଡଗୋଳ ସମୟରେ ସେମାନେ ପ୍ରୟୋଗ କରି ପରିସ୍ଥିତିକୁ ଶାନ୍ତ କରିବାକୁ ସକ୍ଷମ ହେବେ ।

(ଛ) କେହିକେହି ମତବ୍ୟକ୍ତ କରନ୍ତି ଯେ, ରାଜ୍ୟ ବିଧାନସଭା ନିର୍ବାଚନ ସମୟରେ ସେହି ରାଜ୍ୟରେ ଆଗ ରାଷ୍ଟ୍ରପତି ଶାସନ ଜାରିକରି ତା' ପରେ ନିର୍ବାଚନ ହେବା ଉଚିତ । ଏହାଦ୍ୱାରା ସରକାରୀକଳର ଅପବ୍ୟବହାରକୁ ରୋକାଯାଇ ପାରିବ ।

(ଜ) ଭୋଟିଂ ସମୟରେ ସଶସ୍ତ୍ର ବାହିନୀ, ସ୍ଥାନୀୟ ଲୋକମାନଙ୍କ ସହଯୋଗ, ପୋଲିସ୍, ନିର୍ବାଚନ ଅଧିକାରୀ; ଏମାନଙ୍କ ମଧ୍ୟରେ ସମନ୍ୱୟ ରଖାଯାଇ, ସମସ୍ତଙ୍କୁ ସତର୍କ କରାଯିବା ଦରକାର ।

(ଝ) ନିର୍ବାଚନକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ବୋଲି ଗ୍ରହଣ କରାଯାଇ, ପ୍ରାର୍ଥୀମାନଙ୍କର ନିର୍ବାଚନୀ ଅମାନତ (Security deposit), ପ୍ରସ୍ତାବକ (Proposers to the Candidates), ଆଦିକୁ ବୃଦ୍ଧି କରାଯିବା ଆବଶ୍ୟକ । ନିର୍ବାଚନ ଆଇନ୍‌କୁ ଅତ୍ୟନ୍ତ କଠୋର କରାଯିବା ଉଚିତ ।

(ଞ) ନିର୍ବାଚନ ପ୍ରଚାର ପାଇଁ ଉଭୟ ପ୍ରେସ୍ ଏବଂ Electronic ଗଣମାଧ୍ୟମର ସଦୁପଯୋଗ ହେବା ଦରକାର । ଏଥିପାଇଁ ପ୍ରତ୍ୟେକ ରାଜନୈତିକ ଦଳ ସମାନ ସୁବିଧା ସୁଯୋଗ ପାଇବା ଦରକାର । ଏହାଦ୍ୱାରା ଶାସନ କ୍ଷମତାରେ ଥିବା ଦଳ ଯେପରି ଲୋକମାନଙ୍କୁ ପ୍ରଲୋଭିତ ନକରେ, ସେଥିପାଇଁ ସେମାନଙ୍କ ଭାଷଣ ଗୁଡ଼ିକ ଆଗୁଆ ଯାଞ୍ଚ ହେବା ଆବଶ୍ୟକ ।

ବିଗତ ବର୍ଷମାନଙ୍କରେ ନିର୍ବାଚନ ପରିଚାଳନାକୁ ନେଇ ବହୁ ବାଦବିସମ୍ବାଦ ସତ୍ତ୍ୱେ, ଭାରତୀୟ ଗଣତନ୍ତ୍ରରେ ନିର୍ବାଚନ କମିଶନ ଏକ ମର୍ଯ୍ୟାଦାବନ୍ତ ଏବଂ ସାମ୍ବିଧାନିକ ସଂସ୍ଥାର ମାନ୍ୟତା ପାଇ ଆସିଛି। ନିର୍ବାଚନ ସମ୍ପର୍କୀୟ ସମସ୍ତ ବ୍ୟାପାରରେ ଏହା ଅଖଣ୍ଡ କ୍ଷମତାର ଅଧିକାରୀ। ଏବେର ୩ ଜଣିଆ କମିଶନଙ୍କ ନିଷ୍ପତି ଏଥିପାଇଁ ଚୂଡ଼ାନ୍ତ ବୋଲି ସର୍ବଦା ଗ୍ରହଣୀୟ। ଏହାର ମୁଖ୍ୟ କର୍ତ୍ତବ୍ୟ ହେଲା, ଜନସାଧାରଣଙ୍କର ବିଶ୍ୱାସ ଭାଜନ ହୋଇ ସର୍ବଦା ଦଳମତ ନିର୍ବିଶେଷରେ ନିରପେକ୍ଷ ତଥା ନିର୍ଭୀକ ଭାବେ କାମ କରିଚାଲିବା। ସେଥିପାଇଁ ସରକାରୀ ସାହାଯ୍ୟ ବି ଦରକାର। ନିର୍ବାଚନ ସମୟରେ ଲୋକଙ୍କୁ ଭୟଭୀତ କରୁଥିବା ଲୋକ, ବୁଥ୍ ଜବରଦଖଲ, ଦୁର୍ନୀତି ପ୍ରତିକାର ପାଇଁ କମିଶନକୁ ସରକାରୀ ଶାସନ କଳର ସାହାଯ୍ୟ ଏକାନ୍ତ ଅପରିହାର୍ଯ୍ୟ।

ସଂକ୍ଷିପ୍ତ ସୂଚନା

- ବର୍ତ୍ତମାନ ବିଶ୍ୱର ପ୍ରାୟ ପ୍ରତ୍ୟେକ ରାଷ୍ଟ୍ର ଗଣତାନ୍ତ୍ରିକ ଏବଂ ସେଠାରେ ପ୍ରତିନିଧିମୂଳକ ଗଣତନ୍ତ୍ର ପ୍ରତିଷ୍ଠା ହୋଇଛି। ସେହି ରାଷ୍ଟ୍ରରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଅବାଧ, ନିରପେକ୍ଷ ନିର୍ବାଚନର ବ୍ୟବସ୍ଥା ରହିଛି। ଏହି ପ୍ରକ୍ରିୟାରେ ଲୋକମାନେ ନିଜର ପ୍ରତିନିଧି ବାଛିଥାନ୍ତି।
- ନିର୍ବାଚନ ପ୍ରକ୍ରିୟାରେ ସମସ୍ତେ ଅଂଶଗ୍ରହଣ କରି ନଥାନ୍ତି। ଦେଶର ଆଇନ କେଉଁମାନେ ଭୋଟ ଦେଇପାରିବେ ତାହା ସ୍ଥିର କରନ୍ତି। ନିର୍ବାଚନ ସଂକ୍ରାନ୍ତୀୟ ଅନେକ ତତ୍ତ୍ୱ ରହିଛି।
- ସାର୍ବଜନୀନ ସାବାଳକ ଭୋଟ ପ୍ରଥା ସବୁଠାରୁ ଆଦୃତ ପ୍ରଥା। ଏଥିରେ ଭୋଟରଙ୍କ ପାଇଁ ସର୍ବନିମ୍ନ ବୟସ ସୀମା ଧାର୍ଯ୍ୟ ହୋଇଥାଏ। ନିର୍ବୋଧ, ପାଗଳ, ବିଦେଶୀ, ଦେବାଳିଆମାନଙ୍କୁ ଭୋଟଦେବା ଅଧିକାରରୁ ବଞ୍ଚିତ କରାଯାଏ।
- ବହୁ ପୂର୍ବେ ନାରୀମାନଙ୍କୁ ଭୋଟ ଦେବାରୁ ବଞ୍ଚିତ କରାଯାଇଥିଲା। ବର୍ତ୍ତମାନ ନାରୀ ଓ ପୁରୁଷ ଉଭୟ ଭୋଟ ଦେଇପାରିବେ। ନାରୀ ଭୋଟ ପ୍ରଥା ନାରୀମାନଙ୍କୁ ଭୋଟ ଦେବା ସପକ୍ଷରେ ଯୁକ୍ତି ବାଢ଼େ।
- ନିର୍ବାଚନ ପ୍ରତ୍ୟେକ୍ଷ ଓ ପରୋକ୍ଷ ହୋଇପାରେ। ପ୍ରତ୍ୟେକ୍ଷ ଗଣତନ୍ତ୍ରରେ ଭୋଟର ସିଧାସଳଖ ନିର୍ବାଚନରେ ଅଂଶଗ୍ରହଣ କରେ। ପରୋକ୍ଷ ଗଣତନ୍ତ୍ରରେ ମତଦାତା ଓ ପ୍ରତିନିଧିଙ୍କ ମଧ୍ୟରେ ଏକ ମଧ୍ୟବର୍ତ୍ତୀ ନିର୍ବାଚନମଣ୍ଡଳୀ ରହନ୍ତି। ଉଭୟ ପ୍ରତ୍ୟେକ୍ଷ ଓ ପରୋକ୍ଷ ନିର୍ବାଚନ ସପକ୍ଷ ଓ ବିପକ୍ଷରେ ଯୁକ୍ତି ରହିଛି।
- ମତଦାନର ଅନେକ ପଦ୍ଧତି ରହିଛି। ଯଥା– ମୁକ୍ତ ମତଦାନ ବ୍ୟବସ୍ଥା, ଗୁପ୍ତ ମତଦାନ ବ୍ୟବସ୍ଥା, ବହୁ ମତଦାନ ବ୍ୟବସ୍ଥା, ସୀମିତ ମତଦାନ ବ୍ୟବସ୍ଥା, କ୍ରମବର୍ଦ୍ଧିଷ୍ଣୁ ମତଦାନ ବ୍ୟବସ୍ଥା, ଡାକଦ୍ୱାରା ମତଦାନ ବ୍ୟବସ୍ଥା, ଏବଂ ଅନ୍ୟ ପାଇଁ ମତଦାନ ବ୍ୟବସ୍ଥା।
- ସଂଖ୍ୟାଲଘୁ ପ୍ରତିନିଧି ଗଣତନ୍ତ୍ର ସଂଖ୍ୟାଲଘୁ ଯଥା ଭାଷାଗତ ଧାର୍ମିକ ଓ ଜାତିଗତ ସଂଖ୍ୟାଲଘୁମାନଙ୍କର ସ୍ୱାର୍ଥକୁ ରକ୍ଷା କରେ। ଏଥିପାଇଁ ସମାନୁପାତିକ ପ୍ରତିନିଧିତ୍ୱର ବ୍ୟବସ୍ଥା ରହିଛି। ଏହା ପ୍ରାୟ ଦୁଇ ପ୍ରକାରର, ହାରେ ପଦ୍ଧତି (Hare System) ଓ ତାଲିକା ପଦ୍ଧତି (List System)। ଏହା ପ୍ରାୟତଃ ବହୁ ସଦସ୍ୟ ନିର୍ବାଚନମଣ୍ଡଳୀ ପାଇଁ ଉଦ୍ଦିଷ୍ଟ, ଯେଉଁଥିରେ କି ଏକାଧିକ ପ୍ରତିନିଧି ନିର୍ବାଚିତ ହୁଅନ୍ତି। ଏହାର ଉଭୟ ସୁଗୁଣ ଦୁର୍ଗୁଣ ରହିଛି।

- ଆଞ୍ଚଳିକ ପ୍ରତିନିଧିତ୍ୱରେ ନିର୍ବାଚନମଣ୍ଡଳୀ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ନେଇ ଗଠିତ ଏବଂ ଜଣେ ପ୍ରତିନିଧି ସେହି ଅଞ୍ଚଳର ପ୍ରତିନିଧିତ୍ୱ କରିବେ। ଆମର ସାଧାରଣ ନିର୍ବାଚନ ପ୍ରାୟତଃ ଏହି ପଦ୍ଧତି ଉପରେ ପର୍ଯ୍ୟବେଶିତ।
- ପ୍ରକାର୍ଯ୍ୟାତ୍ମକ ପ୍ରତିନିଧିତ୍ୱ (Functional Representation)ରେ ବୃତ୍ତିଗତ ସାର୍ଥ ଉପରେ ଗୁରୁତ୍ୱ ଦିଆଯାଏ। ବ୍ୟବସ୍ଥାପକରେ ବୃତ୍ତିଗତ ଗୋଷ୍ଠୀର ପ୍ରତିନିଧିତ୍ୱ ହୋଇଥାଏ। କିନ୍ତୁ ଏହି ପ୍ରକାର ବ୍ୟବସ୍ଥାର ପ୍ରଚଳନ ବହୁତ କମ୍।
- ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ଏକ ନିର୍ଦ୍ଦିଷ୍ଟ ସୋପାନ ଦେଇ ଗତିକରେ। ଆମ ଦେଶରେ ନିର୍ବାଚନ ପ୍ରଣାଳୀ ଅନୁଧ୍ୟାନ କଲେ ଆମେ ଏହା ଜାଣିପାରିବ। ଏହାର ବିଭିନ୍ନ ସୋପାନ ହେଲା ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାଣ, ଭୋଟର ତାଲିକା ପ୍ରସ୍ତୁତି, ନିର୍ବାଚନ ଦିନପଞ୍ଜୀ ଘୋଷଣା, ମନୋନୟନ ପତ୍ର ଦାଖଲ, ମନୋନୟନପତ୍ର ଯାଞ୍ଚ, ମନୋନୟନ ପ୍ରତ୍ୟାହାର ଓ ପ୍ରାର୍ଥୀ ତାଲିକା ଘୋଷଣା, ନିର୍ବାଚନ ପ୍ରଚାର, ଭୋଟ ପ୍ରଦାନ, ଭୋଟ ଗଣତି ଓ ଫଳାଫଳ ଘୋଷଣା ଇତ୍ୟାଦି।
- ଅବାଧ ଓ ସ୍ୱଚ୍ଛ ନିର୍ବାଚନ ପ୍ରତି ଅନେକ ଆହ୍ୱାନ ରହିଛି। ସେଗୁଡ଼ିକ ହେଲା ରାଜନୈତିକ ଅପରାଧୀକରଣ। ନିର୍ବାଚନରେ ଅନେକ ଅପରାଧୀ ଲଢୁଛନ୍ତି। ନିର୍ବାଚନରେ ଅର୍ଥବଳ ଓ ବାହୁବଳ ପ୍ରଭାବ ବିସ୍ତାର କରୁଛି। ଅନେକ ପରିବାର ରାଜନୀତିକୁ ପ୍ରଭାବିତ କରି ମତଦାତାକୁ ପ୍ରଭାବିତ କରୁଛନ୍ତି। ଅସାଧୁ ରାଜନୈତିକ ପ୍ରାର୍ଥୀ ବିଭିନ୍ନ ବ୍ୟବସାୟ ଓ ଶିଳ୍ପ ପ୍ରତିଷ୍ଠାନରୁ ପାଣ୍ଠି ସଂଗ୍ରହ କରୁଛନ୍ତି ଓ ସେମାନଙ୍କର ସ୍ୱାର୍ଥ ରକ୍ଷାକରୁଛନ୍ତି। ରାଜନୈତିକ ପଦପଦବୀର ଲୋକ ସେମାନଙ୍କର ପଦବୀର ଅପବ୍ୟବହାର କରୁଛନ୍ତି। ଛୋଟ ଛୋଟ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଜ୍ଞତା ଓ ବିମୁଖତା ନିର୍ବାଚନରେ ମତଦାତାଙ୍କର ସଂଖ୍ୟା ହ୍ରାସ କରୁଛି। ଧର୍ମ, ଜାତି ଓ ଭାଷା ଅନେକ ଅବାଞ୍ଛିତ ଭୂମିକା ଗ୍ରହଣ କରୁଛନ୍ତି। ନକ୍ସଲ୍ ଉପଦ୍ରୁତ ଓ ମାଓବାଦୀ ପ୍ରବଣ ଅଞ୍ଚଳରେ ନିର୍ବାଚନ ପରିଚାଳନା କଷ୍ଟସାଧ ହୋଇଯାଉଛି।
- ଅଯତ୍ନଶୀଳ ପ୍ରାର୍ଥୀ ଓ ତ୍ରୁଟିପୂର୍ଣ୍ଣ ଭୋଟର ତାଲିକା ନିର୍ବାଚନର ଗାରିମା ନଷ୍ଟ କରୁଛନ୍ତି। ଅସାଧୁ କ୍ଷମତାଶୀଳ ଦଳ ବୁଥ୍‌ଗୁଡ଼ିକୁ ନିଜ ଆକ୍ତିଆରକୁ ନେଇ ନିର୍ବାଚନ ପ୍ରକ୍ରିୟାକୁ ଭଣ୍ଡୁର କରୁଛନ୍ତି।
- ଏହିସବୁ ଆହ୍ୱାନର ମୁକାବିଲା ଲାଗି ପ୍ରତ୍ୟେକ ଗଣତାନ୍ତ୍ରିକ ରାଷ୍ଟ୍ର ଯତ୍ନଶୀଳ ହେବା ଆବଶ୍ୟକ। ନିର୍ବାଚନ ଯେତିକି ଅବାଧ ଓ ଶୃଙ୍ଖଳିତ ହେବ ଗଣତନ୍ତ୍ର ସେତିକି ସୁଦୃଢ଼ ହେବ।
- ନିର୍ବାଚନ ବ୍ୟବସ୍ଥାକୁ ଗଣତନ୍ତ୍ରର ହୃତ୍‌ପିଣ୍ଡ ବୋଲି କୁହାଯାଏ। ସମ୍ବିଧାନର ୩୨୪ ଧାରା ଅନୁସାରେ, ଭାରତରେ ଏକକ ନିର୍ବାଚନ କମିଶନ ଗଠନ ନିମିତ୍ତ ବିଧିବଦ୍ଧ ବ୍ୟବସ୍ଥା ରହିଛି।
- ଦେଶରେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରାଇବା, ଏହି କମିଶନର ମୁଖ୍ୟକାର୍ଯ୍ୟ। ସଂସଦୀୟ ନିର୍ବାଚନ, ରାଜ୍ୟ ବିଧାନସଭା ନିର୍ବାଚନ, ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତି ଆଦିଙ୍କ ନିର୍ବାଚନ ଏହାର କାର୍ଯ୍ୟ ପରିସରର ଅନ୍ତର୍ଭୁକ୍ତ।
- ବର୍ତ୍ତମାନ ନିର୍ବାଚନ କମିଶନରେ ଜଣେ ମୁଖ୍ୟ ନିର୍ବାଚନ କମିଶନରଙ୍କ ସହ ଅନ୍ୟ ୨ ଜଣ ନିର୍ବାଚନ କମିଶନର ବି କାର୍ଯ୍ୟରତ। ମୁଖ୍ୟତଃ ଏହା ଏକ ୩ ଜଣିଆ ସଂଗଠନ ଅଟେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ସମୟରେ ମତଭେଦ ଉପୁଜିଲେ, ବହୁମତକୁ ଗ୍ରହଣ କରାଯାଇଥାଏ।

- ପଦମର୍ଯ୍ୟାଦା ଦୃଷ୍ଟିରୁ ଏମାନଙ୍କ ପାହ୍ୟା, ଜଣେ ସୁପ୍ରିମକୋର୍ଟ ଜଜ୍‌ଙ୍କ ସହ ସମାନ। ଏମାନଙ୍କ ନିଯୁକ୍ତି ଏବଂ ପଦଚ୍ୟୁତ ଠିକ୍ ସେହିମାନଙ୍କ ଭଳି ହୋଇଥାଏ। ସାଧାରଣତଃ ଏମାନଙ୍କ କାର୍ଯ୍ୟକାଳ ୬ ବର୍ଷ, କିମ୍ବା ୬୫ ବର୍ଷ - ଯାହା ଆଗ ଆସିବ, ଏମାନେ ସେତେଦିନ ପର୍ଯ୍ୟନ୍ତ ନିଜ ପଦବୀରେ ରହିପାରିବେ।

ଆଦର୍ଶ ପ୍ରଶ୍ନାବଳୀ

('କ' - ବିଭାଗ)

୧. କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ :

(କ) ପରୋକ୍ଷ ନିର୍ବାଚନ କ'ଣ ?

(ଖ) ଭୋଟର ହେବା ପାଇଁ କେଉଁ କେଉଁ ଯୋଗ୍ୟତା ଥିବା ଦରକାର ?

(ଗ) ମୁକ୍ତ ମତଦାନ ବ୍ୟବସ୍ଥା କ'ଣ ?

(ଘ) ହାରେ ପଦ୍ଧତି କ'ଣ ?

(ଙ) ଆଞ୍ଚଳିକ ପ୍ରତିନିଧିତ୍ୱ କ'ଣ ?

୨. ଶୂନ୍ୟସ୍ଥାନ ପୂରଣ କର :

(କ) ଆମ ଦେଶରେ ଭୋଟ ଦେବା ପାଇଁ ସର୍ବନିମ୍ନ ବୟସ ________ ।

(ଖ) ହାରେ ପଦ୍ଧତି ଏକ ________ ପ୍ରତିନିଧିତ୍ୱ ବ୍ୟବସ୍ଥା।

(ଗ) ଆମ ଲୋକସଭାର ସଦସ୍ୟମାନେ ________ ନିର୍ବାଚନରେ ନିର୍ବାଚିତ ହୁଅନ୍ତି।

(ଘ) ନିର୍ବାଚନ ଦିନ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତି ଚାହିଁଲେ ________ ବ୍ୟବସ୍ଥାରେ ଭୋଟ ଦେଇପାରିବେ।

(ଙ) ଆମ ରାଷ୍ଟ୍ରପତି ________ ନିର୍ବାଚନରେ ନିର୍ବାଚିତ ହୁଅନ୍ତି।

('ଖ' - ବିଭାଗ)

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ :

୧. ନିର୍ବାଚନ କ'ଣ ? ପ୍ରତ୍ୟକ୍ଷ ନିର୍ବାଚନର ଉପକାରିତା ଓ ଅପକାରିତା ଆଲୋଚନା କର।

୨. ସଂଖ୍ୟାଲଘୁ ପ୍ରତିନିଧିତ୍ୱ କ'ଣ ? ଏହି ପ୍ରତିନିଧିତ୍ୱର ବଭିନ୍ନ ପଦ୍ଧତି ବର୍ଣ୍ଣନା କର।

୩. ଅବାଧ ଓ ସ୍ୱଚ୍ଛ ନିର୍ବାଚନ ପ୍ରତି ଥିବା ଆହ୍ୱାନ ବିଷୟରେ ଉଲ୍ଲେଖ କର।

୪. ନିର୍ବାଚନ ପ୍ରଣାଳୀ ସମ୍ପର୍କରେ ବିସ୍ତୃତ ଆଲୋଚନା କର।

୫. ବିଭିନ୍ନ ପ୍ରକାରର ମତଦାନ ପଦ୍ଧତି ସମ୍ପର୍କରେ ଉଲ୍ଲେଖ କର।

❑●❑

ତ୍ରୟୋଦଶ ଅଧ୍ୟାୟ

ଭାରତରେ ବ୍ୟବସ୍ଥାପିକା
(LEGISLATURE IN INDIA)

ପାର୍ଲିଆମେଣ୍ଟ :

ସମ୍ବିଧାନର ୭୯ ଧାରାରେ ଭାରତ ସରକାରଙ୍କ ପାଇଁ ଏକ ଦ୍ୱିସଦନୀୟ ବ୍ୟବସ୍ଥାପିକା ସଭାର ବ୍ୟବସ୍ଥା କରାଯାଇଛି । କେନ୍ଦ୍ର ସରକାରଙ୍କର ଏହି ବ୍ୟବସ୍ଥାପିକା ସଭାକୁ ପାର୍ଲିଆମେଣ୍ଟ/ସଂସଦ କୁହାଯାଏ । ସମ୍ବିଧାନର ଏହି ଧାରା ଅନୁଯାୟୀ କେନ୍ଦ୍ରରେ ପାର୍ଲିଆମେଣ୍ଟ ବା ସଂସଦ ରାଷ୍ଟ୍ରପତି, ରାଜ୍ୟସଭା ଏବଂ ଲୋକସଭାକୁ ନେଇ ଗଠନ କରାଯାଇଥାଏ । ପାର୍ଲିଆମେଣ୍ଟର ଉଚ୍ଚ ସଦନକୁ ରାଜ୍ୟସଭା ଏବଂ ନିମ୍ନସଦନକୁ ଲୋକସଭା ଭାବରେ ନାମିତ କରାଯାଇଛି । ରାଷ୍ଟ୍ରପତି ପାର୍ଲିଆମେଣ୍ଟ/ସଂସଦର କୌଣସି ଗୃହର ସଦସ୍ୟ ନୁହନ୍ତି କିନ୍ତୁ ସେ ଏହାର ଅଂଶ ବିଶେଷ । ତାଙ୍କ ବ୍ୟତିରେକ ସଂସଦ ଗଠନ କରାଯାଇପାରିବ ନାହିଁ କିମ୍ବା କାର୍ଯ୍ୟ ମଧ୍ୟ କରିପାରିବ ନାହିଁ । କାରଣ ସେ ପାର୍ଲିଆମେଣ୍ଟର ଅଧିବେଶନ ଆହ୍ୱାନ କରିବା, ସ୍ଥଗିତ ରଖିବା ଏବଂ ଆବଶ୍ୟକ ପଡ଼ିଲେ କାର୍ଯ୍ୟକାଳ ପୂର୍ବରୁ ଏହାକୁ ଭାଙ୍ଗିବା ଆଦି କାର୍ଯ୍ୟମାନ କରିଥାଆନ୍ତି । ପ୍ରତ୍ୟେକ ବର୍ଷ ସଂସଦର ପ୍ରଥମ ଅଧିବେଶନରେ ଉଦଘାଟନୀ ଭାଷଣ ଦେଇ ଏହାର କାର୍ଯ୍ୟ ଆରମ୍ଭ କରିଥାଆନ୍ତି । ଗୁରୁତ୍ୱପୂର୍ଣ୍ଣ ବିଷୟମାନଙ୍କ ସମ୍ବନ୍ଧରେ ଅଧିକ ଆଲୋଚନା କରି ନିଷ୍ପତ୍ତି ଗ୍ରହଣ କରିବା ପାଇଁ ସେ ସଂସଦକୁ ବାର୍ତ୍ତା ପଠାଇପାରନ୍ତି । ସଂସଦରେ ଗୃହୀତ ହୋଇଥିବା ବିଲ୍‌ଗୁଡ଼ିକ ତାଙ୍କ ସ୍ୱୀକୃତି ପାଇଲା ପରେ ଆଇନରେ ପରିଣତ ହୋଇଥାଏ । ଏହାଛଡ଼ା ସଂସଦ ବସି ନଥିବା ବେଳେ ସେ ଆବଶ୍ୟକ ସ୍ଥଳେ ଅଧ୍ୟାଦେଶ ବା ଅର୍ଡ଼ିନାନ୍ସ ଜାରୀ କରିଥାନ୍ତି । ଏହି ଅଧ୍ୟାଦେଶ ସଂସଦ ଦ୍ୱାରା ପ୍ରଣୀତ ଆଇନ ସହ ସମାନ । ଲୋକସଭା ଏବଂ ରାଜ୍ୟସଭାକୁ କିଛି ସଭ୍ୟ ମନୋନୀତ କରି ସେମାନଙ୍କର ଗଠନ ପ୍ରକ୍ରିୟାରେ ମଧ୍ୟ ଭାଗ ନେଇଥାଆନ୍ତି । ଏହିସବୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଯୋଗୁ ରାଷ୍ଟ୍ରପତିଙ୍କୁ ସଂସଦର ମହତ୍ତ୍ୱପୂର୍ଣ୍ଣ ଅଂଶ ଭାବେ ବିବେଚନା କରାଯାଇଥାଏ ।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଂସଦ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଥାଏ କାରଣ ସଂସଦ ମାଧ୍ୟମରେ ହିଁ ଜନସାଧାରଣ ସରକାର ଗଠନ କରିଥାନ୍ତି ଏବଂ ତାକୁ ନିୟନ୍ତ୍ରଣ ମଧ୍ୟ କରିଥାଆନ୍ତି । ଇଂଲଣ୍ଡ ଢ଼ାଞ୍ଚାରେ ଭାରତରେ ସଂସଦ ଗଠନ କରାଯାଇଥିଲେ ମଧ୍ୟ ଦୁହିଁଙ୍କ ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ପରିଲକ୍ଷିତ ହୁଏ । ଭାରତୀୟ ସଂସଦର କ୍ଷମତା ଓ କାର୍ଯ୍ୟାବଳୀ ସଂବିଧାନ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ବେଳେ ଇଂଲଣ୍ଡର ପାର୍ଲିଆମେଣ୍ଟ ପରମ୍ପରା ଦ୍ୱାରା ପରିପୃଷ୍ଟ ହୋଇ ସର୍ବଶକ୍ତିମାନ ସଂସ୍ଥା ଭାବେ କାର୍ଯ୍ୟ କରିଥାଏ । ଭାରତୀୟ ସଂସଦ ସାଂବିଧାନିକ ବିଧିନିର୍ଦ୍ଦେଶିତ

ମାର୍ଗ ଅନୁଯାୟୀ ଆଇନ ପ୍ରଣୟନ କରିଥାଏ ବା ନିଜ କ୍ଷମତାର ଉପଯୋଗ କରିଥାଏ । ଆବଶ୍ୟକ ସ୍ଥଳେ ବିଚାର ବିଭାଗ ଏହାର କାର୍ଯ୍ୟକୁ ତର୍ଜମା କରି ଯେଉଁ କାର୍ଯ୍ୟକୁ ଅସାମ୍ବିଧାନିକ ମନେ କରେ ତାହାକୁ ବାତିଲ କରିଦେଇ ପାରେ ।

ମନ୍ତ୍ରୀମଣ୍ଡଳ ସୃଷ୍ଟି କ୍ଷମତା :

ଭାରତର ରାଜନୈତିକ ବ୍ୟବସ୍ଥାରେ ସଂସଦ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଦୃଷ୍ଟିରୁ ଏହା ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷମତା ଉପଭୋଗ କରିଥାଏ । ରାଷ୍ଟ୍ରର ଶାସନ କାର୍ଯ୍ୟ ଚଳାଇବା ପାଇଁ ସଂସଦ ମନ୍ତ୍ରୀମଣ୍ଡଳ ସୃଷ୍ଟି କରିଥାଏ ଏବଂ ଏହାକୁ ନିୟନ୍ତ୍ରଣ ମଧ୍ୟ କରିଥାଏ । ସଂସଦର ନିମ୍ନ ସଭାକୁ ନିର୍ବାଚିତ ବିଭିନ୍ନ ରାଜନୈତିକ ଦଳମାନଙ୍କ ମଧ୍ୟରୁ ସଂଖ୍ୟା ଗରିଷ୍ଠ ରାଜନୈତିକ ଦଳ ମନ୍ତ୍ରୀମଣ୍ଡଳ ଗଠନ କରିଥାଏ । ଅବଶ୍ୟ ଏହି ମନ୍ତ୍ରୀମଣ୍ଡଳରେ ଉକ୍ତ ରାଜନୈତିକ ଦଳର ଦୁଇଟି ଯାକ ଗୃହରେ ଥିବା ବିଶିଷ୍ଟ ସଭ୍ୟମାନେ ଅଂଶ ଗ୍ରହଣ କରିଥାନ୍ତି । ସମ୍ବିଧାନର ୭୫(୩) ଧାରା ଅନୁଯାୟୀ ଏହି ମନ୍ତ୍ରୀମଣ୍ଡଳ ତା'ର ସମସ୍ତ କାର୍ଯ୍ୟ ପାଇଁ ନିମ୍ନ ସଦନ (ଲୋକସଭା) ନିକଟରେ ଉତ୍ତରଦାୟୀ ରହନ୍ତି । ଏହି ସଦନର ଆସ୍ଥାଭାଜନ ଥିବା ପର୍ଯ୍ୟନ୍ତ ମନ୍ତ୍ରୀ ସଭା କାର୍ଯ୍ୟ କରିଥାଏ । ଅନ୍ୟ ଅର୍ଥରେ ନିମ୍ନ ସଦନ ଆସ୍ଥା ହରାଇଲେ ମନ୍ତ୍ରୀସଭାକୁ ଇସ୍ତଫା ଦେବା ପାଇଁ ପଡ଼ିଥାଏ । ଏହାଛଡ଼ା ସଂସଦର ସଭ୍ୟମାନେ ସରକାରଙ୍କ କାର୍ଯ୍ୟକଳାପ ସମ୍ବନ୍ଧରେ ଟିକିନିଖି ଜାଣିବା ପାଇଁ ମନ୍ତ୍ରୀମାନଙ୍କୁ ପ୍ରଶ୍ନମାନ ପଚାରିଥାନ୍ତି । ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ବା ଘଟଣା ସମ୍ପର୍କରେ ଆଲୋଚନା ପାଇଁ ମୂଲତବୀ ପ୍ରସ୍ତାବ ମଧ୍ୟ ଆଗତ କରିପାରନ୍ତି ବା ସ୍ୱଷ୍ଟୀକରଣ ଦାବି କରିପାରନ୍ତି । ସଂସଦ ନିକଟରେ ଥିବା ଏହି ଅସ୍ତ୍ରଗୁଡ଼ିକ ଜନସାଧାରଣଙ୍କ ସମ୍ମୁଖରେ ସରକାରଙ୍କର ଭାବମୂର୍ତ୍ତିକୁ ଉପସ୍ଥାପନା କରିବାରେ ସାହାଯ୍ୟ କରିଥାଏ । ତେଣୁ ପରୋକ୍ଷରେ ଏହା ମନ୍ତ୍ରୀମଣ୍ଡଳର କ୍ଷମତା ଅପବ୍ୟବହାରକୁ ନିୟନ୍ତ୍ରଣ କରିବା ସହ ଏହାକୁ ଦାୟିତ୍ୱ ସମ୍ପନ୍ନ କରିଥାଏ ।

ଆଇନ ପ୍ରଣୟନ :

ଶାସନ ପାଇଁ ଆଇନ ପ୍ରଣୟନ ସଂସଦର ମୁଖ୍ୟ କାର୍ଯ୍ୟ । ଭାରତବର୍ଷର ବିକେନ୍ଦ୍ରୀତ ଶାସନ ବ୍ୟବସ୍ଥା ଫଳରେ ସମ୍ବିଧାନରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସୁସ୍ପଷ୍ଟ କ୍ଷମତା ବଣ୍ଟନ କରାଯାଇଛି । କେନ୍ଦ୍ର ସରକାରଙ୍କର କ୍ଷମତା ଅନ୍ତର୍ଭୁକ୍ତ ବିଷୟଗୁଡ଼ିକ କେନ୍ଦ୍ର ତାଲିକା ଓ ସେହିଭଳି ପ୍ରାଦେଶିକ ସରକାରମାନଙ୍କ ପାଇଁ ରାଜ୍ୟତାଲିକା ପ୍ରସ୍ତୁତ କରାଯାଇଛି । କେନ୍ଦ୍ର ଓ ରାଜ୍ୟ ଉଭୟଙ୍କ ମିଳିତ ଦାୟିତ୍ୱ ଥିବା ବିଷୟଗୁଡ଼ିକ ଯୁଗ୍ମତାଲିକାଭୁକ୍ତ କରାଯାଇଛି । ସଂସଦ କେନ୍ଦ୍ର ତାଲିକା ଏବଂ ଯୁଗ୍ମ ତାଲିକାଭୁକ୍ତ ବିଷୟଗୁଡ଼ିକ ଉପରେ ଆଇନ ପ୍ରଣୟନ କରିଥାଏ । ମାତ୍ର କେତେକ ବିଶେଷ କ୍ଷେତ୍ରରେ ଏହା ରାଜ୍ୟ ତାଲିକାଭୁକ୍ତ ବିଷୟଗୁଡ଼ିକ ଉପରେ ମଧ୍ୟ ଆଇନ ପ୍ରଣୟନ କରିପାରେ । ଯଥା –

(କ) ରାଷ୍ଟ୍ରର ଜରୁରୀକାଳୀନ ପରିସ୍ଥିତିରେ ସଂସଦ ରାଜ୍ୟ ତାଲିକାଭୁକ୍ତ ବିଷୟଗୁଡ଼ିକ ଉପରେ ଆଇନ ପ୍ରଣୟନ କରିଥାଏ ।

(ଖ) ଏହା ଛଡ଼ା ସମ୍ବିଧାନର ୨୪୯ ଧାରା ଅନୁଯାୟୀ ବୃହତ୍ତର ସ୍ୱାର୍ଥରକ୍ଷା ପାଇଁ ରାଜ୍ୟସଭା ଦୁଇ ତୃତୀୟାଂଶ ସଭ୍ୟଙ୍କ ଅନୁରୋଧ କ୍ରମେ ରାଜ୍ୟ ତାଲିକା ଭୁକ୍ତ ବିଷୟ ଉପରେ ଆଇନ ପ୍ରଣୟନ ପାଇଁ ସଂସଦକୁ ପ୍ରସ୍ତାବ ଦେଇଥାଏ । ଅବଶ୍ୟ ଏହି ଆଇନର ଅବଧି ମାତ୍ର ଏକ ବର୍ଷ ହୋଇଥାଏ ।

(ଗ) ଏହାଛଡ଼ା ଦୁଇ ବା ଅଧିକ ରାଜ୍ୟବିଧାନ ସଭା ସେମାନଙ୍କ ପାଇଁ ଆଇନ ପ୍ରଣୟନ କରିବା ପାଇଁ ସଂସଦକୁ ଅନୁରୋଧ କରି ନିଜ ନିଜ ବିଧାନସଭା ଜରିଆରେ ପ୍ରସ୍ତାବ ଗ୍ରହଣ କରିପାରନ୍ତି।

(ଘ) କେତେକ ଆର୍ନ୍ତଜାତିକ ଚୁକ୍ତି ବା ରାଜିନାମାକୁ କାର୍ଯ୍ୟକାରୀ କରିବା ପାଇଁ ମଧ୍ୟ ସଂସଦ ରାଜ୍ୟତାଲିକାଭୁକ୍ତ ବିଷୟଗୁଡ଼ିକ ଉପରେ ଆଇନ ପ୍ରଣୟନ କରିପାରେ।

ଯୁଗ୍ମ ତାଲିକା ଭୁକ୍ତ ବିଷୟଗୁଡ଼ିକ ଉପରେ କେନ୍ଦ୍ର ଓ ରାଜ୍ୟ ବ୍ୟବସ୍ଥାପିକାମାନଙ୍କର ଆଇନ ପ୍ରଣୟନ କରିବାର ଅଧିକାର ଥିଲେ ମଧ୍ୟ ଏହା ଉପରେ ସଂସଦର ପ୍ରାଧାନ୍ୟ ଅଧିକ। ଯୁଗ୍ମ ତାଲିକା ଭୁକ୍ତ କୌଣସି ବିଷୟରେ ଆଇନ ପ୍ରଣୟନ ପରେ ଯଦି କେନ୍ଦ୍ର ଓ ରାଜ୍ୟ ବ୍ୟବସ୍ଥାପିକା ମଧ୍ୟରେ ମତପାର୍ଥକ୍ୟ ଦେଖାଯାଏ ତେବେ ସଂସଦ ଦ୍ୱାରା ପ୍ରଣୀତ ଆଇନକୁ ଗ୍ରହଣ କରାଯାଏ ଏବଂ ରାଜ୍ୟ ଆଇନର ପାର୍ଥକ୍ୟ ଥିବା ଅଂଶକୁ ବାତିଲ କରାଯାଇଥାଏ। ତେଣୁ ରାଜ୍ୟ ସରକାର ଯୁଗ୍ମ ତାଲିକାଭୁକ୍ତ ବିଷୟଗୁଡ଼ିକ ଉପରେ ଆଇନ ପ୍ରଣୟନ କରିବା ପୂର୍ବରୁ କେନ୍ଦ୍ର ସରକାରଙ୍କର ସହିତ ପରାମର୍ଶ କରିଥାନ୍ତି।

ଆର୍ଥିକ ନିୟନ୍ତ୍ରଣ :

ସାଧାରଣ ବିଧେୟକ ସଂସଦର ଯେ କୌଣସି ଗୃହରେ ଆଗତ କରାଯାଇପାରିବ। କେବଳ ଅର୍ଥ ବିଧେୟକ ନିମ୍ନ ଗୃହ ଦ୍ୱାରା ଆଗତ କରାଯାଇଥାଏ କାରଣ ଏହି ସଭା ଜନସାଧାରଣଙ୍କର ପ୍ରତିନିଧିତ୍ୱ କରିଥାଏ। ଆର୍ଥିକ ମାମଲା ସମ୍ବନ୍ଧୀୟ ସମସ୍ତ ବିଷୟରେ ସଂସଦର ନିମ୍ନ ସଦନର କ୍ଷମତା ଅଧିକ। ବସ୍ତୁତଃ ସରକାରଙ୍କର ଆର୍ଥିକ ପରିଚାଳନା ତଥା ରାଜକୋଷର ନିୟନ୍ତ୍ରଣ ଲୋକ ସଭା କରିଥାଏ। ଶାସନ ପାଇଁ ଆବଶ୍ୟକ ପଡୁଥିବା ଅର୍ଥକୁ କାର୍ଯ୍ୟପାଳିକା ବଜେଟ୍ ମାଧ୍ୟମରେ ସଂସଦର ନିମ୍ନ ସଦନର ମଞ୍ଜୁରୀ ପାଇଁ ଉପସ୍ଥାପନ କରିଥାଏ। ପ୍ରତ୍ୟେକ ଆର୍ଥିକ ବର୍ଷର ଆୟ-ବ୍ୟୟର ବିବରଣୀ ଲୋକସଭାରେ ବିଶଦ୍ ଆଲୋଚନା ପରେ ଗୃହୀତ ହୋଇଥାଏ। ଲୋକସଭାର ବିନା ମଞ୍ଜୁରୀରେ କେନ୍ଦ୍ର ସରକାର ରାଜକୋଷରୁ ଏକ କପର୍ଦ୍ଦକ ସୁଦ୍ଧା ଖର୍ଚ୍ଚ କରିପାରିବେ ନାହିଁ। କିମ୍ବା ଜନସାଧାରଣଙ୍କ ଉପରେ କର ଧାର୍ଯ୍ୟ କରିପାରିବେ ନାହିଁ। ଏ କ୍ଷେତ୍ରରେ ରାଜ୍ୟସଭାର କ୍ଷମତା ସୀମିତ। ଅର୍ଥ ବିଧେୟକ ନିମ୍ନ ସଦନରେ ଗୃହୀତ ହେବା ପରେ ରାଜ୍ୟସଭାକୁ ଏହା ନାମକୁ ମାତ୍ର ଆଲୋଚନା ପାଇଁ ଆସେ କାରଣ ରାଜ୍ୟସଭା ଏହା ଉପରେ କାଟ ପ୍ରସ୍ତାବ ଆଣିପାରିବେ ନାହିଁ ଏବଂ ଚଉଦ ଦିନ ମଧ୍ୟରେ ଯଦି ଏହାକୁ ଗ୍ରହଣ ନ କରନ୍ତି ତେବେ ଆପେ ଆପେ ଏହା ରାଜ୍ୟସଭା ଦ୍ୱାରା ଗୃହୀତ ହେଲା ବୋଲି ଧରିନିଆଯାଏ।

ସଂବିଧାନ ସଂଶୋଧନ :

ସଂବିଧାନ ସଂଶୋଧନ ମଧ୍ୟ ସଂସଦର ଏକ ମୁଖ୍ୟକାର୍ଯ୍ୟ। ଧାରା ୩୬୮ ଅନୁଯାୟୀ ସଂସଦହିଁ କେବଳ ଏହି ସଂଶୋଧନ କରିପାରିବ। ଅବଶ୍ୟ କେତେକ ବିଶେଷ କ୍ଷେତ୍ରରେ ଏହି ସଂଶୋଧନ ଅର୍ଦ୍ଧାଧିକ ରାଜ୍ୟ ବିଧାନସଭାମାନଙ୍କ ଦ୍ୱାରା ସ୍ୱୀକୃତି ପାଇବା ଆବଶ୍ୟକ। ସଂସଦର ଯେ କୌଣସି ଗୃହରେ ଏହି ସଂଶୋଧନ ପ୍ରସ୍ତାବ ଆଗତ କରାଯାଇପାରେ। ଯୁକ୍ତରାଷ୍ଟ୍ର ଆମେରିକା ଏହି ସଂଶୋଧନ ପ୍ରକ୍ରିୟାକୁ ଯେଉଳି ଜଟିଳ ବା ଇଂଲଣ୍ଡରେ ଯେଉଳି ଅତିସରଳ କରାଯାଇଛି ଭାରତ କ୍ଷେତ୍ରରେ ସେଉଳି କରାଯାଇନାହିଁ। ବରଂ ଆବଶ୍ୟକ ସ୍ଥଳେ କେତେଗୁଡ଼ିଏ ଧାରା ସଂଶୋଧନ ପ୍ରକ୍ରିୟାକୁ ସହଜ ଏବଂ ସରଳ କରାଯାଇଥିବା ବେଳେ ଅନ୍ୟ କେତେକ ସ୍ଥଳରେ ଏହାକୁ

ଅନମନୀୟ କରାଯାଇଛି । ସମୟର ଆବଶ୍ୟକତା ସମ୍ବିଧାନର ମୁଖ୍ୟ କାର୍ଯ୍ୟ ହୋଇଥିବାରୁ ଏହାର ପବିତ୍ରତା ରକ୍ଷା କରିବା ପାଇଁ ସମ୍ବିଧାନ ପ୍ରଣେତାମାନେ ଏଭଳି ପଦକ୍ଷେପ ନେଇଛନ୍ତି ।

ଆଲୋଚନା ମଞ୍ଚ :

ସଂସଦ ଏକ ବିଚାରମଞ୍ଚ ଭାବେ କାର୍ଯ୍ୟ କରିଥାଏ । ସମସ୍ତ ରାଷ୍ଟ୍ରର ନିର୍ବାଚିତ ପ୍ରତିନିଧିମାନେ ଦେଶର ଶାସନତାନ୍ତ୍ରିକ ସମସ୍ୟାସହ ନିଜ ନିର୍ବାଚନ ମଣ୍ଡଳୀର ସମସ୍ୟାଗୁଡ଼ିକ ଏହିଠାରେ ଆଲୋଚନା କରିଥାଆନ୍ତି । ଏହି ଆଲୋଚନା ମାଧ୍ୟମରେ ଦେଶର ଜନସାଧାରଣ ଶାସନ ସମ୍ବନ୍ଧରେ ନିଜର ଧାରଣା ସୃଷ୍ଟିକରିପାରନ୍ତି । ତା ଛଡ଼ା ଏହି ଆଲୋଚନା ମଧ୍ୟ ଜନସାଧାରଣଙ୍କର ରାଜନୈତିକ ସଚେତନତା ବୃଦ୍ଧି କରିବାରେ ସହାୟକ ହୁଏ ।

ଏହି ଆଲୋଚନା ମାଧ୍ୟମରେ ଜନ ପ୍ରତିନିଧିମାନଙ୍କର ପ୍ରତିକ୍ରିୟା ସମ୍ବନ୍ଧରେ ସରକାର ଅବଗତ ହୋଇଥାନ୍ତି । ଏଥି ସହ ସଂସଦରେ ଉଚ୍ଚ ପଦାଧିକାରୀମାନଙ୍କ ବିରୁଦ୍ଧରେ ଅଭିଯୋଗଗୁଡ଼ିକ ମଧ୍ୟ ଆଲୋଚନା କରାଯାଇଥାଏ । ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ମୁଖ୍ୟବିଚାରପତି, ଅନ୍ୟାନ୍ୟ ବିଚାରପତି ତଥା ଅନ୍ୟାନ୍ୟ ଉଚ୍ଚପଦାଧିକାରୀମାନେ ଯଦି ସମ୍ବିଧାନ ଗର୍ହିତ କାର୍ଯ୍ୟ ବା ଅସଦାଚରଣ କରନ୍ତି ତେବେ ତାଙ୍କ ବିରୁଦ୍ଧରେ ବହିଷ୍କରଣ ପ୍ରସ୍ତାବ ଏହି ସଂସଦରେ ଆଲୋଚିତ ହୋଇ ଗୃହୀତ ହୋଇଥାଏ । ଏହାଛଡ଼ା ସଭ୍ୟମାନେ ଯଦି ସ୍ୱାଧିକାର ଭଙ୍ଗ କରନ୍ତି ବା କୌଣସି କ୍ଷେତ୍ରରେ ସଂସଦର ଅବମାନନା କରନ୍ତି ତେବେ ତାହାର ବିଚାର କରି ସେମାନଙ୍କୁ ଦଣ୍ଡିତ କରିବାର କ୍ଷମତା ମଧ୍ୟ ସଂସଦ ଉପଭୋଗ କରିଥାଏ । ସାଧାରଣତଃ ଏହି ଦଣ୍ଡାଦେଶ ବିରୁଦ୍ଧରେ ନ୍ୟାୟାଳୟ କୌଣସି ପଦକ୍ଷେପ ନେଇପାରିବେ ନାହିଁ ।

ନିର୍ବାଚନ କ୍ଷମତା :

ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ବାଚସ୍ପତି, ରାଜ୍ୟସଭାର ଉପାଧ୍ୟକ୍ଷଙ୍କ ନିର୍ବାଚନ ପ୍ରକ୍ରିୟାରେ ସଂସଦ ବିଶେଷ ଅଂଶଗ୍ରହଣ କରିଥାଏ । ନୀତି ପ୍ରଣୟନ କ୍ଷେତ୍ରରେ ସଂସଦ ଓ ସରକାରଙ୍କୁ ସାହାଯ୍ୟ କରୁଥିବା ବିଭିନ୍ନ କମିଟିର ସଭ୍ୟମାନେ ସଂସଦ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ।

ଭାରତର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସଂସଦ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନର ଅଧିକାରୀ । ସଂସଦର କାର୍ଯ୍ୟକାରିତା ଉପରେ ସରକାରଙ୍କ ସଫଳତା ବହୁ ପରିମାଣରେ ନିର୍ଭର କରିଥାଏ । ସଂସଦରେ ଉଚ୍ଚକୋଟୀର ବିଚାର ଆଲୋଚନା, ସମସ୍ୟା ସମାଧାନ କରିବାରେ ଆନ୍ତରିକତା, ସଂବିଧାନ ପ୍ରତି ଆନୁଗତ୍ୟ ଶାସନକୁ ବାସ୍ତବ ଦିଗ୍‌ଦର୍ଶନ ପ୍ରଦାନ କରିଥାଏ ।

ରାଜ୍ୟସଭା (The Council of States)

ଗଠନ :

ସଂସଦର ଉଚ୍ଚସଦନ ରାଜ୍ୟସଭା ନାମରେ ପରିଚିତ । ଏହାକୁ ସଂସଦର ଦ୍ୱିତୀୟ କକ୍ଷ ମଧ୍ୟ କୁହାଯାଏ । ଏହି ସଭା ପ୍ରଦେଶ ବା ରାଜ୍ୟମାନଙ୍କର ପ୍ରତିନିଧିତ୍ୱ କରିଥାଏ । ଏହି ସଭାର ସଭ୍ୟ ସଂଖ୍ୟା ୨୫୦ । ଏମାନଙ୍କ

ମଧ୍ୟରୁ ୨୩୮ ଜଣ ସଦସ୍ୟ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭାମାନଙ୍କ ଦ୍ୱାରା ପରୋକ୍ଷ ଭାବରେ ଗୁପ୍ତ ଭୋଟ ମାଧ୍ୟମରେ ନିର୍ବାଚିତ ହୋଇଥାନ୍ତି । ଏହି ସଭ୍ୟମାନେ ସମାନୁପାତିକ ପ୍ରତିନିଧିମୂଳକ ପଦ୍ଧତିରେ ଏକକ ହସ୍ତାନ୍ତରୀୟ ଭୋଟପ୍ରଥା ଦ୍ୱାରା ନିର୍ବାଚିତ ହୋଇଥାଆନ୍ତି । ପ୍ରତ୍ୟେକ ରାଜ୍ୟର ଜନସଂଖ୍ୟା ଅନୁଯାୟୀ ରାଜ୍ୟସଭାର ସଭ୍ୟ ସଂଖ୍ୟା ସ୍ଥିର କରାଯାଇଥାଏ ଫଳରେ ବିଭିନ୍ନ ରାଜ୍ୟର ସଭ୍ୟ ସଂଖ୍ୟା ବିଭିନ୍ନ ହୋଇଥାଏ । ଉଦାହରଣସ୍ୱରୂପ ବିହାରରୁ ୨୨ ଜଣ ସଭ୍ୟ ନିର୍ବାଚିତ ହେବାବେଳେ ଓଡ଼ିଶାରୁ ୧୦ ଜଣ, ତାମିଲନାଡୁରୁ ୧୮ ଜଣ ଏବଂ ଉତ୍ତରପ୍ରଦେଶରୁ ୩୪ ଜଣ ସଦସ୍ୟ ରାଜ୍ୟସଭାକୁ ନିର୍ବାଚିତ ହୋଇଥାନ୍ତି । ସାହିତ୍ୟ, କଳା, ବିଜ୍ଞାନ ଓ ସମାଜସେବା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ବାକି ୧୨ ଜଣ ସଦସ୍ୟଙ୍କୁ ରାଷ୍ଟ୍ରପତି ରାଜ୍ୟସଭାକୁ ମନୋନୀତ କରିଥାନ୍ତି ।

ସଂସଦରେ ବିଭିନ୍ନ ରାଜ୍ୟମାନଙ୍କ ପ୍ରତିନିଧିତ୍ୱ

ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ	ଲୋକସଭାର ସଭ୍ୟସଂଖ୍ୟା	ରାଜ୍ୟ ସଭାର ସଭ୍ୟ ସଂଖ୍ୟା
ଅରୁଣାଚଳ ପ୍ରଦେଶ	୨	୧
ଆନ୍ଧ୍ର ପ୍ରଦେଶ	୪୨	୧୮
ଆସାମ	୧୪	୭
ବିହାର	୫୪	୨୨
ଗୋଆ	୧	୧
ଗୁଜୁରାଟ	୨୬	୧୧
ହରିଆନା	୧୦	୫
ହିମାଚଳ ପ୍ରଦେଶ	୪	୩
ଜାମ୍ମୁ କାଶ୍ମୀର	୬	୪
କର୍ଣ୍ଣାଟକ	୨୮	୧୨
କେରଳ	୨୦	୯
ମଧ୍ୟପ୍ରଦେଶ	୪୦	୧୬
ମହାରାଷ୍ଟ୍ର	୪୮	୧୯
ମଣିପୁର	୨	୧
ମିଜୋରାମ	୧	୧
ମେଘାଳୟ	୨	୧
ଓଡ଼ିଶା	୨୧	୧୦
ନାଗାଲାଣ୍ଡ	୧	୧
ପଞ୍ଜାବ	୧୩	୭

ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ	ଲୋକସଭାର ସଭ୍ୟସଂଖ୍ୟା	ରାଜ୍ୟ ସଭାର ସଭ୍ୟ ସଂଖ୍ୟା
ସିକିମ	୧	୧
ତ୍ରିପୁରା	୨	୧
ତାମିଲନାଡୁ	୩୯	୧୮
ଉତ୍ତର ପ୍ରଦେଶ	୮୫	୩୪
ପଶ୍ଚିମବଂଗ	୪୨	୧୬
ଆଣ୍ଡାମାନ ନିକୋବର	୧	–
ଚଣ୍ଡୀଗଡ଼	୧	–
ଦାଦ୍ରା ଓ ନଗର ହାବେଳୀ	୧	–
ଡ଼ାମନ ଓ ଡ଼ିଉ	୧	–
ଦିଲ୍ଲୀ	୭	୩
ଲାକ୍ଷାଦ୍ୱୀପ ମିନିକାୟ	୧	–
ପଣ୍ଡିଚେରୀ	୧	୧

ଯୋଗ୍ୟତା :

ରାଜ୍ୟସଭାର ସଭ୍ୟ ଭାବେ ନିର୍ବାଚିତ ହେବା ପାଇଁ ସଦସ୍ୟମାନେ ନିର୍ଦ୍ଦିଷ୍ଟ ଯୋଗ୍ୟତାର ଅଧିକାରୀ ହୋଇଥିବା ଆବଶ୍ୟକ। ଏଥିପାଇଁ ଆବଶ୍ୟକ କେତେଗୁଡ଼ିଏ ଯୋଗ୍ୟତା ହେଲା।

(କ) ସେ ଭାରତୀୟ ନାଗରିକ ହୋଇଥିବେ

(ଖ) ତାଙ୍କ ବୟସ ଅନ୍ୟୂନ ପକ୍ଷେ ୩୦ ବର୍ଷ ବା ତତୋଧିକ ହୋଇଥିବ

(ଗ) ସେ ସରକାରୀ କର୍ମଚାରୀ ହୋଇନଥିବେ ବା ସରକାରଙ୍କ ସହ ବ୍ୟବସାୟିକ ସୂତ୍ରରେ ଆବଦ୍ଧ ହୋଇନଥିବେ।

(ଘ) ସେ ବିକୃତ ମସ୍ତିଷ୍କ ବା ଦେବାଳିଆ ଘୋଷିତ ହୋଇନଥିବେ।

(ଙ) ସଂସଦର ସଦସ୍ୟ ହେବା ପାଇଁ ତାଙ୍କର ଆବଶ୍ୟକୀୟ ଯୋଗ୍ୟତା ଥିବା ଦରକାର।

କାର୍ଯ୍ୟକାଳ :

ରାଜ୍ୟସଭା ଏକ ସ୍ଥାୟୀ ସଦନ। ଦେଶରେ ପ୍ରତ୍ୟେକ ସାଧାରଣ ନିର୍ବାଚନ ପରେ ଏକ ନୂଆ ଲୋକ ସଭା ଗଠିତ ହୁଏ। ତେଣୁ ଆମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଲୋକସଭା ବୋଲି କହିଥାଉ ମାତ୍ର ରାଜ୍ୟସଭା କ୍ଷେତ୍ରରେ ତାହା ପ୍ରଯୁଜ୍ୟ ହୁଏ ନାହିଁ। ଏହାର ସଭ୍ୟମାନେ ଛଅବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି। ମାତ୍ର ପ୍ରଥମରୁ ଏହାର ବ୍ୟବସ୍ଥା ଏପରି କରାଯାଇଛି ଯେ ପ୍ରତ୍ୟେକ ଦୁଇବର୍ଷରେ ଏହାର ଏକ ତୃତୀୟାଂଶ ସଭ୍ୟ ସେମାନଙ୍କର କାର୍ଯ୍ୟକାଳ

ପୂରଣ କରି ଅବସର ଗ୍ରହଣ କରିଥାଆନ୍ତି ଏବଂ ସେମାନଙ୍କ ସ୍ଥାନରେ ନୂତନ ସଭ୍ୟ ନିର୍ବାଚିତ ହୋଇଥାଆନ୍ତି । ଏହି ସଭାକୁ ଜଣେ ସଭ୍ୟ ଏକାଧିକ ଥର ନିର୍ବାଚିତ ହେବା ପାଇଁ କୌଣସି ବାଧକତା ନାହିଁ । ଜଣେ ବ୍ୟକ୍ତି ରାଜ୍ୟସଭାର ସଭ୍ୟ ଥିଲାବେଳେ ଲୋକସଭା କିମ୍ବା ରାଜ୍ୟ ବିଧାନସଭାର ସଭ୍ୟ ପଦ ଗ୍ରହଣ କରିପାରିବେ ନାହିଁ । ରାଜ୍ୟସଭା ସଭ୍ୟମାନେ ଯଦି ଅଧ୍ୟକ୍ଷଙ୍କର ବିନାନୁମତିରେ ଏକାଦିକ୍ରମେ ୬୦ ଦିନରୁ ଅଧିକ ସମୟ ଧରି ଗୃହ କାର୍ଯ୍ୟରେ ଯୋଗଦାନ ନ କରନ୍ତି ତେବେ ତାଙ୍କର ସଭ୍ୟ ପଦ ରଦ୍ଦ ହୋଇଥାଏ ।

ଅଧ୍ୟକ୍ଷ :

ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଭାରତର ଉପରାଷ୍ଟ୍ରପତି ଏହି ସଭାର ଅଧ୍ୟକ୍ଷ ରୂପେ କାର୍ଯ୍ୟ କରିଥାଆନ୍ତି ଅବଶ୍ୟ ତାଙ୍କୁ ସାହାଯ୍ୟ କରିବା ପାଇଁ ଏବଂ ତାଙ୍କର ଅନୁପସ୍ଥିତିରେ ଗୃହର କାର୍ଯ୍ୟ ପରିଚାଳନା ପାଇଁ ଗୃହର ସଭ୍ୟମାନେ ନିଜଭିତରୁ ଜଣଙ୍କୁ ଉପାଧ୍ୟକ୍ଷ (Vice Chairman) ଭାବେ ନିର୍ବାଚିତ କରିଥାନ୍ତି । ଏହାଛଡ଼ା ବରିଷ୍ଠତା ଭିତ୍ତିରେ ବିଭିନ୍ନ ଦଳର ସଦସ୍ୟମାନଙ୍କ ମଧ୍ୟରୁ କେତେଜଣଙ୍କୁ ନେଇ ଅଧ୍ୟକ୍ଷ ଏକ ତାଲିକା ପ୍ରସ୍ତୁତ କରିଥାଆନ୍ତି । ଏହି ତାଲିକାଭୁକ୍ତ ସଦସ୍ୟମାନେ ଅଧ୍ୟକ୍ଷ ବା ଉପାଧ୍ୟକ୍ଷଙ୍କର ଅନୁପସ୍ଥିତିରେ କ୍ରମାନୁଯାୟୀ ଗୃହରେ ଅଧ୍ୟକ୍ଷତା କରିଥାଆନ୍ତି ।

ଗୃହର ମର୍ଯାଦା ରକ୍ଷା ପ୍ରତି ଦୃଷ୍ଟି ଦେବା ତଥା ଗୃହକାର୍ଯ୍ୟର ପରିଚାଳନା କରିବା ଅଧ୍ୟକ୍ଷଙ୍କର ମୁଖ୍ୟ କାର୍ଯ୍ୟ । ବାସ୍ତବରେ ସେ ହେଉଛନ୍ତି ଗୃହର ମୁଖ୍ୟ ତେଣୁ ନିଷ୍ପକ୍ଷ ଭାବରେ ପ୍ରତ୍ୟେକ ଦଳର ସଭ୍ୟମାନଙ୍କ ସ୍ୱାର୍ଥ ରକ୍ଷା କରିବା ତାଙ୍କର ଦାୟିତ୍ୱ । ତାଙ୍କର ଦୂରଦୃଷ୍ଟି, ବିଚାରବୁଦ୍ଧି, ଧୈର୍ଯ୍ୟ, ସହନଶୀଳତା ତଥା ରାଜନୈତିକ ପରିପକ୍ୱତା ଉପରେ ତାଙ୍କର ସମ୍ମାନ ତଥା ମର୍ଯ୍ୟାଦା ନିର୍ଭର କରେ ।

ସେ ଉପରାଷ୍ଟ୍ରପତି ହେଲେ ମଧ୍ୟ ରାଜ୍ୟସଭାର ଅଧ୍ୟକ୍ଷଭାବେ ଦରମା ପାଇଥାନ୍ତି କାରଣ ସମ୍ବିଧାନରେ ଉପରାଷ୍ଟ୍ରପତିଙ୍କ ପାଇଁ ଦରମା ବ୍ୟବସ୍ଥା ନାହିଁ । ଗୃହର ଅଧ୍ୟକ୍ଷ ହିସାବରେ ସେ କୌଣସି ଆଲୋଚନାରେ ଯୋଗ ଦିଅନ୍ତି ନାହିଁ । କେବଳ ଗୃହର କାର୍ଯ୍ୟ ପରିଚାଳନା କରିଥାଆନ୍ତି ଏବଂ ଭୋଟ ମଧ୍ୟ ଦିଅନ୍ତି ନାହିଁ କେବଳ କୌଣସି ବିଲ୍ ବା ପ୍ରସ୍ତାବ ସପକ୍ଷ ବା ବିପକ୍ଷରେ ସମାନ ସଂଖ୍ୟକ ଭୋଟ (Tie) ହୋଇଗଲେ ସେ ଭୋଟ ଦେଇପାରନ୍ତି ।

ରାଜ୍ୟସଭାର ଅଧ୍ୟକ୍ଷ ବା ଉପାଧ୍ୟକ୍ଷ ସ୍ୱଇଚ୍ଛାରେ ପଦତ୍ୟାଗ କରିପାରନ୍ତି ବା ସଭ୍ୟମାନେ ୧୪ ଦିନିଆ ନୋଟିସ ମାଧ୍ୟମରେ ବହିଷ୍କାର ପ୍ରସ୍ତାବକୁ ଆଲୋଚନା କରି ନିଷ୍ପତ୍ତି ଗ୍ରହଣ କରିପାରନ୍ତି ।

କ୍ଷମତା :

ସଂସଦର କ୍ଷମତା ହେଉଛି ଉଭୟ ସଦନର ମିଳିତ କ୍ଷମତା । ଉଭୟ ସଦନର କାର୍ଯ୍ୟ ପରିସର ପ୍ରାୟ ସମାନ ହୋଇଥିଲେ ମଧ୍ୟ ନିମ୍ନ ସଦନ କ୍ଷମତାର ପରିସର ବ୍ୟାପକ । ମନ୍ତ୍ରିମଣ୍ଡଳକୁ ନିୟନ୍ତ୍ରଣ କରିବାର ଦାୟିତ୍ୱ ଉଭୟ ଗୃହକୁ ଦିଆଯାଇଥିଲେ ମଧ୍ୟ ଏହାକୁ କ୍ଷମତାଚ୍ୟୁତ କରିବାର ଅଧିକାର ରାଜ୍ୟ ସଭାର ନାହିଁ । ରାଜ୍ୟସଭା ମନ୍ତ୍ରୀମାନଙ୍କୁ ସେମାନଙ୍କ ବିଭାଗର କାର୍ଯ୍ୟ ସଂକ୍ରାନ୍ତରେ ପ୍ରଶ୍ନ ପଚାରିପାରେ, ଆବଶ୍ୟକ ସ୍ଥଳେ ନିର୍ଦ୍ଦିଷ୍ଟ ବିଷୟ ଉପରେ ଆଲୋଚନା କରି ସରକାରଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରିପାରେ ମାତ୍ର ଅନାସ୍ଥା ପ୍ରସ୍ତାବ ଆଣି ସରକାରଙ୍କୁ କ୍ଷମତାଚ୍ୟୁତ କରିପାରେ ନାହିଁ । ଅନ୍ୟାର୍ଥରେ କାର୍ଯ୍ୟପାଳିକା ବା ମନ୍ତ୍ରିମଣ୍ଡଳକୁ ନିୟନ୍ତ୍ରୀତ କରିବା ପାଇଁ ରାଜ୍ୟସଭାର ଯଥେଷ୍ଟ କ୍ଷମତା ଅଛି

ମାତ୍ର ମନ୍ତ୍ରିମଣ୍ଡଳକୁ କ୍ଷମତାଚ୍ୟୁତ କରିବାର ଅଧିକାର ନାହିଁ କାରଣ ମନ୍ତ୍ରିମଣ୍ଡଳ ନିଜର ସମସ୍ତ କାର୍ଯ୍ୟ ପାଇଁ ନିମ୍ନ ସଦନ ବା ଲୋକସଭା ନିକଟରେ ଦାୟୀ।

ସେହିଭଳି ଆର୍ଥିକ କ୍ଷେତ୍ରରେ ରାଜ୍ୟସଭାର କ୍ଷମତା ଆଦୌ ନାହିଁ କହିଲେ ଚଳେ। କାରଣ ଅର୍ଥ ବିଧେୟକ ବା ବିଲ୍ କେବଳ ନିମ୍ନ ସଦନରେ ଆଗତ କରାଯାଇଥାଏ ଏବଂ ନିମ୍ନ ସଦନର ଅର୍ଥ ସଂକ୍ରାନ୍ତୀୟ ପ୍ରସ୍ତାବକୁ ସଭା ଗ୍ରହଣ କରିବା ପାଇଁ ବାଧ୍ୟ। ନିମ୍ନ ସଦନର ଏହି ପ୍ରସ୍ତାବକୁ ଯଦିବି ରାଜ୍ୟ ସଭା ଗ୍ରହଣ ନ କରେ ତେବେ ୧୪ ଦିନ ପରେ ତାହା ସ୍ୱତଃ ସଂସଦ ଦ୍ୱାରା ଗୃହୀତ ହେଲା ବୋଲି ଧରିନିଆଯାଇଥାଏ। ସେହିଭଳି ବଜେଟ ବା ସରକାରଙ୍କର ବାର୍ଷିକ ଆୟ-ବ୍ୟୟର ବିବରଣୀ କେବଳ ନିମ୍ନ ସଦନରେ ଆଗତ କରାଯାଇଥାଏ ଏବଂ ଗୃହୀତ ହେବା ପରେ ରାଜ୍ୟସଭାକୁ ପଠାଯାଇଥାଏ। ରାଜ୍ୟସଭାର ଏହାକୁ ବିରୋଧ କରିବାର ବା କାଟ ପ୍ରସ୍ତାବ ଗ୍ରହଣ କରିବାର ଅଧିକାର ନାହିଁ ଏହା କେବଳ ଆଲୋଚନା କରି ବଜେଟକୁ ଗ୍ରହଣ କରିଥାଏ।

ଆଇନ ପ୍ରଣୟନ କ୍ଷେତ୍ରରେ ରାଜ୍ୟସଭା ମଧ୍ୟ ଲୋକସଭା ଭଳି ସାଧାରଣ ବିଧେୟକ ଆଗତ କରିପାରେ। ଯେକୌଣସି ସାଧାରଣ ବିଧେୟକ ଆଇନରେ ପରିଣତ ହେବା ପାଇଁ ଦୁଇଟି ଯାକ ସଦନ ଦ୍ୱାରା ଗୃହୀତ ହେବା ଆବଶ୍ୟକ। କିନ୍ତୁ ବିଲଟିକୁ ଗ୍ରହଣ କରିବା ପାଇଁ ଯଦି ଦୁଇଟି ଯାକ ସଦନ ମଧ୍ୟରେ ମତପାର୍ଥକ୍ୟ ଦେଖାଯାଏ ତେବେ ରାଷ୍ଟ୍ରପତି ସଂସଦର ମିଳିତ ଅଧିବେଶନ ଆହ୍ୱାନ କରିଥାନ୍ତି ଏବଂ ମିଳିତ ଅଧିବେଶନରେ ବିଲଟି ଆଲୋଚନା କରାଯାଇ ଗୃହୀତ ହୋଇଥାଏ। କହିବା ଅନାବଶ୍ୟକ ଯେ ଲୋକସଭାର ଅଧିକ ସଭ୍ୟ ସଂଖ୍ୟା ଦୃଷ୍ଟିରୁ ଏହାର ଇଚ୍ଛାହିଁ କାର୍ଯ୍ୟକାରୀ ହୋଇଥାଏ। ଆଇନ୍ ପ୍ରଣୟନ କ୍ଷେତ୍ରରେ ରାଜ୍ୟସଭା କେବଳ ଲୋକସଭା ଦ୍ୱାରା ଗୃହୀତ ପ୍ରସ୍ତାବକୁ ଛଅମାସ ପର୍ଯ୍ୟନ୍ତ ନିଜ ପାଖରେ ରଖିପାରେ ବା ବିଳମ୍ବିତ କରିପାରେ।

ଅବଶ୍ୟ ଅନ୍ୟାନ୍ୟ କ୍ଷେତ୍ରରେ ରାଜ୍ୟସଭାର କ୍ଷମତା ଲୋକସଭାର କ୍ଷମତା ସହ ପ୍ରାୟତଃ ସମାନ। ଉଦାହରଣସ୍ୱରୂପ ସାମ୍ବିଧାନିକ ପଦାଧିକାରୀମାନଙ୍କ ବହିଷ୍କାର କ୍ଷେତ୍ରରେ ବା ସଂବିଧାନ ସଂଶୋଧନ କ୍ଷେତ୍ରରେ ଏହା ଲୋକସଭା ସହ ସମାନ କ୍ଷମତା ଉପଭୋଗ କରିଥାଏ। ଏହାଛଡ଼ା ରାଜ୍ୟସଭାର ମର୍ଯ୍ୟାଦାହାନୀ କରିଥିବା ବ୍ୟକ୍ତିବିଶେଷଙ୍କୁ ସ୍ୱାଧିକାର ଭଙ୍ଗ ଅଭିଯୋଗରେ ରାଜ୍ୟସଭା ଦଣ୍ଡିତ କରିପାରେ। ରାଷ୍ଟ୍ରପତି, ଉପରାଷ୍ଟ୍ରପତିଙ୍କ ନିର୍ବାଚନରେ ରାଜ୍ୟସଭା ମଧ୍ୟ ଭାଗ ନେଇପାରେ।

ନିଜସ୍ୱ କ୍ଷମତା :

ଅବଶ୍ୟ ରାଜ୍ୟସଭାର କେତେକ ଐକାନ୍ତିକ ବା ନିଜସ୍ୱ କ୍ଷମତା (Exclusive Powers) ଅଛି ଯାହା ଲୋକସଭାର ନାହିଁ। ଏହି କ୍ଷମତା ରାଜ୍ୟସଭାର ମୌଳିକ ଉଦ୍ଦେଶ୍ୟ ସାଧିତ କଲେ। ସଂଘୀୟ ସ୍ୱାର୍ଥ ରକ୍ଷା ରାଜ୍ୟସଭାର ମୌଳିକ ଉଦ୍ଦେଶ୍ୟ ସେହି ଦୃଷ୍ଟିରୁ ସମ୍ବିଧାନର ୨୪୯ ଧାରା ଅନୁଯାୟୀ ରାଜ୍ୟସଭା ଦୁଇତୃତୀୟାଂଶ ସଭ୍ୟଙ୍କ ଅନୁମୋଦନକ୍ରମେ ରାଜ୍ୟ ତାଲିକାଭୁକ୍ତ ଯେ କୌଣସି ବିଷୟ ଉପରେ ଆଇନ ପ୍ରଣୟନ କରିବା ପାଇଁ ସଂସଦକୁ ପ୍ରସ୍ତାବ ଦେଇପାରିବ। ସେହିପ୍ରସ୍ତାବ ଅନୁସାରେ ସଂସଦ ରାଜ୍ୟମାନଙ୍କ ପାଇଁ ଆଇନ ପ୍ରଣୟନ କରିଥାଏ। ଏହି ଆଇନ ଏକ ବର୍ଷ ପାଇଁ କାର୍ଯ୍ୟକାରୀ କରାଯାଏ ଏବଂ ଆବଶ୍ୟକ ସ୍ଥଳେ ଆଉ ଏକ ପାଇଁ ପୂର୍ବୋକ୍ତ ପ୍ରକ୍ରିୟା ଦ୍ୱାରା

ଏହାର ଅବଧି ବୃଦ୍ଧି କରାଯାଇପାରେ । ରାଜ୍ୟସଭାର ଏହି କ୍ଷମତା ସଂଘୀୟ ଶାସନରେ ଶୃଙ୍ଖଳା ରକ୍ଷା ପାଇଁ ଉଦ୍ଦିଷ୍ଟ । ଦ୍ୱିତୀୟତଃ ରାଜ୍ୟସଭା ହିଁ ସର୍ବଭାରତୀୟ ଚାକିରୀ (All India Service) ସୃଷ୍ଟି କରିପାରେ । କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଶାସନଗତ ସମତା ଓ ସ୍ଥିରତା ରକ୍ଷା କରିବା ସର୍ବଭାରତୀୟ ସେବାର ଉଦ୍ଦେଶ୍ୟ । ଉଦାହରଣସ୍ୱରୂପ ସର୍ବଭାରତୀୟ ପ୍ରଶାସନିକ ସେବା (I.A.S)ବା ଭାରତୀୟ ଆରକ୍ଷୀ (I.P.S) ତେଣୁ ଆବଶ୍ୟକ ପଡ଼ିଲେ ରାଜ୍ୟସଭା ସର୍ବଭାରତୀୟ ସେବାର ସୃଷ୍ଟି ବା ବିଲୋପ ସାଧନ କରିପାରେ । ଏହି ମର୍ମରେ ଏହାଦ୍ୱାରା ଗୃହୀତ ପ୍ରସ୍ତାବକୁ ଲୋକସଭା ଅନୁମୋଦନ କରିଥାଏ । ଏହାଛଡ଼ା ଏହାର ଅନ୍ୟ ଏକ ମୌଳିକ କ୍ଷମତା ହେଉଛି ଉପରାଷ୍ଟ୍ରପତିଙ୍କର ବହିଷ୍କରଣ ପ୍ରସ୍ତାବ ଆଗତ କରିବା । ଏହି ପ୍ରସ୍ତାବ ଯଦିଓ ସଂସଦର ଦୁଇ ସଦନ ଦ୍ୱାରା ଅନୁମୋଦିତ ହୋଇଥାଏ କିନ୍ତୁ କେବଳ ରାଜ୍ୟସଭା ଦ୍ୱାରା ଆଗତ ହୋଇଥାଏ କାରଣ ଉପରାଷ୍ଟ୍ରପତି ହେଉଛନ୍ତି ରାଜ୍ୟସଭାର ଅଧକ୍ଷ ଏବଂ ସେହି ହିସାବରେ ସେ ନିଜ ଦରମା ପାଇଥାନ୍ତି ।

କେତେକ ସମାଲୋଚକଙ୍କ ମତରେ ରାଜ୍ୟସଭାର ନିଜସ୍ୱ କୌଣସି କ୍ଷମତା ନାହିଁ । ପ୍ରତ୍ୟେକ କ୍ଷେତ୍ରର ଏହା କେବଳ ଲୋକସଭାର କାର୍ଯ୍ୟକୁ ଦୋହରାଇଥାଏ । ଫଳରେ ଆଇନ ପ୍ରଣୟନ କ୍ଷେତ୍ରରେ ହେଉ ବା ଶାସନ ନିୟନ୍ତ୍ରଣ କ୍ଷେତ୍ରରେ ଅଯଥା ବିଳମ୍ବ ସୃଷ୍ଟି ହୋଇଥାଏ ଅନ୍ୟ କେତେକ ସମାଲୋଚକଙ୍କ ମତରେ ସଂଘୀୟ ସ୍ୱାର୍ଥ ରକ୍ଷା କରିବା ପାଇଁ ରାଜ୍ୟସଭାକୁ ଉପଯୁକ୍ତ ଭାବେ ଗଠନ କରାଯାଇନାହିଁ । ଯୁକ୍ତରାଷ୍ଟ୍ର ଭଳି ପ୍ରତ୍ୟେକ ରାଜ୍ୟରୁ ସମାନ ସଂଖ୍ୟକ ସଭ୍ୟ ରାଜ୍ୟସଭାକୁ ନିର୍ବାଚିତ କରି ରାଜ୍ୟମାନଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରାଯାଇନାହିଁ । ଫଳରେ ଭାରତର ବିଭିନ୍ନ ରାଜ୍ୟ ଲୋକ ସଂଖ୍ୟା ଅନୁଯାୟୀ ରାଜ୍ୟସଭାର ଗଠନ ହୋଇଥିବା ଦୃଷ୍ଟିରୁ ଏହା ରାଜ୍ୟମାନଙ୍କ ସ୍ୱାର୍ଥ ରକ୍ଷା କରିବାରେ ସଫଳ ହୋଇନାହିଁ । ତେଣୁ ଅଧିକାଂଶ ସମାଲୋଚକଙ୍କ ମତରେ ରାଜକୋଷରୁ ଅଧିକ ଅର୍ଥ ଅପବ୍ୟୟ କରି ଏଭଳି ଅନାବଶ୍ୟକ ଦ୍ୱିତୀୟ ସଦନ ରଖିବାର ଅର୍ଥ କିଛି ନାହିଁ ତେଣୁ ରାଜ୍ୟସଭାକୁ ଉଚ୍ଛେଦ କରାଯିବା ଉଚିତ ।

କିନ୍ତୁ ଦ୍ୱିତୀୟ ସଦନ ଏକ ଆବଶ୍ୟକୀୟ ବ୍ୟବସ୍ଥା ଏବଂ ଏହାର ଅନେକ ସୁଫଳ ଅଛି ବୋଲି ଏହାର ସପକ୍ଷବାଦୀମାନେ ମତ ଦିଅନ୍ତି । ସ୍ୱର୍ଗତ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କ ମତରେ ସଂସଦ ଦ୍ୱିସଦନୀୟ ହୋଇଥିବା ଦୃଷ୍ଟିରୁ ଦୁଇଟି ଯାକ ଗୃହର ଗୁରୁତ୍ୱ ରହିଛି । ଆଇନ ପ୍ରଣୟନ ପାଇଁ ସାଧାରଣତଃ ନିମ୍ନସଭା ଯେଉଁ ପ୍ରସ୍ତାବ ଗ୍ରହଣ କରିଥାଏ ଉଚ୍ଚ ସଦନ ତାହାର ସମୀକ୍ଷା କରି ଆବଶ୍ୟକ ସ୍ଥଳେ ତାହାର ସଂଶୋଧନ ପାଇଁ ପ୍ରସ୍ତାବ ରଖିପାରେ । ଆଇନକୁ ଦୋଷମୁକ୍ତ ଏବଂ ଉପଯୋଗୀ ରଖିବା ପାଇଁ ଉଭୟ ସଦନର ସହଯୋଗ ଆବଶ୍ୟକ । ଏହାଛଡ଼ା ରାଜ୍ୟସଭା ସାଧାରଣ ବିଧେୟକ ଆଗତ କରିବା ଦ୍ୱାରା ଆଇନ ପ୍ରଣୟନ କ୍ଷେତ୍ରରେ ନିମ୍ନ ସଭା ଉପରେ ଚାପ ବହୁ ପରିମାଣରେ କମି ଯାଇଥାଏ ଏବଂ ଅନ୍ୟ ପକ୍ଷରେ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଦୃଢ଼ କରିଥାଏ ।

ରାଜ୍ୟସଭା ଗଠନ ହେବା ଦିନଠାରୁ ତା'ର କାର୍ଯ୍ୟକୁ ଅନୁଶୀଳନ କଲେ ଜଣାଯାଏ ଯେ ଆଇନ ପ୍ରଣୟନ କ୍ଷେତ୍ରରେ ଏବଂ ରାଷ୍ଟ୍ରୀୟ ସମସ୍ୟା ଅନୁଶୀଳନ କରିବା ଦିଗରେ ଏହା ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଏହା ଲୋକସଭା ସହ ପ୍ରତିଦ୍ୱନ୍ଦିତା ପରିବର୍ତ୍ତେ ବରଂ ସହଯୋଗ କରି ସମ୍ବିଧାନ ପ୍ରଣେତାମାନଙ୍କର ଆଶାକୁ ସାକାର କରିବା ସହ ବିପକ୍ଷବାଦୀ ଆଶଙ୍କାକୁ ପ୍ରତିହତ କରିଛି ।

ଲୋକସଭା

ଗଠନ :

ସଂସଦର ନିମ୍ନ ସଦନକୁ ଲୋକସଭା କୁହାଯାଏ। ଏହା ସଂସଦର ଜନପ୍ରିୟ ସଦନ। କାରଣ ଏହା ଜନସାଧାରଣଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ଗଠିତ ହୋଇଥାଏ। ଏହି ସଭାକୁ ୫୨୫ ଜଣ ସଦସ୍ୟ ବିଭିନ୍ନ ରାଜ୍ୟମାନଙ୍କ ଦ୍ୱାରା ଏବଂ ୨୦ ଜଣ ସଦସ୍ୟ କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ନିର୍ବାଚିତ ହୋଇଥାନ୍ତି। ଏହା ବ୍ୟତିତ ରାଷ୍ଟ୍ରପତି ଆବଶ୍ୟକ ମନେ କଲେ ଦୁଇଜଣ ଆଙ୍ଗ୍ଲୋ ଭାରତୀୟ ସଦସ୍ୟଙ୍କୁ ଲୋକସଭାକୁ ମନୋନୀତ କରିପାରନ୍ତି ଅବଶ୍ୟ ଯଦି ସେ ହୃଦ୍‌ବୋଧ କରନ୍ତି ଯେ ଏହି ସମ୍ପ୍ରଦାୟର ଯଥେଷ୍ଟ ପ୍ରତିନିଧିତ୍ୱ ଲୋକସଭାରେ ନାହିଁ। ଜନସଂଖ୍ୟା ଅନୁପାତରେ ସଭ୍ୟମାନେ ଲୋକସଭାରେ ରାଜ୍ୟମାନଙ୍କର ପ୍ରତିନିଧିତ୍ୱ କରନ୍ତି। ଏହି ସଭ୍ୟମାନେ ୫ ବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି ଓ କାର୍ଯ୍ୟକାଳ ପୂର୍ବରୁ ରାଷ୍ଟ୍ରପତି ଲୋକସଭାକୁ ଭାଙ୍ଗି ଦେଇପାରନ୍ତି। ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ନାଗରିକ ଏହି ନିର୍ବାଚନରେ ଭାଗ ନିଅନ୍ତି। ପୃଥିବୀର ସବୁ ଦେଶ ଅପେକ୍ଷା ଭାରତର ଭୋଟରଙ୍କ ସଂଖ୍ୟା ଅଧିକ ହୋଇଥିବା ଦୃଷ୍ଟିରୁ ଏହାକୁ ପୃଥିବୀର ସର୍ବଶ୍ରେଷ୍ଠ ଗଣତାନ୍ତ୍ରିକ ରାଷ୍ଟ୍ର ବୋଲି କୁହାଯାଇଥାଏ।

କାର୍ଯ୍ୟକାଳ :

ସମ୍ବିଧାନର ୮୫ ଧାରାନୁଯାୟୀ ଲୋକସଭାର ଦୁଇଟି ଅଧିବେଶନ ମଧ୍ୟରେ ଛଅମାସରୁ ଅଧିକ ବ୍ୟବଧାନ ରହିବ ନାହିଁ। ଲୋକସଭା ୫ବର୍ଷ ପାଇଁ ଗଠିତ ହୋଇଥାଏ। ପ୍ରଥମ ଅଧିବେଶନର ତାରିଖଠାରୁ ଏହି ଦିନ ଗଣନା କରାଯାଏ। କିନ୍ତୁ ଏହାର ଅବଧି ପୂରଣ ହେବା ପୂର୍ବରୁ ମଧ ରାଷ୍ଟ୍ରପତି ଏହାକୁ ଭାଙ୍ଗି ଦେଇପାରନ୍ତି ବା ଆପଦକାଳୀନ ସ୍ଥିତିରେ ଏହାର କାର୍ଯ୍ୟକାଳ ଏକ ବର୍ଷ ପାଇଁ ବୃଦ୍ଧି କରିପାରନ୍ତି। ଗୃହର କାର୍ଯ୍ୟ ଆରମ୍ଭ କରିବା ପାଇଁ ଏକ ଦଶମାଂସ ସଭ୍ୟଙ୍କ ଉପସ୍ଥିତି ଆବଶ୍ୟକ । ଏହାକୁ କୋରମ୍ (Quorum) କୁହାଯାଏ।

ଯୋଗ୍ୟତା :

ଲୋକସଭାର ସଭ୍ୟ ଭାବେ ନିର୍ବାଚିତ ହେବା ପାଇଁ ସମ୍ବିଧାନ ଅନୁସାରେ ଜଣେ ପ୍ରାର୍ଥୀଙ୍କର ନିର୍ଦ୍ଦିଷ୍ଟ ଯୋଗ୍ୟତା ଥିବା ଦରକାର ଯଥା : (କ) ସେ ଜଣେ ଭାରତୀୟ ନାଗରିକ ହୋଇଥିବେ (ଖ) ପ୍ରାର୍ଥୀଙ୍କ ବୟସ ଅନ୍ୟୂନ ପକ୍ଷେ ୨୫ ବର୍ଷ ବା ତାହାଠାରୁ ଉର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ (ଗ) ସେ ସରକାରୀ କର୍ମଚାରୀ ହୋଇନଥିବେ ବା ସରକାରଙ୍କ ସହ କୌଣସି ଲାଭ ଜନକ କାରବାରରେ ସଂପୃକ୍ତ ନଥିବେ (ଘ) ସେ ପାଗଳ ବା ଦେବାଳିଆ ହୋଇନଥିବେ (ଙ) ସଂସଦ ଦ୍ୱାରା ନିର୍ଣ୍ଣିତ ଅନ୍ୟାନ୍ୟ ଆବଶ୍ୟକତା ପୂରଣ କରୁଥିବେ।

ଦରମା ଓ ଭତ୍ତା :

ଲୋକସଭାର ସଭ୍ୟମାନେ ମାସିକ ଦରମା ୫୦,୦୦୦ ଟଙ୍କା ଏବଂ ନିର୍ବାଚନ ମଣ୍ଡଳୀ ଭତ୍ତା ୪୫,୦୦୦ ଟଙ୍କା ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଭତ୍ତା ମଧ ପାଇଥାନ୍ତି। ଏହାଛଡ଼ା ଅଧିବେଶନ ବସିଥିବା ବେଳେ ଦୈନିକ ଭତ୍ତା ଟ.୨୦୦୦ ଏବଂ ଯିବା ଆସିବା ପାଇଁ ଗସ୍ତ ଖର୍ଚ୍ଚ ଆଦି ପାଇଥାନ୍ତି।

ବାଚସ୍ପତି :

ଲୋକସଭା ନିର୍ବାଚନ ପରେ ପରେ ସମସ୍ତ ସଦସ୍ୟ ଏକ ଆନୁଷ୍ଠାନିକ ବୈଠକରେ ଯୋଗଦେଇ ନିଜ ମଧ୍ୟରୁ ଜଣକୁ ବାଚସ୍ପତି ଏବଂ ଅନ୍ୟ ଜଣଙ୍କୁ ଉପବାଚସ୍ପତି ନିର୍ବାଚିତ କରନ୍ତି। ଗୃହର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଙ୍କୁ ଯଥାକ୍ରମେ ବାଚସ୍ପତି ଏବଂ ଉପବାଚସ୍ପତି କୁହାଯାଏ। ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବାଚସ୍ପତିଙ୍କ ପଦବୀକୁ ଯଥେଷ୍ଟ ସମ୍ମାନିତ ଏବଂ ମର୍ଯ୍ୟାଦାବନ୍ତ କରାଯାଇଛି। ଅଧ୍ୟକ୍ଷ ହିସାବରେ ଗୃହର ଗୌରବ ଏବଂ ସମ୍ମାନ ରକ୍ଷା କରିବା ବାଚସ୍ପତିଙ୍କ ମୁଖ୍ୟକାର୍ଯ୍ୟ। ତେଣୁ ନିର୍ବାଚନ ପରେ ବାଚସ୍ପତି ସାଧାରଣତଃ ନିଜ ଦଳୀୟ କାର୍ଯ୍ୟକ୍ରମରୁ ନିଜକୁ ଦୂରେଇ ରଖନ୍ତି। ଜଣେ ନିର୍ଦ୍ଦଳୀୟ ଏବଂ ନିରପେକ୍ଷ ବ୍ୟକ୍ତି ଭାବେ କାର୍ଯ୍ୟ କରି ଗୃହର ସମସ୍ତ ରାଜନୈତିକ ଦଳମାନଙ୍କର ସାମ୍ବିଧାନିକ ସ୍ୱାର୍ଥରକ୍ଷା ପ୍ରତି ଦୃଷ୍ଟି ଦେଇଥାଆନ୍ତି। ଭାରତର ରାଜନୈତିକ ପରମ୍ପରା ଅନୁଯାୟୀ ବାଚସ୍ପତିମାନଙ୍କର ନିର୍ଦ୍ଦଳୀୟ ଆଭିମୁଖ୍ୟ ସେମାନଙ୍କୁ ଯଥେଷ୍ଟ ସମ୍ମାନ ଓ ଗୌରବର ଅଧିକାରୀ କରିଥାଏ।

ବାଚସ୍ପତିଙ୍କ ଅନୁପସ୍ଥିତିରେ ତାଙ୍କର ଦାୟିତ୍ୱ ତୁଲାଇବା ପାଇଁ ଲୋକସଭା ମଧ ଜଣେ ଉପବାଚସ୍ପତିଙ୍କୁ ନିର୍ବାଚିତ କରିଥାଏ। ଏହାଛଡା ଗୃହର ସମ୍ମତି ସହ ବାଚସ୍ପତି ଗୋଟିଏ ଅଧ୍ୟକ୍ଷ ମଣ୍ଡଳୀ ଗଠନ କରିଥାନ୍ତି। ବାଚସ୍ପତିଙ୍କ ଅନୁପସ୍ଥିତିରେ ଉପବାଚସ୍ପତି ଏବଂ ଉଭୟଙ୍କ ଅନୁପସ୍ଥିତିରେ ଅଧ୍ୟକ୍ଷ ମଣ୍ଡଳୀର ସଦସ୍ୟମାନେ ବରିଷ୍ଠତା ଭିତ୍ତିରେ କ୍ରମାନ୍ୱୟରେ ଗୃହର କାର୍ଯ୍ୟ ଅଧ୍ୟକ୍ଷ ଭାବେ ପରିଚାଳନା କରିଥାନ୍ତି। ଅଧ୍ୟକ୍ଷତା କରୁଥିବା ସମୟରେ ସେମାନେ ବାଚସ୍ପତିଙ୍କ ସମସ୍ତ କ୍ଷମତା ଉପଭୋଗ କରିଥାନ୍ତି।

ବାଚସ୍ପତିଙ୍କର ପଦତ୍ୟାଗ/ବହିଷ୍କରଣ :

ବାଚସ୍ପତି ସାଧାରଣତଃ ଲୋକସଭାର କାର୍ଯ୍ୟକାଳ ଶେଷ ହେବା ପର୍ଯ୍ୟନ୍ତ ନିଜ ପଦବୀରେ ରହିଥାନ୍ତି। ମାତ୍ର ତାହା ପୂର୍ବରୁ ସେ ସ୍ୱଇଚ୍ଛାରେ ନିଜ ପଦତ୍ୟାଗ କରିପାରନ୍ତି ବା ଗୃହର ସଭ୍ୟମାନଙ୍କ ଦ୍ୱାରା ମଧ କାର୍ଯ୍ୟକାଳ ପୂର୍ବରୁ ଅପସାରିତ ହୋଇପାରନ୍ତି। ୧୪ ଦିନ ପୂର୍ବରୁ ଇଚ୍ଛୁକ ସଭ୍ୟମାନେ ବାଚସ୍ପତିଙ୍କୁ ପଦବୀରୁ ଅପସାରିତ କରିବା ପାଇଁ ଲିଖିତ ଭାବରେ ନିଜ ଇଚ୍ଛା ପ୍ରକାଶ କରିଥାନ୍ତି। ତାଙ୍କ ବହିଷ୍କରଣ ପ୍ରସ୍ତାବ ଆଲୋଚନା ହେବା ବେଳେ ସେ ଗୃହରେ ଅଧ୍ୟକ୍ଷତା କରନ୍ତି ନାହିଁ କିମ୍ବା ପ୍ରସ୍ତାବ ସପକ୍ଷରେ ବା ବିପକ୍ଷରେ ଭୋଟ ଦିଅନ୍ତି ନାହିଁ କିନ୍ତୁ ନିଜ ବିରୁଦ୍ଧରେ ଆସିଥିବା ଅଭିଯୋଗକୁ ଅପ୍ରମାଣିତ କରିବା ପାଇଁ ସୁଯୋଗ ପାଇଥାଆନ୍ତି। ଅବଶ୍ୟ ଆଲୋଚନା ଶେଷରେ ଯଦି ପ୍ରସ୍ତାବ ସପକ୍ଷ ଏବଂ ବିପକ୍ଷରେ ସମାନ ସଂଖ୍ୟକ ଭୋଟ ମିଳେ ତେବେ ଅଭିଯୁକ୍ତ ବାଚସ୍ପତି ସେ କ୍ଷେତ୍ରରେ ନିଜର ଭୋଟ ଦେଇ ପାରନ୍ତି। ଉପବାଚସ୍ପତିଙ୍କ ବହିଷ୍କରଣ କ୍ଷେତ୍ରରେ ମଧ ଏହି ନୀତି ପ୍ରଯୁଜ୍ୟ କରାଯାଏ।

ବାଚସ୍ପତିଙ୍କ କ୍ଷମତା :

ବାଚସ୍ପତିଙ୍କ କ୍ଷମତା ସମ୍ବିଧାନ ଦ୍ୱାରା ନିର୍ଦ୍ଧାରିତ। ଅଧିବେଶନମାନଙ୍କରେ ଅଧ୍ୟକ୍ଷତା କଲାବେଳେ ସେ ଗୃହର ମର୍ଯ୍ୟାଦା, ଗାମ୍ଭୀର୍ଯ୍ୟ ତଥା ଶୃଙ୍ଖଳାକୁ ଆଖି ଆଗରେ ରଖି ଆଲୋଚନାକୁ ନିୟନ୍ତ୍ରିତ କରିଥାଆନ୍ତି। ଆଲୋଚନା ପ୍ରସଙ୍ଗରେ ଯେଉଁ ବୈଧାନିକ ପ୍ରଶ୍ନମାନ ଉତ୍‌ଥାପିତ ହୁଏ, ସେ ସମ୍ବନ୍ଧରେ ନିଜର ରାୟ ବା ରୁଲିଙ୍ଗ୍ ପ୍ରଦାନ କରିଥାନ୍ତି ଯାହାକି ଗୃହର ଶେଷ ନିଷ୍ପତ୍ତି ଭାବେ ଗ୍ରହଣ କରାଯାଏ। ତାଙ୍କ ମତକୁ ନ୍ୟାୟାଳୟରେ ବା ବ୍ୟକ୍ତିଗତ

ସ୍ତରରେ କେହି ଆପତ୍ତି କରିପାରିବେ ନାହିଁ। ଗୃହର ସମସ୍ତ ନିୟମକୁ ସେ ବ୍ୟାଖ୍ୟା କରିଥାଆନ୍ତି। ଆଲୋଚନାର ସୀମା ଯଦି ବୈଧାନିକ ମର୍ଯ୍ୟାଦା ଉଲ୍ଲଙ୍ଘନ କରେ ତେବେ ସେ ସଭ୍ୟମାନଙ୍କୁ ସତର୍କ କରିବା ସହ ସେ ପ୍ରକାର ବିବରଣୀକୁ ପୁସ୍ତିକାରୁ ବାଦଦେବା ପାଇଁ ନିର୍ଦ୍ଦେଶ ଦେଇପାରନ୍ତି। ଯେଉଁ ସଭ୍ୟମାନେ ଗୃହ କାର୍ଯ୍ୟରେ ଉଦ୍ଦେଶ୍ୟମୂଳକ ଭାବରେ ବାଧା ସୃଷ୍ଟି କରନ୍ତି ବା ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରନ୍ତି ସେମାନଙ୍କୁ ସେ ସାମୟିକ ଭାବରେ ଗୃହରୁ ନିଲମ୍ବିତ କରିଥାଆନ୍ତି। ସବୁ ରାଜନୈତିକ ଦଳମାନଙ୍କୁ ସେମାନଙ୍କ ସଂଖ୍ୟା ଅନୁଯାୟୀ ଆଲୋଚନାରେ ଭାଗ ନେବା ପାଇଁ ସେ ସୁଯୋଗ ପ୍ରଦାନ କରିଥାଆନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟରେ ସଭ୍ୟମାନଙ୍କ ଉଦ୍‌ବେଗକୁ ସରକାରଙ୍କୁ ଜଣାଇବା ସଙ୍ଗେ ସଙ୍ଗେ ପ୍ରୋକ୍ତ ସମସ୍ୟା ଉପରେ ନିଜମତ/କାର୍ଯ୍ୟାନୁଷ୍ଠାନ ଗୃହକୁ ଜଣାଇବା ପାଇଁ ସରକାରଙ୍କୁ ବାଧ କରିପାରନ୍ତି। ଅର୍ଥବିଧେୟକ କେବଳ ଲୋକସଭାରେ ଆଗତ କରାଯାଇଥାଏ। ଗୋଟିଏ ବିଧେୟକ ଅର୍ଥ ବିଧେୟକ କି ନୁହେଁ ତାର ଶେଷ ନିଷ୍ପତ୍ତି ବାଚସ୍ପତି କରିଥାଆନ୍ତି।

ଅଧିବେଶନ ସମୟରେ ଗୃହର କାର୍ଯ୍ୟ ନିର୍ଘଣ୍ଟ ସ୍ଥିର କଲାବେଳେ ପ୍ରଧାନମନ୍ତ୍ରୀ ଏବଂ ବିରୋଧିଦଳ ନେତାଙ୍କ ସହ ଆଲୋଚନା କରିଥାନ୍ତି। ଗୃହରେ କେଉଁ ପ୍ରସ୍ତାବ ଆସିବ ଏବଂ କେତେବେଳେ ଆଲୋଚନା ହେବ ତାର ନିଷ୍ପତ୍ତି ସେ ହିଁ କରିଥାଆନ୍ତି। ବିଧେୟକଗୁଡ଼ିକ ଗୃହୀତ ହେବା ପରେ ସେ ରାଷ୍ଟ୍ରପତିଙ୍କ ନିକଟକୁ ତା'ର ଅନୁମୋଦନ ପାଇଁ ପଠାଇଥାନ୍ତି। ଗୃହର ସଦସ୍ୟମାନେ ଉପଭୋଗ କରୁଥିବା ସମସ୍ତ ସୁବିଧା ସୁଯୋଗ ତଥା ଅଧିକାର ପ୍ରତି ଦୃଷ୍ଟି ଦେଇଥାନ୍ତି। କୌଣସି କ୍ଷେତ୍ରରେ ଯଦି ତାର ବ୍ୟତିକ୍ରମ ଘଟେ ତେବେ ତା'ର ନିରାକରଣ ପାଇଁ ପଦକ୍ଷେପ ନେଇଥାଆନ୍ତି।

ଗୃହ କାର୍ଯ୍ୟ ପରିଚାଳନା ବ୍ୟତୀତ ଏହାର କାର୍ଯ୍ୟକ୍ରମରେ ଯଥା ଆଲୋଚନାରେ ବା କୌଣସି ବିଷୟରେ ଭାଗ ନେଇ ରାଜନୈତିକ ମନ୍ତବ୍ୟ ଦିଅନ୍ତି ନାହିଁ। ଫୁଟବଲ ବା କ୍ରିକେଟ ଖେଳର ଅମ୍ପାୟାର ଭଳି ସେ କେବଳ ନିରପେକ୍ଷ ଭାବେ ଗୃହର ନିତିନିୟମ ପ୍ରତି ଦୃଷ୍ଟି ଦେଇଥାଆନ୍ତି ଏବଂ ଏହାର ବ୍ୟତିକ୍ରମରେ କାହାରିକୁ କାର୍ଯ୍ୟ କରିବା ପାଇଁ ସୁଯୋଗ ଦେଇନଥାନ୍ତି। ଆଲୋଚନା ପରେ ଭୋଟ କ୍ଷେତ୍ରରେ ସେ ନିଷ୍ପତ୍ତିମୂଳକ ଭୋଟ ଦେଇପାରନ୍ତି।

ବାଚସ୍ପତିଙ୍କ କ୍ଷମତା ଏବଂ ପଦମର୍ଯ୍ୟାଦା ତଥା ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥାର ପରିଚାଳନା ଦୃଷ୍ଟିରୁ ବାଚସ୍ପତିଙ୍କ ନିରପେକ୍ଷତା ଅପରିହାର୍ଯ୍ୟ। ପକ୍ଷପାତ କରୁଥିବା ବାଚସ୍ପତି କୌଣସି ସମୟରେ ଗୃହର ଆସ୍ଥା ଭାଜନ ହୋଇପାରିବେ ନାହିଁ। ସୁଖର କଥା ଭାରତୀୟ ସଂସଦୀୟ ପରମ୍ପରାରେ ସ୍ୱାଧୀନତା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ନିର୍ବାଚିତ ସମସ୍ତ ବାଚସ୍ପତିମାନେ ଏହି ପ୍ରଥାକୁ ଅକ୍ଷୁଣ୍ଣ ରଖି ନିଜ ପଦବୀର ଗାମ୍ଭୀର୍ଯ୍ୟ ବଜାୟ ରଖିପାରିଛନ୍ତି।

ଲୋକସଭାର କାର୍ଯ୍ୟାବଳୀ :

ସଂସଦର ଦୁଇଟି ଗୃହ ମଧ୍ୟରୁ ଲୋକସଭା ଅଧିକ ପ୍ରତିନିଧିମୂଳକ ହୋଇଥିବାରୁ ରାଷ୍ଟ୍ରର ପ୍ରଶାସନରେ ଏହାର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ। ସାଧାରଣରେ ଏହି ସଭା ହିଁ ପାର୍ଲିଆମେଣ୍ଟ ବା ସଂସଦ ଭାବେ ଧାରଣା ସୃଷ୍ଟି ହୋଇଥାଏ ଯଦିଓ ଏହି ଧାରଣା ଭ୍ରମାତ୍ମକ। ଏହାର କାର୍ଯ୍ୟାବଳୀ ଯଦିଓ ଆଗରୁ ଆଲୋଚିତ ହୋଇଛି ତଥାପି ପ୍ରାସଙ୍ଗିକତା ଦୃଷ୍ଟିରୁ ଏହାକୁ ନିମ୍ନମତେ ଆଲୋଚନା କରାଯାଇପାରେ।

ଆଇନ ପ୍ରଣୟନ କ୍ଷମତା :

ଆଇନ ପ୍ରଣୟନ ପାଇଁ ଯଦିଓ ଉଭୟ ଗୃହରେ ବିଧେୟକ ଆଗତ କରାଯାଏ ତଥାପି ଏ କ୍ଷେତ୍ରରେ ଲୋକସଭା ଅଧିକ କ୍ଷମତାଶାଳୀ କାରଣ ଏହି ଗୃହରେ ସମସ୍ତପ୍ରକାର ବିଧେୟକ (ସାଧାରଣ ବିଧେୟକ ଓ ଅର୍ଥ ବିଧେୟକ) ଆଗତ କରାଯାଇପାରେ। ରାଜ୍ୟସଭାରେ ଅନୁମୋଦିତ ବିଧେୟକଗୁଡ଼ିକ ମଧ୍ୟ ଲୋକସଭାର ଅନୁମୋଦନ ଲାଭ କରିବା ପାଇଁ ଆସିଥାଏ ଏବଂ ଏ କ୍ଷେତ୍ରରେ ଯଦି ଲୋକସଭା ଅନ୍ୟମତ ପୋଷଣ କରେ ତାହେଲେ ତାହା ଆଇନରେ ପରିଣତ ହେବାରେ ସମ୍ଭାବନା ନଥାଏ। କାରଣ ଦୁଇ ସଦନ ମଧ୍ୟରେ ମତ ପାର୍ଥକ୍ୟ ଦେଖାଦେଲେ ରାଷ୍ଟ୍ରପତି ସଂସଦର ମିଳିତ ଅଧିବେଶନ ଆହ୍ୱାନ କରିଥାଆନ୍ତି ଯେଉଁଠାରେ ବିଧେୟକଙ୍କ ଦ୍ୱାରା ପୁନରାଲୋଚିତ ହେବା ପରେ ଭୋଟ ଗ୍ରହଣ କରାଯାଏ। ଲୋକସଭାରେ ଅଧିକ ସଦସ୍ୟ ଥିବା ଦୃଷ୍ଟିରୁ ଏହାର ଇଚ୍ଛା ହିଁ କାର୍ଯ୍ୟକାରୀ ହୋଇଥାଏ।

ଆର୍ଥିକ ନିୟନ୍ତ୍ରଣ କ୍ଷମତା :

ଲୋକସଭା ରାଷ୍ଟ୍ରର ଅର୍ଥକୁ ନିୟନ୍ତ୍ରିତ ଏବଂ ବ୍ୟବସ୍ଥିତ କରିଥାଏ। ଏ କ୍ଷେତ୍ରରେ ରାଜ୍ୟସଭାର କୌଣସି କ୍ଷମତା ନାହିଁ ବୋଲି କୁହାଯାଇପାରେ। କାରଣ ଅର୍ଥବିଧେୟକ କେବଳ ଲୋକସଭାରେ ଆଗତ କରାଯାଏ। ବିଧେୟକଟିଏ ଅର୍ଥ ବିଧେୟକ କି ନାହିଁ ଏହା ଉପରେ ଯଦି କୌଣସି ଦ୍ୱନ୍ଦ୍ୱ ଦେଖାଯାଏ ତେବେ ତାହାର ଶେଷ ନିଷ୍ପତ୍ତି ଲୋକସଭାର ବାଚସ୍ପତି ନେଇଥାନ୍ତି। ଲୋକସଭା ଦ୍ୱାରା ଗୃହୀତ ଅର୍ଥ ବିଧେୟକକୁ ରାଜ୍ୟସଭା ଗ୍ରହଣ କରିବା ପାଇଁ ବାଧ୍ୟ କାରଣ ରାଜ୍ୟସଭାକୁ ଯିବାର ୧୪ ଦିନ ପରେ ଏହା ଆପେ ଆପେ ସଂସଦରେ ଗୃହୀତ ହେଲା ବୋଲି ଧରି ନିଆଯାଇଥାଏ। ଏହାଛଡ଼ା ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶରେ ସରକାରଙ୍କ ବାର୍ଷିକ ଆୟବ୍ୟୟର ବିବରଣୀ (ବଜେଟ) ଲୋକସଭା ଆଲୋଚନା ପାଇଁ ଗ୍ରହଣ କରିଥାଏ। ଲୋକସଭାର ବିନାମଞ୍ଜୁରୀରେ ସରକାର ଏକ କପର୍ଦ୍ଦକ ସୁଦ୍ଧା ଖର୍ଚ୍ଚ କରିପାରିବେ ନାହିଁ କିମ୍ବା କୌଣସି ପଦାର୍ଥ ଉପରେ କର ଧାର୍ଯ୍ୟ କରି ପାରିବେ ନାହିଁ। ବସ୍ତୁତଃ ଲୋକସଭା ଟିକସଧାର୍ଯ୍ୟ ଓ ବ୍ୟୟମଞ୍ଜୁରୀ ଅନୁମୋଦନ କରିବା ପାଇଁ ଏକମାତ୍ର ଅଧିକାରୀ। ରାଜ୍ୟସଭା କେବଳ ବଜେଟ ଆଲୋଚନା କରିଥାନ୍ତି।

ମନ୍ତ୍ରିମଣ୍ଡଳ ନିୟନ୍ତ୍ରଣ କ୍ଷମତା :

ସମ୍ବିଧାନର ୭୨ ଧାରା ଅନୁଯାୟୀ ମନ୍ତ୍ରିମଣ୍ଡଳ ନିଜର ସମସ୍ତ କାର୍ଯ୍ୟକଳାପ ପାଇଁ ଲୋକସଭା ନିକଟରେ ଉତ୍ତରଦାୟୀ ରହିବେ। ଅନ୍ୟାର୍ଥରେ ସରକାରଙ୍କ ଉପରୁ ଯଦି ଲୋକସଭା ନିଜର ଆସ୍ଥା ପ୍ରତ୍ୟାହାର କରିନିଏ ତେବେ ସରକାର ଇସ୍ତଫା ଦବା ପାଇଁ ବାଧ୍ୟ ହୁଅନ୍ତି। ଏହି (ଆସ୍ଥା ପ୍ରତ୍ୟାହାର) କ୍ଷମତା ରାଜ୍ୟସଭାର ନାହିଁ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଏବଂ ବିଭିନ୍ନ ଆଲୋଚନା ଏବଂ ପ୍ରସ୍ତାବ ମାଧ୍ୟମରେ ସରକାରଙ୍କ କାର୍ଯ୍ୟକଳାପର ସର୍ବଶେଷ ତଥ୍ୟ ଲୋକସଭା ହାସଲ କରିପାରେ। କହିବା ବାହୁଲ୍ୟ ଯେ ଏହି ତଥ୍ୟ ମାଧ୍ୟମରେ ଜନସାଧାରଣ ସରକାରଙ୍କର କାର୍ଯ୍ୟକଳାପ ସମ୍ବନ୍ଧରେ ସ୍ୱଷ୍ଟ ରୂପରେଖ ପାଇପାରନ୍ତି ତେଣୁ ସରକାର ଲୋକସଭାର ମତାମତ ପ୍ରତି ଗୁରୁତ୍ୱଦେଇ ପ୍ରଶାସନିକ କ୍ଷେତ୍ରରେ ସଂଯମତା ଅବଲମ୍ବନ କରିବା ସଙ୍ଗେ ସଙ୍ଗେ ନିଜର ଭାବମୂର୍ତ୍ତି ରକ୍ଷା କରିବା ଦିଗରେ

ଯତ୍ନଶୀଳ ହୋଇଥାଆନ୍ତି। ସରକାରଙ୍କ ନିୟନ୍ତ୍ରଣ କରିବା ପାଇଁ ଲୋକସଭା ନିକଟରେ କାଟ ପ୍ରସ୍ତାବ, ମୂଲତବୀ ପ୍ରସ୍ତାବ, ଆଲୋଚନା, ଅବିଶ୍ୱାସ ଅନାସ୍ଥା ପ୍ରସ୍ତାବ ଭଳି ବହୁ ଅସ୍ତ୍ର ଅଛି ଯାହାର ପ୍ରୟୋଗ ସରକାରଙ୍କୁ କାର୍ଯ୍ୟଦକ୍ଷ ତଥା ଦାୟିତ୍ୱଶୀଳ କରିଥାଏ। ଏହାଛଡ଼ା ଲୋକସଭାରେ ସବୁ ପ୍ରକାର ଆଲୋଚନା ହେଉଥିବା ଦୃଷ୍ଟିରୁ ଏହା ଦେଶର ଜନସାଧାରଣଙ୍କ ରାଜନୈତିକ ସଚେତନତା ବୃଦ୍ଧି କରିବାରେ ମଧ୍ୟ ସହାୟକ ହୋଇଥାଏ।

ସମ୍ବିଧାନ ସଂଶୋଧନ କ୍ଷମତା :

ସଂସଦର ବିନା ପ୍ରଯତ୍ନରେ ସମ୍ବିଧାନ ସଂଶୋଧନ କରାଯାଇପାରିବ ନାହିଁ। କାରଣ ଏ କ୍ଷେତ୍ରରେ ରାଜ୍ୟ ପ୍ରଦେଶମାନଙ୍କର କୌଣସି ଭୂମିକା ନାହିଁ। ଯଦିଓ ରାଜ୍ୟସଭା ଓ ଲୋକସଭା ଏ କ୍ଷମତାର ସମଅଧିକାରୀ ତଥାପି ଲୋକସଭା ଏକ ପ୍ରତ୍ୟକ୍ଷଭାବେ ନିର୍ବାଚିତ ସଭା ହୋଇଥିବା ଦୃଷ୍ଟିରୁ ଏବଂ ମନ୍ତ୍ରିମଣ୍ଡଳର ଜନ୍ମଦାତା ହୋଇଥିବାରୁ ସମ୍ବିଧାନ ସଂଶୋଧନରେ ବିଶେଷ ଆଗ୍ରହ ପ୍ରକାଶ କରିଥାଏ। ତେଣୁ ପ୍ରାୟତଃ ଆଜିପର୍ଯ୍ୟନ୍ତ ଯେତେଗୁଡ଼ିଏ ସଂଶୋଧନ ପ୍ରସ୍ତାବ ଗୃହୀତ ହୋଇଛି ତନ୍ମଧ୍ୟରୁ ଲୋକସଭା ଦ୍ୱାରା ଅଧିକ ପ୍ରସ୍ତାବ ଆଗତ ହୋଇଛି।

ଅନ୍ୟାନ୍ୟକ୍ଷମତା :

ଏହାଛଡ଼ା ଉଭୟଗୃହ ମିଳିତ ଭାବେ ରାଷ୍ଟ୍ରପତି ଉପରାଷ୍ଟ୍ରପତିଙ୍କୁ ନିର୍ବାଚିତ କରିଥାଆନ୍ତି ଏବଂ ନିଜ ନିଜ ଗୃହର ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ବିଭିନ୍ନ କମିଟୀର ସଭ୍ୟମାନଙ୍କୁ ନର୍ବାଚିତ କରିଥାନ୍ତି। ଲୋକସଭା ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ନ୍ୟାୟାଳୟର ବିଚାରପତି ଆଦି ପଦାଧିକାରୀମାନଙ୍କର ବହିଷ୍କରଣରେ ଅଂଶ ଗ୍ରହଣ କରିଥାଏ। ଏହାଛଡ଼ା ଲୋକସଭାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ଯଥା ସଂସଦୀୟ କମିଟୀ ରିପୋର୍ଟ, ପବ୍ଲିକ ଆକାଉଣ୍ଟସ୍ କମିଟୀ ରିପୋର୍ଟ, ଏଷ୍ଟିମେଟ କମିଟୀ ରିପୋର୍ଟ, ଲୋକସେବା ଆୟୋଗ ରିପୋର୍ଟ ତଥା ଅର୍ଥ ଆୟୋଗଙ୍କ ରିପୋର୍ଟମାନ ଆଗତ କରାଯାଇଥାଏ। ଶାସନରେ ସ୍ଥିରତା, ସ୍ୱଚ୍ଛତା ତଥା ସଂସ୍କାର ଆଣିବା କ୍ଷେତ୍ରରେ ଏହି ରିପୋର୍ଟମାନଙ୍କ ଭୂମିକା ସୁଦୂରପ୍ରସାରୀ। ଏହି ରିପୋର୍ଟର ତଥ୍ୟଗୁଡ଼ିକ ଗବେଷଣା ପ୍ରସୂତ ହୋଇଥିବା ଦୃଷ୍ଟିରୁ ବର୍ଷବର୍ଷ ଧରି ଏହା ଶାସନକୁ ଦିଗଦର୍ଶନ ଦେଇଥାଏ।

ଆଇନ ପ୍ରଣୟନ ପଦ୍ଧତି :

ଆଇନ ପ୍ରଣୟନ ସଂସଦର ପ୍ରମୁଖ କାର୍ଯ୍ୟ ହୋଇଥିବା ଦୃଷ୍ଟିରୁ ସେ ବିଷୟରେ ସମ୍ବିଧାନରେ ୧୦୭ ଧାରାରୁ ୧୧୭ ଧାରା ମଧ୍ୟରେ ବିଶଦ୍ ଭାବେ ଆଲୋଚନା କରାଯାଇଛି। ପ୍ରସ୍ତାବିତ ଆଇନକୁ ବିଧେୟକ କୁହାଯାଏ। ପ୍ରତ୍ୟେକ ବିଧେୟକ ଆଇନରେ ପରିଣତ ହେବା ପାଇଁ କେତେକ ପର୍ଯ୍ୟାୟ ଦେଇ ଗତି କରିଥାଏ। ସାଧାରଣତଃ ବିଧେୟକ ଦୁଇ ପ୍ରକାର-ସାଧାରଣ ବିଧେୟକ(Ordinary Bill) ଏବଂ ଅର୍ଥ ବିଧେୟକ (Money Bill)। ଏହି ଦୁଇ ପ୍ରକାର ବଧେୟକକୁ ଗୃହୀତ କରିବା ପାଇଁ ସ୍ୱତନ୍ତ୍ର ପଦ୍ଧତିର ବ୍ୟବସ୍ଥା ଅଛି। ସାଧାରଣ ବିଧେୟକ ସଂସଦର ଯେକୌଣସି ଗୃହରେ ଆଗତ କରାଯାଇପାରେ ଏବଂ ଉଭୟ ଗୃହରେ ପୃଥକ୍ ଭାବରେ ଆଲୋଚିତ ହୋଇ ଗୃହୀତ ହୋଇଥାଏ। ବିଲଟିକୁ ଗ୍ରହଣ କଲାବେଳେ ଯଦି ଦୁଇ ଗୃହ ମଧ୍ୟରେ ମତ ପାର୍ଥକ୍ୟ ଦେଖାଯାଏ ତେବେ ରାଷ୍ଟ୍ରପତି ଉଭୟ ଗୃହର ମିଳିତ ଅଧିବେଶନ ଲୋକସଭାର ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଆହ୍ୱାନ କରନ୍ତି। ମିଳିତ ଅଧିବେଶନରେ

ଆଲୋଚନା ପରେ ସଂଖ୍ୟାଧିକ ଭୋଟରେ ବିଧେୟକଟି ଗ୍ରହଣ କରାଯାଏ। ଉଭୟ ଗୃହ ଦ୍ୱାରା ବିଧେୟକଟି ଅନୁମୋଦିତ ହେବା ପରେ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଁ ପଠାଯାଇଥାଏ। ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇବା ପରେ ତାହା ଆଇନରେ ପରିଣତ ହୋଇଥାଏ। ଅବଶ୍ୟ ରାଷ୍ଟ୍ରପତି ସବୁବେଳେ ଅନୁମତି/ସ୍ୱୀକୃତି ଦେବା ପାଇଁ ବାଧ ନୁହଁନ୍ତି। ତାଙ୍କ ମତରେ ଯଦି ବିଧେୟକଟିରେ ଅଧିକ ଆଲୋଚନା ବା ପରିବର୍ତ୍ତନର ଆବଶ୍ୟକତା ଥାଏ ତେବେ ସେ ନିଜର ମତ ଲିପିବଦ୍ଧ କରି ସଂସଦକୁ ଫେରାଇ ଦେଇଥାଆନ୍ତି।

ଅବଶ୍ୟ ସଂସଦ ରାଷ୍ଟ୍ରପତିଙ୍କ ମତାମତକୁ ଗ୍ରହଣ କରିବା ପାଇଁ ବାଧ ନୁହେଁ। ଏହା ରାଷ୍ଟ୍ରପତିଙ୍କ ଅନୁଧ୍ୟାନ ଅନୁସାରେ ବିଧେୟକରେ ପରିବର୍ତ୍ତନ କରିପାରେ ବା ସେହିଭଳି ଭାବରେ ତାଙ୍କ ପାଖକୁ ଆଉଥରେ ସ୍ୱୀକୃତି ପାଇଁ ପଠାଇପାରେ। ଏ କ୍ଷେତ୍ରରେ ରାଷ୍ଟ୍ରପତି ସେ ବିଧେୟକଟିକୁ ସ୍ୱୀକୃତି ଦେବା ପାଇଁ ସାମ୍ବିଧାନିକ ଦୃଷ୍ଟିରୁ ବାଧ।

ସଂସଦର ଉଭୟ ଗୃହରେ ପ୍ରତ୍ୟେକ ବିଧେୟକକୁ ମୁଖ୍ୟତଃ ତିନୋଟି ପଠନ ପର୍ଯ୍ୟାୟ ଦେଇ ଗତି କରିବାକୁ ପଡ଼ିଥାଏ। ଏହି ତିନୋଟି ପର୍ଯ୍ୟାୟ ହେଲା-ପ୍ରଥମପଠନ ପର୍ଯ୍ୟାୟ, ଦ୍ୱିତୀୟ ପଠନ ପର୍ଯ୍ୟାୟ ଏବଂ ତୃତୀୟ ପଠନ ପର୍ଯ୍ୟାୟ।

ସାଧାରଣତଃ ଆଇନ ଆବଶ୍ୟକ କରୁଥିବା ବିଭାଗ ବା ମନ୍ତ୍ରଣାଳୟ ନିଜ ଚେଷ୍ଟାରେ ବିଧେୟକଟିଏ ପ୍ରସ୍ତୁତ କରି ଯେଉଁ ଗୃହରେ ଆଗତ କରିବାକୁ ଚାହାଁନ୍ତି ସେହି ଗୃହର ସଚିବାଳୟକୁ ଜଣାଇଥାନ୍ତି ଫଳରେ ସଚିବାଳୟ ଏହାକୁ ଉପସ୍ଥାପନ କରିବା ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ଦିନ ସ୍ଥିର କରନ୍ତି ଯେଉଁଦିନ ବିଧେୟକଟି ନିର୍ଦ୍ଦିଷ୍ଟ ଗୃହରେ ଉପସ୍ଥାପନ କରାଯାଏ। ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ ବିଧେୟକକୁ ସରକାରୀ ବିଧେୟକ କୁହାଯାଏ। ଗୃହର ଯେକୌଣସି ସଦସ୍ୟ ମଧ୍ୟ ନିଜ ପ୍ରଚେଷ୍ଟାରେ ତଥା ଆଇନ ବିଭାଗର ସହାୟତାରେ ବିଧେୟକଟିଏ ଆଗତ କରିପାରନ୍ତି। ଏହାକୁ ବେସରକାରୀ ସଭ୍ୟଙ୍କ ବିଧେୟକ ବା Private Member’s Bill ବୋଲି କୁହାଯାଇଥାଏ। ଏହି କ୍ଷେତ୍ରରେ ଉକ୍ତ ସଭ୍ୟ ସାଧାରଣତଃ ଏକ ମାସ ପୂର୍ବରୁ ତାଙ୍କ ବିଧେୟକ ଉପସ୍ଥାପନ ପାଇଁ ଉକ୍ତ ସଚିବାଳୟକୁ ଦିନ ଧାର୍ଯ୍ୟ କରିବାକୁ ଆବେଦନ କରିଥାନ୍ତି।

ପ୍ରଥମ ପାଠ ପର୍ଯ୍ୟାୟ :

ନିର୍ଦ୍ଦିଷ୍ଟ ଦିନ ବିଧେୟକ ଆଗତକାରୀ, ସାଧାରଣତଃ ବିଭାଗୀୟ ମନ୍ତ୍ରୀ ବା ବେସରକାରୀ ସଭ୍ୟ ତାଙ୍କ ବିଧେୟକର ନାମ ପାଠ କରି ଏହାର ମୁଖ୍ୟଉଦ୍ଦେଶ୍ୟ ସଂପର୍କରେ ଅତି ସଂକ୍ଷେପରେ ସୂଚନା ଦେଇଥାନ୍ତି। ଯାହା ପରେ ବାଚସ୍ପତିଙ୍କ ନିର୍ଦ୍ଦେଶ କ୍ରମେ ତାହାକୁ ସରକାରୀ ଗେଜେଟରେ ପ୍ରକାଶନ ପାଇଁ ପଠାଯାଏ। ପ୍ରଥମ ପାଠ ପର୍ଯ୍ୟାୟରେ କେବଳ ଏତିକି କାର୍ଯ୍ୟ କରାଯାଏ। ଏହି ବିଧେୟକଟି ଆଗତ ସମୟରେ ବା ପ୍ରଥମ ପାଠ ପର୍ଯ୍ୟାୟରେ ଏହାକୁ କେହି ବିରୋଧ କରିନଥାନ୍ତି କାରଣ ପରବର୍ତ୍ତୀ ପର୍ଯ୍ୟାୟରେ ଏଥିପାଇଁ ପର୍ଯ୍ୟାପ୍ତ ସୁଯୋଗ ମିଳିଥାଏ। ତଥାପି ମଧ୍ୟ ଏହି ଅବସ୍ଥାରେ ଯଦି କେହି ଏହାର ବିରୋଧ କରନ୍ତି ତେବେ ଉକ୍ତ ବିରୋଧି ସଭ୍ୟଙ୍କ ଅନୁମତି ପ୍ରଦାନ କରି ବାଚସ୍ପତି ତାଙ୍କୁ ନିଜ ମତ ଉପସ୍ଥାପନ ପାଇଁ ସୁଯୋଗ ଦେଇଥାନ୍ତି। ତାହାପରେ ଆଗତକାରୀ ସଭ୍ୟ ନିଜ ବିଧେୟକ

ସପକ୍ଷରେ ଯୁକ୍ତି ବାଢ଼ିବାପରେ ବାଚସ୍ପତି ବାଚନିକ ଭୋଟରେ ବିଧେୟକଟି ଆଗତ କରାଯିବ କି ନାହିଁ ତା'ର ନିଷ୍ପତ୍ତି ନେଇଥାନ୍ତି।

ଦ୍ୱିତୀୟ ପାଠ ପର୍ଯ୍ୟାୟ :

ବାସ୍ତବରେ ଏହି ପର୍ଯ୍ୟାୟରେ ଆଇନ ପ୍ରଣୟନର ସମସ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦିତ ହୋଇଥାଏ। ଏହି ପର୍ଯ୍ୟାୟରେ ବିଧେୟକ ଆଗତକାରୀ ନିମ୍ନୋକ୍ତମତେ ପ୍ରସ୍ତାବ ଦିଅନ୍ତି ଯେ (କ) ଏହି ବିଧେୟକ ଉପରେ ଗୃହରେ ଯଥାଶୀଘ୍ର ଆଲୋଚନା କରାଯାଇପାରେ ବା (ଖ) ଗୃହର ଯାଞ୍ଚକମିଟିକୁ ପଠାଯାଇପାରେ ବା (ଗ) ଏହାର ଗୁରୁତ୍ୱ ଦୃଷ୍ଟିରୁ ଏହା ସମ୍ବନ୍ଧରେ ଜନମତ ସଂଗ୍ରହ ପାଇଁ ବ୍ୟବସ୍ଥା କରାଯାଇପାରେ। ସାଧାରଣତଃ ଗୃହର କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ବିଧେୟକଗୁଡ଼ିକ ଗୃହକମିଟିକୁ ପଠାଯାଇଥାଏ। ଏହି କିମିଟିର ସଭ୍ୟ ଏବଂ ଅଧ୍ୟକ୍ଷଙ୍କୁ ବାଚସ୍ପତି ନିଯୁକ୍ତି ଦେଇଥାନ୍ତି।

ଗୃହକମିଟିରେ ଯଦିଓ ଭିନ୍ନ ଦଳର ସଦସ୍ୟମାନେ ଥା'ନ୍ତି ତଥାପି ବିଧେୟକଟିକୁ ସେମାନେ ନିଷ୍ପାର ସହ ପରୀକ୍ଷା କରି ଏହାକୁ କିଭଳି କାର୍ଯ୍ୟକାରୀ କରାଯାଇପାରିବ ସେଥିପ୍ରତି ସଚେତନ ରହିଥାନ୍ତି ଏବଂ ଏହାକୁ ରାଜନୈତିକ ଦୃଷ୍ଟିକୋଣରୁ ଆଦୌ ବିଚାର କରନ୍ତି ନାହିଁ। ଏହି କମିଟି ସରକାରଙ୍କ ପଦସ୍ଥ କର୍ମକର୍ତ୍ତାମାନଙ୍କ ସହାୟତାରେ ଏହାର ବିଭିନ୍ନ ଦିଗ ଉପରେ ଆଲୋଚନା କରି ଏହାର ଧାରା ଉପଧାରଗୁଡ଼ିକ ତନ୍ନ ତନ୍ନ କରି ଅନୁଧାନ କରି ନିଜ ରିପୋର୍ଟ ବାଚସ୍ପତିଙ୍କୁ ପ୍ରଦାନ କରିଥାନ୍ତି। ଏହି ରିପୋର୍ଟରେ ସେମାନେ ନୂଆ ପ୍ରସ୍ତାବ ଦେଇପାରନ୍ତି ଏବଂ ବିଧେୟକର ଅନାବଶ୍ୟକ ଭାଗକୁ ମଧ୍ୟ ବାଦ ଦେବା ପାଇଁ ପ୍ରସ୍ତାବ ରଖିପାରନ୍ତି। ମୋଟ ଉପରେ ବିଲ୍‌ଟି ଯେପରି ବୃହତ୍ତର ସ୍ୱାର୍ଥ ରକ୍ଷା କରି କାର୍ଯ୍ୟକାରୀ ହୋଇପାରିବ ତାହା ସେମାନେ ସେମାନଙ୍କ ରିପୋର୍ଟରେ ଉଲ୍ଲେଖ କରି ପ୍ରାୟ ତିନି ମାସ ମଧ୍ୟରେ ତାହା ପ୍ରଦାନ କରିଥାନ୍ତି।

ଏହାପରେ ଦ୍ୱିତୀୟ ପଠନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଥାଏ। ସଦନର ସଦସ୍ୟମାନେ ରିପୋର୍ଟଟିକୁ ଅନୁଧ୍ୟାନ କରି ପ୍ରତ୍ୟେକ ଧାରା, ନୂଆ ପ୍ରସ୍ତାବ ଏବଂ ରିପୋର୍ଟରେ ଉଲ୍ଲିଖିତ ଅନାବଶ୍ୟକ ଅଂଶ ସମସ୍ତ ବିଷୟ ବିଶଦ୍ ଭାବରେ ଆଲୋଚନା ଏବଂ ସମାଲୋଚନା କରି ଯାହା ଆବଶ୍ୟକ ମନେ କରନ୍ତି ସେହିଭଳି ପ୍ରସ୍ତାବ ଗ୍ରହଣ କରନ୍ତି। ଏହି ସମୟରେ ସଂଶୋଧନ ପ୍ରସ୍ତାବ ମଧ୍ୟ ଆସିଥାଏ। କମିଟି ରିପୋର୍ଟକୁ ସଂପୂର୍ଣ୍ଣ ରୂପେ ଗୃହ ଗ୍ରହଣ କରିବାକୁ ବାଧ୍ୟ ନୁହେଁ। ଏ ସମସ୍ତ ଆବଶ୍ୟକୀୟ ପରିବର୍ତ୍ତନ ପରେ ପ୍ରତ୍ୟେକ ଧାରା ଉପରେ ଭୋଟ ଗ୍ରହଣ କରାଯାଇ ଦ୍ୱିତୀୟ ପଠନ ପର୍ଯ୍ୟାୟ ଶେଷ କରାଯାଏ।

ତୃତୀୟ ପାଠ ପର୍ଯ୍ୟାୟ :

ଏହି ପର୍ଯ୍ୟାୟଟି ମଧ୍ୟ ପ୍ରଥମ ପାଠ ପର୍ଯ୍ୟାୟ ଭଳି ଅତି ସରଳ। ଏହି ପର୍ଯ୍ୟାୟରେ ସମଗ୍ର ବିଲଟିରେ କେଉଁଠାରେ କିଛି ବୈଷୟିକତ୍ରୁଟି ଅଛି କି ନାହିଁ ଦେଖିସାରିବା ପରେ ଭୋଟ ଦିଆଯାଏ। ବିଧେୟକଟି ବହୁମତରେ ଗୃହୀତ ହେବା ପରେ ତାହାକୁ ଅନ୍ୟ ଗୃହକୁ ଆଲୋଚନା ପାଇଁ ପଠାଯାଏ। ସେଠାରେ ମଧ୍ୟ ଉପରବର୍ଣ୍ଣିତ ପ୍ରଣାଳୀରେ ତାହା ଆଲୋଚିତ ହୋଇ ଗୃହୀତ ହେବା ପରେ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯାଇଥାଏ। ଏହି ଅନୁମୋଦନ ପାଇସାରିବା ପରେ ତାହା ଆଇନ (Act)ରେ ପରିଣତ ହୁଏ।

ଆର୍ଥିକ ପଦ୍ଧତି :

ପୃଥିବୀର ସମସ୍ତ ଗଣତାନ୍ତ୍ରିକ ବ୍ୟବସ୍ଥାରେ ରାଜକୋଷ ନିୟନ୍ତ୍ରଣ ଏବଂ ସୁପରିଚାଳନା ଦାୟିତ୍ୱ ସଂସଦର ଲୋକପ୍ରିୟ ସଦନକୁ ଦିଆଯାଇଥାଏ। କାରଣ ସର୍ବସାଧାରଣଙ୍କ ଅର୍ଥରେ ରାଜକୋଷର ସୃଷ୍ଟି ହୋଇଥାଏ। ତେଣୁ ଏହିଠାରୁ ଅର୍ଥବ୍ୟୟ କରିବା ବା ଜନସାଧାରଣଙ୍କଠାରୁ କର ଆଦାୟ କରିବା ଜନପ୍ରତିନିଧିଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେବା ବାଞ୍ଛନୀୟ। ଏହି ଦୃଷ୍ଟିରୁ ଆର୍ଥିକ ମାମଲାରେ ଲୋକସଭାକୁ ସମସ୍ତ କ୍ଷମତା ଅର୍ପଣ କରାଯାଇଛି। ଅର୍ଥ ସମ୍ବନ୍ଧୀୟ ବିଧେୟକ କେବଳ ଲୋକସଭାରେ ଆଗତ କରାଯାଇପାରିବ। କୌଣସି ବେସରକାରୀ ସଭ୍ୟ ଏହା ଆଗତ କରିପାରିବେ ନାହିଁ। ରାଷ୍ଟ୍ରପତିଙ୍କ ଅନୁମତି କ୍ରମେ ଜଣେ ମନ୍ତ୍ରୀ ଏହି ବିଧେୟକ ଆଗତ କରିପାରିବେ। ପ୍ରତ୍ୟେକ ଆର୍ଥିକ ବର୍ଷର ପ୍ରାରମ୍ଭରେ ସରକାରଙ୍କ ତରଫରୁ ଅର୍ଥମନ୍ତ୍ରୀ ଆବଶ୍ୟକତା ମେଣ୍ଟାଇବା ପାଇଁ ଲୋକସଭାରେ ବଜେଟ ଆଗତ କରନ୍ତି। ଏହି ବଜେଟରେ ବାର୍ଷିକ ଆୟ ଏବଂ ବ୍ୟୟର ବିଶଦ୍ ଭାବେ ଆକଳନ କରାଯାଇଥାଏ। ସାଧାରଣତଃ ଯେଉଁଦିନ ବଜେଟ ଉପସ୍ଥାପନ କରାଯାଏ ସେଦିନ ଅନ୍ୟ କୌଣସି ଆଲୋଚନା କରାଯାଇନଥାଏ। ପରବର୍ତ୍ତୀ ପର୍ଯ୍ୟାୟରେ ସବୁଦଳର ସଭ୍ୟମାନେ ବିଶଦ୍‌ଭାବେ ଆଲୋଚନା କରିଥାନ୍ତି ଏବଂ ଆବଶ୍ୟକ ସ୍ଥଳେ କାଟ ପ୍ରସ୍ତାବ ମଧ୍ୟ ଦେଇଥାନ୍ତି। କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟ ଉପରେ ବା ସାମଗ୍ରୀକ ଭାବରେ ସରକାର ଚାହୁଁଥିବା ଅର୍ଥର ପରିମାଣକୁ କମେଇଦବା ପାଇଁ ପ୍ରସ୍ତାବ ଆସିପାରେ। ସାଧାରଣତଃ ଏହି କାଟ ପ୍ରସ୍ତାବ ରାଜନୈତିକ ଦୃଷ୍ଟିକୋଣରୁ ସରକାରଙ୍କ ବିରୁଦ୍ଧରେ ଅସନ୍ତୋଷ ପ୍ରକାଶ କରିବା ପାଇଁ ଉଦ୍ଦିଷ୍ଟ। ଏହି ପ୍ରସ୍ତାବ ଗୃହୀତ ହୋଇଗଲେ ସରକାର ଇସ୍ତଫା ଦେବା ପାଇଁ ବାଧ୍ୟ ହୋଇଥାନ୍ତି। ସାଧାରଣତଃ ବହୁ ଆଲୋଚନା ପରେ ବଜେଟକୁ ଲୋକସଭା ସ୍ୱୀକୃତି ଦେଇଥାଏ। ଏହି ବଜେଟରେ ପ୍ରତ୍ୟେକ ବିଭାଗ ପାଇଁ ଅର୍ଥ ଦାବି ସ୍ୱତନ୍ତ୍ର ଭାବରେ ଗୃହୀତ ହୋଇଥାଏ। ତେଣୁ ସରକାର ବିଭାଗୀୟ ବଜେଟରେ ନିର୍ଦ୍ଧାରିତ ପରିମାଣ ଅର୍ଥଠାରୁ ଅଧିକ ଅର୍ଥ ଖର୍ଚ୍ଚ କରିପାରିବେ ନାହିଁ।

ଲୋକସଭାରେ ଅର୍ଥବିଲ୍ ଗୃହୀତ ହେବା ପରେ ଏହା ରାଜ୍ୟସଭାକୁ ପଠାଯାଏ। ରାଜ୍ୟସଭା ଏ ସଂକ୍ରାନ୍ତରେ କେବଳ ଆଲୋଚନା କରି ୧୪ ଦିନ ମଧ୍ୟରେ ବିଲ୍‌ଟିକୁ ଫେରାଇ ଦେଇଥାଏ। ଯଦି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏହା ଲୋକସଭାକୁ ବିଧେୟକଟି ନ ଫେରାଏ ତେବେ ଆପେ ଆପେ ଏହା ରାଜ୍ୟସଭା ଦ୍ୱାରା ଗୃହୀତ ହେଲା ବୋଲି ଧରିନିଆଯାଏ। ଏ ବିଧେୟକଟି ଯେତେବେଳେ ରାଷ୍ଟ୍ରପତିଙ୍କ ପାଖକୁ ତାଙ୍କର ସ୍ୱୀକୃତି ପାଇଁ ଆସେ ସେତେବେଳେ ରାଷ୍ଟ୍ରପତି ଏହାକୁ ସ୍ୱୀକୃତି ଦେଇଥାନ୍ତି। ସାଧାରଣ ବିଧେୟକଭଳି ରାଷ୍ଟ୍ରପତି ଏହାକୁ ଗୃହର ପୁନଃବିଚାର ପାଇ ପଠାନ୍ତି ନାହିଁ।

ଏଠାରେ ଉଲ୍ଲେଖ କରାଯାଇପାରେ ଯଦି କୌଣସି ବିଶେଷ କାରଣରୁ ଯଥା ସମୟରେ (ମାର୍ଚ୍ଚ ୩୧ ତାରିଖ ପୂର୍ବରୁ) ବଜେଟ ସଂସଦ ଦ୍ୱାରା ଗୃହୀତ ହେବାର ସମ୍ଭାବନା ନଥାଏ ତେବେ ଲୋକସଭା Vote on Account ବା ଲେଖା ଅନୁଦାନ ଦ୍ୱାରା ଦୁଇମାସ ପାଇଁ ସରକାରଙ୍କୁ ଭାରତର ଜରୁରୀ ପାଣ୍ଠିରୁ (Contigency fund of India) ଅର୍ଥବ୍ୟୟ କରି ପାଇଁ ଅଧିକୃତ କରିପାରେ ଯାହାକି ପରେ ବଜେଟ ଗ୍ରହଣ ପରେ ସମତୁଲ କରାଯାଇଥାଏ।

ରାଜ୍ୟ ବ୍ୟବସ୍ଥାପିକା : ଏହାର ଗଠନ ଓ କାର୍ଯ୍ୟ

କେନ୍ଦ୍ରୀୟ ବ୍ୟବସ୍ଥାପିକା ଭଳି ଭାରତବର୍ଷର ରାଜ୍ୟମାନଙ୍କର ମଧ୍ୟ ବିଧାନମଣ୍ଡଳର ବ୍ୟବସ୍ଥା ରହିଛି । କ୍ଷମତା, କାର୍ଯ୍ୟକାଳ ତଥା ଗୁରୁତ୍ୱ ଏ ସମସ୍ତ ଦୃଷ୍ଟିରୁ ଏହାକୁ ସଂସଦର ଏକ ପ୍ରତିଛବି କହିଲେ ଭୁଲ ହେବ ନାହିଁ । ମାତ୍ର ସାଙ୍ଗଠନିକ ଦୃଷ୍ଟିକୋଣରୁ ଏହା କେନ୍ଦ୍ରୀୟ ବ୍ୟବସ୍ଥାର ଅନୁରୂପ ନୁହେଁ । ସଂସଦ ଦ୍ୱିସଦନୀୟ ହୋଇଥିବା ବେଳେ ରାଜ୍ୟମାନଙ୍କରେ ଏହାର ବ୍ୟତିକ୍ରମ କରାଯାଇଛି । ରାଜ୍ୟମାନଙ୍କୁ ଆର୍ଥିକ ଚାପରୁ ମୁକ୍ତ ରଖିବା ପାଇଁ ନିଜର ବ୍ୟବସ୍ଥାପିକାକୁ ଏକସଦନୀୟ ବା ଦ୍ୱିସଦନୀୟ ରଖିବାର ସ୍ୱାଧୀନତା ସେମାନଙ୍କୁ ଦିଆଯାଇଛି । ସମ୍ବିଧାନର ବ୍ୟବସ୍ଥାନୁସାରେ ରାଜ୍ୟମାନେ ଇଚ୍ଛା କଲେ ଦ୍ୱିସଦନୀୟ ରଖିବାର ସ୍ୱାଧୀନତା ସେମାନଙ୍କୁ ଦିଆଯାଇଛି । ସମ୍ବିଧାନର ବ୍ୟବସ୍ଥାନୁସାରେ ରାଜ୍ୟମାନେ ଇଚ୍ଛା କଲେ ଦ୍ୱିସଦନୀୟ ବ୍ୟବସ୍ଥା ନିଜ ପାଇଁ ଗ୍ରହଣ କରିପାରନ୍ତି ବା ସେ ବ୍ୟବସ୍ଥାର ଉଚ୍ଛେଦ କରିପାରନ୍ତି । ସମ୍ବିଧାନର ୧୬୯ ଧାରା ଅନୁସାରେ ଯେ କୌଣସି ରାଜ୍ୟର ଦ୍ୱିତୀୟ ସଦନର ସୃଷ୍ଟି ବା ବିଲୋପ କରିପାରିବ । ଏହାକୁ ସଂବିଧାନ ସଂଶୋଧନ ଭାବେ ବିବେଚନା କରାଯାଏ ନାହିଁ । ସଂବିଧାନ କାର୍ଯ୍ୟକାରୀ ହେବାଠାରୁ ଆଜି ପର୍ଯ୍ୟନ୍ତ ଅନେକ ରାଜ୍ୟ ସେମାନଙ୍କର ଦ୍ୱିତୀୟ, ସଦନକୁ ଉଚ୍ଛେଦ କରିଥିବା ବେଳେ ଅନ୍ୟ କେତେକ ରାଜ୍ୟ ନିଜ ପାଇଁ ଦ୍ୱିତୀୟ ସଦନ ପ୍ରତିଷ୍ଠା କରିଛନ୍ତି । ବର୍ତ୍ତମାନ ବିହାର, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଏବଂ ଜାମ୍ମୁ ଓ କାଶ୍ମୀର ଏହି ପାଞ୍ଚଟି ରାଜ୍ୟକୁ ଛାଡ଼ିଦେଲେ ଅନ୍ୟାନ୍ୟ ରାଜ୍ୟମାନଙ୍କର ବ୍ୟବସ୍ଥାପିକା ଏକ ସଦନୀୟ । ଯେଉଁ ରାଜ୍ୟର ବ୍ୟବସ୍ଥାପିକା ଏକ ସଦନୀୟ ତାହାକୁ ବିଧାନସଭା ଏବଂ ଯାହାର ଦ୍ୱିସଦନୀୟତ ତାହାର ଦୁଇଟି ଯାକ ଗୃହକୁ ବିଧାନପରିଷଦ ଏବଂ ବିଧାନସଭା କୁହାଯାଏ । ବିଧାନସଭା (ନିମ୍ନଗୃହ) ହେଉଛି ଜନପ୍ରିୟ ସଦନ କାରଣ ଏହାର ସଭ୍ୟମାନେ ପ୍ରତ୍ୟକ୍ଷ ଭାବେ ରାଜ୍ୟ ଜନସାଧାରଣଙ୍କ ଦ୍ୱାରା ଗୁପ୍ତ ଭୋଟ ମାଧ୍ୟମରେ ନିର୍ବାଚିତ ହୋଇଥାନ୍ତି ଏବଂ ବିଧାନ ପରିଷଦ (ଉଚ୍ଚସଦନ) ର ସଭ୍ୟମାନେ ପରୋକ୍ଷ ଭାବେ ନିର୍ବାଚିତ ହୋଇଥାନ୍ତି । ବିଧାନ ପରିଷଦ ଓ ବିଧାନସଭା ଯଥାକ୍ରମେ ରାଜ୍ୟସଭା ଏବଂ ଲୋକସଭା ସହ ତୁଳନୀୟ ।

ରାଜ୍ୟପାଳ ହେଉଛନ୍ତି ରାଜ୍ୟ ବିଧାନମଣ୍ଡଳୀର ଅବିଚ୍ଛେଦ୍ୟ ଅଙ୍ଗ । ତେଣୁ ଏ କ୍ଷେତ୍ରରେ ସେ ରାଷ୍ଟ୍ରପତିଙ୍କ ଭଳି କାର୍ଯ୍ୟ କରିଥାନ୍ତି । ବିଧାନମଣ୍ଡଳୀର ଅଧିବେଶନ ଆହ୍ୱାନ କରିବା ଏବଂ ଏହାର ସମାପ୍ତି ପରେ ତାହାକୁ ସ୍ଥଗିତ ରଖିବା, ବିଧାନମଣ୍ଡଳୀ ଦ୍ୱାରା ଗୃହୀତ ବିଧେୟକକୁ ନିଜର ଅନୁମୋଦନ ପ୍ରଦାନ କରି ଆଇନରେ ପରିଣତ କରିବା, ବିଧାନମଣ୍ଡଳୀ ବସି ନଥିବା ବେଳେ ଆବଶ୍ୟକତା ସ୍ଥଳେ ଅଧ୍ୟାଦେଶ ଜାରୀ କରିବା, ବିଧାନସଭାର ପ୍ରଥମ ଅଧିବେଶନକୁ ସମ୍ବୋଧିତ କରିବା ଏବଂ ଆବଶ୍ୟକ ସ୍ଥଳେ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକର ବିଚାର ପାଇଁ ବିଧାନମଣ୍ଡଳୀକୁ ନିଜର ବାର୍ତ୍ତାପ୍ରେରଣ କରିବା ଆଦି କାର୍ଯ୍ୟମାନ ରାଜ୍ୟପାଳଙ୍କ ଅଧିକାରଭୁକ୍ତ ।

ବିଧାନମଣ୍ଡଳୀର କାର୍ଯ୍ୟ :

ରାଜ୍ୟବିଧାନମଣ୍ଡଳୀର କାର୍ଯ୍ୟପରିସର ମଧ୍ୟ ସଂସଦର କାର୍ଯ୍ୟ ସହ ପ୍ରାୟ ସମାନ । ରାଜ୍ୟ ଏବଂ ଯୁଗ୍ମ ତାଲିକା ଭୁକ୍ତ ସମସ୍ତ ବିଷୟ ଉପରେ ବିଧାନମଣ୍ଡଳୀ ଆଇନ୍ ପ୍ରଣୟନ କରିଥାଏ । ଅବଶ୍ୟ ଯୁଗ୍ମ ତାଲିକାଭୁକ୍ତ ବିଷୟ ଉପରେ ଆଇନ ପ୍ରଣୟନ କରିବା ପାଇଁ ଆବଶ୍ୟକ ସ୍ଥଳେ କେନ୍ଦ୍ରର ଅନୁମତି ବା ଅନୁମୋଦନ ଆବଶ୍ୟକ ହୋଇଥାଏ ଏବଂ ଏହା ଯେପରି କେନ୍ଦ୍ରୀୟ ଆଇନର ବିରୋଧାଚରଣ ନକରେ ସେଥିପ୍ରତି ମଧ୍ୟ ଦୃଷ୍ଟି ଦିଆଯାଇଥାଏ ।

ବିଧେୟକଗୁଡ଼ିକ ବିଧାନମଣ୍ଡଳୀ ଦ୍ୱାରା ଗୃହୀତ ହେବା ପରେ ରାଜ୍ୟପାଳଙ୍କ ସ୍ୱୀକୃତି ପାଇଁ ଯାଇଥାଏ । କେତେକ କ୍ଷେତ୍ରରେ ରାଜ୍ୟପାଳ ଆବଶ୍ୟକ ମନେକଲେ ବିଧେୟକଟି ରାଷ୍ଟ୍ରପତିଙ୍କର ବିଚାର ପାଇଁ ସଂରକ୍ଷିତ ରଖିଥାଆନ୍ତି । ଏହି ସଂରକ୍ଷିତ ବିଧେୟକଟିକୁ ରାଷ୍ଟ୍ରପତି ସ୍ୱୀକୃତି ଦେବା ପାଇଁ ବାଧ୍ୟ ନୁହନ୍ତି ।

ବିଧାନମଣ୍ଡଳୀ ମଧ୍ୟ ସଂସଦଭଳି ରାଜ୍ୟ ସରକାର ତଥା କାର୍ଯ୍ୟପାଳିକାକୁ ନିୟନ୍ତ୍ରଣ କରିଥାନ୍ତି । ମନ୍ତ୍ରୀମାନଙ୍କୁ ସେମାନଙ୍କ ବିଭାଗୀୟ କାର୍ଯ୍ୟ ସଂକ୍ରାନ୍ତରେ ବୈଧାନିକ ପ୍ରଶ୍ନ ଛଳରେ କୈଫିୟତ ତଲବ କରିଥାଆନ୍ତି । ଶାସନ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ମାଧ୍ୟମରେ ହେଉବା ମୁଲତବୀ ପ୍ରସ୍ତାବ ମାଧ୍ୟମରେ ହେଉ ଆଲୋଚନା କରି ସରକାରଙ୍କର ନିଷ୍କ୍ରିୟତା ବା ଅପରାଗତା ସମ୍ବନ୍ଧରେ ଜନସଚେତନତା ସୃଷ୍ଟି କରିଥାଆନ୍ତି । ମନ୍ତ୍ରିମଣ୍ଡଳ ମଧ୍ୟ ସେମାନଙ୍କର ସମସ୍ତ କାର୍ଯ୍ୟ ପାଇଁ ନିମ୍ନ ସଦନ ବା ବିଧାନସଭା ନିକଟରେ ଦାୟୀ ରହନ୍ତି । ଏହି ଗୃହର ଆସ୍ଥାଭାଜନ ଥିବା ପର୍ଯ୍ୟନ୍ତ ସରକାର କାର୍ଯ୍ୟ କରିଥାଆନ୍ତି । ଯେଉଁ ମୁହୂର୍ତ୍ତରେ ଅନାସ୍ଥାପ୍ରସ୍ତାବ ବା କାଟପ୍ରସ୍ତାବ ମାଧ୍ୟମରେ ସରକାର ଆସ୍ଥା ହରାଇଥାଏ ସେହିକ୍ଷଣି ଇସ୍ତଫା ଦେବା ପାଇଁ ବାଧ୍ୟ ହୋଇଥାଏ । ସରକାରଙ୍କୁ ନିୟନ୍ତ୍ରଣ କ୍ଷେତ୍ରରେ ନିମ୍ନସଦନର ଅନ୍ୟ ସଦନ ଅପେକ୍ଷା ଗୁରୁତ୍ୱ ଏବଂ କ୍ଷମତା ଅଧିକ ।

ବିଧାନମଣ୍ଡଳୀ ମଧ୍ୟ ରାଜ୍ୟ ରାଜକୋଷକୁ ନିୟନ୍ତ୍ରଣ କରିଥାଆନ୍ତି । ଅବଶ୍ୟ ଏ କ୍ଷେତ୍ରରେ ବିଧାନପରିଷଦର କୌଣସି କ୍ଷମତା ନାହିଁ କହିଲେ ଚଳେ । ରାଜ୍ୟ ସରକାର ଶାସନ କାର୍ଯ୍ୟ ପରିଚାଳନା ପାଇଁ ଆବଶ୍ୟକ କରୁଥିବା ଅର୍ଥକୁ ବଜେଟ ମାଧ୍ୟମରେ ରାଜ୍ୟ ବିଧାନମଣ୍ଡଳୀର ନିମ୍ନ ସଦନ (ବିଧାନସଭା) ରେ ଏହାର ସ୍ୱୀକୃତି ପାଇଁ ଉପସ୍ଥାପନ କରିଥାଆନ୍ତି । କାରଣ ବିଧାନମଣ୍ଡଳୀର ବିନା ସ୍ୱୀକୃତିରେ ସରକାର କପର୍ଦ୍ଦକଟିଏ ସୁଦ୍ଧା ଖର୍ଚ୍ଚ କରିପାରିବେ ନାହିଁ ବା ଅର୍ଥ ସଂଗ୍ରହ କରିପାରିବେ ନାହିଁ । ଏହି ବଜେଟକୁ ସଂପୂର୍ଣ୍ଣ ସମୀକ୍ଷା କରିବା ପରେ ବରାଦ କରାଯାଇଥିବା ଅର୍ଥର ବ୍ୟୟ ମଞ୍ଜୁର ବିଧାନସଭା କରିଥାଏ ଏବଂ ପରେ ଗୃହ କମିଟି ଦ୍ୱାରା ତାହାର ତଦାରଖ କରିଥାଏ । ଅର୍ଥ ବିଧେୟକଗୁଡ଼ିକ ମଧ୍ୟ କେବଳ ବିଧାନସଭାରେ ଆଗତ କରାଯାଇଥାଏ ।

ବିଧାନମଣ୍ଡଳୀ ମଧ୍ୟ ନିର୍ବାଚନ କ୍ଷମତା ଉପଭୋଗ କରିଥାଏ । ରାଷ୍ଟ୍ରପତିଙ୍କୁ ନିର୍ବାଚିତ କରିବା ପାଇଁ ଯେଉଁ ନିର୍ବାଚନମଣ୍ଡଳୀ (Electoral College) ଗଠନ କରାଯାଇଥାଏ ରାଜ୍ୟ ବିଧାନସଭାର ସଭ୍ୟମାନେ ତାହାର ଅଂଶ ବିଶେଷ । ବିଧାନସଭାର ସଭ୍ୟମାନେ ରାଜ୍ୟସଭା ତଥା ବିଧାନ ପରିଷଦର କିଛି ସଭ୍ୟଙ୍କୁ ନିର୍ବାଚିତ କରିଥାଆନ୍ତି । ଏହା ଛଡ଼ା ଗୃହର ଅଧ୍ୟକ୍ଷ, ଉପାଧ୍ୟକ୍ଷ ତଥା ବିଭିନ୍ନ କମିଟିର ସଦସ୍ୟମାନଙ୍କୁ ମଧ୍ୟ ନିର୍ବାଚିତ କରିଥାଆନ୍ତି ।

ସଂବିଧାନ ସଂଶୋଧନ ପ୍ରକ୍ରିୟାରେ ବିଧାନମଣ୍ଡଳୀ ମଧ୍ୟ ଅଂଶ ଗ୍ରହଣ କରିଥାଏ । ସଂବିଧାନର କେତେକ ଧାରା ସଂଶୋଧନ ପାଇଁ ରାଜ୍ୟ ବିଧାନସଭାର ସ୍ୱୀକୃତି ଆବଶ୍ୟକ ପଡ଼ିଥାଏ । ଏହି ସ୍ୱୀକୃତି ପ୍ରସ୍ତାବ ବିଧାନମଣ୍ଡଳୀ ମାଧ୍ୟମରେ ଦିଆଯାଇଥାଏ । ଏହି ସ୍ୱୀକୃତି ବିନା ସଂବିଧାନର ନିର୍ଦ୍ଦିଷ୍ଟ କେତେକ ଧାରା ସଂଶୋଧିତ ହୋଇପାରିବ ନାହିଁ । ମାତ୍ର ସଂଶୋଧନ ସଂକ୍ରାନ୍ତୀୟ ବିଧେୟକଗୁଡ଼ିକ ରାଜ୍ୟ ବିଧାନମଣ୍ଡଳୀମାନଙ୍କ ଦ୍ୱାରା ଆଗତ କରାଯାଇପାରିବ ନାହିଁ । ଏହା କେବଳ ସଂସଦର ଏକଚାଟିଆ ଅଧିକାର ।

ସଂସଦ ଭଳି ଏହା ମଧ୍ୟ କେତେକ ନ୍ୟାୟିକ କାର୍ଯ୍ୟ କରିଥାଏ । ଅଧ୍ୟକ୍ଷ ତଥା ଉପାଧ୍ୟକ୍ଷଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆସିଲେ ତାହାର ବିଚାର କରି ସେମାନଙ୍କୁ ବହିଷ୍କାର କରିଥାଏ । ସଭ୍ୟମାନଙ୍କର ସ୍ୱାଧିକାର ଭଙ୍ଗ ପ୍ରସ୍ତାବକୁ

ପରୀକ୍ଷା କରି ଆବଶ୍ୟକ ସ୍ଥଳେ ଦଣ୍ଡିତ କରିଥାଏ। ବିଧାନସଭାର କେହି ଅବମାନନା କଲେ ବିଚାର କରି ସେମାନଙ୍କୁ ଦଣ୍ଡ ବିଧାନ କରିଥାଏ।

ବିଧାନ ପରିଷଦ (Legislative Council) :

ରାଜ୍ୟ ପରିଷଦର ସଭ୍ୟମାନେ ନିମ୍ନୋକ୍ତ ମତେ ପରୋକ୍ଷ ଭାବରେ ନିର୍ବାଚିତ ବା ମନୋନୀତ ହୋଇଥାନ୍ତି। ଜଣେ ବ୍ୟକ୍ତି ଏକ ସଙ୍ଗରେ ଏକାଧିକ ଗୃହର ସଭ୍ୟ ଭାବେ ନିର୍ବାଚିତ ବା ମନୋନୀତ ହୋଇପାରିବେ ନାହିଁ। ସେ କେବଳ ଲୋକସଭା, ରାଜ୍ୟସଭା, ବିଧାନସଭା ବା ବିଧାନପରିଷଦ ଯେ କୌଣସି ଗୋଟିଏ ଗୃହର ସଦସ୍ୟ ଭାବେ କାର୍ଯ୍ୟ କରିପାରିବେ।

(କ) ରାଜ୍ୟ ବିଧାନସଭା ସଭ୍ୟଙ୍କ ଦ୍ୱାରା ବିଧାନପରିଷଦର ଏକ ତୃତୀୟାଂଶ ସଭ୍ୟ ନିର୍ବାଚିତ ହୋଇଥାଆନ୍ତି।

(ଖ) ମ୍ୟୁନିସିପାଲିଟି, ଜିଲ୍ଲା ପରିଷଦ ଭଳି ବିଭିନ୍ନ ସ୍ୱାୟତ୍ତ ଶାସନ ଅନୁଷ୍ଠାନମାନେ ବିଧାନ ପରିଷଦକୁ ଏହାର ସଭ୍ୟ ସଂଖ୍ୟାର ଏକ ତୃତୀୟାଂଶ ସଭ୍ୟ ନିର୍ବାଚିତ କରିଥାଆନ୍ତି।

(ଗ) ରାଜ୍ୟର ପଞ୍ଜିକୃତ ସ୍ନାତକମାନେ ଏକ ଦ୍ୱାଦଶାଂଶ (1/12th) ସଭ୍ୟ ନିର୍ବାଚିତ କରନ୍ତି।

(ଘ) ଅନ୍ୟ ଏକ ଦ୍ୱାଦଶାଂଶ ସଭ୍ୟ ରାଜ୍ୟର ବିଭିନ୍ନ ମାଧ୍ୟମିକ ବିଦ୍ୟାଳୟ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟ ଶିକ୍ଷକମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି।

(ଙ) ଅବଶିଷ୍ଟ ଏକ-ଷଷ୍ଠାଂଶ ସଭ୍ୟଙ୍କୁ ରାଜ୍ୟପାଳ ମନୋନୀତ କରିଥାନ୍ତି। ଏହି ବ୍ୟକ୍ତିମାନେ କଳା, ସାହିତ୍ୟ, ବିଜ୍ଞାନ, ସମାଜସେବା, ସମବାୟ ଆନ୍ଦୋଳନ ଆଦି କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଆବଶ୍ୟକ।

ଏହି ସଭ୍ୟମାନେ ପରୋକ୍ଷ ଭାବେ ଏକକ ହସ୍ତାନ୍ତରଣୀୟ ଭୋଟ ପ୍ରଥା ଅନୁଯାୟୀ ନିର୍ବାଚିତ ହୋଇଥାନ୍ତି। ଏହି ଭୋଟରେ ସମାନୁପାତିକ ପ୍ରତିନିଧିମୂଳକ ପଦ୍ଧତି ଅନୁସରଣ କରାଯାଏ। ଏହି ସଭ୍ୟମାନେ ଛଅବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି। ଏହା ରାଜ୍ୟସଭା ପରି ସ୍ଥାୟୀ ସଭା ହୋଇଥିବାରୁ ପ୍ରତି ଦୁଇବର୍ଷରେ ଏହାର ଏକ ତୃତୀୟାଂଶ ସଭ୍ୟ ଅବସର ଗ୍ରହଣ କରିଥାନ୍ତି ଏବଂ ତାଙ୍କ ସ୍ଥାନରେ ନୂତନ ସଭ୍ୟ ନିର୍ବାଚିତ ହୋଇଥାନ୍ତି।

ଯୋଗ୍ୟତା :

ବିଧାନ ପରିଷଦକୁ ନିର୍ବାଚିତ ହେବା ପାଇଁ ଜଣେ ପ୍ରାର୍ଥୀଙ୍କର ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ।

(କ) ସେ ଜଣେ ଭାରତୀୟ ନାଗରିକ ହୋଇଥିବେ

(ଖ) ତାଙ୍କୁ ଅନ୍ୟୁନ ପକ୍ଷେ ୩୦ ବର୍ଷ ବା ତାହାଠାରୁ ଅଧିକ ହୋଇଥିବ।

(ଗ) ସେ ସରକାରୀ କର୍ମଚାରୀ ହୋଇନଥିବେ ବା ସରକାରଙ୍କ ସହିତ କୌଣସି ବ୍ୟବସାୟିକ ସମ୍ପର୍କ ରଖିନଥିବେ।

(ଘ) ସେ ବିକୃତ ମସ୍ତିଷ୍କ ବା ଦେବାଳିଆ ହୋଇନଥିବେ ।

(ଙ) ସଂସଦ ଦ୍ୱାରା ନିର୍ଦ୍ଧାରିତ ବିଧାନମଣ୍ଡଳୀର ସଦସ୍ୟହେବା ପାଇଁ ସମସ୍ତ ଯୋଗ୍ୟତା ହାସଲ କରିଥିବେ ।

ଅଧ୍ୟକ୍ଷ :

ଗୃହରେ ଅଧ୍ୟକ୍ଷତା କରିବା ପାଇଁ ସଭ୍ୟମାନେ ଜଣେ ଅଧ୍ୟକ୍ଷ ଏବଂ ଜଣେ ଉପାଧ୍ୟକ୍ଷ ନିର୍ବାଚିତ କରିଥାନ୍ତି । ଅଧ୍ୟକ୍ଷଙ୍କ ଅନୁପସ୍ଥିତିରେ ଉପାଧ୍ୟକ୍ଷ ତାଙ୍କ କାର୍ଯ୍ୟ ନିର୍ବାହ କରିଥାନ୍ତି । ଗୃହର ମର୍ଯ୍ୟାଦା, ଶାଳୀନତା ଏବଂ ଗାମ୍ଭୀର୍ଯ୍ୟ ରକ୍ଷା କରି ନିୟମ ଅନୁସାରେ ଗୃହର କାର୍ଯ୍ୟ ପରିଚାଳନା କରିବା ଏବଂ ରାଜନୈତିକ କାର୍ଯ୍ୟକ୍ରମରୁ ଦୂରରେ ରହି ନିରପେକ୍ଷତା ଅବଲମ୍ବନ କରିବା ଅଧ୍ୟକ୍ଷଙ୍କ ପ୍ରଧାନକାର୍ଯ୍ୟ । ଗୃହର ସମସ୍ତ ବ୍ୟାପାରରେ ତାଙ୍କର ନିଷ୍ପତ୍ତି ହିଁ ଶେଷ ନିଷ୍ପତ୍ତି ଏବଂ ଏହି ନିଷ୍ପତ୍ତି ବିରୁଦ୍ଧରେ ନ୍ୟାୟାଳୟରେ ଅଭିଯୋଗ କରାଯାଇପାରିବ ନାହିଁ ।

ବିଧାନସଭା-ବିଧାନପରିଷଦ ଏକ ତୁଳନା :

ବିଧାନ ପରିଷଦ ବିଧାନସଭା ସହ ସମାନ କ୍ଷମତା ଉପଭୋଗ କରେ ବୋଲି କୁହାଗଲେ ମଧ୍ୟ ବାସ୍ତବରେ ଏହାର ଭୂମିକା ରାଜ୍ୟସଭା ଭଳି ଗୌଣ । ଆଇନ ପ୍ରଣୟନ କ୍ଷେତ୍ରରେ କେବଳ ସାଧାରଣ ବିଧେୟକ ଏହି ଗୃହରେ ଆଗତ କରାଯାଇଥାଏ ଏବଂ ଏହି ବିଧେୟକ ଗୃହୀତ ହେଲାବେଳେ ଯଦି ବିଧାନସଭା ସହ ମତପାର୍ଥକ୍ୟ ଉପୁଜେ ତେବେ ଏହା ନିଜ ସଂଶୋଧନ ପ୍ରସ୍ତାବ ସହ ବିଧାନସଭାକୁ ବିଧେୟକଟିର ପୁର୍ନଆଲୋଚନା ପାଇଁ ପଠାଇପାରେ ଫଳରେ ଆଇନ ପ୍ରଣୟନ ପ୍ରକ୍ରିୟା ବିଳମ୍ବିତ ହୁଏ । ଅବଶ୍ୟ ଯଦି ବିଧାନସଭା ସେ ସଂଶୋଧନକୁ ଗ୍ରହଣ କରେ ତେବେ ତାହା ପୁନର୍ବାର ବିଧାନ ପରିଷଦକୁ ଯାଇ ସେଠାରେ ଗୃହୀତ ହୋଇ ରାଜ୍ୟପାଳଙ୍କ ସ୍ୱୀକୃତି ପାଇଁ ଯାଇଥାଏ କିନ୍ତୁ ଯଦି ବିଧାନସଭା ପରିଷଦର ସଂଶୋଧନ ପ୍ରସ୍ତାବ ସହ ଏକମତ ନ ହୁଏ ତେବେ ଏହା ପରିଷଦ ଦ୍ୱାରା ଗୃହୀତ ବୋଲି ଧରିନେଇ ରାଜ୍ୟପାଳଙ୍କ ସ୍ୱୀକୃତି ପାଇଁ ପଠାଇଥାଏ ।

ସେହିଭଳି ଅର୍ଥବିଧେୟକ ଏହି ସଭାରେ ଆଗତ ହୋଇପାରେ ନାହିଁ ଏବଂ ବିଧାନସଭାର ସ୍ୱୀକୃତ ଅର୍ଥବିଧେୟକରେ ଏହା ମଧ୍ୟ କୌଣସି ପରିବର୍ତ୍ତନ ଆଣିପାରେ ନାହିଁ । କେବଳ ନିଜ ପାଖରେ ୧୪ଦିନ ରଖି ପ୍ରକ୍ରିୟାକୁ ବିଳମ୍ବିତ କରିପାରେ । ତେଣୁ ଆଇନ ପ୍ରଣୟନ କ୍ଷେତ୍ରରେ ବିଧାନ ପରିଷଦର ଭୂମିକା କେବଳ ଆଲୋଚନାରେ ସୀମିତ । ଅବଶ୍ୟ ଆଇନ ପ୍ରଣୟନ ପ୍ରକ୍ରିୟାକୁ ସାଧାରଣ ବିଧେୟକ କ୍ଷେତ୍ରରେ ଏହା ଚାରିମାସ ଏବଂ ଅର୍ଥବିଧେୟକ କ୍ଷେତ୍ରରେ ଏହା ୧୪ଦିନ ବିଳମ୍ବିତ କରିପାରେ ।

ସେହିଭଳି ଆର୍ଥିକ ନିୟନ୍ତ୍ରଣ କ୍ଷେତ୍ରରେ ବିଧାନ ପରିଷଦର ବିଶେଷ କୌଣସି ଭୂମିକା ନାହିଁ । ଏହା ମଧ୍ୟ କେବଳ ଆଲୋଚନା ମଧ୍ୟରେ ସୀମାବଦ୍ଧ । କାରଣ ବଜେଟ ଉପସ୍ଥାପନ ବିଧାନସଭାରେ ହୋଇଥାଏ ଏବଂ ବିଧାନସଭାର ଅନୁମୋଦନ କ୍ରମେ ଏହା ଗୃହୀତ ହୋଇଥାଏ । ସରକାରଙ୍କ ଖର୍ଚ୍ଚର ବିଶଦ୍ ବିବରଣୀ ଜାଣିବା ପାଇଁ ବିଧାନସଭା ଦ୍ୱାରା Public Accounts Committee ଗଠିତ ହୋଇଥାଏ । ଏହି କମିଟି ସମସ୍ତ ବିଷୟ ଅନୁଧ୍ୟାନ କରି ବିଧାନସଭାକୁ ଯେଉଁ ବିବରଣୀ ଦିଅନ୍ତି ତା ଉପରେ ଗୃହରେ ଆଲୋଚନା ମାଧ୍ୟମରେ ସରକାରଙ୍କ ଦୋଷ

ଦୁର୍ବଳତା ପ୍ରକାଶ ପାଇଥାଏ । ଏହାଛଡ଼ା ବଜେଟ ଆଲୋଚନା ବେଳେ ଯଦି ବିଧାନ ସଭାରେ କାଟ ପ୍ରସ୍ତାବ ଗୃହୀତ ହୁଏ ତେବେ ମନ୍ତ୍ରିମଣ୍ଡଳ ଇସ୍ତଫା ଦେଇଥାନ୍ତି ତେଣୁ ଆର୍ଥିକ ନିୟନ୍ତ୍ରଣ କ୍ଷେତ୍ରରେ ବିଧାନ ପରିଷଦର କୌଣସି କ୍ଷମତା ନାହିଁ ।

ସରକାରଙ୍କୁ ନିୟନ୍ତ୍ରଣ କରିବା କ୍ଷେତ୍ରରେ ବିଧାନପରିଷଦର କ୍ଷମତା ଥିଲେ ମଧ୍ୟ ଏହା ବିଧାନସଭା ଭଳି ସରକାରଙ୍କୁ କ୍ଷମତାଚ୍ୟୁତ କରିପାରେ ନାହିଁ । କାରଣ ରାଜ୍ୟ ସରକାର ତାଙ୍କର କାର୍ଯ୍ୟପାଇଁ କେବଳ ବିଧାନସଭା ନିକଟରେ ଦାୟୀ । ବିଧାନସଭାର ଆସ୍ଥା ଭାଜନ ରହିଥିବା ପର୍ଯ୍ୟନ୍ତ ସରକାର ଶାସନରେ ରହିପାରନ୍ତି । ବିଧାନପରିଷଦର ସଭ୍ୟମାନେ ପ୍ରାୟ, ଆଲୋଚନା ଏବଂ ପ୍ରସ୍ତାବମାନଙ୍କ ଜରିଆରେ ଆଲୋଚନା କରି ସରକାରଙ୍କ ଭାବମୂର୍ତ୍ତିରେ ଆଞ୍ଚ ଆଣିପାରନ୍ତି କିନ୍ତୁ ମନ୍ତ୍ରିମଣ୍ଡଳର ପତନ ଘଟାଇପାରନ୍ତି ନାହିଁ । ଯାହାକି ବିଧାନସଭାର କ୍ଷମତା ପରିସରଭୁକ୍ତ ।

ସମ୍ବିଧାନ ସଂଶୋଧନ କ୍ଷେତ୍ରରେ ରାଷ୍ଟ୍ରପତିଙ୍କୁ ନିର୍ବାଚିତ କରିବା ଦିଗରେ ଏହା ବିଧାନସଭା ସହିତ ସମାନ କ୍ଷମତା ଉପଭୋଗ କରେ ।

ଯଦିଓ କ୍ଷମତା ଦୃଷ୍ଟିରୁ ବିଧାନସଭା ଯଥେଷ୍ଟ ଶକ୍ତିଶାଳୀ ତଥାପି ବିଧାନପରିଷଦର ଭୂମିକାକୁ ନ୍ୟୂନ ମନେକାରାଯିବା ଉଚିତ ନୁହେଁ । ବିଧାନପରିଷଦ ରାଜ୍ୟରେ କର୍ମଭିତ୍ତିକ ପ୍ରତିନିଧିତ୍ୱ କରିବା ସହ ଅପେକ୍ଷାକୃତ ଅଧିକ ଅଭିଜ୍ଞ ସଭ୍ୟମାନଙ୍କର ପ୍ରତିନିଧିତ୍ୱ କରେ । ମୌଳିକ ଦୃଷ୍ଟିକୋଣରୁ ବିଚାର କଲେ ପରିଷଦ ନିଜର ଆଲୋଚନା ମାଧ୍ୟମରେ ବିଧାନସଭାକୁ ଯଥେଷ୍ଟ ପ୍ରଭାବିତ କରିପାରେ କାରଣ ବିଧାନସଭାର ଆଲୋଚନା ରାଜନୈତିକ ହେବା ସ୍ଥଳେ ପରିଷଦର ଆଲୋଚନା ଅଧିକ ବାସ୍ତବ ହୋଇଥାଏ । ପରିଷଦ ବହୁକ୍ଷେତ୍ରରେ ଜନପ୍ରିୟ ସଭାର ଔଦ୍ଧତ୍ୟକୁ ନିୟନ୍ତ୍ରଣ କରିଥାଏ ତେଣୁ ଆଧୁନିକ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କରେ ଦ୍ୱିସଦନୀୟ ବ୍ୟବସ୍ଥା ଗୁରୁତ୍ୱଲାଭ କରୁଛି ।

ବିଧାନସଭା (Legislative Assembly) :

ରାଜ୍ୟବିଧାନ ମଣ୍ଡଳୀର ନିମ୍ନ ସଦନକୁ ବିଧାନସଭା କୁହାଯାଏ । ଏହି ଗୃହର ସଭ୍ୟମାନେ ଜନସାଧାରଣଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବରେ ପାଞ୍ଚବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି । ଅବଶ୍ୟ ଏହି ସମୟ ପୂରିବା ଆଗରୁ ବିଧାନସଭାକୁ ଭାଙ୍ଗିଦିଆଯାଇପାରେ ।

ଗଠନ :

ଓଡ଼ିଶାର ବିଧାନମଣ୍ଡଳୀ ଏକ ସଦନୀୟ । ଏହାର ବିଧାନସଭା ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ଗଠିତ । ଓଡ଼ିଶାର ଜନସଂଖ୍ୟା ଭିତ୍ତିରେ ନିର୍ବାଚକ ମଣ୍ଡଳୀ ଗଠିତ ହୋଇ ୧୪୭ ଜଣ ସଭ୍ୟ ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇଥାନ୍ତି । ଏହି ସଭ୍ୟମାନଙ୍କ ମଧ୍ୟରୁ ୩୪ଟି ଆସନ ଅନୁସୂଚିତ ଜନଜାତିମାନଙ୍କ ପାଇଁ ସଂରକ୍ଷିତ ହୋଇଥିବା ବେଳେ ୨୨ଟି ସ୍ଥାନ ଅନୁସୂଚିତ ଜାତିମାନଙ୍କ ପାଇଁ ସଂରକ୍ଷିତ ହୋଇଥାଏ ବାକି ୯୧ଟି ସ୍ଥାନରୁ ସାଧାରଣ ବର୍ଗର ପ୍ରତିନିଧିମାନେ ନିର୍ବାଚିତ ହୋଇଥାନ୍ତି । ଏପର୍ଯ୍ୟନ୍ତ ନାରୀମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ହୋଇନାହିଁ । ଆଶା କରାଯାଏ ନିକଟ ଭବିଷ୍ୟତରେ ଏପ୍ରକାର ବ୍ୟବସ୍ଥା କରାଯିବ । ସମ୍ବିଧାନର ନିୟମ ଅନୁସାରେ ବିଧାନ ସଭାର ସର୍ବମୋଟ ସଦସ୍ୟ ସଂଖ୍ୟା ୫୦୦ରୁ ଅଧିକ ହେବେ ନାହିଁ କିମ୍ବା ସର୍ବନିମ୍ନ ୬୦ରୁ କମିବେ ନାହିଁ ।

ଯୋଗ୍ୟତା :

ବିଧାନସଭାକୁ ନିର୍ବାଚିତ ହେବା ପାଇଁ ଲୋକପ୍ରତିନିଧି ଆଇନରେ ନିର୍ଦ୍ଦିଷ୍ଟ ଯୋଗ୍ୟତାର ବ୍ୟବସ୍ଥା ରହିଛି। ବିଧାନସଭାକୁ ଜଣେ ବ୍ୟକ୍ତି ପ୍ରାର୍ଥୀ ହେବା ପାଇଁ (କ) ଭାରତୀୟ ନାଗରିକ ହୋଇଥିବେ (ଖ) ତାଙ୍କୁ ଅତି କମ୍‌ରେ ୨୫ ବର୍ଷ ହୋଇଥିବ (ଗ) ସେ ପାଗଳ କିମ୍ବା ଦେବାଳିଆ ଘୋଷିତ ହୋଇନଥିବେ (ଘ) ସେ ସରକାରୀ ଚାକିରୀ କରୁନଥିବେ କିମ୍ବା ସରକାରଙ୍କ ସହ ବ୍ୟବସାୟିକ ଚୁକ୍ତିରେ ଆବଦ୍ଧ ହୋଇନଥିବେ (ଙ) ଲୋକପ୍ରତିନିଧି ଆଇନର ଅନ୍ୟାନ୍ୟ ଆବଶ୍ୟକତା ପୂରଣ କରୁଥିବେ।

ଅଧ୍ୟକ୍ଷ ନିର୍ବାଚନ :

ବିଧାନସଭା ଗଠନ ହେବା ପରେ ପରେ ଏହାର ସଭ୍ୟମାନେ ନିଜ ମଧ୍ୟରୁ ଜଣଙ୍କୁ ଅଧ୍ୟକ୍ଷ ବା ବାଚସ୍ପତି ଏବଂ ଅନ୍ୟଜଣଙ୍କୁ ଉପାଧ୍ୟକ୍ଷ ବା ଉପବାଚସ୍ପତି ଭାବେ ନିର୍ବାଚିତ କରିଥାଆନ୍ତି। ଲୋକସଭାର ବାଚସ୍ପତିଙ୍କ ଭଳି ବିଧାନସଭାର ବାଚସ୍ପତି ମଧ୍ୟ ଗୃହର ଅଧ୍ୟକ୍ଷଭାବେ କାର୍ଯ୍ୟ କରିଥାନ୍ତି ଏବଂ ସମାନ କ୍ଷମତା ଉପଭୋଗ କରିଥାଆନ୍ତି। ଗୃହରେ ଆଲୋଚନା ହେଲାବେଳେ ଆଲୋଚନାରେ ଶାଳୀନତା, ଗାମ୍ଭିର୍ଯ୍ୟ ଓ ପ୍ରାସଙ୍ଗିକତା ରକ୍ଷା କରିଥାନ୍ତି। ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବାଚସ୍ପତି ଏକ ମର୍ଯ୍ୟାଦାପୂର୍ଣ୍ଣ ସ୍ଥାନ ଅଧିକାର କରିଥାନ୍ତି। କୌଣସି ନିର୍ଦ୍ଦିଷ୍ଟ ଦଳର ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ ମଧ୍ୟ ବାଚସ୍ପତି ସେ ଦଳୀୟ କାର୍ଯ୍ୟକ୍ରମରେ ଭାଗ ନ ନେଇ ନିରପେକ୍ଷତା ଅବଲମ୍ବନ କରିଥାନ୍ତି। ଗୃହକାର୍ଯ୍ୟ ପରିଚାଳନା ବେଳେ ତାଙ୍କର ନିଷ୍ପତ୍ତି ଶେଷ ନିଷ୍ପତ୍ତି ଭାବେ ଧରାଯାଏ। ତାଙ୍କର ନିଷ୍ପତ୍ତିକୁ ନ୍ୟାୟାଳୟରେ ମଧ୍ୟ ଆହ୍ୱାନ କରାଯାଇପାରିବ ନାହିଁ। ବାଚସ୍ପତିଙ୍କ ଅନୁପସ୍ଥିତିରେ ଉପବାଚସ୍ପତି ତାଙ୍କ କାର୍ଯ୍ୟ ତୁଲାଇଥାନ୍ତି ଏବଂ ଏହି ସମୟରେ ସେ ବାଚସ୍ପତିଙ୍କ କ୍ଷମତା ଓ ମର୍ଯ୍ୟାଦାଲାଭ କରିଥାନ୍ତି।

ଓଡ଼ିଶା ବିଧାନ-ସଭା (Odisha Legislative Assembly)

ରାଜ୍ୟ ବ୍ୟବସ୍ଥାପିକାର ବିଧାନସଭା ହେଉଛି ନିମ୍ନ ସଦନ। ଏହାର ସଦସ୍ୟମାନେ ବିଭିନ୍ନ ଆଞ୍ଚଳିକ ନିର୍ବାଚନ ମଣ୍ଡଳୀମାନଙ୍କରୁ ସାବାଳକ ଭୋଟ ପ୍ରଥା ମାଧ୍ୟମରେ ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହୋଇଥାନ୍ତି। ଆମର ସମ୍ବିଧାନ, ଏହାର ସଦସ୍ୟଙ୍କ ସଂଖ୍ୟାକୁ ନିର୍ଦ୍ଦେଶିତ କରିଛି ; ଯାହା ୫୦୦ ରୁ ଅଧିକ କିମ୍ବା ୬୦ ରୁ କମ୍ ହେବ ନାହିଁ। ଏହାର ନିର୍ବାଚନ ମଣ୍ଡଳୀଗୁଡ଼ିକ ଜନସଂଖ୍ୟା ଭିତ୍ତିରେ ସମାନୁପାତିକ ଅଟେ।

୧୯୩୬ ମସିହା ଏପ୍ରିଲ ୧ ତାରିଖ ଦିନ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଲା। ତତ୍‌କାଳୀନ ବ୍ରିଟିଶ୍ ସରକାର Constitution of Orissa order 1836 ଦ୍ୱାରା ଏହି ସ୍ୱୀକୃତି ପ୍ରଦାନ କଲେ। ଏହା ସେତେବେଳେ ବିହାରର କିଛି ଅଂଶ, ଓଡ଼ିଶା ରାଜ୍ୟ, ମାଡ୍ରାସ୍ ପ୍ରେସିଡେନ୍ସି ଏବଂ କେନ୍ଦ୍ରୀୟ ରାଜ୍ୟସମୂହକୁ ନେଇ ଗଠିତ ହୋଇଥିଲା। ୧୯୩୫ ମସିହାର ଭାରତ ଶାସନ ଆଇନ୍ ବଳରେ ଓଡ଼ିଶାର ବିଧାନସଭା ଗଠିତ ଓ କ୍ଷମତା ପ୍ରାପ୍ତ ହେଲା। ଏହାର ସଦସ୍ୟ ସଂଖ୍ୟା ସେତେବେଳେ ୬୦ ରହିଲା ଏବଂ ସେଥିରେ ୪ ଜଣ ମନୋନୀତ ସଦସ୍ୟ ରହିଲେ। ୧୯୪୮ ମସିହା ଜାନୁଆରୀ ୧ ତାରିଖରେ ୨୫ଟି ଦେଶୀୟ ରାଜ୍ୟ ଏଥିସହ ସମିଶ୍ରିତ ହେଲେ।

ଓଡ଼ିଶାଶାସନ ବ୍ୟବସ୍ଥାର କାର୍ଯ୍ୟକାରୀ ଧାରାରେ ଓଡ଼ିଶା ପାଇଁ ଏକ ବିଧାନ ସଭା ଗଠନ ପାଇଁ ପ୍ରସ୍ତାବିତ ଯୋଜନାରେ ୩୬ ଜଣ ସଦସ୍ୟଙ୍କୁ ନେଇ ଏହା ପ୍ରଥମଥର ପାଇଁ ଗଠିତ ହେଲା । ଏଥିରେ ରାଜ୍ୟସରକାରଙ୍କ ତରଫରୁ ମନୋନୀତ ୩୧ ଜଣ ସଦସ୍ୟ ନୂଆ କରି ମିଶିଥିବା ଦେଶୀୟ ରାଜ୍ୟ ଗୁଡ଼ିକରୁ ରହିଲେ ଏବଂ ୫ ଜଣ ଶାସନକର୍ତ୍ତା ରହିଲେ । ସେମାନେ ହେଲେ ଓଡ଼ିଶାର ପ୍ରଧାନମନ୍ତ୍ରୀ, କାର୍ଯ୍ୟପାଳିକା ପରିଷଦର ୩ ଜଣ ସଭ୍ୟ ଏବଂ ମୁଖ୍ୟ ଶାସନ ପରିଚାଳକ ତଥା କମିଶନର ହିସାବରେ ଜଣେ । ୧୯୪୯ ମସିହାରେ ଯେତେବେଳେ ଓଡ଼ିଶା ପ୍ରଦେଶ ସହ ଦେଶୀୟ ରାଜ୍ୟଗୁଡିକର ସଂପୂର୍ଣ୍ଣ ସମ୍ମିଶ୍ରଣ ଘଟିଲା, ସେତେବେଳେ ଏହାର ସଦସ୍ୟ ସଂଖ୍ୟା ୯୧ କୁ ବୃଦ୍ଧି ଘଟିଲା ଏହା ସେତେବେଳେ ସମଗ୍ର ଓଡ଼ିଶାକୁ ପ୍ରତିନିଧିତ୍ୱ କରୁଥିଲା ।

୧୯୫୧ ମସିହାର ସଂସଦୀୟ ଏବଂ ବିଧାନସଭା ନିର୍ବାଚନ ମଣ୍ଡଳୀଗୁଡ଼ିକର ପୁର୍ନଗଠନ ସମୟରେ ଓଡ଼ିଶା ବିଧାନସଭାର ସଭ୍ୟ ସଂଖ୍ୟା ୧୪୦ ହେବ ବୋଲି ସ୍ଥିରୀକୃତ ହେଲା । ଓଡ଼ିଶାର ପ୍ରଥମ ବିଧାନସଭା ବିଧିବଦ୍ଧ ଭାବରେ ୧୯୫୨ ମସିହା ଫେବୃୟାରୀ ୨୦ ତାରିଖରେ ଗଠିତ ହୋଇଥିଲା । ୧୯୭୪ ମସିହା ଠାରୁ ଯେତେବେଳେ ୬ଷ୍ଠ ବିଧାନସଭା ଗଠିତ ହେଲା, ସେତେବେଳେ ଏହାର ସଭ୍ୟ ସଂଖ୍ୟା ୧୪୭ ରହିଲା । ଯାହାକି ଆଜି ପର୍ଯ୍ୟନ୍ତ ପରିବର୍ତ୍ତନ ହୋଇନାହିଁ । ୧୪୭ ଟି ଆସନ ମଧ୍ୟରୁ ୨୩ଟି ଆସନ ଅନୁସୂଚୀତ ଜାତି ଏବଂ ୩୩ଟି ଆସନ ଅନୁସୂଚୀତ ଜନଜାତିଙ୍କ ପାଇଁ ସଂରକ୍ଷିତ ରହିଛି ।

ଓଡ଼ିଶାରେ ଏକ ସଦନୀୟ ବ୍ୟବସ୍ଥାପିକା ସଭା ପ୍ରଚଳିତ । ଏଠାରେ ବିଧାନ ପରିଷଦ (ଉଚ୍ଚସଦନ) ନାହିଁ । ଓଡ଼ିଶା ବିଧାନ ସଭାର କାର୍ଯ୍ୟକାଳ ୫ ବର୍ଷ । ଏହା ସମୟ ପୂର୍ବରୁ ରାଜ୍ୟପାଳଙ୍କ ଦ୍ୱାରା ମଧ୍ୟ ଭଙ୍ଗାଯାଇ ପାରେ । କିନ୍ତୁ ଜାତୀୟ ଜରୁରୀ ପରିସ୍ଥିତିର ଘୋଷଣା ଅବଧି ମଧ୍ୟରେ ଏହାର କାର୍ଯ୍ୟକାଳ କୁ ମଧ୍ୟ ବୃଦ୍ଧିକରାଯାଇପାରେ । ଯେକୌଣସି ଭାରତୀୟ ନାଗରିକ, ଯାହାଙ୍କର ବୟସ ୨୫ ବର୍ଷ କିମ୍ବା ତହିଁରୁ ଉର୍ଦ୍ଧ୍ୱ ହୋଇଥିବ, ସେ କୌଣସି ଲାଭଜନକ ସଂସ୍ଥାସହ ସଂଶ୍ଳିଷ୍ଟ ହୋଇ ନଥିବେ, ଜନପ୍ରତିନିଧି ଆଇନ ଅନୁଯାୟୀ ସେ ଯୋଗ୍ୟବୋଲି ପରିଗଣିତ ହୋଇଥିବେ ; ସେ ରାଜ୍ୟବିଧାନ ସଭାର ସଭ୍ୟପାଇଁ ପ୍ରତିଯୋଗିତା କରିପାରିବେ ।

ଓଡ଼ିଶା ଯେହେତୁ ଏକ କୃଷିପ୍ରଧାନରାଜ୍ୟ, ତେଣୁ ଓଡ଼ିଶା ବିଧାନସଭାର ଅନେକ ସଭ୍ୟଙ୍କ ପୃଷ୍ଠଭୂମି ହେଲା କୃଷି । କିନ୍ତୁ ଏବେ ଅନେକ ଆଇନ୍‌ଜୀବୀ, ଶିକ୍ଷକ, ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ମଧ୍ୟ ଏହାର ସଭ୍ୟ ହେବା ପାଇଁ ନିର୍ବାଚନରେ ଅଂଶ ଗ୍ରହଣ କରୁଛନ୍ତି ଏବଂ ବିଜୟଲାଭ କରୁଛନ୍ତି । ସମ୍ପ୍ରତି ଯୁବପିଢ଼ୀ ମଧ୍ୟ ଏହି ବିଧାନସଭାର ସଭ୍ୟହେବାପାଇଁ ନିର୍ବାଚନରେ ସକ୍ରିୟ ଯୋଗଦାନ କରି, ନିର୍ବାଚିତ ହୋଇ ବିଧାନସଭା ମଧ୍ୟରେ ନିଜ ନିଜର କର୍ତ୍ତବ୍ୟ ତୁଲାଇଚାଲିଛନ୍ତି ।

ବର୍ତ୍ତମାନ ଓଡ଼ିଶା ବିଧାନ ସଭାରେ ବିଜୁଜନତା ଦଳ ସଂଖ୍ୟାଗରିଷ୍ଠ ଆସନ ଲାଭକରି କ୍ଷମତାରେ ଅଛି । ଅନ୍ୟ ପକ୍ଷରେ କଂଗ୍ରେସ, ବିଜେପି (ଭାରତୀୟ ଜନତାପାର୍ଟି) ଏବଂ ଅନ୍ୟ ଦଳମାନେ ବିରୋଧୀଦଳ ବେଞ୍ଚରେ ବସିଛନ୍ତି । ଶାସକ ଦଳର ମୁଖ୍ୟ ଭାବରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏବଂ ବିରୋଧୀ ଦଳର ମୁଖ୍ୟ ଭାବରେ କଂଗ୍ରେସ ଦଳର ଶ୍ରୀ ନରସିଂହ ମିଶ୍ର ଦାୟିତ୍ୱ ସମ୍ପାଦନ କରୁଛନ୍ତି ।

କ୍ଷମତା :

କ୍ଷମତା ଦୃଷ୍ଟିରୁ ବିଧାନସଭା ଲୋକସଭା ସହ ତୁଳନୀୟ । ରାଜ୍ୟପାଇଁ ଆଇନ ପ୍ରଣୟନ କରିବା ବିଧାନସଭାର ଗୁରୁଦାୟିତ୍ୱ । ରାଜ୍ୟ ଏବଂ ଯୁଗ୍ମ ତାଲିକା ଭୁକ୍ତ ବିଷୟ ଉପରେ ବିଧାନସଭା ଆଇନ ପ୍ରଣୟନ କରିଥାଏ । ଅବଶ୍ୟ ବିଧାନସଭାର ଏ କ୍ଷମତା ଅନେକାଂଶରେ ସୀମିତ କାରଣ କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ସଂସଦ ରାଜ୍ୟତାଲିକାଭୁକ୍ତ ବିଷୟଗୁଡ଼ିକ ଉପରେ ଆଇନ ପ୍ରଣୟନ କରିଥାଏ । ଏହାଛଡ଼ା ଯୁଗ୍ମତାଲିକା ବିଷୟଗୁଡ଼ିକ ଉପରେ ଆଇନ ପ୍ରଣୟନ କଲାବେଳେ ଯେପରି ତାହା କେନ୍ଦ୍ରୀୟ ଆଇନର ବିରୋଧାଚରଣ ନକରେ ସେଥିପ୍ରତି ବିଧାନସଭା ପ୍ରଯତ୍ନ କରିଥାଏ । ରାଜ୍ୟପାଳ ମଧ୍ୟ ଆବଶ୍ୟକ ମନେକଲେ ବିଧାନସଭା ଦ୍ୱାରା ଗୃହୀତ ଯେକୌଣସି ବିଧେୟକକୁ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଁ ପଠାଇପାରନ୍ତି ।

ବିଧାନସଭା ମନ୍ତ୍ରିମଣ୍ଡଳକୁ ନିୟନ୍ତ୍ରିତ କରିଥାଏ । ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ, ମୁଲତବୀ ପ୍ରସ୍ତାବ, ଧ୍ୟାନଆକର୍ଷଣକାରୀ ପ୍ରସ୍ତାବ ସ୍ୱାଧିକାର ପ୍ରସ୍ତାବ, କାଟ ପ୍ରସ୍ତାବ, ଅନାସ୍ଥା ପ୍ରସ୍ତାବ ଆଦି ବିଭିନ୍ନ ଅସ୍ତ୍ର ମାଧ୍ୟମରେ ବିଧାନସଭା ମନ୍ତ୍ରିମଣ୍ଡଳକୁ ନିୟନ୍ତ୍ରିତ କରିଥାଏ ଫଳରେ ମନ୍ତ୍ରିମଣ୍ଡଳ ନିଜ ଦୋଷ-ଦୁର୍ବଳତା ପ୍ରତି ସଚେତନ ରହି ବିଧାନର ନିୟନ୍ତ୍ରଣ ମଧ୍ୟରେ ଶାସନ କାର୍ଯ୍ୟ ପରିଚାଳନା କରିଥାଏ ।

ଲୋକସଭା ଭଳି ବିଧାନସଭା ମଧ୍ୟ ରାଜ୍ୟସରକାରଙ୍କର ରାଜକୋଷକୁ ନିୟନ୍ତ୍ରଣ କରିଥାଏ ଏବଂ ସରକାରଙ୍କର ଆର୍ଥିକ ବ୍ୟବସ୍ଥାର ସଂପୂର୍ଣ୍ଣ ତଦାରଖ କରିଥାଏ । ବିଧାନସଭାର ବିନା ଅନୁମୋଦନରେ ସରକାର ରାଜକୋଷରୁ କପର୍ଦ୍ଦକଟିଏ ମଧ୍ୟ ଖର୍ଚ୍ଚ କରିପାରନ୍ତି ନାହିଁ କିମ୍ବା ଜନସାଧାରଣଙ୍କଠାରୁ କୌଣସି କର ଆଦାୟ କରିପାରନ୍ତି ନାହିଁ । ସରକାର ଆବଶ୍ୟକ କରୁଥିବା ଅର୍ଥ ମଞ୍ଜୁରୀ ପାଇଁ ବିଧାନସଭାରେ ବଜେଟ ଆଗତ କରିଥାନ୍ତି । ଏହା ବିଶଦ୍‌ଭାବେ ବିଭିନ୍ନଦୃଷ୍ଟିକୋଣରୁ ଆଲୋଚିତ ହୋଇ ମଞ୍ଜୁରୀପ୍ରାପ୍ତ ହୋଇଥାଏ । ସରକାର ଅର୍ଥ ବିନିଯୋଗ କରିସାରିବା ପରେ ବିଧାନସଭାର Public Accounts Committee ଏହି ଖର୍ଚ୍ଚର ପ୍ରାସଙ୍ଗିକତାକୁ ବିଭିନ୍ନ ଦିଗରୁ ପରୀକ୍ଷାନିରୀକ୍ଷା କରି ବିଧାନସଭାକୁ ଏକ ରିପୋର୍ଟ ପ୍ରଦାନ କରିଥାନ୍ତି । ଏହି ରିପୋର୍ଟ ବିଧାନସଭାରେ ଆଲୋଚିତ ହୋଇଥାଏ ।

ବିଧାନସଭାର ସଭ୍ୟମାନେ ନିର୍ବାଚନୀ କ୍ଷମତା ମଧ୍ୟ ଉପଭୋଗ କରିଥାନ୍ତି । ଏହି ସଭା ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ବାଚସ୍ପତି, ଉପବାଚସ୍ପତି ଏବଂ ରାଜ୍ୟସଭାର (ଓଡ଼ିଶାରୁ ନିର୍ବାଚିତ) ସଭ୍ୟମାନଙ୍କୁ ନିର୍ବାଚିତ କରିଥାନ୍ତି ।

ସଂସଦ ଦ୍ୱାରା ଗୃହୀତ କେତେକ ନିର୍ଦ୍ଦିଷ୍ଟ ସଂବିଧାନ ସଂଶୋଧନ ପ୍ରସ୍ତାବକୁ ବିଧାନସଭାର ସଭ୍ୟମାନେ ସମର୍ଥନ କରିବା ଆବଶ୍ୟକ ହୋଇଥାଏ । ଏହା ବିନା ସମ୍ବିଧାନ ସଂଶୋଧିତ ହୋଇପାରିବ ନାହିଁ ।

ରାଜ୍ୟଶାସନରେ ବିଧାନସଭା ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରିଥାଏ । ଶାସନକୁ ଗଣତାନ୍ତ୍ରିକ ପଦ୍ଧତିରେ ପରିଚାଳନା ଓ ନିୟନ୍ତ୍ରଣ କରିବାରେ ବିଧାନସଭାର ମହତ୍ତ୍ୱପୂର୍ଣ୍ଣ ଭୂମିକା ଅନସ୍ୱୀକାର୍ଯ୍ୟ ।

ସଂକ୍ଷିପ୍ତ ସୂଚନା

ଭାରତରେ ବ୍ୟବସ୍ଥାପିକା : ପାର୍ଲିଆମେଣ୍ଟ

୧. ସମ୍ବିଧାନ ଭାରତ ପାଇଁ ଏକ ଦ୍ୱିସଦନୀୟ ବ୍ୟବସ୍ଥାପିକା ଗଠନ କରିଛି । ଏହା ରାଜ୍ୟସଭା, ଲୋକସଭା ଏବଂ ରାଷ୍ଟ୍ରପତିଙ୍କୁ ନେଇ ଗଠିତ । ଇଂଲଣ୍ଡର ଢ଼ାଞ୍ଚାରେ ଏହି ପାର୍ଲିଆମେଣ୍ଟ ଗଠିତ ହୋଇଥିଲେ ମଧ୍ୟ ତାହା ଭଳି ଆମ ସଂସଦ କ୍ଷମତାଶାଳୀ ନୁହେଁ ।

୨. ଏହା ମନ୍ତ୍ରିମଣ୍ଡଳ ସୃଷ୍ଟିକରିଥାଏ ।

(କ) ଶାସନ ପାଇଁ ଆବଶ୍ୟକ ହେଉଥିବା ସମସ୍ତ ଆଇନ ସଂସଦ ପ୍ରଣୟନ କରିଥାଏ ।

(ଖ) ରାଷ୍ଟ୍ର ରାଜକୋଷକୁ ନିୟନ୍ତ୍ରଣ କରିଥାଏ ।

(ଗ) ସଂବିଧାନ ସଂଶୋଧନ କାର୍ଯ୍ୟ କରିଥାଏ ।

(ଘ) ଏକ ବିଚାରମଞ୍ଚ ଭାବେ କାର୍ଯ୍ୟ କରିଥାଏ । ଏହାର ବ୍ୟାପକ ଆଲୋଚନା ଜନସାଧାରଣଙ୍କର ରାଜନୈତିକ ସଚେତନତା ବୃଦ୍ଧି କରିବା ସହ ସରକାରଙ୍କୁ କ୍ରିୟାଶୀଳ କରିଥାଏ ।

(ଙ) କେତେକ ନିର୍ବାଚନ କାର୍ଯ୍ୟ ମଧ୍ୟ କରିଥାଏ ।

ରାଜ୍ୟସଭା :

୧. ସଂସଦର ଉଚ୍ଚକକ୍ଷକୁ ରାଜ୍ୟସଭା କୁହାଯାଏ । ତାହା ପରୋକ୍ଷ ଭାବରେ ନିର୍ବାଚିତ ସଦସ୍ୟମାନଙ୍କୁ ନେଇ ଗଠିତ ହୋଇଥାଏ । ଏହାର ମୋଟ ୨୫୦ ଜଣ ସଭ୍ୟଙ୍କ ମଧ୍ୟରୁ ୨୩୮ ଜଣ ବିଭିନ୍ନ ରାଜ୍ୟର ବିଧାନ ସଭାର ସଭ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥିବା ବେଳେ ୧୨ଜଣ ସଦସ୍ୟ ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ ହୋଇଥାନ୍ତି ।

୨. ଏହି ସଭ୍ୟମାନେ ନିର୍ବାଚିତ ହେବା ପାଇଁ ନିର୍ଦ୍ଦିଷ୍ଟ ଯୋଗ୍ୟତାର ଅଧିକାରୀ ହେବା ଉଚିତ ।

୩. ରାଜ୍ୟସଭା ଏକ ସ୍ଥାୟୀ ସଭା । ଲୋକସଭା ପରି ଏହାକୁ ରାଷ୍ଟ୍ରପତି ଭଙ୍ଗ କରିପାରିବେ ନାହିଁ । ମାତ୍ର ଏହାର ସଭ୍ୟମାନେ ଛଅ ବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି । ପ୍ରତ୍ୟେକ ଦୁଇବର୍ଷରେ ଏହାର ଏକ ତୃତୀୟାଂଶ ସଭ୍ୟ ଅବସର ଗ୍ରହଣ କରନ୍ତି ।

୪. **ଅଧ୍ୟକ୍ଷ :** ଭାରତର ଉପରାଷ୍ଟ୍ରପତି ଏହାର ଅଧ୍ୟକ୍ଷ ଭାବେ କାର୍ଯ୍ୟକରିଥାନ୍ତି । ତାଙ୍କୁ ସାହାଯ୍ୟ କରିବା ପାଇଁ ଉପାଧ୍ୟକ୍ଷ ମଧ୍ୟ ଥାନ୍ତି । ଅଧ୍ୟକ୍ଷ ନିରପେକ୍ଷ ଭାବରେ ସମସ୍ତଙ୍କ ସ୍ୱାର୍ଥପ୍ରତି ଦୃଷ୍ଟିଦେଇ ଗୃହର କାର୍ଯ୍ୟ ପରିଚାଳନା କରିଥାଆନ୍ତି । ଗୃହ ପରିଚାଳନା ବେଳେ ତାଙ୍କର ସମସ୍ତ ନିଷ୍ପତ୍ତିକୁ ସମସ୍ତେ ମାନିବା ପାଇଁ ବାଧ୍ୟ ।

୫. **କ୍ଷମତା :** କ୍ଷମତା ଦୃଷ୍ଟିରୁ ଲୋକସଭା ରାଜ୍ୟସଭାଠାରୁ ଅଧିକ କ୍ଷମତାଶାଳୀ । କାରଣ ଏହା ପରୋକ୍ଷଭାବରେ ନିର୍ବାଚିତ ସଦସ୍ୟମାନଙ୍କୁ ନେଇ ଗଠିତ ଏବଂ ବିଶେଷ କରି ରାଜ୍ୟ ସ୍ୱାର୍ଥ ରକ୍ଷା ପାଇଁ ଉଦ୍ଦିଷ୍ଟ । ଆଇନ ପ୍ରଣୟନ କ୍ଷେତ୍ରରେ ହେଉ ବା ମନ୍ତ୍ରିମଣ୍ଡଳକୁ ନିୟନ୍ତ୍ରଣ କରିବା ଦୃଷ୍ଟିରୁ ହେଉ ଅଥବା ରାଜକୋଷ ନିୟନ୍ତ୍ରଣ କରିବା କ୍ଷେତ୍ରରେ ହେଉ ରାଜ୍ୟସଭାର କ୍ଷମତା ଅପେକ୍ଷାକୃତ କମ୍ ଅବଶ୍ୟ ଏହାର ନିଜସ୍ୱ କେତେକ କ୍ଷମତା ଅଛି ଯାହା ଲୋକସଭାର ନାହିଁ ।

୬. କେତେକ ସମାଲୋଚକଙ୍କ ମତରେ ରାଜ୍ୟସଭାର ନିଜର କିଛି କ୍ଷମତା ନଥିବା ଦୃଷ୍ଟିରୁଏହା କେବଳ ଲୋକସଭାର କାର୍ଯ୍ୟକୁ ଦୋହରାଇଥାଏ । ତେଣୁ ଭାରତବର୍ଷ ଭଳି ଏକ ଦରିଦ୍ର ରାଷ୍ଟ୍ରରେଏହା ଏକ ବ୍ୟୟସାପେକ୍ଷ ବ୍ୟବସ୍ଥା । ଏହି ବ୍ୟବସ୍ଥାକୁ ଉଚ୍ଛେଦ କରିବା ପାଇଁ ଏହାର ବିପକ୍ଷବାଦୀମାନେ ମତ ଦେଲାବେଳେ ସପକ୍ଷବାଦୀ ଗଣତତାନ୍ତ୍ରିକ ବିଚାର ଦୃଷ୍ଟିରୁ ଏହାକୁ ରଖିବାପାଇଁ ମତ ଦିଅନ୍ତି ସେମାନଙ୍କ ମତରେ ଏହା ଏକ ଆବଶ୍ୟକୀୟ ବ୍ୟବସ୍ଥା ।

ଲୋକସଭା :

୧. ସଂସଦର ନିମ୍ନ ସଦନକୁ ଲୋକସଭା କୁହାଯାଏ । ଏହି ସଭାରେ ସଦସ୍ୟମାନେ ଜନସାଧାରଣଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବରେ ୫ ବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି ।

୨. ରାଜ୍ୟସଭା ଭଳି ମଧ୍ୟ ଏହି ସଭାକୁ ନିର୍ବାଚିତ ହେବା ପାଇଁ ସଦସ୍ୟମାନେ ନିର୍ଦ୍ଦିଷ୍ଟ ଯୋଗ୍ୟତାର ଅଧିକାରୀ ନେବା ଉଚିତ । ଏମାନେ ମାସିକ ଭତ୍ତା ଓ ଦରମା ମିଶି ୫୨୦୦୦ ଟଙ୍କା ପାଇଥାନ୍ତି ଏବଂ ଅଧିବେଶନ ସମୟରେ ୨୦୦୦ ଟଙ୍କା ଦୈନିକ ଭତ୍ତା ପାଇଥାନ୍ତି ।

୩. ଏହି ସଭାର ଅଧିବେଶନକୁ ପରିଚାଳନା କରିବା ପାଇଁ ସଦସ୍ୟମାନେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ବାଚସ୍ପତି ଏବଂ ଅନ୍ୟଜଣଙ୍କୁ ଉପବାଚସ୍ପତି ଭାବେ ନିର୍ବାଚିତ କରିଥାନ୍ତି । ବାଚସ୍ପତି ଗୃହର ଅଧ୍ୟକ୍ଷ ଭାବେ ସମସ୍ତ କାର୍ଯ୍ୟ ନିରପେକ୍ଷ ଭାବେ କରିଥାନ୍ତି । ସଂସଦୀୟ ଗଣତନ୍ତ୍ରରେ ବାଚସ୍ପତି ବିଶେଷ ଗୌରବ ଏବଂ ମର୍ଯ୍ୟାଦାର ଅଧିକାରୀ । ତାଙ୍କୁ ସାହାଯ୍ୟ କରିବା ପାଇଁ ଜଣେ ଉପାଧ୍ୟକ୍ଷ ବା ଉପବାଚସ୍ପତି ଥାଆନ୍ତି ।

୪. ଲୋକସଭାର କାର୍ଯ୍ୟାବଳୀ :

(କ) ଆଇନ ପ୍ରଣୟନ ଏହାର ମୁଖ୍ୟ କାର୍ଯ୍ୟ ଏହା କେନ୍ଦ୍ର ତାଲିକା ଭୁକ୍ତ ସମୟ ବିଷୟ ଉପରେ ଆଇନ ପ୍ରଣୟନ କରିଥାଏ ଏବଂ ଆବଶ୍ୟକ ରାଜ୍ୟତାଲିକା ଭୁକ୍ତ ବିଷୟମାନଙ୍କ ଉପରେ ମଧ୍ୟ ଆଇନ ପ୍ରଣୟନ କରିଥାଏ ।

(ଖ) ଏହା ରାଷ୍ଟ୍ରର ରାଜକୋଷ ମଧ୍ୟ ନିୟନ୍ତ୍ରଣ କରିଥାଏ । ରାଜକୋଷ ନିୟନ୍ତ୍ରଣ ଏହାର ବିଶେଷ କ୍ଷମତା ଯାହା ରାଜ୍ୟସଭାର ନାହିଁ କହିଲେ ଚଳେ ।

(ଗ) ମନ୍ତ୍ରିମଣ୍ଡଳକୁ ନିୟନ୍ତ୍ରଣ କରିବା ମଧ୍ୟ ଏହାର ଗଣତାନ୍ତ୍ରିକ ଦାୟିତ୍ୱ । ଏହା ମନ୍ତ୍ରିମଣ୍ଡଳ ସୃଷ୍ଟି କରିଥିବା ଦୃଷ୍ଟିରୁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ, ଆଲୋଚନା, ବିଭିନ୍ନ ପ୍ରସ୍ତାବ ଆଦି ଜରିଆରେ ମନ୍ତ୍ରିମଣ୍ଡଳକୁ ନିୟନ୍ତ୍ରିତ କରିଥାଏ ।

(ଘ) ଏହା ଛଡ଼ା ସଂବିଧାନ ସଂଶୋଧନ ଏବଂ ଅନ୍ୟାନ୍ୟ ନିର୍ବାଚନୀ ତଥା ନ୍ୟାୟିକ କ୍ଷମତା ମଧ୍ୟ ଉପଭୋଗ କରିଥାଏ ।

ଆଇନ ପ୍ରଣୟନ ପଦ୍ଧତି :

୧. ସଂସଦର ମୁଖ୍ୟକାର୍ଯ୍ୟ ହେଲା ଆଇନ ପ୍ରଣୟନ କରିବା । ପ୍ରତ୍ୟେକ ଆଇନ ସମ୍ବନ୍ଧୀୟ ପ୍ରସ୍ତାବ ବା ବିଧେୟକ ଏକପ୍ରକାର ମାଧ୍ୟମରେ ସଂସଦର ଉଭୟ ଗୃହରେ ପାଳିତ ହୋଇଥାଏ ।

୨. ବିଧେୟକ ଦୁଇ ପ୍ରକାର – ସାଧାରଣ ବିଧେୟକ ଏବଂ ଅର୍ଥ ବିଧେୟକ । ସାଧାରଣ ବିଧେୟକ ସଂସଦର ଯେ କୌଣସି ଗୃହରେ ଆଗତ କରାଯାଇପାରେ ମାତ୍ର ଅର୍ଥ ବିଧେୟକ କେବଳ ଲୋକସଭାରେ ଆଗତ କରାଯାଇଥାଏ । ସାଧାରଣ ବିଧେୟକଟି ତିନୋଟି ପର୍ଯ୍ୟାୟଭୁକ୍ତ ପ୍ରଥମପାଠ, ଦ୍ୱିତୀୟ ପାଠ ଏବଂ ତୃତୀୟ ପାଠରେ ଆଲୋଚିତ ଏବଂ ଗୃହୀତ ହୋଇଥାଏ ।

୩. ଗୋଟିଏ ଗୃହରେ ବିଧେୟକ ଗୃହୀତ ହେବାପରେ ଏହା ଅନ୍ୟ ଗୃହରେ ମଧ୍ୟ ସେଇ ତିନୋଟି ପର୍ଯ୍ୟାୟ ଦେଇ ଗୃହୀତ ହୋଇଥାଏ ।

୪. ଏହାପରେ ରାଷ୍ଟ୍ରପତିଙ୍କ ପାଖରୁ ସ୍ୱୀକୃତି ଲାଭ ପାଇଯାଏ । ରାଷ୍ଟ୍ରପତି ସଂସଦର ପୁନଃବିଚାର ପାଇଁ ବିଧେୟକଟି ପଠାଇ ପାରନ୍ତି । ସଂସଦ ରାଷ୍ଟ୍ରପତିଙ୍କ ବିଚାର ସହ ଏକମତ ହୋଇପାରେ ବା ନପାରେ । କିନ୍ତୁ ଯେତେବେଳେ ଏହା ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତିଙ୍କ ନିକଟକୁ ଆସେ ସେତେବେଳେ ରାଷ୍ଟ୍ରପତି ଏହାକୁ ସ୍ୱୀକୃତି ଦବା ପାଇଁ ବାଧ୍ୟ ହୋଇଥାନ୍ତି । ସ୍ୱୀକୃତି ପାଇବା ପରେ ଏହା ଆଇନରେ ପରିଣତ ହୁଏ ।

ଆର୍ଥିକ ପଦ୍ଧତି :

୧. ରାଷ୍ଟ୍ରର ଅର୍ଥକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସଭାର କୌଣସି କ୍ଷମତା ନାହିଁ କହିଲେ ଚଳେ । ଅର୍ଥ ସଂକ୍ରାନ୍ତୀୟ ସମସ୍ତ ପ୍ରସ୍ତାବ ଲୋକସଭା ଦ୍ୱାରା ଗୃହୀତ ହୋଇ ରାଜ୍ୟସଭାକୁ ଯାଇଥାଏ ଏବଂ ସେଠାରେ ତାହା ଆଲୋଚିତ ମାତ୍ର ହୁଏ । ଯଦି ରାଜ୍ୟସଭା ଏ ସଂକ୍ରାନ୍ତରେ କୌଣସି ପରିବର୍ତ୍ତନ ଚାହେଁ ତେବେ ତାହା ଲୋକସଭାର ମର୍ଜି ଉପରେ ନିର୍ଭର କରେ । ରାଜ୍ୟସଭା ନିଜ ପାଖରେ ଅର୍ଥ ବିଧେୟକ ମାତ୍ର ୧୪ଦିନ ରଖିପାରେ ଏହି ସମୟ ପରେ ରାଜ୍ୟସଭା ଦ୍ୱାରା ବିଧେୟକଟି ଆପେ ଗୃହୀତ ହୋଇଗଲା ବୋଲି ଧରିନିଆଯାଏ ।

୨. ସରକାରଙ୍କ ସମସ୍ତ ଆୟ-ବ୍ୟୟର ବ୍ୟବସ୍ଥା ବଜେଟ ମାଧ୍ୟମରେ ହୋଇଥାଏ । ଏହି ବାର୍ଷିକ ବଜେଟ ଆଲୋଚନା ହୋଇ ଲୋକସଭାରେ ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଆଗତ ହୋଇଥାଏ ଲୋକସଭାରେ ଏହି ବଜେଟ

ଆଲୋଚନା ହୋଇ ଗୃହୀତ ହୋଇଥାଏ। ସଭ୍ୟମାନେ ଇଚ୍ଛା କଲେ କାଟ ପ୍ରସ୍ତାବ ଆଣି ସରକାର ପେଶ୍ କରିଥିବା ବଜେଟରୁ କିଛି ଅଂଶ କମେଇ ଦେଇପାରନ୍ତି ଏବଂ ସେ ସ୍ଥଳରେ କାଟ ପ୍ରସ୍ତାବ ଗୃହୀତ ହେଲାବୋଲି ଧରିନିଆଯାଏ ଏବଂ ସରକାର ଇସ୍ତଫା ଦିଅନ୍ତି। ସରକାରଙ୍କ ଆର୍ଥିକ ନିୟନ୍ତ୍ରଣ ପାଇଁ ଲୋକସଭା ହାତରେ ଏହା ଏକ ଅସ୍ତ୍ର ଭାବେ ବ୍ୟବହୃତ ହୁଏ।

୩. ଏହି ବଜେଟ ରାଜ୍ୟସଭାକୁ ମଧ୍ୟ ଆଲୋଚନା ପାଇଁ ଯାଇଥାଏ ଏବଂ ଚଉଦ ଦିନ ପରେ ବଜେଟ ରାଜ୍ୟସଭାରେ ଗୃହୀତ ହେଲା ବୋଲି ଧରିନିଆଯାଏ।

୪. ଯଦି କୌଣସି କାରଣରୁ ଆର୍ଥିକ ବର୍ଷର ଆରମ୍ଭରୁ ବଜେଟ କାର୍ଯ୍ୟକାରୀ କରାଯାଇ ନପାରେ ତେବେ ଲୋକସଭା ଲେଖା ଅନୁଦାନ ଦ୍ୱାରା ଦୁଇ ମାସ ସରକାରଙ୍କୁ ଭାରତର ଜରୁରୀ ପାଣ୍ଠିରୁ ଅର୍ଥ ବ୍ୟୟ କରିବା ପାଇଁ ଅଧିକୃତ କରିପାରେ ଯାହାକୁ ବଜେଟ ଗୃହୀତ ହେବା ପରେ ସମତୁଳ କରାଯାଇଥାଏ।

ରାଜ୍ୟ ବ୍ୟବସ୍ଥାପିକା :

୧. କେନ୍ଦ୍ରୀୟ ବ୍ୟବସ୍ଥାପିକା ଭଳି ଭାରତବର୍ଷର ରାଜ୍ୟମାନଙ୍କରେ ମଧ୍ୟ ବିଧାନମଣ୍ଡଳର ବ୍ୟବସ୍ଥା ରହିଛି। କ୍ଷମତା କାର୍ଯ୍ୟକାଳ ତଥା ଗୁରୁତ୍ୱ ଏ ସମସ୍ତ ଦୃଷ୍ଟିରୁ ଏହାକୁ ସଂସଦର ଏକ ପ୍ରତିଛବି କହିଲେ ଭୁଲ ହେବ ନାହିଁ।

୨. ମାତ୍ର ସାଙ୍ଗଠନିକ ଦୃଷ୍ଟିକୋଣରୁ ଏହା ଏକ ସଦନୀୟ ବା ଦ୍ୱିସଦନୀୟ ହୋଇପାରେ। ରାଜ୍ୟମାନେ ନିଜ ଆର୍ଥିକ ସମ୍ବଳ ଓ ରାଜନୈତିକ ଆବଶ୍ୟକତା ଦୃଷ୍ଟିରୁ ଇଚ୍ଛା କଲେ ନିଜ ବିଧାନ ସଭାର ଦୁଇତୃତୀୟାଂଶ ସଭ୍ୟଙ୍କ ଦ୍ୱାରା ପ୍ରସ୍ତାବ ଗ୍ରହଣ କରି ଦ୍ୱିତୀୟ ସଦନ ସୃଷ୍ଟି କରିବା ବା ଉଚ୍ଛେଦ ପାଇଁ ସଂସଦକୁ ଅନୁରୋଧ କରିପାରିବେ ଏବଂ ସଂସଦ ଏକ ଆଇନ ଦ୍ୱାରା ଏହି ଅନୁରୋଧକୁ ରକ୍ଷା କରିଥାନ୍ତି।

୩. ଏହି ଜନପ୍ରିୟ ସଦନକୁ ବିଧାନସଭା ଏବଂ ଦ୍ୱିତୀୟ ସଦନକୁ ବିଧାନ ପରିଷଦ କୁହାଯାଏ। ବିଧାନସଭାର ସଭ୍ୟମାନେ ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହେବାବେଳେ ପରିଷଦର ସଭ୍ୟମାନେ ପରୋକ୍ଷଭାବରେ ନିର୍ବାଚିତ ହୋଇଥାନ୍ତି।

୪. ଏହି ଉଭୟ ଗୃହର କାର୍ଯ୍ୟ ସଂସଦ ଭଳି ହୋଇଥାଏ ଏବଂ ଉଭୟ ଗୃହରେ ମଧ୍ୟ ଅଧ୍ୟକ୍ଷମାନେ ଗୃହମାନଙ୍କରେ କାର୍ଯ୍ୟ ପରିଚାଳନା କରିଥାନ୍ତି ଏବଂ ନିରପେକ୍ଷତା ଅବଲମ୍ବନ କରିଥାଆନ୍ତି।

୫. ଆଇନ ପ୍ରଣୟନ କ୍ଷେତ୍ରରେ ମଧ୍ୟ ଏହା ସଂସଦ ଭଳି କାର୍ଯ୍ୟ କରିଥାଏ।

୬. ଓଡ଼ିଶାରେ କେବଳ ବିଧାନସଭା ରହିଛି। ବିଧାନ ପରିଷଦ ନାହିଁ। ଓଡ଼ିଶାର ପ୍ରଥମ ବିଧାନସଭା ବିଧିବଦ୍ଧ ଭାବେରେ ୧୯୫୨ ମସିହା ଫେବୃୟାରୀ ୨୦ ତାରିଖରେ ଗଠିତ ହୋଇଥିଲା। ଏହାର ସଭ୍ୟ ସଂଖ୍ୟା ୧୪୭।

ଆଦର୍ଶ ପ୍ରଶ୍ନାବଳୀ

('କ' - ବିଭାଗ)

୧. ତ୍ରୁଟିପୂର୍ଣ୍ଣ ବାକ୍ୟଗୁଡ଼ିକୁ ସଂଶୋଧନ କର :

(କ) 'ଲୋକସଭା'ର କାର୍ଯ୍ୟକାଳ ୬ ବର୍ଷ।

(ଖ) ରାଜ୍ୟସଭାର ସଭ୍ୟହେବା ପାଇଁ ନ୍ୟୂନତମ ବୟସ ସୀମା ହେଲା ୨୧ ବର୍ଷ।

(ଗ) ଓଡ଼ିଶା ବିଧାନସଭାର ମୋଟ ସଦସ୍ୟ ସଂଖ୍ୟା ୧୫୦।

୨. ଶୂନ୍ୟସ୍ଥାନ ପୂରଣ କର :

(କ) ଓଡ଼ିଶାରେ _________ ପ୍ରକାର ବ୍ୟବସ୍ଥାପିକା ଅଛି।

(ଖ) ବ୍ୟବସ୍ଥାପିକା ସଭାର _________ ସଦନରେ ପ୍ରଥମେ 'ବଜେଟ୍'କୁ ଉପସ୍ଥାପିତ କରାଯାଏ।

(ଗ) ଭାରତର ସଂସଦ (Parliament), ଲୋକସଭା, ରାଜ୍ୟସଭା ଏବଂ _________ ଙ୍କୁ ନେଇ ଗଠିତ।

(ଘ) ଲୋକସଭାର କାର୍ଯ୍ୟକାଳ _________ ବର୍ଷ।

(ଙ) _________ ସଭା ଭାରତରେ ରାଜ୍ୟଗୁଡ଼ିକର ପ୍ରତିନିଧିତ୍ୱ କରେ।

(ଚ) ରାଜ୍ୟସଭାର ସଭ୍ୟମାନେ _________ ଦ୍ୱାରା ନିର୍ବାଚିତ ହୁଅନ୍ତି।

(ଛ) ସଂସଦର ଲୋକପ୍ରିୟ ସଦନ ହେଲା _________।

(ଜ) ରାଜ୍ୟସଭାରେ _________ ଅଧ୍ୟକ୍ଷତା କରନ୍ତି।

(ଝ) ସଂସଦର ମିଳିତ ଅଧିବେଶନକୁ _________ ଆହ୍ୱାନ କରନ୍ତି।

(ଞ) _________ ଙ୍କ ଦ୍ୱାରା ଅର୍ଥ-ବିଧେୟକ (Money Bill) ଚିହ୍ନିତ ହୁଏ।

(ଟ) ସଂସଦର _________ ସଦନକୁ ରାଷ୍ଟ୍ରପତି ଭାଙ୍ଗିଦେଇ ପାରନ୍ତି।

(ଠ) ରାଷ୍ଟ୍ରପତି ରାଜ୍ୟସଭାକୁ _________ ଜଣ ସଭ୍ୟଙ୍କୁ ମନୋନୀତ କରିଥାନ୍ତି।

(ଡ) ରାଜ୍ୟସଭା ଏକ ଅର୍ଥ ବିଧେୟକକୁ _________ ଦିନରେ ଅନୁମୋଦନ କରିପାରିବ।

(ଢ) ଲୋକସଭାର ବାଚସ୍ପତି (Speaker) _________ ଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି।

(ଣ) ରାଜ୍ୟସଭାର ସଭ୍ୟ ହେବା ପାଇଁ ସର୍ବନିମ୍ନ ବୟସ ସୀମା ହେଲା _________ ବର୍ଷ।

(ତ) ଓଡ଼ିଶା ବିଧାନସଭାର ସଭ୍ୟ ସଂଖ୍ୟା _________।

(ଥ) ଓଡ଼ିଶା ବିଧାନସଭାରେ _________ ଟି ଆସନ 'ଅନୁସୂଚୀତ ଜନଜାତି'ଙ୍କ ପାଇଁ ସଂରକ୍ଷିତ ରହିଛି।

୩. ଏକ ଶବ୍ଦରେ/ ବାକ୍ୟରେ ଲେଖ :

(କ) ଭାରତୀୟ ସଂସଦର ଲୋକପ୍ରିୟ ସଦନ କେଉଁଟି ?

(ଖ) ଲୋଭସଭାରେ କିଏ ଅଧ୍ୟକ୍ଷତା କରନ୍ତି ?

(ଗ) 'Money Bill'– 'ଅର୍ଥ ବିଧେୟକ'କୁ କିଏ ଚିହ୍ନିତ କରନ୍ତି ?

୪. **ବିବିଧ ଉତ୍ତର ଚୟନ ପ୍ରଶ୍ନାବଳୀ :**

(କ) ରାଜ୍ୟସଭାକୁ କେତେଜଣ ସଭ୍ୟ ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ ହୋଇଥାନ୍ତି ?
(i) ୧୦ (ii) ୧୨
(iii) ୧୫ (iv) ୨

(ଖ) ଅର୍ଥ ବିଧେୟକ (Money Bill) କେଉଁଠାରେ ପ୍ରଥମେ ଆଗତ କରାଯାଏ ?
(i) କେବଳ ଲୋକସଭା (ii) କେବଳ ରାଜ୍ୟସଭା
(iii) ଉଭୟ ଲୋକସଭା ଓ ରାଜ୍ୟସଭା (iv) କେଉଁଠାରେ ନୁହେଁ

(ଗ) ରାଜ୍ୟ ସଭାର ସଭ୍ୟସଂଖ୍ୟା କେତେ ?
(i) ୨୩୮ (ii) ୨୫୦
(iii) ୨୫୨ (iv) ୫୪୫

(ଘ) ଲୋକସଭାର ସଭ୍ୟ ସଂଖ୍ୟା କେତେ ?
(i) ୫୪୦ (ii) ୪୪୫
(iii) ୬୦୦ (iv) ୨୫୦

(ଙ) କିଏ ସର୍ବଭାରତୀୟ ସ୍ତରରେ 'ପ୍ରଶାସନିକ ସେବା'ର ସୁଯୋଗ ସୃଷ୍ଟି କରେ ?
(i) ଭାରତର ରାଷ୍ଟ୍ରପତି (ii) ଲୋକସଭା
(iii) ରାଜ୍ୟସଭା (iv) ପ୍ରଧାନମନ୍ତ୍ରୀ

(ଚ) 'Money Bill' କୁ କିଏ ଚିହ୍ନିତ କରିଥାନ୍ତି ?
(i) ଭାରତର ରାଷ୍ଟ୍ରପତ (ii) ଲୋକସଭା
(iii) ବାଚସ୍ପତ (iv) ରାଜ୍ୟସଭାର ଅଧ୍ୟକ୍ଷ

(ଛ) 'Money Bill' କୁ ରାଜ୍ୟସଭା ସ୍ୱୀକୃତି ନଦେଇ କେତେଦିନ ରଖିପାରିବ ?
(i) ୧୩ ଦିନ (ii) ୧୫ ଦିନ
(iii) ୩୦ ଦିନ (iv) ୯୦ ଦିନ

(ଜ) କେନ୍ଦ୍ରର ମନ୍ତ୍ରିମଣ୍ଡଳ କାହା ପାଖରେ ଉତ୍ତରଦାୟୀ ?
(i) ଲୋକସଭା (ii) ରାଜ୍ୟସଭା
(iii) ସଂସଦ (iv) ପ୍ରଧାନମନ୍ତ୍ରୀ

(ଝ) ରାଜ୍ୟସଭାରେ ଓଡ଼ିଶାରୁ କେତେଜଣ ସଭ୍ୟ ପ୍ରତିନିଧିତ୍ୱ କରନ୍ତି ?
(i) ୧୦ (ii) ୧୨
(iii) ୧୧ (iv) ୧୫

(ଞ) କେନ୍ଦ୍ର ପାର୍ଲାମେଣ୍ଟ (ସଂସଦ)ର ମିଳିତ ଅଧିବେଶନରେ କିଏ ଅଧ୍ୟକ୍ଷତା କରନ୍ତି ?
(i) ରାଷ୍ଟ୍ରପତି (ii) ପ୍ରଧାନମନ୍ତ୍ରୀ
(iii) ବାଚସ୍ପତି (iv) ଉପରାଷ୍ଟ୍ରପତି

(ଟ) ରାଜ୍ୟସଭା ସଭ୍ୟଙ୍କର କାର୍ଯ୍ୟକାଳ କେତେ ବର୍ଷ ?
(i) ୬ ବର୍ଷ (ii) ୫ ବର୍ଷ
(iii) ୪ ବର୍ଷ (iv) ଆଜୀବନ

(ଠ) ରାଜ୍ୟ ବିଧାନ ସଭାକୁ ଭାଙ୍ଗିବାର କ୍ଷମତା କାହାର ଅଛି ?
(i) ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶରେ ରାଜ୍ୟପାଳ (ii) ରାଜ୍ୟପାଳ
(iii) ମୁଖ୍ୟମନ୍ତ୍ରୀ (iv) ରାଷ୍ଟ୍ରପତି

(ଡ) ରାଜ୍ୟ ବିଧାନସଭା କେଉଁ ବିଷୟ ଉପରେ ଆଇନ୍ ପ୍ରଣୟନ କରିଥାଏ ?
(i) କେନ୍ଦ୍ର ତାଲିକା (ii) ରାଜ୍ୟ ତାଲିକା
(iii) ମିଳିତ ତାଲିକା (iv) କେନ୍ଦ୍ର ଓ ରାଜ୍ୟ ତାଲିକା

୫. କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନାବଳୀ :

(କ) ଭାରତର ସଂସଦ (Parliament) କିପରି ଗଠିତ ହୋଇଥାଏ ?
(ଖ) ରାଜ୍ୟସଭା ଓ ଲୋକସଭାର କାର୍ଯ୍ୟକାଳ କେତେ ବର୍ଷ ?
(ଗ) ଲୋକସଭାରେ କିଏ ଅଧ୍ୟକ୍ଷତା କରନ୍ତି ?
(ଘ) ରାଜ୍ୟସଭାରେ କିଏ ଅଧ୍ୟକ୍ଷତା କରନ୍ତି ?
(ଙ) ସଂସଦର ମିଳିତ ଅଧିବେଶନକୁ କିଏ ଆହ୍ୱାନ କରନ୍ତି ?
(ଚ) ରାଜ୍ୟସଭାର ସ୍ୱତନ୍ତ୍ର କ୍ଷମତା ସବୁ କ'ଣ ?
(ଛ) ରାଜ୍ୟସଭାକୁ କାହିଁକି ଦ୍ୱିତୀୟ ସଦନ କୁହାଯାଏ ?
(ଜ) ରାଜ୍ୟସଭାର ସଭ୍ୟମାନଙ୍କୁ ରାଜ୍ୟର କେଉଁମାନେ ନିର୍ବାଚିତ କରିଥା'ନ୍ତି ?
(ଝ) ଲୋକସଭାର ସଦସ୍ୟମାନେ କିପରି ନିର୍ବାଚିତ ହୋଇଥା'ନ୍ତି ?
(ଞ) ଅର୍ଥ-ବିଧେୟକ (Money Bill)କୁ କିଏ ଚିହ୍ନିତ କରିଥା'ନ୍ତି ?
(ଟ) ବିଧେୟକ (Bill) କାହାକୁ କୁହାଯାଏ ?
(ଠ) Quorum (କୋରମ୍) ଶବ୍ଦର ଅର୍ଥ କ'ଣ ?
(ଡ) Zero Hour (ଶୂନ୍ୟକାଳ) କାହାକୁ କୁହାଯାଏ ?
(ଢ) 'ଅଧିବେଶନ' (Session) କାହାକୁ କୁହାଯାଏ ?
(ଣ) ଭାରତରେ କେଉଁ କେଉଁ ରାଜ୍ୟରେ ଦ୍ୱି-ସଦନୀୟ ବ୍ୟବସ୍ଥା ଅଛି ?
(ତ) ଏକ ଦ୍ୱି-ସଦନୀୟ ବ୍ୟବସ୍ଥାପିକାରେ ଥିବା ୨ଟିଯାକ ସଦନର ନାମ କ'ଣ ?
(ଥ) ରାଜ୍ୟ ବିଧାନ ପରିଷଦ (State Legislative Council) ର କାର୍ଯ୍ୟକାଳ କେତେ ବର୍ଷ ?
(ଦ) ରାଜ୍ୟ ବିଧାନ ପରିଷଦର ସର୍ବନିମ୍ନ ସଦସ୍ୟଙ୍କ ସଂଖ୍ୟା କେତେ ?

('ଖ' - ବିଭାଗ)

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନାବଳୀ :

୧. କେନ୍ଦ୍ରୀୟ ସଂସଦର ଗଠନ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଆଲୋକପାତ କର ?
୨. ରାଜ୍ୟସଭାର ଗଠନ ଓ କାର୍ଯ୍ୟାବଳୀ ସମ୍ବନ୍ଧରେ ଆଲୋଚନା କର ?
୩. ଲୋକସଭାର ଗଠନ ଓ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କର ?
୪. ଲୋକସଭାର ବାଚସ୍ପତିଙ୍କର କ୍ଷମତା ଓ ଭୂମିକା ସବୁ କ'ଣ କ'ଣ ?
୫. ରାଜ୍ୟ ବ୍ୟବସ୍ଥାପିକାଗୁଡ଼ିକର ଗଠନ ଓ କାର୍ଯ୍ୟାବଳୀ ସବୁ କ'ଣ କ'ଣ ?
୬. ଓଡ଼ିଶା ବିଧାନ ସଭାର କ୍ଷମତା ଓ ଭୂମିକା ସମ୍ବନ୍ଧରେ ଆଲୋଚନା କର ?
୭. ରାଜ୍ୟ ବିଧାନ ପରିଷଦର ଗଠନ ଓ କ୍ଷମତା ସମ୍ପର୍କରେ ଆଲୋଚନା କର ?

❑●❑

ଚତୁର୍ଦ୍ଦଶ ଅଧ୍ୟାୟ

ଭାରତରେ କାର୍ଯ୍ୟପାଳିକା
(EXECUTIVE IN INDIA)

ଭାରତର ରାଷ୍ଟ୍ରପତି :

ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ମନ୍ତ୍ରୀପରିଷଦକୁ ନେଇ କେନ୍ଦ୍ର କାର୍ଯ୍ୟପାଳିକା ଗଠିତ। ସଂବିଧାନ ପ୍ରଣେତାମାନେ ବହୁ ଆଲୋଚନା ପରେ ସ୍ୱାଧୀନ ଭାରତ ପାଇଁ ଇଂଲଣ୍ଡ ଢ଼ାଞ୍ଚାରେ ସଂସଦୀୟ ସରକାର ଗଠନ କରିବାର ନିଷ୍ପତ୍ତି ଗ୍ରହଣ କରିଥିଲେ। ଏହି ଶାସନ ବ୍ୟବସ୍ଥାରେ ଭାରତର ରାଷ୍ଟ୍ରପତି ନାମକୁ ମାତ୍ର କାର୍ଯ୍ୟପାଳିକାର ମୁଖ୍ୟ ଭାବେ ନିର୍ବାଚିତ ହୋଇଥାନ୍ତି। ବାସ୍ତବରେ ମନ୍ତ୍ରିମଣ୍ଡଳର ସହଯୋଗରେ ପ୍ରଧାନମନ୍ତ୍ରୀ ହିଁ ସମସ୍ତ ଶାସନ କାର୍ଯ୍ୟ ନିର୍ବାହ କରିଥାନ୍ତି। ଯଦିଓ ରାଷ୍ଟ୍ରପତି ଆଳଙ୍କାରିକ ମୁଖ୍ୟ ଭାବେ ଅବସ୍ଥାପିତ ହୋଇଥାନ୍ତି ତଥାପି ସାଂବିଧାନିକ ଶାସନ ପ୍ରକ୍ରିୟାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ଅବଶ୍ୟ ବୃହତ୍ତର ସ୍ୱାର୍ଥ ସଂଶ୍ଳିଷ୍ଟ ବିଷୟ ଉପରେ ସାଂସଦକୁ ବାର୍ତ୍ତା ପଠାଇବା, ଆବଶ୍ୟକ ସ୍ଥଳେ ସଂସଦରେ ଗୃହୀତ ବିଧେୟକକୁ ନିଜର ମତାମତ ସହ ପୁର୍ନଆଲୋଚନା ପାଇଁ ସଂସଦକୁ ପଠାଇବା ଏବଂ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କ୍ରମେ ଶାସନକଳ ଉପରେ ନିଜର ପ୍ରଭାବ ବିସ୍ତାର କରିବାର ଯଥେଷ୍ଟ ଅବକାଶ ରହିଛି। ସେ ଜାତୀୟ ଐକ୍ୟ, ସଂହତି ଓ ସାର୍ବଭୌମତ୍ୱର ସର୍ବୋଚ୍ଚ ପ୍ରତିନିଧି ଭାବରେ ଏକ ମର୍ଯ୍ୟାଦାବନ୍ତ ସାମ୍ବିଧାନିକ ପଦର ଅଧିକାରୀ। ସମ୍ବିଧାନର ୫୨ ଧାରାରେ ଉଲ୍ଲେଖ ଅଛି ଯେ ଭାରତରେ ଜଣେ ରାଷ୍ଟ୍ରପତି ରହିବେ।

ପରୋକ୍ଷ ନିର୍ବାଚନ କାହିଁକି :

ଶାସନ ବିଧେୟକ ସଭାରେ ବହୁଆଲୋଚନା ପରେ ରାଷ୍ଟ୍ରପତିଙ୍କୁ ପରୋକ୍ଷ ଭାବେ ପାଞ୍ଚବର୍ଷ ପାଇଁ ନିର୍ବାଚିତ କରିବାର ସ୍ଥିର କରାଗଲା। ଯେଉଁସବୁ କାରଣ ଯୋଗୁଁ ରାଷ୍ଟ୍ରପତିଙ୍କୁ ପରୋକ୍ଷ ଭାବେ ନିର୍ବାଚିତ କରାଯିବାର ସ୍ଥିର କରାଗଲା ସେଗୁଡ଼ିକ ହେଲା–

(କ) ଗୋଟିଏ ସଂସଦୀୟ ଶାସନ ବ୍ୟବସ୍ଥାର ରାଷ୍ଟ୍ରମୁଖ୍ୟ ଏକ ସାମ୍ବିଧାନିକ ପଦବୀର ଅଧିକାରୀ ହୋଇଥିବା ଦୃଷ୍ଟିରୁ ମନ୍ତ୍ରିମଣ୍ଡଳର ପରାମର୍ଶକ୍ରମେ ତାଙ୍କର କ୍ଷମତା ନିର୍ବାହ କରନ୍ତି। ଅନ୍ୟାର୍ଥରେ ସେ ନାମକୁ ମାତ୍ର ମୁଖ୍ୟ ହୋଇଥିବାରୁ ତାଙ୍କର ନିଜର କ୍ଷମତା ନଥାଏ।

(ଖ) ଦ୍ୱିତୀୟରେ ଭାରତବର୍ଷର ବିଶାଳଜନସଂଖ୍ୟା ଦୃଷ୍ଟିରୁ ରାଷ୍ଟ୍ରପତିଙ୍କର ପ୍ରତ୍ୟକ୍ଷ ନିର୍ବାଚନ ଶାସନକଳ ଜାତୀୟ ରାଜକୋଷ ଉପରେ ଅତ୍ୟନ୍ତ ଚାପ ସୃଷ୍ଟି କରିବ।

(ଗ) ତୃତୀୟତଃ ସମଗ୍ର ରାଷ୍ଟ୍ର ଦ୍ୱାରା ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ଜଣେ ରାଷ୍ଟ୍ରପତି ମନ୍ତ୍ରିମଣ୍ଡଳର ପରାମର୍ଶକୁ ସହଜରେ ଗ୍ରହଣ ନକରି ସାଂବିଧାନିକ ସଙ୍କଟ ସୃଷ୍ଟି କରିବାର ସମ୍ଭାବନା ଯଥେଷ୍ଟ ଅଧିକ।

ଯୋଗ୍ୟତା ଓ କାର୍ଯ୍ୟକାଳ :

ଭାରତର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପାଇଁ ସମ୍ବିଧାନର ୫୮ ଧାରା ଅନୁଯାୟୀ ଜଣେ ବ୍ୟକ୍ତି–

(କ) ଭାରତୀୟ ନାଗରିକ ହୋଇଥିବେ।

(ଖ) ତାଙ୍କର ବୟସ ଅତିକମ୍‌ରେ ୩୫ ବର୍ଷ ବା ତାହାଠାରୁ ଅଧିକ ହୋଇଥିବ।

(ଗ) ତାଙ୍କର ଲୋକସଭାର ସଭ୍ୟ ହେବା ପାଇଁ ଅନ୍ୟାନ୍ୟ ସମସ୍ତ ଯୋଗ୍ୟତା ଥିବ ଯଥା ସେ ସରକାରୀ କର୍ମଚାରୀ ହୋଇନଥିବେ ବା ସରକାରଙ୍କ ସହ କୌଣସି ବ୍ୟବସାୟିକ ସମ୍ପର୍କ ରଖିନଥିବେ, ସେ ପାଗଳ ବା ଦେବାଳିଆ ଘୋଷିତ ହୋଇନଥିବେ।

ଜଣେ ବ୍ୟକ୍ତି ଏକ ସମୟରେ ରାଷ୍ଟ୍ରପତି ଓ ସଂସଦ ବା ବିଧାନସଭାର ସଭ୍ୟ ହୋଇପାରିବେ ନାହିଁ। ଯଦିଓ ଜଣେ ସାଂସଦ ବା ବିଧାନସଭା ରାଷ୍ଟ୍ରପତି ଭାବେ ନିର୍ବାଚିତ ହୁଅନ୍ତି ତେବେ ସେ ଯେଉଁ ସଦନର ସଭ୍ୟ ହୋଇଥିବେ ସେହି ସଦନରୁ ଇସ୍ତଫା ଦେବେ। ରାଷ୍ଟ୍ରପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରତ୍ୟେକ ପ୍ରାର୍ଥୀଙ୍କ ମନୋନୟନ ପତ୍ରରେ ୫୦ ଜଣ ମତଦାତା (ଭୋଟର ପ୍ରସ୍ତାବକ) ଏବଂ ୫୦ ଜଣ ମତଦାତା (ଭୋଟର ସମର୍ଥକ) ହିସାବରେ ସ୍ୱାକ୍ଷର କରିଥିବେ। ପ୍ରତ୍ୟେକ ପ୍ରାର୍ଥୀଙ୍କୁ ୧୫୦୦୦ ଟଙ୍କା ଅମାନତ ଜମା ଦେବାକୁ ହେବ।

ରାଷ୍ଟ୍ରପତି ପାଞ୍ଚବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି। ଯଦି ଓ ସାମ୍ବିଧାନିକ ବାଧା ନାହିଁ ତଥାପି ଆମର ପରମ୍ପରା କ୍ରମେ କୌଣସି ବ୍ୟକ୍ତି ଦୁଇ ଥରରୁ ଅଧିକ ଥର ପାଇଁ ରାଷ୍ଟ୍ରପତି ନିର୍ବାଚିତ ହୋଇପାରିବେ ନାହିଁ।

ବହିଷ୍କରଣ/ଇସ୍ତଫା :

କାର୍ଯ୍ୟକାଳ ପୂରଣ ହେବା ଆଗରୁ ରାଷ୍ଟ୍ରପତି ଚାହିଁଲେ ନିଜ ପଦବୀରୁ ଇସ୍ତଫା ଦେଇପାରିବେ। ଏହି ଇସ୍ତଫା ପତ୍ର ସେ ଉପରାଷ୍ଟ୍ରପତିଙ୍କୁ ଦେଇଥାନ୍ତି। ଏହାଛଡ଼ା ସମ୍ବିଧାନ ଭଙ୍ଗ ଅଭିଯୋଗରେ ମଧ୍ୟ ତାଙ୍କୁ ସଂସଦ ମହାଭିଯୋଗ ଦ୍ୱାରା କାର୍ଯ୍ୟଚ୍ୟୁତ କରିପାରିବ। ଏହି ମହାଭିଯୋଗ ପ୍ରସ୍ତାବ ସଂସଦର ଯେକୌଣସି ସଦନର ଏକ ଚତୁର୍ଥାଂଶ ସଦସ୍ୟ ଆଗତ କରିପାରିବେ। ଏହି ପ୍ରସ୍ତାବ ଉକ୍ତ ସଦନରେ ଆଗତ ହେବାର ଚଉଦ ଦିନ ପରେ ଆଲୋଚନା ଆରମ୍ଭ ହୋଇଥାଏ। ଆଲୋଚନା ପରେ ଉକ୍ତ ଗୃହର ଦୁଇତୃତୀୟାଂଶ ସଭ୍ୟ ଯଦି ପ୍ରସ୍ତାବ ସପକ୍ଷରେ ମତଦାନ କରନ୍ତି ତେବେ ଏହା ସଂସଦର ଅନ୍ୟ ଗୃହକୁ ଯାଇଥାଏ। ଏହି ଗୃହ ରାଷ୍ଟ୍ରପତିଙ୍କ ବିରୁଦ୍ଧରେ ଆସିଥିବା ଅଭିଯୋଗର ତଦନ୍ତ କରେ। ଏହି ସମୟରେ ରାଷ୍ଟ୍ରପତି ନିଜେ ବା ତାଙ୍କର ପ୍ରତିନିଧି ଗୃହରେ ଉପସ୍ଥିତ ରହି ଆଗତ ଅଭିଯୋଗଗୁଡ଼ିକୁ ଅପ୍ରମାଣିତ କରିବାର ସୁଯୋଗ ପାଇଥାଆନ୍ତି। ଅବଶେଷରେ ଏହି ଗୃହର ଦୁଇ ତୃତୀୟାଂଶ ସଭ୍ୟ ଯଦି ପ୍ରସ୍ତାବ ସପକ୍ଷରେ ନିଜ ମତଦାନ କରନ୍ତି ତେବେ ମହାଭିଯୋଗ ସାବ୍ୟସ୍ତ ହୁଏ ଏବଂ ରାଷ୍ଟ୍ରପତିଙ୍କ ବହିଷ୍କରଣ ପ୍ରସ୍ତାବ ଗୃହୀତ ହୋଇଥାଏ।

ରାଷ୍ଟ୍ରପତି ବହିଷ୍କୃତ ହେବା ସଙ୍ଗେ ସଙ୍ଗେ ଉପରାଷ୍ଟ୍ରପତି ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିଥାନ୍ତି। ଅବଶ୍ୟ ଅନ୍ୟ ସମୟରେ ମଧ୍ୟ ଯଥା ରାଷ୍ଟ୍ରପତିଙ୍କ ବିଦେଶ ଗସ୍ତ ସମୟରେ ବା ପଦବୀରେ ଥାଇ ମୃତ୍ୟୁବରଣ କରିଲେ ବା ନିଜ ପଦବୀରୁ ଇସ୍ତଫା ଦେଲେ ବା ଦୀର୍ଘଦିନ ଧରି ଅନୁପସ୍ଥିତ ରହିଲେ ଉପ-ରାଷ୍ଟ୍ରପତି ସେ ଶୂନ୍ୟସ୍ଥାନ ପୂରଣ କରି ରାଷ୍ଟ୍ରପତି ଭାବରେ କାର୍ଯ୍ୟ କରିଥାଆନ୍ତି। ମୃତ୍ୟୁ, ଇସ୍ତଫା ବା ବହିଷ୍କାର କାରଣରୁ ଯଦି ରାଷ୍ଟ୍ରପତି ପଦ ଖାଲି ପଡ଼େ ତେବେ ଛଅ ମାସ ମଧ୍ୟରେ ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ କରାଯାଇ ସେ ଶୂନ୍ୟସ୍ଥାନ ଜଣେ ନିର୍ବାଚିତ ରାଷ୍ଟ୍ରପତିଙ୍କ ଦ୍ୱାରା ପୂରଣ କରାଯାଇଥାଏ। ଉପରାଷ୍ଟ୍ରପତି ମାତ୍ର ଛଅ ମାସ ପାଇଁ ଅସ୍ଥାୟୀ ଭାବରେ ରାଷ୍ଟ୍ରପତି ଦାୟିତ୍ୱ ବହନ କରିଥାନ୍ତି। ଅବଶ୍ୟ ଯୁକ୍ତରାଷ୍ଟ୍ର ଆମେରିକାର ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଉପରାଷ୍ଟ୍ରପତି ଅବଶିଷ୍ଟାଂଶ ସମୟ ପାଇଁ ରାଷ୍ଟ୍ରପତି ପଦବୀ ଗ୍ରହଣ କରିଥାନ୍ତି। ଆଉ ରାଷ୍ଟ୍ରପତିଙ୍କର ଆବଶ୍ୟକତା ପଡ଼ିନଥାଏ। କିନ୍ତୁ ଭାରତୀୟ ବ୍ୟବସ୍ଥାରେ ତାହା ନ ହୋଇ ଉପରାଷ୍ଟ୍ରପତି କେବଳ ଛଅ ମାସ ପାଇଁ ଦାୟିତ୍ୱ ଗ୍ରହଣ କରିଥାନ୍ତି ଏବଂ ଏହି ଛଅ ମାସ ମଧ୍ୟରେ ନୂତନ ରାଷ୍ଟ୍ରପତି ନିର୍ବାଚିତ ହୋଇଥାନ୍ତି।

ରାଷ୍ଟ୍ରପତିଙ୍କ ନିର୍ବାଚନ ପ୍ରଣାଳୀ :

ସମ୍ବିଧାନର ୫୪ ଧାରା ଅନୁଯାୟୀ ରାଷ୍ଟ୍ରପତି ସଂସଦର ଉଭୟ ସଦନର ନିର୍ବାଚିତ ସଦସ୍ୟ ଏବଂ ରାଜ୍ୟ ବିଧାନସଭାମାନଙ୍କର ନିର୍ବାଚିତ ସଦସ୍ୟମାନଙ୍କ ଦ୍ୱାରା ଗଠିତ ଏକ ନିର୍ବାଚକ ମଣ୍ଡଳୀ (Electoral College) ଦ୍ୱାରା ନିର୍ବାଚିତ ହୁଅନ୍ତି। ରାଷ୍ଟ୍ରପତିଙ୍କ ନିର୍ବାଚନକୁ ନିରପେକ୍ଷ ଏବଂ ବ୍ୟାପକ କରିବା ଉଦ୍ଦେଶ୍ୟରେ ଏହି ନର୍ବାଚକ ମଣ୍ଡଳୀ ଗଠନ କରାଯାଇଛି। ଫଳରେ ସେ ସମସ୍ତ ରାଷ୍ଟ୍ରର ପ୍ରତିନିଧିତ୍ୱ କରିପାରନ୍ତି।

ସମ୍ବିଧାନର ୫୫ ଧାରା ଅନୁଯାୟୀ ରାଷ୍ଟ୍ରପତି ସମାନୁପାତିକ ପ୍ରତିନିଧିତ୍ୱ ପଦ୍ଧତିର ଏକକ ହସ୍ତାନ୍ତରୀୟ ମତଦାନ ପ୍ରଣାଳୀ (Proportional Representation by means of Single Transferable Vote) ଦ୍ୱାରା ନିର୍ବାଚିତ ହୋଇଥାନ୍ତି। ଏହି ପ୍ରଣାଳୀ ଆମେ ପରିଚିତ ଥିବା ନିର୍ବାଚନ ପ୍ରଣାଳୀଠାରୁ ଯଥେଷ୍ଟ ଭିନ୍ନ।

ଏହି ନିର୍ବାଚନର ଏକ ବୈଶିଷ୍ଟ୍ୟ ହେଲା ଯେ ରାଜ୍ୟର ଲୋକସଂଖ୍ୟା ଏବଂ ସେମାନଙ୍କର ନିର୍ବାଚିତ ପ୍ରତିନିଧିମାନଙ୍କ ଭୋଟରେ ଏକ ଆନୁପାତିକ ସମାନତା ଆଣିବା ପାଇଁ ସମ୍ବିଧାନରେ ବ୍ୟବସ୍ଥା କରାଯାଇଛି। ଏହା ଛଡ଼ା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ପାଇଁ ସାଂସଦମାନଙ୍କ ଭୋଟ ଏବଂ ସମସ୍ତ ବିଧାନସଭାର ସଭ୍ୟମାନଙ୍କର ଭୋଟ ମଧ୍ୟରେ ସମତା ରକ୍ଷା କରାଯାଇଥାଏ। ଏହି ନିର୍ବାଚନରେ ଭୋଟରମାନେ ପ୍ରତ୍ୟେକ ଗୋଟିଏ ଲେଖାଏଁ ଭୋଟ ଦିଅନ୍ତି ମାତ୍ର ଗଣନା ଦୃଷ୍ଟିରୁ ପ୍ରତ୍ୟେକ ଭୋଟର ମୂଲ୍ୟ ଏକଠାରୁ ଯଥେଷ୍ଟ ଅଧିକ। ଏହି ଭୋଟର ମୂଲ୍ୟ ନିରୂପଣ କରିବା ପାଇଁ ସମ୍ବିଧାନରେ ବ୍ୟବସ୍ଥା ହୋଇଛି। ବ୍ୟବସ୍ଥାଟି ଗୋଟିଏ ସୂତ୍ର ଦ୍ୱାରା ନିମ୍ନମତେ ସୂଚାଇ ଦିଆଯାଇପାରେ।

$$\frac{\text{ରାଜ୍ୟର ମୋଟ ଲୋକସଂଖ୍ୟା}}{\text{ରାଜ୍ୟର ବିଧାନ ସଭାର ମୋଟ ନିର୍ବାଚିତ ସଦସ୍ୟ}} \div ୧୦୦୦ = \text{ପ୍ରତ୍ୟେକ M.L.A ଙ୍କର ଭୋଟର ମୂଲ୍ୟ}$$

ଉଦାହରଣ ସ୍ୱରୂପ ରାଜ୍ୟର ନବମ ରାଷ୍ଟ୍ରପତିଙ୍କ ନିର୍ବାଚନ ବେଳେ ଓଡ଼ିଶାର ମୋଟ ଜନସଂଖ୍ୟା ଥିଲା 2,19,44,615 (ଦୁଇକୋଟି ଉଣେଇଶ ଲକ୍ଷ ଚଉରାଳିଶ ହଜାର ଛଅଶହ ପନ୍ଦର) ଏବଂ ରାଜ୍ୟ ବିଧାନ ସଭାର

ନିର୍ବାଚିତ ସଭ୍ୟ ଥିଲେ 147 (ଏକ ଶହ ଶତ୍‌ଚାଳିଶ)। ତେଣୁ ଓଡ଼ିଶା ବିଧାନସଭାର ପ୍ରତ୍ୟେକ ସଦସ୍ୟଙ୍କର ଭୋଟର ମୂଲ୍ୟ ଉପରୋକ୍ତ ସୂତ୍ର ଅନୁଯାୟୀ ଥିଲା $\frac{21944615}{147} \div 1000 = 149$।

ସେହିଭଳି ସାଂସଦମାନଙ୍କ ଭୋଟ ସଂଖ୍ୟା ନିରୁପଣ ପାଇଁ ମଧ୍ୟ ଏକ ସୂତ୍ରର ସାହାଯ୍ୟ ନିଆଯାଇଥାଏ।

$$\frac{\text{ପ୍ରତ୍ୟେକ ରାଜ୍ୟ ବିଧାନସଭା ସଭ୍ୟଙ୍କର ମୋଟ ଭୋଟ ସଂଖ୍ୟା}}{\text{ସଂସଦର ନିର୍ବାଚିତ ସଭ୍ୟ ସଂଖ୍ୟା}}$$

ନବମ ରାଷ୍ଟ୍ରପତି ନିର୍ବାଚନରେ ପ୍ରତ୍ୟେକ ରାଜ୍ୟ ବିଧାନସଭା ସଭ୍ୟମାନଙ୍କର ମୋଟ ଭୋଟ ସଂଖ୍ୟା ଥିଲା 5,44,999 (ପାଞ୍ଚଲକ୍ଷ ଚଉରାଳିଶ ହଜାର ନଅଶହ ଅନେଶତ) ଏବଂ ନିର୍ବାଚିତ ସାଂସଦମାନଙ୍କର ସଂଖ୍ୟା ଥିଲା 776 (ସାତଶହ ଛଅସ୍ତରୀ) ତେଣୁ ସୂତ୍ର ଅନୁଯାୟୀ ସାଂସଦଙ୍କର ଭୋଟର ମୂଲ୍ୟ ଥିଲା $\frac{5,44,999}{776} = 702$

ଏହି ସୂତ୍ର କାର୍ଯ୍ୟକାରୀ କଲାବେଳେ ମନେ ରଖିବାକୁ ପଡ଼ିବ ଯେ ସେ ଭାଗଶେଷ ଭାଜକର ଅଧାରୁ ଅଧିକ ହେଲେ ଭାଗଫଳରେ ଏକ ଯୋଡ଼ା ଯାଏ ଏବଂ ଭାଗଶେଷ ଅଧାରୁ କମ ହେଲେ ତାହାକୁ ହିସାବକୁ ନିଆଯାଏ ନାହିଁ।

ଏହି ନିର୍ବାଚନର ଅନ୍ୟ ଏକ ବୈଶିଷ୍ଟ୍ୟ ହେଲା ଯେ ନିର୍ବାଚନରେ ଜିତିବା ପାଇଁ ପ୍ରାର୍ଥୀ ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ ଭୋଟ (Quota of votes) ପାଇବା ଦରକାର ଯାହାଦ୍ୱାରା ତାଙ୍କର ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ପ୍ରମାଣିତ ହୋଇପାରିବ। ଏହି ନିର୍ଦ୍ଦିଷ୍ଟ ସଂଖ୍ୟକ ଭୋଟ ବା (Quota) ହେଉଛି ମୋଟ ଭୋଟର 50% + 1.

ସମୁଦାୟ ଭୋଟର ଶତକଡ଼ା ଭାଗରୁ ଅଧିକ ଭୋଟ ନପାଇବା ପର୍ଯ୍ୟନ୍ତ ପ୍ରାର୍ଥୀ ନିର୍ବାଚିତ ଘୋଷିତ ହୁଅନ୍ତି ନାହିଁ। ଏହି ନର୍ବାଚନରେ ଭୋଟରମାନେ ନିଜର ପସନ୍ଦ ଅନୁଯାୟୀ ସମସ୍ତ ପ୍ରାର୍ଥୀଙ୍କୁ କ୍ରମାନ୍ୱୟରେ (ପ୍ରଥମ ପସନ୍ଦ, ଦ୍ୱିତୀୟ ପସନ୍ଦ, ତୃତୀୟ ପସନ୍ଦ ଏହିଭଳି) ଭୋଟ ଦେଇଥାନ୍ତି। ଯେତେଜଣ ପ୍ରାର୍ଥୀ ରାଷ୍ଟ୍ରପତି ପଦ ପାଇଁ ପ୍ରତିଯୋଗିତା କରିଥାନ୍ତି ଭୋଟରମାନେ ସେତିକିଟି ପସନ୍ଦ କ୍ରମାନ୍ୱୟରେ ଦେଇଥାନ୍ତି। ଏଠାରେ ଆହୁରି ଥରେ ଆମକୁ ମନେରଖିବାକୁ ପଡ଼ିବ ଯେ ପ୍ରତ୍ୟେକ ଭୋଟର ମାତ୍ର ଗୋଟିଏ ଭୋଟରେ ତାଙ୍କର ପସନ୍ଦ ଅନୁଯାୟୀ ସମସ୍ତ ପ୍ରାର୍ଥୀଙ୍କୁ କ୍ରମାନ୍ୱୟରେ ଭୋଟ ଦେଇଥାନ୍ତି। ତେଣୁ ଏହାକୁ Single Transforable vote କୁହଯାଏ। ଗଣନା କରାଗଲାବେଳେ ପ୍ରଥମେ ସମସ୍ତଙ୍କର ପ୍ରଥମ ପସନ୍ଦ ଭୋଟ ଗଣାଯାଇଥାଏ। ଯଦି କୌଣସି ପ୍ରାର୍ଥୀ ନିର୍ଦ୍ଦିଷ୍ଟ ସଂଖ୍ୟକ ପ୍ରଥମ ପସନ୍ଦ(First Preference) ଭୋଟ ନ ପଆନ୍ତି ତେବେ ସବୁଠାରୁ କମ୍ ପ୍ରଥମପସନ୍ଦ ଭୋଟ ପାଇଥିବା ପ୍ରାର୍ଥୀଙ୍କୁ ଗଣନା ପ୍ରକ୍ରିୟାରୁ ବାଦ୍ ଦିଆଯାଏ। ଉକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେଇଥିବା ଭୋଟରମାନଙ୍କ ଦ୍ୱିତୀୟପସନ୍ଦଗୁଡ଼ିକ ଗଣନା କରାଯାଇ ସେଗୁଡ଼ିକ ଅନ୍ୟ ପ୍ରାର୍ଥୀଙ୍କ ଭୋଟ ସହ ମିଶାଯାଇଥାଏ। ଅନ୍ୟ ଅର୍ଥରେ ସେହି ଭୋଟରମାନଙ୍କ ଦ୍ୱିତୀୟ ପସନ୍ଦ ଭୋଟଗୁଡ଼ିକ ହସ୍ତାନ୍ତର କରାଯାଏ। ଯେଉଁ ପର୍ଯ୍ୟନ୍ତ କୌଣସି ପ୍ରାର୍ଥୀ ଅର୍ଦ୍ଧାଧିକ ଭୋଟ ପାଇନଥାନ୍ତି ସେ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା (ସବୁଠାରୁ କମ୍ ଭୋଟ ପାଉଥିବା ବ୍ୟକ୍ତିଙ୍କୁ ବାଦ ଦେଇ ତାଙ୍କର ପରବର୍ତ୍ତୀ ପସନ୍ଦର ଭୋଟଗୁଡ଼ିକ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ହସ୍ତାନ୍ତର କରିବା) ଚାଲୁ ରହେ।

ରାଷ୍ଟ୍ରପତି ନିର୍ବାଚନ ଇତିହାସରେ ପ୍ରତ୍ୟେକଥର ପ୍ରାର୍ଥୀମାନେ ପ୍ରଥମ ପସନ୍ଦ ଭୋଟରେ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ଏକମାତ୍ର ବ୍ୟତିକ୍ରମ ହେଲା ୧୯୬୯ ମସିହାରେ, ଯେତେବେଳେ ଭି.ଭି.ଗିରି ପ୍ରଥମ ପସନ୍ଦ ଭୋଟ ଗଣନାରେ ଆବଶ୍ୟକୀୟ ସଂଖ୍ୟାଗରିଷ୍ଠତା (Quota) ଲାଭ କରିନପାରି ଦ୍ୱିତୀୟପସନ୍ଦ ଭୋଟରେ ନିର୍ବାଚିତ ହୋଇଥିଲେ। ଅନ୍ୟତମ ପ୍ରାର୍ଥୀ ନୀଲମ ସଞ୍ଜୀବ ରେଡ଼ି ଓ ସି.ଡ଼ି. ଦେଶମୁଖଙ୍କୁ ସେ ପରାସ୍ତ କରିଥିଲେ। ଭାରତର ଏକମାତ୍ର ମହିଳା ରାଷ୍ଟ୍ରପତି ରୂପେ ଶ୍ରୀମତୀ ପ୍ରତିଭା ପାଟିଲ ୨୦୦୭ ମସିହାରେ ନିର୍ବାଚିତ ହୋଇ ୨୦୧୨ରେ ବିଦାୟ ନେଲେ ଏବଂ ତ୍ରୟୋଦଶ ରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇ ପଦଭାର ଗ୍ରହଣ କରିଛନ୍ତି ଶ୍ରୀଯୁକ୍ତ ପ୍ରଣବ ମୁଖାର୍ଜି।

ଶପଥ ପାଠ (Oath) :

ସମ୍ବିଧାନର ୬୦ ଧାରା ଅନୁସାରେ ରାଷ୍ଟ୍ରପତି ନିଜ ପଦବୀ ଗ୍ରହଣ କରିବା ପୂର୍ବରୁ ଭାରତର ସୁପ୍ରିମକୋର୍ଟର ମୁଖ୍ୟ ନ୍ୟାୟାଧୀଶଙ୍କ ଉପସ୍ଥିତିରେ ବିଶ୍ୱାସ ପୂର୍ବକ ନିଜ ପଦବୀର କାର୍ଯ୍ୟ ନିର୍ବାହ କରିବା ଏବଂ ନିଜର ସାମର୍ଥ୍ୟ ଅନୁସାରେ ସମ୍ବିଧାନ ଓ ଆଇନର ପରିରକ୍ଷଣ, ସୁରକ୍ଷା ଓ ପ୍ରତିରକ୍ଷଣ କରିବା ନିମନ୍ତେ ଏକ ଶପଥ ପାଠ କରନ୍ତି।

ତ୍ରୁଟିପୂର୍ଣ୍ଣ ନିର୍ବାଚନ ପଦ୍ଧତି :

ରାଷ୍ଟ୍ରପତିଙ୍କ ନିର୍ବାଚନପ୍ରଣାଳୀରେ କେତେକ ଦୋଷ ପରିଲକ୍ଷିତ ହୁଏ। ଯଥା ଯେଉଁ କ୍ଷେତ୍ରରେ ଜଣେ ବ୍ୟକ୍ତି ନିର୍ବାଚିତ ହେବାକୁ ଥାଏ ସେହି କ୍ଷେତ୍ରରେ ସମାନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥାର କୌଣସି ମୂଲ୍ୟ ନଥାଏ। ତାତ୍ତ୍ୱିକ ଦୃଷ୍ଟିକୋଣରୁ ଏହି ବ୍ୟବସ୍ଥା ବହୁ ସଦସ୍ୟ ବିଶିଷ୍ଟ ନିର୍ବାଚନମଣ୍ଡଳୀ ପାଇଁ ପ୍ରଯୁଜ୍ୟ। ଏହି ବ୍ୟବସ୍ଥା ଭାଷା, ଧର୍ମ, ଜାତି ଭିତ୍ତିରେ ଗଠିତ ଗୋଷ୍ଠୀମାନଙ୍କୁ ବ୍ୟବସ୍ଥାପିକାରେ ପ୍ରତିନିଧିତ୍ୱ ଦେବା ପାଇଁ ସୃଷ୍ଟ। ଭୋଟରମାନେ ଯଦି ସେମାନଙ୍କର ପସନ୍ଦକ୍ରମରେ ଭୋଟ ନ ଦିଅନ୍ତି ତେବେ ଏହି ବ୍ୟବସ୍ଥା ସଂପୂର୍ଣ୍ଣ ଭାବେ ଅକାମୀ ହୋଇପଡ଼ିବ। ଅନ୍ୟ ଏକ ସମାଲୋଚନା ହେଉଛି ଯେ ପର୍ଯ୍ୟାୟ କ୍ରମେ ସବୁଠାରୁ କମଭୋଟ ପାଇଥିବା ପ୍ରାର୍ଥମାନଙ୍କୁ ନିର୍ବାଚନ ପ୍ରକ୍ରିୟାରୁ ବାଦ ଦେବା। ଏହା ଏକ ଅଗଣତାନ୍ତ୍ରିକ ମନୋଭାବର ପରିଚୟ ଦିଏ। ତା' ଛଡ଼ା ପରବର୍ତ୍ତୀ ପର୍ଯ୍ୟାୟରେ ହୁଏତ ସେମାନଙ୍କ ମଧ୍ୟରୁ କେହି ଜଣେ ଆବଶ୍ୟକୀୟ ସଂଖ୍ୟା ଗରିଷ୍ଠତା ଲାଭ କରିବାର ସମ୍ଭାବନାକୁ ସଂପୂର୍ଣ୍ଣ ଭାବେ ଏଡ଼ାଇ ଦେଇ ହେବ ନାହିଁ।

ଦରମା ଓ ଭତ୍ତା :

ରାଷ୍ଟ୍ରପତି ମାସିକ ଏକ ଲକ୍ଷ ପଚାଶ ହଜାର ଟଙ୍କା ଦରମା ପାଇଥାନ୍ତି।

ସୁବିଧା ସୁଯୋଗ :

ରାଷ୍ଟ୍ରପତି ଭାବରେ ନିର୍ବାଚିତ ହେବା ପରେ ତାଙ୍କୁ ରାଷ୍ଟ୍ରପତି ଭବନ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥାଏ। ତାଙ୍କର କାର୍ଯ୍ୟକାଳ ମଧ୍ୟରେ ସେ ଏହି ସରକାରୀ ବାସଭବନରେ ଅବସ୍ଥାନ କରନ୍ତି। ସେ ଅବସର ଗ୍ରହଣ କଲାପରେ ତାଙ୍କର ଇଚ୍ଛାନୁଯାୟୀ ଯେକୌଣସି ସ୍ଥାନରେ ମଧ୍ୟ ସରକାର ତାଙ୍କୁ ବଙ୍ଗଳା ଯୋଗାଇଦେଇଥାନ୍ତି। ରାଷ୍ଟ୍ରପତି ନିଜର ପଦାଧିକାର ବଳରେ ଯେଉଁସବୁ କ୍ଷମତା ପ୍ରୟୋଗ କରନ୍ତି ସେଥିପାଇଁ କୌଣସି ଅଦାଲତ ତାଙ୍କୁ

କୈଫୟତ ତଲବ କରିପାରିବେ ନାହିଁ। ସେ ମଧ୍ୟ ତାଙ୍କର କାର୍ଯ୍ୟ ପାଇଁ କାହା ନିକଟରେ ଉତ୍ତରଦାୟୀ ନୁହନ୍ତି। କାର୍ଯ୍ୟକାଳ ମଧ୍ୟରେ କୌଣସି ମକଦ୍ଦମାରେ ତାଙ୍କୁ ଗିରଫ କରାଯାଇପାରିବ ନାହିଁ ବା ପରୱାନା ଜାରୀ କରାଯାଇପାରିବ ନାହିଁ। ଅବଶ୍ୟ ଦୁଇମାସ ନୋଟିସ ଦେଇ ତାଙ୍କ ବିରୋଧରେ ଦେୱାନୀ ମକଦ୍ଦମା କରାଯାଇପାରିବ।

ରାଷ୍ଟ୍ରପତିଙ୍କ କ୍ଷମତା :

ସମ୍ବିଧାନର ୫୬ ଧାରା ଅନୁସାରେ ରାଷ୍ଟ୍ରପତି ନିଜ ପଦବୀ ଗ୍ରହଣ କରିବା ଦିନଠାରୁ ୫ ବର୍ଷ ପର୍ଯ୍ୟନ୍ତ କ୍ଷମତାରେ ରହନ୍ତି। ଭାରତର ସଂସଦୀୟ ଗଣତନ୍ତ୍ରରେ ସମ୍ବିଧାନ ରାଷ୍ଟ୍ରପତିଙ୍କ ହସ୍ତରେ ଅମାପ କ୍ଷମତା ଅର୍ପଣ କରିଛି। ୪୨ତମ ସମ୍ବିଧାନ ସଂଶୋଧନ ଆଇନ ଅନୁସାରେ ସେ ଏହି କ୍ଷମତାଗୁଡ଼ିକ ମନ୍ତ୍ରିମଣ୍ଡଳର ପରାମର୍ଶ ଅନୁସାରେ ନିର୍ବାହ କରିବା ପାଇଁ ବାଧ୍ୟ ତେଣୁ ବସ୍ତୁତଃ ଶାସନ କ୍ଷମତାର ନିୟନ୍ତ୍ରଣ ମନ୍ତ୍ରିମଣ୍ଡଳର ଅକ୍ତିଆରରେ ଥାଏ। ସାଧାରଣ ସମୟରେ ରାଷ୍ଟ୍ରପତି ଯେଉଁ କ୍ଷମତା ଉପଭୋଗ କରନ୍ତି ସେଗୁଡ଼ିକ ମୁଖ୍ୟତଃ କାର୍ଯ୍ୟପାଳିକା କ୍ଷମତା, ବ୍ୟବସ୍ଥାପିକା କ୍ଷମତା, ଆର୍ଥିକକ୍ଷମତା, ନ୍ୟାୟିକକ୍ଷମତା ଏବଂ ଆନୁଷ୍ଠାନିକ କ୍ଷମତା ଭାବରେ ଆଲୋଚନା କରାଯାଇପାରେ।

(୧) କାର୍ଯ୍ୟପାଳିକା କ୍ଷମତା (Executive Power) :

ସମ୍ବିଧାନର ୫୩ ଧାରା ଅନୁଯାୟୀ କେନ୍ଦ୍ର ସରକାରଙ୍କର ସମସ୍ତ କାର୍ଯ୍ୟପାଳିକା କ୍ଷମତା ରାଷ୍ଟ୍ରପତିଙ୍କ ହସ୍ତରେ ଅର୍ପଣ କରାଯାଇଛି। ଯେଉଁଥିପାଇଁ ଆଇନତଃ ତାଙ୍କୁ କେନ୍ଦ୍ର କାର୍ଯ୍ୟପାଳିକାର ମୁଖ୍ୟ ବୋଲି କୁହାଯାଏ। ଭାରତ ସରକାରଙ୍କର ସମସ୍ତ ଓ ଶାସନ ତାଙ୍କ ନାମରେ ଚାଲେ।

ପ୍ରଧାନମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳକୁ ନିଯୁକ୍ତି ଦେବା ତାଙ୍କର ଦାୟିତ୍ୱ। ଦେଶର ସାଧାରଣ ନିର୍ବାଚନ ପରେ ସଂଖ୍ୟାଗରିଷ୍ଠ ଦଳର ନେତା/ନେତ୍ରୀଙ୍କୁ ସେ ପ୍ରଧାନମନ୍ତ୍ରୀ ଭାବରେ ନିଯୁକ୍ତି ଦିଅନ୍ତି ଏବଂ ପ୍ରଧାନମନ୍ତ୍ରୀଙ୍କର ପରାମର୍ଶକ୍ରମେ ମନ୍ତ୍ରିମଣ୍ଡଳର ଅନ୍ୟାନ୍ୟମନ୍ତ୍ରୀମାନଙ୍କୁ ନିଯୁକ୍ତି ଦିଅନ୍ତି ଏବଂ ସେମାନଙ୍କ ମଧ୍ୟରେ ବିଭାଗବଣ୍ଟନ କରିଥାନ୍ତି। ଏହାଛଡ଼ା ଅନ୍ୟାନ୍ୟ ସାମ୍ବିଧାନିକ ପଦାଧିକାରୀମାନଙ୍କୁ ଯଥା ରାଜ୍ୟପାଳ, ସୁପ୍ରିମକୋର୍ଟ ଏବଂ ହାଇକୋର୍ଟର ନ୍ୟାୟାଧିଶମାନଙ୍କୁ, କେନ୍ଦ୍ରୀୟ ସେବା ଆୟୋଗର ଅଧ୍ୟକ୍ଷ ତଥା ସଭ୍ୟମାନଙ୍କୁ, ନିର୍ବାଚନ କମିଶନର ଅଧ୍ୟକ୍ଷ, ଅର୍ଥ କମିଶନ, ଭାଷା କମିଶନ, ଆଟର୍ଣ୍ଣି ଜେନେରାଲ, ଅଡ଼ିଟର ଜେନେରାଲ ଆଦିଙ୍କୁ ନିଯୁକ୍ତି ଦେଇଥାନ୍ତି। ଏବଂ ସମ୍ବିଧାନର ନିୟମ ଅନୁସାରେ ବହିଷ୍କାର କରିପାରନ୍ତି।

ସେ କୁଟନୈତିକ ପ୍ରତିନିଧିମାନଙ୍କୁ ନିଯୁକ୍ତି ଦେଇ ସେମାନଙ୍କ ମାଧ୍ୟମରେ ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କ ସହ ସଂପର୍କ ସ୍ଥାପନ କରିଥାନ୍ତି। ଅନ୍ୟାନ୍ୟ ଦେଶର କୁଟନୈତିକ ପ୍ରତିନିଧିମାନେ ମଧ୍ୟ ପ୍ରଥମେ ରାଷ୍ଟ୍ରପତିଙ୍କୁ ସାକ୍ଷାତକରି ସେମାନଙ୍କ ପରିଚୟ ପ୍ରଦାନ କରିଥାନ୍ତି। ବିଭିନ୍ନ ରାଷ୍ଟ୍ରଙ୍କୁ ଶୁଭେଚ୍ଛାମୂଳକ ଗସ୍ତରେ ଯାଇ ରାଷ୍ଟ୍ରର ପ୍ରତିନିଧିତ୍ୱ କରିଥାନ୍ତି।

ରାଷ୍ଟ୍ରପତି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଶାସନକୁ ରାଜ୍ୟପାଳମାନଙ୍କ ଦ୍ୱାରା ନିୟନ୍ତ୍ରଣ କରିଥାଆନ୍ତି। ରାଜ୍ୟଶାସନ ସମ୍ବନ୍ଧରେ ସେ ପ୍ରତ୍ୟେକ ପନ୍ଦର ଦିନରେ ଥରେ ରାଜ୍ୟପାଳମାନଙ୍କଠାରୁ ବିବରଣୀ ପାଇଥାନ୍ତି।

ରାଜ୍ୟସରକାରମାନେ କେନ୍ଦ୍ର ସରକାରଙ୍କର ନିର୍ଦ୍ଦେଶନାମାଗୁଡ଼ିକ ନିଜ ନିଜ ରାଜ୍ୟରେ କାର୍ଯ୍ୟକାରୀ କରୁଛନ୍ତି କି ନାହିଁ ତାହା ସେ ରାଜ୍ୟପାଳମାନଙ୍କ ଜରିଆରେ ଯାଞ୍ଚ କରିଥାନ୍ତି । ରାଜ୍ୟପାଳମାନଙ୍କଠାରୁ ଯଦିସେ ରିପୋର୍ଟ ପାଆନ୍ତି ଯେ ରାଜ୍ୟର ସାମ୍ବିଧାନିକ କଳ ଅଚଳ ହୋଇପଡ଼ିଛି ତେବେ ସେ ରାଜ୍ୟର ଶାସନ ଭାର ନିଜ ହାତକୁ ନେଇପାରିବେ, ସେହିଭଳି କେନ୍ଦ୍ରଶାସିତ ଅଞ୍ଚଳର ଶାସନ ବ୍ୟବସ୍ଥାର ତଦାରଖ ସେ ମଧ୍ୟ କରିଥାନ୍ତି ।

ରାଷ୍ଟ୍ରର ସର୍ବୋଚ୍ଚ ନିରାପତ୍ତାର ଦାୟିତ୍ୱ ମଧ୍ୟ ତାଙ୍କଠାରେ ନ୍ୟସ୍ତ ହୋଇଛି । ଏଣୁ ଭାରତୀୟ ଜଳ, ସ୍ଥଳ, ଆକାଶବାହିନୀର ସର୍ବୋଚ୍ଚ ସେନାପତି ଭାବରେ ସେ ଏହିଭଳି ବାହୀନିର ମୁଖ୍ୟମାନଙ୍କୁ ନିଯୁକ୍ତି ଦିଅନ୍ତି । ସେ ହିଁ କେବଳ ଅନ୍ୟ ରାଷ୍ଟ୍ର ସହ ଯୁଦ୍ଧ ଘୋଷଣା କରିଥାନ୍ତି ଏବଂ ସନ୍ଧିସ୍ୱାକ୍ଷର ମଧ୍ୟ କରିଥାନ୍ତି ।

(୨) ବ୍ୟବସ୍ଥାପିକା କ୍ଷମତା (Legislative Powers) :

ଭାରତର ସାମ୍ବିଧାନିକ ବ୍ୟବସ୍ଥାରେ ରାଷ୍ଟ୍ରପତି ହେଉଛନ୍ତି ସଂସଦର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଯଦିଓ ସେ ସଂସଦର ସଦସ୍ୟ ନୁହନ୍ତି ତଥାପି ତାଙ୍କ ବିନା ଏହା ଆଦୌ କାର୍ଯ୍ୟ କରିପାରିବ ନାହିଁ ।

ରାଷ୍ଟ୍ରପତିଙ୍କ ବିନା ଆହ୍ୱାନରେ ସଂସଦର କୌଣସି ଅଧିବେଶନ ବସିପାରିବ ନାହିଁ । ସେ ମଧ୍ୟ ଏହାର ଅଧିବେଶନ ଚାଲିଥିବାବେଳେ ଏହାକୁ ସ୍ଥଗିତ ରଖିଥାନ୍ତି ଏବଂ ଆବଶ୍ୟକ ପଡ଼ିଲେ ଲୋକସଭାକୁ ଭାଙ୍ଗିଦେଇ ସାନି ନିର୍ବାଚନ ପାଇଁ ଆଦେଶ ଦେଇଥାନ୍ତି । ପ୍ରତ୍ୟେକ ବର୍ଷର ପ୍ରାରମ୍ଭରେ ଅଧିବେଶନକୁ ସେ ଉଦ୍‌ବୋଧନ ଦେଇଥାନ୍ତି । ଏହି ଉଦ୍‌ବୋଧନ ମାଧ୍ୟମରେ ସଂସଦରେ ସେ ସରକାରଙ୍କ କାର୍ଯ୍ୟକ୍ରମ ସୂଚନା ଦେଇ ପରୋକ୍ଷରେ ସଂସଦର କାର୍ଯ୍ୟଆରମ୍ଭ କରିଥାନ୍ତି । ଆବଶ୍ୟକ ମନେ କଲେ ଉଭୟ ଗୃହର ମିଳିତ ଅଧିବେଶନରେ ମଧ୍ୟ ଭାଷଣ ପ୍ରଦାନ କରନ୍ତି ।

ସଂସଦ ଯେଉଁ ବିଧେୟକଗୁଡ଼ିକ ଆଲୋଚନା ପରେ ଆଇନରେ ପରିଣତ କରିବା ପାଇଁ ଗ୍ରହଣ କରିଥାଏ ତାହା ରାଷ୍ଟ୍ରପତିଙ୍କ ସ୍ୱୀକୃତି ପରେ ହିଁ ଆଇନରେ ପରିଣତ ହୋଇଥାଏ । ସଂସଦ ଦ୍ୱାରା ଗୃହୀତ ଆଇନରେ ଆବଶ୍ୟକ ମନେ କଲେ ସେ ନିଜ ମତାମତ ସହ ସଂସଦକୁ ଆଲୋଚନା ପାଇଁ ଫେରସ୍ତ କରିପାରନ୍ତି । ଏହା ଛଡ଼ା ରାଷ୍ଟ୍ରପତିଙ୍କ ବିନା ଅନୁମତିରେ କେତେଗୁଡ଼ିଏ ବିଲ୍ ସଂସଦରେ ଏବଂ ରାଜ୍ୟ ବିଧାନ ମଣ୍ଡଳରେ ଆଗତ କରାଯାଇପାରିବ ନାହିଁ । ଉଦାହରଣ ସ୍ୱରୂପ ରାଜ୍ୟମାନଙ୍କର ନାମ ବା ଆଞ୍ଚଳିକ ସୀମାରେ ପରିବର୍ତ୍ତନ ପାଇଁ ଉଦ୍ଦିଷ୍ଟ ବିଧେୟକଗୁଡ଼ିକ ରାଷ୍ଟ୍ରପତିଙ୍କ ସମ୍ମତି ପାଇଲା ପରେ ଯାଇ ବିଧାନମଣ୍ଡଳରେ ଆଗତ ହୋଇଥାଏ । ସେହିଭଳି ବିଧେୟକଗୁଡ଼ିକ ଗ୍ରହଣ କଲାବେଳେ ଯଦି ସଂସଦର ଉଭୟ ସଦନରେ ମତପାର୍ଥକ୍ୟ ଦେଖାଯାଏ ତେବେ ରାଷ୍ଟ୍ରପତି ଉଭୟ ସଦନର ମିଳିତ ଅଧିବେଶନ ଆହ୍ୱାନ କରି ମତାଧିକ ଭୋଟ ଦ୍ୱାରା ସେହି ସସମ୍ୟାର ସମାଧାନ କରିଥାନ୍ତି ।

ଅନେକ ସମୟରେ ରାଷ୍ଟ୍ରପତି ସଂସଦର ମୁଖ୍ୟ କାର୍ଯ୍ୟ, ଆଇନପ୍ରଣୟନ, ନିଜେ ମଧ୍ୟ କରିଥାଆନ୍ତି । ଯଥା ସଂସଦ ସ୍ଥଗିତ ଥିବାବେଳେ ଯଦି କୌଣସି ଆଇନର ଆବଶ୍ୟକତା ପଡ଼େ ତେବେ ରାଷ୍ଟ୍ରପତି ଅଧ୍ୟାଦେଶ (Ordinance) ଜାରି କରି ତାହା ପୂରଣ କରିଥାଆନ୍ତି । ଗୁରୁତ୍ୱ ଏବଂ କାର୍ଯ୍ୟକାରିତା ଦୃଷ୍ଟିରୁ ସଂସଦରେ ପ୍ରଣୀତ

ଆଇନ ସହ ଏହି ଅଧ୍ୟାଦେଶ ସମାନ। ଅବଶ୍ୟ ସଂସଦ ଆରମ୍ଭ ହେବାର ଛଅ ସପ୍ତାହ ମଧ୍ୟରେ ଏଇ ଅଧ୍ୟାଦେଶଟି ସଂସଦରେ ଗୃହୀତ ହୋଇଗଲେ ଏହା ଆଇନରେ ପରିଣତ ହୋଇଥାଏ ନଚେତ୍ ଏହା ବାତିଲ ହୋଇଯାଇଥାଏ। ରାଷ୍ଟ୍ରପତି ଏହି ଅଧ୍ୟାଦେଶକୁ ମଧ୍ୟ ପ୍ରତ୍ୟାହାର କରିପାରନ୍ତି ବା ସଂସଦ ମଧ୍ୟ ଏହାକୁ ବାତିଲ କରିବା ପାଇଁ ଯଦି ଏକ ପ୍ରସ୍ତାବ ଗ୍ରହଣ କରେ ତେବେ ଏହା ମଧ୍ୟ ବାତିଲ ହୋଇଯାଇଥାଏ।

ସଂସଦର ଗଠନ ପ୍ରକ୍ରିୟାରେ ମଧ୍ୟ ରାଷ୍ଟ୍ରପତି ଭାଗ ନେଇଥାନ୍ତି। ସେ ରାଜ୍ୟସଭାର ୧୨ ଜଣ ସଭ୍ୟଙ୍କୁ ମନୋନୀତ କରିଥାନ୍ତି। ଯେଉଁ ବ୍ୟକ୍ତିମାନେ ସାହିତ୍ୟ, କଳା, ବିଜ୍ଞାନ, ସମାଜସେବା ଆଦି କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥାନ୍ତି ସେହିଭଳି ବିଶିଷ୍ଟ ବ୍ୟକ୍ତିମାନଙ୍କୁ ରାଷ୍ଟ୍ରପତି ରାଜ୍ୟସଭାକୁ ଛଅବର୍ଷ ପାଇଁ ମନୋନୀତ କରିପାରନ୍ତି। ସେହିଭଳି ଯଦି ଆଙ୍ଗ୍ଲୋଭାରତୀୟ (Anglo Indian) ସମ୍ପ୍ରଦାୟର ଉପଯୁକ୍ତ ପ୍ରତିନିଧିତ୍ୱ ସଂସଦରେ ହୋଇନାହିଁ ବୋଲି ମନେ କରନ୍ତି ତେବେ ଏହି ସମ୍ପ୍ରଦାୟରୁ ଦୁଇଜଣଙ୍କୁ ସେ ଲୋକସଭାକୁ ମନୋନୀତ କରିପାରନ୍ତି।

ତାଙ୍କର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷମତା ହେଉଛି ସଂସଦକୁ ବାର୍ତ୍ତାପଠାଇବା। କୌଣସି ଗୁରୁତ୍ୱପୂର୍ଣ୍ଣ ଜନସ୍ୱାର୍ଥ ମାମଲା ସମ୍ବନ୍ଧରେ ହେଉ ବା କୌଣସି ବିଧେୟକ ସମ୍ବନ୍ଧରେ ହେଉ ଏ ବାର୍ତ୍ତା ସେ ସଂସଦର କୌଣସି ଏକ ସଦନକୁ ବା ମିଳିତ ଭାବେ ଉଭୟ ସଦନକୁ ପଠାଇପାରନ୍ତି। ଅବଶ୍ୟ ସ୍ୱାଧୀନତାପରଠାରୁ ଏ ପର୍ଯ୍ୟନ୍ତ ସେ କେବେ କୌଣସି ବାର୍ତ୍ତା ପଠାଇନାହାନ୍ତି।

(୩) ଆର୍ଥିକ କ୍ଷମତା (Financial Powers) :

ଆର୍ଥିକ କ୍ଷେତ୍ରରେ ରାଷ୍ଟ୍ରପତି ମଧ୍ୟ ବିଶେଷ କ୍ଷମତା ଉପଭୋଗ କରନ୍ତି। ପ୍ରତ୍ୟେକ ଅର୍ଥ ବିଧେୟକ ଲୋକସଭାରେ ଆଗତ ହେବା ପୂର୍ବରୁ ତାଙ୍କର ଅନୁମୋଦନ ଲାଭ କରିଥାଏ। ଏହାଛଡ଼ା ସବୁଠାରୁ ତାଙ୍କର ମୁଖ୍ୟ ଦାୟିତ୍ୱ ହେଲା ଅର୍ଥମନ୍ତ୍ରୀଙ୍କୁ ବାର୍ଷିକ ବଜେଟ ସଂସଦରେ ଉପସ୍ଥାପନା ପାଇଁ ନିର୍ଦ୍ଦେଶ ଦେବା। ବଜେଟ ହେଉଛି ସରକାରଙ୍କର ଆୟବ୍ୟୟର ଅଟକଳ। ଏହାଛଡ଼ା ରାଷ୍ଟ୍ରପତି ପାଞ୍ଚବର୍ଷ ପାଇଁ ଏକ ଅର୍ଥକମିଶନ ଗଠନ କରିଥାନ୍ତି ଏହି ଅର୍ଥ ଆୟୋଗ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ରାଜସ୍ୱ ବଣ୍ଟନ ଓ ଆର୍ଥିକ ସମ୍ପର୍କ ସ୍ଥାପନ କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥାଏ ଏବଂ ସମସ୍ତ ରାଜ୍ୟମାନଙ୍କୁ ଗସ୍ତ କରି ଆର୍ଥିକ ଅବସ୍ଥା ଅନୁଧ୍ୟାନ କରିବା ସଙ୍ଗେ ସେମାନଙ୍କର ଆବଶ୍ୟକତା ସମ୍ବନ୍ଧରେ ରାଷ୍ଟ୍ରପତିଙ୍କୁ ରିପୋର୍ଟ ପ୍ରଦାନ କରିଥାଏ।

ସରକାରଙ୍କର ବିଧି ସମ୍ମତ ଆୟବ୍ୟୟର ତନଖି ଓ ଆର୍ଥିକ ନିୟନ୍ତ୍ରଣ କରି ମହାହିସାବ ରକ୍ଷକ ଓ ସମୀକ୍ଷକ ତାଙ୍କର ରିପୋର୍ଟ ରାଷ୍ଟ୍ରପତିଙ୍କ ଜରିଆରେ ସଂସଦରେ ଉପସ୍ଥାପନ ପାଇଁ ପ୍ରେରଣ କରିଥାନ୍ତି। ଏହା ଆର୍ଥିକ ଶୃଙ୍ଖଳ ରକ୍ଷା କରିବାରେ ବିଶେଷ ସହାୟକ ହୁଏ।

ରାଷ୍ଟ୍ରପତିଙ୍କ ନିୟନ୍ତ୍ରଣରେ ଏକ ଆକସ୍ମିକ ପାଣ୍ଠି ବା ଜରୁରୀ ପାଣ୍ଠି ଥାଏ (Contingency Fund of India)। ରାଷ୍ଟ୍ରର କୌଣସି ଅପ୍ରତ୍ୟାଶିତ ପରିସ୍ଥିତିରେ ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ଏହି ପାଣ୍ଠିରୁ ଖର୍ଚ୍ଚ କରାଯାଇଥାଏ। ଅବଶ୍ୟ ପରେ ସଂସଦ ଏହାକୁ ଭରଣା କରିଥାଏ।

(୪) ନ୍ୟାୟିକ କ୍ଷମତା (Judicial Powers) :

ଅନ୍ୟାନ୍ୟ କ୍ଷମତା ଭଳି ରାଷ୍ଟ୍ରପତି ନ୍ୟାୟିକ କ୍ଷମତା ମଧ୍ୟ ଉପଭୋଗ କରନ୍ତି । କୌଣସି ବ୍ୟକ୍ତି ଯଦି ହାଇକୋର୍ଟ, ସୁପ୍ରିମକୋର୍ଟ ବା ସାମରିକ ଅଦାଲତ ଦ୍ୱାରା ଦଣ୍ଡିତ ହୋଇଥାନ୍ତି ତେବେ ରାଷ୍ଟ୍ରପତି ତାଙ୍କ ଦଣ୍ଡକୁ କମେଇ ଦେଇପାରନ୍ତି ବା ସଂପୂର୍ଣ୍ଣ ଭାବେ କ୍ଷମା ପ୍ରଦାନ କରିପାରନ୍ତି ବା ଦଣ୍ଡର ପରିବର୍ତ୍ତନ କରିପାରନ୍ତି । ଯଦିଓ ମାନବିକତା ଦୃଷ୍ଟିରୁ ରାଷ୍ଟ୍ରପତିଙ୍କୁ ଏହି କ୍ଷମତା ଦିଆଯାଇଛି, ସେ ଏହାକୁ ସାଧାରଣ ଭାବରେ ବ୍ୟବହାର କରନ୍ତି ନାହିଁ, କେବଳ ନିହାତି କେତେକ ସମ୍ବେଦନଶୀଳ କ୍ଷେତ୍ରରେ ମାମଲାର ଗୁରୁତ୍ୱକୁ ବିଚାରକୁ ନେଇ ସେ ଏହି କ୍ଷମତାର ପ୍ରୟୋଗ କରିଥାନ୍ତି ।

ଏହାଛଡ଼ା ଜନସ୍ୱାର୍ଥ ସମ୍ବଳିତ ତାତ୍ପର୍ଯ୍ୟପୂର୍ଣ୍ଣ ଯେ କୌଣସି ଆଇନଗତ ମାମଲାରେ ରାଷ୍ଟ୍ରପତି ସୁପ୍ରିମକୋର୍ଟ ସହ ବିଚାର ବିମର୍ଶ କରି ପରାମର୍ଶ ଗ୍ରହଣ କରିପାରନ୍ତି । ଅବଶ୍ୟ ପରାମର୍ଶ ଦେବା ନ ଦେବା ସୁପ୍ରିମକୋର୍ଟ ଉପରେ ନିର୍ଭର କରେ । ସେହିଭଳି ପରାମର୍ଶ ଗ୍ରହଣ କରିବା ନ କରିବା ରାଷ୍ଟ୍ରପତିଙ୍କ ମର୍ଜି ଉପରେ ନିର୍ଭର କରେ ।

ରାଷ୍ଟ୍ରପତି ସୁପ୍ରିମକୋର୍ଟ ଓ ହାଇକୋର୍ଟର ନ୍ୟାୟାଧିଶ ଏବଂ ପ୍ରଧାନ ନ୍ୟାୟାଧିଶମାନଙ୍କୁ ନିଯୁକ୍ତି ଦେଇଥାନ୍ତି ଏବଂ ସେମାନେ ଯଦି ମହାଭିଯୋଗରେ ସଂସଦ ଦ୍ୱାରା ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ସେମାନଙ୍କୁ ବହିଷ୍କାର ମଧ୍ୟ କରିଥାନ୍ତି ।

୫) ଆନୁଷ୍ଠାନିକ କ୍ଷମତା :

ରାଷ୍ଟ୍ରମୁଖ୍ୟ ହିସାବରେ ରାଷ୍ଟ୍ରପତିଙ୍କୁ ବ୍ୟକ୍ତିଗତ ଭାବରେ ମଧ୍ୟ କେତେକ କାର୍ଯ୍ୟକରିବାକୁ ପଡ଼ିଥାଏ । ବିଭିନ୍ନ ରାଷ୍ଟ୍ରୀୟ ଉତ୍ସବ ଯଥା ସାଧାରଣତନ୍ତ୍ର ଦିବସରେ ସେ ରାଷ୍ଟ୍ରକୁ ସମ୍ବୋଧିତ କରିଥାନ୍ତି ଏବଂ ସେନାବାହିନୀଠାରୁ ଅଭିବାଦନ ଗ୍ରହଣ କରିଥାନ୍ତି ଏବଂ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ମଧ୍ୟ ରାଷ୍ଟ୍ରକୁ ସମ୍ବୋଧିତ କରିଥାଆନ୍ତି । ସେ ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ତଥା ମନ୍ତ୍ରିମଣ୍ଡଳର ସଦସ୍ୟ, ସୁପ୍ରିମ କୋର୍ଟର ବିଚାରପତିମାନଙ୍କୁ ଶପଥ ପାଠ କରାଇଥାନ୍ତି । ସେ ଅନ୍ୟାନ୍ୟ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟମାନଙ୍କ ଭାରତ ଆଗମନ ଅବସରରେ ବ୍ୟକ୍ତିଗତ ଭାବେ ସେମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥାନ୍ତି ।

ରାଷ୍ଟ୍ରପତିଙ୍କର ନିଜ ଇଚ୍ଛା ଅନୁସାରେ କାର୍ଯ୍ୟକରିବାର ସୁଯୋଗ ନାହିଁ । ପ୍ରତ୍ୟେକ କ୍ଷେତ୍ରରେ ସେ ମନ୍ତ୍ରିମଣ୍ଡଳର ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିଥାଆନ୍ତି । ମାତ୍ର ଅଳ୍ପ କେତୋଟି କ୍ଷେତ୍ରରେ ସେ ନିଜ ଇଚ୍ଛା ଅନୁସାରେ କାର୍ଯ୍ୟ କରିବାର ସୁଯୋଗ ଅଛି । ସାଧାରଣ ନିର୍ବାଚନ ପରେ ଯଦି କୌଣସି ଦଳ ଲୋକସଭାରେ ସଂଖ୍ୟା ଗରିଷ୍ଠତା ହାସଲ କରି ନପାରେ ତେବେ ସେ କ୍ଷେତ୍ରରେ ରାଷ୍ଟ୍ରପତି ତାଙ୍କ ନିଜ ଇଚ୍ଛା ଅନୁସାରେ ଜଣେ ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ଭାବରେ ନିଯୁକ୍ତି ଦେଇପାରନ୍ତି । ଏହାଛଡ଼ା ରାଷ୍ଟ୍ରପତି ଯେତେବେଳେ ଅନୁଭବ କରନ୍ତି ଯେ କ୍ଷମତାସୀନ ମନ୍ତ୍ରିମଣ୍ଡଳ ପଛରେ ଲୋକସଭାର ସଂଖ୍ୟାଧିକ ସଭ୍ୟଙ୍କ ସମର୍ଥନ ନାହିଁ ସେତେବେଳେ ପ୍ରଧାନମନ୍ତ୍ରୀଙ୍କ ବିନା ପରାମର୍ଶରେ ମଧ୍ୟ ସେ ଲୋକସଭାକୁ ଭାଙ୍ଗି ସାନି ନର୍ବାଚନ ପାଇଁ ଆଦେଶ ଦେଇପାରନ୍ତି ।

ଜରୁରୀକାଳୀନ କ୍ଷମତା (Emergency Powers) :

ସମୟ ସବୁବେଳେ ଏକାପରି ଗତି କରେ ନାହିଁ । ବ୍ୟକ୍ତିର ଜୀବନ ଭଳି ରାଷ୍ଟ୍ରର ଜୀବନରେ ମଧ୍ୟ ଦୁର୍ଦ୍ଦିନ ଆସିଥାଏ । ଏହି ଦୁର୍ଦ୍ଦିନର ଉପଯୁକ୍ତ ମୁକାବିଲା କରିନପାରିଲେ ରାଷ୍ଟ୍ରର ସଂହିତ ତଥା ଅଖଣ୍ଡତା ବିପଦଗ୍ରସ୍ତ ହୋଇଥାଏ ।

ତେଣୁ କୌଣସି ଅସାଧାରଣ ପରସ୍ଥିତି ଉପୁଜିଲେ ତାର ସମ୍ମୁଖୀନ ହେବା ପାଇଁ ରାଷ୍ଟ୍ରପତିଙ୍କୁ କେତେକ ସ୍ୱତନ୍ତ୍ର କ୍ଷମତା ଦିଆଯାଇଛି, ଯାହା ଜରୁରୀକାଳୀନ କ୍ଷମତା ଭାବରେ ଜଣା। ତିନୋଟି ବିଶେଷ ପରିସ୍ଥିତିରେ ସେ ଏହି କ୍ଷମତା ସମ୍ବିଧାନର ୩୫୨ ଧାରା, ୩୫୬ ଧାରା ଏବଂ ୩୬୦ ଧାରା ଅନୁଯାୟୀ ପ୍ରୟୋଗ କରିପାରିବେ।

ଜାତୀୟ ଜରୁରୀ ପରିସ୍ଥିତି (National Emergency) :

ସମ୍ବିଧାନର ୩୫୨ ଧାରାଅନୁଯାୟୀ ରାଷ୍ଟ୍ରପତି ଜାତୀୟ ଜରୁରୀ ପରସ୍ଥିତି ଘୋଷଣା କରିପାରିବେ। ଏହି ବ୍ୟବସ୍ଥା ଅନୁଯାୟୀ ଯଦି ରାଷ୍ଟ୍ରପତିଙ୍କର ବିଶ୍ୱାସ ହୁଏ ଯେ, ଯୁଦ୍ଧ, ବହିଃଶତ୍ରୁ ଆକ୍ରମଣ ବା ସଶସ୍ତ୍ର ବିଦ୍ରୋହ ଯୋଗୁଁ ଭାରତବର୍ଷର ବା ଏହାର କେତେକ ଅଂଶର ନିରାପତ୍ତା ବ୍ୟାହତ ହେଉଛି ବା ହେବାର ସମ୍ଭାବନା ଅଛି ତେବେ ୩୫୨ ଧାରା ଅନୁସାରେ ଜାତୀୟ ଜୁରୁରୀ କାଳୀନ ପରିସ୍ଥିତି ଘୋଷଣା କରିଥାନ୍ତି। ଜାତୀୟ ଅଖଣ୍ଡତା ଏବଂ ନିରାପତ୍ତା ଅକ୍ଷୁଣ୍ଣ ରଖିବା ପାଇଁ ରାଷ୍ଟ୍ରପତିଙ୍କ ହାତରେ ଏହି ଅମୋଘ ଅସ୍ତ୍ର ପ୍ରଦାନ କରାଯାଇଛି। ଅବଶ୍ୟ ୪୪ତମ ସମ୍ବିଧାନ ସଂଶୋଧନ ଆଇନରେ ଏହା ସ୍ପଷ୍ଟ କରିଦିଆଯାଇଛି ଯେ ରାଷ୍ଟ୍ରପତି ମନ୍ତ୍ରିମଣ୍ଡଳର ବିନା ଲିଖିତ ପରାମର୍ଶରେ ଜରୁରୀ ପରିସ୍ଥିତିର ଘୋଷଣା କରିପାରିବେ ନାହିଁ। ଏବଂ ଏ ଘୋଷଣାକୁ ପାର୍ଲିଆମେଣ୍ଟରେ ଗୃହୀତ ନିଷ୍ପତ୍ତି କ୍ରମେ ରାଷ୍ଟ୍ରପତି ରଦ୍ଦ କରିବା ପାଇଁ ବାଧ ହୋଇଥାନ୍ତି।

ରାଷ୍ଟ୍ରପତି ଏହି ଜରୁରୀ ପରିସ୍ଥିତି ଘୋଷଣା କରିବାର ଏକମାସ ମଧ୍ୟରେ ସଂସଦର ଉଭୟ ସଦନର ଦୁଇ-ତୃତୀୟାଂଶ ସଭ୍ୟଙ୍କ ଦ୍ୱାରା ଅନୁମୋଦିତ ହେବା ଆବଶ୍ୟକ ନଚେତ୍ ଏହା ରଦ୍ଦ ହୋଇଥାଏ। ଯଦି ଲୋକସଭା ଏହି ସମୟରେ ଭାଙ୍ଗି ଯାଇଥାଏ ତେବେ ରାଜ୍ୟସଭା ଏହାକୁ ଏକମାସ ମଧ୍ୟରେ ଅନୁମୋଦିତ କରିବା ଆବଶ୍ୟକ। ନୂତନ ଲୋକସଭା ଗଠିତ ହେବାର ୩୦ଦିନ ମଧ୍ୟରେ ଏହି ଘୋଷଣା ଅନୁମୋଦିତ ହେବା ଆବଶ୍ୟକ। ଉଭୟ ଗୃହର ଅନୁମୋଦନ ପରେ ଏହା ଛଅ ମାସ ପର୍ଯ୍ୟନ୍ତ ବଳବତ୍ତର ରହିଥାଏ। ଏହା ଅନିର୍ଦ୍ଦିଷ୍ଟ କାଳପର୍ଯ୍ୟନ୍ତ ଲାଗୁ କରାଯାଇପାରେ ମାତ୍ର ପ୍ରତ୍ୟେକ ଛଅମାସରେ ଥରେ ସଂସଦର ଉଭୟ ଗୃହର ଦୁଇତୃତୀୟାଂଶ ସଭ୍ୟଙ୍କ ଅନୁମୋଦନ ଆବଶ୍ୟକ ହୋଇଥାଏ। ରାଷ୍ଟ୍ରପତି ଚାହିଁଲେ ଯେକୌଣସି ସମୟରେ ଏହାକୁ ପ୍ରତ୍ୟାହାର କରିପାରନ୍ତି।

ସ୍ୱାଧିନୋତ୍ତର ଭାରତବର୍ଷରେ ଏ ପର୍ଯ୍ୟନ୍ତ ଏହି କ୍ଷମତା ତିନିଥର ପାଇଁ ରାଷ୍ଟ୍ରପତି ପ୍ରୟୋଗ କରିଛନ୍ତି। ୧୯୬୨ ମସିହାରେ ଚୀନ ଭାରତକୁ ଆକ୍ରମଣ କରିବା ପରିପ୍ରେକ୍ଷୀରେ, ୧୯୭୧ ମସିହାରେ ପାକିସ୍ତାନ ଯୁଦ୍ଧ କରିବା ଅବସରରେ ଏବଂ ୧୯୭୫ ମସିହାରେ ଆଭ୍ୟନ୍ତରିଣ ବିଶୃଙ୍ଖଳା ପାଇଁ ରାଷ୍ଟ୍ରପତି ଜାତୀୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ। ୧୯୭୭ ମସିହା ମାର୍ଚ୍ଚ ମାସରେ ଏହାକୁ ପ୍ରତ୍ୟାହାର କରିଥିଲେ।

ଏହାର ପ୍ରଭାବ (Effects / Consequences) :

ଜାତୀୟ ଜରୁରୀ ପରିସ୍ଥିତି ଘୋଷିତ ହେବା ସଙ୍ଗେସଙ୍ଗେ ରାଷ୍ଟ୍ରୀୟ ଦୃଶ୍ୟପଟରେ ଏହାର ପ୍ରଭାବ ଅନୁଭୂତ ହୁଏ। ଫଳରେ ଏହି ସମୟ ପାଇଁ ଭାରତୀୟ ରାଷ୍ଟ୍ରସଂଘ ଏକ ଐକିକ ରାଷ୍ଟ୍ରଭାବେ କାର୍ଯ୍ୟ କରିଥାଏ। ରାଜ୍ୟ ସରକାରମାନଙ୍କ ସ୍ୱାଧୀନତା ବହୁପରିମାଣ ସଂକୁଚିତ ହୋଇଥାଏ ଏବଂ ସେମାନେ କେନ୍ଦ୍ରଠାରୁ ଶାସନ ସଂପର୍କୀୟ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ବାଧ ହୋଇଥାନ୍ତି। ଏହି ସମୟରେ ସମଗ୍ର ରାଷ୍ଟ୍ରରେ ଆଇନଗତ ସମାନତା ରକ୍ଷା

କରିବା ପାଇଁ ସଂସଦ ରାଜ୍ୟତାଲିକା ଭୁକ୍ତ ବିଷୟ ଉପରେ ଆଇନ ପ୍ରଣୟନ କରିଥାନ୍ତି । ରାଷ୍ଟ୍ରପତି ମଧ୍ୟ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ରାଜସ୍ୱ ବଣ୍ଟନ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିପାରନ୍ତି ବା ଏହି ବ୍ୟବସ୍ଥାକୁ ବନ୍ଦ ମଧ୍ୟ କରିଦେଇପାରନ୍ତି । ସମ୍ବିଧାନ ଦ୍ୱାରା ପ୍ରଦତ୍ତ ମୌଳିକ ଅଧିକାର ବିଶେଷକରି ନାଗରିକମାନଙ୍କର ସ୍ୱାଧୀନତାର ଅଧିକାର (ଧାରା ୧୯)କୁ ସଂକୁଚିତ କରାଯାଇପାରେ ଏବଂ ସାମ୍ବିଧାନିକ ପ୍ରତିକାରର ଅଧିକାର (ଧାରା ୩୨) କୁ କାଢ଼ି ନିଆଯାଇପାରେ । ଏହା ଛଡ଼ା ରାଷ୍ଟ୍ରପତି ସଂସଦର କାର୍ଯ୍ୟକାଳ ଏକ ବର୍ଷ ବଢ଼ାଇଦେଇପାରନ୍ତି ।

ରାଜ୍ୟଜରୁରୀ ପରସ୍ଥିତି (State Emergency) :

ସମ୍ବିଧାନର ୩୫୬ ଧାରା ଅନୁସାରେ ଏହି ଜରୁରୀ ପରିସ୍ଥିତି ରାଷ୍ଟ୍ରପତି ଘୋଷଣା କରିଥାନ୍ତି । ରାଜ୍ୟମାନଙ୍କରେ ପ୍ରଶାସନିକ ତଥା ସାମ୍ବିଧାନିକ ସ୍ଥିରତା ଏବଂ ଶୃଙ୍ଖଳା ରକ୍ଷା କରିବା ଏହି ଘୋଷଣାର ଉଦ୍ଦେଶ୍ୟ । ରାଜ୍ୟମାନଙ୍କରେ ସାମ୍ବିଧାନିକ ଅସ୍ଥିରତା ଏବଂ ବିଶୃଙ୍ଖଳା ଜାତୀୟ ଐକ୍ୟ ଏବଂ ସ୍ୱାଧୀନତାକୁ ବହୁ ପରିମାଣରେ ପ୍ରଭାବିତ କରିଥାଏ । ତେଣୁ ଏ ପ୍ରକାର ଅବ୍ୟବସ୍ଥାକୁ ପ୍ରଥମରୁ ହିଁ ପ୍ରତିହତ କରିବା ପାଇଁ ରାଷ୍ଟ୍ରପତିଙ୍କୁ ଏହି ଜରୁରୀ ପରିସ୍ଥିତି ଘୋଷଣା କରିବାର ଅଧିକାର ଦିଆଯାଇଛି ।

ରାଜ୍ୟପାଳମାନେ ନିୟମିତ ଭାବରେ ରାଜ୍ୟ ଶାସନ ସମ୍ବନ୍ଧରେ ବିବରଣୀ ରାଷ୍ଟ୍ରପତିଙ୍କ ପାଖକୁ ପଠାଇଥାନ୍ତି । ଏହି ବିବରଣୀରୁ ହେଉ ବା ଅନ୍ୟ କୌଣସି ମାଧ୍ୟମରୁ ହେଉ ଯଦି ରାଷ୍ଟ୍ରପତିଙ୍କ ହୃଦ୍‌ବୋଧ ହୁଏ ଯେ କୌଣସି ଏକ ନିର୍ଦ୍ଦିଷ୍ଟ ରାଜ୍ୟର ସାମ୍ବିଧାନିକ ବିଶୃଙ୍ଖଳା ସେ ରାଜ୍ୟର ପ୍ରଶାସନରେ ଅଚଳାବସ୍ଥା ସୃଷ୍ଟି କରିଛି ତେବେ ସେ ଏହି ଘୋଷଣା ଜାରି କରିପାରନ୍ତି । କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅବମାନନା କଲେ ମଧ୍ୟ ରାଷ୍ଟ୍ରପତି ଉକ୍ତ ନିର୍ଦ୍ଦିଷ୍ଟ ରାଜ୍ୟରେ ଏହି ଜରୁରୀପରସ୍ଥିତି ଘୋଷଣା କରି ପାରିବେ । କେହି କେହି ଏହାକୁ ରାଜ୍ୟପାଳ ଶାସନ ବା ରାଷ୍ଟ୍ରପତିଶାସନ କହିଥାନ୍ତି ।

ଏହି ଘୋଷଣାନାମାଟି ଏକ ମାସ ମଧ୍ୟରେ ସଂସଦର ଉଭୟ ସଦନରୁ ଦୁଇ-ତୃତୀୟାଂଶ ସଭ୍ୟଙ୍କ ଦ୍ୱାରା ଅନୁମୋଦନ ପାଇବା ଆବଶ୍ୟକ ନ ହେଲେ ଏହା ରଦ୍ଦ ହୋଇଯାଇଥାଏ । ଅନୁମୋଦନ ପାଇଲା ପରେ ଏହା ଛଅମାସ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଥାଏ । ସଂସଦର ଅନୁମୋଦନ କ୍ରମେ ଏହା ଥରକୁ ଥର ଛଅ ମାସ ପର୍ଯ୍ୟନ୍ତ ବଳବତ୍ତର ରହିଥାଏ । ଏହି ସମୟ ମଧ୍ୟରେ ରାଜ୍ୟରେ ନିର୍ବାଚନ କରିବା ଅସମ୍ଭବ ବୋଲି ଯଦି ନିର୍ବାଚନ କମିଶନ ମତ ଦିଅନ୍ତି ତେବେ ଏହାର ମିଆଦି ସର୍ବାଧିକ ୩ ବର୍ଷ ପର୍ଯ୍ୟନ୍ତ ବଢ଼ାଯାଇପାରେ । ଭାରତର ବିଭିନ୍ନ ରାଜ୍ୟରେ ବିଭିନ୍ନ ସମୟରେ ଏହି ବ୍ୟବସ୍ଥା ଏକାଧିକ ଥର ଲାଗୁକରାଗଲାଣି । ଏହି ଘୋଷଣାନାମାକୁ ନ୍ୟାୟାଳୟରେ ଚ୍ୟାଲେଞ୍ଜ୍ କରାଯାଇପାରିବ । ରାଜନୈତିକ ଦୃଷ୍ଟିକୋଣରୁ ଏହି କ୍ଷମତାର ଅପବ୍ୟବହାର କରାଯାଉଥିବା ଦୃଷ୍ଟିରୁ ରାଜ୍ୟ ଜରୁରୀକାଳୀନ ପରସ୍ଥିତି ତାର ଉଦ୍ଦେଶ୍ୟ ଓ ଗୁରୁତ୍ୱ ହରାଇ ବସିଲାଣି ।

ଏହାର ପ୍ରଭାବ (Effects) :

ଏହି ଘୋଷଣାନାମ ପରେ ରାଷ୍ଟ୍ରପତି ହାଇକୋର୍ଟ ସମ୍ପର୍କୀୟ କ୍ଷମତା ବ୍ୟତୀତ ଅନ୍ୟ ସମସ୍ତ ଶାସନ କ୍ଷମତା ନିଜ ହାତକୁ ନେଇଥାଆନ୍ତି । ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶରେ ରାଜ୍ୟର ଶାସନ ପରିଚାଳନା ଭାର ରାଜ୍ୟପାଳ ନିଜ ହାତକୁ

ନେଇଥାଆନ୍ତି। ରାଜ୍ୟର ବଜେଟ ଏବଂ ଅନ୍ୟ ସମସ୍ତ ଆଇନ ପ୍ରଣୟନ ପାର୍ଲିଆମେଣ୍ଟ କରିଥାଏ। ଆବଶ୍ୟକସ୍ଥଳେ ରାଜ୍ୟପାଳଙ୍କୁ ସାହାଯ୍ୟ କରିବା ପାଇଁ ରାଷ୍ଟ୍ରପତି ପରାମର୍ଶଦାତାମାନଙ୍କୁ ମଧ୍ୟ ନିଯୁକ୍ତି ଦେଇପାରନ୍ତି।

ଆର୍ଥିକ ଜରୁରୀ ପରିସ୍ଥିତି (Financial Emergency) :

ଯଦି ଭାରତର ରାଷ୍ଟ୍ରପତିଙ୍କ ହୃଦ୍‌ବୋଧ ହୁଏ ଯେ ସମଗ୍ର ଭାରତର କିମ୍ବା ଆଂଶିକଭାବେ କୌଣସି ଅଞ୍ଚଳରେ ଆର୍ଥିକ ପରିସ୍ଥିତି ବିପନ୍ନ ହୋଇଛି ତେବେ ସମ୍ବିଧାନର ୩୬୦ ଧାରା ଅନୁସାରେ ସେ ଆର୍ଥିକ ଜରୁରୀ ପରିସ୍ଥିତି ଘୋଷଣା କରିପାରିବେ। ଏହି ଜରୁରୀ ପରିସ୍ଥିତି ଘୋଷଣା ହେବାର ଦୁଇ ମାସ ମଧ୍ୟରେ ସଂସଦର ଉଭୟ ସଦନ ଦ୍ୱାରା ଅନୁମୋଦିତ ହେବା ଆବଶ୍ୟକ ତାନହେଲେ ଏହା ରଦ୍ଦ ହୋଇଯାଇଥାଏ। ଯଦି ଏହି ସମୟ ମଧ୍ୟରେ ଲୋକସଭା ଭାଙ୍ଗିଯାଇଥାଏ ତେବେ ନୂତନ ଲୋକସଭା ଗଠିତ ହେବାର ଏକ ମାସ ମଧ୍ୟରେ ଏହା ଅନୁମୋଦନ ପାଇବା ଆବଶ୍ୟକ। ଏହା ଅନିର୍ଦ୍ଦିଷ୍ଟ କାଳପର୍ଯ୍ୟନ୍ତ ବଳବତ୍ତର ରହିପାରେ ମାତ୍ର ପ୍ରତ୍ୟେକ ଛଅ ମାସରେ ଥରେ ସଂସଦର ଅନୁମୋଦନ ପାଇବା ଆବଶ୍ୟକ।

ଏହାର ପ୍ରଭାବ (Effect/Consequence)

ଏହି ପରିସ୍ଥିତି ଘୋଷିତ ହେଲେ ଆର୍ଥିକ ବ୍ୟବସ୍ଥାର ସୁପରିଚାଳନା ପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କୁ ଆବଶ୍ୟକୀୟ ପରାମର୍ଶ ଏବଂ ନିର୍ଦ୍ଦେଶ ଦେଇପାରନ୍ତି । ରାଜ୍ୟ ବିଧାନମଣ୍ଡଳ ଦ୍ୱାରା ଗୃହୀତ ସମସ୍ତ ଅର୍ଥ ବିଧେୟକକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ସଂରକ୍ଷିତ ରଖାଯାଏ। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଆର୍ଥିକ ସଂପର୍କର ନୀତି ଓ ସମ୍ବଳ ବଣ୍ଟନ ନୀତି ରାଷ୍ଟ୍ରପତିଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ। ଏହି ସମୟରେ ସୁପ୍ରିମକୋର୍ଟ ଏବଂ ହାଇକୋର୍ଟର ନ୍ୟାୟାଧିଶମାନଙ୍କ ଛଡ଼ା ଅନ୍ୟ ସମସ୍ତ ସରକାରୀ କର୍ମଚାରୀମାନଙ୍କ ଦରମା ଏବଂ ଭତ୍ତା ହ୍ରାସ କରାଯାଇପାରେ। ରାଷ୍ଟ୍ରର ଆର୍ଥିକ ଅବସ୍ଥାକୁ ସୁଧାରିବା ପାଇଁ ରାଷ୍ଟ୍ରପତି ଯେକୌଣସି ପଦକ୍ଷେପ ନେଇପାରନ୍ତି।

ରାଷ୍ଟ୍ରପତିଙ୍କ ସ୍ଥିତି ଏବଂ ଭୂମିକା :

ଭାରତର ସମ୍ବିଧାନ ପ୍ରଣୟନ କରିବା ପାଇଁ ଗଠିତ ଶାସନ ବିଧେୟକ ସଭା (Constituent Assembly) ରେ ଭାରତର ଶାସନ ବ୍ୟବସ୍ଥା ସମ୍ବନ୍ଧରେ ବହୁ ବିତର୍କ କରାଯାଇଥିଲା । ଅଧ୍ୟାପକ କେ.ଟି.ଶାହା ଏବଂ ଅନ୍ୟାନ୍ୟ ବହୁ ମାନ୍ୟବରସଭ୍ୟ ରାଷ୍ଟ୍ରପତୀୟ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଯୁକ୍ତି ବାଢ଼ିଥିଲେ। ସେମାନଙ୍କ ମତରେ ଏହି ବ୍ୟବସ୍ଥାରେ ରାଜନୈତିକ ଓ ଶାସନଗତ ସ୍ଥିରତା ରକ୍ଷା କରିବା ସଙ୍ଗେ ସଙ୍ଗେ ଏକ ପ୍ରତିନିଧିମୂଳକ ସରକାର ଗଠିତ କରାଯାଇପାରିବ। କାରଣ ରାଷ୍ଟ୍ରପତି ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହେଲେ ଏକ ଦୃଢ଼ ଓ ପ୍ରତିନିଧିମୂଳକ ସରକାର ଗଠନ କରାଯାଇପାରିବ। କିନ୍ତୁ ଏହି ପ୍ରସ୍ତାବ ପ୍ରବଳ ବିରୋଧର ସମ୍ମୁଖୀନ ହୋଇ କାଟ ଖାଇଯାଇଥିଲା କାରଣ ଆଲ୍ଲାଦି କୃଷ୍ଣସ୍ୱାମୀ ଆୟାର, କେ.ଏମ୍.ମୁନସୀ, ପଣ୍ଡିତ ନେହେରୁ ଆଦି ସଭ୍ୟମାନେ ଏହି ପ୍ରସ୍ତାବର ବିରୋଧ କରିଥିଲେ । ସେମାନଙ୍କ ମତରେ ଭାରତୀୟମାନେ ବ୍ରିଟିଶ ଶାସନ ବ୍ୟବସ୍ଥା ସହ ବିଶେଷ ଭାବେ ପରିଚିତ ଏବଂ ଅଭ୍ୟସ୍ତ ହୋଇଯାଇଥିବା ଦୃଷ୍ଟିରୁ ଏହି ବ୍ୟବସ୍ଥାରେ ସେମାନେ ନିଜକୁ ଖାପ୍ ଖୁଆଇବାରେ ଅସୁବିଧା ଭୋଗ କରିବେ ନାହିଁ ତାଛଡ଼ା ଏହି ବ୍ୟବସ୍ଥାରେ ମନ୍ତ୍ରିମଣ୍ଡଳ ପ୍ରକୃତ ଶାସନ ଦାୟିତ୍ୱ ନେଉଥିବାରୁ ପ୍ରତିନିଧିମୂଳକ ଶାସନ

ବ୍ୟବସ୍ଥା ଠିକ୍ ଭାବରେ କାର୍ଯ୍ୟକାରୀ ହୋଇଥାଏ । ଏହାବ୍ୟତୀତ ଏହି ବ୍ୟବସ୍ଥାରେ କାର୍ଯ୍ୟପାଳିକା ଏବଂ ବ୍ୟବସ୍ଥାପିକାର ଉତ୍ତମ ସଂପର୍କ ଶାସନକୁ ଅଧିକ ନମନୀୟ କରିଥାଏ ଯାହାକି ଭାରତ ବର୍ଷପରି ଏକ ସମସ୍ୟା ବହୁଳ ରାଷ୍ଟ୍ରରେ ଠିକ୍ ଭାବେ କାର୍ଯ୍ୟକରିପାରିବ । ତେଣୁ ବହୁ ବିତର୍କ ପରେ ବ୍ରିଟିଶ୍ ଢ଼ାଞ୍ଚାରେ ଭାରତରେ ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥାର ପ୍ରଚଳନ କରାଯିବାର ସ୍ଥିର କରାଗଲା ।

ବ୍ରିଟେନ୍‌ର ବ୍ୟବସ୍ଥାଭଳି ରାଷ୍ଟ୍ରପତି ନାମକୁ ମାତ୍ର ରାଷ୍ଟ୍ରମୁଖ୍ୟ ଭାବରେ ନିର୍ବାଚିତ ହୋଇ ସମସ୍ତ କ୍ଷମତାର ଅଧିକାରୀ ହେଲେ ମଧ୍ୟ ବାସ୍ତବରେ ମନ୍ତ୍ରିମଣ୍ଡଳ କ୍ଷମତାର ଉପଯୋଗ କରେ ଏବଂ ନିଜକାର୍ଯ୍ୟକଳାପ ପାଇଁ ସଂସଦ ନିକଟରେ ଦାୟୀ ରହେ । ତେଣୁ ଏ ପ୍ରକାର ଶାସନ ବ୍ୟବସ୍ଥାରେ ରାଷ୍ଟ୍ରପତିଙ୍କ ପ୍ରକୃତ ସ୍ଥିତି କଣ ସେ ସମ୍ବନ୍ଧରେ ପ୍ରଶ୍ନ ଉଠିବା ସ୍ୱାଭାବିକ୍ । ବିଭିନ୍ନ ସମାଲୋଚକମାନେ ରାଷ୍ଟ୍ରପତିଙ୍କୁ ପ୍ରକୃତ ଶାସକ ହିସାବରେ ଚିତ୍ରଣ କଲାବେଳେ ଅନ୍ୟ କେତେକ ତାଙ୍କୁ ନାମକୁ ମାତ୍ର ଏକ ଆଳଙ୍କାରିକ ମୁଖ୍ୟ ଭାବରେ ଚିତ୍ରଣ କରିଥାନ୍ତି ।

ବାସ୍ତବରେ ଯଦିଓ ସମ୍ବିଧାନ ସମସ୍ତ କାର୍ଯ୍ୟପାଳିକା କ୍ଷମତା ଏବଂ ବିଶେଷ ବ୍ୟବସ୍ଥାପିକା କ୍ଷମତା ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଛି କିନ୍ତୁ କୌଣସି କ୍ଷେତ୍ରରେ ସେ କ୍ଷମତାର ଉପଯୋଗ ପାଇଁ ତାଙ୍କୁ ଦାୟିତ୍ୱ ଦେଇନାହିଁ । ଅପରପକ୍ଷରେ ମନ୍ତ୍ରିମଣ୍ଡଳର ପରାମର୍ଶ ଅନୁସାରେ ରାଷ୍ଟ୍ରପତିଙ୍କୁ କାର୍ଯ୍ୟ କରିବା ପାଇଁ କୁହାଯାଇଛି ଏବଂ ଆହୁରି ମଧ୍ୟ କୁହାଯାଇଛି ଏ ପରାମର୍ଶ ଗ୍ରହଣ କରିବା ପାଇଁ ସେ ବାଧ୍ୟ । ଅର୍ଥାତ୍ ମନ୍ତ୍ରିମଣ୍ଡଳର ମତଠାରୁ ଅନ୍ୟମତ ସେ ପୋଷଣ କରିପାରିବେ ନାହିଁ । ତେଣୁ ବାସ୍ତବରେ ନିଜ ଇଚ୍ଛାନୁଯାୟୀ ସେ କାର୍ଯ୍ୟ କରିପାରିବେ ନାହିଁ । ସେ ଶାସନ କ୍ଷେତ୍ରରେ ଇଂଲଣ୍ଡର ରାଜା ବା ରାଣୀଙ୍କ ଭଳି ଏକ ଆଳଙ୍କାରିକ ମୁଖ୍ୟ ହିସାବରେ ନାମକୁ ମାତ୍ର ଶାସନ ମୁଖ୍ୟ ହିସାବରେ ଅବସ୍ଥାପିତ ହୋଇଥାନ୍ତି ।

ମାତ୍ର ଏହା ସଂପୂର୍ଣ୍ଣ ସତ୍ୟ ନୁହେଁ । କ୍ଷମତାର ଉପଯୋଗିତା କ୍ଷେତ୍ରରେ ସେ ହୁଏତ ନାମକୁ ମାତ୍ର ଶାସକ ହୋଇପାରନ୍ତି । କିନ୍ତୁ କେତେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସେ ନିଜର ସ୍ଥିତିକୁ ବେଶ୍ ଜାହିର କରିପାରନ୍ତି । କୌଣସି ଦଳର ସଂଖ୍ୟା ଗରିଷ୍ଠତା ନଥିବା ବେଳେ ପ୍ରଧାନମନ୍ତ୍ରୀ ନିଯୁକ୍ତି କ୍ଷେତ୍ରରେ ସେ ନିଜ ଇଚ୍ଛାର ପ୍ରୟୋଗ କରିଥାନ୍ତି । ସେହିଭଳି ସଂସଦ ଭଙ୍ଗ ବେଳେ ମଧ୍ୟ ବିବେକ ଅନୁଯାୟୀ ନିଜର ନିଷ୍ପତ୍ତି ନେଇଥାନ୍ତି । ସଂସଦରେ ଗୃହୀତ ବିଧେୟକଗୁଡ଼ିକୁ ଅନୁମୋଦନ ନ ଦେଇ ସେ ପୁନର୍ବାର ଆଲୋଚନା ପାଇଁ ସଂସଦକୁ ପଠାଇ ଦେଇପାରନ୍ତି ଏବଂ ଆବଶ୍ୟକ ମନେ କଲେ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିବା ପାଇଁ ସଂସଦକୁ ବାର୍ତ୍ତା ପଠାଇପାରନ୍ତି । ରାଜନୈତିକ ଦୃଷ୍ଟିକୋଣରୁ ଏ ସମସ୍ତ ବିଷୟ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଏବଂ ଏହାର ସୁଦୂରପ୍ରସାରୀ ପ୍ରଭାବ ଦେଶର ଶାସନ ତଥା ରାଜନୀତି ଉପରେ ପଡ଼ିଥାଏ ।

ରାଷ୍ଟ୍ରପତି ଯଦି ନିର୍ମଳ ଭାବମୂର୍ତ୍ତି ସମ୍ପନ୍ନ ହୋଇଥାନ୍ତି, ତାଙ୍କର ସାଧୁତା, କାର୍ଯ୍ୟଦକ୍ଷତା ଏବଂ ପାରଦର୍ଶିତା ଯଦି ଉଚ୍ଚକୋଟୀର ହୋଇଥାଏ ତେବେ ନିଶ୍ଚିତ ଭାବରେ ଉପରୋକ୍ତ ସମସ୍ତ କ୍ଷେତ୍ରରେ ତାଙ୍କର ମତାମତକୁ ଗୁରୁତ୍ୱର ସହ ବିଚାର କରିବା ପାଇଁ ସରକାର ବାଧ୍ୟ ହୁଅନ୍ତି । ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରିମଣ୍ଡଳ ରାଷ୍ଟ୍ରପତିଙ୍କର ଦିଗ୍‌ଦର୍ଶନରେ କାର୍ଯ୍ୟକରିବା ପାଇଁ ବାଧ୍ୟ ହୁଅନ୍ତି । ତେଣୁ ଭାରତୀୟ ଶାସନ ବ୍ୟବସ୍ଥାରେ ରାଷ୍ଟ୍ରପତିଙ୍କ କ୍ଷମତା ନଥିଲେ ମଧ୍ୟ ଯଥେଷ୍ଟ ପ୍ରଭାବ ଅଛି ।

ଉପରାଷ୍ଟ୍ରପତି

ସମ୍ବିଧାନର ୬୩ ଧାରା ଅନୁଯାୟୀ ଭାରତରେ ଜଣେ ଉପରାଷ୍ଟ୍ରପତି ରହିବାର ବ୍ୟବସ୍ଥା ଅଛି। ଯଦିଓ ଉପରାଷ୍ଟ୍ରପତି ଭାବରେ ସେ କୌଣସି କାର୍ଯ୍ୟ ସମ୍ପାଦନ କରନ୍ତି ନାହିଁ ତଥାପି ଏହାକୁ ଏକ ମର୍ଯ୍ୟାଦା ସମ୍ପନ୍ନ ପଦବୀ ଭାବରେ ଗ୍ରହଣ କରାଯାଇପାରେ। ଅତୀତରେ ଡ. ରାଧାକ୍ରିଷ୍ଣନ୍, ଡ଼: ଜାକୀର ହୁସେନ, କେ.ଆର ନାରାୟଣନ୍ଙ୍କ ଭଳି ବହୁ ସୁନାମଧନ୍ୟ ଏବଂ ଆକର୍ଷଣୀୟ ବ୍ୟକ୍ତିତ୍ୱ ଏହି ପଦବୀ ମଣ୍ଡନ କରି ଏହାର ଗୁରୁତ୍ୱ ପ୍ରତିପାଦିତ କରିଯାଇଛନ୍ତି।

ଯୋଗ୍ୟତା :

ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପାଇଁ ଯେଉଁ ଯୋଗ୍ୟତା ଆବଶ୍ୟକ ତାହାହେଲା (କ) ସେ ଜଣେ ଭାରତୀୟ ନାଗରିକ ହୋଇଥିବେ (ଖ) ତାଙ୍କୁ ଅତିକମ୍‌ରେ ୩୫ ବର୍ଷ ବୟସ ହୋଇଥିବ (ଗ) ରାଜ୍ୟସଭାକୁ ନିର୍ବାଚିତ ହେବା ପାଇଁ ଆବଶ୍ୟକୀୟ ଯୋଗ୍ୟତା ଥିବ (ଘ) ସେ ସରକାରୀ କର୍ମଚାରୀ ହୋଇ ନଥିବେ ବା ବ୍ୟବସାୟିକ ସୂତ୍ରରେ ସରକାରଙ୍କ ସହ ଆବଦ୍ଧ ହୋଇନଥିବେ (ଙ) ସେ ପାଗଳ କିମ୍ବା ଦେବାଳିଆ ଘୋଷିତ ହୋଇନଥିବେ ଏବଂ ସଂସଦ ଦ୍ୱାରା ପ୍ରଣୀତ ଅନ୍ୟାନ୍ୟ ସମସ୍ତ ଯୋଗ୍ୟତା ପୂରଣ କରୁଥିବେ।

କାର୍ଯ୍ୟକାଳ ଓ ପଦଚ୍ୟୁତି :

ଉପରାଷ୍ଟ୍ରପତି ପାଞ୍ଚବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି। ତାଙ୍କର ବହିଷ୍କରଣ ପ୍ରସ୍ତାବ କେବଳ ରାଜ୍ୟସଭା ଦ୍ୱାରା ଆଗତ କରାଯାଇପାରିବ। ଏହି ସଭାର ସଦସ୍ୟମାନେ ଏକ ଚଉଦ ଦିନିଆ ନୋଟିସ ମାଧ୍ୟମରେ ଏହି ପ୍ରସ୍ତାବ ଆଗତ କରି ଆଲୋଚନା ପରେ ଯଦି ଗ୍ରହଣ କରିନିଅନ୍ତି ଏବଂ ରାଜ୍ୟସଭା ସ୍ୱୀକୃତ ଏହି ପ୍ରସ୍ତାବ ଯଦି ଲୋକସଭାର ଅନୁମୋଦନ ଲାଭ କରେ ତେବେ ଉପରାଷ୍ଟ୍ରପତି ବହିଷ୍କୃତ ହୋଇଥାଆନ୍ତି।

ଉପରାଷ୍ଟ୍ରପତି ଭାବରେ ସେ କୌଣସି ଦରମା ପାଆନ୍ତି ନାହିଁ କିନ୍ତୁ ରାଜ୍ୟସଭାର ଅଧ୍ୟକ୍ଷଭାବରେ ମାସିକ ୧ ଲକ୍ଷ ୨୫ ହଜାର ଟଙ୍କା ଦରମା ଓ ଅନ୍ୟାନ୍ୟ ଭତ୍ତା ପାଇଥାନ୍ତି।

ନିର୍ବାଚନ :

ଲୋକସଭା ଓ ରାଜ୍ୟସଭାର ସଭ୍ୟମାନଙ୍କୁ ନେଇ ଏକ ନିର୍ବାଚନ ମଣ୍ଡଳୀ ଉପରାଷ୍ଟ୍ରପତିଙ୍କୁ ସମାନୁପାତିକ ପ୍ରତିନିଧିତ୍ୱ ପଦ୍ଧତିର ଏକକ ହସ୍ତାନ୍ତରୀୟ ଭୋଟ ବ୍ୟବସ୍ଥା ଦ୍ୱାରା ପରୋକ୍ଷ ଭାବରେ ନିର୍ବାଚିତ କରିଥାଆନ୍ତି। ଏହି ନିର୍ବାଚନ ଗୁପ୍ତଭୋଟ ମାଧ୍ୟମରେ କରାଯାଏ। ଏହି ନର୍ବାଚନରେ ଯଦି କୌଣସି ବିବାଦ ସୃଷ୍ଟି ହୁଏ ତେବେ ତାହା ସୁପ୍ରିମକୋର୍ଟ ଦ୍ୱାରା ସମାଧିତ ହୁଏ।

କାର୍ଯ୍ୟ :

ଉପରାଷ୍ଟ୍ରପତି ଭାବରେ ତାଙ୍କର ନିଜସ୍ୱ କୌଣସି ଦାୟିତ୍ୱ ନଥାଏ, ସେ କେବଳ ଅସମୟରେ ଇସ୍ତଫା, ପଦଚ୍ୟୁତି ବା ଅନ୍ୟକୌଣସି କାରଣରୁ ରାଷ୍ଟ୍ରପତି ପଦବୀ ଖାଲି ପଡ଼ିଲେ ସେ ସ୍ଥାନ ପୂରଣ କରିବା ପାଇଁ ପ୍ରସ୍ତୁତ

ହୋଇ ଥାଆନ୍ତି। ତେଣୁ ତାଙ୍କୁ ଅପେକ୍ଷାରତ ରାଷ୍ଟ୍ରପତି କୁହାଯାଏ। କିନ୍ତୁ ସମ୍ବିଧାନର ୬୩ ଧାରା ଅନୁଯାୟୀ ଉପରାଷ୍ଟ୍ରପତି ତାଙ୍କ ପଦାଧିକାର ବଳରେ (Ex-officio) ରାଜ୍ୟସଭାର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥାଆନ୍ତି। ଅନ୍ୟାର୍ଥରେ ଯେଉଁବ୍ୟକ୍ତି ଉପରାଷ୍ଟ୍ରପତି ଭାବରେ ନିର୍ବାଚିତ ହୁଅନ୍ତି ସେ ରାଜ୍ୟସଭାର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥାନ୍ତି ଏବଂ ସେହି ହିସାବରେ ଦରମା ମଧ୍ୟ ପାଇଥାନ୍ତି କାରଣ ଉପରାଷ୍ଟ୍ରପତି ଭାବରେ ତାଙ୍କ ପାଇଁ କୌଣସି ଦରମାର ବ୍ୟବସ୍ଥା ନାହିଁ।

ଲୋକସଭାର ବାଚସ୍ପତି ଯେଉଁଭଳି ଭାବରେ ଗୃହର କାର୍ଯ୍ୟ ପରିଚାଳନା କରି ଏହାର ମର୍ଯ୍ୟାଦା ରକ୍ଷା ପ୍ରତି ସଚେତନ କରିଥାନ୍ତି ଉପରାଷ୍ଟ୍ରପତି ମଧ୍ୟ ରାଜ୍ୟସଭାର ଅଧ୍ୟକ୍ଷ ଭାବେ ରାଜ୍ୟସଭା ଅଧିବେଶନମାନଙ୍କରେ ଅଧ୍ୟକ୍ଷତା କରିବା ସଙ୍ଗେ ସଙ୍ଗେ ଏହାର ମର୍ଯ୍ୟାଦା ରକ୍ଷା କରିଥାଆନ୍ତି। ସେ ଗୃହର ଆଲୋଚନାରେ ଭାଗ ନିଅନ୍ତି ନାହିଁ। କୌଣସି ବିଧେୟକର ସପକ୍ଷ ବା ବିପକ୍ଷରେ ଯଦି ସମାନ ସଂଖ୍ୟକ ଭୋଟ ମିଳିଥାଏ ସେଠାରେ ଉପରାଷ୍ଟ୍ରପତି ତାଙ୍କର ନିର୍ଣ୍ଣାୟକ ଭୋଟ ଦେଇଥାନ୍ତି । ବାଚସ୍ପତିଙ୍କ ଭଳି ମଧ୍ୟ ରାଜ୍ୟସଭାରେ ତାଙ୍କ ନିଷ୍ପତ୍ତିକୁ ସମସ୍ତେ ସମ୍ମାନ ଦିଅନ୍ତି।

ଏହାଛଡ଼ା ୬୫ ଧାରା ଅନୁସାରେ ରାଷ୍ଟ୍ରପତିଙ୍କ ମୃତ୍ୟୁ ହେଲେ ବା ସେ ଇସ୍ତଫା ଦେଲେ ବା ସେ ତାଙ୍କ ପଦବୀରୁ ବହିଷ୍କୃତ ହେଲେ ବା କୌଣସି କାରଣରୁ ଦୀର୍ଘଦିନ ଧରି ଅନୁପସ୍ଥିତି ରହିଲେ ଉପରାଷ୍ଟ୍ରପତି ଛଅମାସ ପର୍ଯ୍ୟନ୍ତ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନିର୍ବାହ କରିଥାଆନ୍ତି। ଏହି ସମୟରେ ସେ ରାଷ୍ଟ୍ରପତିଙ୍କ ଦରମା ଏବଂ ସମସ୍ତ ସୁବିଧା ସୁଯୋଗ ପାଇଥାନ୍ତି। ରାଷ୍ଟ୍ରପତିଙ୍କ କ୍ଷମତା ମଧ୍ୟ ନିର୍ବାହ କରିଥାଆନ୍ତି। ଛଅମାସ ମଧ୍ୟରେ ନୂତନ ରାଷ୍ଟ୍ରପତିଙ୍କର ନିର୍ବାଚନ କରାଯାଏ।

ଏହା ଛଡ଼ା ବିଭିନ୍ନ ରାଷ୍ଟ୍ରକୁ ଶୁଭେଚ୍ଛାମୂଳକ ଗସ୍ତରେ ଯାଇ ସେମାନଙ୍କ ସହ ସଂପର୍କ ବୃଦ୍ଧିରେ ସାହାଯ୍ୟ କରିଥାଆନ୍ତି। ଉପରାଷ୍ଟ୍ରପତି ଦିଲ୍ଲୀ ବିଶ୍ୱବିଦ୍ୟାଳୟର କୁଳାଧିପତି (Chancellor) ଭାବରେ କାର୍ଯ୍ୟ କରିଥାନ୍ତି। ମର୍ଯ୍ୟାଦା କ୍ରମରେ ରାଷ୍ଟ୍ରପତିଙ୍କ ପଛକୁ ସେ ଦ୍ୱିତୀୟ ସ୍ଥାନରେ ଥାନ୍ତି ଏବଂ ତାଙ୍କ ପରେ ପ୍ରଧାନମନ୍ତ୍ରୀ।

କେନ୍ଦ୍ର ମନ୍ତ୍ରିମଣ୍ଡଳ

ଭାରତରେ ପ୍ରଚଳିତ ସଂସଦୀୟ ଗଣତନ୍ତ୍ର ବହୁ ପରିମାଣରେ ବ୍ରିଟେନର ଶାସନ ପଦ୍ଧତି ଦ୍ୱାରା ପ୍ରଭାବିତ। ଏହି ସଂସଦୀୟ ଗଣତନ୍ତ୍ରର ଗୁରୁତ୍ୱପୂର୍ଣ୍ଣ ନୀତି ସମ୍ବିଧାନର ୭୪ ଏବଂ ୭୫ ଧାରାରେ ବର୍ଣ୍ଣନା କରାଯାଇଛି।

ସମ୍ବିଧାନର ୭୪ ଧାରାରେ ନିର୍ଦ୍ଦେଶ ଅଛି ଯେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏକ ମନ୍ତ୍ରିମଣ୍ଡଳ ରାଷ୍ଟ୍ରପତିଙ୍କୁ ତାଙ୍କ କାର୍ଯ୍ୟ ପରିଚାଳନାରେ ସାହାଯ୍ୟ ଏବଂ ପରାମର୍ଶ ଦେବା ପାଇଁ ରହିବ। ସମ୍ବିଧାନର ୪୨ତମ ସଂଶୋଧନ ଦ୍ୱାରା ମନ୍ତ୍ରିମଣ୍ଡଳର ପରାମର୍ଶ ଗ୍ରହଣ କରିବା ପାଇଁ ରାଷ୍ଟ୍ରପତି ବାଧ୍ୟ। ସଂସଦୀୟ ବ୍ୟବସ୍ଥାରେ ରାଷ୍ଟ୍ରପତିଙ୍କ ହସ୍ତରେ ସମସ୍ତ କ୍ଷମତା ନ୍ୟସ୍ତ କରାଯାଇଥିଲେ ମଧ୍ୟ ବାସ୍ତବରେ ମନ୍ତ୍ରିମଣ୍ଡଳ ସେ କ୍ଷମତାର ଉପଯୋଗ କରିଥାଏ। କାରଣ ନିଜର ସମସ୍ତ କାର୍ଯ୍ୟପାଇଁ ମନ୍ତ୍ରିମଣ୍ଡଳକୁ ହିଁ ଦାୟୀ କରାଯାଇଥାଏ।

ମନ୍ତ୍ରିମଣ୍ଡଳ ନିଯୁକ୍ତି :

ସମ୍ବିଧାନର ୭୫ ଧାରା ଅନୁସାରେ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କୁ ନିଯୁକ୍ତି ଦିଅନ୍ତି । ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ କ୍ରମେ ରାଷ୍ଟ୍ରପତି ମନ୍ତ୍ରିମଣ୍ଡଳର ଅନ୍ୟାନ୍ୟ ସଦସ୍ୟ ମାନଙ୍କୁ ମଧ୍ୟ ନିଯୁକ୍ତି ଦେଇଥାନ୍ତି । ମନ୍ତ୍ରିମାନେ ରାଷ୍ଟ୍ରପତିଙ୍କ ସନ୍ତୋଷ ଭାଜନ ଥିବା ପର୍ଯ୍ୟନ୍ତ ନିଜ ପଦବୀରେ ରହିଥାନ୍ତି । ଅର୍ଥାତ୍ ରାଷ୍ଟ୍ରପତି ଇଚ୍ଛା କଲେ ସେମାନଙ୍କୁ ବହିଷ୍କାର କରିପାରନ୍ତି । ମନ୍ତ୍ରିମଣ୍ଡଳ ନିଜର ସମସ୍ତ କାର୍ଯ୍ୟ ପାଇଁ ଲୋକସଭା ନିକଟରେ ଦାୟୀ ରହନ୍ତି । ଅନ୍ୟାର୍ଥରେ ଲୋକସଭା ନିକଟରେ ନିଜ କାର୍ଯ୍ୟକଳାପର ବିବରଣୀ ଦେବାପାଇଁ ବାଧ୍ୟ କାରଣ ଲୋକସଭାର ଆସ୍ଥା ଥିବା ପର୍ଯ୍ୟନ୍ତ ମନ୍ତ୍ରିମଣ୍ଡଳ କାର୍ଯ୍ୟ କରିଥାଏ । ଏହି ୭୫ ଧାରାର ଅନ୍ୟ ଉପଧାରା ଅନୁସାରେ ସଂସଦର କୌଣସି ଗୃହର ସଭ୍ୟ ନଥିବା ଜଣେ ବ୍ୟକ୍ତିଙ୍କୁ ସଂସଦର ଯେକୌଣସି ଗୃହକୁ ନିର୍ବାଚିତ ହେବାକୁ ପଡ଼ିବ । ଏହି ବ୍ୟବସ୍ଥା ଦ୍ୱାରା ସଂସଦ ବାହାରୁ କୌଣସି ବିଷୟରେ ବିଶେଷ ସାମର୍ଥ୍ୟ ଥିବା ବ୍ୟକ୍ତିମାନଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ଦିଆଯାଇପାରେ । ଅତୀତରେ ଅନେକଥର ଏହିଭଳି ବ୍ୟକ୍ତିମାନଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ ମଧ୍ୟ କରାଯାଇଛି ।

ଏହି ବ୍ୟବସ୍ଥାରେ ଆମେ ଲକ୍ଷ୍ୟ କରିଥାଉଁ ଯେ ପ୍ରଧାନମନ୍ତ୍ରୀ ହେଉଛନ୍ତି ମନ୍ତ୍ରିମଣ୍ଡଳର ନେତା ଓ ମୁଖ୍ୟ । ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କୁ ନିଯୁକ୍ତି ଦେବା ଏବଂ ସେମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ କରିବା ପ୍ରଧାନମନ୍ତ୍ରୀଙ୍କର ବିଶେଷ ଅଧିକାର । ରାଷ୍ଟ୍ରପତି ଏ କ୍ଷେତ୍ରରେ କେବଳ ପ୍ରଧାନମନ୍ତ୍ରୀଙ୍କର ଇଚ୍ଛାକୁ କାର୍ଯ୍ୟକାରୀ କରିଥାଆନ୍ତି ।

ମନ୍ତ୍ରିମଣ୍ଡଳ ସାଧାରଣତଃ ଦ୍ୱିସ୍ତରୀୟ ବା ତ୍ରିସ୍ତରୀୟ ହୋଇଥାଏ । କେହି କେହି ପ୍ରଧାନମନ୍ତ୍ରୀ ଦୁଇଶ୍ରେଣୀର ମନ୍ତ୍ରୀଙ୍କୁ ନେଇ ଏବଂ ଅନ୍ୟ କେହି ତିନି ଶ୍ରେଣୀର ମନ୍ତ୍ରୀଙ୍କୁ ନେଇ ମନ୍ତ୍ରିମଣ୍ଡଳ ଗଠନ କରିଥାନ୍ତି । ମନ୍ତ୍ରିମଣ୍ଡଳରେ କେତେ ମନ୍ତ୍ରୀ ରହିବେ ଏବଂ କେଉଁ ସ୍ତରର ମନ୍ତ୍ରୀ ରହିବେ ସେ ବିଷୟରେ କୌଣସି ଧରାବନ୍ଧା ନିୟମ ନାହିଁ । ପ୍ରଧାନମନ୍ତ୍ରୀ ନିଜର ସ୍ଥିତି, ରାଜନୈତିକ ଆବଶ୍ୟକତା ଅନୁସାରେ ମନ୍ତ୍ରିମଣ୍ଡଳ ଗଠନ କରିଥାନ୍ତି । ଏହି ତିନି ଶ୍ରେଣୀର ମନ୍ତ୍ରୀମାନେ ହେଲେ କ୍ୟାବିନେଟ ମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ ଏବଂ ଉପମନ୍ତ୍ରୀ । ମନ୍ତ୍ରିମଣ୍ଡଳର ବରିଷ୍ଠ ଓ ଅଭିଜ୍ଞ ମନ୍ତ୍ରୀମାନଙ୍କୁ କ୍ୟାବିନେଟ ପାହ୍ୟା ଦିଆଯାଇଥାଏ । ଏହି ମନ୍ତ୍ରୀମାନେ ସେମାନଙ୍କୁ ଦିଆଯାଇଥିବା ବିଭାଗର ସ୍ୱାଧୀନ ଦାୟିତ୍ୱରେ ରହିଥାନ୍ତି । ସେମାନେ ଏକ ବା ଏକାଧିକ ବିଭାଗର ଦାୟିତ୍ୱରେ ରହିଥାନ୍ତି । ସେମାନେ କ୍ୟାବିନେଟ ବୈଠକରେ ଯୋଗଦେଇ ନିଜ ନିଜ ବିଭାଗର ସମସ୍ୟା ସହ ରାଷ୍ଟ୍ରର ପରିଚାଳନା ସଂକ୍ରାନ୍ତୀୟ ନୀତିଗତ ନିଷ୍ପତ୍ତି ନେବାରେ ପ୍ରଧାନମନ୍ତ୍ରୀଙ୍କୁ ସାହାଯ୍ୟ କରିଥାଆନ୍ତି । ସାଧାରଣତଃ ସେହିମାନଙ୍କ ପରାମର୍ଶରେ ପ୍ରଧାନମନ୍ତ୍ରୀ ତାଙ୍କର ଦାୟିତ୍ୱ ସମ୍ପାଦନ କରିଥାଆନ୍ତି । କ୍ୟାବିନେଟ ମନ୍ତ୍ରୀମାନଙ୍କୁ ସାହାଯ୍ୟ କରିବା ପାଇଁ ରାଷ୍ଟ୍ର ମନ୍ତ୍ରୀମାନେ ନିଯୁକ୍ତି ହୋଇଥାନ୍ତି । ଏହି ସ୍ତରର ମନ୍ତ୍ରୀମାନଙ୍କର କିଛି ପରିମାଣରେ ପୂର୍ବ ଅଭିଜ୍ଞତା ଥାଏ । ଏମାନେ କ୍ୟାବିନେଟ ମନ୍ତ୍ରୀଙ୍କର ଦାୟିତ୍ୱ ବହୁପରିମାଣରେ ଲାଘବ କରିଥାନ୍ତି । ବେଳେବେଳେ ପ୍ରଧାନମନ୍ତ୍ରୀ ଏହି ସ୍ତରର ମନ୍ତ୍ରୀମାନଙ୍କୁ କେତେକ ବିଭାଗର ସ୍ୱାଧୀନ ଦାୟିତ୍ୱ ମଧ୍ୟ ଦେଇଥାନ୍ତି । ଏହି ଶ୍ରେଣୀର କେତେକ ମନ୍ତ୍ରୀ କ୍ୟାବିନେଟ ମନ୍ତ୍ରୀମାନଙ୍କୁ ସହଯୋଗ କଲାବେଳେ ଅନ୍ୟ କେତେକ ମନ୍ତ୍ରୀ ବିଭାଗୀୟ ଦାୟିତ୍ୱ ସ୍ୱାଧିନ ଭାବରେ ନିର୍ବାହ କରନ୍ତି । ଉପମନ୍ତ୍ରୀମାନେ ମନ୍ତ୍ରିମଣ୍ଡଳର କନିଷ୍ଠ ସଭ୍ୟ । ସାଧାରଣତଃ ଏମାନଙ୍କର ପୂର୍ବ ଅଭିଜ୍ଞତା ନଥାଏ । ସେମାନେ କ୍ୟାବିନେଟ ମନ୍ତ୍ରୀ ଓ ରାଷ୍ଟ୍ରମନ୍ତ୍ରୀ ମାନଙ୍କୁ ସାହାଯ୍ୟ କରିବା ଅବସରରେ ସେମାନଙ୍କୁ ଲକ୍ଷ୍ୟ କରି ସେମାନେ କିଭଳି ସେମାନଙ୍କ ଦାୟିତ୍ୱ ସମ୍ପନ୍ନ କରୁଛନ୍ତି ତାହା ଶିଖିଥାନ୍ତି । ସାଧାରଣତଃ ଦଳର ଯୁବ ସଦସ୍ୟମାନେ ଉପମନ୍ତ୍ରୀ ଭାବରେ ନିଯୁକ୍ତି ପାଇଥାନ୍ତି ।

ଏହି ଦୁଇସ୍ତରର ମନ୍ତ୍ରୀମାନେ କ୍ୟାବିନେଟ ବୈଠକରେ ଯୋଗ ଦିଅନ୍ତି ନାହିଁ। ସମୟ ସମୟରେ ରାଷ୍ଟ୍ରମନ୍ତ୍ରୀମାନେ ବିଶେଷ ଭାବେ ନିମନ୍ତ୍ରିତ ହୋଇ କ୍ୟାବିନେଟ ବୈଠକରେ ଯୋଗ ଦେଇଥାଆନ୍ତି। ପ୍ରଧାନମନ୍ତ୍ରୀ ଉଚିତ ମନେ କଲେ ରାଷ୍ଟ୍ରମନ୍ତ୍ରୀମାନଙ୍କୁ କ୍ୟାବିନେଟ ମନ୍ତ୍ରୀ ଭାବରେ ଏବଂ ଉପମନ୍ତ୍ରୀମାନଙ୍କୁ ରାଷ୍ଟ୍ରମନ୍ତ୍ରୀ ଭାବରେ ପଦନ୍ନୋତି ଦେଇ ପାରନ୍ତି।

ଏହି ଅବସରରେ ସଂସଦୀୟ ସଚିବ (Parliamentry Secretary) ମାନଙ୍କ ସମ୍ବନ୍ଧରେ ସୂଚନା ଦିଆଯାଇ ପାରେ। ଦଳର ଯୁବ ପ୍ରତିଭାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ମନ୍ତ୍ରୀମାନଙ୍କୁ ସେମାନଙ୍କ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ କିଛି ସଂସଦୀୟ ସଚିବମାନଙ୍କୁ ନିଯୁକ୍ତି ଦେଇପାରନ୍ତି। ସଂସଦୀୟ ତଥା ବିଭାଗୀୟ କାର୍ଯ୍ୟ ପରିଚାଳନା କ୍ଷେତ୍ରରେ ଏମାନେ ଶିକ୍ଷାନବୀଶଙ୍କ ଭଳି କାର୍ଯ୍ୟ କରିଥାଆନ୍ତି କାରଣ ଏହି ଅଭିଜ୍ଞତା ଭବିଷ୍ୟତରେ ସେମାନଙ୍କୁ ମନ୍ତ୍ରୀ ଭାବରେ ଦକ୍ଷତାର ସହିତ କାର୍ଯ୍ୟ କରିବା ପାଇଁ ସୁଯୋଗ ପ୍ରଦାନ କରିଥାଏ। ଏହା ଏକ ରାଜନୈତିକ ନିଯୁକ୍ତି ହେଲେ ମଧ୍ୟ ସେମାନଙ୍କୁ ମନ୍ତ୍ରୀ ଭାବରେ ବିବେଚନା କରାଯାଏ ନାହିଁ।

କ୍ୟାବିନେଟ ଓ ମନ୍ତ୍ରିମଣ୍ଡଳ ମଧ୍ୟରେ ପାର୍ଥକ୍ୟ :

ବହୁସମୟରେ ମନ୍ତ୍ରିମଣ୍ଡଳ ଓ କ୍ୟାବିନେଟ ଶବ୍ଦଦୁଇଟି ଆମେ ଗୋଟିଏ ଅର୍ଥରେ ବ୍ୟବହାର କରିଥାଉ। ମାତ୍ର ଏମାନଙ୍କ ମଧ୍ୟରେ କ୍ଷମତାଗତ ପାର୍ଥକ୍ୟ ରହିଛି। କ୍ୟାବିନେଟ କେବଳ ପ୍ରଧାନମନ୍ତ୍ରୀ ଓ କ୍ୟାବିନେଟ ମନ୍ତ୍ରୀମାନଙ୍କୁ ନେଇ ଗଠିତ ହୋଇଥାଏ। କ୍ୟାବିନେଟ ଶାସନ ସଂକ୍ରାନ୍ତୀୟ ସମସ୍ତ ନୀତିଗତ ନିଷ୍ପତ୍ତି ନେଇଥାଏ। ଏହି କ୍ୟାବିନେଟ ସଭ୍ୟ ନିୟମିତ ବ୍ୟବଧାନରେ ମିଳିତ ହୋଇଥାନ୍ତି। ମାତ୍ର ମନ୍ତ୍ରିମଣ୍ଡଳର ସଂପୂର୍ଣ୍ଣ ବୈଠକ କେତେବେଳେ କିପରି ବସିଥାଏ ଏବଂ ଏହି ବୈଠକରେ ରାଜନୈତିକ ଆଲୋଚନା ପ୍ରାଧାନ୍ୟଲାଭ କରିଥାଏ। କ୍ୟାବିନେଟ ବୈଠକରେ କେବଳ କ୍ୟାବିନେଟ ମନ୍ତ୍ରୀମାନେ ଯୋଗ ଦେଇଥାନ୍ତି। ମାତ୍ର ମନ୍ତ୍ରିମଣ୍ଡଳ ବୈଠକରେ ସବୁ ମନ୍ତ୍ରୀମାନେ ଏପରିକି ସଂସଦୀୟ ସଚିବମାନେ ମଧ୍ୟ ଯୋଗ ଦେଇଥାନ୍ତି। ମନ୍ତ୍ରିମଣ୍ଡଳର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ସଂସ୍ଥାକୁ କ୍ୟାବିନେଟ କୁହାଯାଇଥାଏ। ଶାସନ ସମ୍ବନ୍ଧୀୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଏହି କ୍ୟାବିନେଟରେ ଆଲୋଚିତ ହୋଇ ନିଷ୍ପତ୍ତି ନିଆଯାଇଥାଏ।

ମନ୍ତ୍ରିମଣ୍ଡଳର କାର୍ଯ୍ୟ :

କ୍ୟାବିନେଟ ହେଉଛି ମନ୍ତ୍ରିମଣ୍ଡଳର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ। ବସ୍ତୁତଃ ମନ୍ତ୍ରିମଣ୍ଡଳର ସମସ୍ତ କାର୍ଯ୍ୟ କ୍ୟାବିନେଟ ହିଁ ସମ୍ପାଦିତ କରିଥାଏ କାରଣ ଆଗରୁ କୁହାଯାଇଛି ଏହା ହେଉଛି ସର୍ବୋଚ୍ଚ ନୀତି-ନିର୍ଦ୍ଧାରକ ସଂସ୍ଥା। ତେଣୁ ମନ୍ତ୍ରିମଣ୍ଡଳର କାର୍ଯ୍ୟ କହିଲେ ସାଧାରଣଭାବେ ଆମେ ଏହି କ୍ୟାବିନେଟର କାର୍ଯ୍ୟାବଳୀକୁ ବୁଝିଥାଉ।

(୧) ଶାସନ ସଂପର୍କିତ ସମସ୍ତ ନୀତି ଏହି କ୍ୟାବିନେଟରେ ଆଲୋଚନା କରାଯାଇ ସ୍ଥିର କରାଯାଇଥାଏ। ଦେଶର ଅର୍ଥନୀତି, ଆଭ୍ୟନ୍ତରୀଣ ଶାସନନୀତି, ସାମରିକ ନୀତି, ବୈଦେଶିକ ନୀତି ଏହି କ୍ୟାବିନେଟରେ ନିର୍ଦ୍ଧାରଣ କରାଯାଇଥାଏ ଏବଂ ରାଷ୍ଟ୍ରର ଶାସନ ପରିଚାଳନା ପାଇଁ ବରିଷ୍ଠ ମନ୍ତ୍ରୀମାନେ ଏହି ବୈଠକରୁ ହିଁ ଦିଗ୍‌ଦର୍ଶନ ପାଇଥାନ୍ତି।

(୨) କେବଳ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ କ୍ୟାବିନେଟର ଦାୟିତ୍ୱ ସୀମିତ ନୁହେଁ। **ଏହା ନୀତି ଗୁଡ଼ିକର କାର୍ଯ୍ୟକାରିତା ମଧ୍ୟ ତଦାରଖ କରିଥାଏ।** ତେଣୁ ବିଭାଗୀୟ ମନ୍ତ୍ରୀମାନେ ସରକାରୀ କର୍ମକର୍ତ୍ତାମାନଙ୍କ ସାହାଯ୍ୟରେ ସେମାନଙ୍କ ବିଭାଗର ନୀତି ଗୁଡ଼ିକ କାର୍ଯ୍ୟକାରୀ କରିଥାଆନ୍ତି ଏବଂ ଜଟିଳ ସମସ୍ୟା କ୍ଷେତ୍ରରେ କ୍ୟାବିନେଟର ପରାମର୍ଶ ଦେଇଥାଆନ୍ତି। ନୀତି କାର୍ଯ୍ୟକାରିତା ସଂପୂର୍ଣ୍ଣଭାବେ ମନ୍ତ୍ରିମଣ୍ଡଳର ନୈତିକ ଦାୟିତ୍ୱ ଯେଉଁଥିପାଇଁ ସେମାନେ ଦାୟୀ ରହନ୍ତି।

(୩) **ଶାସନରେ ସମନ୍ୱୟ ଓ ସ୍ଥିରତା ରକ୍ଷା ମଧ୍ୟ ମନ୍ତ୍ରିମଣ୍ଡଳର ଏକ ମୁଖ୍ୟ କାର୍ଯ୍ୟ।** ନୀତି ନିର୍ଦ୍ଧାରଣ ହୋଇଗଲେ ଶାସନ ସୁରୁଖୁରୁରେ ହୋଇଥାଏ ଏହା ବିଚାରିବା ଭ୍ରମାତ୍ମକ। ବହୁ ସମୟରେ ସୁସ୍ପଷ୍ଟ ଶାସନ ନୀତି ସତ୍ତ୍ୱେ ସରକାରଙ୍କର ବିଭିନ୍ନ ବିଭାଗ ମଧ୍ୟରେ ଏହାର କାର୍ଯ୍ୟକାରିତା ନେଇ ମତ ପାର୍ଥକ୍ୟ ଦେଖାଯାଏ। ଏହି ମତପାର୍ଥକ୍ୟ ରାଜନୈତିକ ସ୍ତରରେ ମନ୍ତ୍ରୀମାନଙ୍କ ମଧ୍ୟରେ ଆଲୋଚନାରେ ଏଡ଼ାଯାଇ ନ ପାରିଲେ କ୍ୟାବିନେଟ କୁ ସମାଧାନ ପାଇଁ ଆସିଥାଏ। କ୍ୟାବିନେଟର ନିଷ୍ପତି କ୍ରମେ ଶାସନ ବିଭାଗ ମାନଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ କରାଯାଇଥାଏ। ବିଭାଗୀୟ କନ୍ଦଳ ବା ମତପାର୍ଥକ୍ୟ ଶାସନରେ ସ୍ଥିରତା ନଷ୍ଟ କରିଥାଏ। ଶାସନ ପାଇଁ ଆବଶ୍ୟକ ହେଉଥିବା ନୀତିଗତ ଆଇନ କ୍ୟାବିନେଟରେ ଆଲୋଚିତ ହୋଇଥାଏ ତେଣୁ **ବିଭାଗୀୟ ମନ୍ତ୍ରୀମାନେ ବିଧେୟକ ପ୍ରସ୍ତୁତ କରି କ୍ୟାବିନେଟର ଦିଗ୍‌ଦର୍ଶନ ନେଇ ଥାଆନ୍ତି** ଏବଂ ଆବଶ୍ୟକ ସ୍ଥଳେ କ୍ୟାବିନେଟ ଏହି ବିଧେୟକରେ କିଛି ପରିବର୍ତ୍ତନ ଆଣିବା ପାଇଁ ପ୍ରସ୍ତାବ ଦେଇଥାଏ। ରାଷ୍ଟ୍ରପତିଙ୍କ ଅଭିଭାଷଣ ମଧ୍ୟ କ୍ୟାବିନେଟ ଦ୍ୱାରା ପ୍ରସ୍ତୁତ କରାଯାଇଥାଏ।

(୪) **ଦେଶର ବୈଦେଶିକ ନୀତି ର ଭିତ୍ତିଭୂମି କ୍ୟାବିନେଟ ବୈଠକରେ ପ୍ରସ୍ତୁତ କରାଯାଇଥାଏ।** ପରିବର୍ତ୍ତିତ ପରିସ୍ଥିତିରେ କେଉଁ ଦେଶ ସହିତ କିଭଳି ସଂପର୍କ ରଖାଯିବ ତାହା ବିସ୍ତୃତ ଭାବରେ ଆଲୋଚନା କରାଯାଇ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀଙ୍କୁ କ୍ଷମତା ଦିଆଯାଇଥାଏ।

(୫) ସେହିଭଳି **ଆର୍ଥିକ କ୍ଷେତ୍ରରେ ମଧ୍ୟ କେଉଁଭଳି ପଦକ୍ଷେପ ନିଆଯିବା ବା ସଂସ୍କାର ଅଣାଯିବ ସେ ସମ୍ବନ୍ଧରେ ମନ୍ତ୍ରୀମାନେ ସେମାନଙ୍କର ସୁଚିନ୍ତିତ ମତାମତ ଦିଅନ୍ତି** କାରଣ ଯେକୌଣସି ଦେଶର ପ୍ରଗତିରେ ତାର ଅର୍ଥନୈତିକ କାର୍ଯ୍ୟକ୍ରମର ଭୂମିକା ଯେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏକଥା ଯେ କେହି ସ୍ୱୀକାର କରିବେ। ଏହାଛଡ଼ା ଅର୍ଥମନ୍ତ୍ରୀ ବଜେଟ ପ୍ରସ୍ତୁତ କରିବା ଆଗରୁ ସରକାର ଏବଂ ଅର୍ଥନୈତିକ ଆଭିମୁଖ୍ୟ ସଂପର୍କରେ କ୍ୟାବିନେଟରେ ବିଶଦ ଆଲୋଚନା କରାଯାଇଥାଏ। ଫଳରେ ଅର୍ଥମନ୍ତ୍ରୀ ତାଙ୍କ ବଜେଟରେ ସରକାରଙ୍କର ଆଭିମୁଖ୍ୟକୁ ପ୍ରତିଫଳିତ କରିବା ପାଇଁ ଚେଷ୍ଟା କରିଥାଆନ୍ତି। ଲୋକସଭାରେ ଆଗତ ହେବା ପୂର୍ବରୁ ବଜେଟର ବିଭିନ୍ନ ଦିଗ କ୍ୟାବିନେଟରେ ଆଲୋଚିତ ହୋଇ ଅନୁମୋଦିତ ହୋଇଥାଏ।

(୬) **ମନ୍ତ୍ରିମଣ୍ଡଳର ସଦସ୍ୟଗଣ ମିଳିତ ଭାବେ ଲୋକସଭା ନିକଟରେ ଉତ୍ତରଦାୟୀ।** ସଂସଦର ଉଭୟ ଗୃହର ସଦସ୍ୟମାନଙ୍କ ପ୍ରଶ୍ନ ଓ ଜିଜ୍ଞାସାର ତଥ୍ୟମୂଳକ ତଥା ସତ୍ୟ ଉତ୍ତର ଓ ସ୍ପଷ୍ଟୀକରଣ ଦେବା ପାଇଁ ମନ୍ତ୍ରୀମାନେ ବାଧ୍ୟ। ଜଣେ ମନ୍ତ୍ରୀଙ୍କୁ ସାହାଯ୍ୟ କରିବା ପାଇଁ ପ୍ରଧାନମନ୍ତ୍ରୀ ମଧ୍ୟ ଆଗେଇ ଆସନ୍ତି। ମନ୍ତ୍ରିମଣ୍ଡଳର ମିଳିତ ଦାୟିତ୍ୱ ଯୋଗୁଁ ସେମାନେ ସାଙ୍ଗ ହୋଇ ସନ୍ତରଣ କିମ୍ବା ସାଙ୍ଗ ହୋଇ ବୁଡ଼ି ମରନ୍ତି ବୋଲି କୁହାଯାଏ। ଲୋକ ସଭାରେ ଅନାସ୍ଥା ପ୍ରସ୍ତାବ ଗୃହୀତ ହେଲେ ମନ୍ତ୍ରିମଣ୍ଡଳ ଇସ୍ତଫା ଦିଏ।

(୭) ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ **କ୍ୟାବିନେଟ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେଇଥାଏ ।** ରାଜ୍ୟପାଳ ମାନେ ରାଷ୍ଟ୍ରପତିଙ୍କ ପାଖକୁ ଯେଉଁ ଶାସନ ସମ୍ବନ୍ଧରେ ରିପୋର୍ଟ ପଠାଇ ଥାନ୍ତି ତାହା ବାସ୍ତବରେ କ୍ୟାବିନେଟରେ ଆଲୋଚିତ ହୋଇଥାଏ ଏବଂ ସେହି ରିପୋର୍ଟ ଅନୁସାରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ କରାଯିବ ତାହା କ୍ୟାବିନେଟରେ ଆଲୋଚିତ ହୋଇ ରାଷ୍ଟ୍ରପତିଙ୍କୁ ପରାମର୍ଶ ଆକାରରେ ଦିଆଯାଇଥାଏ ଯାହା କାର୍ଯ୍ୟକାରୀ କରିବା ପାଇଁ ରାଷ୍ଟ୍ରପତି ବାଧ ଅଟନ୍ତି ।

ପ୍ରଧାନମନ୍ତ୍ରୀ

ସଂସଦୀୟ ଶାସନ ବ୍ୟବସ୍ଥାରେ ପ୍ରଧାନମନ୍ତ୍ରୀ ଅତ୍ୟନ୍ତ ପ୍ରଭାବଶାଳୀ ଏବଂ ଉଚ୍ଚ କ୍ଷମତା ସମ୍ପନ୍ନ ପଦବୀର ଅଧିକାରୀ । ସେ ମନ୍ତ୍ରିମଣ୍ଡଳ ତଥା ସମଗ୍ର ଶାସନର କେନ୍ଦ୍ରବିନ୍ଦୁ । ବାସ୍ତବରେ ରାଷ୍ଟ୍ରପତିଙ୍କଠାରେ ନ୍ୟସ୍ତ ସମସ୍ତ କ୍ଷମତା ତାଙ୍କର ତତ୍ତ୍ୱାବଧାନ ଏବଂ ନିର୍ଦ୍ଦେଶରେ ହିଁ ମନ୍ତ୍ରିମଣ୍ଡଳ ଦ୍ୱାରା ସମ୍ପାଦିତ ହୋଇଥାଏ । ସେ ବାସ୍ତବରେ ଶାସନ ମୁଖ୍ୟ ଭାବରେ କାର୍ଯ୍ୟ କରିଥାନ୍ତି ।

ନିଯୁକ୍ତି :

ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କ ଦ୍ୱାରା ୫ ବର୍ଷ ପାଇଁ ନିଯୁକ୍ତି ପାଇଥାନ୍ତି । ପ୍ରଧାନମନ୍ତ୍ରୀଙ୍କ ନିଯୁକ୍ତି ବିଷୟରେ ସମ୍ବିଧାନରେ ବିଶଦ୍ ଭାବରେ ଉଲ୍ଲେଖ ନାହିଁ । କେବଳ ୭୫ ଧାରାରେ କୁହାଯାଇଛି ଯେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହେବେ । ସଂସଦୀୟ ଗଣତନ୍ତ୍ରର ପରମ୍ପରା ଅନୁଯାୟୀ ଲୋକସଭାର ସଂଖ୍ୟା ଗରିଷ୍ଠ ଦଳର ନେତା ବା ନେତ୍ରୀଙ୍କୁ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ଭାବରେ ନିଯୁକ୍ତି ଦେବାକୁ ବାଧ ହୋଇଥାନ୍ତି । କିନ୍ତୁ ଯଦି ଲୋକସଭାରେ କୌଣସି ଦଳ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ଲାଭ ନ କରେ ସେ କ୍ଷେତ୍ରରେ ରାଷ୍ଟ୍ରପତି ତାଙ୍କର ଇଚ୍ଛାଧିନ କ୍ଷମତା ପ୍ରୟୋଗ କରିଥାନ୍ତି ଏହି କ୍ଷମତା ପ୍ରୟୋଗ କଲାବେଳେ କେଉଁ ବ୍ୟକ୍ତିଙ୍କ ପଛରେ ଲୋକସଭାର ସଂଖ୍ୟାଧିକ ସଭ୍ୟଙ୍କ ସମର୍ଥନ ଥାଏ ତାହା ସେ ବିଚାରକୁ ନେଇଥାନ୍ତି ।

ପ୍ରଧାନମନ୍ତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଯୋଗ୍ୟତା ନିର୍ଦ୍ଧାରିତ ହୋଇନାହିଁ । ତେବେ ଲୋକସଭାର ସଦସ୍ୟ ହେବା ପାଇଁ ତାଙ୍କର ସମସ୍ତ ଯୋଗ୍ୟତା ଥିବା ଆବଶ୍ୟକ । ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାନ୍ତି । ସମ୍ବିଧାନର ୭୫(୨) ଧାରା ଅନୁସାରେ ମନ୍ତ୍ରୀମାନେ ରାଷ୍ଟ୍ରପତିଙ୍କର ପ୍ରସନ୍ନତା ପର୍ଯ୍ୟନ୍ତ କ୍ଷମତାରେ ରହନ୍ତି । ପ୍ରଧାନମନ୍ତ୍ରୀ ମଧ୍ୟ ଏହି ସର୍ତ୍ତର ଅଧୀନ । ବାସ୍ତବ ଅର୍ଥରେ କହିଲେ ଲୋକସଭାର ସଂଖ୍ୟା ଗରିଷ୍ଠ ସମର୍ଥନ ଲାଭ କରୁଥିବା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ନିଜ ପଦବୀରେ ରହନ୍ତି । ରାଷ୍ଟ୍ରପତିଙ୍କର ଇଚ୍ଛା ଉପରେ ନିର୍ଭର କରେ ନାହିଁ । ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କର ମାସିକ ଦରମା ୧ ଲକ୍ଷ ୩୫ ହଜାର ଟଙ୍କା ଅଟେ ।

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟ :

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟ ସମ୍ବନ୍ଧରେ ମଧ୍ୟ ସମ୍ବିଧାନରେ ବିଶେଷ କିଛି ଉଲ୍ଲେଖ ନାହିଁ । ତାଙ୍କର କାର୍ଯ୍ୟ ସମ୍ବନ୍ଧରେ କେବଳ ୭୮ ଧାରାରେ ବର୍ଣ୍ଣନା କରାଯାଇଛି, ସେ (କ) ମନ୍ତ୍ରିମଣ୍ଡଳର ସମସ୍ତ ନିଷ୍ପତ୍ତି ରାଷ୍ଟ୍ରପତିଙ୍କୁ ଜଣାଇବେ (କ) ରାଷ୍ଟ୍ରପତି ଚାହିଁଲେ ସେ ଶାସନ ସଂପର୍କୀୟ ସମସ୍ତ ତଥ୍ୟ ତାଙ୍କୁ ଜଣାଇବେ ଏବଂ (ଗ) ଯଦି ଜଣେ ମନ୍ତ୍ରୀ

ମନ୍ତ୍ରିମଣ୍ଡଳର ବିନା ଅନୁମୋଦନରେ କୌଣସି ନିଷ୍ପତ୍ତି ନେଇଥାନ୍ତି ତେବେ ସେହି ବିଷୟଟିକୁ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ କ୍ରମେ ପ୍ରଧାନମନ୍ତ୍ରୀ ମନ୍ତ୍ରିମଣ୍ଡଳର ବିଚାର ପାଇଁ ଉପସ୍ଥାପନ କରିବେ। କିନ୍ତୁ ପ୍ରକୃତ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଯଥେଷ୍ଟ ଅଧିକ କାର୍ଯ୍ୟ ସମ୍ପାଦନ କରିଥାନ୍ତି।

(୧) ପ୍ରଧାନମନ୍ତ୍ରୀ ମନ୍ତ୍ରିମଣ୍ଡଳର ଗଠନ, ଅଭିବୃଦ୍ଧି ଓ ବିଲୟର କେନ୍ଦ୍ରବିନ୍ଦୁ

ମନ୍ତ୍ରିମଣ୍ଡଳ ଗଠନର ପ୍ରକ୍ରିୟା ପ୍ରଧାନମନ୍ତ୍ରୀଙ୍କ ନିଯୁକ୍ତିରୁ ହିଁ ହୋଇଥାଏ। ପ୍ରଧାନମନ୍ତ୍ରୀ ପ୍ରଥମେ ନିଯୁକ୍ତି ପାଆନ୍ତି ତା ପରେ ସେ ନିଜର ମନୋନୀତ ଦଳୀୟ ନେତାମାନଙ୍କ ନାମ ମନ୍ତ୍ରୀପଦ ପାଇଁ ରାଷ୍ଟ୍ରପତିଙ୍କୁ ସୁପାରିଶ କରିଥାଆନ୍ତି। ମନ୍ତ୍ରୀମାନଙ୍କୁ ନିଯୁକ୍ତି ଦେବା କ୍ଷେତ୍ରରେ ରାଷ୍ଟ୍ରପତିଙ୍କ କେବଳ ଔପଚାରିକ ଭୂମିକା ଛଡ଼ା ଅନ୍ୟ ବିକଳ୍ପ ନାହିଁ। ପ୍ରଧାନମନ୍ତ୍ରୀ ସୁପାରିଶ କଲେ ସେ ଚାହୁଁନଥିବା ଜଣେ ବ୍ୟକ୍ତିଙ୍କୁ ମଧ୍ୟ ମନ୍ତ୍ରୀଭାବେ ନିଯୁକ୍ତି ଦେବା ପାଇଁ ବାଧ ହୋଇଥାନ୍ତି। ମନ୍ତ୍ରୀମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ ମଧ୍ୟ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କର ଇଚ୍ଛାନୁଯାୟୀ କରିଥାଆନ୍ତି। ଅବଶ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କୁ ମନୋୟନ କଲାବେଳେ ପ୍ରଧାନମନ୍ତ୍ରୀ କେତେଗୁଡ଼ିଏ ନୀତି ଅନୁସରଣ କରନ୍ତି। ବିଭିନ୍ନ ଅଞ୍ଚଳ ଯେପରି ମନ୍ତ୍ରିମଣ୍ଡଳରେ ସ୍ଥାନ ପାଏ ତାହା ସେ ଦେଖନ୍ତି ଅନ୍ୟଥା ଏହା ଅସନ୍ତୋଷ ସୃଷ୍ଟି କରି ପରବର୍ତ୍ତୀ ପର୍ଯ୍ୟାୟରେ ମନ୍ତ୍ରିମଣ୍ଡଳକୁ ଦୁର୍ବଳ କରିଦିଏ। ଏହା ଛଡ଼ା ସଂଖ୍ୟାଲଘୁ ସମ୍ପ୍ରଦାୟ, ଅନୁସୂଚିତ ଜାତି ଓ ଜନଜାତି, ଦଳିତ ଲୋକଙ୍କ ପ୍ରତିନିଧିତ୍ୱ ମଧ୍ୟ ବିଚାରକୁ ନେଇଥାନ୍ତି। ଦଳର ବରିଷ୍ଠ, ଅଭିଜ୍ଞ, ଅନୁଗତ, ଅସନ୍ତୁଷ୍ଟ ତଥା ଯୁବ ସାଂସଦମାନଙ୍କ କଥା ବିଚାରକୁ ନେଇ ଏକ ସମତୁଳ ମନ୍ତ୍ରିମଣ୍ଡଳ ଗଠନ କରିବାକୁ ପ୍ରୟାସ କରିଥାନ୍ତି।

ଇଚ୍ଛା କଲେ ଯେ କୌଣସି ସମୟରେ ସେ ମନ୍ତ୍ରିମଣ୍ଡଳରେ ପରିବର୍ତ୍ତନ ଆଣିପାରନ୍ତି। କିଛି ମନ୍ତ୍ରୀଙ୍କୁ ବିଦା କରିପାରନ୍ତି ବା ନୂଆ ମନ୍ତ୍ରୀମାନଙ୍କୁ ସାମିଲ କରିପାରନ୍ତି ବା କେତେକଙ୍କର ବା ସମସ୍ତଙ୍କ ବିଭାଗରେ ପରିବର୍ତ୍ତନ ଆଣିପାରନ୍ତି।

ପ୍ରଧାନମନ୍ତ୍ରୀଙ୍କର ମୃତ୍ୟୁ ହେଲେ ବା ସେ ଇସ୍ତଫା ଦେଲେ ମନ୍ତ୍ରିମଣ୍ଡଳ ଆପେ ଆପେ ଭାଙ୍ଗିଯାଏ। ପଣ୍ଡିତ ଜବହାରଲାଲ ନେହେରୁ, ଲାଲ ବାହାଦୂର ଶାସ୍ତ୍ରୀ, ଇନ୍ଦିରାଗାନ୍ଧୀ ଓ ରାଜୀବ ଗାନ୍ଧୀ ଆଦି ପ୍ରଧାନମନ୍ତ୍ରୀମାନଙ୍କ ମୃତ୍ୟୁପରେ ପରେ ମନ୍ତ୍ରିମଣ୍ଡଳ ଆପେ ଆପେ ଭାଙ୍ଗି ଯାଇଥିଲା ଏବଂ ସଙ୍ଗେ ସଙ୍ଗେ ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତ ହୋଇଥିଲେ। ସେହିଭଳି ୧୯୭୯ ରେ ମୋରାରଜୀ ଦେଶାଇ ଏବଂ ୧୯୮୦ରେ ବିଶ୍ୱନାଥ ପ୍ରତାପ ସିଂ ଇସ୍ତଫା ଦେବା ପରେ ସେମାନଙ୍କ ମନ୍ତ୍ରିମଣ୍ଡଳ ମଧ୍ୟ ଭାଙ୍ଗିଯାଇଥିଲା।

କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଛଡ଼ା ଯଦି ଅନ୍ୟ ସବୁ ମନ୍ତ୍ରୀ ଇସ୍ତଫା ଦିଅନ୍ତି, ତେବେ ମନ୍ତ୍ରିମଣ୍ଡଳ ଭାଙ୍ଗିବ ନାହିଁ।

(୨) କ୍ୟାବିନେଟ ବୈଠକରେ ଅଧକ୍ଷତା

ପ୍ରଧାନମନ୍ତ୍ରୀ କ୍ୟାବିନେଟ ବୈଠକରେ ଅଧକ୍ଷତା କରନ୍ତି। କ୍ୟାବିନେଟ୍ ହେଉଛି ଦେଶର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ସଂସ୍ଥା । ଏହି ସଂସ୍ଥା ନୀତି ପ୍ରଣୟନ କରେ, ନୀତିକୁ କାର୍ଯ୍ୟକାରୀ କରେ। ବିଭାଗୀୟ ଶାସନକୁ ସମନ୍ୱିତ କରେ, ମନ୍ତ୍ରିମଣ୍ଡଳର ରାଜନୀତିକୁ ସନ୍ତୁଳିତ କରେ ଏବଂ ସର୍ବୋପରି ରାଷ୍ଟ୍ରର ଅଖଣ୍ଡତା ଓ ନିରାପତ୍ତା ରକ୍ଷା କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେଇଥାଏ। ଏ ସମସ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କ୍ୟାବିନେଟ୍‌ର ବୈଠକରେ ସ୍ଥିର କରାଯାଏ।

ଏହି ବୈଠକମାନଙ୍କରେ ପ୍ରଧାନମନ୍ତ୍ରୀ ଅଧ୍ୟକ୍ଷତା କରିଥାନ୍ତି । ବାସ୍ତବରେ ବୈଠକରେ ପ୍ରଧାନମନ୍ତ୍ରୀ ସମସ୍ତ ଆଲୋଚନାର ନେତୃତ୍ୱ ନେଇଥାନ୍ତି ଏବଂ ସମସ୍ତ ନୀତିଗତ ନିଷ୍ପତ୍ତି ସେ ନେଇଥାଆନ୍ତି । ଅବଶ୍ୟ ଅନ୍ୟ ବରିଷ୍ଠ ମନ୍ତ୍ରୀମାନେ ସେମାନଙ୍କର ପରାମର୍ଶ ପ୍ରଦାନ କରିଥାନ୍ତି ଏବଂ ପ୍ରଧାନମନ୍ତ୍ରୀଙ୍କ ନୀତିକୁ କିପରି କାର୍ଯ୍ୟକାରୀ କରାଯାଇପାରିବ ତାହାର ବିଚାର କରିଥାନ୍ତି ।

ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ନିଷ୍ପତ୍ତି କ୍ୟାବିନେଟ କମିଟି ମାଧ୍ୟମରେ ନିଆଯାଏ । କ୍ୟାବିନେଟ କମିଟିମାନେ ପ୍ରଶାସନିକ ସ୍ତରରେ ବହୁ ଆଲୋଚନା ପର୍ଯ୍ୟାଲୋଚନା ପରେ ବିଭାଗୀୟ ନୀତି ବା ଶାସନ ଖସଡ଼ା ପ୍ରସ୍ତୁତ କରି କ୍ୟାବିନେଟକୁ ପ୍ରସ୍ତାବ ଆକାରରେ ନେଇଥାନ୍ତି ଏବଂ କ୍ୟାବିନେଟରେ ଏହାର ତର୍ଜମା ପରେ ଏହାକୁ ଗ୍ରହଣ କରାଯାଇଥାଏ । ପ୍ରଧାନମନ୍ତ୍ରୀ ମଧ୍ୟ ଏହି କ୍ୟାବିନେଟ କମିଟିର ଏବଂ କ୍ୟାବିନେଟ ଉଭୟଙ୍କର ଅଧ୍ୟକ୍ଷ ଭାବରେ ଉଭୟଙ୍କୁ ଦିଗ୍‌ଦର୍ଶନ ଏବଂ ନେତୃତ୍ୱ ପ୍ରଦାନ କରିଥାନ୍ତି । ଯେଉଁ ମନ୍ତ୍ରୀ କ୍ୟାବିନେଟର ସିଦ୍ଧାନ୍ତ ସହ ଏକମତ ନ ହୁଅନ୍ତି ସେ ଇସ୍ତଫା ଦେବାକୁ ବାଧ୍ୟ ହୁଅନ୍ତି । କାରଣ ମିଳିତ ଦାୟିତ୍ୱ ଦେଉଛି ସଂସଦୀୟ ଗଣତନ୍ତ୍ରର ଆଧାର । ମନ୍ତ୍ରିମଣ୍ଡଳର ସମସ୍ତ ସଭ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି ସହ ଏକମତ ହେବା ପାଇଁ ବାଧ୍ୟ । କୌଣସି ମନ୍ତ୍ରୀ ଯଦି ଅନୁସୃତ ନୀତିକୁ ଗ୍ରହଣ କରି ନପାରନ୍ତି ତେବେ ସେ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇ ସେ ନୀତିର ସମାଲୋଚନା କରିପାରନ୍ତି ।

(୩) ଯୋଗସୂତ୍ର ରକ୍ଷା

ରାଷ୍ଟ୍ରପତି ଏବଂ ମନ୍ତ୍ରିମଣ୍ଡଳ ମଧ୍ୟରେ ପ୍ରଧାନମନ୍ତ୍ରୀ ଯୋଗସୂତ୍ର ରକ୍ଷା କରିଥାଆନ୍ତି । କ୍ୟାବିନେଟ୍ ଆଲୋଚନା ପରେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରି ମନ୍ତ୍ରିମଣ୍ଡଳର ନିଷ୍ପତ୍ତି ବିଷୟରେ ଅବଗତ କରାଇବା ପ୍ରଧାନମନ୍ତ୍ରୀଙ୍କର କାର୍ଯ୍ୟ । ରାଷ୍ଟ୍ରପତି ଯେହେତୁ କ୍ୟାବିନେଟ୍ ବୈଠକରେ ଯୋଗ ଦିଅନ୍ତି ନାହିଁ ସେଥିପାଇଁ ପ୍ରଧାନମନ୍ତ୍ରୀ ତାଙ୍କୁ ସମସ୍ତ ନିଷ୍ପତ୍ତି ସମ୍ବନ୍ଧରେ ଜଣାଇଥାନ୍ତି ଏବଂ ରାଷ୍ଟ୍ରପତିଙ୍କ ସଙ୍ଗେ ଯେତେବେଳେ ଯାହା ଆଲୋଚନା କରନ୍ତି ତାକୁ ମଧ୍ୟ ଶାସନର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ମନ୍ତ୍ରୀମାନଙ୍କୁ ଜଣାଇଥାନ୍ତି ଏହା ରାଷ୍ଟ୍ରପତିଙ୍କର ମନୋଭାବକୁ ମନ୍ତ୍ରୀମାନଙ୍କ ପାଖରେ ସ୍ପଷ୍ଟ କରିଥାଏ । ଏହା ଛଡ଼ା ମନ୍ତ୍ରୀମାନେ ରାଷ୍ଟ୍ରପତିଙ୍କ ସହ ପ୍ରାଶାସନିକ ବା ନୀତିଗତ ଆଲୋଚନା ପାଇଁ ଯିବା ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରି ତାଙ୍କ ଅନୁମତି ନେଇ ଯାଇଥାନ୍ତି । ତେଣୁ ମନ୍ତ୍ରିମଣ୍ଡଳ ଓ ରାଷ୍ଟ୍ରପତିଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରିବାର ଦାୟିତ୍ୱ ପ୍ରଧାନମନ୍ତ୍ରୀଙ୍କ ଉପରେ ନ୍ୟସ୍ତ ।

(୪) ଲୋକସଭାର ନେତା

ଲୋକସଭାର ନେତା ଭାବରେ ପ୍ରଧାନମନ୍ତ୍ରୀ କାର୍ଯ୍ୟ କରିଥାଆନ୍ତି । ଲୋକସଭାରେ ସଂଖ୍ୟାଗରିଷ୍ଠ ଦଳର ନେତା ତଥା ସରକାରର ମୁଖ୍ୟ ହିସାବରେ ପ୍ରଧାନମନ୍ତ୍ରୀ ଗୃହର ନେତା ଭାବରେ ମାନ୍ୟତା ପାଇଥାନ୍ତି । ଏହି ନେତା ହିସାବରେ ବାଚସ୍ପତି ଗୃହର କାର୍ଯ୍ୟସୂଚୀ ପ୍ରସ୍ତୁତ କଲାବେଳେ ତାଙ୍କ ପରାମର୍ଶ ନେଇଥାନ୍ତି । ଗୃହର ନେତା ହିସାବରେ ସେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସରକାରୀ ସୂଚନା ପ୍ରଦାନ କରିଥାଆନ୍ତି । ଗୃହର ସଦସ୍ୟମାନଙ୍କର ଶାସନ ସମ୍ବନ୍ଧୀୟ ସମସ୍ତ ଜିଜ୍ଞାସାର ସ୍ପଷ୍ଟୀକରଣ ପ୍ରଦାନ କରିଥାନ୍ତି । ମୂଳତବୀ ପ୍ରସ୍ତାବ ବା ଅନାସ୍ଥା ପ୍ରସ୍ତାବର ଆଲୋଚନା ଶେଷରେ ସରକାରଙ୍କ ତରଫରୁ ସମସ୍ତ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରି ବିରୋଧୀ ଦଳର ସଭ୍ୟମାନଙ୍କ ଭୁଲ ବୁଝାମଣାକୁ ଦୂର କରିବା ପାଇଁ ଚେଷ୍ଟା କରିଥାନ୍ତି ।

(୫) ରାଷ୍ଟ୍ରପତିଙ୍କର ପରାମର୍ଶଦାତା

ପ୍ରଧାନମନ୍ତ୍ରୀ ହେଉଛନ୍ତି ରାଷ୍ଟ୍ରପତିଙ୍କର ମୁଖ୍ୟ ପରାମର୍ଶଦାତା। ମନ୍ତ୍ରିମଣ୍ଡଳ ଓ ରାଷ୍ଟ୍ରପତିଙ୍କ ମଧ୍ୟରେ ସେ ହେଉଛନ୍ତି ସଂଯୋଗର ସେତୁ। ଲୋକସଭା ଭଙ୍ଗ, ଅଧ୍ୟାଦେଶ ଜାରି, ମନ୍ତ୍ରିମଣ୍ଡଳର ସଂପ୍ରସାରଣ, ପୁନର୍ଗଠନ, ଜରୁରୀକାଳୀନ ପରିସ୍ଥିତି ଘୋଷଣା ଆଦି ବିଭିନ୍ନ ବିଷୟରେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ସାଧାରଣତଃ ରାଷ୍ଟ୍ରପତି ଗ୍ରହଣ କରନ୍ତି।

(୬) ବୈଦେଶିକ ନୀତିର ନିର୍ଦ୍ଦେଶକ

ପ୍ରଧାନମନ୍ତ୍ରୀ ଦେଶର ବୈଦେଶିକ ନୀତି ଓ ସମ୍ପର୍କ ପରିଚାଳନାର ମୁଖ୍ୟ ନିର୍ଦ୍ଦେଶକ। ଏହି ବିଭାଗକୁ ସେ ନିଜେ ରଖିପାରନ୍ତି ଅଥବା ଜଣେ ଦକ୍ଷ କ୍ୟାବିନେଟ୍ ସହଯୋଗୀଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିପାରନ୍ତି। ସେ ବିଭିନ୍ନ ରାଷ୍ଟ୍ର-ଆନ୍ତର୍ଜାତୀୟ ଅନୁଷ୍ଠାନ ଓ ସମ୍ମିଳନୀରେ ଭାରତର ପ୍ରତିନିଧିତ୍ୱ କରନ୍ତି। ପ୍ରଧାନମନ୍ତ୍ରୀଙ୍କ ସଫଳ ବୈଦେଶିକ ନୀତି ପରିଚାଳନା ରାଷ୍ଟ୍ରକୁ ଗୌରବାନ୍ୱିତ କରିବା ସଂଗେ ସଂଗେ ରାଷ୍ଟ୍ରୀୟ ସ୍ୱାର୍ଥର ସୁରକ୍ଷା ଓ ବିକାଶରେ ସହାୟକ ହୁଏ।

(୭) ରାଷ୍ଟ୍ରର ନେତା

ସେ ରାଷ୍ଟ୍ରର ନେତା ହିସାବରେ ମଧ୍ୟ କାର୍ଯ୍ୟ କରିଥାନ୍ତି। ସମସ୍ତ ଗୁରୁତ୍ୱପୂର୍ଣ୍ଣ ଆନ୍ତର୍ଜାତିକ ସମ୍ମେଳନରେ ସେ ରାଷ୍ଟ୍ରର ପ୍ରତିନିଧିତ୍ୱ କରିଥାନ୍ତି। ରାଷ୍ଟ୍ରର ସ୍ୱାର୍ଥ ଏବଂ ଆବଶ୍ୟକତାକୁ ଆଖି ଆଗରେ ରଖି ବିଭିନ୍ନ ବୈଦେଶିକ ରାଷ୍ଟ୍ରମାନଙ୍କ ସଙ୍ଗେ ସଂପର୍କ ନିରୂପଣ କରିଥାନ୍ତି। ତାଙ୍କର ମତାମତକୁ ରାଷ୍ଟ୍ରର ମତ ଭାବରେ ବିବେଚନା କରାଯାଇଥାଏ। ତାଙ୍କର ବ୍ୟକ୍ତିତ୍ୱ, ପାରଦର୍ଶିତା, ବାକ୍ ପଟୁତା ଏବଂ ସର୍ବୋପରି ତାଙ୍କର ନେତୃତ୍ୱ ଉପରେ ରାଷ୍ଟ୍ରର ଆନ୍ତର୍ଜାତିକ ସ୍ଥିତି ନିର୍ଭର କରେ।

ଆଭ୍ୟନ୍ତରୀଣ ଗଣ୍ଡଗୋଳ, ଦୈବୀ ଦୁର୍ବିପାକ ଆଦି ଦୁର୍ଦ୍ଦିନରେ ଦେଶବାସୀ ପ୍ରଧାନମନ୍ତ୍ରୀଙ୍କୁ ହିଁ ଅପେକ୍ଷା କରିଥାନ୍ତି। ତାଙ୍କର ବ୍ୟକ୍ତିଗତ ହସ୍ତକ୍ଷେପ, ଗସ୍ତ, ବାର୍ତ୍ତା ଏ ସବୁକୁ ବହୁ ପରିମାଣରେ ନିୟନ୍ତ୍ରିତ କରିଥାଏ।

ପ୍ରଧାନମନ୍ତ୍ରୀଙ୍କ ସ୍ଥିତି :

ଭାରତୀୟ ସାଂବିଧାନିକ ବ୍ୟବସ୍ଥାକୁ ଲକ୍ଷ୍ୟ କଲେ ପ୍ରଧାନମନ୍ତ୍ରୀଙ୍କ ବ୍ୟାପକ କ୍ଷମତା ସମ୍ବନ୍ଧରେ ଯଥେଷ୍ଟ ସୂଚନା ମିଳେ। ସେ ବାସ୍ତବରେ ଦେଶ ଶାସନର ମେରୁଦଣ୍ଡ ଭାବରେ କାର୍ଯ୍ୟ କରନ୍ତି। ଯଦିଓ ସମ୍ବିଧାନରେ ତାଙ୍କର କ୍ଷମତା ବିଷୟରେ ବିଶଦ୍ ଭାବରେ ଆଲୋଚନା କରାଯାଇନାହିଁ ତଥାପି ସ୍ୱାଧୀନତା ପରଠାରୁ ଆଜି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀଙ୍କ କ୍ଷମତାକୁ ଅନୁଶୀଳନ କଲେ ଜାତୀୟ ରାଜନୀତି ତଥା ସାମ୍ବିଧାନିକ ବ୍ୟବସ୍ଥାରେ ତାଙ୍କର ସ୍ଥିତି ସମ୍ବନ୍ଧରେ ଏକ ସ୍ୱଷ୍ଟ ଚିତ୍ର ଆମେ ପାଇପାରିବା।

ତାଙ୍କର ସ୍ଥିତି ଆକଳନ କରିବାକୁ ଯାଇ ଇଂଲଣ୍ଡର ବିଶିଷ୍ଟ ଐତିହାସିକ Ramsay Muir ତାଙ୍କୁ “First among Equals” ବା **ସମାସ୍କନ୍ଧ ସହକର୍ମୀଙ୍କ ମଧ୍ୟରେ ପ୍ରଥମ** ଭାବେ ବର୍ଣ୍ଣନା କରିଥିଲେ। ତାଙ୍କର କ୍ଷମତାକୁ ଅନୁଶୀଳନ କଲେ ଆମେ ଏହିମତ ସହ ଏକମତ ହୋଇପାରିବା ନାହିଁ କାରଣ ସେ ହେଉଛନ୍ତି ମନ୍ତ୍ରିମଣ୍ଡଳର

ସୂତ୍ରଧର । ସହକର୍ମୀମାନେ ତାଙ୍କର ସୁପାରିଶରେ ନିଯୁକ୍ତି ପାଆନ୍ତି ଏବଂ କାର୍ଯ୍ୟଚ୍ୟୁତ ହୋଇଥାଆନ୍ତି । ସେ ଇସ୍ତଫା ପ୍ରଦାନ କଲେ ମନ୍ତ୍ରିମଣ୍ଡଳ ଇସ୍ତଫା ପ୍ରଦାନ କଲା ବୋଲି ଧରାଯାଏ । ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳର କର୍ତ୍ତା ଏବଂ ମନ୍ତ୍ରୀମାନଙ୍କୁ ତାଙ୍କର ଅଧସ୍ତନ ବୋଲି ବିବେଚନା କରଯାଇପାରେ । ଆଇଭର ଜେନିଙ୍ଗସ୍‌ଙ୍କ ମତରେ ପ୍ରଧାନମନ୍ତ୍ରୀ ହେଉଛନ୍ତ ସୂର୍ଯ୍ୟସ୍ୱରୂପ ଯାହାଙ୍କ ଚତୁର୍ଦ୍ଦିଗରେ ଅନ୍ୟ ମନ୍ତ୍ରୀମାନେ ଗ୍ରହ ରୂପରେ ଘୁରୁଥାନ୍ତି । (The Prime Minister is the sun around which other planets revolve) ବା ଉଇଲିୟମ୍ ହାରକୋର୍ଟଙ୍କ ଭାଷାରେ ପ୍ରଧାନମନ୍ତ୍ରୀ ହେଉଛନ୍ତି କ୍ଷୁଦ୍ର ତାରକାମାନଙ୍କ ମଧ୍ୟରେ ଚନ୍ଦ୍ରସ୍ୱରୂପ (Inter stella Luna Minorus) । ପ୍ରଧାନମନ୍ତ୍ରୀଙ୍କ ପଦବୀକୁ ଜେନିଙ୍ଗସ୍ ଏବଂ ହାରକୋର୍ଟ ଠିକ୍ ଭାବରେ ଆକଳନ କରିଛନ୍ତି । କାରଣ ପ୍ରଧାନମନ୍ତ୍ରୀ ବାସ୍ତବରେ ଶାସନର କେନ୍ଦ୍ରବିନ୍ଦୁ ହୋଇଥିବା ଦୃଷ୍ଟିରୁ ସମଗ୍ର ରାଷ୍ଟ୍ରର ଶାସନ ଓ ରାଜନୀତିକୁ ନିୟନ୍ତ୍ରଣ କରୁଛନ୍ତି ଏବଂ ଅନ୍ୟମାନେ ତାଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇ ତାଙ୍କର ଅଧିକ୍ଷଣରେ କାର୍ଯ୍ୟ କରୁଛନ୍ତି । ତେଣୁ ସେ ଯଥାର୍ଥରେ ସୂର୍ଯ୍ୟସ୍ୱରୂପ ଏବଂ ମନ୍ତ୍ରୀମାନେ ଗ୍ରହ ଭାବରେ ତାଙ୍କର ଚତୁର୍ଦ୍ଦିଗରେ ଘୁରିବୁଲନ୍ତି । ତାଙ୍କ କ୍ଷମତା, ପଦମର୍ଯ୍ୟାଦା ଏବଂ କାର୍ଯ୍ୟଭାର ନିକଟରେ ଅନ୍ୟମନ୍ତ୍ରୀମାନେ ଆକାଶରେ ଚନ୍ଦ୍ରମା ପାଖରେ ତାରାମାନେ ଦେଖାଯାଉଥିବା ଭଳି ନିଷ୍ପ୍ରଭ ଦେଖାଯାଆନ୍ତି । ତେଣୁ ଶାସନ ବିଧାୟକ ସଭାରେ ପଣ୍ଡିତ ଜବହାରଲାଲ ନେହେରୁ ଯଥାର୍ଥରେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ହେଉଛନ୍ତି ସରକାରଙ୍କ ପ୍ରଧାନ ଆୟୁଧ (The Prime Minister is the Linch pin of the Government)

ପ୍ରଧାନମନ୍ତ୍ରୀଙ୍କ ପଦବୀ ଏତେ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରଭାବଶାଳୀ ହୋଇଯାଇଛି ଯେ ବର୍ତ୍ତମାନ ସଂସଦୀୟ ଶାସନ ବ୍ୟବସ୍ଥାକୁ ପ୍ରଧାନମନ୍ତ୍ରୀୟ ଶାସନ ବ୍ୟବସ୍ଥା (Prime Ministerial Government) ବୋଲି କୁହାଗଲାଣି । ବାସ୍ତବିକ୍ ଏହି ପଦର ମର୍ଯ୍ୟାଦା ପଦାସୀନ ଅଧିକାରୀଙ୍କ ବ୍ୟକ୍ତିତ୍ୱ ଉପରେ ସଂପୂର୍ଣ୍ଣ ନିର୍ଭର କରେ । ପ୍ରଧାନମନ୍ତ୍ରୀଙ୍କର ପ୍ରଭାବଶାଳୀ ବ୍ୟକ୍ତିତ୍ୱ, ପ୍ରଶସ୍ତ ଦୃଷ୍ଟିଭଙ୍ଗୀ, ଅବଦମିତ ନେତୃତ୍ୱ, କାର୍ଯ୍ୟଦକ୍ଷତା ଓ ନିଷ୍କଳଙ୍କ ଚରିତ୍ରବତ୍ତା ତାଙ୍କର ସ୍ଥିତିକୁ ଦୃଢ଼ କରିବାରେ ସହାୟକ ହୋଇଥାଏ ।

ସ୍ୱର୍ଗତ ପଣ୍ଡିତ ଜବାହାରଲାଲ ନେହେରୁ, ଲାଲବାହାଦୂର ଶାସ୍ତ୍ରୀ ଏବଂ ଶ୍ରୀମତୀ ଇନ୍ଦିରା ଗାନ୍ଧି, ଅଟଳ ବିହାରୀ ବାଜପେୟୀଙ୍କ ପରି ପ୍ରଧାନମନ୍ତ୍ରୀମାନଙ୍କୁ ଲକ୍ଷ୍ୟ କଲେ ଏହି ଉକ୍ତିର ସତ୍ୟତା ପ୍ରତିପାଦିତ ହୁଏ ।

ରାଜ୍ୟ କାର୍ଯ୍ୟପାଳିକା

ରାଜ୍ୟପାଳ :

ଭାରତବର୍ଷରେ ସଂଘୀୟ ଶାସନ ପ୍ରଚଳିତ । ଏହି ରାଷ୍ଟ୍ର ସଂଘରେ ୨୮ଟି ରାଜ୍ୟ ଓ ୬ଟି କେନ୍ଦ୍ରଶାସିତ ଅଞ୍ଚଳ ଅଛି । ଭାରତର ସମ୍ବିଧାନରେ କେନ୍ଦ୍ର ଓ ରାଜ୍ୟ ପାଇଁ ଏକ ପ୍ରକାର ଶାସନ ବ୍ୟବସ୍ଥା ପ୍ରଚଳନ କରାଯାଇଛି । କେନ୍ଦ୍ରର ଢ଼ାଞ୍ଚାରେ ରାଜ୍ୟମାନଙ୍କରେ ମଧ୍ୟ ସଂସଦୀୟ ସରକାର ପ୍ରତିଷ୍ଠା କରାଯାଇଛି ।

ରାଜ୍ୟର କାର୍ଯ୍ୟପାଳିକା ମୁଖ୍ୟ ଭାବେ ରାଜ୍ୟପାଳଙ୍କୁ ଅବସ୍ଥାପିତ କରାଯାଇଛି । ସେ ରାଜ୍ୟ ମନ୍ତ୍ରିମଣ୍ଡଳର ସାହାଯ୍ୟ ଏବଂ ପରାମର୍ଶରେ ଶାସନ ପରିଚାଳନା କରନ୍ତି । ଯଦିଓ ରାଜ୍ୟପାଳ ମନ୍ତ୍ରିମଣ୍ଡଳର ପରାମର୍ଶ ଅନୁଯାୟୀ କାର୍ଯ୍ୟ କରନ୍ତି ତଥାପି କେତେକ କ୍ଷେତ୍ରର ତାଙ୍କର ସ୍ୱାଧୀନ କ୍ଷମତା ଅଛି ।

ରାଜ୍ୟ ଶାସନରେ ରାଜ୍ୟପାଳ ରାଷ୍ଟ୍ରପତିଙ୍କର ପ୍ରତିରୂପ ଭାବେ ବିବେଚିତ ହୁଅନ୍ତି ଯଦିଓ କେଉଁଠାରେ କିଭଳି ସାମାନ୍ୟ ପାର୍ଥକ୍ୟ ପରିଲକ୍ଷିତ ହୁଏ । ରାଜ୍ୟର ସମସ୍ତ କାର୍ଯ୍ୟପାଳିକା କ୍ଷମତା ରାଜ୍ୟପାଳଙ୍କ ନାମରେ ନିର୍ବାହ କରାଯାଏ । ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ମଧ୍ୟରେ ମୁଖ୍ୟ ପାର୍ଥକ୍ୟ ହେଲା ଯେ ରାଷ୍ଟ୍ରପତି ପରୋକ୍ଷ ଭାବରେ ନିର୍ବାଚିତ ହୋଇଥାନ୍ତି ମାତ୍ର ରାଜ୍ୟପାଳ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୋଇଥାନ୍ତି । ସାଧାରଣତଃ ଗୋଟିଏ ରାଜ୍ୟ ପାଇଁ ଜଣେ ରାଜ୍ୟପାଳ ନିଯୁକ୍ତି ପାଇଥାନ୍ତି କିନ୍ତୁ ବେଳେବେଳେ ଜଣେ ରାଜ୍ୟପାଳ ଏକାଧିକ ରାଜ୍ୟ ପାଇଁ ମଧ୍ୟ ନିଯୁକ୍ତି ପାଇପାରନ୍ତି । ରାଜ୍ୟପାଳଙ୍କୁ ନିର୍ବାଚିତ କରିବା ପାଇଁ ସମ୍ବିଧାନ ପ୍ରଣୟନ ସଭାରେ କେତେ ଜଣ ପ୍ରସ୍ତାବ ଦେଇଥିଲେ । ମାତ୍ର ବିସ୍ତୃତ ଆଲୋଚନା ପରେ ଏହି ପ୍ରସ୍ତାବଟି କାଟ୍ ଖାଇଥିଲା । ଏହି ପ୍ରସ୍ତାବ ବିପକ୍ଷରେ ଯାହା ସବୁ ଆଲୋଚନା କରାଯାଇଥିଲା ତାର ସାରମର୍ମ ଥିଲା ଯେ ଡ଼ଃ ଆମ୍ବେଦକରଙ୍କ ମତରେ ସଂସଦୀୟ ଶାସନ ବ୍ୟବସ୍ଥାରେ ରାଜ୍ୟପାଳ ପ୍ରାର୍ଥୀଙ୍କୁ ନିର୍ବାଚିତ କରିବାର ଯୌକ୍ତିକତା ନାହିଁ, କାରଣ ସେ ମନ୍ତ୍ରିମଣ୍ଡଳର ପରାମର୍ଶ ଅନୁସାରେ କାର୍ଯ୍ୟ କରନ୍ତି । ତାଙ୍କର ନିଜର କ୍ଷମତା ପ୍ରୟୋଗର ସୁଯୋଗ ନାହିଁ । ଦ୍ୱିତୀୟତଃ ଡ଼.କେ.ଏମ୍.ମୁନ୍‌ସୀଙ୍କ ମତରେ ଜଣେ ନାମକୁ ମାତ୍ର ମୁଖ୍ୟଙ୍କ ପାଇଁ ନିର୍ବାଚନ କରି ଅଯଥା ଶକ୍ତି ଓ ଅର୍ଥ ଅପବ୍ୟୟ କରିବାର ଆବଶ୍ୟକତା ନାହିଁ । ବରଂ ନିର୍ବାଚିତ ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କ ସହ କ୍ଷମତା କନ୍ଦଳରେ ମାତି ରାଜ୍ୟ ଶାସନରେ ଅସ୍ଥିରତା ସୃଷ୍ଟି ହେବ । ଜଣେ ନିର୍ବାଚିତ ରାଜ୍ୟପାଳ କେନ୍ଦ୍ର ସରକାର ପ୍ରତି ଅନୁଗତ ରହି ନପାରନ୍ତି । ଲୋକପ୍ରିୟତା ପାଇଁ ନିଜ ରାଜ୍ୟକୁ ଦେଶରୁ ବିଚ୍ଛିନ୍ନ କରାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ହାତ ମିଳାଇ ପାରନ୍ତି । ଏପରି ସ୍ଥଳରେ ରାଷ୍ଟ୍ରର ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି ହୋଇପାରେ । ଜଣେ ମନୋନୀତ ରାଜ୍ୟପାଳ କେନ୍ଦ୍ରର ପ୍ରତିନିଧି ହିସାବରେ ସମ୍ବିଧାନ ପ୍ରତି ଆନୁଗତ୍ୟ ପ୍ରକାଶ କରି ଦେଶର ଅଖଣ୍ଡତା ରକ୍ଷା କରିବାରେ ସାହାଯ୍ୟ କରିପାରିବେ । ଏହିସବୁ କାରଣରୁ ଶାସନ ବିଧାୟକ ସଭା ମନୋନୀତ ରାଜ୍ୟପାଳଙ୍କ ସପକ୍ଷରେ ମତପ୍ରକାଶ କରିଥିଲେ ।

ରାଜ୍ୟପାଳଙ୍କୁ ନିଯୁକ୍ତି ଦେବା କ୍ଷେତ୍ରରେ ସାଧାରଣତଃ ଦୁଇଟି ପରମ୍ପରା ଅନୁସରଣ କରାଯାଉଛି । ଗୋଟିଏ ହେଲା କୌଣସି ରାଜ୍ୟରେ ରାଜ୍ୟପାଳ ନିଯୁକ୍ତି ପୂର୍ବରୁ ଔପଚାରିକତା ଦୃଷ୍ଟିରୁ କେନ୍ଦ୍ର ସରକାର ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥାଆନ୍ତି । ଫଳରେ ଏହା ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରକ୍ଷା କରିବାରେ ସହାୟକ ହୋଇଥାଏ । ଅବଶ୍ୟ ଆବଶ୍ୟକ ପଡ଼ିଲେ ମୁଖ୍ୟମନ୍ତ୍ରୀଙ୍କ ବିନା ପରାମର୍ଶରେ ମଧ୍ୟ ରାଜ୍ୟପାଳ ନିଯୁକ୍ତ ହୋଇଥାଆନ୍ତି । ଅନ୍ୟ ଗୋଟିଏ ପରମ୍ପରା ହେଲା ଯେ ସଂପୃକ୍ତ ରାଜ୍ୟର ବାସିନ୍ଦାମାନଙ୍କୁ ସେହି ରାଜ୍ୟରେ ରାଜ୍ୟପାଳ ଭାବରେ ନିଯୁକ୍ତି କରାଯାଏ ନାହିଁ । କାରଣ ନିଜ ରାଜ୍ୟରେ ରାଜ୍ୟପାଳ ଭାବରେ ନିଯୁକ୍ତି ପାଇଲେ ରାଜ୍ୟର ରାଜନୀତି ସହ ଅତି ମାତ୍ରାରେ ଜଡ଼ିତ ହୋଇ ନିରପେକ୍ଷତାର ସହ କାର୍ଯ୍ୟ କରି ପାରନ୍ତି ନାହିଁ ।

ଯୋଗ୍ୟତା :

ରାଜ୍ୟପାଳ ପଦବୀ ପାଇଁ ନିମ୍ନଲିଖିତ ଯୋଗ୍ୟତା ଥିବା ଦରକାର (କ) ସେ ଜଣେ ଭାରତୀୟ ନାଗରିକ ହୋଇଥିବେ (ଖ) ତାଙ୍କୁ ୩୫ ବର୍ଷ ବା ତାହାଠାରୁ ଅଧିକ ହୋଇଥିବା ଆବଶ୍ୟକ (ଗ) ସେ ସରକାରୀ କର୍ମଚାରୀ ବା କୌଣସି ଲାଭଜନକ କାର୍ଯ୍ୟରେ ସଂପୃକ୍ତ ହୋଇନଥିବେ । (ଘ) ଏକ ସମୟରେ ସେ ରାଜ୍ୟପାଳ, ସାଂସଦ ବା ବିଧାୟକ ହୋଇପାରିବେ ନାହିଁ ।

ଶପଥ (Oath) :

ସମ୍ବିଧାନର ୧୫୯ ଧାରା ଅନୁସାରେ ରାଜ୍ୟପାଳ ତାଙ୍କର କାର୍ଯ୍ୟଭାର ଗ୍ରହଣ କରିବା ପୂର୍ବରୁ ରାଜ୍ୟ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଶପଥ ପାଠ କରାନ୍ତି ।

କାର୍ଯ୍ୟକାଳ :

ରାଜ୍ୟପାଳଙ୍କ କାର୍ଯ୍ୟକାଳ ରାଷ୍ଟ୍ରପତିଙ୍କ ମର୍ଜି ଉପରେ ନିର୍ଭର କରେ । ମାତ୍ର ସାଧାରଣତଃ ରାଷ୍ଟ୍ରପତି ତାଙ୍କୁ ୫ ବର୍ଷ ପାଇଁ ନିଯୁକ୍ତି ଦେଇଥାନ୍ତି । ଏହି ଅବଧିପୂରଣ ହେବା ପୂର୍ବରୁ ସେ ଇସ୍ତଫା ଦେଇପାରନ୍ତି କିମ୍ବା ରାଷ୍ଟ୍ରପତି ତାଙ୍କୁ ପ୍ରତ୍ୟାହାର କରିନେଇପାରନ୍ତି ବା ଅନ୍ୟ ରାଜ୍ୟକୁ ସ୍ଥାନାନ୍ତରିତ କରିପାରନ୍ତି । ରାଷ୍ଟ୍ରପତି ଚାହିଁଲେ ରାଜ୍ୟପାଳଙ୍କୁ ୫ ବର୍ଷରୁ ଅଧିକ ସମୟ ପାଇଁ ମଧ୍ୟ ନିଯୁକ୍ତି ଦେଇପାରନ୍ତି ।

ରାଷ୍ଟ୍ରପତିଙ୍କ ଭଳି ରାଜ୍ୟପାଳମାନଙ୍କୁ ବିଧାନସଭା ଦ୍ୱାରା ବହିଷ୍କାର କରାଯାଇପାରିବ ନାହିଁ ବା ତାଙ୍କ ବିରୁଦ୍ଧରେ କୌଣସି ପ୍ରସ୍ତାବ ଗ୍ରହଣ କରାଯାଇପାରିବ ନାହିଁ । କେବଳ ରାଷ୍ଟ୍ରପତିଙ୍କ ସନ୍ତୋଷଭାଜନ ଥିବା ପର୍ଯ୍ୟନ୍ତ ସେ ତାଙ୍କ ପଦବୀରେ ଥିବେ ଅନ୍ୟଥା ତାଙ୍କୁ ପ୍ରତ୍ୟାହାର ବା ବହିଷ୍କାର କରିପାରିବେ ନାହିଁ । ଅବଶ୍ୟ ରାଷ୍ଟ୍ରପତିଙ୍କ ଆସ୍ଥାଭାଜନ କହିଲେ ପ୍ରଧାନମନ୍ତ୍ରୀଙ୍କ ଆସ୍ଥା ବୋଲି ବୁଝିବାକୁ ହେବ ।

ବେତନ ଓ ସ୍ୱାଧିକାର :

ରାଜ୍ୟପାଳ ମାସିକ ୧ ଲକ୍ଷ ୧୨ ହଜାର ଟଙ୍କା ବେତନ ପାଇଥାଆନ୍ତି । ସେ ବିନାଭଡ଼ାରେ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ରାଜଭବନରେ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ଅବସ୍ଥାନ କରିଥାଆନ୍ତି । ସେ ଅନ୍ୟାନ୍ୟ ଭତ୍ତା ଓ ସୁବିଧା ମାନ ପାଇଥାନ୍ତି ଯାହାକି ତାଙ୍କର କାର୍ଯ୍ୟକାଳ ମଧ୍ୟରେ କମେଇ ଦିଆଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ବିରୁଦ୍ଧରେ କୌଣସି ଫୌଜଦାରୀ ମକଦ୍ଦମା ରୁଜୁ କରାଯାଇପାରିବ ନାହିଁ ଏବଂ ଗିରଫଦାରୀ ପରୱାନା (Warrant of Arrest) ବାହାର କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ କ୍ଷମତା ଓ କାର୍ଯ୍ୟାବଳୀ :

୧୯୩୫ ମସିହା ଭାରତ ଶାସନ ଆଇନ ଅନୁଯାୟୀ ରାଜ୍ୟପାଳମାନେ ପ୍ରାଦେଶିକ ସରକାରଙ୍କର କାର୍ଯ୍ୟପରିଚାଳନା କ୍ଷେତ୍ରରେ ରାଜ୍ୟ ମନ୍ତ୍ରିମଣ୍ଡଳର ପରାମର୍ଶରେ କାର୍ଯ୍ୟ କରୁଥିଲେ ଏବଂ ଅନ୍ୟ କେତେକ ବିଶେଷ ଦାୟିତ୍ୱ ବଡ଼ଲାଟଙ୍କର ନିର୍ଦ୍ଦେଶନାରେ ତୁଲାଉଥିଲେ । ସ୍ୱାଧୀନତା ପରେ ନୂତନ ସମ୍ବିଧାନରେ ମଧ୍ୟ ରାଜ୍ୟପାଳଙ୍କ ସେହି ଐତିହାସିକ କାର୍ଯ୍ୟ ଊଣାଅଧିକେ ଚାଲୁ ରହିଲା ।

ରାଜ୍ୟପାଳଙ୍କୁ ଦିଆଯାଇଥିବା କ୍ଷମତାକୁ ମୁଖ୍ୟତଃ ଶାସନଗତ, ଆଇନଗତ, ଆର୍ଥିକ, ନ୍ୟାୟିକ ଏବଂ ସ୍ୱେଚ୍ଛାଧିନ କ୍ଷମତା ଭାବରେ ବିଭକ୍ତ କରାଯାଇପାରେ ।

(୧) ଶାସନ ଗତ କ୍ଷମତା/କାର୍ଯ୍ୟପାଳିକା କ୍ଷମତା :

ରାଜ୍ୟପାଳ ହେଉଛନ୍ତି ରାଜ୍ୟ କାର୍ଯ୍ୟପାଳିକାର ମୁଖ୍ୟ । ତାଙ୍କ ନାମରେ ଶାସନ ଚାଲେ । ଭାରତର ରାଷ୍ଟ୍ରପତିଙ୍କ ପରି ରାଜ୍ୟପାଳ ମଧ୍ୟ ରାଜ୍ୟସ୍ତରର ସମସ୍ତ ଉଚ୍ଚସ୍ତରୀୟ ପଦାଧିକାରୀମାନଙ୍କୁ ନିଯୁକ୍ତି ପ୍ରଦାନ କରନ୍ତି । ସେ ମୁଖ୍ୟମନ୍ତ୍ରୀଙ୍କୁ

ନିଯୁକ୍ତି ଦେଇଥାନ୍ତି ଏବଂ ତାଙ୍କ ପରାମର୍ଶରେ ଅନ୍ୟ ମନ୍ତ୍ରୀମାନଙ୍କୁ ନିଯୁକ୍ତ କରି ସେମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ କରିଥାନ୍ତି ଆବଶ୍ୟକ ସ୍ଥଳେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶରେ ମନ୍ତ୍ରୀମାନଙ୍କ ବିଭାଗରେ ଅଦଳବଦଳ କରିଥାନ୍ତି ଏବଂ ସେମାନଙ୍କୁ ବହିଷ୍କାର ମଧ୍ୟ କରିଥାଆନ୍ତି । ରାଜ୍ୟ ସରକାରଙ୍କୁ ନ୍ୟାୟିକ ପରାମର୍ଶ ଦେବା ପାଇଁ ସେ ଆଡ଼ଭୋକେଟ ଜେନେରାଲଙ୍କୁ ନିଯୁକ୍ତି ଦେଇଥାନ୍ତି । ରାଜ୍ୟ ସେବା ଆୟୋଗର ଅଧ୍ୟକ୍ଷ ଏବଂ ସଭ୍ୟମାନଙ୍କୁ ମଧ୍ୟ ସେ ନିଯୁକ୍ତି ଦେଇଥାନ୍ତି । ହାଇକୋର୍ଟ ବିଚାରପତି ନିଯୁକ୍ତି କଲାବେଳେ ରାଷ୍ଟ୍ରପତି ରାଜ୍ୟପାଳଙ୍କ ସହ ପରାମର୍ଶ କରିଥାଆନ୍ତି ।

ବିହାର, ଓଡ଼ିଶା ଏବଂ ମଧ୍ୟପ୍ରଦେଶର ରାଜ୍ୟପାଳମାନେ ସଂବିଧାନର ନିର୍ଦ୍ଦେଶରେ ଅନୁସୂଚିତ ଜନଜାତିମାନଙ୍କର ଉନ୍ନତି ପାଇଁ ଯଥୋଚିତ ଧ୍ୟାନ ଦେଇଥାନ୍ତି । ଏହି ରାଜ୍ୟମାନଙ୍କରେ ଅନୁସୂଚିତ ଜନଜାତିମାନଙ୍କ ସଂଖ୍ୟା ଅଧିକା ଥିବା ଦୃଷ୍ଟିରୁ ସେମାନଙ୍କ ଦାୟିତ୍ୱ ନେବା ପାଇଁ ଜଣେ ମନ୍ତ୍ରୀଙ୍କୁ ନିଯୁକ୍ତି ଦେବା ରାଜ୍ୟପାଳଙ୍କ କାର୍ଯ୍ୟ । ଶାସନ ସମ୍ବନ୍ଧରେ ବିଶଦ ଭାବରେ ଜାଣିବା ପାଇଁ ସେ ମୁଖ୍ୟମନ୍ତ୍ରୀ ବା ମନ୍ତ୍ରୀମାନଙ୍କୁ ଡ଼କାଇ ପାରନ୍ତି ବା ଯେ କୌଣସି ବିଷୟ ସମ୍ବନ୍ଧରେ ଆଲୋଚନା କରିପାରନ୍ତି ।

(୨) ବ୍ୟବସ୍ଥାପିକା କ୍ଷମତା :

ରାଷ୍ଟ୍ରପତିଙ୍କ ଭଳି ରାଜ୍ୟପାଳ ମଧ୍ୟ ରାଜ୍ୟବିଧାନ ସଭାର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ପରିଗଣିତ ହୋଇଥାନ୍ତି । ଯଦି ବିଧାନସଭାରେ ଆଙ୍ଗଲୋ ଇଣ୍ଡିଆନ୍ ସମ୍ପ୍ରଦାୟକୁ ଯଥେଷ୍ଟ ପ୍ରତିନିଧିତ୍ୱ ମିଳିନଥାଏ, ତେବେ ରାଜ୍ୟପାଳ ସମ୍ବିଧାନର ୩୩୩ ଧାରାନୁସାରେ ସେହି ସଂପ୍ରଦାୟର ଜଣେ ବ୍ୟକ୍ତିଙ୍କୁ ବିଧାନସଭାର ସଦସ୍ୟରୂପେ ମନୋନୀତ କରିପାରନ୍ତି । ସେହିପରି ସମ୍ବିଧାନର ୧୭୧ ଧାରାନୁସାରେ ରାଜ୍ୟପାଳ ରାଜ୍ୟ ବିଧାନ ପରିଷଦର ଏକ-ଷଷ୍ଠାଂଶ (୧/୬) ସଦସ୍ୟଙ୍କୁ ମନୋନୀତ କରନ୍ତି, ଯେଉଁମାନେ ସାହିତ୍ୟ, ବିଜ୍ଞାନ, କଳା, ସମବାୟ ଆନ୍ଦୋଳନ ଏବଂ ସମାଜସେବା କ୍ଷେତ୍ରରେ ସ୍ୱତନ୍ତ୍ର ଜ୍ଞାନ କିମ୍ବା ବାସ୍ତବ ଅଭିଜ୍ଞତା ସମ୍ପନ୍ନ ବ୍ୟକ୍ତି ହୋଇଥିବା ଆବଶ୍ୟକ । ତାଙ୍କ ବିନା ରାଜ୍ୟ ବିଧାନସଭା କାର୍ଯ୍ୟ କରି ପାରିବ ନାହିଁ କାରଣ ରାଜ୍ୟପାଳ ବିଧାନସଭାର ବୈଠକ ଡ଼ାକନ୍ତି, ସ୍ଥଗିତ ରଖନ୍ତି ଏବଂ ଆବଶ୍ୟକ ପଡ଼ିଲେ ବିଧାନସଭାକୁ ଭାଙ୍ଗି ଦେଇପାରନ୍ତି । ତାଙ୍କ ଛଡ଼ା ଏହି କାର୍ଯ୍ୟ ଅନ୍ୟ କେହି କରିପାରିବେ ନାହିଁ । ପ୍ରତ୍ୟେକ ବର୍ଷର ଆରମ୍ଭରେ ଏବଂ ନୂତନ ବିଧାନସଭା ଗଠନ ହେବାର ପ୍ରଥମ ବୈଠକରେ ଉଦ୍‌ବୋଧନ ଦେଇଥାନ୍ତି । ଦ୍ୱିସଦନୀୟ ବିଧାନମଣ୍ଡଳୀ ଥିଲେ ସେ ଏହାର ମିଳିତ ଅଧିବେଶନ ଡ଼ାକିପାରନ୍ତି । ଆବଶ୍ୟକ ମନେକଲେ ସେ ବିଧାନମଣ୍ଡଳୀର ଅଧିବେଶନକୁ ତାଙ୍କର ବାର୍ତ୍ତା ବିଚାର ପାଇଁ ପଠାଇ ପାରନ୍ତି । ଏହା ରାଜ୍ୟପାଳଙ୍କ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷମତା ଏହି କ୍ଷମତା ଦ୍ୱାରା ସେ ରାଜ୍ୟ ଶାସନରେ ନିଜର ବିଚାର ଜାହିର କରିପାରନ୍ତି । ବିଧାନସଭା ଦ୍ୱାରା ଗୃହୀତ ବିଧେୟକଗୁଡ଼ିକ ସମ୍ବିଧାନର ୨୦୦ ଧାରା ଅନୁସାରେ ତାଙ୍କର ଅନୁମୋଦନ ନ ପାଇବା ପର୍ଯ୍ୟନ୍ତ ଆଇନ୍‌ରେ ପରିଣତ ହୋଇପାରେ ନାହିଁ ଏବଂ ଏ କ୍ଷେତ୍ରରେ ରାଷ୍ଟ୍ରପତିଙ୍କ ଭଳି ସେ ବିଧେୟକଟି ବିନା ଅନୁମୋଦନରେ ମଧ୍ୟ ଫେରାଇଦେଇ ପାରନ୍ତି ଏବଂ ପୁନର୍ବାର ତାଙ୍କ ନିକଟକୁ ଆସିଲେ ସେ ଅନୁମୋଦନ ଦେବା ପାଇଁ ବାଧ୍ୟ ହୋଇଥାଆନ୍ତି । ବିଧେୟକକୁ ସେ ଆବଶ୍ୟକ ମନେକଲେ ନିଜେ ଅନୁମୋଦନ ନ ଦେଇ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ସଂରକ୍ଷିତ କରିପାରନ୍ତି ଏବଂ ଏ କ୍ଷେତ୍ରରେ ସେ ବିଧେୟକଗୁଡ଼ିକ ଅନୁମୋଦନ ଦେବା ପାଇଁ କୌଣସି ପରିସ୍ଥିତିରେ ରାଷ୍ଟ୍ରପତି ବାଧ୍ୟ ନୁହନ୍ତି । ବିଧାନସଭା ସ୍ଥଗିତ ଥିବା ସମୟରେ ମନ୍ତ୍ରିମଣ୍ଡଳର ପରାମର୍ଶରେ ସେ ଅଧ୍ୟାଦେଶ

ଜାରୀ କରିପାରନ୍ତି (ଧାରା ୨୧୩) । ଗୁରୁତ୍ୱ ଏବଂ କାର୍ଯ୍ୟକାରିତା ଦୃଷ୍ଟିରୁ ଏହି ଅଧ୍ୟାଦେଶକୁ ଆଇନ୍‌ରେ ରୂପାନ୍ତରିତ କରିବା ଆବଶ୍ୟକ ନଚେତ୍ ଏହା ଆପେ ଆପେ ଅକାମୀ ହୋଇଯାଇଥାଏ, ରାଜ୍ୟସେବା ଆୟୋଗ ଏବଂ ହିସାବରକ୍ଷକ ଓ ମହାସମୀକ୍ଷକ ଯେଉଁ ବାର୍ଷିକ ବିବରଣୀ ଦିଅନ୍ତି ତାକୁ ବିଧାନମଣ୍ଡଳର ବିଚାରପାଇଁ ଉପସ୍ଥାପନା କରନ୍ତି । ରାଜ୍ୟପାଳ ବିଭିନ୍ନ ଆୟୋଗ ଓ ସଂସ୍କାର ବିବରଣୀ ରାଜ୍ୟ ବିଧାନ ମଣ୍ଡଳରେ ଉପସ୍ଥାପନା କରାନ୍ତି ।

(୩) ଆର୍ଥିକ କ୍ଷମତା :

ବିଧାନସଭାର ବିନା ଅନୁମୋଦନରେ କାର୍ଯ୍ୟପାଳିକା ପଇସାଟିଏ ସୁଦ୍ଧା ରାଜକୋଷରୁ ଖର୍ଚ୍ଚ କରିପାରିବେ ନାହିଁ । ତେଣୁ ଆର୍ଥିକ ବର୍ଷ (ମାର୍ଚ୍ଚ ୧ ତାରିଖରୁ – ଫେବୃୟାରୀ ୨୮ ତାରିଖ) ଶେଷ ହେବା ପୂର୍ବରୁ ଆସନ୍ତା ଆର୍ଥିକ ବର୍ଷ ପାଇଁ ବଜେଟ ଆଗତ କରିବା ପାଇଁ ସେ ଅର୍ଥମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥାଆନ୍ତି । ରାଜ୍ୟପାଳଙ୍କ ବିନା ଅନୁମତିରେ ଅଧିକ ଟିକସ ପ୍ରସ୍ତାବ କିମ୍ବା ଅଧିକ ଖର୍ଚ୍ଚ ପ୍ରସ୍ତାବ ରାଜ୍ୟ ବିଧାନସଭାରେ ଆଗତ କରାଯାଇପାରିବ ନାହିଁ । ସମସ୍ତ ଅର୍ଥ ବିଧେୟକ ରାଜ୍ୟପାଳଙ୍କ ଅନୁମୋଦନ କ୍ରମେ ଆଗତ କରାଯାଇଥାଏ । ଏବଂ ଏହି ଅର୍ଥ ବିଧେୟକଟି ରାଜ୍ୟବିଧାନସଭା ଦ୍ୱାରା ଗୃହୀତ ହେଲାପରେ ପୁନଶ୍ଚ ରାଜ୍ୟପାଳଙ୍କ ସ୍ୱୀକୃତି ପାଇଁ ଆସିଥାଏ ଯାହାକୁ ରାଜ୍ୟପାଳ ସ୍ୱୀକୃତି ଦେଇଥାନ୍ତି । ଅତ୍ୟାବଶ୍ୟକ ବା ଜରୁରୀ ଖର୍ଚ୍ଚର ଆବଶ୍ୟକତା ପଡ଼ିଲେ ଏହାକୁ ତୁଲାଇବା ପାଇଁ ତାଙ୍କ ଅଧିନରେ ରାଜ୍ୟ ଜରୁରୀ ପାଣ୍ଠି (State Contigency Fund) ଥାଏ । ଏହି ପାଣ୍ଠିରୁ ସେ ଅତ୍ୟାବଶ୍ୟକ ଖର୍ଚ୍ଚ ତୁଲାଇବା ପାଇଁ ବ୍ୟୟ ମଞ୍ଜୁର କରିଥାଆନ୍ତି ।

(୪) ନ୍ୟାୟିକ କ୍ଷମତା

ରାଜ୍ୟ ହାଇକୋର୍ଟର ବିଚାରପତି, ପ୍ରଧାନ ବିଚାରପତିମାନଙ୍କୁ ନିଯୁକ୍ତି ଦେଲାବେଳେ ରାଷ୍ଟ୍ରପତି ଉକ୍ତ ରାଜ୍ୟର ରାଜ୍ୟପାଳମାନଙ୍କ ସହ ପରାମର୍ଶ କରିଥାଆନ୍ତି । ରାଜ୍ୟର ଅଧସ୍ତନ ନ୍ୟାୟାଳୟର ବିଚାରପତି ମାନେ ଏବଂ ଜିଲ୍ଲା ଜଜ୍‌ମାନେ ରାଜ୍ୟପାଳଙ୍କ ଦ୍ୱାରା ନିଯୁକ୍ତି ପାଆନ୍ତି ଅବଶ୍ୟ ଏହି ନିଯୁକ୍ତି ଦେବା ପୂର୍ବରୁ ସେ ହାଇକୋର୍ଟର ମୁଖ୍ୟ ନ୍ୟାୟାଧିଶଙ୍କ ସହିତ ବିଚାର ବିମର୍ଶ କରିଥାନ୍ତି । ରାଜ୍ୟର ଆଇନ୍‌ଭଙ୍ଗ ଅପରାଧରେ ଯେଉଁ ବ୍ୟକ୍ତି ଦଣ୍ଡିତ ହୋଇଥାଏ ତାଙ୍କୁ ରାଜ୍ୟପାଳ କ୍ଷମା ପ୍ରଦାନ କରିପାରନ୍ତି । ସେହି ବ୍ୟକ୍ତିର ଦଣ୍ଡକୁ ଲାଘବ, ପରିହାର, ସ୍ଥଗିତ ବା ନିଲମ୍ବିତ କରିପାରନ୍ତି । ଅବଶ୍ୟ ଏହି କ୍ଷମତା ପ୍ରୟୋଗ କଲାବେଳେ ଯଥେଷ୍ଟ ସତର୍କତା ଅବଲମ୍ବନ କରିଥାଆନ୍ତି । କେବଳ ସମ୍ବେଦନଶୀଳ ମାମଲାରେ ରାଜ୍ୟପାଳ ଏହାର ପ୍ରୟୋଗ କରିଥାଆନ୍ତି ।

(୫) ସ୍ୱେଚ୍ଛାଧୀନ କ୍ଷମତା (Discretionary Powers) :

ଯଦିଓ ରାଜ୍ୟପାଳ, ମନ୍ତ୍ରିମଣ୍ଡଳର ପରାମର୍ଶରେ କାର୍ଯ୍ୟ କରନ୍ତି, ତଥାପି ସମ୍ବିଧାନର ୧୬୩(୨) ଧାରା ରାଜ୍ୟପାଳଙ୍କୁ କିଛି ସ୍ୱେଚ୍ଛାକୃତ କ୍ଷମତା ପ୍ରଦାନ କରିଛି । ଏ ସମ୍ବନ୍ଧରେ ତାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ଏହା ଉପରେ କୌଣସି ବାଦାନୁବାଦର ଅବକାଶ ନାହିଁ । ଉଦାହରଣ ସ୍ୱରୂପ ରାଜ୍ୟପାଳ ଏକ ଝୁଲା ବିଧାନସଭାରେ ମୁଖ୍ୟମନ୍ତ୍ରୀ ନିଯୁକ୍ତ କଲାବେଳେ ଏହି କ୍ଷମତାର ପ୍ରୟୋଗ କରିଥାଆନ୍ତି । କୌଣସି ରାଜନୈତିକ ଦଳର ସଂଖ୍ୟା ଗରିଷ୍ଠତା ନଥିଲେ ନିଜର ବ୍ୟକ୍ତିଗତ ବିଚାରରେ ଯେତେବେଳେ ତାଙ୍କର ହୃଦ୍‌ବୋଧ ହୁଏ ଯେ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ନିଯୁକ୍ତି

ପାଇଲେ ବିଧାନସଭାର ସଂଖ୍ୟା ଗରିଷ୍ଠ ସଭ୍ୟଙ୍କ ସମର୍ଥନ ସେ ପାଇ ପାରିବ ସେହିଭଳି ବ୍ୟକ୍ତିଙ୍କୁ ସେ ରାଜ୍ୟ ମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତି ଦିଅନ୍ତି। ରାଜ୍ୟପାଳଙ୍କ ନିଷ୍ପତ୍ତି ଏ କ୍ଷେତ୍ରରେ ଚୂଡ଼ାନ୍ତ ଏବଂ ତାହା ଉପରେ ବିବାଦର ସ୍ଥାନ ନାହିଁ। ସେହିଭଳି ମୁଖ୍ୟମନ୍ତ୍ରୀଙ୍କୁ ବହିଷ୍କାର କରିବା ମଧ୍ୟ ରାଜ୍ୟପାଳଙ୍କ ସ୍ୱେଚ୍ଛାଧିନ କ୍ଷମତା ଅନ୍ତର୍ଗତ। ତାଙ୍କର ଯେତେବେଳେ ହୃଦବୋଧ ହୁଏ ଯେ ସଂଖ୍ୟାଧିକ ସଭ୍ୟଙ୍କ ସମର୍ଥନ ତାଙ୍କ ପଛରେ ନାହିଁ ବା ବିଧାନ ସଭାର ସମ୍ମୁଖୀନ ହେବା ପାଇଁ ସେ ପ୍ରସ୍ତୁତ ନୁହନ୍ତି ସେ କ୍ଷେତ୍ରରେ ସେ ମୁଖ୍ୟମନ୍ତ୍ରୀଙ୍କୁ ବହିଷ୍କାର କରିପାରନ୍ତି। ମୁଖ୍ୟମନ୍ତ୍ରୀଙ୍କ ବିଧାନସଭା ଭାଙ୍ଗିବା ପାଇଁ ପରାମର୍ଶକୁ ରାଜ୍ୟପାଳ ସବୁ ସମୟରେ ଗ୍ରହଣ କରିବା ପାଇଁ ବାଧ୍ୟ ନୁହନ୍ତି। ଯେତେବେଳେ ବିକଳ୍ପ ମନ୍ତ୍ରିମଣ୍ଡଳ ଗଠନର ସୁଯୋଗ ଥିବ ତେବେ ସେ କ୍ଷେତ୍ରରେ ସେ ଏହି ମନ୍ତ୍ରିମଣ୍ଡଳ ଗଠନ କରିବା ପାଇଁ ସୁଯୋଗ ଅନ୍ୟଦଳମାନଙ୍କୁ ଦେଇଥାନ୍ତି ଏବଂ ବିଧାନସଭା ଭାଙ୍ଗିବାର ପରାମର୍ଶକୁ ଅଗ୍ରାହ୍ୟ କରିପାରନ୍ତି। ଏହା ସଂପୂର୍ଣ୍ଣ ଭାବରେ ତାଙ୍କର ଇଚ୍ଛାଧିନ କ୍ଷମତା। ତାଙ୍କର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଇଚ୍ଛାଧୀନ କ୍ଷମତା ହେଲା ଯେ ସେ ନିୟମିତ ବ୍ୟବଧାନରେ ରାଷ୍ଟ୍ରପତିଙ୍କ ପାଖକୁ ରାଜ୍ୟ ଶାସନ ସମ୍ବନ୍ଧୀୟ ରିପୋର୍ଟ ପଠାଇଥାନ୍ତି। ଯେତେବେଳେ ରାଜ୍ୟ ବ୍ୟବସ୍ଥା ଦୁର୍ବଳ ହୋଇଯାଏ ଏବଂ ରାଜନୈତିକ ବାତାବରଣ ପାଇଁ ଅସ୍ଥିରତା ସୃଷ୍ଟି ହୁଏ ସେତେବେଳେ ସେ ରାଷ୍ଟ୍ରପତିଙ୍କୁ ଜଣାନ୍ତି ଯେ ସାମ୍ବିଧାନିକ ନିୟମ ଭିତ୍ତିରେ ରାଜ୍ୟ ଶାସନ ଆଉ ସମ୍ଭବ ନୁହେଁ ସେ କ୍ଷେତ୍ରରେ ସମ୍ବିଧାନର ୩୫୬ ଧାରା ଅନୁଯାୟୀ ରାଷ୍ଟ୍ରପତି ରାଜ୍ୟରେ ଜରୁରୀ ଅବସ୍ଥା ଘୋଷଣା କରି ଶାସନ ଭାର ନିଜ ହାତକୁ ନେଇଥାନ୍ତି। ରାଜ୍ୟ ସମ୍ବନ୍ଧୀୟ ଏହି ରିପୋର୍ଟ ପଠାଇଥିବା ରାଜ୍ୟପାଳଙ୍କ ଏକ ଗୁରୁ ଦାୟିତ୍ୱ। ଏହା ଫଳରେ ସେ ରାଜ୍ୟର ଶାସନ ବ୍ୟବସ୍ଥାକୁ ବିପର୍ଯ୍ୟୟରୁ ରକ୍ଷା କରିଥାନ୍ତି।

କେନ୍ଦ୍ର ସରକାରଙ୍କର ପ୍ରତିନିଧି :

ରାଜ୍ୟ ସରକାରଙ୍କର ମୁଖ୍ୟ ହିସାବରେ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ରାଜ୍ୟପାଳ କେନ୍ଦ୍ର ସରକାରଙ୍କ ପ୍ରତିନିଧି ଭାବରେ କାର୍ଯ୍ୟ କରିଥାନ୍ତି। ପ୍ରତିନିଧି ହିସାବରେ ରାଜ୍ୟ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ସ୍ୱାର୍ଥ ରକ୍ଷା କରିବା ରାଜ୍ୟପାଳଙ୍କ ଏକ ଗୁରୁ ଦାୟିତ୍ୱ। କେନ୍ଦ୍ର ସରକାର ପଠାଉଥିବା ଶାସନଗତ ନିର୍ଦ୍ଦେଶାବଳୀ ରାଜ୍ୟରେ ଯେପରି କାର୍ଯ୍ୟ ହୁଏ ତାର ତଦାରଖ ରାଜ୍ୟପାଳ କରିଥାନ୍ତି ଏବଂ ଆବଶ୍ୟକୀୟ କ୍ଷେତ୍ରରେ କେନ୍ଦ୍ରସରକାରଙ୍କ ସହ ଯୋଗାଯୋଗ କରନ୍ତି। ଏ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ଅନୁଧ୍ୟାନ ପାଇଁ ଅନୁରୋଧ କରିଥାନ୍ତି। ଏହାଛଡ଼ା ସମ୍ବିଧାନର ୩୫୬ ଧାରା ଅନୁସାରେ ପ୍ରବର୍ତ୍ତିତ ରାଷ୍ଟ୍ରପତି ଶାସନ ସମୟରେ ନିଜେ ରାଷ୍ଟ୍ରପତିଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧି ରୂପେ ରାଜ୍ୟଶାସନ ପରିଚାଳନା କରନ୍ତି। ଅନ୍ୟ ସମୟରେ ରାଜ୍ୟ ମନ୍ତ୍ରିମଣ୍ଡଳର ପରାମର୍ଶ ଯଦି କେନ୍ଦ୍ର ସରକାରଙ୍କ ନୀତି କିମ୍ବା ନିର୍ଦ୍ଦେଶର ପରିପନ୍ଥୀ ହୋଇଥାଏ, ତେବେ ସେ ପରାମର୍ଶକୁ ସେ କେନ୍ଦ୍ରର ପ୍ରତିନିଧି ଭାବେ ପ୍ରତ୍ୟାଖ୍ୟାନ କରିଥାଆନ୍ତି। ଯଦି ରାଜ୍ୟ ସରକାର କେନ୍ଦ୍ରୀୟ ନିର୍ଦ୍ଦେଶ କିମ୍ବା ନୀତି କାର୍ଯ୍ୟକାରୀ କରିବାକୁ ଅନିଚ୍ଛା ପ୍ରକାଶ କରନ୍ତି ତେବେ ଏହି ମନ୍ତ୍ରିମଣ୍ଡଳକୁ ବରଖାସ୍ତ କରିବା ପାଇଁ ସେ କେନ୍ଦ୍ରକୁ ସୁପାରିଶ କରିପାରନ୍ତି।

ଡ଼ଃ କେ.ଏମ୍. ମୁନସୀଙ୍କ ମତରେ ରାଜ୍ୟପାଳ ହେଉଛନ୍ତି କେନ୍ଦ୍ରର ଜାଗ୍ରତ ପ୍ରହରୀ (Watch dog of the Centre) । ରାଜ୍ୟମାନଙ୍କର କାର୍ଯ୍ୟକଳାପ ଫଳରେ ଯଦି ରାଷ୍ଟ୍ରର ଅଖଣ୍ଡତା ଉପରେ ଆଞ୍ଚ ଆସେ ତେବେ ସେ ସ୍ୱେଚ୍ଛାଧିନ କ୍ଷମତା ପ୍ରୟୋଗ କରି ମନ୍ତ୍ରିମଣ୍ଡଳକୁ ମଧ୍ୟ ବରଖାସ୍ତ କରିପାରିବେ। ତେଣୁ ନ୍ୟାୟତଃ ସେ ରାଜ୍ୟ ଶାସନର ମୁଖ୍ୟ ହେଲେ ମଧ୍ୟ କେନ୍ଦ୍ରର ପ୍ରତିନିଧିତ୍ୱ କରିଥାନ୍ତି।

ରାଜ୍ୟପାଳଙ୍କ ଭୂମିକା :

ରାଜ୍ୟଶାସନରେ ରାଜ୍ୟପାଳଙ୍କ ଭୂମିକା ଓ ସ୍ଥିତି ନେଇ ଦୁଇଟି ପରସ୍ପର ବିରୋଧି ମତ ପ୍ରକାଶ ପାଇଥାଏ। କେତେକ ଯୁକ୍ତି କରନ୍ତି ଯେ ରାଜ୍ୟପାଳ ମଧ୍ୟ ରାଷ୍ଟ୍ରପତିଙ୍କ ଭଳି ସାମ୍ବିଧାନିକ ମୁଖ୍ୟ, ନାମକୁ ମାତ୍ର ଶାସନ ମୁଖ୍ୟ। ଅନ୍ୟ କେତେକ ମତପ୍ରକାଶ କରନ୍ତି ଯେ ରାଜ୍ୟପାଳ ଅମାପ କ୍ଷମତାର ଅଧିକାରୀ। ଏହି ଦୁଇଟି ଉକ୍ତିରେ ଅନେକାଂଶରେ ସତ୍ୟତା ଅଛି।

ସାଧାରଣ ସମୟରେ ଯେତେବେଳେ ଗୋଟିଏ ସଂଖ୍ୟାଗରିଷ୍ଠ ଦଳ ରାଜ୍ୟ ଶାସନକରେ ସେତେବେଳେ ରାଜ୍ୟପାଳ ରାଜ୍ୟର ସାମ୍ବିଧାନିକ ମୁଖ୍ୟ ଭାବେ ମନ୍ତ୍ରିମଣ୍ଡଳର ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିଥାନ୍ତି। ସାଧାରଣ ଭାବରେ ନିଜର ସାମ୍ବିଧାନିକ ଦାୟିତ୍ୱ ତୁଲାଇବା ଛଡ଼ା ସେ ଶାସନରେ ହସ୍ତକ୍ଷେପ କରନ୍ତି ନାହିଁ। କେତେକ ବିଜ୍ଞ ବ୍ୟକ୍ତିଙ୍କ ମତରେ ରାଜ୍ୟ ଶାସନରେ ରାଜ୍ୟପାଳ ପଦବୀ ଅନିଷ୍ଟକର ଏବଂ ଅନାବଶ୍ୟକ। କାରଣ ରାଜ୍ୟପାଳଙ୍କ ବିନା ମଧ୍ୟ ରାଜ୍ୟଶାସନ ସୁରୁଖୁରୁରେ ଚାଲିପାରିବ ଏପରିକି ଶ୍ରୀ ଏଚ୍. ଭି. କାମାଥ ଯୁକ୍ତି କରି କହିଛନ୍ତି ଯେ ରାଜ୍ୟପାଳ ପଦବୀ ଅନାବଶ୍ୟକ ଏବଂ ବ୍ୟୟବହୁଳ ତେଣୁ ଏହାର ବିଲୋପ ସାଧନ ଆବଶ୍ୟକ। ଅଧ୍ୟାପକ ହୀରେନ୍ ମୁଖାର୍ଜୀ ମତପ୍ରକାଶ କରିଛନ୍ତି ଯେ ରାଜ୍ୟପାଳମାନେ ହେଉଛନ୍ତି "ଧଳାହାତୀ" (White Elephant) ଯେଉଁମାନଙ୍କ ରକ୍ଷଣାବେକ୍ଷଣରେ ଦରିଦ୍ରରାଜ୍ୟମାନଙ୍କୁ ବହୁଅର୍ଥ ବ୍ୟୟ କରିବାକୁ ପଡ଼ିଥାଏ। ଏପରିକି ଉତ୍ତର ପ୍ରଦେଶର ପୂର୍ବତନ ରାଜ୍ୟପାଳ ଶ୍ରୀମତୀ ସରୋଜିନୀ ନାଇଡୁ ନିଜକୁ ଏକ 'ସ୍ୱର୍ଣ୍ଣ ପିଞ୍ଜରାବଦ୍ଧ ପକ୍ଷୀ' ବୋଲି ବର୍ଣ୍ଣନା କରିଥିଲେ। ଶାସନ କ୍ଷେତ୍ରରେ ରାଜ୍ୟପାଳଙ୍କ କୌଣସି କ୍ଷମତା ନଥିବାର ଅନୁଭବ କରି ସେ ଏହି ମତ ପ୍ରକାଶ କରିଥିଲେ। ମାତ୍ର ଅନ୍ୟ କେତେକ ରାଜନୀତି ବିଶାରଦ ଅନ୍ୟମତ ପୋଷଣ କରନ୍ତି। ଡ଼: କେ. ଏମ୍. ମୁନସୀଙ୍କ ମତରେ ରାଜ୍ୟପାଳ ହେଉଛନ୍ତି ଜାତୀୟ ଏକତାର ପ୍ରତୀକ। ସେ କେନ୍ଦ୍ର ଏବଂ ରାଜ୍ୟସରକାରଙ୍କ ମଧ୍ୟରେ ସଂଘୀୟ ଯୋଗସୂତ୍ର (Federal Link) ଅଟନ୍ତି। ରାଜ୍ୟମାନଙ୍କରେ ରାଜନୈତିକ ଓ ଶାସନଗତ ସ୍ଥିରତା ରକ୍ଷା କରି ରାଷ୍ଟ୍ରର ଅଖଣ୍ଡତା ପ୍ରତି ଧ୍ୟାନ ଦେଇଥାନ୍ତି। ରାଜ୍ୟମାନେ ଦୁର୍ବଳ ହୋଇଗଲେ ଏହାର ସୁଦୂରପ୍ରସାରୀ ପ୍ରଭାବ କେନ୍ଦ୍ର ଉପରେ ପଡ଼ିବା ଫଳରେ କେନ୍ଦ୍ର ମଧ୍ୟ ଦୁର୍ବଳ ହୋଇଯିବ।

ଅଧ୍ୟାପକ ଏମ୍.ଭି.ପାଇଲିଙ୍କ ମତରେ ସ୍ୱେଚ୍ଛାଧୀନ ଅଧିକାର ରାଜ୍ୟପାଳଙ୍କୁ ବାସ୍ତବ କ୍ଷମତାର ଅଧିକାରୀ କରିଛି। ମୁଖ୍ୟମନ୍ତ୍ରୀଙ୍କ ନିଯୁକ୍ତି, ବରଖାସ୍ତ, ବିଧାନ ସଭା ଭଙ୍ଗ, ରାଷ୍ଟ୍ରପତି ଶାସନ ଜାରୀ ଆଦି କ୍ଷେତ୍ରରେ ରାଜ୍ୟପାଳଙ୍କ କ୍ଷମତା ପର୍ଯ୍ୟାଲୋଚନା କଲେ ତାଙ୍କର ଭୂମିକା ରାଜ୍ୟଶାସନ କ୍ଷେତ୍ରରେ ଅତ୍ୟନ୍ତ ପ୍ରଭାବଶାଳୀ ଏହା ବୁଝିହେବ। ତାହାଛଡ଼ା ସଂବିଧାନର ସୁରକ୍ଷା ପାଇଁ ଶପଥ ଦେଇଥିବାରୁ ରାଜ୍ୟରେ ସମ୍ବିଧାନ ଅନୁଯାୟୀ ଶାସନ ଚାଲୁଛି କି ନାହିଁ ତାହା ଦେଖିବା ତାଙ୍କର ମୁଖ୍ୟ କାର୍ଯ୍ୟ।

ଶେଷରେ ଏହା କୁହାଯାଇପାରେ ଯେ ସାଧାରଣ ସମୟରେ ରାଜ୍ୟପାଳ ସାମ୍ବିଧାନିକ ଦାୟିତ୍ୱ ତୁଲାଇଥାନ୍ତି ମାତ୍ର ଆବଶ୍ୟକ ପଡ଼ିଲେ କ୍ଷମତା ପ୍ରୟୋଗ କରି ବାସ୍ତବ କ୍ଷମତାର ଅଧିକାରୀ ହୋଇଥାନ୍ତି। ଦେଶର ଏକତା ଏବଂ ପ୍ରାଦେଶିକ ସ୍ୱତନ୍ତ୍ରତା ଅକ୍ଷୁଣ୍ଣ ରଖିବାପାଇଁ ରାଜ୍ୟପାଳ ପଦବୀର ସୃଷ୍ଟି। ତେଣୁ ଏ ପଦବୀକୁ କୌଣସି ମତେ ନ୍ୟୁନ କରାଯିବାର ଅପଚେଷ୍ଟା ହେବା ଉଚିତ୍ ନୁହେଁ। ଯଥାର୍ଥରେ ରାଜ୍ୟପାଳଙ୍କୁ ରାଷ୍ଟ୍ରପତିଙ୍କ ହାତ, କାନ, ନାକ ବୋଲି

କୁହାଯାଇଛି । ରାଜ୍ୟପାଳମାନଙ୍କ ମାଧ୍ୟମରେ ରାଷ୍ଟ୍ରପତି ଦେଶର ଶାସନକୁ ସ୍ଥିର ରଖିବା ସଙ୍ଗେ ସଙ୍ଗେ ଅଖଣ୍ଡତା ଏବଂ ସ୍ୱାଧୀନତାକୁ ଅକ୍ଷୁଣ୍ଣ ରଖିଥାନ୍ତି ।

ରାଜ୍ୟ ମନ୍ତ୍ରିମଣ୍ଡଳ ଓ ମୁଖ୍ୟମନ୍ତ୍ରୀ

ରାଜ୍ୟ ମନ୍ତ୍ରିମଣ୍ଡଳ :

ରାଜ୍ୟପାଳଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ କେନ୍ଦ୍ରୀୟ ଢାଞ୍ଚାରେ ରାଜ୍ୟମାନଙ୍କରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ମନ୍ତ୍ରିମଣ୍ଡଳ ଗଠନ କରାଯାଇଥାଏ । ରାଜ୍ୟପାଳଙ୍କ ସମସ୍ତ କ୍ଷମତା ମନ୍ତ୍ରିମଣ୍ଡଳ ଉପଯୋଗ କରିଥାଏ । ବାସ୍ତବ କାର୍ଯ୍ୟପାଳିକା ହେଉଛି ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ ରାଜ୍ୟମନ୍ତ୍ରିମଣ୍ଡଳ । ରାଜ୍ୟମନ୍ତ୍ରିମଣ୍ଡଳ କେନ୍ଦ୍ରୀୟ ମନ୍ତ୍ରିମଣ୍ଡଳର ଏକ ସମ୍ପୂର୍ଣ୍ଣ ପ୍ରତିଛବି ମାତ୍ର ।

ଗଠନ :

ମନ୍ତ୍ରିମଣ୍ଡଳ ଗଠନର ପ୍ରକ୍ରିୟା ମୁଖ୍ୟମନ୍ତ୍ରୀଙ୍କ ନିଯୁକ୍ତିରୁ ଆରମ୍ଭ ହୋଇଥାଏ । ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କୁ ନିଯୁକ୍ତ ଦିଅନ୍ତି । ମୁଖ୍ୟମନ୍ତ୍ରୀ ଅନ୍ୟ ମନ୍ତ୍ରୀମାନଙ୍କ ନାମ ତାଲିକା ଏବଂ ସେମାନଙ୍କ ମଧ୍ୟରେ ବିଭାଗ ବଣ୍ଟନର ତାଲିକା ରାଜ୍ୟପାଳଙ୍କୁ ପ୍ରଦାନ କରିଥାନ୍ତି । ଏହି ତାଲିକା ଅନୁସାରେ ରାଜ୍ୟପାଳ ମନ୍ତ୍ରୀମାନଙ୍କୁ ନିଯୁକ୍ତି ପ୍ରଦାନ କରିଥାନ୍ତି । ପ୍ରକୃତରେ ମୁଖ୍ୟମନ୍ତ୍ରୀ ହିଁ ମନ୍ତ୍ରିମଣ୍ଡଳ ନିଜ ହିସାବରେ ଗଠନ କରିଥାନ୍ତି । ସେମାନଙ୍କୁ ନିଯୁକ୍ତି ଦେଇ ରାଜ୍ୟପାଳ ଏକ ଔପଚାରିତା ପୂରଣ କରିଥାନ୍ତି ମାତ୍ର ।

ମନ୍ତ୍ରିମଣ୍ଡଳର ଆକାର ପ୍ରକାର ମୁଖ୍ୟମନ୍ତ୍ରୀଙ୍କ ଉପରେ ସଂପୂର୍ଣ୍ଣ ନିର୍ଭର କରେ । ସାଧାରଣତଃ ତିନି ପ୍ରକାର ମନ୍ତ୍ରୀଙ୍କୁ ନେଇ ମନ୍ତ୍ରିମଣ୍ଡଳ ଗଠିତ ହୋଇଥାଏ । ଏହି ତିନିପ୍ରକାରର ମନ୍ତ୍ରୀ ହେଲେ କ୍ୟାବିନେଟ୍ ମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ ଏବଂ ଉପମନ୍ତ୍ରୀ । ବରିଷ୍ଠତାର କ୍ରମାନ୍ୱୟରେ ଏହି ତିନି ଶ୍ରେଣୀର ମନ୍ତ୍ରୀମାନେ କାର୍ଯ୍ୟ କରିଥାନ୍ତି । କ୍ୟାବିନେଟ ମନ୍ତ୍ରୀମାନେ ହେଲେ ଦଳର ବରିଷ୍ଠ ଏବଂ ଅଭିଜ୍ଞ ମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ସେମାନଙ୍କୁ ବିଭାଗୀୟ ଦାୟିତ୍ୱ ସ୍ୱାଧୀନ ଭାବରେ ନିର୍ବାହ କରିବାକୁ ଦେଇଥାନ୍ତି । ସେମାନେ ଏକ ବା ଏକାଧିକ ବିଭାଗର ସ୍ୱାଧୀନ ଦାୟିତ୍ୱ ନେଇଥାନ୍ତି । ସେମାନଙ୍କୁ ସାହାଯ୍ୟ କରିବା ପାଇଁ ରାଷ୍ଟ୍ରମନ୍ତ୍ରୀ ଏବଂ ଉପମନ୍ତ୍ରୀମାନେ ଥାନ୍ତି । ରାଷ୍ଟ୍ରମନ୍ତ୍ରୀମାନେ ମଧ୍ୟମ ଶ୍ରେଣୀର, ଯଥେଷ୍ଟ ଅଧିକ ଅଭିଜ୍ଞ ନହେଲେ ମଧ୍ୟ ସଂପୂର୍ଣ୍ଣ ଅନଭିଜ୍ଞ ନୁହନ୍ତି । ସେମାନେ କ୍ୟାବିନେଟ ମନ୍ତ୍ରୀମାନଙ୍କୁ ସାହାଯ୍ୟ କରିଥାନ୍ତି ଏବଂ ଅନେକ ସମୟରେ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ବିଭାଗର ସ୍ୱାଧୀନ ଦାୟିତ୍ୱ ମଧ୍ୟ ଦେଇଥାନ୍ତି । ସ୍ୱାଧୀନ ଭାବରେ ଦାୟିତ୍ୱ ନିର୍ବାହ କଲେ ମଧ୍ୟ ସେମାନେ ମନ୍ତ୍ରୀପରିଷଦ ବୈଠକରେ ଯୋଗ ଦିଅନ୍ତି ନାହିଁ । ଉପମନ୍ତ୍ରୀମାନେ ଦଳର କନିଷ୍ଠ ଏବଂ ଅନଭିଜ୍ଞ ସଭ୍ୟ । ଏମାନେ କ୍ୟାବିନେଟ୍ ମନ୍ତ୍ରୀ ଏବଂ ରାଷ୍ଟ୍ରମନ୍ତ୍ରୀଙ୍କୁ ସହଯୋଗ କରନ୍ତି । ସେମାନେ ଏହି ବରିଷ୍ଠ ମନ୍ତ୍ରୀମାନଙ୍କର କାର୍ଯ୍ୟଶୈଳୀ ଅନୁଧ୍ୟାନ କରି ସେମାନେ କିଭଳି କାର୍ଯ୍ୟ କରୁଛନ୍ତି ତାହା ଲକ୍ଷ୍ୟ କରି ଅଭିଜ୍ଞତା ହାସଲ କରନ୍ତି । ଏହିଭଳି ଅଭିଜ୍ଞତା ହାସଲ ପରେ ପରବର୍ତ୍ତୀ ପର୍ଯ୍ୟାୟରେ ସେମାନେ ହୁଏତ ବରିଷ୍ଠ ଏବଂ ଅଭିଜ୍ଞ ମନ୍ତ୍ରୀଭାବେ ପଦୋନ୍ନତି ପାଇପାରନ୍ତି ।

ମନ୍ତ୍ରିମଣ୍ଡଳ ଓ ମନ୍ତ୍ରିପରିଷଦ :

ମନ୍ତ୍ରିମଣ୍ଡଳ ଓ ମନ୍ତ୍ରିପରିଷଦ ଶବ୍ଦ ଦ୍ୱୟକୁ ବହୁ ସମୟରେ ସମଅର୍ଥରେ ବ୍ୟବହୃତ କରାଗଲେ ମଧ୍ୟ ସେମାନଙ୍କ ଭିତରେ ପାର୍ଥକ୍ୟ ଅଛି। ମନ୍ତ୍ରିମଣ୍ଡଳ ମୁଖ୍ୟମନ୍ତ୍ରୀ ଓ ସବୁଶ୍ରେଣୀର ମନ୍ତ୍ରୀମାନଙ୍କୁ ନେଇ ଗଠିତ । ତେଣୁ ଆକାରରେ ଏହା ମନ୍ତ୍ରିପରିଷଦ ଠାରୁ ବଡ଼। ମନ୍ତ୍ରିପରିଷଦ କେବଳ କ୍ୟାବିନେଟ୍ ମନ୍ତ୍ରୀମାନଙ୍କର ସମଷ୍ଟିକୁ ବୁଝାଏ। ବାସ୍ତବରେ ମନ୍ତ୍ରିମଣ୍ଡଳର ବୈଠକ ନିୟମିତ ବସେ ନାହିଁ। କିନ୍ତୁ ମନ୍ତ୍ରିପରିଷଦର ବୈଠକ ନିୟମିତ ବସେ। ମନ୍ତ୍ରିପରିଷଦ ହେଉଛି ରାଜ୍ୟଶାସନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା କାରଣ ଏହା ରାଜ୍ୟର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ସଂସ୍ଥା । ଏହା ଶାସନ ନୀତି ନିର୍ଦ୍ଧାରଣ କରିବା ସଙ୍ଗେ ସଙ୍ଗେ ଏହି ନୀତିକୁ କାର୍ଯ୍ୟ କାରଣ ମଧ୍ୟ କରିଥାଏ। ମନ୍ତ୍ରିପରିଷଦ ବା କ୍ୟାବିନେଟ୍ ବୈଠକରେ କେବଳ କ୍ୟାବିନେଟ୍ ମନ୍ତ୍ରୀମାନେ ଯୋଗ ଦେଇଥାନ୍ତି। ଆବଶ୍ୟକ ପଡ଼ିଲେ ନିର୍ଦ୍ଦିଷ୍ଟ ରାଷ୍ଟ୍ରମନ୍ତ୍ରୀଙ୍କୁ କ୍ୟାବିନେଟ୍ ବୈଠକରେ ଯୋଗ ଦେବା ପାଇଁ ନିମନ୍ତ୍ରିତ କରାଯାଇଥାଏ। କ୍ୟାବିନେଟ୍ ମନ୍ତ୍ରୀଙ୍କ ଦରମା ୫୮ ହଜାର ଓ ରାଷ୍ଟ୍ରମନ୍ତ୍ରୀଙ୍କ ଦରମା ୫୭ ହଜାର ଟଙ୍କା ।

ମନ୍ତ୍ରିମଣ୍ଡଳର କାର୍ଯ୍ୟ :

ସାଧାରଣ ମନ୍ତ୍ରିମଣ୍ଡଳ ଦଳବଦ୍ଧ ଭାବରେ କୌଣସି ନିଷ୍ପତ୍ତି ଗ୍ରହଣ କରେ ନାହିଁ କିମ୍ବା କୌଣସି ନୀତିକୁ କାର୍ଯ୍ୟକାରୀ କରିନଥାଏ। ମନ୍ତ୍ରିମଣ୍ଡଳର ବୈଠକ ନିୟମିତ ବ୍ୟବଧାନରେ ବସେ ନାହିଁ। ଏହା ପ୍ରାୟ ରାଜନୈତିକ ସଙ୍କଟ ସମୟରେ ବସିଥାଏ ବରଂ ମନ୍ତ୍ରିମଣ୍ଡଳର କାର୍ଯ୍ୟ ନକହି ମନ୍ତ୍ରିପରିଷଦର କାର୍ଯ୍ୟ କହିଲେ ତାହା ଅଧିକ ଅର୍ଥପୂର୍ଣ୍ଣ ମନେହୁଏ । କାରଣ ମନ୍ତ୍ରିପରିଷଦର ବୈଠକ ନିୟମିତ ବସେ । ଆଗରୁ କୁହାଯାଇଛି ଯେ ମନ୍ତ୍ରିପରିଷଦ ହେଉଛି ରାଜ୍ୟର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ସଂସ୍ଥା। ତେଣୁ ମନ୍ତ୍ରିପରିଷଦର କାର୍ଯ୍ୟକୁ ଆମେ ମନ୍ତ୍ରିମଣ୍ଡଳର କାର୍ଯ୍ୟ ବୋଲି କହିଥାଉ।

ରାଜ୍ୟଶାସନର ସୁପରିଚାଳନା ପାଇଁ କ୍ୟାବିନେଟ ନୀତି ପ୍ରଣୟନ କରିଥାଏ। ମନ୍ତ୍ରିମଣ୍ଡଳ ଗଠନ ପରେ ନିର୍ବାଚନ ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବା ହେଉଛି ମୁଖ୍ୟମନ୍ତ୍ରୀଙ୍କ ପ୍ରଧାନକାର୍ଯ୍ୟ । ତେଣୁ ମନ୍ତ୍ରିପରିଷଦ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଶାସନ ନୀତି ସ୍ଥିର କରିଥାଏ। ଏହି ଆଲୋଚନା କ୍ୟାବିନେଟ୍ ମନ୍ତ୍ରୀମାନଙ୍କୁ ସେମାନଙ୍କ ବିଭାଗ ଚଳାଇବା ପାଇଁ ଦିଗ୍‌ଦର୍ଶନ ଦେଇଥାଏ। ମନ୍ତ୍ରିପରିଷଦ ଦ୍ୱାରା ପ୍ରଣୀତ ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ମନ୍ତ୍ରିପରିଷଦ ବିଭିନ୍ନ ବିଭାଗକୁ ଆଇନ ପ୍ରଣୟନ କରିବା ପାଇଁ ନିର୍ଦ୍ଦେଶ ଦେଇଥାଏ। କେବଳ ଯେ ମନ୍ତ୍ରିପରିଷଦ ଆଇନ ପ୍ରଣୟନ କରେ ତାହା ନୁହେଁ ପ୍ରଣୀତ ନୀତିକୁ କାର୍ଯ୍ୟକାରୀ ମଧ୍ୟ କରିଥାଏ।

ମନ୍ତ୍ରିପରିଷଦର ଅନ୍ୟ ଏକ କାର୍ଯ୍ୟ ହେଲା ଶାସନ ବିଭାଗମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା। ବହୁ ସମୟରେ ବିଭାଗମାନଙ୍କ ମଧ୍ୟରେ ନିର୍ଦ୍ଦିଷ୍ଟ ନୀତିକୁ କାର୍ଯ୍ୟ କରିବା ନେଇ ମନାନ୍ତର ଦେଖା ଯାଇଥାଏ। ଏହି ବିଭାଗୀୟ ମନାନ୍ତର ଶାସନ ପ୍ରକ୍ରିୟାକୁ ବିଳମ୍ବିତ କରିଥାଏ। ତେଣୁ ଯଦି ବିଭାଗମାନଙ୍କ ମଧ୍ୟରେ କୌଣସି ମନାନ୍ତର ଦେଖାଯାଏ ତେବେ ତାହା ମନ୍ତ୍ରିପରିଷଦର ବୈଠକରେ ଆଲୋଚିତ ହୋଇ ଭୁଲ ବୁଝାମଣା ଦୂର ହୋଇଥାଏ।

ଉଚ୍ଚପଦସ୍ଥ କର୍ମଚାରୀମାନଙ୍କ ନିଯୁକ୍ତି ସମ୍ବନ୍ଧରେ ଏହି ବୈଠକରେ ବିଶେଷ ଆଲୋଚନା କରାଯାଇଥାଏ। ମହାଧିବକ୍ତା (Advocate General), ରାଜ୍ୟ ସେବା ଆୟୋଗର ଅଧକ୍ଷ ଏବଂ ସଭ୍ୟଗଣ (Chairman and

Members of State Public Service Commission) ବିଭିନ୍ନ ଶାସନ ବିଭାଗୀୟ ସଚିବ ଏବଂ ନିର୍ଦ୍ଦେଶକ ମାନଙ୍କ ନିଯୁକ୍ତି ଏବଂ ବଦଳି ରାଜ୍ୟଶାସନ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ମନ୍ତ୍ରିପରିଷଦ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥାଏ ।

ରାଜ୍ୟସରକାରଙ୍କର ଏକ ମୁଖ୍ୟ କାର୍ଯ୍ୟ ହେଲା ରାଜ୍ୟପାଇଁ ବଜେଟ୍ ପ୍ରସ୍ତୁତ କରିବା । ବଜେଟ ଶାସନ ନୀତିକୁ ବହୁ ପରିମାଣରେ ପ୍ରତିଫଳିତ କରିଥାଏ । ତେଣୁ ବଜେଟ ନୀତି ମନ୍ତ୍ରିପରିଷଦ ବୈଠକରେ ବିଶଦ୍‌ଭାବରେ ଆଲୋଚିତ ହୋଇ ଅର୍ଥମନ୍ତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥାଏ । ଏହି ଆଲୋଚନା ପରିପ୍ରେକ୍ଷୀରେ ଅର୍ଥମନ୍ତ୍ରୀ ରାଜ୍ୟପାଇଁ ବଜେଟ ପ୍ରସ୍ତୁତ କରି ମନ୍ତ୍ରୀପରିଷଦଠାରୁ ଅନୁମୋଦନ ଦେଇଥାଆନ୍ତି ।

ଏହାଛଡ଼ା ରାଜ୍ୟପାଳଙ୍କୁ ଅଧାଦେଶ ଜାରୀକରିବା ପାଇଁ ପ୍ରସ୍ତାବ ଦେଇଥାନ୍ତି । ବିଧାନସଭା ବସି ନଥିବା ବେଳେ ଯଦି ଶାସନ ପାଇଁ ହଠାତ୍ କୌଣସି ଆଇନ ଦରକାର ହୁଏ ତାହା ଅଧାଦେଶ ଜାରୀରେ ପୂରଣ କରାଯାଇଥାଏ । ଏହାଛଡ଼ା ସରକାରଙ୍କର ଯୋଜନାର ରୂପ ରେଖ ବୈଠକରେ ଆଲୋଚନା ହୋଇ ସ୍ଥିର କରାଯାଇଥାଏ । ମନ୍ତ୍ରିପରିଷଦର ନିର୍ଦ୍ଦେଶ ଅନୁଯାୟୀ ଏହି ପଞ୍ଚବାର୍ଷିକ ଯୋଜନା, ଯୋଜନା ବୋର୍ଡ଼ ପ୍ରସ୍ତୁତ କରେ ଏବଂ ମନ୍ତ୍ରୀପରିଷଦ ଏହାକୁ ଚୁଡ଼ାନ୍ତ ରୂପ ଦେଇଥାଏ ।

ମୁଖ୍ୟମନ୍ତ୍ରୀ :

ରାଜ୍ୟମନ୍ତ୍ରିମଣ୍ଡଳର ନେତା ହିସାବରେ ମୁଖ୍ୟମନ୍ତ୍ରୀ ରାଜ୍ୟଶାସନରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥାଆନ୍ତି । ତାଙ୍କର କ୍ଷମତା, ସ୍ଥିତି ଏବଂ ରାଜ୍ୟଶାସନରେ ଗୁରୁତ୍ୱ ଦୃଷ୍ଟିରୁ ସେ ପ୍ରଧାନମନ୍ତ୍ରୀଙ୍କ ସହ ତୁଳନୀୟ । ସମ୍ବିଧାନ ଯଦିଓ ରାଜ୍ୟପାଳଙ୍କୁ ସମସ୍ତ କାର୍ଯ୍ୟପାଳିକା କ୍ଷମତା ପ୍ରଦାନ କରିଛି ଏହି ସମସ୍ତ କ୍ଷମତା ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶରେ ନିର୍ବାହ କରାଯାଇଥାଏ । ତେଣୁ ମୁଖ୍ୟମନ୍ତ୍ରୀ ରାଜ୍ୟସରକାରଙ୍କର ମୁଖ୍ୟ ।

ନିଯୁକ୍ତି :

ନିର୍ବାଚନ ପରେ ବିଧାନସଭାର ସଂଖ୍ୟା ଗରିଷ୍ଠ ଦଳର ନେତାଙ୍କୁ ରାଜ୍ୟପାଳ ମନ୍ତ୍ରିମଣ୍ଡଳ ଗଠନ କରିବା ପାଇଁ ଆମନ୍ତ୍ରଣ କରିଥାନ୍ତି । ସଂସଦୀୟ ଗଣତନ୍ତ୍ରର ପରମ୍ପରାକ୍ରମେ ରାଜ୍ୟପାଳ ସଂଖ୍ୟା ଗରିଷ୍ଠ ଦଳର ନେତାଙ୍କୁ ମୁଖ୍ୟମନ୍ତ୍ରୀ ରୂପେ ନିଯୁକ୍ତି ଦିଅନ୍ତି ଯଦି କୌଣସି ଦଳ ସଂଖ୍ୟା ଗରିଷ୍ଠତା ହାସଲ ନ କରେ ତେବେ ରାଜ୍ୟପାଳ ତାଙ୍କର ଇଚ୍ଛାଧୀନ କ୍ଷମତା ପ୍ରୟୋଗ କରି ମୁଖ୍ୟମନ୍ତ୍ରୀଙ୍କୁ ନିଯୁକ୍ତି ଦିଅନ୍ତି । ଯଦି ରାଜ୍ୟପାଳଙ୍କର ହୃଦ୍‌ବୋଧ ହୁଏ ଯେ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପଛରେ ବିଧାନସଭାରେ ସଂଖ୍ୟା ଗରିଷ୍ଠ ସଭ୍ୟଙ୍କ ସମର୍ଥନ ଅଛି, ସେ ସେପରି ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତି ଦିଅନ୍ତି । ମୁଖ୍ୟମନ୍ତ୍ରୀଙ୍କ ସ୍ୱାଭାବିକ କାର୍ଯ୍ୟକାଳ ୫ ବର୍ଷ କିନ୍ତୁ ତାଙ୍କର ମୃତ୍ୟୁ ହେଲେ, ଇସ୍ତଫା ଦେଲେ, ରାଜ୍ୟପାଳଙ୍କଦ୍ୱାରା ବରଖାସ୍ତ ହେଲେ କିମ୍ବା ବିଧାନସଭା ଭଙ୍ଗ ହେଲେ ମୁଖ୍ୟମନ୍ତ୍ରୀଙ୍କ ପଦବୀ ଖାଲି ହୁଏ । ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ମାସିକ ଦରମା ୫୯ ହଜାର ଟଙ୍କା ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାବଳୀ :

ମୁଖ୍ୟମନ୍ତ୍ରୀଙ୍କ କ୍ଷମତା ପ୍ରଧାନମନ୍ତ୍ରୀଙ୍କ କ୍ଷମତା ସହ ତୁଳନୀୟ । କେନ୍ଦ୍ର ସ୍ତରରେ ପ୍ରଧାନମନ୍ତ୍ରୀଙ୍କ କ୍ଷମତା ଯାହା ରାଜ୍ୟସ୍ତରରେ ମୁଖ୍ୟମନ୍ତ୍ରୀଙ୍କ କ୍ଷମତା ଊଣା ଅଧିକେ ତାହା ।

(୧) ରାଜ୍ୟମନ୍ତ୍ରିମଣ୍ଡଳ ଗଠନ କରିବା ମୁଖ୍ୟମନ୍ତ୍ରୀଙ୍କ ଦାୟିତ୍ୱ : ମୁଖ୍ୟମନ୍ତ୍ରୀ ନିଯୁକ୍ତି ପାଇବା ପରେ ସେ ନିଜର ମନୋନୀତ ବ୍ୟକ୍ତିଙ୍କ ଏକ ତାଲିକା ରାଜ୍ୟପାଳଙ୍କୁ ପ୍ରଦାନ କରିଥାନ୍ତି। ରାଜ୍ୟପାଳ ଉକ୍ତ ତାଲିକା ଅନୁଯାୟୀ ମନ୍ତ୍ରୀମାନଙ୍କୁ ନିଯୁକ୍ତ କରିଥାନ୍ତି ଏବଂ ମୁଖ୍ୟମନ୍ତ୍ରୀଙ୍କ ସୁପାରିଶ କ୍ରମେ ସେମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ କରିଥାଆନ୍ତି। ଅବଶ୍ୟ ମନ୍ତ୍ରୀମାନଙ୍କ ତାଲିକା ପ୍ରସ୍ତୁତ କଲାବେଳେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଷୟ ବଚାରକୁ ନେଇଥାନ୍ତି। ଯଥା ଆଞ୍ଚଳିକ ପ୍ରତିନିଧିତ୍ୱ ଅର୍ଥାତ୍ ପ୍ରାୟ ରାଜ୍ୟର ପ୍ରତ୍ୟେକ ଅଞ୍ଚଳର ପ୍ରତିନିଧିଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେବା ଏକ ରାଜନୈତିକ ଆବଶ୍ୟକତା। ଏହା ଛଡ଼ା ଦଳର ବରିଷ୍ଠ ଏବଂ ଅଭିଜ୍ଞ ସଦସ୍ୟ, ନୂତନ ସଦସ୍ୟ, ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ସଭ୍ୟ, ମହିଳା ଏବଂ ପଛୁଆ ବର୍ଗର ସଦସ୍ୟମାନଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେବା ଅନ୍ୟ ଏକ ରାଜନୈତିକ ଆବଶ୍ୟକତା। ତେଣୁ ମୁଖ୍ୟମନ୍ତ୍ରୀ ଏ ସବୁ ଦିଗପ୍ରତି ଦୃଷ୍ଟି ଦେଇ ମନ୍ତ୍ରିମଣ୍ଡଳ ଗଠନ କରିଥାଆନ୍ତି।

(୨) ସେ ମନ୍ତ୍ରିମଣ୍ଡଳର ନେତା ଭାବରେ କାର୍ଯ୍ୟ କରନ୍ତି : ସେ ମନ୍ତ୍ରିମଣ୍ଡଳର ଗଠନ, ଅଭିବୃଦ୍ଧି ଏବଂ ବିଲୟର କେନ୍ଦ୍ରବିନ୍ଦୁ। ମନ୍ତ୍ରିମଣ୍ଡଳ ଗଠନ ପ୍ରକ୍ରିୟା ମୁଖ୍ୟମନ୍ତ୍ରୀଙ୍କ ନିଯୁକ୍ତିରୁ ହିଁ ଆରମ୍ଭ ହୋଇଥାଏ। ତାଙ୍କର ମନୋନୀତ ବ୍ୟକ୍ତିମାନେ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥାନ୍ତି। ସେ ଇଚ୍ଛା ଅନୁସାରେ ମନ୍ତ୍ରିମଣ୍ଡଳରେ ଅଦଳବଦଳ କରିଥାନ୍ତି ଏବଂ ଇଚ୍ଛା କଲେ ଯେଉଁମାନଙ୍କୁ ଅନୁପଯୁକ୍ତ ମନେ କରନ୍ତି ସେମାନଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ ଦେଇପାରନ୍ତି ବା ଆବଶ୍ୟକ ମନେକଲେ ଗ୍ରହଣ କରିପାରନ୍ତି। ସେ ଇସ୍ତଫା ଦେଲେ ତାହା ମନ୍ତ୍ରିମଣ୍ଡଳର ଇସ୍ତଫା ଭାବେ ବିବେଚିତ ହୁଏ ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଛଡ଼ା ମନ୍ତ୍ରିମଣ୍ଡଳର ସମସ୍ତ ସଭ୍ୟ ଇସ୍ତଫା ଦେଲେ ମନ୍ତ୍ରିମଣ୍ଡଳ ଭାଙ୍ଗିଯାଏ ନାହିଁ। ମନ୍ତ୍ରିମଣ୍ଡଳର ସମସ୍ତ ନିଷ୍ପତ୍ତି ତାଙ୍କ ନେତୃତ୍ୱରେ ଚୂଡ଼ାନ୍ତ ହୋଇଥାଏ।

ସେ ମନ୍ତ୍ରିମଣ୍ଡଳ ଏବଂ ରାଜ୍ୟପାଳଙ୍କ ମଧ୍ୟରେ ସଂଯୋଗ ରକ୍ଷା କରନ୍ତି। ମନ୍ତ୍ରିପରିଷଦର ବୈଠକ ପରେ ମୁଖ୍ୟମନ୍ତ୍ରୀ ମନ୍ତ୍ରିପରିଷଦରେ ନିଆଯାଇଥିବା ସମସ୍ତ ପଦକ୍ଷେପ ସମ୍ବନ୍ଧରେ ରାଜ୍ୟପାଳଙ୍କୁ ଜଣାଇଥାନ୍ତି। ରାଜ୍ୟପାଳ ଯଦି ଶାସନଗତ କିଛି ତଥ୍ୟ ଜାଣିବାପାଇଁ ଚାହାନ୍ତି ମୁଖ୍ୟମନ୍ତ୍ରୀ ତାହା ରାଜ୍ୟପାଳଙ୍କୁ ଜଣାଇଥାନ୍ତି। ରାଜ୍ୟଶାସନ ସମ୍ପର୍କରେ ରାଜ୍ୟପାଳଙ୍କ ଅଭିମତକୁ ସେ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କୁ ଜଣାଇଥାନ୍ତି। ଆବଶ୍ୟକସ୍ଥଳେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ମନ୍ତ୍ରୀମାନେ ରାଜ୍ୟପାଳଙ୍କୁ ସାକ୍ଷାତ କରନ୍ତି।

(୩) ସେ ରାଜ୍ୟପାଳଙ୍କ ପ୍ରଧାନ ପରାମର୍ଶଦାତା : ଶାସନ ସମ୍ବନ୍ଧୀୟ କାର୍ଯ୍ୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କୁ ପରାମର୍ଶ ପ୍ରଦାନ କରିଥାନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ପରାମର୍ଶ ମାନିବା ପାଇଁ ରାଜ୍ୟପାଳ ବାଧ୍ୟ।

(୪) ପ୍ରଶାସନିକ ବିଭାଗମାନଙ୍କ ମଧ୍ୟରେ ବହୁ ସମୟରେ ଭୁଲ ବୁଝାମଣା ସୃଷ୍ଟି ହୋଇଥାଏ। ସେ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ସେ ସମସ୍ୟାର ସମାଧାନ କରିଥାଆନ୍ତି ଏବଂ ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ନିଷ୍ପତ୍ତି ଚୂଡ଼ାନ୍ତ ଭାବେ ଶାସନରେ ବିବେଚିତ ହୁଏ। ବହୁ ସମୟରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ପ୍ରଶାସନିକ ନିଷ୍ପତ୍ତିକୁ ମଧ ରଦ୍ଦ କରିଦିଆଯାଇଥାଏ, କାରଣ ସରକାରଙ୍କ ମୁଖ୍ୟ ହିସାବରେ ସେ ବିଧାନସଭାକୁ ମନ୍ତ୍ରିମଣ୍ଡଳର କାର୍ଯ୍ୟ ସମ୍ବନ୍ଧରେ କୈଫିୟତ ଦେଇଯାଆନ୍ତି। ତେଣୁ ଶାସନ କଳ ଉପରେ ତାଙ୍କର ସଂପୂର୍ଣ୍ଣ ନିୟନ୍ତ୍ରଣ ରହିବା ଉଚିତ।

(୫) ମୁଖ୍ୟମନ୍ତ୍ରୀ ସରକାରଙ୍କ ନେତା ହିସାବରେ ନିଆଯାଇଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ଘୋଷଣା କରିଥାଆନ୍ତି। ବିରୋଧିଦଳର ସଦସ୍ୟମାନେ ସରକାରଙ୍କ ବିରୁଦ୍ଧରେ କରିଥିବା ସମସ୍ତ ସମାଲୋଚନାର ଉତ୍ତର ସେ ହିଁ ଦେଇ ସେମାନଙ୍କୁ ଶାନ୍ତ କରିବାର ଚେଷ୍ଟା କରିଥାନ୍ତି। ତାଙ୍କର ବକ୍ତବ୍ୟ ସରକାରୀ ନିର୍ଦ୍ଦେଶ ସହ ସମାନ।

(୬) ସେ କେନ୍ଦ୍ର ସରକାରଙ୍କ ସହିତ ସଂପର୍କ ରକ୍ଷା କରିଥାନ୍ତି । କେନ୍ଦ୍ର ସରକାର ଜାତୀୟ ସ୍ତରରେ ବହୁ ଆଲୋଚନା ଚକ୍ର ଏବଂ ସମ୍ମିଳନୀ କରି ରାଜ୍ୟମାନଙ୍କ ସହ ମତ ବିନିମୟ କରିଥାଆନ୍ତି । ପ୍ରାୟତଃ ରାଜ୍ୟ ତରଫରୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସ୍ତରରେ ବିଭିନ୍ନ ମନ୍ତ୍ରୀମାନଙ୍କ ଆଲୋଚନା କରି ରାଜ୍ୟର ସବୁ ସମସ୍ୟାର ସମାଧାନ କରିବାର ପ୍ରୟାସ କରିଥାନ୍ତି ।

(୭) ଏହାଛଡ଼ା ସେ ରାଜ୍ୟ ଯୋଜନା ବୋର୍ଡ଼ର ଅଧକ୍ଷଭାବେ ପାଞ୍ଚବର୍ଷିଆ ଯୋଜନାର ରୂପରେଖ ନିର୍ଣ୍ଣୟ କରିବାର ନେତୃତ୍ୱ ପ୍ରଦାନ କରିଥାନ୍ତି । ଜାତୀୟ ଉନ୍ନୟନ ପରିଷଦ ଏବଂ ଆଞ୍ଚଳିକ ପରିଷଦର ସଦସ୍ୟଭାବେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାନ୍ତି । ଆନ୍ତଃରାଜ୍ୟ ସଂପର୍କ ଏବଂ କେନ୍ଦ୍ର ରାଜ୍ୟ ସଂପର୍କକୁ ନିୟନ୍ତ୍ରଣ କରିବା ପାଇଁ ଏହି ପରିଷଦ ଦ୍ୱୟ ଉଦ୍ଦିଷ୍ଟ । ମୁଖ୍ୟମନ୍ତ୍ରୀମାନେ ଏହି ସମ୍ମିଳନୀରେ ଯୋଗଦେଇ ନିଜ ନିଜ ରାଜ୍ୟର ଉନ୍ନୟନ ସହ ଜାତୀୟ ଉନ୍ନୟନରେ ନିଜ ରାଜ୍ୟକୁ ସାମିଲ କରିଥାନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ଭୂମିକା :

ମୁଖ୍ୟମନ୍ତ୍ରୀ ରାଜ୍ୟ ଜନସାଧାରଣଙ୍କର ପ୍ରିୟ ନେତା ହିସାବରେ ରାଜ୍ୟବାସୀଙ୍କୁ ଆଶା, ଆଶ୍ୱାସନା ଓ ବିଶ୍ୱାସ ପ୍ରଦାନ କରନ୍ତି । ସେ ସଂଖ୍ୟା ଗରିଷ୍ଠ ଦଳର ନେତା, ମନ୍ତ୍ରିମଣ୍ଡଳର କର୍ଣ୍ଣଧାର, ରାଜ୍ୟପାଳଙ୍କ ପ୍ରଧାନ ଉପଦେଷ୍ଟା, ରାଜ୍ୟ ସରକାରଙ୍କର ମୁଖପାତ୍ର ଏବଂ ସରକାରୀ ନୀତିର ପ୍ରବକ୍ତା ଏବଂ ସର୍ବୋପରି ରାଜ୍ୟର ନେତା ଅଟନ୍ତି । ତାଙ୍କୁ ତାରକାମାନଙ୍କ ମଧ୍ୟରେ ଚନ୍ଦ୍ର ଏବଂ ଗ୍ରହମାନଙ୍କ ମଧ୍ୟରେ ସୂର୍ଯ୍ୟ ଭାବରେ ବର୍ଣ୍ଣନା କରାଯାଇଥାଏ ।

ମୁଖ୍ୟମନ୍ତ୍ରୀଙ୍କର ଭୂମିକା ତାଙ୍କର ବ୍ୟକ୍ତିତ୍ୱ ଉପରେ ନିର୍ଭରଶୀଳ । ତାଙ୍କର କାର୍ଯ୍ୟଦକ୍ଷତା, ସେବା ମନୋବୃତ୍ତି, ତୁଙ୍ଗ ନେତୃତ୍ୱ ପ୍ରଶସ୍ତ ଦୃଷ୍ଟିଭଙ୍ଗୀ ଉପରେ ବହୁ ପରିମାଣରେ ନିର୍ଭରଶୀଳ । କେନ୍ଦ୍ରସରକାରଙ୍କ ସହ ତାଙ୍କର ସଂପର୍କ ମଧ୍ୟ ରାଜ୍ୟଶାସନରେ ତାଙ୍କର ଭୂମିକା ଓ ସ୍ଥିତିକୁ ଦୃଢ଼ କରିଥାଏ । ପ୍ରଧାନମନ୍ତ୍ରୀଙ୍କ ସହ ଉତ୍ତମ ସଂପର୍କ ତାଙ୍କର ଦକ୍ଷତା ଏବଂ ପ୍ରଭୁତ୍ୱକୁ ବହୁଗୁଣିତ କରିଥାଏ । ନିଜ ଦଳ ଉପରେ ତାଙ୍କ ନିୟନ୍ତ୍ରଣ ମଧ୍ୟ ତାଙ୍କୁ ରାଜ୍ୟ ରାଜନୀତିରେ ଅପ୍ରତିଦ୍ୱନ୍ଦୀ ନେତା ଭାବରେ ଉପସ୍ଥାପିତ କରିଥାଏ । ରାଜ୍ୟ ଦଳୀୟ ସଂଗଠନକୁ ନିର୍ବାଚନରେ ନେତୃତ୍ୱ ପ୍ରଦାନ କରି ବିଜୟୀ କରିଥାନ୍ତି ତେଣୁ ଦଳ ସ୍ତରରେ ମଧ୍ୟ ସେ ଯାହା ଚାହାନ୍ତି ତାକୁ କାର୍ଯ୍ୟକାରୀ କରିପାରନ୍ତି ।

ରାଜ୍ୟଶାସନର ଦୃଢ଼ତା ଏବଂ ଦକ୍ଷତା ବୃଦ୍ଧି ଲାଗି ମୁଖ୍ୟମନ୍ତ୍ରୀ ପଦରେ ଘନ ଘନ ପରିବର୍ତ୍ତନ ଅନାବଶ୍ୟକ । ମୁଖ୍ୟମନ୍ତ୍ରୀମାନେ ୫ ବର୍ଷ ପାଇଁ ସ୍ଥିର ଭାବରେ କାର୍ଯ୍ୟ କଲେ ରାଜ୍ୟର ଉନ୍ନତି ସାଧିତ ହୋଇପାରିବ ।

ସଂକ୍ଷିପ୍ତ ସୂଚନା

ଭାରତର ରାଷ୍ଟ୍ରପତି :

ସ୍ୱାଧୀନ ଭାରତରେ ଇଂଲଣ୍ଡ ଢ଼ାଞ୍ଚାରେ ସଂସଦୀୟ ଗଠନ କରାଯାଇଛି । ଏ ବ୍ୟବସ୍ଥାରେ ରାଷ୍ଟ୍ରପତି ନାମକୁ ମାତ୍ର ଶାସନ ମୁଖ୍ୟ । ସଂବିଧାନ ତାଙ୍କୁ ସମସ୍ତ କାର୍ଯ୍ୟପାଳିକା କ୍ଷମତା ଦେଇଥିଲେ ମଧ୍ୟ ମନ୍ତ୍ରିମଣ୍ଡଳର ପରାମର୍ଶରେ ଏହି କ୍ଷମତା ନିର୍ବାହ କରିବା ପାଇଁ ନିର୍ଦ୍ଦେଶ ଦେଇଛି । ଏକ ସଂସଦୀୟ ରାଷ୍ଟ୍ରରେ ନିର୍ବାଚିତ ରାଷ୍ଟ୍ରପତିଙ୍କର ବିଶେଷ

ଭୂମିକା ନଥିବାରୁ ତାଙ୍କୁ ପରୋକ୍ଷ ଭାବରେ ଏକ ନିର୍ବାଚକ ମଣ୍ଡଳୀ ଦ୍ୱାରା ନିର୍ବାଚିତ କରାଯାଇଥାଏ ଏବଂ ସେ ସଂସଦର ଉଭୟ ଗୃହର ଦୁଇ ତୃତୀୟାଂଶ ସଭ୍ୟଙ୍କ ଦ୍ୱାରା ସମ୍ବିଧାନ ଭଙ୍ଗ ଅଭିଯୋଗରେ ମହାଭିଯୋଗଦ୍ୱାରା ବହିଷ୍କୃତ ହୋଇପାରନ୍ତି।

ନିର୍ବାଚନ :

ସେ ସମାନୁପାତିକ ପ୍ରତିନିଧିତ୍ୱ ପଦ୍ଧତିର ଏକକ ହସ୍ତାନ୍ତରୀୟ ମତଦାନ ପ୍ରଣାଳୀ ଦ୍ୱାରା ନିର୍ବାଚିତ ହୋଇଥାନ୍ତି।

କ୍ଷମତା :

ତାଙ୍କର କ୍ଷମତାକୁ କାର୍ଯ୍ୟପାଳିକା, ବ୍ୟବସ୍ଥାପିକା, ଆର୍ଥିକ, ନ୍ୟାୟିକ ଏବଂ ଆନୁଷ୍ଠାନିକ କ୍ଷମତା ଭାବରେ ବିଭକ୍ତ କରାଯାଇପାରେ। କାର୍ଯ୍ୟପାଳିକା କ୍ଷମତା ଦ୍ୱାରା ପ୍ରଧାନମନ୍ତ୍ରୀ, ମନ୍ତ୍ରିମଣ୍ଡଳ, ବିଚାରପତି, ରାଜ୍ୟପାଳ ଆଦି ଅନ୍ୟାନ୍ୟ ସାଂବିଧାନିକ ମୁଖ୍ୟଙ୍କୁ ନିଯୁକ୍ତି ଦେଇଥାନ୍ତି ଏବଂ ଆବଶ୍ୟକ ପଡ଼ିଲେ ବହିଷ୍କାର ମଧ୍ୟ କରିଥାନ୍ତି।

ବ୍ୟବସ୍ଥାପିକା କ୍ଷମତା ଦ୍ୱାରା ରାଷ୍ଟ୍ରପତି ସଂସଦର ଅବିଚ୍ଛେଦ୍ୟ ପରିଗଣିତ ହୋଇଥାନ୍ତି। ପ୍ରତ୍ୟେକ ଅର୍ଥ ବିଧେୟକ ଲୋକସଭାରେ ଆଗତ ହେବା ପୂର୍ବରୁ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥାଏ। ବଜେଟ ଉପସ୍ଥାପନ ପାଇଁ ମଧ୍ୟ ପରାମର୍ଶ ଦେଇଥାନ୍ତି। ହାଇକୋର୍ଟ ବା ସୁପ୍ରିମକୋର୍ଟ ଦ୍ୱାରା ଦଣ୍ଡିତ ବ୍ୟକ୍ତିର ଦଣ୍ଡକୁ ରାଷ୍ଟ୍ରପତି କମାଇ ଦେଇପାରନ୍ତି ବା ସଂପୂର୍ଣ୍ଣଭାବେ କ୍ଷମା ମଧ୍ୟ କରିପାରନ୍ତି। ବିଚାରପତିମାନଙ୍କୁ ନିଯୁକ୍ତି ଦେଇଥାନ୍ତି। ଏହା ଛଡ଼ା, ସାଧାରଣତନ୍ତ୍ର ଦିବସରେ ରାଷ୍ଟ୍ରକୁ ସମ୍ବୋଧିତ କରିବା, ମନ୍ତ୍ରୀ ଓ ବିଚାରପତିମାନଙ୍କୁ ଶପଥ ପାଠ କରାଇବା ସହିତ କେତେକ ଆନୁଷ୍ଠାନିକ କ୍ଷମତା ମଧ୍ୟ ନିର୍ବାହ କରିପାରନ୍ତି।

ଏହାଛଡ଼ା ରାଷ୍ଟ୍ରପତିଙ୍କ ଆପଦକାଳୀନ କ୍ଷମତା ଅଛି। ବିଶେଷ ପରିସ୍ଥିତିରେ ସମ୍ବିଧାନର ୩୫୨, ୩୫୬ ଏବଂ ୩୬୦ ଧାରାନୁଯାୟୀ ସେ ଏହି କ୍ଷମତା ପ୍ରୟୋଗ କରିଥାନ୍ତି। ଯଦି ସେ ଅନୁଭବ କରନ୍ତି ଯେ ବାହ୍ୟଶତ୍ରୁ ଆକ୍ରମଣ ବା ସଶସ୍ତ୍ର ବିଦ୍ରୋହ ଯୋଗୁଁ ଦେଶର ସ୍ୱାଧୀନତା ବା ନିରାପତ୍ତା ବିପନ୍ନ ହେଉଛି ବା ହେବାର ସମ୍ଭାବନା ଅଛି, ତେବେ ୩୫୨ଧାରା ଅନୁସାରେ ସେ ଜାତୀୟ ଜରୁରୀ କାଳୀନ ପରିସ୍ଥିତର ଘୋଷଣା କରିଥାନ୍ତି। ୩୫୬ ଧାରା ଅନୁଯାୟୀ ରାଷ୍ଟ୍ରପତି ଯଦି ରାଜ୍ୟପାଳଙ୍କ ରିପୋର୍ଟ ବା ଅନ୍ୟ କେଉଁ ସୂତ୍ରରୁ ଜାଣିବା ପାଇଁ ପାଆନ୍ତି ଯେ କୌଣସି ରାଜ୍ୟର ସାମ୍ବିଧାନିକ ବିଶୃଙ୍ଖଳାରେ ରାଜ୍ୟର ପ୍ରଶାସନରେ ଅଚଳାବସ୍ଥା ସୃଷ୍ଟି କରିଛି ତେବେ ସେ ଏହି ଘୋଷଣା ଜାରୀ କରିପାରନ୍ତି। ଏହାକୁ ରାଷ୍ଟ୍ରପତି ଶାସନ ମଧ୍ୟ କୁହାଯାଇଥାଏ। ଏହାଛଡ଼ା ଯଦି ରାଷ୍ଟ୍ରପତିଙ୍କର ହୃଦ୍‌ବୋଧ ହୁଏ ଯେ ସମଗ୍ର ଭାରତରେ କିମ୍ବା ଆଂଶିକ ଭାବରେ କୌଣସି ଅଞ୍ଚଳରେ ଆର୍ଥିକ ପରିସ୍ଥିତି ବିପନ୍ନ ହୋଇଛି ତେବେ ସେ ସଂବିଧାନର ୩୬୦ ଧାରା ଅନୁସାରେ ଆର୍ଥିକ ଜରୁରୀ ପରିସ୍ଥିତି ଘୋଷଣା କରିପାରନ୍ତି।

ସ୍ଥିତି :

ନିଜର କ୍ଷମତା ନ ଥିଲେ ମଧ୍ୟ ରାଷ୍ଟ୍ରପତିଙ୍କର ଯଦି ନିର୍ମଳ ଭାବମୂର୍ତ୍ତି, ସାଧୁତା, କାର୍ଯ୍ୟଦକ୍ଷତା ଏବଂ ପାରଦର୍ଶିତା ଥାଏ ତେବେ ଶାସନରେ ଆବଶ୍ୟକୀୟ ପ୍ରଭାବ ବିସ୍ତାର କରିବା ପାଇଁ ତାଙ୍କର ଯଥେଷ୍ଟ ସୁବିଧା ଅଛି।

ଉପରାଷ୍ଟ୍ରପତି :

ଭାରତର ଉପରାଷ୍ଟ୍ରପତି ସଂସଦର ଦୁଇ ଗୃହର ସଭ୍ୟମାନଙ୍କ ଦ୍ୱାରା ୫ ବର୍ଷ ପାଇଁ ପରୋକ୍ଷଭାବରେ ନିର୍ବାଚିତ ହୋଇଥାନ୍ତି । ମାତ୍ର କେବଳ ରାଜ୍ୟସଭାର ସଭ୍ୟମାନଙ୍କ ପ୍ରସ୍ତାବ କ୍ରମେ ରାଜ୍ୟସଭା ଦ୍ୱାରା ବହିଷ୍କୃତ ହୋଇଥାଆନ୍ତି ।

କାର୍ଯ୍ୟ :

ଉପରାଷ୍ଟ୍ରପତି ଭାବରେ ତାଙ୍କର ନିର୍ଦ୍ଦିଷ୍ଟ କୌଣସି କାର୍ଯ୍ୟ ନଥାଏ କେବଳ ରାଷ୍ଟ୍ରପତିଙ୍କ ମୃତ୍ୟୁ ବା ଇସ୍ତଫା ପ୍ରଦାନ କ୍ଷେତ୍ରରେ ସେ ରାଷ୍ଟ୍ରପତିଭାବେ କାର୍ଯ୍ୟ ତୁଲାଇଥାନ୍ତି । ତାଙ୍କ ପଦାଧିକାର ବଳରେ ରାଜ୍ୟ ସଭାର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥାଆନ୍ତି । ଉପରାଷ୍ଟ୍ରପତି ଏକ ମର୍ଯ୍ୟଦା ସମ୍ପନ୍ନ ପଦବୀର ଅଧିକାରୀ ।

କେନ୍ଦ୍ର ମନ୍ତ୍ରିମଣ୍ଡଳ :

ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏକ ମନ୍ତ୍ରିମଣ୍ଡଳ ଗଠନ କରାଯାଇଥାଏ । ମନ୍ତ୍ରିମଣ୍ଡଳର ସଦସ୍ୟମାନେ ପ୍ରଧାନମନ୍ତ୍ରୀଙ୍କ ସୁପାରିଶ ଅନୁଯାୟୀ ନିଯୁକ୍ତି ପାଇଥାନ୍ତି । ଏହି ମନ୍ତ୍ରିମଣ୍ଡଳରେ ସାଧାରଣତଃ ତିନିପ୍ରକାର ମନ୍ତ୍ରୀ ଥାଆନ୍ତି । କ୍ୟାବିନେଟ ମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ ଏବଂ ଉପମନ୍ତ୍ରୀ । ଏହି ମନ୍ତ୍ରୀମାନେ କ୍ରମଅନୁସାରେ ବରିଷ୍ଠତା ଲାଭ କରିଥାନ୍ତି । କ୍ୟାବିନେଟ୍ ମନ୍ତ୍ରୀମାନେ ସ୍ୱାଧୀନ ଭାବରେ ବିଭାଗୀୟ ଦାୟିତ୍ୱ ସମ୍ଭାଳିବା ବେଳେ ରାଷ୍ଟ୍ରମନ୍ତ୍ରୀ ବେଳେବେଳେ ସ୍ୱାଧୀନ ଭାବରେ ଏବଂ ଅନ୍ୟ ସମୟରେ କ୍ୟାବିନେଟ୍ ମନ୍ତ୍ରୀଙ୍କର ସହଯୋଗୀ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥାନ୍ତି । ଉପମନ୍ତ୍ରୀମାନେ ଅନ୍ୟ ଦୁଇ ପ୍ରକାର ମନ୍ତ୍ରୀମାନଙ୍କୁ ସହଯୋଗ କରିଥାନ୍ତି ।

ମନ୍ତ୍ରି ମଣ୍ଡଳ ଏବଂ ମନ୍ତ୍ରୀ ପରିଷଦ (କ୍ୟାବିନେଟ୍) ମଧ୍ୟରେ ପାର୍ଥକ୍ୟ ଥାଏ । ସମସ୍ତମନ୍ତ୍ରୀମାନଙ୍କୁ ମନ୍ତ୍ରିମଣ୍ଡଳର ଅନ୍ତର୍ଭୁକ୍ତ କରାଯିବା ବେଳେ କ୍ୟାବିନେଟ୍ ମନ୍ତ୍ରୀମାନଙ୍କୁ ମନ୍ତ୍ରୀ ପରିଷଦରେ ସାମିଲ କରାଯାଏ । ବାସ୍ତବରେ ମନ୍ତ୍ରୀ ପରିଷଦ ହିଁ ମନ୍ତ୍ରିମଣ୍ଡଳର ମସ୍ତକ । ସମସ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମନ୍ତ୍ରୀ ପରିଷଦ କରିଥାଏ । ଏହା ରାଷ୍ଟ୍ରର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ ସଂସ୍ଥା ।

ମନ୍ତ୍ରିମଣ୍ଡଳର କାର୍ଯ୍ୟ :

ମନ୍ତ୍ରିମଣ୍ଡଳର ସମସ୍ତ କାର୍ଯ୍ୟ ମନ୍ତ୍ରୀ ପରିଷଦ ଦ୍ୱାରା ହୋଇଥାଏ । ଶାସନ ସଂପର୍କିତ ସମସ୍ତ ନୀତି ଏହିଠାରେ ଆଲୋଚିତ ହୋଇ ସ୍ଥିର କରାଯାଇଥାଏ । ଏହି ନୀତିଗୁଡ଼ିକ କାର୍ଯ୍ୟକାରୀ କରିଥାଏ । ଶାସନରେ ସମନ୍ୱୟ ଓ ସ୍ଥିରତା ରକ୍ଷା ମଧ୍ୟ ମନ୍ତ୍ରିମଣ୍ଡଳର କାର୍ଯ୍ୟ । ଏମାନେ ବିଭାଗୀୟ ନିଷ୍ପତ୍ତିକୁ ବିଧେୟକ ମାଧ୍ୟମରେ ପ୍ରସ୍ତୁତ କରି ସଂସଦରେ ଆଲୋଚନା କରିଥାଆନ୍ତି । ବୈଦେଶିକ ନୀତିର ଭିତ୍ତିଭୂମି ମଧ୍ୟ ଏହିଠାରେ ପ୍ରସ୍ତୁତ କରାଯାଇଥାଏ । ଆର୍ଥିକ କ୍ଷେତ୍ରରେ ସୁଧାର ଆଣିବା ପାଇଁ ମନ୍ତ୍ରୀପରିଷଦ କାର୍ଯ୍ୟ କରିଥାଏ । ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ବିଷୟରେ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେଇଥାଏ ।

ପ୍ରଧାନମନ୍ତ୍ରୀ :

ସଂସଦୀୟ ଶାସନ ବ୍ୟବସ୍ଥାରେ ପ୍ରଧାନମନ୍ତ୍ରୀ ଅତ୍ୟନ୍ତ ପ୍ରଭାବଶାଳୀ କାର୍ଯ୍ୟ ନିର୍ବାହୀ ଅଟନ୍ତି । ସେ ରାଷ୍ଟ୍ରପତିଙ୍କ ଦ୍ୱାରା ୫ ବର୍ଷ ପାଇଁ ନିଯୁକ୍ତି ପାଇଥାନ୍ତି । ସଂଖ୍ୟା ଗରିଷ୍ଠ ଦଳର ନେତା ବା ନେତ୍ରୀଙ୍କୁ ରାଷ୍ଟ୍ରପତି ଏହି ନିଯୁକ୍ତି ଦେଇଥାନ୍ତି ।

କାର୍ଯ୍ୟ :

ପ୍ରଧାନମନ୍ତ୍ରୀଙ୍କର କାର୍ଯ୍ୟ ସମ୍ବନ୍ଧରେ ସମ୍ବିଧାନରେ କେବଳ ୭୮ ଧାରା ଛଡ଼ା ଅନ୍ୟ କେଉଁଠାରେ କିଛି ଆଲୋଚନା କରାଯାଇନାହିଁ । ମାତ୍ର ପ୍ରାଧାନମନ୍ତ୍ରୀଙ୍କ କାର୍ଯ୍ୟକାଳ ପରୀକ୍ଷା କଲେ ଆମେ ଦେଖୁଁ ଯେ ସେ ହେଉଛନ୍ତି ମନ୍ତ୍ରିମଣ୍ଡଳର ଗଠନ, ଅଭିବୃଦ୍ଧି ଏବଂ ବିଲୟର କେନ୍ଦ୍ରବିନ୍ଦୁ । ସେ କ୍ୟାବିନେଟ ବୈଠକରେ ଅଧକ୍ଷତା କରିଥାଆନ୍ତି । ରାଷ୍ଟ୍ରର ନେତା ହିସାବରେ ରାଷ୍ଟ୍ରକୁ ମଧ ଦିଗଦର୍ଶନ ଦେଇଥାଆନ୍ତି ।

ସ୍ଥିତି :

ଭାରତୀୟ ସାଂବିଧାନିକ ବ୍ୟବସ୍ଥାକୁ ଲକ୍ଷ୍ୟ କଲେ ପ୍ରଧାନମନ୍ତ୍ରୀ ନିଶ୍ଚିତ ଭାବରେ ଅତ୍ୟନ୍ତ କ୍ଷମତାଶାଳୀ ମନେହୁଅନ୍ତି । ବାସ୍ତବରେ ସେ ବିଶାଳ କ୍ଷମତାର ଅଧିକାରୀ । ଆଇଭର ଜେନିଙ୍ଗସ୍ ମତରେ ପ୍ରଧାନମନ୍ତ୍ରୀ ହେଉଛନ୍ତି ସୂର୍ଯ୍ୟ ସ୍ୱରୂପ ଯାହାଙ୍କ ଚତୁର୍ଦ୍ଦିଗରେ ଅନ୍ୟମନ୍ତ୍ରୀମାନେ ଗ୍ରହ ରୂପରେ ଘୁରୁଥାନ୍ତି । ନେହେରୁଙ୍କ ଭାଷାରେ, Prime Minister is the Linch pin of the Government. ବାସ୍ତବିକ୍ ଏହି ପଦର ମର୍ଯ୍ୟାଦା ପଦାସୀନ ଅଧିକାରୀଙ୍କ ବ୍ୟକ୍ତିତ୍ୱ ଉପରେ ସଂପୂର୍ଣ୍ଣ ନିର୍ଭର କରେ ।

ରାଜ୍ୟ କାର୍ଯ୍ୟପାଳିକା

ରାଜ୍ୟପାଳ :

ଭାରତର ସମ୍ବିଧାନରେ କେନ୍ଦ୍ର ଓ ରାଜ୍ୟ ପାଇଁ ଏକ ପ୍ରକାର ଶାସନ ବ୍ୟବସ୍ଥା ପ୍ରଚଳନ କରାଯାଇଛି । କେନ୍ଦ୍ରଭଳି ରାଜ୍ୟମାନଙ୍କରେ ମଧ ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥାର ପ୍ରଚଳନ କରାଯାଇଛି । ରାଜ୍ୟଶାସନରେ ରାଜ୍ୟପାଳ ରାଷ୍ଟ୍ରପତିଙ୍କ ପ୍ରତିରୂପ ଭାବେ ବିବେଚିତ ହୋଇଥାନ୍ତି । ସେ ରାଷ୍ଟ୍ରପତିଙ୍କ ଦ୍ୱାରା ସାଧାରଣତଃ ୫ ବର୍ଷ ପାଇଁ ନିଯୁକ୍ତି ପାଇଥାନ୍ତି ।

କ୍ଷମତା :

ରାଜ୍ୟପାଳଙ୍କୁ ଦିଆଯାଇଥିବା କ୍ଷମତାକୁ ମୁଖ୍ୟତଃ ଶାସନଗତ, ଆଇନଗତ, ଆର୍ଥିକ, ନ୍ୟାୟିକ ଏବଂ ସ୍ୱେଚ୍ଛାଧିନ କ୍ଷମତା ଭାବରେ ବିଭକ୍ତ କରାଯାଇପାରେ ।

ଶାସନଗତ କ୍ଷମତାରେ ସେ ରାଷ୍ଟ୍ରପତିଙ୍କ ପରି ଉଚ୍ଚସ୍ତରୀୟ ନିଯୁକ୍ତି ପ୍ରଦାନ କରନ୍ତି । ରାଜ୍ୟମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରିମଣ୍ଡଳର ସଦସ୍ୟ, ମହାଧିବକ୍ତା, ରାଜ୍ୟରେ ଆୟୋଗର ଅଧକ୍ଷ ଏବଂ ସଭ୍ୟମାନଙ୍କୁ ନିଯୁକ୍ତି ପ୍ରଦାନ କରିଥାନ୍ତି ।

ବ୍ୟବସ୍ଥାପକ କ୍ଷମତା, ତାଙ୍କୁ ରାଜ୍ୟବିଧାନ ମଣ୍ଡଳର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ରାଷ୍ଟ୍ରପତିଙ୍କ ସହ ସମାନ କରିଥାଏ। ବିଧାନସଭା ଦ୍ୱାରା ଗୃହୀତ ବିଲକୁ ସେ ଅନୁମୋଦନ ଦେଇଥାନ୍ତି ଓ ବିଧାନସଭାର ଅବର୍ତ୍ତମାନରେ ଅଧ୍ୟାଦେଶ ଜାରୀ କରିଥାଆନ୍ତି। ଅର୍ଥବିଧେୟକ ତାଙ୍କ ଅନୁମୋଦନ ବିନା ବିଧାନ ସଭାରେ ଆଗତ ହୋଇପାରିବ ନାହିଁ।

ତାଙ୍କ ନିର୍ଦ୍ଦେଶ କ୍ରମେ ଅର୍ଥମନ୍ତ୍ରୀ ରାଜ୍ୟର ବାର୍ଷିକ ବଜେଟ ବିଧାନସଭାରେ ଉପସ୍ଥାପନ କରିଥାନ୍ତି। ସେ ରାଜ୍ୟ ହାଇକୋର୍ଟର ପ୍ରଧାନବିଚାରପତି ଓ ବିଚାରପତିଙ୍କ ନିଯୁକ୍ତି ବେଳେ ରାଷ୍ଟ୍ରପତିଙ୍କ ପରାମର୍ଶ ଦେଇଥାନ୍ତି। ରାଜ୍ୟର ଆଇନ ଭଙ୍ଗ ଅପରାଧରେ ଯେଉଁ ବ୍ୟକ୍ତି ଦଣ୍ଡିତ ହୋଇଥାଏ ତାହାକୁ ରାଜ୍ୟପାଳ କ୍ଷମା ପ୍ରଦାନ କରିପାରନ୍ତି। ସ୍ୱେଚ୍ଛାଧୀନ କ୍ଷମତା ବିଷୟରେ ସମ୍ବିଧାନରେ ଉଲ୍ଲେଖ ନାହିଁ ତଥାପି ୧୬୩(୨) ଧାରା ଅନୁଯାୟୀ ଯେଉଁ ବିଷୟ ଉପରେ ସେ ନିଜର ଇଚ୍ଛାନୁଯାୟୀ କାର୍ଯ୍ୟ କରିବେ ସେ ସମ୍ବନ୍ଧରେ ତାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ। ବିଧାନସଭାରେ କୌଣସି ଦଳର ସଂଖ୍ୟା ଗରିଷ୍ଠତା ନଥିଲାବେଳେ ମୁଖ୍ୟମନ୍ତ୍ରୀ ନିଯୁକ୍ତି କଲାବେଳେ ସେ ନିଜର ଇଚ୍ଛାଧିନ କ୍ଷମତା ପ୍ରୟୋଗ କରିଥାନ୍ତି। ମୁଖ୍ୟମନ୍ତ୍ରୀଙ୍କର ବିଧାନସଭା ଭଙ୍ଗ ଅନୁରୋଧକୁ ସେ ସବୁବେଳେ ରକ୍ଷା କରନ୍ତି ନାହିଁ। ଏ କ୍ଷେତ୍ରରେ ମଧ୍ୟ ନିଜର ଇଚ୍ଛାଧିନ କ୍ଷମତା ପ୍ରୟୋଗ କରିପାରନ୍ତି। ଆବଶ୍ୟକ ସ୍ଥଳେ ମୁଖ୍ୟମନ୍ତ୍ରୀଙ୍କୁ ବହିଷ୍କାର କରିବା ପାଇଁ ବା ରାଜ୍ୟରେ ରାଷ୍ଟ୍ରପତିଶାସନର ସୁପାରିଶ କରିବା ପାଇଁ ସେ ଏହି କ୍ଷମତା ପ୍ରୟୋଗ କରିପାରନ୍ତି।

କେନ୍ଦ୍ର ସରକାରଙ୍କ ପ୍ରତିନିଧି :

ରାଜ୍ୟରେ କେନ୍ଦ୍ରର ସ୍ୱାର୍ଥ ରକ୍ଷା କରିବା ଏବଂ କେନ୍ଦ୍ରୀୟ ନିର୍ଦ୍ଦେଶାବଳୀ ଯେଭଳି ରାଜ୍ୟରେ ଠିକ୍ ଭାବରେ କାର୍ଯ୍ୟକାରୀ ହୁଏ ତାର ତଦାରଖ କରିବା, ରାଜ୍ୟପାଳଙ୍କ ଏକ ପ୍ରାଥମିକ କ୍ଷମତା ଭାବେ ବିବେଚନା କରାଯାଏ। ରାଷ୍ଟ୍ରପତିଶାସନ ବେଳେ ସେ ରାଜ୍ୟରେ ରାଷ୍ଟ୍ରପତିଙ୍କ ପ୍ରତିନିଧି ଭାବରେ କାର୍ଯ୍ୟ କରିଥାନ୍ତି। ରାଜ୍ୟଶାସନ ସଂପର୍କିତ ସୂଚନା ନିୟମିତ ବ୍ୟବଧାନରେ ରାଷ୍ଟ୍ରପତିଙ୍କୁ ପଠାଇଥାନ୍ତି।

ରାଜ୍ୟପାଳଙ୍କ ଭୂମିକା :

ରାଜ୍ୟଶାସନରେ ସାଧାରଣ ସମୟରେ ସେ ନାମକୁ ମାତ୍ର ମୁଖ୍ୟ ଭାବରେ କାର୍ଯ୍ୟ କରିଥାନ୍ତି। ଶାସନରେ କୌଣସି ହସ୍ତକ୍ଷେପ କରନ୍ତି ନାହିଁ। ମାତ୍ର ପରିସ୍ଥିତି ଉପୁଜିଲେ ନିଜର ଇଚ୍ଛାଧୀନ କ୍ଷମତା ପ୍ରୟୋଗ କରିଥାନ୍ତି ଏବଂ ଆବଶ୍ୟକ ହେଲେ ମନ୍ତ୍ରିମଣ୍ଡଳକୁ ବରଖାସ୍ତ ବା ବିଧାନସଭାକୁ ନିଲମ୍ବିତ ବା ଭାଙ୍ଗିଦେଇଥାନ୍ତି।

ରାଜ୍ୟ ମନ୍ତ୍ରିମଣ୍ଡଳ :

କେନ୍ଦ୍ର ଢ଼ାଞ୍ଚାରେ ରାଜ୍ୟରେ ମଧ୍ୟ ରାଜ୍ୟପାଳକୁ ସାହାଯ୍ୟ କରିବା ପାଇଁ ଏକ ମନ୍ତ୍ରିମଣ୍ଡଳ ଥାଏ। ଏହି ମନ୍ତ୍ରିମଣ୍ଡଳ ମୁଖ୍ୟମନ୍ତ୍ରୀଙ୍କ ସୁପାରିଶ କ୍ରମେ ରାଜ୍ୟପାଳଙ୍କ ଦ୍ୱାରା ନିଯୁକ୍ତି ପାଇଥାଏ।

ଏହି ମନ୍ତ୍ରିମଣ୍ଡଳରେ କେନ୍ଦ୍ର ମନ୍ତ୍ରୀ ସଭା ପରି ତ୍ରିସ୍ତରୀୟ ମନ୍ତ୍ରୀଥାନ୍ତି ଏବଂ କେନ୍ଦ୍ରରେ କାର୍ଯ୍ୟକଲା ଭଳି ରାଜ୍ୟରେ ମଧ୍ୟ ସେହିଭଳି କାର୍ଯ୍ୟ କରିଥାନ୍ତି। ମନ୍ତ୍ରିମଣ୍ଡଳ ଓ ମନ୍ତ୍ରୀପରିଷଦରେ କେନ୍ଦ୍ରରେ ଯେଉଁ ପାର୍ଥକ୍ୟ ଥାଏ ରାଜ୍ୟମାନଙ୍କ କ୍ଷେତ୍ରରେ ମଧ୍ୟ ସେହି ପାର୍ଥକ୍ୟ ପରିଲକ୍ଷିତ ହୁଏ।

ମନ୍ତ୍ରିମଣ୍ଡଳର କାର୍ଯ୍ୟ :

ଶାସନ ପାଇଁ ନୀତି ନିର୍ଦ୍ଧାରଣ କରିବା ପରିଷଦର ମୁଖ୍ୟକାର୍ଯ୍ୟ। ବିଭିନ୍ନ ଶାସନ ବିଭାଗମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରିବା। ଉଚ୍ଚକର୍ମଚାରୀମାନଙ୍କ ବଦଳି, ନିଯୁକ୍ତି ଆଦି ବିଷୟ ଆଲୋଚନା କରି ନିଷ୍ପତ୍ତି ନେବା ଏହି ମନ୍ତ୍ରିପରିଷଦ ବୈଠକରେ ହୋଇଥାଏ। କେନ୍ଦ୍ରଭଳି ଏହା ମଧ୍ୟ ରାଜ୍ୟର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ ସଂସ୍ଥା। ରାଜ୍ୟ ପାଇଁ ବଜେଟ ପ୍ରସ୍ତୁତ କରିବା, ଶାସନ ପାଇଁ ଆଇନର ମୁଖ୍ୟାଂଶ ପ୍ରସ୍ତୁତ କରିବା, ଆବଶ୍ୟକ ସ୍ଥଳେ ଅଧ୍ୟାଦେଶ ଜାରୀ ପାଇଁ ପ୍ରସ୍ତାବ ଦେବା ଏହି ପରିଷଦର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ।

ମୁଖ୍ୟମନ୍ତ୍ରୀ :

ରାଜ୍ୟ ମନ୍ତ୍ରିମଣ୍ଡଳର ନେତା ହିସାବରେ ମୁଖ୍ୟମନ୍ତ୍ରୀ ରାଜ୍ୟଶାସନରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥାନ୍ତି। ନିର୍ବାଚନପରେ ବିଧାନସଭାରେ ସଂଖ୍ୟାଗରିଷ୍ଠଦଳର ନେତାଙ୍କୁ ରାଜ୍ୟପାଳ ମୁଖ୍ୟମନ୍ତ୍ରୀ ଭାବରେ ନିଯୁକ୍ତି ଦେଇଥାନ୍ତି।

କାର୍ଯ୍ୟ :

ମନ୍ତ୍ରିମଣ୍ଡଳ ଗଠନ କରିବା, ମନ୍ତ୍ରିମଣ୍ଡଳର ନେତା ଭାବରେ କାର୍ଯ୍ୟକରିବା ରାଜ୍ୟପାଳଙ୍କ ସହ ସଂପର୍କ ରକ୍ଷା କରିବା, ରାଜ୍ୟପାଳଙ୍କୁ ପରାମର୍ଶ ନେବା, ବିଧାନସଭାକୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯୋଗାଇବା ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟକାର୍ଯ୍ୟ।

ଆଦର୍ଶ ପ୍ରଶ୍ନାବଳୀ

(‘କ’ - ବିଭାଗ)

୧. ତ୍ରୁଟିପୂର୍ଣ୍ଣ ବାକ୍ୟଗୁଡ଼ିକୁ ସଂଶୋଧନ କର :

(କ) ପ୍ରଧାନମନ୍ତ୍ରୀ ଜାତୀୟ ଜରୁରୀ ପରିସ୍ଥିତି ଜାରି କରିପାରନ୍ତି ।

(ଖ) ଭାରତର ରାଷ୍ଟ୍ରପତି ପ୍ରତ୍ୟକ୍ଷ ଭାବରେ ବହୁଳ ମତଦାନ ପଦ୍ଧତି ଦ୍ୱାରା ନିର୍ବାଚିତ ହୋଇଥାନ୍ତି।

(ଗ) ସଂସଦ (Parliament) ଦ୍ୱାରା ରାଜ୍ୟପାଳମାନେ ନିଯୁକ୍ତି ପାଇଥାନ୍ତି ।

(ଘ) ମୁଖ୍ୟମନ୍ତ୍ରୀ, ଗୋଟିଏ ରାଜ୍ୟରେ, କେନ୍ଦ୍ରଦ୍ୱାରା ନିଯୁକ୍ତ ପ୍ରତିନିଧି ଅଟନ୍ତି ।

(ଙ) ମନ୍ତ୍ରିମଣ୍ଡଳର ସମସ୍ତ ସଭ୍ୟ, କ୍ୟାବିନେଟ୍ ମିଟିଂରେ ଅଂଶ ଗ୍ରହଣ କରନ୍ତି ।

୨. ଏକ ଶବ୍ଦରେ / ବାକ୍ୟରେ ଲେଖ :

(କ) ଭାରତର ରାଷ୍ଟ୍ରପତି କିପରି ନିର୍ବାଚିତ ହୋଇଥାନ୍ତି ?

(ଖ) ରାଷ୍ଟ୍ରପତି ନିର୍ବାଚିତ ପାଇଁ ଗଠିତ ‘Electroral College’ ରେ କେଉଁମାନେ ଅଂଶଗ୍ରହଣ କରିଥା’ନ୍ତି ?

(ଗ) ରାଷ୍ଟ୍ରପତି ନିର୍ବାଚନ ପାଇଁ ଜଣେ MP ଏବଂ MLA କେଉଁଠାରେ ସେମାନଙ୍କର ମତଦାନ ସାବ୍ୟସ୍ତ କରିଥାନ୍ତି ?

(ଘ) ଭାରତର ରାଷ୍ଟ୍ରପତିଙ୍କୁ କିଏ ଶପଥ ପାଠ କରାଇଥାନ୍ତି ?

(ଙ) ରାଷ୍ଟ୍ରପତିଙ୍କର କାର୍ଯ୍ୟକାଳ କେତେ ବର୍ଷ ?

(ଚ) ଭାରତର ରାଷ୍ଟ୍ରପତି କିପରି ପଦଚ୍ୟୁତ ହୋଇଥା'ନ୍ତି ?

(ଛ) କେନ୍ଦ୍ରରେ କାହା ହାତରେ କାର୍ଯ୍ୟପାଳିକା କ୍ଷମତା ନ୍ୟସ୍ତ ହୋଇଛି ?

(ଜ) ସଂସଦକୁ କେତେଜଣ ସଭ୍ୟଙ୍କୁ ରାଷ୍ଟ୍ରପତି ମନୋନୀତ କରିଥା'ନ୍ତି ?

(ଝ) ଭାରତୀୟ ରାଷ୍ଟ୍ରପତିଙ୍କର କେତୋଟି ଜରୁରୀକାଳୀନ କ୍ଷମତା ରହିଛି ?

(ଞ) ରାଜ୍ୟରେ ରାଜ୍ୟପାଳଙ୍କୁ କିଏ ନିଯୁକ୍ତ କରିଥାନ୍ତି ?

(ଟ) ରାଜ୍ୟର ମନ୍ତ୍ରିମଣ୍ଡଳ କାହାନିକଟରେ ଉତ୍ତରଦାୟୀ ?

(ଠ) ରାଜ୍ୟରେ ମୁଖ୍ୟମନ୍ତ୍ରୀ କିପରି ନିଯୁକ୍ତି ପାଇଥାନ୍ତି ?

୩. ଶୂନ୍ୟସ୍ଥାନ ପୂରଣ କର :

(କ) _________ ଭାରତର ରାଷ୍ଟ୍ରମୁଖ୍ୟ ଅଟନ୍ତି ।

(ଖ) ସମ୍ବିଧାନର _________ ଧାରା, ରାଷ୍ଟ୍ରପତିଙ୍କ ବିରୁଦ୍ଧରେ 'ମହାଭିଯୋଗ' ଆଣିବାକୁ ସୂଚୀତ କରେ ।

(ଗ) ଭାରତୀୟ ସୈନ୍ୟବାହିନୀର 'ସର୍ବୋଚ୍ଚ ସେନାପତି' ହେଲେ _________ ।

(ଘ) ରାଷ୍ଟ୍ରପତି, ପରୋକ୍ଷରେ _________ ଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ।

(ଙ) ଭାରତର ରାଷ୍ଟ୍ରପତିଙ୍କୁ _________ ଶପଥ ପାଠ କରାଇଥାନ୍ତି ।

(ଚ) ସମ୍ବିଧାନର _________ ଧାରାରେ 'ରାଷ୍ଟ୍ରପତି ଶାସନ' ବା 'ରାଜ୍ୟର ଜରୁରୀ ପରିସ୍ଥିତି ଜାରି'ର ବ୍ୟବସ୍ଥା ଅଛି ।

(ଛ) ରାଜ୍ୟପାଳ _________ ଙ୍କ ଦ୍ୱାରା ଗାଦିଚ୍ୟୁତ ହୋଇଥାନ୍ତି ।

(ଜ) କେନ୍ଦ୍ରରେ କ୍ୟାବିନେଟ୍ ମିଟିଂରେ _________ ଅଧକ୍ଷତା କରିଥାନ୍ତି ।

(ଝ) ଭାରତର ରାଷ୍ଟ୍ରପତିଙ୍କ ବେତନ (Salary) ଭାରତର _________ ପାଣ୍ଠିରୁ ପ୍ରଦାନ କରାଯାଏ ।

(ଞ) ରାଜ୍ୟସଭାର ଅଧକ୍ଷ ହେଲେ _________ ।

(ଟ) ଓଡ଼ିଶା ସରକାରଙ୍କର ମୁଖ୍ୟ ହେଲେ _________ ।

୪. ବିବିଧ ଉତ୍ତର ଚୟନ ପ୍ରଶ୍ନାବଳୀ :

(କ) ଭାରତର ପ୍ରଧାନମନ୍ତ୍ରୀଙ୍କ ପଦମର୍ଯ୍ୟାଦା ହେଲା–

(i) ରାଷ୍ଟ୍ରର ମୁଖ୍ୟ   (ii) ଶାସନର ମୁଖ୍ୟ

(iii) ଉଭୟ ରାଷ୍ଟ୍ର ଓ ଶାସନର ମୁଖ୍ୟ   (iv) ଉପରୋକ୍ତ କୌଣସିଟି ନୁହେଁ

(ଖ) କାହାର ପରାମର୍ଶରେ ରାଷ୍ଟ୍ରପତି 'ଜାତୀୟ ଜରୁରୀ ପରିସ୍ଥିତି' ଘୋଷଣା କରିପାରନ୍ତି ?

(i) ମନ୍ତ୍ରିମଣ୍ଡଳ (ii) ଉପରାଷ୍ଟ୍ରପତି

(iii) ସଂସଦ (iv) ପ୍ରଧାନମନ୍ତ୍ରୀ

(ଗ) 'ରାଷ୍ଟ୍ରପତି'ଙ୍କୁ କିଏ ଗାଦିଚ୍ୟୁତ କରିପାରିବ ?

(i) ଉଚ୍ଚତମ ନ୍ୟାୟାଳୟ (ii) କ୍ୟାବିନେଟ୍

(iii) କେନ୍ଦ୍ରର ସଂସଦ (iv) ଲୋକସଭା

(ଘ) ରାଷ୍ଟ୍ରର ପ୍ରକୃତ ନେତା କିଏ ?

(i) ରାଷ୍ଟ୍ରପତି (ii) ପ୍ରଧାନମନ୍ତ୍ରୀ

(iii) ଉପରାଷ୍ଟ୍ରପତି (iv) ରାଜ୍ୟପାଳ

(ଙ) ରାଜ୍ୟର ରାଜ୍ୟପାଳ କାହାଙ୍କ ଦ୍ୱାରା ନିଯୁକ୍ତି ପାଇଥାନ୍ତି ?

(i) ପ୍ରଧାନମନ୍ତ୍ରୀ (ii) ରାଷ୍ଟ୍ରପତି

(iii) ବାଚସ୍ପତି (iv) ମୁଖ୍ୟମନ୍ତ୍ରୀ

(ଚ) ରାଜ୍ୟର ମୁଖ୍ୟମନ୍ତ୍ରୀ କାହା ପାଖରେ ଉତ୍ତରଦାୟୀ ?

(i) ରାଜ୍ୟପାଳ (ii) ବିଧାନସଭା

(iii) ପ୍ରଧାନମନ୍ତ୍ରୀ (iv) ରାଜନୈତିକ ଦଳ ପାଖରେ

(ଛ) ରାଜ୍ୟ ଶାସନର 'ମନୋନୀତ-ମୁର୍ଖ' କିଏ ଅଟନ୍ତି ?

(କ) ମୁଖ୍ୟମନ୍ତ୍ରୀ (ଖ) ବାଚସ୍ପତି

(ଗ) ରାଜ୍ୟପାଳ (ଘ) ମୁଖ୍ୟ ଶାସନସଚିବ

(ଜ) 'ରାଜ୍ୟ ମନ୍ତ୍ରିମଣ୍ଡଳ' କାହାଦ୍ୱାରା ବହିସ୍କୃତ ହୋଇପାରନ୍ତି ?

(i) ରାଜ୍ୟ ବିଧାନସଭା (ii) ରାଜ୍ୟପାଳ

(iii) ରାଜ୍ୟ ବିଧାନ ପରିଷଦ (iv) ଉଚ୍ଚ ନ୍ୟାୟାଳୟ

(ଝ) ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକାଳ କେତେ ବର୍ଷ ?

(i) ୫ ବର୍ଷ

(ii) ରାଜ୍ୟପାଳକଙ୍କ ଇଚ୍ଛା ଥିବା ପର୍ଯ୍ୟନ୍ତ

(iii) ରାଜ୍ୟ ବିଧାନସଭାରେ ସଂଖ୍ୟାଗରିଷ୍ଠତା ଉପଭୋଗ କରୁଥିବା ପର୍ଯ୍ୟନ୍ତ

(iv) ପ୍ରଧାନମନ୍ତ୍ରୀଙ୍କ ଇଚ୍ଛା ଥିବା ପର୍ଯ୍ୟନ୍ତ

୫. କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନାବଳୀ :

(କ) କାର୍ଯ୍ୟପାଳିକା କାହାକୁ କୁହାଯାଏ ?

(ଖ) ରାଷ୍ଟ୍ରପତିଙ୍କର ଜରୁରୀକାଳୀନ କ୍ଷମତାଗୁଡ଼ିକୁ ଆଲୋଚନା କର ।

(ଗ) ପ୍ରଧାନମନ୍ତ୍ରୀ ଏବଂ କ୍ୟାବିନେଟ୍ ମଧ୍ୟରେ ଥିବା ସମ୍ପର୍କକୁ ଦର୍ଶାଅ ।

(ଘ) ମନ୍ତ୍ରିମଣ୍ଡଳ ଏବଂ କ୍ୟାବିନେଟ୍ ମଧ୍ୟରେ ଥିବା ପ୍ରଭେଦ ଦର୍ଶାଅ ।

(ଙ) ଗୋଟିଏ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କର ପଦମର୍ଯ୍ୟାଦା ସମ୍ପର୍କରେ ଆଲୋକପାତ କର ।

୬. ଅତି କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନାବଳୀ :

(କ) ଭାରତରେ ରାଷ୍ଟ୍ରପତି ଏବଂ ମନ୍ତ୍ରିମଣ୍ଡଳ ମଧ୍ୟରେ ଯୋଗସୂତ୍ର ରକ୍ଷାକାରୀ କିଏ ?

(ଖ) ଦେଶରେ କିଏ ଅଧ୍ୟଦେଶ (Ordinance) ଜାରି କରନ୍ତି ?

(ଗ) ଭାରତୀୟ ସେନାର ସର୍ବୋଚ୍ଚ ସେନାପତି କିଏ ?

(ଘ) ଭାରତରେ କିଏ ଏକ ଅପରାଧୀର ଅପରାଧକୁ କ୍ଷମା କରିଦେଇ ପାରନ୍ତି ?

(ଙ) ରାଷ୍ଟ୍ରରେ ରାଷ୍ଟ୍ରପତିଙ୍କ ପରି ରାଜ୍ୟରେ ସାମ୍ବିଧାନିକ ମୁଖ୍ୟ କିଏ ?

(ଚ) 'ରାଜ୍ୟପାଳ' କାହା ଦ୍ୱାରା ନିଯୁକ୍ତ ଏବଂ ବହିସ୍କୃତ ହୋଇଥାନ୍ତି ?

(ଛ) ମୁଖ୍ୟମନ୍ତ୍ରୀଙ୍କୁ କିଏ ନିଯୁକ୍ତ କରିଥାନ୍ତି ?

('ଖ' - ବିଭାଗ)

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନାବଳୀ :

୧. ଭାରତର ରାଷ୍ଟ୍ରପତି କିପରି ଓ କାହାଦ୍ୱାରା ନିର୍ବାଚିତ ହୋଇଥାନ୍ତି ? ଏହି ପ୍ରକ୍ରିୟାର ବିଶଦ ଆଲୋଚନା କର ?

୨. ଭାରତର ରାଷ୍ଟ୍ରପତିଙ୍କର ପଦମର୍ଯ୍ୟାଦା ଏବଂ କ୍ଷମତା ସମ୍ପର୍କରେ ଆଲୋଚନା କର ?

୩. ମନ୍ତ୍ରୀମଣ୍ଡଳ କିପରି ଗଠିତ ହୋଇଥାଏ ? ଏହାର କ୍ଷମତା ଏବଂ କାର୍ଯ୍ୟାବଳୀ ନିରୂପଣ କର ?

୪. ଭାରତର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାବଳୀ ଏବଂ କ୍ଷମତା ସମ୍ପର୍କରେ ବିଶଦ ବିବରଣୀ ଉପସ୍ଥାପିତ କର ?

୫. ରାଜ୍ୟର ରାଜ୍ୟପାଳଙ୍କର ପଦମର୍ଯ୍ୟାଦା ଏବଂ କ୍ଷମତା ସବୁ ଆଲୋଚନା କର ?

୬. ରାଜ୍ୟରେ ମୁଖ୍ୟମନ୍ତ୍ରୀ କିପରି ନିଯୁକ୍ତି ପାଇଥାନ୍ତି ? ତାଙ୍କର କ୍ଷମତା ଏବଂ ସ୍ଥିତି ସମ୍ପର୍କରେ ଆଲୋଚନା କର ?

୭. ରାଜ୍ୟମନ୍ତ୍ରୀମଣ୍ଡଳର ଗଠନ ଓ କାର୍ଯ୍ୟକାରିତା ସମ୍ପର୍କରେ ବିବରଣୀ ଉପସ୍ଥାପିତ କର ?

❑●❑

ପଞ୍ଚଦଶ ଅଧ୍ୟାୟ

ଭାରତରେ ନ୍ୟାୟପାଳିକା (JUDICIARY IN INDIA)

ପ୍ରତ୍ୟେକ ରାଷ୍ଟ୍ରରେ ନ୍ୟାୟପାଳିକା ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ପାଦନ କରେ। ଆଇନଶାସନ ବା ନ୍ୟାୟିକ ପ୍ରଶାସନ ମାଧ୍ୟମରେ ରାଜ୍ୟରେ ଆଇନଶୃଙ୍ଖଳାର ରକ୍ଷଣାବେକ୍ଷଣ ହୋଇଥାଏ। ଏହାକୁ ପ୍ରତ୍ୟେକ ସରକାରର ପ୍ରମୁଖ ସ୍ତମ୍ଭ ଭାବେ ବିବେଚନା କରାଯାଏ। ନାଗରିକମାନଙ୍କର ସୁରକ୍ଷା, ଦକ୍ଷ ତଥା ନିରପେକ୍ଷ ନ୍ୟାୟ, ପ୍ରଶାସନ ଉପରେ ନିର୍ଭରଶୀଳ। ପ୍ରତ୍ୟେକ ମୌଳିକ ଅଧିକାରର ଅଭିଭାବକ ଭାବେ ନ୍ୟାୟପାଳିକା (Judiciary) କାର୍ଯ୍ୟ କରିଥାଏ। ମାଜିଷ୍ଟ୍ରେଟ୍ ଓ ବିଚାରପତିମାନଙ୍କୁ ନେଇ ଗଠିତ ନ୍ୟାୟପାଳିକା ନ୍ୟାୟପ୍ରଶାସନଗତ ଦାୟିତ୍ୱ ନିର୍ବାହ କରେ।

ନ୍ୟାୟ ପ୍ରଶାସନଗତ ବା ଆଇନ ଶାସନଗତ କ୍ଷମତାକୁ କେତେକ ସାମାଜିକ ଅନୁଷ୍ଠାନ, ଯଥା : ଚର୍ଚ୍ଚ, ଶ୍ରେଣୀ (Guild), ପଞ୍ଚାୟତ ବା ପ୍ରଭାବଶାଳୀ ଜମିଦାରମାନେ ତୁଲାଉଥିଲେ। ଆଧୁନିକ କାଳରେ ଏହି କ୍ଷମତା ରାଜ୍ୟରେ ସ୍ୱତନ୍ତ୍ର କ୍ଷମତାରେ ପରିବର୍ତ୍ତନ ହୋଇଛି। ନିର୍ଦ୍ଦୋଷର କ୍ଷତିସାଧନ ନ କରି ଏବଂ ନିର୍ଦ୍ଦୋଷକୁ ବଳପୂର୍ବକ ଅପହରଣରୁ ରକ୍ଷା କରି ଦୋଷୀକୁ ଦଣ୍ଡ ଦେବା ନ୍ୟାୟପାଳିକାର ମୁଖ୍ୟ ଦାୟିତ୍ୱ। ଏହି କାରଣରୁ ବିଚାରପତିମାନେ ସମ୍ବିଧାନ ପ୍ରତି ବିଶ୍ୱସ୍ତ, ସଚ୍ଚୋଟ, ନ୍ୟାୟପରାୟଣ ଏବଂ ନିରପେକ୍ଷ ହେବା ଆବଶ୍ୟକ।

ପ୍ରତ୍ୟେକ ଦେଶର ନ୍ୟାୟିକ ବ୍ୟବସ୍ଥାରେ ସାଧାରଣତଃ ଦେୱାନୀ ଓ ଫୌଜଦାରୀ କ୍ରମରେ ଦୁଇ ପ୍ରକାରର ଅଦାଲତ କାର୍ଯ୍ୟ କରିଥାଏ। ଉଭୟ ଅଦାଲତର ସର୍ବୋଚ୍ଚ ସ୍ଥାନରେ ସର୍ବୋଚ୍ଚ ନ୍ୟାୟାଳୟ (Supreme Court) ରହିଥିବା ବେଳେ, ନିର୍ଦ୍ଦିଷ୍ଟ ଅଧିକାର କ୍ଷେତ୍ର (Jurisdiction) ଥିବା ଉଚ୍ଚନ୍ୟାୟାଳୟ (High Court) ଏବଂ ନିମ୍ନ ଅଦାଲତ (Subordinate Court) ଭିନ୍ନ ଭିନ୍ନ ସ୍ତରରେ କାର୍ଯ୍ୟ କରେ। ନ୍ୟାୟର ପଦ୍ଧତି, ସଂଜ୍ଞା ଓ ମାତ୍ରା ବିଭିନ୍ନ ରାଷ୍ଟ୍ରରେ ଭିନ୍ନ ଭିନ୍ନ ହୋଇଥିଲେ ମଧ୍ୟ ଏହାର ମୌଳିକ ସତ୍ତା ସବୁଦେଶରେ ସମାନ।

କାର୍ଯ୍ୟାବଳୀ (Functions) :

୧. ଆଇନର ଶାସନ ବା ପ୍ରଦାନ ଅଦଲାତଗୁଡ଼ିକର ପ୍ରଥମ ଏବଂ ପ୍ରମୁଖ କାର୍ଯ୍ୟ। ନ୍ୟାୟପାଳିକା ଦେୱାନୀ, ଫୌଜଦାରୀ ଓ ସାମ୍ବିଧାନିକମାମଲାର ବିଚାର ବେଳେ ମାମଲା ସହ ସଂପୃକ୍ତ ଉଭୟ ପକ୍ଷର ଯୁକ୍ତି ଶୁଣି ରାୟ ଦେଇଥାଏ। ସ୍ୱୀକୃତି ବା ବିଧିବଦ୍ଧ ପଦ୍ଧତି ଯଥା : ତଥ୍ୟ ଉପସ୍ଥାପନା, ସାକ୍ଷ୍ୟ ପ୍ରମାଣକୁ ଆଧାର କରି

ଅଦାଲତ ମାମଲାର ସତ୍ୟାସତ୍ୟ ବିଚାର କରିଥାଏ । ତଥ୍ୟ ପ୍ରମାଣ ନେଇ ନିଶ୍ଚିତ ହେବା ପରେ ଅଦାଲତ ଉପଯୁକ୍ତ ନ୍ୟାୟ ଏବଂ ରାୟ ଦେଇଥାନ୍ତି ।

୨. ବିଧାନସଭା ଯଦିଓ ବିଧାନ (Legislation) ସମ୍ବନ୍ଧୀୟ କାର୍ଯ୍ୟ ତୁଲାଇଥାଏ, ତଥାପି ଅଦାଲତ ମଧ୍ୟ ଅନୁରୂପ କାର୍ଯ୍ୟ ଭିନ୍ନ ଶୈଳୀରେ ନିର୍ବାହ କରେ । ଅନେକ ସମୟରେ ଭାଷାଗତ ଜଟିଳତା ଦୃଷ୍ଟିରୁ ଏବଂ ନିର୍ଦ୍ଦିଷ୍ଟ ମାମଲାର ବିଚାର ପାଇଁ ଆଗତ ଆବେଦନ ନେଇ ଉପଯୁକ୍ତ ଆଇନ ଚୟନରେ ବିଚାରପତିମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ତେଣୁ ବିଚାରପତିମାନେ ବିଧେୟକର ମୂଳ ଉଦ୍ଦେଶ୍ୟ ବିଷୟରେ ଅବଗତ ହୋଇ ନିଷ୍ପତ୍ତି ନେଇଥାନ୍ତି । ପ୍ରଚଳିତ ବିଧିବ୍ୟବସ୍ଥାକୁ ବାଦ୍‌ଦେଇ ସୃଷ୍ଟି ହୋଇଥିବା ପରିସ୍ଥିତି ପାଇଁ ବିଚାରପତିଗଣ ଏକ ନ୍ୟାୟିକ ବିଧାନ (Judicial Legislation) ଉପରେ ଗୁରୁତ୍ୱ ଦେଇଥାନ୍ତି । ଏହିଭଳି ନ୍ୟାୟିକ ବିଧାନ ବ୍ରିଟେନ୍‌ର ସାଧାରଣ ଆଇନର ଏକ ବୈଶିଷ୍ଟ୍ୟ । ଅନ୍ୟାନ୍ୟ ରାଷ୍ଟ୍ରରେ ଏହା ମାମଲା-ବିଧାନ ବା ମାମଲା ଆଇନ (Case law) ଭାବେ ପରିଚିତ । ତେଣୁ ଆଇନ୍‌ର ବାଖ୍ୟା ବା ତର୍ଜମା କରିବା ନ୍ୟାୟପାଳିକାକୁ ଦିଆଯାଇଛି ।

୩. ସଂଘୀୟ ରାଷ୍ଟ୍ରରେ ଅଦାଲତ, କେନ୍ଦ୍ର ଓ ରାଜ୍ୟସରକାରଙ୍କ ମଧ୍ୟରେ ଏକ ସ୍ୱାଧୀନ ଏବଂ ନିରପେକ୍ଷ ବିଚାରକ (Umpire) ର ଭୂମିକା ନିର୍ବାହ କରିଥାଏ । ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟସରକାରଙ୍କ ମଧ୍ୟରେ କ୍ଷମତା ବିକେନ୍ଦ୍ରୀକରଣ ଏବଂ ନିଜ ନିଜ ସ୍ତରରେ ପ୍ରତ୍ୟେକଙ୍କ ସ୍ୱାତନ୍ତ୍ର୍ୟ ଦୃଷ୍ଟିରୁ ଯେତେବେଳେ ଉଭୟଙ୍କ ମଧ୍ୟରେ କୌଣସି ବିବାଦ ଦେଖାଦିଏ ତାହାର ସାମ୍ବିଧାନିକ ସମାଧାନ ପାଇଁ ନ୍ୟାୟପାଳିକା ହସ୍ତକ୍ଷେପ କରିଥାଏ । ସରକାର ସାମ୍ବିଧାନିକ ସୀମା ଓ ସମ୍ମାନ ମଧ୍ୟରେ କାର୍ଯ୍ୟ କରୁଛି କି ନାହିଁ ଏହା ଅଦାଲତ ବିଚାର କରେ । ଏହା ସମ୍ବିଧାନର ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟ କରେ ।

୪. କେତେକ ରାଷ୍ଟ୍ରରେ ମଧ୍ୟ ଆଇନ ପ୍ରଶାସନ କ୍ଷେତ୍ରରେ ନ୍ୟାୟପାଳିକା ଅଂଶଗ୍ରହଣ କରିଥାଏ । ବିବାଦ ବିନା ମଧ୍ୟ କେତେକ କ୍ଷେତ୍ରରେ ଅଦାଲତ ହସ୍ତକ୍ଷେପ କରି ଆଇନଗତ ପରାମର୍ଶ ଦେଇପାରେ । ତେଣୁ ଭାରତ ଓ କାନାଡ଼ାରେ କୌଣସି ବିଧାନ (legislation) ର ଚୂଡ଼ାନ୍ତ ରୂପରେଖ ବା ଆଇନରେ କାର୍ଯ୍ୟକାରିତା ପୂର୍ବରୁ ଏଥିସହ ଜଡ଼ିତ ସାମ୍ବିଧାନିକ ବିଷୟରେ ସର୍ବୋଚ୍ଚ ନ୍ୟାୟାଳୟ (Supreme Court) ପରାମର୍ଶଦାୟୀ ମତ (Advisory opinion) ଦେଇପାରେ ।

୫. ଜନସାଧାରଣଙ୍କର ଅଧିକାର ସୁରକ୍ଷା କରିବା ନ୍ୟାୟପାଳିକାର କାର୍ଯ୍ୟ । ବିଶେଷ କରି ସେମାନଙ୍କ ମୌଳିକ ଅଧିକାର ସୁରକ୍ଷା କ୍ଷେତ୍ରରେ ନ୍ୟାୟପାଳିକା ସ୍ୱତନ୍ତ୍ର ଆଜ୍ଞାଦେଶ ଜାରି କରି ରାଷ୍ଟ୍ର କିମ୍ବା ଅନ୍ୟମାନଙ୍କୁ ବ୍ୟକ୍ତିର ଅଧିକାର ପରିସରରେ ହସ୍ତକ୍ଷେପ କରିବା ପାଇଁ ବାରଣ କରିଥାଏ ।

୬. ଅଦାଲତ ବିବିଧ କାର୍ଯ୍ୟ ସଂପାଦନ କରିଥାଏ । ଏହିସବୁ କାର୍ଯ୍ୟ ମଧ୍ୟରେ କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟମଧ୍ୟ ନ୍ୟାୟିକ ହୋଇନଥାଏ । ଯେପରିକି, ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରିବା, ଗ୍ରହୀତା (Receiver) ମାନଙ୍କୁ ନିଯୁକ୍ତି ଦେବା ଇତ୍ୟାଦି । ନ୍ୟାୟପାଳିକା ନିଜର ଆଭ୍ୟନ୍ତରୀଣ ପ୍ରଶାସନ ନିଜେ କରିଥାଏ ।

ଭାରତରେ ନ୍ୟାୟପାଳିକା

ଏକ ସ୍ୱାଧୀନ ତଥା ନିରପେକ୍ଷ ନ୍ୟାୟପାଳିକା ସଂଘୀୟ ସରକାରର ଏକ ଅପରିହାର୍ଯ୍ୟ ଆବଶ୍ୟକତା । ଏହା କେନ୍ଦ୍ର ଓ ରାଜ୍ୟସରକାରଙ୍କ ମଧ୍ୟରେ ସମତା ରକ୍ଷା କରିଥାଏ । ନ୍ୟାୟପାଳିକା, ଗଣତନ୍ତ୍ରର ତତ୍ତ୍ୱାବଧାରକ ଏବଂ ଜନସାଧାରଣଙ୍କ ଅଧିକାର ଓ ସ୍ୱାଧୀନତାର ଅଭିଭାବକ ଭାବେ ଦାୟିତ୍ୱ ନିର୍ବାହ କରିଥାଏ । ଭାରତୀୟ ସମ୍ବିଧାନର ପଞ୍ଚମ ଓ ଷଷ୍ଠ ଅଧ୍ୟାୟରେ ନ୍ୟାୟପାଳିକା ବ୍ୟବସ୍ଥା ବିଷୟରେ ଉଲ୍ଲେଖ ରହିଛି । ଅନ୍ୟାନ୍ୟ ସଂଘୀୟ ରାଷ୍ଟ୍ରଭଳି ଆମ ଦେଶରେ ନ୍ୟାୟପାଳିକା ସମ୍ବନ୍ଧୀୟ ଶ୍ରେଣୀସ୍ତର ପରିବର୍ତ୍ତେ ଏକ କେନ୍ଦ୍ରୀଭୂତ ବ୍ୟବସ୍ଥା ପ୍ରଚଳିତ । ଏହି ବ୍ୟବସ୍ଥା କ୍ରମରେ ସର୍ବୋଚ୍ଚ ନ୍ୟାୟାଳୟ (Supreme Court)ଏବଂ ଏହା ଅଧୀନରେ ଉଚ୍ଚ ନ୍ୟାୟାଳୟ (High Court) ଓ ନିମ୍ନ ଅଦାଲତ (Subordinate Court) କାର୍ଯ୍ୟ କରିଥାନ୍ତି । ସାରା ଦେଶର ବିଚାରାଳୟ ଗୁଡ଼ିକ ତଳଠାରୁ ଉପର ପର୍ଯ୍ୟନ୍ତ ଗୋଟିଏ ସୂତ୍ର ଦ୍ୱାରା କ୍ରମୋଚ୍ଚ ଭାବରେ ସଂଗଠିତ ହୋଇଥାନ୍ତି ।

ସର୍ବୋଚ୍ଚ ନ୍ୟାୟାଳୟ (Supreme Court) :

ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ମୁଖ୍ୟ ବିଚାରପତି ଓ ୨୫ ଜଣ ବିଚାରପତିଙ୍କୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମକୋର୍ଟ ଗଠିତ । ଏହାର ବିଚାରପତିଙ୍କ ସଂଖ୍ୟା ନିର୍ଦ୍ଧାରିତ କରିବା ସଂସଦର ଦାୟିତ୍ୱ । ଏଥିନିମନ୍ତେ ସମ୍ବିଧାନ ସଂଶୋଧନର ଆବଶ୍ୟକତା ନାହିଁ । ସମ୍ବିଧାନର ୧୩୦ ଧାରାନୁସାରେ ଉଚ୍ଚତମ ନ୍ୟାୟାଳୟ ଦିଲ୍ଲୀରେ ରହିବ । କିନ୍ତୁ ଏହାର ମୁଖ୍ୟ ବିଚାରପତି ଚାହିଁଲେ ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ଏହା ଯେକୌଣସି ସ୍ଥାନରେ ବସିପାରେ ।

ଯୋଗ୍ୟତା ଏବଂ ବେତନ : ସର୍ବୋଚ୍ଚ ନ୍ୟାୟାଳୟ ବିଚାରପତି ଭାବେ ନିଯୁକ୍ତି ପାଇଁ ଯୋଗ୍ୟତା କ୍ରମରେ ଭାରତର ନାଗରିକ ଯିଏ କି ଉଚ୍ଚ ନ୍ୟାୟାଳୟରେ ସର୍ବନିମ୍ନ ପାଞ୍ଚବର୍ଷ ବିଚାରପତି ରୂପେ କାର୍ଯ୍ୟ କରିଥିବେ କିମ୍ବା ଦୁଇ ବା ଦୁଇରୁ ଅଧିକ ଅନୁରୂପ ଅଦାଲତରେ ସର୍ବନିମ୍ନ ଦଶବର୍ଷ ବିଚାରପତି ଭାବେ କାର୍ଯ୍ୟ କରିଥିବେ ଏବଂ ରାଷ୍ଟ୍ରପତିଙ୍କ ଦୃଷ୍ଟିରେ ସେ ଜଣେ ସୁଦକ୍ଷ ଆଇନଜ୍ଞ ହୋଇଥିବା ଆବଶ୍ୟକ । ଉଚ୍ଚନ୍ୟାୟାଳୟର ଜଣେ ବିଚାରପତିଙ୍କୁ ସର୍ବୋଚ୍ଚ ନ୍ୟାୟାଳୟର ଅସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ଦେବା ଏବଂ ସର୍ବୋଚ୍ଚ ନ୍ୟାୟାଳୟ କିମ୍ବା ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତିଙ୍କୁ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଭାବେ କାର୍ଯ୍ୟ କରିବା ପାଇଁ ସୁଯୋଗ ଦିଆଯିବାର ବ୍ୟବସ୍ଥା ମଧ୍ୟ ରହିଛି । ସର୍ବୋଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତିଙ୍କୁ ଭାରତର କୌଣସି ଅଦାଲତ ବା ଅନୁରୂପ ସଂସ୍ଥାରେ ଆଇନକୁ ପେଶା ଭାବରେ ଗ୍ରହଣ କରିବାକୁ ସମ୍ବିଧାନ ବାରଣ କରିଥାଏ । ମୁଖ୍ୟ ବିଚାରପତି ଏବଂ ଅନ୍ୟବିଚାରପତିମାନଙ୍କ ଦରମା ଆକର୍ଷଣୀୟ ଏବଂ ଏହା ସଞ୍ଚିତ ନିଧି (Consolidate Fund)ରୁ ପ୍ରଦାନ କରାଯାଇଥାଏ । ବିଚାରପତି ପଦରେ ନିଯୁକ୍ତ ହେବା ପାଇଁ କୌଣସି ବୟସସୀମା ନାହିଁ । କିନ୍ତୁ ଏହାର ପ୍ରତ୍ୟେକ ବିଚାରପତି ୬୫ ବୟସରେ ଅବସର ଗ୍ରହଣ କରନ୍ତି ।

ପଦଚ୍ୟୁତି : ସଂସଦର ଉଭୟ ସଦନରେ ଗୃହୀତ ପ୍ରସ୍ତାବ ଅନୁସାରେ ଭାରତର ରାଷ୍ଟ୍ରପତି ବିଚାରପତିମାନଙ୍କୁ କାର୍ଯ୍ୟରୁ ଅନ୍ତର କରିପାରନ୍ତି । ବିଚାରପତିଙ୍କ ଅସାମର୍ଥ୍ୟ ଓ ଅନ୍ୟାୟ ଆଚରଣକୁ ଆଧାର କରି ତାଙ୍କୁ ପଦଚ୍ୟୁତ କରିବା ପାଇଁ ସଂସଦର ଦୁଇତୃତୀୟାଂଶ ସଦସ୍ୟଙ୍କ ସମର୍ଥିତ ପ୍ରସ୍ତାବ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଥାଏ ।

ଦରମା : ମୁଖ୍ୟ ବିଚାରପତି ମାସିକ ୧ ଲକ୍ଷ ଟଙ୍କା ଏବଂ ଅନ୍ୟ ବିଚାରପତି ୯୦ ହଜାର ଟଙ୍କା ଦରମା ପାଆନ୍ତି ।

ଶପଥ : ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଭାବେ ନିଯୁକ୍ତି ପାଇଥିବା ପ୍ରତ୍ୟେକ ବ୍ୟକ୍ତି ତାଙ୍କ ଦାୟିତ୍ୱ ଗ୍ରହଣ ପୂର୍ବରୁ ରାଷ୍ଟ୍ରପତିଙ୍କ ନିଟକରେ ଶପଥ ଗ୍ରହଣ କରିଥାନ୍ତି । ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଭାବେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମ୍ବିଧାନର ଧାରା ୧୨୪ (୬) ଏବଂ (୭) ଅନୁଯାୟୀ ଭାରତର ଯେକୌଣସି ଅଦାଲତରେ ଆଇନକୁ ବୃତ୍ତି ଭାବେ ଗ୍ରହଣ କରିବାକୁ ବାରଣ କରାଯାଇଥାଏ ।

କ୍ଷମତା ଏବଂ ଅଧିକାର :

(୧) ମୌଳିକ କ୍ଷେତ୍ରାଧିକାର : ସର୍ବୋଚ୍ଚ ନ୍ୟାୟାଳୟର ମୌଳିକ (Original) ଅପିଲଗ୍ରହଣକାରୀ (appellate) ଓ ପରାମର୍ଶଦାୟୀ (advisory) ଅଧିକାରକ୍ଷେତ୍ର (jurisdiction) ରହିଛି ।

ମୌଳିକ କ୍ଷେତ୍ରାଧିକାର ଅଧିକାର କ୍ରମରେ ଏହା ପ୍ରାଥମିକ ପ୍ରସଙ୍ଗରେ ସୃଷ୍ଟି କୌଣସି ବିବାଦର ଶୁଣାଣି କରି ରାୟ ପ୍ରଦାନ କରିଥାଏ । ଏହାର ମୌଳିକ କ୍ଷମତାରେ (୧) ଭାରତ ସରକାର ଏବଂ ଏକ ବା ଏକାଧିକ ରାଜ୍ୟ ମଧ୍ୟରେ ଦେଖାଦେଇ ଥିବା ବିବାଦ, (୨) ଗୋଟିଏ ପଟେ ଭାରତ ସରକାର ଏବଂ ଏକ ବା ଏକାଧିକ ରାଜ୍ୟ ଏବଂ ଅପରପଟେ ଏକ ବା ଏକାଧିକ ରାଜ୍ୟ ମଧ୍ୟରେ ସୃଷ୍ଟ ବିବାଦ (୩) ଦୁଇ ବା ଅଧିକ ରାଜ୍ୟ ମଧ୍ୟରେ ଆନ୍ତଃ ବିବାଦର ସମାଧାନ କରିବା ଅନ୍ତର୍ଭୁକ୍ତ । ଏହିସବୁ ବିବାଦରେ ଆଇନଗତ ଅଧିକାରର ଅସ୍ତିତ୍ୱ ଓ ପରିସର ସଂପର୍କିତ ସମସ୍ତ ପ୍ରଶ୍ନ ବା ସନ୍ଦେହରେ ସର୍ବୋଚ୍ଚ ନ୍ୟାୟାଳୟ ହସ୍ତକ୍ଷେପ କରିଥାଏ ।

(୨) ଆବେଦନ ମୂଳକ କ୍ଷେତ୍ରାଧିକାର : ଅପିଲଗ୍ରହଣକାରୀ କ୍ଷମତା ବଳରେ ସର୍ବୋଚ୍ଚ ନ୍ୟାୟାଳୟ ତିନିପ୍ରକାର ମାମଲା ଗ୍ରହଣ କରିଥାଏ । ଯଥା : (୧) ସାମ୍ବିଧାନିକ (Constitutional) (୨) ଦେୱାନୀ (Civil) (୩) ଫୌଜଦାରୀ (Criminal) । ଉଚ୍ଚ ନ୍ୟାୟାଳୟ ରାୟ ବିରୋଧରେ ଆଗତ କୌଣସି ଆବେଦନ ସାମ୍ବିଧାନିକ ଅଧିକାର ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଦେୱାନୀ ଓ ଫୌଜଦାରୀ ମାମଲା ବିଚାର କରି ଉଚ୍ଚ ନ୍ୟାୟାଳୟ ତାଙ୍କ ରାୟରେ ସାମ୍ବିଧାନିକ ହସ୍ତକ୍ଷେପ ପାଇଁ ଦର୍ଶାଇଥିଲେ, ସର୍ବୋଚ୍ଚ ନ୍ୟାୟାଳୟର ଅଧିକାର କ୍ରମରେ ଏହି ସାମ୍ବିଧାନିକ ହସ୍ତକ୍ଷେପର ବିଚାର ହୋଇଥାଏ । ଫୌଜଦାରୀ ମାମଲାଗୁଡ଼ିକରେ ଯଦି ଉଚ୍ଚ ନ୍ୟାୟାଳୟ ଅଭିଯୋଗରୁ ମୁକ୍ତ କୌଣସି ଅଭିଯୁକ୍ତକୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବା, ନିମ୍ନ ଅଦାଲତର କୌଣସି ମାମଲାକୁ ଉଚ୍ଚ ନ୍ୟାୟାଳୟ ଗ୍ରହଣ କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବା, କିମ୍ବା ଉଚ୍ଚ ନ୍ୟାୟାଳୟ କୌଣସି ମାମଲାକୁ ସର୍ବୋଚ୍ଚ ନ୍ୟାୟାଳୟରେ ବିଚାର ପାଇଁ ଉପଯୁକ୍ତ ଦର୍ଶାଇବା କ୍ଷେତ୍ରରେ ସର୍ବୋଚ୍ଚ ନ୍ୟାୟାଳୟ ଆବେଦନ ଗ୍ରହଣ କରିଥାଏ । ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ନିଜସ୍ୱ ସ୍ୱତନ୍ତ୍ର ଅନୁମତି ବଳରେ ଭାରତର ଯେକୌଣସି ଅଦାଲତ (Court) ବା ଅଧିକରଣ (tribunal)ର ରାୟ ବିରୋଧରେ ଆବେଦନ ଗ୍ରହଣ କରିପାରେ । ସର୍ବୋଚ୍ଚ ନ୍ୟାୟଳୟର ଏହି ଅପିଲ ଗ୍ରହଣକାରୀ ଅଧିକାରକ୍ଷେତ୍ର (appellate jurisdiction) କୁ ସଂସଦୀୟ ଆଇନ ଦ୍ୱାରା ବୃଦ୍ଧି କରାଯାଇଥାଏ ।

(୩) ପରାମର୍ଶମୂଳକ କ୍ଷେତ୍ରାଧିକାର : ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ସମ୍ବିଧାନ ପ୍ରଦତ୍ତ ପରାମର୍ଶଦାୟୀ କ୍ଷମତା ଉପଭୋଗ କରିଥାଏ । ସମ୍ବିଧାନର ଧାରା ୧୪୩ ଅନୁଯାୟୀ, ରାଷ୍ଟ୍ରପତି କୌଣସି ଜନସ୍ୱାର୍ଥ ସମ୍ବଳିତ

ଆଇନ ବା କାର୍ଯ୍ୟରେ ମତାମତ ଦେବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟର ପରାମର୍ଶ ଲୋଡ଼ିଥାନ୍ତି । ରାଷ୍ଟ୍ରପତିଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ଏ ସଂକ୍ରାନ୍ତ ସମସ୍ତ ପ୍ରଶ୍ନରେ ନିଜସ୍ୱ ମତାମତ ଦେବା ସର୍ବୋଚ୍ଚ ନ୍ୟାୟାଳୟ ପାଇଁ ବାଧ୍ୟତାମୂଳକ । ଏଥିପାଇଁ ମୁକ୍ତ ଅଦାଲତରେ ହୋଇଥିବା ସର୍ବୋଚ୍ଚ ନ୍ୟାୟାଳୟର ନିଷ୍ପତ୍ତି ବା ପରାମର୍ଶକୁ ଅବଶ୍ୟ ରାଷ୍ଟ୍ରପତି ମାନିବାକୁ ବାଧ୍ୟ ନୁହନ୍ତି ।

(୪) ସମ୍ବିଧାନର ଅଭିଭାବକ ବା ତତ୍ତ୍ୱାବଧାରକ ଭାବେ ସର୍ବୋଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥାଏ । ସରକାରଙ୍କ ପ୍ରତ୍ୟେକ ବିଭାଗର କାର୍ଯ୍ୟାବଳୀ ନେଇ ସମ୍ବିଧାନରେ ସ୍ପଷ୍ଟ ଉଲ୍ଲେଖ ରହିଛି । ପ୍ରତ୍ୟେକ ବିଭାଗ ସାମ୍ବିଧାନିକ ବ୍ୟବସ୍ଥା ମଧ୍ୟରେ କାର୍ଯ୍ୟ କରିଥାଏ । ସାମ୍ବିଧାନିକ ବ୍ୟବସ୍ଥାକୁ ବିଚାର କରାଯାଇ ସଂସଦ ବା ବିଧାନସଭାରେ ଆଇନ ପ୍ରଣୟନ କରାଯାଏ । ଏହାର ତଦାରଖ ପାଇଁ ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟିକ ପୁନରାବଲୋକନ କ୍ଷମତା ରହିଛି । କୌଣସି ଆଇନରେ ସାମ୍ବିଧାନିକ ସୀମା ଲଂଘନ କରାଯାଇଥିଲେ ସର୍ବୋଚ୍ଚ ନ୍ୟାୟାଳୟ ସେହି ଆଇନକୁ ଅଗ୍ରାହ୍ୟ କରିଦେଇଥାଏ । ସର୍ବୋଚ୍ଚ ନ୍ୟାୟାଳୟ, କାର୍ଯ୍ୟନିର୍ବାହୀର କୌଣସି ଆଦେଶ ବା ବିଧାନମଣ୍ଡଳର କୌଣସି ଆଇନର ବୈଧତାର ବିଚାର କରିଥାଏ । ଏହି ଦୃଷ୍ଟିରୁ ସର୍ବୋଚ୍ଚ ନ୍ୟାୟାଳୟକୁ ସମ୍ବିଧାନର ଅଭିଭାବକ ବା ତତ୍ତ୍ୱାବଧାରକ ଭାବେ ଅଭିହିତ କରାଯାଇଥାଏ ।

(୫) ନାଗରିକମାନଙ୍କର ମୌଳିକ ଅଧିକାରଗୁଡ଼ିକର ଅଭିଭାବକ ଭାବେ ଦାୟିତ୍ୱ ନିର୍ବାହ କରିବାପାଇଁ ସର୍ବୋଚ୍ଚ ନ୍ୟାୟାଳୟକୁ ସମ୍ବିଧାନ କ୍ଷମତା ପ୍ରଦାନ କରିଛି । ରାଜ୍ୟ ବିଧାନସଭା ବା କେନ୍ଦ୍ର ସଂସଦ ଦ୍ୱାରା ଗୃହୀତ କୌଣସି ଆଇନରେ ମୌଳିକ ଅଧିକାର କ୍ଷୁଣ୍ଣ ହୋଇଥିଲେ ସର୍ବୋଚ୍ଚ ନ୍ୟାୟାଳୟ ଏଥିରେ ହସ୍ତକ୍ଷେପ କରି ସେହି ଆଇନକୁ ଅସାମ୍ବିଧାନିକ(Unconstitutional) କିମ୍ବା କ୍ଷମତା ବହିର୍ଭୁତ ଭାବେ ଘୋଷଣା କରିପାରେ । ଏହି ଆଭିମୁଖ୍ୟ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ସହ ଉଚ୍ଚ ନ୍ୟାୟାଳୟର ସମବର୍ତ୍ତୀ କ୍ଷେତ୍ରାଧିକାର (concurrent jurisdiction) ରହିଛି । ନାଗରିକମାନଙ୍କର ମୌଳିକଅଧିକାର ପ୍ରବର୍ତ୍ତନ ସର୍ବୋଚ୍ଚ ନ୍ୟାୟାଳୟ Habeas corpus, mandamus, quowarranto, certiorari ଭଳି କେତେକ ନିର୍ଦ୍ଦେଶନାମା (writ) ଦେଇଥାନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ସମ୍ବିଧାନର ତତ୍ତ୍ୱାବଧାରକ ଭାବେ ସାମ୍ବିଧାନିକ ବ୍ୟବସ୍ଥା ବିଷୟ ଉଲ୍ଲେଖ କରିବା ସହ ଏ ସମ୍ବନ୍ଧୀୟ ନିଜର କୌଣସି ରାୟ ବା ନିର୍ଦ୍ଦେଶର ସମୀକ୍ଷା କରିଥାଏ ।

(୬) ସମ୍ବିଧାନର ଧାରା ୧୨୯ ଅନୁଯାୟୀ ସର୍ବୋଚ୍ଚ ନ୍ୟାୟାଳୟ ଅଭିଲେଖ ଅଦାଲତ ବିବରଣୀ ସଂଗ୍ରହକାରୀ ଅଦାଲତ ଭାବେ କ୍ଷମତା ଉପଭୋଗ କରିଥାଏ । ଏହା ସର୍ବୋଚ୍ଚ ନ୍ୟାୟାଳୟ ହୋଇଥିବାରୁ ଏହାର ରାୟ ଓ ନ୍ୟାୟିକ ପୁନରାବଲୋକନର ଯଥାର୍ଥ୍ୟ ନେଇ କୌଣସି ଅଦାଲତରେ ପ୍ରଶ୍ନ କରାଯାଇପାରେ ନାହିଁ । କେତେକ ବିଶେଷ ପରିସ୍ଥିତିରେ ସର୍ବୋଚ୍ଚ ନ୍ୟାୟାଳୟ ନିର୍ବାହ କରୁଥିବା ଏହି କ୍ଷମତା ଅନୁଯାୟୀ, ଅଦାଲତ ଅବମାନନା ଅଭିଯୋଗରେ ମଧ୍ୟ ଦଣ୍ଡିତ କରିପାରେ । ଫଳପ୍ରଦ ନିର୍ଦ୍ଦେଶ ଓ ନିଷ୍ପତ୍ତି ପ୍ରଦାନ ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳୟ ଅଧିନରେ ସାଧାରଣ ଓ ନ୍ୟାୟିକ ସଂସ୍ଥା ସମୂହ କାର୍ଯ୍ୟ କରିଥାନ୍ତି । ରାଷ୍ଟ୍ରପତିଙ୍କ ଅନୁମୋଦନକ୍ରମେ ସମୟାନୁସାରେ ସର୍ବୋଚ୍ଚ ନ୍ୟାୟାଳୟର ନିୟମାବଳୀର ପରିବର୍ତ୍ତନ କରାଯାଇଥାଏ ।

(୭) ସମ୍ବିଧାନର ୧୩୬ ଧାରା ବଳରେ ସାମରିକ ଅଦାଲତ ବ୍ୟତୀତ, ଭାରତର ଅନ୍ୟ ଯେକୌଣସି ଅଦାଲତ ରାୟ, ଫଏସଲା, ନିର୍ଦ୍ଧାରଣ, ଦଣ୍ଡାଦେଶ ବା ଆଦେଶ ବିରୁଦ୍ଧରେ ଆବେଦନ ବା ଅପିଲ କରିବା ପାଇଁ

ଉଚ୍ଚତମ ନ୍ୟାୟାଳୟ ନିଜର ବିବେକାନୁସାରେ ସ୍ୱତନ୍ତ୍ର ଅନୁମତି ପ୍ରଦାନ କରିଥାଏ। ଏହାକୁ ସ୍ୱତନ୍ତ୍ର ଅନୁମତି ଯାଚିକା (Special Leave Petition) କୁହାଯାଏ।

(୮) ରାୟ ସମୀକ୍ଷା : ସମ୍ବିଧାନର ୧୩୭ ଧାରାନୁସାରେ ଉଚ୍ଚତମ ନ୍ୟାୟାଳୟ ନିଜ ରାୟ କିମ୍ବା ଆଦେଶର ସମୀକ୍ଷା କରିପାରିବେ। ନ୍ୟାୟ ବ୍ୟବସ୍ଥାର ସମାନତା ଆଣିବା ପାଇଁ ରାୟ କିମ୍ବା ଆଦେଶଗୁଡ଼ିକୁ ସଂଶୋଧନ କରାଯାଇଥାଏ। ଉଦାହରଣ ସ୍ୱରୂପ, ୧୯୬୭ ମସିହାରେ ଗୋଲକନାଥ ବନାମ ପଞ୍ଜାବ ରାଜ୍ୟ ମାମଲାରେ ଉଚ୍ଚତମ ନ୍ୟାୟାଳୟ ଦେଇଥିବା ନିଜ ରାୟକୁ ୧୯୭୩ ମସିହାରେ କେଶବାନନ୍ଦ ଭାରତୀ ବନାମ କେରଳ ରାଜ୍ୟ ମାମଲାର ବିଚାରା ବେଳେ ସମୀକ୍ଷା କରି ସଂଶୋଧନ କରିଥିଲା।

(୯) ଜନସ୍ୱାର୍ଥ ମାମଲା : ଉଚ୍ଚତମ ନ୍ୟାୟାଳୟ ନିଜେ ଏକ ସରଳ ନ୍ୟାୟଦାନ ପ୍ରକ୍ରିୟାର ପ୍ରବର୍ତ୍ତନ କରିଛନ୍ତି ଯାହାର ନାମ ଜନସ୍ୱାର୍ଥ ମାମଲା। ଏହାଦ୍ୱାରା କ୍ଷତିଗ୍ରସ୍ତ ପକ୍ଷ ନିଜେ କିମ୍ବା ତାଙ୍କ ତରଫରୁ ଅନ୍ୟ କୌଣସି ବ୍ୟକ୍ତି ବା ଅନୁଷ୍ଠାନ ଏହି ମାମଲା ଦାୟର କରିପାରନ୍ତି। ଏପରିକି ନିଜେ ଉପସ୍ଥିତ ନ ହୋଇ ଆବେଦନକାରୀ ଚିଠି ବା ଟେଲିଗ୍ରାମ ଦ୍ୱାରା ମଧ୍ୟ ମାମଲା ଉପସ୍ଥାପନା କରି ନ୍ୟାୟ ପାଇପାରିବେ। ଏଥିପାଇଁ ମଧ୍ୟ ଆବଶ୍ୟକ ଫିସ୍ ଜମା ଦେବା ବାଧ୍ୟତାମୂଳକ ନୁହେଁ।

(୧୦) ବିବିଧ କ୍ଷମତା : ଉଚ୍ଚତମ ନ୍ୟାୟାଳୟ ନିଜର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ନିଜେ ନିଯୁକ୍ତ କରନ୍ତି ଏବଂ ସେମାନଙ୍କର ଚାକିରି ସର୍ତ୍ତାବଳୀ ନିର୍ଦ୍ଧାରଣ କରନ୍ତି। ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ ନିର୍ବାଚନ ମାମଲା ଉଚ୍ଚତମ ନ୍ୟାୟାଳୟ ଦ୍ୱାରା ବିଚାର କରାଯାଏ। ରାଷ୍ଟ୍ରପତିଙ୍କର ସୂଚନା ମୁତାବକ ଲୋକ ସେବା ଆୟୋଗର ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କର ଦୁର୍ବ୍ୟବହାର ସମ୍ପର୍କରେ ଅନୁସନ୍ଧାନ କରି ରିପୋର୍ଟ ପ୍ରଦାନ କରିବା ଉଚ୍ଚତମ ନ୍ୟାୟାଳୟର କାର୍ଯ୍ୟ।

ଉଚ୍ଚ ନ୍ୟାୟାଳୟ (High Court) :

ରାଜ୍ୟ ଆଇନ ଶାସନର ଉଚ୍ଚ ଆସନରେ ଉଚ୍ଚ ନ୍ୟାୟାଳୟ (High Court)ଅଧିଷ୍ଠିତ। ସମ୍ବିଧାନର ଧାରା ୨୧୪ରେ ଭାରତର ପ୍ରତ୍ୟେକ ରାଜ୍ୟରେ ଗୋଟିଏ ଉଚ୍ଚ ନ୍ୟାୟାଳୟ ପ୍ରତଷ୍ଠାର ବ୍ୟବସ୍ଥା ରହିଛି। ତେବେ ଦୁଇ ବା ଦୁଇରୁ ଉର୍ଦ୍ଧ୍ୱ ରାଜ୍ୟ ପାଇଁ ଗୋଟିଏ ସାଧାରଣ ଉଚ୍ଚ ନ୍ୟାୟାଳୟ ପ୍ରତିଷ୍ଠା ସହ କୌଣସି ଉଚ୍ଚ ନ୍ୟାୟାଳୟର ଅଧିକାରକ୍ଷେତ୍ର କେନ୍ଦ୍ରଶାସିତ ଅଞ୍ଚଳକୁ ପ୍ରସାରିତ କରିବା ସଂସଦର ଏକ ଗୁରୁତ୍ୱପୂର୍ଣ୍ଣ କ୍ଷମତା। ସଂସଦ ମଧ୍ୟ କୌଣସି ଉଚ୍ଚ ନ୍ୟାୟାଳୟର କ୍ଷେତ୍ରାଧିକାରକୁ ସଙ୍କୁଚିତ କରିପାରେ।

ମୁଖ୍ୟବିଚାରପତି ଏବଂ କେତେଜଣ ବିଚାରପତିଙ୍କୁ ନେଇ ଉଚ୍ଚ ନ୍ୟାୟାଳୟ ଗଠିତ ହୋଇଥାଏ। ରାଷ୍ଟ୍ରପତି ସମୟାନୁସାରେ ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ସଂଖ୍ୟା ସ୍ଥିର କରିଥାନ୍ତି। ରାଜ୍ୟର ରାଜ୍ୟପାଳ ଏବଂ ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧିଶଙ୍କ ସହ ପରାମର୍ଶ କରି ରାଷ୍ଟ୍ରପତି, ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଓ ଅନ୍ୟ ବିଚାରପତିମାନଙ୍କୁ ନିଯୁକ୍ତି କରିଥାନ୍ତି। ସବୁ ରାଜ୍ୟର ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ସଂଖ୍ୟା ସମାନ ନୁହେଁ। ଓଡ଼ିଶାର ମୋଟ ବିଚାରପତିଙ୍କ ସଂଖ୍ୟା ୨୨। ମୁଖ୍ୟ ବିଚାରପତିଙ୍କ ଦରମା ୯୦ ହଜାର ଓ ଅନ୍ୟ ବିଚାରପତିଙ୍କ ଦରମା ୮୦ ହଜାର ଟଙ୍କା।

ଯୋଗ୍ୟତା :

ଉଚ୍ଚ ନ୍ୟାୟାଳୟର ବିଚାରପତି ପଦବୀ ପାଇଁ ଜଣେ ବ୍ୟକ୍ତି ନିମ୍ନଲିଖିତ ଯୋଗ୍ୟତା ପୂରଣ କରୁଥିବା ଆବଶ୍ୟକ।

୧. ସେ ଭାରତର ଜଣେ ନାଗରିକ ହୋଇଥିବେ।

୨. ସେ ଭାରତର ଯେକୌଣସି ଅଦାଲତରେ ଅନ୍ୟୂନ ଦଶବର୍ଷ ବିଚାରପତି ଭାବେ କାର୍ଯ୍ୟ କରିଥିବେ।

୩. ସେ ଗୋଟିଏ ଉଚ୍ଚ ନ୍ୟାୟାଳୟ ବା ଅନୁରୂପ ଦୁଇ/ଦୁଇରୁ ଅଧିକ ଅଦାଲତରେ ଅନ୍ୟୂନ ଦଶବର୍ଷ ଆଇନଜୀବୀ ଭାବେ କାର୍ଯ୍ୟ କରିଥିବେ।

ଶପଥ :

ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ପ୍ରତ୍ୟେକ ବିଚାରପତି, ରାଜ୍ୟପାଳଙ୍କ ନିକଟରେ ପଦ ଓ ଗୋପନୀୟତାର ଶପଥ ନେଇଥାନ୍ତି।

ପଦଚ୍ୟୁତ ପଦ୍ଧତି :

ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ଅବସର ଗ୍ରହଣ ବୟସ ୬୨ ବର୍ଷ। ଜଣେ ବିଚାରପତି ମଧ୍ୟ ରାଷ୍ଟ୍ରପତିଙ୍କୁ ଲିଖିତ ଭାବେ ଜଣାଇ ଇସ୍ତଫା ଦେଇପାରନ୍ତି। ଉଭୟ ସଦନରେ, ବିଚାରପତିଙ୍କ ଅସାମର୍ଥ୍ୟ ଓ ଅନ୍ୟାୟ ଆଚରଣ ନେଇ ଗୃହୀତ ପ୍ରସ୍ତାବ ଅନୁଯାୟୀ ରାଷ୍ଟ୍ରପତି ବିଚାରପତିଙ୍କୁ ପଦଚ୍ୟୁତ କରିପାରନ୍ତି।

ବେତନ :

ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଓ ଅନ୍ୟାନ୍ୟ ବିଚାରପତିଙ୍କ ଦରମା ଆକର୍ଷଣୀୟ। ଏଥିସହ ସେମାନେ ଅନ୍ୟାନ୍ୟ ଓ ଅବସରକାଳୀନ ସୁବିଧା ପାଇବାର ସୁବ୍ୟବସ୍ଥା ରହିଛି। କେବଳ ଅର୍ଥନୈତିକ ଜରୁରୀକାଳୀନ ପରିସ୍ଥିତି (Financial Emergency) ବ୍ୟତୀତ ଅନ୍ୟ ସମୟରେ ଏଥିରେ ହସ୍ତକ୍ଷେପ କରାଯାଇନଥାଏ। ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧିଶଙ୍କ ସହ ପରାମର୍ଶ କରି ରାଷ୍ଟ୍ରପତି ଗୋଟିଏ ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କୁ ବଦଳି କରିପାରନ୍ତି। ମୁଖ୍ୟ ବିଚାରପତି ମାସିକ ୯୦,୦୦୦ ଟଙ୍କା ଏବଂ ଅନ୍ୟ ବଚାରପତି ମାସିକ ୮୦,୦୦୦ ଟଙ୍କା ଦରମା ପାଆନ୍ତି।

ଅଧିକାର କ୍ଷେତ୍ର (Jurisdiction) :

ଉଚ୍ଚ ନ୍ୟାୟାଳୟର ମୌଳିକ ଏବଂ ଅପିଲ ଗ୍ରହଣକାରୀ ଅଧିକାର ରହିଛି।

(୧) ମୌଳିକ କ୍ଷେତ୍ରାଧିକାର : ସମ୍ବିଧାନ ଦ୍ୱିତୀୟ ଅନୁଚ୍ଛେଦରେ ଥିବା ନାଗରିକମାନଙ୍କ ମୌଳିକ ଅଧିକାର ଲଂଘନ ନେଇ, ଉଚ୍ଚ ନ୍ୟାୟାଳୟର ବିଭିନ୍ନ ଆଜ୍ଞାଦେଶ ମଧ୍ୟ।(Habeas corpus, mandamus, quo-warranto, certirari) ନିର୍ଦ୍ଦେଶନାମା ମାଧ୍ୟମରେ ଯେକୌଣସି ବ୍ୟକ୍ତିବିଶେଷ ବା ସରକାରଙ୍କୁ ଆଦେଶ ବା ନିର୍ଦ୍ଦେଶ ଦେବାର କ୍ଷମତା ରହିଛି। ସାଂସଦ ଓ ବିଧାୟକମାନଙ୍କ ନିର୍ବାଚନ ମାମଲା ଉଚ୍ଚନ୍ୟାୟାଳୟରେ ବିଚାର

ହୁଏ । ରାଜ୍ୟର କୌଣସି ସ୍ଥାନୀୟ ସଙ୍ଗଠନ ସମେତ ବିଧାନସଭା ବା ସଂସଦୀୟ ନିର୍ବାଚନ ସମ୍ବନ୍ଧୀୟ କୌଣସି ମାମଲା ବା ଅଭିଯୋଗ, ଉଚ୍ଚନ୍ୟାୟାଳୟରେ ଆଗତ କରାଯାଇଥାଏ ।

(୨) ଆବେଦନ ମୂଳକ କ୍ଷମତା : ନିମ୍ନ ଅଦାଲତ (Subordinate court) ଗୁଡ଼ିକର ଦେୱାନୀ ବା ଫୌଜଦାରୀ ମାମଲାର ରାୟ ବିରୋଧରେ ଆଗତ ଆବେଦନକୁ ଉଚ୍ଚ ନ୍ୟାୟାଳୟ ବିଚାର ପାଇଁ ଗ୍ରହଣ କରିଥାଏ । ଅପିଲ ଗ୍ରହଣକାରୀ ଅଧିକାର କ୍ରମରେ ଉଚ୍ଚ ନ୍ୟାୟାଳୟ ମଧ୍ୟ ରାଜସ୍ୱ ମାମଲାଗୁଡ଼ିକର ବିଚାର କରିଥାଏ । ଦୌରା ଅଦାଲତ (Sessions Court) କୌଣସି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ସାତବର୍ଷ ବା ସାତବର୍ଷରୁ ଅଧିକ କାଳ ଦଣ୍ଡବିଧାନ କରିଥିଲେ ଏହା ବିରୋଧରେ ଆଗତ ଆବେଦନକୁ ଉଚ୍ଚ ନ୍ୟାୟାଳୟ ବିଚାର ପାଇଁ ଗ୍ରହଣ କରିଥାନ୍ତି ।

ଗୃହୀତ ହୋଇଥିବା କୌଣସି ବିଧିବିଧାନର ବୈଧତା ପାଇଁ ଉଚ୍ଚନ୍ୟାୟାଳୟ ଏହା ସତ୍ୟାସତ୍ୟ ପରୀକ୍ଷା କରିବା ଯେ କୌଣସି ଅଦାଲତର ରେକର୍ଡ଼ ସଂଗ୍ରହ କରିପାରେ । କୌଣସି ପକ୍ଷର ଅଭିଯୋଗକୁ ଆଧାର କରି ଅଥବା ଉଚ୍ଚ ନ୍ୟାୟାଳୟ ନିଜ ମୁତାବକ ଏହି ଅଧିକାର ସାବ୍ୟସ୍ତ କରିଥାଏ ।

(୩) ଅନ୍ୟାନ୍ୟ କ୍ଷମତା : ସାମ୍ବିଧାନିକ ହସ୍ତକ୍ଷେପ ସମେତ କେତେକ ପ୍ରସଙ୍ଗ ସମ୍ବନ୍ଧୀୟ କୌଣସି ମାମଲାକୁ ଉଚ୍ଚ ନ୍ୟାୟାଳୟ ନିଜ କ୍ଷମତା ବଳରେ ନିମ୍ନ ଅଦାଲତରୁ ନିଜ ଅଧିକାର କ୍ଷେତ୍ରକୁ ଆଣି ଏ ସଂକ୍ରାନ୍ତରେ ନିଷ୍ପତ୍ତି ବା ରାୟ ପ୍ରଦାନ କରିପାରେ ।

ସାମରିକ ବାହିନୀ ପାଇଁ ଉଦ୍ଦିଷ୍ଟ ଅଦାଲତ ବ୍ୟତୀତ ରାଜ୍ୟର ସମସ୍ତ ଅଦାଲତ ଉଚ୍ଚନ୍ୟାୟାଳୟର ତତ୍ତ୍ୱାବଧାନରେ କାର୍ଯ୍ୟ କରିଥାନ୍ତି । ସମ୍ବିଧାନର ଧାରା ୨୨୭ ଅନୁଯାୟୀ ଉଚ୍ଚ ନ୍ୟାୟାଳୟକୁ ଏହି କ୍ଷମତା ମିଳିଛି । ରାଜ୍ୟର ଆଇନ ଶାସନ, ଉଚ୍ଚ ନ୍ୟାୟାଳୟର ଏକ ପ୍ରମୁଖ ଦାୟିତ୍ୱ । ନିମ୍ନ ଅଦାଲତଗୁଡ଼ିକରେ ନିଯୁକ୍ତି ନେଇ ଉଚ୍ଚ ନ୍ୟାୟାଳୟ ସହ ବିଚାର ବିମର୍ଶ କରାଯାଇଥାଏ । ନିମ୍ନ ଅଦାଲତଗୁଡ଼ିକର କାର୍ଯ୍ୟ ନୀତିନିୟମାବଳୀ, ଉଚ୍ଚ ନ୍ୟାୟାଳୟ ନିର୍ଦ୍ଧାରଣ କରିଥାଏ । ପ୍ରତ୍ୟେକ ଉଚ୍ଚ ନ୍ୟାୟାଳୟ ଗୋଟିଏ ବିବରଣୀ ସଂଗ୍ରହକାରୀ ଅଦାଲତ । ନିମ୍ନ ଅଦାଲତଗୁଡ଼ିକ ଏହାର ନିଷ୍ପତ୍ତି ମାନିବାକୁ ବାଧ୍ୟ । ଉଚ୍ଚନ୍ୟାଳୟର କାର୍ଯ୍ୟବିବରଣୀ (Proceedings) ଓ ନିଷ୍ପତ୍ତି, ଭବିଷ୍ୟତର ମାମଲା ବିଚାରରେ ପ୍ରମାଣ ସ୍ୱରୂପ ଉଲ୍ଲେଖ କରାଯାଇଥାଏ । ଅଦାଲତ ଅବମାନନାରେ ଦଣ୍ଡଦେବାର କ୍ଷମତା ଉଚ୍ଚନ୍ୟାୟାଳୟର ରହିଛି । ସମ୍ବିଧାନର ୨୨୯ ଧାରାନୁସାରେ ଉଚ୍ଚ ନ୍ୟାୟାଳୟ ଅଧିକାରୀ ଏବଂ କର୍ମଚାରୀମାନେ ମୁଖ୍ୟ ବିଚାରପତିଙ୍କ ଦ୍ୱାରା ନିଯୁକ୍ତି ହୁଅନ୍ତି ।

ନ୍ୟାୟିକ ପୁନରାବଲୋକନ (Judicial Review) :

ନ୍ୟାୟିକ ପୁନରାବଲୋକନ ଅଦାଲତର ସବୁଠାରୁ ଚର୍ଚ୍ଚିତ କାର୍ଯ୍ୟ । ଏହା କାର୍ଯ୍ୟନିର୍ବାହୀ ଆଦେଶ ଓ ବିଧାନର ବିଧିବଦ୍ଧକରଣ (enactment)ର ସମୀକ୍ଷା ବା ପୁନରାବଲୋକନରେ ନ୍ୟାୟପାଳିକାର ଦକ୍ଷତାକୁ ବୁଝାଇଥାଏ । ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରଥମ ଆରମ୍ଭ ହୋଇଥିବା ଏହି ବିଶେଷ କ୍ଷମତା ଏବେ ସେଠାରେ ଶ୍ରେଷ୍ଠତ୍ୱ ଲାଭ କରିଛି । ଏହି ବ୍ୟବସ୍ଥା କେତେକାଂଶରେ ଭାରତ, ଜର୍ମାନୀ, ଇଟାଲୀ, ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକାରେ ପ୍ରଚଳିତ ।

ଏକ ସମ୍ବିଧାନ, ସୁସ୍ପଷ୍ଟ ଭାବେ (Explicitly) ବା ନିହିତ ଅର୍ଥରେ (Implicitly) ନ୍ୟାୟିକ ପୁନରାବଲୋକନ ବା ସମୀକ୍ଷାକୁ ସାକାର କରିଥାଏ । ଯୁକ୍ତରାଷ୍ଟ୍ର ଆମେରିକାରରେ ନ୍ୟାୟିକ ପୁନରାବଲୋକନ ନ୍ୟାୟପାଳିକାର କ୍ଷମତା । ଏହି କ୍ଷମତା ନ୍ୟାୟିକ ପ୍ରାଧାନ୍ୟ (Judicial supremacy) ର ପ୍ରତିପାଦନ କରେ । ଭାରତରେ ସମ୍ବିଧାନ ମୁଖ୍ୟ ଏବଂ ସମସ୍ତ ସରକାର (ଉଭୟ କେନ୍ଦ୍ର ଓ ରାଜ୍ୟ) ସମ୍ବିଧାନ କର୍ତ୍ତୃତ୍ୱାଧିନ । ତେଣୁ କୌଣସି ଅନୁଷ୍ଠାନ ସାମ୍ବିଧାନିକ ସୀମା ଲଂଘନ କଲେ ଏଥିରେ ଅଦାଲତ ହସ୍ତକ୍ଷେପ କରିଥାଏ । ତେବେ ଭାରତରେ ନ୍ୟାୟିକ ପୁନରାବଲୋକନ ଏକ ସୀମିତ କ୍ଷମତା ହୋଇଥିବାରୁ ସର୍ବୋଚ୍ଚ ନ୍ୟାୟାଳୟ (Supreme Court) ଆଇନରେ ହସ୍ତକ୍ଷେପ କରିପାରେ, କିନ୍ତୁ ଆଇନ ପ୍ରଣୟନ କରିପାରେ ନାହିଁ । ନ୍ୟାୟପାଳିକା, ସାମ୍ବିଧାନିକ ପରିସରରେ ଏବଂ ବିଧିବଦ୍ଧ ବ୍ୟବସ୍ଥା ମଧ୍ୟରେ ଦାୟିତ୍ୱ ନିର୍ବାହ କରିଥାଏ । ତେବେ ନ୍ୟାୟିକ ପୁନରାବଲୋକନର କଟୁ ସମାଲୋଚନା ହୋଇନଥାଏ । ନ୍ୟାୟପାଳିକା ଉପରିସ୍ଥ ବିଧାନମଣ୍ଡଳ (Super legislature) ବା ବିଧାନମଣ୍ଡଳର ତୃତୀୟ କକ୍ଷ ଭାବେ ମାନ୍ୟତା ପାଇଥାଏ । ଏହା ବେଳେବେଳେ କାର୍ଯ୍ୟନିର୍ବାହୀ (Executive) ଓ ନ୍ୟାୟପାଳିକା (Judiciairy) ମଧ୍ୟରେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିଥାଏ । ଯୁକ୍ତରାଷ୍ଟ୍ର ଆମେରିକାର ସର୍ବୋଚ୍ଚ ନ୍ୟାୟାଳୟ ବେଳେ ବେଳେ ସାଧାରଣ ସଂଖ୍ୟାଗରିଷ୍ଠତା (ଚାରିରୁ ପାଞ୍ଚଜଣ ବିଚାରପତି) କୁ ନେଇ ନିର୍ବାଚିତ ଜନ ପ୍ରତିନିଧିମାନଙ୍କ ସଂଖ୍ୟାଧିକ ସମର୍ଥନରେ ଗୃହୀତ କୌଣସି ପ୍ରସ୍ତାବକୁ ଅଗ୍ରାହ୍ୟ ବା ନାକଚ କରିଦେଇଥାନ୍ତି । ଯୁକ୍ତରାଷ୍ଟ୍ର ଆମେରିକାର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ପ୍ରଗତିଶୀଳ ସାମାଜିକ ବିଧେୟକ ଅନୁମୋଦନରେ ବେଳେବେଳେ ପ୍ରତିବନ୍ଧକ ସୃଷ୍ଟି କରିଥାନ୍ତି । ଅପରପକ୍ଷରେ, ଗଣତାନ୍ତ୍ରିକ ବ୍ୟବସ୍ଥାର ରକ୍ଷକ ଭାବେ ବିଚାରପତିମାନେ ନ୍ୟାୟିକ ପୁନରାବଲୋକନକୁ ଏକ ଆବଶ୍ୟକୀୟ ମାଧ୍ୟମ ରୂପେ ବ୍ୟବହାର କରନ୍ତି । ଏହି କ୍ଷମତା ବଳରେ ନ୍ୟାୟପାଳିକା, ସାଧାରଣ ଜନତାକୁ କାର୍ଯ୍ୟପାଳିକା ଓ ବ୍ୟବସ୍ଥାପିକାର ସ୍ୱେଚ୍ଛାଚାରିତାରୁ ସୁରକ୍ଷା ଦେଇଥାନ୍ତି । ଏକ ସଂଘୀୟ ବ୍ୟବସ୍ଥାରେ ନ୍ୟାୟପାଳିକା, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଦେଖାଯାଉଥିବା ସମସ୍ତ ପ୍ରକାରର ବିବାଦକୁ ସାମ୍ବିଧାନିକ ପରିସରରେ ସମାଧାନ ପାଇଁ ପ୍ରଚେଷ୍ଟା କରିଥାନ୍ତି ।

ଭାରତରେ ନ୍ୟାୟିକ ପୁନରାବଲୋକନ :

ସଂସଦ ଦ୍ୱାରା ଗୃହୀତ କୌଣସି ଆଇନରେ ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ ହୋଇଥିବାର ଅନୁଭବ କଲେ, ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ଅସାମ୍ବିଧାନିକ ବା କ୍ଷମତା ବହିର୍ଭୂତ ଭାବେ ଅଭିହିତ କରିପାରେ । ସର୍ବୋଚ୍ଚ ନ୍ୟାୟାଳୟ ନାଗରିକମାନଙ୍କ ମୌଳିକ ଅଧିକାରର ତତ୍ତ୍ୱାବଧାରକ ଏବଂ ସମ୍ବିଧାନର ଅଭିଭାବକ ଭାବେ ଦାୟିତ୍ୱ ନିର୍ବାହ କରିଥାଏ । ଆମେରିକାର ସର୍ବୋଚ୍ଚ ନ୍ୟାୟାଳୟ ତୁଳନାରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟିକ ପୁନରାବଲୋକନଗତ ସୀମିତ କ୍ଷମତା ରହିଛି । ସମ୍ବିଧାନରେ ରାଷ୍ଟ୍ର ବା କେନ୍ଦ୍ର ବା ରାଜ୍ୟର କ୍ଷମତା ବିଷୟରେ ବହୁ ବ୍ୟବସ୍ଥାଥିବାରୁ ନ୍ୟାୟପାଳିକାର ନ୍ୟାୟିକ ପୁନରାବଲୋକନ (Judicial Review) କ୍ଷମତା ସୀମିତ ।

ନ୍ୟାୟପାଳିକାର ସ୍ୱାଧୀନତା :

ଆଇନର ଶାସନ ତଥା ନ୍ୟାୟପ୍ରଦାନ ନ୍ୟାୟପାଳିକାର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ନ୍ୟାୟ ପ୍ରଦାନରେ ନ୍ୟାୟାଧୀଶମାନଙ୍କର ନିର୍ଭୀକତା ଓ ନିରପେକ୍ଷତା ଏକାନ୍ତ ଆବଶ୍ୟକ । ତେଣୁ ନ୍ୟାୟପାଳିକା ରାଜନୀତିଠାରୁ ଯଥା

ସମ୍ଭବ ଦୂରରେ ରହିବା ଜରୁରୀ । ଏଥିପାଇଁ ନ୍ୟାୟପାଳିକାକୁ ଉପଯୁକ୍ତ ଭାବେ ଗଠନ କରିବାର ଆବଶ୍ୟକତା ଥାଏ । ବିଚାରପତିମାନଙ୍କର ନିଯୁକ୍ତି ଓ କାର୍ଯ୍ୟକାଳ ସମେତ ଅନୁରୂପ ଅନ୍ୟାନ୍ୟ ପ୍ରସଙ୍ଗ, ନ୍ୟାୟପାଳିକାର ସ୍ୱାଧୀନତା ଓ ନ୍ୟାୟପରାୟଣତା ବଜାୟ ରଖିବା ପାଇଁ ଏକାନ୍ତ ଆବଶ୍ୟକ । କାର୍ଯ୍ୟନିର୍ବାହୀର ପ୍ରଭାବରୁ ନ୍ୟାୟପାଳିକା ମୁକ୍ତ ରହିବା ଆବଶ୍ୟକ । ଏହା ଫଳରେ ଉପଯୁକ୍ତ ନ୍ୟାୟ ମିଳିପାରେ । କାର୍ଯ୍ୟରେ କାର୍ଯ୍ୟନିର୍ବାହୀ ହସ୍ତକ୍ଷେପ କରିବା ବା କର୍ତ୍ତୃତ୍ୱ ଜାହିର କରିବା ଉଚିତ ନୁହେଁ ।

ଭାରତୀୟ ସମ୍ବିଧାନରେ ନ୍ୟାୟପାଳିକାର ସ୍ୱାଧୀନତା ତଥା ରାଜନୈତିକ ଓ ଅନ୍ୟାନ୍ୟ ପ୍ରଭାବରୁ ବିଚାରପତିମାନଙ୍କୁ ଦୂରରେ ରଖିବା ନେଇ ବ୍ୟବସ୍ଥା ରହିଛି । ଆବଶ୍ୟକୀୟ ଯୋଗ୍ୟତା ଓ ଆଇନ୍ ସାମର୍ଥ୍ୟକୁ ଆଧାର କରି କାର୍ଯ୍ୟନିର୍ବାହୀ ଦ୍ୱାରା ବିଚାରପତିମାନେ ନିଯୁକ୍ତ ହୋଇଥାନ୍ତି । ସେମାନେ କାର୍ଯ୍ୟନିର୍ବାହୀର ଖିଆଲରେ ପଦଚ୍ୟୁତ ହୋଇନଥାନ୍ତି । ଏକ ନିର୍ଦ୍ଧାରିତ ଅବଧି (Fixed period) ପର୍ଯ୍ୟନ୍ତ ସେମାନେ ନିଯୁକ୍ତି ପାଇଥାନ୍ତି । ପଦବୀ ହରାଇବା ଆଶଙ୍କାରେ ସେମାନେ କାର୍ଯ୍ୟ କରନ୍ତି ନାହିଁ । ତାଙ୍କର ପଦଚ୍ୟୁତ କରିବା ପାଇଁ ସଂସଦରେ ପ୍ରସ୍ତାବ ଆସିବା ପୂର୍ବରୁ ତାଙ୍କ ଆଚରଣ ବା କାର୍ଯ୍ୟକୁ ନେଇ ସଂସଦରେ ଆଲୋଚନା ହୋଇନଥାଏ । ସେମାନଙ୍କ ବେତନ ଓ ଭତ୍ତା ମଧ୍ୟ ସଂସଦ ବା ବିଧାନସଭା ପରିସରଭୁକ୍ତ ନୁହେଁ । ଏହା ସେମାନଙ୍କ ଆଚରଣ ଓ ଭୂମିକାକୁ ସମାଲୋଚନାର ଉର୍ଦ୍ଧ୍ୱରେ ରଖିବା ପାଇଁ ଅଭିପ୍ରେତ । କେବଳ ଆର୍ଥିକ ଜରୁରୀକାଳୀନ ପରିସ୍ଥିତି ସମୟରେ ଭାରତର ରାଷ୍ଟ୍ରପତି, ବିଚାରପତିମାନଙ୍କ ଦରମାହ୍ରାସ କରିବାର କ୍ଷମତା ପାଇଥାନ୍ତି ।

ନ୍ୟାୟିକ ସକ୍ରିୟତା (Judicial Activism) :

ଭାରତରେ ନ୍ୟାୟପାଳିକା ନାଗରିକମାନଙ୍କର ମୌଳିକ ଅଧିକାରର ରକ୍ଷକ ତଥା ସମ୍ବିଧାନର ସଂରକ୍ଷକ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ସଂପ୍ରତି ନ୍ୟାୟପାଳକା ଏହି ଭୂମିକା ନିର୍ବାହରେ ଅଧିକ ସକ୍ରିୟତା ପ୍ରଦର୍ଶନ କରି କାର୍ଯ୍ୟପାଳିକା ଏବଂ ବ୍ୟବସ୍ଥାପିକା ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି । ମାତ୍ର ପ୍ରଶ୍ନ ହେଲା, ବ୍ୟବସ୍ଥାପିକା ଉପଯୁକ୍ତ ଆଇନ୍ ପ୍ରଣୟନ କିମ୍ବା କାର୍ଯ୍ୟପାଳିକା ତା'ର କାର୍ଯ୍ୟ ସଂପାଦନରେ ବ୍ୟର୍ଥ ହୁଏ କିମ୍ବା ଜନସ୍ୱାର୍ଥ ପ୍ରତି ଉଦାସୀନ ରହେ, ତେବେ ନ୍ୟାୟପାଳିକା କ'ଣ ନୀରବଦ୍ରଷ୍ଟା ହୋଇପାରିବ ? ନା, ନ୍ୟାୟପାଳିକା ଏହା ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ । ତେଣୁ ଜନସ୍ୱାର୍ଥ ସମ୍ବଳିତ ମାମଲାରେ ନ୍ୟାୟପାଳିକା ନିଜ ତରଫରୁ ହସ୍ତକ୍ଷେପ କରି କାର୍ଯ୍ୟପାଳିକା ଓ ବ୍ୟବସ୍ଥାପିକାକୁ ସେମାନଙ୍କ କାର୍ଯ୍ୟ ପାଇଁ ଉତ୍ତରଦାୟୀ କରୁଛି । ଫଳରେ ନ୍ୟାୟପାଳିକା ଲକ୍ଷ୍ମଣରେଖା ଅତିକ୍ରମ କରି କାର୍ଯ୍ୟପାଳିକା ଓ ବ୍ୟବସ୍ଥାପିକାର କାର୍ଯ୍ୟରେ ଅଯଥା ହସ୍ତକ୍ଷେପ କରୁଛି ବୋଲି ଅଭିଯୋଗ ହେଉଛି । ମାତ୍ର ଏହି ଅଭିଯୋଗ ସଂପୂର୍ଣ୍ଣ ସତ୍ୟ ନୁହେଁ । ନ୍ୟାୟିକ ସକ୍ରିୟତା ହିଁ ଭାତରେ ନାଗରିକଙ୍କ ପାଇଁ ବିଶେଷ ଆଶା ଓ ସାନ୍ତ୍ୱନାର କାରଣ ହୋଇଛି । ଯେତେବେଳେ କାର୍ଯ୍ୟପାଳିକା ଓ ବ୍ୟବସ୍ଥାପିକା ନିଷ୍କ୍ରିୟ ହୋଇ ରାଜନୈତିକ କନ୍ଦଳରେ ମାତନ୍ତି, ସେତେବେଳେ ନ୍ୟାୟପାଳିକା ହିଁ ଜନସ୍ୱାର୍ଥ ତଥା ଜନହିତ ଲାଗି ନିଜର ନିର୍ଭୀକ ନିରପେକ୍ଷ ଭୂମିକା ନିର୍ବାହ କରିବା ଏକାନ୍ତ ଆବଶ୍ୟକ । ଜନଜୀବନରେ ଜନସ୍ୱାର୍ଥ ସୁରକ୍ଷାର ନ୍ୟାୟିକ ସକ୍ରିୟତା ହିଁ ଆଲୋକବର୍ତ୍ତିକ ଭଳି କାର୍ଯ୍ୟକରିଥାଏ ।

ସଂକ୍ଷିପ୍ତ ସୂଚନା

- ନ୍ୟାୟପାଳିକା ସରକାରର ଏକ ପ୍ରମୁଖ ସ୍ତମ୍ଭ । ଆଇନ୍‌ର ଶାସନ ତଥା ନ୍ୟାୟ ପ୍ରଦାନରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।
- ଅଦାଲତ ବା ନ୍ୟାୟାଳୟର ବିଭିନ୍ନ ଭୂମିକା ରହିଛି । ଦେଓ୍ୱାନୀ, ଫୌଜଦାରୀ ଓ ସାମ୍ବିଧାନିକ ବିଷୟକ ମାମଲାର ଶୁଣାଣି କରି ରାୟଦେବା ଏହାର ପ୍ରାଥମିକ ଭୂମିକା ।
- ଆଇନର ବ୍ୟାଖ୍ୟା ତଥା ସମ୍ବିଧାନ ସୁରକ୍ଷାରେ ଏହା କାର୍ଯ୍ୟ କରିଥାଏ । ରାଷ୍ଟ୍ରସଂଘ (Federation) ରେ ଦୁଇ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦର ସମାଧାନ କରିଥାଏ । ସାମ୍ବିଧାନିକ ପ୍ରଶ୍ନ ସମ୍ବନ୍ଧରେ ପରାମର୍ଶ ଦେଇଥାଏ ।
- ନ୍ୟାୟିକ ପୁନରାବଲୋକନ(Judicial Review) କ୍ଷମତା ଦ୍ୱାରା ଅଦାଲତ, କାର୍ଯ୍ୟନିର୍ବାହୀର ଆଦେଶ ବା ବୈଧାନିକ ଅଧିନିୟମ (Legislative Enactment)ର ସମୀକ୍ଷା କରିପାରେ । ଏହା ନ୍ୟାୟିକ ସ୍ୱାତନ୍ତ୍ର୍ୟର ବିକାଶ ଘଟାଇଥାଏ ।
- ଭୟ ବା ପକ୍ଷପାତିତା ବିନା ନ୍ୟାୟ ପ୍ରଦାନ କରାଯିବା ଉଚିତ୍ । ନ୍ୟାୟପାଳିକା ଯଥା ସମ୍ଭବ ରାଜନୀତିଠାରୁ ଦୂରରେ ରହିବା ଉଚିତ୍ । ନ୍ୟାୟପାଳିକାର ସ୍ୱାଧୀନତା ବଜାୟ ରଖିବା ପାଇଁ ବିଚାରପତିମାନଙ୍କର ଯୋଗ୍ୟତା, କାର୍ଯ୍ୟକାଳ, ପଦଚ୍ୟୁତ ପଦ୍ଧତି ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ଜରୁରୀ ।
- ଭାରତୀୟ ସମ୍ବିଧାନରେ ଏକ ଅଖଣ୍ଡ ନ୍ୟାୟପାଳିକା ବ୍ୟବସ୍ଥା ରହିଛି ।
- ଏହି ବ୍ୟବସ୍ଥା କ୍ରମରେ ସର୍ବୋଚ୍ଚ ସ୍ତରରେ ସର୍ବୋଚ୍ଚ ନ୍ୟାୟାଳୟ (Supreme Court) ରାଜ୍ୟସ୍ତରରେ ଉଚ୍ଚନ୍ୟାୟାଳୟ (High Court) ଏବଂ ତଳସ୍ତରରେ ନିମ୍ନ ଅଦାଲତ (Subordinate Court) କାର୍ଯ୍ୟ କରିଥାଏ ।
- ରାଷ୍ଟ୍ରପତିଙ୍କ ଦ୍ୱାରା ସୁପ୍ରିମ୍ କୋର୍ଟର ମୁଖ୍ୟ ବିଚାରପତି ଓ ଅନ୍ୟ ବିଚାରପତି ନିଯୁକ୍ତ ହୁଅନ୍ତି । ବିଚାରପତି ଅନ୍ୟାୟ ଆଚରଣ ଓ ଅସାମର୍ଥ୍ୟ କାରଣରୁ ପଦଚ୍ୟୁତ ହୋଇଥାନ୍ତି ।
- ସର୍ବୋଚ୍ଚ ନ୍ୟାୟାଳୟର ମୌଳିକ, ଅଧିକରଣକାରୀ ଓ ପରାମର୍ଶଦାୟୀ ଅଧିକାରକ୍ଷେତ୍ର ରହିଛି । ମୌଳିକ ଅଧିକାର କ୍ରମରେ ସିଧାସଳଖ ଆସୁଥିବା ମାମଲାର ବିଚାର କରୁଥିବାବେଳେ ଅଧିଗ୍ରହଣକାରୀ ଅଧିକାରକ୍ଷେତ୍ର (Jurisdiction) କ୍ରମରେ ଦେଓ୍ୱାନୀ, ଫୌଜଦାରୀ ଓ ସାମ୍ବିଧାନିକ ମାମଲାର ବଚାରରେ ଉଚ୍ଚ ନ୍ୟାୟାଳୟ (High Court) ରାୟ ବିରୋଧରେ ଆଗତ ଆବେଦନର ବିଚାର କରିଥାଏ ।
- ଜନସ୍ୱାର୍ଥ ସମ୍ବଳିତ କୌଣସି ଆଇନଗତ ପ୍ରଶ୍ନ ବା ପ୍ରସଙ୍ଗକୁ ସର୍ବୋଚ୍ଚ ନ୍ୟାୟାଳୟର ପରାମର୍ଶ ପାଇଁ ରାଷ୍ଟ୍ରପତି ସୁପାରିଶ କରିପାରନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ସମ୍ବିଧାନର ଅଭିଭାବକ ଏବଂ ନାଗରିକମାନଙ୍କ ମୌଳିକ ଅଧିକାରର ତତ୍ତ୍ୱାବଧାରକ ଭାବେ କାର୍ଯ୍ୟ କରିଥାଏ ।

- ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ମୁଖ୍ୟ ବିଚାରପତି ଏବଂ ଅନ୍ୟ କେତେଜଣ ବିଚାରପତିଙ୍କୁ ନେଇ ଉଚ୍ଚନ୍ୟାୟାଳୟ (High Court) ଗଠିତ । ଉଚ୍ଚନ୍ୟାୟାଳୟର ମୌଳିକ ଓ ଆବେଦନମୂଳକ ଅଧିକାରକ୍ଷେତ୍ର ରହିଛି ।
- ଏହା ଅଭିଲେଖ ଦଲିଲର ଅଦାଲତ (Court of Record) ଭାବେ କାର୍ଯ୍ୟ କରିବା ସହ ଅଦାଲତ ଅବମାନନା ପାଇଁ ଦଣ୍ଡଦେବାର କ୍ଷମତା ନିର୍ବାହ କରିଥାଏ ।
- ନିମ୍ନଅଦଲାତଗୁଡ଼ିକ ଉଚ୍ଚ ନ୍ୟାୟାଳୟର ସଂପୂର୍ଣ୍ଣ ନିୟନ୍ତ୍ରଣ ଏବଂ ତତ୍ତ୍ୱାବଧାନରେ କାର୍ଯ୍ୟ କରିଥାଏ । ଜିଲ୍ଲା ଏବଂ ସବ୍‌ଡ଼ିଭିଜନ ସ୍ତରରେ ଦେଓ୍ୱାନୀ ଅଦାଲତ (Civil Court) ଓ ଫୌଜଦାରୀ ଅଦାଲତ (Criminal Court)ର ବ୍ୟବସ୍ଥା ରହିଛି ।

ଆଦର୍ଶ ପ୍ରଶ୍ନାବଳୀ

('କ' - ବିଭାଗ)

୧. ତ୍ରୁଟିପୂର୍ଣ୍ଣ ବାକ୍ୟଗୁଡ଼ିକୁ ସଂଶୋଧନ କର :

(କ) ବିଚାରପତିମାନଙ୍କୁ କୌଣସି ପ୍ରକାରରେ ଗାଦିଚ୍ୟୁତ କରାଯାଇପାରିବ ନାହିଁ ।

(ଖ) ଉଚ୍ଚତମ ନ୍ୟାୟାଳୟ (Supreme Court)ର ବିଚାରପତିମାନଙ୍କ ଅବସର ବୟସ ସୀମା ହେଲା ୬୨ ବର୍ଷ ।

(ଗ) ଉଚ୍ଚତମ ନ୍ୟାୟାଳୟ ଏକ ତାଲିକାଭୁକ୍ତ ନ୍ୟାୟାଳୟ (Court of Record) ନୁହେଁ ।

(ଙ) ଓଡ଼ିଶାର ଉଚ୍ଚନ୍ୟାୟାଳୟ, ଭୁବନେଶ୍ୱରରେ ଅବସ୍ଥିତ ।

୨. ଶୂନ୍ୟସ୍ଥାନ ପୂରଣ କର :

(କ) ଭାରତରେ _________ ପ୍ରକାରର ନ୍ୟାୟପାଳିକା ବ୍ୟବସ୍ଥା ଅଛି ।

(ଖ) ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଏବଂ ଅନ୍ୟ ବିଚାରପତିମାନଙ୍କୁ _________ ନିଯୁକ୍ତ କରନ୍ତି ।

୩. 'ବ୍ୟକ୍ତି-ସ୍ୱାତନ୍ତ୍ର୍ୟ'ର ମୁଖ୍ୟ ରକ୍ଷକ ହେଲେ _________ ।

୩. ଏକ ଶବ୍ଦରେ / ବାକ୍ୟରେ ଲେଖ :

(କ) ସରକାରର କେଉଁ ଅଙ୍ଗକୁ 'ସମ୍ବିଧାନର ରକ୍ଷକ' ବୋଲି ଅଭିହିତ କରାଯାଏ ?

(ଖ) ଓଡ଼ିଶାର ଉଚ୍ଚନ୍ୟାୟାଳୟ କେଉଁ ସହରରେ ଅଛି ?

(ଗ) ଭାରତର କେଉଁ ନ୍ୟାୟାଳୟକୁ 'ସର୍ବୋଚ୍ଚ ଅଦାଲତ' ବୋଲି କୁହାଯାଏ ?

(ଘ) ଉଚ୍ଚତମ ନ୍ୟାୟାଳୟର ବିଚାରପତିମାନଙ୍କ ଅବସର ବୟସସୀମା କେତେ ?

୪. ବିବିଧ ଉତ୍ତର ଚୟନ ପ୍ରଶ୍ନାବଳୀ :

(କ) ଭାରତରେ 'ମୌଳିକ ଅଧିକାର' ଗୁଡ଼ିକର ରକ୍ଷାକର୍ତ୍ତା କିଏ ?

(i) ବ୍ୟବସ୍ଥାପିକା (ii) ନ୍ୟାୟପାଳିକା

(iii) ଅମଲାତନ୍ତ୍ର (iv) ମାନବାଧିକାର କମିଶନ

(ଖ) ଭାରତରେ କେଉଁ ନ୍ୟାୟାଳୟରେ ସର୍ବୋଚ୍ଚ ଯାଚିକା ଆବେଦନ କରିହୁଏ ?

(i) ଉଚ୍ଚତମ ନ୍ୟାୟାଳୟ (i) ଉଚ୍ଚନ୍ୟାୟାଳୟ

(iii) ସାମରିକ ଅଦାଲତ (iv) ପ୍ରଶାସନିକ ଟ୍ରିବ୍ୟୁନାଲ୍

(ଗ) ଉଚ୍ଚତମ ନ୍ୟାୟାଳୟର ବିଚାରପତିମାନଙ୍କୁ କିଏ ନିଯୁକ୍ତ କରନ୍ତି ?

(i) ପ୍ରଧାନମନ୍ତ୍ରୀ (ii) ରାଷ୍ଟ୍ରପତ

(iii) ଉପରାଷ୍ଟ୍ରପତି (iv) ବାଚସ୍ପତି

(ଘ) ଉଚ୍ଚତମ ନ୍ୟାୟାଳୟର ଜଣେ ବିଚାରପତିଙ୍କୁ କିପରି ପଦଚ୍ୟୁତ କରାଯାଇପାରିବ ?

(i) ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା (ii) ଏକ ନ୍ୟାୟିକ କମିଶନ୍ ଦ୍ୱାରା

(iii) ମହାଭିଯୋଗ ଦ୍ୱାରା (iv) ଉପରୋକ୍ତ କେଉଁଟି ନୁହେଁ ।

(ଙ) ସ୍ୱାଧୀନ ଭାରତରେ କେବେ ଉଚ୍ଚତମ ନ୍ୟାୟାଳୟ ପ୍ରତିଷ୍ଠା କରାଯାଇଥିଲା ?

(i) ୧୯୪୭ (ii) ୧୯୪୮

(iii) ୧୯୫୦ (iv) ୧୯୫୬

୫. କ୍ଷୁଦ୍ର ଉତ୍ତର ମୂଳକ ପ୍ରଶ୍ନାବଳୀ

(କ) 'ନ୍ୟାୟପାଳିକା'କୁ ସମ୍ବିଧାନର ରକ୍ଷକ ବୋଲି କାହିଁକି କୁହାଯାଏ ?

(ଖ) 'ନ୍ୟାୟପାଳିକା'ର ସ୍ୱାଧୀନତା ସମ୍ବନ୍ଧରେ ଆଲୋଚନା କର ।

(ଗ) ଉଚ୍ଚତମ ନ୍ୟାୟାଳୟର ବିଚାରପତିମାନେ କିପରି ନିଯୁକ୍ତି ହୋଇଥାନ୍ତି ?

(ଘ) ଉଚ୍ଚତମ ନ୍ୟାୟାଳୟ ଏବଂ ଉଚ୍ଚନ୍ୟାୟାଳୟର ବିଚାରପତିମାନେ କିପରି ପଦଚ୍ୟୁତ ହୋଇଥାନ୍ତି ?

(ଙ) ଭାରତ ଉଚ୍ଚତମ ନ୍ୟାୟାଳୟ ସମ୍ବିଧାନକୁ କିପରି ସୁରକ୍ଷା ପ୍ରଦାନ କରେ ।

(ଚ) 'ନ୍ୟାୟିକ-ପୁନରାବଲୋକନ' କ'ଣ ? (Judicial-Review)

(ଛ) ଜନସ୍ୱାର୍ଥ ମାମଲା (Public Interest Litigation) କ'ଣ ?

(ଜ) 'ନ୍ୟାୟିକ ସକ୍ରିୟତା' (Judicial Activism) କ'ଣ ?

୬. **ଅତି କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନାବଳୀ :**

(କ) ନ୍ୟାୟିକ-ପୁନରାବଲୋକନ (Judicial Review) କ'ଣ ?

(ଖ) 'ନ୍ୟାୟପାଳିକାର ସ୍ୱାଧୀନତା' କହିଲେ ତୁମେ କ'ଣ ବୁଝ ?

(ଗ) ବର୍ତ୍ତମାନ ଉଚ୍ଚତମ ନ୍ୟାୟାଳୟରେ କେତେଜଣ ବିଚାରପତି ଅଛନ୍ତି ?

(ଘ) ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ ବିଚାରପତି କାହାଦ୍ୱାରା ନିଯୁକ୍ତି ହୋଇଥାନ୍ତି ?

(ଙ) ଉଚ୍ଚତମ ନ୍ୟାୟାଳୟର ବିଚାରପତିମାନଙ୍କର ଅବସର ବୟସ ସୀମା କେତେ ?

(ଚ) ସମ୍ବିଧାନର ରକ୍ଷକ ବୋଲି କାହାକୁ କୁହାଯାଏ ?

(ଛ) ଉଚ୍ଚତମ ନ୍ୟାୟାଳୟର 'ପରାମର୍ଶମୂଳକ-ନ୍ୟାୟପ୍ରଦାନ' (Advisory Jurisdiction) କାହାକୁ କୁହାଯାଏ ?

(ଜ) ରାଜ୍ୟର ସର୍ବୋଚ୍ଚ ଅଦାଲତକୁ କ'ଣ କୁହାଯାଏ ?

(ଝ) ସମଗ୍ର ଭାରତରେ ମୋଟ୍‌ରେ କେତୋଟି ଉଚ୍ଚନ୍ୟାୟାଳୟ ଅଛି ?

(ଞ) ମୌଳିକ ଅଧିକାରର ସୁରକ୍ଷା ପାଇଁ ଭାରତର ଉଚ୍ଚତମ ନ୍ୟାୟାଳୟ କେତୋଟି ରିଟ୍ (Writ) ପ୍ରଦାନ କରିପାରେ ?

('ଖ' - ବିଭାଗ)

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନାବଳୀ :

୧. 'ଭାରତୀୟ ନ୍ୟାୟପାଳିକା'ର ମୁଖ୍ୟ ସ୍ୱରୂପ ସବୁ କ'ଣ କ'ଣ ?

୨. ଭାରତର ଉଚ୍ଚତମ ନ୍ୟାୟାଳୟର ଗଠନ ଏବଂ 'ନ୍ୟାୟ ବିତରଣ-କ୍ଷେତ୍ରାଧିକାର' (Jurisdiction) ସମ୍ପର୍କରେ ଆଲୋଚନା କର ?

୩. ଏକ ଉଚ୍ଚନ୍ୟାୟାଳୟର ଗଠନ ଏବଂ 'ନ୍ୟାୟ ବିତରଣ–କ୍ଷେତ୍ରାଧିକାର' ସମ୍ପର୍କରେ ଆଲୋଚନା କର ?

୪. 'ନ୍ୟାୟିକ ପୁନରାବଲୋକନ' (Judicial Review) କାହାକୁ କୁହାଯାଏ ? ଭାରତରେ ଏହାର କାର୍ଯ୍ୟକାରୀତା ସମ୍ପର୍କରେ ଆଲୋଚନା କର ?

୫. ନ୍ୟାୟପାଳିକାର ସ୍ୱାଧୀନତା, ଭାରତରେ କିପରି ପାଳନ କରାଯାଇଛି- ଆଲୋଚନା କର ?

❑●❑